ସାରଳା ମହାଭାରତ

ସାରଳା ଦାସ

ଉଇକିପାଠାଗରରୁ ଜୁଲାଇ 5, 2021 ଦିନ ଏକ୍ସପୋର୍ଟ ହୋଇଛି

ଆଦିପର୍ବ
ତୃତୀୟ ଖଣ୍ଡଦ
ଗଣେଶଙ୍କ ବନ୍ଦନା
ଜୟତୁ ଦଧି-ମଙ୍ଗଳ ବିଘ୍ନରାଜ
ଯାହାର ପ୍ରସନ୍ନେ ସିଦ୍ଧ ହୁଅଇ ସର୍ବକାର୍ଯ୍ୟ ।୧ ।
ସକଳ ବିଘ୍ନବିନାଶନ ଜୟତୁ ଗଜାନନ
ମଙ୍ଗଳ ଯୋଗେଶ୍ୱର ପରମାନନ୍ଦ ପାର୍ବତୀନନ୍ଦନ ।୨ ।
ମଙ୍ଗଳ ଶଙ୍ଖଚକ୍ର ସରୋଜ ଦଧିମୁଖ
ମଙ୍ଗଳ ବରଦାୟକ ନାଥ ସଦୟ ପ୍ରତକ୍ଷ ।୩ ।
ମହାବ୍ରହ୍ମ ଯୋଗେଶ୍ୱର ସିନ୍ଦୂରେ ଗଜମୁଖ ମଣ୍ଡି
ଯମ ଦର୍ପ ଗଞ୍ଜି ସର୍ବ ଅପରାଧ ଦୁଖ ଖଣ୍ଡି ।୪ ।
ଜୟତୁ ଜୟତୁ ଦେବ ଚନ୍ଦ୍ର ଯେ ଶେଖର
ଜୟତୁ ଜୟତୁ ଦେବ ସିଦ୍ଧ ଲମ୍ବୋଦର ।୫ ।
ଜୟତୁ ଜୟତୁ ଦେବ ସୁରଗଣ ରଖନ୍ତା
ଜୟତୁ ଜୟତୁ ଦେବ ପରମ ଗତି ଦ୍ୟନ୍ତା ।୬ ।
୧/୨- ଯାହାର ଦ୍ରଶନେ...(ଗ,ଖ);
୧/୨ ଦଧିମଙ୍ଗଳ = ଦଧିସ-ାଦ୍ୟ ମଙ୍ଗଳ, କିନ୍ତୁ ଏଠାରେ ଦଧି-ଧାରଣକର୍ତ୍ତା, ଯେ ମଙ୍ଗଳଧାରୀ
୩/୧ ସରୋଜପରି ଦଧିପରି ସୁନ୍ଦର ଶୁକ୍ଲମୁଖ -ଦଧିମୁଖ ବହୁ ପୋଥିରେ ପାଠ । ଶଙ୍ଖାଦି
ମଙ୍ଗଳକର-କିନ୍ତୁ ସବୁ
ମଙ୍ଗଳଦାତା ଗଣେଶ ବା -ସରୋଜ ଦଧିମୁଖ = ମଙ୍ଗଳକର ଶଙ୍ଖ, ଚକ୍ର ତଥା ପଦ୍ମ ଓ
ପଦ୍ମସଦୃଶ ମୁଖଧାରୀ ।
ପ୍ରତକ୍ଷ-ପ୍ରତ୍ୟକ୍ଷ ।
ସ୍ୱାମୀ ସାଂଗ୍ରାମେ ବଧ ଯହୁଁ ନୋହିଲା ତ୍ରିପୁରା
ତୋହୋର ବୁଦ୍ଧିବଳେ ନାଶ ଗଲାଟି ମହାବୀର ।୭ ।
ହେଳେଣ ତୁ ନାଶକଲୁ ଷାଠିୟେ ସହସ୍ର ବରଷେ (ସଂଖ୍ୟା)
ଆକାଶରେ ସାଧୁ ସାଧୁ କଲେ ତୋତେଟି ତ୍ରିଦଶେ ।୮ ।
ତୋଷେଣ ବର ତୋତେ ଦେଲେକ ଦେବରାଜା
ସକଳ ଭୁବନେ ସ୍ୱାମୀ ଆଗେ ତୋତେ ପୂଜା ।୯ ।
ଯେବଣ ବେଳେ ଶାହସ୍ରକୁ ଅନକୂଳ କଲେ ବେଦବ୍ୟାସେ
ବିଧି ଗାଢେ ଆଗ୍ୟାଂ ତୋତେ ଦେଲେ ନିରାଳସେ ।୧୦ ।
ଗ୍ରନ୍ଥକୁ କବିତ୍ୱ ହୋଇବ ବ୍ୟାସ ମହାମୁନି
ତୁ ଲେଖନ କର ଶୁଭ ଅନକୂଳ ଘେନି ।୧୧ ।
ଗଙ୍ଗା ଯମୁନା ସରସ୍ୱତୀ ତିନି ନଦୀ
ରାମଘାଟ ତୀର୍ଥେ ସଙ୍ଗମ ହୋଇଲେ ଭେଦି ।୧୨ ।
ପଶ୍ଚିମ ପାରୁଶେ ବାଞ୍ଛାକଲ୍ପବଟ
ପଶ୍ଚିମମୁଖୀ ଧବଳାଙ୍ଗୀ ସରସ୍ୱତୀ ନଦୀ ତଟ ।୧୩ ।
ସେହୁ ସିଦ୍ଧ ଦେବତାୟେ ବିଜୟେ ସେହୁ ଥାନେ
ତ୍ରିବେଣୀ ସ୍ନାହାନ କରି ସେ ମାଧବ ଦରଶନେ ।୧୪ ।
ବଟର ତଳେ ସେ ବସିଲେ ଯୋଗଧ୍ୟାନେ

ଶ୍ରୀଭୁଜେ ଲେଖନ ସ୍ୱାମୀ ତଲୟେ ୟେକମନେ ।୧୫ ।
ବ୍ୟାସେ କହନ୍ତି ତୁ ଲେଖନ କର ସ୍ୱାମୀ
ଆଦି ସିଦ୍ଧ ଗ୍ରନ୍ଥ ତୁ କହିଲୁ ମହାବ୍ରହ୍ମି ।୧୬ ।
ସ୍ୱାମୀ ୟେବଣ ଶାହାସ୍ର ଲେଖନ କଲୁ ୟେବଣ ୟୋଗେ
ସେ ଅମୃତ ଦୃଷ୍ଟିରେ ପ୍ରସନ୍ନ ହୋଅ ବେଗେ ।୧୭ ।

୧୨/୨ ରାମଘାଟ ତୀର୍ଥେ ସଙ୍ଗମ ହୋଇଲେ ପ୍ରସିଦ୍ଧ୍ର ।
୬/୧ ସାଂଗ୍ରାମ- ସଂଗ୍ରାମ, ତ୍ରିପୁରା-ତ୍ରିପୁରସ୍ଥ ଅସୁରଙ୍କୁ ।
୧୦/୧ ଶାହାସ୍ର ଜ୍ଗଶାସ୍ତ୍ର ।
୧୧/୨ ଅନକୂଳ-ଅନୁକୂଳ । ୧୪/୨ ତ୍ରିବେଣୀ-ଗଙ୍ଗା, ଯମୁନା, ସରସ୍ୱତୀ ।
୧୪/୨ ସ୍ନାହାନ ଜ୍ଗସ୍ରାହାନ = ସ୍ନାନ ୧୫/୨ ତଲୟେ -ସେଠାରେ ଲୟକରି ।
ଗିରିଜାର ନନ୍ଦନ ସତ ମତି ଧ୍ୟାନେ
ଶ୍ରୀକରେ ଲେଖନ ଘେନି ବସିଲେ ୟେକମନେ ।୧୮ ।
ୟୋଗେଣ ୟୋଗେଶ୍ୱର ସଦାନନ୍ଦର ତନୟେ
ମନଚଇତନ ୟେକତ୍ର କଲୁ ଅଜପା ୟୋଗ ଲୟେ । ୧୯ ।
କରୁଣାମୟେ ନାଥ ଶରଣ ପଞ୍ଜର ବୀରଧୁ
ସଂସାର ବାରାନିଧ୍ର ନାଥ ବରଦାତା ଦେବ ସାଧୁ ।୨୦ ।
ବିସ୍ତର ଉଦର ଯାହାର ଗ୍ୟାନ ସଚ୍ଚ୍ୟ
ପୃଥୁଳ ଶରୀର ନାଥ ଅଭୟେ କାଳବଞ୍ଚ୍ୟ ।୨୧ ।
ୟେ ଘୋର ସଂସାର ସାହେର ତରିବାକୁ ବଲାଇଲି ମନୀଷା
ଦୁସ୍ତରୁ ତରାଅ ନାଥ ପୁରାଅ ମନବାଞ୍ଛା ।୨୨ ।
ଶିଖିପୁଚ୍ଛମଉଳି ବତିଶଗୁଣେ କଲା
ଭର ହରଷ ନାଥ ନୃତ୍ୟ ରଙ୍ଗେଣ ଭୋଲା ।୨୩ ।
ଦିବାରାତ୍ର ନ ଜାଣଇଂ ୟେବଣ ମହାତମା
ଅନନ୍ତକାଳ ବଞ୍ଚ୍ୟଇଲା ସେ ପୁରୁଷଉତ୍ତମା ।୨୪ ।
ପୁରୁଷଙ୍କର ସିଦ୍ଧ ତୁ ଦେବଙ୍କର ଆଦି
ଦର୍ଶନେ ଦୁରିତ ହରଇ ପ୍ରସନ୍ନେ କାର୍ଯ୍ୟ ସିଦ୍ଧ୍ର ।୨୫ ।
ଶ୍ରୀ ବିଘ୍ନନାଥ ଚରଣେ ମୋର ସେବା
ୟେ ଶ୍ରୀମହାଭାରଥ କହିବି ମୋତେ ପ୍ରସନ୍ନ ହୋଇବା ।୨୬ ।
ତବ ପଦ୍ମପାଦେ ମୋର ବିନୟ ଭଗତି
ପର୍ଶୁଧର ନାଥ ତୁ ସଦୟେ ଗଣପତି ।୨୭ ।
ଆଦି ଅନ୍ତ ମଧ୍ୟ ତୁ ଅଟୁ ସର୍ବଥାନେ
ଗ୍ରନ୍ଥ ଭିଆଇଲୁ ତୁ ଭୁତ ଭବିଷ୍ୟ ବର୍ତ୍ତମାନେ ।୨୮ ।

୧୮/୧ ଗିରଜାର ନନ୍ଦନ ପ୍ରସନ୍ନ ତୋଷ ମନେ ।
୨୬/୧ ଶ୍ରୀଅମୃତକ୍ଷନାଥ ଚରଣେ ମୋର ସେବା (ପା)
୨୦/୧ ବୀରଧୂ-ବୀରତ୍ର ବା ବୀରାଗ୍ରଣୀ । ୨୧/୧ ଗ୍ୟାନ-ଜ୍ଞାନ ୨୧/୧ ସଚ୍ଚ୍ୟ-ଉତ୍ତମ, ସତ୍ୟ
୨୩/୧ ବତିଶ ଗୁଣ -ଗୁଣଜାତ ସତ୍ଲକ୍ଷଣ, ୬ ସ୍ଥାନରେ ରକ୍ତିମା, ୬ରେ ତୁଙ୍ଗତା, ୩ରେ
ବିସ୍ତାର, ୩ରେ ଖର୍ବତା, ୩

ରେ ଗମ୍ଭୀରତା, ୫ରେ ଦୀର୍ଘତା, ୫ରେ ସୂକ୍ଷ୍ମତା ଅଙ୍ଗ ବିଶେଷମାନଙ୍କରେ ।
ଶ୍ରିୟାମାତ ବଲ୍ଲଭ ଚରଣେ ମୋର ଆଶ
ବଦନ୍ତି ଗ୍ରନ୍ଥକ ଶୂଦ୍ରମୁନି ସାରୋଳ ଦାସ ।୨୯ ।

ସାରଲାଦେବୀଙ୍କ ବନ୍ଦନା
ଜମ୍ବୁଦ୍ୱୀପ ଭ୍ରଥଖଣ୍ଡ ଓଡ୍ରାଷ୍ଟ୍ର ମଣ୍ଡଳରେ
ଉପଳେଶ୍ୱର ଲିଙ୍ଗ ଚିତ୍ରଉପଳା ଦକ୍ଷିଣ କୂଳରେ ।୧ ।
ଜୟନ୍ତର ନିଜ ଭୂମି ଯାଜନଗ୍ର ନିକଟେ ଦକ୍ଷିଣ ବାଣରାସି (ଯାଜପୁର)
କୁଶସ୍ଥଳୀ ଭୂମି ଦ୍ୱାରିକା ଯେ କ୍ଷେତ୍ର ପୁଣ୍ୟବାସୀ ।୨ ।
ଶ୍ରୀ ଯମେଶ୍ୱର ମହାଲିଙ୍ଗ ମଉଦଧ୍ର ଉତ୍ତର ତଟେ
ନୀଳ ସୁନ୍ଦର ପର୍ବତ ନୀଳ କଲ୍ପବଟେ ।୩ ।
ବିଜୟେ ରାମକୃଷ୍ଣ ସୁଭଦ୍ରା ନାମେ ବ୍ରହ୍ମା
ଚାରିଶତ ବତିଶ ସହସ୍ର ବରଷକୁ ଯୋଗଲୟେ ମହାତମା ।୪ । (ସଂଖ୍ୟା)
କଳିକାଳ ଧ୍ୱଂସିଣ ଭୋଗେଣ କୋଟି ପୂଜା (ସଂଖ୍ୟା)
ପ୍ରଳମ୍ବିତେ ଖଟଇଂ ଶ୍ରୀ କପିଳେଶ୍ୱର ମହାରଜା ।୫ । (କପିଳେନ୍ଦ୍ର)
ସେ ନୀଳ ସୁନ୍ଦର ଗିରି ଉତ୍ତର କଚ୍ଛାଡେ
ସାର ଭୂମି ଭ୍ରଥଖଣ୍ଡ ପୂର୍ବଦିଗ ଇଶାନ୍ୟର ଆଡେ ।୬ ।
ଚନ୍ଦ୍ରଭାଗା ନାମେଣ ୟେକଇ ନଦୀ ଗୋଟି
ବୃଦ୍ଧମାତଙ୍କ ପାରୁଶେ ମଉଦଧ୍ରରେ ଯାଇଂ ଫୁଟି ।୭ ।

---

୨୯ ।୧ ତୁଳସୀର ବଲ୍ଲଭ ଚରଣେ ମୋର ଆଶ
୨୯ ପଦପରେ କେତେକ ପୋଥିରେ ଅଧିକା ପାଠ -
ଜୟତୁ ସ୍ୱାମୀ ଜଗତ ମୋହନ ବାସୁଦେବ
ଭଗତ ଜନେ ସଦୟ ନାଥ ସ୍ୱର୍ଗ ସୁର ଦେବ ।
୪ ।୨ ଚାରିଶତ ବତିଶ ସହସ୍ର ବରଷକୁ ବଉଦ ରୂପେ ମହାତମା । (ସଂଖ୍ୟା)
୭ ।୨ ବୃଦ୍ଧମାତା ଗଙ୍ଗାଉଂ ସେ ମଉଦଧ୍ରରେ ଫୁଟି (ପା)
୨ ।୧ ବାଣରାସି- ବାରାଣସୀ- କାଶୀ ।
୪ ।୧ ରାମ- ବଳରାମ-ଶିଷ୍ୟ, କୃଷ୍ଣ- ଜଗନ୍ନାଥ- ଭଗବାନ୍, ସୁଭଦ୍ରା-ବ୍ରହ୍ମା-ଗୁରୁ ।
୬ ।୧ କକ୍ଷାଡେ, କଛାଡେ, ଉତ୍ତର କଇଛାଡେ, ଉତ୍ତର ବାଡେଙ୍ଗ ପାର୍ଶ୍ୱରେ ।
ସେ ନଦୀର ତୀରେ ପ୍ରଶୁରାମ ଘାଟଇଂ
କନକାବତୀ ନାମେ ପାଟଣା ପ୍ରକାଶଇ ।୮ ।
ତହିଂର ସନ୍ନିଧେୟ ସାରୋଳ ନାମେ ଗ୍ରାମେ
ବିଜେ ମାହେଶ୍ୱରୀ ସାରୋଳ ଚଣ୍ଡୀ ନାମେ ।୯ ।
ମହାୟୋଗେଶ୍ୱରୀ ସେ ପରମ ବଇଷ୍ଣବୀ
ପ୍ରତକ୍ଷେ ବର ଦିଅଇ ସେ ପରମ ସାଧବୀ ।୧୦ ।
ବାଞ୍ଛା ସାର୍ଥୁକ ସେ ଦେବୀର ଅଟଇ
ପାଷାଣ ହୋଇକରି ବାଞ୍ଛା ତାହାର ଫୁଟଇ ।୧୧ ।
ସର୍ବମଙ୍ଗଳା ରୂପ ମାତଙ୍ଗୀ ମତ୍ତଭୋଳୀ
ଗ୍ରନ୍ଥ ଅର୍ଥ ଶୁଣଇଂ ସେ ହରଷେ କୁତୋହଳୀ ।୧୨ ।

ଶ୍ରୀ ସାରୋଲା ଚଣ୍ଡୀ ନାମେ ସେ ଅଟଇ ମହାଦେବୀ
ତାହାଙ୍କର ପୁତ୍ର ମୁଁ ଯେ ସାରୋଳ ଦାସ କବି ।୧୩ । (ବଂଶ)
ପ୍ରସନ୍ନେଣ ଆଗ୍ୟାଂ ମୋତେ ଦିଲେ ଶାକାମ୍ଭେରୀ
ଲଭ ତୁ କପିଳାସ ଶ୍ରୀ ମହାଭାରଥ କରି ।୧୪ ।
ଶୁଣି ବୁଧଜନେ ନ ଧର ଆନ ଚିତ୍ତ
ଜନ୍ମେଣ ମୁରୁଖ ମୁହିଁ ନୋହଇ ପଣ୍ଡିତ ।୧୫ ।
ଯେକ ଲଯେ କରିଣ ଶୁଣସି ସାବଧାନେ
ଫିଟିବାକ ପାତକ ସବୁ ଦୁଷ୍ଟୁକୃତମାନେ ।୧୬-୪୫ ।
ମହାଭାରତର ପ୍ରଶସ୍ତି
କୁମ୍ଭ ଋଷିର ନନ୍ଦନ ଯେ ଅଗସ୍ତି ମହଋଷି
ମହାବ୍ରହ୍ମବେତ୍ତା ସେ ଅମୃତ ରସ ଭାଷି ।୧ ।

---

୮ ।୧ ସେ ନଦୀର ତୀରେ ପ୍ରଶୁରାମ ପାଟଣା (ଜନ୍ମସ୍ଥାନ)
୧୦ ।୨ ପ୍ରସନ୍ନେ ବର ଦିଅଇ..... (ପା)
୧୬ ।୨ ଫିଟିବାକ ପାତକ ଶୁଣନ୍ତେ ଯେକମନେ ।
୧୨ ।୧ ମାତାଙ୍ଗୀ-ମତ୍ତାଙ୍ଗୀ । ୧୨ ।୨ କୁତୋହଳୀ-କୁତୂହଳୀ
୧୪ ।୧ ଶାକାମ୍ଭେରୀ-ଶାକମ୍ଭରୀ-ଶକ୍ତିଧାରିଣୀ ଦୁର୍ଗା । ୧୬ ।୨ ଦୁଷ୍ଟୁକୃତ-ଦୁଷ୍କୃତ
ବଇବସ୍ୱତ ମନୁ ପୁଚ୍ଛାକଲେ ଅଗସ୍ତିଙ୍କି
କହ ପଣ୍ଡିତ ମହାତମା ଅମୃତରସ ବାକି ।୨ ।
ଶ୍ରୀ ମହାଭାରଥ ନାମ ହୋଇଲା କେମନ୍ତେ
ଯେହା ତଦନ୍ତ କରି କହିବା ମୁନି ମୋତେ ।୩ ।
ଶୁଣ ହୋ ବଇବସ୍ୱତ ମନୁ ଆଦିପର୍ବ ଚରିତ
ଦେବତାମାନେ ଯେ ତୋଳିଲେ ସମସ୍ତ ହାଦେ ଗ୍ରନ୍ଥ ।୪ ।
ତୁଲାଦଣ୍ଡ କଲେ ଯେ ଦ୍ୱାଦଶ ଯୋଜନ କାଠି (ସଂଖ୍ୟା)
ତିନି ତିନି ଉଚ୍ଚ ଯୋଜନ କଲେ ବେନି କର୍ଣ୍ଣି କୋଟି ।୫ ।
ବିଷ୍ଣୁ ଅନନ୍ତ କୋଟି ବ୍ରହ୍ମା ଅନନ୍ତ କୋଟି (ସଂଖ୍ୟା)
ସବୁ ପୂରୋଇଲେ ନେଇ ତୁଲାଦଣ୍ଡ କାଠି ।୬ ।
ଅଷ୍ଟାଦଶ ପୁରାଣ ପଞ୍ଚବିଂଶ ଲକ୍ଷ (ସଂଖ୍ୟା)
ରାମାୟଣ ଚଣ୍ଡୀଯୁଦ୍ଧ ସମସ୍ତ ପୁରାଣ ପ୍ରତକ୍ଷ ।୭ ।
ବିଷ୍ଣୁ ପୁରାଣ ରାଜା ମାରକଣ୍ଡ ପୁରାଣ ପାତର
ଶିବ ପୁରାଣ ମନ୍ତ୍ରୀ ନାରଦ ପୁରାଣ ଡଗର ।୮ ।
ଯେ ଗିରି ପୁରାଣନ୍ତ ମୁଖ୍ୟ କରି ସମସ୍ତ ପୁରାଣ
ଯେମାନ ବସାଇଲେ ନେଇ ତୁଲାଦଣ୍ଡ କତିକେଣ ।୯ ।
ଆରକ କଛେ ଭାରଥ ଅଷ୍ଟାଦଶ ଥୋଇଲେ
ସମସ୍ତ ଶାହାସ୍ର ଗ୍ରନ୍ଥୁଂ ଯେ ମହାଗରୁ ହୋଇଲେ ।୧୦ ।
ଯୁଗତେ ସେ ଯହୁଁ ହୋଇଲା ମହାଭାରା
ତହୁଁ ମହାଭାରଥ ନାମ ଦେଲେ କଶ୍ୟପ ଅଙ୍ଗିରା ।୧୧ ।
ତେଣୁ କରି ହୋଇଲା ସେ ମହାଭାରଥ ନାମ
ତୁଳନ୍ତେ ଯହୁଁ ହୋଇଲା ଯେ ମହା ଅସମ ।୧୨-୫୭ ।

---

୨ ।୨ ବାକି-ବାକ୍ୟ । ୪ ।୨ ହାଦେ-ସାଧ୍ୟେ, ଅକସ୍ମାତ୍ ।
୧୦ ।୨ ଗରୁ-ଗୁରୁ ।
ବଂଶାନୁଚରିତ
(ସମ୍ଭବପର୍ବ)
ବଇବସ୍ୱତ ମନୁ ହୋଇଲେ ପ୍ରଳମ
ତବ ପ୍ରସନ୍ନେ ମୁନି ମୁଁ ଅରଜିଲି ଅନେକ ଧର୍ମ ।୧ ।
ଶ୍ରୀକରେ ଅର୍ଘ୍ୟ ଘେନି ପଖାଳିଲେ ପାଦ ବେନି
ମୋକ୍ଷକଇଁ କାରଣ ମୋତେ କହିବା ଅଗସ୍ତି ମହାମୁନି ।୨ ।
ବସନ କୁଣ୍ଡଳ ରତ୍ନମାଳ ଗନ୍ଧ ୟେ ଚନ୍ଦନ
ଧୂପ ଦୀପ ନଇବେଦ୍ୟ ଉପହାର ନାନା ଦ୍ରବ୍ୟମାନ ।୩ ।
ୟେତେକ ଦେଇଣ ସେ ମନୁ ମହାରାଜା
ଅନେକ ବାଗେଣ ସେ ମୁନିଙ୍କି କଲେ ପାଦପୂଜା ।୪ ।
ଘଟରଷିର ନନ୍ଦନ ମୋତେ ପ୍ରତିକାର କରିବା
ତୋହୋର ପଦ୍ମପାଦେ ମୋହୋର ଅହର୍ନିଶି ସେବା ।୫ ।
ବଦୟନ୍ତି ମହାମୁନି ଶୁଣ ଯୁଗପତି
ସପତଦ୍ୱୀପା ପୃଥୀରେ ସୋମବଂଶହିଁ ଆଧିପତି ।୬ ।
ଆଦି ହୁଁ ଶୂନ୍ୟ ଶୂନ୍ୟହୁଁ ଜାତ ପବନ
ପବନ ହୁଁ ଜାତ ହୋଇଲେ ଯୋଗପୁରୁଷ ଶୂନ୍ୟ ।୭ ।
ଯୋଗପୁରୁଷ ତହୁଁ ଉପୁଜିଲା ଗାୟତିରୀ
ୟେହାଙ୍କର ତହୁଁ ଉପୁଜିଲା ମହାମନ୍ତ୍ର ଗରି ।୮ ।
ୟେ ମହାମନ୍ତ୍ର ତହୁଁ ଉପୁଜିଲା ଗରିପାଦ
ୟେଥୁଁ ଉତପତ୍ତି ହୋଇଲେ ଯମଦ ।୯ ।
ଯମହୁଁ ଉତପତ୍ତି ହୋଇଲା କର୍ମଣ
ୟେହାର ତହୁଁ ଉତପତ୍ତି ହୋଇଲା ନିରିଗୁଣ ।୧୦ ।

---

୯ ।୧ ମହାମନ୍ତ୍ରୁଁ ଉପୁଜିଲା ଗରିଗୋଟି ବେଦ ।
୬/୨ ଆଧିପତି-ଅଧିପତି,ଉତପତି-ଉପùତ୍ତି ।
୯ ।୨ ଯମଦଙ୍ଗ ଯମଜ (ପୁରୁଷ ଓ ପ୍ରକୃତି)
୧୦ ।୧ ପ୍ରକୃତି ପୁରୁଷର ମିଳନ କାଳରେ କର୍ମଦେବ-କାଳରୂପୀ ଭଗବାନ ଉପùନ୍ନ ।
ନିର୍ଗୁଣ ତହୁଁ ଉତପତ୍ତି ହୋଇଲା ବୁହୁବୁଦ
ବୁବୁବୁଦରୁ ଉପୁଜିଲା ଅଣ୍ଡ ୟେ ବିବୁଧ ।୧୧ ।
ଅଣ୍ଡ ଫୁଟିଣ ସେ ହୋଇଲା ନିରଞ୍ଜନ
ନିରଞ୍ଜନୁଁ ଶକତି ହୋଇଲା ଉତପନ ।୧୨ ।
ଶକତି ତହୁଁ ଉତପତ୍ତି ହୋଇଲେ ପୁତ୍ର ତିନି
ବ୍ରହ୍ମା ବିଷ୍ଣୁ ମହେଶ୍ୱର ୟେ ତିନି ନାମ ଘେନି ।୧୩ ।
ଆହୋ ତ୍ରିଦଶ ଦେବତାୟେ ୟେ ମନ୍ଥିଲେ ସମୁଦର
ତହୁଁ ଉତପତ୍ତି ହୋଇଲେ ଶଶଧର ।୧୪ ।
ଶଶଧରୁଁ ଉତପତ୍ତି ହୋଇଲା ସନ୍ତତି
ସତାଇଶ କନ୍ୟା ପ୍ରଦାନ କଲା ଦଚ୍ଛ ପ୍ରଜାପତି ।୧୫ । (ସଂଖ୍ୟା)

ଚନ୍ଦ୍ରର ହରିଲା ଯେ ବୃହସ୍ପତିଙ୍କ ଭାରିଯା ତାରା
ରସେଣ ପଡିଲା ସେ ଉତ୍ତମ ପରଦାରା ।୧୬ ।
ଚନ୍ଦ୍ରଙ୍କର ବୀର୍ଯ୍ୟେ, ତାରା କନ୍ୟାର ରଜେ
ତହ୍ନଂ ଉତପତ୍ତି ହୋଇଲା ବୁଧ ନାମେଣ ଆତ୍ମଜେ ।୧୭ ।
ଆହୋ ବୁଧର ନନ୍ଦନ ଯେ ଅଟଇ ପୁରୁରବା
ଅମରାଧିନାଥ ସେ ହୋଇଲା ରାଜଦେବା ।୧୮ ।
ପୁରୁରବାୟେ ବାଣ୍ଟିଲେ ସଚରାଚର ପୃଥୀ
ନବଦ୍ୱୀପ ସପତ ସାଗର ବସାଇଲେ ବସୁମତୀ ।୧୯ ।
ପୁରୁରବାର ନନ୍ଦନ ଆୟୁ ମହୀପାଳେ
ୟେ ଯେ ସପତ ଦ୍ୱୀପା ପୃଥୀକି କଲା ୟେକସ୍ଥଳେ ।୨୦ ।
ଆୟୁର ନନ୍ଦନ ଯେ ହୋଇଲା ନଘୋଷ
ଇନ୍ଦ୍ରପଦେ ବସିଲା ସେ ଅମର ଆକାଶ ।୨୧-୬୮ ।

---

୧୧ ।୧ ନିର୍ଗୁଣ ତହ୍ନଂ ଉତପତି ହୋଇଲାକ ବେଦ ।
୧୬ ।୨ ରସେଣ ଲଭିଲା ସେ ଉତ୍ତମ ପରଦାରା ।
୧୮ ।୨ ଅମରାଧିନାଥ ସେ ହୋଇଲା ମଘବା ।
୧୫ ।୨ ଦଛ-ଦକ୍ଷ । ୨୧ ।୧ ନଘୋଷ-ନହୁଷ
ଯଯାତି ଉପାଖ୍ୟାନ
ପୁରୁରବାର ତହ୍ନଂ ଉତପତ୍ତି ହୋଇଲେ କୁରୁବଂଶେ
ନଘୋଷର ନନ୍ଦନ ଯୁଦ୍ଧ ଯଯାତି ପରକାଶେ ।୧ ।
ବଡ ପ୍ରତାପୀ ସେ ଯେ ହୋଇଲା ଯଯାତି
ନବ କନ୍ୟା ପ୍ରଦାନ ସେ ହୋଇଲା ନବଜାତି ।୨ ।
ଶୁକ୍ରଙ୍କର ଦୁହିତା ସେ ଅଟଇ ଦେବଯାନୀ
ଦେବକୁଳଂ ପ୍ରଦାନ ଯେ ହୋଇଲେ ନନ୍ଦିନୀ ।୩ ।
ଅସୁରକୁଳଂ ପ୍ରଦାନ ହୋଇଲେ ଶରମେଷ୍ଠୀ
ତକ୍ଷକ ନାଗର ଯେ ଦୁହିତା ସନ୍ତୁଷ୍ଟି ।୪ ।
ନାଗକୁଳଂ କନ୍ୟାୟେକ ହୋଇଲା ପ୍ରଦାନ
ୟେମନ୍ତ ଭାଗ୍ୟ ରାଜା ଅଟଇ ବିଦ୍ୟମାନ ।୫ ।
ମାନବ କୁଳର ରାଜା ଅଟଇ ବୁଧସେନ
ତାହାର ତହ୍ନଂ ବୃନ୍ଦାବତୀ କନ୍ୟା ହୋଇଲା ପ୍ରଦାନ ।୬ ।
ଗୋପାଳ ନୃପତି ଯେ ଋତୁଧ୍ୱଜ ବୀର
ଯୁଗାବତୀ ବୋଲି ଦୁହିତାୟେ ଥିଲାଯେ ତାହାର ।୭ ।
ତାହାକୁ ପ୍ରଦାନ ହୋଇଲେ ଯଯାତି
ନିଷାଦ କୁଳରୁ ପ୍ରଦାନ ହୋଇଲେ ରେବତୀ ।୮ ।
ଶବର ରାଜା ଯେ ଅଟଇ ଅଜର
ମୃଗାକ୍ଷୀ ନାମେ ଦୁହିତା ଯେ ଅଟଇ ତାହାର ।୯ ।
ତାହାକୁ ପ୍ରଦାନ ହୋଇଲେ ଯଯାତି
କନ୍ୟାୟେକ ଦିଲା କୋଶଳ ବ୍ରାହ୍ମଣ ନୃପତି ।୧୦ ।
ଇନ୍ଦୁ ଦେଶର ରାଜା ଯେ ପଛିମ ସଉରାଷ୍ଟ୍ରଇଂ (ଜବନ୍ଧତ୍ତବଙ୍କଶନ୍ଦତ୍ତବ)

ତହାର ଦୁହିତା ନାମ କୃଷ୍ଣାବତୀ ଅଟଇ ।୧୧ ।
ପ୍ରବାଳସେନ ବୋଲି ହାଦେ ଇନ୍ଦୁ ନୃପତି
ନବମେ ପ୍ରଦାନ ହୋଇଲା ତହାର ଦୁହିତୀ ।୧୨ ।

---

୪ ।୧ ଶରମେଷ୍ଠୀ-ଶର୍ମିଷ୍ଠା
୧୦ ।୨ ଦିଲା-ଦେଲା
ଯେମନ୍ତେ ନବ ଜାତିରୁ ନବ କନ୍ୟା ପ୍ରଦାନ
ନବ ପୁତ୍ର ଉପୁଜିଲା ଯଯାତିଙ୍କର ବିଦ୍ୟମାନ ।୧୩ ।
ଆଦ୍ୟରେ ପୃଥିବୀ ନବ ଭାଗ ରାଜା କଲେ
ନବ ଖଣ୍ଡ ମେଦିନୀ ନବ ପୁତ୍ରେ ବାଣ୍ଟିଦିଲେ ।୧୪ ।
ତହାର ଜ୍ୟେଷ୍ଠ ପୁତ୍ର ନାମ ପୁରୁ ମହୀପତି
ଓଡିୟାଣୀ ଭାରିଯାର ସେ ଅଟଇ ସନ୍ତତି ।୧୫ । (ଓଡ଼ିଆଣୀ)
ମାତଙ୍କର ଭାଗ ଯେ ଓଡରାଷ୍ଟ୍ର ମଣ୍ଡଳେ
ତହୁଁ ସେ ଓଡରାଷ୍ଟ୍ର ଭରଥଖଣ୍ଡେ ସର୍ବକାଳେ ।୧୬ ।
ପୁରୁର ନନ୍ଦନ ଯେ ପ୍ରବୀର ନୃପତି
ବାର ରାଷ୍ଟ୍ର କରିଣ ଭିଆଇଲେ ରାଷ୍ଟ୍ରପତି ।୧୭ ।
ଯେକା ଖଣ୍ଡକଇଁ ଯେ କଲେକ ସାତ ସାତ ଖଣ୍ଡ
ମଣ୍ଡଳ ଭିଆଣ କରିଯେ ଭିଆଇଲେ ପାରିଦଣ୍ଡ ।୧୮ ।
ପ୍ରବୀର ନନ୍ଦନ ମନସିବା ନାମେଣ ବୀର
ଅନେକ ଦୁଷ୍ଟନ୍ତ ମାରି ସେ ଉଶ୍ରାସିଲେ ମହୀଭାର ।୧୯ ।
ପ୍ରବୀର ନନ୍ଦନ ଯେ ମନସିବା ନୃପତି
ଯେହାଙ୍କର ନନ୍ଦନ ଯେ ଅନୃପାମ ଚକ୍ରବ୍ରତୀ ।୨୦ ।
ଆଗେଣ ଥାଠ ସନ୍ୟ କିଛି ନ ଥାଇଁ ଯେହାଙ୍କର ତୁଲେ
ଯେକାଯେ ଛାତ୍ର ଧରାଇ ନବଖଣ୍ଡ ମେଦିନୀ ସାଧ୍ୟ କଲେ ।୨୧ ।
ଆପଣେ ଅନୃସରି ଭିଆଇଲେ ସପତ ଦ୍ୱୀପା ପୃଥୀ
ଧାତୁବାଦ ପୁରୁଷ ଯେ ଅନୃପାମ ଚକ୍ରବ୍ରତୀ ।୨୨ ।
ଅନୃପାମର ନନ୍ଦନ ଅଟଇ Cଲୀନ ବୀର
ଦୁଷ୍ୟନ୍ତ ବୋଲିକରି ଯେ ପୁତ୍ରେକ ହୋଇଲା ତହାର ।୨୩ ।
ମନ୍ଦର ଦେଶର ରାଜା କଉସ୍ତୁଭ ନରପତି
ତହାର ଦୋହିତାର ନାମ ଅଟଇ ମନ୍ଦାରବତୀ ।୨୪ ।
---
୧୪ ।୧ ଦ୍ୟାବା ପୃଥିବୀ ନବଭାଗ ରାଜା କଲେ ।
୧୯ ।୧ ମନସିବା-ମନସ୍ୟୁ (ସଂସ୍କୃତ)
୨୦ ।୨ ଅନୃପାମ-ଅନ୍ୱ୍ରଗ୍ଭାନୃ (ସଂସ୍କୃତ) (ଯଯାତିଙ୍କ କନିଷ୍ଠ ପୁତ୍ର ଶର୍ମିଷ୍ଠାଙ୍କ ଗର୍ଭରୁ ଜାତ)
୨୦ ।୨ ଚକ୍ରବ୍ରତୀ-ଚକ୍ରବର୍ତ୍ତୀ
୨୪ ।୨ ଦୋହିତା-ଦୁହିତା
ଯେ ଦୁଷ୍ୟନ୍ତର ମହିମା ନ ଯାଇଁ କହଣ
ସମୋଦ୍ର ଛଡାଇ ନେଲା ସେ ଅଶୀ ସହସ୍ର ଯୁଣ ।୨୫ । (ସଂଖ୍ୟା)

ସମୋଦ୍ର ଭିତରେ ନେଇଂ ଶୁଭ ଖମ୍ଭ୍ରେକ ପୋତିଲା
ସେହିଠାରୁଂ ସମୋଦ୍ର ସୀମା ଲଘିଂ ନୁଆରିଲା ।୨୬ ।
ତେଷେ ମୋଦବତୀ କନ୍ୟା ଦେଲା ବରମାଲା
ଆବର ଭାରିଯା ତାର ହେଲା ଶକୁନ୍ତଲା ।୨୭ ।
ଦୁଷ୍ୟନ୍ତର ନନ୍ଦନ ଯେ ଅଟଇ ବୀର ଭ୍ରଥ
ସମୋଦ୍ର ଘୁଞ୍ଚାଇଂ ଦିଲା ଯୋଜନ ସାତଶତ ।୨୮ ।
ସାତ ଶତ ଯୋଜନେକ ଯେ ଖଣ୍ଡେ ଖଣ୍ଡେ କଲା (ସଂଖ୍ୟା)
ତହୁଂ ସେ ଭ୍ରତଖଣ୍ଡ ମେଦିନୀ ବୋଲାଇଲା ।୨୯ ।
ଯେହି ସେ ଭିଆଇଲେ ଗ୍ରାମେକେ ସୀମାୟେ
ନଳକ ମାତ୍ର କରି ପୃଥିବୀ ବାଣ୍ଟିଣ ଠୂଳ କୟେ ।୩୦ । ଜରନ୍ଦନ୍ଦକ୍ଷରଲରଚ୍ଚନ୍ଦ
ଚ୍ଛଟ୍ଟରତ୍ତବନ୍ଦଷଚ୍ଛଚ୍ଚଙ୍କ
ଆହୋ ଭ୍ରଥର ନନ୍ଦନ ୟେ ଅଟଇ ଭୁମନୁ
ସମସ୍ତ ଶାହାସ୍ର ସାଧିଲେ ଭୂତ ଭବିଷ ଗ୍ୟାନୁଂ ।୩୧ ।
ୟେ ପୃଥ୍ଭ୍ରୀ ପୁଣ ଭାଗ ମୂଳ କଲେ
ମଣ୍ଡଳ ଖଣ୍ଡ ଖଣ୍ଡ କରି ନବସୃଷ୍ଟି ଭିଆଇଲେ ।୩୨ ।
ଭୁମନୁର ନନ୍ଦନ ଉପୁଜିଲେ ବିରଥ
ୟେ ସେ ଭିଆଇଲେ ଯୋଦ୍ଧା ପାତ୍ର ଅମନାତ୍ୟ ।୩୩ ।
ୟେହାଙ୍କର ନନ୍ଦନ ଉପୁଜିଲା ବିଭୁରକ୍ଷ
ଖଣ୍ଡ ମଣ୍ଡଳ କରି ୟେ ବାଣ୍ଟିଲେ ରାଜ୍ୟ ଯେ ପ୍ରତକ୍ଷ ।୩୪-୧୧୨ ।

---

୩୦ ।୨ ନଳମାଣ ପୃଥିବୀ ବାଣ୍ଟି ମୂଳ କୟେ ।
୨୬ ।୧ ସମୋଦ୍ର-ସମୁଦ୍ର । ୨୬ ।୨ ନୁଆରିଲା- ନ ପାରିଲା
୩୦ ।୨ କୟେ-କଲେ
୩୧ ।୧ ଭୁମନୁ-ଭୁମନ୍ୟୁ
୩୩ ।୧ ବିରଥ-(ସଂସ୍କୃତ) ସୁହୋତ୍ର ୩୩ ।୨ ଅମନାତ୍ୟ-ଅମାତ୍ୟ, ମନ୍ତ୍ରୀ ।
ଶମ୍ଭୁରାଣ ଉପାଖ୍ୟାନ
ବିଭୁରକ୍ଷର ନନ୍ଦନ ଶମ୍ଭୁରାଣ ଆଧିପତି
ଆଦି ଦିଗପାଳ ମାନନ୍ତ ସେ ବରିଲା ସବୁନ୍ତି ।୧ ।
ବିଶ୍ୱାନଳ କରି ୟେ କଲାକ ଭିଆଣ
ମହାପ୍ରତାପୀ ଯେ ହୋଇଲା ଶମ୍ଭୁରାଣ ।୨ ।
ସୂର୍ଯ୍ୟଙ୍କର ନନ୍ଦନୀ ଯେ ହୋଇଲା ତପତୀ
ଦେବତାୟେ ସହି ନ ପାରିଲେ କନ୍ୟାର ତେଜ ଯେ ମୂରତି ।୩ ।
କେବଳ ମାତ୍ର ତାହାକୁ ସଂଗ୍ୟାଂ ଜନ୍ମ ଦେଲେ
ଅତ୍ୟନ୍ତମତେ କେ କତିକି ଯାଇଂ ନୁଆରିଲେ ।୪ ।
ଆକାଶେ ସୟଂବର କରିଲେ ଦେବ ଆଦି
ଦିଗପାଳମାନନ୍ତ ବରି ସଭାୟେ ସ-ଦି ।୫ ।
ତ୍ରିଦଶ ଦେବତାୟେ ବସିଲେ ଆସ୍ତାନେ
ତପତୀ ସୟଂବର ଚରିତ ବିଦ୍ୟମାନେ ।୬ ।
ନବସାଗର ଯେ ବ୍ରହ୍ମଋଷିମାନନ୍ତ ଘେନି

ମଳୟ ମଣ୍ଡଳେ ଯାଇଁ ବିଜୟେ ପଦ୍ମଯୋନି ।୭ ।
ଚଉଦ କୋଟି ଯେ ଶିବଗଣନ୍ତ ଘେନି ତୁଲେ (ସଂଖ୍ୟା)
ବୃଷଭ ବାହନେ ଯାଇଁ ରୁଦ୍ରେ ବିଜେ କଲେ ।୮ ।
ଅଳକା ଭୁବନୁଁ ବିଜେ କୁବେର ଦେବତା
ସାତ ପଦ୍ମ ସଇନି ଘେନି ଧନାଧିପ ଉପଗତା ।୯ ।
ଅମର ଭୁବନ ତେଜି ଅଇଲେ ଅମରାଧି
ଅଇରାବ୍ରତ ଆରୋହି ବିଜୟେ ଜମ୍ଭୋଭେଦୀ ।୧୦ ।

---

୫ ।୨ ସୟଂବରେ ଦିଗପାଳମାନନ୍ତ ବରିଲା ସବୁନ୍ତି । (ପା)
୧ ।୧ ବିଭୁରୁକ୍ଷ-(ସଂ) ରୁକ୍ଷୁ । ଶମ୍ଭୁରାଣ-(ସଂ) ସମ୍ଭ୍ରରଣ ।
୪ ।୧ ସଂଗ୍ୟାଂ-(ସଂ) ସଂଜ୍ଞା ୫ ।୧ ଆଦି-ସୂର୍ଯ୍ୟ
୬ ।୨ ସୟମ୍ଭ୍ରର-ସ୍ୱ୍ରୟମ୍ଭ୍ରର
୧୦ ।୧ ଅମରାଧି-ଅମର-ସ୍ୱ୍ରର୍ଗ, ତାହାର ଆଧି-ଅଧିପତି-ଇନ୍ଦ୍ର,
୧୦ ।୨ ଜମ୍ଭୋଭେଦି-ଇନ୍ଦ୍ର । ଜମ୍ଭଭେଦୀ ସ୍ଥାନରେ ଜମ୍ଭୋଭେଦୀ ।
ଚଉଷଠି ପୁତ୍ର ଘେନିଣ ଅମରଗଣ ସଂ
ବିଜୟେ ସୁରନାଥ ସୂର୍ଯ୍ୟ ସଭାୟେଣ ।୧୧ ।
ଅଣଚାଶ ପବନ ପକ୍ଷ ଯେ କିନ୍ନର
କାଳଗଣନ୍ତ ଘେନି ବିଜୟେ ନାଶକର ।୧୨ ।
ମଧୁକର ମଳୟ ବସନ୍ତ ଅନନ୍ତ
ବିଜୟେ କରୁଣାକର ଗଗନାଧିନାଥ ।୧୩ ।
ଗର୍ଜନ ନାଦ କରି ନିର୍ଘାତ ନରପତି
ସଅମ୍ଭ୍ରରେ ବିଜୟେ ଯାଇ ମଣ୍ଡଳ ଚକ୍ରବ୍ରତୀ ।୧୪ ।
ମେଘମାଳ ସହିତେ ନୃପତି ହେମବନ୍ତ
ସେହି ପ୍ରବେଶ ହୋଇଲେ ମଳୟ ପର୍ବତ ।୧୫ ।
ଆହୋ ଗନ୍ଧର୍ବ ଯକ୍ଷ କିନ୍ନର ସୁରସିଦ୍ଧ ମୁନି
ସୟମ୍ଭ୍ରର କଲେ ସେ ଦେବତା ମାନନ୍ତ ଘେନି ।୧୬ ।
ଯେସନେକ ସୟମ୍ଭ୍ରର ଦେଖିଣ ବିବୁଧଆଦି
ଦେବତାନ୍ତ ସମାର୍ଜନା କଲେ ଦେବ ଯେ ଅନାଦି ।୧୭ ।
ତ୍ରିଦଶ ଦେବତାମାନେ ବସିଲେ ଆସ୍ତାନେ
ବିନୟ ଭାବେ ପଚାରନ୍ତି ଗଗନାଧି ଶୂନ୍ୟେ ।୧୮ ।
ଯେ ମୋହୋର ଦୁହିତା ଯେ ଅଟଇ ତପତୀ
ସୟଂବର ନିମନ୍ତେ ମୁଁ ବରିଲି ସବୁନ୍ତି ।୧୯ ।
ଯେ ଯାହାର କଣ୍ଠେ ନେଇ ଦେବ ପୁଷ୍ପମାଳି
ସେ ତାହାର ବଲ୍ଲଭ ହୋଇବ ସତ୍ୟ ପ୍ରତିପାଳି ।୨୦ ।
ତ୍ରିଦଶ ଦେବତାୟେ ଅନେକ ବେଶ ବେଶନେ
ବିଜୟେ ବୃନ୍ଦାଅର୍କେ ପଦ୍ମ ଯେ ଆସନେ ।୨୧ ।
ବଦୟନ୍ତି କରତା ଶୁଣ ଗୋ ତପତୀ
ତୋହୋର ନିମନ୍ତେ ମୁଁ ବରିଲି ସବୁନ୍ତି ।୨୨ ।

---

୧୧ ।୧ ଚଉଷଠି କୋଟି ଯେ ମିଳିଲେ ଅମରଗଣ । (ପା) (ସଂଖ୍ୟା)
୧୪ ।୨ ସୟମ୍ଭ୍ରେ ବିଜୟେ ଯାଇ ମଣ୍ଡଳ ଚକ୍ରବ୍ରତୀ । (ପା)
୧୮ ।୨ ବିନୟଭାବେ ପଗ୍ଭରନ୍ତି ଗଗନ ଲିଙ୍ଗ ଶୂନ୍ୟେ । (ପ)
୧୪ ।୨ ଚକ୍ରବ୍ରତୀ-ଚକ୍ରବର୍ତ୍ତୀ । ୧୮ ।୧ ଆସ୍ତାନେ-ଆସ୍ଥାନେ
୨୧ ।୨ ବୃନ୍ଦାଅର୍କେ-ବୃନ୍ଦାରକେ-ଦେବତାମାନେ, ୨୨ ।୧ କରତ-ସୂର୍ଯ୍ୟ
ଯାହାକୁ ଇଚ୍ଛା ଗୋ ବର ତୋହୋର ଚିତ୍ତେ
ପାରିଜାତକ ପୁଷ୍ପମାଳ ଗୋ ଦିଅ ତୋହାର ହୃଦଗତେ ।୨୩ ।
ପିତାର ବଚନ ଯେ ଶୁଣିଣ ତପତୀ
ମାଳା ଘେନି ମିଳିଲା ସେ ସୁରନାଥର କତି ।୨୪ ।
ତପତୀର ତେଜ ଜାଳା ଅନଳ ପରାୟେ
ଭୟେଣ ଅନ୍ତର ତହ୍ନଂ ଯେ ହୋଇଲେ ସୁରରାୟେ ।୨୫ ।
ଇନ୍ଦ୍ରର ଦେବତା ଯହ୍ନଂ ଅନ୍ତର ହୋଇଲା
ମାଳା ଘେନି ତପତୀ କୁବେର ସନ୍ନିଧେୟ ମିଳିଲା ।୨୬ ।
ପାଶକୁ ଆସନ୍ତେ ସେ ସାଂଗ୍ୟାର ଦୁଲଲା
ତପତୀର ତେଜ ଯେ ଲାଗିଲା ମହାଜାଲା ।୨୭ ।
କୁବେର ଦେବତା ଯେ ସଭାରେ ନ ରହିଲେ
ଉଠିଣ ଆପଣା ଭୁବନେ ଚଳି ଗଲେ ।୨୮ ।
ତହ୍ନଂ ମାଳା ଘେନି ଚଳିଲା ସୂର୍ଯ୍ୟର ନନ୍ଦନୀ
ସନ୍ନିଧେୟଣ ଦେଖିଲା ସେ ଦେବ ପଦ୍ମଯୋନି ।୨୯ ।
ଆହୋ ତପତୀର ତେଜ ଯେ ମହାଅନଳ ପରାୟେ
ମରୁଳ ଆରୋହି ପିତା ହୋଇଲେ ଅନ୍ତର୍ଦ୍ଧାୟେ ।୩୦ ।
ପିତାମହଙ୍କୁ ନ ଦେଖି ସେ ଦିନକର କୁମାରୀ
ମାଳା ଘେନି ମିଳିଲା ଯହିଁ ବିଜୟେ ତ୍ରିପୁରାରି ।୩୧ ।
ସଦାଶିବ କତିକୁ ଯାଆନ୍ତେଣ ଅବଳା
ରୁଦ୍ର ଶରୀରେ ସେ ଲାଗିଲା ମହାଜାଲା ।୩୨ ।
ଭୟେଣ ଘୁଞ୍ଚିଲେ ସେ ଦେବ ପଞ୍ଚୁମଉଳି
ଶିବଗଣ ମାନନ୍ତ ଘେନି ସେ କପିଳାସେ ଗଲେ ଚଳି ।୩୩ ।
ପୁଣି ମାଳାୟେକ ଯେ ଘେନିଣ ତପତୀ
ବିଜୟେ ସୁନ୍ଦରୀ ଯାଇଁ ହେମବନ୍ତର କତି ।୩୪ ।

---

୨୯ ।୧ ତହ୍ନଂ ମାଳାଘେନି ଗବନ ସୂର୍ଯ୍ୟର ବାଳୀ
୨୯ ।୨ ପଦ୍ମଯୋନି ନାଥ ସନ୍ନିଧେୟ ଯାଇ ମିଳି ।
୨୭ ।୧ ସାଂଗ୍ୟାର-ସଂଜ୍ଞାର
୩୦ ।୨ ମରୁଳ-ମରାଳ-ହଂସ
ଦେଖିଣ ଭୟେ ସେ କଲା ହେମବନ୍ତ
ଆସ୍ତାନ୍ଥଂ ଉଠି ସେ ଚଳିଗଲା ଶୂନ୍ୟପଥ ।୩୫ ।
ଆହୋ ତପତୀର ତେଜେ ପଳାଇଲେ ବୃନ୍ଦାଅର୍କେ
ଯେ ଯାହାର ଭୁବନେ ଯେ ମିଳିଲେ ଦେବଲୋକେ ।୩୬ ।
ଆଦିତ୍ୟ ବୋଇଲେ ୟେ ସୟଂବର ସରିଲା

କେହି ତ କନ୍ୟାକୁ ମୋ ବରଣ ନୋହିଲା ।୩୭ ।
ଦୋହିତା ହୋଇଂ ଯେବେ ପିତା ଘରେଣ ରଜବତୀ (ଙ୍କନ୍ଧଟ୍ଟରତ୍ତଙ୍କନ୍ଦଷନ୍ଦଷଚ୍ଛଚ୍ଚ, ଲରଚ୍ଚଙ୍କର)
ପିତୃ ଲୋକମାନେ ଯେ ପାବନ୍ତି ନର୍କ ଗତି ।୩୮ ।
ଯେସନେକେ ବିଚାର କରନ୍ତେଣ ଦେବ ସୂର୍ଯ୍ୟ
ଅଶ୍ୱ୍ରେକ ଚଢିଣ ବିଜେ କଲେ ଶମ୍ଭୁରାଣ ମହାରାଜ ।୩୯ ।
ବଦୟନ୍ତି କରତାର ଶୁଣ ଗୋ ତପତୀ
ଯେ ମହାରାଜା ଗୋ ସୋମବଂଶର ଆଧିପତି ।୪୦ ।
ଯେହାର ବଂଶେ ଗୋ ଅମରେ ହୁଅନ୍ତି ପାଟ
ମାଲା ଘେନି ୟାଇଂ ଗୋ ଯେହାର ସନ୍ନିଧ୍ୟେଣ ଭେଟ ।୪୧ ।
ପିତାଙ୍କର ବଚନେଣ ସେ ମୃଗନୟନୀ
ମିଳିଲାକ ସୁନ୍ଦରୀ କରେ ମାଳ ଅର୍ଘ୍ୟ ଘେନି ।୪୨ ।
ଅଶ୍ୱ୍ରେ ଉପରେଂ ବିଜେ କରିଛନ୍ତି ଶମ୍ଭୁରାଣ
ମାଲା ଘେନିଣ ତପତୀ ମିଳିଲା ସନ୍ନିଧ୍ୟେଣ ।୪୩ ।
ନୃପତି ହୃଦରେ ନେଇ ଦିଲାକ ପୁଷ୍ପମାଳେ
ଶ୍ରୀଭୁଜେ ଧରିନେଇ ଶମ୍ଭୁରାଣ ବସାଇଲେ କୋଳେ ।୪୪ ।
ଦେଖିଣ ପରମ ସାନନ୍ଦ ଦେବ ଅଂଶୁମାଳୀ
ସାଧୁ ସାଧୁ ଶମ୍ଭୁରାଣ ବୋଲି ଜୟେ ଧୁନି ତୋଳି ।୪୫ ।
ଅନେକ ସମ୍ଭର୍ବେ ସେ ରାଜାଧିରାଜପତି
ତପତୀ ପ୍ରଦାନ ଯେ କଲାକ ଯଥାରୀତି ।୪୬ ।

---

୩୭ ।୨ କେହିତ କନ୍ୟାକୁ ମୋର ପ୍ରଦାନ ନୋହିଲା ।
୪୬ ।୧ ଅନେକ ସମ୍ଭର୍ବ କଲାକ ସୂର୍ଯ୍ୟାଧି ।
୩୫ ।୧ ହେମବନ୍ତ-ହିମବାନ୍, ୩୮ ।୧ ଦୋହିତା-ଦୁହିତା
୪୪ ।୧ ଦିଲାକ-ଦେଲାକ
ଶମ୍ଭୁରାଣ ବିଳସଇ ସେ ସୁନ୍ଦରୀ ତପତୀ
କୁରୁ ନାମେଣ ପୁତ୍ର ତହୁଂ ହୋଇଲା ଉତପତ୍ତି । ୪୭-୧୫୯ (ମଚ୍ଛତ୍ତତ୍ତରମନ୍ଦରୟ)
ଶାନ୍ତନୁ ଉପାଖ୍ୟାନ
ତହୁଂ ସେ କୁରୁ ବଂଶ ଜଗତେ ବିଖ୍ୟାତି
କୁରୁର ଭାରିଯା ଯେ ଅଟଇ ଭାନୁବତୀ ।୧ ।
ଯେହାର ତହୁଂ ଉପୁଜିଲା ପାର୍ଥିବ ନରପତି
ଯେମନ୍ତେଣ ସୋମବଂଶ ହୋଇଲା ଉତପତ୍ତି ।୨ ।
ପାର୍ଥିବର ଭାରିଯା ଚିତ୍ର ଯେ ଉତ୍ପଲା
ଶାୟେଂତନୁ ରାଜଋଷି ଯେହାଙ୍କର ବଲା ।୩ ।
ଶାୟେଂତନୁ ମହାରାୟେ ରୁଦ୍ରଙ୍କୁ ସେବାକଲେ
ସପତ ଦ୍ୱୀପେ ସେ ଯେକାଙ୍ଗ ଚକ୍ରବର୍ତ୍ତୀ ହେଲେ ।୪ ।
ଅତିଅନ୍ତ ଭଗତି ସେ କାଶୀ ସେବା କରି
କଷା କଉପୁନି ହୋଇଲେ ମାଥେ ଜଟାଧାରୀ ।୫ ।
ସୋମେକ ରୂପେ ହର ଗୋହତ୍ୟା ଦୋଷ କଲେ

ହଟକେଶ୍ୱର ବୋଲି ପାତାଳେ କପିଳାସେ ରଞ୍ଚିଲେ ।୬ ।
ଶିବ ସେବା କରି ତହୁଁ ରହିଲେ ଶାୟେଁତନୁ
ମଞ୍ଚକୁ ନ ଆସନ୍ତି ସେ ପାତାଳ ଭୁବନୁଁ ।୭ ।
ପାତାଳେ ଥାଇଁ ସେ ମଞ୍ଚକୁ ଦ୍ୟନ୍ତି ଦୃଷ୍ଟି
ଦିବ୍ୟ ଚକ୍ଷୁରେ ଦେଖନ୍ତି ରାଜ୍ୟକୁ ପଡିଲେ ଅରଷ୍ଟି ।୮ ।
ଦଇତ ଦାନବେ ଯେବେ କରନ୍ତି ଅନୀତି
ପାତାଳେ ଥାଇଁ ସେ ନାରାଜ ବିନ୍ଧିଲେ ମଞ୍ଚେ ହୋନ୍ତି ବିନଶ୍ୟତି ।୯ ।
ଯେସନେକ ସେବା କରିଥାନ୍ତି ବିଶ୍ୱନାଥ
ସପତ ଦ୍ୱୀପା ନିଛତ୍ରୀ କରି ରାଜ୍ୟ କରନ୍ତି ଯେକଛତ୍ର ।୧୦ ।

---

୧ ।୨ ଭାନୁବତୀ-ଭାନୁମତୀ
୩ ।୨ ଶାୟେଁତନୁ-ଶାନ୍ତନୁ
ସପତ ଦ୍ୱୀପକୁ ମନ୍ତ୍ରବଳେ ସେ ସପତ ନାରାଜ ପେଷି
ସୁଦରଶନ ଚକ୍ର ପ୍ରାୟେ ବୁଲଇ ଦିବା ନିଶି ।୧୧ ।
ବଳ ଦୁର୍ବଳ କଲେ ସେ ପକାବନ୍ତି ଶିରଛେଦି
ଯେମନ୍ତେ ସପତ ଦ୍ୱୀପ ସତ୍ୟରେ ଚଲାନ୍ତି ସ-ାଦି ।୧୨ ।
ଆହୋ ସୋମବଂଶ ରାଜେ୍ୟ ପରଜା ଉପୁଜାଇ ଯେବଣ କୃଷି
ବାଟିକେ ଚିନାଯେ ସଂଜା ଦେଇ ନିଅଇ ବେନିରାଶି ।୧୩ ।
ଇନ୍ଦ୍ର ଦେବତାର ତୁଲେ ତାର ଅନେକ ଭାବେ ପୀରତି
କୃଷି ଭୂମିରେ ମେଘେ ବରଷନ୍ତି ରାତି ।୧୪ ।
ସନ୍ତାନ ଶୋଚନା ନାସ୍ତି ବ୍ରତନ୍ତି ଜନପ୍ରଜା
ଯେସନେକ ସାର୍ଥୁକ ସେ ସୋମବଂଶ ରାଜା ।୧୫ ।
ଗଙ୍ଗା ଜାତ ହୋଇଲେ ଯେ ନିର୍ଘାତର ଘରେ
ଧବଳ ରୁଚିର ବପୁ ଶୁକ୍ଲାମ୍ବ୍ରର ଶରୀରେ ।୧୬ ।
ନିର୍ଘାତ ପାଳଇ ସେ ଅନାଦି ନିରଞ୍ଜନୀ
ତ୍ରୟୋଦଶ ବରଷ ଯେ ହୋଇଲା ନନ୍ଦନୀ ।୧୭ ।
ନିର୍ଘାତ ବୋଇଲା ମାଗୋ ମୁଁ କେମନ୍ତ କରିବି
କୁମାରୀ ରୂପ ହୋଇଲୁ ତୋତେ କାହାକୁ ମୁହିଁ ଦେବି ।୧୮ ।
ବଡାଇ ନିରାକୁଳୀ ତୁ ଅଟୁ ଦେବୀ ତୋୟା
ତୋତେ ଦେଖିଣ ମୁଁ କରଇ ବଡ ଭୟା ।୧୯ ।
ଗଙ୍ଗା ବୋଇଲେ ତୁ ଶୁଣସି ମୋହୋର ପିତା
ମୋହୋର ବଲ୍ଲଭ ସେ ଅଟଇ ରୁଦ୍ର ଯେ ଦେବତା ।୨୦ ।
ସେ ମୋହୋର ପ୍ରାଣନାଥ ଅଟନ୍ତି ଦେବ ଯେ ତ୍ରିଶୂଳୀ
ସେହି ସେ ସହି ପାରନ୍ତି ନା ମୋହୋର ଆର୍ଦୋଳି ।୨୧ ।
ନିର୍ଘାତ ବୋଇଲା ମାଗୋ ଶୁଣ ଧବଳାଙ୍ଗି
ବ୍ରହ୍ମହତ୍ୟା କଲା ସେ ରୁଦ୍ର ପରମ ଯୋଗୀ ।୨୨ ।
ଅନେକ ତୀର୍ଥ ସେ କଲେ ବିଶ୍ୱକାଶୀ
ପାତାଳେ ବସିଲେ ସେ ହୋଇଣ ବଡ ଦୋଷୀ ।୨୩ ।

ଗଙ୍ଗା ବୋଇଲେ ପିତା ମୁଁ ଥିବି ତୋହୋର ଘରେ
ଯେତେ କାଳେ ଆସିବେ କରିବି ବିଶ୍ରାଣ୍ତିରେ ।୨୪-୧୮୩ ।

---

୧୨ ।୧ ଦୁର୍ଧ୍ୱଂସ ଦେଖି ଯେ ତାଙ୍କୁ ପକାନ୍ତି ଶିରଚ୍ଛେଦି ।
୧୨ ।୨ ଯେମନ୍ତେ ସପତ ଦୀପ ଯାକ ନିଛତ୍ର କଲେ ସତ୍ୟବାଦୀ ।
୧୪ ।୨ କୃଷି ଭୂମିରେ ମେଘେ କରନ୍ତି ନିତି ବୃଷ୍ଟି ।
୧୫ ।୧ ଧନ ସନ୍ତାନ ବର୍ଦ୍ଧୁତେ ସୁଖେ ବ୍ରତନ୍ତି ସକଳ ପ୍ରଜା ।
୧୯ ।୧ ତୋୟା-ଗଙ୍ଗାଦେବୀ
ଶାନ୍ତନୁ ବିବାହ
(ଚିତ୍ରବୀର୍ଯ୍ୟ, ବିଚିତ୍ରବୀର୍ଯ୍ୟ ଓ ଭୀଷ୍ମଙ୍କର ଜନ୍ମ)
ଯେମନ୍ତେ ପିତାର ଘରେ ଯେ ଅଛଇ ଗଙ୍ଗାବାଳୀ
କୁମାରୀମାନଙ୍କ ସଂଗେ ସେ ଖେଳଇ କୁତୁହୋଳୀ ।୧ ।
ପିତାର ଘରେ ଯହୁଁ ସହସ୍ରେ ବରଷ ବହିଗଲା (ସଂଖ୍ୟା)
ଦୋହିତାକୁ ଦେଖିଣ ନିର୍ଘାତ ଅନେକ କ୍ରୋଧକଲା ।୨ ।
ସ୍ତିରୀ ଜନ୍ମ ନିଷ୍ଫଳ ଗୋ ହୋଇଲା ମାତା ତୁକୁ
ଲାଞ୍ଛିଲା ହୋଇଲା ମୁକୁ ସୟଂବର କରି ବରିକି ଆଣିମି ଦେବତାଙ୍କୁ ।୩ ।
ଯାହାକୁ ଭାବଇ ମାଗୋ ତୋହୋର ମନ ଇଚ୍ଛା
ମାଲା ଦେଇଂ ବର ଗୋ ଯେ ତୋହୋର ମନବାଞ୍ଛା ।୪ ।
ଗଙ୍ଗା ବୋଇଲେ ତୁ ବିମୁଖ ନୋହ ତାତ
ରୁଦ୍ର ଦେବତାହୁଁ ଆନରେ ମୋର ନାହିଁ ପ୍ରିୟମତ ।୫ ।
ସେ ମୋହୋର ବଲ୍ଲଭ ମୁଁ ତାହାର ନାରୀ
ଅନେକ ଜନ୍ମରେ ମୁହିଁ ସଦାଶିବଙ୍କ ମନୋହାରୀ ।୬ ।
ନିର୍ଘାତ ବୋଇଲା ମାଗୋ କହଇ ମୁହିଁ ତୋତେ
ତୋହୋର ଅବସ୍ଥାୟେଣ ଅନେକ ଦୋଷ ମୋତେ ।୭ ।
ଅବିଭାୟୀ ଦୋହିତା ପିତା ଘରେ ହୋଇଲେ ରଜବତୀ
ଯେକୋଇଣ ପୁରୁଷ ପରିଯନ୍ତେ ପିତୃ ଲୋକଙ୍କୁ ଅଗତି ।୮ ।

---

୮ ।୨ ଯେକୋଇଣ ପୁରୁଷ ପରିଯନ୍ତେ ପିତୃଲୋକେ ଯାଆନ୍ତି ନର୍କଗତି ।
୨ ।୨ କ୍ରୋଧକଲା-ଦୁଃଖରେ କାତର ହେଲା ୩ ।୧ ତୁକୁ-ତୋତେ
୩ ।୨ ମୁକୁ-ମୋତେ ୫ ।୨ ପ୍ରିୟମତ-ପ୍ରୀତିଭାବ ୬ ।୨ ମନୋହାରୀ-ମନୋହାରୀଣୀ ଅର୍ଥରେ
ପ୍ରଯୁକ୍ତ
୮ ।୧ ଅବିଭାୟୀ-ଅବିବାହିତା ।
ଗଙ୍ଗା ବୋଇଲେ ଯେବେ ଅନେକ ଯୁଗ ବହି ଯିବ
ଯେହିମତେ ଥିବି ତାତ ହୋଇଣ ବାଳ ଭାବ ।୯ ।
ନିର୍ଘାତ ପରମ ସାନନ୍ଦ ସେ ଦୋହିତାର ବଚନେ
ରହିଲେ ଜାହ୍ନବୀ ଯେ ପିତାର ଭୁବନେ ।୧୦ ।
ଗଙ୍ଗାର ଜନମେଣ ଯେ ସତ୍ୟ ଯୁଗ ବହିଗଲା
ରୁଦ୍ର ଦେବତାଙ୍କୁ ସେ ଭେଟ ନ ପାଇଲା ।୧୧ ।
ସତ୍ୟ ଯୁଗ ସତର ଲକ୍ଷ ଅଠାଅଶୀ ସହସ୍ର ବରଷ (ସଂଖ୍ୟା)

ଖେଳଇ ନିର୍ଘାତ ଘରେ ଦେବୀ ବାଳୁତ ବୟସ ।୧୨ ।
ତ୍ରେତୟା ଯୁଗ ବାରଲକ୍ଷ ଛୟାଣୋଇ ସହସ୍ର ବରଷ ହାଦେଗଲା (ସଂଖ୍ୟା)
ତଦ୍ୟାପି ଗଙ୍ଗାର ତୁଲେ Cଶ୍ୱର ଭେଟ ନ ପଡିଲା ।୧୩ ।
ତ୍ରେତୟା ଯୁଗ ଅନ୍ତରେ ଯେ ରୁଦ୍ର ପଞ୍ଚୁମନ୍ତ
ଦିବାରାତ୍ରେଣ ଖଟିଥାନ୍ତି ସେ ଋଷି ଶାୟେଂତନ୍ତ ।୧୪ ।
ସଦାନନ୍ଦ ପୁରୁଷ ଆସି ପ୍ରସନ୍ନ ହୋଇଲେ
ଦୁତୀ Cଶ୍ୱର ପଦ ସେ ଶାୟେଂତନ୍ତକୁ ଯେ ଦିଲେ ।୧୫ ।
ବୋଲନ୍ତି କପାଳୀ ତୁ ଯାଅସି ସ୍ୱର୍ଗ ମଞ୍ଚ
ଭ୍ରମଣ କରି ଦେଖ ତୁହି ଭୁବନ ସୁସଞ୍ଚ ।୧୬ ।
କେବଣ ପୁରେ ଯେ କେବଣ ହୋଇଛନ୍ତି ଦେବେ
ୟେହା ବୁଝସି ତୁ ଚଳ ସ୍ୱର୍ଗ ମଞ୍ଚ ୟେବେ ।୧୭ ।
ସଦାଶିବର ବଚନେ ସେ ଚଳନ୍ତି ସୋମବଂଶୀ
ରୁଦ୍ର ଅବତାର ସେ ଶାୟେଂତନ୍ତ ମହଋଷି ।୧୮ ।
ବଇଲେକ ଆରୋହି ସେ ମଥାରେ ଜଟାଧାରୀ
ଧବଳ ବର୍ଣ୍ଣ ଶରୀର ସେ ଦିଶଇ ଯେହ୍ନେ ତ୍ରିପୁରାରି ।୧୯ ।
ଗମଇ ଆକାଶେ ସେ ସୋମବଂଶୀ ଚକ୍ରବ୍ରତୀ
ଲକ୍ଷେକ ଡମ୍ଭ୍ରରୁ ସେ ଶୂନ୍ୟେଣ ବାଜନ୍ତି ।୨୦ ।

---

୧୩ ।୨ ତଦ୍ୟାପି-ତଦି-ଅପି-ତଦ୍ୟପି ସ୍ଥାନରେ ତଦ୍ୟାପି
୧୫ ।୨ ଦୁତୀ-ଦ୍ୱିତୀୟ ୧୬ ।୨ ସୁସଞ୍ଚ-ସୁନ୍ଦର
୧୯ ।୧ ବଇଲେକ-ଏକ ବଳଦ, ବଳୀବର୍ଦ୍ଦ ଶବ୍ଦଜ
କରେଣ ପିନାକୀ ସମାନେଣ ୟେକ ଧନ୍ଵୟେ
ଆରେକ ଭୁଜେଣ ଶୋହଇ ତ୍ରିଶୂଳ ଗୋଟାୟେ ।୨୧ ।
ଭସ୍ମ ବିଲେପନ ରୁଦ୍ରାକ୍ଷ ମାଳା ହୃଦେ
ଧବଳ ଶରୀର କି ପ୍ରତକ୍ଷେ ସଦାନନ୍ଦେ ।୨୨ ।
ୟେସନେକେ କରଇ ସେ ଆକାଶେ ଦିଗ ବିଜେ
Cଶ୍ୱର ପ୍ରାୟେ ଦେଖି ପୂଜା କଲେ ଦେବରାଜେ ।୨୩ ।
ଅୟେଂଳା ବୃକ୍ଷ ତଳେ ଗଙ୍ଗା ତପ କରୁଥିଲା
ଭୋଳମତି ବେଳେଣ ତାର ଚିତ୍ତ ଯେ ବଳିଲା ।୨୪ ।
ଦେଖିଣ ବଚନ ଯେ ବୋଲଇ ନିରିଘାତ
ଶାୟେଂତନ୍ତର ଭାରିଯା ହୁଅସି ଗୋ ମାତ ।୨୫ ।
ପିତାର ବଚନେ ସେ ତୁଷ୍ଟ ଧବଳାଙ୍ଗୀ
ନିର୍ଘାତ ହାତରୁ ମାଳାୟେକ ନେଇ ଗଳାରେ ଘହାକଇଂ ଲାଗି ।୨୬ ।
ଜଳ ତିଳ ଘେନିଣ ସଂକଳ୍ପ ରାୟେ କଲା
ଦୋହିତା ଘୋତେ ଦେବି ବୋଲି ସତ୍ୟ ମନାସିଲା ।୨୭ ।
ୟେ ମୋହୋର ସତ୍ୟ ସତ୍ୟ ବୋଲଇ ତିନିବାରେ
ବରିଣ ନିର୍ଘାତ ଯେ ବସାଇଲା କୋଳରେ ।୨୮ ।
ଅନେକ ବାଗେଣ ସେ ଯେ ପୂଜା ବିଧି କଲା
ଦୋହିତାର ନିମନ୍ତେ ସେ ସତ୍ୟ ଯେ ପାଳିଲା ।୨୯ ।

ବର ବେଶ ହୋଇଣ ବସିଲେ ଶାୟେଂତନୁ ମହରଷି
ଦୁଭାସା ମହରଷି ତହିଂ ମିଲିଲେ ବେଗେ ଆସି ।୩୦ ।
ମେଷ କୃଷ୍ଣ ଚତୁର୍ଥୀ ଯେ ତିଥି ଚନ୍ଦ୍ରବାରେଶଚ୍ଛତ୍ତଚ୍ଛଙ୍ଗମଚ୍ଛଟ୍ଟର
ହସ୍ତା ନକ୍ଷତ୍ର ଯେ ବେଳ ତୃତୀୟ ପ୍ରହରେ ।୩୧ ।
କନ୍ୟା ଲଗ୍ନ ତାରଚନ୍ଦ୍ର ଶୁଦ୍ଧ ଶୁଭବେଳ
ବୃଦ୍ଧି ନାମେ ଯୋଗ ପୁଣି କରଣ ତୈତିଳ ।୩୨ ।

---

୨୪ ।୨ ଭୋଳମତି ବେଳେଣ ତାର ଚିତ୍ତ ଯେ ଢଳିଲା ।
୨୫ ।୨ Cଶ୍ରୁରଙ୍କ ଭାରିଯାତୁ ହୁଅସି ଗୋ ମାତ ।
୩୦ । ଧ୍ୟାନ ମାତ୍ରକେ ଦୁର୍ଭାସା ମିଲିଲେକ ଆସି ।
୨୧ ।୧ ପିନାକଙ୍ଗଧନୁ-ପିନାକ ଅର୍ଥରେ ପିନାକୀ । ଓଡିୟା ଭାଷାରେ କରେଣ ପିନାକ ପାଠ ସୁଷ୍ଠୁ ।
(ଘତ୍ତଷସ୍ଥବ)
୩୦ ।୨ ଦୁଭାସା-ଦୁର୍ବାସା ।
ୟେସନେକ ସମୟେ ଯେ ସୀଉକାର ସାରି
ଓହୋକୁଳର ସେ ଗୋତ୍ରନ୍ତ ଉଚ୍ଚାରି ।୩୩ ।
ବୋଲନ୍ତି ପୁରୋହିତେ ଯେ ଗୋତ୍ର କହ ବର
ପିତା ମାତାଙ୍କର ନାମ ଯେ ତୋହୋର ଧର ।୩୪ ।
ଶାୟେଂତନୁ ବୋଇଲେ ଆମ୍ଭେ ଅଟୁ ସୋମଗୋତ୍ରୀ
ଆମ୍ଭ ପଣ ବାପା ଯେ ଶମ୍ଭୁରାଣ ନୃପତି ।୩୫ ।
ଶମ୍ଭୁରାଣର ପୁତ୍ର ଯେ ଅଟଇ କୁରୁ ନରନାଥ
ତାହାର ନନ୍ଦନ ପାର୍ଥିବ ନୃପତି ସାମରଥ ।୩୬ ।
ପାର୍ଥିବର ନନ୍ଦନ ଯେ ଆମ୍ଭେ ଅଟୁ ପୁତ୍ର ।୩୭ ।
ଶାୟେଂତନୁର ମୁଖୁଂ ୟେସନକ ବାକ୍ୟ ଶୁଣି
ବିସ୍ମୟ ହୋଇଲେ ସେ ଗଙ୍ଗା ଗୋସାମଣୀ ।୩୮ ।
ଗଙ୍ଗା ବୋଇଲେ ତୁ ମନ୍ଦ କୃତ୍ୟ କଲୁ ତାତ
ନୋହଇ Cଶ୍ରୁର ୟେ ନୋହୋଇ ବିଶ୍ରୁନାଥ ।୩୯ ।
Cଶ୍ରୁର ଦେବତାର ଯେ କୁଳ ଗୋତ୍ର ନାହିଁ
ପିତା ଅଜା ପଣ ଅଜା ତାହାର ପୁଣ ଅଛି କାହିଂ ।୪୦ ।
ଯେ ସେ ସ୍ତ୍ରୀମୀ ଅଟଇ Cଶ୍ରୁର ଦଇବତ
ଅକୁଳ ଅମାର୍ଗ ନିଶ୍ଚଳ ନାହିଂ ତାର ଗୋତ୍ର ।୪୧ ।
ୟେତେ କହି ଗଙ୍ଗା ଉଠିଣ ଗଲେ ପିତାର କୋଳରୁ
ନିର୍ଘାତ ବୋଇଲା ମାଗୋ କିପାଇଂ ନାସ୍ତିକରୁ ।୪୨ ।
Cଶ୍ରୁର ବରିବି ବୋଲି ମୁଁ ମନେ କଲି ଇଛା
ଦୁଇ ଯୁଗ ପରିଯନ୍ତେ ଦୁଖ ପଡି ନ ପାଇଲି ମନବାଞ୍ଛା ।୪୩ ।
ନିର୍ଘାତ ବୋଇଲେ ମାଗୋ ମୁଂ ଯେ ସତ୍ୟ କଲି
ସଂକଲ୍ପ କରନ୍ତେ ମୁଂ ଯେ ତୋତେ ପଗ୍ରିଲି ।୪୪ ।
ତୋହୋର ବଚନେ ମୁଂ ଯେ ସତ୍ୟ କଲି ୟେହାଙ୍କୁ
ସତ୍ୟ ଭଗ୍ନ ଦୋଷ ମାଗୋ ହୋଉଛିଟି ମୁକୁ ।୪୫ ।

---

୪୧ ।୨ ଅକୁଳିଆ ଯୋଗୀ ସେ କାହିଁ ତାର କୁଳଗୋତ୍ର ।
୩୭ ।୨ ପାର୍ଥିବ-ସଂସ୍କୃତ ମହାଭାରତ ମତେ ପ୍ରତୀପ
୩୩ ।୨ ଓହୋ-ଉଭୟ
ପିତାର ବଚନ ଯେ ଶୁଣିଣ ଧବଳାଙ୍ଗୀ
ବାହୁଡିଣ ଆସି ଦେବୀ ବସିଲାକ ବେଗି ।୪୬ ।
ଗଙ୍ଗା ବୋଇଲେ ତୁମ୍ଭେ ଶୁଣ ଶାୟେଁତନୁ
ମୋହୋର ବଲ୍ଲଭ ଯେ ଅଟନ୍ତି ପଞ୍ଚୁନନ୍ଦ ।୪୭ ।
Cଶ୍ରୁର ବୋଲି ମୁଁ ତେତେ କଲି ସନମତ
ନ ଜାଣି ସତ୍ୟ ତେତେ କଲା ମୋର ତତ ।୪୮ ।
ତେହୋର ମନରେ ଯେ ବିଘ୍ନର କର ଭାଳି
ତୁ ସହି ପାରିବୁଟିକି ମୋହୋର ଆର୍ଦୋଳି ।୪୯ ।
ଆହୋ Cଶ୍ରୁର ଦେବତା ଯେ ସହି ନୁଆରିଲା
ବ୍ରହ୍ମାର କମଣ୍ଡଳେ ସେ ଦେଇଣ ମୋତେ ଗଲା ।୫୦ ।
ପିତାମହ ସହି ନପାରିଲା ମୋହୋର ଆରଦୋଳି
ବାମନ ନାରାୟଣ ପାଦେ ମୋତେ ନେଇ ଢାଳି ।୫୧ ।
ଆହୋ ବାମନ ଦେବତା ମୋତେ ନ ପାରିଲା ସହି
ମେରୁର କ୍ରୋଟରେ ଛାଡିଗଲା ମୋତେ ନେଇ ।୫୨ ।
ସେ ନ୍ୟାୟରୁ ଥାଇ ମୁହିଁ ହୋଇଲି ଅମୋକ୍ଷ ଗତି
ଗୃହବାସ ନିମନ୍ତେ ମୁଁ ବଲାଇଲି ମତି ।୫୩ ।
ନିର୍ଘାତର ଘରେ ଜାତ ହୋଇ ଲୁଚାଇଲି ବର୍ଣ୍ଣଚିହ୍ନ
ଆରତ ହୋଇଲି ମୁଁ ନ ଦେଖି ତ୍ରିଲୋଚନ ।୫୪ ।
ମୁହିଁ ଯେବେ ତୋହୋର ହୋଇବଟି ମନୋହାରୀ
ପାରିବୁଟିକି ମୋତେ ସଂଭରଣ କରି ।୫୫ ।
ଶାୟେଁତନୁ ବୋଇଲେ ତୁ ବଡଇ ଜଞ୍ଜାଳୀ
ଭ୍ରଥାହିଁ ସେ ସହିବନା ଭାର୍ଯ୍ୟାର ଆର୍ଦୋଳି ।୫୬ ।
ଭ୍ରଥାର ଆର୍ଦୋଳି ଯେବେ ଭାରିଯା ନ ସହିବ
ପତି ପତ୍ନୀର କେମନ୍ତେ ଗୃହବାସ ହୋଇବ ।୫୭ ।

---

୪୮ ।୧ Cଶ୍ରୁର ବୋଲି ମୁଁ କହିଲି ପିତାର ଅଗ୍ରତ ।
୪୭ ।୨ ପଞ୍ଚୁନନ୍ଦ-ପଞ୍ଚାନନ-ମହାଦେବ-ପଞ୍ଚାନନ-ପଞ୍ଚାନନ୍ଦ ସ୍ଥାନରେ-ପଞ୍ଚୁନନ୍ଦ ଉଚ୍ଚାରଣ ସୌକର୍ଯ୍ୟାର୍ଥ ।
୫୫ ।୧ ମନୋହାରୀ-ମୋନୋହାରିଣୀ ଅର୍ଥରେ ।
୫୫ ।୨ ସଂଭରଣ-ସଂଙ୍ଗସମ୍ୟକ୍-ସଂ-ୂର୍ଣ୍ଣ, ଭରଣ-ପୋଷଣ ।
ଆଜହ୍ନ ନୃପତି ତେତେ ମୁହିଁ କହଇ ନିରାଧାରି
ବାଇ ବାତୁଳୀ ମୁଁ ଯେ ଅଟଇ ଦ୍ରୋହକାରୀ ।୫୮ ।
ଅନେକ ଦୋଷ କଲେ କୋପ ନ କରିବୁ
ଦଶଦୋଷ କଲେ ଅପ୍ରାଧ ନ ଧରିବୁ ।୫୯ ।
ଭର୍ଷନା ନ ବୋଲିବୁ ନ ଦେବୁ ମୋତେ ଗାଳି
ଅନ୍ତବ୍ରତେ ଖଟିଣ ଥିବୁ ମୋ ମନର ହିଆଳି ।୬୦ ।

ଗଙ୍ଗା ବୋଲିଣ ତୁ ବୋଲୁଥିବୁ ଅନ୍ଧବ୍ରତେ
ଗାଙ୍ଗୀ ବୋଇଲେ ନ ଥାଇଟି ପୂରୋଇ ମୋର ବ୍ରତେ ।୬୧ ।
ଶାୟେଂତନୁ ବୋଇଲେ ଯେ ମୋହୋର ସତ୍ୟକଥା
ଅନେକ ଦୋଷ କଲେ ସହିବି ତେତେ ହୋଇବି ଭଗତା ।୬୨ ।
ଯେହେନେକ ସତ୍ୟବ୍ରତ କଲେଟି ସତ୍ୟ ବାକି
ପ୍ରଦାନ ହୋଇଲେ ସେ ଧବଲାଙ୍ଗୀ ସାଧବୀକି ।୬୩ ।
ସତେ୍ୟଣ ପ୍ରଦାନ ଯେ କଲେକ ନିର୍ଘାତ
ଅନେକ ସମ୍ଭରେଣ ସେ ଦେଲେକ ଦୁହିତ ।୬୪ ।
ହୋମ ଘୃତ ପାରଣା କରନ୍ତି ବର କନ୍ୟା
ଯେସନେକ ପ୍ରଦାନ ସେ ବିଭାର ବିଧାନା ।୬୫ ।
ଯେସନେକ ସମୟେ ଯେ ନିଶାର ଆଗତେ
ଶୟ୍ୟାୟେଣ ମଧୁଶୟ୍ୟା ବାକ୍ୟ ଅନୁମତେ ।୬୬ ।

---

୫୯ । ଅନେକ ଦୋଷ କଲେ ବଇରାଗ ନପାଇବୁ ।
ଅନେକ ଅପ୍ରାଧ କଲେ ତୁହି ସେ ସଂଘରିବୁ ।
୬୬ । ମଧୁଶୟ୍ୟା ଧର୍ମବାକ୍ୟ କଲେ ପୁରୋହିତେ ।
ଲାଜା ହୋମ ସେ ଯେ କଲେକ ପ୍ରୋହିତେ ।
୬୬ ।୨ ନିଶାରେଣ ମଧୁଶୟ୍ୟା କଲେକ ଯୁଗତେ
୫୯ । ଦଶଦୋଷ ଲକ୍ଷଣ-ନିର୍ଲଜ୍ଜା ଚୌରବୃତ୍ତିଶ୍ଚ ଡାକିନୀ ବ୍ୟଭିଚାରିଣୀ
ମୁଖରା ହିଂସ୍ରକା ଦୁଷ୍ଟା ମିଥ୍ୟାବାଦିନ୍ୟତୋଷିଣୀ
ପଲାୟନ ପରା ଭୂୟୋ ଦଶଦୋଷା ଇତିସୃଂତାଃ
୧ ନିର୍ଲଜ୍ଜା, ୨ ଚୋରଣୀ, ୩ ଡାଆଣୀ, ୪ ବ୍ୟଭିଚାରିଣୀ, ୫ କଟୁଭାଷିଣୀ, ୬ ହିଂସାକାରିଣୀ, ୭ ଦୁଷ୍କର୍ମକାରିଣୀ, ୮
ମିଥ୍ୟାବାଦିନୀ, ୯ ସର୍ବଦା ଅସନ୍ତୁଷ୍ଟା, ୧୦ ବାରମ୍ଵାର ଶାଶୁଘରୁ ପଲାଉଥିବା ।
୬୦ ।୨ ମନର ହିଆଳି-ମନର ସ୍ନେହପାତ୍ର,
୬୩ ।୧ ସତ୍ୟବାକି-ସତ୍ୟ ବଚନ । ୬୪ ।୨ ସମ୍ଭର-ଆଡମ୍ବର
ଦିନା ପାଞ୍ଚ ସାତ ସାରି ଗଲେ ନିଜ ଦେଶେ
ପ୍ରବେଶ ହୋଇଲେ ଗିରି ବାରୁଣାବନ୍ତ ପାଶେ ।୬୭ ।
ଯମୁନାର କୂଳେ ସେ ରହିଲେ ନିଜ ରାଜ୍ୟ
ଗଙ୍ଗା ସନ୍ନିଧେ୍ୟଣ ଖଟିଥାନ୍ତି ଶାୟେଂତନୁ ମହାରାଜେ ।୬୮ ।
ଯେମନ୍ତେଣ ଅନେକ ବଢିଲା ପୀରତି
ଗଙ୍ଗାର ତୁଲେ ସେ ଅନେକ ମେଳମତି ।୬୯ ।
ସହସ୍ରେ ବରଷ ପରିଯନ୍ତେ ବହିଗଲା (ସଂଖ୍ୟା)
ମହା ଚଞ୍ଚଳା ସେ ଋଷିଙ୍କି କଟାଳିଲା ।୭୦ ।
ନିୟମର ଦିନ ଜାଣି ସେ ବଢାଇଲା ରତି
ବାରବ୍ରତ କାଳେଣ କଟାଳି ମାଗଇ ସୁରତି ।୭୧ ।
ବାଆସ୍ତରି ଉପବାସ ଯେ ଋଷିଙ୍କର ଥିଲା (ସଂଖ୍ୟା)
ପ୍ରୀତି ଲଗାଇଣ ସେ ସମସ୍ତ ଛଡାଇଲା ।୭୨ ।
ଶ୍ରୀୟେକାଦଶୀ ବ୍ରତ ମାତ୍ର ଯେ ଅଛଇ ଋଷିଙ୍କର

ତହିଁକି କଟାଳ ଯେ କରୁଅଛଇ ଅପାର ।୭୩ ।
ମକର ମାସ ଶୁକଳ ପକ୍ଷ ଶ୍ରୀଯେକାଦଶୀ
ଅନେକ ସ-ାଦେ ଯେ ଖଟନ୍ତି ମହଋଷି ।୭୪ ।
ଶାୟେଂତନୁଙ୍କ ଯେ କଠୋର ବ୍ରତଭାବ ଦେଖି
ଋଷିଙ୍କି ପ୍ରିୟଭାବ ବଢାଇଲା ସେ ଧବଳମୁଖୀ ।୭୫ ।
ବୋଲଇ ଧବଳାଙ୍ଗୀ ଶୁଣ ହୋ ସୋମବଂଶି
ବଡ ନିଷ୍ଠାପରା ତ ଖଟୁ ଯେକାଦଶୀ ଦିବାନିଶି ।୭୬ ।
ଶାୟେଂତନୁ ବୋଲନ୍ତି ଶୁଣସି ସଂଘାତ
ମୁକତିକି କାରଣ ଯେ ଶ୍ରୀଯେକାଦଶୀ ବ୍ରତ ।୭୭ ।
ନାରାୟଣ ଆତ୍ମା ଯେ ଅଟଇ ମହାବ୍ରହ୍ମ
ସଂସାର ଅଗାଦକୁ ନାଉକା ଅଟଇ ଧର୍ମ ।୭୮ ।

---

୬୮ ।୧ ଗଙ୍ଗା ସହିତେ ଯେ ବିଜୟେ ନିଜରାଜ୍ୟ
୭୭ ।୨ ପିଣ୍ଡକୁ କାରଣ ଯେ ଯେକାଦଶୀ ବ୍ରତ
୭୮ ।୧ ନାରାୟଣଙ୍କର ବ୍ରତ ଅଟଇ ମହାବ୍ରହ୍ମ ।
୭୪ ।୨ ସ-ାଦେ-ବିହିତ ଧର୍ମକାର୍ଯ୍ୟରେ
ରାଗ ମୋହ ଅହଂଙ୍କାର ଯେ ସଂସାର ରଞ୍ଚନା
ଅଦଉଡି ବନ୍ଧନ ଯେ ସଂସାର ଧାରଣା ।୭୯ ।
ଯେମାନ ଯେତେକ ରାଗ ମୋହ ହିଂସା
ସଂସାର ସାଗର ଯେ ଅଣାକାର ଜଳଧ୍ୱ୍ରଂସା ।୮୦ ।
ବଦୟନ୍ତି ଶାୟେଂତନୁ ଶୁଣସିରେ ପ୍ରିୟା
ତୋହୋର ମୋହୋର ଯେକଇ ଭାବରେ ସତଶ୍ରିୟା ।୮୧ ।
ତୁହି କରୁକିନା ଯେବେ ଯେକାଦଶୀ ବ୍ରତ
ତୋହୋର ମୋହୋର ବଇକୁଣ୍ଠେ ବସିବାରେ ସଂଘାତ ।୮୨ ।
ଯେସନେକ ମହିମା ଗୋ ଯେ ବ୍ରତ ଯେକାଦଶୀ
ପାଳିଲେ ଅବଶ୍ୟ ହୁଅଇ ବଇକୁଣ୍ଠବାସୀ ।୮୩ ।
ଶୁଣିଣ ବଚନ ସେ ବୋଲଇ ଧବଳାଙ୍ଗୀ
ଯେକା ମାତ୍ରକ ତୁମ୍ଭେ ନୋହିଲ ପରମ ଯୋଗୀ ।୮୪ ।
ରାଜ୍ୟଭାର ଆବୋରିଲ ପୁଣ ସଂସାର ନିମନ୍ତେ
କ୍ଷତ୍ରିବୃତ୍ତି ନ ଛାଡିଲ ଯେ ବଂଶ କୃତ ଅର୍ଥେ ।୮୫ ।
ରାଜପଦ ସେ ଯେ ଅତି ଉତକର୍ମ
କ୍ଷତ୍ରିବୃତ୍ତି ଆଚରିଲ ସେ ତପିଙ୍କର କିସ ଧର୍ମ ।୮୬ ।
ରାଜ୍ୟକୁ ଉପକାର ଯହିଁ ରାଜନୀତି
ତୁମ୍ଭର ଉପବାସ କାହିଁକି ଋଷିଯତି ।୮୭ ।

---

୭୯ ।୨ ଆଦଉଡି ବନ୍ଧନ ଯେ ସଂସାର ବାସ ସିନା । ।
୮୦ ।୧ ସଂସାର ନାଶ ଯିବ ଅହଙ୍କାର ଜଳଧ୍ୱ୍ରଂସା
୮୦ ।୨ ସଂସାର ନାଶିବ ଯେ ଅଣାକାର ଜଳଧ୍ୱ୍ରଂସା
୮୨ ପଦ ପରେ ଅଧିକା ପାଠବ୍ରହ୍ମାଙ୍କର

ଆତ୍ମା ହାଦେ ଅଟଇ ଦଶମୀ
ନିରାହାର ୟେକାଦଶୀ ନାରାୟଣଙ୍କର ବ୍ରହ୍ମି ।।
ଶିବଙ୍କର ଆତ୍ମା ୟେ ଦୁଆଦଶୀ ଦିନ
ତିନି ଦିବସର ଧର୍ମ ଅଟଇ ଭିନ୍ନ ଭିନ୍ନ ।।
୮୫ ।୨ କ୍ଷତ୍ରି ବୃତ୍ତ ନଛାଡିଲ ବଂଶ ରକ୍ଷଣ ନିମନ୍ତେ ।।
୮୦ ।୨ ଅଣାକାର ଜଳଧ୍ୱ୍ରଂସା-ଶୂନ୍ୟରେ ଜଳ ବିପ୍ଲବ
୮୬ ।୧ ଉତକର୍ମ-କଠିନ କାର୍ଯ୍ୟ
ରାଜାର ତହ୍ନଂ ଉପବାସ ନୋହୋଇ ରାଜ୍ୟଚିନ୍ତି
ଦଣ୍ଡସାଜି ଦିଗ ବିଜେ କରିବ ନା ନରପତି ।୮୮ ।
ପର ଭୂମି ଜିଣିଣ ଘେନିମ ପରରାଷ୍ଟ୍ର
ସମ୍ଭର କରିଣ ମୁରାଟେ ସାଜୁଥିବ ନିଜଥାଟ ।୮୯ ।
ଦଣ୍ଡ ପଲାଣି ୟେ ଦୁଷ୍ଟନ୍ତ ନିବାରିବ
ସନ୍ଥଜନ ପାଳି ତପୋଧନ ଉଦ୍ଧରିବ ।୯୦ ।
ତୁ ମହାଭିଗଂ୍ୟ ୟେବେ ଅଟୁ ମହରଷି
ରାଜପଦେ ବସି କି-ା ଭଜୁ ୟେକାଦଶୀ ।୯୧ ।
ଦୁର୍ଭାର ବଚନ ୟେ ବୋଇଲା ଜାହ୍ନବୀ
ୟେ ମହାରାଜ୍ୟ ପଶିଣ କି-ା ବ୍ରତରାଜସେବି ।୯୨ ।
ଧର୍ମ ଦୂଷିତ ୟେ ଲୋଡଇ ଦେବି ତୋୟା
ରଷିମଣି ତ ନୁଆରନ୍ତି ତାହାର ଚରିତ ମାୟା ।୯୩ ।
ଅନେକ ଅଭାବ ବୋଲି ବୋଇଲା ମହାସତୀ
ରଷିଙ୍କର ତୁଲେ ସେ ବଢାଇଲା ପୀରତି ।୯୪ ।
ଦିବା ରାତ୍ରେ ରମଣେଣ ହୋଅନ୍ତି ଅଶାନ୍ତି
ନିରନ୍ତରେ ରତି କ୍ରୀଡାରେ ବଞ୍ଚନ୍ତି ।୯୫ ।
କହି ଅନେକ ମତେ ଗ୍ଟୁ ପଟଳେ
ଆବୋରି ବସିଲା ଯାଇଂ ରଷିଙ୍କର କୋଳେ ।୯୬ ।
ବେଗେଣ ବିବସନ କଲାକ ରଷିଙ୍କି
ଭୋଳେଣ ପଡିଲେ ରଷି ଜାହ୍ନବୀ ରୂପ ଦେଖି ।୯୭ ।
ଛାଡିଲେ ବ୍ରତରାଜ ସେ ଜଞ୍ଜାଳୀର ଭାବେ
ଇଚ୍ଛିଲେ ଶୃଙ୍ଗାର ୟେ ଶାୟେଂତନୁ ରାଜଦେବେ ।୯୮ ।
ୟେମନ୍ତେ ଅନେକ ୟେ ବଢିଲା ପୀରତି
ଦିବାରାତ୍ର ରମନ୍ତି ସେ ହୋଇଣ ଅଶାନ୍ତି ।୯୯ ।

---

୯୪ ।୧ ଅନେକ ଭାବେଣ ୟେ ବୋଲନ୍ତି ମହାସତୀ ।
୮୯ ।୨ ମୁରାଟ-ବୀରତ୍ୱ ପ୍ରକାଶକରି
୮୯ ।୨ ସମ୍ଭର-ସମାରୋହ
୯୦ ।୧ ପଲାଣି-ସେନା ସଜ୍ଜିତ କରି ଯାତ୍ରା କରିବା । ୯୧ ।୧ ମହାଭିଗଂ୍ୟ-ମହାଭିଜ୍ଞ
୯୨ ।୨ ବ୍ରତରାଜ-ଶ୍ରୀୟେକାଦଶୀ
ୟେମନ୍ତେ ସମୟେ ପ୍ରୀତି ୟେ ଅନେକ ବଢିଗଲା
ପୁଣି ହାଦେ ବେନି ସହସ୍ର ବରଷ ହୋଇଲା । ୧୦୦ । (ସଂଖ୍ୟା)

ଯେସନେ ଚଞ୍ଚଳା ଜାହ୍ନବୀ ଦୁଷ୍ଟଯେ ପ୍ରକୃତି
ଆହୋ ନିଶ୍ଚଳ ହୋଇଣ ଥାଇକି ନୋହଇ ତାର ଶାନ୍ତି । ୧୦୧ ।
ବାହାର ହୋଇବାକୁ ଭାବ ସେ ଛାଡିଲା
ଶାୟେଂତନୁ ଋଷିଙ୍କି ସେ ଅନେକ ଦୁଃଖ ଦିଲା । ୧୦୨ ।
ବେଳକାଳ ଜାଣି ନ ଦିଅଇ ଅନ୍ନ ପାଣି
ଋଷିଙ୍କି ଭାବ ନଦିଅଇ ଦିବା ଯେ ରୟେଣୀ । ୧୦୩ ।
ଧର୍ମ ଛାଡି ଶାୟେଂତନୁ ପଶିଲେ ଶୃଙ୍ଗାରେ
କାଳେ ନ ଦିଲାକ ଦେହ ଡେଲାଇଲା ଦୂରେ । ୧୦୪ ।
ରମଣୀ ମନ୍ଦିରେଣ ଲେଖନ ପିତୁଳୀ
ରତିବନ୍ଧ ଲିହାଇଲେ କ୍ରୀଡା ରସେ କେଳି । ୧୦୫ ।
ଅନେକ ଗୁଟୁ ପଟଳ କରନ୍ତି ଗଙ୍ଗାକୁ ବାଉନି
ଋଷିଙ୍କି କଥା ସେ ନ କହଇ ମାନେନୀ । ୧୦୬ ।
ରତି ଶାହାସ୍ର ପୁରାଣ ସେ ଶିଖାନ୍ତି ବରହ୍ମଚାରୀ
ଶାୟେଂତନୁଙ୍କର ଥିଲେ ଗଙ୍ଗା ନ ପଶଇ ଅନ୍ତେଶ୍ଵର ପୁରୀ । ୧୦୭ ।
ଦଣ୍ଡ କୋମଣ୍ଡଳୁ ଶ୍ରୁବ ଶ୍ରୁଚ ଯେ ପ୍ରୋକ୍ଷଣୀ
ଚୁଲିରେ ଲାଇଣ ଯେ ଜାଳଇ ଅବଳା ତରୁଣୀ । ୧୦୮ ।
କୁଶ ବିଡି ଆଦିକରି କଷାବାସ ଯେ କପଟୀ
ଜଳନ୍ତ ଅନଳେ ଭରି ସବୁ କରଇ ଭସ୍ମଘଟି । ୧୦୯ ।
ଯେମନ୍ତେ ଅନେକ ମତେ କରାଇଲା ବିମୁଖ
ଗୃହବାସ ନିମନ୍ତେ ଋଷି ସହିଲେ ଅନେକ ଦୁଖ । ୧୧୦ ।

---

୧୦୨ ।୧ ବାହାର ହୋଇବାକୁ ସେ ଭାବ ଛଡା ଛଡି ।
୧୦୨ ।୨ ଶାୟେଂତନୁ ଋଷିଙ୍କି ସେ ଅନେକ କଟାଳି । ।
୧୦୪ ।୧ କୋଳେ ନ ଶୋଇଣ ଶେଜ୍‌ଜାକଲା ଦୂରେ ।
୧୦୪ ।୨ କୋଳ କରନ୍ତେ ତୋଳି ପକାନ୍ତି ଦେବୀ ଦୂରେ । (ପା)
୧୦୫ ।୨ ରତିବନ୍ଧ ବିହିଲେ କ୍ରୀଡାରଙ୍ଗ କରି ।
୧୦୩ । ରୟେଣୀ-ରଜନୀ, ୧୦୪ ।୨ ଡେଲାଇଲା-ପେଲିଦେଲା
୧୦୮ ।୧ କୋମଣ୍ଡଳୁ-କମଣ୍ଡଳୁ ୧୦୯ ।୨ ଭସ୍ମଘଟି-ସ-ୂର୍ଣ୍ଣ ଭସ୍ମ କରିଦେବା
ଭୋଖର ବେଳେ ସେ ଅନ୍ନ ନ ଦିଅଇ ସଞ୍ଚି
ଅଭୋଖ ବେଳେ ସେ ଅନେକ ମତେ ଯାଚି । ୧୧୧ ।
ଅନେକ ବେଶ ବେଶନ ହୋଇ ମହାଋଷି
ଶୃଙ୍ଗାର ନିମନ୍ତେ ସେ ସନ୍ନିଧେୟ ଥାନ୍ତି ବସି । ୧୧୨ ।
ପଛୁଂ ଆସି କୋଳକରି ଧରନ୍ତେ ଶାୟେଂତନୁଂ
ମହାବଳା ବାଳୀ ସେ ବାହାର ହୁଅଇ ଭୁବନୁଂ । ୧୧୩ ।
ପଲାଇ ପଶଇ ସେ ବହୁତ ସ୍ତିରୀଙ୍କର ମେଳେ
କାମର ଚେଷ୍ଟାରେ ମହାତମା ଅନେକ ବିକଳେ । ୧୧୪ ।
ଚିତ୍ର ବନ୍ଧ ପିତୁଳୀ ମାନେ ଅଛନ୍ତି ଯେ କାନ୍ଥେ
ତାହାଙ୍କୁ ଚୁମ୍ବନ ଦିଅଇ ମୁନି ମଦନ ଆରତେ । ୧୧୫ ।
ହୃଦରେ ଲଗାଇଣ ସେ କରନ୍ତି ଆଲିଙ୍ଗନ

ସେ ଚିତ୍ର ପିତୁଳୀକି କରନ୍ତି ରମଣ । ୧୧୬ ।
ଆହୋ କାମ ବୋଲି କରି ସେ ଯେବଣ ପୁରୁଷ
ପୟାଣ କରନ୍ତେ ସେ ଅବସ୍ଥା ଦିଅଇ ଅବଶ୍ୟ । ୧୧୭ ।
ପୁରୁଷ ହୋଉ ବା ସ୍ତିରୀ ଜନ୍ମ ହୋଉ
ଅନଙ୍ଗ ଶର ଘାତ କାହାର ବେଳେ ସହୁ । ୧୧୮ ।
ଆରତରେ ମହାତମା ସେ ପିତୁଳୀକୁ କଲେ କେଳି
ଧାତିକାରେ କାମ ସେ ଯେ ପଡିଲାକ ଢଳି । ୧୧୯ ।
ପିତୁଳୀ ରମଣେ ମୁନି ଛାଡିଲେକ ବୀର୍ଯ୍ୟ
ସଇନ୍ଦୁ ଅମୋହ ରେତୁଂ ମୁନିଙ୍କର ଉପୁଜିଲା ଆତ୍ମଜ । ୧୨୦ ।
ପୁତ୍ରେକ ଉପୁଜିଲା ଯେ ସୁନ୍ଦର ବଳବନ୍ତ
ଦେଖିଣ କୋଳେ ତାକୁ ଧଇଲେ ତପୋବନ୍ତ । ୧୨୧ ।
ଚିତ୍ର ପିତୁଳୀରୁ ଯେ ଉପୁଜିଲା ଆତ୍ମଜ
ଚିତ୍ରବୀର୍ଯ୍ୟ ନାମ ଦେଲେ ସୋମବଂଶ ମହାରାଜ । ୧୨୨ ।

---

୧୧୭ ।୨ ମୟାଣ ଶରେ ସେ ଅବସ୍ଥା କରଇ ଅଶେଷ ।।
୧୧୯ ।୨ ଧାତିକାରେ ତହିଁ ପଡିଲା ରେତ ଢଳି ।।
୧୨୦ ।୨ ସଦୁଂ୍ୟ ଅମୋହ ରେତ ଉପୁଜିଲା ଆତ୍ମଜ ।।
୧୧୭ ।୨ ପୟାଣ-ପ୍ରୟାଣ ୧୧୮ ।୨ କାହାର ବେଳେ-କାହାଦ୍ୱାରା
୧୨୦ ।୨ ସଇନ୍ଦ-ସଦୁଂ୍ୟ ବା ସବିନ୍ଦୁ ଶବ୍ଦଜ ।
ପୁତ୍ରକୁ ଘେନିଣ ମହାତମା ହୋଇଲେ ବାହାର
ଗଙ୍ଗାକୁ ଲୁଚ୍ଛାଇ ଦିଲେ ନେଇ ସତ୍ୟବତୀ କୋଳର । ୧୨୩ ।
ଗଙ୍ଗା ନ ଜାଣୁଂ ଯେହାକୁ ପ୍ରତିପାଳ ଅତି ଯତ୍ନେ
ପୁତ୍ରକୁ କୋଳେ ଧଇଲେ ପାରେଶ୍ୱର ମହାମୁନ୍ୟେ । ୧୨୪ ।
ପୁତ୍ର ଗୋଟିକି ଯତନେ ପାଳିଲେ ସତ୍ୟବତୀ
ବଢଇ ଚିତ୍ରବୀର୍ଯ୍ୟ ଅଯୋନି ଜାତ ମୂର୍ତ୍ତି । ୧୨୫ ।
ଗଙ୍ଗାର ମେଳ ପୁଣି ଯେ ଭାବନ୍ତି ତପୋଧନି
ଭୟେଣ ତାହାକୁ କିଛି ନ ବୋଲନ୍ତି ମହାମୁନି । ୧୨୬ ।
ପାରେଶ୍ୱର ଶାୟେଂତନୁ ଦୁହିନ୍ତି ବସାଇ
ପୁଛନ୍ତି ମଧୁବତୀ ମାତା ଆଶ୍ୱାସ କରାଇ । ୧୨୭ ।
ବାବୁ ଶାୟେଂତନୁ ମୋହୋର ବୋଲ କର
ଧର୍ମେଣ ବ୍ରତଇ ନା ବାବୁ ୟେହୁ ଯେ ସଂସାର । ୧୨୮ ।
ଆମ୍ଭେ ତୋହୋର ମାତା ପିତା ଆମ୍ଭନ୍ତ ନ ଭାଳି
ବାବୁ କାହୁଂ ତୁ ପ୍ରଦାନ ହୋଇଲୁ ଗଙ୍ଗା ଯେ ଜଞ୍ଜାଳି । ୧୨୯ ।
ତାହାକୁ ଉପେକ୍ଷା କରସିରେ ବାବୁ
ଅନେକ ଦୁଖ ପାଇବୁ ପ୍ରାଣେ ନାଶ ଯିବୁ । ୧୩୦ ।
ବାବୁ ଗୁରୁଜନଙ୍କର ବଚନ ନକରଇ ଯେବଣ ବଳା
ବଂଶ ନାଶ ଯାଇଟି ଅଗାଦେଂ ବୁଡ଼ଇ ଭେଳା । ୧୩୧ ।
ରୁଦ୍ର ଦେବତାର ସେ ଅଟଇ ଜାହ୍ନବୀ
Cଶ୍ୱର ଦେବତାଙ୍କୁ ସେ ଅନେକ ପ୍ରାଭବୀ । ୧୩୨ ।

ଶାୟେଂତନୁ ବୋଇଲେ ମାଗୋ ତୁମ୍ଭେ ଗୁରୁଜନ
ଦ୍ରୋହ ଲଗାଇ ବଞ୍ଚିଲେ ତୁମ୍ଭର ବଚନ । ୧୩୩ ।
ମାତାର ବଚନ ମେଣ୍ଟିଲେ ଆୟୁଷ ହୋଇ କ୍ଷୟେ
ପିତାର ବଚନ ଭାଙ୍ଗିଲେ ଧର୍ମ ନାଶ ଯାୟେ । ୧୩୪ । ଈନ୍ଧଟ୍ଟରତ୍ତଈନ୍ଦଷନ୍ଦଷଚ୍ଛଚ୍ଚ

---

୧୨୬ ।୧ ଗଙ୍ଗାର ତୁଲେ ପୁଣି ମିଳିଲେ ତପୋଧନି
୧୨୭ ।୨ କହନ୍ତି ମଧୁବତୀ ସେନେହ କରାଇ
୧୩୩ ।୨ ଦ୍ରୋହ ଲାଗଇ ମେଣ୍ଟିଲେ ତୁମ୍ଭର ବଚନ
୧୨୭ ।୨ ମଧୁବତୀ-ମଧୁମତୀ ୧୨୮ ।୨ ବ୍ରତଇ-ବର୍ତ୍ତଇ ୧୩୩ ।୨ ବଞ୍ଚିଲେ-ରକ୍ଷାକଲେ ମେଣ୍ଟଣକଲେ ।
୧୩୧ ।୨ ଅଗାଦେଂ-ଅଗାଧେ, ଗଭୀର ଜଳରେ
ମାତାଙ୍କର ବଚନେ ଶାୟେଂତନୁ ବୋଇଲେ
ମାଗୋ ଦିବସ ନ ସରଇ ମୋହୋର ଗଙ୍ଗାକୁ ନ ଦେଖିଲେ । ୧୩୫ ।
ତୁମ୍ଭେ ଆମ୍ଭର ଗୁରୁଜନ ପିଅର ଯେ ମାତେ
ତୁମ୍ଭଙ୍କୁ ଉପେକ୍ଷା କରଇ ମୁଂ ଗଙ୍ଗାର ନିମନ୍ତେ । ୧୩୬ ।
ଗୁରୁଜନଙ୍କର ବଚନ ମେଣ୍ଟିଲେ ପ୍ରିୟ ଭାବେ
ଗଙ୍ଗାୟେ ବିନୋପନ୍ତି ଶାୟେଂତନୁ ରାଜଦେବେ । ୧୩୭ ।
ଯେକ ଦିନେ ଗଙ୍ଗା ପଶିରିଲେ ଶାୟେଂତନୁ ମହାଗ୍ୟାଂତା
ତୁମ୍ଭେ ଯେ ହୋଇଥାଅ ରୁଦ୍ରରେ ଭଗତା । ୧୩୮ ।
ସେ ବିଶ୍ୱାନାଥ କାହିଂ ଅଛନ୍ତି ମୁନି ହେ
ଯେହା ତଦନ୍ତ କରି ମୋତେ କହିବା ସନ୍ଦେହେ । ୧୩୯ ।
ଶାୟେଂତନୁ ବୋଇଲେ ପାତାଳ ଭୁବନେ
ହଟକେଶ୍ୱର କପିଳାସେ ବିଜୟେ ତ୍ରିଲୋଚନେ । ୧୪୦ ।
ପୁଣି ପରମ ସାନନ୍ଦ ଯେ ହୋଇଲେ ଜାହ୍ନବୀ
ପୋଡୁ ଯେହାର ଘର ବାହାର ହୋଇଯିବି । ୧୪୧ ।
ଅନୁବ୍ରତେ ପେଟ ମାଡି ଶୋଇଥାଇ କାନ୍ଦି
ତିନିଦିନେ ଅନ୍ନ ବେଳେକ ନ ଦିଅଇ ରାନ୍ଧି । ୧୪୨ ।
ସନ୍ନିଧେୟ ବସି ସେ ଶାୟେଂତନୁ ମୁନିବର
ଆଶ୍ୱାସନା କରନ୍ତି ଯେ ଗଙ୍ଗାର ଶରୀର । ୧୪୩ ।
କପାଳ ଆଉଂଶି କ୍ଷଣେ ଚରଣ ମଞ୍ଚାଳି
ଗାଢେଣ ଧରି ମୁନି କରନ୍ତି ହାଦେ କେଳି । ୧୪୪ ।
ଗାଢେଣ ଯେତେବେଳେ ଧରନ୍ତି ତପୋବନ୍ତ
କେଶଧରି ମୁନିଙ୍କିସେ ମାଡ ମାରଇ ବହୁତ । ୧୪୫ ।
ମାଥେଣ ମୁଥ ମାରି ପାଦେଣ ପ୍ରହାରଇ
ନଖ ଦନ୍ତ ଘାଟେ ଶରୀର ବିଦାରଇ । ୧୪୬ ।

---

୧୩୬ ।୨ ତୁମ୍ଭଙ୍କୁ ମୁରୁଛି ପାରଇ ଗଙ୍ଗାର ଦେଖନ୍ତେ ।
୧୩୯ ।୨ ଯେହା ସନ୍ଦେହ ଫେଡି କହିବା ମୋତେ ହେ ।
୧୪୨ ।୨ ତିନି ଦିନରେ ଅନ୍ନ ବେଳେ ଦିଅଇ ରାନ୍ଧି ।

୧୩୭ ।୨ ଗଙ୍ଗାୟେ-ଗଙ୍ଗାଙ୍କୁ, ବିନୋପନ୍ତି-ବିନୟୀ ହୁଅନ୍ତି
୧୩୯ ।୨ ସନ୍ଦେହ-ସନ୍ଦେଶ ଅର୍ଥରେ
ଋଷିଙ୍କର ବସନମାନ ଖଣ୍ଡି ଖଣ୍ଡିକରି ପକାଇ ଚିରି
ମାଳି ପୋଥି ବେଦ କରାଣ୍ଡି ବାମ୍ଫିରେ ପକାଇଲା ଲୋଚିକରି । ୧୪୭ ।
ଯେମନ୍ତେ ଅନେକ ଅବସ୍ଥା ମୁନିଙ୍କି ଦେଲେ ଦେବୀ ଗଙ୍ଗା
ଦୁର୍ଧ୍ରଂସ ବୃଦ୍ଧକରି ଗାଳି ଦିଅଇ ଉରଭଙ୍ଗା । ୧୪୮ ।
ଅନେକ ମନ୍ଦ ବୋଲଇ ବହୁତ ଦିଅଇ ଗାଳି
ଶାୟେଂତନୁ ବୋଇଲେ ଗଙ୍ଗାତୁ ଯେତେ ବଡ ଜଞ୍ଜାଳୀ । ୧୪୯ ।
ସଦଘର ଅସଦ ତୁ କରୁ ଅନମିତେ
ସଂସାର ଯାକରେ ଲୋକେ ଅନୀତି ବୋଲନ୍ତି ଗେତେ । ୧୫୦ ।
ପୁରୁଷଙ୍କ ଆଶା ଭଗ୍ନ କରନ୍ତି ଯେବଣ ନାରୀ
ଜନ୍ମେ ଜନ୍ମେ ହୁଅନ୍ତି ସେ ଅତ୍ୟନ୍ତ ପାପାତ୍ମାରୀ । ୧୫୧ ।
ପତିକି ପଢାଉ ତୁ ଆନକୁ ସର୍ବ କହୁ
ସୁପଥ ଛାଡିଣ ତୁ ଅମଡା ପଥ ବହୁ । ୧୫୨ ।
ସୂପକାର କରିଣ ରନ୍ଧନ କରାବନ୍ତି ନିତି
ଆବର ରାନ୍ଧଣା ନ ଯୋଗାଇ ଯେସନେକ ପ୍ରକୃତି । ୧୫୩ ।
ଅନୀତି ପ୍ରକାରେଣ ଲଗାବନ୍ତି କଳି
ରାନ୍ଧଣା ପାଗ ଭାଙ୍ଗଇ ଅନମିତେ ପାଡଇ ବୋବାଳି । ୧୫୪ ।
ସଂସାରେ ତାହାର ନିନ୍ଦା କରନ୍ତି ସକଳେ
ଯେ ବଚନ ଶୁଣି ଗଙ୍ଗା କାନ୍ଦନ୍ତି ବିକଳେ । ୧୫୫ ।
ଋଷିୟେ ବୋଲନ୍ତି ଯେ ରହ ରହ ସଂଘାତ
କିସ ଅର୍ଥେ ଗୋଳ କରୁ ଅନମିତ । ୧୫୬ ।
ଯେହିମତେ ନବ ସହସ୍ର ବରଷ ଗଲା
ସହନ୍ତି ଶାୟେଂତନୁ ତୁକାର ନ ବୋଇଲା । ୧୫୭ । ସଂ

---

୧୪୯ ।୧ ଅନେକ ମନ୍ଦ ଛନ୍ଦେ ଛିଦ୍ରେ ଦିଅଇ ଗାଳି ।
୧୫୨ ।୧ ଗୁଟୁ ପଟଳ ତୁ ସର୍ବଙ୍କୁ ଆନ କହୁ ।
୧୫୩ ।୧ ସୁପକ୍ୱ କରି ରନ୍ଧନ କରାଇ ଯେ ନିତି ।
୧୫୬ ।୨ କିପାଇଂ ଗୋଳ ତୁ ଗୋଳୁ ଅନମିତ୍ତ ।
୧୪୭ ।୨ ବେଦକରାଣ୍ଡି-ବେଦକାଣ୍ଡି, ବେଦକଣ୍ଡିକା ପୋଥି
୧୪୮ ।୨ ଦୁଧଂସ (ଦୁର୍ଧ୍ରଂସ)-ଦୁର୍ଧଷ ଉରଭଙ୍ଗା-ଛାତିଫଟା
୧୫୬ ।୨ ଗୋଳ-ଗୋଳ ।
ଯେସନେକ ଅନେକ କାଳ ସହିଲେ ଶାୟେଂତନୁ ମହାଋଷି
ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବାସୀ । ୧୫୮ ।
ଅନେକ ସାନନ୍ଦ ଯେ ହୋଇଲେ ଶାୟେଂତନୁ
ଯେଘାନ୍ତି ସହିବ ଯେ ଆଶାବତୀର ତନୁ । ୧୫୯ ।
ବନ୍ଦାପନା ଉଷବ ସୁମନ୍ତଙ୍କୁ ପଗାରି
ଦଶମାସ ସଂପୂର୍ଣ୍ଣରେ ହେଲା ଗର୍ଭଭାରି । ୧୬୦ ।
କନ୍ୟା ମାସ ଶୁକ୍ଲପକ୍ଷ ନବମୀର ତିଥି ଶତ୍ତତ୍ତତ୍ତଙ୍କମତ୍ତଟ୍ଟର

ଶ୍ରବଣା ନକ୍ଷତ୍ର ଯେ ବାର ବୃହସ୍ପତି । ୧୬୧ ।
ରାତ୍ର ହୋଇଅଛି ଯେ ପଞ୍ଚଦଶ ଘଡି
ଗଙ୍ଗାର ଗର୍ଭୁଂ ହାଦେ ପୁତ୍ରେକ ଅବତିର । ୧୬୨ ।
ଗଣ୍ଡ ମୂଳ ନକ୍ଷତ୍ର ନାସ୍ତି ଯେ ଶ୍ରବଣା ମକରେ
ପୁତ୍ର ମୁଖ ଚାହିଁବାକୁ ଶାୟେଂତନ୍ଥ ପଶିଲେ ଭିତରେ । ୧୬୩ ।
ସୁବର୍ଣ୍ଣର ପାତ୍ରେଣ ଅର୍ଘ୍ୟେକ ଯେ ଘନି
ଭିତର ପୁରକୁ ଯେ ଗମନ୍ତି ମହାମୁନି । ୧୬୪ ।
ଶାୟେଂତନ୍ଥ ପଶନ୍ତେ ଦେଖିଲା ମାହେଶ୍ୱରୀ
ପୁତ୍ରକୁ ହାଣି ପକାଇଲା ସେ ବେନି ଖଣ୍ଡ କରି । ୧୬୫ ।
ନାରାୟଣ ନାରାୟଣ ସୁମରି ଶାୟେଂତନ୍ଥ
ବିମୁଖେ ବାହାର ହୋଇଲେ ଜାତକ ଭୁବନ୍ଥଂ । ୧୬୬ ।
କୋପେଣ ମହାତ୍ମା ଯେ ବିମୁଖ ହୋଇଲେ
ପଣ୍ଡିତ ଭାବେ ପୁଣ କୋପ ସଂଘରିଲେ । ୧୬୭ ।
ଦଶମାସ ଗର୍ଭରେ ଧଇଲାକ ମାତା
ସେ ଏବେ ମୁର୍ଚ୍ଛି ପାରଇ ତା ଗର୍ଭର ବ୍ୟଥା । ୧୬୮ ।
ଆମ୍ଭର କିସ ହୋଇଲା ବୋଲି ବିଗ୍ରିଲେ
ଏତେକ ବିଗ୍ରି ସେ କିଛିହିଂ ନ ବୋଇଲେ । ୧୬୯ ।
ଆମ୍ଭର କୋପ କଲେ ସେ ବାହାର ହୋଇଯିବ
ଘର ଖଣ୍ଡି ଯେ କରିଅଛୁଂ ସେ ୟେହିକ୍ଷଣି ଭାଙ୍ଜିବ । ୧୭୦ ।

---

୧୫୮ ।୧ ଅନେକ ମାଡ ଗାଳି ସହିଲେ ଶାୟେଂତନ୍ଥ ମହାର୍ଷି
୧୫୯ ।୨ ୟେହାନ୍ତେ ଆଶାବତୀ ଯେ ହୋଇଲାକ ତନ୍ଥ ।
ୟେତେ ବୋଲି ମହାତମା କୋପ ଯେ ସଂଘରି
ଗଙ୍ଗାର ସନ୍ନିଧ୍ୟେଣ ପ୍ରବେଶ ହୋଇଲେ ବାହୁଡି । ୧୭୧ ।
ଅନେକ ମତେଣ ଖଟନ୍ତି ମନର ହିଆଳି
ଋଷିଙ୍କର ସଂଗତେ ସେ ଲଗାଇଲା କଳି । ୧୭୨ ।
ପୁଣି ଶାୟେଂତନ୍ଥଙ୍କୁ ଯାଇତେ ନ ଦିଲା ତାର କତି
କାମ ସଂଘରଣ କରି ମୂର୍ଚ୍ଛିଲେ ବ୍ରହ୍ମପତି । ୧୭୩ ।
ଅନେକ ମତେଣ ସେ ଚାଟୁ ପଟଳ ବୋଲି
ଶୃଙ୍ଗାର ନ ଦେଇ ସେ ଋଷିଙ୍କି ପକାଇଲା ପେଲି । ୧୭୪ ।
ଅସମ୍ଭାଳ ହୋଇଣ ସେ ଚିତ୍ର ଲେଖନ ପିତୁଳୀ
ବିବସନ ହୋଇଣ ତାର ତୁଲେ କଲେ କେଳି । ୧୭୫ ।
ମୁଖରେ ଚୁମ୍ବ୍ରନ ଦେଇ ସେ ରତି କରାଇଲେ ବିଚିତ୍ର ଗତି
ଢଳିଲା ଅମୋହ ରେତ ପଡିଲା ଯାଇଂ କ୍ଷିତି । ୧୭୬ ।
ଋଷିଙ୍କ ଅମୋହ ରେତ ନାଶ ଯେ ନୋହିଲା
ସଇନ୍ଦୁ ଜାତ ହୋଇ ପୁତ୍ରେକ ଉପୁଜିଲା । ୧୭୭ ।
କୋଳ କରି ଶାୟେଂତନ୍ଥ ଧଇଲେ ଆତ୍ମଜ
ସେ ପୁତ୍ର ନାମ ହାଦେ ଦେଲେଟି ବିଚିତ୍ରବୀର୍ଯ୍ୟ । ୧୭୮ ।
ଗଙ୍ଗାକୁ ଲୁଚାଇଣ ନେଲେ ନିଶାରାତି

ଗଙ୍ଗାର ଡରେ ପୁତ୍ରକୁ ସମର୍ପିଲେ ସତ୍ୟବତୀ । ୧୭୯ ।
ବଦୟନ୍ତି ଅଗସ୍ତି ଶୁଣ ଆହୋ ଯୋଗେଶ୍ୱର
ଚିତ୍ରବୀର୍ଯ୍ୟ ବିଚିତ୍ରବୀର୍ଯ୍ୟ ହାଦେ ଅଯୋନି ଅବତାର । ୧୮୦ ।
ପୁଣି ହିଂ ସତସଙ୍ଗ ହୋଇଲେ ସେ ଗଙ୍ଗାର ତୁଲେ
ଆରବେଳେ ଗଙ୍ଗା ଗର୍ଭବତୀ ହୋଇଲେ । ୧୮୧ ।
ଆହୋ ମିଥୁନ ଶୁକ୍ଲପକ୍ଷ ପୂର୍ଣ୍ଣମୀର ରାତିଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଉତ୍ତରାଷାଢା ନକ୍ଷତ୍ରେ ପୁତ୍ରେକ ହୋଇଲେ ଉତପତ୍ତି । ୧୮୨ ।

---

୧୮୧ ।୧ ସମୟେକେ ରତିରଙ୍ଗ ପୁଣି କଲେ ଗଙ୍ଗାର ତୁଲେ ।
୧୮୧ ।୨ ପୁତ୍ରେକ ରହିଲା ଋଷି ସନ୍ତୋଷ ହୋଇଲେ । ।
୧୮୨ ।୧ ସେ ରାତ୍ର ହୋଇଲା ଉତ୍ତରାଷାଢା ମକରରାଶି ।
୧୮୨ ।୨ ୟେମନ୍ତର ସମୟେ ପୁତ୍ରେକ ପରକାଶି ।
ଅର୍କବାର ଉତ୍ତରାଷାଢା ମକର ଯେ ରାଶି
ୟେମନ୍ତ ଯୋଗେଣ ଯେ ପୁତ୍ରେକ ପରକାଶି । ୧୮୩ ।
ପୁତ୍ର ଦେଖିବାକୁ ହରଷ ତପୋନିଷ୍ଠି
ପୁଣି ଗଙ୍ଗା କାଟିଲା ସେ ପୁତ୍ରର ମୁଣ୍ଡଗୋଟି । ୧୮୪ ।
ଦେଖିଣ ଆଶିର୍ଯ୍ୟ ହୋଇଲେ ତପୋଧନୀ
ନାରାୟଣ ନାରାୟଣ ସୁମରି ବାହାର ହୋଇଲେ ମୁନି । ୧୮୫ ।
ଆତ୍ମଜ ନିଧନେ ସେ ବହୁତ ବ୍ୟଥା ପାଇଲେ
କ୍ରୋଧ କରି ଭର୍ଷନା କରିବାକୁ ବିଗ୍ରିଲେ । ୧୮୬ ।
ପୁଣିହିଂ ବିଗ୍ରଲେ ଋଷି ସେ ମାତା ଗର୍ଭଧାରୀ
ଦଶମାସ ଗର୍ଭରେ ଧଇଲା ସେ ଅନକ ଦୁଖେ ପଡି । ୧୮୭ ।
ସେ ଯେବେ ସଂହାଥେ ପୁତ୍ରନ୍ତ ନାଶ କରି
ଆମ୍ଭର କି-ା କୋପ ବୋଲନ୍ତି ତପଗ୍ରୀ । ୧୮୮ ।
ୟେତେ ବୋଲି ମହାତମା ଯେ କୋପ ସଂଘରିଲେ
ପୁଣି ଗଙ୍ଗାକୁ ବହୁତ ସମାର୍ଜନା କରିଣ ବୋଇଲେ । ୧୮୯ ।
ମକର ମାସ କୃଷ୍ଣ ପକ୍ଷ ତିଥି ପ୍ରତିପଦା ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ସୋମବାର ଅଶ୍ଳେଷା ନକ୍ଷତ୍ର ଯୁଗତା । ୧୯୦ ।
ସେ ଦିନ ଋଷିଗଲେ ସମୋଦ୍ର ସ୍ନାହାନେ
ଗଙ୍ଗାକଇଂ ସଙ୍ଗେ ଘନି ଗଲେ ତପୋଧନେ । ୧୯୧ ।
ପାରେଶ୍ୱର ସତ୍ୟବତୀ ଗଲେ ସିନ୍ଧୁ ସ୍ନାହାନକୁ
ସଙ୍ଗେ ଘେନିଗଲେ ଚିତ୍ର ବିଚିତ୍ରବୀର୍ଯ୍ୟକୁ । ୧୯୨ ।
ସମୋଦ୍ରେ ସ୍ନାହାନ ସାରି ଚନ୍ଦ୍ରଭାଗାୟେଣ ପଶି
ବାଳ କୁମରନ୍ତ ଘେନି ସ୍ନାହାନ କରନ୍ତି ପାରେଶ୍ୱର ମହାଋଷି । ୧୯୩ ।

---

୧୮୪ ।୧ ପୁତ୍ର ଦେଖିବାକୁ ବାହାର ତପୋନିଷ୍ଠି
୧୮୮ ।୧ ଆମ୍ଭେ କିନା ବୈରାଗ ମନରେ ବିଗ୍ରି । ।
୧୮୮ ।୨ ଆମ୍ଭେ କୋପ କଲେ କି ପୁତ୍ରକୁ ଜିଆଇଂ ପାରି । ।
୧୯୦ ।୧ ଶୁକ୍ଲପକ୍ଷ ଅଟଇ ପ୍ରତିପଦା ।

୧୯୦ ।୨ ଭୃଗୁବାର ଅଶ୍ଲେଷା ନକ୍ଷତ୍ର ଗଣିତ । ।
୧୮୫ ।୧ ଆଶିର୍ଯ୍ୟ-ଆଶ୍ଚର୍ଯ୍ୟ ୧୮୮ ।୧ ସଂହାଥେ-ସ୍ତ୍ରୀହସ୍ତରେ
୧୯୩ ।୨ ସମୁଦ୍ର ସ୍ଥାନରେ-ସମୋଦ୍ର ପାଠଅଛି । ୧୯୩ ।୨ ପାରେଶ୍ତ୍ରର-ପରାଶର
ୟେମନ୍ତର ସମୟେ ଯାଇ ହୋଇଲେ ଶାୟେଂତନୁ
ଦୁଇ କୁମାର ବାହାର ହୋଇଲେ ଜଳର ଉଦ୍ୟାନୁଂ । ୧୯୪ ।
ବାଭିୟେ ବାଭିୟେ ବୋଲି ଧଇଲେ ଶାୟେଂତନୁଙ୍କ ବେନିପାଦ
ଦେଖିଣ ଧବଲାଙ୍ଗୀ ଯେ ହୋଇଲେ ବିଷାଦ । ୧୯୫ ।
ଗଙ୍ଗା ପଚାରିଲେ ୟେ କାହାର ତନୟେ
ତୁମ୍ଭର ନିଜତନୁ ପ୍ରାୟେକ ଦିଶନ୍ତି ମୁନି ହେ । ୧୯୬ ।
ଡରେଣ ଶାୟେଂତନୁ ବୋଇଲେ ମୋହଇ ଆମ୍ଭର ହିଂ
ନ ପୁଣ ପୁତ୍ର ବୋଲନ୍ତେ ୟେହାନ୍ତ ମାରଇ । ୧୯୭ ।
ୟେତେକ ବିଚାରି ସେ ଚିତ୍ତେଣ ତପୋନିଷ୍ଠି
ରାଗେଣ ଗଙ୍ଗା ବୋଇଲେ ୟେ ତୁମ୍ଭର ପୁତ୍ର ଦୁଇ ଗୋଟି । ୧୯୮ ।
ଶାୟେଂତନୁ ବୋଇଲେ ପାଇବୁ ଆମ୍ଭେ କାହିଂ
ତୋହୋର ତହୁଂ ଆମ୍ଭର ଗୋ ଆନ ଭାରିଯା ତ ନାହିଂ । ୧୯୯ ।
ଶୁଣିଣ କୋପ ଯେ କଲାକ ଧବଳୀ
ଭୂତ ଭବିଷ୍ୟ ଜାଣଇ ସେ ପରମ ନିରାକୁଳୀ । ୨୦୦ ।
ରାଗେଣ ବୋଇଲେ ଶାୟେଂତନୁ ଲୁଚାଇଲୁ ୟେବେ ମୋତେ
ଅପୁତ୍ରିକ ହୋଇ ୟେବେ ମରନ୍ତୁ ତୋହୋର ବେନି ପୁତ୍ରେ । ୨୦୧ ।
ୟେତେକ ଶାପ ଯହୁଂ ଦେଲେ ଧବଳାଙ୍ଗୀ
ପୁତ୍ରନ୍ତ ଘେନି ପାରେଶ୍ତ୍ରର ଚଲିଲେ ତହୁଂ ବେଗି । ୨୦୨ ।
ପ୍ରବେଶ ହୋଇଲେ ଯାଇଂ ଯମପ୍ରଶସ୍ଥ ସ୍ଥାନରେ
ସ୍ନାହାନ ସାରି ଶାୟେଂତନୁ ଅଇଲେ ରାଜ୍ୟରେ । ୨୦୩ ।
ଗଙ୍ଗାର ତୁଲେ ଶାୟେଂତନୁ କଲେ ଯେ ଅନେକ ପୀରତି
ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବତୀ । ୨୦୪ ।
ପ୍ରିୟା ମେଳ ବେଳେ ତାଙ୍କୁ ପଚାରନ୍ତି ତପୋଧନି
ପୁତ୍ରନ୍ତ କିଂପା ନାଶ କରୁରେ ଧବଳବଦନି । ୨୦୫ ।

---

୧୯୭ ।୨ ଆମ୍ଭର ବୋଲନ୍ତେଣ ପୁଣ ଏହାନ୍ତ ମାରଇ ।
୨୯୫ ।୧ ପ୍ରେମରସ ଭୋଳେ ପଚାରନ୍ତି ତପୋଧନି ।
୧୯୪ ।୨ ଉଦ୍ୟାନୁଂ-ଉଦ୍ୟାନୁଁ-ଜଳ ଉଦ୍ଗମରୁ
୧୯୫ ।୧ ବାଭିୟେ-ବାପ, ପିତା ଅର୍ଥରେ ।
୧୯୬ ।୨ ନିଜତନୁ-ନିଜର ପୁତ୍ର, ତନୁ ଅର୍ଥ ପୁତ୍ର ।
ଗଙ୍ଗା ବୋଇଲେ ମୋର ଦୁଷ୍ଟ ଯେ ପ୍ରକୃତି
ପୁତ୍ର ବୋଲି ନାହିଂ ମୋର ସଦୟ ଭାବ ମତି । ୨୦୬ ।
ତୁଳମାସ କୃଷ୍ଣପକ୍ଷ ତୃତୀୟା ଭୋଗ ଚନ୍ଦ୍ରବାର ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ରୋହେଣୀ ନକ୍ଷତ୍ର ବେଳ ଦେଢ ଯେ ପ୍ରହର । ୨୦୭ ।
ପତ୍ରେକ ଉପୁଜିଲା ଗଙ୍ଗାର ଗର୍ଭଗତେ
ଦେଖିବାକୁ ଶାୟେଂତନୁ ପଶିଲେ ପୁତ୍ରର ନିମନ୍ତେ । ୨୦୮ ।

ଋଷିଙ୍କର ଦେଖନ୍ତେ ଗଙ୍ଗା ଘେନିଲେ କରାଞ୍ଚଳୀ
ରହ ରହ ଗଙ୍ଗା ଗୋ ଶାୟେଂତନୁ ବୋଲି । ୨୦୯ ।
ମହା ବଇରାଗେ କରାଞ୍ଚଳୀ ଘେନିଲେ ଗୋସାମଣୀ
କରେ ତୋଳି ଘେନି କୁମରକୁ ପକାଇଲେ ହାଣି । ୨୧୦ ।
ଶିବ ଶିବ ବୋଲି ବାହୁଡିଲେ ତପଚାରୀ
ସତ୍ୟ ଭଗ୍ନ ନିମନ୍ତେଣ କିଛି ବୋଲି ତ ନ ପାରି । ୨୧୧ ।
ପୁଣି ସମୟେକେ ଗଙ୍ଗା ଯେ ହୋଇଲେ ଗର୍ଭବତୀ
ପୁତ୍ରେକ ଉପୁଜିଲା ମଦନ ମୂରତି । ୨୧୨ ।
ଋଷିଙ୍କର ଦେଖନ୍ତେ ସେ କଲାକ ଶିରଛେଦ
ଶାୟେଂତନୁ ବୋଇଲେ ଯେ ତ ବଡ ପରମାଦ । ୨୧୩ ।
ଯେହିମତି ଗଙ୍ଗାର ଛଡ ପୁତ୍ର ଉପୁଜିଲା
ଋଷିଙ୍କର ଦେଖନ୍ତେ ତାହା ସମସ୍ତ ନାଶକଲା । ୨୧୪ ।
ପୁଣି ସମୟେକେ ହୋଇଲା ଗର୍ଭବତୀ
କିଛି ହିଂ ନ ବୋଲନ୍ତି ଶାୟେଂତନୁ ମହାଯତି । ୨୧୫ ।
ଦଶମାସ ଗର୍ଭଭାର ସହି ନ ପାରି କାତ୍ୟାୟନୀ
କୋଳ କରି ସମ୍ବୋଧନା କରନ୍ତି ମହାମୁନି । ୨୧୬ ।
ଗଙ୍ଗା ବିଚାରନ୍ତି ମୁଁ ଅନେକ କଷ୍ଟ ଦେଲି
ଆତ୍ମାରୁ ଜାତ କରି ପୁତ୍ରନ୍ତ ନାଶ କଲି । ୨୧୭ ।

---

୨୦୯ ।ୟ କରାଞ୍ଚଳୀ-ଏକପ୍ରକାର ତରବାରୀ
ବ ଙ୍କଚ୍ଛତ୍ତନ୍ଦ ଚ୍ଛଳ ଙ୍କଦ୍ଧଚ୍ଛତ୍ତଯ-ଖବତ୍ତବନ୍ଦଶଷ ଉଷମନ୍ଦଷଚ୍ଛଚ୍ଚବତ୍ତସ୍ଥ
(ଖଚ୍ଛକ୍ଷରଙ୍କଦ୍ଧଚ୍ଛତ୍ତନ୍ଦଶ)
ଭ୍ରମବଶତଃ ପୋଥିମାନଙ୍କରେ କରଚୂଲୀ ଲେଖାଅଛି ।
ଯେତେକ ଦୋଷେଣ ମୋତେ କୋପ ତ ନ କଲା
ଭ୍ରଚ୍ଛନା ନ କରିଣ ଯେ ଗାଙ୍ଗୀ ନ ବୋଇଲା । ୨୧୮ ।
ଛାଡି ଯାଇ ନ ପାରଇଂ ଯେ ମୁହିଂ ସତ୍ୟବ୍ରତେ
ସତ୍ୟକୁ ଲଘିଂଶ ଯେଥୁଂ ଯିବଇଂ କେମନ୍ତେ । ୨୧୯ ।
ଯେ ଘାନ୍ତି ଯେ ପୁତ୍ର ଗୋଟିକି ଅବଶ୍ୟ ମାରିବି
ଭର୍ଷନା ନ ବୋଇଲେ ଆପଣା ଗୋଟି ମେଲାଇବି । ୨୨୦ ।
ଯେସନେକ ବିଚାରନ୍ତେ ହୋଇଲା ଗର୍ଭଭାରି
ମହାବଳବନ୍ତ ପୁତ୍ର ଭାରା ସହିତ ନୁଆରି । ୨୨୧ ।
ବୋଲଇ ମାହେଶ୍ୱରୀ ଶୁଣିମା ମୁନି ହେ
ବଡ ବଳବନ୍ତା ପୁତ୍ର ଯେ ଘାନ୍ତି ଗୋଟିଯେ ଗର୍ଭେ ରହେ । ୨୨୨ ।
ଋଷି ବୋଇଲେ ବଳବନ୍ତା ହୋଉ କି ସୁନ୍ଦର ହିଂ ହୋଉ
ପ୍ରାପତ ଯେବେ ନୋହଇ ସେ ଜନ୍ମ ହୋଉ କିନା ନୋହୁ । ୨୨୩ ।
ଯେତେ ବୋଲି ବିଚାର କରନ୍ତି ଶାୟେଂତନୁ
ଅଳସ ସୁନ୍ଦରୀ ଦଶମାସ ଯେ ସ-ୂର୍ଣ୍ଣୁଂ । ୨୨୪ ।
ବିଛାମାସ କୃଷ୍ଣପକ୍ଷ ପ୍ରତିପଦା ଦିନେ ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ରୋହିଣୀ ନକ୍ଷତ୍ର ଭୃଗୁବାର ବିଦ୍ୟମାନେ । ୨୨୫ ।

ସିଦ୍ଧି ନାମେ ଯୋଗ ପୁଣି କରଣ ବାଣିଜ୍ୟ
ରାତ୍ର ପାଞ୍ଚ ଦଣ୍ଡରେ ଜନମ ହୋଇଲା ତନୁଜ । ୨୨୬ ।
ପୁତ୍ରର ପ୍ରସବ ଶୁଣି ଗଣନ୍ତି ମହାଋଷି
ଅମୃତ ଯୋଗେ ପୁତ୍ର ଉପୁଜିଲା ରୋହିଣୀ ବୃକ୍ଷରାଶି । ୨୨୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଶୁକ୍ରଙ୍କର ବେଳେ ଉତପତ୍ତି ହୋଇଲାକ ବଲା
ପୃଥୁଳ ସୁସଞ୍ଚ ବତିଶ ଗୁଣେ କଲା । ୨୨୮ ।
ପଞ୍ଚମରେ ଶନିଶ୍ଚର ଚତୁର୍ଥେ ବୃହସ୍ପତି
ରବି ସପତମେ ଚନ୍ଦ୍ରର ଲଗ୍ନରେ ଅଛନ୍ତି । ୨୨୯ ।
ତୃତୀୟେ ରାହୁ ଯେ କେତୁ ଅଛଇ ନବମେ
ମଙ୍ଗଳ ଯେ ୟେକାଦଶେ ଶୁକ୍ରର ହିଂ ନବମେ । ୨୩୦ ।

---

୨୧୮ ।୨ ଭ୍ରରଛନା-ଭର୍ଷନା
ଅଷ୍ଟମେ ବୁଧ ଶୁଭ ଯୋଗେଣ ବସେ
ବାମେଣ ଯୋଗ୍ନୀ Cଶାନ୍ୟ କୋଣେ ବସେ । ୨୩୧ ।
ବତିଶ ପାଦରେ ଅଛଇ ମାହେନ୍ଦ୍ରର ଯୋଗ
ୟେକତ୍ରିଂଶ ପାଦେ ଜନ୍ମ ନାହିଁ ଆରେକ ପାଦେ ଭୋଗ । ୨୩୨ ।
ପାଦେଣ ଯେ ଜାତ ହୋଇଲାକ ବାଳ
ଦେଖିଣ ଜାହ୍ନବୀ ଧଇଲେକ କୋଳ । ୨୩୩ ।
ଶାୟେଂତନୁ ଦେଖି ବୋଇଲେ ୟେ ବଡ ବିଚକ୍ଷଣ ବଲା
ଜଗଜ୍ଜିତା ଯୋଗେଶ୍ୱରର ଚଉଷଠି ଗୁଣେ କଲା । ୨୩୪ ।
ବୋଲନ୍ତି ଜାହ୍ନବୀ ଆସ କି ନା ରାୟେ
ଦେଖା କିନା ମୁନି ହେ ତୁମ୍ଭର ତନୟେ । ୨୩୫ ।
ଶାୟେଂତନୁ ବୋଇଲେ ସେ ଅପ୍ରାପତ ଆମ୍ଭଙ୍କୁ
ଆମ୍ଭର ନ ଦେଖିଲେ ଶୁଝଇ ଆମ୍ଭର ପୁତ୍ରକୁ । ୨୩୬ ।
ଆସ ହୋ ଭଗବନ୍ତ ଦେଖ କି ନା ବଲା
ଦେଖନ୍ତେ ମୁକତ ଅଟଇ ପୁଣ୍ୟଶୀଳା । ୨୩୭ ।
ପୁତ୍ର ଗୋଟି ଉତପତ୍ତି ଗର୍ଭୁଂ ଯେତେବେଳେ
ମୁଖ ଗହାନ୍ତେଣ ମାତା ପିତାର ଜୀବନ ସୁଫଳେ । ୨୩୮ ।
ଦୁତୀୟେଣ ପିତା ତାର ଗହିଂବ ବଦନ
ଜନ୍ମକୁ ଫିଟଇ ତାର ଅପୁତ୍ରିକ ଲକ୍ଷଣ । ୨୩୯ ।
ଜୀଉ ଅବା ମରୁ ଅବା ମନ୍ଦର କରମେ
ପିତା ମୁକତ ହୋଅଇ ଅନେକ ହାଦେ ଧର୍ମେ । ୨୪୦ ।
ୟେତେ ବିଗରି ସେ ପଣ୍ଡିତ ଭାଗ୍ୟବନ୍ତ
ସୁବର୍ଣ୍ଣ ପାତ୍ରେ ଅର୍ଘ୍ୟେକ ଘେନିଲେ ମୁନି ହସ୍ତ । ୨୪୧ ।
ସୁବର୍ଣ୍ଣ ଦୀପେଣ ଗୁଆ ଘୃତ ଯେ ପୂରୋଇ
ନେତର ବଳିତାୟେ ଶ୍ରୀଫଳେକ ଲାଇ । ୨୪୨ ।

---

୨୩୬ ।୨ ଆମ୍ଭନ୍ତ ଦେଖି ନ ଶୁଝଇ ପୁତ୍ରକୁ । ।
୨୩୯ ।୧ ନବତନ ପୁତ୍ରର ଯେ ଗହିଲେ ବଦନ

୨୩୯ ।୨ ଜଗତକୁ ଫିଟଇଟି ଅପୁତ୍ରିକ ଲକ୍ଷଣ ।।
୨୪୦ ।୨ ପିତାକୁ ମୁକତ ହୋଅଇ ଅନେକ ହାବେ ଧର୍ମେ ।।
୨୪୨ ।୨ ନେତ୍ରରୁ ନେତ-ନେତ୍ର-ବଷ, ଶ୍ରୀଫଳ-ନଡିୟା
ଚଳନ୍ତି ମହାତ୍ମା ଯେ ପୁତ୍ର ଦେଖିବାକୁ
ପୁତ୍ର ନ ନିରେଖି ଚଳନ୍ତି ଭିତର ପୁରକୁ । ୨୪୩ ।
ଅନ୍ତୁଡି ଘରେ ଯାଇଂ ବିଜୟେ ସୋମବଂଶୀ
ପୁତ୍ରକୁ ଘେନିଣ ଗଙ୍ଗା ସାଷ୍ଟାମେ ଅଛି ବସି । ୨୪୪ ।
ଦେଖ ଦେଖ ମହାତ୍ମା ୟେ ତୋହୋର ପୁତ୍ର ଗୋଟି
ଅର୍ଘ୍ୟ ଦେଇ ନିରେଖି ଗ୍ରହାନ୍ତି ତପନିଷ୍ଠି । ୨୪୫ ।
କରେଣ ଘେନିଲା ଗଙ୍ଗା ବିଜେ କର୍ଣ୍ଣକଟାରି
ଋଷିଙ୍କର ଦେଖନ୍ତେ ସେ ପୁତ୍ରକୁ ଲୋଡଇ ମାରି । ୨୪୬ ।
ଗଙ୍ଗାର ହାଥ ଯେ ଧଇଲେ ଶାୟେଂତନୁ
ଆଲୋ ଗାଙ୍ଗି କେତେ ପୁତ୍ର ନାଶ କଲୁ କିନୁ । ୨୪୭ ।
ଆଲୋ ଛଡ ପୁତ୍ର ମାଇଲୁ ନ ପୂରିଲା ତୋର ଅଭୀଷ୍ଟି
ଆଲୋ ଆଲୋ ଗାଙ୍ଗି ତୁ ଅଟୁ ବଡ ମନ୍ଦ ନଷ୍ଟି । ୨୪୮ ।
ଯେତେକ ଅଛନ୍ତି ସେ ସଂସାରେ ପୋଖତୀ
ସବୁରି ଅପାଦ ପଡୁ ମୁଣ୍ଡେ ତୋର ନିତି । ୨୪୯ ।
କଟାରି ଘେନି ସେ ଗ୍ରପୋଡେକ ମାରି
ପେଲି ପକାଇ ପୁଅକୁ ଘେନିଲେ ଉଛୁଡି । ୨୫୦ ।
ଗଙ୍ଗା ଉଷତ ହୋଇଲେ ଶାୟେଂତନୁଙ୍କର ବଚନେ
ଆହୋ ସତ୍ୟ ପରିଲା ମୋର ଯାଉଅଛି ମହାମୁନ୍ୟେ । ୨୫୧ ।
ୟେତେକ ବୋଲିବାକୁ ମୁଂ ବାଟ ଗ୍ରହିଂଥିଲି
?ଗାଙ୍ଗି ବୋଲିବା ପାଇଁ ଛଡ ପୁତ୍ର ମାଇଲି । ୨୫୨ ।
ୟେତେ ବୋଲି ଦେବୀ ଯେ ଉଠିଲେ ବହନ
ପୁତ୍ରକୁ ଛାଡି ଗଙ୍ଗା ହୋଇଲେ ତୋଷମନ । ୨୫୩ ।
ଶାୟେଂତନୁ ଉଠି ଧଇଲେ କୋଳ କରି
ସଞ୍ଚୟେ ୟେ ବ୍ରତ ଯେ ପୂରିଲା ତୋହୋରି? ୨୫୪ ।

---

୨୪୭ ।୨ ଆଲୋ ଗାଙ୍ଗି କେତେ ପୁତ୍ରଙ୍କର ପ୍ରାଣ ଘେନୁଂ ।।
୨୫୧ ।୨ ବ୍ରତ ପୂରିଲା ମୋହୋର ଯାଉଅଛି ମହାଶୂନ୍ୟେ ।।
୨୫୨ ।୨ ଗାଙ୍ଗି ନ ବୋଲିବାରୁ ଛଡ ପୁତ୍ର ମାଇଲି ।।
୨୪୬ ।୧ କର୍ଣ୍ଣକଟାରି-ଛୋଟ କଟୁରୀ । ସଂସ୍କୃତ କଟ୍ଟାର ଶବ୍ଦରୁ କଟାରି
୨୪୯ ।୨ ଅପାଦ-ଆପଦ
୨୫୪ ।୨ ସଞ୍ଚୟେ-ନିଶ୍ଚୟେ ସମ ଅବ୍ୟୟ ନି ଅବ୍ୟୟ ଅର୍ଥରେ
ୟେବେ ଯେ ଜାତ କଲୁ ବାଳୁତ ପୁତ୍ର ଗୋଟି
କେମନ୍ତେ ବ୍ରତିବ ୟେ ନ ପାଇଲେ କ୍ଷୀର ଫୁଟି । ୨୫୫ ।
ଲେଉଟିଣ ଗ୍ରହିଁ ସେ ଜାହ୍ନବୀ ବୋଇଲା
ଜୀଇଲେ ଜୀଉଂ ମଲେ ମରୁ ମୋହୋର କିସ ଗଲା । ୨୫୬ ।
ଗାଢେଣ କୋଳ କରି ଧଇଲେ ମହାମୁନି

ରାଗେଣ ପେଲି ପକାଇଲା କାନ୍ତାନୀ । ୨୫୬ ।
ତୁ କିଂପା ମୋତେ ଆବୋରିଣ ଧରୁ
ବ୍ରତ ପୂରିଲା ବାହାର ହୋଇଲି ମୁଁ ତୋର ଘରୁ । ୨୫୮ ।
ସତ୍ୟ ମାନିଥିଲି ଯେତେ ଦିନ ପରିଯନ୍ତେ
ଭୃତ୍ୟ ପଣେ ସେବା ମୁଁ କରିଥିଲି ତୋତେ । ୨୫୯ ।
ଗଙ୍ଗା ବୋଇଲେ ମୁଁ ଥାଇ ଗାଙ୍ଗି ବୋଇଲେ ନ ଥାଇ
ଗାଙ୍ଗି ବୋଇଲୁ ତୁ ଯାଉଛି ମୁଁ ବ୍ରତ ପୂରୋଇ । ୨୬୦ ।
ଯେବେ ମୁଁ ତୋହୋର ଗୁରୁ ତୁ ମୋହୋର ଶିଷି
ଗୁରୁ ପତ୍ନୀ କି କିଂପାଇ ଛୁଇଁଲୁ ମହରଷି । ୨୬୧ ।
କୋପେଣ ବଚନ ବୋଇଲେ ଗଙ୍ଗାଦେବୀ
ମତେ ଯେ ଛୁଇଁଲୁ ତୋତେ ମୁହିଁ ଶାପ ଦେବି । ୨୬୨ ।
ଯେ ପୁତ୍ର ତହୁଁ ଜାତ ହୋଇବ ଯେବଣ ସୁତ
ତୁ ଶାୟେଁତନୁ ଶିରଚ୍ଛେଦ ହୁଅ ତାର ହସ୍ତ । ୨୬୩ ।
ଡରେଣ ଛାଡିଲେ ସେ ଶାୟେଁତନୁ ମହାମୁନି
ଧାତିକାରେ ଜଳେ ସମ୍ଭାଇଲେ ଅନାଦି କାତ୍ୟାୟନୀ । ୨୬୪ ।
ପୁତ୍ର ଗୋଟି ଘେନି ମୁନି ବିସ୍ମୟ ମନ ହୋଇ
ବିଚାରି ବିଚାରି ମୁନି ଯେ ଭୀଷ୍ମ ନାମ ଦେଇ । ୨୬୫ ।
ଜୀଇଲେ ଜୀଉଁ ମଲେ ଅବା ମରୁ ଗଙ୍ଗା ଯେ ବୋଇଲା
ଇଚ୍ଛା ମୃତ୍ୟୁ ବର ସେ ଭୀଷ୍ମଙ୍କର ଯେ ହୋଇଲା । ୨୬୬ ।
ପାରେଶ୍ୱର ଶାୟେଁତନୁ ଭୂରିଶ୍ରବା ତିନି ଭ୍ରାଥେ
ପାରେଶ୍ୱରହୁଁ ବ୍ୟାସେ ହୋଇଲେ ସମ୍ଭୁତେ । ୨୬୭ ।
ଶାୟେଁତନୁର ତହୁଁ ଉପୁଜିଲେ ଚିତ୍ର ବିଚିତ୍ରବୀର୍ଯ୍ୟ
ଭୀଷ୍ମ ହିଁ ଉପୁଜିଲେ ତୃତୀୟ ଆତ୍ମଜ । ୨୬୮ ।
ଶାୟେଁତନୁ ମହାରଷିଙ୍କର ତିନି ଯେ ସନ୍ତତି
ଆଦିହୁଁ କୁରୁବଂଶ ହୋଇଲେ ଯେଥୁଁ ଉତପତ୍ତି । ୨୬୯-୪୫୨ ।

---

୨୫୬ ।୨ ଇଚ୍ଛାୟେ ଜୀଉଁ ଇଚ୍ଛାୟେ ମରୁ ମୋର କିସ ଗଲା । ।
୨୫୮ ।୧ ତୁ କିଂପା ଆବର ମୋତେ ଧରୁ । ।
୨୫୯ ।୧ ସତ୍ୟ ମାନିଥିଲୁ ଯେତେ ଦିନ ପରିଯନ୍ତେ । ।
୨୬୧ ।୧ ଯେବେ ତୁ ମୋହୋର ଶିଷ୍ୟ ଯେ ତୋର ଗୁରୁ ମୁହିଁ । ।
୨୬୧ ।୨ ମୋହୋର ସ୍ୱାମୀ ଯେବେ ହୋ ସଦାଶିବ ଅଟଇ । ।
୨୫୫ ।୨ କ୍ଷୀରଫୁଟି-କ୍ଷୀରଫୁଟାୟେ, କ୍ଷୀର ଟୋପାଏ
୨୫୬ ।୨ କାନ୍ତାନୀ-କାତ୍ୟାୟନୀ ।
୨୬୬ ।୨ ଇଚ୍ଛାୟେ ଜୀଉଁ ଇଚ୍ଛାୟେ ମରୁ ମୋର କିସ ଗଲା । ।
ବିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ବିବାହ
ଭାରଦ୍ୱାଦଶଙ୍କର ନନ୍ଦିନୀ ପଦ୍ମାବତୀ
ବ୍ୟାସ ପ୍ରଦାନ ହୋଇଲେ ସେ କନ୍ୟା ରୂପବନ୍ତୀ । ୧ ।
ପଦ୍ମଦଳ ଦେଶର ରାଜା ପଦ୍ମନାଭ
ପଞ୍ଚଭୂତ ଲୟ କରି ସେ ଖଟଇ ବାସୁଦେବ । ୨ ।

ଦାନେଣ ଅତି ପୁଣ୍ୟ ସେ ମାନେଣ ଚକ୍ରବ୍ରତୀ
ଗ୍ୟାନେଣ ପଣ୍ଡିତ ସେ ସକଳ ହିତେ ବ୍ରତୀ । ୩ ।
ସେ ରାଜାର ରାଜ୍ୟେ ଅଧର୍ମ ନ ପଶି
ଯତ ସତ କ୍ରିୟା ସେ ଯୋଗେଣ ନିର୍ଦ୍ଦୋଷୀ । ୪ ।
ସାଗରେକ ରଥ ବେନି ସାଗରେକ ହାଥୀ ଚ୍ଚନ୍ଧଲଭରତ୍ତ ସାଗରଙ୍ଗଦଶ ପଦ୍ମ, ୧୪ ଶୂନଯୁକ୍ତ ସଂଖ୍ୟା, ୧୦,୦୦୦,୦୦୦,୦୦,୦୦,୦୦୦;
୧୦୧୪
ସାତ ସାଗର ବାଜୀ ତିନିସାଗର ପାରିଦଣ୍ଡ ନୃପତି । ୫ ।
ଅଷ୍ଟାଦଶ କ୍ଷଉଣୀ ଖଟଇଂ ସଇନି ଚ୍ଚନ୍ଧଲଭରତ୍ତ କ୍ଷଉଣୀଙ୍ଗପୃଥ୍ୱୀଙ୍ଗଅକ୍ଷୌହିଣୀର ଅପଭ୍ରଂଶ, ବ୍ରିଗେଡ୍, ଅକ୍ଷଙ୍ଗଗଜାଦିସମୂହ-
ଉହିନୀ, ଚତୁରଙ୍ଗ ସେନାର ପରିମାଣ ବିଶେଷ ।
୧୦୯୩୫୦ ପଦାତି, ୬୫୬୧୦ ଅଶ୍ୱ, ୨୦୮୬୦
ହାତୀ, ୨୧୮୬୦ ରଥ, ମୋଟ
୨,୧୮,୮୦୦ ସୈନ୍ୟ ।
ମହାସ-ଦ ରାଜା ସେ ଅଟଇ ମହାଗ୍ୟାନୀ । ୬ ।

---

୧ ।୨ ବ୍ୟାସ ପ୍ରଦାନ ହୋଇଲେ କନ୍ୟା ରତ୍ନକାନ୍ତି ।।
୨ ।୨ ପଞ୍ଚଭୂତ ଯେକ କରି ସେ ଖଟଇ ବାସୁଦେବ ।।
୪ ।୨ ଯତ ସତ-ଯମ ଓ ସତ୍ୟ, ଅହିଂସାଦିଗୁଣ, ସଂଯମ ।
ପଦ୍ମନାଭ ରାଜା ଯେ ଜଗତେ ବିଖ୍ୟାତି
ବେଦ ଶାହାସ୍ରେ ସେ ଅଟଇଂ ନିର୍ଜିତୀ । ୭ ।
ମନ୍ତ୍ରୀ ଅମନାତ୍ୟ ଯେ ନିରବଧି ଖଟନ୍ତି
ସେ ପଦ୍ମନାଭ ରାଜାର ଶତେକ ସନ୍ତତି ।୮ ।
ଗ୍ରିକନ୍ୟା ତାହା ତହ୍ନଂ ହୋଇଲେ ଉତପତ୍ତି
ସୁରନାଭ, ସଉନାଭ, ବଜ୍ରନାଭ ବୀର
ଯୋଗନାଭ, ବଳନାଭ, ଶୁଦ୍ଧନାଭ ଶୂର । ୯ ।
ଜୟନାଭ, ସମନାଭ, ଗଗନନାଭ ନାମ ଦେବା
ନୀଳନାଭ, ବରୁଣନାଭ, ଅରୁଣନାଭ ପ୍ରଭା । ୧୦ ।
ଯେହିମତେ ପଦ୍ମନାଭର ଅନେକ ସନ୍ତତି
ଭାଗ୍ୟବର ସେବି ସେ ଅଟଇ ମହାଛତ୍ରୀ । ୧୧ ।
ମଳୟ ନୀଳ ବଂଶେ ହୋଇଲେ ଉତପତ୍ତି
ଯେହି ରୂପେ ବଂଶ ତାର ବଡାଇ ବିଖ୍ୟାତି । ୧୨ ।
ତାହାର ତହ୍ନଂ ଉପୁଜିଲା ଗ୍ରି ଯେ କୁମାରୀ
ଅମ୍ବ୍ରା, ଅମ୍ବ୍ରିକା, ଅମ୍ବ୍ରାଳିକା, ଅମ୍ବ୍ରିଳିକା ସୁନ୍ଦରୀ । ୧୩ ।
ଗନ୍ଧର୍ବ ଅଂଶେ ସେ ଅଟନ୍ତି ବିଦ୍ୟାଧରୀ
ତୈଲୋକ୍ୟେ ରୂପେ ତାଙ୍କୁ ନାହିଂ ପଟାନ୍ତରି । ୧୪ ।
ଚିତ୍ର ବିଚିତ୍ର ସେ ଶାୟେଂତନୁଙ୍କର ବଲା
ଅମ୍ବ୍ରିକା ବାଲୀ ଯେ ଚିତ୍ରବୀର୍ଯ୍ୟକୁ ବରିଲା । ୧୫ ।
ବିଭା ଯୋଗେଣ ସେ କରଇ ପ୍ରଦାନ

ମାନିଲା ନୃପତି ସେ ସଂକଲ୍ପ କରି ମନ । ୧୬ ।
ମକର ଶୁକ୍ଲ ଦଶମୀ ରୋହିଣୀ ନକ୍ଷତ୍ରେ
ସୋମବାର ଶୁଭ ଯୋଗ ଧଇଲେ ପଣ୍ଡିତେ । ୧୭ ।

---

୧୪ ।୨ ତ୍ରୈଲୋକ୍ୟରେ ରୂପେ ତାଙ୍କୁ ନାହିଁ ସମସରି । ।
୧୬ ।୨ ପାଳିଲା ନୃପତି ସେ ସଂକଲ୍ପ ବଚନ । ।
୭ ।୨ ନିର୍ଜିତୀ-ପାରଦର୍ଶୀ ।
୮ ।୧ ଅମନାତ୍ୟ-ଅମାତ୍ୟ ।
ସେ ଦିନରେ କଲେକ ସେହୁ ବିଭା ଅନକୂଳ
ଅନେକ ସାନନ୍ଦେଣ କଲେ ଉଷବ ମଙ୍ଗଳ । ୧୮ ।
ଅନେକ ସମ୍ଭର୍ବେଣ ସୋମବଂଶର ନୃପତି
ବରକୁ ଘେନିଣ ଯେ ଚଳନ୍ତି ବରଜାତି । ୧୯ । ଜାତିଙ୍ଗଯାତ୍ରୀ
ଅନେକ ବୀରତୂର ଉଦ୍ଦଣ୍ଡ ପାଟଛତ୍ର
ଚଲାଇ ଚତୁରଙ୍ଗ ସଇନି ଯେ ଗଜ ଅଶ୍ୱ୍ର ପାଦାନ୍ତି ରଥ । ୨୦ ।
ଚଳନ୍ତି ଶାୟେଂତନ୍ଥ ପାରେଶ୍ୱ୍ରର ଭୂରିଶ୍ରବା
ଅନେକ ଦେଶର ଯେ ଚଳିଲେ ରାଜଦେବା । ୨୧ ।
ପ୍ରବେଶ ହୋଇଲେ ଯାଇଂ ପଦ୍ମଦଳ ଦେଶେ
ଚିତ୍ରବୀର୍ଯ୍ୟ କୁମର ବିଜୟ ବରବେଶେ । ୨୨ ।
କାଶ୍ୟପ ଗୋତ୍ରେ ଯେ ପଦ୍ମନାଭ ନରପତି ଏଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ସୋମ ଗୋତ୍ରେଣ ଯେ ଶାୟେଂତନ୍ଥ ମହାଯତି । ୨୩ ।
ସୀଉକାର ବରଣ କଲେ କଉଶିକ ପୁରୋହିତେ
ବିଭାର ସଂଯୋଗ କରନ୍ତି ବେନି କୁଳ ଗୋତ୍ରେ । ୨୪ ।
ଯେସନେକେ ପ୍ରଦାନ କଲେକ କୁମାରୀ
ଅନେକ ଯେ ଯଉତୁକେ ବିଭାଯୋଗ ସାରି । ୨୫ । ଯଚ୍ଛଦ୍ଧତ୍ତସ୍ଥ
ହୋମ କରଣେ ବିଭା ବିଧି ହୋଇଲା ସମାପତ
କୁମାର କୁମାରୀ ପାରଣା କରନ୍ତି ଯେ ଘୃତ । ୨୬ ।
ବିଭା ସାରିଣ ବରକନ୍ୟା ଗଲେ ନିଜ ପୁରେ
ଭୋଜନ ଆଞ୍ଚୋବନ ସାରିଣ ବିଜୟେ ଶୟନ ମନ୍ଦିରେ । ୨୭ ।
ଯେସନେକେ ବରକନ୍ୟା ବିଭାର ସଂଯୋଗେ
ରାଜାମାନେ ଭୋଜନ କଲେ ଅନେକ ସମ୍ଭର୍ବେ । ୨୮ ।

---

୧୮ ।୨ ଅନେକ ସାନେନ୍ଦଣ କଲେ ବିଭାର ମଙ୍ଗଳ
୨୪ ।୨ ବିଭା ସଂଯୋଗ କରନ୍ତି କାଳ ଉଚିତ ଗୋତ୍ରେ । ।
୨୮ ।୧ ଯେସନେକେ ବରକନ୍ୟା ବିଭାର ପ୍ରସଙ୍ଗେ । ।
୨୪ ।୧ କଉଶିକ ପୁରୋହିତେ ସ୍ଥାନରେ କଶ୍ୟପ ପୁରୋହିତେ ପାଠ ଅଛି । ।
୨୭ ।୨ ଆଞ୍ଚୋବନ-ଆଚମନ
ବରକନ୍ୟାକଇଂ ବିଭା କରାଇ ନୃପତି
ଚଳନ୍ତି ସାନନ୍ଦେ ସେ ସୋମବଂଶ ଆଧିପତି । ୨୯ ।
ବିଚିତ୍ରବୀର୍ଯ୍ୟ ବିଭା ପରମ ସାନନ୍ଦେ

ତହାଙ୍କର କନ୍ୟାକୁ ଦିଲାକ ଆନନ୍ଦେ । ୩୦ ।
ଅମ୍ବ୍ରାଳିକା ନାମେ କନ୍ୟା ଅମ୍ବ୍ରିକାଉଂ ସାନ ଯେ ବହେଣୀ
ବିଚିତ୍ରବୀର୍ଯ୍ୟକୁ ପ୍ରଦାନ କଲାକ ନୃପମଣି । ୩୧ ।
କନ୍ୟାନ୍ତ ଘେନି ବାହୁଡିଲେ ଶାୟେଂତନୁ ମହାମୁନ୍ୟେ
ପ୍ରବେଶ ମହାତ୍ମା ଯାଇଂ ଆପଣା ଭୁବନେ । ୩୨-୪୮୪ ।

---

୩୧ ।୧ ବହେଣୀ-ଭଉଣୀ ।
ଭୀଷ୍ମଙ୍କ ବିବାହ ପ୍ରସ୍ତାବ
ବଦନ୍ତି ଅଗସ୍ତି ଶୁଣ ହୋ ଯୁଗପତି
ଚିତ୍ରବୀର୍ଯ୍ୟ ବିଚିତ୍ରବୀର୍ଯ୍ୟ ବିଭାର ଯୁଗତି । ୧ ।
କନ୍ୟାନ୍ତ ଘେନିଣ ଯେ ବିଳସନ୍ତି କୁମରେ
ସନ୍ତାନ ଜାତ ନୋହିଲା ପୁତ୍ରଙ୍କର କୋଳେ । ୨ ।
ଦେଖିଣ ବିରସ ଶାୟେଂତନୁ ମହରଷି
ଗଙ୍ଗାର ଶାପ ମନରେ ଉପଲେସି । ୩ ।
ବିଶେଷେ ମାହେଶ୍ୱରୀ ଆବର ନିଜମାତା
ଗଙ୍ଗାର ଶାପ୍ୟ ସେ ପ୍ରତକ୍ଷେଣ ବିଧାତା । ୪ ।
ମନରେ ବିଗ୍ରି ସେ ଭାଳନ୍ତି ତପନିଷ୍ଠି
କେମନ୍ତେ ପୁତ୍ର ମୋର ମାତା ଶାପ ମେଣ୍ଟି । ୫ ।
ମନେ ମନେ ବିଗ୍ର କରନ୍ତି ତପୋଧନି
ଶାପ ବଞ୍ଚାଇବାକୁ ବୁଦ୍ଧି କରନ୍ତି ମହାଗ୍ୟାନୀ । ୬ ।
ଅନେକ ଯାଗ ଯଜ୍ଞ ମନ୍ତ୍ର ଯେ ବରଣ
ତଥାପି ଗଙ୍ଗାର ଶାପ ନ ଗଲା ମେଣ୍ଟଣ । ୭ ।
ଅପୁତ୍ରିକ ହୋଇଲେ ଚିତ୍ର ବିଚିତ୍ରବୀର୍ଯ୍ୟେ
ସନ୍ତାନ ନୋହିଲା ସେ ବଂଶର ଗ୍ରାହିଜ୍ୟ । ୮ ।

---

୩ ।୧ ଦେଖିଣ ବିଗ୍ରିଲେ ଶାୟେଂତନୁ ମହାରଷି ।
୩ ।୨ ଉପଲେସି-ଉପନ୍ୟାସିରୁ ଉପଲେସି, ଭାବି ।
ବିଗ୍ରନ୍ତି ମହାତମା ସୋମବଂଶ ଆଧିପତି
ଭୀଷ୍ମଙ୍କୁ ରାଇଣ ସେ ମହାରଷି ପଗ୍ରନ୍ତି । ୯ ।
ତୁ ବାବୁ ପ୍ରଦାନ ହୋଅସି କୁମାରୀ
ବଂଶକୁ ରକ୍ଷା କର ସନ୍ତାନ ଜାତ କରି । ୧୦ ।
ଯେତେକ ବିଗ୍ର ସେ କରିଣ ମହରଷି
ଭୀଷ୍ମଙ୍କ ପାଇଁ କନ୍ୟା ସେ ଲୋଡନ୍ତି ସୋମବଂଶୀ । ୧୧ ।
ସେହି ପଦ୍ମଦଳ ଦେଶେ ପଦ୍ମନାଭ ନୃପତି
ଅମ୍ବ୍ରା କନ୍ୟା ବୋଲି ତାର ଆରେକ ଦୋହିତି । ୧୨ ।
ତହାକୁ ସୟମ୍ବ୍ରର ସେ କଲାକ ନୃପମଣି
ଲକ୍ଷେକ ନୃପତି ସେ ବରଣ କରି ଆଣି । ୧୩ । ସଂଖ୍ୟା
ଅନେକ ଉଷବ ସେ କଲାକ ମଳୟାନିଳ
ଆରମ୍ଭେ ମିଳିଲେ ଯାଇଁ ସମସ୍ତ ମହୀପାଳ । ୧୪ ।

ସମସ୍ତ ରାଜାଙ୍କୁ ଦିଅଇ ମଣୋହିଂ
ଅଶ୍ୱ ଗଜଙ୍କୁ ବାରି ଘାସ ଚରଣି ସମସ୍ତ ତୁଲାଇଂ । ୧୫ ।
ଆହୋ ଦ୍ୱାଦଶ ଯୋଜନ ଯେ ଛାୟାର ମଣ୍ଡପ ଚ୍ଚନ୍ଧଲଭରତ୍ତ
ଯେସନେକ ସ-ଦ ଯେ କରିଅଛି ନୃପ । ୧୬ । ସଂଖ୍ୟା
ପୃଥିବୀରୁ ବରି ଆଣିଲେ ଗିରି ଉଣା ଲକ୍ଷେକ ନୃପତି ଚ୍ଚନ୍ଧଲଭରତ୍ତ ୧ ଲକ୍ଷରୁ ୪ କମ୍
ଅନେକ ସମ୍ଭର୍ବେଣ ସେ ବସିଣ ଅଛନ୍ତି । ୧୭ ।
ବଦୟନ୍ତି ଅଗସ୍ତି ଶୁଣ ହୋ ରାଜ ସାଇଁ
ଶାୟେଂନ୍ତନ୍ଥକୁ ଗିରଗଣେ ନିମନ୍ତ୍ରଣ କଲେ ଯାଇଂ । ୧୮ ।
ଅମ୍ତ୍ରାର ସୟମ୍ତ୍ରର ଉଷବ ବୋଲନ୍ତି ନିମନ୍ତ୍ରଣେ
ଭୀଷ୍ମ ବୋଲନ୍ତି ହୋ ଶୁଣ ଗିରଗଣେ । ୧୯ ।
ଆହୋ ବୋଲନ୍ତି ଗାଙ୍ଗେବ ପଦ୍ମଦଳ ମନ୍ଦକଲା
ଦୁଇ ଦୋହିତା ଆମ୍ଭ ଦୁଇ ଭାଇନ୍ତ ଦେଲା । ୨୦ ।
ଆରେକ କନ୍ୟା ଯେବେ ଅଛଇଂ ତାହାର
ଆମ୍ଭଙ୍କୁ ସେ କନ୍ୟା ପ୍ରଦାନ କରୁ ଦଣ୍ଡଧର । ୨୧ ।
ଯେତେକ ବିଗିରି ସେ ଗିରଗଣ ସମସ୍ତେ
ପଦ୍ମଦଳ ଦେଶକୁ ଯେ ବାହୁଡିଲେ ଦୂତେ । ୨୨ ।
ପଦ୍ମନାଭ ରାଜାକୁ କହିଲେ ବେଗେ ଯାଇ ଗିର
ଭୋ ଦେବ ନାଶ ଗଲା ଯେ ତୋହୋର ସୟଂବର । ୨୩ ।
ଆମ୍ଭେ ଅନେକ ଦେଶ ଯେ ନିମନ୍ତ୍ରଣ କରି ଗଲୁଂ
କୁଞ୍ଜଗଳ ଦେଶେ ଯାଇଂ ପ୍ରବେଶ ହୋଇଲୁଂ । ୨୪ ।
ଶାୟେଂତନ୍ଥକୁ ନିମନ୍ତ୍ରଣ କଲୁ ମାଲା ଦେଇ
ଭୀଷ୍ମ ବୋଇଲେ ଆମ୍ଭନ୍ତ କତିରେ ବସାଇ । ୨୫ ।
ଅମ୍ତ୍ରିକା ଅମ୍ତ୍ରାଳିକା କନ୍ୟା ଚିତ୍ର ବିଚିତ୍ରବୀର୍ଯ୍ୟକୁ ଦେଲେ
ଆରେକ କନ୍ୟା ଯେବେ ଅଛି ମୋତେ କି-ାଇଂ ନ ବରିଲେ । ୨୬ ।
ଆହୋ ଗିରଗଣେ ତୁମ୍ଭେ କହ ବେଗେ ଯାଇଂ
ଅମ୍ତ୍ରା କନ୍ୟାକୁ ଭୀଷ୍ମେ ବୋଇଲେ ଆମ୍ଭଙ୍କୁ ଦେବା ପାଇଂ । ୨୭ ।
ଶୁଣିଣ ବିରସ ଯେ ହୋଇଲେ ନୃପତି
ଆଗହୁଂ ନ ଫୁଟରେ ଗୋପ୍ୟ କର ରୀତି । ୨୮ ।
ଲକ୍ଷେ ରାଜା ହାଦେ କରି କଲି ସୟମ୍ତ୍ରର
ଅନେକ ଆରମ୍ଭେଣ ବସିଲେ ନୃପବର । ୨୯ ।
ଆହୋ ଯତନେଣ ଆଣିଲି ମୁଂ ସୟଂମ୍ତ୍ରର ନିମନ୍ତେ
ନାସ୍ତି କଲେ ରାଜାୟେ କି ଜୀଆଂଇବେ ମୋତେ । ୩୦ ।
ଶୁଣିଣ ଗିରଗଣେ ହୋଇଲେକ ମନେ ତୁଷ୍ଟି
ବହନ କରି ଆଣିଲେ ସଭାକୁ କନ୍ୟା ଗୋଟି । ୩୧ ।
ମାଗୋ ରାଜାନ୍ତ ନିମନ୍ତ୍ରିଲି ତୋହୋରି ନିମନ୍ତେ
ବରବେଶ ହୋଇ ଯେବେ ବସିଲେ ନୃପନାଥେ । ୩୨ ।
କନ୍ୟାକଇଂ ଦେଖାବନ୍ତି ସୟମ୍ତ୍ରର ବିଧାନେ
ମାଲା ଦେଇ ବର ଗୋ ଯାହାକୁ ଇଚ୍ଛା ତୋର ମନେ । ୩୩ ।
ଆହୋ ଯେମନ୍ତ ସମୟେ ଭୀଷ୍ମଙ୍କର ଦୂତ
ମନ୍ଥମଥ ସେନାପତି ଘେନିଣ ଶତେକ ରଥ । ୩୪ ।

ସୟମ୍ୱର ସ୍ଥାନେ ଆସି ପ୍ରବେଶ ହୋଇଲେ ମନ୍ଥମଥ
ବୋଲନ୍ତି ଗ୍ରଗଣେ ଆମ୍ଭେ ଭୀଷ୍ମଙ୍କର ଦୂତ । ୩୫ ।
ଯେବଣ କନ୍ୟାକୁ କରୁଅଛ ସୟମ୍ୱର
ସେ ଅବା କନ୍ୟାକୁ ତୁ ଭୀଷ୍ମଙ୍କୁ ପ୍ରଦାନ କର । ୩୬ ।
ପଦ୍ମନାଭ ବୋଇଲେ ସେ ଗାଙ୍ଗେବ ମହାକ୍ଷତ୍ରୀ
ଆଗହ୍ନ ଜାଣିଥିଲେ କି-ଇ ସୟମ୍ୱର କରନ୍ତି । ୩୭ ।
ଦେଖ ଯେବେ ସୟମ୍ୱର କଲଇଂ ଲକ୍ଷେକ ରାଜା ଆଣି
ଯେହା ଭାଙ୍ଗିଣ କି ପାରିବି ଯେହିକ୍ଷିଣି । ୩୮ । ସଂଖ୍ୟା
ମନ୍ଥମଥ ବୋଇଲା ତୁମ୍ଭେ ହୋ ଶୁଣ ରାଜାମାନେ
ତୁମ୍ଭେ ଯେ ଅଇଲ ସୟମ୍ୱର ବିଧାନେ । ୩୯ ।
ଯେ ପଦ୍ମନାଭ ରାଜାର ବେନି ଯେ କୁମାରୀ
ଚିତ୍ର ବିଚିତ୍ରବୀର୍ଯ୍ୟଙ୍କୁ ପ୍ରଦାନ ତାହାଙ୍କରି । ୪୦ ।
ଅମ୍ଭେ କନ୍ୟାକୁ ଭୀଷ୍ମ ଦେବଙ୍କୁ ଦେବା
ଯେ କନ୍ୟାକୁ ପ୍ରଦାନ ହୋଇବେ ଗାଙ୍ଗବା । ୪୧ ।
ତୁମ୍ଭେ ହୋ ବିଚାର ସମସ୍ତ ରାଜାଗଣ
ଭୀଷ୍ମେ ବିଜେ ହାଦେ କରିବେ ଯେହି କ୍ଷଣ । ୪୨ ।
ଯେବେ ହୋ ତୁମ୍ଭେ କରିବ ଅବଗ୍ୟାଂ
ଭୀଷ୍ମଙ୍କର ଛାମୁକୁ ତୁମ୍ଭର କିସ ଯେ ପ୍ରତଗ୍ୟାଂ । ୪୩ ।
ରାଜାଗଣମାନ ଶୁଣି ସମସ୍ତେ ଭୟ କଲେ
ଭୀଷ୍ମଙ୍କର ଆଗତ ଶୁଣି ସେ ସଭାରୁ ଉଠିଲେ । ୪୪ ।
ସମସ୍ତ ରାଜାୟେ ବୋଇଲେ ପଦ୍ମନାଭକୁ ରାଇ
ଆମ୍ଭେ ଯାଉଅଛୁ ଯେ ଯାହା ଭୁବନକଇଂ । ୪୫ ।
ଯେ କନ୍ୟାକୁ ତୁମ୍ଭେ ପ୍ରଦାନ କରସି ହୋ ଭୀଷ୍ମଙ୍କୁ
ଗାଙ୍ଗେବର ଭୟ ଯେ ଲାଗିଲା ଆମ୍ଭଙ୍କୁ । ୪୬ ।
ପଦ୍ମନାଭ ବୋଇଲେ ମୁଂ ଯେ ବରିଲି ତୁମ୍ଭନ୍ତ
ଅବଶ୍ୟ ପ୍ରଦାନ ମୁଂ କରିବି ଦୋହିତ । ୪୭ ।
ରାଜାମାନେ ବୋଇଲେ ହୋ ଯେତେ କାହାର ସାହାସ
ଜଳନ୍ତା ଜୋଇରେ କେହ୍ନ ନେଇଣ ଦେବ ଝାସ । ୪୮ ।
ଯେତେ ବୋଲି ରାଜାଙ୍କୁ ଲାଗିଲା ବଡ ଭୟେ
ସୟମ୍ୱର ଭଗ୍ନ କରି ପଳାଇଲେ ସର୍ବରାୟେ । ୪୯ ।

---

୪୮ ।୨ ଜୋଇ-ଜେୟାତି-ଅଗ୍ନି
ସଭା ଭଗ୍ନ କରି ତହ୍ନଂ ଚଳିଲେ ସମସ୍ତ ନୃପତି
ଅନେକ ଅଭିମାନେ ଗଲେ ଯେ ଯାହାର କ୍ଷିତି । ୫୦ ।
ପଦ୍ମନାଭ ରାଜା ଅନେକ ସାନନ୍ଦ
ଭୀଷ୍ମକୁ କନ୍ୟା ଦେବୀ ବୋଲି ବଡାଇ ଆହ୍ଲାଦ । ୫୧ ।
ଗଙ୍ଗାର ନନ୍ଦନ ଯେବେ ହୋଇବେ ମୋହୋର ଜୁଆଇଂ
ଯେହାଉଂ ଭାଗ୍ୟମୁହିଂ ଆଉ ଅବା ପାଇବଇଂ କାହିଂ । ୫୨ ।
ଦୋହିତାକୁ କୋଳେ ଧରି ବୋଇଲା ପଦ୍ମନାଭ ରାଜନ

ଅନେକ ପୁଣ୍ୟ ଯେ ତୋହୋର ସାଧୁ ସାଧୁ ଜୀବନ । ୫୩ ।
ଗଙ୍ଗାର ନନ୍ଦନ ତୋର ହୋଇବା ହାଦେ ବର
ପଞ୍ଚୁ କଟକରେ ସେ ଅଟଇ ଠାକୁର । ୫୪ ।
ଅମର ବର ପାଇଛି ଯାହାର ମୃତ୍ୟୁ ଇଚ୍ଛା
ଜଗଜ୍ଜିତା ନାଥ ସେ ଅଭୟେ ବର ବାଞ୍ଛା । ୫୫ ।
ଅନେକ ଉଷବ ଯେ କରଇ ନରସାଇଂ
ପରମ ସାନନ୍ଦେଣ ଯେ ଦିଲା ଅନେକ ବଧାଇ । ୫୬ ।
ଯେସନେକ ସମୟେ ଯେ ଜଣାଇଲେ ନରପତି
ମନ୍ମଥ ସେନାପତିକି ରାଇ ସେ ବୋଇଲେ ଚକ୍ରବ୍ରତୀ । ୫୭ ।
ଆହୋ ବହନ ହୋଇ ଯାଇ ତୁ କହ ଶାୟେଂନ୍ତନ୍ଦୁକୁ
ସତ୍ୟ କଲି କନ୍ୟା ମୁଂ ଯେ ଦେବଇ ଭୀଷ୍ମଙ୍କୁ । ୫୮ ।
ପ୍ରତକ୍ଷେ ଦେଖିଲ ହୋ ଭାଞ୍ଜିଲା ସୟମ୍ଭ୍ରର
ଭୀଷ୍ମକୁ ଦେବଇଂ କନ୍ୟା ସତ୍ୟ ସତ୍ୟ ଯେ ମୋହୋର । ୫୯ ।
ଆଗ୍ୟାଂ ପ୍ରମାଣେ ସେ ଗଲାକ ଦୂତପତି
ଭୀଷ୍ମଙ୍କ ଛାମୁରେ ଯାଇଂ ପ୍ରବେଶ ତଡତି । ୬୦ ।
କରପତ୍ର ଯୋଡିଣ ସେ ସେନାପତି କହିଲା
ତୋହୋର ଆଗ୍ୟାଂୟେ ଦେବ ସୟମ୍ଭ୍ରର ଭାଞ୍ଜିଲା । ୬୧ ।
ଅନେକ ସାନନ୍ଦ ରାଜା ହୋଇଲା ତୋହୋର ଯେ ନାମେ
ବହୁତ ହରଷ ହୋଇଲା ରାଜା ତୁମ୍ଭ ଅନୁକର୍ମେ । ୬୨ ।

---

୬୨ ।୨ ଅନୁକର୍ମେ-ଅନୁକ୍ରମେ
ସ୍ତ୍ରୀମୀ ବହନ ଯିବା ଗଲ ସାଜ ୟେବେ ସଇନି
ପ୍ରୋହିତ ହକାରି ବିଭା ଅନକୂଳ ଘେନି । ୬୩ ।
ଅମୃତ ଯୋଗେ ମକର ଶୁକଳ ସପତମୀ ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ସେ ଦିନ ଅନକୂଳ କଲେ କୁରୁରାଜସ୍ତ୍ରୀମୀ । ୬୪ ।
ବାହୁଡାଇ ଗ୍ରଗଣେ ପେଷିଲେ ବେଗେଁ ଦୂତ
ମକର ଶୁକଳ ସପତମୀ ବିଭା ଯୋଗ ଅମୃତ । ୬୫ ।
ଗ୍ରଗଣେ କହିଲେ ଯାଇଂ ପଦ୍ମନାଭରାଜା ଆଗେ
ମଙ୍ଗଳ ଘେନିଲା ରାଜା ତୁମ୍ଭର ଅନକୂଳ ଯୋଗେ । ୬୬ ।
ବରବେଶ ହୋଇଛନ୍ତି ଭୀଷ୍ମ ମହାରଥୀ
ଗଙ୍ଗାଉ ଉଦେ ଯେ ଅନେକ ବିଦ୍ୟା ଭଗତି । ୬୭ ।
ନ ଗ୍ରହିଁ ନ ପଢି ଶିଖିଲ ଅକ୍ଷର ଲେଖନ
ଗୁରୁ ବିହୁନେ ଶିଖିଲେ ଅନେକ ବିଦ୍ୟାମାନ । ୬୮ ।
ମନ୍ତ୍ରେଣ ଶହସ୍ରେଣ ଯେ ହୋଇଲେ ଭଗତି
ଅଣଗୁରୁ ବିଦ୍ୟା ଶିଖିଲେ ଭୀଷ୍ମ ମହାରଥୀ । ୬୯ । ଋରକ୍ଷଳ ନ୍ଦବନ୍ଧବଶନ୍ଦ
ବିଭାଯୋଗ ଘେନି ସେ ସଜ ହୋଅନ୍ତି କୁରୁବୀରେ
ଶୁଭ ମଙ୍ଗଳ ଯୋଗ ଦିଅନ୍ତି ପାରେଶ୍ତ୍ରରେ । ୭୦ ।
ଭୀଷ୍ମ ରୁହାଇଲେ ପ୍ରଶୁରାମଙ୍କ ସହିତେ
ହରିରାମ ନୀଳରାମ ରଘୁରାମ ଗ୍ରିଭ୍ରାଥେ । ୭୧ ।

ବିଶ୍ୱାମିତ୍ର ଆଦିକରି ଅଟନ୍ତି ବ୍ରହ୍ମଗିରୀ
ଯଦୁରାମ ଆଦିକରି ଅଟନ୍ତି ପ୍ରବେଶ ବାରୁଣାବନ୍ତ ପୁରୀ । ୭୨ ।
କାଶୀଶ୍ୱର ରାଜା ଯେ ନିର୍ଝର ଗଣପତି
ଋତୁପର୍ଣ୍ଣ ସଦାନନ୍ଦ ଆବର ଅନେକ ବୀରଚକ୍ରବ୍ରତୀ । ୭୩ ।
ଅରୁଣସେନ ମାଧବସେନ ବିକ୍ରମସେନ ରାୟେ
ବନ୍ଧୁ ଯୋଗେଣ ଯେ ଯାହାର ଦଣ୍ଡଘେନି ଆୟେ । ୭୪ ।
ୟେସନେକ ଦ୍ୱାରେ ବାଜଇ ବୀରତୂର
ଅନେକ ଥାଠ ସଇନି ମହା ଯେ ସମ୍ଭର । ୭୫ ।
ଅନେକ ଅପକ୍ଷରୀ କରନ୍ତି ନୃତ୍ୟ ଗୀତ
ମଙ୍ଗଳ କୟେବାର ତହିଁ କରନ୍ତି ଚଣ୍ଡପୁତ୍ର । ୭୬ ।

---

୭୬ ।୨ କୟେବାର-ସ୍ତୁତି ।
୭୬ ।୨ ଚଣ୍ଡପୁତ୍ର-ସ୍ତୁତିପାଠକ ।
ରଥ କୋଟିୟେ ଯେ ଗଜ ପାଞ୍ଚ ଖର୍ବ
ବାର ପରାଉଧ ଖୁରୁସାଣି ଘୋଖାର ତୁରଙ୍ଗବ । ୭୭ । ସଂଖ୍ୟା ଚ୍ଚନ୍ଧଲଭରତ୍ତ
ଳଚ୍ଛତ୍ତରଷବଚ୍ଚ
ଉଦ୍ଦଣ୍ଡ ପାଟଛତ୍ର ଆଲମ୍ବ୍ର ପାଞ୍ଚଲକ୍ଷି
ଉଭାରିଲେ ଦାଣ୍ଡେ ଯେହ୍ନେ ଦିବସେ ସୂର୍ଯ୍ୟ ନ ଦେଖି । ୭୮ ।
ଟମକ ନିଶାଣ ଢୋଲ ତୁର ଶଙ୍ଖ ନାଦେ
ଅକାଶ ଉଛୁଳଇ ହୋ ଗର୍ଜନ ଶବଦେ । ୭୯ ।
ଲକ୍ଷେକ ଗୋଦୋହନ କରାନ୍ତି ଶିବ ଆଳେ
ବିଷ୍ଣୁ ବରଣେ ତିଲିଲକ୍ଷ ବ୍ରାହ୍ମଣ ଜପନ୍ତି ମନ୍ତ୍ରବଳେ । ୮୦ । ସଂଖ୍ୟା
ଦେବୀଙ୍କି ଅନେକ ହାଦେ ଶୀତଳଦ୍ରବ୍ୟ ପୂଜା
ପୋଢ ମେଷ ଛାଗଳ ଦିଅନ୍ତି ବଳିଭୋଜା । ୮୧ ।
ଗ୍ରହ ଶାନ୍ତି ମନ୍ତ୍ର ତହିଁ ପଢନ୍ତି ଗଣକେ
ଗିରି ଦ୍ୱାରେ ଅନ୍ନଛତ୍ର ଦିଅନ୍ତି ଯେ ଲୋକେ । ୮୨ ।
ମୃଦଙ୍ଗ ତାଳ କଂସାଳ ରସବେଣୀ
ସ୍ୱର୍ଗର ଅପଛରୀ ଭରହର ଗାୟେଣୀ । ୮୩ ।
ଆହୋ ଭିତରେଣ ଦେବପୂଜା ସାରିଣ ଗାଙ୍ଗବେ
ବ୍ରହ୍ମା ବରଣପୂଜା ସାରିଣ ସର୍ବ ଦେବେ । ୮୪ ।
ବରବେଶ ହୋଇଣ ଧବଳାଙ୍ଗୀର ବଲା
ଅନେକ ସ୍ତୁତି ସେ କରନ୍ତି ଦେବୀ ସର୍ବମଙ୍ଗଳା । ୮୫ ।
ନମୋ କାତ୍ୟାୟିନୀ ଗୋ ବିଂଝଗିରିବାସୀ
ଦେବଙ୍କର ତେଜ ଘେନି ଯାହାର ଶରୀର ପରକାଶି । ୮୬ ।
ସହସ୍ରେକ ଭୁଜ ଦେବୀ ତୋର ଅନେକ ଆୟୁଧ
ମାନନୀ ରୂପଧରି ଅସୁର କଲୁ ବଧ । ୮୭ । ସଂ
ଅଭୟ ପିଙ୍ଗଳାକ୍ଷୀ ଗୋ ନାଶକର ଦର୍ପ ଭାଙ୍ଜି
ନବ କୋଟି କାନ୍ତାନୀ ଯାହାର ଶରୀରୁ ଉପୁଜି । ୮୮ । ସଂ

---

୭୭ ।୨ ଖୁରୁସାଣି-ଖୁରାସାଣୀ-ଇରାନ ଦେଶସ୍ଥ ଖୁରୁସାଣୀ ଜିଲା । ଗ୍ୟେଖାର-ତେଜୀୟାନ ଘୋଡା ।
୮୩ ।୧ ରସବେଣୀ-ବାଦ୍ୟ ବିଶେଷ । ୮୩ ।୨ ଭରହର-ଉତ୍କୃଷ୍ଟ ।
ଅଘୋର ରୂପ ଟହଟହ ହାସମୁଖୀ
ଆକାଶ କ୍ଷେପଣୀ ଗୋ ନିଶ୍ଚିନ୍ତ ବେନି ଆଖି ।୮୯ ।
ଡିବି ଡିବି ବାଦ୍ୟ ମା ଗୋ ଶ୍ରୀଭୁଜେ ଡମ୍ଭ୍ରରୁ
ଶମଶାନେ ଭ୍ରମଣୀ ଗୋ ନର ଅସ୍ଥିମାଳା ଉରୁ । ୯୦ ।
ହାଣ ହାଣ ମାର ମାର ଡାକେଶ୍ୱରୀ ଡାକେ ଡୋଲି
ରଣରଙ୍ଗ ମନ୍ଥନୀ ନାଚନ୍ତି କୁତୋହଳୀ । ୯୧ ।
ବିବସନସାହୀ ମା ଗୋ ମତ୍ତ ଯେ ମାତଙ୍ଗୀ
ରସନ ଝଟନ ବିହଡ ଦାଢ ଲାଗି । ୯୨ ।
ଆକାଶେଣ ଦୃଷ୍ଟି ଗୋ ପାତାଳେଣ ଦୃଷ୍ଟି
ବାହାନ ଇଚ୍ଛିଲୁ ମାଗୋ ଗଜରିପୁ ପିଠି । ୯୩ ।
କାଳ କାମ ନିଦ୍ରା ଗୋ ମୋହନୀ କାମସେଣା
ଉଡଙ୍ଗ ମାଳ ହୃଦେ ଗୋ ବାହୁଟି କଙ୍କଣା । ୯୪ ।
ଜଟା କୁଣ୍ଡଳୀ ଗୋ ଭୂଷଣ୍ଡି ଘୁମୁରା
ବକ୍ଷସ୍ଥଳେ ଲୁଳଇ ଯାର ମନ୍ଦାରମାଳା ହାରା । ୯୫ ।
ଚଞ୍ଚପୁଟ ଗ୍ୟଞ୍ଚପୁଟ ନୃତ୍ୟ ରଙ୍ଗେଣ ଭୋଳୀ
ହାକେଣୀ ଡାକେଣୀ ଗୋ ରଣରଙ୍ଗେ କୁତୋହଳୀ । ୯୬ ।
ଚନ୍ଦ୍ରଘଣ୍ଟା ମହାମାୟା ବିଜୟା ବିରୂପା
ଟହ ଟହ ହାସ ଗୋ ମହାପିଙ୍ଗଳା ମହାତପା । ୯୭ ।
ଯୋଗେଣ ଯୋଗେଶ୍ୱରୀ ଗୋ ଜୟତୁ ଜୟ ଗୋସାମଣୀ
ଅପାଦଖଣ୍ଡଣୀ ଗୋ ସୁରଲୋକରକ୍ଷଣୀ । ୯୮ ।
ଶ୍ରୀଚଣ୍ଡୀ ସାରୋଳା ସର୍ବମଙ୍ଗଳା ପରସାଦେ
ଶ୍ରୀ ମହାଭାରଥ ଆଦିପର୍ବ ଶାହାସ୍ର ସଂବାଦେ । ୯୯ । ଟ୍ଟତ୍ତବସ୍ଥଷଚ୍ଚବ ଜବତ୍ତବକ୍ଷବ
ଶ୍ରୀମଙ୍ଗଳା ନାମ ଗୋଟିକି ମୋର ତଲ୍ଲଯେ ଧ୍ୟାୟେ
ଶୂଦ୍ରମୁନି ସାରୋଳା ଦାସକୁ ପ୍ରସନ୍ନ ହୋଅ ମାୟେ । ୧୦୦-୫୮୪ ।

---

୯୦ ଡିବି ଡିବି ଡମ୍ଭ୍ରରୁ ଗୋ ଶ୍ରୀଭୁଜେଣ ବାଜେ
ଖଡଗ ଖପର ତୋହୋର ହସ୍ତରେ ବିରାଜେ ।
୯୩ ।୧ ଆକାଶେଣ ଓଷ୍ଠ ଗୋ ପାତାଳେଣ ଦୃଷ୍ଟି ।
୯୪ ଡଙ୍କାଣୀ କଙ୍କାଳୀ କାମସେନୀ ମୋହିନୀ ଦୁଲଣା
କାଳ କାମ ନିଦ୍ରା ତୁ ମୋହିନୀ କାମସେଣା ।
୯୫ ।୧ କଡା କୁଣ୍ଡଳୀ ଗୋ କଷଣୀ ଘୁମୁରା ।
୯୭ ।୧ ଯମଘଣ୍ଟା ମହାତେଜି ନିରୁଜା ବିରୂପା ।
୯୨ ।୧ ବିବସନସାହୀ-ବିବସନଶାୟୀ । ଶାୟୀରୁ-ସାହୀ ।
୯୨ ।୨ ରସନ-ଜିହ୍ୱା, ଝଟନ-ଝଟକିବା, ବିହଡ-ବିକଟ, ଦାଢ-ଦଂଷ୍ଟ୍ରା-ଦାନ୍ତ
୯୬ ।୧ ଚଞ୍ଚପୁଟ, ଗ୍ୟଞ୍ଚପୁଟ-ନୃତ୍ୟ ବିଶେଷ ।
୯୭ ।୧ ଚନ୍ଦ୍ରଘଣ୍ଟା-ତୃତୀୟଂ ଚନ୍ଦ୍ରଘଣ୍ଟେତି । ଦେବୀଙ୍କ ତୃତୀୟ ନାମ - ଦେବୀକବଚ ।
୯୮ ।୨ ସୁଦୟା କର ମୋତେ ଗୋ ଚଣ୍ଡିକା ନାୟେକାଣୀ ।

ଭୀଷ୍ମଙ୍କ ପ୍ରତିଜ୍ଞା
ଶୁଣ ହୋ ବଇବସୁତ ମନୁ ବଦନ୍ତି ଅଗସ୍ତି
ଦେବୀଙ୍କି ଅନେକ ସ୍ତୁତି କଲେକ ଭୀଷ୍ମ ମହାରଥୀ । ୧ ।
ଅନେକ ବାଞ୍ଛା କରନ୍ତି ଗଙ୍ଗାର ତନୟ ମହାରଥା
ବିଭାକୁ ଅନକୂଳ ଯୋଗ ମୋତେ ଦେବା ଜଗତମାତା । ୨ ।
ଯେ ତୋତେ ଆରାଧନା କରଇ କରୁ ତାକୁ ରକ୍ଷା
ଭଗତଜନମଷଲୀ ଗୋ ପୂରାଅ ମୋର ମନବାଞ୍ଛା । ୩ ।
ଶିରେଣ ରତ୍ନମଣି ଗୋ ମୁକୁଟ ଢଳହଲା
ହୃଦେଣ ଭୂଷଣ କଣ୍ଠେଣ ରତ୍ନମାଲା । ୪ ।
ତାଡ ତୋଢର ସୀମନ୍ଥି ଜଗଦଲା କର୍ଣ୍ଣେ କର୍ଣ୍ଣାଞ୍ଚଳ
ଖେଳନ୍ତା ସିଂହ ଜାଣି ଦିଶଇଂ ଜାହ୍ନବୀର ବାଳ । ୫ ।

---

୪ ।୧ ଯେ ତୋତେ ଆରତେ ଚିନ୍ତନ୍ତି ପୂରାଅ ମନବାଞ୍ଛା ।
୩ ।୨ ଭଗତ ମଷଲୀ ଗୋ ଯାହାର ଯେଉଁ ଇଚ୍ଛା । ମଷଲୀ-ବଷଲୀ ।
୪ ।୨ ହୃଦେଣ ପଦେକ ଗୋ କଣ୍ଠେଣ ବନମାଲା ।
ନୟନେ ଅଞ୍ଜନ ଗୋ ପୟରେଣ ଅଳତା
ନବତନ ବସନ କୁଙ୍କୁମ ଭୂଷଣେ ମନ୍ତ୍ରସୂତା । ୬ ।
ଦଧିମାଛ ଅନକୂଳ ଶୁଭଯୋଗ ଘେନି ଲଷଙ୍କଶ ଷଚ୍ଚ ମନ୍ଧତ୍ତଯ ବଙ୍କ ବନ୍ଧଙ୍କଟ୍ଟଷମଷଚ୍ଛନ୍ଧଙ୍କ
ଗଣିକାଗଣମାନେ ଦିଅନ୍ତି ହୁଳହୁଳି ଧୁନି । ୭ । ତ୍ତରଟ୍ଟରନ୍ଦଷନ୍ଦଷବ୍ଦର, ଚ୍ଚବସ୍ଥ
ଗଣବ୍ଦଙ୍କଗଣିକା ପୁରୁଷ?
ବେନି ଲକ୍ଷ ଗ୍ମର ଢାଳନ୍ତି ସନ୍ନିଧାନେ
ବିଜୟେ ଗାଙ୍ଗେବ ଯାଇଂ ଶାୟେଂତନୁଙ୍କ ବିଦ୍ୟମାନେ । ୮ । ସଂଖ୍ୟା
ପାଦେଣ ପାଦ ଅର୍ଘ୍ୟ ଦେଇଣ ପରିଣାମି
ବିଭା କାର୍ଯ୍ୟକୁ ବିଜୟେ କରିବା ଦେବ ସ୍ତ୍ରାମୀ । ୯ ।
ଦଧିବାମନ ସୁମରି ଅନକୂଳ କରିବା
ପଦ୍ମନାଭ ରାଜ୍ୟକୁ ଦେବ ବିଜେ କରି ଯିବା । ୧୦ ।
ଭୀଷ୍ମଙ୍କ ମୁଖରୁ ଯେସନେକ ବାକ୍ୟ ଶୁଣି
ଶାୟେଂତନୁ ଥମ୍ଭ୍ରୀଭୂତ ପୂର୍ବ ବେବସ୍ଥାୟେ ଜାଣି । ୧୧ ।
ହେଠମାଥ ହୋଇ ବସିଲେ ତପନିଷ୍ଠି
ବେନି ଲୋଚନରୁ ହୋଇଲା ଅଶ୍ରୁଜଳ ବୃଷ୍ଟି । ୧୨ ।
ପିତାର କ୍ରୋଧ ଦେଖି ପଚ୍ଚାରନ୍ତି ମହାରଥୀ
ସାନନ୍ଦେଣ ଅଶ୍ରୁଜଳ କି ବିଷାଦେଣ ପିତା ମତି ? ୧୩ ।
ଶାୟେଂତନୁ ବୋଇଲେ ଭୀଷ୍ମଙ୍କ ମୁଖ ଚାହିଁ
ବାବୁ ଆନନ୍ଦ ହୋଇଲି ତୋହୋର ବୋଲ ପାଇ । ୧୪ ।
ପୁଣ ବିଷାଦ ହୋଇଲି ବାବୁ ମୁଂ ପୂର୍ବର କଥା ମଣି
ଚକ୍ଷୁକେ ଆନନ୍ଦ ଚକ୍ଷୁକେ ବିଷାଦ ସେ ବହଇ ପାଣି । ୧୫ ।
ଭୀଷ୍ମ ବୋଇଲେ ଆନନ୍ଦ ହୋଇଲ ମୋତେ ଦେଖି
ବିଷାଦ ସ୍ଥାନ କେହୁ ସ୍ତ୍ରାମୀ କହ ଉପଲେଖି । ୧୬ ।

---

୬ ।୨ ନବତନ ବସନ ପତନୀ ଭୁଜେ ମଙ୍ଗଳ ସୂତା । ପାଠାନ୍ତର ମାନ
୬ ।୨ ନବତନ ବସନ ପିନ୍ଧା କାନ୍ଧେଣ ପବିତ୍ର ସୂତା । ପାଠାନ୍ତର ମାନ
୬ ।୨ ନବତମ ବସନ ଶୋଭା ଭୁଜେଣ ମନ୍ତ୍ର ସୂତା । ପାଠାନ୍ତର ମାନ
୮ ।୨ ଡାକନ୍ତି ଚଣ୍ଡପୁତ୍ର କୟେବାର ବିଧାନ ।
୧୩ ।୨ ଆନନ୍ଦେଣ ଅଶ୍ରୁଜଳ କି ବିଷାଦେଣ କ୍ରୋଧମତି ।
୧୬ ।୨ ବିଷାଦ ହୋଇଲେ କିଂପା ଆନେ ଧଉର୍ଯ୍ୟ ଉପେକ୍ଷି ।
୧୩ ।୧ କ୍ରୋଧ-ଶୋକ ୧୬-୨-ଉପଲେଖି-ଉପନ୍ୟାସି-ଯଥାର୍ଥତଃ ଭାବି
ଶାୟେଁତନୁ ବୋଇଲେ ବାବୁ ତୋହୋର ମାତା ଗାଙ୍ଗୀ
ତୋତେ ନାଶ କରନ୍ତେ ଆମ୍ଭେ ହୋଇଲୁ ବଇରାଗୀ । ୧୭ ।
ରାଗେଣ ତାହାଙ୍କୁ ଆମ୍ଭେ ବୋଇଲୁ ଭର୍ତ୍ସନା
ନ ସହି ଚଳି ଯାନ୍ତେ ଅନାଦି ଅପର୍ଣ୍ଣା । ୧୮ ।
ଆମ୍ଭେ ଯାଇ ଗଙ୍ଗାକୁ ଧଇଲୁ କୋଳ କରି
ପ୍ରସବ କରି ଗଙ୍ଗା କି- ପୁଅନ୍ତ ପକାଇଲୁ ମାରି । ୧୯ ।
ଗଙ୍ଗା ବୋଇଲା ମୁଁ ତୋହୋର ପରମ ଗୁରୁ
ବରତ ପୂରିଲା ମୋର କିଂପାଇ ମୋତେ ଧରୁ । ୨୦ ।
କୋପେଣ ଶାପ ମୋତେ ଦେଲେକ ଧବଳୀ
ଯେ ପୁତ୍ରର ବୀର୍ଯ୍ୟେ ପୁତ୍ର ଉପୁଜିଲେ ତୁ ହୋଇବୁ ବିଷାବଳି । ୨୧ ।
ବାବୁ ତୁ ଯେବେ ବିଭାରେ ହୋଇବୁ ନନ୍ଦନ
ଅବଶ୍ୟ ପୁତ୍ର ଯେ ତୋହୋର ହୋଇବ ଉତପନ୍ନ । ୨୨ ।
ବାବୁ ତୋହୋର ମାତା ଯେ ଶାପ ଦେଇଅଛି ମୋତେ
ଅବଶ୍ୟ ଶିର ଛେଦନ ହୋଇବି ତୋହୋର ପୁତ୍ରଙ୍କର ହାଥେ । ୨୩ ।
ପିତାର ବଚନ ଶୁଣି ଭୀଷ୍ମ ଯେ ମୁରାଟ
ଧାତିକାରେ କାଢି ପକାଇଲେ ମଥାରୁ ମୁକୁଟ । ୨୪ ।
ଛାଡିଲେ ବର ବେଶ ବସିଲେ ଭୀଷ୍ମ ମହତମା
ବାଦ୍ୟମାନ ରୁହାଇଲେ ବିଷାଦ ସର୍ବ ଆତ୍ମା । ୨୫ ।
ପ୍ରଶୁରାମ ବୋଇଲେ ଭୀଷ୍ମ କିଂପାଇ ବିରସିଲୁ
ବରବେଶ ତେଜି କି-ା ମୁକୁଟ ଫେଇଲୁ । ୨୬ ।
ଭୀଷ୍ମେ ବୋଇଲେ ତୁମ୍ଭେ ଶୁଣ ରାଜଦେବେ
ମୋହୋର କିସ ବିଭା ଯେ ପିତାର ଅଭାବେ । ୨୭ ।
ଅନେକ ବାଗେ ପିତା ଅର୍ଜଇ ହାଦେ ପୁତ୍ର
ପୁତ୍ରବାଞ୍ଛା କରଇ ଯେ ବଂଶରକ୍ଷା ହୋଇବା ନିମନ୍ତ । ୨୮ ।

---

୨୧ ।୨ ଯେ ପୁତ୍ରର ପୁତ୍ର ହାଥେ ତୁ ହୋଇବୁ ବିଷାବଳି ।
୨୪ ।୧ ମୁରାଟ-ତେଜୀୟାନ ।
ମୋହୋର ପୁତ୍ର ହୋଇଲେ ଯେବେ ପିତା ନାଶ ଯିବ
ସେ ବିଭାରେ ହାଦେ ମୋର କିସ ଧର୍ମ ଉପୁଜିବ । ୨୯ ।
ପୁତ୍ର ସେ ରକ୍ଷା ଯେ କରଇ ନିଜ ବଂଶ
ମୋହୋର ପୁତ୍ରରେ ଯେବେ ଶାୟେଁତନୁ ପ୍ରାୟେ ପିତା ଯିବେ ନାଶ । ୩୦ ।
ଆବର ବିଭାୟେଣ ମୋର କିସ ପିରୋଜନ

ଛାଡିଲି ମାୟା ମୋହ ନୋହୁ ଯେ ସନ୍ତାନ । ୩୧ ।
ଡାହାଣାବ୍ରତେକ ଶଙ୍ଖେ ଜଳତିଳ ଲାଇ
ଦାରା ସଂଘରିଲେ ଭୀଷ୍ମେ ସଂକଳ୍ପ କରାଇ । ୩୨ ।
ଶରୀରେ ଆୟୁଷ ଥାଇଂ ମୋହୋର ଯେତେକାଳ ପରିଯନ୍ତେ
ସତ୍ୟ ସତ୍ୟ ତିନିବାର ସତ୍ୟ ଅଲଘିଂତ ନିୟମ ଅଛି ମୋତେ । ୩୩ ।
ନୋହୁ ନୋହୁ ଭାରିଯା ପୁତ୍ରର ସନ୍ତାନହିଂ ପଛେ ନୋହୁ
ଯେମନ୍ତେ ଶାୟେଂତନୁ ମୋର ଚିରଆୟୁ ରହୁ । ୩୪ ।
ଉପେଖିଲେ କାମ ମୋହ ସଂଘରଣ କଲେ ଦାରା
ଯାବତ ଉଦୟେ ହୋଇବେ ଚନ୍ଦ୍ରର ଦିବାକରା । ୩୫ ।
ତୋହୋର ଯେତେ ବିରସ ମୋହୋର ବିଭା ଶୁଣି
ପରମ ଯୋଗୀ ପୁରୁଷ ସେ ଭୀଷ୍ମ କ୍ଷତ୍ରି ଚୂଡାମଣି । ୩୬ ।
ସାଗ୍ରେ ସାଗ୍ରେ ବାରତା ଶୁଭଇ ପଦ୍ମଦଳ ଦେଶେ
ଭୀଷ୍ମେ ବିଜେକରି ଆସୁଅଛନ୍ତି ବର ବେଶେ । ୩୭ ।
ବରଣ କାଳେ ଯେତେ ଯୁବତୀ ଜନେ ଆସି
ଅମ୍ତ୍ରା କନ୍ୟାର ଆଗରେ ସମସ୍ତେ ପରଶଂସି । ୩୮ ।
ଧନ୍ୟ ଧନ୍ୟ ତୁ ପୁଣ୍ୟ କରିଥିଲୁ ଗୋ ଆୟି
ଗଙ୍ଗାର ନନ୍ଦନ ଭୀଷ୍ମେ ହୋଇବେ ତୋହୋର ଗୋ ସାଇଂ । ୩୯ ।

---

୨୯ ।୧ ବିଭାୟେଣ କିସ ମୋର ପଉରୋଷ ।
୨୯ ।୨ ମୋହୋର ପୁତ୍ରର ହସ୍ତେ ଯେବେ ପିତା ହେବେ ପ୍ରାଣ ନାଶ ।
୩୪ ।୨ ସ୍ତ୍ରୀଚ୍ଛେ ପିତା ସାୟେଂତନୁ ମୋର ଚିରଜୀବୀ ଥାଉ ।
୩୫ ।୨ ଯାବତ ରହିଥିବେ ଯେ ଚନ୍ଦ୍ରର ଦିବାକରା ।
୩୭ ।୧ ସଂଗେ ସଂଗେ ଶବଦ ଶୁଭଇ ପଦ୍ମଦଳ ଦେଶେ । ସାଜ ସାଜ ମଧ୍ୟ ପାଠାନ୍ତର
୩୫ ।୧ ସଂଘରଣ-ସଂହରଣ, ହ ସ୍ଥାନରେ ଘ ।
୩୭ ।୧ ସାଗ୍ରେ ସାଗ୍ରେ-ଏକାଠି ଲାଗିପଡ । ୩୯ ।୨ ସାଇଂ-ସ୍ତ୍ରୀମୀ
ପିତା ମାତା ତୋର ସାର୍ଥୁକ, ଜୀବନ ତୋର ଧନି
ଶୁଭକ୍ଷଣେ ଉପୁଜିଲୁ ଅମୃତ ଯୋଗ ଘେନି । ୪୦ ।
ଅନେକ ସାନନ୍ଦେ ଯେ ଉଷବ ରାୟେ କରି
ଭୋଜନ ଯୋଗାଡ ଯଉତୁକ ସମ୍ଭାର ଆଦିକରି । ୪୧ ।
ରଥ ଗଜ ଅଶ୍ତ୍ର ପାଦାନ୍ତି ଘେନି ଅନେକ କୋଟି
ସମ୍ଭରେ ପଦ୍ମନାଭ ରାଜା ଆସଇ ପାଛୋଟି । ୪୨ ।
ଦଣ୍ଡ ଘେନି ରାଜା ଆସଇ ପୃଥିବୀ ପୂରନ୍ତେ
ତ୍ରିପୁରା ନଦୀର ଯେ ଉତ୍ତର ତଟାନ୍ତେ । ୪୩ ।
ଭୀଷ୍ମଙ୍କର ତହିଂକି ଯେଉଁ ଦୂତେ ଯାଇଥିଲେ
ବାହୁଡି ବିସ୍ମୟ ହୋଇଣ ଆସି ପଦ୍ମନାଭକୁ କହିଲେ । ୪୪ ।
ଭୋ ସ୍ତ୍ରୀମି ଭୀଷ୍ମ ମହାରଥୀ ବିଭାହୋଇ ଆସୁଥିଲେ
ଆସନ୍ତେଣ ପିତା ଶାୟେଂତନୁ ନିରୋଧିଲେ । ୪୫ ।
ଯୋଗାଡ ମାନନ୍ତ ଠାବେ ଠାବେ ରୁହାଇଲେ
ବରଜାତି ଲୋକମାନେ ସବୁ ବାହୁଡିଣ ଗଲେ । ୪୬ ।

ପଦ୍ମନାଭ ବୋଇଲେ ମୁଁ କେବଣ ପାପ ଦୋଷୀ
କି-ାଇଁ ନିରୋଧ କଲେ ଶାୟେଁତନୁ ମହରଷି । ୪୭ ।
ବାହୁଡଇ ନରନାଥ ଆପଣା ନିଜ ପୁରୀ
ଗ୍ରଗଣ ବଚନକୁ କେବେହେଁ ସଂପ୍ରତେ ନ କରି । ୪୮ ।
ସେ ଦିନକଇଁ ବାଟ ଗ୍ରହିଁ ରହିଲା ନରପତି
ସେ ଯୋଗାଡ ମାନ ସବୁ ବିନ୍ୟାସିଲେ ବରଜାତି । ୪୯ ।
ଦିନା ଗ୍ରି ବାଟ ଗ୍ରହିଁ ରାଜା ବିମୁଖ ହୋଇଲା
ଜଉନାଭ ବୋଲି ତାର ପୁତ୍ରକୁ ବରଗିଲା । ୫୦ ।
ୟେଥିର ତଦନ୍ତ ବାବୁ ବୁଝସିରେ ଯାଇଁ
ଭୀଷ୍ମେ ବିଭା ହୋଇ ନ ଅଇଲେ କିସ ପାଇଁ । ୫୧ ।
ରାଜାର ବଚନେ ତହୁଁ ଗଲେ ବେନି ପୁତ୍ରେ
ସପତ ଦିନେ ପ୍ରବେଶ ହୋଇଲେ ବାରୁଣାବନ୍ତେ । ୫୨ ।

---

୪୩ ।୧ ଦଣ୍ଡଘେନି ରାଜା ଆସନ୍ତେ ପୃଥିବୀ ପୂରଇ
୪୩ ।୨ ତିନିପୁର ଲୋକେ ଦେଖି ତାଟଙ୍ଗା ଯେ ହୋଇ । ।
ଶାୟେଁତନୁଙ୍କୁ ପ୍ରଣପତ୍ୟ ଜଉନାଭ ସଉନାଭ
ସ୍ତ୍ରୀ ବିଭା ହୋଇ କିଂପା ନ ଗଲେ ଭୀଷ୍ମଦେବ । ୫୩ ।
ଶାୟେଁତନୁ ବୋଇଲେ ସେ ଦାରା ସଂଘରିଲା
ଆମ୍ଭର ନିମନ୍ତେ ସେ ବିଭା ଯେ ନୋହିଲା । ୫୪ ।
ତୁମ୍ଭେ ଆବର ଭୀଷ୍ମକୁ ନ କରିବ ବାବୁ ଆଶ
ଆନକୁ ପ୍ରଦାନ କର ଯାଅ ହୋଇଣ ନିରାଶ । ୫୫ ।
ଭୀଷ୍ମଙ୍କୁ ରାଇ ଆଣିଲେ ପିତା, ତାହାଙ୍କର କତି
ବାବୁ ପଦ୍ମନାଭ ରାଜା ପଠିଆଇଲା ପୁତ୍ର ଯେ ଦୁହିନ୍ତି । ୫୬ ।
କନ୍ୟା ଗୋଟିକି ବାବୁ ତୁ ହୁଅସି ପ୍ରଦାନ
ସନ୍ତାନ ନଥିଲେ ତୁଟଇ ଧର୍ମମାନ । ୫୭ ।
ଭୀଷ୍ମେ ବୋଇଲେ ଆବର ହୋଅଇ କି ସେ କଥା
ମୋହୋରେ ନାଶ ଯିବ କି ତୋହୋର ପ୍ରାୟେ ପିତା । ୫୮ ।
ଅନେକ ଜଣାବନ୍ତେ ନାସ୍ତିହିଁ ସେହୁ କଲେ
ରାଜାର ବେନି ପୁତ୍ରେ ବାହୁଡିଣ ଗଲେ । ୫୯ ।
ଆପଣା ରାଜ୍ୟରେ ସେ ହୋଇଲେ ପରବେଶ
ପିତାଙ୍କୁ ବାରତା କହିଲେ ତାତ ଛାଡସି ଭୀଷ୍ମଙ୍କର ଆଶ । ୬୦ ।
ପିତାର ନିମନ୍ତେ ସେ ସଂଘରିଲେ ଦାରା
ସଂକଲ୍ପ କରିଣ ସେ ଛାଡିଲେ ମହାବୀରା । ୬୧ ।
ପୁତ୍ରଙ୍କର ମୁଖରୁ ୟେସନେକ ବାଣୀ ଶୁଣି
ବିଗ୍ରି ବୋଇଲା ସେ ପଦ୍ମନାବ ନୃପମଣି । ୬୨-୬୪୬ ।

---

୫୪ ।୨ ଆମ୍ଭର ନିମନ୍ତେ ବାଭିୟେ ବିଭା ସେ ନୋହିଲା ।
୫୭ ।୨ ସନ୍ତାନ ନଥିଲେ ନ ଗଛଇ ଧର୍ମମାନ ।
୫୯ ।୧ ଅନେକ ମତେ ମନାଇ କହିଲେ, ନାସ୍ତି ସେହୁ କଲେ ।

୫୮ ।୨ ମୋହୋରେ-ମୋଦ୍ଧ୍ୱାରା । ୬୧ ।୧ ସଂଘରିଲେ-ସଂହରିଲେ-ଛାଡିଲେ
ଅମ୍ବ୍ରା ଉପାଖ୍ୟାନ
(ଅମ୍ବ୍ରାଙ୍କ ନିମନ୍ତେ ଶାଲ୍ୱ ନୃପତି ବରଣ)
ବାବୁ ଅମ୍ବ୍ରା କନ୍ୟାକୁ ଶାଲ୍ବ ମାଗୁଥିଲା ପୂର୍ବେ
ମୁହିଁ ତାହାକୁ ନାସ୍ତି କଲି ମତ୍ତଗର୍ବେ । ୧ ।
ସୟମ୍ବ୍ରର କରିଥିଲି ତାହା ଭୀଷ୍ମ ନାଶ କଲା
କାଳେ ଦୁହିତାକୁ ମୋର ପ୍ରଦାନ ନୋହିଲା । ୨ ।
ବାବୁ ଅଞ୍ଜନସେନ ନାମେ ଅଟଇ ତାର ମନ୍ତ୍ରୀ
ଶାଲ୍ବର ତହିଁକି ତାକୁ ପଠିଆଇଲା ଭୂଅପତି । ୩ ।
ଶାଲ୍ବକଇଁ ମାଳା ଦେଇ ବରିଆସ ଯା ବହନ କରି
ତାହାକଇ ପ୍ରଦାନ କରିବି ଯେ ମୋହୋର ଯୋଗେଶ୍ୱରୀ । ୪ ।
ରାଜାର ବଚନେ ଚଳିଲା ମନ୍ତ୍ରୀବର
ଶାଲ୍ବର ଦେଶେଣ ଯେ ପ୍ରବେଶ ସତ୍ୱର । ୫ ।
ଶାଲ୍ବକୁ ଜଣାଇଁ ଯାଇଁ କଲାକ ଦର୍ଶନ
କହିଲାକ ମନ୍ତ୍ରୀବର ସକଳ ବିଧାନ । ୬ ।
ତୁ ଯହ୍ନଁ ଆଗହ୍ନଁ କୁମାରୀକୁ ମାଗୁଥିଲୁ ରାଯେ
ପଦ୍ମନାଭ ନୃପତି ତୋତେ ଦେବ ଦୁହିତା ଗୋଟିଯେ । ୭ ।
ଶାଲ୍ବ ବୋଇଲା ଯେ ଅମ୍ବ୍ରେ କନ୍ୟାବାଳୀ
ସେହି ସେ ଅଟଇ ମୋର ମନର ହିଆଳି । ୮ ।
ମନ୍ତ୍ରୀ ବୋଇଲା ସେହି ସେ ହୋଅଇ ଯୁଗତେ
ଅମ୍ବ୍ରାନାମେ କନ୍ୟାହିଁ ସେ ତୋତେ ଦେବଇଁ ଯଥାର୍ଥେ । ୯ ।
ଶୁଣିଣ ସାନନ୍ଦ ସେ ହୋଇଲା ମହୀପତି
ମାଳା ଦେଇଁ ବରିଲା ସେ ପଦ୍ମନାଭର ମନ୍ତ୍ରୀ । ୧୦ ।
ବୃଷ ଶୁକଳ ତ୍ରୟୋଦଶୀ ଶୁକ୍ରବାର ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଅନୁରାଧା ନକ୍ଷତ୍ର ହାଦେ ଭୋଗ ସେ ଦିନର । ୧୧ ।
ସମଦଣ୍ଡ ଘେନି ତୋହୋର ଯିବୁଟି ଦଣ୍ଡସାଇଁ
ଶାଲ୍ବ ଅନେକ ଗଉରବ କଲା ହରଷ ହୋଇ । ୧୨ ।
ପଦ୍ମନାଭ ନୃପତି ଯେବେ ମୋତେ ଦେବଟି ଦୋହିତ
ଯେହାଉଁ ମୁହିଁ ଆନ କି ଲୋଡିବି ପୁଣ୍ୟ ଅର୍ଥ । ୧୩ ।
ବର ବରିଣ ଅଇଲା ସେ ପଦ୍ମନାଭ ମନ୍ତ୍ରୀ
ଅନେକ ଉଷବ ତହିଁ କଲେକ ନୃପତି । ୧୪ ।

---

୩ ।୨ ଶାଲ୍ବର ତହିଁକି ପେଷିଲାକ ତତତି ।
୧୩ ।୨ ଯେହାଉଁ ଆବର କିସ ହୋଇବ ପୁରୁଷାର୍ଥ । ୩-୨ ଭୁଅପତି-ଭୁପତି-ରାଜା
ଅମ୍ବ୍ରା କନ୍ୟାର ନିମନ୍ତେ ରାଯେ ପଦ୍ମନାଭ
ପୁଣି ହିଁ ବିଭା ଯୋଗାଡ କଲାକ ସମ୍ଭର୍ବ । ୧୫ ।
ଇଷ୍ଟ କୁଟୁମ୍ବ ବନ୍ଧୁ ବାନ୍ଧବନ୍ତମାନ
ଅନେକ ଦେଶର ରାଜା କଲା ନିମନ୍ତ୍ରଣ । ୧୬ ।
ଅନେକ ରଥ ଘେନି ସେ ଶାଲ୍ବ ଦଣ୍ଡଧାରୀ

ବିଭା ଯୋଗେଣ ରାଜା ଆସଇ ଥାଟ ରୁଳି । ୧୭ ।
ଚଉବିଂଶ ନଗ୍ରେ ଆସି ହୋଇଲା ପ୍ରବେଶ
ଶାଲ୍ବକୁ ପଗ୍ରିଲା ନୃପତି ମହୀଦାସ । ୧୮ ।
ଶାଲ୍ବ ବୋଇଲା ମୋତେ ବରିଲା ପଦ୍ମନାଭ
ଅମ୍ଭ୍ରେ କନ୍ୟା ମୋତେ ଯେ ପ୍ରଦାନ କରିବ । ୧୯ ।
ମହୀଦାସ ବୋଇଲା କିଂପା ଅନମିତ୍ତେ ଅଇଲୁ
ଡଗର ମୁଖେ କି ବାରତା ନ ପାଇଲୁ । ୨୦ ।
ଅମ୍ଭ୍ରେ କନ୍ୟାକଇଁ ସୟଂବର କଲା
ଗଙ୍ଗାର ନନ୍ଦନ ଭୀଷ୍ମର ଯେ ସୟଂବର ଭାଜିଲା । ୨୧ ।
ଆମ୍ଭର ଥାଉଁ ଥାଉଁଣ ଯେ ମାଲା ଦେଇ ବରି
ଭୀଷ୍ମେ ହାଦେ ପ୍ରଦାନ କରିବ କୁମାରୀ । ୨୨ ।
ୟେସନକ ବାରତା ଯହୁଁ ପାଇଲା ବାଟରେ
ଶାଲ୍ବ ବାହୁଡିଲା ଯେ ଭୀଷ୍ମଙ୍କର ଡରେ । ୨୩ ।
ନିଚୟେ ଯେବେ କନ୍ୟା ଭୀଷ୍ମଙ୍କୁ ବରିଲା
ଯୁଗତେ ସେ କନ୍ୟା ଗୁରୁପତ୍ନୀ ହେଲା । ୨୪ ।
ଶାଲ୍ବ ବାହୁଡିଲା ଯେ ୟେସନେକ କଥା ଶୁଣି
ବାଟ ରୁହିଁ ସେ ଯେ ପଦ୍ମନାଭ ନୃପମଣି । ୨୫ ।
ଦିବସ ରାତ୍ର ଯେ ବେନି ଅନକୂଳ ସରିଲା
ରାତ୍ର ହିଁ ପାହିଲା ହୋ ଶାଲ୍ବ ତ ନଇଲା । ୨୬ ।

---

୧୮ ।୧ ଚଉଂରୀ ନଗ୍ରେ ଯାଇ ହୋଇଲେ ପରବେଶ ।
୨୬ ।୨ ଗୁରୁପତ୍ନୀ ବୋଲିକରି ସେହି ସେ ନଇଲା ।
ପଦ୍ମନାଭ ସ୍ଥାନରେ ପଦ୍ମଲାଭ ବୋଲି ମଧ୍ୟ ପାଠ ଅଛି ।
ଡଗର ବାରତା କହିଲା ବେଗେ ଯାଇ
ଭୀଷ୍ମଙ୍କର ଡରେ ସେ ନଇଲା ଗୋସାଇଂ । ୨୭ ।
ପୁଣି ହିଁ ସେହି ଅନକୂଳ ନାଶ ଗଲା
ଯୁବା ବୟସ ଯେ ଅମ୍ଭ୍ରା କନ୍ୟାର ହୋଇଲା । ୨୮ ।
ତୃତୀୟେ ବରିଲା ସେ ନୃପତି ବୀରବାହୁ
ଭୀଷ୍ମଙ୍କର ବରଣ ଶୁଣି ନ ଅଇଲା ସେହୁ । ୨୯ ।
ଚତୁର୍ଥେଣ ମାନ-ଅରଜୁନକୁ ବରିଲା
ବରପୂର୍ବା ବୋଲି ସେ ବିଭା ହିଁ ନୋହିଲା । ୩୦ ।
ୟେମନ୍ତେ ଅନେକ ଦେଶ ରାଜା ବରିଲା ନୃପତି
ଭୀଷ୍ମଙ୍କର ଡରେ କେହି ନୋହିଲେ ତାର କତି । ୩୧ ।
ପଞ୍ଚଦଶ ବରଷ ହୋଇଲା କୁମାରୀ
ଯୁବା ବୟସ ଯହୁଁ ହୋଇଲା ମନୋହାରୀ । ୩୨ । ସଂଖ୍ୟା ମଶଷକ୍ଷଯ ଲବତ୍ତତ୍ତଷବବର ୧୫ ସ୍ଥରବତ୍ତଙ୍କ
ଯହୁଁ ପ୍ରଦାନ କେହି ନୁହନ୍ତା ହୋଇଲା
ଦୋହିତାକୁ ଘେନି ରାଜା ବାରୁଣାବନ୍ତେ ଗଲା । ୩୩ ।
ଭୀଷ୍ମଙ୍କର ସନ୍ନିଧେୟ ଯାଇଂ ମିଳିଲା ନୃପମଣି

ଛାମୁରେଣ ଉଭା ରାୟେ କଲାକ ଦୁଲଣୀ । ୩୪ ।
ବୋଇଲା ଭୋ ଗାଙ୍ଗେବ ୟେ ଆମ୍ଭର ଅଟଇ କୁମାରୀ
ନ ନାଶିଲୁ ନ ପୋଷିଲୁ ଛାଡିଲୁ ବରଣ କରି । ୩୫ ।
କେବଣ ଦ୍ରୋହ କଲା ତୋତେ ୟେ ମୋହୋର ଦୁଲଣୀ
ୟେବେହେଁ ସମ୍ଭାଳ ଅଇଲି ଛାମୁକୁ ତୋହୋର ଘେନି । ୩୬ ।
ଭୀଷ୍ମେ ବୋଇଲେ ମୁଁ ତୋହୋର ଦୁହିତାକୁ ବରିଲି
ତାହାକୁ ଉପେଖି କି ଆନକୁ ବିଭା ହେଲି । ୩୭ ।
ପିତା ମୋହୋର ନାଶ ଯିବ ମୋହୋର ପୁତ୍ର ହୋଇଲେ
ଦାରା ସଂଘରିଲି ମୁହିଁ ଶାୟେଁତନୁଙ୍କର ବୋଲେ । ୩୮ ।

---

୩୦ ଗୁରୁପତ୍ନୀ ବୋଲି କରି ସେହି ସେ ନଇଲା
ଭୀଷ୍ମଙ୍କର କନ୍ୟା ବୋଲି ବିଭା ସେ ନୋହିଲା ।
୩୨ ।୨ ଯୁବା ବୟସ ସେ ଯଉବନ ଭାରି ।
୩୪ ଭୀଷ୍ମଙ୍କର ସନ୍ନିଧ୍ୟେ ସମର୍ପିଲା ନୃପମଣି
ଛାମୁରେ ଉଭା ଯେ ହୋଇଲା ଦୁଲଣୀ ।
ଗାଙ୍ଗେବ-ଗାଙ୍ଗେୟ-ୟ ସ୍ଥାନରେ ବ-ଗଙ୍ଗାଙ୍କ ପୁତ୍ର ଭୀଷ୍ମ ।
ଯାହାକଇ ପାରୁ ତୁ ପ୍ରଦାନ କର ବାଳୀ
ମୁହିଁ ଉପେକ୍ଷା କଲି ସତ୍ୟ ପ୍ରତିପାଳି । ୩୯ ।
ପଦ୍ମନାଭ ବୋଇଲେ ଭୋ ଭୀଷ୍ମ ଅନେକ ଦେଶରୁ ମୁଁ ବରିଲି ଦଣ୍ଡଧରେ
କେହି ପ୍ରଦାନ ନୋହିଲେ ତୋହୋର ଯେ ଡରେ । ୪୦ ।
ଶାୟେଁତନୁ ପରାଶର ଭୁରିଶ୍ରବାନ୍ତ ବୋଲାଇ
ଜଣେ ଜଣେ ଗୁହାରି କରଇ ସେ ଦୋହିତାକୁ ଦେଖାଇ । ୪୧ ।
ଯଉବନବନ୍ତୀ ସେ ସୁସଞ୍ଚ କାମେନୀ
ଅମୂଲ୍ୟ ରୂପବନ୍ତୀ ଯେ ତୈଲୋକ୍ୟମୋହିନୀ । ୪୨ ।
ଅନେକ ବାଗେ ତିଆରିଲେ ପିତାମହ ଲୋକେ
କାହାରି ବୋଲ ଭୀଷ୍ମ ନ କଲେ ଦୃଢ ବାକ୍ୟେ । ୪୩ ।
ସତ୍ୟେଣ ସଂସାର ଅଛଇ ନା ପ୍ରବର୍ତ୍ତି
ସତ୍ୟ ମେଣ୍ଟିଲେ ପ୍ରାଣୀ ହୋଅନ୍ତି ନର୍କଗତି । ୪୪ ।
ମୁହିଁ ଯେ ବ୍ରତ କଲି ପିତାର ନିମନ୍ତେ
ତୁମ୍ଭେ କିଂପା ଧର୍ମ ମୋହୋର ଭାଞ୍ଜୁଛ ଅନମିତ୍ତେ ।୪୫ ।
ସବୁଙ୍କରି ବଚନ ଯହୁଁ ଧଂସିଲେ ଗାଙ୍ଗେବ
ଦେଖିଣ ବିରସ ଯେ ହୋଇଲେ ପଦ୍ମନାଭ । ୪୬ ।
ପଦ୍ମନାଭ ବୋଇଲା ଯେ ଦୁହିତାକୁ ରାଇ
ତୁ ଆବର ମୋର ପୁରେ କରିବୁ କିସ ଯାଇ । ୪୭ ।
ଭୀଷ୍ମଙ୍କୁ ସେବା ଗୋ କରିଥାଅ ଅନୁବ୍ରତେ
ପୋଷିଲେ ପୋଷୁ ଅବା ନାଶିଲେ ନାଶୁ ତୋତେ । ୪୮ ।
ସେବା କରୁଥିଲେ କରଇ ଅବା ଦୟା
ବିଗରିଣ ଖଟି ଗୋ ଥାଅ ମହାମାୟା । ୪୯ ।

ଅମ୍ବ୍ରା କନ୍ୟାକୁ ସେ ଛାଡିଣ ନରନାଥ
ଚଳିଲେ ନିଜ ରାଜ୍ୟ ରାଜା ବିମୋହିତ ଚିତ୍ତ । ୫୦ ।

---

୪୩ ।୧ ଅନେକ ବାଗେ ତିଆରିଲେ ପିତୃଲୋକେ (ପା)
୪୯ ସେବା କରୁଥିଲେ ଅବା କରଇ ସଦଯେ
ବିଗ୍ରି ମନ ଜାଣି ଖଟିଆଅ ମାୟେ । (ପା)
ଧଂସିଲେ-ଧ୍ୱ୍ରଂସିଲେ ।
ରାଜାର ନନ୍ଦନୀ ଯେ ନବଯଉବନୀ
ଭୀଷ୍ମଙ୍କର ନବରେ ଖଟଇ ସେ ଦିବା ଯେ ରୟେଣୀ । ୫୧ ।
ଭୀଷ୍ମେ କୋପ କଲେ ଦେଖିଣ ସେ ନାରୀ
ବୋଇଲେ ଯେ ପାମେରୀ କି ନିଅ ବାଳ ଧରି । ୫୨ ।
କୋପେଣ ବାହାର କଲେ ପାତ୍ର ଅମନାତେ୍ୟ
ଦେଖିଣ ସୁନ୍ଦରୀ ଯେ ବିମୋହିତ ଚିତ୍ତେ । ୫୩ ।
ବୋଲଇ ସୁନ୍ଦରୀ ଶୁଣ ହୋ ଗାଙ୍ଗେବ
ମୋତେ ନାଶ କଲେ କିସ ଧର୍ମ ତ ହୋଇବ । ୫୪ ।
ଯେହା ଶୁଣି ବୋଇଲେ ଯେ ଶାୟେଂତନୁର ଶିଷି
ତୋତେ ଦେଖିଲେ ମୁହିଁ ମନରେ ବଡ ତ୍ରାସୀ । ୫୫ ।
ବହୁତ ଭୟ ମୋତେ ଲାଗଇ ତୋତେ ଦେଖି
ପଲାଇଣ ଯାଅ ତୁ ମୋହୋର ରାଜ୍ୟକୁ ଉପେକ୍ଷି । ୫୬ ।
ଅମ୍ବ୍ରାକନ୍ୟା ବୋଇଲା ଆର କାହିଂକି ମୁଂ ଯିବି
ମୋହୋରେଣ ଅବଶ୍ୟ ତୁ ହୋଇବୁ ପରାଭବି । ୫୭ ।
ଅମ୍ବ୍ରା କନ୍ୟା ବୋଇଲା ମୁଂ ଯାଉଅଛି କିନା
ଯହିଂ ତହିଂ ମଲେ ମୁଂ ହତ୍ୟା ତୋତେ ସିନା । ୫୮ ।
ଅନେକ ଭର୍ଷନା ଯହୁଂ ବୋଇଲା ଭୀଷ୍ମଙ୍କର ଆଗେ
ତୋତେ ନାଶିବି ବୋଲି ମୁଂ ଝାସିବି ପ୍ରୟାଗେ । ୫୯-୭୦୫ ।

---

୫୪ ।୨ ମୋତେ ନାଶ କଲେ ତୋତେ ଧର୍ମ କି ସହିବ ।
୫୪ ।୨ ମୋତେ ନାଶ କଲେ ତୋତେ କି ପୁରୁଷାର୍ଥ ହୋଇବ ।
୫୧ ।୨ ରୟେଣୀ-ରଜନୀ ।
୫୫ ।୧ ଶିଷ୍ୟରୁ ଶିଷି ।
ଅମ୍ବ୍ରା ଚରିତ
ଯେତେକ ବୋଲିଣ ସେ ଆସଇ ସୁନ୍ଦରୀ
ପ୍ରଶୁରାମଙ୍କ ଆଗେ କାନ୍ଦି କଲାକ ଗୁହାରୀ । ୧ ।
ଗଙ୍ଗାକୂଳେ ବସିଣ ଯେ କାନ୍ଦି ଯୁବତୀ
ପ୍ରଶୁରାମେ ପଚାରିଲେ ଆୟିତୁ ଅଇଲୁ କାହାର କତି । ୨ ।
ଯେ ତୋହୋର ରୂପ ଗୁଣ ଦେବେ ଅଗୋଚର
ତୋତେ ଉପେକ୍ଷା କଲା ଗୋ କେବଣ ପାମର । ୩ ।
ଅମ୍ବ୍ରା କନ୍ୟା ବୋଇଲା ଗୋସାଇଂ ମୁହିଁ ବଡ ଦୁଖୀ
ମୁହିଁ ଯେ ଶରଣ ମାଗଇ ମହତ ଜନ ଦେଖି । ୪ ।

ପ୍ରଶୁରାମ ବୋଇଲେ ଗୋ ଯେ ତୋହୋର ଇଚ୍ଛା
ସତ୍ୟ କଲୁ ଆମ୍ଭେ ତୋର ପୂରୋଇବୁ ମନବାଞ୍ଛା । ୫ ।
ଯେ ଆମ୍ଭର ସତ୍ୟ ସତ୍ୟ ତ୍ରିବାରହିଁ ସତି୍ୟ
ଯେହିକ୍ଷଣି ଦେବୁଁ ବର ମାଗରେ ଯୁବତୀ । ୬ ।
ଅମ୍ବା କନ୍ୟା ବୋଇଲା ମୋତେ ଦେବ ପ୍ରସନ୍ନ ହୋଇବା
ଆନେ କାର୍ଯ୍ୟ ନାହିଁ ମୋତେ ସ୍ୱାମୀ ଦାନ ଦେବା । ୭ ।
ମାଗରେ ସୁନ୍ଦରୀ ଯାହାକୁ ତୋର ଇଚ୍ଛା
ତିନି ଲୋକରେ ଦେବୁଁ ଯାହାକୁ କରୁ ବାଞ୍ଛା । ୮ ।
ଅମ୍ବା କନ୍ୟା ଯେ ବୋଇଲା ତୁମ୍ଭେ ଶୁଣସି ମହାଯତି
ବରିଣ ପ୍ରଦାନ ମୋତେ ନୋହିଲା ଭୀଷ୍ମ ମହାରଥୀ । ୯ ।
ମୁହିଁ ଯେ ଅମ୍ବା କନ୍ୟା ପଦ୍ମନାଭର କୁମାରୀ
ମୁଁ ତାହାକଇଁ ଦାନ ମାଗଇ ମୋତେ ଦେବା ତପସ୍ୱୀ । ୧୦ ।
ପ୍ରଶୁରାମ ବୋଇଲେ ନୀଳରାମ ରଘୁରାମଙ୍କୁ ଘାଇ
ଭୀଷ୍ମକୁ ସମର୍ପଣ କରିଆସ ଯେହାକଇ ତୁମ୍ଭେ ନେଇ । ୧୧ ।
ସ୍ୱାମୀର ଆଗ୍ୟାଁ ସେ କରି ନିବେଶିତ ଶିର
କନ୍ୟା ଘେନିଗଲେ ନୀଳରାମ ରଘୁରାମ ବାରୁଣାବନ୍ତପୁର । ୧୨ ।
ଆହୋ ଭୀଷ୍ମେ ତୋତେ ପ୍ରଶୁରାମଙ୍କର ଆଗ୍ୟାଁ ହୋଇଲାକ ବାବୁ
ଅମ୍ବ୍ରେ କନ୍ୟାକୁ ତୁ ପ୍ରଦାନ ହୋଇବୁ । ୧୩ ।
ଭୀଷ୍ମେ ବୋଇଲେ ରଘୁରାମଙ୍କ ମୁଖ ଚାହିଁ
ତୁମ୍ଭର ଡରାଣେ କି ବିଭା ହୋଇବଇ ମୁହିଁ । ୧୪ ।

---

୨ ।୧ ଗଙ୍ଗାକୂଳେ ଯାଇଁ କାନ୍ଦଇ ସୁନ୍ଦରୀ
୨ ।୨ ପ୍ରଶୁରାମେ ବୋଇଲେ ଆରେ କାହାର ତୁ ନାରୀ ।
ମୋହୋର ଭୟ କି ତୁମ୍ଭର ପ୍ରଶୁରାମଙ୍କୁ
କିପାଇଁ ପ୍ରଦାନ ହୋଇବି ମୁଁ ଅମ୍ବା କନ୍ୟାକୁ । ୧୫ ।
ନୀଳରାମ ବୋଇଲେ ପ୍ରଶୁରାମଙ୍କ ଆଗ୍ୟାଁ ମେଣ୍ଟୁ
ଅବଶ୍ୟ ତୋହୋର ଶିରଚ୍ଛେଦ ହୋଇବ କଣ୍ଠତଟୁ । ୧୬ ।
ପ୍ରଶୁରାମ ଆଗେ କହିବି ମୁଁ ଯାଇଁ
ନିଚୟେ ମରିବୁରେ ଦୁଷ୍ଟ ମତି ପାଇଁ । ୧୭ ।
କୋପରେ ଭୀଷ୍ମ ବୋଇଲେ ନୀଳରାମକଇ
ପ୍ରଶୁରାମ ଆଗେ ତୋର କହୁ କିନା ଯାଇ । ୧୮ ।
ନୀଳରାମ ରଘୁରାମ ଯେ ଗଲେକ ବାହୁଡି
ଅମ୍ବା କନ୍ୟାହିଁ ପଛେ ଗୋଡାଇଛି କାନ୍ଦିକରି । ୧୯ ।
ପ୍ରଶୁରାମେ ବିଜେ କରି ଅଛନ୍ତି ତ୍ରିପୁରା ପର୍ବତେ
ରଘୁରାମ ନୀଳରାମ ପ୍ରବେଶ ହୋଇଲେ ବେନି ଭ୍ରାତେ । ୨୦ ।
ପ୍ରଣପତ୍ୟ ହୋଇଣ ନୀଳରାମ ଯେ ବୋଇଲା
ସ୍ୱାମୀ ଭୀଷ୍ମ ଆମ୍ଭଙ୍କୁ ଯେ ଅନେକ କୋପ କଲା । ୨୧ ।
ବୋଇଲା ଆସୁକି ନା ବାବୁ ତୋହୋର ପ୍ରଶୁରାମ
କେତେମାନେ ପାରୁ ସେହୁ ଆସି କରୁ ଯେ ସାଂଗ୍ରାମ । ୨୨ ।

ଅମ୍ବା କନ୍ୟା କାନ୍ଦଇ ଯେ ବଡଇ ବଇକୁଲେ
ପ୍ରଶୁରାମ ମହାକୋପ କଲେ ଆଗ୍ୟାଂ ଯେ ମେଣ୍ଟିଲେ । ୨୩ ।
ଧାମଇଂ କୋପେଣ ଯେ ପ୍ରଶୁଧର ନାଥ
ପଛେଣ ଗୋଡାବନ୍ତି ନୀଳ ରଘୁ ହଳୀରାମ ତିନିଭ୍ରାଥ । ୨୪ ।
ମାନିନୀ ଅବସ୍ଥା ଯେ ହୋଇଣ ଅମ୍ବା ଯୁବତୀ
ସେହି ଗୋଡାଇ ଅଛି ତାହାଙ୍କର ପଛକତି । ୨୫ ।
କାଳାନଳ ମୂର୍ତ୍ତି ହୋଇ ମହାବୀର ପ୍ରଶୁରାମ
ରାଗେ ପ୍ରବେଶ ହୋଇଲେ ଯାଇଂ ଭୀଷ୍ମଙ୍କର ଆସ୍ଥାନ । ୨୬ ।
ପ୍ରଶୁରାମଙ୍କର କୋପ ଦେଖିଣ ଯେ ଭୀଷ୍ମମହାରଥୀ
ରାଗେଣ ନ ଗଲେ ସେ ପ୍ରଶୁରାମଙ୍କର କତି । ୨୭ ।

---

୧୬ ।୨ ନିଚୟେ ଶିରଚ୍ଛେଦ ହୋଇବ ତୁ ବଡ ଦୁଷ୍ଟ ଅଟୁ ।
୧୬ ।୧ କାଳାନଳ ରୂପ ହୋଇଣ କୋପେ ପ୍ରଶୁରାମ ।
କୋପେଣ ପ୍ରଶୁରାମ ଯେ ବୋଲନ୍ତି ଉତ୍ତର
ଆରେ ମୋହୋର ଆଗ୍ୟାଂ ଭ୍ରଷ୍ଟ କଲୁ କେବଣ ଦର୍ପ ଯେ ତୋହୋର । ୨୮ ।
ଆମ୍ଭର ଜାଣନ୍ତେ ତୁ ଯେ ବରିଲୁ ଯେହାକୁ
ବରିଣ ବିଭା ନୋହିଲୁ ତୁରେ ଯେ ଅମ୍ବା କନ୍ୟାକୁ । ୨୯ ।
ପାରେଶ୍ୱରେ ବୋଇଲେ ବାବୁ ଶୁଣ ତୁରେ ଭୀଷ୍ମ
ତୋତେ କୋପ କରିଣ ଅଛନ୍ତି ପ୍ରଶୁରାମ । ୩୦ ।
ବଡାଇ ଦୁଷ୍ଟ କାଳାନ୍ତକ ଯେ ମହା ବିକ୍ରମ
ଯୁଗାନ୍ତେକ ନାଥ ଯେ ଅଟଇ ଦୁତି ଯମ । ୩୧ ।
ବାବୁ ଜମଦଗ୍ନିଙ୍କର ଯହୁଂ ବିଷାଦ ଦେଖିଲା
ତିନି ଭାଇ ମାତାଙ୍କର ଶିର ଚ୍ଛେଦି ପକାଇଲା । ୩୨ ।
ଅଣଦୟା ପୁରୁଷ ଅଣ ଯେ ଉପ୍ରୋଧୀ
ଅଭୟେ ଅବୟେ ଯେ ତ୍ରୈଲୋକେ ମହାଯୋଧୀ । ୩୩ ।
ଯେହାର କୋପ କଲେ ବାବୁ କେହି ତ ନ ବର୍ତ୍ତି
ଯେକୋଇଶ ବାର ନିକ୍ଷତ୍ରୀ କଲାକ ଯେହୁ ପୃଥୀ । ୩୪ ।
ସତ୍ୟ ଯୁଗ ଭୋଗ କଲା ଯେ କ୍ଷତ୍ରି ବୃତ୍ତ ପଣେ
ଅନେକ ଉପାୟେ ବିଦ୍ୟା ରଞ୍ଚିଲା ଯେ ଆପଣେ ଆପଣେ । ୩୫ ।
ଯେହାଙ୍କର ତୁଲେ ବାବୁ ତୁ ନୋହସି ବିବାଦୀ
କଟାକ୍ଷ ନୟନେ ଚାହିଂଲେ ଯେ ହୋଇବୁ ଶିରଚ୍ଛେଦୀ । ୩୬ ।
ଆମ୍ଭର ଶପତ ବାବୁ ନାସ୍ତି ତୁ ନ କର
ଅମ୍ବ୍ରେ କନ୍ୟାକୁ ପ୍ରଦାନ ହୋଅ ଆମ୍ଭର ବୋଲ କର । ୩୭ ।
ଭୀଷ୍ମେ ବୋଇଲେ ମୁଂ କେମନ୍ତେ ପ୍ରଦାନ ହୋଇବି
ଭୀରିଯାର ନିମନ୍ତେ କେମନ୍ତେ ମୁଂ ପିତାଙ୍କୁ ନାଶ ଯେ କରିବି । ୩୮ ।
ପାରେଶ୍ୱର ବୋଇଲେ ବାବୁ ତାହାକୁ ପ୍ରଦାନ ହୋଇ
ଶୃଙ୍ଗାର ବଞ୍ଚାଇ ପଛେ ତାକୁ ଅପବାଦ ବାକ୍ୟ ଦେଇ । ୩୯ ।
ଭୀଷ୍ମ ବୋଇଲେ ତୁମ୍ଭେ ଶୁଣ ପିତୃଗଣେ
ମୁହିଂ ଶୁଣିଲି ଯେ ଅଗସ୍ତିଙ୍କର ପୁରାଣେ । ୪୦ ।

---

୩୪ ।୨ ଯୋକୋଇଶ ବାର..... ପୃଥୀ ପାଦନ୍ତ ପରେ କେତେକ ପୋଥିରେ 'ଯେହାକୁ ତୋହରରେ କିସ ଅଛି
ବୁଦ୍ଧି' ।
ତିରିଶ ଦିବସେ ଅଶୁଦ୍ଧ ହୋଅନ୍ତି କାମ ନାରୀ
ପ୍ରଥମ ଦିନ ଛୁଇଁଲେ ଗ୍ଣ୍ଡାଳ ଛୁଇଁଲା ଦୋଷ ସରି । ୪୧ । ସଂଖ୍ୟା
ଙ୍କନ୍ଧଟ୍ଟରତ୍ତଙ୍କନ୍ଦଷନ୍ଦଷଚ୍ଛଚ୍ଚ
ଯେତେ ବସ୍ତ୍ରେ ଛୁଇଁ ତେତେ ବସ୍ତ୍ରେ ସ୍ନାହାନ ଯେ କରି
ସେ ଦିନେ ଉପବାସ କଲେ ସେ ଦିନର ପାପ ହରି । ୪୨ ।
ଦ୍ୱିତୀୟ ଦିବସେ ଛୁଇଁଲେ ରଜବତୀ ନାରୀ
ପ୍ରତକ୍ଷେ ହୋଅନ୍ତି ବ୍ରହ୍ମହତ୍ୟା ଦୋଷ ସରି । ୪୩ ।
ତୃତୀୟ ଦିବସେ ଯେ ସେ ସ୍ତୀରୀକୁ ଛୁଅନ୍ତି
ପୂଜା ଲିଙ୍ଗ ଭାଙ୍ଗିଲେ ପାଇ ଯେବଣ ଅଗତି । ୪୪ ।
ଚତୁର୍ଥ ଦିବସେ ଯେ ହୋଅନ୍ତି ସ୍ତିରୀଙ୍କର ପାଶ
ଗୋହତ୍ୟା ବ୍ରହ୍ମହତ୍ୟା ମାତୃହରଣ ହିଁ ଦୋଷ । ୪୫ ।
ଶୁଦ୍ଧ ସ୍ନାହାନ କରିବ ପଞ୍ଚମ ଦିବସେ
ସେ ଦିନ ପୁରୁଷ ଯିବ ତାହାଙ୍କର ପାଶେ । ୪୬ ।
ନାନା ଧର୍ମ ଇଚ୍ଛି ପିତୃକାର୍ଯ୍ୟ ଆଦି କରି
ସମସ୍ତ ତେଜ୍ୟା କରି ତାହାରେ ହୋଇବ ବ୍ରତଗ୍ରୀ । ୪୭ ।
ପଞ୍ଚମ ଦିନ୍ଟଂ ସପତମ ଦିନ ପରିଯନ୍ତେ
ଯେବଣ ପୁରୁଷ ଉପେକ୍ଷା କରନ୍ତି ନାନା ବ୍ରତ କର୍ମ ଅର୍ଥେ । ୪୮ ।
ସେ ବହିଲା ଶ୍ରୋଣିତ ଆହାର କରନ୍ତି ତାହାର ପିତୃଲୋକେ ।
ଯେସନେକ ଅଛି ଶାହାସ୍ତ୍ର ଧର୍ମ ବାକ୍ୟେ । ୪୯ ।
ଭୀଷ୍ମେ ବୋଇଲେ ବିଭା ହୋଇଣ କେମନ୍ତେ ଶୃଙ୍ଗାର ନ ଇଚ୍ଛିବି
ମୋହୋର ପୁତ୍ର ହୋଇଲେ ତୁମ୍ଭନ୍ତ ନାଶ ଯେ କରିବି । ୫୦ ।
ଯେସନେକ ବଚନ ଯହ୍ନଂ ବୋଇଲେ ଗାଙ୍ଗବେ
ଶୁଣିଣ ତୁଷ୍ଟ ହୋଇଲେ ପାରେଶ୍ୱର ଦେବେ । ୫୧ ।
ପ୍ରଶୁରାମ-କଇ କୋପେ ବୋଇଲେ ଭୀଷ୍ମ ମହାରଥୀ
ଆହୋ ପ୍ରଶୁରାମ ମୋହୋର ତୋତେ କିସ ଭୀତି । ୫୨ ।

---

୪୪ ।୨ ଶିବଲିଙ୍ଗ ଭାଙ୍ଗିଲେ ପାଇ କେବଣ ଅଗତି
୪୪ ।୨ ଲିଙ୍ଗଭଗ୍ନ ଦୋଷ ଲଭଇ ଯୁଗତି ।
ପଲା ଯା ମିଛେ ଯେଥେଂ ନ ଦେଖା ବଡପଣ
ସହୋଦ୍ରେ କଳଙ୍କ ନ କରାଅସି ଅକାରଣ । ୫୩ ।
ତୁ ମୋହୋର ସହୋଦ୍ରର ଅଟୁ ହୋ ଯଥାଅର୍ଥ
ଯେହି ଛାର ପାଇଂ କି-ା ମରିବୁ ଦେବ ଭ୍ରାଥ । ୫୪ ।
କିଞ୍ଚିତ ଦୋଷେଣ ହାଦେ ବଡପଣ ନ ନାଶି
ଶ୍ରିକାଳ ଯୁଦ୍ଧେ ସିଂହ ହୁଅଇଟି ଧଂସି । ୫୫ ।
ଭୀଷ୍ମଙ୍କର ମୁଖୁଂ କଟୁ ବଚନ ଯେ ଶୁଣି
କୋପେଣ ଧାଇଂଲା ସେ ବୀର ପର୍ଶୁଧର ପାଣି । ୫୬ ।

ଯହ୍ନଂ କୋପେଣ ଧାଇଂଲେ ସେ ଜମଦଗ୍ନିର ବଲା
ମାଇଲେ ଭୀଷ୍ମଙ୍କୁ ସେ କୋପେଣ ଅନଗଲା । ୫୭ ।
ଭୀଷ୍ମଙ୍କୁ ପ୍ରଶୁରାମ ଯେ ଧଇଲେ ଆକର୍ଷି
ଭୀଷ୍ମଙ୍କୁ ତଳେ ପାଡି ହୃଦେ ମାଡି ବସି । ୫୮ ।
ମୁଣ୍ଡ ମୋଡି ଭୀଷ୍ମଙ୍କର ଲୋଡନ୍ତି ପର୍ଶୁଧର
ଧାତିକାରେ ଲେଉଟାଇଲେ ଗଙ୍ଗାର କୁମର । ୫୯ ।
ପ୍ରଶୁରାମଙ୍କୁ ତଳେ ପାଡି ମାଡି ବସିଲେ ହୃଦଗତେ
ବାମକରେ ଚାପିଣ ପ୍ରହାର କଲେ ମୁଥେ । ୬୦ ।
ଭୀଷ୍ମଙ୍କର ମୁଥ ପଡିଲା ଯେ ବଜ୍ରଘାତ ଜାଣି
ପ୍ରଶୁରାମଙ୍କର ନାସିକା ବାଟେ ବହିଲାକ ଶ୍ରୋଣି । ୬୧ ।
ଦେଖିଣ ଧାଇଂ ପଡିଲେ ଶାୟେଂତନୁ
ଭୀଷ୍ମଙ୍କର ଭୁଜ ଧଇଲେ ଯୁଗମନ୍ତୁ । ୬୨ ।
ରହ ରହ ବାବୁରେ ଭୀଷ୍ମ ମହାରଥୀ
ସୋଦରେ ସୋଦରେ କି-ା ହେଉଛ ନାଶଗତି । ୬୩ ।
ଶାୟେଂତନୁ ପାରେଶ୍ୱର ରୁହାଇଲେ ସାଂଗ୍ରାମ
ଲାଜ ପାଇ ତହ୍ନଂ ଗଲେକ ପ୍ରଶୁରାମ । ୬୪ ।
ଅମ୍ବା କନ୍ୟା ତହ୍ନଂ ପ୍ରାଗ ତୀର୍ଥକଇଂ ଗଲା
ତ୍ରିବେଣୀରେ ସ୍ନାହାନ କରି ସେ ମାଧବ ପୂଜିଲା । ୬୫ ।

---

୫୩ ।୧ ପଲା ଯା ବେଗେ ନୋହ ବୋଲ ବଡପଣ
୫୩ ।୨ ସୋଦର ବଧ ତୁ ନ କରାଅ ଆପଣ ।
୫୪ ।୨ ଯେ ଛାର କଥାକୁ ଦ୍ୱନ୍ଦ କରିବା ବେନି ଭ୍ରାଥ ।
୫୫ ।୨ ଧଂସି-ଧ୍ୱଂସି
ଭୋ ମାଧବ ମୋତେ ତୁହି ହୋଇଥାଅ ସାକ୍ଷୀ
ଭୀଷ୍ମଙ୍କର ପ୍ରମାଦେ ଯେ ମୁଂ ହୋଇଲି ନିରିମାଖୀ । ୬୬ ।
ଭୀଷ୍ମଙ୍କର ଉପରେ ହତ୍ୟା ହୋଉ ଯେ ମୋହୋର
ମାଧବ ସାକ୍ଷୀ କରି ଝାସିଲା ପ୍ରୟାଗର । ୬୭ ।
ମୁହିଂ ସ୍ତିରୀ ମାତର ନୁହଇ ନା ଯୋଧ୍ର
ଜନ୍ମେ ଜନ୍ମେ ଭୀଷ୍ମକଇଂ ମୁହିଂ କରିବଇ ସାଧ୍ର । ୬୮ ।
ଯେ ମୋହୋର ରୂପ ଗୁଣ ଲକ୍ଷଣ ଦେଖନ୍ତେ
ଭୀଷ୍ମ ଶହସ୍ର ଛାଡିବ ସଂଗ୍ରାମେ ଯୁଗତେ । ୬୯ । ସଂ
ତ୍ରିଶୂଳୀରେ ପଶି ଯେ ଲଗାଇଲା ବହନି
ଲଗାଇଲା ମାତ୍ରକେ ଯେ ଜଳିଲା ତତକ୍ଷଣି । ୭୦-୭୭୫ ।
ଅପୁତ୍ରକ ହୋଇ ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ମୃତ୍ୟୁ
ବଦୟନ୍ତି ଅଗସ୍ତି ଶୁଣ ଯୋଗେଶ୍ୱର
ଯେସନେକ ଚରିତ ହାଦେ ଯେ ହୋଇଲା ଭୀଷ୍ମଙ୍କର । ୧ ।
ଭୀଷ୍ମ ଦାର ସଂଘରିଲେ ପିତାର ନିମନ୍ତେ
ଗଙ୍ଗାର ଶାପୁଂ ଅପୁତ୍ରିକ ହୋଇଲେ ଆବର ବେନି ଭ୍ରାଥେ । ୨ ।
ଯେମନ୍ତେଣ ରାଜ୍ୟ କରନ୍ତି ବେନି ଭାଇ

ଅନେକ ଯାଗ ଯଗଂ୍ୟ କରନ୍ତି ସନ୍ତତି ଅର୍ଥି ପାଇଂ । ୩ ।
ଗଙ୍ଗାର ଶାପ କେ ଆନ କରି ପାରି
ଅନେକ ବାଗେଣ ଯେ ପୁତ୍ର ନୋହିଲା ତହାଙ୍କରି । ୪ ।
ଅପୁତ୍ରିକ ହୋଇ ରାଜ୍ୟ କଲେ ତିନି ଭ୍ରାଥେ
ପଞ୍ଚୁ କଟକେ ରାଜ୍ୟକଲେ ନବ ସହସ୍ର ବରଷ ପରିଯନ୍ତେ । ୫ । ଚ୍ଚନ୍ଧଲଭରତ୍ତଙ୍କ
କ୍ଷଚ୍ଛଚ୍ଚବରବ୍ଦଷନ୍ଦସ୍ଥ ୯୦୦ ସ୍ଥରବତ୍ତଙ୍କ
ମହା କ୍ଷତ୍ରୀପଣେ ଅନେକ ରାଜ୍ୟ ସାଧ୍ର
ଚିତ୍ର ବିଚିତ୍ରଙ୍କୁ ହୋଇଲା ଗଳିତ କୋଷ୍ଠ ବ୍ୟାଧ୍ର । ୬ ।
ଅନେକ ବେଦ ବୈଦ୍ୟେ୍ୟ କରି ଉତୁରି ନୋହିଲା ଙ୍କନ୍ଧଟ୍ଟରତ୍ତଙ୍କନ୍ଦଷନ୍ଦଷଚ୍ଛଚ୍ଚ
କ୍ଷରଟ୍ଟତ୍ତଚ୍ଛଙ୍କସ୍ଥ
ନାନା ମଉଷଧ୍ର କିଛିହିଂ ନ କାଟିଲା । ୭ ।
ୟେହି ରୋଗେଣ ନାଶ ଗଲାକ ଚିତ୍ରବୀର୍ଯ୍ୟ୍ୟ
ବଞ୍ଚିତେ ନୁଆରିଣ ସେ ହୋଇଲେ ପ୍ରାଣ ତ୍ୟାଜ । ୮ ।
ସମୟକେ ବିଚିତ୍ରବୀର୍ଯ୍ୟ୍ୟ ପ୍ରୟାଗେଣ ଗଲେ
ଅପୁତ୍ରିକ ଦୋଷେ ସେ ତ୍ରିବେଣୀ ସଙ୍ଗମେ ଝାସ ଦେଲେ । ୯ ।
ଚିତ୍ର ବିଚିତ୍ର ବୀର୍ଯ୍ୟ୍ୟ ନାଶ ଗଲେ ଅପୁତ୍ରିକ ହୋଇ
ଭୀଷ୍ମେ ଦାରା ସଂଘରିଲେ ପୁତ୍ର ଜାତ ନାହିଂ । ୧୦ ।
ଇନ୍ଦ୍ର ପ୍ରଶସ୍ତ ଯମ ପ୍ରଶସ୍ତ ହସ୍ତିନା ଜଇନ୍ତା ବାରୁଣା
ହତ ପାଟ ହୋଇଲା ନାହିଂ ନା ଧାରଣା । ୧୧ ।
ଭୀଷ୍ମେ ଦିଗ ବିଜେ କରି ଶତ୍ରୁଙ୍କୁ ବିନାଶି
ପଞ୍ଚୁରାଜ୍ୟ ସମ୍ଭାଳିଲେ ଅଇରି ଦର୍ପ ଧଂସି । ୧୨ ।
ପାରେଶ୍ରର ପଚ୍ଚାରିଲେ ଶାୟେଂତନୁଙ୍କୁ ରାଇ
ୟେତେ ବଡ ବଂଶ ବୁଡିଲା ଗଙ୍ଗାର ଶାପ୍ୟ୍ୟ ପାଇ । ୧୩-୬୮ ।

---

୧୧ ।୨ ଉତପାତ ହୋଇଲା ପୃଥୀରେ ନାହିଂ ନା ଧାରଣା ।
୧୩ ।୨ ୟେତେ ବଂଶ ବୁଡିଲା ସମ୍ଭାଳନ୍ତା କେହି ନାହିଂ ।
ବ୍ୟାସଙ୍କ ଦ୍ୱାରା ଧୃତରାଷ୍ଟ୍ର, ପଣ୍ଡୁ ଓ ବିଦୁରଙ୍କ ଜନ୍ମ
ପାରେଶ୍ରର ବୋଇଲେ ତୁମ୍ଭେ ଶୁଣ ଗୋ ସତ୍ୟବତି
ଅମ୍ବିକା ଅମ୍ବାଳିକା ତିଆର ଦୁହିନ୍ତି । ୧ ।
ବଂଶେଣ ପୁତ୍ର ଗୋ ଉପୁଜେ ୟେମନ୍ତେ
ବଧୂନ୍ତ ପଠିଆଅ ବ୍ୟାସଙ୍କ ସମେତେ । ୨ ।
ବ୍ୟାସ ଋଷି କରନ୍ତୁ ବଧୂନ୍ତ ରମଣ
ସନ୍ତାନ ଉପୁଜିବ ବଂଶକୁ ହୋଇବ କାରଣ । ୩ ।
ସତ୍ୟବତୀ ବୋଇଲେ ସ୍ୱାମି ହୋଅଇକି ୟେମନ୍ତ
ଦେଢଶୁର ଭାଇବୋହୂ ଅଗ୍ରାହ୍ୟ ଅତିଅନ୍ତ । ୪ ।

---

୪ ସତ୍ୟବତୀ ବୋଇଲେ ସ୍ୱାମି ହୋଅଇକି ୟେମନ୍ତ ପ୍ରକାର
ଜ୍ୟେଷ୍ଠ ଶ୍ୱଶୁର ଯେ ଭ୍ରାଥାବଧୂ ବହୁତ ଅନ୍ତର ।
୮ ।୨ ବଞ୍ଚିତେ ନୁଆରିଣ-ବଞ୍ଚିବାକୁ ନ ପାରି ।

ଯେତେକ ବିଚାରି ଚଳିଲେ ସତ୍ୟବତୀ
ଅମ୍ବିକା ଭୁବନେ ଯାଇଂ ବିଜୟେ ମହାସତୀ । ୫ ।
ଦେଖିଣ ପୂଜାବିଧି କଲେକ ଯୋଗେଶ୍ୱରୀ
ଗୁରୁପତ୍ନୀଙ୍କ ପାଦେ ପ୍ରଣମ୍ବିତ କରି । ୬ ।
ଶରୀର ଆଶ୍ୱସନା କଲେକ ସତ୍ୟବତୀ
ବଇକୁଲ୍ୟ ହୋଇଂ ଭାଷନ୍ତି ଉକତି । ୭ ।
ଯେତେ ବଡ ବଂଶ ନାଶ ଗଲାକ ଅନମିତ୍ତେ
ଭସ୍ମଗଲାର ଗୋ ପୁଣ ଅଙ୍କୁରଇ କେମନ୍ତେ । ୮ ।
ସନ୍ତାନ ଜାତକୁ ଅଛଇଟିକି ବୁଦ୍ଧି
କେମନ୍ତେ ଉପାୟେ ଗୋ କରିବା କାର୍ଯ୍ୟ ସିଦ୍ଧି । ୯ ।
କରପତ୍ର ଯୋଡିଣ ଯେ ଅମ୍ବିକା ବୋଇଲା
ସମସ୍ତେ ତ ଦେଖିଲେ ମୋହୋର ସତୀପଣେ ଦିନ ଗଲା । ୧୦ ।
ସତ୍ୟବତୀ ବୋଇଲେ ଗୋ ମୋତେ ନ ବୋଲ ନିକି ଯେହ୍ନା
ବଂଶ ଜାତ କରିବା ଗୋ ଛାଡ ଧର୍ମରାହା । ୧୧ ।
ଅମ୍ବିକା ବୋଇଲେ ଗୋ କରିବୁ ତୁମ୍ଭର ବୋଲ
ଆମ୍ଭେ ସତ୍ୟବ୍ରତ ଛାଡିବୁ ପୁରୁଷ କାହା କର । ୧୨ ।
ଭୀଷ୍ମଙ୍କୁ ବୋଲ ଯା ଆସନ୍ତୁ ଆମ୍ଭର ଯେ ତହିଂ
ଭୀଷ୍ମରେ ବଂଶ ରକ୍ଷା କରି ଆନରେ କାର୍ଯ୍ୟ ନାହିଂ । ୧୩ ।
ବଧୂଙ୍କର ବଚନେ ଚଳିଲେ ସତ୍ୟବତୀ
ଯେକାନ୍ତେ ବସାଇ କହିଲେ ଭୀଷ୍ମ ମହାରଥୀ । ୧୪ ।
ବାବୁ ତୋହୋର ସତ୍ୟବଚନ ଯେ ନୋହିବାକ ଆନ
ଆରେ ବଂଶ ଯେ ବୁଡାଇଲ କେବଣ ବିଧାନ । ୧୫ ।
ବାବୁ ଅମ୍ବିକା ଅମ୍ବାଳିକା ତୁଲେ କର ତୁ ରମଣ
ପୁତ୍ର ଉପୁଜାଅ ବଂଶ କର ଉଦ୍ଧାରଣ । ୧୬ ।

---

୭ ଶରୀର ଆଶ୍ୱାସନା କଲେ ମାହେଶ୍ୱରୀ
ବଇକୁଲ୍ୟ ହୋଇଣ ବୋଲନ୍ତି କ୍ରୋଧଭରି ।
୧୧ ସତ୍ୟ ସତ୍ୟ ବ୍ରତ ମୋର ନ ବୋଲ ମାୟେ ଯେହ୍ନା
ପୁତ୍ର ଜାତ କରିବା ଛାଡ ଶର୍ମ ଦେହା ।
ବଦୟନ୍ତି ଗାଙ୍ଗବେ ତୁ ଶୁଣ ଅନାଦି ମାହେଶ୍ୱରି
ତୁ ପରମ ଗୁରୁ ତୋହୋର କୋପକଇଁ ଡରି । ୧୭ ।
ମୁଂ ଯେ ଦାରା ସଂଘରିଲି ପିତାର ନିମନ୍ତେ
ସତ୍ୟ କଲାର କୃତ ମୁଂ ଗୋ ଲଙ୍ଗିବି କେମନ୍ତେ । ୧୮ ।
ମାତାର ବଚନ ଯହ୍ନଂ ନ କଲେ ହାଦେ ଭୀଷ୍ମେ
ସତ୍ୟବତୀ ଉଠିଗଲେ ହୋଇଣ ବଡ ବିସ୍ମେ । ୧୯ ।
ଅନେକ ବିଚାରି ତହ୍ନଂ ସତ୍ୟବତୀ ଗଲେ ଉଠି
ଯମୁନା ନଦୀ କୂଳେ ବ୍ୟାସଙ୍କୁ ଯାଇଂ ଭେଟି । ୨୦ ।
ବ୍ୟାସେ ପ୍ରଣପତ୍ୟ ହୋଇଲେ ମାତା ସତ୍ୟବତୀକି
ଭୋ ମାତା ତୁମ୍ଭେ ଗୋ ବିଜେ କରିଥିଲ କାହିଂକି । ୨୧ ।

ବସିଲେ ମାହେଶ୍ୱରୀ ଭାଣ୍ଡୀର ବଟତଳେ
ବେନି ଲୋଚନରୁ ଯେ ବହଇ ଅଶ୍ରୁଜଳେ । ୨୨ ।
ମାଗୋ ଧଇର୍ଯ୍ୟ ହୋଇଣ ଥିର କରି କହ
କେବଣ ସନ୍ଧି ଗୋ ଲାଗିଲା ସନ୍ଦେହ । ୨୩ ।
କ୍ରୋଧ ଶାନ୍ତି କରି କହନ୍ତି ଦାସ ରାଜାର କୁମାରୀ
ବାବୁ ତୁ ମୋହୋର ପୁତ୍ର ପଣ୍ଡିତ ତପୀ ବ୍ରହ୍ମଚାରୀ । ୨୪ ।
ବାବୁ ଚିତ୍ର ବିଚିତ୍ର ବୀର୍ଯ୍ୟ ଅପୁତ୍ରିକ ହୋଇ ମଲେ
ଶାୟେଂତନୁ ନିମନ୍ତେ ଭୀଷ୍ମେ ଦାରା ସଂଘରିଲେ । ୨୫ ।
ତୁମ୍ଭର କାଳକୁ ଯେବେ ନାଶ ଗଲା ସୋମବଂଶ
କେହି ବିଚାର ନ କଲ ଯେଥିର ଅର୍ଥ କିସ । ୨୬ ।
ବାବୁ କେବଣ ବାଗେ ବଂଶ ହୋଇବାକ ରକ୍ଷା
ସଂସାର ଜନଙ୍କର ବାବୁ ତୁ ପୂରାଅ ମନବାଞ୍ଛା । ୨୭ ।
ବାବୁ ଦୁତୀ ନାରାୟଣ ବୋଲି ତୋତେ ବଦନ୍ତି ସୟଳେ
ଅନାଦି ଗର୍ଭେ ତୁ ଯେ ପଶୁ ସର୍ବକାଳେ । ୨୮ ।

---

୨୦ ।୨ ଯମୁନା ନଦୀରୁ ବ୍ୟାସେ ଆସୁଣ ତାଙ୍କୁ ଭେଟି
୨୩ ମାଗୋ ଚମତ୍କାର ହୋଇଲା ସ୍ଥିର କରି କହ
କେବଣ ଶୋଚନା ଗୋ କହିବା ସନ୍ଦେହ ।
୧୯ ।୨ ବିସ୍ମେ-ବିସ୍ମୟଭାବରେ ।
ଯାବତ କାଳକୁ ବାବୁ ଯେ କଥା ରହିଲା
ବ୍ୟାସ ପ୍ରାୟେ ମହରଷି ଥାଉଂ ବଂଶ ନାଶଗଲା । ୨୯ ।
ଅନାଦି ପୁରୁଷ ତୁ ଅଣାକାର ଚେତା
ତୁ ତ ନ କଲୁ ବାବୁ ଗୋତ୍ର ବର୍ଗ ଚିନ୍ତା । ୩୦ ।
ବ୍ୟାସ ବୋଇଲେ ମା ଗୋ ଶୁଣ ଆଦିନାରୀ
କେବଣ ବୁଦ୍ଧିରେ ଯେବେ ପାରିବା ଗୋ ବଂଶକୁ ଉଦ୍ଧାରି । ୩୧ ।
ପାଟେଣ ପୁତ୍ର ଯେବେ ହୋଇବ ସନ୍ତତି
ତେବେ ସେ ବଂଶକୁ ହୋଇବ ନା ମହାକ୍ଷତ୍ରୀ । ୩୨ ।
ଯଗଂ୍ୟ କରିବା ଯେବେ ସନ୍ତତି ନିମନ୍ତେ
ସତ୍ୟବତୀ ବୋଇଲେ ହୋଇବ କାଳ କେତେ । ୩୩ ।
ବାବୁ ଯେକା ବଂଶକେ ହତ ଜମ୍ବୁଦ୍ୱୀପ ଆଦିକରି ସାତବଂଶ ପାଟ
ଭୀଷ୍ମଙ୍କର ଭୟେ ସେ ନିବର୍ତ୍ତି ଅଛି ପରଥାଟ । ୩୪ ।
ବାବୁ ଯେହି ଦ୍ୱାଦଶ ଦିବସରେ ଯେବେ ହୋଇବ କୁମର
ତେବେ ସେ ରାଜ୍ୟ ରକ୍ଷା ହୋଇବ ବିଚାରି କାର୍ଯ୍ୟ କର । ୩୫ । ସଂ
କହନ୍ତି ଧାର୍ମିକ ମା ଗୋ କହ କେବଣ ବୁଦ୍ଧି
ଶୀଘ୍ରେଣ କେବଣମତେ ହୋଇବ କାର୍ଯ୍ୟ ସିଦ୍ଧି । ୩୬ ।
ସତ୍ୟବତୀ ବୋଇଲେ ବାବୁ ଅଛିନି କଥାୟେ
ତୁ ମୋହୋର ନନ୍ଦନରେ ମୁଂ ତୋହୋର ମାୟେ । ୩୭ ।
ତୁ ଇହ କୁଳକୁ ବାବୁରେ ଉପେକ୍ଷା କର ଲାଜ
ସମସ୍ତ ଧର୍ମ ଛାଡି ଘେନିବା ପୁତ୍ର କାର୍ଯ୍ୟ । ୩୮ ।

କଥାୟେ କହିବି ବାବୁ ଯଦି ନ କରିବୁ ନାସ୍ତି
ମୋହୋର ଶପତଟି ତୋତେ, ବଦନ୍ତି ସତ୍ୟବତୀ । ୩୯ ।
ସେ ଯେ ପରମ ପଣ୍ଡିତ ବଦୟନ୍ତି ମହାତମା
ଗୁରୁ ବଚନ ମେଣ୍ଟି ନାଶ ଗଲା ସନକ ନାମେ ବ୍ରହ୍ମା । ୪୦ ।
ମାତା ପିତା ବଚନ ଯେ ପୁତ୍ରକୁ ନିରାଧାର
ୟେହା ଚିହ୍ନିଲେ ପିଣ୍ଡ ପ୍ରାଣ ୟେକଇ ଶରୀର । ୪୧ ।

---

୩୧ ।୨ କେବଣ ବିଧିରେ ପାରିବା ଗୋ ସୋମବଂଶ ଉଦ୍ଧାରି ।
୩୯ ।୨ ମୋହୋ ଶପତ ତୁ ନ ବୋଲିବୁ ଅନୀତି ।
ସବେ୍ୟ ଅସବେ୍ୟଣ ଗୁରୁ ବୋଇଲା ଯେବଣ ବାଣୀ
ୟେହା ବଞ୍ଚିଲେ ନାଶ ଗଲାଟି ମତ୍ତପ୍ରାଣୀ । ୪୨ ।
ଯେହେହ୍ନେକ ଆଗ୍ୟାଂ ମୋତେ ଦେବାକ ହୋଉ ବେଗି
ସତ୍ୟବତୀ ପ୍ରତିବାଚ ତୁହି ସେ ମୋହୋର ପରମ ଯୋଗୀ । ୪୩ ।
ବାବୁ ଆମ୍ଭର ବଧୂ ଯେ ଅମ୍ବିକା ଅମ୍ବାଳିକା
ୟେହାଙ୍କର ତୁଲେ ପ୍ରୀତି ହୋଅ ପୁତ୍ର ୟେକା । ୪୪ ।
ରତି ରଙ୍ଗ କର ତୁହି ଦୁହିଙ୍କର ତୁଲେ
ଶୁଣିଣ ବ୍ୟାସେ ଯେ ଥମ୍ଭୀଭୂତ ହୋଇଲେ । ୪୫ ।
ମାଗୋ ୟେ ତ ବଡାଇ ଦୁର୍ଲଭ ୟେ ତ ବଡାଇ ଅନ୍ତର
ଆମ୍ଭର ଲଘିଂଲେ ନାଶ ଗଲାଟି ସଂସାର । ୪୬ ।
ସତ୍ୟବତୀ ବୋଇଲେ ବାବୁ କିଂପା ନ ଭରସୁ
ସଂସାର ଜନଙ୍କର ଅଲୋପ୍ୟ ପାପ ଧଂସୁ । ୪୭ ।
ବିଶେଷେଣ ପରମଦାରା ଆବର ଭ୍ରାଥ ବଧୂ
ପୁତ୍ର ଉତପତ୍ତି ହୋଇଲେ ଯେ ବଂଶ ହୋଇବ ସାଧୁ । ୪୮ ।
ବାବୁ ତୋହୋର ବୀର୍ୟେ୍ୟଣ ଉପୁଜିବ ଯେବଣ ପୁତ୍ର
ଗ୍ୟାନବନ୍ତ ବଳବନ୍ତ ହୋଇବ ହାଦେ ପଣ୍ଡିତ ଭାଗ୍ୟବନ୍ତ । ୪୯ ।
ବାବୁ ଆମ୍ଭର ବଂଶେଣ ଥିବେ ଯେତେକ ପାପୀ
ସମସ୍ତନ୍ତ ମୋକ୍ଷ କରିବ ସେ ପୁତ୍ର ଅଦ୍ୟାପି । ୫୦ ।
ତୁ ୟେ କଥାକୁ ହେଲା ନ କରରେ ବାବୁ
ବଡବୋହୂ ଅମ୍ବିକା ତହିଂକି ୟେହିକ୍ଷଣି ଯିବୁ । ୫୧ ।
ବ୍ୟାସେ ପ୍ରତିବାଚ ମାତା ଗୋ ମୋହୋର ହୋଇଲା ସନମତ
ତୁମ୍ଭେ ଯାଇଂ ତିୟାର ଗୋ ବଧୂ ଯେ ମାନନ୍ତ । ୫୨ ।
ବ୍ୟାସଙ୍କୁ ସନମତ କରାଇ ଚଳିଲେ ସତ୍ୟବତୀ
ଅମ୍ବିକା ଭୁବନେ ସେ ପ୍ରବେଶ ହୋଇଲେକ ଝାତି । ୫୩-୮୪୧ ।

---

୪୭ । ସତ୍ୟବତୀ ବୋଇଲେ ବାବୁ କିଂପାଇ ନ ରସୁ
 ସଂସାର ଲୋକଙ୍କର ପାପ ଭାରା ଧଂସୁ ।
୫୨ ।୨ ତିୟାର-ବୁଝାଅ ।
ଅମ୍ବିକା ଓ ଅମ୍ବାଳିକାଙ୍କୁ ସତ୍ୟବତୀଙ୍କର ଉପଦେଶ
ୟେକାନ୍ତେ ବସାଇଲେ ପଦ୍ମନାଭର ବେନି କୁମାରୀ

ପରମ ଅର୍ଥ କହି ସତ୍ୟବତୀ ଯେ ତିୟାରି । ୧ ।
କଥାୟେ ପଗ୍ଧରିବୁଂ ସତ୍ୟକର ତୁମ୍ଭେ ବେନି
ସତ୍ୟ କର ତୁମ୍ଭେ ଗୋ ସୋମବଂଶର ଠାକୁରାଣୀ । ୨ ।
ଶୁଣି ଅମ୍ବ୍ରିକା ଅମ୍ବ୍ରାଳିକା କରନ୍ତି ଦଇନି
କେମନ୍ତେ କରିବୁଂ ୟେହା ହୋଇବ ଧର୍ମହାନି । ୩ ।
ମାଗୋ ତୁମ୍ଭେ ଆମ୍ଭର ଠାକୁରାଣୀ ଆମ୍ଭେ ତୁମ୍ଭର ଦାସୀ
ସ୍ୱାମୀଙ୍କର ବଚନ କାହିଂ ସେବକ ଜନ ନାସ୍ତି ଯେ ପ୍ରକାଶି । ୪ ।
ମାଗୋ ଗତ ବୁଦ୍ଧି ମାନ ହରାଇଲୁ ସମସ୍ତେହେଂ
ରାଜ୍ୟଭ୍ରଷ୍ଟ ହୋଇଲା ଚିନ୍ତା ଲାଗିଲା ସନ୍ଦେହେ । ୫ ।
କେବଣ ବାଗେ ୟେବେ ଭସ୍ମ ଯେ ଅଙ୍କୁରି
ତୁମ୍ଭେ ଯେମନ୍ତେ ଆଗ୍ୟାଂ ଦେବ ପରମ ମାହେଶ୍ୱରୀ । ୬ ।
ସତ୍ୟବତୀ ପ୍ରତିବାଚ ତୁମ୍ଭେ ଦୁହେଂ ମୋହୋର ଦେହ ଛୁଅଂ
ପାପ ବୋଲଇଂ କି ପୁଣ୍ୟ ବୋଲଇଂ ତୁମ୍ଭେ ୟେକ ମନ ହୁଅ । ୭ ।
ଅମ୍ବ୍ରିକା ବୋଇଲେ ତୁମ୍ଭେ ପରମ ମାହେଶ୍ୱରୀ
ୟେତେକାଳ ପରିଯନ୍ତେ ଆଗ୍ୟାଂରେ ବ୍ରତୁଂ ତୁମ୍ଭରି । ୮ ।
ୟେବେ ମରିବା ବେଳକୁ କିଂପା ବଞ୍ଚିବୁ ଗୁରୁବାକ୍ୟ
ବିଗ୍ଧରି କହିବା ଯେଣେ ଆମ୍ଭଙ୍କୁ ହୋୟେ ଶକ୍ୟ । ୯ ।
ମାଗୋ ଭୀଷ୍ମଙ୍କ ରତହିଂ ଗଲି ତୁମ୍ଭନ୍ତ ତିଆରି
ଦାରା ହେଲେ ସଂଘରିଲା ଭୀଷ୍ମ ନିରାଧାରୀ । ୧୦ ।

---

୫ ଲଜ୍ଜା ମାନନ୍ତ ଛାଡି ମୋତେ କହ ମାୟେ ।
ରାଜ୍ୟ ଭ୍ରଷ୍ଟ ହୋଇଲା ବହୁତ ସନ୍ଦେହେ । ।
୯ ୟେବେ ସରିଲା କଥା କିଂପାଇଂ ମୁଞ୍ଚାଇବା ଗୁରୁବାଣୀ
ବିଗ୍ଧରି କହିବା ଆମ୍ଭଙ୍କୁ ସତ୍ୟବାକ୍ୟ ପୁଣି ।
୧୦ ।୨ ସେ ଦାରା ସଂଘରିଲେ ସତ୍ୟବ୍ରତ କରି । ।
୮ ।୨ ବ୍ରତୁଂ-ବର୍ତ୍ତଂ
ବ୍ୟାସ ଯେ ମୋହୋର ଅଟନ୍ତି ଜ୍ୟେଷ୍ଠ ପୁତ୍ର
ତାହାର ତୁଲେ ତୁମ୍ଭେ ହୋଇବ ପ୍ରିୟମତ । ୧୧ ।
ମାଗୋ ଅମୋହ ରେତ ତାହାର ଅକ୍ଷୟେ ଯେ ବୀର୍ଯ୍ୟ
ସଇନ୍ଦୁ ଉତପତ୍ତି ହୋଇବ ଗୋ ବେନି ଯେ ଆତ୍ମଜ । ୧୨ ।
ସତ୍ୟବତୀଙ୍କ ତହୁଂ ୟେସନେକ ବାକ୍ୟ ଶୁଣି
ମୂର୍ଚ୍ଛାଗତ ହୋଇଲେ ସେ ବେନି ଯେ ବହେଣୀ । ୧୩ ।
ବେନି ଭୁଜେ କୋଳ କରି ସେ ଧଇଲେ ଦୁହିନ୍ତି
ମୁଖେ ଚୁମ୍ବନ ଦେଇ ପ୍ରବୋଧନ୍ତି ମହାସତୀ । ୧୪ ।
ମାଗୋ ବହୁତ ଅନ୍ତର କଥା କହିଲ ନ ବିଗ୍ଧରି
ଦେଢଶୁରର କେମନ୍ତେ ହୋଇବୁଂ ମନୋହାରୀ । ୧୫ ।
ନୀତିବନ୍ତ ହୋଇ ମାଗୋ ଅନୀତି କିଂପାଇଂ କହିଲ
ଜଳ ଅଗ୍ନି କି-। ଏକ ଯେ ଯୋଗ କରାଇଲ । ୧୬ ।
ମାଗୋ ଅଗ୍ନି ଯେ ଅଟନ୍ତି ହାଦେ ଦେବ ବ୍ରହ୍ମା

ଗଙ୍ଗା ଯେ ସେ ବାମଦେବଙ୍କର ବାମା । ୧୭ ।
ଯେନ୍ୟାଯୁଂ ବ୍ରହ୍ମା ଯେ ରୁଦ୍ରଙ୍କ ତହୁଂ ଅଟନ୍ତି ଜ୍ୟେଷ୍ଠ
ଗଙ୍ଗା ଅଗ୍ନି ତ କରାଇଲେ ଯେକ ଭେଟ । ୧୮ ।
ନ ଜାଣି ଜଳ ଅଗ୍ନି ଯେ ଧରନ୍ତି ଯେକ ହସ୍ତେ
ଜ୍ୟେଷ୍ଠ ଶଶୁର ଭ୍ରାଥ ବଧୂ ଯେକ ଯୋଗ ପାପ ଯୁଗତେ । ୧୯ ।
ସେ ପାପେ ଦୂଷିତ ହୁଅନ୍ତି ଯେବଣ ଜନ
ମହାପାପ ଦୋଷ ଯେହୁ ଚିତ୍ରଗୁପତେ ସେ କରନ୍ତି ଲେଖନ । ୨୦ ।
ଯେ କଥା ବିଚାର କିଂପା ନ କର ଗୋ ଶାଶୁ
ଯେତେ ନରକ ଦୋଷରେ ଦେଖୁଂ ଦେଖୁଂ କିଙ୍କେ ପଶୁ । ୨୧ ।
ସତ୍ୟବତୀ ବୋଇଲେ ଗୋ ଉପୁଜିଲେ ସନ୍ତତି
ସେ ପୁତ୍ରେ ସକଳ ଦୋଷ କରନ୍ତି ନା ଶାନ୍ତି । ୨୨ ।

---

୧୧ ।୨ ତାହାର ତୁଲେ ଯେ ତୁମ୍ଭେ ହୋଇବ ସୁରତ । ।
୧୮ ।୨ ଜଳ ଜୂଇରେ ନ କରି ତେଣୁ ଭେଟ
ଜଳ ଜୂଇ ଦୁହିନ୍ତି କରିଲେ ଯେକ ଭେଟ । ।
୧୨ ।୨ ଅମୋହ-ଅମୋଘ, ଅବ୍ୟର୍ଥ ୧୩ ।୨ ବହେଣୀ-ଭଉଣୀ ୨୧ ।୨ କିଙ୍କେ-କି-ାଇଁ
ବ୍ୟାସର ଅଂଶେ ଉପୁଜିବ ଯେବଣ ପୁତ୍ର
ପାପ କଳଙ୍କ କିଛି ନ ଥିବ ଆମ୍ଭର ଯେ ଗୋତ୍ର । ୨୩ ।
ଉଠିଣ ମହାତ୍ମାଣୀ ଧଇଲେ ବେନି ହସ୍ତ
ମାଗୋ ନାସ୍ତି ନ କରିବଟି ମୋହୋର ଶପତ । ୨୪ ।
ଅମ୍ବ୍ରିକା ଅମ୍ବ୍ରାଳିକା ବୋଇଲେ ବସ ଗୋ ତୁମ୍ଭେ ପରମଗୁରୁ
ଯେକେ ତ ଅପୁତ୍ରିକ ହୋଇଲୁଂ କଟାଳ କେତେ କରୁ । ୨୫ ।
ସତ୍ୟବତୀ ବୋଇଲେ ମାଗୋ ଶୁଣ ପୂର୍ବର କଥା
ସନ୍ତାନ ଧର୍ମ କହଇ ଶୁଣ ଗୋ ବାରତା । ୨୬ ।
ନୀଳା କମଳା ବୋଲି ବେନି ଯେ ଭୟେଣୀ
ଦାସ ରାଜାଙ୍କର ସେ ଅଟନ୍ତି ପାଟରାଣୀ । ୨୭ ।
ମା ଗୋ ଦାସ ରାଜା ରାଜ୍ୟ କଲେ ଦଶ ସହସ୍ର ବର୍ଷ ପରିଯନ୍ତେ ଚ୍ଚନ୍ଧଲଭରତ୍ତ
କ୍ଷଚ୍ଛଚ୍ଚଚବରବ୍ଦଷନ୍ଦସ୍ଥ ୧୦୦୦ ସ୍ଥରବତ୍ତଙ୍କ
ସନ୍ତାନ ନୋହିଲା ସେ ଥିଲେ ସତ୍ୟବ୍ରତେ । ୨୮ । ସଂଖ୍ୟା
ମା ଗୋ ରାଜାର ବୀର୍ଯ୍ୟରେ ଯହୁଂ ନୋହିଲା ସନ୍ତତି
ପର ଦାରାୟେଣୀ ସେ ହୋଇଲେ ବେନି ଯୁବତୀ । ୨୯ ।
ଯାହାର ବୀର୍ଯ୍ୟେୟ ସେ ଉପୁଜଇ ପୁତ୍ର
ତାହାନ୍ତ ଘେନି ଶୃଙ୍ଗାର କରାଇଲେ ଗୁପତ । ୩୦ ।
ଯେମନ୍ତେ ହେଂ ସନ୍ତାନ ନ ପାଇଲେ ବେନି ଦେବୀ
କାଳେ ନ ମାନିଲେ ସେ ମାନିତି ଗୁରୁ ଗଉରୋବି । ୩୧ ।
ଷଚ୍ଚମଚ୍ଛଲଟ୍ଟବନ୍ଦଷଭଷକ୍ଷଷନ୍ଦସ୍ଥ
ମଲାଶୁର ଜ୍ୟେଷ୍ଠାଶୁର ଭଗିନୀ ଜାମାତା
ଯେଣେହେଂ ରେତ ଯୋଗ କରାଇଲେ ଅପ୍ରମିତ । ୩୨ ।
ଯେମନ୍ତେଣ ରେତ ଯୋଗ କରାଇଲେ ଅନୀତି

ଯେକା ଦୁହିତାଯେ ମୁଁ ହୋଇଲି ଉତପତ୍ତି । ୩୩ ।
ମାତା ବୋଇଲେ ମୁଁ ଉପୁଜାଇଲି ଅସଦବାଟେ
ତୁ ସତ୍ୟବତୀ ଥାଅ ଗୋ ନାଉକା ଜଳ ଘାଟେ । ୩୪ ।
ଦାସ ରାଜାର ପୁତ୍ର ନାହିଁ ମୁହିଁ ଯେକଇ ଦୁହିତା
ଧର୍ମକୁ ଯେ ଆଗତ କରାଇଲେ ମୋହୋର ଯେ ପିତା । ୩୫ ।

---

୨୯ ।୨ ପରେଣ ପ୍ରିୟଭାବ ହେଲେ ବେନି ଯେ ଯୁବତୀ ।
୩୨ ।୨ ରତି ଯୋଗ କରାଇଲେ ଅପ୍ରମିତା ।
ମୁଁ ଦ୍ୱାଦଶ ବରଷ ହୋଇଲି ଯେତେବେଳେ
ପିତା ଥାପିଲେ ମୋତେ ଯେ ଯମୁନା ନଦୀ କୂଳେ । ୩୬ । ସଂଖ୍ୟା
ପିତାଯେ ବୋଇଲେ ଗୋ ତୁ ନାବ ବାହୁଥିବୁ
ଦୁଇ କୁଳ ଲୋକଙ୍କୁ ତୁ ପାରି କରି ଦେଉଥିବୁ । ୩୭ ।
ଧନ କଉଡି କିଛି ନ ଘେନିମୁ ଯାଚିଲେ ସବସଟ୍ଟନ୍ଧତ୍ତଷ
ସୁଖେଣ ପାରି କରି ଦେବୁ ନାବେଣ ବସିଲେ । ୩୮ ।
ପିତାର ଆଗ୍ୟାଂରେ ମୁଁ ରହିଲି ଯମୁନାର ତଟେ
ସୁଖେଣ ପାରି କରି ଦିଅଇ ମୁହିଁ ଜଳ ଘାଟେ । ୩୯ ।
ମାତାଙ୍କର ଅନୀତି ଅସଦ ପଣ ଦେଖି କରି ଷକ୍ଷକ୍ଷରବଷନ୍ଦଷଲବନ୍ଦର ମଶଷକ୍ଷଯ
କେହି ପ୍ରଦାନ ନୋହିଲେ ମୋତେ, ପିତାହିଁ ବର ନ ବରି । ୪୦ ।
ଯେମନ୍ତେ ରାତ୍ର ଦିବସେ ନଉକାଯେ ମୋର ବସିଥାଇଁ
କଷଣ ନିମନ୍ତେ ଯେ ଆସଇ ତା ଦିଅଇ ପାରିଆଇ । ୪୧ ।
ଯେମନ୍ତେ ନାବ ମୁଁ ବାହିଲି ବେନି ସମ୍ଭ୍ରଷର
ଦିନେକ ନାବରେ ଆସି ବସିଲେ ପାରେଶ୍ୱର ମୁନିବର । ୪୨ ।
ପାରେଶ୍ୱର ବୋଇଲେ ଆମ୍ଭେ ତପନିଷ୍ଠି
ଆନ କାହାକଇଁ ନ ବସାଅ ନାବ ଗୋଟି । ୪୩ ।
ମୁଁ ବୋଇଲି ଯେ ନାବେ ପଞ୍ଚାଶ ଜଣ ବସି
ଯେକା କେମନ୍ତେଣ ଭଡାଯେ ହୋଇବ ମହାଋଷି । ୪୪ । ସଂଖ୍ୟା ଚ୍ଚନ୍ଧଲଭରତ୍ତ
ପାରେଶ୍ୱର ବୋଇଲେ ଆମ୍ଭେ କିଛି ହିଁ ନୋହୁଁ ଗରୁ
ତପୋଧନ ଲୋକ ଆମ୍ଭେ ନାବେ ବସିବାକୁ ଡରୁ । ୪୫ ।
ଯେକା ଯେବେ ଆମ୍ଭନ୍ତ ନିଅ ତୁମ୍ଭେ ପାରିଆଇ
ନୋହିଲେ ନାବରୁ ଆମ୍ଭେ ଯାଉଛୁଁ ଉହ୍ଲାଇ । ୪୬ ।

---

୪୦ ମାତାର ଅଗତି ଅସଦ ପଣ ଆମ୍ଭର ଜାଣି
କେହି ପ୍ରଦାନ ମୋତେ ନୋହିଲେ ନୃପମଣି ।
୪୪ ।୨ ଯେକା କେମନ୍ତେ ଭାରା ହୋଇବ ମହାଋଷି ।
୪୫ ।୨ ତପୋଧନ ବୋଇଲେ ଆମ୍ଭେ ବସିଲେ ଭୟ କରୁ ।
୪୬ ।୨ ନୋହିଲେ ସେ ଆମ୍ଭେ ପଡୁଅଛୁଁ ଡେଇଁ ।
ବସ ମହାଋଷି ବୋଲି ଲୋକନ୍ତ ବାହାର କଲି
ପାରେଶ୍ୱରଙ୍କୁ ବସାଇଁ ମୁଁ ନାବନ୍ତ ବାହିଲି । ୪୭ ।
ନଦୀରେ ନାବ ବାହି ବେଗେ ଚଳିଗଲୁଁ

ମଧ୍ୟ ନଦୀରେ ଯାଇ ପ୍ରବେଶ ହୋଇଲୁଂ । ୪୮ ।
ସ୍ତନ ଜଘନ ଅତ୍ୟନ୍ତମାନ ପୃଥୁଳ ସୁନ୍ଦର କାୟା
ନାବରେ ଦେଖି ମହାତମା ମୋତେ କଲେ ମାୟା । ୪୯ । ଈବବର ଲକ୍ଷଷତ୍ତନ୍ଦଷଚ୍ଚବ
ନ ଚଳଇ ନାବ ମୁଂ ଯେ ବାହି ବାହି ଫୁଟି
ମଧ୍ୟ ନଦୀରେଣ ହାଦେ ବୁଲଇ ମୋର ନାବ ଗୋଟି । ୫୦ ।
ଘୃମେଣ ତ୍ରିପଣ୍ଡ ହୋଇଲାନି ମୋର କାୟେ
ଦେହରୁ ପଣନ୍ତ ଗୋ ଉଡିଗଲା ବାୟେ । ୫୧ ।
ଋଷି ଆଗ ମଙ୍ଗେ ମୁହିଁ ଥାଇ ପଛ ମଙ୍ଗେ
ନୟନ ପୂରାଇ ମୁନି ମୋର ଦେଖନ୍ତି ସ୍ତନ ଜଘଂ । ୫୨ ।
କାମେଣ ବେଭଳ ସେ ହୋଇଲେ ତପଗ୍ରୀ
ଆରମ୍ଭେ ବୋଲନ୍ତି ଆଲୋ ବେଗେଣ କରୁ କିନା ପାରି । ୫୩ ।
ଋଷିହେ ଦୁଇବରଷ ହେଲା ମୁଂ ବାହୁଅଛି ନାବ
କେଉଁଣିସି ଦିନେ ନାହିଁ ୟେସନେକ ଭାବ । ୫୪ । ସଂଖ୍ୟା ବବର ୧୪, ଲଷଚ୍ଚଚ୍ଛତ୍ତ
ବଷତ୍ତକ୍ଷ ତ୍ତବଟ୍ଟରଯ
ତୁମ୍ଭର ମାୟା, ନୋହିଲେ ଗଙ୍ଗାକି ଆମ୍ଭକୁ ଲୋଭକଲା
ନଦୀରେ ଡେଇଁପଡ ତୁମ୍ଭେ ମୋହୋର କିସ ଗଲା । ୫୫ ।
ପାରେଶ୍ୱରେ ବୋଇଲେ ତୁ ନାବ ବାହି ଯେ ନ ପାରୁ
ଆମ୍ଭନ୍ତ ଅପଛ୍ୟାତି ଦେଇ କାହିଁ ନଦୀରେ ପକାଇଂ ଲୋଡି ମାରୁ । ୫୬ ।
ଗଙ୍ଗା ଯେବେ କଷଣ କଲାଟି ମହାଋଷି
ମୁହିଁ ୟେ ନଦୀ ଭିତରେ ପଡୁଅଛି ଝାସି । ୫୭ ।
ଭୋ ଜାହ୍ନବି ଗୋ କର ମୋତେ ଭୋଗ୍ୟ
ରାଜକୁମାରୀ ମୁଂ ୟେଥକୁ ନୋହିଲିଟି ଯୋଗ୍ୟ । ୫୮ ।

---

୪୭ ।୧ ତାଙ୍କର ବୋଲେ ମୁଂ ଲୋକନ୍ତ ବାହାର କଲି ।
୫୭ ।୧ ଗଙ୍ଗା ଯେବେ ଲୋଭ କଲାଟି ମହାଋଷି ।
୪୭ ।୨ ପାରେଶ୍ୱରର-ପରାଶର
୫୧ ।୧ ଘୃମେଣ-ଝାଳରେ ୫୩ ।୧ ବେଭଳ-ବିହ୍ୱଳ
୫୬ ।୨ ଅପଛ୍ୟାତି-ଅପଖ୍ୟାତି
ୟେତେ ବୋଲି ଜଳେ ପଡନ୍ତେଣ ଝାସି
କୋଳ କରି ମୋତେ ଧଇଲେ ପାରେଶ୍ୱର ମହଋଷି । ୫୯ ।
କୋଳେ ଧରିଣ ମୁନି ଜାନୁରେ ବସାଇଲେ
ମଦନ ଆରତେ ମୁନି ମୁଖେ ଚୁମ୍ୱ ଦେଲେ । ୬୦ ।
କାମ ଅସାଷ୍ଟମେ ମୁନି ରମଣ କଲେ ବାଞ୍ଛା
ବଦନ୍ତି ମହାଋଷି ଆମ୍ଭର ତେତେ ଇଚ୍ଛା । ୬୧ ।
ଆପଣେ ବଧୂଙ୍କ ଅଗ୍ରତେ କହନ୍ତି ସତ୍ୟବତୀ ଏଷଚ୍ଚଯଷ ଆପଣେ ଶରତ୍ତର ଚ୍ଚଚଚ୍ଛନ୍ଦ
୨ଚ୍ଚଯ ଟ୍ଟରତ୍ତଙ୍କଚ୍ଛଚ୍ଚ,
ଆମ୍ଭର ଚରିତମାନ ମାଗୋ ଶୁଣ ୟେସନେକ ରୀତି । ୬୨ ।
ପାରେଶ୍ୱର ବୋଇଲେ ମାୟା କଲୁ ତୁକୁ
ତୁ ଗୋ ସତ୍ୟବତୀ ୟେବେ ରମଣ ଦିଅ ମୁକୁ । ୬୩ ।

ମୁହିଁ ବୋଇଲି ମୁନି ହେ ଛାଡ ଛାଡ ମୁକୁ
ଲଜ୍ଜା କିଂ କେ ନ ପାଇଲ ମୋତେ ଶୃଙ୍ଗାର ମାଗିବାକୁ । ୬୪ ।
ମୁହିଁ ବାଳସ୍ତିରୀ ପୁଣ ଅବିଭାଇତ ଅରଜବତୀ ଲଷଚ୍ଚଚ୍ଛତ୍ତ ଚ୍ଚଚ୍ଛ
ଲରଚ୍ଚଙ୍କନ୍ଦତ୍ତନ୍ଧବନ୍ଦଷଚ୍ଛଚ୍ଚ, ନ୍ଧଚ୍ଚଲବତ୍ତତ୍ତଷରଯ
ଆମିଷେ ବଢିଲୁ ଆମ୍ଭେ ଅଟୁ କଇବ୍ରତୀ । ୬୫ ।
ପରସ୍ତିରୀ ବ୍ରହ୍ମସ୍ତିରୀ ଆବର ଗୁରୁଙ୍କ ପତନୀ
ହରିଲେ କେବଣ ଦୋଷ କହ ଆହେ ମହାମୁନି । ୬୬ ।
ଅଗ୍ୟାନ ଲୋକମାନଙ୍କୁ ମୁନି ହେ ତୁମ୍ଭେ ଗ୍ୟାନଦାତା
ତୁମ୍ଭର ଅନୀତି ଆଗ୍ୟର ଲୋଭ ଅପ୍ରମିତା । ୬୭ ।
ଅଗ୍ୟାନୀ ପ୍ରାଣୀଙ୍କିତ କିଛି ଦୋଷ ନାହିଁ
ପଣ୍ଡିତ ହୋଇ ପାପ କଲେ ତାଙ୍କୁ ମୁକତି ଅଛି କାହିଁ । ୬୮ ।
ଗଣ୍ଡୁଷ କର ବୋଲି ମୁନି ମନ୍ତ୍ରିଣ ଦେଲେ ଚଳୁ ଙ୍କବବର ଙ୍କତ୍ତଷଚ୍ଚବବତ୍ତ,
ଷଚ୍ଚଯନ୍ଧମଷଚ୍ଚବ ଲରଚ୍ଚଙ୍କନ୍ଦତ୍ତନ୍ଧବନ୍ଦଷଚ୍ଛଚ୍ଚ
ହୋଇବୁ ତୁ ରଜବତୀ ଭବରସ ତୋହୋର ଯେ ଗଳୁ । ୬୯ ।
କମଣ୍ଡଳୁ ଜଳ ଘେନି ମୁନି କରାଇଲେ ସ୍ନାହାନ
କସ୍ତୂରୀ ଗନ୍ଧ ଆମୋଦଇ ୟେକଇ ଯୋଜନ । ୭୦ ।
ଗନ୍ଧ ସମୀର ବହିଲା ୟେକ ଯୁଣ ପରିଯନ୍ତେ
ପାରେଶ୍ରର ଯୋଜନଗନ୍ଧା ନାମ ଦେଲେଟି ଯେ ମୋତେ । ୭୧ ।

---

୬୭ ।୨ ତୁମ୍ଭର ଅଣ ଆଗ୍ୟର ଅତିହି ଅପ୍ରମିତା ।
୬୬ ।୬ ପତନୀ-ପତ୍ନୀ
ଯେବଣ ଜଳେ ତୁହି ଋତୁ ସ୍ନାହନ କରୁଥିବୁ
କର୍ପୂର ଚନ୍ଦନ ଗନ୍ଧ ଘେନି ଯୋଜନେ ବହିବୁ । ୭୨ ।
ଆଲୋ ବ୍ରହ୍ମଋଷି ଆମ୍ଭେ ତୋତେ କଲୁ ଶ୍ରଦ୍ଧା
ଆଜହୁଁ ନାମ ତୋର ହୋଉ ଯୋଜନ ଯେ ଗନ୍ଧା । ୭୩ ।
ସତ୍ୟବତୀ ବୋଇଲେ ତୁମ୍ଭେ ଶୁଣ ପାରେଶ୍ରର
ଆକାଶେଣ ଉଦିତ ହାଦେ ଦେଖ କରତାର । ୭୪ ।
ଦିବସେ ଶୃଙ୍ଗାର କରନ୍ତେ ବଡ ଦୋଷ ମଚ୍ଛଶବଭଷନ୍ଦବନ୍ଦଷଚ୍ଛଚ୍ଚ ଯବସ୍ଥକ୍ଷଷବଶନ୍ଦ
ଶିରଚ୍ଛେଦ ଦୋଷ ଶାପ ଦିଅଇଟି ଜନ୍ତୁନାଶ । ୭୫ ।
ପାରେଶ୍ରର ବୋଇଲେ ନ ଦେଖୁ କରତାର
ଧୋତି ଅନ୍ତରୀକ୍ଷେ ରୁହାଇଲେ ନ ଦିଶିଲେ କରତାର । ୭୬ ।ମକ୍ଷଚ୍ଛନ୍ଦଶରଙ୍କ
ମଚ୍ଛବ୍ଦରତ୍ତରଯ ଲଚ୍ଛତ୍ତ ଙ୍କରମତ୍ତରମସ୍ଥ
ଦିବସ ଶୃଙ୍ଗାରେ ଯେ ବନିତା ରହିଲା
ମେଷମାସ ଶୁକ୍ଲ ପକ୍ଷ ତିଥି ତୃତୀୟା ହୋଇଥିଲା । ୭୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଦିବସେ ଶୃଙ୍ଗାର କଲେ ଆୟୁଷ ହୋଇ କ୍ଷୟେ
ସନ୍ତାନ ଉତପତ୍ତି ହୋଇଲେ ଦୁଷ୍ଟ ହୋଅଇ ତନୟେ । ୭୮ । ଚ୍ଚଷବଶନ୍ଦ
ମଚ୍ଛଶବଭଷନ୍ଦବନ୍ଦଷଚ୍ଛଚ୍ଚ ଙ୍କନ୍ଧଟ୍ଟରତ୍ତଙ୍କନ୍ଦଷନ୍ଦଷଚ୍ଛଚ୍ଚ
ଦୁହିତା ହୋଇଲେ ସେ ହୋଅଇ ମହାରୋଗୀ
ହତବୀର୍ଯ୍ୟ ହତ ଆଷ୍ୟ ହୋଇ ନାଶ ଯାଇ ବେଗି । ୭୯ ।

ଦିବସ ଶୃଙ୍ଗାର ମୁନି ହୋଇେ ଯେସନେକ ଅବସ୍ତା
ତୁମ୍ଭେ ବ୍ରହ୍ମଋଷି ତୁମ୍ଭ ତହୁଁ ନିକି ମୁହିଁ ଗ୍ୟାଂତା ।୮୦ ।
ଲୋକେ ପୂରି ଅଛନ୍ତି ଯେ ବେନି କୂଲାଣ୍ଟରେ
ରାଜକୁମାରୀ ହୋଇ କେସନେ ପଶିବି ଅବାଟରେ ।୮୧ ।
ତତକ୍ଷଣେ ମାୟା ଯେ କଲେକ ବ୍ରହ୍ମଚାରୀ
ବଇଶାଖ ମାସେ ଯେ ଆଚ୍ଛାଦିଲା କୁହୁଡି ।୮୨ ।
ଋଷିଙ୍କର ମନ୍ତ୍ରବଳେ ନାବ ରହିଲା ମଧ୍ୟନଦୀ
ବେନି କୂଲାଣ୍ଟେ ନ ଲାଗଇ ଋଷି ଅଟେ ମନ୍ତ୍ରବାଦୀ ।୮୩ ।

---

୭୭ ।୧ ଦିବସେ ଶୃଙ୍ଗାର ଯେ ସହିଲା ବନିତା ।
୭୮ ।୨ ସନ୍ତାନ ଉତପତ୍ତି ହୋଇଲେ କୁଷ୍ଠବ୍ୟାଧି ହୋୟେ
୮୧ ।୧ କୂଲାଣ୍ଟରେ-କୂଲାନ୍ତରେ, କୂଳ ବାହାରେ
ମୁନି ହେ ଧର୍ମ ନାଉକାୟେ ଅଗାଦ ଜଳ ଭିତରେ
ପାପକୁ ଭୟେ କେମନ୍ତେ ନ କର ପାରେଶ୍ୱରେ ।୮୪ ।
କାମଦେବ ବୋଲି ଯେବଣ ମହାତମା
ମେଣ୍ଟି ନୁଆରି କୋପେ ଶାପ ଦେଲେ ବ୍ରହ୍ମା ।୮୫ ।
ଧର୍ମ ଛାଡି କନ୍ୟାକୁ କୋଳେ ଧଇଲେ ବ୍ରହ୍ମଋଷି
ଯୋଜନଗନ୍ଧାର ତୁଲେ ଶୃଙ୍ଗାର ରସେ ପଶି ।୮୬ ।
ବିଶେଷେ ମହାତମା ରତି ଶାସ୍ତ୍ରେ ଜିତା
ଅନେକ ରସେ ଶୃଙ୍ଗାର ସହିଲା ବନିତା ।୮୭ ।
ମେଷମାସ ଶୁକଳ ପକ୍ଷ ତିଥି ଯେ ତୃତୀୟା
ସେ ଦିନ ଋଷିଙ୍କର ଶୃଙ୍ଗାର ସତଶ୍ରିୟା ।୮୮ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ତୈତିଳ କରଣ ଭୃଗୁବାର ଶୁଭଯୋଗ
ମେଷ ସଂକରାନ୍ତିର ଯେ ସାତ ଦିନ ଭୋଗ ।୮୯ ।
ନବମ ଘରେ ଚନ୍ଦ୍ରର ବୃହସ୍ପତି ୟେକାଦଶେ
ବାମେ ଯୋଗିନୀ ଅମୃତବେଲା କାଳବଶେ ।୯୦ ।
ମାହେନ୍ଦ୍ରର ଯୋଗେ ଉତପତ୍ତି ହୋଇଲାକ ବଲା
ଅତି ସୁନ୍ଦର ସେ କୃଷ୍ଣ ବର୍ଣ୍ଣ କଲା ।୯୧ ।
ସଇନ୍ଦୁ ନନ୍ଦନ ଯେ ହୋଇଲା ଉତପତ୍ତି
ଦେଖିଣ ପରମ ସାନନ୍ଦ ହୋଇଲେ ସତ୍ୟବତୀ ।୯୨ ।
ପୁତ୍ରକଇଁ କୋଳ କଲେ ପାରେଶ୍ୱର ମହାଋଷି
ମାହେନ୍ଦ୍ରର ଯୋଗେଣ ହୋଇଲା ରୋହିଣୀ ବୃଷରାଶି ।୯୩ । ଭଷତ୍ତନ୍ଦଶ ଚ୍ଛଳ ଟସ୍ଥବଙ୍କ
ଙ୍କବଲର ଯବସ୍ଥ
ପୁତ୍ରକଇଁ କୋଳେ ଧଇଲେ ପାରେଶ୍ୱର
ବ୍ୟାଲ୍ଲୋଳ ରୂପ ଦେଖି ନାମ ଦେଲେ ବ୍ୟାସ ମୁନିବର ।୯୪ ।
ପୁତ୍ରକଇଁ କୋଳେ ଧରିଅଛନ୍ତି ମହାମୁନି
ରୋଦନ ସରୂପେ ପୁତ୍ର ଶବଦ କରଇ ବେଦଧୁନି ।୯୫ ।
ଦେଖିଣ ମହାତମାର ନ ଫୁରଇ କିଛି
ମହାବ୍ରହ୍ମ ଭେଦିଲା ସେ ଅଜପାଲୟେ ବଚ୍ଛି ।୯୬ ।

---

୯୪ ବ୍ୟାଲୋଳ-ବିଶୃଙ୍ଖଳ, ବିଷମ, ଅଙ୍ଗପ୍ରତ୍ୟଙ୍ଗ ଅସମାନ ।
୯୬ ।୧ ବଚ୍ଛି-ବଷ
ମହାଗ୍ୟାନୀ ପୁତ୍ର ଦେଖି ଗଙ୍ଗା ଲୋଭ କଲା
ଭଡ ଭଡ କରି ଗଙ୍ଗା ନାବ ବୁଡାଇଲା ।୯୭ ।
ବୁଡନ୍ତେଣ ନାଉକା ଭାସିଲେ ବ୍ରହ୍ମଯତି
ନଦୀ ଭିତରକୁ ପୁତ୍ର ପକାଇଲେ ଝାତି ।୯୮ ।
ଆଗୋ ଅଗାଦ ଜଳରେ ପଡିଲା ବାଳ ଶିଷି
ଅନାଦି ତୋୟା ସମ୍ଭାଳିଲେ ମୁନି ବେଦବ୍ୟାସି ।୯୯ ।

ଗଙ୍ଗାକୁ ଲାଗିଲା ମହାତେଜ ଜାଳା
ତ୍ରାସେଣ ଛାଡିଲା ସେ ଅନାଦି ଚଞ୍ଚଳା । ୧୦୦ ।
ଅଗାଦ ଗଭୀରେ ପଡିଲା ବାଳ ଶିଷି
ଅନନ୍ତ କୋଟି ବ୍ରହ୍ମାଣ୍ଡ ଭେଦି ପାତାଳ ବୈକୁଣ୍ଠେ ଯାଇ ବସି । ୧୦୧ ।
ମହାବ୍ରହ୍ମ ଭେଦିଲା ସେ ବାଳୁତ ତନୟେ
ଅଣାକାର ବିଷ୍ଣୁ ଦେଖିଲା ସେ ଅନନ୍ତ ଯୋଗଲୟେ । ୧୦୨ ।
ଦେଖିଣ କୋଳେ ଧଇଲେ ସ୍ୱାମୀ ଯେ ପୁରୁଷ ଅଣାକାର
ସାନନ୍ଦେଣ ଗୋପ୍ୟ କଲେ ସେ ଉଦର ଭିତର । ୧୦୩ ।
ଶୂନ୍ୟ ପୁରୁଷର ସେ ଦେଖିଲା ବର୍ଣ୍ଣଚିହ୍ନ
କୋଟି କୋଟି ଅବତାର ସେ ହୋଇଲେ ପ୍ରସନ୍ନ । ୧୦୪ ।
ସମସ୍ତ କୁତୋହଳେ ଦେଖିଲା ଅନାଦି
ଶୂନ୍ୟ ପୁରୁଷ ଗର୍ଭେ ପଶିଲା ମହାବ୍ରହ୍ମ ସାଧି । ୧୦୫ ।
ଶୂନ୍ୟକୁ ଶୂନ୍ୟ ସେ କଲାକ ଲେଖନ
ଅକାଳେ ଭିଆଇଲେ ଭୁତ ଭବିଷ୍ୟ ବର୍ତ୍ତମାନ । ୧୦୬ ।
ବାଞ୍ଛିଣ ବ୍ରହ୍ମା ଯେ କହିଲେ ଅନ୍ଥବ୍ରତେ
ଆଗ୍ୟାଂ ହୋଇଲା ୟେହା ତୁ ବିସ୍ତାର କର ଜଗତେ । ୧୦୭ ।
ଅଘଟଣ ଅକାରଣ ଅଲୟ ଭୁବନ
ୟେଥକୁ ଶୁଣନ୍ତା ନାହିଁ ତୋହୋ ଅର୍ଥମାନ । ୧୦୮ ।

---

୧୦୮ ।୧ ଅଲଂଘ୍ୟ ଅଣାକାର ଅଲୟ ଭୁବନେ
୧୦୮ ।୨ ୟେଣେ ଶୁଣନ୍ତା ନାହିଁ ତୋହୋର ଅର୍ଥମାନେ । ।
୯୯ ।୨ ତୋୟା-ନଦୀ
ଶୁଣ ଗୋ ବଧୂମାନେ ବୋଲନ୍ତି ସତ୍ୟବତୀ
ୟେତେ ବାଗେ ହାଦେ ସନ୍ତତି ଉତପତ୍ତି । ୧୦୯ ।
ଆଗୋ ବାରତା ପାଇଣ ଅଇଲା ଦାସରାୟେ
ପାରେଶ୍ୱରଙ୍କୁ ଆଣିଣ ମୋତେ ପ୍ରଦାନ ଯେ କୟେ । ୧୧୦ ।
ଆମ୍ଭ ଆଦି ଜନ୍ମ ଗୋ ଅଟଇ କଇବ୍ରତୀ
ବ୍ୟାସ ବଞ୍ଚାଇଲା ହାଦେ ଅଜାତି ଅଗତି । ୧୧୧ ।
ମହାବ୍ରହ୍ମ ଘେନିଣ ସମସ୍ତ ୟେକତ୍ର କଲା
ସେ ବେଦବ୍ୟାସ ଅନେକ ପୁରୁଷ ଉଦ୍ଧରିଲା । ୧୧୨ ।
ମା ଗୋ ବ୍ୟାସଙ୍କର ବୀର୍ୟ୍ୟେ ଉପୁଜିବ ଯେବଣ ପୁତ୍ର
ବଳବନ୍ତ ଧାର୍ମିକ ହୋଇବ ବୀର୍ୟ୍ୟବନ୍ତ । ୧୧୩ ।
ତୁମ୍ଭେ ଆନ କିଛି ନ ଧର ଗୋ ମନେ
ପରମ ଗତି ଲଭ ଗୋ ବ୍ୟାସର ପରସନ୍ନେ । ୧୧୪ ।
ଅମ୍ବିକା ବୋଇଲେ ଗୋ ଶୁଣ ସତ୍ୟବତୀ
ସ୍ତିରୀ ଜନ୍ମ ପୋଡୁ ପୋଡୁ ଆମ୍ଭେ ଗୋ ଅଟୁ ମନ୍ଦ ଜାତି । ୧୧୫ ।
ସଦାୟେଣ ଅଶଉଚ ଅନୀତି ଅକ୍ରିୟା
ସମସ୍ତ ବିଧଂସିଲୁ ନାମ ସତଶ୍ରିୟା । ୧୧୬ ।
ମଦିରା ଖାଇ ୟେହ୍ନେ ହୁଅଇ ହେଠମାଥ ଅସମ୍ଭାଳି

ପୁରୁଷ ସୁନ୍ଦର ଦେଖିଲେ ଆମ୍ଭେ ହୋଉ ମତ୍ତଭୋଳୀ । ୧୧୭ ।
ତେଣୁ ଟି ପ୍ରମଦା ନାମ ଯେ ଅଟଇ ଆମ୍ଭର
ଅନୁବ୍ରତେ ଇଚ୍ଛା କରୁଂ ପୁରୁଷ ସୁନ୍ଦର । ୧୧୮ ।
ଆମ୍ଭେ ଅବା ବାଞ୍ଛା କଲୁ ଅନିର୍ଯାପି
ସେ କି-ା ଲଘିଂବେ ବ୍ୟାସ ପଣ୍ଡିତ ମହାତପୀ । ୧୧୯ ।
ସତ୍ୟବତୀ ବୋଇଲେ ଗୋ ତୁମ୍ଭର ଇଚ୍ଛା କଲେ
ଯେହିକ୍ଷଣି ଅଣାଇବି ତୁମ୍ଭର ବୋଇଲେ । ୧୨୦ ।

---

୧୧୩ ।୨ ବଳବନ୍ତ ଧାର୍ମିକ ହୋଇବ ଭିଗଂ୍ୟବନ୍ତ ।
୧୧୬ ।୨ ସମସ୍ତ ସ୍ତିରୀମାନେ ନୁହନ୍ତି ସତଶ୍ରିୟା ।
୧୧୯ ।୧ ଆମ୍ଭେ ଅବା ଆନଙ୍କୁ ବାଛିଲୁ ଅଦ୍ୟାପି ।
୧୧୦ ।୨ କୟେ - କଲେ ୧୧୯ ।୧ ଅନିର୍ଯାପି-ଅତ୍ୟଧିକ ।
ବଦୟନ୍ତି ବଧୂମାନେ ଯେଥି ଯେତେ ପାତକ ହୋଇ
ସେ ପାତକରେ କାରେଣୀ କେ ହୋଇବ ଗୋସାଇଂ । ୧୨୧ ।
ସତ୍ୟବତୀ ବୋଇଲେ ମୁଂ ଯେ ଭେଟାଉଛି ତୁମ୍ଭଙ୍କୁ
ଯେ ପାପ ମାନ ଗୋ ଲାଗିବଇଂ ମୁକୁ । ୧୨୨ ।
ଯଦ୍ୟପି ବଧୂମାନେ ପଶନ୍ତି ଅନ୍ୟ ବାଟେ
ଗୁରୁ ପତ୍ନୀମାନେ ତାହା ରଖନ୍ତି ଆକଟେ । ୧୨୩ ।
ତୁମ୍ଭେ ଯେବେ ମା ଗୋ ଭିଆଇଲ ୟେମନ୍ତ
ତୁମ୍ଭର ବଚନେ ଆମ୍ଭେ କଲୁ ସନମତ । ୧୨୪-୯୬୫ ।

---

୧୨୪ ମୁହିଂ ଯେବେ ଯତ୍ନେ ଭିଆଇଲି ୟେମନ୍ତ
ବଂଶରକ୍ଷା ନିମନ୍ତେ ତୁମ୍ଭେ ଗୋ କର ସନମତ । ।

ସତ୍ୟବତୀଙ୍କ ଦ୍ୱାରା ବ୍ୟାସଙ୍କ ଆଗମନ ଓ ଅମ୍ବାଳିକା ଗର୍ଭରୁ ପାଣ୍ଡୁଙ୍କ ଜନ୍ମ
ପୁଣି ବ୍ୟାସକଇଂ ସୁମରିଲେ ଦେବୀ ଧ୍ୟାନେ
ମାତାଙ୍କର ପାଶେ ପ୍ରବେଶ ହୋଇଲେ ମହାମୁନ୍ୟେ । ୧ ।
ପୁତ୍ର ଗୋଟିକି କୋଳେ ଧରି ଦାସ ରାଜାର କୁମାରୀ
ବ୍ୟାସଙ୍କର କୋଳେ ନେଇ ଦେଲେକ ଯୋଜନଗନ୍ଧା ନାରୀ । ୨ ।
ବାବୁ ୟେତେ କଷ୍ଟେ ଉପୁଜାଇଲୁ ସନ୍ତତି
ନୟନ ଭ୍ରଷ୍ଟ ହୋଇଲା ସେ ରାଜ୍ୟକୁ ଅଗତି । ୩ ।
ବାବୁ ଶରୀରକୁ ସାର ହାଦେ ଅଟଇ ବେନି ଚଛୁ
ସେ ନୟନ ଭ୍ରଷ୍ଟ ହୋଇଲା ତାକୁ ମନରେ କିସ ବାଞ୍ଛୁ । ୪ ।
ୟେତେକ ପାତେକ ତୁ ଯେ କଲୁ ବ୍ରହ୍ମରୟି
ଅନ୍ଧେଣ ସେ ଯେ ବଂଶ ତ ହୋଇଲା ଉଦାସୀ । ୫ ।
କ୍ରୋଧ କରିଣ ସତ୍ୟବତୀ କହନ୍ତି ବ୍ୟାସଙ୍କୁ
ପୁଣ ୟେବେ ବିଜେ କର ବାବୁ ଅମ୍ବାଳିକା ପୁରକୁ । ୬ । ତ୍ତରଟ୍ଟରବନ୍ଦ ମତ୍ତଷଲର, ଋଷଚ୍ଚ
ତାହାର ତୁଲେ ପୁତ୍ର ତୁ ବଢାଅ ପୀରତି

ପୁତ୍ର ଜାତ ହୋଉ ବାବୁ ରାଜ୍ୟଧର ମୂରତି । ୬ ।
ଶୁଣିଣ ବିଷାଦ ହୋଇଲେ ତପୀ ଭଗବନ୍ତ
କେତେ କରାଉ ମା ଗୋ ଅଲୋକିତ ପାତକନ୍ତ । ୮ ।
ସତ୍ୟବତୀ ବୋଇଲେ ବାବୁ ଯେବେ ସେ ହରିଲୁ
ଆବର ପାତକକୁ ବାବୁରେ କିଂପେ ଭୟେ କଲୁ । ୯ । ତ୍ତରଟ୍ଟରବନ୍ଦ ମତ୍ତଷଲର, ଙ୍କଷଚ୍ଚ
ବାବୁ ମୋହୋର ଶପତ ତୋତେ ନ ଧର ମନେ ଆନ
ପାତକ ଦୂର କରି ଉପୁଜାଅ ସନ୍ତାନ । ୧୦ ।
ବ୍ୟାସକୁ ସନମତ କରାଇଲେ ଯୋଗେଶ୍ୱରୀ
ପ୍ରବେଶ ହୋଇଲେ ଦେବୀ ଅମ୍ବାଳିକା ପୁରୀ । ୧୧ ।
ତିଆରନ୍ତି ସତ୍ୟବତୀ ଅମ୍ବାଳିକାର ସମେତେ
ଅନେକ ଭଗତି ଅମ୍ବାଳିକା ହୋଇଲା ପ୍ରଣପତେ୍ୟ । ୧୨ ।
ସତ୍ୟବତୀ ବୋଇଲେ ମା ଗୋ ଶୁଣ ଅମ୍ବାଳିକା
ତୁ ମୋହୋର କୁଣମଣ୍ଡଣୀ ଅଟୁ ଗୋ ଯେକା । ୧୩ ।
ଅମ୍ବିକାର ହୋଇଲା ପୁତ୍ର ଯେ ଗୋଟିଯେ
ତୁ କିଂପେ ତୁଷ୍ଟ ହୋଇଲୁ ନ କଲୁ ଉପାୟେ । ୧୪ ।
ଯେମନ୍ତେ ପୁତ୍ର ଗୋଟିଯେ ହୁଅଇ ତୋର ଜାତ
ତହିଁକି ଉପାୟ ବୁଦ୍ଧି କରସି ଗୋ ମାତ । ୧୫ ।
ଅମ୍ବାଳିକା ବୋଇଲା ଗୋ ଛାଡିବା କେହ୍ନେ ଧର୍ମ
ନୋହଇ କିନା ପୁତ୍ର ଲିଖିତ ଯେହ୍ନେ ମୋର କର୍ମ । ୧୬ ।
ସତ୍ୟବତୀ ବୋଇଲେ ବୁଦ୍ଧି ଉପାୟେ ଗୋ ଥିଲେ
ବଂଶ ରକ୍ଷା କର ଗୋ ଯେ ଯାହାର ବୁଦ୍ଧିବଳେ । ୧୭ ।

---

୪ ।୧ ଚଚ୍ଛୁଙ୍ଗଚକ୍ଷୁ
୭ ।୨ ପୁତ୍ର ଜନ୍ମ ହୋଉ ବାବୁ ରାଜ୍ୟକୁ ଆଧିପତି ।
୮ ।୧ ଶୁଣିଣ ବିମର୍ଶିତ (ବିଧୁରିତ) ହୋଇଲେ ତପୀ ଭଗବନ୍ତ ।
୧୨ ।୧ ତିଆରନ୍ତି ସତ୍ୟବତୀ ଅନେକହି ମତେ
୬ ।୧ କ୍ରୋଧକରିଣ-କାନ୍ଦିକରି
ଦୁଇ ଭୟେଣୀ ଯେବେ ଥାଆନ୍ତ ସେହି ମତେ
ତାହାର ସଂପଦ ତୁ ମୂର୍ଚ୍ଛିବୁ କେମନ୍ତେ । ୧୮ ।
ଯେବେ ବ୍ୟାସ ଆସିବେଟି ତୋହୋର ଭୁବନକୁ
ଭାବେଣ ଭଗତି ତୁ ହୋଇବୁ ତାହାକୁ । ୧୯ ।
ଯେକ ମନେ ଯେକ ଯୋଗେ ବଢାଅ ପୀରତି
ରାଜ୍ୟଧର କୁମରେକ ହୋଉ ଉତପତ୍ତି । ୨୦ ।
ଶୃଙ୍ଗାର କାଳେ ଅମ୍ବିକା ଅସାଷ୍ଟମ ହୋଇଲା
ନୟନ ବୁଜିଲାକୁ ପୁତ୍ର ଅନ୍ଧ ଯେ ହୋଇଲା । ୨୧ ।
ବ୍ୟାସକଇଁ ଆନନ୍ଦେଣ ଦିଅସି ଶୃଙ୍ଗାର
ତୋହୋର ପୁତ୍ର ଗୋଟି ଗୋ ହୋଉ ରାଜ୍ୟଧର । ୨୨ ।
ଯେହା ଶୁଣି ବିଷାଦ ଛାଡିଲା ମାନବତୀ
ଅମ୍ବାଳିକାକୁ ବେଶନ କରାଇଲେ ସତ୍ୟବତୀ । ୨୩ ।

ବ୍ୟାସନ୍ତ ଘେନି ପ୍ରବେଶ ହୋଇଲେ ଅନ୍ତେଶ୍ୱର ପୁରେ
ବିଜେ କରାଇଲେ ନେଇ ଚନ୍ଦ୍ରଶାଳା ମନ୍ଦିରେ । ୨୪ ।
ଅନେକ ବେଶ ବେଶନ କରାଇଲେ ଅମ୍ବ୍ରାଳିକା
ବ୍ୟାସକଇ ଭେଟ କରାଇଲେ ଶଉନିକା । ୨୫ ।
ପାରେଶ୍ୱର ନନ୍ଦନ ହୋଇଲେ ଆନ ବେଶ
ପାଣ୍ଡୁର ବର୍ଣ୍ଣ ମୁନିଙ୍କର ଶରୀର ପରକାଶ । ୨୬ । ଭକ୍ଷବମହ ଟସ୍ଥବଙ୍କ ଭରମଚ୍ଛଲରଙ୍କ
ଦ୍ଧଶଷନ୍ଦର ବଙ୍କଶ
ଚନ୍ଦନ ଅଗର ଚଉସମ କର୍ପୂର କସ୍ତୁରୀ
ନାନା ସୁଗନ୍ଧ ଯେ ଶରୀରେ ଲେପନ କରି । ୨୭ ।
ଅନେକ ଆଭରଣ ଅଳଙ୍କାର କାୟେ
ଋଷି ରୂପ ଛାଡି ଦିଶିଲେ ରାଜ୍ୟଧର ପ୍ରାୟେ । ୨୮ ।

---

୨୦ ।୧ ତାହାମେଳେ ୟେକ ଯୋଗେ ବଢାଅ ପୀରତି ।
୨୦ ।୨ ରାଜେ୍ୟଶ୍ୱର କୁମରେକ ହୋଉ ଉତପତ୍ତି । ।
୨୬ ।୧ ପରାଶର ନନ୍ଦନ ହୋଇଲେ ଦିବ୍ୟ ବେଶ
୨୫ ।୨ ଶଉନିକା-ଶଉନିକୀ (ଓଡିୟାରେ ଶଉନିକା) କଂସେଇ, ଶିକାରୀ, ଶବର ଏଠାରେ
ମଷ୍ୟଜୀବୀର କନ୍ୟା
ହେତୁ ।
ଜଗବନ୍ଦନ ପୁରୁଷ ଅଟଇ ମହାବ୍ରହ୍ମ
ଅନଙ୍ଗ ସୁନ୍ଦର ସେ ପୁରୁଷଙ୍କ ଉତ୍ତମ । ୨୯ ।
ଦୀକ୍ଷା ଗୁରୁ ଗ୍ୟାନ ଗୁରୁ ଶିକ୍ଷାଗୁରୁ ମହାଭିଗଂ୍ୟ
ପରମ ଗୁରୁ ସାଧକ ପୁରୁଷ ଅନାଦି ସର୍ବଗଂ୍ୟ । ୩୦ ।
ଦ୍ୱୈପାୟନ ନାରାୟଣ ଯେ ପ୍ରଳୟ କାଳବଙ୍ଗ୍
ଷାଠିୟେ ଲକ୍ଷ ମହାଭାରତ ଯେହୁ କଲେ ସଙ୍ଗ୍ । ୩୧ ।
ମଦନ ଭାବିନୀ ସେ ଅଟଇ ଅମ୍ବ୍ରାଳିକା
ପରମ ଯୋଗେଶ୍ୱରୀ ସେ କାମରସ ଶିଖା । ୩୨ ।
ମଦନ ମନ ପବନ ତିନିହିଁ ନିରୋଧୀ
ଘୋଟିଲା ମୟାଣ ଭେଟିଲା କାମ ଯୋଧୀ । ୩୩ ।
ରତି ଖେଦ ଘେନିଣ ବିଜୟେ ମୁନି ୟେକେ
ଅମ୍ବ୍ରାଳିକା ପ୍ରିୟଭାବ କଲା ଯେ ପଲଙ୍କେ । ୩୪ ।
ଧର୍ମ ଧର୍ମ ସୁମରନ୍ତି ଦାସ ରାଜାର କୁମାରୀ
ଭୋ ଧର୍ମ ପୁରୁଷ ସୋମବଂଶ ହୋଉ ଯେ ଉଦ୍ଧାରି । ୩୫ ।
ମଦନ ଶରଘାୟେ ଭେଟିଲେ ମହାଋଷି
ଅମ୍ବ୍ରାଳିକାକୁ କୋଳ କରି ଧଇଲେ ଆକ୍ରେଷି । ୩୬ ।
ଧର୍ମ ଧର୍ମ ସୁମରନ୍ତି ଯେ ପଦ୍ମନାଭର ବାଳୀ
ଭୁଜେ ଭୁଜେ ଭିଡି ମହାତମା ବିନୟେ ହିଆଳି । ୩୭ ।
ହୃଦୟରେ ହୃଦ ଭିଡି ମୁଖରେ ଚୁମ୍ବ୍ରନ
କାମର ଆତୁରେଣ ମୁନି ହୋଇଲେ ବିବସନ । ୩୮ ।
ବିବସନ କରିଣ କୋଳେ ଧଇଲେ ମହାମୁନ୍ୟେ

ହାସ୍ୟ ଲାସ୍ୟ ପ୍ରେମ କୁତୋହଳେ ଅଧର ପାନେ । ୩୯ ।
ଚନ୍ଦ୍ରକଳା ଭେଦିଲା ସେ ରତିଶାସ୍ତ୍ର ଯୋଗେ
ଧାତୁ ମାତୁ ବାମାର ଚଳିଲାକ ବେଗେ । ୪୦ ।

---

୨୯ ।୧ ମହା ଯୋଗେଶ୍ୱରର ପୁରୁଷ ସେ ଅଟନ୍ତି ମହାବ୍ରହ୍ମ
୩୦ ।୨ ସକଳ ସାଧକ ପୁରୁଷ ଅନାଦି ସର୍ବଗଂ୍ୟ । ।
୩୨ ।୨ ପରମ ମାହେଶ୍ୱରୀ ସେ କାମରସ ଶିଖା । ।
୩୭ ।୨ ଭୁଜେ ଭିଡି ଅମ୍ୱାଳିକାକୁ ମନର ହିଆଳି ।
୪୦ ।୨ ଧାତୁ ବାଦ ରସ ବୁଡିଲା କାମ ବେଗେ ।
ରସ ଖଳିତ ଯହ୍ନଂ ହୋଇଲା ପରମଦା
ଭାବେଣ ଭାବିନୀ ଆକର୍ଷଇ ବ୍ରହ୍ମସିଦ୍ଧା । ୪୧ ।
ମୁଖେ ଚୁମ୍ୱନ ଦେଇ ଭିଡଇ ବେନିଭୁଜ ଗତେ
ଅମ୍ୱାଳିକା ବୋଇଲା ମୋହୋର ପ୍ରାଣ ରଖ ତପୋବନ୍ତେ । ୪୨ ।
ଶୃଙ୍ଗାର ମାଗଇ ବାଳୀ କାମର ଉଚ୍ଚାଟେ
ଯାମଳା ତରୁ ଯେହ୍ନେ ଜଡିତ ଯେକ ଭେଟେ । ୪୩ ।
ଅଭୟେ ବିଭଙ୍ଗ ତ ମୁନି ରତିରଙ୍ଗେ ଇଚ୍ଛା
ଛାଡିଲା ଲାଜ ଭୟ ପୂରୋଇଲା ମନବାଞ୍ଛା । ୪୪ ।
ଭାବେଣ ବୁଡିଲା ସେ ପଚିଶ ପ୍ରକୃତି
ହେଠମାଥ ଶୃଙ୍ଗାରେ ଅଶାନ୍ତି ଅତ୍ରିପୁତି । ୪୫ ।
ମଗୁଶୀର କୃଷ୍ଣ ଚତୁର୍ଥୀ ଯେ ଅର୍କବାର
ରୋହିଣୀ ନକ୍ଷତ୍ର ବୃଷ ଚନ୍ଦ୍ର ସେ ଦିନର । ୪୬ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବିଛା ସଂକ୍ରାନ୍ତିର ଦିନ ପଚିଶ ଯେ ଭୋଗ
ବାଳବ ନାମେ କରଣ ଶିବ ନାମେ ଯୋଗ । ୪୭ ।
ରୋହିଣୀ ବୃଷରାଶି ଜାତ ଶୁକ୍ରକ୍ଷେତ୍ରୀ
ସପତମ ଘରେ ଶୁକ୍ର ନବମେ ବୃହସ୍ପତି । ୪୮ ।
ଯେସନେକ ସମୟେ ଉତପତ୍ତି ହୋଇଲାକ ବଲା
ରାତ୍ର ଘଡିୟେକଠାରେ ପୂର୍ଣ୍ଣ ଚନ୍ଦ୍ରକଳା । ୪୯ ।
ମରକତ ରସାଣିଲା ପ୍ରାୟେ ଦିଶଇ ଦେହବର୍ଣ୍ଣ
ଶିଖୀ ସିଦ୍ଧ କପାଳ ଯେ ଘଟିତ ଲେଖନ । ୫୦ ।
ଆରକତ ପଦ୍ମଜାଣି ଦିଶଇ ବେନି ଚଛୁ
ଗଜରିପୁ ବକ୍ଷସ୍ଥଳ ମଝା ସମକଛୁ । ୫୧ ।
ଆକର୍ଷଣ ବାହୁ ବିଜେ ମକରକେତନ ସରୂପ
ଚଉଷଠି ଗୁଣ ଲକ୍ଷଣ ଅନଙ୍ଗ ସମଧାପ । ୫୨ ।
ଅନେକ ଲକ୍ଷଣେ ଉତପତ୍ତି ହୋଇଲାକ ସୁତ
ଦିବି ଭୁବି ପାତାଳ ତ୍ରୈଲୋକ୍ୟେ ବିଦିତ । ୫୩ ।
ଅମୃତ ବେନି କୁଣ୍ଡଳ ଶୋଭିତ ବେନି କର୍ଣ୍ଣେ
ଶୁଦ୍ଧ ପଦକମଣି ଶୋଭିତ ସନ୍ନିଧାନେ । ୫୪ ।
ପୁତ୍ର ଦେଖି ଉଷତ ସେ ହୋଇଲେ ସତ୍ୟବତୀ
ଦିଗପାଳମାନଙ୍କୁ କରନ୍ତି ଅନେକ ଯେ ସ୍ତୁତି । ୫୫-୧୦୮୦ ।

---

୫୦ ।୧ ମର୍କତ ରସାଣ ଦିଶଇ କନକ ବର୍ଣ୍ଣ
୫୦ ।୨ ଶ୍ରୀଖଣ୍ଡି କପାଳ ଘଟିତ ଲେଖନ । ।
୫୨ ।୧ ଆଜାନୁବାହୁ ନିବିଡ ବକ୍ଷସ୍ଥଳ
୪୧ ।୧ ପରମଦା-ପ୍ରମଦା

ବ୍ୟାସଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କୁ ଦିବ୍ୟଚକ୍ଷୁଦାନ, ସଞ୍ଜୟଙ୍କଠାରୁ ଧୃତରାଷ୍ଟ୍ର ଓ ପଣ୍ଡୁଙ୍କର ବିଦ୍ୟାପାଠ
ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗପତି
କୁରୁବଂଶେ କୁମର ଯେ ପଣ୍ଡୁ ଉତପତ୍ତି । ୧ ।
ପୁତ୍ରନ୍ତ କୋଳେ ଧରି ସାନନ୍ଦ ଯୋଜନଗନ୍ଧା
ତ୍ରଇଲୋକ୍ୟ ମୋହନ ପୁତ୍ର ଦେଖି ସମସ୍ତେ କଲେ ଶ୍ରଦ୍ଧା । ୨ ।
ବ୍ୟାସଙ୍କ ବଦନ ଗ୍ରହିଁ ବୋଇଲେ ସତ୍ୟବତୀ
ଧର୍ମ ରକ୍ଷା କଲୁ ପୁତ୍ର ଉପୁଜାଇଲୁ ସନ୍ତତି । ୩ ।
ବଂଶେଣ ସାଧୁ ଯେ ଉପୁଜିଲା ତୋର ଧନି
ସୋମବଂଶ ଉଦ୍ଧରିଲୁ ତୁ ପଣ୍ଡିତ ଭିଗଂ୍ୟ ମୁନି । ୪ ।
ଆକାଶେଣ ସାଧୁ ସାଧୁ ତୋତେ କଲେ ବୃନ୍ଦାଅର୍କେ
ଯେସନେକ ପୁତ୍ର ଜାତ କରନ୍ତା ନାହି ଯେକେ । ୫ ।
ବାବୁ ଅମ୍ବ୍ରିକାର ପୁତ୍ର ଗୋଟି ଯେ ଉପୁଜାଇଲୁ କୁଳ ଜ୍ୟେଷ୍ଠ
ଚକ୍ଷୁର ବିହ୍ନେ ନାମ ତା ହୋଇଲା ଧୃତିରାଷ୍ଟ୍ର । ୬ ।

---

୫ ।୨ ଯେସନେକ କୀରତି ନାହିନା ତ୍ରିଲୋକେ ।
୬ ।୨ ଧୃତିରାଷ୍ଟ-ଧୃତରାଷ୍ଟ୍ର ।
ତୋହୋର ମହିମା ପୁତ୍ର ବଡ ଅସମ୍ଭବ ଜାଣ
ଯେତେ ବଳବନ୍ତା ପୁତ୍ର ହୋଇଲାକ ପୁଣ । ୭ ।
ମାତାର ବଚନେ ମୁନି ଧୃତିରାଷ୍ଟ୍ରକୁ ଦୟା କଲେ
ଦିବ୍ୟଚଛୁ ମହାତମା ହୃଦୟେ ତାର ଦେଲେ । ୮ ।
ଗର୍ଭକୁ ଗ୍ରହିଁଲେ ତାକୁ ଦିଶଇ ସମସ୍ତ ଉଶତ୍ତଷନ୍ଦବତ୍ତବଙ୍କଶନ୍ଦତ୍ତବ ଙ୍କରରଙ୍କ
ନ୍ଦଶତ୍ତଚ୍ଛନ୍ଧବଶ ଙ୍କନ୍ଦଚ୍ଛଲବମଶ
ତୁଳେଣ ଛାଡି ମୁନି ଗାଲବ୍ୟର ସୁତ । ୯ ।
ଅନ୍ତସିଦ୍ଧା କର୍ଣ୍ଣସିଦ୍ଧା ରସ ଧାତୁବାଦ ବିଦ୍ୟା
ଆକର୍ଷଣ ବିକର୍ଷଣ ଦୃଷ୍ଟିକୁ ମନ୍ତ୍ରସିଦ୍ଧା । ୧୦ ।
ଅନୁକ୍ରମେଣ ଆମନ୍ୟାୟେ ଅଙ୍ଗନ୍ୟାସ ଧ୍ୟାୟେ
ଯୋଗବ୍ରହ୍ମ ମୁଦ୍ରା ସାତୁକ୍ୟ ବ୍ରହ୍ମ ତଲ୍ଲୟେ । ୧୧ ।
ଧରଣ ଧାରଣ ବ୍ରହ୍ମ ଗୁଟିକା ଅଞ୍ଜନ ରସ ରସାୟନ
ସଞ୍ଜୟ କୁମାରକୁ କରାଇଲେ ପଠନ । ୧୨ ।
ଶର ଶାହାସ୍ର ସୁର ସାଗର ସଂକଲ୍ପ ବଳ
ଗ୍ୟାନ ଧ୍ୟାନ ଶାସ୍ତ୍ର ସଂହିତା ବେଦ ବିଦ୍ୟା ସକଳ । ୧୩ ।

ଯେତେକେ ସଞ୍ଜୟକୁ କଳେ ସର୍ବଜିତ।
ଆବର ଚଉଦ ବିଦ୍ୟା ଶତେ ଭାଷା ନିର୍ଜିତ । ୧୪ ।
ଧାର୍ମିକ ବିବେକ ସେ ଗାଲବ୍ୟର ସୁତ
ଅନ୍ଧ ନନ୍ଦନର ତୁଲେ କରାଇଲେ ପ୍ରିୟମତ । ୧୫ ।
ସଞ୍ଜୟେ କହନ୍ତେ ସେ ଶିଖଇ ଧୃତିରାଷ୍ଟ୍ର
ବ୍ୟାସର ପ୍ରସନ୍ନେ ସେ ମହା ଧାର୍ମିକ ବଳିଷ୍ଠ । ୧୬ ।
ପୁତ୍ରକୁ ପ୍ରତିପାଳିଲେ ଦେବୀ ଅନେକ ଯତନେ
ପୁତ୍ରକୁ ଦେଖିଣ ମୁନି ଗଲେ ଅନ୍ତର୍ଦ୍ଧାନେ । ୧୭ ।
ପୁତ୍ର ଦେଖି ହରଷ ଭୀଷ୍ମ ଭୂରିଶର୍ବା
ପାରେଶ୍ୱର ଶାୟେଂତନୁ ଦେଖି ହରଷ ପୁତ୍ର ସମ୍ଭବା । ୧୮ ।
ଧୃତରାଷ୍ଟ ପଣ୍ଡୁ ପଢନ୍ତି ପୁତ୍ର ବେନି
ପାଳନ୍ତି ସତ୍ୟବତୀ ଦାସ ରାଜାର ନନ୍ଦନୀ । ୧୯-୧୧୧ ।

---

୧୪ ।୧ ସଞ୍ଜୟକୁ କହିଲେ ସର୍ବସିଦ୍ଧା ।
୧୪ ।୨ ଚଉଦ ବିଦ୍ୟା ଶତେ ଶାଖା ଯେକା ନିରିଜିତ । ।
୧୦ ।୨ "ଆକର୍ଷଣ..... ମନ୍ତ୍ରସିଦ୍ଧା" ପାଦାନ୍ତ ପରେ 'ଠ' ପୋଥିରେ ଅଧିକା ପାଠ:-
ସ୍ତମ୍ଭନ ମୋହନ ଆଦି ମନ୍ତ୍ରେ ଦେଇ ଲୟ
ଯୋଗ ବ୍ରହ୍ମା ଦମ୍ଭ ମୁଦ୍ରା ସାର୍ଥ କଲା କାୟ । (ଠ)
୧୧ ।୧ ଆମ୍ନାୟ-ବେଦପାଠ, ଅପଭ୍ରଂଶ-ଆମନ୍ୟାୟ
ଅମ୍ତ୍ରାଳିକାର ପ୍ରୟାଗରେ ଝାସ
ଅମ୍ତ୍ରାଳିକା ବୋଇଲେ ଯେ ଶୁଣ ସତ୍ୟବତୀ
ବଚନ ଅଲଘିଂତେ ମୁଂ ହୋଇଲି ଅଗତି । ୧ ।
ଦ୍ରୁପଦ ପାତକେ ଉପୁଜାଇଲୁ ଆତ୍ମଜା
ମମ ଦୂଷିତ କର୍ମ କୁଳେଣ ବଡ ଲଜ୍ଜା । ୨ ।
ଅନେକ ପାତକ ଦୋଷେ ହୋଇଲି ମହାଭାରି
ପୁତ୍ରନ୍ତ ଜାତ କଲୁ ଗୋ ସମ୍ଭାଳ ମୋହୋରି । ୩ ।
ଯତନେ ଦେବୀ ପ୍ରତିପାଳ ନ ଭାଳ ଗୋ ମୁକୁ
ମୁହିଁ ଯିବି ମା ଗୋ ପ୍ରୟାଗ ତୀର୍ଥକୁ । ୪ ।
ଦୋଷ ଦହନ ନିମନ୍ତେ ତୀର୍ଥେ ଝାସିବି ଅବଶ୍ୟ
ମୁକୁଇଂ କଲ୍ୟାଣ ଗୋ କରିବା ହରଷ । ୫ ।
ମାତାୟେ ବାରଣ ନ କଲେ ଧର୍ମ ଅର୍ଥେ
ରାଜ୍ୟଧର ପୁତ୍ର ଥାନ୍ତେ ମାତା ଯିବୁ ଗୋ କେମନ୍ତେ । ୬ ।
ଆହୋ ତୁଲେଣ ଘେନିଲେ ସେ ଦ୍ୱାଦଶ କାମିନୀ
ତୀର୍ଥବାସ ନିମନ୍ତେ ବାହାର ତପୋଧନୀ ବେଶ ଘେନି । ୭ ।
ଛାଡିଲା ରାଗ ମୋହ ମାତାଙ୍କର ସୋଗ
ପଞ୍ଚମାସେ ପ୍ରବେଶ ହୋଇଲେ ପ୍ରୟାଗ । ୮ ।

---

୨ ।୨ ଦୂଷିତ କର୍ମେଣ ଉଭୟ କୁଳକୁ ଲଜ୍ଜା । (ପା)
୮ ପ୍ରବେଶ ହୋଇଲେ ଯାଇ ବନମାର୍ଗ ପଥେ ।

ପଞ୍ଚମାସେ ପ୍ରବେଶ ହୋଇଲେ ଯାଇ ପ୍ରୟାଗ ତୀର୍ଥେ । (ପା)
ତୁଳମାସ ଶୁକ୍ଲପକ୍ଷ ଶନିବାର ଚତୁର୍ଦ୍ଦଶୀ
ରୋହିଣୀ ନକ୍ଷତ୍ରେ ଦେବୀ ପ୍ରୟାଗେଣ ପଶି । ୯ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ସ୍ନାହାନ ସାରି କରି ଦେବୀ ମାଧବ ଦରଶନ
ବଟର ତଳେଣ ବିପ୍ରଙ୍କୁ ଅନେକ ଦିଲେ ଦାନ । ୧୦ ।
ଭୋଦେବ ମାଧବ ମୋହୋର ଆବର ପାତକ ଯେ ନାହିଁ
ପରେଣ ହିଂସା ଅପବାଦ ନୋହିଲାଇ ମୁହିଁ । ୧୧ ।
ଯେକ ପାତେକ କଲି ମୁଁ ବଂଶ ରକ୍ଷାର ନିମନ୍ତେ
ଜ୍ୟଷ୍ଠାଶୁର ଶୃଙ୍ଗାର କରାଇଲୁଁ ଗୁରୁ ବଚନର ଅର୍ଥେ । ୧୨ ।
ଯେ ମୋହୋର ଦୋଷ ଖଣ୍ଡଣ କରିବା ଶିରିରଙ୍ଗ
ସ୍ତିରୀ ଧର୍ମ ଦୋଷରୁ ମୋତେ ଉଦ୍ଧାରିବା ବେଗ । ୧୩ ।
ଯେତେକ ଦୋଷ ସେ ପଦ୍ମନାଭର କୁମାରୀ
ତ୍ରିବେଣୀ ସଂଗମେ ଝାସିଲା କରତାର ସୁମରି । ୧୪ ।
ଗୁରୁ ହରଣ ଦୋଷ ଯେ ସମସ୍ତ ନାଶ ଗଲା
ନିରଞ୍ଜନ ସରୂପେ ଯାଇଁ ସେ ଆକାଶେ ବସିଲା । ୧୫-୧୧୬ ।

---

୯ ।୨ "ରୋହିଣୀ ନକ୍ଷତ୍ରେ ଦେବୀ ପ୍ରୟାଗେଣ ପଶି" ପାଦାନ୍ତ ପରେ ଅଧିକା ପାଠ:-
ଶୁଣିଣ ଦେବୀ ଯେ ବୋଲନ୍ତି ବଚନ ।
ଅନୀତି କଥା କରି କାହା ମୁଖ ଗ୍ରହୁଁଥିବା ପୁଣ । ।
ଜୀଇଁ ଥିଲେ ଅକୀର୍ତ୍ତି ମଲେ ସଦଗତି । (ସଦ୍ଗତି ଅର୍ଥାତ୍ ମଲେ କଥା ଗଲା)
ମୋହୋର ପ୍ରଭୁ ମଲେ ପୁତ୍ର କାହୁଁ ହୋଇଲା ଉତପତ୍ତି । ।
ଯେମନ୍ତ ବଚନ ଯହୁଁ ଶୁଣିଲେ ସତ୍ୟବତୀ ।
ତୁନୀ ହୋଇଲେ ମନକୁ ଦୁଖ ମତି । ।
ଯେଉଁ ସମୟରେ ଗୋ ପ୍ରୟାଗରେ ଝାସିବି ।
ସମସ୍ତ ପାତକ ଗୋ ଜାହ୍ନବୀଙ୍କି ଦେବି । ।
୧୧ ।୨ ପରେଣ ଶୃଙ୍ଗାର ଅପବାଦ ନୋହିଲାଇ ମୁହିଁ । (ପା)
୧୨ ।୨ ଜ୍ୟଷ୍ଠାଶୁରକୁ ଶୃଙ୍ଗାର ଦେଲି ବଚନ ଅଲଘିଁତେ । (ପା)
ଗୁରୁ ଲୋକେଶ୍ୱରଙ୍କର ପଣ୍ଡୁ ଓ ଧୃତରାଷ୍ଟଙ୍କୁ ବିଦ୍ୟା ଦାନ
ଧୃତରାଷ୍ଟ ପଣ୍ଡୁ ବଢନ୍ତି ବେନି ଭ୍ରାଥେ
ପ୍ରସନ୍ନେ ତାଙ୍କୁ ବିଦ୍ୟା ଦିଲେ ଗାଲବର ସୁତେ । ୧ ।
ଋଷଭ ମାସ ପୂର୍ଣ୍ଣିମା ତିଥି ଚନ୍ଦ୍ରବାର ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଜ୍ୟଷ୍ଠା ନକ୍ଷତ୍ର ଭୋଗ ଯେ ଅଟଇ ସେ ଦିନର । ୨ । ଳଷତ୍ତଙ୍କନ୍ଦ କ୍ଷରଙ୍କଙ୍କଚ୍ଛଚ୍ଚଙ୍କ
ଉଶତ୍ତଷନ୍ଦବତ୍ତବଙ୍କଶନ୍ଦତ୍ତବ ଞ୍ଜ ଙବଚ୍ଚଯନ୍ଧ
ଶୁଭ ନାମେ ଯୋଗ ବବ ନାମେ ଯେ କରଣ
ବ୍ୟାସେ ବିଜେ କଲେ ଆସି ବାରୁଣାବନ୍ତେଣ । ୩ ।
ବେନି ପୁତ୍ରନ୍ତ ଘେନିଣ ସତ୍ୟବତୀ
ବ୍ୟାସଙ୍କର କୋଳେ ନେଇ ଦେଲେ ବେନି ଯେ ସନ୍ତତି । ୪ ।
ପୁତ୍ରନ୍ତ ଦେଖି ହରଷ ଯେ ପାରେଶ୍ୱର ତନୁ
ଅନ୍ଧକୁ ପଣ୍ଡୁକୁ ନେଇଁ ବସାଇଲେ ବେନି ଜାନୁ । ୫ ।

ବିଦ୍ୟାପାଠମାନ ଯେତେ ସଞ୍ଜୟ ଦେଇଥିଲା
ବ୍ୟାସଙ୍କର ଅଗ୍ରତେ ସମସ୍ତ ପଠନ ହୋଇଲା । ୬ ।
ହଇହୟ ବଂଶେ ଯେ ଚନ୍ଦ୍ରଗୁରୁ ବୋଲି
ତାହାଙ୍କର ନନ୍ଦନ ଭାବଗୁରୁ କହିଲି । ୭ ।
ଭାବଗୁରୁ ନନ୍ଦନ ବରାଳଚନ୍ଦ୍ର ଗୁରୁ
ରୁଦ୍ରେଶ୍ୱର ବୋଲି ତାହାଙ୍କର ପୁତ୍ର ଗୁରୁ । ୮ ।
ରୁଦ୍ରଗୁରୁ ନନ୍ଦନ ଯେ ଗୁରୁ ବିରୂପାକ୍ଷ ।
ଯେହାର ନନ୍ଦନ ଯେ ଗୁରୁ ବିଭୁରୁକ୍ଷ । ୯ ।
ବିଭୁରୁକ୍ଷର ନନ୍ଦନ ଅନଙ୍ଗସେନ ଗୁରୁ
ଯେହାଙ୍କର ପୁତ୍ର ସୁରଚନ୍ଦ୍ର ନାମେ ଗୁରୁ । ୧୦ ।
ସୁରଚନ୍ଦ୍ର ନନ୍ଦନ ଗୁରୁ ବଜ୍ରମାଳୀ
ଯେହାର ନନ୍ଦନ ଗୁରୁ ପ୍ରଚଣ୍ଡାବଳୀ । ୧୧ ।
ପ୍ରଚଣ୍ଡାବଳୀର ପୁତ୍ର ଭାଗ୍ୟବର ଗୁରୁ
ଯେହାଙ୍କର ନନ୍ଦନ ଲୋକେଶ୍ୱର ଗୁରୁ । ୧୨ ।
ଯେ ଗୁରୁ ବଂଶ ଯାକେ ବ୍ୟାସଙ୍କୁ ଥାନ୍ତି ଖଟି
ବ୍ୟାସେ ଶିଖାଇଲେ ଅଶ୍ରୂତି ଅଦୃଷ୍ଟି । ୧୩ ।

---

୬ ।୨ ବ୍ୟାସଙ୍କର ଆଗେ ସେ ପାଠ ବୋଇଲେ ।
୬ ।୨ ବ୍ୟାସଙ୍କର ଛାମୁରେ ତାହା ଉକତ କରାଇଲା । । (ପା)
୭ ।୧ ହରିହର ବଂଶେ ଯେ ଭାର୍ଗବର ଗୁରୁ ବୋଲି ।
୭ ।୧ ହରିହର ବଂଶେ ଯେ ଭାଗ୍ୟବର ଗୁରୁ ବୋଲି । (ପା) (ହରିହର ପ୍ରାୟ ସବୁ ପୋଥିରେ)
ସନ୍ନିଧେୟ ରାଇଲେ ବ୍ୟାସେ ଲୋକେଶ୍ୱର ଗୁରୁଙ୍କୁ
ବିଦ୍ୟା ଶସ୍ର ଶାହାସ୍ର ପଢାଅ ହୋ ଯେ ବେନି କୁମାରଙ୍କୁ । ୧୪ ।
ବ୍ୟାସଙ୍କର ଆଗ୍ୟାଂରେ ଗୁରୁ ଲୋକେଶ୍ୱର
ଆଖଡା ଯେକ ରଞ୍ଚିଲେ ଯାଇ ବନସ୍ତ ଭିତର । ୧୫ ।
ଶର ବିଦ୍ୟା ଶିଖାନ୍ତି ସେ ଲୋକେଶ୍ୱର ଗୁରୁ
ଧନୁ ତ୍ରୋଣ ଫଳା ଖଣ୍ଡା ମାଲ ବିଦ୍ୟା ତମ୍ଭୁରୁ । ୧୬ ।
ପରିଘ କୋନ୍ତ ନାରାଜ ଅସିପତ୍ର ଯାଠି
ସକଳ ବିଦ୍ୟାୟେଣ ନିର୍ଜିତା ସର୍ବନିଷ୍ଠି । ୧୭ ।
ଅନେକ ବିଦ୍ୟାରେ ସେ ହୋଇଲେ ନିର୍ଜିତା
ବେଦ ଶାହାସ୍ର ମନ୍ତ୍ରେଣ ସେ ପଣ୍ଡିତ ଭାଗ୍ୟବନ୍ତା । ୧୮ ।
କକଡା ମାସ କୃଷ୍ଣ ପକ୍ଷ ତିଥି ଯେ ଚଉଠି
ପଣ୍ଡିତ ବାର ଶତଭିଷା ନକ୍ଷତ୍ର ଯେ ଘଟି । ୧୯ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବାୟବ୍ୟ ନାମେ କରଣ ଇନ୍ଦ୍ର ନାମେ ଯୋଗ
କକଡା ସଂକରାନ୍ତିକି ଯେକୋଇଶ ଦିନ ଭୋଗ । ୨୦ ।
ଲୋକେଶ୍ୱର ଗୁରୁ ବିଦ୍ୟା ଶିଖାନ୍ତି କୁମାରେ
ସେ ଦିନ ଆଖଡାରେ ବିଜୟ ଭାଗ୍ୟବରେ । ୨୧ ।
ପଣ୍ଡୁ କୁମାରଙ୍କୁ ଦେଖି ସେ ହରଷ ହୋଇଲେ
ସକଳ ବିଦ୍ୟାମାନ ପରୀକ୍ଷ କରାଇଲେ । ୨୨ ।

ନାନା ବିଦ୍ୟାରେ ସେ ନିର୍ଜିତା କୁମାରେ
ହରଷେଣ ପଣ୍ଡୁଙ୍କୁ ପ୍ରସନ୍ନ ହୋଇଲେ ଭାଗ୍ୟବରେ । ୨୩ ।
ସାର୍ଥୁକ ଶହସ୍ର ମନ୍ତ୍ର ଶିଖାଇଲେ ଆଦିଗୁରୁ
ଶବଦକୁ ଭେଦିବ ଯେ ଶହସ୍ର ପ୍ରହାର କରୁ । ୨୪ । ସଂଖ୍ୟା
ଶବଦଭେଦୀ ବିଦ୍ୟା ଶିଖାଇଲେ ତହାଙ୍କୁ
ପ୍ରସନ୍ନେଣ ଅନେକ ବିଦ୍ୟା ଦିଲେକ ସେ ପଣ୍ଡୁଙ୍କୁ । ୨୫-୧୧୫୧ ।

---

୧୬ ଶର ସାଧନ ଶିଖାନ୍ତି ସେ ଲୋକେଶ୍ୱର ଗୁରୁ ।
ଧନୁ ତ୍ରୋଣ ଫଳା ଖଣ୍ଡା ମାଲ ବିନ୍ଧାଣ ଡମ୍ବୁରୁ । (ପା)
୧୮ ।୨ ବେଦ ଶାହାସ୍ର ମନ୍ତ୍ରେଣ ସେ ପଣ୍ଡିତ ଭିଗଂ୍ୟବନ୍ତ । (ପା)
୨୧ ।୨ ହରଷେଣ ପୁତ୍ରକୁ ପ୍ରସନ୍ନ ହୋଇଲେ ଭାଗ୍ୟବରେ । (ପା)
୨୪ ।୨ "ଶବଦକୁ ଭେଦିବ ଯେ ଶହସ୍ର ପ୍ରହାର କରୁ" ପାଦାନ୍ତ ପରେ ପୋଥି ବିଶେଷରେ ଅଧିକା ପାଠ:-
ଆମ୍ଭର ବିଦ୍ୟାରେ ପଣ୍ଡୁ ଶୂରବନ୍ତ ହୋଅ ରାଜ୍ୟରେ ।
ଅଦୃଷ୍ଟି ବିଦ୍ୟା ତୋତେ ଦେବା ହୋ କୁମରେ । ।
୨୫ ।୨ ପ୍ରସନ୍ନେଣ ଅନେକ ମନ୍ତ୍ର ସେ ଦେଲେକ ପଣ୍ଡୁଙ୍କୁ । (ପା)
ଧୃତରାଷ୍ଟ୍ରଙ୍କର ବିବାହ ପ୍ରସ୍ତାବ ଓ ଅନେକ ରାଜକନ୍ୟାଙ୍କର ମୃତ୍ୟୁ
ସତ୍ୟବତୀ ବୋଇଲେ ଭୀଷ୍ମଙ୍କୁ ବସାଇ
ଧୃତରାଷ୍ଟକଇ ବିଭା କରାଅ କନ୍ୟା ଗୋଟିଏ ଲୋଡାଇ । ୧ ।
ଶୁଣିଣ ସାନନ୍ଦ ଯେ ଭୀଷ୍ମ ମହାରଥୀ
ଶାଲ୍ବ ରାଜାର ଦୁହିତା ନାମ ଶାଲ୍ବବତୀ । ୨ ।
ଭୀଷ୍ମେ ସ୍ୱୟଂହସ୍ତେ ସନ୍ତକ ଦେଲେ ଶାଲ୍ବ ରାଜାଙ୍କୁ
ତୋହୋର ଦୁହିତା ଗୋଟି ଦେବୁ ଆମ୍ଭର ପୁତ୍ରକୁ । ୩ ।
ଶାଲ୍ବ ପରମ ସାନନ୍ଦ ହୋଇଲା ଭୀଷ୍ମଙ୍କର ବଚନ ଶୁଣି
ଧୃତରାଷ୍ଟକଇ ଦେବା ନିମନ୍ତେ କନ୍ୟା ସମ୍ଭାର କରି ଆଣି । ୪ ।
ସମଦଣ୍ଡ ଘେନିଣ ଶାଲ୍ବ ଯେ ନୃପତି
ଦୁହିତାକୁ ଘେନି ମିଳିଲା ସତ୍ୟବତୀଙ୍କର କତି । ୫ ।
ସତ୍ୟ ବାକ୍ୟ କରି ଯହ୍ନଂ ଶାଲ୍ବ ରାଜନ ମାନିଲା
ସେହି ଦିନ ରାତ୍ରରେ ସେ କନ୍ୟା ପ୍ରାଣ ତ୍ୟାଗ କଲା । ୬ ।
ଦେଖିଣ ଶାଲ୍ବ ଯେ ଅନେକ ବଇକୁଲ୍ୟ ହୋଇଲା
ଯମୁନା ନଦୀ କୂଳେ ସେ କନ୍ୟାକୁ ଦହନ କରି ଗଲା । ୭ ।
ଅନଙ୍ଗ ଦେଶର ସେ ଅନଙ୍ଗସେନ ରାୟେ
କାଳିନ୍ଦୀ ନାମେଣ ଯେ ତାହାର ଦୁହିତା ଗୋଟିଏ । ୮ ।
ତାହାକୁ ବରଣ ହୋଇଲା ଧୃତରାଷ୍ଟ ରାୟେ
ସତ୍ୟ କରାଇଣ ଦିଲେ ମାଲା ଯେ ଗୋଟିଏ । ୯ ।

---

୨ ।୨ ଶାଲ୍ବ ରାଜାର ଦୋହିତା ନାମ ମରୁଦ୍ବତୀ । (ପା)
୫ ସମଦଣ୍ଡ ସଜକରି ସେ ଶାଲ୍ବ ମହୀପତି ।
ଦୋହିତା ଘେନି ରାଜା ଆସଇ ତଡତି । (ପା)

ବରଣ କରିଣ ୟେଣେ ଅଇଲେ ଶାୟେଂତନୁ
ସେ କନ୍ୟା ଗୋଟି ନାଶ ଗଲା ସେହି ଦିନୁ । ୧୦ ।
ନିର୍ଝର ଦେଶର ୟେ ରାଜା ଗଣପତି
କନ୍ୟାୟେ ତାହାର ଘରେ ହୋଇଲା ଉତପତ୍ତି । ୧୧ ।
ତାହାର ନାମ ୟେ ଅଟଇ ଶରଧୃତି
ପାରେଶ୍ତ୍ରର କନ୍ୟା ବରିଲେ ଧୃତରାଷ୍ଟଙ୍କୁ, ଥାଇ ସତ୍ୟବତୀ । ୧୨ ।
ନିର୍ଝର ଦେଶ ରାଜା ଗଣପତି ସାନନ୍ଦ ହୋଇଲା
ମୋହୋର ଅନେକ ଭାଗ୍ୟ ବୋଲି ନଗ୍ରେ ଉଷବ କରାଇଲା । ୧୩ ।
ସୋମବଂଶକଇ ଦେବି ୟେ ମୋହୋର କୁମାରୀ
ୟେହି ବଂଶ ୟେ ମଧ୍ୟ ଭୁବନେ ଅଧିକାରୀ । ୧୪ ।
ୟେସନେକ ବିଗ୍ର କରନ୍ତେ ନିର୍ଝର ଗଣପତି
ଶରଧୃତି କନ୍ୟା ନାଶ ଗଲା ସେହି ରାତି । ୧୫ ।
ୟେହିମତେ ଅନେକ କନ୍ୟା ଗଲେ କ୍ଷୟେ
ପୁଣିହିଁ ବରିଲେ ଆନ ୟେ କନ୍ୟାୟେ । ୧୬ ।
କର୍ଣ୍ଣମାଧବ ରାଜା କନ୍ୟା ଦେବା କଲା
ଧୃତରାଷ୍ଟ ନାମେଣ ଯହୁଁ ସତ୍ୟ ମନାସିଲା । ୧୭ ।
ସେ କନ୍ୟାକୁ ସେ ଦିନ ସର୍ପ ଡଂସନ ହୋଇଲା
ନାମ ଧରିବା ମାତ୍ରକେ ସେ କନ୍ୟା ନାଶ ଗଲା । ୧୮ ।
ବଇବସୁତ ମନୁ ପୁଚ୍ଛା କଲେ ଅଗସ୍ତିଙ୍କି
କନ୍ୟାୟେ କିଂପେ ନାଶ ଯାନ୍ତି ଧୃତରାଷ୍ଟ ନାମ ରାଶିକି । ୧୯ ।
ଅଗସ୍ତି ପ୍ରତିବାଚ ୟେହାର କୃତ୍ତିକା ବୃଷରାଶି
ଜାତିରେ ବ୍ରହ୍ମ ରାକ୍ଷସ ୟେ ୟେମନ୍ତେଣ କନ୍ୟା ନାଶି । ୨୦ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଉଶତ୍ତଷନ୍ଦବତ୍ତବଙ୍କଶନ୍ଦତ୍ତବ
ବ୍ୟାସ ପରା ମହାଋଷି ବୀର୍ଯ୍ୟ ପ୍ରଦାନ କଲା
ବ୍ରହ୍ମ ଅସୁର ପଣେ କିଂପେ ଜନମ ଲଭିଲା । ୨୧ ।
କୃତ୍ତିକା ୟୋଗେ ମୁନି ୟେ ପଶିଲେ ଶୃଙ୍ଗାରେ
ରୋହିଣୀ ବେଳେ ବୀର୍ଯ୍ୟ ଛାଡିଲେ ମୁନିବରେ । ୨୨ । ଷଲବବଷଚ୍ଚରଯ
ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର ଉଶତ୍ତଷନ୍ଦବତ୍ତବଙ୍କଶନ୍ଦତ୍ତବ

---

୧୨ ।୧ ତାହାର ନାମ ଅଟଇ ସୁରଧାତ୍ରୀ । (ପା)
ଅମ୍ତ୍ରିକା କନ୍ୟା ଯହୁଁ ଶୃଙ୍ଗାର ସହି ନୁଆରିଲା
ଗତ ଆତ୍ମା ପ୍ରାୟେକ ସେ ମୋହେଣ ପଡିଲା । ୨୩ ।
ଆରତେ ମହାତମା ୟେ ତେଜ୍ୟା କଲେ ରେତ
ତେଣୁ କରି ବ୍ରହ୍ମ ଅସୁର ଲକ୍ଷଣେ ହୋଇଲାକ ଜାତ । ୨୪ ।
ଅଗସ୍ତି ବୋଇଲେ ୟେ ବଇବସୁତ ମନୁକୁ
ଏହେହ୍ନେକ ୟୋଗ ହୋଇଲା ଧୃତରାଷ୍ଟକୁ । ୨୫ ।
ବ୍ରହ୍ମ ଅସୁର ଲକ୍ଷଣେ ସେ ହୋଇଲା ଉତପତ୍ତି
ତେଣୁ କରି କନ୍ୟାମାନେ ବରଣ ହୋଇଲେ ହୋଉଛନ୍ତି ବିନଶ୍ୟତି । ୨୬ ।
ବଇବସୁତ ମନୁ ବୋଇଲେ ପୁଣ ସେ ହୋଇବ କେମନ୍ତ

ଯେ କଥା ତଦନ୍ତ କରି ମୋତେ କହିବା ଭଗବନ୍ତ । ୨୭ ।
ଅଗସ୍ତି ବୋଇଲେ ହୋ ଶୁଣ ଯୁଗପତି
ଧୃତରାଷ୍ଟ ବରଣରେ ଏକଉତ୍ତର ଶତେ କନ୍ୟା ହୋଇଲେ ଯେ କ୍ଷତି । ୨୮ ।
ବ୍ରଜଗିରି ଦେଶର ରାଜା ଯେ ବୀରକେତନ
ସେ ଆସି କନ୍ୟାଯେ କଲା ପରଦାନ । ୨୯ ।
ଆହୋ ସେ କନ୍ୟାର ନାମ ଯେ ଅଟଇ ଚନ୍ଦ୍ରାବତୀ
ଅନେକ ସମ୍ଭର୍ବେ କନ୍ୟା ଆଣି ଦିଲାକ ନରପତି । ୩୦ ।
ଧୃତରାଷ୍ଟ ଅନ୍ଧ ଅଟଇ ବେନି ଆଖି
ଅନ୍ୟ ଦେଶକୁ ନ ଯାଇ ବିଭାକୁ ଲୋକେ ଉପହାସ କରନ୍ତି ଦେଖି । ୩୧ ।
ଯେମନ୍ତେ କନ୍ୟା ମାନନ୍ତ ଆଣନ୍ତି ପରରାଷ୍ଟ
ବିଶେଷେଣ ନୃପତି ସେ ବଂଶେଣ ଗରିଷ୍ଠ । ୩୨ ।
କନ୍ୟାନ୍ତ ସେ ଆଣନ୍ତି ବାରୁଣାବନ୍ତ ବିଭା କରିବାକୁ
ସେ କଥା ରହିଲାଟି ଯେବେ ସୋମବଂଶ ରାଜ୍ୟକୁ । ୩୩ ।
ରାଜାଯେ ବିଭା ହୋଇଂ ନ ଯାନ୍ତି ସେହି ଦିନୁ
କନ୍ୟାଯେ ଆସନ୍ତି ନିଜର ଭୁବନୁଂ । ୩୪ ।
କନ୍ୟା ପ୍ରଦାନ କଲା ସେ ବୀରକେତନ
ମହୁଶଯ୍ୟା ଯୁଗତେ କରାଇଲେ ଶୟନ । ୩୫ ।
କ୍ରୀଡାରଙ୍ଗ ସାରିଣ ଶୁତିଲେ ବରକନ୍ୟା
ମରିଣ ଶୋଇଅଛି ସେ ଚନ୍ଦ୍ରବଦନା । ୩୬ ।
ପ୍ରାତକାଳେ ସୁନ୍ଦରୀକି ନେଲେ ଶମଶାନେ
ଦହନ କରି ଶୁଦ୍ଧ ହୋଇଲେ ଯେକାଦଶ ଦିନେ । ୩୭ ।
ବିଭା ଯୋଗ କରନ୍ତେ ଯହୁଂ ଅନେକ କନ୍ୟା ମଲା
ଧୃତରାଷ୍ଟଙ୍କୁ କନ୍ୟା କେହୁ ଦିଅନ୍ତା ନୋହିଲା । ୩୮-୧୧୮୯ ।

---

୨୯ ଶ୍ରୀ ନଗର ଦେଶ ରାଜାଧି କେତନ ।
ସେ ରାଜା କନ୍ୟାଯେକ କଲାକ ପ୍ରଦାନ । (ପା)
୨୯ ଗିରିବର ବଜ୍ରଦେଶର ରାଜା ବୀର ଯେ କେତନ ।
ସେ ଆସି ଲୋଡିଲା କନ୍ୟାଯେ କରିବ ପ୍ରଦାନ । (ପା)
୩୭ ।୨ ଦହନ ସାରି ସୁଦ୍ଧ ହୋଇଲେ ବାର ଦିନେ ।
ବିଦୁରଙ୍କ ଜନ୍ମ
ସମୟେକେ ବିଜେ କଲା ବ୍ୟାସ ମହାଯତି
ଦେଖିଣ ସାନନ୍ଦ ସେ ହୋଇଲେ ସତ୍ୟବତୀ । ୧ ।
ବ୍ୟାସଙ୍କୁ ରାଇଣ ସେ ବୋଲନ୍ତି ଯେକାନ୍ତେ
ଅମ୍ବୁବତୀ ଅନେକ ମତେ ହୋଇଥାଇ ଭଗତି ମୋତେ । ୨ ।
ହରିକେଶର ଦେଶର କେଶବ ନୃପତି
ସେ ରାଜା ଅଟଇ ଶୂଦ୍ରର ଯୋନିରେ ଉତପତ୍ତି । ୩ । ଋନ୍ଧଯତ୍ତବ ତ୍ତବସବ'ଙ୍କ ଦ୍ଧଷଳର
ଦ୍ଧଷନ୍ଦଶ ଟସ୍ଥବଙ୍କ
ତାହାର ନନ୍ଦନୀ ନାମ ଅଟଇ ଅମ୍ବୁବତୀ
ତାହାକଇଂ ପ୍ରଦାନ ହୋଇଲା ବିଚିତ୍ରବୀର୍ଯ୍ୟ ନୃପତି । ୪ ।

ଯେ ଦୁହେଁ ଯହୁଁ ହୋଇଲେ ପୁତ୍ରବନ୍ତୀ
ଯେ ଅମ୍ବୁବତୀର ମନ ବାବୁ ବହୁତ ବିକୃତି । ୫ ।
ତୁ ମୋହୋର ନନ୍ଦନ ବାବୁ ପରମ ପଣ୍ଡିତ ଗ୍ୟାନବନ୍ତ
ଅମ୍ବୁବତୀର ତହିଁ ପୁତ୍ର ଗୋଟିଯେ କର ତୁମ୍ଭେ ଜାତ । ୬ । ଙଚ୍ଛଚ୍ଚ ଚ୍ଛଚ୍ଚ
ଚ୍ଛତ୍ତଯରତ୍ତ ଭସ୍ଥ ଟସ୍ଥବଙ୍କ
ମାତାଙ୍କର ବଚନେ ଯେ ବିଜୟେ ମୁନିବରେ
ପ୍ରବେଶ ହୋଇଲେ ଯାଇ ଅମ୍ବୁବତୀର ପୁରେ । ୭ ।
ଅମ୍ବୁିକା ଅମ୍ବୁାଳିକା ତହୁଁ ଜାଣି ଅଛନ୍ତି ସେ କିରତି
ତତକ୍ଷଣେ ଅନେକ ବେଶ ବେଶନ ବୋଇଲା ପ୍ରିୟବନ୍ତୀ । ୮ ।
ବ୍ୟାସଙ୍କର ଶୃଙ୍ଗାର ସେ ସହିଲା ଯୁବତୀ
ହରଷେଣ ରସିଲା ସେ ମେଳଭାବ ମତି । ୯ ।
ତୁଳ ମାସ କୃଷ୍ଣପକ୍ଷ ସପତମୀ ବୃହସ୍ପତି ବାର
ପୁଷ୍ୟା ନାମରେ ନକ୍ଷତ୍ର ଅଟେ ସେ ଦିନର । ୧୦ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ସାଧ୍ୟ ନାମେ ଯୋଗ କରଣ ନାମ ବବ
ସଇନ୍ଦୁ ଜାତ ହୋଇଲା ବାଳକ ଅପୂରୁବ । ୧୧ ।
ଅମୃତ ଯୋଗ ଘେନି ଉତପତ୍ତି ହୋଇଲାକ ସୁତ
ଦେଖିଲେ ବ୍ୟାସ ସେ ପରମ ପଣ୍ଡିତ । ୧୨ ।
ପାଦେଣ ଜନମ ସେ ହୋଇଲା ନନ୍ଦନ
ବେନି ପାଦେ ପଦ୍ମ ଚିହ୍ନ କରତଳେ ଶଙ୍ଖ ମୀନ । ୧୩ ।
ବିଦୁବର ବାକ୍ୟେଣ ଭାଷଇ ଦିବ୍ୟବାଣୀ
ବିଦୁର ନାମ ତାକୁ ଦେଲେ ବ୍ୟାସ ମହାମୁନି । ୧୪ ।
କୋଳେ ଧରି ବ୍ୟାସେ ମୁଖେ ଦେଲେକ ଚୁମ୍ବନ
ବୋଇଲେ ଭୂତ ଭବିଷ୍ୟ ତୁ ହୁଅସି ଗ୍ୟାନବାନ । ୧୫ ।
ସମସ୍ତ ଦୃଶ୍ୟ ତୋତେ ହୋଉରେ ବାଳବଚ୍ଛି
ଅନୁବ୍ରତେ କନ୍ଧରୁ ତୋର ନ ଛାଡିବ ଲଛୀ । ୧୬ ।
ଦଣ୍ଡ ବଳ ବୁଦ୍ଧି ତୋତେ ହୋଉ ସାବଧାନ
ପଣ୍ଡିତ ଧାର୍ମିକ ପଣେ ତୋର ସର୍ବଦା ଯାଉ ଦିନ । ୧୭ ।
ଯେସନେକ ବର ଯେ ବ୍ରହ୍ମ ଗୁରୁ ଦିଲେ
ପୁତ୍ରକୁ ସମର୍ପିଲେ ନେଇ ସତ୍ୟବତୀଙ୍କର କୋଳେ । ୧୮ ।
ପାରେଶ୍ବର ବୋଇଲେ ବାବୁ ଧୃତରାଷ୍ଟ ଜାତିରେ ବ୍ରହ୍ମ ଅସୁର
ଯେବଣ କନ୍ୟାକୁ ବରଇ ସେ ହୋଅଇ ଅପହାର । ୧୯ ।
ବ୍ୟାସ ବୋଇଲେ ଗୋ କିଛିହିଁ ନ ଭାଳ ମାୟେ
ମନ୍ଦକ୍ଷଣେ ଜାତ ହୋଇଲା ମୁହିଁ ତହିଁକି ବୁଦ୍ଧି କରି ସିନା ଉପାୟେ । ୨୦-୧୨୦୯ ।

---

୫ ।୧ ପୁତ୍ରବନ୍ତୀ = ପୁତ୍ରବତୀ ।
୧୧ ।୨ ସଇନ୍ଦୁ ଜାତ ହୋଇଲା ଯେକବାଳ । (ପା)
୧୬ ।୧ ବ୍ରହ୍ମ ବିଧି ଯୋଗ ତୋତେ ଦୃଶ୍ୟମାନ ସଂପୂର୍ଣ୍ଣ । (ପା)
୧୮ ଯେସନେକ ବରଦେଲେ ମହାବ୍ରହ୍ମ ପୁରୁଷ ।
ସତ୍ୟବତୀଙ୍କର କୋଳେ ନେଇ ଦିଲେ ବାଳଶିଷ । । (ପା)

୮ ।୧ କିରତି-କୃତି-କାର୍ଯ୍ୟ ୧୬ ।୨ ଲଛୀ-ଲକ୍ଷ୍ମୀ (ଷି ପାଇଁ ଚ୍ଛି ଓ କ୍ଷ୍ମୀ ପାଇଁ ଛୀ ବ୍ୟବହାର ହୋଇଛି)

୧୯ । ୨ ଅପହାର-ମୃତ

ବ୍ୟାସଙ୍କର ଗାନ୍ଧାରସେନ ସାକ୍ଷାତ
ଯେତେ କହିଁ ବ୍ୟାସେ ଗଲେ ଅନ୍ତର୍ଦ୍ଧାନେ
ପ୍ରବେଶ ହୋଇଲେ ଯାଇଁ ଗାନ୍ଧାରସେନ ଆସ୍ତାନେ । ୧ ।
ଗାନ୍ଧାରସେନ ବୋଲି ତହିଁର ନରପତି
ଯେକ ଉତ୍ତର ଶତେ ପୁତ୍ର ତାର ଯେକଇଁ ଦୁହିତି । ୨ ।
ଦୁହିତାର ନାମ ଯେ ଅଟଇ ଗାନ୍ଧାରୀ
ମନ୍ଦକ୍ଷଣେ ଜାତ ହୋଇଲା ବ୍ରହ୍ମ ଯେ ଅସୁରୀ । ୩ ।
ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବଇ ରାତି
କୃତ୍ତିକା ନକ୍ଷତ୍ରେଣ ସେ ହୋଇଲା ଉତପତ୍ତି । ୪ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ନିତ୍ୟାନ୍ତ ଉଆଂସୀ, ଜାତି କୃତ୍ତିକା ବୃଷରାଶି ବ୍ରହ୍ମ ଯେ ଅସୁରୀ
ଯେହେର୍ଣ୍ଣେକ ଲକ୍ଷଣେ ସେ ଜନ୍ମିଲା ଗାନ୍ଧାରୀ । ୫ ।
ଯାହାକୁ ବର ବରଇ ଗାନ୍ଧାରସେନ ରାଯେ
ମାଲା ଦେଇ ବରିଲେ ସେ ନୃପତି ଯାଇ କ୍ଷୟେ । ୬ ।
ଉତଙ୍ଗ ଦେଶର ସେ ଭାନୁବନ୍ତ ନୃପତି
ଗାନ୍ଧାରୀଙ୍କି ବରିଲା ସେ ମଲା ତତକ୍ଷଣାନ୍ତି । ୭ ।
ମହାରାଷ୍ଟ୍ର ଦେଶର ଯେ ନୃପତି ବିରୁପାକ୍ଷ
ଗାନ୍ଧାରୀଙ୍କି ବରିଲା ସେ ନଶିଲା ପ୍ରତକ୍ଷ । ୮ ।
ନିକଟ ରାଜାମାନେ କେହି ବିଭା ଯେ ନୋହିଲେ
ଦୂରେଣ ବାଇଶି ରାଜା ଗାନ୍ଧାରୀକି ବରି ମଲେ । ୯ ।
କେହି ପ୍ରଦାନ ନୋହିଲେ ଗାନ୍ଧାରୀକି
ବିକଳ ଗାନ୍ଧାରସେନ ଦୁହିତାକୁ ଦେଖି । ୧୦ ।
ବିଚାରଇ ଗାନ୍ଧାରସେନ ଦୁହିତା ରୂପ ଲଚ୍ଛି
ଯେହାର ସମାନେ ବର କାହିଁ ପାଇବଇଁ ଇଚ୍ଛି । ୧୧ ।
କୁମ୍ଭ ମାସ କୃଷ୍ଣପକ୍ଷ ପ୍ରତିପଦା ଦିନେ
ବ୍ୟାସ ପ୍ରବେଶ ହୋଇଲେ ଗାନ୍ଧାରସେନ ଭୁବନେ । ୧୨ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଦେଖିଣ ସାନନ୍ଦ ସେ ନୃପତି ଗାନ୍ଧାର
ଉଦକ ଢାଳଇ ନେଇଁ ବ୍ୟାସମୁନିଙ୍କ ପୟର । ୧୩ ।
ଆପଣେ ଗାନ୍ଧାରସେନ ପୟର ପଖାଳି
ବ୍ୟାସଙ୍କର ପାଦ ଉଦକ ନିବେଶିତ ଶିରେ ତୋଳି । ୧୪ ।
ନବ ନେତ ବସନ କୁଣ୍ଡଳ ରତ୍ନମାଳା ଦିଲା ମହାରାଜା
ଆସନ ପାଦାସନ ପାଦାର୍ଘ୍ୟେ କଲା ଦିବ୍ୟ ପୂଜା । ୧୫ ।
ସୁବର୍ଣ୍ଣ ସିଂଘାସନେ ନେଇ ବସାଇଲେ ବ୍ୟାସଙ୍କୁ
କିଙ୍କର ହୋଇ ପଚାରଇ ମୁନି ଅନୁଗ୍ରହ କର ମୁକୁ । ୧୬ ।
ଦେଖ ବଂଶ ମୋର ହୋଇଲା ମୋକ୍ଷଗତି
ପ୍ରତକ୍ଷେ ଦେବ ନାରାୟଣ ବେଦବ୍ୟାସ ମୋତେ ଦେବାକ ଗତି ମୁକତି । ୧୭ ।
ଯେ ତୋହୋର ପାଦରଜ ପଡିଲା ମୋହୋର ପୁରେ
ଅକାରଣେ କାରଣ ପାଇଲି ମୁନିବରେ । ୧୮ ।

ଅନେକ ବିନୋୟି ହୋଇ ସ୍ତୁତି କରଇ ଗାନ୍ଧାରସେନ ନରନାହା
ସଂସାରକୁ ଗତି ଦିଲୁ ଦେବ ଭାଷିଲୁ ସ୍ତ୍ରୀମୀ ଯାହା । ୧୯ ।

---

୮ ।୨ ନଶିଲା-ନଷ୍ଟହେଲା, ମଲା ।
୨୧ ଭୂତ ଭବିଷ୍ୟତ ବ୍ରତମାନ ତୁ ସମସ୍ତ ଗ୍ରନ୍ଥକାରୀ ।
ବ୍ରହ୍ମାଦି ଦେବତାୟେ ତୋହୋର ଶାସ୍ତ୍ର ଉକତ କରି । (ପା)
୨୧ ।୨ ଅଷ୍ଟାଙ୍ଗ ମନ୍ତ୍ରରେ ଯେ Cଶ୍ତ୍ରରଙ୍କୁ ବୋଧିଲୁ । (ପା)
୧୧ ।୧ ଲଛି-ଲକ୍ଷି
ମୁହିଁ ତୋହୋର ଦାସର ଦାସ ଅଟଇ ଜନ୍ମେ ଜନ୍ମେ
ସଂସାର ତାରିଲୁ ନାଥ ଅମୃତ ବଚନେ । ୨୦ ।
ଭୂତ ଭବିଷ୍ୟ ବ୍ରତମାନ ଗ୍ରନ୍ଥମାନ କଲୁ
ଅଣାକାର ମନ୍ତ୍ରରେ ତୁ ଶୂନ୍ୟ ପୁରୁଷ ବୋଧିଲୁ । ୨୧ ।
ଅନାଦି ବିଷ୍ଣୁ ତୋତେ ଠାବ ଦିଅଇ ବକ୍ଷସ୍ଥଳେ
ନାରାୟଣ ରୂପ ତୁ ଦେଖୁ ମହାପ୍ରଳୟର କାଳେ । ୨୨ ।
ଅନେକ ସ୍ତୁତି କରି ସେ ଗାନ୍ଧାରସେନ ସ୍ତ୍ରୀମୀ
ବ୍ୟାସଙ୍କର ପାଦତଳେ ଶତ ସହସ୍ର ଦଣ୍ଡ ପରଣାମି । ୨୩ । ସଂଖ୍ୟା ଚ୍ଚନ୍ଧଲଭରତ୍ତ
ଶ୍ରୀସତ୍ୟବତୀ ନନ୍ଦନ ଚରଣ ମୋର ହୃଦେ
ଶୂଦ୍ରମୁନି ସାରୋଳ ଦାସ ନମେ ସଦାନନ୍ଦର ପଦ୍ମପାଦେ । ୨୪ ।
ଶୁଣ ବଇବସୁତ ମନୁ ବଦୟନ୍ତି ଅଗସ୍ତି
ବ୍ୟାସେ କଲ୍ୟାଣ କଲେ ଗାନ୍ଧାରସେନ ନୃପତି । ୨୫ ।
ବସ, ବସ ମହାରାଜା ତୋର ସିଦ୍ଧ ହୋଉ ମନବାଞ୍ଛା
ଅରିଷ୍ଟ ଶାନ୍ତି ହୋଉ ତୋହୋର କୁଟୁମ୍ବ କ୍ଷମେ ରକ୍ଷା । ୨୬ ।
ଆହୋ! କୁଶଳ ହୋଇଅଛନ୍ତି ନା ତୋହୋର ସୋଦରେ
ପାଟ ମହାଦେC ତୋର କ୍ଷମେ ଅଛନ୍ତି ନା ପୁରେ । ୨୭ ।
ପୁତ୍ର ସନ୍ତତି ତୋହୋର ବ୍ରତନ୍ତି ନା ସଦାଗ୍ରରେ ଭାଗ୍ୟେ
ନାତିଗଣମାନେ ତୋହୋର ବ୍ରତନ୍ତି ନା ଆରୋଗ୍ୟେ । ୨୮ ।
ଦେବତା ବ୍ରାହ୍ମଣେ ହୋଉଅଛୁଂ ନା ଭଗତି
ହବିକି ଆହୁତି ଦେଉଛୁଂ ତ ନିତିପ୍ରତି । ୨୯ ।
ଦୁଖୀ ଦରିଦ୍ରଙ୍କୁ ଅନ୍ନ ତୁ ଦେଉ ନା ନୃପତି । ୩୦ ।
ଶୂନ୍ୟ ପୁରୁଷମାନେ କରୁ ଅଛନ୍ତି ନା ବୃଷ୍ଟି
ସୁବିଧାନେ ଫଳଦାୟକ ହୋଉଛି ନା ସୃଷ୍ଟି । ୩୧ ।
ସଂସାର ପାଳନ କରୁଅଛୁ କି ନା ରାଜା
କୁଶଳେ ବ୍ରତନ୍ତି ନା ତୋହୋର ଜନପ୍ରଜା । ୩୨ ।
ପ୍ରଜାନ୍ତ ପାଳିଣ ରାଜା ନ କରୁ ନା ଅବିଧି
ଦଇତ ଦାନବ ମାନନ୍ତ ରାଜା କରୁଅଛୁ ନା ସାଧି । ୩୩ ।
ତୀର୍ଥେଣ ଉପଦର୍ପ ନାହିଁ ନା କଉଣୋପ
ତପିଜନ ରକ୍ଷା କରୁଅଛୁ କି ନା ସର୍ବ । ୩୪ ।

---

୨୪ ।୧ ସତ୍ୟବତୀ ନନ୍ଦନଙ୍କୁ ତଲୟେ ମୋହୋର ହୃଦେ । (ପା)
୨୭ ।୨ ପାଟ ବଂଶୀ କ୍ଷମେ ବ୍ରତଇ ନା ପୁତ୍ର ପୌତ୍ର ପରିବାରେ । (ପା
୩୧ ମେଘମାନେ ସମସ୍ତେ କରନ୍ତି ନା ବୃଷ୍ଟି ।
ସାବଧାନେ ଫଳ ଦେଉଛି ନା ସୃଷ୍ଟି । (ପା)
୩୩ ।୧ ପ୍ରଜା ପାଳନ ରାଜ୍ୟ କରୁ ନା ଯଥାବିଧି । (ପା)
ସର୍ବ ସୁବିଧାନେ ହୋଉଅଛି ନା ରାଜ୍ୟ
ସଂସାର ଶୁଭଧୁନି ରାଜାକୁ ସର୍ବକାର୍ଯ୍ୟ । ୩୫ ।
ଆହେ ସମସ୍ତ ସୁବିଧାନ ମୋହୋର ଶୁଣିମା ମହାମୁନ୍ୟେ
କଥାୟେ କହିବି ଶୁଣିମା ହୋଉ ସାବଧାନେ । ୩୬ ।
ସ୍ତ୍ରୀମୀ ଦୁହିତା ଗୋଟିୟେ ଅଛଇ ନାମ ତା ଗାନ୍ଧାରୀ
କୃତ୍ତିକା ବୃଷରାଶି ଜାତିରେ ବ୍ରହ୍ମ ଅସୁରୀ । ୩୭ ।
ଯେତେକ ନୃପତି ମୁଁ ବରିଲି ବିଦ୍ୟମାନେ
ବାଇଶି ରାଜା ମଲେ ବରଣ ବିଧାନେ । ୩୮ ।
ଦୁହିତାକୁ ପ୍ରଦାନ ନୋହିଲେ କେହି ଡରେ
ଯୁବା ଯୁବତୀ ସେ ଅଛି ମୋହୋର ଘରେ । ୩୯ ।
ଦୁହିତା ଯେବେ ପିତା ଘରେ ଅବିଭାଇତ ରଜବତୀ ଋନ୍ଧଟ୍ଟରତ୍ତଙ୍କନ୍ଦଷନ୍ଦଷଚ୍ଛଚ୍ଚ
ତହାର ଶୋଣିତେ ପିତୃ ଲୋକେ ସ୍ନାହାନ କରନ୍ତି । ୪୦ ।
ୟେସନେକ ଦୋଷ ପୁରାଣେଣ ମୁଇଂ ଶୁଣି
ବିଧୁର ଆତ୍ମା କରି ଥାଇ ଶରୀର କଳଙ୍କ ଜାଣି । ୪୧ ।
ମୋତେ ପ୍ରତିକାର କରିବା ପାରେଶ୍ତ୍ରର ତନୟେ
ଗାନ୍ଧାରୀକି ମୋର କରିବା କେବଣ ଉପାୟେ । ୪୨ ।
ବ୍ୟାସେ ବୋଇଲେ ରାଜା ହୋଅଇ ୟେମନ୍ତ
ସତାଇଶି ନକ୍ଷତ୍ରେ ସମସ୍ତ ହୋନ୍ତି ଜାତ । ୪୩ ।
ଅଶ୍ତ୍ରିନୀ ମଘା ମୂଳାର ଆଦ୍ୟ ତିନିଦଣ୍ଡ
ଦୋଷ ଲାଗିବାରୁ ତାର ନାମ ଜାଣ ଗଣ୍ଡ । ୪୪ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର ଳବନ୍ଧକ୍ଷନ୍ଦ
ଜ୍ୟେଷ୍ଠା ଅଶ୍ଳେଷା ରେବତୀ ଶେଷ ପାଞ୍ଚଦଣ୍ଡେ
ଗଣ୍ଡଦୋଷ ଲାଗେ ଲେଖାଅଛି ଶାସ୍ତ୍ର ଖଣ୍ଡେ । ୪୫ ।

---

୩୫ ।୨ ସଂସାର ଶୁଭଧୁନି ରାଜାକୁ ଶୁଭକାର୍ଯ୍ୟ । (ପା)
୪୦ ।୨ ତାର ଶ୍ରୋଣିତ ପିତୃ ଲୋକେ ପିବନ୍ତି । (ପା)
୪୧ ।୨ ବିଅର୍ଥି ଶରୀର ଥାଇଂ କଳଙ୍କ ଲାଗିଣ ଜାଣି । (ପା)
୪୨ ।୨ ଗାନ୍ଧାରୀକି ମୋର କରିବା ବରଣ ଉପାୟେ । (ପା)
୪୫ ପାଦ "ଜ୍ୟେଷ୍ଠା ଅଶ୍ଳେଷା ରେବତୀ ଶେଷ ପାଞ୍ଚଦଣ୍ଡେ" ଠାରୁ ୫୭ ପାଦାନ୍ତ "ବ୍ୟାସେ
କହିଲେ ଗାନ୍ଧାରସେନର
ଅଗ୍ରତେ ।" ମଧ୍ୟରେ କେତେକ ପୋଥିରେ ପାଠାନ୍ତର ।
ଜ୍ୟେଷ୍ଠା ଆଠଦଣ୍ଡ ଅଶ୍ଳେଷା ଦଣ୍ଡସାତ
ରେବତୀ ପାଞ୍ଚଦଣ୍ଡ ଗଣ୍ଡ ନିରିଜିତ । ୪୫
୪୦ ।୧ ଅବିଭାଇତ-ଅବିବାହିତ ।
ଅଶ୍ତ୍ରିନୀ ତ୍ରିଦଣ୍ଡ ଯେବେ ପଡଇ ଦିବସ

ପୁତ୍ର କନ୍ୟା ଉପୁଜିଲେ ଯେହି ଗଣ୍ଡ ଦୋଷ । ୪୬ ।ଙ୍କନ୍ଧଟ୍ଟରତ୍ତଙ୍କନ୍ଦଷନ୍ଦଷଚ୍ଛଚ୍ଚ
ପିତାକୁ ଯେ ଗଣ୍ଡଦୋଷ ବରଷେ ଲାଗଇ
ଯେହି ଯୋଗେ ଯେବେ ଜାତ ରାତ୍ରରେ ହୁଅଇ । ୪୭ ।
ମାତାକୁ ଷୋଳ ବରଷ ଲାଗେ ଗଣ୍ଡ ଦୋଷ
ଆବର କହୁଛୁ ଶୁଣ ଗାନ୍ଧାର ନରେଶ । ୪୮ ।
ଉଭୟ ସନ୍ଧ୍ୟାରେ ଯେବେ ହୁଅଇ ସନ୍ତତି
ସେହି ପୁତ୍ର ନାଶଯାଇ ଜାଣ ତତକ୍ଷଣାନ୍ତି । ୪୯ ।
ମଘା ନକ୍ଷତ୍ରରେ ଗଣ୍ଡ ଆଦି ତିନିଦଣ୍ଡ
ଯେଥି ଜନ୍ମ ହେଲେ ପାଞ୍ଚବର୍ଷ ପାଇ ଗଣ୍ଡ । ୫୦ ।
ମୂଳା ନକ୍ଷତ୍ରର ଆଦ୍ୟ ତିନିଦଣ୍ଡେ ପାଇ
ଗରିବର୍ଷ ଗଣ୍ଡ ଯେବେ ପୁତ୍ର ଉପୁଜଇ । ୫୧ ।
ଜ୍ୟେଷ୍ଠା ନକ୍ଷତ୍ରର ଜାଣ ଅନ୍ତ ପାଞ୍ଚଦଣ୍ଡ
ଯେଥି ଜନ୍ମ ହେଲେ ବେନି ବର୍ଷ ପାଇ ଗଣ୍ଡ । ୫୨ ।
ଅଶ୍ଳେଷା ରେବତୀର ଯେ ଅନ୍ତ ପାଞ୍ଚଦଣ୍ଡ
ଯେଥି ଜନ୍ମ ହେଲେ ପାଞ୍ଚବର୍ଷ ପାଇ ଗଣ୍ଡ । ୫୩ ।

ଅଶ୍ୱିନୀ ତିନି ଦଣ୍ଡରେ ଯେବେ ପୁତ୍ର ଦୋହିତି ଜାତ ହୋଇ
ଦିବସେ ଉତପତ୍ତି ହୋଇଲେ ପିତାକୁ ଷୋଳ ବରଷକୁ ଗଣ୍ଡ ପାଇ । ୪୬ ।
ଯେହି ଯୋଗେଣ ଯେବେ ରାତ୍ରେ ହୁଅଇ ଜାତ
ମାତାକୁ ଷୋଳ ବରଷକୁ ଗଣ୍ଡ ଲାଗଇ ନିରିତାନ୍ତ । ୪୭ ।
ଉଭୟେ ସନ୍ଧ୍ୟାୟେ ଯେବେ ଉପୁଜଇ ସନ୍ତତି
ସେ ପୁତ୍ର ନାଶ ଯେ ଯାଇ ତତ୍କ୍ଷଣାନ୍ତି । ୪୮ ।
ମଘା ନକ୍ଷତ୍ର ଯେ ଆଦି ଗରି ଦଣ୍ଡ
ଯେଥେ ଜନ୍ମ ହୋଇଲେ ଆଠ ବରଷେ ପାଇ ଗଣ୍ଡ । ୪୯ ।
ମୂଳା ନକ୍ଷତ୍ରେ ଯେବେ ଗରି ଦଣ୍ଡ ଥାଇ
ଗରି ବରଷକୁ ଗଣ୍ଡ ଯେଥେ ଯେ ଜନ୍ମ ପାଇ । ୫୦ ।
ଜ୍ୟେଷ୍ଠା ନକ୍ଷତ୍ର ଯେ ପ୍ରଥମ ଆଠଦଣ୍ଡ
ଯେଥେ ଜନମ ହୋଇଲେ ବେନି ବରଷକୁ ପାଇ ଗଣ୍ଡ । ୫୧ ।
ଅଶ୍ଳେଷା ନକ୍ଷତ୍ର ସାତ ଦଣ୍ଡର ମଧ୍ୟେ
ଦ୍ୱାଦଶ ବରଷକୁ ଗଣ୍ଡ ପାଇ ସାଧ୍ୟେ । ୫୨ ।
ଯେତେ ଯୋଗେ ଦିବସରେ ଜନମ ଲଭିଲେ
ପିତାଙ୍କୁ ଗଣ୍ଡ ଲାଗଇ ପୁତ୍ର କନ୍ୟା ହେଲେ । ୫୪ ।
ରାତ୍ରକାଳେ ଉପୁଜଇ ଯଦ୍ୟପି ସନ୍ତତି
ମାତାଙ୍କୁ ଗଣ୍ଡ ଲାଗିବ ବୋଲନ୍ତି ଅଗସ୍ତି । ୫୫ ।
ଉଭୟ ସନ୍ଧ୍ୟାରେ ଯେବେ ଉପୁଜଇ ବାଳ
ତାହାର ଉପରେ ପରାଭବ କରେ କାଳ । ୫୬ ।
ଗଣ୍ଡଦୋଷ ଲାଗଇ ଯେ ଯେତେକ ନକ୍ଷତ୍ରେ
ବ୍ୟାସେ କହିଲେ ଗାନ୍ଧାରସେନର ଅଗ୍ରତେ । ୫୭ ।
ଦେବ ଅସୁର ମାନବ କୁଳେ ଜାତ

ୟେହାଙ୍କର ପ୍ରକୃତି ବାରିବା କେମନ୍ତ । ୫୮ ।
ଅଶ୍ୱିନୀ ମୃଗଶିରା ପୁଷ୍ୟା ହସ୍ତା ରେବତୀରେ ପୁତ୍ର କନ୍ୟା ଉତପତ୍ତି
ଶ୍ରବଣା ପୁନର୍ବସୁ ଅନୁରାଧା ସ୍ୱାତି ଘେନି ଦେବ ଅଂଶ ହୋନ୍ତି । ୫୯ ।
ଦ୍ୱିଜା ଆରଦ୍ରା ରୋହିଣୀ ଉତ୍ତର ଭୋଦୁଅ
ପୂର୍ବା ଫାଲଗୁନୀ ଉତ୍ତରପୂର୍ବାଷାଢା ଦ୍ୱୟ । ୬୦ ।
ପୂର୍ବଭାଦ୍ରବ ଉତ୍ତରା ଫାଲଗୁନୀ ୟେ ଦୁଇ ନକ୍ଷତ୍ରେ ଉତପତ୍ତି
ସ୍ତିରି ହୋଉ ପୁରୁଷ ହୋଉ ମନୁଷ୍ୟ ଅଟଇ ଜାତି । ୬୧ ।
କୃତିକା ମଘା ବିଶାକା ଜ୍ୟେଷ୍ଠା ଶତଭିଷ
ଅଶ୍ଲେଷା ଧନିଷ୍ଠା ଚିତ୍ରା ମୂଳା ୟେ ହୁଅନ୍ତି ରାକ୍ଷସ । ୬୨ ।

ରେବତୀ ନକ୍ଷତ୍ରର ଦୋଷ ପାଞ୍ଚଦଣ୍ଡ
ୟେଥେ ଜନମ ହୋଇଲେ ବରଷେ ପାଇ ଗଣ୍ଡ । ୫୩ ।
ୟେତେ ଯୋଗେ ଦିବସେ ଜନମ ଲଭିଲେ
ପିତାଙ୍କର ଗଣ୍ଡ ଦୋଷ ପୁତ୍ର ଦୋହିତା ଉପୁଜିଲେ । ୫୪ ।
ରାତ୍ରକାଳେ ୟେବେ ଉପୁଜଇ ସନ୍ତତି
ମାତାଙ୍କର ଗଣ୍ଡଦୋଷ ଲାଗଇ ବୋଇଲେ ଅଗସ୍ତି । ୫୫ ।
ଉଭୟେ ସନ୍ଧ୍ୟାୟେ ୟେବେ ଉପୁଜଇ ବାଳ
ତହାର ଉପରେ ଭୋଗ ହୁଅଇ କାଳ । ୫୬ ।
ଗଣ୍ଡଦୋଷ ଲାଗଇ ୟେ ୟେତେକ ନକ୍ଷତ୍ରେ
ବ୍ୟାସେ କହିଲେ ଗାନ୍ଧାରସେନର ଅଗ୍ରତେ । ୫୭ ।
କୃତ୍ତିକା ନକ୍ଷତ୍ରେ ଉପୁଜିଲା ଗାନ୍ଧାରୀ
ଆବର ଉଆଂସୀ ହୋଇଲା ଜାତିରେ ବ୍ରହ୍ମ ୟେ ଅସୁରୀ । ୬୩ ।
ଆହୋ ଚନ୍ଦ୍ରର ନଷ୍ଟ ହୋଅଇ ସେ ଅମାବଇ ଦିନ
ଅତି ଦୋଷେ ସ୍ତିରୀ ହୋଅନ୍ତି ଉତପନ୍ନ । ୬୪ ।
ସେ ଉଆଂସୀ କନ୍ୟାକୁ ବିଭା ହୋଅଇ ୟେବଣ ପୁରୁଷ
ତହାର ଦେହ ଲାଗନ୍ତେ ୟଶ ଶ୍ରୀ ଆୟୁଷ ହୁଅଇ ନାଶ । ୬୫ ।
ୟେସନେକ ସନ୍ଦେଶ ୟହୁଁ ବ୍ୟାସେ କଲେ ପୁଚ୍ଛା
ଶୁଣିଣ ଗାନ୍ଧାରସେନ ନୃପତି ପଡିଲାକ ମୂର୍ଚ୍ଛା । ୬୬ ।
କୋଳେ ଧଇଲା ଡୋଳି ତାର ବିଜୟସେନ ମନ୍ତ୍ରୀ
ସାଷ୍ଟମ କରାଇଲେ ୟେ ପଣ୍ଡିତ ଭିଗଂ୍ୟ ୟତି । ୬୭ ।
ବ୍ୟାସେ ବୋଇଲେ ବାବୁ ଶୁଣ ରାଜା ଗାନ୍ଧାର
ଆମ୍ଭର ବୁଦ୍ଧିୟେ ଅଛି କରିବା ପ୍ରତିକାର । ୬୮-୧୨୭୭ ।

---

୫୮ ।୨ ୟେହାଙ୍କର ପ୍ରକୃତି ଜାଣିବା କେମନ୍ତେ ।
୬୫ ସେହି କନ୍ୟାକୁ ବିଭା ହୁଅନ୍ତି ୟେବଣ ଜନ ।
ତହାର ଦେହ ଲାଗନ୍ତେ ଲକ୍ଷ୍ମୀ ଆଷ୍ୟ ହୋୟେ କ୍ଷୀଣ । ।
ସାହାଡା ବୃକ୍ଷ ମାହାତ୍ମ୍ୟ
ଗୋଲକ ବୃକ୍ଷ କରତାର ରଥେ ଚକ
ମହାକଳପ ବୃକ୍ଷ ସେ ହରଇ ମହାପାତକ । ୧ ।

ପୂର୍ବେ ସ୍ରିଜିତ ତାହା କଲେକ ପ୍ରଜାପତି
ଦୋଷୀ କନ୍ୟା ହୋଇଲେ ତାକୁ ବିଭା କରିବ ଯୁଗତି । ୨ ।
ଗାନ୍ଧାରସେନ ବୋଇଲା ସେ ବୃକ୍ଷ ଅଛି ମୋହୋର ନବର ମଝାଥାନେ
ମୁଂ ତାହାକୁ ମୁନି ହୋ ପୂଜା କରଇ ନିତି ଦିନେ । ୩ ।

---

୧ ବିଭା କରାଇବା ଗୋଲକ ବୃକ୍ଷକୁ ।
ମହାକଲ୍ପ ବୃକ୍ଷ ସେ ହରଇ ପାତକକୁ । । (ପା)
ସାହାଡା ବୃକ୍ଷ ଗୋଟିୟେ ବିଭାକରି ଆଣି ।
ମହାକଳପ ବୃକ୍ଷ ସେ ହରଇ ପାପ ଶ୍ରେଣୀ । । (ପା)
୨ ।୨ ଦୂଷିତ କନ୍ୟା ବିଭା ହୋଇଲେ ହୁଅଇ ସେ ଗତି । (ପା)
ବ୍ୟାସେ ପ୍ରତିବାଚ ତୁ ଭାଗ୍ୟବନ୍ତ ରାଜା
କିସ ଫଳ ଅଛି ତୁ ସାହାଡା ବୃକ୍ଷ କରୁ ପୂଜା । ୪ ।
ଗାନ୍ଧାର ସେନ ପ୍ରତିବାଚ ସେ କରତାର ରଥଚକ
ଦ୍ରଶନେ ହରଇ ସେ ଅଶେଷ କୋଟି ପାତକ । ୫ । ସଂଖ୍ୟା
ବ୍ୟାସେ ବୋଇଲେ ରାଜା ନୋହଇଟି ୟେମନ୍ତ
ଆମ୍ଭର ତହୁଂ ଶୁଣ ହୋ ଶାହାସ୍ର ସଂଗତ । ୬ ।
ବୃଷଭ ମାସ କୃଷ୍ଣପକ୍ଷ ତିଥି ଯେ ଦଶମୀ
ଗୁରୁବାର ଶତଭିଷା ନକ୍ଷତ୍ରେ ବିଜୟେ ବିଶ୍ୱ୍ରନାଥ ସ୍ୱ୍ରାମୀ । ୭ । ଶଚ୍ଛତ୍ତଚ୍ଛଙ୍ଗମଚ୍ଛଟ୍ଟର
ନନ୍ଦିକେଶ୍ୱ୍ରର ଦେବ ବୃଷଭ ପଲାଣି
ପିଠିରେ ବିଜେ କଲେ ଦେବ ପିନାକୀ ଶୂଳପାଣି । ୮ ।
ହୃଦରେ ଆଭରଣ ଉତଙ୍ଗ ସପତ ଫେରୁ
ଅନ୍ତରୀକ୍ଷେ ବାଜଇ ନବଲକ୍ଷେ ଡମ୍ୱ୍ରରୁ । ୯ । ସଂଖ୍ୟା ଚ୍ଚନ୍ଧଲଭରତ୍ତ
କଉତୁକେ ବିହଡନ୍ତି ସ୍ୱ୍ରାମୀ ଦେବରାଜେ
ବଇଲ ଆରୋହିଣ ଦେବ ମଧ୍ୟପୁରେ ଦିଗବିଜେ । ୧୦ ।
ଅନେକ ତୀର୍ଥେ ପସି ଆସନ୍ତି ସୁଢଳେ
ଚଳନ୍ତି ମହେଶ୍ୱ୍ରର ବଇତରଣୀ ନଦୀ କୂଳେ । ୧୧ । ଓବସଟ୍ଟନ୍ଧତ୍ତ ଇବଷନ୍ଦବତ୍ତବଚ୍ଚଷ
ସାହାଡା ବୃକ୍ଷ ଗୋଟିୟେ ଅଛି ବାମ କତି ଲାଗି
ପତ୍ର ଗୋଟିୟେକ ବଇଲ ମଥାରେ ଘେନିଲାକ ବେଗି । ୧୨ ।
Cଶ୍ୱ୍ରର ପୁଚ୍ଛା କଲେ ଶୁଣ ହୋ ମହାବୃଷଭ
ୟେ ପତ୍ର ଗୋଟି ମଥାରେ ଘେନିଲୁ କି ସୁଲଭ ହୋଇବ । ୧୩ ।
ବୃଷଭ ବୋଇଲା ଦେବ ବାମେ ଯେବେ ସାହାଡା ବୃକ୍ଷ ଥାଇ ଜବଶବଯବ ନ୍ଦତ୍ତରର
ଲସ୍ଥଙ୍କନ୍ଦରତ୍ତସ୍ଥ
ପତ୍ର ଗୋଟିୟେ ଶିରେ ଘେନିଲେ ଅମୃତ ଯୋଗାଡ ପାଇ । ୧୪ ।
ଡାହାଣ ଭାଗେ ଯେବେ ବୟର ବୃକ୍ଷ ଥାଇ
ତହିଁରୁ ପତ୍ର ଗୋଟିୟେ ଘେନିଲେ ଶତ୍ରୁ କ୍ଷୟେ ଯାଇ । ୧୫ ।

---

୧୯ ।୨ "ୟେସନକ..... ବୋଇଲେ" ପାଦାନ୍ତ ପରେ ପୋଥି ବିଶେଷରେ ଅଧିକା ପାଠ-
ମାଖୋଟକ ନମ ସ୍ତୁଭ୍ୟମ୍ ସର୍ବପାପ ପ୍ରଣାଶନଃ ।
ପ୍ରଚୁରଂ ଭୋଜନଂ ଦେହି ଦେବ ବୃକ୍ଷ ନମୋସ୍ତୁତେ । ।

୧୫ ।୧ ବୟର-ବଦର-ବରକୋଳି ।
ଆଗରେ ଶ୍ୱେତ ଦୁବ ଦେଖିଲେ ମଥାରେ ଘେନିମ ତୋଳି ଓବସଟ୍ଟନ୍ଧତ୍ତଷ
ଅନେକ ଦୋଷ କ୍ଷୟ ଯାଏ ଶୁଣିମା କପାଳୀ । ୧୬ ।
ତୁଳସୀ ବୃକ୍ଷ ଯେବେ ଦେଖିବ ପଛକତି ଲେଉଟି
ମଥାଏଣ ଘେନିମ ହାଦେ ଝଡିଲା ପତ୍ର ଗୋଟି । ୧୭ ।
ଗ୍ୟାନେ ଅଗ୍ୟାନେଣ ଯେତେକ ପାପ ଅଛି
ତକ୍ଷଣେ ସକଳ ପାତକ ଯାଇ ଲେଛି । ୧୮ ।
ସୁପଙ୍କୁ ଅନ୍ନ ପ୍ରାପତ ସାହାଡା ପତ୍ର ଘେନିଲେ
ଯେସନେକ ଚରିତ ବୃଷଭ ବୋଇଲେ । ୧୯ ।
ଭୋଜନ ପାପତ ହୋଅଇ ସାହାଡା ପତ୍ରେକ ଘେନିଲେ
ଆଜି ପରୀଖି ଜାଣିମା ସଦାନନ୍ଦେ ବୋଇଲେ । ୨୦ ।
ଚତୁର୍ଦ୍ଦଶ ଭୁବନ ବୁଲିଲେ ମହାଦେବ
ପାଣି ଘାସ ଆହାର କତିକି ସେ ନ ନିଅନ୍ତି ବୃଷଭ । ୨୧ । ଓବସଟ୍ଟନ୍ଧତ୍ତଷ
ମନ ସରି ବୃଷଭକୁ ସେ ବୁଲାନ୍ତି ଉପବାସେ
ଗିରି ଅରଣ୍ୟେ ବୁଲନ୍ତି କ୍ଷେପନ୍ତି ଆକାଶେ । ୨୨ ।
ବାହୁଡନ୍ତି କପିଳାସେ ବିଜେ କଲେ ଆଦିତ୍ୟର ଅସ୍ତେ
କପିଳାସ ନିକଟେ ବିଜୟେ ପଞ୍ଚବକ୍ତ୍ର ତ୍ରିନେତ୍ରେ । ୨୩ । ଐବଟ୍ଟଷକ୍ଷବଙ୍କ
ଅମୃତ ଯୋଗାଡ ଯେ ରନ୍ଧନ କରନ୍ତି ଉମା
ସ୍ୱାମୀକି ବାଟ ଚାହିଁଣ ବିମୁଖ ଦେବୀ ବାମା । ୨୪ ।
ତେର ଘଡି ଯହ୍ନଂ ଗଡି ଗଲା କରତାର
ଆପଣେ ଠାକୁରାଣୀ ବିଜେ କଲେ ମୁଣୋହିର । ୨୫ ।
ସୁବର୍ଣ୍ଣ ପଇଲମେ ସକଳ ଯୋଗଡନ୍ତ ଭରି
ପିଠା ଖିରିସା ଗୋଟିକା ଛେନା ତାଗଡା ଆଦି କରି । ୨୬ ।
ସୁବର୍ଣ୍ଣ କୋପରାରେ ସମସ୍ତ ପୂରୋଇଂ
ଦେବେ ପିତ୍ରେ ଅନ୍ନ ପାଣି ଦେଇ ତୁଣ୍ଡେ ପଞ୍ଚଗୁଣ୍ଡି ଲାଇ । ୨୭ ।
ପାଣି ଆଧାର କରି ତିନିଗୁଣ୍ଡି ଭୁଞ୍ଜି
ଯେସନକ ସମୟେ ଡମ୍ଭ୍ରରୁ ଡିବି, ଡିବି ବାଜି । ୨୮ ।

---

୧୮ ।୨ ଲେଛି-ଛାଡି ।
୨୭ ।୧ କୋପରାରେ-ସଂସ୍କୃତ କର୍ପର, ଚଟକା ପାତ୍ର ବିଶେଷ । ବେଣ୍ଟ ଲାଗିଥିବା ଗହିରା ଥାଳି, କରେଇ ପରି ।
କାଞ୍ଚୋଲାରେ-ପାତ୍ର ବିଶେଷରେ, ବେଲା ।
ଶୁଣିଣ ଗୋସାମଣୀ ଯେ ବିଷାଦ ହୋଇଲେ
କେମନ୍ତ କରିବି ମୁହିଁ Cଶ୍ୱରେ ବିଜେ କଲେ । ୨୯ ।
ସଂକୋଚେଣ ମୁଣୋହି ଛାଡି ଉଠିଲେ ବେଗ ହୋଇ
ବୃଷଭ ଗୁଆଣିରେ ଲୁଚାଇଲେ ନେଇ । ୩୦ ।
ପିଠା ଖିରି ଶାକର ପୂରୋଇଲେ କାଞ୍ଚୋଲାରେ
ଆଞ୍ଚୋବନ ସାରି ଦେବୀ ହୋଇଲେ ବାହାରେ । ୩୧ ।
ରତନ ଝରୀରେ ଦେବୀ ପାଣି ଯେ ପୂରୋଇ

ଛାମୁରେ ପ୍ରବେଶ ଯେ ହୋଇଲେ ମହାମାC । ୩୨ ।
ନନ୍ଦିକେଶ୍ୱରଙ୍କୁ ଘାଇ ଆଗ୍ୟାଂ ଦିଲେ ସଦାନନ୍ଦ
ବୃଷଭ ଗୋଟିକ ନେଇ ଗୁଆଣିରେ ବେଗେ ବାନ୍ଧ । ୩୩ ।
ଆଗ୍ୟାଂ ପ୍ରମାଣେ ନନ୍ଦିକେଶ୍ୱର ଗଲା
ଯତନ କରି ତାକୁ ଖମ୍ଭରେ ନେଇ ବାନ୍ଧିଲା । ୩୪ ।
Cଶ୍ୱରେ ଆଗ୍ୟାଂ ଦିଲେ ନନ୍ଦିକେଶ୍ୱରକୁ ଘାଇ
ଖଡ ଆହାର ଘାସ ପାଣି କିଛି ଅନ୍ନ ନ ଦେବୁଟି ବଇଲଇଁ । ୩୫ ।
ସ୍ୱାମୀ ଆଗ୍ୟାଂୟେଣ ସେ ଦୃଢକରି ବାନ୍ଧିଣ ଅଇଲା
ବଜ୍ରର କିଳିଣି ଦେଇ ସେ କବାଟ କିଳିଲା । ୩୬ ।
ବୃଷଭ ବିଗ୍ରଇ ମୋତେ Cଶ୍ୱର କଷିଲେ
କରତାର ନାଥ ୟେହା କି-ାଇ ନ ବିଗ୍ରିଲେ । ୩୭ ।
ମୋହୋର ୟେତେକ କଥା ଯେ ନିଷ୍ଫଳ ହୋଅନ୍ତେ
ଆବର କରତାରଙ୍କୁ କେ ଭଗତ ହୋଇବ ଯୁଗତେ । ୩୮ ।
ନିସତେଣ ବାସି ଖଡ ନାଡେ ଦିଅନ୍ତେ ସେ ତୁଣ୍ଡେ
ଦେଖିଲା ଅମୃତ ଯୋଗାଡ ପୂରିଅଛି ଭାଣ୍ଡେ । ୩୯ ।
ସନ୍ତୋଷେଣ ଭୋଜନ ଯେ କଲାକ ବୃଷଭ
ସୁମରଇ ୟେକ ଲୟେ କରି ହାଦେ କରତାର ଦେବ । ୪୦ ।
ଭୁଞ୍ଜିଣ ବଇଲ ଯେ ହୋଇଲା ଆନନ୍ଦ
ହେ ବୁଧ ଜନେ କରତାର ନାଥଙ୍କୁ ନିତ୍ୟ ବନ୍ଦ । ୪୧ ।

---

୩୦ ।୨ ବୃଷଭ ନିହାଣୀ (ନିଧାନୀ)ରେ ପୂରୋଇଲେ ନେଇ । (ପା)
୩୭ ।୧ ବୃଷଭ ବିଗ୍ରଇ Cଶ୍ୱର କପଟ ମୋତେ କଲେ । (ପା)
୩୩ ।୨ ଗୁଆଣିରେ-ଖାଇବା କୁଣ୍ଡ ସ୍ଥାନରେ ।
Cଶ୍ୱର କଷଣରୁ ହୋଇଲିଟି ପାର
କିସ କରି ପାରଇଟି ଆବର ନାଶକର । ୪୨ ।
ୟେହି ହସ୍ତରେ ଫଳ ଲଭନ୍ତି ବିରଞ୍ଚି ନାରାୟଣ ପ୍ରସାଦେ
ଶୂଦ୍ରମୁନି ସାରୋଳ ଦାସ କରତାର ପଦ୍ମପାଦେ ବନ୍ଦେ । ୪୩ ।
ବ୍ୟାସେ ବୋଇଲେ ଶୁଣ ଗାନ୍ଧାରସେନ ନୃପତି
ୟେ ପତ୍ର ଶିରେ ଘେନିଲେ ୟେସନେକ ଫଳଶ୍ରୁତି । ୪୪ ।
ଭୁଞ୍ଜିଣ ବୃଷଭ ତ୍ରିପୁତି ହୋଇଲା
ଶୋଷକୁ ପଣା ଭୋଖକୁ ଅମୃତ ଯୋଗାଡ ପାଇଲା । ୪୫ ।
ଶୋଇଅଛି ବୃଷଭ ହୋଇଣ ମହାତ୍ରିପୁତି
ଶୁଭେଣ ପ୍ରସର ଯେ ହୋଇଲାକ ରାତି । ୪୬ ।
କବାଟ ଫେଡି କରି ଦେବ ଯେ ସୁଢଳେ
ଭିତରକୁ ପଶିଲେ ଦେବ ବୃଷଭ ବିକଳେ । ୪୭ ।
Cଶ୍ୱରେ ହସିଲେ ଯେ ମହା ବୃଷଭକୁ ଗ୍ରହିଂ
କିସ ଫଳ ପାଇଲୁ ହୋ ସାହାଡା ବୃକ୍ଷ ଦାହି । ୪୮ ।
ବଇଲ ବୋଇଲା ଦେବ ଶାହାସ୍ର ନୋହଇ ଯେ ମିଥ୍ୟା
ସୁଖେଣ ପାରି ହୁଅନ୍ତି ଯେତେ କରତାର ଭଗତ । ୪୯ ।

Cଶ୍ୱର ବୋଇଲେ ପାଇଲୁ ତୁ ଯେହ୍ନେ
ସଂସାର ଜନଙ୍କୁ ପ୍ରାପତ ହୋଉ ତେହ୍ନେ । ୫୦ ।
ବୃଷଭ ବୋଇଲା ଦେବ ପ୍ରତକ୍ଷେ ପାଇଲି
ତୁମ୍ଭର ମୁଣୋହି ନ କରୁଣୁ ମୁଂ ଆଗେ ଯେ ଖାଇଲି । ୫୧ ।
ଯେ ଯାହାକୁ ସ୍ୱାମୀ ହୋଇଥାଇ ଭଗତା
ଅବଶ୍ୟ ସେ ତାହାନ୍ତ କରନ୍ତି ନା ଚିନ୍ତା । ୫୨ ।
ସେବକ ଚିନ୍ତା ଯେବେ ସ୍ୱାମୀକି ନ ଲାଗିବ
କେବଣ ମତେ ସେ ଏ ସଂସାରୁ ତରିବ । ୫୩ ।
ଯେତେକ ଯୋଗାଡ ତୁମ୍ଭର ମଢଫୁଲି
ତୁମ୍ଭର ମୁଣୋହି ନ କରୁ ମୁଂ ଆଗ ତା ପାଇଲି । ୫୪ ।
ସ୍ୱାମୀ ଲୟେ କରି ଦେଖ ନି ମୋହୋର ଗୁଆଣି
ଗନ୍ଧ ଆମୋଦଇ କର୍ପୂର ରସ ଜାଣି । ୫୫ ।
ସ୍ୱରୂପ ଦେଖି Cଶ୍ୱର ବିଷାଦ ହୋଇଲେ
ପାର୍ବତୀଙ୍କି ସଲ୍ଲଜ ହୋଇ ପଗ୍ଧରିଲେ । ୫୬ ।
ବୃଷଭକୁ ନେଇ ଟି କେହ୍ନ ଦିଲା ମୋ ଯୋଗାଡ
ତୁମ୍ଭେ ଜାଣ ନିକି ଦେବି ଏଥିର ତଥ୍ୟ ଯେ ବେଭାର । ୫୭ ।
ପାର୍ବତୀ ହସିଲେ Cଶ୍ୱରଙ୍କ ବଚନେ
ତୁମ୍ଭର ଆସିବା ବିଳମ୍ବ ଦେଖିଣ ତ୍ରିଲୋଚନେ । ୫୮ ।
ସମସ୍ତ ବାଢିଣ ଦେବ ବସିଲି ମୁଂ ଭୁଞ୍ଜି
ୟେସନ ସମୟେଣ ଡମ୍ବ୍ରୁରୁ ଶବଦ ବାଜି । ୫୯ ।
କ୍ଷୁଧାୟେଣ ତୁମ୍ଭେ ମୋତେ କୋପ କରିବ ବୋଲି
ସବୁ ନେଇ ବୃଷଭ ଗୁଆଣିରେ ଭରିଲି । ୬୦ ।
ସଦାନନ୍ଦ ହସିଲେ ଗିରିଜାର ବଚନେ
ୟେହେର୍ଣ୍ଣକ କରି ଯେ ପ୍ରାପତଟି କରାନ୍ତି ଦେବତାମାନେ । ୬୧ ।
ବଦୟନ୍ତି ବ୍ୟାସେ ପାରେଶ୍ୱର ନାନେ
କରତାକୁ ସେବିଲେ ତପଫଳ ଶ୍ରୁତ ହାଦେ ଅଟଇ ୟେସନେ । ୬୨ ।
ଗ୍ଧଲ ହୋ ରାଜା ୟେବେ ସାହାଡା ବୃକ୍ଷ ଯେ ଦେଖିବା
ଗାନ୍ଧାରୀକି ତାହା ପ୍ରରଦାନ କରିବା । ୬୩ ।
ଭିତର ନବର ଅଗଣା ମଧ୍ୟ ସ୍ଥାନେ
ଗୋଲକ ବୃକ୍ଷ କଲେ ବରବେଶ ବିଧାନେ । ୬୪ ।
କନ୍ୟାବେଶ ଯେ କଲେକ ଗାନ୍ଧାରୀ
ମଙ୍ଗଳ ବାକ୍ୟେ ତଙ୍କୁ ସୀଉକାର ବରଣ କରି । ୬୫ ।
ଉଦକ-ପାଦ ଗୋତ୍ର ଯେ ଶାକୋଟ ବୃକ୍ଷ
ବୃନ୍ଦା ଅର୍କ ଗୋତ୍ର ସେ ଗାନ୍ଧାରସେନ ବଂଶ । ୬୬ ।
ଉଭୟ କୁଳ ଗୋତ୍ର ଉଚ୍ଚ୍ଧରିଲେ ମୁନ୍ୟେ
ଗୋଲକ ବୃକ୍ଷ ଗାନ୍ଧାରୀକି କଲେକ ପ୍ରରଦାନେ । ୬୭ ।
ଗାନ୍ଧାରୀର କର ଗୋଲକ ବୃକ୍ଷ ଡାଳେ
କୁଶ ବନ୍ଧନ କରନ୍ତି ମୁନି ମନ୍ତ୍ରବଳେ । ୬୮ ।
ଗାନ୍ଧାରୀ ବୃକ୍ଷ ଯହ୍ନଂ ୟେକ ଯୋଗ ହୋଇଲା
ସେ ସାହାଡା ବୃକ୍ଷ ଗୋଟି ତତ୍କ୍ଷଣାନ୍ତି ମଲା । ୬୯ ।

ଦେଖିଣ ଚକିତ ଯେ ହୋଇଲେ ମୁନି ବ୍ୟାସେ
ଗାନ୍ଧାର ସେନ ନୃପତି ବସିଲା ବିରସେ । ୭୦ ।
ବ୍ୟାସେ ବୋଇଲେ ତୁ ନ ଭାଳ ନୃପତି
ସମସ୍ତ ଅରଷ୍ଟି ଏହାର ହୋଇଲାନି ଶାନ୍ତି । ୭୧-୧୩୪୮ ।

---

୫୬ ।୨ ପାର୍ବତୀଙ୍କି ସନ୍ନିଧ୍ୟକୁ ରାଇଣ ପଠାରିଲେ । (ପା)
୬୯ ଗାନ୍ଧାରୀର କର ତହ୍ନଂ ବୃକ୍ଷରେ ଲାଗିଲା ।
ସାହାଡା ବୃକ୍ଷ ଗୋଟି ତତକ୍ଷଣେ ଜଳିଗଲା । (ପା)
ଗାନ୍ଧାରୀ ସହ ଧୃତରାଷ୍ଟ୍ରଙ୍କ ବିବାହ
ତୁ ଯେବେ ହାଦେ ଆମ୍ଭର ବଚନ କରିବା
ଗାନ୍ଧାରୀକି ତୋର ଆମ୍ଭ ଧୃତରାଷ୍ଟକଇ ଦେବା । ୧ ।
ବ୍ୟାସଙ୍କ ବଚନେ ରାଜା ସମଦଣ୍ଡ ସାଜି
ଚଳଇ ମହାରାଜା ହସ୍ତିନା ପୁର ମଝି । ୨ ।
ଗାନ୍ଧାରୀକି ଘେନି ଚଳିଲେ ବ୍ୟାସ ମହାଯତି
ଧୃତରାଷ୍ଟକୁ ପ୍ରଦାନ କଲେ ସେ ଯୁବତୀ । ୩ ।
ଧୃତରାଷ୍ଟ ବ୍ରହ୍ମ ଅସୁର କୃତ୍ତିକା ବୃଷରାଶି
ଗାନ୍ଧାରୀ ବ୍ରହ୍ମ ଅସୁରୀ ଆବର ଉଆଂସୀ । ୪ ।
ଧୃତରାଷ୍ଟ ନାୟେଂ ବରିଲା ଅନେକ କନ୍ୟା ମଲା
ଗାନ୍ଧାରୀକି ବରି ବାଇଶି ରାଜା ନାଶ ଗଲା । ୫ ।
ଧୃତରାଷ୍ଟ୍ରକଇ ନାହିଂ କନ୍ୟା ଗାନ୍ଧାରୀକି ନାହିଂ ବର
ଯେ ଜାତି ବ୍ରହ୍ମ ଅସୁରୀ ସେ ବ୍ରହ୍ମ ଅସୁର । ୬ ।
ଦୁହିଂଙ୍କର ଯେକ ଯୋଗ ହୋଇଲା ପୀରତି
ଧୃତରାଷ୍ଟ ଗାନ୍ଧାରୀ ହୋଇଲେ ଯେକ ମେଳମତି । ୭ ।
ବଦୟନ୍ତି ଅଗସ୍ତି ଶୁଣ ବଇବସ୍ୱତ ମନୁ
ଗାନ୍ଧାରୀକି ଧୃତରାଷ୍ଟ ଯେ ହୋଇଲେ ପ୍ରଦାନୁ । ୮ ।
ବେନି ଅସୁର ସେ ହୋଇଲେ ସମଯୋଗ
ବଢିଲା ପୀରତି ଉପୁଜିଲା ବହୁତ ରଙ୍ଗ । ୯-୧୩୫୬ ।

---

୫ ।୧ ନାୟେଂ-ନାମେ ।

କୁନ୍ତୀଙ୍କ ବାଲ୍ୟ ଚରିତ, ଦୁର୍ବାସାଙ୍କ ସେବା ଓ ତାଙ୍କଠାରୁ ବରପ୍ରାପ୍ତି
ବଇବସ୍ୱତ ମନୁ ପୁଛାକଲେ ଅଗସ୍ତିଙ୍କି
ପଣ୍ଡୁଙ୍କୁ କେମନ୍ତେ ବିଭା କଲେ କହିବା ବ୍ରହ୍ମ ବାକି । ୧ ।
ଶୁଣ ହୋ ମହାତମା ଯୁଗାନ୍ତେକ ପୁରୁଷ
ପଣ୍ଡୁର ଚରିତ ଶୁଣିମା ଅମିୟ ଦିବ୍ୟ ରସ । ୨ ।
ସିଦ୍ଧପୁର ନଗ୍ରେ କୁନ୍ତଭୋଜ ନୃପତି
ତାହାର ଭାରିଯା ନାମ ଅଟଇ ଜମ୍ଭ୍ରୁବତୀ । ୩ ।
ମଦନ ମହାଦେବର ସେ ଅଟଇ କୁମାରୀ

କରବୀର ପୁରର ସେ ଅଟଇ ଅଧିକାରୀ । ୪ ।
କୁନ୍ତଭୋଜ ରାଜାର ସେ ୟେକଇ ଦୁହିତା
ଶ୍ରଦ୍ଧାୟେ ନୃପତି ନାମ ଦିଲେ ତାହାକୁ କୋଇନ୍ତା । ୫ ।
ବଡାଇ ସୁନ୍ଦର ସେ ଅଟଇ ଭାଗ୍ୟବନ୍ତୀ
ଅତି ସୁନ୍ଦର ସେ ଅତୁଲାୟିତ ଯୁବତୀ । ୬ ।
ପୁତ୍ର ନ ଥାଇ ସେ କୁନ୍ତଭୋଜ ରାଜାର
ୟେକା ଦୁଲାଳୀକି ତାର ସ୍ୱାଗ ଯେ ଅପାର । ୭ ।
ବୃଷଭ ମାସ ପଞ୍ଚମୀ ବୃହସ୍ପତି ବାର
ଗୁରୁପୁଷ୍ୟା ଯେ ଅମୃତ ଯୋଗ ସେ ଦିନର । ୮ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବବ ନାମେ କରଣ ଯେ ଶୂଳ ନାମେ ଯୋଗ
ବୃଷଭ ସଂକ୍ରାନ୍ତିକି ତେର ଭୋଗ । ୯ ।

---

୩ ।୧ ହଟପୁର ନଗ୍ର ରାଜା, ସାହାପୁର ନଗ୍ରରାଜା ।
୪ ।୧ ମଦନ ମହାସେନର ସେ ଅଟଇ କୁମାରୀ ।
୧ ।୨ ବାକି-ବାକ୍ୟ ।
୭ ।୨ ସ୍ୱାଗ-ସରାଗ, ଶ୍ରଦ୍ଧା ।
ୟେମନ୍ତ ସମୟେଣ ଦୁର୍ଭାସା ମହାଋଷି
କୁନ୍ତଭୋଜ ରାଜା କଟକେ ପ୍ରବେଶ ହୋଇଲେ ଆସି । ୧୦ ।
ଦେଖି କୁନ୍ତଭୋଜ ରାଜା ପାଦଅର୍ଘ୍ୟ ଦେଲା
ନିସ୍ତରିଲି ମହାତମା ହୋ ଆଜଦିନ ମୋତେ ଭଲା । ୧୧ ।
ଅନେକ କାର୍ଯ୍ୟ ସୁଫଳ ହୋଇଲା ଆଜ ମୁକୁ
ମୁଁ କ୍ଷମ ହୋଇବି ତୋର ପାଦପଦ୍ମ ପଖାଳିବାକୁ । ୧୨ ।
ଦୁର୍ଭାସାୟେ ପ୍ରତିବାଚ ତୁ ଅଛୁ ନା କୁଶଳେ
ପାତ୍ର ଅମନାତେ୍ୟ ଖଟି ଅଛନ୍ତି ନା ସକଳେ । ୧୩ ।
ସମସ୍ତ କୁଶଳ ବୋଲି ବୋଇଲେ କୁନ୍ତଭୋଜ
ଜୀବନ ସୁଫଳ ମୁନି ହେ ଦେଖିଲି ମୁଁ ତୋତେ ଆଜ । ୧୪ ।
ଦୁର୍ଭାସାୟେ ବୋଇଲେ ଆମ୍ଭେ ଅଇଲୁ ତୋହୋର ରାଜ୍ୟକୁ
ଚତୁର୍ମାସ୍ୟା ବଞ୍ଚିବୁ ବସା ଖଣ୍ଡିୟେ ଦେବୁ ମୁକୁ । ୧୫ ।
ବଡାଇ ସ-ଦ ରାଜା ଦେଖିଲୁ ତୋର ପୁରୀ
ରହିବାକୁ ତୃଷ୍ଣା ଯେ ବଳିଲା ଆମ୍ଭରି । ୧୬ ।
କୁନ୍ତଭୋଜ ବୋଇଲେ ମୁଁ କିସ କରିବି
ରୁହାଇଲେ ତୁମ୍ଭନ୍ତ ଭଗତି ହୋଇ ନୁଆରିବି । ୧୭ ।
ଯାଅ ବୋଲି ବୋଇଲେ ତୋର କୋପ ଉପୁଜିବ ତନୁ
ଜାଣି ଅନୁଗ୍ରହ ମୋତେ କରିବା ତପୋଧନୁ । ୧୮ ।
ଦଶ ସହସ୍ର ଯୋଜନେ ମୁଁ ଅଟଇ ଅଧିକାରୀ ଚ୍ଚନ୍ଧଲଭରତ୍ତ
ଦକ୍ଷ ଭ୍ରାଥ ସୁତ ନାହିଁ ନା ମୋହୋରି । ୧୯ ।
ରାଜ୍ୟ ଚିନ୍ତାୟେଣ ନ ପୁଣ ପାସୋରଇ ତୋତେ
ତୁ Cଶ୍ରୁର ସମାନେ ମହାଋଷି ନପୁଣ କୋପ କରୁ ମୋତେ । ୨୦ ।
ଦୁର୍ଭାସାୟେ ବୋଇଲେ ତୁ କାହୁଁ ଆମ୍ଭଙ୍କୁ ସେବା କରିବୁ

ତୋହୋର କରି ଆମ୍ଭଙ୍କୁ ଜଣେ ତୁ ଦେଇଥିବୁ । ୨୧ ।
ଆଶ୍ରମ ଗୋଟିକ ଲିପିବ ଅଗଣା ଝୋଟି ଦେବ
ପାଣି ଝରିଯେ ଆଣିମ ଫୁଲ ପୁଡାଯେ ତୋଳି ଦେବ । ୨୨ । ଓବସଟ୍ଟନ୍ଧତ୍ତଷ

---

୧୮ ଯାଅ ବୋଇଲେ କୋପ ତୋର ବଢିବ ବ୍ରହ୍ମସୁତ ।
ଜାଣି ଅନୁଗ୍ରହ ମୋତେ କର ତପୋବନ୍ତ । ।
ପାଲଟା ବସ୍ତ୍ର ଖଣ୍ଡ ପଖାଳିବ ନେଇ
ଯେତେକ କରିଣ ସେଟି ଆମ୍ଭଙ୍କୁ ଭଗତି ହୋଇ । ୨୩ ।
କୁନ୍ତଭୋଜ ବୋଇଲା ମୁଁ ଆନକୁ କିଂପେ ଦେବି
ଯେକା ଦୁହିତା ଗୋଟିଯେ ମୋହୋର ତୁମ୍ଭଙ୍କୁ ଥାଉ ସେବି । ୨୪ ।
ଦୁହିତାଙ୍କୁ ଘାଇ ସେ ଆଗ୍ୟାଂ ଦିଲେ କୁନ୍ତଭୋଜ
ଆଶ୍ରମ ଖଣ୍ଡିଯେ କଲେ ନଗ୍ରର ବାହିଜ । ୨୫ ।
କୋଇନ୍ତାଯେ ହୋଇଥାଇ ବିନୟ ଭଗତେ
ଦୁର୍ଭାସା ଋଷିଙ୍କି ସେବା କରଇ ଅନୁବ୍ରତେ । ୨୬ ।
ରାତ୍ର ପ୍ରଭାତରେ ଅଗଣା ପଅଁରି
ଗୋମୟ ଘେନି ଛେରା ପକାଇ ଯତ୍ନ କରି । ୨୭ ।
ନିତିପ୍ରତି ପାଚିଲା ଆମ୍ତ୍ରପତ୍ର ଲୁଚିଯେ ଆଣଇ ସାଉଣ୍ଟ
ପଖାଳି ପୀଢାରେ ଶୁଖାଇ ପାଲଟା କାଛୋଟି । ୨୮ ।
ଗଡୁ ତମ୍ତ୍ରାପାତ୍ରୀ କପୋରା ମାଜଇ ଆମ୍ତ୍ରିଳେ
ଆଶ୍ରମ ଖଣ୍ଡିକ ଲେପଇଁ କୃଷ୍ଣ ଗୋମୟରେ । ୨୯ ।
ବିଭୂତି ଗୁଡାଯେ ମେଦଇ ସଞ୍ଚ କରି
ପତ୍ର ଗୁଡାଯେ ଆଣଇ ସେ ବେଲ ଗଛରୁ ପାରି । ୩୦ ।
ବାଳୁତ ବୟସ ସେ ରାଜାର କୁମାରୀ
ସୁଗ୍ୟାନୀ ପଣେ ଥାଇ ଋଷିଙ୍କି ସେବା କରି । ୩୧ ।
ଋଷି ରାତ୍ରେ ସମାଧ୍ରେ ବସିଥାନ୍ତି ଯେ ଭିତରେ
କପାଟ ଗୋଟି ପାଡି କୋଇନ୍ତା ବସିଥାଇ ବାହାର ଦୁଆରେ । ୩୨ ।
କୋଇନ୍ତାର ଭଗତେ ଅନେକ ସନ୍ତୋଷ ଦୁର୍ଭାସା
ନାନା ତୀର୍ଥକୁ ମୁନି ନ କଲେ ମନୀଷା । ୩୩ ।
କୁନ୍ତଭୋଜ ରାଜ୍ୟେ ମୁନି ରହିଲେ ନିଶ୍ଚିନ୍ତେ
ଚତୁର୍ମାସ୍ୟାକୁ ବୋଲି ରହିଲେ ପାଞ୍ଚବରଷ ପରିଯନ୍ତେ । ୩୪ ।
ମଉଦଧି ତୀର୍ଥେ ଅର୍ଦ୍ଧୋଦୟା ପତି ପାଦ ଘରି
ଦକ୍ଷିଣ ମଉଦଧିକି ସମସ୍ତେ ଯାଉଛନ୍ତି ତୀର୍ଥ କରି । ୩୫ ।

---

୩୨ ଋଷିଙ୍କ ଆଶ୍ରମେ ବସିଥାଇ ନିରାଧାରେ ।
କପାଟ ପାଡି ଭିତ ବସିଥାଇ ଦ୍ୱାରେ । ।
କୁନ୍ତଭୋଜ ରାଜାର ଅଗ୍ରତେ ମିଳିଲେ ତପୋବନ୍ତେ
ଦଣ୍ଡ କମଣ୍ଡଳ ମୁନି ତାମ୍ରପାତ୍ର ହସ୍ତେ । ୩୬ ।
ଦେଖିଣ ଉଠିଲା ମୁନି ମହୀଧର ସ୍ୱାମୀ
ମୁନିଙ୍କର ଚରଣେ ସେ ହୋଇଲା ପରିଣାମି । ୩୭ ।

ଯେତେକାଳେ ଅନୁଗ୍ରହ ମୋତେ କଲେକ ଦୁର୍ଭାସା
ସମୟେକ ଆସିଣ ପୂରିଲା ମନୀଷା । ୩୮ ।
ଦୁର୍ଭାସା ବୋଇଲେ ଆମ୍ଭେ ଯେଘାନ୍ତି ସେ ଅଇଲୁ
ପାଞ୍ଚବରଷ ହୋଇଲା ତୋର ରାଜ୍ୟରେ ରହିଲୁ । ୩୯ ।
ବୋଲଇ ନୃପତି ନିସ୍ତରିଲି ତପୋବନ୍ତ
ଯେମନ୍ତ ହୋଇ କେ ତୋତେ ହୋଇଛି ଭଗତ । ୪୦ ।
ଦୁର୍ଭାସାଯେ ବୋଇଲେ ବଡ ସୁସ୍ଥେଣ ଯେ ଥିଲୁ
କୋଇନ୍ତାଙ୍କର ଭଗତେ ନାନା ତୀର୍ଥ ଉପେକ୍ଷିଲୁ । ୪୧ ।
ଆମ୍ଭେ ତୋହୋର ପୁରେ ଅନେକ ପାଇଲଇ ସୁସ୍ଥ
ଆହୋ କୁନ୍ତଭୋଜ ତୋତେ ପ୍ରାପତ ହୋଉ ଶତେ ପୁତ୍ର । ୪୨ ।
ସୋମବଂଶେ ସୁଲକ୍ଷଣୀ ହୋଉ ତୋର କୋନ୍ତା
ବୀର୍ଯ୍ୟ ପ୍ରଦାନ କରୁ ଯେହାକୁ ଧର୍ମ ଯେ ଦେବତା । ୪୩ ।
ଧର୍ମବଳେ ବଳବନ୍ତା କ୍ଷତ୍ରୀ ହୋଇ ତୋର ପୁତ୍ର ହୋଉ ଜାତ
ପଞ୍ଚୁ କଟକରେ ଠାକୁରାଣୀ ହୋଉ ତୋ ଦୁହିତ । ୪୪ ।
ଯେସନେକ ବର ଦେଇ ଚଳନ୍ତି ବ୍ରହ୍ମଯତି
କୋଇନ୍ତାଯେ ଗୋଡାଇଛନ୍ତି ସେ ମୁନିଙ୍କ ପଛକତି । ୪୫ ।
ରାଜ୍ୟ ଛାଡି ମହାତ୍ମାଯେ ପଶିଲେ ବନସ୍ତରେ
କୋଇନ୍ତାଯେ ଗୋଡାଇ ଅଛନ୍ତି ପଞ୍ଚୁକୋଶ ପର୍ଯ୍ୟନ୍ତରେ । ୪୬ । ଚ୍ଚନ୍ଧଲଭରତ୍ତ
କ୍ଷବଯସ୍ଥ ତ୍ତନ୍ଧଚ୍ଚଚ୍ଚଷଚ୍ଚବ ୧୬ ହୁଲଙ୍କ
କୋଇନ୍ତାଯେ ଛିଙ୍କିଲେ ବନସ୍ତରେ ଫୁଟି
ଧାତିକାରେ ଦୁର୍ଭାସାଯେ ଗ୍ରହିଂଲେ ଲେଉଟି । ୪୭ ।
ଦୁର୍ଭାସାଯେ ବୋଇଲେ ତୁ ଗୋଡାଇ ଅଛୁ ଆC
ଆମ୍ଭନ୍ତ ଛାଡି ତୋହୋର ଚିତ୍ତ ନ ବଳଇ ଯାଇ । ୪୮ ।
ବାହୁଡି ଯାଅ ମା ଗୋ ନ ପଶ ବନସ୍ତକୁ
ବ୍ୟାଘ୍ରର ଭଲ୍ଲୁକେ ଅଛନ୍ତି ନାଶ କରିବେଟି ତୁକୁ । ୪୯ ।

---

୪୬ ।୨ କୋଇନ୍ତାଯେ ଗୋଡାଇ ଅଛନ୍ତି ପଞ୍ଚତିରିଶ କୋଶ ପର୍ଯ୍ୟନ୍ତରେ ।
କୋଇନ୍ତାଯେ ବୋଇଲେ ମୁଁ Cଶ୍ରୁର ସମାନେ ଋଷିଙ୍କି ସେବା କରି
ଯେତେକାଳ ସେବା କରି ମୁଁ ଯେ ନିଷ୍ଫଳ ହୋଇଲି । ୫୦ ।
ବାଲି କୁଢ ଗୋଟିଯେ କୁଢାଇ ପତ୍ର ଲୋଚିଯେ ତହିଁରେ ଦେଇ ଋଚ୍ଛ ରବଙ୍କଷକ୍ଷସ୍ଥ
ଭଚ୍ଛଚ୍ଛଚ୍ଚ ଷଙ୍କ ବବ୍ଦବଷକ୍ଷବଭକ୍ଷର
ଲଯେ କରି ସେବିଲେ ପ୍ରସନ୍ନ ହୋଇ ସେହି । ୫୧ ।
ତୋହୋର ପରା ଋଷିଙ୍କି ଯେତେକାଳ ସେବା କଲି
ନିଷ୍ଫଳ ହୋଇଲା ମୁଁ କିଛି ନ ପାଇଲି । ୫୨ ।
ଦୁର୍ଭାସାଯେ ବୋଇଲେ ତୁ ତ ତୁନୀ ହୋଇଥିଲୁ
ପାଞ୍ଚବରଷ ଯେ ସେବା କରି କିଛିହିଁ ନ ମାଗିଲୁ । ୫୩ ।
ମହାମନ୍ତ୍ର ହାଦେ ଗୋ ନ ଦେଉଟି ଯାଚି
ଆମ୍ଭେ ବିଗ୍ରିଲୁ ଯେହାର କାର୍ଯ୍ୟ ନାହିଁ କିଛି । ୫୪ ।
ଯେବେ ହେ ମହାତମା ମୋତେ ଅନୁଗ୍ରହ କରିବା

ସ୍ତିରୀ ଆମ୍ଭେ ମନ୍ଦଜାତି ପଦାର୍ଥେକ ଦେବା । ୫୫ ।
ଦୁର୍ଭାସାୟେ ବୋଇଲେ ଗୋ ଯେ ତୋହୋର ଇଚ୍ଛା
ଦେବୁ ଅବଶ୍ୟ ଯେମନ୍ତେ ସୁନ୍ଦରି ତୋର ପୂରୋଇ ମନବାଞ୍ଛା । ୫୬ ।
ମୁହିଁ ବାଳ ସ୍ତିରୀ ମୁନି ହେ ନ ଜାଣଇଁ ସନ୍ଦେହ
ଜାଣି ମହତମା ମୋତେ କରିବା ଅନୁଗ୍ରହ । ୫୭ ।
ଦୁର୍ଭାସାୟେ ବୋଇଲେ ଗୋ ଆC ସ୍ତିରୀଙ୍କର ଯେହ୍ନେ ବ୍ରତ
ସୁନ୍ଦର ଭ୍ରଥା ହୋଇବ ସୁଭିଗଂ୍ୟ ପଣ୍ଡିତ ଭାଗ୍ୟବନ୍ତ । ୫୮ ।
ସୁପୁତ୍ର ହୋଇବ ତୋର ଅତିଅନ୍ତ ବଳବନ୍ତ।
ସାଂଗ୍ରାମକୁ କେବେହେଁ ନୋହିବ ପଛଗତା । ୫୯ ।
ଯେସନେକ ବାଞ୍ଛା ସ୍ତିରୀଙ୍କର ପ୍ରକୃତି
ସୁନ୍ଦର ପୁରୁଷ ଦେଖିଲେ ହୋଅନ୍ତି ଭୋଳମତି । ୬୦ ।
ଆମ୍ଭେ ଦେବୁ ତୋତେ ମହାମନ୍ତ୍ର ଜପାମାଳୀ
ଯେହା ଯତ୍ନ କରି ତୁ ଥାଅସି ସମ୍ଭାଳି । ୬୧ ।
ଶେଜ୍ୟା ଗତେଣ ଗୋ ସୁମରିବୁ ଯାହାକୁ
ସେ ଆସି ପ୍ରସନ୍ନ ହୋଇବ ଜାଣ ତୁକୁ । ୬୨ ।
ଯଦ୍ୟପି ବ୍ରହ୍ମା ଇନ୍ଦ୍ର ସୂର୍ଯ୍ୟ ପବନ ଯେ ବିଷ୍ଣୁ
ମୂର୍ଦ୍ଧନି ଫାଟି ପ୍ରାଣ ଯିବ ନ ଅଇଲେ ତା ଘଟଂ । ୬୩ ।
ଜପାମାଳୀ ଦେଇଣ ଯେ ଗଲେ ବ୍ରହ୍ମଯତି
ଅନ୍ତରୀକ୍ଷେ ମହାତମା ଗଲେ ତତ୍କ୍ଷଣାନ୍ତି । ୬୪-୧୪୨୧ ।

---

୫୦ ।୨ ଯେତେ କାଳ ଯାୟେ ସେବି କିଛି ଯାଚି ନ ପାଇଲି ।
୫୫ ।୨ ସ୍ତିରୀ ଆମ୍ଭେ ଅଭାଗି ପଦାର୍ଥେକ ଦେଇ ।
୫୯ ।୧ ସବୁଠାରୁ ପୁତ୍ର ହୋଇବ ଅତୀବ ବଳବନ୍ତ ।
୬୨ ।୨ ସେ ଆସି ପ୍ରବେଶ ହୋଇବ ଜାଣ ତୁକୁ ।
କର୍ଣ୍ଣଙ୍କ ଜନ୍ମ
ଦୁର୍ଭାସାଙ୍କ ବଚନ ଯେସନେକ ଶୁଣି
ବିଚାର କରଇ ସେ କୁନ୍ତଭୋଜର ଦୁଲଣୀ । ୧ ।
ଯେ ମହାଯତି ଯେବେ ମାଲା ଦେଇ ଗଲେ ମୋତେ
ଯେଥିର ତଦନ୍ତ ମୁଁ ଜାଣିମି କେମନ୍ତେ । ୨ ।
ଯମୁନା କୂଳେ ଦେବୀ ଶାଳପତ୍ର ଶେଜ୍ୟା ଗୋଟି କଲେ
ମେରୁ ପୃଷ୍ଠ ହୁଅନ୍ତେ କରତାର ସୁମରିଲେ । ୩ ।
ଅନ୍ତରୀକ୍ଷେ ଦେବ କରତାର ଆସନ କି-ଲା
ଦୁର୍ଭାସାଙ୍କ ମହାମନ୍ତ୍ର ସେ କୋଇନ୍ତା ସୁମରିଲା । ୪ ।
ମୁଁ ଯେହା ବଞ୍ଚାଇ ନ ଯିବି କେମନ୍ତେ
ବିଜୟେ ବିରଞ୍ଚି ନାରାୟଣ କୋଇନ୍ତାଙ୍କ ଶେଜ୍ୟାଗତେ । ୫ ।
କୋଇନ୍ତାକୁ କରତାର ଧଇଲେ ନିଜ କୋଳେ
ମୁଖେ ଚୁମ୍ବନ ଦେଲେ ମଦନ ରସ ଭୋଳେ । ୬ ।
କରପତ୍ର ଯୋଡିଣ ବୋଇଲେ ଭୋଜର କୁମାରୀ
କେ ଟି ତୁ ମହାତମା ମୋତେ ବଳାତ୍କାର କରି । ୭ ।

ବୋଲନ୍ତି ଆରେ ମୁହିଁ ସେ କରତାର ବିରଞ୍ଚି ନାରାୟଣ
ଋଷିଙ୍କର ମହାମନ୍ତ୍ରେ ମୋତେ କଲୁ ସୁମରଣ ।୮ ।
ଯେବେ ମୋତେ ଶୃଙ୍ଗାର ଦେବୁ ନାରେ ବାଳୀ
ଅନେକ ବାଗେ ତାକୁ କଟାଳ କଲେ ଅଂଶୁମାଳୀ ।୯ ।
କୋଇନ୍ତାଯେ ବୋଇଲେ ମୁଁ ଅବିଭାଇ ଅଟଇ ଅରଜବତୀ
ତୁ ଦିଗପାଳ ହୋଇ ମୋତେ କରୁଛୁ ଅନୀତି ।୧୦ ।
ଦିନକରନାଥ ବୋଇଲେ ତୁ ମନ୍ଦକୃତ କଲୁ
ଅଲାଗି ବାମା ହୋଇ ମୋତେ କିଂପେ ସୁମରିଲୁ ।୧୧ ।
ଭୋ କରତାର ମୁଁ ସୁମରିଲି ଋଷି ବିଦ୍ୟା ପରୀଖ ନିମନ୍ତେ
ସୁଗ୍ୟାନୀ ନାଥ ତୁ ମୋତେ ହରିବୁ କେମନ୍ତେ ।୧୨ ।
ବିରଞ୍ଚି ବୋଇଲେ ଦୁର୍ଭାସାଙ୍କର ମହାମନ୍ତ୍ର କେହ୍ନ ମେଣ୍ଟି
ଅବଶ୍ୟ ପ୍ରାଣ ହାରିବ ମୂର୍ଧୁନା ଯାଇ ଫାଟି ।୧୩ ।
ତୁ ମୋତେ ସୁମରଣା କଲୁ ନ ବିଚାରି
ରମଣ ନ କଲେ ମୁଁ ତ ନ ଯାଇ ବାହୁଡି ।୧୪ ।
ଯମୁନା ନଦୀତୀରେ ଗହନ ଅଟବ୍ୟା
କୋଇନ୍ତାକୁ ଶୃଙ୍ଗାର ଇଚ୍ଛିଲେ କରତା ଆଦିଦେବା ।୧୫ ।
ଶାନ୍ତି ମୂର୍ତ୍ତି ହୋଇଣ ଯେ କମଳଲୋଚନ
ଇନ୍ଦ୍ରି ବଢାଇଲେ ଯେ ଭଗର ସମାନ ।୧୬ ।
ଅଖଳିତ କନ୍ୟା ସେ ଅଟଇ ସୂଚୀଭେଦ
ସୂଚୀନାଡ ସ୍ୱରୂପେଣ ଉପସ୍ଥ କଲେ ଦେବ ।୧୭ । ଐଚ୍ଚଚ୍ଛଦ୍ଧକ୍ଷରଯବର ଚ୍ଛଳ
ଷଚ୍ଚନ୍ଦରତ୍ତମଚ୍ଛନ୍ଧତ୍ତଙ୍କର
ବିବସନସାହୀ ସେ ହୋଇଣ ଦେବା ଦେବୀ
ଅଗ୍ୟାଂନ ବାଳ ସ୍ତିରୀ ସେ କାମେଣ ଅଭାବି ।୧୮ ।
କିଞ୍ଚିତ ଶୃଙ୍ଗାର ସେ କଲେ କରତାରେ
ବାହୁଡି ନ ଗଲେ ଦେବ ଦୁର୍ଭାସାଙ୍କ ମନ୍ତ୍ରଡରେ ।୧୯ ।
ବୀର୍ଯ୍ୟ ପତନ କାଳରେ ସେ ଭୋଜର କୁମାରୀ
ବଇକୁଲ୍ୟ ହୋଇ ଦେବୀ ଅନେକ ବିନୟ କରି ।୨୦ ।
ଭୋ କରତାର ନାଥ ନ ଛାଡ ତୋର ବୀର୍ଯ୍ୟ
ଅମୋହ ରେତ ଦେବ ମୋହୋର ଗର୍ଭେ ରହିବ ଆତ୍ମଜ ।୨୧ ।
ଅବିଭାଇତ କନ୍ୟା ଆବର ଅରଜବତୀ
ଆବର ଗର୍ଭେ ମୋହୋର ରହିବ ସନ୍ତତି ।୨୨ ।

---

୧୭ ସୂଚିନାଡ ସମାନେ କଲେକ ସଂଯୋଗ ।
ସୂଚୀର ପ୍ରମାଣେ ଇନ୍ଦ୍ରି କଲେ ବିରଞ୍ଚି ଦେବ ।।
୧୮ ।୧ ବିବସନସାହୀ-ବିବସନଶାୟୀ ।
ପିତାର ବଦନ ମୁଁ ଚାହିବି କେମନ୍ତେ
ଆବର ପ୍ରଦାନ କେ ହୋଇବାକ ମୋତେ ।୨୩ ।
ଉଭୟ କୁଳକୁ ଉପୁଜିବ ବହୁତ ଲାଜ
ଅନୁଗ୍ରହ କରି ଦେବ ଗର୍ଭେ ନ ଛାଡ ତୋ ବୀର୍ଯ୍ୟ ।୨୪ ।

ଦିନକର ନାଥ ବୋଇଲେ ଗୋ ରତିରଂଗ କଲେ
ଲିଙ୍ଗ ଭଙ୍ଗ ଦୋଷ ହୋଅଇ ବୀର୍ଯ୍ୟ ନ ଛାଡିଲେ । ୨୫ ।
କୋଇନ୍ତା ବୋଇଲେ ଯେବଣ ବୀର୍ଯ୍ୟ ତୁ ଛାଡିବୁ ଦିନକର
ସଇନ୍ଦୁ ଉତପତ୍ତି ହୋଉ ଯେ କୁମର । ୨୬ ।
କୋଇନ୍ତାଙ୍କର ବଚନ ଶୁଣିଣ ବିରଞ୍ଚି
ଢାଳିଲା ମହାରେତ ଗର୍ଭେଣ ନ ସଞ୍ଚି । ୨୭ ।
ବୀର୍ଯ୍ୟ ପତନ କାଳେ ଦେବୀ ଗାଢେଣ କୋଳ କଲା
ଅନେକ ରଙ୍ଗେ ସ୍ତ୍ରୀମୀ ଶୃଙ୍ଗାର ରସ ଦିଲା । ୨୮ ।
ଉପସ୍ଥ ଘୋଟିଲା କୋଇନ୍ତାଙ୍କର ଗର୍ଭଗତେ
ବିରଞ୍ଚି ବୋଇଲେ ପୁତ୍ର ଜାତ ହୋଉଛି ଟି ତୋତେ । ୨୯ ।
କୋଇନ୍ତା ବୋଇଲେ ଭୋ ଦେବ ଭବଦ୍ସ୍ତ୍ରୁ ଜାତ ନ ହୋଉ ସନ୍ତତି
ଭବ ଗଳନ୍ତେ ମୁଂ ଯେ ହୋଇବି ଅସତୀ । ୩୦ ।
କୁଳକୁ ଦୂଷିତ କଲି ଯେ ମୋହୋର ଦୁହିତା ପଣେ
ବିକଳ ଦେଖି ଦୟା କଲେ ବିରଞ୍ଚି ନାରାୟଣେ । ୩୧ ।
କର୍ଣ୍ଣ ଦ୍ସ୍ତ୍ରାରେ ବୀର୍ଯ୍ୟ ଯେ ଟେକିଲେ ଉଜାଣି
ଯେସନେକେ ଅଛି ସେ ପୂର୍ବରୁ ନିର୍ବାଣି । ୩୨ ।

---

୨୬ ।୨ ସଦୁୟ ଉତପତ୍ତି ପୁତ୍ର ହୋଇବ ତୋହୋର ।
୩୧ ।୧ କୁଳକୁ ଦୂଷିତ କଲି ମୋହୋର ମନ୍ଦ ପଣେ ।
୩୧ କର୍ଣ୍ଣ କତି ବୋଲି ବୀର୍ଯ୍ୟ ଟେକିଲେ ଉଜାଣ ।
ଯେହ୍ନେ ସେ ଅଛଇ ପୂର୍ବର ଭିଆଣ । ।
୩୨ ।୨ "ଯେସନେକେ.....ନିର୍ବାଣି" ପାଦାନ୍ତ ପରେ ଅଧିକା ପାଠ:-
ସଇନ୍ଦୁ ଜାତ ହୋଇ ବାହାର ହୋଇଲାକ କର୍ଣ୍ଣେ ।
ଉତପତ୍ତି ହୋଇଲା ଦୂତୀ ଇନ୍ଦ୍ରର ଯେହ୍ନେ । ।
୩୨ ।୨ ନିର୍ବାଣି-ନିର୍ମାଣି ।
ମହା ଅମୋହ ରେତ ଅକ୍ଷୟ ସେ ବୀର୍ଯ୍ୟ
କର୍ଣ୍ଣ ବାଟେ ସଇନ୍ଦୁ ଉପୁଜିଲା ଆତ୍ମଜ । ୩୩ ।
ଦେଖିଣ ପରମ ସାନନ୍ଦ ହୋଇଲେ କମଳଲୋଚନ
କୋଳକରି ନାମ ଦେଲେ ତାହାର ବୀର କର୍ଣ୍ଣ । ୩୪ ।
କର୍ଣ୍ଣେଣ ଚ୍ୟପିଲେ ସ୍ତ୍ରୀମୀ ଅମୃତ କୁଣ୍ଡଳ ବେନି
ତାଳୁରେ ଗୋପ୍ୟାନ କଲେ ଅମୃତ ଅଭେଦ କପଚ ମଣି । ୩୫ ।
ଶରୀରେ ଲେପନ କଲେ ବଜ୍ର ଯେ ଛଉରି
କର୍ଣ୍ଣେଣ କୁମରର ମହାବ୍ରହ୍ମ ମନ୍ତ୍ର ପଢି । ୩୬ ।
ଆକୁଞ୍ଚିତ କେଶ ରସାଣିଲା ପାଟିଆ କପାଳ
ଖଗେଶ୍ସ୍ତ୍ରର ଚଛୁ ନାସା ସୁନ୍ଦର ଗଣ୍ଡସ୍ଥଳ । ୩୭ ।
ଶାର୍ଦ୍ଦୁଳ ଆକର୍ଷଣ ଦିଶଇ ଶରୀର ସରୋଜ
ହସ୍ତୀର ଥୋର ହସ୍ତ ଜିଣି ଦିଶଇ ବେନି ଭୁଜ । ୩୮ ।
ଆରକ୍ତ ବେନି ଲୋଚନ ବିରାଜିତ ବେନି ନେତ୍ର
କନକ କନ୍ଧ ପଟଳ ଯେହ୍ନେ ପର୍ଣ୍ଣ ପର୍ବତ । ୩୯ ।

ଅଫୁଟ ଚ-ାକଢି ଜାଣି ଦିଶଇ ଅଙ୍ଗୁଷ୍ଠି
ଉଲଟ କଦଳୀ ଜାନୁ ଯେସନ ସୁନ୍ଦର ଗୋଟି । ୪୦ ।
ସୁନ୍ଦର ସୁସଞ୍ଚ ଅତୁଲାୟିତ ବଲ।
ଅନଙ୍ଗ ସୁନ୍ଦର ଜାଣି ତେଜ ଅନର୍ଗଲ। । ୪୧ ।
ନାନା ଶହସ୍ର ତୋର ଶରୀରେ ନ ଫୁଟୁ
କୋନ୍ତ ପରଶୁ କୃପାଣ ତୋ ଶରୀରେ ନ କାଟୁ । ୪୨ । ଷଲଟ୍ଟରତ୍ତବ୍ଦଷଚ୍ଛନ୍ଧଙ୍କ ଭଚ୍ଛଯସ୍ଥ
ରଣେ ଅଭୟ ତୁ ହୁଅସିରେ କୁମର
ଦାନେଣ ସାହେର ତୁ ହୋଅସି ମହାବୀର । ୪୩ ।

---

୩୬ ।୨ କର୍ଣ୍ଣରେ କୁମରର ମହାମନ୍ତ୍ର ସ୍ତ୍ରରି ।
୪୦ ।୨ ଆରୋହଣ ଜାନୁ ଯେହ୍ନେ ଚଞ୍ଚଳ ମୁଦ୍ରା ଗୋଟି ।
ଜଘଂ ଜାନୁ ଯେହ୍ନେ ସୁବଳିତ ସୁନ୍ଦର ଗୋଟି ।
୪୩ ।୨ ଦାନେଣ ସାଗ୍ ତୁ ହୁଅରେ ମହାବୀର ।
୪୪ ।୨ ତ୍ରୈଲୋକ୍ୟେ ଜିଣନ୍ତା ହୋଇ ତୁ ସାଂଗ୍ରାମ କର ବାବୁ ।
୪୩ ।୨ ସାହେର-ସାଗର ।
ଯେତେବେଳେ ପରିଯନ୍ତେ ତୁ ରଥରେ ବସିଥିବୁ
ତ୍ରୈଲୋକ୍ୟେ ଜିଣନ୍ତା ତୋତେ ସାଂଗ୍ରାମେ ନୋହୁ କେରେ ବାବୁ । ୪୪ ।
ଅନେକ ବିଦ୍ୟା ତାକୁ ଦେଇଣ ମାରତଣ୍ଡ
ଉଦୟ ଗିରି ଭେଦି ବିକାଶିଲେ ଉଦ୍ଦଣ୍ଡ । ୪୫ ।
କୁମର କୋଳେ ଧରି ସେ ଭୋଜର କୁମାରୀ
କିସ ବୁଦ୍ଧି କରିବି ବୋଲିଣ ମନରେ ବିଚ୍ଚରି । ୪୬ ।
ଯେ ସୁସଞ୍ଚ ପୁତ୍ର ଗୋଟିକି ମୁଁ କେମନ୍ତ କରିବି
ପିତା ମାତା ଛାମୁରେ ମୁଁ କି ବୋଲି ବୋଲିବି । ୪୭ ।
ଅବଶ୍ୟ ପଚ୍ଚରିବେ ମୋତେ ବାଳୁତ ପୁତ୍ରକଇ ଦେଖି
ବୋଲିବେ କାହୁଁ ପାଇଲୁ ତୁ ଯେ ପୁତ୍ର ଗୋଟିକି । ୪୮ ।
ମାତା ପିତାଙ୍କ ଆଗରେ ମୁଁ କେମନ୍ତେ କହିବି ମିଥ୍ୟା
ସତ କହିଲେ ତ ହୋଇବ ଲଜ୍ୟା ଅପ୍ରମିତା । ୪୯ ।
ପରଦାରାୟେଣୀ ବୋଲି କେହି ପ୍ରଦାନ ନୋହିବେ
ସମସ୍ତେ ହେଁ ଦୁର୍ଭାସା ଋଷିଙ୍କି ଦୋଷ ଦେବେ । ୫୦ ।
ବୋଲିବେ ମୁନିଙ୍କ ସଂଗେ ଯେ ଥିଲାକ ସମୟେ
ଦୁର୍ଭାସାଙ୍କର ରମଣେ ଯେ ଉପୁଜିଲା ତନୟେ । ୫୧ ।
ଯେ ଜପାମାଳୀ ଥିଲେ କାହିଁକି ମୋର ଭୀତି
ଅନେକ ବାଗେ ମୁଁ ଯେ କରିବି ପୁତ୍ର ଉପପତ୍ତି । ୫୨ ।
କରେଣ ଘେନି ଦେବୀ କର୍ଦ୍ଦମ ଲୋଚିୟେ
ଆପଣେ ଗଢିଲେ ଦେବୀ ମଂଜୁଷ ଗୋଟିୟେ । ୫୩ ।
ତହିଁର ଭିତରେ ସେ ପୁତ୍ରକଇ ଭରି
ଯମୁନା ନଦୀକଇ ସେ ଦେଲେ ଫିଙ୍ଗି କରି । ୫୪ ।
ପ୍ରତକ୍ଷେ ବାଳ ଆଦିତ୍ୟ ପ୍ରାୟେ ତେଜ ଯେବଣ ତନୟେ
କର୍ଣ୍ଣର ତେଜ ଲାଗି କର୍ଦ୍ଦମ ହୋଇଲା ସୁବର୍ଣ୍ଣ ମଞ୍ଜୁଷର ପ୍ରାୟେ । ୫୫ ।

ଯମୁନା ନଦୀରେ ସେ ଗଲା ଉପୁଚିଆଇ
Cଶାନ୍ୟ ମୁଖ ହୋଇ ଯାଇଛି ହେଠ ବୁଡ ହୋଇ । ୫୬ ।
ବାରୁଣାବନ୍ତ ତହିଁ ପଞ୍ଚତିରିଶ ଯୁଣ
ସେ ମଂଜୁଷ ଲାଗିଲା ଯାଇ ଉତ୍ତରାଙ୍କ କୋଣ । ୫୭-୧୪୭୮ ।

---

୪୭ ।୨ ପିତା ମାତା ମୁଖ ମୁ କେମନ୍ତେ ଗ୍ରହିବି ।
୫୪ ।୨ ଯମୁନା ନଦୀକି ପିଙ୍ଗି ଦେଲେ ଲୋଚି କରି ।
୫୫ ।୨ ପୁତ୍ରର ତେଜ ଲାଗି କର୍ଦ୍ଦନ ହୋଇଲା ସୁବର୍ଣ୍ଣ ମଂଜୁଷା ପ୍ରାୟେ । ।
କର୍ଦ୍ଦମ ସ୍ଥାନରେ କେତେକ ପୋଥିରେ କର୍ଦ୍ଦନ ଅଛି ।
୫୬ ।୨ ହେଠ-ଅଧ

କୁନ୍ତୀଙ୍କ ସହ ପଣ୍ଡୁଙ୍କର ବିବାହ
ଯମୁନା ଜଳେ ଯେ ପୁତ୍ରକୁ ପକାଇ
କୋଇନ୍ତା ଦେବୀ ଗଲେ ବିଷାଦ ପୂର୍ଣ୍ଣ ହୋଇ । ୧ ।
ଶରୀର ସମ୍ଭାଳି ତହୁଁ ଗଲେ ଦେବୀ କୋନ୍ତେ
ଅନ୍ତେଶ୍ପୁରେ ପ୍ରବେଶ ହୋଇଲେ ଭୋଜର ଦୁହିତେ । ୨ ।
ଦୁର୍ଭାସାଙ୍କର କଲ୍ୟାଣ ଯେ ପ୍ରତକ୍ଷେ ହୋଇଲା
କୁନ୍ତଭୋଜ ନୃପତିର ତିନିପୁତ୍ର ଉପୁଜିଲା । ୩ ।
କର୍ଣ୍ଣଭୋଜ, ବୀରଭୋଜ, ଆବର ମୁକୁନ୍ଦଭୋଜ
ଯେମନ୍ତେ ଉପୁଜିଲେ ରାଜାର ତିନି ଯେ ଆତ୍ମଜ । ୪ ।
ବଳବନ୍ତ ସୁନ୍ଦର ସେ ଅଟନ୍ତି ଜଗଜିଣା
ବିଦ୍ୟାରେ କୁଶଳ ହୋଇଲେ ସେ କୁନ୍ତଭୋଜର ଦୁଲଣା । ୫ ।
କାର୍ତ୍ତିକମାସ ଶୁକଳପକ୍ଷ ବୁଧବାର ଯେ ପୂର୍ଣ୍ଣମୀ ଘତ୍ତଷସ୍ଥବ ଳତ୍ତରଙ୍କନ୍ଦଷବ୍ଦବକ୍ଷ
ବନ୍ଦ ଚ୍ଵବଚ୍ଚବବ
ଆକାମାବଇ ସ୍ନାହାନ ଦିନ ଗଙ୍ଗାକୁ ଗଲେ କୁନ୍ତଭୋଜ ସ୍ତ୍ରୀମୀ । ୬ ।
ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର ବବହବଲବବଭବଷ
ସେହି ଗଙ୍ଗା ସ୍ନାହାନକୁ ଭୀଷ୍ମେ ଯେ ଅଇଲେ
କୁନ୍ତଭୋଜ ରାଜା ତୁଲେ ମଇତ୍ର ହୋଇଲେ । ୭ ।
ଦୁଇ ଲୋକଙ୍କର ହୋଇଲା ରୋହିଣୀ ବୃଷ ରାଶି ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ମଇତ୍ର ଯୋଗ ହୋଇଲେ ସେ ଗଙ୍ଗାକୂଳେ ବସି । ୮ ।
ପଣ୍ଡୁ କୁମର ଯାଇଅଛି ଯେ ଭୀଷ୍ମଙ୍କର ତୁଲେ
କୁମାରୀମାନଙ୍କର ତୁଲେ କୋଇନ୍ତାୟେ ଯାଇଥିଲେ । ୯ ।
ପଣ୍ଡୁ ବସିଲେ ଯାଇ ଭୀଷ୍ମଙ୍କର କୋଳେ
କୋଇନ୍ତାୟେ ବସିଛନ୍ତି କୁନ୍ତଭୋଜର ଜାନ୍ଥରେ । ୧୦ ।
ଯେହେନ୍ନେକ ସରୂପ ଦେଖିଲେ ସତ୍ୟବତୀ
କୁନ୍ତଭୋଜକୁ ପଚାରିଲେ କି ଯେ ତୋହୋର ଦୋହିତୀ । ୧୧ ।
ଯେ ଦୋହିତା ବୋଲି ବୋଇଲେ କୁନ୍ତଭୋଜ ରାୟେ
ପ୍ରଣପତ୍ୟ ହୋଇଲେ ଯାଇଁ ସତ୍ୟବତୀଙ୍କର ପାୟେ । ୧୨ ।

ପାରେଶ୍ରର ବୋଇଲେ ତୁ ଶୁଣ ନରନାଥ
ଆମ୍ଭ ପୁତ୍ର ପଣ୍ଡୁକଇଁ ପ୍ରଦାନ କର ତୁ ତୋହୋର ଦୋହିତ । ୧୩ ।
ଶୁଣିଣ କୁନ୍ତଭୋଜ ସାନନ୍ଦ ହୋଇଲା
ଦେବଇ ଦୋହିତା ବୋଲି ସତ୍ୟ ଉଚ୍ଚାରିଲା । ୧୪
ସେଇ ତୀର୍ଥସ୍ଥାନେ ସେ ଉଷବ କରାଇଲା
ବିଭାର ଶୁଭଯୋଗ ଲଗ୍ନ ବେଳ ଧଇଲା । ୧୫ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ରଚ୍ଚବବବରଲରଚ୍ଚନ୍ଦ ଚ୍ଛଳ ଙବଚ୍ଚଯନ୍ଧ
କାଶ୍ୟପ ଗୋତ୍ର ସେ କୁନ୍ତଭୋଜ ନରପତି
ସୋମବଂଶ ଗୋତ୍ରେ ଯେ ବିଚିତ୍ରବୀର୍ଯ୍ୟର ସନ୍ତତି । ୧୬ ।
ଓହୋକୁଳ ଗୋତ୍ର ଉଚ୍ଚାରଣ କଲେ ସତ୍ୟବାକି
ବିଭା ଶୁଭଯୋଗ କରାବନ୍ତି ପୁରୋହିତ ଉଦ୍ଦାଳକି । ୧୭ ।

---

୧୨ ।୧ ଦୁହିତା ପୁତ୍ର ଘେନି କୁନ୍ତଭୋଜ ରାଯେ ।
୧୭ ।୧ ଓହୋକୁଳ-ଉଭୟ କୁଳ । ବାକି-ବାକ୍ୟ ।
ଶୁଭେଣ ପ୍ରଦାନ ଯେ ହୋଇଲା କୁମାରୀ
ପଦ୍ମେକ ରଥ ଯଉତୁକ ଦିଲେକ ଦଣ୍ଡଧାରୀ । ୧୮ । ଚ୍ଚନ୍ଧଲଭରତ୍ତ
ବେନି ପଦ୍ମ ଗଜ ଯେ ଗାରି ପଦ୍ମ ହୟେ
ଦ୍ୱାଦଶ ଯୋଜନ ପୃଥୀ ରାଜା ଯଉତୁକ ଦିୟେ । ୧୯ । ସଂଖ୍ୟା ବତ୍ତରବ
ପାଞ୍ଚଲକ୍ଷ ପାଟଛତ୍ର ଆଲମ୍ବ୍ରୁ ୟେକଲକ୍ଷ ଅନେକ ବାଦ୍ୟ
ଯଉତୁକ ଦିଲା ରାଜା ପରମ ସାନନ୍ଦ । ୨୦ ।
ଶତେ ପଦ୍ମ ଗୋଧନ ଦିଲାକ ନୃପମଣି ଞ୍ଚଚ୍ଛ ଲବଚ୍ଚସ୍ଥ ମବନ୍ଦନ୍ଦକ୍ଷର ପଦ୍ମଙ୍ଗଲକ୍ଷ କୋଟି,
ଚଉବିଂଶ ଧନ ଭଣ୍ଡାର ଦାନ ଦିଲାକ ଆଣି । ୨୧ ।
ଭୀଷ୍ମେ ବୋଇଲେ ଶାୟେଂତନୁକୁ ଅତି ବିନୟେ କରି
ଅପୁତ୍ରିକ ଦୋଷୁଂ ମୁଂ ନୋହିବି ଦଣ୍ଡଧାରୀ । ୨୨ ।
ଭୂରିଶ୍ରବାୟେ ତ ନ ପଶିବେ ରାଜ୍ୟପଦେ
ଧୃତରାଷ୍ଟ ନାଶଗଲେ ସେ ହେଲେ ଚକ୍ଷୁ ଅନ୍ଧେ । ୨୩ ।
ବିଦୁର ବିଚକ୍ଷଣ ସେ ଅଟଇ ଅନ୍ୟ ଜାତି
ପଣ୍ଡୁଙ୍କୁ କରାଇବା କି ପଞ୍ଚୁ କଟକେ ଚକ୍ରବ୍ରତୀ । ୨୪ ।
ପାରେଶ୍ରର ବୋଇଲେ ତୁ ସତ କି ମିଛ କହୁ
ପଣ୍ଡୁଙ୍କୁ ରାଜପଦ ଦିଲେ ତୁ ନିକି ଅମରିଷ ବହୁ । ୨୫ ।
ଭୀଷ୍ମେ ବୋଇଲେ ମୋର ଚିତ୍ତେ ଆନ ନାହିଁ
ସତ୍ୟ ସତ୍ୟ ବାକ୍ୟେ ଦୃଢ ବ୍ରତ କଲି ମୁହିଁ । ୨୬ ।
ପାରେଶ୍ରର ଶାୟେଂତନୁ ଶୁଣି ପରମ ସାନନ୍ଦ ହୋଇଲେ
ରାଜ୍ୟେଣ ଅବିଷେକ ପଣ୍ଡୁଙ୍କୁ କରାଇଲେ । ୨୭ । ଙବଚ୍ଚଯନ୍ଧ ମତ୍ତଚ୍ଛଦ୍ଧଚ୍ଚରଯ

---

୨୦ ।୧ ପାଟଛତ୍ର ୟେକଲକ୍ଷ ଆଲମ୍ବ୍ରୁ ୟେମାନ ହାଦେ ।
ଆଠ ସହସ୍ର ଆଲମ୍ବ୍ରୁ ଯେ ୟେକଲକ୍ଷ ବାଦ୍ୟେ । (ପା) ସଂ
୨୨ ।୨ ଅପୁତ୍ରିକ ଅପାଟତ ଦେବ ଦଣ୍ଡଧାରୀ ।

୨୩ ଭୂରିଶ୍ରବାୟେ ନ ପଶିଲେ ରାଜ୍ୟ ଧର୍ମେ ।
ଧୃତରାଷ୍ଟ ନାଶ ଗଲେ ଅନ୍ଧର କରମେ । ।
ଭୂରିଶ୍ରବାୟେ ନ ପଶିବେ ରାଜା ଯୋଗେ ।
ଧୃତରାଷ୍ଟ ନାଶ ଗଲେ ଅନ୍ଧମନ୍ଦ ଲାଗେ । (ପା)
୨୬ ।୨ ସତ୍ୟ ସତ୍ୟ ବାକ୍ୟ ତ୍ରିବାର ସତ୍ୟ କଲି ମୁହିଁ । (ପା)
୨୫ ।୨ ଅମରିଷ-ଅମର୍ଷ (କ୍ରୋଧ-କ୍ଷମାର ଅଭାବ, Cର୍ଷା)
ବ୍ୟାସେ ବଶିଷ୍ଠେ ମାରକଣ୍ଡେ ଆଦି କରି
ପୂର୍ଣ୍ଣ ଅର୍ଘ୍ୟ ଦିଲେ ସମସ୍ତ ତପଗ୍ୱୀ । ୨୮ ।
ଅନେକ ଯାଗ ଯଗଂ୍ୟ କଲେ ପୂର୍ଣ୍ଣ ଯେ ଆହୁତି
କୋଟିୟେ ତୀର୍ଥ ଘେନି ପୁଷ୍କର କ୍ଷେତ୍ର ଆଧିପତି । ୨୯ ।
ଅବିଷେକ କଲେ କନେଇ ପଣ୍ଡୁ କୁମରର ଶିରେ
ଜୟ ଜୟ ବାଣୀ ଯେ ଶୁଭିଲା ତିନି ପୁରେ । ୩୦ ।
ବିଭା ଅବିଷେକ କଲେ କଳପବଟ ତଳେ
ନରେନ୍ଦ୍ର ପଦ ଦିଲେ ପଣ୍ଡୁଙ୍କୁ ଶୁଭବେଳେ । ୩୧ ।
ସମଦଣ୍ଡ ଘେନିଣ ଚଳନ୍ତି ନିଜ ଦେଶେ
ପୁରଜନମାନେ ଯେ ଅନେକ ହରଷେ । ୩୨ ।
କାଶୀ ଦେଶର ରାଜା ନାମ କାଶୀଶ୍ୱର
ଅନ୍ଥମତି ନାମେଣ ଥିଲା ଦୋହିତା ତାହାର । ୩୩ ।
ବିଦୁରକୁ ପ୍ରଦାନ କରାଇଲେ ଅନ୍ଥମତି ଯୁବତୀ
ସେ କାଶୀଶ୍ୱର ରାଜା ଯେ ଅଟଇ ବୈଶ୍ୟ ଜାତି । ୩୪ । ଷଚ୍ଚନ୍ଦରତ୍ତମବଙ୍କନ୍ଦର
ଲବତ୍ତତ୍ତଷବବର ଞ୍ଚବ୍ଦ ଚ୍ଷନ୍ଦବ
ଅନ୍ଧ ପଣ୍ଡୁ ବିଦୁର ହୋଇଲେ ତିନିଭ୍ରାଥେ
ପଣ୍ଡୁ ରାଜା ପଦେ ବସିଲେ ଧର୍ମ ଅର୍ଥେ । ୩୫ ।
ଶୁଣ ବଇବସୁତ ମନ୍ଥ ବଦନ୍ତି ଅଗସ୍ତି
ତ୍ରୈଲୋକ୍ୟେ ବିଦିତ ହୋଇଲା ସେ ପଣ୍ଡୁ ନରପତି । ୩୬ ।
ଧାର୍ମିକ ବିବେକ ଦୟାଳୁ ସେ ପଣ୍ଡୁ ମହାରାଜା
ଦାନେ ଶୂରବନ୍ତ ସେ ଦେବ ବିପ୍ରେ ବଡ ପୂଜା । ୩୭ ।
ହବିର୍ଭାଗ ଦିଅଇ ରାଜା ଅନ୍ଥବ୍ରତେଣ ଆହୁତି
ନିଯୋଗ ଭିଆଣ ରାଜଯୋଗ କରୁଥାଇ ନିତି । ୩୮ ।
ଭୀଷ୍ମେ ବିଦ୍ୟା ଗୁରୁ ହୋଇଲେ ପଣ୍ଡୁଙ୍କୁ
ଅନେକ ବିଦ୍ୟା ଯେ ଶିଖାଇଲେ ତାହାଙ୍କୁ । ୩୯ ।

---

୩୩ ।୨ ଉଦନମହୀ ବୋଲି ଦୋହିତା ତାହାର ।
(ମହନମହୀ, ଉନ୍ମୀଳିତା, ଉଦାନବତୀ, ପୁଣ୍ୟାବତୀ ବୋଲି ଦୁହିତାର ନାମ-କରଣ ପୋଥି ବିଶେଷରେ ଦେଖାଯାଏ)
୩୬ ।୨ ଦାନେଣ ସାଗ୍ୱ ସେ ବିଦୁଜନେ ପୂଜା ।
୯ ।୨ ଆଧିପତି-ଅଧିପତି
୩୧ ।୧ ଅବିଷେକ-ଅଭିଷେକ
ଶାହାସ୍ର ବିଦ୍ୟା ଉତ୍ତମ ଧନ୍ଥସାର ବିଦ୍ୟା

ମାଲବିନ୍ଧା ବିଡମ୍ବ୍ରଣ ପଦମନ୍ତ୍ର ସିଦ୍ଧା । ୪୦ ।
ଯେମନ୍ତେ ମହାଭିଗଂ୍ୟ କ୍ଷତ୍ରୀବର ଅଟଇ
ବୁଦ୍ଧିବନ୍ତେ ବଳବନ୍ତେ ଅଷ୍ଟାଦଶ ବୟେଂଶ ଖଟଇ । ୪୧ ।
ଗୁଣବନ୍ତ ଭାଗ୍ୟବନ୍ତ ପଣ୍ଡିତ କ୍ଷତ୍ରି ମହାଯୋଧୀ
ସତ୍ୟ ବିବାଦୀ ନୋହଇ ସମସ୍ତ କଲା ସାଧି । ୪୨ ।
ସୂର୍ଯ୍ୟବଂଶ ରାଜା ଋତୁପନ୍ନ ନୃପତି
ପଣ୍ଡୁ ରାଜାକୁ ଖଟଇ ସେ ଅନୁବ୍ରତୀ । ୪୩ ।
ଗଙ୍ଗା ବଶିଂକ ରାଜା ଭୀଷ୍ମ ମହାରଥା
ଆଗିଆଣି ଥାଠେ ସେ ଚଳଇ ପ୍ରତିଗ୍ୟାଂ ସାମରଥା । ୪୪ ।
ହଇହୟ ବଂଶ ରାଜା ରୁଦ୍ରଦେବ ମହାମଲ୍ଲ
ତିରିଶ ଲକ୍ଷ ଯୋଦ୍ଧା ଘେନି ଖଟଇ ପଣ୍ଡୁ ନୃପତିର ତୁଲ । ୪୫ । ଚ୍ଚନ୍ଧଲଭରତ୍ତ ୩୦
ଅନ୍ଧେକ ଦେଶର ରାଜା ଅଟଇ ବିରୂପାକ୍ଷ
ଡାହାଣ ପଖାୟେ ଖଟନ୍ତି କ୍ଷତ୍ରୀ ନବଲକ୍ଷ । ୪୬ । ସଂଖ୍ୟା ୯
ଭୋଜବଂଶର ନୃପତି ବିଷ୍ଣୁ ଭୋଜସେନ
ପଞ୍ଚଲକ୍ଷ ଯୋଦ୍ଧା ଘେନି ଖଟଇ ପଣ୍ଡୁରାଜାର ସନ୍ନିଧାନ । ୪୭ । ୫
ବ୍ରହ୍ମ ଦେଶର ଠାକୁର ମଦନସେନ ବ୍ରହ୍ମ
ସମଦଣ୍ଡ ଘେନି ଖଟଇ ସେ ମହା ସମ୍ଭରେଣ । ୪୮ ।
ରୁଦ୍ର ବଂଶର ରାଜା ଭଇରବ ନୃପତି
ସେହି ପଣ୍ଡୁଙ୍କୁ ଖଟଇ ପରମ ସାନନ୍ଦ ମତି । ୪୯ ।
କାକୁସ୍ଥ ବଂଶର ନୃପତି ଇନ୍ଦ୍ରପାଦ
ସେହି ଖଟଇ ନୃପତି ସୋମବଂଶ ନରେନ୍ଦ୍ର । ୫୦ ।

---

୪୧ ।୨ ବୁଦ୍ଧିବନ୍ତେ ବଳବନ୍ତେ ଅଷ୍ଟାଦଶ କ୍ଷତ୍ରଉଣୀ ଅଟଇ । (ପା) ସଂ
୪୨ ।୨ ହତ୍ୟା ବିବାଦୀ ନୋହଇଂ ସମସ୍ତଙ୍କୁ ସାଧି । (ପା)
୪୫ ।୧ ହରିହର-ଅନେକ ପୋଥିରେ ।
୪୬ ।୧ ଅନ୍ଧେକ ବଂଶରେ ଯେ ରାଜା ବିରୂପାକ୍ଷ । (ପା)
୪୮ ।୨ ଖଟିଆଇ ପଣ୍ଡୁ ନୃପତି ସନ୍ନିଧାନ । (ପା)
୪୧ ।୨ ବୟେଂଶ-ବଂଶ
୪୮ ।୨ ସମ୍ଭରେଣ-ସମ୍ଭର୍ବେଣ, ଆଡମ୍ବ୍ରରରେ
ନବ ଦୀପେ ସପତ ସାଗରେ ଯେତେ ରାଜା
ସୋମବଂଶ ନୃପତିଙ୍କି ସମସ୍ତେ କରନ୍ତି ପାଦ ପୂଜା । ୫୧ ।
ଯେମନ୍ତେ ପଣ୍ଡୁଙ୍କୁ ଖଟନ୍ତି ଅଷ୍ଟାଦଶ ବଂଶ
ସ୍ୱର୍ଗ ତୁଲ୍ୟ ସେ ବାରୁଣାବନ୍ତ ଦେଶ । ୫୨ ।
ଅନେକ ସମ୍ଭରେ ସେ ଖଟନ୍ତି ମହାରାଜେ
ଅନେକ ସନ୍ୟ ଘେନି ମଧ୍ୟ ସ୍ୱ୍ରାର୍ଗେ ବିଜେ । ୫୩ ।
ପାରେଶ୍ୱର ଶାୟେଂତନୁ ଗାଧି ଜମଦଗ୍ନି
ଯେହାନ୍ତ ସେବା କରଇ ସେ ଶୁଭ ଅନକୂଳ ଘେନି । ୫୪ ।
ଯେହାଙ୍କର ପୁତ୍ରେ ଯେ ବ୍ୟାସେ ବିଶ୍ୱ୍ରାମିତ୍ରେ
ପ୍ରଶୁରାମ ଭୀଷ୍ମେ ଅଟନ୍ତି ଗରିଭ୍ରାଥେ । ୫୫ ।

ଯେହାନ୍ତ ଆରାଧନା କରନ୍ତି ନୃପ ପଣ୍ଡୁ
ସମସ୍ତେହେଁ ବାଞ୍ଛା କରନ୍ତି ପଣ୍ଡୁର ଆପାଦ ଖଣ୍ଡୁ । ୫୬ ।
ସପତ ଦୀପା ପୃଥୀରେ ଥାପିଲେ ପାରିଦଣ୍ଡ
ଶବଦ ଭେଦୀ ଶର ପେଷନ୍ତେ ପୃଥିବୀ ନବଖଣ୍ଡ । ୫୭ ।
ଜମ୍ବୁଦ୍ୱୀପ ବାରରାଷ୍ଟ୍ର ଛତିଶ ମଣ୍ଡଳେ
ପାଶେକ ପାରିଦଣ୍ଡ ଯେ ଖଟନ୍ତି ସର୍ବ କାଳେ । ୫୮ ।
ଧୃତରାଷ୍ଟ ରହିଲେ ହସ୍ତିନା ଭୁବନେ
ଭୂରିଶ୍ରବାଙ୍କୁ ବସାଇଲେ ଇନ୍ଦ୍ରପ୍ରଶସ୍ତ ସ୍ଥାନେ । ୫୯ ।
ଭୀଷ୍ମେ ବସିଲେ ଯେ ଯମପ୍ରଶସ୍ଥ ସ୍ଥାନ ମାଡି
ଜଇନ୍ତ ରାଜ୍ୟ ପଣ୍ଡୁରାଜା ବସିଲେ ବାରୁଣାବନ୍ତେ ବିଦୁରଙ୍କୁ ଛାଡି । ୬୦ ।
ଦେଖ ହୋ ପଣ୍ଡୁ ରାଜାର ଭାଗ୍ୟବନ୍ତ ପଣ
ସୋଦର ସମ୍ଭାଳି ଦିଗ ବିଜୟେ କରଇ ଆପଣ । ୬୧ ।
ଧ୍ୱଂସଇ ରିପୁ ଦର୍ପ ରଖଇ ତପୀଜନ
ଦଇତ ଦାନବର ଉପଦର୍ପ ନାହିଁ ତ୍ରିଭୁବନ । ୬୨ ।
ମାଡମୂଳ କରି ଯେ ଯଯାତି ଭିଆଇଲେ
ମାଡକ ବାଟିକରି ପଣ୍ଡୁରାୟେ ସିରିଜିଲେ । ୬୩ ।
ବାଟିୟେ ଯେ ଚଷଇ ପଉଟିୟେ ଦିଅଇ ସଞ୍ଜା କ୍ଷବଚ୍ଚଯ ତ୍ତରବ୍ଦରଚ୍ଚନ୍ଧର ଟ୍ଟବନ୍ଧନ୍ଦଷ
ଳଚ୍ଛତ୍ତ ବ ଭବନ୍ଦଷ
ଦ୍ୱାଦଶ ଫଳ ଅରଜି ସୁଖେଣ ଦିନ ଖଟନ୍ତି ପରାଜ । ୬୪ । ସଂଖ୍ୟା
ଅନେକ ଧନ ଧାନ୍ୟ ସ-ଦ ଅଚଳି
ସାଧୁ ସାଧୁ ଧୁନି ସମସ୍ତେ ହେଁ ପଣ୍ଡୁଙ୍କୁହିଁ ବୋଲି । ୬୫-୧୫୫୯ ।

---

୫୬ ।୨ ଯେହାଙ୍କର ପ୍ରସନ୍ନେ ସମସ୍ତ ବିଘ୍ନଖଣ୍ଡୁ । (ପା)
୫୮ ।୨ ସନ୍ନିଧେୟ ପାରିଦଣ୍ଡ ଖଟନ୍ତି ସର୍ବକାଳେ । (ପା)
୬୨ ।୨ ଦତ୍ୟ ଦାନବଙ୍କର ଭୟ ନାହିଁ ତୀର୍ଥସ୍ଥାନ । (ପା)
୫୧ ।୧ ଦୀପ-ଦ୍ୱୀପ
୫୬ ।୨ ଆପାଦ-ଆପଦ
୫୮ ।୨ ପାଶେକ-ପାଖରେ
୬୫ ଅଚଳ ଧନ ଧାନ୍ୟ ସଂପଦ ଅଚଳନ୍ତି ।
ସାଧୁ ସାଧୁ ଧୁନି ସମସ୍ତେ ପଣ୍ଡଙ୍କୁ ବୋଲନ୍ତି । (ପା)
୬୩ ।୨ ସିରିଜିଲେ-ସୃଜିଲେ
୬୫ ।୧ ଅଚଳି-ସ୍ଥିର
ପଣ୍ଡୁଙ୍କର ବନେ ଅବସ୍ଥିତି ଓ ରାଜ୍ୟ ପରିତ୍ୟଳନା
ତୁଳମାସ ପଞ୍ଚମୀ ଦିନ ପଣ୍ଡୁ ବିଜେ କଲେ ହସ୍ତିନାକୁ
ଧୀର ଧୀର ହୋଇ ଯାଉଛନ୍ତି ଧୃତରାଷ୍ଟଙ୍କୁ ଦ୍ରଶନ କରିବାକୁ । ୧ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଧୃତରାଷ୍ଟ ବୋଲୁଛନ୍ତି ଗାନ୍ଧାରୀ ଅଗ୍ରତେ
କିଂପାଇ ବ୍ୟାସ ମୁନି ଜାତ କଲେ ଆବର ଯେ ମୋତେ । ୨ ।
ପଣ୍ଡୁରାୟେ ତାହା ଶୁଣିଲେ ପୁରକ ଅନ୍ତରେ
ଧୀରେଣ ତୁନୀ ହୋଇ ଶୁଣନ୍ତି ସେହିଠାରେ । ୩ ।

ଗାନ୍ଧାରୀ ପୁଚ୍ଛାକଲେ ଧୃତ ଯେ ରାଷ୍ଟଙ୍କୁ
ଯେତେ ବିରସ କଲ ସ୍ୱାମୀ କିଂପାଇ ମନକୁ । ୪ ।
ଧୃତରାଷ୍ଟ ବୋଇଲେ ତୁ ଶୁଣ ଗୋ ଗାନ୍ଧାରୀ
ସାବତ ସଂପଦ ହାଦେ ଦେଖିତ ନୁଆରି । ୫ ।
ମୁହିଁ ଅଟଇ ଜ୍ୟେଷ୍ଠ ପଣ୍ଡୁ ଅଟଇ କନିଷ୍ଠ ସାନୁଜ
ପୃଥିବୀରେ ବିକାଶିଲା ପଣ୍ଡୁର ବଳବୀର୍ଯ୍ୟ । ୬ ।

---

୩ ପଣ୍ଡୁ ରାଜାଯେ ତାହା ଶୁଣିଲେ ଅନ୍ତରେ
ଥିରକରି ଲଯେ କରି ଅଛନ୍ତି ସେହିଠାରେ ।
୪ ।୨ ଯେତେ ଅବିଗ୍ୟର ଦେବ କିଂପାଇଁ ତୁକୁ ।
ଅନେକ ସଂପଦ ତାର କହିତ କି ପାରି
ମରଣ ଯେହାଉଁ ଭଲ ସହିତ ନୁଆରି । ୭ ।
ଭଲ ଦିନ ଖୋଜ ଗୋ ପ୍ରାଗ ତୀର୍ଥ ଯିବା
ତ୍ରିବେଣୀ ସଂଗମେ ହାଦେ ଶରୀର ଝାସିବା । ୮ ।
ଛତ୍ରୀ ପଣ ହୋଇଣ ଯେବେ ପର ପୋଷଣ କରି
ରାଜା ହୋଇ ଯେବେ ସଂଗ୍ରାମେ ଭଯେ କରି । ୯ ।
ଦେବତା ହୋଇ ଯେବେ ପରରେ ନିର୍ଦ୍ଦୟା
ତୀର୍ଥ ହୋଇ ଯେବେ ହୋଅଇ ସେ ମାୟା । ୧୦ ।
ସୁନ୍ଦର ସ୍ତିରୀ ଯେବେ ହୁଅଇ ଦୁର୍ଭାଗୀ
ଇନ୍ଦ୍ରିୟ ନିଗ୍ରହଣ ନୋହଇ ଯେବଣ ଯୋଗୀ । ୧୧ ।
ପଣ୍ଡିତ ହୋଇ ଯେବେ ନୋହିବ ଉପାୟବନ୍ତ
ମହାତମାଙ୍କର ବଚନେ ଯେତେକ ଜୀବନ ବିଅର୍ଥ । ୧୨ ।
ଗାନ୍ଧାରୀ ବୋଇଲେ ଯୁଗତ ଯେହ୍ନ କଥା
କପାଳ ନିହିତ କି ହୋଇବ ଅନ୍ୟଥା । ୧୩ ।
ଯାହା ସେ ଅରଜି ନାଥ ତାହା ହାଦେ ଭୁଞ୍ଜି
ସମସ୍ତେ ପୁଣ୍ୟବନ୍ତ ନୋହନ୍ତି ମୃତ୍ୟୁ ମଣ୍ଡଳ ମଝି । ୧୪ ।
ସ୍ୱାମୀ ସୁକୃତ ବୋଲିଣ ଯେବଣ ପୁରୁଷ
ନାନା ରୂପ ଧରଇ ସେ ନୋହଇ ପ୍ରାଣ ନାଶ । ୧୫ ।
ଖଣ୍ଡିଆ କୁବୁଜା ଯେ ଅପାରଗ ଛୋଟା
ବଳବନ୍ତ କେ ଖୁର୍ପ କେ ଉଚ୍ଛର୍ଗ କେହ୍ନ ମୋଟା । ୧୬ ।
ସୁନ୍ଦର ପୁରୁଷ ସେ କ୍ଷତ୍ରିୟ ପଣ୍ଡିତ ପୁରୁଷ
କ୍ଷଣେ ବାତୁଳ ସେ କ୍ଷଣେ ହରଷ ବିରସ । ୧୭ ।

---

୧୨ ।୨ ମହାତମାଙ୍କ ବାକ୍ୟେ ଯେତେକ ଜୀବନ ନର୍କଗତ । (ପା)
୧୩ ।୨ କପାଳ ଲେଖନ, କପାଳ ଲିଖିତ । (ପା)
୧୫ ।୧ ସ୍ୱାମୀ କର୍ମ ବୋଲି ଯେବଣ ପୁରୁଷ । (ପା)
୧୧ ।୧ ଦୁର୍ଭାଗୀ-ମନ୍ଦଭାଗ୍ୟବତୀ
୭ ।୨ ନୁଆରି-ନପାରି
୧୬ ।୨ ଖୁର୍ପ-ଖର୍ବ-ବାଙ୍ଗରା, ଉଚ୍ଛର୍ଗ-ଉଚ୍ଚ

ଚେତନା ପୁରୁଷ ସେ ଚେତି ନ ଚେତଇ କ୍ଷଣେ
ସକଳ ବ୍ରହ୍ମାଣ୍ଡକୁ ସେ ପୁରୁଷ ଯେକା ଜଣେ । ୧୮ ।
କୁତୋହଳେ ଖେଳୁଥାଇ ସେ ନାନା ରୂପ ଧରି
କ୍ଷଣେ ଗୋରା କ୍ଷଣେ କଳା ଶ୍ୟାମଳ ରୂପେ ଅବତରି । ୧୯ ।
କ୍ଷଣେ ଖଣ୍ଡ ପାଙ୍ଗୁଳ କ୍ଷଣକେ ହୋଅଇ ଅନ୍ଧ (ପ୍ରଜ୍ଞା ତତ୍ତ୍ୱ)
ନାନା ବର୍ଣ୍ଣ ରୂପକୁ ତାହାର ଯେ ସଧ । ୨୦ ।
ସେ ସୁକୃତ ମହାତମା ଯେତେବେଳେ ଧରିଥାଇ ଯେବଣ ରୂପ
ଉତ୍ତପତି ମାନବମାନେ ହୁଅନ୍ତି ସେହି ଯେ ସରୂପ । ୨୧
ଛାଡ ମେଲ ତୁ ଅଭିମାନ ରାୟେ ନ ଭାଳ ନ ଚିନ୍ତ
ଦୁଖ ସୁଖ ସ୍ତ୍ରୀମୀ ହୃଦଗତେ କରିଥାଅ ଯେକତନ୍ତ୍ର । ୨୨ ।
ବାହିଜ ପରର ଦେଖି ନୋହିବା ବିକଳ
ସୁଦଶା କୁଦଶା ହୋ ଅଳ୍ପ ହୋୟେ କାଳ । ୨୩ ।
ଚଇତନ ପୁରୁଷକୁ ନାଥ ଯେକତନ୍ତ୍ର କରା
ପଣ୍ଡୁଙ୍କୁ ପର ବୋଲି ଶରୀର ନ ହରା । ୨୪ ।
ଯେ ସଂସାର ଯାକ ଯେହୁ କରଇ ଯେକତ
ତେବେ ସେ ତରି ଯେଥୁଂ ହୁଅଇ ମୁକତ । ୨୫ ।
ଧୃତରାଷ୍ଟ ବୋଇଲେ ତୁ କହିଲୁ ନା ଯେମନ୍ତ
ପର ସଂପଦ ଦେଖି ମୁଂ ନ ପାରଇରେ ସଂଘାତ । ୨୬ ।
ଗାନ୍ଧାରୀ ବୋଇଲେ ଯେ ଅଟଇ ଯେ କଥା
ପାପୀଲୋକଙ୍କୁ ସେ ହୋଅଇ ଅନେକ ଅବସ୍ତା । ୨୭ ।

---

୧୮ ।୧ ଚେତନା ପୁରୁଷ ସେ ନ ଚେତଇ ଅନୁକ୍ଷଣେ । (ପା)
୨୪ ।୨ ପିଣ୍ଡକୁ ପ୍ରବୋଧ ନାଥ ଶରୀର ନ ହରା । (ପା)
୨୭ ।୧ ଗାନ୍ଧାରୀ ପ୍ରତିବାକ୍ୟ ଶୁଣ ସ୍ତ୍ରୀରୂପ ମୋର କଥା । (ପା)
୨୦ ।୧ ଖଣ୍ଡ-ବିକଳାଙ୍ଗ, ଖଣ୍ଡିଆ, ପାଙ୍ଗୁଳ-ପାଗଳ ବା ବିକୃତ ମସ୍ତିଷ୍କ
୨୧ ।୧ ସରୂପ-ସ୍ତ୍ରୀରୂପ
୨୩ ।୧ ବାହିଜ-ବାହ୍ୟ ଆଡମ୍ବର ବା ସ-ଦ
୨୬ ।୨ ସଂଘାତ-ମିତଣୀ
ବିଚାର ନାୟେକ ଯେ ଅଟଇ ଜନ୍ତୁପତି
ଆକାଶେଣ ବିଚାରଇ ସେ ମଞ୍ଚେଣ ଦିଅଇ ଶାସ୍ତି । ୨୮ ।
ପାଙ୍ଗୁଳ ବଧିର ଖଣ୍ଡଣ କୁବୁଜ ଅଦୃଷ୍ଟି
ଯମର ଶାସ୍ତିମାନ ଦେବ ଅଟଇ ସବୁଟି । ୨୯ ।
ଜନମୁଂ ଯେମାନେ ବିକଟ ବାୟି
ମନ୍ଦ ପ୍ରକୃତି ଯେମାନେ ନ ପାରନ୍ତି କୁଶଳ ସହି । ୩୦ ।
ଡିଙ୍ଗର ସ୍ତ୍ରୀଭାବ ସେ ହିଂସା ଯେ ପ୍ରକୃତି
ଆପଣେ ବକ୍ର ଯେ ପର ସଂପଦ ଦେଖି ନୁଆରନ୍ତି । ୩୧ ।
ପରନିନ୍ଦା ପରହିଂସା ପରମାଦ ଛାଡ ହୋ ଧୃତରାଷ୍ଟ
ଅନିତ୍ୟ ସଂସାର ଯେ ମାୟା ଚିତ୍ରପଟ । ୩୨ ।
ଲୋଭ ମୋହ କାମ କ୍ରୋଧ ଅହଂକାର ହିଂସା

ଯେହା ଦୂର କରି ନାଥ କର ନିକଳଙ୍କ ମନୀଷା । ୩୩ ।
ଅନେକ ବାଗେଣ ଯେ ତିଆରଇ ଗାନ୍ଧାରୀ
ଶାନ୍ତି ମନ ଆତ୍ମା ନୋହିଲା ତହାରି । ୩୪ ।
ଧୃତରାଷ୍ଟ ଗାନ୍ଧାରୀର ଯେମନ୍ତ ବୋଲିବାର ସମୟେ
ତୁନୀ ହୋଇ ସମସ୍ତ ଶୁଣୁଛନ୍ତି ପଣ୍ଡୁରାଯେ । ୩୫-୧୫୯୪ ।

---

୨୮ ।୧ ବିଷ୍ଣୁ ରଞ୍ଚନାରେ ସେ ଅଟଇ ଜନ୍ତୁପତି । (ପା)
୨୯ ପାଗଳ ବଧିର ଖଣ୍ଡିୟା କୁବୁଜ ।
ଯମର ଯେ ଶାସ୍ତି ଅଟଇ ଦେବରାଜ । (ପା)
୩୦ ଜନମୁଂ ଯେମାନେ ଅଟନ୍ତି ବିକଟ ବାକି
ମନ୍ଦ ପ୍ରକୃତି ଯେ ନ କହନ୍ତି ସଳଖି । (ପା)
ଡିଙ୍ଗର ଲୋକଙ୍କର ହିଂସା ଯେ ପ୍ରକୃତି ।
ଆପଣେ ହିଂସା ବହି ପର ସଂପଦ ଦେଖି ନ ପାରନ୍ତି । (ପା)
୩୩ ।୨ ଯେହା ଦୂର କରି ଶାନ୍ତି ମୂର୍ତ୍ତି ଧର ।
ଯେହା ଦୂର କରି ନାଥ ଥିର କର ମନୀଷା । (ପା)
୩୪ ଅନେକ ବାଗେଣ ଯେ ଗାନ୍ଧାରୀ ତିଆରି
କେହ୍ନଣିସି ମତେ ନ ଘେନି ଦଣ୍ଡଧାରୀ । (ପା)
୨୯ ।୧ ଖଣ୍ଡଣ-ଖଣ୍ଡଅଙ୍ଗ ବିଶିଷ୍ଟ ପୁରୁଷ, ଖଣ୍ଡିଆ ।
୩୫ ଧୃତରାଷ୍ଟ ଗାନ୍ଧାରୀ ଯେସନେକ ସମସ୍ୟାଯେ
ଅନ୍ତରେ ଥାଇ ଉହାଡେ ଶୁଣଇ ପଣ୍ଡୁରାଯେ । (ପା)
ପଣ୍ଡୁ ମହାରାଜାଙ୍କର ଧୃତରାଷ୍ଟ୍ରଙ୍କ ସହିତ ସାକ୍ଷାତ ଓ ମାଦ୍ରୀ ସହ ବିଭା
ଧାତିକାରେ ବିଜେ କଲେ ପଣ୍ଡୁରାଜ ସ୍ୱାମୀ
ଧୃତରାଷ୍ଟଙ୍କର ଚରଣେ ହୋଇଲେ ପରିଣାମି । ୧ ।
ଗାନ୍ଧାରୀ ଅନ୍ତର ହୋଇଲେ ଦେଖିଣ ରାଜାଙ୍କୁ
ସଂଜୟେ କହିଲେ ରାଜା ଧୃତ ଯେ ରାଷ୍ଟଙ୍କୁ । ୨ ।
ପଣ୍ଡୁ ବିଜେ କଲେ ହୋ ଶୁଣ ଧୃତରାଷ୍ଟ
ବାଞ୍ଛାସିଦ୍ଧ ହୋଉ ବୋଇଲେ ମନରେ ମହାତୁଷ୍ଟ । ୩ ।
ପଣ୍ଡୁ ବୋଇଲେ ତୁ ହୋ ଶୁଣସି କୁରୁପତି
ମୁହିଁ କେଉଁଣ ବାଗେ ତୁମ୍ଭଙ୍କୁ ନୋହିଲି ଭଗତି । ୪ ।
ତୋହୋର ଭଗତେ ମୁଁ ବ୍ରତଇ ସର୍ବକାଳେ
ତୁ ମୋତେ ପାପ ମନ ଧଇଲୁ ବକ୍ଷସ୍ଥଳେ । ୫ ।
ସ୍ୱାମୀ ମୋହୋର ସଂପଦ ଦେଖି ଉଷତ ନୋହିଲୁ
ସାବତ ସଂପଦ ବୋଲି ସେ ମୋତେ ଯେ ବୋଇଲୁ । ୬ ।
ଅମନାତ୍ୟ ପୁରୋହିତେ ସେ ହକାରିଲେ ନୃପତି
ଭୂରିଶ୍ରବା ଶାୟେଂତନୁ ଭୀଷ୍ମ ମହାରଥୀ । ୭ ।
ଆଜହୁଂ ସଂକଳ୍ପ ମୋର ହୋଇଲା ନିୟମ
ଧୃତରାଷ୍ଟଙ୍କୁ ସମର୍ପିଲି ଦଣ୍ଡ ସମସ୍ତ ରାଜ୍ୟଧର୍ମ । ୮ ।
ଯେ ପଞ୍ଚୁ କଟକେ ସ୍ୱାମୀ ତୁହି ସେ ଅଧିକାରୀ
ସଂସାର ପାଳିଣ ତୁ ଭୋଗ କର ବସୁନ୍ଧରୀ । ୯ ।

---

୧ ।୨ ହୋଇଲେ ପରିମାଣି-ପ୍ରଣାମ କଲେ
ସଂଜୟେ କହିଲେ ହୋ ଅନ୍ଧ କାହିଁ ନୃପ
ଯେହାରେ ଧ୍ୱଂସି ହୋଇ କି ରିପୁବଳ ଦର୍ପ? ୧୦ ।
ପଣ୍ଡୁ ବୋଇଲେ ମୁଁ ବନସ୍ତରେ ଥିବି
ପଞ୍ଚୁ କଟକ ରାଜ୍ୟ ମୁଁ ନିତେ୍ୟହେଁ ଭ୍ରମିବି । ୧୧ ।
ଦୁଷ୍ଟ ଗୋର ଦାନେବ ମୁଁ ସମସ୍ତ ମାରିବି
ଧୃତରାଷ୍ଟ ଆଗ୍ୟାଁ ମୁଁ ଶିରରେ ଧରିଥିବି । ୧୨ ।
ମୋହୋର ତହୁଁ ଅଧିକ ଭଗତି ହୋଇଥିବ ସଭିୟେଁ ଧୃତରାଷ୍ଟଙ୍କୁ
ଅନୀତି ହୋଇଲେ କହିବ ଯାଇଁ ମୁକୁ । ୧୩ ।
ଧୃତରାଷ୍ଟଙ୍କୁ ରାଜ୍ୟ ଦେଇ ପଣ୍ଡୁ ଯେ ନୃପତି
ରାଜ୍ୟରୁ ବାହାର ହୋଇଲେ ତୁଲେଣ ଦେବୀ କୁନ୍ତୀ । ୧୪ ।
ଭ୍ରମଇ ନରନାଥ ଗହନ ବିପିନେ
ମହା ପରିମଳ ଦିଶନ୍ତି ଉଚ୍ଚ ବୃକ୍ଷମାନେ । ୧୫ ।
ୟେମନ୍ତେଣ ପଣ୍ଡୁ ଭ୍ରମଇ ଘୋର ବନେ
ହସ୍ତିନାର Cଶାନ୍ୟ ଭାଗେ ବୃନ୍ଦାଅର୍କ ବନେ । ୧୬ ।
ଯମୁନା ନଦୀ ଯେ ବହଇ ଉତ୍ତରଗାମୀ ବଲନ୍ଧଚ୍ଚବ ଲକ୍ଷଚ୍ଛଦ୍ଧଷଚ୍ଚବ
ଚ୍ଚଚଚ୍ଛତ୍ତନ୍ଦଶଦ୍ଧବତ୍ତଯଙ୍କ
ଶତଶିଂଗ ପର୍ବତରେ ରହିଲେ ପଣ୍ଡୁଦେବ ସ୍ୱାମୀ । ୧୭ ।
ପାର୍ବଣ ଜୋତିଷପୁର ରାଜା ଭଗବାନ
ମଦନାବତୀ ବୋଲି ତାହାର ଭାରିଯା ବିଦ୍ୟମାନ । ୧୮ ।
ବନେ ମୃଗୟା ବିନୋଦ ସେ କରଇ ଭଗବାନ ନୃପତି
ମାଦ୍ରି ବୋଲିଣ ତାହାର ଦୁହିତା ଉତପତ୍ତି । ୧୯ ।
ବନେଣ ଭ୍ରମନ୍ତେ ସେ ପଣ୍ଡୁଙ୍କୁ ଭେଟିଲା
ମାଦ୍ରୀ କନ୍ୟାକୁ ରାୟେ ପ୍ରଦାନ କରିଦିଲା । ୨୦ ।
ଅନେକ ସମ୍ଭର୍ବେ ରାଜା ଦିଲାକ କୁମାରୀ
କୋଇନ୍ତା ମାଦ୍ରୀଙ୍କି ଘେନି ପଣ୍ଡୁ ରହିଲେ ଶତଶିଂଗ ଗିରି । ୨୧ ।
ବେନି ଭାରିଯାନ୍ତ ଘେନି ପଣ୍ଡୁ ବିହଡନ୍ତି ବନେ
ଯମପ୍ରଶସ୍ତ, ଇନ୍ଦ୍ରପ୍ରଶସ୍ତ, ହସ୍ତିନା, ବାରୁଣା, ଜଇନ୍ତା ଭ୍ରମଇ ପ୍ରତିଦିନେ । ୨୨ ।
ପ୍ରତିଦିନ ଦୁଷ୍ଟ ରାକ୍ଷସ ମାନନ୍ତ ମାରଇ ଯେ ଖେଦି
ଆପଣେ ଦୁଖେ ପଡଇ ଧୃତରାଷ୍ଟଙ୍କୁ ରାଜ୍ୟ ପରସିଦ୍ଧି । ୨୩ ।
ସିଂଘ ଶୁକଳ ତ୍ରୟୋଦଶୀ ଶଉରୀ ଯେ ବାର
ଶତଭିଷା ନକ୍ଷତ୍ର ଅଟଇ ବେଳ ଦଣ୍ଡ ତେର । ୨୪ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ତୈତିଳ ନାମେ କରଣ ଶୂଳ ନାମେ ଯୋଗ
ସିଂଘ ସଂକରାନ୍ତିକି ଅଣତିରିଶ ଦିନ ଭୋଗ । ୨୫-୧୬୧୯ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର

---

୧୨ ଦୁଷ୍ଟ ଚଉର୍ଯ୍ୟ ଦାନବ ମାରିବି ମୁଁ ଜାଣି
ଧୃତରାଷ୍ଟ ଆଗ୍ୟାଁ ୟେଥକୁ ହୋଇବ ଧାରଣୀ । (ପା)
୧୫ ।୨ ମହା ପରିମଳ ଦିଶନ୍ତି ଉଚ୍ଚ ଶାଳମାନେ । (ପା)
୨୩ ।୨ ଆପଣେ ଦୁଖେ ପଡଇ ଧୃତରାଷ୍ଟଙ୍କୁ ରାଜ ସିଦ୍ଧି

ଆପଣେ ଦୁଖେ ପଡଇ ଧୃତରାଷ୍ଟଙ୍କୁ ଦିୟେ ରାଜ୍ୟ ସଂପତ୍ତି । (ପା)
୨୫ ।୨ ସିଂଘ ସଂକରାନ୍ତି ଉଣେଇଶ ଦିନ ଭୋଗ । (ପା)
୨୨ ।୧ ଦିହଉନ୍ତି- ବିହରନ୍ତି
ପଣ୍ଡୁଙ୍କର ମୃଗୟା ଓ ଅଗ୍ନିକା ମହାଋଷିଙ୍କର ଶାପ ପ୍ରଦାନ
ସେଦିନ ପଣ୍ଡୁ ଯେ ପଶ୍ଚିମ ପ୍ରଦେଶେ
ଗହନ ବନେ ପଶିଲେ ମୃଗୟାର ରସେ । ୧ ।
ଶତଭିଷା ନକ୍ଷତ୍ରର ଭଗ୍ନ ପାଦ ବେଳେ
କର୍ମେ ଅର୍ଜି ଅଛି ଲେଖନ ଯାହା କପାଳେ । ୨ ।
ଭଗ୍ନ ପାଦ ବେଳେ ଯେ ବାହାର ହେଲେ ବନେ
ଲୋଡି ନ ପାଇଲେ ଯେ ଆହାର ଜୀବମାନେ । ୩ ।
ଅଜମିତ ବନେ ଯେ ଭବାନୀ ନାମେ ନଦୀ
ସରସ୍ୱତୀ ଧାରେ ଯେ ଦକ୍ଷିଣ ମୂର୍ତ୍ତି ଭେଦି । ୪ ।
ସେ ନଦୀର ପଶ୍ଚିମ କୋଣେ ଶରବୋଧନ ପର୍ବତ
ଗଙ୍ଗା କୂଳକୁ ସେ ଅଟଇ ଯେ ଯୁଣ ସାତ । ୫ ।
ଜୀବ ନ ପାଇଣ ମହାଶ୍ରମେ ନୃପବର
ବିଜୟେ ପଣ୍ଡୁରାୟେ ସେ ପର୍ବତ ଉପର । ୬ ।
ୟେସନେକ ସମୟେ ଯେ ହରିତା ନାମେ ମୃଗୁଣୀ
ତୃଷାୟେ ଅଇଲା ସେ ନଦୀକି ଲୋଡି ପାଣି । ୭ ।
ଅଗ୍ନିକା ମହଋଷି ତା ଅନ୍ତରୀକ୍ଷେ ଦେଖି
ଧାତିକାରେ ଯାଇଂ ସେ ଧଇଲେ ମୃଗୁଣୀକି । ୮ । ନ୍ଧଚ୍ଚଚ୍ଚବନ୍ଦନ୍ଧତ୍ତବକ୍ଷ
ଷଚ୍ଚନ୍ଦରତ୍ତମଚ୍ଛନ୍ଧତ୍ତଙ୍କର
ମୃଗୁଣୀର ତୁଲେ ଶୃଙ୍ଗାର କରନ୍ତି ସେ ଯତି
ଗାଢ ଆଲିଙ୍ଗନେ ସେ ଯେ ଭଜିଲା ବିମତି । ୯ ।
ଋଷିଙ୍କର ଶୃଙ୍ଗାର ସେ ଯେ ମହାଭାରା ତେଜ
ରାବେକ ଦେଲା ସେ ଯେ ଶବଦ ବିସର୍ଜ । ୧୦ ।
ପଣ୍ଡୁ ଶୁଣିଲେ ତାହା ସପତ ଯୋଜନ ଦୂରେ ୭ ସଚ୍ଛସବଚ୍ଚ, ୫୬ ହଲଙ୍କ, ଙ୍କଚ୍ଛନ୍ଧଚ୍ଚଯ
ଶଚ୍ଛଲଷଚ୍ଚବ ବତ୍ତତ୍ତଚ୍ଛଦ୍ଧ
ଗଣ୍ଡାର ରାବ ପ୍ରାୟେକ ତା ମଣିଲେ ଦଣ୍ଡଧରେ । ୧୧ ।
ଯୁଗତେ ପଣ୍ଡୁ ଯେ ଅଟନ୍ତି ଶବଦଭେଦୀ
ଶବଦକୁ ମହାତମା ଶହସ୍ର ଘେନି ବିନ୍ଧ । ୧୧ । ସଂଖ୍ୟା
ଶବଦକୁ ନାରାଜ ଯେ ଗଲା ଅନ୍ତରୀକ୍ଷେ
ଧାତିକାରେ ପଡିଲା ମୃଗୁଣୀ ଋଷିର ବଚ୍ଛେ । ୧୨ ।
ଋଷିର ପିଠି କଚ୍ଛେ ପଡି ହୃଦୟ ଗତେ ଗଳି
ମୃଗୁଣୀର ହୃଦଗତେ ପଡି ପିଠିକି ନିକିଳି । ୧୩ ।
ୟେକା ନାରାଜକେ ଜଡିତ ହୋଇଲେକ ବେନି
ମୃଗୁଣୀ କି ଘେନି ଢଳି ପଡିଲେ ମହାମୁନି । ୧୪ ।
ମୃଗ ପଡିଲା ବୋଲି ଧାଇଂଲେ ପଣ୍ଡୁ ନୃପ
ଦେଖିଲେ ନାରାଜ ଘାତେ ଋଷି ହତ ଦର୍ପ । ୧୫ ।
ବାଳ ପୁଞ୍ଜା ଭିଡିଣ କଷା ବସନ କାଛଟି
ଶିରେଣ ଜଟା ଭାର କ୍ଷୀଣ ତନୁ ଯେ ଭ୍ରୁକୁଟି । ୧୬ ।

ଯାମଳା ବୃକ୍ଷ ଯେହ୍ନେ ଅଟଇ ଅଭିନ୍ନ
ହରଣୀ କୋଳେ ଘେନି ଅଛନ୍ତି ମହାମୁନ୍ୟ । ୧୭ ।

---

୩ ।୧ ଉତପାତ ବେଳେ ଯେ ବାହାର ରାଜନେ । (ପା)
୫ ।୨ ଉଷର୍ଗ ବିସ୍ତାର ସେ ଅଟଇ ଯୋଜନ ସାତ । (ପା)
୧୨ ।୧ ବଚ୍ଛେ-ବକ୍ଷେ-ବକ୍ଷସ୍ଥଳରେ
ଦେଖିଣ ଆଶ୍ଚର୍ଯ୍ୟ ହୋଇଲେ ମହାରାଜ
ନିର୍ଧୂମ ଅଗ୍ନି ଜାଣି ମୁନିବର ତେଜ । ୧୮ ।
ମୁଖେ ପାଣି ସିଞ୍ଚିଲେ କୁଞ୍ଜଗଳ ଆଧିପତି
ଚେତନା ପାଇ ସାଷ୍ଟାମ ହୋଇଲେ ବ୍ରହ୍ମଯତି । ୧୯ ।
ପଣ୍ଡୁ ପୁଛାକଲେ ତୁ କେବଣ ମହାତମା
ଯେତେ ମହାମୁନିକି କିଂପେ କଷ୍ଠୋର କଲା କାମା । ୨୦ ।
ଶୃଙ୍ଗାର ଆରତେ କି ନ ପାଇଲୁ ସ୍ତିରୀ
ନିର୍ଜନ ସ୍ଥାନ ଦେଖି ହରିଲୁ ମୃଗନାରୀ । ୨୧ ।
କୋପେଣ ଶାପ ଯେ ଦେଲେ ଭଗବନ୍ତ
ଶୃଙ୍ଗାର କାଳେ ମୋତେ କଲୁରେ ଶରଘାତ । ୨୨ ।
ଯୁଗତେ ପର ଶୃଙ୍ଗାର ଭାଙ୍ଗିତ ନୁଆରି
ଲିଙ୍ଗ ଭଗ୍ନ କଲେ ବ୍ରହ୍ମହତ୍ୟା ଦୋଷ ସରି । ୨୩ ।
ବିନା ଅପରାଧେ ମୈଥୁନ କାଳେ ଶରଘାତ କଲୁ ପଣ୍ଡୁ
ତୋହୋର ଶୃଙ୍ଗାର କାଳେ ଅକସ୍ମାତେ ଅକାଳ କାଣ୍ଡ ପଡୁ । ୨୪ ।
ସ୍ତିରୀ ଯୋଗେଣ ତୁ କରନ୍ତେଣ ରତି ।
ତୁକୁ ହୋଉରେ ମୋହୋର ପ୍ରାୟେ ଶାସ୍ତି । ୨୫ ।
ରାଗେଣ ଶାପ ବିହଇ ତପୋବନ୍ତ
ପଣ୍ଡୁ ପୁଛାକଲେ ମହାତମା ଥିର ହୋଇ କହ ତଥ୍ୟ । ୨୬ ।
ତୁ କେ ଟି ଯେମନ୍ତ ହୋଇଲୁ ପରପଞ୍ଚ
ମୃଗେଣ ମାନୁଷେ କାହିଁ ଶୃଙ୍ଗାର ହୋୟେ ସଞ୍ଚ । ୨୭ ।
ଋଷି ବୋଇଲେ ତୁ ଶୁଣ ହୋ ସୋମବଂଶୀ
ବୃହସ୍ପତି ବଂଶେ ଉତପତ୍ତି ପାଠଋଷି । ୨୮ ।
ପାଠ ଋଷିଙ୍କ ତନୁଜ ମୁନି ଅରୁଣ ତେଜ
ଯେହାଙ୍କର ନନ୍ଦନ କାକୁସ୍ଥ ମହାବୀର୍ଯ୍ୟ । ୨୯ ।
ଯେହାର ନନ୍ଦନ ମୁନି ଯେ ସତ୍ୟତପା
ତାହାଙ୍କର ନନ୍ଦନ ହୋ ବିଧୂପ ବିରୂପା । ୩୦ ।

---

୨୦ ।୨ ଯେତେ ମହାମୁନି ହୋଇ ହେଲୁ ପାପକର୍ମା । (ପା)
୨୮ ।୨ ବୃହସ୍ପତି ଦଇବତେ ଉତପତ୍ତି ପାଠଋଷି । (ପା)
୨୦ ।୨ କଷ୍ଠୋର-ବିତମ୍ଭ୍ରଣ, ଅନ୍ୟାୟ କାର୍ଯ୍ୟରେ ପ୍ରବର୍ତ୍ତିତ
୨୦ ।୨ କାମା-କାମଦେବ
ବିରୂପାର ନନ୍ଦନ ଜଳଦ ମହାଋଷି
ଜୀମୂତବାହନ ବୋଲି ତାହାର ଯେ ଶିଷି । ୩୧ ।

ଜୀମୂତବାହନଙ୍କର ପୁତ୍ର ଯମନିକ ଯତି
ଯମନିକର ନନ୍ଦନ ମୁନି ପ୍ରଜାପତି । ୩୨ ।
ପ୍ରଜାପତିର ନନ୍ଦନ ଅଗ୍ନିକାର ମହାଋଷି
ମୁଇଁ ସେ ଅଗ୍ନିକାର, ବାଳକାଳୁଁ ଋଷି । ୩୩ ।
ଯେତେବେଳେ ମୁଁ ଉପୁଜିଲି ମାତାର ଗରଭୁଁ
କ୍ଷୀର ପାନ ନ କଲି ବଞ୍ଚିଲି ଦିନ ସବୁ । ୩୪ ।
ଜନମ ହୁଁ ଆହାର ମୁଁ କଲଇଁ ଉପେକ୍ଷା
ଆହାର ନିଦ୍ରା ମଇଥୁନ ନ କଲଇ ବାଞ୍ଛା । ୩୫ ।
ଯେସନେକେ ବଞ୍ଚିଲି ମୋହୋର ଜନ୍ମଯାକେ
ସମସ୍ତ ଧର୍ମ ଘେନି ମୁଁ ବସିଲି ଘୋର ତପେ । ୩୬ ।
ପାଣି ପବନହୁଁ ମୋର ଆନ ନାହିଁ ଭୋଜି
ଛଡ ଋତୁ ବଞ୍ଚିଲି ନିରାକାର ତଲଯେ ଭଜି । ୩୭ ।
ଯେକ ଆସନେ ମୋର ସଞ୍ଚଯେ ଗିରି ଯୁଗ
ଗିରି ଯୁଗ ପୂରିଲେ ମୋହୋର ହୁଅଇ ରାତ୍ର ଦିବା ଭୋଗ । ୩୮ ।
ଯେହିମତେଣ ବର୍ତ୍ତିଲି ମୁହିଁ ଯୁଗ ମନୁ ତିନି
ମୋତେ ସେ ମନୁ ଅର୍ଥି ପଗ୍ଧରଇ ପଦ୍ମଯୋନି । ୩୯ ।
କାଳ ଅନୀତି ଯହୁଁ ହୋଇଲାକ କଳି
ଶରୀର ଅବସାନ କଲି ମନ ଭୋଳି । ୪୦ ।
ଯେସନେକେ ଗଲି ଆକାଶ ଭୁବନକୁ
କାଳବିକାଳ ଦେଖି ଛାଡି ପଲାଇଲେ ମୁକୁ । ୪୧ ।

୩୨-୩୩ ଜୀମୂତ ବାହାନର ପୁତ୍ର ଯମନିକ ଯତି ।
ଯମନିକର ନନ୍ଦନ ସୋଢଳ ମହାଯତି । ।
ସୋଢଳର ନନ୍ଦନ ପ୍ରଜାପତି ମହାଋଷି ।
ମୁହିଁ ତାହାଙ୍କର ଅଗ୍ନିକ ହୋଇଲି ବାଳଶିଷି । । (ପା)
୪୦ ।୨ ଶରୀର ଅବସାନ କଲି ମତଭୋଳି ।
ଶରୀର ଅବସାନ କଲି ମହାଭୋଳି । (ପା)
ଦୂତଙ୍କର ତ୍ରାସ ଦେଖି ପଗ୍ଧରଇ ନାଶକର
ମୁହିଁ ସେ ଅଭୟାରେ ତୁମ୍ଭର କାହାକଇଁ ଡର । ୪୨ ।
ବିନୟ ଭାବ ହୋଇ କହନ୍ତି ଚିତ୍ରଗୁପ୍ତ ବୀରେ
ପ୍ରଣପତ୍ୟ ହୁଅନ୍ତି କୃତାନ୍ତକର ଆଗରେ । ୪୩ ।
ଶୁଣ ଦେବ ଜନ୍ତୁନାଥ ତ୍ରୈଲୋକ୍ୟ ଆଧିପତି
ଅଗ୍ନିକାର ମହଋଷି ଦେବ ସଞ୍ଜୀବନୀ ପୁରକୁ ଆସିଣ ଅଛନ୍ତି । ୪୪ ।
ଋଷିଙ୍କର ତେଜ ଦିଶଇ କାଳ ଅନଳ ତେଜ ପ୍ରାୟେ
ତ୍ରାସେଣ କିଙ୍କରଗଣେ କରୁଛୁଂ ବଡ ଭୟେ । ୪୫ ।
ମହାଯୋଗ ପୁରୁଷ ସେ ପ୍ରତକ୍ଷେଣ ବ୍ରହ୍ମଦ୍ରିଜା
ତେଣୁ କରି ତ୍ରାସେ ପଲାଇଲୁ ଶୁଣ ଜନ୍ତୁରାଜା । ୪୬ ।
ଋଷିଙ୍କି ଦେଖିଣ ଯେ ଉଭା ଜନ୍ତୁପତି
ବିନୟ ଭକ୍ତିଭାବେ ପଗ୍ଧରଇ ସଞ୍ଜୀବନୀ ଚକ୍ରବ୍ରତୀ । ୪୭ ।

ଆହୋ ଅଗ୍ନିକାର ତୁମ୍ଭେ ଯେ ମଞ୍ଚପୁରେ ଥିଲ
ଚିରନ୍ତନ କୀରତି ତୁମ୍ଭେ କିସ କିସ ରୁହାଇଲ । ୪୮ ।
ବଦୟନ୍ତି ମହାତମା କଲୁ ଅନେକ ଧର୍ମ
ଯହୁଁ ସେ ବ୍ରାହ୍ମଣମାନଙ୍କର ନିତ୍ୟକର୍ମ । ୪୯ ।
ଅନେକ ଯାଗ ଯଗଂ୍ୟ କଲୁ ରାଜାର ନିମନ୍ତେ
ଖଣ୍ଡିଲୁ ମହାପାତେକ ଆପାଦ ଶାନ୍ତି ଅର୍ଥେ । ୫୦ ।
ମେଘେ ଅନାବୃଷ୍ଟି କରନ୍ତି ଯେବଣ କାଳେ
କୋଟି ହୋମ କରାଇ ବୃଷ୍ଟି କଲୁ ମଞ୍ଚସ୍ଥଳେ । ୫୧ ।
ଋଷିଙ୍କର ବଚନେ ବଦୟନ୍ତି ନାଶକର ଜନ୍ତୁପତି
ତୁମ୍ଭର ବଂଶକୁ କାରଣ ଅଛନ୍ତି କି ସନ୍ତତି । ୫୨ ।

---

୪୨ ।୨ ମୋହୋର ଥାଉଁରେ ତୁମ୍ଭଙ୍କୁ କାହାକଇ ଡର । (ପା)
୪୯ ।୨ ମହାତପେ ଆବୋରିଲୁ ମହାଯୋଗ ବ୍ରହ୍ମ । (ପା)
୪୯ ବଦୟନ୍ତି ମହାତମା କଲୁ ଅନେକ କର୍ମ
ତେଣୁ ସେ ବ୍ରାହ୍ମଣମାନଙ୍କର ବିଦିତ ଧର୍ମ । (ପା)
୪୭ ।୨ ଚକ୍ରବ୍ରତୀ-ଚକ୍ରବର୍ତ୍ତୀ-ରାଜା
ଋଷି ବୋଇଲେ ଆମ୍ଭେ ହୋ ଦାରା ସଂଘରିଲୁ
ଅପାର କାଳ ପରିଯନ୍ତେ ଶୃଙ୍ଗାର ଲେଚ୍ଛିଲୁ । ୫୩ ।
ଅଣଦୋଷୀ ମହାତମା ନୁଆରିଲା ଦୋଷ ବାଛି
ବିଚାରଇ ନାଶକର ଯେଥେଁ ଶାସ୍ତି ଅଛି । ୫୪ ।
ଯେତେ ଭିଗଂ୍ୟ ମହାତମା ହୋଇ କିଂପେ କଲୁ ଯେତେ କୃତ୍ୟ
ସନ୍ତାନ ନ ଥିଲେ ସକଳ ଧର୍ମ ଅଟଇ ବିଅର୍ଥ । ୫୫ ।
ସନ୍ତାନ ଉପୁଜାଇଁ ସେ ନାନା ଧର୍ମ କର୍ମ କରି
ତୃତୀୟ ବୟସେ ଯେ ହୋଇ ତପସ୍ୱୀ । ୫୬ ।
ସନ୍ତାନ ବିହୁନେ ସକଳ ଧର୍ମ ଦୂର କରି
ପରମ ପଣ୍ଡିତ ପୁରୁଷ ହୋଇ ତୁ ଯେହା କିଂପେ ନ ବିଚାରି । ୫୭ ।
ଯମର ବଚନେ ବଦୟନ୍ତି ମହାମୁନି
ଚତୁର୍ଥ ବୟସେ ଶୃଙ୍ଗାର ଇଚ୍ଛିଲୁ କନ୍ୟାୟେ ପ୍ରଦାନୀ । ୫୮ ।
ତହାର ତୁଲେ ଅନେକ କଲୁ ଯେ ରମଣ
ଯେତେ ଶୃଙ୍ଗାରଟି ସମସ୍ତ ହୋଇଲା ଅକାରଣ । ୫୯ ।
ନାଶକର ବୋଇଲେ ତୁ ଯେ ଗ୍ୟାନେଣ ଉତ୍ତମ
କୁସ୍ଥାନେ ପଡିଲେ ମହାତ୍ମା ନାଶ ଯାଇ ସକଳ ଯେ ଧର୍ମ । ୬୦ ।
ସେ ଭାରିଯାର ତହିଁ ଯେବେ ନ ଉପୁଜିଲା ସନ୍ତତି
ଅନ୍ୟ କନ୍ୟାୟେ କିଂପାଇଁ ପ୍ରଦାନ ନୋହିଲୁ ମହାଯତି । ୬୧ ।
ଋଷି ପ୍ରତିବାଚ ଆମ୍ଭେ ହୋଇଲୁ ପଞ୍ଚୁ ବିଭା
କାହାରି ତହିଁ ପୁତ୍ର ନୋହିଲାରେ ବାବା । ୬୨ ।
ନାଶକର ବୋଇଲା ଯେବେ ସନ୍ତାନ ନୋହିଲା ଯେତେ ମତେ
ବୀର୍ଯ୍ୟ ତରଳ ହୋଇଲା ଯେ ଚତୁର୍ଥ ବୟସ ଅନ୍ତେ । ୬୩ । ଋରଲରଚ୍ଚ ମଚ୍ଛଚ୍ଚନ୍ଦରଚ୍ଚନ୍ଦ
ପଞ୍ଚଦଶ ପରିଯନ୍ତେ ବାଳୁତ ହୋଇଥାଇଁ

ବିଂଶ ପଞ୍ଚ ବରଷେ ଶୃଙ୍ଗାର ଇଚ୍ଛଇ । ୬୪ ।
ନାନା ସୁନ୍ଦର ହୋଇଥାଇଁ ପଞ୍ଚତିରିଶ ବରଷ ପରିଯନ୍ତେ
ମହାମତ୍ତ ହୋଇଥାଇ କାହିଁ ନ ଲେଖଇ ଦର୍ପ ଅର୍ଥେ । ୬୫ ।

---

୬୦ ।୨ କୁସ୍ଥାନେ ରହିଲେ ମହାତ୍ମା ନୁହଇ ଟି ପୁଣ୍ୟ । (ପା)
୫୩ ।୧ ସଂଘରିଲୁ-ସଂହରିଲୁ-ତ୍ୟାଗକଲୁ
ପଞ୍ଚତିରିଶ ବରଷ ଉତ୍ତାରେ ଛାଡଇ ସେ ସେମାନ
ବିଚକ୍ଷଣ ବୁଦ୍ଧି ଦିଶଇ ଇଚ୍ଛଇ ସନ୍ତାନମାନ । ୬୬ ।
ଚାଳିଶ ବରଷ ଯହୁଁ ହୋଅଇ ବୟସ
ତରୁଣ ବୁଦ୍ଧି ଆସି ହୋଅଇ ପ୍ରକାଶ । ୬୭ ।
ଧନ ସନ୍ତାନ ଇଚ୍ଛଇ ଆପଣେ ଆପେ ପୁଣି
ଦେବତା ବ୍ରାହ୍ମଣେ ଭଗତି ମାତା ପିତା ଜାଣି । ୬୮ ।
ଚାଳିଶ ଯାଇଣ ଯେ ପଞ୍ଚାଶ ବରଷ ପ୍ରବେଶ
ବୀର୍ଯ୍ୟ ପତନ ହୋଅଇ ନିଜ ତନୁ ଆଳସ୍ୟ । ୬୯ ।
ଷାଠିୟେ ବରଷ ହୋଅନ୍ତେଣ ପ୍ରାଣୀ
କାମ ଚନ୍ଦ୍ର ଛାଡଇ ସେ ରହଇ ଠାବ ଜାଣି । ୭୦ ।
ସତୁରି ବରଷ ହୋଇଲେ ହୋଅଇ ମତି ଭୋଳା
ବୀର୍ଯ୍ୟ ନାଶ ଗଲା ହୋ ତହିଁ ନାହିଁ କାମକଳା । ୭୧ ।
ଅଶୀ ବରଷ ହୋଇଲେ ଚିତ୍ତ ଭ୍ରମଇ ଯେ ସବୁ
ତହିଁ ସନ୍ତତି ଲୋଡିଲେ ଆଉ କାହିଁ ସେ ପାଇବୁ । ୭୨ । ବବର
ଅପରାପର ନ ଚିହ୍ନଇ ନଉ ଯେ ବରଷେ
କୁଟୁମ୍ବେ ଭ୍ରାନ୍ତି କରଇ ସୋଦର ନ ଚିହ୍ନଇ ପାଶେ । ୭୩ ।
ଶତେ ବରଷେ ହୋଇଲେ ହୋଅଇ ବାଳଭୋଳା
ସେ ପ୍ରାଣୀଙ୍କର ଲୋଡିଲେ ଆଉ କାହିଁ ରତି ମେଳା । ୭୪ । ବବର
ଶୁଣ ହୋ ଅଗ୍ନିକାର କହଇ ମୁହିଁ ତୁକୁ
ଯେ ମାୟା ପଟଳ ଅଟଇ ଯେ ଯେ କଳି ଯୁଗକୁ । ୭୫ ।
ମହାତ୍ମା ପୁରୁଷ ହୋଇ ନ ପାରିଲୁ ତଥ୍ୟ ଜାଣି
ଅଦଉଡିରେ ବନ୍ଧନ ହୋଇ ନାଶ ଗଲେ ସର୍ବପ୍ରାଣୀ । ୭୬ ।
ମଧ୍ୟପୁରେ ଉତପତ୍ତି ହୋଇଲେ ସନ୍ତାନ ହିଁ ସେ ମୂଳ
ସନ୍ତାନ ନ ଥିଲେ ସମସ୍ତ ଧର୍ମ ହିଁ ନିଷ୍ଫଳ । ୭୭ ।
ତୁମ୍ଭେ ସେ ଭିଆଇଲ ଯେହା ଆଦି ଅନ୍ତ କରି
ମୋହୋର ହାଥେ ଦିଲ ତ୍ରିଗୁଣ ଦଉଡି । ୭୮ ।
ଯୁଗତେଣ ପୁତ୍ର ଜାତ ନୋହିଲା ମହରଷି
ହଠକର୍ମ ଶାହାସ୍ରେ କିଂପେ ନୁଆରିଲ ପଶି । ୭୯ ।

---

୭୪ ।୨ ସେ ପ୍ରାଣୀ ତହିଁ ଆଉ ନାହିଁ କାମକଳା । (ପା)
ଷଟ କର୍ମ ଶାହାସ୍ରେ ଯେ ଭିଆଇଲେ ବିଶ୍ୱାମିତ୍ରେ
ଯେକ ଭାରିଯାରେ ପୁତ୍ର ନ ଉପୁଜିଲେ ଭିଆଇବ ଛଡ ଅର୍ଥେ । ୮୦ ।
ମୁକୁଇ ଆସି ବୋଇଲେ ଶୁଣସିରେ ଯମ

ଛତ କର୍ମେ ଉପୁଜାଇଲେ ଦେବୁ ତାକୁ ମୋକ୍ଷ କର୍ମ ।୮୧ ।
ବିଭାଇ ଭାରିଯାରେ ଯେବେ ନ ଉପୁଜିବ ସନ୍ତତି
ପରର ଫଳିଲା ସ୍ତିରୀ ଯେବେ ହୁଅଇ ରଜବତୀ ।୮୨ ।
ଦୂତିକା ପେଷିଣ ତାହା ତହିଁ ଧନ ଦେଇ
ପାକାଶୁଦ୍ଧ ସ୍ନାନ ଦିନେ ପର ତୁଲେ ଶୃଙ୍ଗାର କରାଇ ।୮୩ । ଷଙ୍କଙ୍କନ୍ଧରକ୍ଷରଙ୍କଙ୍କ ନ୍ଦଚ୍ଛ
ବରନ୍ଦ ଷଙ୍କଙ୍କନ୍ଧର
ତହିଁ ମହାତମା ଯେବେ ନ ଉପୁଜଇ ସନ୍ତାନ
ଯାହାର ବୃତ୍ତି ନାହିଁ ସେ ଭୂମି କିଣି ଉପୁଜାଇବ ଶସ୍ୟମାନ ।୮୪ ।
ସେ ଶସ୍ୟ ଭୋଗ କରିବ ନାହିଁକି ସେ ପ୍ରାଣୀ
ବିଶ୍ୱାମିତ୍ରଙ୍କ ଶାହାସ୍ରେ ଯେସନେକ ପରମାଣି ।୮୫ ।
ତେଣେ ହେଁ କାରଣ ନା ହୁଅନ୍ତା ତୁମ୍ଭଙ୍କୁ
ଅଳପେ ବୁଦ୍ଧି ହୋଅନ୍ତା ନା ମୋତେ ଜିଣିବାକୁ ।୮୬ ।
ଅଗ୍ନିକାର ଋଷି ବୋଇଲେ ତହିଁ ଅପାର ଆମ୍ଭେ କଲୁ
ତେମନ୍ତେହେଁ ପୁତ୍ର ଜାତ କରି ତ ନୁଆରିଲୁ ।୮୭ ।
ତାହା ଶୁଣି ବିରସ ଯେ ହୋଇଲେ ଜନ୍ତୁ Cଶ
ଯେତେ ବଡ ମହାତମା ହୋଇଲୁ ନର୍କ ବାସ ।୮୮ ।
ଆରେକ ଉପାୟେ କି କରି ନ ପାରିଲୁ ମହାମୁନ୍ୟେ
ଧନ ଦେଇ ପୋଷି ନୁଆରିଲୁ କି ପରର ନନ୍ଦନେ ।୮୯ ।
ତାହାକୁ ବିଭାକଲେ ଧର୍ମ ପାଞ୍ଚ ଭାଗ ହୁଅନ୍ତା
ଭାଗେ ତୁମ୍ଭଙ୍କୁ ଚତୁର୍ଥ ଭାଗ ପିତାଙ୍କୁ ଲାଗନ୍ତା ।୯୦ ।
ତେଣେ ହେଁ କାରଣ ହୁଅନ୍ତା ତୁମ୍ଭଙ୍କୁ
ବଂଶକୁ କାରଣ ହୁଅନ୍ତା ସଂକେତ କରିବାକୁ ।୯୧ ।
ତୁମ୍ଭେ କି ନ ଜାଣ ମୁଁ କିସ କହିବଇଁ ତୁମ୍ଭଙ୍କୁ ।୯୨ ।
ଋଷି ବୋଇଲେ ହୋ ତାହାହିଁ ଆମ୍ଭେ କଲୁ
ଧନ ଦେଇ ପୁତ୍ରେକ ଅତି ଯତ୍ନେଣ ପୋଷିଲୁ ।୯୩ ।

---

୯୧ ।୨ ବଂଶକୁ ଥାଆନ୍ତା ନା ମୁକତ କରିବାକୁ । (ପା)
ବଂଶକୁ ତୁମ୍ଭର ଥାଆନ୍ତା ନାମ ସଂକେତ କରିବାକୁ । (ପା)
ଯେସନେକ ଆମ୍ଭର କର୍ମେ ଅଛି ଅରଜିଲା
ବିଭାକାଳେ ସେ ପୁତ୍ର ହିଁ ପଡି ନାଶ ଗଲା ।୯୪ ।
ଋଷିଙ୍କର ବଚନେ ବିଷାଦ ନାଶକର
କାଳ ବିକାଳକୁ ରାଇଣ ବୋଇଲେ ଜନ୍ତୁଙ୍କ Cଶ୍ୱର ।୯୫ ।
ଆହୋ ପୁତ୍ର ଦୋହିତା ଯେବେ ଯେହାର ମଞ୍ଚେ ନାହିଁ
କୁମ୍ଭୀପାକ ନରକେ ପକାଅ ଯେହାଙ୍କୁରେ ନେଇ ।୯୬ ।
ଯମର ବଚନ ଶୁଣି କାଳ ଯେ ବିକାଳ
କୋପାନଳ ହୋଇ ଧଇଲେ ସେ ଅଗ୍ନିକାର ଋଷିଙ୍କର ବାଳ ।୯୭ ।
ଋଷିଙ୍କର ଅବସ୍ଥା ଯେ ଦେଖିଲେ ଧର୍ମଲୋକେ
ଆରେ ରହ ରହ ବୋଲିଣ ଉଚ୍ଚ ସ୍ୱରେ ଦେଲେ ଡାକେ ।୯୮ ।
ଋଷିଙ୍କର କେଶ ଛଡାଇଲେ ଆସି ପ୍ରସନ୍ନେ ନିରାକାରେ

ଆହୋ ନାଶକର ଆମ୍ଭଙ୍କୁ ଦେବୁ କି ଉପୁଗାରେ । ୯୯ ।
ଯେ ପଣ୍ଡିତ ମହାମୁନି ଅଟଇ କଲ୍ପ ଋଷି
ବେଳକ ମହାତମା ଯେହାକୁ ଉପୁଗାର କରସି । ୧୦୦ ।
ଆରେକ ଜନ୍ମ ଗୋଟି ଯେବେ ଛାଡସି ଯେହାଙ୍କୁ
ମଞ୍ଚପୁରେ ପୁତ୍ର ଜାତ କରି ଯେ ଆସନ୍ତୁ ସ୍ୱର୍ଗକୁ । ୧୦୧ ।
ଯମର ଆଗ୍ୟାଂଯେ ଯେ ଶାସ୍ତି ଦେଉଥିଲେ
ଧର୍ମ ଆତ୍ମା ଲୋକେ ତାହାଙ୍କୁ ଶାନ୍ତି କରାଇଲେ । ୧୦୨ ।
ନାଶକର ଦେବତା ପ୍ରତିବାଚ ଯାଅ ମଧ୍ୟ ସ୍ୱର୍ଗେ
ପୁତ୍ର ଜାତ କରି ମହାତ୍ମା ହୋ ଆସସି ତୁହି ବେଗେ । ୧୦୩ ।
ବନ୍ଧନଂ ପଳାଇ ଆସନ୍ତି ବ୍ରହ୍ମଋଷି
ଚିତ୍ରଗୁପତେ ତିଆରନ୍ତି ମୁନିଙ୍କି ଗୋଡାଇ ବେଗେ ଆସି । ୧୦୪ ।
ଜପତପମାନ ତୁମ୍ଭର ଛାଡ ହୋ ମହଋଷି
ସମସ୍ତ ତେଜ୍ୟା କରି ମୁନି ହେ ସନ୍ତାନ ଜାତ କରସି । ୧୦୫ ।

---

୯୪ ।୨ ବିଭା କରାଇଲୁ ବାବୁ ସେ ପୁତ୍ର ପଡି ମଲା । (ପା)
୯୫ ।୨ ଚଣ୍ଡ ପ୍ରଚଣ୍ଡକୁ ବୋଇଲେ କାଳଦଣ୍ଡ ଧର । (ପା)
୯୮ ।୧ ଋଷିଙ୍କର ବିକଳ ଦେଖିଣ ଧର୍ମଲୋକେ । (ପା)
୯୬ ।୧ ଦୋହିତା-ଦୁହିତା-ଝିଅ
୯୯ ।୧ ନିରାକାର-ସ୍ୱର୍ଗବାସୀ ଅର୍ଥରେ-ସ୍ୱର୍ଗସ୍ଥ ଧର୍ମବନ୍ତ ପୁରୁଷ
ବଦୟନ୍ତି ମୁନିବର ଶୁଣ ହୋ ପଣ୍ଡୁରାୟେ
ଯେସନେକ ଗତି ମୋତେ ହୋଇଲା ଯମର ସଭାୟେ । ୧୦୬ ।
ଧର୍ମେଣ ଅଇଲି ମୁଂ କୁଟୁମ୍ବ ଜାତ ଅର୍ଥେ
ବିଶ୍ରମି ଭାଳି ବସିଲି ମୁଂ ବିନ୍ଧଂଗିରି ପରବତେ । ୧୦୭ ।
ମନୁଷ୍ୟେ ଶୃଙ୍ଗାର ମୁଂ କଲଇଂ ଅପ୍ରମିତ
ଅନେକ ବାଗେଣ ପୁତ୍ର କୁଟୁମ୍ବ ନୋହିଲାକ ଜାତ । ୧୦୮ ।
ଯେସନେକ ସମୟେ ହରିତା ନାମେ ମୃଗୁଣୀ
ଶୋଷରେ ଅଇଲା ସେ ଆହାର କରି ପାଣି । ୧୦୯ ।
ଯେ ମୃଗୁଣୀ ହାଡେ ଅଟଇ ପବିତ୍ର ଜୀବ
ଯେହାର ଚର୍ମ ଆସନ କରନ୍ତି ସଦାଶିବ । ୧୧୦ ।
ଯେଣୁ ସେ ଶୃଙ୍ଗାର କଲଇ ମୁଂ ଇଚ୍ଛା
ସନ୍ତାନ ଜାତ ଅର୍ଥେ କଲ୍ପିଲା ମନବାଞ୍ଛା । ୧୧୧ ।
ପାଣି ଆହାର କରି ଲେଉଟନ୍ତେ ମୃଗୁଣୀ
ଆକ୍ରେଷି ଧଇଲି ମୁଂ ବେଣ୍ଟକାର ଭାବ ଜାଣି । ୧୧୨ ।
ଶୃଙ୍ଗାର ଇଛନ୍ତେ ସନ୍ତାନ ଜାତ ଅର୍ଥେ
ବେନିଜନ ନାଶ ଗଲୁ ତୋହୋର ଶରଘାତେ । ୧୧୩ ।

---

୧୦୭ ।୨ ବିସ୍ମୟେ ବସି ଭାଳିଲି ନିର୍ଝର ଗିରି ପରବତେ । (ପା)
୧୧୦ ।୨ ଯେହାରେ ବାହାନ କରନ୍ତି ପବନ ଦେବ । (ପା)
୧୧୨ ।୨ ଆକ୍ରେଷି ଧଇଲି ମୁଂ ବେଣ୍ଟକାର ଭାବ ଜାଣି । ପାଦାନ୍ତ ପରେ ଅଧିକା ପାଠ-

ଶୃଙ୍ଗାର ଇଚ୍ଛିଲୁ ସେ ସନ୍ତାନ ଜାତ ଅର୍ଥେ
ନାଶକର ବଚନ ଯେ ଧରି ହୃଦଗତେ ।
ଆକ୍ରେଷି ଧରନ୍ତେ ଡାକ ଦେଲା ଯେ ମୃଗୁଣୀ
ବଳାତ୍କାର ମୋତେ କଲା ହୋ ମହାମୁନି ।
ମୃଗର ଡାକନ୍ତେ ଶୁଣିଲୁ ପଣ୍ଡୁ ରାଯେ ।
ନାରାଜେକ ଧରି ବିନ୍ଧିଲୁ ମୋର କାୟେ । ।
ନାରାଜ ଛାଡନ୍ତେ ଉପରେ ମୋର ପଡି
ମୃଗୁଣୀ ସଂଗତରେ ହୋଇଲୁ ବେଗେ ଜଡି । ।
ଯେମନ୍ତେରେ ରାଜା ଯେ ଋଷିଙ୍କ ଅଗ୍ରତେ
ବେନି କୁଳ ନାଶ କଲୁ ତୋହୋର ଶରଘାତେ ।
୧୦୭ ।୨ ବିଶ୍ରମି-ଟିକିଏ ସ୍ଥିର ହୋଇ ।
ତୁ ମହାରାଜା ପଞ୍ଚୁ କଟକେ ଆଧିପତି
ନାରାଜ କାଢ ମହାତମା ହୋ ପାଇଲୁ ନି ବଡ ଶାସ୍ତି । ୧୧୪ ।
ଋଷିର ବଚନେ ଯେ ଧଇଲେ ନାରାଜ
ବାମକର ପିଠିରେ ଦେଇ ମାଡିଲା ମହାରାଜ । ୧୧୫ ।
ନାରାଜ କାଢଇ ସେ ଗାଢେଣ ଉତ୍କ୍ଷୁଡି
ପ୍ରାଣତ୍ୟାଗ ହୋଇଲା ମହାତମା ଭୂମିରେଣ ପଡି । ୧୧୬ ।
ହରିତା ମୃଗୁଣୀ ଆବର ଅଗ୍ନିକାର ମହାଋଷି
ବୀର୍ଯ୍ୟ ପତନେ ହୋଇଲା ମୃଗୁଣୀ ଗର୍ଭବାସୀ । ୧୧୭ ।
ଦୁହିଙ୍କର ଆତ୍ମା ଅବସାନ କାଳେ
ଗର୍ଭରୁ ପୁତ୍ରେକ ଯେ ପଡିଲା ମହୀ ତଳେ । ୧୧୮ ।
ମୃଗର ଶରୀର ତାହାର ମଣିଷର ମୁଣ୍ଡ ଗୋଟି
ସେ ପୁତ୍ର ଦେଖିଣ ପ୍ରାଣ ଛାଡିଲେ ତପନିଷ୍ଠି । ୧୧୯ ।
କୃତାନ୍ତକ ଦେଖି କଲେ ଅନେକ ଯେ ପୂଜା
ସ୍ୱର୍ଗେ ଆସ୍ଥାନେ ବସାଇଲେ ନେଇଣ ବିଡୋଜା । ୧୨୦ ।
ଯେବଣ ପୁତ୍ର ହାଦେ ଜାତ ହୋଇଲା ଋଷିଙ୍କର ବୀର୍ଯ୍ୟେ
କୋଳେଣ ଧଇଲେ ତାହା ପଣ୍ଡୁ ମହାରାଜେ । ୧୨୧ ।
ଆକାଶ ବାଣୀ ପଡିଲା ପଣ୍ଡୁ ମହାରାଜାଙ୍କୁ
ମୃଗଋଷି ବୋଲି ନାମ ଦିଅ ସେ ପୁତ୍ରକୁ । ୧୨୨ ।
ଶୁଖିଲା କାଠ କୁଡାଇ ଚିତା ଆରୋପଣ
ଋଷି ମୃଗୁଣୀ ଦୁହିଙ୍କି ଦହନ କଲେକ ଆପଣ । ୧୨୩ ।
ମୃଗୟା କୁମର ଘେନିଗଲେ ଶତଶିଂଗ ପର୍ବତେ
ବେନି ଭାରିଯାଙ୍କ ମୁଖ ନ ଚାହିଁଲେ ବ୍ରହ୍ମହତ୍ୟା ଦୋଷ ନିମନ୍ତେ । ୧୨୪ ।

---

୧୧୪ ।୨ ଶହସ୍ର କାଢ ବାବୁ ଦେହ ହେଉ ଶାନ୍ତି । (ପା)
୧୨୨ ।୨ ମୃଗୟା ଋଷି ବୋଲି ନାମ ଦିଅ ସେ ପୁତ୍ରକୁ । (ପା)
୧୧୬ ।୧ ଉତ୍କ୍ଷୁଡି-ଉଚ୍ଛୁଡି, ବଳପୂର୍ବକ ଆକର୍ଷଣ କରିବା-ବଳରେ ଟାଣିବା- ଉତ୍ଙ୍ଘସୃଙ୍ଘଣିଚ-ଉଷାରଣ କରିବା- ଟାଣି
ବାହାର କରିବା ।

୧୨୦ ।୨ ବିଡୋଜା-ଇନ୍ଦ୍ର
କୋଇନ୍ତାୟେ ପଚାରିଲେ ଶୁଣ ସ୍ୱାମୀ ମହାଗ୍ୟାଂତା
ଧାର୍ମିକ ବିବେକ ପଣ୍ଡିତ ସତ୍ୟବ୍ରତା । ୧୨୫ ।
ହେଠ ମାଥ ହୋଇ ସ୍ୱାମୀ କଥା କିଂପେ ଯେ ନ କହୁ
କେବଣ ଦ୍ରୋହ କଲୁ ଆମ୍ଭର ବଦନ ନ ଗ୍ହଁ । ୧୨୬ ।
ପଣ୍ଡୁ ବୋଇଲେ ତୁମ୍ଭେ ଅଟ ମହାଗ୍ୟାନୀ
ବେନି ବଂଶେ ଉତପତ୍ତି ତୁମ୍ଭେ ମହାବ୍ରହ୍ମ ଘେନି । ୧୨୭ ।
ମୁହିଁ ମହାପାତକ କଲି ଶୁଣସି ଗୋ କୋଇନ୍ତା
ମୃଗୟା ବିନୋଦେ ହାଦେ ମୁହିଁ କଲି ବ୍ରହ୍ମହତ୍ୟା । ୧୨୮ ।
ଅଗ୍ନିକାର ମହାଋଷିଙ୍କି ମାଇଲି ଶୃଙ୍ଗାର କାଳେ
କୋପେଣ ମହାତ୍ମା ମୋତେ ଶାପ ଦିଲେ ପ୍ରାଣ ତ୍ୟାଗ ବେଳେ । ୧୨୯ ।
ଶୃଙ୍ଗାର କାଳେ ଅଦୋଷେ ନାରାଜ କଲୁ ପଣ୍ଡୁ
ତୋହୋର ଶୃଙ୍ଗାର କାଳେ ଅକାଳ କାଣ୍ଡ ପଡୁ । ୧୩୦ ।
ଯେତେ ହତ୍ୟା କଲି ଶୁଣ ଗୋ ଭୋଜର କୁମାରୀ
ତେଣୁ ସେ ବିରସ ହୋଇ ବୁଲଇ ଦିଗାମ୍ୱରୀ । ୧୩୧ ।
କୋଇନ୍ତାୟେ ବୋଇଲେ ତୁମ୍ଭେ ଶୁଣ ଗୋ ପ୍ରାଣନାହା
ଦଇବ କୃତ ଲେଖନ ସ୍ୱାମୀ କରିଅଛି ଯାହା । ୧୩୨ ।
ଆପଣେ ଯାହା କରି ସ୍ୱାମୀ କର୍ମ ତାକୁ ବୋଲି
ତୁମ୍ଭର କିସ ଗଲା ସ୍ୱାମୀ ମୁହିଁ ହାଦେ ନାଶ ଗଲି । ୧୩୩ ।
ଯେ ପୁତ୍ର ଗୋଟି ସ୍ୱାମୀ ଅଟଇ କାହାର
ପଣ୍ଡୁ ବୋଇଲେ ଯେ ଅଗ୍ନିକାର ମହାଋଷିଙ୍କର । ୧୩୪ ।
ମୃଗ ମହଋଷି ବୋଲି ଯେ ପୁତ୍ରର ନାମ ଗୋଟି
ଅବସାନ କାଳେ ମୋତେ ସମର୍ପିଲେ ତପନିଷ୍ଠି । ୧୩୫ ।
କୋଇନ୍ତାୟେ ବୋଇଲେ ତୁମ୍ଭେ ଶୁଣ ପ୍ରାଣନାଥ
ଅଗ୍ନିକାର ବୋଲି ସେ କେବଣ ଭଗବନ୍ତ । ୧୩୬ ।

---

୧୨୫ ।୨ ଧାର୍ମିକ ବିବେକ ପଣ୍ଡିତ ଶକତା । (ପା)
୧୩୨ ।୨ ଦଇବ ଲେଖନ କେ ଆନ କରି ତାହା । (ପା)
୧୩୧ ।୨ ଦିଗାମ୍ୱରୀ-ଦିଗମ୍ୱର ଅର୍ଥେ-ସନ୍ନ୍ୟାସୀ-ଜୈନ ସନ୍ନ୍ୟାସୀ ରୂପେ-ନିଷ୍କାମହୋଇ
ଯେତେବଡ ମହାଋଷି ହୋଇ କର୍ମ ନ ଆଦରିଲା
କୋପ ନ ସଂଘରି ତୋତେ ଲେଉଟି ଶାପ ଦିଲା । ୧୩୭ ।
ଧୃତରାଷ୍ଟଙ୍କୁ ରାଜ୍ୟ ସମର୍ପିଲୁ ଧର୍ମ ଅର୍ଥେ
ଧର୍ମ ଛିଘାଂସ ଆସି ତୋତେ ହୋଇଲା ଯଥା ଅର୍ଥେ । ୧୩୮ ।
କର୍ମକୁ ଆଦରି ଯେ ରହିଲେ ଘୋର ବନେ
ତହୁଁ ମୃଗୟା ନ ଯାଇ ପଣ୍ଡୁ ଯେ ରାଜନେ । ୧୩୯ ।
ବ୍ୟାସଙ୍କୁ ସୁମରଣା କଲେ ପଣ୍ଡୁ ଯେ ନୃପତି
ମହା ବ୍ରହ୍ମଋଷି ଆସି ମିଳିଲେ ତତକ୍ଷଣାନ୍ତି । ୧୪୦ ।
ସଂଗତେଣ ଅଛନ୍ତି ଷାଠିୟେ ସହସ୍ର ଶିଷି ଚ୍ଚନ୍ଧଲଭରତ୍ତ
ଶତଶିଂଗ ପର୍ବତେ ମିଳିଲେ ବ୍ୟାସ ମହଋଷି । ୧୪୧ । ସଂଖ୍ୟା

ବଧୂନ୍ତ ଘେନି ପ୍ରଣପତ୍ୟ ହୋଇଲାକ ପଣ୍ଡୁ
ବ୍ୟାସ କଲ୍ୟାଣ କଲେ ତେତେ ବନସ୍ତେ ପ୍ରମାଦ ନ ପଡୁ । ୧୪୨ ।
ଆସନ ପାଦାସନ ଦେଇ ପଣ୍ଡୁ ରାୟେ
ମସ୍ତକେ କର ଦେଇ ପୁଣ ପୁଣ ବିନୟେ । ୧୪୩ ।
ଶ୍ରୀବ୍ୟାସେ ଆଗ୍ୟାଂ ଦିଲେ ଶୁଣରେ ନନ୍ଦନ
କେମନ୍ତେ ବନେ ପଶିଲୁ କିସ ଅଭିମାନ । ୧୪୪ ।
ଇନ୍ଦ୍ରର ପ୍ରଶସ୍ତ ରାଜ୍ୟ ବାବୁ ଛାଡିଲୁ କେମନ୍ତେ
ପଣ୍ଡୁ ବୋଇଲେ ଭୋ ତାତ ଧୃତରାଷ୍ଟଙ୍କ ନିମନ୍ତେ । ୧୪୫ ।
ଅନ୍ଧ ହୋଇଣ ସେ ରାଜପଦକୁ କଲେ ଇଚ୍ଛା
ମୁହିଁ ବୋଇଲି ହୋ ଭ୍ରାଥ ଭୋଗ କର ମନବାଞ୍ଛା । ୧୪୬ ।
ଧୃତରାଷ୍ଟଙ୍କୁ ରାଜ୍ୟ ଦେଇ ଭୋ ତାତ ପଶିଲି ଘୋର ବନେ
ଅନ୍ତବ୍ରତେ ବଞ୍ଚଇ ଅଟବ୍ୟା ଗହନେ । ୧୪୭ ।
ମାରଇ କଉଣପ ରଖଇ ତପି ଜନେ
ଅନ୍ତବ୍ରତେ ଭ୍ରମଇଁ ମୁଁ ଖଟଇ କଟକ ପଞ୍ଚୁସ୍ଥାନେ । ୧୪୮ ।
ବଦୟନ୍ତି ବ୍ୟାସେ ତୁ ହୋ ସାଧୁ ସହୋଦର
ଧୃତରାଷ୍ଟଙ୍କୁ ରାଜ୍ୟ ଦେଇ ଅବସ୍ଥା ପାଉ ବନସ୍ତର । ୧୪୯ ।

---

୧୩୭ ।୧ ତେତେ ବଡ ମହରଷି ଯେତେ ଯେତେ କର୍ମ ଆଚରିଲେ । (ପା)
୧୪୫ ।୨ ପଣ୍ଡୁ ବୋଇଲେ ଯେହ୍ନା ବିହିଲେ ଧୃତରାଷ୍ଟ ଭ୍ରାଥେ । (ପା)
୧୩୭ ।୨ ସଂଘରି-ସଂହରି-ତ୍ୟାଗ କରି
ପଣ୍ଡୁ ବୋଇଲେ ମୁନି ହେ ଶୁଣିମା ମୋର କଷ୍ଟ
ଅଗ୍ନିକାର ମହାରଷିଙ୍କି ମୁଁ କଲଇ ପ୍ରାଣେ ଭ୍ରଷ୍ଟ । ୧୫୦ ।
ବ୍ରହ୍ମହତ୍ୟା ଦୋଷ ମୁଁ ବସାଇଲି ମୋର କାୟେ
ଭୋ ବ୍ରହ୍ମରଷି ମୋତେ କହିବା ଯେଣେ ପାତେକ ହେବ କ୍ଷୟେ । ୧୫୧ ।
ସୁବର୍ଣ୍ଣର ସିଂହାସନେ ବିଜେକଲେ ବ୍ୟାସେ
ବ୍ୟାସଙ୍କର ଛାମୁରେ ଉଭା ସର୍ବ ଶିଷ୍ୟେ । ୧୫୨ ।
ରତ୍ନ ଝରିରେ ନୀର ଘେନି ମୁନି ପାଦ ପଖାଳିଲେ ନୃପତି
ଅନେକ ପୂଜା କଲେ ବିନୟ ଭଗତି । ୧୫୩ ।
ବ୍ୟାସେ ବୋଇଲେ ତୁ ହୋ ନ ଭାଳ ନୃପମଣି
ଅଗ୍ନିକାର ମହାରଷିଙ୍କି ଶରଘାତ କଲୁ ତୁ ନ ଜାଣି । ୧୫୪ ।
ଅଗ୍ୟାନୀ ଲୋକର ହୋ ବହୁତ ଦୋଷ ଯେ ନ ଥାଇ
ବ୍ୟାସେ ପଣ୍ଡୁକୁ ଶାନ୍ତି କରାନ୍ତି ଧର୍ମଶାସ୍ତ୍ରର କଥା କହି । ୧୫୫ ।
ଅଗ୍ନିକାର ମହାରଷି ଅର୍ଜିଲା ଯେ କିରତି
ପୂର୍ବର ନିର୍ମିଲା ତାର କପାଳ ଘଟସୂତ୍ରି । ୧୫୬ ।
ପଣ୍ଡୁ ବୋଇଲେ ବ୍ରହ୍ମବେତ୍ତା ମୁନି ଭୂତ ଭବିଷ୍ୟ ମହାଗ୍ୟାଂନୀ
କେବଣ ପାତକେ ଦୂଷିତ ହୋଇଲେ ଅଗ୍ନିକାର ମୁନି । ୧୫୭ ।
ବ୍ୟାସେ ବୋଇଲେ ବାବୁ ଶୁଣ ପଣ୍ଡୁ ନୃପ
ସତ୍ୟ ଯୁଗର ବାରତା ତେତେ କହିବଇଁ ସରୂପ । ୧୫୮ ।
ଶୁଣ ସାବଧାନେ ହୋ ଅପାର କାଳର କଥା

କର୍ମ କଲ୍ପ ନାମ ସତ୍ୟ ଯୁଗର ବାରତା । ୧୫୯ ।
କୁଶ ଦୀପର ରାଜା ଯେ ଅନଙ୍ଗସେନ ନୃପତି
ତହାର ଭାରିଯା ନାମ ଅଟଇ ରତ୍ନାବତୀ । ୧୬୦ ।
ରାଜା ହୋଇଣ ସେ ଅଟଇ ମହାଗ୍ୟାଂତ
ଜିତ ଇନ୍ଦ୍ରିୟ ପଣେ ସାଧନ ତାର ଯେକଇ ବନିତା । ୧୬୧ ।

---

୧୫୧ । ବ୍ରହ୍ମହତ୍ୟା ଦୋଷ ଯେ ଲାଗିଲା ମୋର କାୟେ । (ପା)
୧୫୬ ।୨ ଅଗ୍ନିକା ଋଷି ଅର୍ଜିଲା ଯେତେ କୃତ୍ୟ । (ପା)
୧୫୮ ।୨ ସତ୍ୟଯୁଗ ବାରତା ତୋତେ କହିବା ସନ୍ଦେହ । (ପା)
୧୫୬ ।୧ କିରତି-କୃତି-କର୍ମ
ସ୍ୱାମୀ ଅପାର କଲା ସେ ଯତସତ କ୍ରିୟା
ଅନୁରାଧା ନକ୍ଷତ୍ରେ ଜାତ ତାର ପ୍ରିୟା । ୧୬୨ ।
ଯାହାର ନକ୍ଷତ୍ର ଅଟଇ ଅନୁରାଧା
ସ୍ତିରୀ ହୋଇଲେ ଦୋଗ୍ୱରୀ କାମରେ ଶରଧା । ୧୬୩ ।
ପୁରୁଷ ହୋଇଣ ସେ ତେଜଇ ସର୍ବ ଧର୍ମ
ଅଷ୍ଟ ନକ୍ଷତ୍ରେ ସେ ଅଟଇ କଲାକାମ । ୧୬୪ ।
ଅଶ୍ୱିନୀ ରୋହିଣୀ ପୁଷ୍ୟା ଅନୁରାଧା
ସ୍ୱାତୀ ଶ୍ରବଣା ଶତଭିଷା ରେବତୀ କାମବାଧା । ୧୬୫ ।
ଅଷ୍ଟ ନକ୍ଷତ୍ରେ ଯେବେ ଉପୁଜଇ ସ୍ତିରୀ
ଅନୁବ୍ରତେ କାମ ବାଧା ସେ ଅଟଇ ଦୋଗ୍ୱରୀ । ୧୬୬ ।
ଯେ ଅଷ୍ଟ ନକ୍ଷତ୍ରେ ଯେବେ ଉପୁଜଇ ପୁରୁଷ ସ୍ତିରୀ
ଅନୁବ୍ରତେ କାମ ବାଇ ହୁଅନ୍ତି ଅନ୍ୟାଗ୍ୱରୀ । ୧୬୭ ।
ସେ କୁଶ ଦୀପର ରାଜା ଅଟଇ ସତ୍ୟବାଦୀ
ଭାରିଯା ପରଦାରେଣୀ ସେ ରାଜେ୍ୟଣ ପରସିଦ୍ଧି । ୧୬୮ ।
ସକଳ ତପ ଧର୍ମ ସେ ନ ଛାଡଇ ରାୟେ
ଜିତ ଇନ୍ଦ୍ରିୟ ପଦ ତାର ଯେକା ଭାରିଯାୟେ । ୧୬୯ ।
ଆବର ପ୍ରଦାନ ସେ ନୋହଇ ଦଣ୍ଡଧାରୀ
ଯେକା ଭାରିଯାୟେ ତହାର ସେହି ସେ ମନୋହାରୀ । ୧୭୦ ।
ଭାରିଯାକୁ ତିଆରି ସେ ଭଟ୍ଟ ମିଶ୍ରନ୍ତ ବସାଇ
ପରଦାରା ଦୋଷେ ସ୍ତିରୀଙ୍କି ମୁକତି ଗତି ନାହିଁ । ୧୭୧ ।
ଶୁଣିମା ପରିଯନ୍ତେ ସେ ଘେନିଥାଇ ହୃଦେ
ରାଜା ଅନ୍ତର ହୋଇଲେ ସେ ଚଳଇ କାମ ଖେଦେ । ୧୭୨ ।

---

୧୭୨ ।୧ ଅପାର କାଳର ସେ ଯତସତ କ୍ରିୟା । (ପା)
୧୭୬ ଯେ ଅଷ୍ଟ ନକ୍ଷତ୍ରେ ଯେ ଅଟଇ ପୁଷ୍ପବତୀ ।
ଅନୁବ୍ରତେ କାମକାରୀ ସେ ଅଟଇ ଯୁବତୀ । (ପା)
୧୭୭ ଯେ ଅଷ୍ଟ ନକ୍ଷତ୍ରେ ଯେବେ ଅଟଇ ସ୍ତିରୀ ପୁରୁଷ ।
ଅନୁବ୍ରତେ କାମକାରୀ ଦୋଗ୍ୱରୀ ଅବଶ୍ୟ । (ପା)
୧୭୯ ।୨ ଯତିଇନ୍ଦ୍ର ପଣେ ତାର ଯେକଇ ବନିତାୟେ । (ପା)

୧୭୨ ।୨ ରାଜା ଅନ୍ତର ହୋଇଲେ ସେ ଚଳଇ କାମ ସଧେ । (ପା)
ଅନେକ ବାଗେ ନୃପତି ତିଆରଇ ଦିବାରାତ୍ରେ
ପୁରାଣ ବାକ୍ୟ ଶୁଣାଇଲା ଦ୍ୱାଦଶ ବରଷ ପରିଯନ୍ତେ । ୧୭୩ ।
ଯେ ସେ ପାପ ଆଚରଇ ଅଟେ ମନ୍ଦ ଜାତି
କେବେହେଁ ସେ ନ ଛାଡିଲା ଅନୀତି ପ୍ରକୃତି । ୧୭୪ ।
ଅନେକ ଭୋଗ ଦେଇଣ ଯତନେ ପ୍ରତିପାଳି
ପରଦାରାଉଁ ଆନେ ନ ରସେ ଜଞ୍ଜାଳୀ । ୧୭୫ ।
ମକର ସଂକ୍ରାନ୍ତିକି ଗଲେ ସମୋଦ୍ର ସ୍ରାହାନେ
ଅଗ୍ନିକାର ଋଷିଙ୍କି ଦେଖିଲେ ଘୋର ବନେ । ୧୭୬ ।
ସଂଗେଣ ଅଛଇ ତାର ଅନେକ ପୋଇଲି
ଝଡା ବାକୁଟିଆଣି ଗଙ୍ଗଡାୟିତ ମୁହୁସୁଲୀ । ୧୭୭ ।
ଶୁଣ ହୋ ମହାରାଜ ସ୍ତିରୀଙ୍କର ପ୍ରକୃତି
ସେ ଋଷିଙ୍କି କୋଳ କରି ଧଇଲା ଯାଇ ଝାତି । ୧୭୮ ।
ଦଣ୍ଡ କମଣ୍ଡଳ ମୁନିଙ୍କର ପକାଇଲା ଉଛୁଡି
ଆକ୍ରେଷି କୋଳ କରି ଧଇଲା ଭୁଜରେ ଭୁଜ ଭିଡି । ୧୭୯ ।
ବୋଲଇ ଶିଂଶୁପା ଗଛ ତଳକୁ ଆସ ଯତି
ମୁଇଁ ରାଜକନ୍ୟା ମୋତେ ଦିଅସି ସୁରତି । ୧୮୦ ।
ଅପାର ସ୍ତିରୀ ଅଛନ୍ତି ସେ ପୁରୁଷ ଅଟଇ ଯେକା
ଦେଖିଣ ବ୍ରହ୍ମଋଷି ହୋଇଲେ ତାଟକା । ୧୮୧ ।
କୋପେଣ ମହାତମା ଛଡାଇ ଦେଲେ ପେଲି
ବିସ୍ମୟେ ହୋଇଣ ମୁନି ନାରାୟଣ ନାରାୟଣ ବୋଲି । ୧୮୨ ।
ମୁଖେ ଚୁମ୍ବନ ଦେଇଣ ବୋଲଇ ଶତଶ୍ରିୟା
ବୁକୁ ଶୀତଲାଇ ଖାଇଲେ ଗଲା କୁଣ୍ଡିଆଉ କିରେ ଯତିୟା । ୧୮୩ ।
ଯଦ୍ୟପି ବିପ୍ର ତୁ ଅଟୁସି ଯୁଗତେ
ସୁଲଭ ଭୋଜନ ଦେଖିଲେ ପଲାଉ କେମନ୍ତେ । ୧୮୪ ।

---

୧୭୫ ।୨ ପର ଦାରାରୁ ଆନ ସେ ନ ଜାଣଇଁ ଜଞ୍ଜାଳୀ । । (ପା)
୧୮୩ ।୨ ବୁକୁ ପଣନ୍ତ କାଢି କୁଣ୍ଡି ଅଇତ ହିୟା । (ପା)
ବୁକୁର ବସ୍ତ୍ର କାଢି ଆଉଜାନ୍ତି ହିୟା । (ପା)
ମୁହିଁ ରାଜାର ଭାରିଯା ରାଜାର କୁମାରୀ
ମୋହୋର ଅଙ୍ଗ ଲାଗି ପାତକ ଗଲାନି ତୋହୋରି । ୧୮୫ ।
କିଛିହିଁ ନ ବୋଲି ଚଳି ନ ପାରନ୍ତି ଅଗ୍ନିକାର
ଉଚ୍ଚେ ଡାକ ଦିଲା ହୋ ଅନଙ୍ଗସେନ ପ୍ରତିକାର କର । ୧୮୬ ।
ଶବଦଭେଦୀ ସେ ଯେ ଅନଙ୍ଗସେନ ରାୟେ
ପାଦୁକା ମନ୍ତ୍ର ମୌଷଧୀ ଜାଣଇ ସେ ମିଳିଲା ଅନ୍ତର୍ଦ୍ଧାୟେ । ୧୮୭ । କ୍ଷଷବଶନ୍ଦ ଙ୍କଟ୍ଟରରଯ
ଦେଖିଲା ମହଋଷିଙ୍କି ଧରିଅଛି ଆପଣାର ରାଣୀ
ଦେଖିଣ ରାଗେ ଅଧର ଯେ କଂପାଇଲା ନୃପମଣି । ୧୮୮ ।
ମହଋଷି ବୋଲନ୍ତି ଯେ କେବଣ ରାକ୍ଷସୀ
ତୋହୋର ଥାଆନ୍ତେ ଯେ ମୋତେ କଟାଳ କରଇ ଆସି । ୧୮୯ ।

କୋପେଣ ରାଣୀର କେଶ ଧଇଲା ନୃପମଣି
ବିଜେ କର୍ଣ୍ଣାକଟାରୀ ଘେନି ପକାଇଲା ହାଣି । ୧୯୦ ।
ମହରଷି ଗଲେ ତହୁଁ ମହୋଦଧି ସ୍ନାହାନେ
ବିଜେ କଲେ ନରପତି ଆପଣା ଭୁବନେ । ୧୯୧ ।
ଯମ ଧର୍ମ ପୁରାଣେ ବିଗ୍ରର ହୋଇଲା
ଯମ ବୋଇଲା ରାଜା ସ୍ତିରୀ ହତ୍ୟା କଲା । ୧୯୨ ।
ଅନୁଆଗ୍ୟାଂ ହୋଇଲେ ଯେ ଅଗ୍ନିକାର ମହରଷି
ତାହାର ଡାକ ଦିଲେ ରାଜା ହୋଇଲାକ ଆସି । ୧୯୩ ।

---

୧୮୫ ।୨ ମୋହୋର ଅଙ୍ଗଲାଗି ପାତକ ଗଲାନି ତୋହୋରି । ପାଦାନ୍ତ ପରେ ପାଠାନ୍ତର-
ଲଜ୍ୟାଭାବ ଛାଡି ତୁ ମୋହୋର ସଂଗେ ଯାସି
କିଛି ହିଁ ନ କହି ପାରଇ ଅଗ୍ନିକାର ମହରଷି ।
ଉର୍ଦ୍ଧେଣ ଡାକ ଦିଲା ଅନଙ୍ଗସେନ ତ୍ରାହି କର
ଶବଦ ଭେଦୀ ସେ ଅନଙ୍ଗସେନ ନୃପବର । ।
ପାଦୁକା ମନ୍ତ୍ର ମହୋଷଧି ସେ ଗୁଣିଲା ଅନ୍ତର୍ଦ୍ଧାନେ
ଧାତିକାରେ ମିଳିଲା ସେ ମୁନିଙ୍କର ସନ୍ନିଧ୍ୟାନେ ।
୧୯୨ ।୨ ଅନଙ୍ଗସେନ ରାଜା ସ୍ତିରୀ ହତ୍ୟାରେ କାରେଣୀ ହୋଇଲା । (ପା)
୧୯୩ ।୧ ଅନୁଆଗ୍ୟାଂ ହୋଇଲେ-ଅନୁରୋଧ କଲେ (ଅନୁଜ୍ଞା)
ଯମ ବିଗ୍ରେଣ ରାଜା ମହରଷି
ଯେ ଦୁହେଁ ହୋଇଲେ ଯେ ସ୍ତିରୀ ହତ୍ୟା ଦୋଷୀ । ୧୯୪ ।
ଯମ ଧର୍ମ ପୁରାଣେ ପୁଣ ବିଗ୍ରର ହୋଇଲା
ରାଜା ମହରଷିଙ୍କି ହତ୍ୟା ଦୋଷ ନ ଲାଗିଲା । ୧୯୫ ।
ଭାରିଯା ହୋଇ ଯେବେ ହୋଇଲା ପରଦାରାୟେଣୀ
ସ୍ୱାମୀ ଦଣ୍ଡିବ ନାହିଁ କି ? ଦୋଷ ପରିମାଣି । ୧୯୬ । ଐଙC ରନ୍ଥମରଟ୍ଟନ୍ଦଷଚ୍ଛଚ୍ଚଙ୍କ
ଯୁଗତେଣ ରାଜା ଆବର ସେ ତାହାର ପ୍ରିୟା
ଦୋଷକୁ ସେ ଶାସ୍ତି ଦିଲା ପାପ ନ ବୋଲିବା ତାହା । ୧୯୭
ରଷି ତ୍ରାସ କଲେ ରାକ୍ଷାସୁଣୀ ପ୍ରାୟେ ମଣି
ତାହାର ଉପରେ ଦୋଷ ଗଲା ସେ ଅଟଇ ପରଦାରାୟେଣୀ । ୧୯୮ ।
ରଷିଙ୍କି ଶୃଙ୍ଗାର ସେ କଲ୍ପିଲା ଅନୁକ୍ରମେ
ବନେଣ ଉପୁଜୁ ମୃଗୁଣୀ ରୂପ ଜନ୍ମେ । ୧୯୯ ।
ଅଗ୍ନିକାର ମହରଷିଙ୍କି ଯେବେ ଇଚ୍ଛିଲା ରତି କରି
ମୃଗୁଣୀ ରୂପେ ରଷିଙ୍କର ହୋଉ ମନୋହାରୀ । ୨୦୦ ।
ରଷିରେଣ ନାଶ ଯେବେ ହୋଇଲା ଯୁବତି
ଯେ କନ୍ୟା ଯୋଗେ ନାଶ ଯାଉ ଅଗ୍ନିକାର ମହାଯତି । ୨୦୧ ।
ମୃଗୁଣୀ ରଷି ଦୁହିଙ୍କରି ଶୃଙ୍ଗାର ଯେ ସରି
ପଣ୍ଡୁ ରାଜାୟେ ଯେହାଙ୍କୁ ନାରାଜ ଘାତ କରି । ୨୦୨ ।
ସ୍ତିରୀହତ୍ୟା ପାତକ ଯେ ଅଗ୍ନିକା ମହାରଷିଙ୍କର ଥିଲା
ପଣ୍ଡୁଙ୍କର ନାରାଜ ଘାତେ ତାହାଙ୍କର ସମସ୍ତ କ୍ଷୟ ଗଲା । ୨୦୩ ।
ବ୍ୟାସେ କହିଲେ ତୁ ଶୁଣ ରାୟେ ପଣ୍ଡୁ

ଦେବତାଙ୍କର ସଞ୍ଚିତ ତୁ କିଂପାଇ ଧର୍ମ ଛାଡୁ । ୨୦୪ ।
ପଣ୍ଡୁ ବୋଇଲେ ମୋତେ କୋପେଣ ଶାପ ଦିଲା
ଶୃଙ୍ଗାର ବେଳେ ତୋତେ ଅକାଳ କାଣ୍ଡ ପଡୁରେ ବୋଇଲା । ୨୦୫ ।
ଯେସନେକ ବୋଲିଣ ଶାପ ଦିଲା ମୁକୁ
ବ୍ୟାସେ ବୋଇଲେ ବଡ ଦୁର୍ଭାର ଶାପ ଦିଲା ତୁକୁ । ୨୦୬ ।
ବ୍ୟାସେ ବୋଇଲେ ଯେ ହୋଇଲା ମହାକଷ୍ଟ
ତପି ଲୋକଙ୍କର ଶାପ କେବେହେଂ ନ ଲେଉଟ । ୨୦୭ ।
ବ୍ୟାସେ ତିଆରନ୍ତି ପଣ୍ଡୁଙ୍କୁ ଯେକାନ୍ତେ ବସାଇ
ବାବୁ ଦୁର୍ଭାସାଙ୍କର ମହାମନ୍ତ୍ର କୋଇନ୍ତାଯେ ଛନ୍ତି ପାଇ । ୨୦୮ ।
ବଧୂମାନଙ୍କୁ ତୁ ନ ଧରିବୁ ହିଂସାଯେ
ବାବୁ ସନ୍ତାନ ଉପୁଜାନ୍ତୁ ଯେଝାର ଉପାୟେ । ୨୦୯ ।
ବାବୁ ସ୍ତିରୀ ସେ ଅଟନ୍ତି ଅନେକ ବୁଦ୍ଧିମନ୍ତୀ
ଉପାୟେଣ କରି ହାଦେ ଜାତ ସେ କରନ୍ତି ସନ୍ତତି । ୨୧୦-୧୮୨୯ । ଦ୍ଧଚ୍ଛଲରଚ୍ଚ ହଚ୍ଚଚ୍ଛଦ୍ଧ
ଶଚ୍ଛଦ୍ଧ ନ୍ଦଚ୍ଛ ବରନ୍ଦ ମଶଷକ୍ଷଯତ୍ତରଚ୍ଚ

---

୧୯୪ ଚିତ୍ର ଗୁପ୍ତେ ବୋଇଲେ ରାଜା ଅଗ୍ନିକା ମହାଋଷି
ଯେ ଦୁହେଂ ହୋଇଲେ ସ୍ତିରୀ ହତ୍ୟା ଦୋଷୀ । (ପା)
୨୦୭ ବ୍ୟାସେ ବୋଇଲେ ଯେହି ସେ ବଡ କଷଟହିଂ ।
ତପିମାନଙ୍କର ଶାପ କେବେହେଂ ନ ମେଣ୍ଟଇ । (ପା)
ବ୍ୟାସେ ବୋଇଲେ ଯେହି ସେ ବଡ କଷ୍ଟ
ତପିମାନଙ୍କର ଶାପ କେବେହେଂ ନୋହି ଭ୍ରଷ୍ଟ । (ପା)୨୦୯ ।୨ ସନ୍ତାନ ଜାତ କରାନ୍ତୁ ଯେ
ଯାହାର ମନୀଷା ।
(ପା)
ଧୃତରାଷ୍ଟ୍ରଙ୍କର ପଣ୍ଡୁଙ୍କୁ ରାଜ୍ୟକୁ ଫେରାଇବା ନିମନ୍ତେ ଆସିବା ଓ ଶିବ ସ୍ତୁତି
ଅନେକ ବାଗେ ତିଆରିଲେ ବ୍ୟାସେ ଯେ ପଣ୍ଡୁଙ୍କୁ
ଚଳିଲେ ମହାମୁନି ଯେ ହସ୍ତିନା ଭୁବନକୁ । ୧ ।
ଯହିଂ ସେ ବିଜେ କରି ଅଛନ୍ତି ଧୃତରାଷ୍ଟେ
ପାରେଶ୍ୱରର ନନ୍ଦନ ଯାଇ ମିଳିଲେ ନିକଟେ । ୨ ।
ସଞ୍ଜୟେ ବୋଇଲେ ସ୍ୱାମୀ ଶୁଣ କୁରୁନାଥ
ବ୍ୟାସେ ବିଜେ କଲେ ଆସି ତୋହୋର ଅଗ୍ରତ । ୩ ।
ଆସ୍ତାନ ତେଜିଣ ଉଠିଲେ ଅନ୍ଧରାଜା
ସତ୍ୟବତୀ ନନ୍ଦନର ପାଦେ କଲେ ପୂଜା । ୪ ।
କୃଷ୍ଣାଞ୍ଜନ ଛାଲ ଗୋଟିଯେ ରାଜା ଦିଲା
ଉଭା ହୋଇଣ ରାଜା ସମସ୍ତ ପୁଛା କଲା । ୫ ।

---

୫ ।୧ କୃଷ୍ଣାଞ୍ଜନ-କୃଷ୍ଣାଜିନ
ବ୍ୟାସେ ବୋଇଲେ ବାବୁ ଶୁଣ ଧୃତରାଷ୍ଟ
ପଣ୍ଡୁଙ୍କୁ ପଡିଲା ବନେ ଦୁସହ ସଂକଟ । ୬ ।
ଅଗ୍ନିକାର ମହଋଷିଙ୍କି ସେ ଶରଘାତ କଲା

କୋପେଣ ମହାତ୍ମା ତାକୁ ଦ୍ରୁପଦ ଶାପ ଦିଲା । ୭ ।
ପିତା ବ୍ରହ୍ମରଷିଙ୍କର ବଦନୁଂ ଅନ୍ଧ ଯେସନକ ବାକ୍ୟ ଶୁଣି
ରଥ ଗଜ ଅଶ୍ୱ ଯେ ସଇନି ପଲାଣି । ୮ ।
ସୁବର୍ଣ୍ଣ ପଲଙ୍କରେ ବିଜୟେ ଧୃତରାଷ୍ଟ
ହାନ୍ଦୋଲାରେ ଚଢି ଗାନ୍ଧାରୀ ବାହାର ନିକଟ । ୯ ।
ଦଶଲକ୍ଷ ରଥ ଯେ ପଞ୍ଚାଶ ଲକ୍ଷ ହସ୍ତୀ ଚ୍ଚନ୍ଧଲଭରତ୍ତ
ସତୁରି ଲକ୍ଷ ବାରୁ ପାଞ୍ଚ କ୍ଷଉଣୀ ପାଦାନ୍ତି । ୧୦ ।
ପାଟକ୍ଷତ୍ର ଆଲମ୍ବ୍ର ବିମଳ ଯେକ ଲକ୍ଷେ
ଚାମର ଲକ୍ଷେ ଯେ ଯେକଲଖୀ ଲକ୍ଷେ । ୧୧ ।
ଉଦ୍ଦଣ୍ଡ ଲକ୍ଷେ ମୟୁର କଣ୍ଠା ଲକ୍ଷେ
ଶଙ୍ଖବାଦ୍ୟ ବୀରତୂର ବାଜେ ଲକ୍ଷେ ଲକ୍ଷେ । ୧୨ ।
ଟମକ ନିଶାଣ ଯେ ଯେମାନ ଲକ୍ଷେ ଲକ୍ଷେ
ହସ୍ତୀ ଘୋଡା ପାଇକ ପଲାଶି ଅଛନ୍ତି କାଛେ କାଛେ । ୧୩ ।
ଯେସନେକ ଥାଠ ଘେନି ଅମ୍ବ୍ରିକାର ବଲା
ବିହଡନ୍ତି ବନେ ସେ ତେଜ ଅନର୍ଗଲା । ୧୪ ।
ଚଳନ୍ତି ଯୋଦ୍ଧାୟେ କାନନ ବନ ଖେଦି
କାଳଅଗ୍ନି ନାମେଣ ଭେଟିଲେ ଯେକ ନଦୀ । ୧୫ ।
ସେ ନଦୀର କୂଳେ ବିଜେ ବିଶ୍ୱ୍ରନାଥ
କାଳଅଗ୍ନି ନଦୀ ସେ ଅଟଇ ମହାତୀର୍ଥ । ୧୬ ।

---

୯ ।୧ ମୟୁର ଧ୍ୱ୍ରଜ ରଥେ ବିଜୟେ ନରନାଥେ ।
୧୧ ।୧ ପାଟଛତ୍ର ଲକ୍ଷେ ଆଲମ୍ବ୍ର ଚାମର ଲକ୍ଷେ ।
୧୨ ।୧ ଯେକଲଖୀ ଲକ୍ଷେ ଉଦ୍ଦଣ୍ଡହିଁ ଲକ୍ଷେ ।
୮ ।୨ ପଲାଣି-ଯାତ୍ରା ନିମନ୍ତେ ସାଜିବା ।
୧୩ ।୨ ପଲାଶି-ବେଗରେ ଗମନ କରି ।
ବିଦୁର ସଂଜୟେ ଧୃତରାଷ୍ଟ ମୂଳେ
ଗଙ୍ଗାର ନନ୍ଦନ ଯେ ଭୀଷ୍ମ ମହାବଳେ । ୧୭ ।
ତୀର୍ଥରେ ସ୍ନାହାନ କରି ବିଶ୍ୱ୍ରନାଥଙ୍କୁ କଲେ ତୁସ୍ତି
କାଳଅଗ୍ନି ମହାଲିଙ୍ଗ ଜୟ ତୁ କାଶୀପତି । ୧୮ ।
ଉତପତ୍ତି ପ୍ରଳୟ ତୋ ତହୁଂ ନାହିଁ ଆନ
ଅନ୍ଧକ ବିଦାରଣ ଜୟ ତୁ ତ୍ରିଲୋଚନ । ୧୯ ।
ବଇଲ ବାହାନେ ଭ୍ରମଣି ଅନୁବ୍ରତେଣ ମତି ଭୋଳା
ଭଇରବ ରୂପ ଧରି ପାତିଲୁ ମହାଖଳା । ୨୦ ।
କମଳାର ନନ୍ଦନ ଅନଙ୍ଗ କାମଦେବ
ତାହାକୁ ଦହିଲୁ ତୁ ପିତାର ଅଭାବ । ୨୧ ।
ନିରାଳମ୍ବ୍ର ପୁରୁଷ ତୁ ନ ଜାଣୁ ଦେବ କିଛି
ନାରାୟଣର ଅଭାବେ ତୁ କାଳକୂଟ ଭକ୍ଷି । ୨୨ ।
ସ୍ୱ୍ରାମି କାଶୀପତି ନାଶ ଗଲା ତୋହୋର କୂଟବୁଦ୍ଧି
ଦୟା ସାଗର ନାଥ ତୁ ଶୃଙ୍ଗାର ବାରାନିଧି । ୨୩ ।

ଯେକା ଚରଣେକ ଚତୁର୍ଭୁଜ ତ୍ରିଲୋଚନ ପଞ୍ଚୁ ଯେ ବଦନ
ନାମ ବିଶ୍ୱନାଥ ତୁ ଗଙ୍ଗାର ରମଣ । ୨୪ ।
ଖପର କୋଠାର ଘେନି ମହାମତ୍ତ ଭୋଳା
ଡିବି ଡିବି ଡମ୍ୱରୁ ମତୁଆଳ ଖେଳା । ୨୫ ।
ଚଣ୍ଡିକା ମତୁଆଳ ଯୋଗ୍ନୀ ଘୋରରଡି
ପ୍ରେତ ପିଶାଶ ବେତାଳମାନନ୍ତ ଘେନି ଖେଡି । ୨୬ । ଲବକ୍ଷବଟ୍‌ଟତ୍ତଚ୍ଛଟ୍‌ଟଷଙ୍କଲ
ରକ୍ତବର୍ଣ୍ଣେ ତ୍ରାସ ସୁନ୍ଦର କପାଳୀ
ରକ୍ତ ବସନ ସିନ୍ଦୂର ରକତ ମନ୍ଦାରମାଳୀ । ୨୭ ।
ଅପୂର୍ବକର ନାଟ କୀର୍ତ୍ତି କାଲାନ୍ତ ଭୋଳା
ବୃଷଭ ବାହାନ ନାଥ ତେଜ ଅନର୍ଗଳା । ୨୮ ।

---

୧୭ ବିଦୁର ସଂଜୟ ମୂଳେ ଗଙ୍ଗାର ନନ୍ଦନ
ରୁଦ୍ରନାଥଙ୍କୁ ସେ କରନ୍ତି ଦର୍ଶନ ।
୧୮ ତୁସ୍ତି-ସ୍ତୁତି ୨୩ ।୨ ଶୃଙ୍ଗାର ବାରାନିଧି- ଶୋଭା ସମୁଦ୍ର
୨୫ ।୧ କୋଠାର-ପରଶୁ-ପାର୍ସା ୨୬ ।୨ ପିଶାଶ-ପିଶାଚ, ୨୭ ।୧ ତ୍ରାସ-ଆଭା
୨୬ ।୨ ଖେଡି-ଖେଳି ।
ଅସାଷ୍ଟମ ମହାତମା କାୟ ମହାମତ୍ତା
ଅଚିନ୍ତା ପୁରୁଷ ନାଥ ପର ଦୁଖେଣ ଚିନ୍ତା । ୨୯ ।
ସିନ୍ଦୂର ବିଲେପନ ଅଣାକାର ରୂପ
କ୍ଷଣେ ବୃଦ୍ଧ କ୍ଷଣେ କନ୍ଦର୍ପ ସରୂପ । ୩୦ ।
କେ ମାତ ପିତା କେ ଭାରିଯା କେ ଭଗିନୀ
ନାଚନ୍ତି ଗାବନ୍ତି ଭଣ୍ଡ ଗୀତ ଘେନି । ୩୧ ।
କଡା ଦାଉଣ୍ଡି ଯେ ଟହ ଟହ ଘୁମୁରା ବଶନ୍ଧଲତ୍ତବ ଯବଚ୍ଚମର
କେ କାହାଳ କରନ୍ତି କେ ନାଚନ୍ତି ତ୍ରିପୁରା । ୩୨ ।
ତ୍ରିଣାୟେକ ବୀଣାୟେକ ହେରମ୍ୱ ଗଣପତି
ନନ୍ଦୀ ମହାକାଳ ଚଣ୍ଡ ପ୍ରଚଣ୍ଡ ସେନାପତି । ୩୩ ।
ଜୟନ୍ତକ ଅଜୟନ୍ତକ ଜାତୁ ମଲ୍ଲ କ୍ଷେତ୍ରପାଳ
ଉନମତ୍ତର କାଳ କାଦମ୍ୱରୀ ପାନେ ମତ୍ତଭୋଳ । ୩୪ ।
ଧୁଧୁକାର ତାଣ୍ଡବ ପରପଞ୍ଚ ଯେ ଯୋଗୀ
ଅବଧୂତ ନାଥ ପିଙ୍ଗଳ ବଇରାଗୀ । ୩୫ ।
ବଳି ଭୋଜା ମାୟେଂସ ଭୋଜା ଆବର ପୋଡାବଳି
ଶଉର୍ଯ୍ୟବନ୍ତ ଭୋଳାନାଥ ନାନା ରଙ୍ଗେଣ କେଳି । ୩୬ ।
ଗିରିଜାର ବଲ୍ଲଭ ମହା ଭଇରବ ମୂରତି
ଶୂଦ୍ରମୁନି ସାରୋଳା ଦାସର ଅଟଇ ପ୍ରକୃତି । ୩୭ ।
ସ୍ୱାମୀ ଯାବତ ଚନ୍ଦ୍ର ଦିବାକର କାଳ
ତୋହୋର ଲୟ ମୋର ହୃଦରେ ସମ୍ଭାଳ । ୩୮ ।
ମୁହିଁ ମହାଭାରଥ ଯେ କହିବି ଆଦିପର୍ବ
ଦୁତୀୟ ଖଣ୍ଡ ଯେ ଅପୂର୍ବ ରସ ଭାବ । ୩୯-୧୮୬୮ । ଙ୍କରମଚ୍ଛଚ୍ଚଯ ଟ୍‌ଟବତ୍ତନ୍ଦ ଚ୍ଛଳ
ଆଯଷଟ୍‌ଟବତ୍ତବ୍‌ଦବ??

---

୩୬ ଶମଶାନେ ମାୟେସଂ ଆବର ପୋଡାବଳି
ବୀର୍ଯ୍ୟବନ୍ତ ଭୋଳାନାଥ ନାନାରଙ୍ଗେ ଖେଳି ।
ପାଚକ ଭଜା ମାଂସ ଘୋଟିଣ ତାର ଖେଳା
ମଦିରା ରସ ପାନେ ନିରନ୍ତରେ ଭୋଳା ।
ଶତଶୃଙ୍ଗ ପର୍ବତର ବର୍ଣ୍ଣନା
କାଳଅଗ୍ନି ନାଥ ପୂଜିଣ କୁରୁନାଥେ
ବିଜେ ସୋମବଂଶୀ ମଳୟ ବସନ୍ତ ପର୍ବତେ । ୧ ।
ଶତଶିଂଗ ନାମେଣ ଦେଖିଲେ ଯେବଣ ଗିରି
ଶୁଦ୍ଧ ସୁବର୍ଣ୍ଣ ଘଟଣ ଯୋଜନ ଶତେ ଗିରି । ୨ । ସଂ
ତହିଁ ଉପରେ ଯେ ଅଛଇ ରସ କୂପ
ଅଷ୍ଟ ଲୋହ ପକାଇଲେ ବିବିଧ ରତ୍ନ ରୂପ । ୩ ।
ବୃକ୍ଷ ଶ୍ୱେତ ବର୍ଣ୍ଣ ପତ୍ରେ ଧବଳ ବର୍ଣ୍ଣ
ପୁଷ୍ପ କନକ ବର୍ଣ୍ଣ ଉଦୟେ ଯେହ୍ନେ ଜହ୍ନ । ୪ ।
ବେନି ଶତ ଯୋଜନ ଉଷର୍ଗ ଗିରି ଶତ ଯୋଜନ ପୋତା ଉଷର୍ଗଙ୍ଗଉଦ୍ର୍ଧ୍ୱ, ଉପରକୁ
ତହିଁର ଉପରେ ଯେ ଯାଗ କଲେ ଦକ୍ଷ ଧାତା । ୫ ।
ସେ ପର୍ବତେ ବାଟ ଅଛି ପାତାଳ ଭୁବନକୁ
Cଶାନ ଶିଖେ ଉଠିଲେ ଯାଇ ଆକାଶ ଭୁବନକୁ । ୬ ।
ଜମ୍ବୁ ଦୀପର ଯେ ମଧ୍ୟ ସ୍ଥାନ ଯେ ଅଟଇ
ପଞ୍ଚତିରିଶ ଧାରା ଗଙ୍ଗା ସେ ପର୍ବତେ ଫୁଟଇ । ୭ । ୩୫ ଭତ୍ତବଚ୍ଚମଶରଙ୍କ ଚ୍ଛଳ ଚ୍ଛବଚ୍ଚବବ
ତହୁଁ ସେ ଉତପତ୍ତି ହୋଇଛନ୍ତି ସର୍ବ ନଦୀ
ମେରୁ ଆବୃତ ହୋଇ ସଙ୍ଗମ ମଉଦଧି । ୮ ।
ଶତେକ ଶିଂଗ ଅଛଇ ସେ ପର୍ବତ ଉପରେ
ସୁବର୍ଣ୍ଣର ଶିଂଗ ବସଇ ସେ Cଶାନ୍ୟା ଦିଗରେ । ୯ ।
ବଇଡୁର୍ଯ୍ୟ ଶିଂଗ ବସଇ ଦକ୍ଷିଣ ଭାଗ କତି କତି ଓବସଟ୍ଟନ୍ଧତ୍ତଷ
ହୀରା ଶିଂଗ ବସଇ ପଶ୍ଚିମ ମୂରତି । ୧୦ ।
ମାଣିକ୍ୟର ଜେୟାତି ଶିଂଗ ଉତ୍ତରେ ବସଇ
ମରକତ ଶିଂଗ ବାୟବ୍ୟ କୋଣେ ପ୍ରକାଶଇ । ୧୧ ।

---

୧ କାଳ ଅଗ୍ନି ନାଥ ପୂଜିଣ କୁରୁନାହା
ବିଜୟେ ସୋମବଂଶୀ ମଳୟବସନ୍ତ ବନେ ଗିରିଗୁହା ।
୧୦ ।୨ ରୂପାର ଶିଂଗ ବସଇ ପଶ୍ଚିମ ମୂରତି
ଶତଶୃଙ୍ଗ-ଶତଶିଂଗ । ୩ ।୨ ଅଷ୍ଟଲୋହ-ଧାତୁ ୪ ।୨ ଜହ୍ନ-ଜେୟାଷ୍ନା । (ପ୍ରାକୃତ)
ନୀଳା ଶିଂଗ ବସଇ ନଇଋତ କୋଣେ
ଅଷ୍ଟ ରତ୍ନ ଶିଂଗ ଅଛଇ ଅଗ୍ନି କୋଣେ । ୧୨ ।
ଯେକ ଯେକ ଶିଂଗ ଯେ ଦ୍ୱାଦଶ ଯୋଜନ ସ୍ଥଳୀ ସ୍ଥଳୀଙ୍ଗଏରିଆ
ଶତେ ଯୋଜନ ଉଷର୍ଗ ପାଞ୍ଚ ଯୋଜନ ଅଗୁଳି । ୧୩ । ଶରଷବଶନ୍ଦ ଚ୍ଛଳ ଟ୍ଟରବହଙ୍କ ଅଗୁଳିଙ୍ଗଓସାର
Cଶାନ୍ୟ କୋଣେଣ ବସଇ ଦିବାକର

ନୈଋତ କୋଣେ ବସଇ ଶଶଧର । ୧୪ ।
ମେଘେ ବିଶ୍ରାମ କରନ୍ତି ବାୟବ୍ୟର କୋଣେ
ଅଗ୍ନିକୋଣେ ବିଶ୍ରାମ କରନ୍ତି ଦେବ ନାରାୟଣେ । ୧୫ ।
Cଶାନ୍ୟ ଶିଂଗ କୋଣେ ଯେ ଆକାଶକୁ ପନ୍ଥ
ବାୟବ୍ୟ ଶିଂଗ କୋଣେ ବସନ୍ତି ବିଶ୍ୱନାଥ । ୧୬ ।
ମେରୁର ଅନୁଜ ଯେ ଶତଶିଂଗ ଗିରି
ଶ୍ରୀରାମଚନ୍ଦ୍ରଙ୍କ କାର୍ଯ୍ୟେ ତ୍ରେତୟା ଯୁଗେ ହନୁମନ୍ତ ନେଲା ଯେ ଉପାଡି । ୧୭ ।
ସୁସଞ୍ଚ ପର୍ବତ ବୋଲି ଶ୍ରୀରାମ ଦୟା କଲେ
ଅଙ୍ଗଦକୁ କହି ତାକୁ ଲୁଚାଇ ଥୋଇଲେ । ୧୮ ।
ସ୍ୱାମୀଙ୍କର ଆଗ୍ୟାଂ ଯେ ତାହା ଅଙ୍ଗଦ ଫିଙ୍ଗି ଦିଲା
ଜମ୍ବୁଦ୍ୱୀପ ମଧ୍ୟ ସ୍ଥାନେ ଯାଇଣ ପଡିଲା । ୧୯ ।
ଆଦି Cଶାନ୍ୟ ଯେ ଶତଶିଂଗ ଗିରି
ଅଳକା ଭୁବନକୁ ଅଗୁଳି ଗୁଣ ଚାରି । ୨୦ ।
ସେ ପର୍ବତ ଉପରେ ରହିଛନ୍ତି ପଣ୍ଡୁରାଯେ
ସପତ ଦୀପ ଦିଶଇ ତହିଂ ଥାଇଂ କଲେ ଯେକ ଲଯେ । ୨୧ ।
ସେବା କଲେ ପରସନ୍ନ ହୋଅଇ ପରବତ
ସେ ପର୍ବତେ ଜନମ ହୋଇଲେ ହୋଅନ୍ତି ଶୂରବନ୍ତ ବଳବନ୍ତ । ୨୨ ।
ଧୃତରାଷ୍ଟ ବିଜେ କଲେ ଶତଶିଂଗ ପର୍ବତେ
ପଣ୍ଡୁ ଦ୍ରଶନ କଲେ କୁରୁନାଥର ଅଗ୍ରତେ । ୨୩ ।
କରେଣ ଧାମଣା କାଠର ଧନୁ କଣ୍ଟା ବାୟେଂଶର ଗୁଣ ଭବଲଭଚ୍ଛଚ୍ଛ ଦ୍ଧଚ୍ଛଚ୍ଛଯ
ଦ୍ଧରବଟ୍ଟଚ୍ଛଚ୍ଚଙ୍କ
ମଜୁର ପକ୍ଷୀ ଆଭରଣ ଫିରିକି ନାରାଜ ତ୍ରୋଣ । ୨୪ ।

୧୩ ।୨ ଉଷର୍ଗ-ଉନ୍ନତ, ଉଚ୍ଚ । ଅଗୁଳି-ଓସାର, ପ୍ରସ୍ଥ
୨୩ ।୧ ଦ୍ରଶନ-ଦର୍ଶନ ୨୪ ।୨ ମଜୁର-ମୟୂର
କଣ୍ଠେଣ ଗୁଞ୍ଜରା ମାଳୀ ଲୋହିତ ବର୍ଣ୍ଣ ଆଖି
ବିଜେ କର୍ଣ୍ଣ କଟାରି ମେଖଳା ଝିଙ୍କ ପକ୍ଷୀ । ୨୫ ।
ବେଣ୍ଟକାର ସରୂପେ ବିଜୟେ ପଣ୍ଡୁରାୟେ
ଧୃତରାଷ୍ଟ ଅଗ୍ରତେ କହିଲେ ସଂଜୟେ । ୨୬ ।
ପଣ୍ଡୁ ଦର୍ଶନ କଲେ, ଶୁଣ ଧୃତରାଷ୍ଟେ
ଅନେକ ମଧୁର ବଚନ କହନ୍ତି ରାୟେ ଜ୍ୟେଷ୍ଠେ । ୨୭ ।
ବାବୁ ପରମ କଲ୍ୟାଣ ହୋଉ ହୋଅ ତିରିଜୀବୀ ଆଷ୍ୟ
ଧନ ସନ୍ତାନ ବର୍ଦ୍ଧୁତ ହୋଉ ଗ୍ଣ୍ଡେ ହୋଉ ଯଶ । ୨୮ ।
ବାବୁ ଶୁଣିଲି ମୁଁ ବନସ୍ତେ ଆପତ୍ତି ପଡିଲାକ ତୋତେ
ପାରେଶ୍ତ୍ରର ନନ୍ଦନ କହିଲେ ହାଦେ ଆସି ମୋତେ । ୨୯ ।
ଅନେକ ବଇକୁଲ୍ୟ ହୋଇଲା ମୋର ଚିତ୍ତେ । ୩୦ ।
କରପତ୍ର ଯେଡିଣ ଯେ ପଣ୍ଡୁ ମହାରଥା
ସଞ୍ଚପି କହିଲା ହାଦେ ସକଳ ବାରତା । ୩୧ ।
ଭୋ ଭ୍ରାଥ ଅଗ୍ନିକାର ମହାରଷି ଶାପ୍ୟ ଦିଲାକ ମୋତେ
ଶୃଙ୍ଗାର କାଳେ ଅକାଳ କାଣ୍ଡ ପଡୁ ହାଦେ ତୋତେ । ୩୨ ।
ଅନେକ ବଇକୁଲ୍ୟ ହୋଇଲେ ଶୁଣି ଧୃତରାଷ୍ଟ
ଧର୍ମ ଆଶ୍ରେ କଲା ଲୋକଙ୍କୁ ବାବୁ ପଡଇ ସଂକଟ । ୩୩ । ବଚ୍ଛଚ୍ଛଯ
ତ୍ତରକ୍ଷଷବଷଚ୍ଛନ୍ଧଙ୍କ ଟ୍ଟରଚ୍ଛଟ୍ଟକ୍ଷର ଙ୍କନ୍ଧଳଳରତ୍ତ
ରାଜ୍ୟକୁ ଯିବା ଗ୍ଲ ବାବୁ ନ ଥିବା ୟେହୁ ଘୋର ବନେ
ଅନେକ ଆପାଦ ବାବୁ ସେ ଥାଇଟି ଅରଣ୍ୟେ । ୩୪ ।
ବୋଲନ୍ତି ପଣ୍ଡୁ ନୃପତି ଶୁଣ ମହାଗ୍ୟାଂତା
ସ୍ତ୍ରୀମୀ ତୁମ୍ଭେ କିସ ଜାଣ ୟେ ପର୍ବତ ବାରତା । ୩୫ ।
ସ୍ତ୍ରୀମି ତୁମ୍ଭେ ବିଜେ କରିଥାଅ ଯେ ହସ୍ତିନା
ସେ ପଞ୍ଚୁ କଟକେ ତୁମ୍ଭେ ଯେ ବଜ୍ରସେହ୍ନା । ୩୬ ।
ଅନେକ ବିନୋୟି ହୋଇ ପଣ୍ଡୁ ଯେ ନୃପତି
ବଡ କୁତୋହଳେ ଫଳ ଯୋଗାଡ ଆଣି ଦିଲେ ଅପ୍ରମିତି । ୩୭ ।
ସନ୍ୟ ସାଗର ଆଦି ଯେତେକ ରାଜାର ତୁଲେ ଥିଲେ
ଆମ୍ତ୍ର ପଣସ କଦଳୀ ଦାରାକ୍ଷ ସମସ୍ତେ ଭୁଞ୍ଜିଲେ । ୩୮ ।
ଅନେକ ଯୋଗାଡ ଦିଲେ ପଣ୍ଡୁ ନରପତି
ଭୁଞ୍ଜିଣ ସାତ କ୍ଷଉଣୀ ବଳ ହୋଇଲେ ତ୍ରିପୁତି । ୩୯ ।
ମଣୋହି ସାରିଣ ଯେ ଆଞ୍ଚ୍ୟେବନ କୟେ
କର୍ପୂର ତାମ୍ତ୍ରୋଳ ଯେ ଭୁଞ୍ଜିଲେ କୁରୁରାୟେ । ୪୦ ।
ଭୀଷ୍ମ ଭୂରିସର୍ବା ସଂଜୟେ ବିଦୁର
ସମଦଣ୍ଡ ଘେନି ବିଜୟେ ନିଜ ପୁର । ୪୧ ।
ଥୋକାୟେକ ଦୂର ପଣ୍ଡୁ ପାଛୋଟି ଅଇଲେ
ରତିକାମ ବୋଲିଣ ପର୍ବତ ତଳୁ ବାହୁଡିଲେ । ୪୨ ।

ଚଳନ୍ତି ଧୃତରାଷ୍ଟ ଥାଠ ସେନା ଘେନି
ହସ୍ତିନା ଭୁବନେ ଯାଇ ପ୍ରବେଶ ସଇନି । ୪୩-୧୯୧୧ ।

---

୨୫ ।୨ ବିଜେ କର୍ଣ୍ଣ କଟାରି ମେଖଲା ଝିଙ୍କ ପକ୍ଷୀ । ଭଷତ୍ତଯ ଳରବନ୍ଦଶରତ୍ତଙ୍କ ବଙ୍କ
ଚ୍ଛତ୍ତଚ୍ଚବଲରଚ୍ଚନ୍ଦଙ୍କ
୨୭ ।୨ ଅନେକ ସମାର୍ଜନା ସାଧୁତା କରନ୍ତି ରାୟେ ଜେୟଷ୍ଠେ ।
୩୪ ।୨ ଅନେକ ବିପଦ ବାବୁ ପାଇବୁଟି ଅରଣ୍ୟେ ।
୨୬ ।୧ ବେଣ୍ଟକାର-ବ୍ୟାଧ ୨୮ ।୧ ତ୍ରିଜୀବୀ-ତ୍ରିକାଳଜୀବୀ, ତିରିଜୀବୀ-ଚିରଂଜୀବୀ
୩୦ ।୨ ବଇକୁଲ୍ୟ-ବିକଳ ଭାବ । ୩୪ ।୨ ଆପାଦ-ଆପଦ
୩୭ ।୨ ବଚ୍ଛା ଦୁହାଳି ଯୋଗାଡ ପଣ୍ଡୁ ଦିଲେ ଅପ୍ରମିତି ।
୩୮ ସନ୍ୟ ସାଗର ଆଦି ଯେତେକ ବଳ ଥିଲା
ଆମ୍ଭ୍ର ପଣସ ନଟୀକାଳ ସବୁକୁହିଁ ଅଣ୍ଟିଲା ।
୪୦ ।୧ ଆଞ୍ଚୋବନ-ଆଚମନ-ମୁଖଧୌତ, କୟେ-କଲେ
ପଣ୍ଡୁ ଓ କୁନ୍ତୀଙ୍କ ଆଳାପ, ଅଗସ୍ତିଙ୍କ ଆଗମନ ଓ ଉପଦେଶ
ପଣ୍ଡୁ ରହିଲେ ଯେ ଶତଶିଂଗ ପର୍ବତେ
ପାକାପରଶ ଯେ ହୋଇଲେ ଦେବୀ କୋନ୍ତେ । ୧ ।
ଶୁଦ୍ଧ ସ୍ନାହାନ କଲେ ସେ ପଞ୍ଚମ ଦିବସେ
ରାତ୍ରେ ବିଜେ କଲେ ପଣ୍ଡୁ ରାଜାୟେ ପାଶେ । ୨ ।
ପଣ୍ଡୁ ବୋଇଲେ ଶୁଣସିରେ ପ୍ରାଣସଖି
ମୋର କର ଧରି ତୁ ହୋଇଲୁ ମହାଦୁଖୀ । ୩ ।
କୋଇନ୍ତାୟେ ବୋଇଲେ ସ୍ୱାମୀ ବିକଳ ନୋହିବା
ମୁହିଁ ରଜବତୀ ମୋତେ ଆକଟ କରାଇବା । ୪ ।
ପରମ ସାଧବୀ ଯେ ସୁଗ୍ୟାନୀ ଭାରିଯା
ତାହାର ଶରୀର ଆକର୍ଷଣ କଲେ ପଣ୍ଡୁରାଜା । ୫ ।
ଯୁବତୀ ପତି ଯେତେବେଳେ ଯେକ ଯୋଗ ହୋଇଲା
ପ୍ରତାପୀ କାମଦେବ ସେ ଅନେକ କଠୋର କଲା । ୬ ।
ପଣ୍ଡୁ ଇଚ୍ଛା କଲେ ଯହୁଁ ସେ ଶୃଙ୍ଗାର
ଧାତିକାରେ କୋଇନ୍ତାୟେ ତହୁଁ ହୋଇଲେ ବାହାର । ୭ ।
କୋଇନ୍ତାୟେ ତୁସ୍ତି କରନ୍ତି ପିତୃ ଯେ ଲୋକଙ୍କୁ
ସ୍ୱାମୀର ଅଭିଶାପ ହୋଇଲା ବଞ୍ଚିଲୁ ଶୃଙ୍ଗାରକୁ । ୮ ।
ତୁମ୍ଭର ଚରଣ କରୁଅଛୁଁ ଆମ୍ଭେ ସେବା
ୟେଥକୁ ମହାତମା ମୋତେ କୋପ ନ କରିବା । ୯ ।
ବଞ୍ଚିଲେ ଶୃଙ୍ଗାର ଛାଡିଲେ ରତି ଆଶା
ସଂକଳ୍ପ କରିଣ ଯେ ଛାଡିଲେ ମନୀଷା । ୧୦ ।
ରତି ଇଚ୍ଛା ନ କଲେ ସେ ମହତ ସାଧବୀ
ସ୍ୱାମୀର ନିମନ୍ତେ କରି ଶୃଙ୍ଗାର ମନେଣ ନ ଭାବି । ୧୧ ।
କୋଇନ୍ତାୟେ ତିଆରିଲେ ମାଦ୍ରୀଙ୍କି ହକାରି
କେତେକାଳ ବଞ୍ଚିବାଟି ଯୁବା ବୟସ ଧରି । ୧୨ ।
ମାଦ୍ରୀ ବୋଇଲେ ତୁମ୍ଭେ ନ ଭାଳ କିଛି ଲଜ୍ଜା

ସ୍ତ୍ରୀମାନଙ୍କର ଅର୍ଜିତ ସିନା ଭୁଞ୍ଜଇ ଭାରିଯା । ୧୩ ।
କାହାକଇଁ ଦୋଷ କରିଅଛୁଁ, ଅର୍ଜିଅଛୁଁ ପାପ
ଅକାରଣେ ନାଶ ଗଲାନି ଆମ୍ଭର ଯେ ତପ । ୧୪ ।
ଇଦଂ ପ୍ରତିବାଚ ଅଗସ୍ତି ଶୁଣ ହୋ ଦଣ୍ଡଧାରୀ
କର୍ମ ଆଦରିଣ ସେ ରହିଲେ ବେନି ନାରୀ । ୧୫ ।
ଯେଥୁ ଅନନ୍ତରେ ଶୁଣ ହୋ ନୃପରାଯେ
ଶ୍ରୀମହାଭାରଥ ଶୁଣି ପାତେକ କର କ୍ଷୟେ । ୧୬ ।

---

୧ ।୨ ପାକାପରଶ-ପାକାସ୍ପର୍ଶ (ରଜୋବତୀ)
୩ ।୨ ମୋହୋର ହାଥ ଧରି ତୁ ହୋଇଲୁ ନିରିମାଖୀ ।
୮ ।୧ ତୁସ୍ତି-ସ୍ତୁତି, ୮ ।୨ ବଞ୍ଚିଲୁ-ଛାଡିଲୁ
ଦାରା ସଂଘରିଲେ ପତି ଯେ ପତନୀ
ସ୍ତ୍ରୀମାନଙ୍କ ଶଯ୍ୟାଗତ ନୋହିଲେ ଯୁଗତେ ବରଷ ତିନି । ୧୭ । ଚ୍ଚଚ୍ଛନ୍ଦ ଷଚ୍ଚ ଭରଯ ଳଚ୍ଛତ୍ତ
୩ ସ୍ଥରବତ୍ତଙ୍କ
ଶତଶିଂଗ ପର୍ବତେ ବିଜୟେ ପଣ୍ଡୁରାଜା ସ୍ତ୍ରୀମାନ
କୋଇନ୍ତାୟେ ମଦନାବତୀ ଅଛନ୍ତି ପାରୁଶେ ଗମର ଘେନି । ୧୮ ।
ବସନ୍ତ ଋତୁ ବୈଶାଖ ମାସ ଶୁକଳ ଯେ ପକ୍ଷ
ଅଗସ୍ତି ଭେଟିଲେ ଯାଇଁ ସେ ପଣ୍ଡୁଙ୍କୁ ପ୍ରତକ୍ଷ । ୧୯ ।
ଶୁକଳ ପକ୍ଷ ତୃତୀୟା ଆବର ଅର୍କବାର
କୃତ୍ତିକା ନକ୍ଷତ୍ର ଭୋଗ ସେ ଦିନର । ୨୦ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ତତ୍ତୁଲ୍ୟ ନାମେ କରଣ ଅତିଗଣ୍ଡ ନାମେ ଯୋଗ
ମେଷ ସଂକ୍ରାନ୍ତିକି ବେନି ଦିବସ ଯେ ଭୋଗ । ୨୧ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ସେ ଦିନ ବିଜେ କଲେ ଅଗସ୍ତି ମହାଋଷି
ତୁଲେଣ ଅଛନ୍ତି ତାହାଙ୍କର ଗଳିଶ ସହସ୍ର ଶିଷି । ୨୨ । ୪୦,୦୦୦ ଙ୍କନ୍ଦନ୍ଧଯରଚ୍ଚନ୍ଦବ
ଅଗସ୍ତିଙ୍କି ଦେଖିଣ ସାନନ୍ଦ ପଣ୍ଡୁରାଜା
ପାଦାର୍ଘ୍ୟ ଦେଇଣ ଯେ ମୁନିଙ୍କି କଲେ ପାଦ ପୂଜା । ୨୩ ।
ବସନ କୁଣ୍ଡଳ ଆବର ବଇଜୟନ୍ତୀ ମାଳା
ସାନନ୍ଦେଣ ଦିଲେ ନେଇ ସେ ଅମ୍ତ୍ରାଳିକାର ବଳା । ୨୪ ।
ମୁନିଙ୍କର ପାଦ ଉଦକ ଜଳ ଆଣି
ଶିରରେ ନିବେଶିତ ପଣ୍ଡୁ ରାୟେ ପୁଣି । ୨୫ ।
କୃଷ୍ଣାଞ୍ଜନ ଛାଲ ଗୋଟିୟେ ଗୋଟିୟେ ଆଣି
ଆସନେ ବସିଲେ ବାଳଖିଲ୍ୟା ସକଳ ଯେ ମୁନି । ୨୬ ।
କୁଶଳ ବାରତା ଯେ ପଚାରନ୍ତି ବ୍ରହ୍ମଚାରୀ
କ୍ଷମେଣ ବ୍ରତି ଅଛୁ ନା ପଞ୍ଚୁ କଟକେ ଅଧିକାରୀ । ୨୭ ।
ସୋଦ୍ରିମା ପଣ ତୋର ଜାଣିଲୁ ଆମ୍ଭେ ତଥ୍ୟ
ଧୃତରାଷ୍ଟ ଅଟଇ ତୋର ଅଦକ୍ଷ ଅଯୋଗ୍ୟ ଜ୍ୟେଷ୍ଠ ଭ୍ରାଥ । ୨୮ ।
ଉଶତ୍ତଷନ୍ଦବତ୍ତବଙ୍କଶନ୍ଦତ୍ତବ ଷଚ୍ଚରଳଳଷମଷରଚ୍ଚନ୍ଦ

---

୨୫ ।୨ ଶିରେ ନିବେଶିତ ପଣ୍ଡୁ ରାଜାର ବେନିରାଣୀ
୧୭ ।୧ ପତନୀ-ପତ୍ନୀ-ସ୍ତ୍ରୀ ୨୬ ।୨ କୃଷ୍ଣାଞ୍ଜନ-କୃଷ୍ଣାଜିନ ୨୮ ।୧ ସୋଦ୍ରିମା-ସୋଦରିମା-ଭ୍ରାତୃସ୍ନେହ ।
ତାହାଙ୍କୁ ଦକ୍ଷ କରାଇଲୁ ଆପଣା ସ୍ୱାର୍ଥପଦେ
ଆପଣେ ବନଗାମୀ ହୋଇଲୁ ସୋଦର ପରମାଦେ । ୨୯ ।
ଯେ ସମସ୍ତ ଯିବ କଥାହିଁ ସେ ରହିଥିବ
ଦୟାଳୁ ଘଟକୁ ଧର୍ମ କେମନ୍ତେଣ ଛାଡିବ । ୩୦ ।
ପରେତେ ଗ୍ୟାନୀ ପିଣ୍ଡ ଅଟୁତୁ ରାଯେ ପଣ୍ଡୁ
ଅନ୍ଧକୁ ରାଜ୍ୟ ଦେଇ ତୁ ବନସ୍ତେ ଦୁଖ ପଡୁ । ୩୧ ।
ଅଇରି ଦର୍ପମନ ନିଶୋଧନ କରୁ ରାଜା
ସଂସାର ଜନ ରଖି ସୁଖେଣ ପାଳୁ ପ୍ରଜା । ୩୨ ।
ସାଧୁ ଜୀବନ ଗୋଟି ପଣ୍ଡୁ ଅଟଇ ତୋହୋରି
ରାଗ ମୋହ ଅହଙ୍କାର ପକାଇଲୁ ଦୂର କରି । ୩୩ ।
ସାବତେଣ ସଂପଦ ଦେଲୁ ନୋହଇ ସେ କ୍ଷମ
ସତ୍ୟେଣ ସଂସାର ପାଲିଲୁ ଜିଣିଲୁ ସବୁ ଧର୍ମ । ୩୪ । ଚ୍ଚଚ୍ଛନ୍ଦ ପାଳିଲୁ
ଶତ ସହସ୍ର ଦଣ୍ଡ ପ୍ରଣମିତ ପଣ୍ଡୁ ଯେ ନୃପତି
ତୁମ୍ଭର ପ୍ରସାଦେ ସମସ୍ତ ସାଧୁ ହେ ଅଗସ୍ତି । ୩୫ ।
ପଣ୍ଡୁ ପ୍ରତିବାକ୍ୟ ମୁନି ହେ ମୁଂ କଲି ମନ୍ଦକୃତ୍ୟ
ଋଷି ମୃଗୀ ସଙ୍ଗମ ଅଛି କି ଯେମନ୍ତ । ୩୬ ।
ଅଗସ୍ତି ବୋଇଲେ ହୋ ତପି ଲୋକମାନେ
ବଳବପୁ ବୟସେ ଯେ ଥାନ୍ତି ଘୋର ବନେ । ୩୭ ।
କାମଦେବ ବୋଲି କରି ସେ ଯେବଣ ପୁରୁଷଇ
ବତିଶ କଳା ଘେନିଣ ସେ ସବୁରି ଦେହେ ବସଇ । ୩୮ । ଜବବରଙ୍କ ବକ୍ଷଙ୍କଚ୍ଛ ଙ୍କନ୍ଧଳଳରତ୍ତ
ଳତ୍ତଚ୍ଛଲ କ୍ଷନ୍ଧଙ୍କନ୍ଦ
ତୈଲୋକ୍ୟେ ଜିଣିବାକୁ କେ ସମାନ ନାହିଁ ସେ କାମକୁ
ସେହି ସେ ନାଶ କରଇ ସମସ୍ତ ତପିମାନଙ୍କୁ । ୩୯ ।
ଯହିଁ ଧର୍ମ ତହିଙ୍କି ଦିଗୁଣ ଯୋଚଇ ଶର
ଦୁଲଭ ଗୋଟିଯେ ଅଛି କାମକୁ ଜିଣିମାକୁ କୋଟିକର । ୪୦ ।

---

୩୬ ।୨ ଋଷି ମୃଗୁଣୀ ସଙ୍ଗମ ଅଛି କି ଯେକ ଯୋଗମତ
ଋଷିଙ୍କର ଶୃଙ୍ଗାର ଅଛି କି ମୃଗୁଣୀର ସଂଗତ ।
୩୮ ।୨ ବତିଶ କଳା ଘେନି ସମସ୍ତ ହୃଦେ କରେ ବାସ ।
୪୦ ।୨ ଦୁଲଭେ ସେ ଜିଣିବାକୁ ଗୋଟିଏ କୋଟିକର ।
୨୮ ।୧ ସୋଦ୍ରିମା-ସୋଦରିମା-ଭ୍ରାତୃସ୍ନେହ
୪୦ ।୧ ଦୁଲଭ-ଦୁର୍ଲଭ
ସେ କାମ ଯେତେବେଳେ କରଇ ଉନ୍ମତ୍ତ
କେ କାହାର ଗଉରୋବ କେ କାହାର ମାନିତ । ୪୧ ।
ବନସ୍ତରେ ସ୍ତିରୀନ୍ତ ସେ ପାଇବେ କାହିଁ ଲୋଡି
କେ ବିନ୍ଦୁ ପକାନ୍ତି ହସ୍ତରେ ରେତ କରି । ୪୨ । ଲବଙ୍କନ୍ଦନ୍ଧତ୍ତଭବନ୍ଦଷଚ୍ଛଚ୍ଚ ଭସ୍ଥ

ଙ୍କବବରଙ୍କ

ପକୁଂ କଦଳୀର ଚ୍ୟୋ ଲାଇଣ କେ କରଇ ରତି
ତେମନ୍ତେ ହେଂ ଢାଳି କରି ରେତ ପକାବନ୍ତି । ୪୩ ।
କେ ମୃତ୍ତିକା ଖଣ୍ଡିରେ ଜଲା ଗୋଟିଏ କରି
ପକାଇ ମହାରସ ଭିତରେ ପତ୍ର ଭରି । ୪୪ ।
କେ ଗାC ମଇଂଷୀ କେ ଅବା ମେଷ ଛେଳି
ନାନା ପ୍ରକାରେ କରନ୍ତି ରତି ରସ କେଳି । ୪୫ ।
ମୃଗୁଣୀ ଜୀବ ତ ପବିତ୍ର ହୋଇଲା
ଅମେଣ୍ଟଣ ତପୀ ଯେମନ୍ତେଣ ନାଶ ଗଲା । ୪୬ ।
ପଣ୍ଡୁ ବୋଇଲେକ ଅଗ୍ନିକାର ମହଋଷି
ମୃଗୁଣୀ ଯେକ ଘେନି ସେ ରମଇ ବନେ ପଶି । ୪୭ ।
ଶବଦ ଶୁଣି ମୁଂ ନାରାଜ କଲି ବୃଷ୍ଟି
ଋଷି ମୃଗୁଣୀ ଦୁହେଂ ଯେ ନାରାଜେଣ ଫୁଟି । ୪୮ ।
ରାଗେଣ ଶାପ୍ୟ ଦିଲା ମୋତେ ମୁନି ଗରୁ
ଶୃଙ୍ଗାର କାଳେ ତୋତେ ଅକାଳ କାଣ୍ଡ ପଡୁ । ୪୯ ।

---

୪୨ ବନସ୍ତରେ ସ୍ତିରୀଙ୍କି ପାଇବା କାହିଂ ଲୋଡି ।
କେ ବୀର୍ଯ୍ୟ ପକାଇ ହସ୍ତରେ ଧରି କରି ।
କେ ବିନ୍ଦୁ ପକାନ୍ତି ହାଥରେ ତରଳ କରି ।
୪୩ ପକ୍ୱ କଦଳୀ ଫଳ ଲାଇ କେ କରନ୍ତି ରତି
କେଉଣସି ମତେ ରେତ ପକାବନ୍ତି ।
୪୪ କାସିକା ଗୋଟିଏ ଜଲା ଗୋଟିଏକ କରି
ତହିଂ ସେ ରେତ ଯେ ଛାଡନ୍ତି ତପଗ୍ରୀ ।
୪୯ ।୧ ରାଗେଣ ଶାପ ମୋତେ ଦିଲାକ ସେ ବଡୁ ।
୪୩ ।୧ ପକୁଂ-ଫଳ-ପାଚିଲା
୪୪ ।୧ କାସିକା-ଘଡି, କଳସ
୪୬ ।୬ ଅମେଣ୍ଟଣ-ଅମୋଘ, ୪୯ ।୧ ଗରୁ-ଗୁରୁ ୫୨ ।୧ ଦୁରାପଦ-ଦୁର୍ଲଘଂ୍ୟ
ଜନ୍ମ ତ ନିଷ୍ଫଳ ହୋଇଲା ନାଶ ଗଲା ବଂଶ
କହିବା ଅଗସ୍ତି ହୋ ମୋତେ ପ୍ରତିକାର କିସ । ୫୦ ।
ଅଗସ୍ତି ବୋଇଲେ ସେ ନୁହଇଟି ମତିଭୋଳା
ନାଶକର ଶାସ୍ତିରେ ମୃଗୁଣୀ ସଂଗେ ମେଳା । ୫୧ ।
ଦୁରାପଦ ଶାପ ତୁ ଯେ ପାଇଲୁ ମହାରାଜା
ନାଶ ଯିବୁଟି ରାଜା ଶୃଙ୍ଗାର ରସେ ନ ଯା । ୫୨ ।
କୋଇନ୍ତା ମାଦ୍ରୀ ବେନି ରାଣୀନ୍ତ ହକାରି
ତୁ ଆପଣେ ଆଗ୍ୟାଂ ଦେବୁ ନା ତିଆରି । ୫୩ ।
କେଉଂଣ ବାଗେ ଗୋ ଉତପତ୍ତି ହୋଅଇ ସନ୍ତତି
ତହିଂକି କାରଣ ତୁମ୍ଭେ କର ବେନି ଯେ ଯୁବତୀ । ୫୪ ।
ଶାହାସ୍ର ପୋଥି ଫେଇ ମୁନି ଶୁଣାନ୍ତି ବେନି ରାଣୀ
ସନ୍ତାନକୁ ଉପାୟ କର ଗୋ ଭୋଜର ଦୁଲଣୀ । ୫୫ ।

ଯତନେ ପର ରେତ ନ କଲ ତହିଁ ଇଚ୍ଛା
ସନ୍ତାନ ନିମନ୍ତେ କରିବ ନାହିଁ କି ଗୋ ମନବାଞ୍ଛା । ୫୬ ।
ସ୍ତ୍ରୀମୀଙ୍କି ସଂକୋଚ ଗୋ ନ କର ମାହେଶ୍ୱରୀ
ପୁତ୍ର ଉପୁଜାଇ ଗୋ ଲଭ ସ୍ୱର୍ଗ ପୁରୀ । ୫୭ ।
ଅଗସ୍ତି ବୋଇଲେ ଗୋ ଶୁଣ ଦେବୀ କୋନ୍ତେ
ଦୁର୍ଭାସାଙ୍କ ମହାମନ୍ତ୍ର ଅଛି ତୋହୋର ଯେ ହସ୍ତେ । ୫୮ ।
ମାନବ ଇଚ୍ଛିଲେ ଗୋ ହୋଇବ ଦୋଗ୍ଧରୀ
ଦେବତାନ୍ତ ଇଚ୍ଛା କର ଗୋ ହୁଅ ରତିକାରୀ । ୫୯ । ଚ୍ଚଚ୍ଛ ଙ୍କଷଚ୍ଚ ଷଚ୍ଚ
ଷଚ୍ଚନ୍ଦରତ୍ତମଚ୍ଛନ୍ଧତ୍ତଙ୍କର ଦ୍ଧଷନ୍ଦଶ ବଚ୍ଛଯଙ୍କ, ଅଧ୍ୟା
ଦେବ କଲା ଘେନି ଗୋ ଦେବେ ହୁଅନ୍ତି ଜନମ
ଛାଡିବ ଦୁପାତକ ଉଦିତ ହେବ ଧର୍ମ । ୬୦ ।

---

୫୨ ।୨ ନାଶ ଯିବୁଟି ସ୍ତିରୀଙ୍କର ପାଶକୁ ନ ଯା ।
୫୬ ।୧ ଯତ୍ନେଣ ତୁ ଗୋ ନ କର ରତି ଇଚ୍ଛା ।
୫୮ ।୨ ଦୁର୍ଭାସାଙ୍କ ଜପାମାଳୀ ଅଛି ତୋହୋର ହସ୍ତେ ।
୫୯ ।୨ ଦେବତାନ୍ତ ଘେନି ଗୋ ହୁଅ ରତିକାରୀ ।
୬୦ ଦେବ କଲା ଘେନି ପୁତ୍ର ହେଉ ଜନମ
ଖଣ୍ଡୁ ଦୁପାତକ ଉଦିତ ହୋଉ ଧର୍ମ
୫୨ ।୧ ଦୁରାପଦ-ଦୁର୍ଲଘଂ୍ୟ ୬୦ ।୨ ଦୁପାତକ-ଦୁଃଖ ଓ ପାପ
କୋଇନ୍ତା ବୋଇଲେ ତୁମ୍ଭେ ଗୁରୁ ପରମ ଗୁରୁ
ତୁମ୍ଭର ଆଗ୍ୟାଂ କେ ଅନ୍ୟସ୍ତା କରିପାରୁ । ୬୧ ।
ଅଗସ୍ତି ବୋଇଲେ ମା ଗୋ ୟେହେର୍ଣ୍ଣେକ ଅଛି ପୂର୍ବେ
ତୁମ୍ଭେ କିଛି ଅନ୍ତର ନ ଧର ମନେ ୟେବେ । ୬୨ ।
ଆଗୋ ସ୍ତିରୀଙ୍କର ଧର୍ମ ଗୋ ଅଟଇ ଯୁଗତି
ସ୍ତ୍ରୀମୀର ବୀର୍ଯ୍ୟେ ୟେବେ ନ ଉପୁଜଇ ସନ୍ତତି । ୬୩ ।
ଷଚ୍ଚମଚ୍ଛଲଟ୍ଟବନ୍ଦଷଭଷକ୍ଷଷନ୍ଦସ୍ଥ ଦ୍ଧଷନ୍ଦଶ ଶନ୍ଧଙ୍କଭବଚ୍ଚଯ, ବରନ୍ଦ
ବଚ୍ଚଚ୍ଛନ୍ଦଶରତ୍ତ
ଆଗୋ ପରଦାର କରାଇ ଗୋ ଉପୁଜାଇ ବଂଶ
ସ୍ତ୍ରୀମୀର ଅଭିଶାପ ତୁମର କିସ ଦୋଷ । ୬୪ ।
ତୁମ୍ଭର ଉପର ବଂଶେ ସନ୍ତତି ବିହ୍ନନେ
ଦେଖିଲଟିକି କେମନ୍ତେ କଲେ ଶାଶୁମାନେ । ୬୫ ।
ବ୍ୟାସେ ଅଟନ୍ତିଟିକି ତାହାଙ୍କର ଜ୍ୟେଷ୍ଠ ଶଶୁର
ତାହାନ୍ତ ଘେନି ପୁଣ ଇଛିଲେ ଶୃଙ୍ଗାର । ୬୬ ।
ଅନ୍ଧ ପଣ୍ଡୁ ବିଦୁର ଉପୁଜିଲେ ତିନିଭ୍ରାଥେ
ତୁ ଅର୍ଣ୍ଣପୂର୍ଣ୍ଣା ମା ଗୋ ଯୁଗତେ ଥାଅ ୟେଥେ । ୬୨ । ଅନ୍ନପୂର୍ଣ୍ଣା ଲଷଙ୍କଙ୍କଟ୍ଟରକ୍ଷନ୍ଦ
ୟେବେ ଯାଉଅଛୁଂ ଆମ୍ଭେ ଆସିବୁଂ ସମୟେ
ଆମ୍ଭର ଗୋଚରେ ଦେବୁଟି ତୋହୋର ତନୟେ ଗୋ ମାୟେ । ୬୮ ।
କୋଇନ୍ତାକୁ ବୋଇଲେ ମା ଗୋ ଆମ୍ଭର ବୁଦ୍ଧି କର
ଅବିଭାଇତ କାଳେ ତୁ ଇଛିଲୁ ଶୃଙ୍ଗାର କରତାର । ୬୯ ।

କର୍ଣ୍ଣ ଜନ୍ମ ହୋଇଲାଟି ଆଦିତ୍ୟଙ୍କର ବୀର୍ଯ୍ୟେ
ରାଧେବ ପାଳିଲାଟି ସେହୁ ତୋହୋର ଆତ୍ମଜେ । ୭୦ ।
କୋଇନ୍ତାୟେ ବୋଇଲେ ମୁନି ହେ ତୁମ୍ଭେ କାହିଁ ଥିଲ
ଯେ ମୋହୋର ମନ୍ତ୍ର ପରୀଖ ତୁମ୍ଭେ କେମନ୍ତେ ଜାଣିଲ । ୭୧ । ଆବବଙ୍କନ୍ଦଷ ହଚ୍ଚରଦ୍ଧ
ଚ୍ଛଳ ଐବତ୍ତଚ୍ଚବ'ଙ୍କ ଭଷତ୍ତନ୍ଦଗ
ଅଗସ୍ତି ପ୍ରତିବାଚ ଆମ୍ଭେ ଭୂତ ଭବିଷ୍ୟ ଗ୍ୟାଂତା
ପୁରାଣେ ସ୍ରିଜିଅଛୁଂ ଆଗତ ଭବିଷ କଥା । ୭୨

---

୬୧ ।୨ ତୁମ୍ଭର ଆଗ୍ୟାଂ କେ ଜନ୍ମେଣ ଆନ କରୁ ।
୬୨ ।୨ ତୁମ୍ଭେ କିଛି ଭ୍ରାନ୍ତି ନ କର ଗୋ ୟେବେ ।
୬୩ ।୨ ସ୍ତିରୀ ଅପର୍ଣ୍ଣାକୁ ସେ ଅଛଇ ଯୁଗତେ ।
ୟେବେ ତୋତେ ହୋ କହୁଅଛୁଂ ଆଗତକୁ
ଧର୍ମେଣ ପୁତ୍ର ଗୋ ପ୍ରାପତ ହେବ ତୁକୁ । ୭୩ ।
ପବନେଣ ପୁତ୍ର ହୋଇବ ସମ୍ଭୂତ
ଇନ୍ଦ୍ର ଦେବତା ତହୁଁ ଗୋ ପୁତ୍ରେକ ହେବ ଜାତ । ୭୪ ।
କର୍ଣ୍ଣକୁ ବୋଇଲେ ଗୋ ତୋର ହୋଇବ ପୁତ୍ର ଗ୍ରି
ପୁଣିହିଁ ଯୁଦ୍ଧେଷ୍ଠି ଭୀମ ଅର୍ଜୁନ ତିନି ନାମ ଧରି । ୭୫ ।
ଯୁଦ୍ଧେଷ୍ଠି ହାଦେ ଯେ ପ୍ରତକ୍ଷେ ହୋଇବାକ ବ୍ରହ୍ମା
ଭୀମସେନ ହୋଇବ ଯେ Cଶ୍ତ୍ରର ମହାତମା । ୭୬ ।
ଅର୍ଜୁନ ହୋଇବ ଯେ ପ୍ରତକ୍ଷେ ବିଷ୍ଣୁନାଥ
ୟେମନ୍ତେ ବ୍ରହ୍ମା ବିଷ୍ଣୁ ଶିବ ହୋଇବେ ତିନି ପୁତ୍ରେ ଜାତ । ୭୭ ।
ମାଦ୍ରୀଙ୍କି ଦୟା କରିବୁଟି କୋନ୍ତ ଭୋଜର ଦୁଲାଳୀ
ୟେହାକୁହିଁ ଦେବୁଟି ବେଳେ ଦୁର୍ଭାସାଙ୍କ ମନ୍ତ୍ର ଜପାମାଳି । ୭୮ ।
ୟେହାର ତହୁଁ ଜାତ ହୋଇବ ପୁତ୍ର ବେନି ଗୋଟି
ଭାରାଭର ନିବାରିଣ କରିବେ ୟେ ନବସୃଷ୍ଟି । ୭୯ ।
ମା ଗୋ ୟେ କଥା ଅନ୍ତର, ନୋହଇଟି ଆନ
ଆମ୍ଭର ଶପତ ଟି ନ ଧର ଆନ ମନ । ୮୦ ।
ସୁଲକ୍ଷଣୀ ଆଶିଷ ଦେଲେ ମହାତ୍ମା ଅଗସ୍ତି
କୁଶ ଶେଜୟା ଗୋଟିୟେ ଦେଲେ ଦେବୀଙ୍କି ମନ୍ତ୍ରି । ୮୧ ।
ୟେ ଶେଜୟାରେ ଶୋଇଣ ଦୁର୍ଭାସାଙ୍କର ମହାମନ୍ତ୍ରେ
ଯାହାକୁ ସଂକେତ କରିବୁ ସେ ଭେଟିବ ଯୁଗତେ । ୮୨ ।
ମୋହନ ଅଞ୍ଜନ ଦିଲେ ୟେ ମଦନାକୁ
ୟେହାନ୍ତ ଘେନି ମୋହ ତୁ ଅଶ୍ତ୍ରିନୀ କୁମାରଙ୍କୁ । ୮୩ ।
ସୁକୁମାର ସୁନ୍ଦର ସେ ସଗ୍ୟାଂର ଅଟଇ ଗ୍ରଟ
କୁମାର ସମ୍ମୁଖେ ଯାକୁ ଅଛି ଆକାଶେ ପାଟ । ୮୪ ।
ସେ ବେନି କୁମାର ଗୋ ତୋତେ ଅନଙ୍ଗ ଭୋଗ କରାଇବେ
ବେନି ପୁତ୍ରେ ଉପୁଜିବେ ନାମ ଦେବୁ ନକୁଳ ସହଦେବେ । ୮୫ ।
ସହଦେବ ବୋଲିଣ ତୋର ୟେବଣ ପୁତ୍ର ଗୋଟି
ଭୂତ ଭବିଷ୍ୟ ତାହାକୁ ଦିଶିବ ନବସୃଷ୍ଟି । ୮୬ ।

ଅନେକ ପୁଣ୍ୟ ଧର୍ମ ସେ କରିବେ ଦ୍ୱାପରେ
ଚିରାନ୍ତନ କୀର୍ତ୍ତି ରୁହାଇବେ ସେ ମଧ୍ୟ ଭୁବନରେ ।୮୭ ।
କୋଇନ୍ତାକୁ ଭଗତି ଗୋ ହୋଇ ଥାଅସି ମଦନା
ମାଗୋ କୋଇନ୍ତା ଯେହାକୁ ଦୟା କରିଥିବୁଟି ଯେ ତୋହୋର ଦାସୀ ସିନା ।୮୮ ।
ଅଗସ୍ତିଙ୍କ ବଚନେ ସେ ହୋଇଲେ ପରମ ଶାନ୍ତି
ଛାଡିଲେ ଦୋଷାଦୋଷମାନ ହୋଇଣ ନିଭ୍ରାନ୍ତି ।୮୯ ।
ପଣ୍ଡୁରାଜା କୋଇନ୍ତା ମାଦ୍ରୀ ଘେନି ହୋଇଲେ ପରିଣାମି
ସେଠାରୁ ଅନ୍ତର୍ଧାନ ହୋଇଲେ ଅଗସ୍ତି ମହାମୁନି ।୯୦-୨୦୦୧ ।

---

୮୦ ।୧ ମାଗୋ ଯେ କଥା କେବେ ନ କରିବୁଟି ଆନ ।
୮୧ ।୨ ଶେଜ୍ୟା-ଶଯ୍ୟା
୮୪ ।୧ ସଂଗ୍ୟା-ସୂର୍ଯ୍ୟଙ୍କ ପତ୍ନୀ
୮୫ ।୧ ସେ ବେନି କୁମାରେ ତୋତେ ଭୋଗ୍ୟ ଯେ କରିବେ ।
୮୮ ।୨ ମାଗୋ କୋଇନ୍ତା ଯେହାକୁ ଦୟା କରିଥିବୁଟି ଯେ ତୋହୋର ଭୃତ୍ୟର ଭୃତ୍ୟ ସିନା
୮୭ ।୨ ଚିରାନ୍ତନ-ଚିରନ୍ତନ
ଯୁଧିଷ୍ଠିରଙ୍କ ଜନ୍ମ
ପଣ୍ଡୁ ତିଆରିଲେ ଶୁଣିଲଟିକି ପୁରାଣେ
ଦୁତୀ ବ୍ରହ୍ମା କହିଲେ ଶାହାସ୍ର ପରମାଣେ ।୧ ।
କୋଇନ୍ତାଯେ ବୋଇଲେ ଦେବ କହିଲେ ଅଗସ୍ତି
ତାହାଙ୍କର ବଚନେ ଯେହ୍ନେ ହୋଇବ ଫଳଶ୍ରୁତି ।୨ ।
ପଣ୍ଡୁ ବୋଇଲେ ଆବର ବିଳମ୍ବ ନ କର
ଦେଖିବି ନନ୍ଦନ ଗୋ ସଂପ୍ରତେ ହୋଇବ ମନର ।୩ ।
କୋଇନ୍ତାଯେ ବୋଇଲେ ଆମ୍ଭେ ବୁଝିବାକ ଭଲ ତିଥି
ଇଚ୍ଛାଯେ ଯେବେ କରାଇବା ପୁତ୍ର ଉତପତ୍ତି ।୪ ।
ବିଚାର କରନ୍ତି ଯେ ଶତଶିଂଗ ପର୍ବତେ
ପଣ୍ଡୁ ଅନ୍ଧାରି ବିଜେ କରି ପଶିଲେ ବନସ୍ତେ ।୫ ।
ଯତନେଣ ଭାରିଯାନ୍ତ ଛାଡଇ ରାତ୍ରକାଳେ ରାଯେ
ଯେମନ୍ତେ ପାରନ୍ତୁ ସେ ଉପୁଜାନ୍ତୁ ତନଯେ ।୬ ।
ଯେମନ୍ତେଣ ମନେ ବିଚାରି ପଣ୍ଡୁ ବୁଲନ୍ତି ଘୋର ବନେ
କରନ୍ତି ବେଶ୍ଟ ମୃଗୟା ସେ ଗହନ ଅରଣ୍ୟେ ।୭ ।
ବଇଶାଖ ଶୁକଳପକ୍ଷ ପ୍ରତିପଦା ଚନ୍ଦ୍ରବାର
ଦ୍ୱିତ୍ରିଜା ମେଷ ରାଶିକି ଭୋଗ ସେ ଦିନର ।୮ ।
ତୈତିଲ୍ୟ ନାମେ କରଣ ପ୍ରୀତି ନାମେ ଯୋଗ
ମେଷ ସଂକ୍ରାନ୍ତିକି ଉଣାଇଶ ଦିନ ଭୋଗ ।୯ । ଶଚ୍ଛତ୍ତଚ୍ଛଙ୍ଗମଚ୍ଛଟ୍ଟର
ସଂପୂର୍ଣ୍ଣ ହୋଇ ଅଛଇ ସାତ ଘଡି ରାତି
ମଦନାକୁ ବସାଇ ଭାଳନ୍ତି ଦେବୀ କୋନ୍ତୀ ।୧୦ ।
ଅଗସ୍ତିଙ୍କ ବଚନେ କୁଶ ଶେଜ୍ୟା ଗୋଟିଏ କଲେ
ଝୀନ ବସ୍ତ୍ର ଗୋଟିଯେ ଉପରେ ଘୋଡାଇଲେ ।୧୧ ।
ଶଉଚ ଭାବ ହୋଇଣ ଦେବୀ ବେଶ ବେଶନ ହୋଇ

ପୁଷ୍ପ ପାଖୁଡା ଗୁଡା ଉପରେଣ କର୍ପୂର ଗୁଣ୍ଡିକି ଉଛାଇ । ୧୨ ।
ଦୁର୍ଭାସାଙ୍କ ଜପାମାଳୀ ଘେନିଲେ ଦେବୀ ହସ୍ତେ
ଭୋ ଧର୍ମ ଦେବତା ବୋଲି ସୁମରିଲେ ହୃଦଗତେ । ୧୩ ।
ନିଜ ପତିର ତୁଲେ ଗୋ ନୋହିଲାକ ରତି
ଯେହା ସେ ଅରଜିଲୁ ଆମ୍ଭେ ହୀନ ଯେ ଯୁବତୀ । ୧୪ ।
ଯେ କଷଣୁ ସ୍ୱାମୀ ଧର୍ମ ଦେବ କର ପାରି
ଧର୍ମ ଧର୍ମ ସୁମରଇ ଦେବୀ ଭୋଜର କୁମାରୀ । ୧୫ ।
ଆସନ କି-ଲା ସ୍ୱାମୀ ନିରଞ୍ଜନ ପୁରୁଷ
ଶୁକ୍ଲାମ୍ବ୍ରର ପୁରୁଷ ଆସି ହୋଇଲେ ବେଗେ ଦୃଶ୍ୟ । ୧୬ ।

---

୪ ।୧ ପଣ୍ଡୁରାଯେ ବୋଇଲେ ତୁମ୍ଭେ ଶୁଣିଲଟିକି ସତୀ ।
୧୨ ଅଶଉଚ ଭାବ ଛାଡି ବେଶ ବେଶନ ହୋଇ ।
ଶଉଚ ଭାବ ହୋଇଣ ସେ ବସନ ସାଗ୍ ହୋଇ ।
୧୨ ।୨ ପୁଷ୍ପ ପାଖୁଡା ଉପରେକ କର୍ପୂର ଗୁଣ୍ଡିକି ବିଛାଇ ।
୧୬ ।୧ ଆସନ କଂପିଲା ଦେବୀ ଶୂନ୍ୟ ପୁରୁଷ ।
କୁଶ ଶଯ୍ୟା ଯୁଗତେ ଆସି ବିଜୟେ ଧର୍ମ ନିରଞ୍ଜନ
ଦେଖିଣ କୋଇନ୍ତାୟେ ବିନୟ ଭଗତି ମାନ । ୧୭ ।
ବାବୁ ଦୁର୍ଭାସା ମହରଷିର ମନ୍ତ୍ର ପରସାଦେ
କୋଇନ୍ତାକୁ ଦୃଶ୍ୟ ହୋଇଲା ମନୁଷ୍ୟ ପ୍ରାୟେ ହାଦେ । ୧୮ ।
ଅନେକ ପୂଜା କରନ୍ତି ଦେବୀ ଯେ କୋଇନ୍ତା
ଦେଖିଣ ପରମ ସାନନ୍ଦ ସେ ଧର୍ମ ଦେବତା । ୧୯ ।
ଦେଖିଣ କୋଇନ୍ତାୟେ ହୋଇଲେ ଧୀରମତି
ଶୂନ୍ୟ ପୁରୁଷ ତୁଲେ ବଢାଇଲେ ଅନେକ ପୀରତି । ୨୦ ।
ଶୃଙ୍ଗାର ପରିତୋଷେ ଅକ୍ଷୟ ନିରଞ୍ଜନ
ତେଜିଲେ ବୀର୍ଯ୍ୟ ସେ ସମ୍ଭର୍ବେ ବିଦ୍ୟମାନ । ୨୧ ।
ଅମୃତ ଯୋଗେ ଅଢାଇ ପ୍ରହର ରାତି
ସଇନ୍ଦୁ ପୁତ୍ରେକ ଯେ ହୋଇଲା ଉତପତ୍ତି । ୨୨ ।
ଶୁକ୍ଲାମ୍ବ୍ରର ଶରୀର ଆଦିତ୍ୟ ତେଜ ଜାଣି
ନିକଳଙ୍କେ ଉତପତ୍ତି ସେ ଜାଣି ନିଶାମଣି । ୨୩ ।
ଆକାଶ ଭୁବନେ ବିକାଶିଲା ଯେ ଜ୍ୟୋତି
ପୁତ୍ରକଇ କୋଳେ ଧଇଲେ ଦେବୀ କୋନ୍ତୀ । ୨୪ ।
ସୁନ୍ଦର ନିର୍ମଳ ନିକଳଙ୍କ କାୟେ
ସୁକୁମାର ଶରୀର ଦିଶଇ ଶୁଦ୍ଧ ସଷ୍ଟିକର ପ୍ରାୟେ । ୨୫ । ସ୍ପଟିକ?
ଶ୍ରୀଖଣ୍ଡ କପାଳ ଯେ ଅମୂଲ୍ୟ ରେଖ ପାଟି
ତିଳ କୁସୁମ ନାସିକା ରକ୍ତ କୁମୁଦ ଦୃଷ୍ଟି । ୨୬ ।
ଲଳିତ ଶ୍ରବଣ ଯେ ପକୁଂ ବିମ୍ବ୍ର ଓଷ୍ଠ ପକୁଂଙ୍ଗପକ୍ୱ୍ର
ବଳିଣ ବେନି ବାହୁ ଗଣ୍ଡସ୍ଥଳ ମୋଟ । ୨୭ ।
କନକ ମୃଣାଳ ବେନି ଯେ ବାହୁଟି
ସଂପୂର୍ଣ୍ଣ ଚନ୍ଦ୍ର ବଦନ କମଳ ମୁଖ ଗୋଟି । ୨୮ ।

---

୨୧ ।୧ ଶୃଙ୍ଗାର ସାରି ତୋଷେ ଅକ୍ଷୟ ନିରଞ୍ଜନ ।
୨୩ ।୨ ଯେସନେକ ଉଦେ ହୁଅନ୍ତି ନିଶାମଣି ।
୨୬ ।୧ ଶ୍ରୀଖଣ୍ଡ କପାଳ, ଶ୍ରୀଖଣ୍ଡ-ଚନ୍ଦନ, ତତ୍ସଦୃଶ ଶୁକ୍ଲବର୍ଣ୍ଣ କପାଳ ।
ଅଭୟେ ଆକର୍ଷଣ ବିକ୍ଷସ୍ଥଳ ଯେ ବିରାଜି
କନକ କଲ୍ପ ବୃକ୍ଷ ଗଜରିପୁ ମଝା ବୁଝି । ୨୯ ।
ପ୍ରଲମ୍ବ୍ର ବାହୁ ଜାନୁ କମଳ ସୁସଞ୍ଚ
ନୋହଇ ସଂକୀର୍ଣ୍ଣ ସେ ନୋହଇ ପ୍ରଲମ୍ବ୍ର ଉଞ୍ଚ । ୩୦ ।
ଆରକ୍ତ କୁସୁମ ଜାଣି ବେନି କରସ୍ଥଳୀ
ନିକଣ୍ଟେକ ଫୁଟେକ ଚେ-କ ଜାଣି ଶୋଭିତ ଅଙ୍ଗୁଳୀ । ୩୧ ।
ବିଘଂସିତ ଦଶନହ କୁନ୍ଦ ପାଖୁଡା ପ୍ରାୟେ ଜାଣି
ପୃଥୀକି ଅଳଙ୍କାର ପ୍ରାୟେ ଦିଶଇ ଆଜାନୁ ବେନି ପାଣି । ୩୨ ।
ବିକ୍ରମ ସିଂହ ଶୋଭା ଦିଶଇ ବେନି ଜାନୁ ଠାଣି
ବେନି ପାଦ କାନ୍ତି ରକତ କୁମୁଦ ଜାଣି । ୩୩ ।
ପୋୟେଲା ରେଖ ଯେହ୍ନେ ପାଦ ଦଶ ଅଙ୍ଗୁଷ୍ଠି
ସେବତୀ ପାଖୁଡା ଜାଣି ଦଶନହ ଫୁଟି । ୩୪ ।
ବେନି ପାଦ ସ୍ଥଳୀ ବିରାଜିତ ପଦ୍ମ ଚିହ୍ନ
ଶଙ୍ଖ ମଷ ଚିହ୍ନ ବେନି କରସ୍ଥଳେ ଗୋପ୍ୟାନ । ୩୫ ।
ଶରଦ ଆଦିତ୍ୟ ପ୍ରାୟେ ଘଟଣ ଯାହାର ତନୁ
ଯେ ସେ ମହାତ୍ମା ଭେଦିଲା ଶୂନ୍ୟ ଆସନୁଂ । ୩୬ ।
ମୁକତି ଗତି ପୁରୁଷ ସେ ଦ୍ୱାପର ଯୁଗକୁ
ପ୍ରତକ୍ଷେ ନିରଞ୍ଜନ ଜାତ କଲେ କାଳଦର୍ପ ଧଂସିବାକୁ । ୩୭ ।
ଉଦୟେ ଚନ୍ଦ୍ରର ଯେହ୍ନେ ନିକଳଙ୍କ ସୂର୍ଯ୍ୟମଣି
ଲଲାଟେ ଶୂନ୍ୟ ପୁରୁଷ ଖଞ୍ଜିଲେ ତାହା ଆଣି । ୩୮ ।

---

୩୧ ।୧ ଅଫୁଟିତ ଚ-ା ଜାଣି ଦିଶଇ ଅଙ୍ଗୁଳି ।
୩୫ ।୨ ଶଙ୍ଖ ଚକ୍ରର ଚିହ୍ନ, ଶଙ୍ଖ ପଦ୍ମ ଚିହ୍ନ ।
୩୮ ।୧ ଉଦୟ ପ୍ରାୟେ ଶୋଭା ନିଷ୍କଳଙ୍କ ସୂର୍ଯ୍ୟ ଜାଣି
ଉଦୟେ ପାକ ସ୍ୱଭାବ ନିଷ୍କଳଙ୍କ ସୂର୍ଯ୍ୟ ଜାଣି ।
ଉଦୟେ ପ୍ରାୟେ ପାବକ ସୁଦ୍ଧ ଯେ ସୂର୍ଯ୍ୟମଣି
ଅମୃତାକ୍ଷ ରତ୍ନ ଯେ ଅଟଇ ସୂର୍ଯ୍ୟମଣି ।
୨୯ ।୧ ଆକର୍ଷଣ-ବଳପ୍ରକାଶକ
୨୯ ।୨ କନକ କଲ୍ପବୃକ୍ଷ-ସୁବର୍ଣ୍ଣ କଲ୍ପଲତା-ଇଚ୍ଛାପ୍ରଦ ବୃକ୍ଷ, ସୁବର୍ଣ୍ଣ ବାଞ୍ଛାତରୁ
୩୨ ।୧ ବିଘଂସିତ-ବିକସିତ
୩୪ ।୧ ପୋୟେଲା-ପ୍ରବାଳ ୩୪ ।୨ ନହ-ନଖ
ହୃଦୟେ ଭୂଷଣ ତାର କଣୟ ପୁଷ୍ପମାଳ
ଶଉଚବନ୍ତ ପୁଷ୍ପ ସ୍ଥାପିଲେ ଗଣ୍ଡସ୍ଥଳ । ୩୯ ।
ସଦୟେ ଶୋଭାବନ ସତ୍ୟ ପଞ୍ଚମୁଦ୍ରା
ପାପ ଆତ୍ମା ଛଡାଇଲେ ସେ ଅନାଦି ବ୍ରହ୍ମସିଦ୍ଧା । ୪୦ ।
ଭୂତ ଭବିଷ୍ୟ ଜାଣିମା ହୃଦଗତେ

ଦିବ୍ୟଚକ୍ଷୁ ପରାପତ କରାଇଲେ ସେ ନିରଞ୍ଜନ ଦଇବତେ । ୪୧ ।
ପୁତ୍ର କୋଳେ ଧରି ବଦୟନ୍ତି କରତା
ଯେ ମଧ୍ୟ ଭୁବନେ ହେବୁ ତୁହି ସେ ଧର୍ମ ଦେବତା । ୪୨ ।
ଯେ ମଞ୍ଚ ସ୍ୱର୍ଗେଣ ଦେବତାୟେ ହୋଉ ଯଦ୍ୟପି ଉତପତ୍ତି
ସମସ୍ତେ ହେଁ ତୋହୋର ଦାସ ତୁ ସବୁଙ୍କରି ଆଧିପତି । ୪୩ ।
ନାରାୟଣ ଉତପତ୍ତି ହୋଇବେ ମଞ୍ଚପୁରେ
ସେ ହରି ଆରାଧନା କରିବେ ତୋହୋର ପୟରେ । ୪୪ ।
କୋଟି ତାର୍ଥ ସ୍ନାନେଣ ବାବୁ ଯେତେ ଫଳ ଶ୍ରୁତି
ତବ ନାମ ସୁମରନ୍ତେ ସଂସାର ଜନେ ପାବନ୍ତୁ ସଦଗତି । ୪୫ ।
ଦ୍ରଶନେ ଲଭନ୍ତୁ କୋଟିୟେ ଅଶ୍ୱମେଧ ଯଗ୍ୟ ଫଳ
ଯେ ମଧ୍ୟ ଭୁବନକୁ ବାବୁ ତୁହି ସେ ଧର୍ମ ଦିଗପାଳ । ୪୬ । ସଂଖ୍ୟା
ଅନୁବ୍ରତେ ଧର୍ମବ୍ରତ ଯେ ତୋହୋର ଇଚ୍ଛା
ଯେବେ ଯେ ସୃଷ୍ଟି ବାବୁ ଧର୍ମେ କର ରକ୍ଷା । ୪୭ ।
ଯେସନେକ ବର ଦେଇ ସ୍ୱାମୀ ନିରଜଂନ
ଶୂନ୍ୟେଣ ମହାତମା ଯେ ହୋଇଲେ ଅନ୍ତର୍ଧାନ । ୪୮ ।
ପୁତ୍ରକୁ କୋଳେ ଧରି ବସିଛନ୍ତି ଦେବୀ କୋନ୍ତା
ମାଦ୍ରୀ ଆରୋପଣ କଲେ ଅଗ୍ନି ଯେ ଦେବତା । ୪୯ ।
ଧର୍ମ ସୁମରି କରି ପୁତ୍ର ଦିଲା ରାବ
ବିଜୟକେତନ ପର୍ବତେ ଥାଇ ଶୁଣିଲେ ପଣ୍ଡୁ ରାଜଦେବ । ୫୦ ।

---

୩୯ ହୃଦରେ ଭୂଷଣ ତାରକ ବ୍ରହ୍ମଗ୍ୟାଂନ
ଶୌଚ ଧର୍ମ ସ୍ଥାପିଲା ପ୍ରହ୍ମ ନିରଜଂନ ।
୪୮ ।୨ ଅନ୍ତର୍ଧାନ-ଅନ୍ତର୍ଦ୍ଧାନ
ଚତୁର୍ଦଶ ଘଡି ଆସି ହୋଇଅଛି ରାତି
ଶ୍ରୀହସ୍ତେ ଧନୁ ଧରି ଆସି ମିଳିଲେ ପଣ୍ଡୁ ଯେ ନୃପତି । ୫୧ ।
ପର୍ବତ ତଳେ ବିଜୟେ ଅମ୍ବ୍ରାଳିକା ତନୟେ
ଅନ୍ଧାର ଭେଦି ପର୍ବତ ଦିଶୁଅଛି ଦିବସର ପ୍ରାୟେ । ୫୨ ।
ଗିରିବର ଶିଖରେ ଯାଇ ଉଠିଲେ ନୃପମଣି
ପାଷାଣ ଝଡୁ ଅଛି ପୁତ୍ରର ରାବ ଶୁଣି । ୫୩ ।
ସ୍ୱର୍ଗ ତେଜି ଚନ୍ଦ୍ର ଦେବତା କି ପର୍ବତେ ଉଦୟେ
ରାତ୍ରକାଳେ ପର୍ବତ ଦିଶଇ ଶୁକ୍ଲାମ୍ବ୍ରର ପ୍ରାୟେ । ୫୪ ।
ହରଷେ ପଣ୍ଡୁରାଜା ବିଜେ କଲେ ସନ୍ନିଧାନେ
ସାନନ୍ଦେ ଅଶ୍ରୁଜଳ ବହଇ ବେନି ଯେ ନୟନେ । ୫୫ ।
ପୁତ୍ରକଇ ଦେଖଇ ରାଜା ଅନେକ ହରଷେ
ମାଦ୍ରୀ ବୋଇଲେ ଦେବ ନୁ ଆସ ପୁତ୍ରପାଶେ । ୫୬ ।
ଗଣ୍ଡମୂଳ ଦୋଷ ଜାଣିମା ତଥ୍ୟ କରି ଢନ୍ଧଯଶଷଙ୍କନ୍ଦଶଷତ୍ତବ'ଙ୍କ ବବଚ୍ଚଯବ ଯଚ୍ଛଙ୍କଶ
ଶୁଣିଣ ହସିଲେ ସେ ପଣ୍ଡୁ ଦଣ୍ଡଧାରୀ । ୫୭ ।
କୁନ୍ତଭୋଜର ନନ୍ଦନୀ ଆଦି ଯେ ଅପର୍ଣ୍ଣା
ଯେ ଦୋଷରୁ ଉତ୍ତରିବାକୁ ସେ ପରମ ପଣ୍ଡିତ ସିନା । ୫୮ ।

ବ୍ରାହ୍ମଣ ରୂପ ଧରି ଦେବଗୁରୁ ବୃହସ୍ପତି
ଶ୍ରୀହସ୍ତେ ଧରିଛନ୍ତି ସେ ସପତଙ୍ଗ ପୋଥି । ୫୯ ।
ବଦୟନ୍ତି ଅଗସ୍ତି ଶୁଣ ବଇବସ୍ୱତ ମନୁ
ସୋମ ବଂଶେଣ ପଣ୍ଡୁରାଜା ଧର୍ମେ ଜାତ ତନୁ । ୬୦ ।
ମେଷମାସ ଶୁକଳ ପକ୍ଷ ପ୍ରତିପଦାର ତିଥି
ଚନ୍ଦ୍ରବାର ଭୋଗ ଅଢାଇ ପ୍ରହର ରାତି । ୬୧ ।
ତୈତିଳ ନାମେ କରଣ ପ୍ରୀତି ନାମ ଯୋଗ
ଦ୍ୱିଜା ନକ୍ଷତ୍ରର ସତାଇଶ ଦଣ୍ଡ ଭୋଗ । ୬୨ ।
ମେଷ ରାଶିକୁ ଯେ ନାହିଁ ପାପ ଗ୍ରହଦୋଷ
ମେଷ ରାଶିରେ ଯେ ସୂର୍ଯ୍ୟ କରିଛନ୍ତି ବାସ । ୬୩ ।
ମଙ୍ଗଳ କ୍ଷେତ୍ରୀ ହୋଇଣ ଉପୁଜିଲା ବଳା
ମିତ୍ର ଘରେ ରହି ଚନ୍ଦ୍ର ହୋଇଅଛି ମେଳା । ୬୪ ।

---

୫୪ ।୧ ସ୍ୱର୍ଗେ ତେଜି ଇନ୍ଦ୍ର ଦେବତା କି ପର୍ବତେ ଉଦୟେ ।
ଚଉଧର୍ମ ନାମ କାଳ ଅମୃତ ଘରେଣ ସ୍ଥିତି
Cଶାନ୍ୟେଣ ଯୋଗିନୀ ଯେ ମହାଲକ୍ଷ୍ମୀ ମୂର୍ତ୍ତି । ୬୫ ।
ମାହେନ୍ଦ୍ର ଯୋଗ ଘେନିଣ ସେ ଉତପତ୍ତି ନନ୍ଦନ
ବୃହସ୍ପତିଙ୍କର ବଚନେ ସେ ସାନନ୍ଦ ପଣ୍ଡୁରାଜନ । ୬୬ ।ଶଚ୍ଛତ୍ତଚ୍ଛଙ୍ଗମଚ୍ଛଟ୍ଟର
ସୁବର୍ଣ୍ଣସ୍ଥାଳୀରେ ପଞ୍ଚରତ୍ନ ଘେନି ରାୟେ
ଗୁଆ ଘୃତ ପୂରୋଇ ଅଷ୍ଟ ରତ୍ନେ ଦୀପ ଯେ ଗୋଟିଏ । ୬୭ ।
ପଞ୍ଚ ମାଣିକ୍ୟ ଘେନି ଅର୍ଘ୍ୟ ସେ ଯୋଗାଡି
ଥିର ଲଗ୍ନେ ପୁତ୍ର ଦେଖିତେ ବିଜୟେ ଦଣ୍ଡଧାରୀ । ୬୮ ।
ବୃହସ୍ପତି ବୋଇଲେ ଯେଥି ପାପଦୋଷ ଗଣ୍ଡଯୋଗ ନାହିଁ
ଲଭସି କୋଟିୟେ ପୁଣ୍ୟ ଯେ ପୁତ୍ର ମୁଖ ଚାହିଁ । ୬୯ ।
ପଣ୍ଡିତଙ୍କର ବଚନେ ସାନନ୍ଦ ମହାରାଜା
ଜନ୍ମର ମନ୍ଦିରେ ପଶି ଦେଖଇ ଆତ୍ମଜା । ୭୦ ।
ଅର୍ଘ୍ୟ ନେଇଣ ରାଜନ ଜୟେ ଧୁନି ତୋଳି
ଶୂନ୍ୟେ ଦେବସ୍ତିରୀ ମାନେ ଦିଅନ୍ତି ହୁଳହୁଳି । ୭୧ ।
ଦେଖିଲେକ ପଣ୍ଡୁରାଜା ପୁତ୍ରର ବଦନ
ଆକାଶରୁ ଅଦଭୁତେ ପୁଷ୍ପ ବୃଷ୍ଟିକଲା ମଘବାନ । ୭୨ ।
ସାଧୁ ସାଧୁ ବୋଲି ଧୁନି ଶୁଭିଲା ଗୋଟିୟେ
ଗଗନୁଂ ପୁଷ୍ପ ବୃଷ୍ଟି କଲେକ ଦେବତାୟେ । ୭୩ ।
ପୁତ୍ରକଇ ଦେଖି ରାୟେ ଅନେକ ଉଷତ
ବୁଡିଲାର ବଂଶ ମୋର ଧର୍ମେଣ ଉଦିତ । ୭୪ ।
ସାଧୁ ସାଧୁ କୋଇନ୍ତାୟେ ଗୋ ଜୀବନ ତୋହୋର
ଦୁର୍ଭାସାଙ୍କର ମନ୍ତ୍ର ସେ ମୋତେ ହୋଇଲା ଉପଗାର । ୭୫ ।
କେବଣ କ୍ଷଣକେ ଭଗତି ହୋଇ ତୋଷିଲୁ ମହରଷି
ତୋହୋର ପ୍ରସନ୍ନେ ଗୋ ମୁଂ ହୋଇଲି ସ୍ୱର୍ଗବାସୀ । ୭୬ ।

ଅନେକ ପୁରସରି ବୋଲନ୍ତି ପଣ୍ଡୁରାଯେ
ତୋହୋର ସେ ପୁଣ୍ୟ ନା ବୋଲନ୍ତି କୋଇନ୍ତାଯେ । ୭୭ ।

---

୬୫ ।୧ ଚଉଧର୍ମ ବେଳକାଳ ଅମୃତାକ୍ଷେଣ ସ୍ଥିତି ।
୬୬ ।୧ ସୁବର୍ଣ୍ଣ ସ୍ଥାଳୀରେ ପଞ୍ଚୁ ମାଣିକ୍ୟ ପୂରାଇ ରାଯେ ।
୭୦ ।୧ ଦେବଗୁରୁ ବଚନେ ସାନନ୍ଦ ପଣ୍ଡୁରାଜା ।
ପଣ୍ଡୁ ପ୍ରତିବାଚ ଶୁଣ କୁନ୍ତ ଭୋଜର ଦୋହିତା
ପୁତ୍ର ଗୋଟିକର ନାମ ଦେସି ସଂସାର ଜନହିତା । ୭୮ ।
କୋଇନ୍ତାଯେ ନାମ ତୋଳନ୍ତି କରେ ଘେନିଣ ଅର୍ଘ୍ୟଗୋଟି
ଯେ ପୁତ୍ର ନାମ ମୋର ହୋଇବ ଯୁଦ୍ଧେଷ୍ଠି । ୭୯ ।
ଅନେକ ସାନନ୍ଦ ଯେ ମଙ୍ଗଳ ଧୁନି ତୋଳି
ଯୁଦ୍ଧେଷ୍ଠି ନାମ ଗୋଟି ସଂସାର ହିତକାରୀ । ୮୦ ।
ପୁତ୍ର ଉଦିତ ଉଷବ କରାଇଲେ ନୃପମଣି
ପୂଜନ୍ତି ମଙ୍ଗଳା ଦିଉଛି ଗୋସାମଣୀ । ୮୧ ।
ପୁତ୍ର ପ୍ରତିପାଳିଲେ ପଣ୍ଡୁ ଯେ ନୃପତି
ଶତଶିଂଗ ପର୍ବତେ ରାଜା ଅନୁବ୍ରତେ ଥାନ୍ତି । ୮୨ ।
ରାତ୍ରେଣ ଭ୍ରମଇ ସେ ପଞ୍ଚୁ କଟକ ପୁରୀ
ଦେଖିଲେ ନାଶ କରଇ ଦୁର୍ଭାର ଦୁଷ୍ଟ ଅଇରି । ୮୩ ।
ଦେଶାଉର ବାରତା କହିଲେ ହସ୍ତିନା ଭୁବନେ
ପଣ୍ଡୁରାଜାର ପୁତ୍ର ଉତପତ୍ତି ଦେବ ହୋଇଲା ବିଦ୍ୟମାନେ । ୮୪ ।
ଶୁଣିଣ ସାନନ୍ଦ ସେ ଅମ୍ବ୍ରିକାର ସୁତ
ଉଛବ କରାଇଲା ରାଜା ପଞ୍ଚୁ ଯେ ପ୍ରଶସ୍ତ । ୮୫ ।
ସନ୍ତତି ଉଛବ ବୋଲିଣ ରାଜା ନଗ୍ରେଣ ଘୋଷଣ
ଅନେକ ଦାନ ଦିଅଇ ନୃପତି କୁରୁରାଣ । ୮୬ ।

---

୭୯ କୋଇନ୍ତାଯେ ନାମ ତୋଳନ୍ତି କରେ ଅର୍ଘ୍ୟ ଘେନି
ଯୁଦ୍ଧେଷ୍ଠି ନାମ ଦିଲେ କୋନ୍ତଭୋଜର ନନ୍ଦିନୀ ।
୮୧ ।୧ ପୂଜନ୍ତି ସର୍ବମଙ୍ଗଳା ଦୁର୍ଗା ମହାମାରି ।
୮୩ ।୨ ନାଶ କରଇ ଦୁଷ୍ଟ ଦାନବ ଅଇରୀ ।
୮୪ ଦେଶାଉର ବାରତା କଲା ସେ ହସ୍ତିନା ନବରେ ।
ପଣ୍ଡୁର ପୁତ୍ର ଉପୁଜିଲା ଶତଶିଂଗ ପର୍ବତରେ ।
୮୧ ।୨ ମଙ୍ଗଳା ଦିଉଛି-ଷଠିଦିଉଛି-ଦୁର୍ଗାଙ୍କ ଷଷ୍ଠୀକଲା ଓ ସ୍କନ୍ଦଭାର୍ଯ୍ୟା-ଶିଶୁଙ୍କର
ରକ୍ଷାକାରିଣୀ ।
୮୪ ।୧ ଦେଶାଉର-ଡଗର
ସୁବର୍ଣ୍ଣ ରଥେକ ସାଜିଣ ଧୃତରାଷ୍ଟ
ଗାନ୍ଧାରୀର ସହିତେ ବିଜେ କଲେ କୁରୁରାଜ ଶ୍ରେଷ୍ଠ । ୮୭ ।
ଶାୟେଂତନୁ ପାରେଶ୍ରର ଭୀଷ୍ମ ଭୁରିସର୍ବା
ବିଦୁର ସମେତେ ଘେନି କୁରୁରାଜ ଦେବା । ୮୮ ।
ପଣ୍ଡୁର ପୁତ୍ର ଜନ୍ମ ଶୁଣି ବ୍ୟାସ ମହଋଷି

ତୁଲେଣ ଅଛନ୍ତି ତାଙ୍କର ଷାଠିଏ ସହସ୍ର ଶିଷି । ୮୯ । ସଂ
ପ୍ରବେଶ ହେଲେ ମହାତମା ଶତଶିଂଗ ପରବତେ
ବଶିଷ୍ଠ ମାରକଣ୍ଡ ଦୁର୍ଭାସା ସମେତେ । ୯୦ ।
ପୌଲସ୍ତି ବିଶର୍ବା ଋଷି ସୁଦେବ ଅଗସ୍ତି
ଶତଶିଂଗ ପର୍ବତରେ ବିଜୟେ ତତକ୍ଷଣାନ୍ତି । ୯୧ ।
ବିଶ୍ୱାମିତ୍ର ଜନକ ଆବର ସୁମନ୍ତକ
ଦେବଋଷି ବ୍ରହ୍ମଋଷି ରାଜଋଷି ବାଳଖିଲ୍ୟା ଯେ ଶୌନକ । ୯୨ ।
କୁନ୍ତଭୋଜ ରାଜା ସହିତେ ସାଜିଣ ସମଦଣ୍ଡ
ଅନେକ ସମ୍ଭର୍ବେ ବିଜୟେ ଶତଶିଂଗ ମଧ୍ୟଖଣ୍ଡ । ୯୩ ।
ଦେଖି ଋଷିଗଣମାନଙ୍କୁ ପଣ୍ଡୁ କଲେ ପାଦପୂଜା
ସମସ୍ତକଇଂ କୃଷ୍ଣାଜ୍ଜନ ଛାଲ ଦିଲେ ମହାରାଜା । ୯୪ ।
ଗଣ୍ଡାଜୀବ ମାରିଣ କରନ୍ତି ପିତୃ କାମ୍ୟଶ୍ରାଦ୍ଧ
ପୁତ୍ରକୁ ଆଶିଷ କରାଇ ରାଜାର ବହୁତ ସଧ । ୯୫ ।
ବନଫଳ କନ୍ଦମୂଳ ଋଷିଙ୍କି ଭୋଜନ
ଯେସନେକ ସମ୍ଭର୍ବ କରାଇ ରାଜନ । ୯୬ ।
ସମାର୍ଜନା କଲା ରାଜା ସମସ୍ତ ତପନିଷ୍ଠି
ଧୃତରାଷ୍ଟଙ୍କୁ ପଣ୍ଡୁରାଯେ ଆସଇ ପାଛୋଟି । ୯୭ ।
ଅନୁମାନ ପର୍ବତେ ଭେଟିଲେ ଧୃତରାଷ୍ଟେ
ପଣ୍ଡୁ ପ୍ରଣପତ୍ୟ ଯାଇଂ କୁରୁସାଇଂ ନିକଟେ । ୯୮ ।

---

୮୮ ।୨ ସତ୍ୟବତୀ ସହିତେ କୁରୁରାଜ ଠାବ ।
୯୫ ।୨ ପୁତ୍ରକୁ ଆଣି ରାଜା ବିଜେ ସଭାମଧ୍ୟ ।
୯୮ ।୨ ପଣ୍ଡୁ ପ୍ରଣପତ୍ୟ ହୋଇଲାକ ପଦପୃଷ୍ଠେ ।
୯୪ ।୨ କୃଷ୍ଣାଜ୍ଜନ-କୃଷ୍ଣାଜିନ, କୃଷ୍ଣସାର ମୃଗଚର୍ମ ।
ବିଦୁର କହିଲେ ଯେ ଧୃତରାଷ୍ଟ ରାଜାକୁ
ପଣ୍ଡୁରାଯେ ଦ୍ରଶନ ହାଦେ ଆସି କଲେକ ତୁମ୍ଭଙ୍କୁ । ୯୯ ।
ଶୁଣିଣ କଲ୍ୟାଣ ବାଞ୍ଛା କଲେ ମହାରାଯେ
ଯାହା ବାଞ୍ଛା କଲୁ ପ୍ରାପତ ହୋଉ ତୋଯେ । ୧୦୦ ।
ସମଦଣ୍ଡ ଘେନିଣ ସେ ବିଜୟେ କୁରୁପତି
ପୁତ୍ର ଉଚ୍ଛବ କରାନ୍ତି ମହାତୋଷ ମତି । ୧୦୧ ।
ପୁତ୍ରକୁ କୋଳେ ଧରିଣ ସେ ଦେଖନ୍ତି ଗାନ୍ଧାରୀ
ଧୃତରାଷ୍ଟ କୋଳେ ପୁତ୍ର ଦିଲେ ତୋଳି କରି । ୧୦୨ ।
ପୁତ୍ରକୁ କୋଳେ ଧରି ସାନନ୍ଦ କୁରୁବଇଂ
ଶରୀର ଶୀତଳ ହୋଇଲା ହୃଦରେ ଲଗାଇ । ୧୦୩ ।
ଧନ୍ୟ ଧନ୍ୟ ସାଧବୀ ସେ ଭୋଜର କୁମାରୀ
ବଂଶ ଉଦ୍ଧାରିଲା ଯେ ବୁଦ୍ଧି ଉପାଯେ କରି । ୧୦୪ । ମକ୍ଷରବ୍ଦରତ୍ତ ନ୍ଦଚ୍ଛ
ମଚ୍ଛଚ୍ଚନ୍ଦଷଚ୍ଚନ୍ଦର ନ୍ଦଶର ଯସ୍ଥଚ୍ଚବଙ୍କନ୍ଦସ୍ଥ
ସେ କୋନ୍ତ ଭୋଜ ନୃପତି ଯେ ଘେନିଣ ସଇନି
ଶତଶିଂଗ ପର୍ବତେ ପ୍ରବେଶ ସମଦଣ୍ଡ ଘେନି । ୧୦୫ ।

ଦୋହିତା ଜାମାତା ନାତି ଦେଖିଣ ସେ ରାଜା
ଅନେକ ଧନରତ୍ନ ଦେଇ ବହୁତ କଲା ପୂଜା । ୧୦୬ ।
କୋଇନ୍ତାଙ୍କ କୋଳେ ଯେ ପୁତ୍ରକୁ ବସାଇ
ସର୍ବ ଅଳଙ୍କାର ବେଶ ବେଶନ କରାଇ । ୧୦୭ ।
ଖିରି ଉଚ୍ଛବ ବନ୍ଦାପନା କରନ୍ତି ଶୁଭଯୋଗେ
ଜଗତ ଉଷତ ଉଲ୍ଲାସ ମଞ୍ଚପୁର ସ୍ୱର୍ଗେ । ୧୦୮ ।
ପାଞ୍ଚଦିନ ରହିଲେ ସେ ଶତଶିଂଗ ପର୍ବତେ
ଋଷିମାନେ କଲ୍ୟାଣ କରନ୍ତି ମହାମନ୍ତ୍ରେ । ୧୦୯ । ସଂଖ୍ୟା
ଧର୍ମ ବର୍ଦ୍ଧୁତ ହୋଉରେ ତୋହୋର ଯୁଦ୍ଧେଷ୍ଠି
ସ୍ୱର୍ଗରେ ବସୁ ଦିଗପାଳ ମେଳେ ଯେହି ଦେହଗୋଟି । ୧୧୦ ।
ଯେସନେକ ବାଞ୍ଛା କଲେକ ସକଳ ମହାଋଷି
ଶୁଣିଣ ପଣ୍ଡୁ ମହାରାଜା ମନେଣ ମହାତୋଷୀ । ୧୧୧ ।

---

୧୦୪ ।୨ ବଂଶ ଉଦିତ କଲା ପୁତ୍ର ଜାତ କରି ।
୧୦୦ ।୨ ତୋୟେ-ତୁମ୍ଭଙ୍କୁ
୧୦୩ ।୧ କୁରୁବଇଂ-କୁରୁପତି
ପଣ୍ଡୁକୁ କୋଳେ ଧରି ବଦୟନ୍ତି ଧୃତରାଷ୍ଟେ
ରାଜ୍ୟକୁ ଗଲ ବାବୁ ବନସ୍ତେ ପଡଇ ନିକି କଷ୍ଟେ । ୧୧୨ ।
ପଣ୍ଡୁ ବୋଲନ୍ତି ଭ୍ରାଥ ଶୁଣିମା ମୋହୋର ବାଣୀ
ଯେ ଶତଶିଂଗ ପର୍ବତ ଅଟଇ ଅମର ଭୁବନ ଜାଣି । ୧୧୩ ।
ଯେହାଉଁ ରାଜ୍ୟ ତୋର ନହୋଇ ବତ ସୁସ୍ଥ
ଯେଥକୁ ନିକଟ ହାଦେ ଅଟଇ ସକଳ ତୀର୍ଥ । ୧୧୪ ।
ରାଜ୍ୟହିଁ ରଖିବି ତପୋବନ ହିଁ ରଖିବି
ତୁମ୍ଭ ଆଗ୍ୟାଂ ଘେନି ଯେହି ପର୍ବତରେ ଥିବି । ୧୧୫ ।
ତୁ କ୍ଷେମ ହୋଇ ସ୍ତ୍ରୀମୀ ଥାଅସି କୁଶଳେ
ମୁହିଁ ରିପୁ ଧଂସଇ ତୋହୋର ବାହୁବଳେ । ୧୧୬ ।
ସନ୍ତାନକୁ ଇଛା ତୁ କର ନୃପମଣି
ଗାନ୍ଧାରୀକି ପୁତ୍ର ନାହିଁ ମୁଁ ବଶିଷ୍ଠଙ୍କ ତହୁଁ ଅଛି ଶୁଣି । ୧୧୭ ।
ଯେସନେକ ପ୍ରବୋଧି ସେ ପଣ୍ଡୁ ମହାରାଜା
ଧୃତରାଷ୍ଟ ନୃପତିକି ସେ କଲେ ପାଦ ପୂଜା । ୧୧୮ ।
ଅନେକ ସମ୍ଭର୍ବେଣ ଚଳଇ କୁରୁପତି
ବିଜୟେ ମହାରାଜା କୁଞ୍ଜଗଳ ଦେଶ ଚକ୍ରବର୍ତ୍ତୀ । ୧୧୯ ।
ଥୋକାୟେ ଦୂର ପଣ୍ଡୁ ଅଇଲେ ପାଛୋଟି
ବ୍ୟାସଙ୍କ ଚରଣେ କରଇ ପ୍ରଣପତ୍ୟ ଶିରଲୋଟି । ୧୨୦ ।
ବୁଡନ୍ତେଣ ବଂଶ ସ୍ତ୍ରୀମୀ ତୁହି ସେ କଲୁ ରକ୍ଷା
ଯେବେ ଯେମନ୍ତେ ଧୃତରାଷ୍ଟଙ୍କର ସନ୍ତାନ ହୋଅଇ ସେ କଥା କର ବାଞ୍ଛା । ୧୨୧ ।
ତହୁଁ ଅନ୍ତର୍ଧାନେ ଗଲେ ସମସ୍ତ ମହାଋଷି
ବାହୁଡଇ ପଣ୍ଡୁ ରାଜା ଧୃତରାଷ୍ଟଙ୍କୁ ନିବେଶି । ୧୨୨ ।
ଶତଶିଂଗ ପର୍ବତେ ରାଜା ହୋଇଲେ ପ୍ରବେଶ

କୁନ୍ତଭୋଜ ନୃପତି ଗଲେ ନିଜ ଦେଶ । ୧୨୩ ।
ରହିଲେ ପଣ୍ଡୁ ଯେ ଭାରିଯାନ୍ତ ଘେନି
ଧୃତରାଷ୍ଟ ତୁଲେ ହସ୍ତିନାକୁ ଗଲେ ବ୍ୟାସ ମହାମୁନି । ୧୨୪-୨୧୨୫ ।

---

୧୧୬ ।୨ ମୁଁ ରିପୁ ଧଂସଇ ତୋହୋର ପୁଣ୍ୟବଳେ ।
୧୧୮ ଯେସନେକ କହି ଯେ ପଣ୍ଡୁ ମହାରାଜା
ଧୃତରାଷ୍ଟଙ୍କ ଚରଣେ କଲେ ଦିବ୍ୟ ପୂଜା ।
୧୧୪ ।୧ ଯେହାଉଂ-ଏହାଠାରୁ
୧୧୯ ।୧ ସମ୍ଭର୍ବେଣ-ଆତମ୍ଭ୍ରରେ

ଦୁର୍ଯ୍ୟୋଧନ ପ୍ରଭୃତିଙ୍କ ଜନ୍ମ
ଅନେକ ବିନୟ ଭାବ ଅମ୍ବ୍ରିକାର ସୁତ
ଗାନ୍ଧାରୀ ଧୃତରାଷ୍ଟ ବ୍ୟାସଙ୍କୁ ଅନେକ ଭଗତ । ୧ ।
ପୁତ୍ରଦାନ ଅର୍ଥେ ପ୍ରାର୍ଥନା କରନ୍ତି ନୃପତି
ଶୁଣି ବିଗ୍ର କରନ୍ତି ପଣ୍ଡିତ ଭିଗଂ୍ୟ ଯତି । ୨ ।
ଧ୍ୟାୟେ କରି ଜାଣିଲେ ସେ ପଣ୍ଡିତ ବ୍ରହ୍ମବେତ୍ତା
ଧୃତରାଷ୍ଟ ବୀର୍ଯ୍ୟେ ପୁତ୍ର ନାହିଂ ବିଗ୍ରନ୍ତି ମହାଗ୍ୟାଂତା । ୩ ।
ଶୁଣ ହୋ ମହାରାଜା ବଦଯନ୍ତି ମହାଯତି
ଗାନ୍ଧାରୀର ଗର୍ଭେ ତୋର ନାହିଂ ପୁତ୍ର ଯେ ସନ୍ତତି । ୪ ।
ଲାଗିଲା ମହାଭୟେ ବ୍ୟାସଙ୍କର ବଚନେ
ବଂଶକୁ କାରଣ ମୋତେ କରିବା ମହାମୁନ୍ୟେ । ୫ ।
ବ୍ୟାସେ ପ୍ରତିବାକ୍ୟ ଶୁଣସି ହୋ ବାବା
ସନ୍ତାନ ନିମନ୍ତେ ମହାଯଗଂ୍ୟ କରାଇବା । ୬ ।
ଧୃତରାଷ୍ଟ ବୋଇଲେ ମୁଁ ନ ଜାଣଇ ଯଗଂ୍ୟ ତଥ୍ୟ
ତୋହୋର ଆଗ୍ୟାଂ ପ୍ରମାଣେ ମୁଁ ଦେବଇ ସମସ୍ତ । ୭ ।
ବିଛାମାସ ଶୁକଳ ଚଉଠୀ ଯେ ତିଥି ଗୁରୁବାର
ଶ୍ରବଣା ନକ୍ଷତ୍ର ଯେ ଅଟଇ ସେ ଦିନର । ୮ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବାଣିଜ୍ୟ ନାମେ କରଣ ଶୂଳ ନାମେ ଯୋଗ
ବିଛା ସଙ୍କରାନ୍ତିକି ଚଉଦିନ ଭୋଗ । ୯ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଯେସନେକେ ଅନକୂଳ କରନ୍ତି ବ୍ରହ୍ମଯତି
ଯମୁନା ନଦୀକୂଳେ ଯଗଂ୍ୟ ଆରୋପନ୍ତି । ୧୦ ।

---

୪ ।୨ ଗାନ୍ଧାରୀର କ୍ଷେତ୍ରରେ ନାହିଂ ଆବର ପୁତ୍ର ଯେ ପ୍ରାପତି ।
ହଳ ଘେନି ଭୂମି ଚିରିଲେ ଶୁଭଯୋଗେ ଆରୋପନ୍ତି
ମାଘିତିଳ ବୁଣନ୍ତି ଜଳ ଉଦେ ପାଗେ । ୧୧ ।
ମହାରସ ପାଇଣ ସେ ପବିତ୍ର ତିଳ ଉଠି
ମକର ମାସ ମଧ୍ୟରେ ତିଳ ପଡଇ ସେ ଫୁଟି । ୧୨ । ବବତ୍ତଷମନ୍ଧକ୍ଷନ୍ଦନ୍ଧତ୍ତର କୃଷି
ଯଗଂ୍ୟଶାଳ ତୋଳିଲେ ଶୁଭ ଅନକୂଳେ
ଦିଗପାଳମାନନ୍ତ ବରିଲେ ଶୁଭ ଯେ ମଙ୍ଗଳେ । ୧୩ ।

ବଶିଷ୍ଠ ମାରକଣ୍ଡ ବିଶ୍ୱାମିତ୍ର ଅଗସ୍ତି
ଯଜ୍ଞେ ଯାଗନିକ ବରିଲେ ପାରେଶ୍ୱର ସନ୍ତତି । ୧୪ ।
ଉଦ୍ଦାଳେକ ବାମଦେବ ଧୌମ୍ୟ ପୁରୋହିତେ
ବାହାର ବରଣେ ଯାଗନିକ ସୁମନ୍ତେ । ୧୫ ।
ବ୍ରହ୍ମା ବରଣ ହୋଇଲେ ଦୁର୍ଭାସା ତପୋବନ୍ତେ
ଯାଗକୁଣ୍ଡ ଖୋଳନ୍ତି ଶାହାସ୍ର ଯୁଗତେ । ୧୬ ।
ଅନେକ ବାଳଖିଲ୍ୟା ମିଳିଲେ ବ୍ରହ୍ମଋଷି
ଶୁଭ ଯୋଗ ଘେନିଣ ଦୁର୍ଭାସାଯେ ମହାଯଜ୍ଞେ ବସି । ୧୭ ।
ବଦୟନ୍ତି ଅଗସ୍ତି ଶୁଣ ହୋ ବଇବସୁତ ମନୁ
ପ୍ରଥମ ମହାଯାଗ ଅନକୂଳ କଲେ ମକର ପଞ୍ଚମୀର ଦିନୁ । ୧୮ ।
ଚନ୍ଦ୍ରବାର ନକ୍ଷତ୍ର ସେ ଦିନ ଉତ୍ତରା ଫାଲଗୁନି
ବାଳବ ନାମେ କରଣ ସଉଭାଗ୍ୟ ଯୋଗ ଘେନି । ୧୯ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବୈଶ୍ୱାନର ବରଣ କଲେ ବିଶ୍ୱାମିତ୍ର ତୁଲେ
ଦ୍ୱାଦଶ ସମିଧ ଯବ ତିଳ କଲେ । ୨୦ ।
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର୍
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଜ୍ଜ ଜଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ଚରବନ୍ଦନ୍ଧତ୍ତରଙ୍କ
ଜଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ଗୁଆ ଘୃତ ଲକ୍ଷେକ ଭାର ଅନେକ ଶୀତଳ ଦ୍ରବ୍ୟ
ବାହୁଟିଆ କୃଷ୍ଣାଞ୍ଜନ ଛାଲ ସବୁ ଥିବ । ୨୧ ।
ଯେସନେକ ଆରମ୍ଭେ ଯେ ଯଜ୍ଞ୍ୟର ଭିଆଣ
ଚତୁର୍ବେଦୀ ଲକ୍ଷେକ ବ୍ରାହ୍ମଣ ବରଣ । ୨୨ ।
ବିଜୟେ ମହାରାଜା ଧୃତରାଷ୍ଟ ନୃପତି
ତୁଲେଣ ଛନ୍ତି ଗାନ୍ଧାରୀ ଗାନ୍ଧାରସେନର ଦୋହିତୀ । ୨୩ ।

୧୧-ପଦ ପୂର୍ବରେ ଗୋଟିଏ ପୋଥିରେ ଅଧିକା ପଦ ଅଛି ।
ସକଳ ଘେନି ମୁନି ଶୁଭ ଯୋଗେ ଚଳନ୍ତି ।
ସେ ନଦୀ କୂଳେ ଯଜ୍ଞ୍ୟ ଭୂମି ଖଣ୍ଡିୟେ କରନ୍ତି ।
ସ୍ରୁହସ୍ତେ ଘେନିଲା ରାୟେ କନକ ଆଞ୍ଜୁଳି
ମହାଯଜ୍ଞ୍ୟ କୁଣ୍ଡରେ ଅଷ୍ଟଉତ୍ତରଶତ ବେଳ ଦିଅନ୍ତି ତୋଳି । ୨୪ ।
ଅଶ୍ୱମେଧେ ଶତେ ଘୃତ ଆଞ୍ଜୁଳି ଦେଇ ତୋଳି
ଯବ ତିଳ ବୃଷ୍ଟି ସେ କରନ୍ତି ମହୀଆଳୀ । ୨୫ ।
ପାଖୁଡା କୁସୁମ ଶତେ ବେଳ ବୃଷ୍ଟି
ମହାମନ୍ତ୍ର ଆଧ୍ୟାନ କରନ୍ତି ସକଳ ତପନିଷ୍ଠି । ୨୬ ।
ସହସ୍ରେକ ବ୍ରାହ୍ମଣ ଦିଅନ୍ତି ହବିର୍ଭାଗ
ଅନେକ ପକୁଂ ଯେ ଶୀତଳ ସର୍ବ ଦ୍ରବ୍ୟ ଭୋଗ । ୨୭ ।
ନତ୍ୟକର୍ମ ବିଧାନ ସାରିଲେ ତପୋବନ୍ତେ
ବିଜୟେ ଧୃତରାଷ୍ଟ ଗମନ୍ତି ପଞ୍ଚତୀର୍ଥେ । ୨୮ ।

ପଞ୍ଚୁ କଟକ ବେଢି ଅଛନ୍ତି ପଞ୍ଚୁତୀର୍ଥ
ସ୍ନାହାନ ସାରି ଆସଇ ଅମ୍ବ୍ରିକାର ସୁତ । ୨୯ ।
ଅନେକ ଘୃତ ସେ ବରଷନ୍ତି ଆହୁତି
ଅଜପା ମନ୍ତ୍ରରେ ବରଣ ମାରକଣ୍ଡ ଯତି । ୩୦ ।
ପଞ୍ଚ ଦିବସ ଆହୁତି ଦିଅନ୍ତି ତପୋବନ୍ତେ
ଅନ୍ଥବ୍ରତେ ଅଗ୍ନି ବୁଲଇ ବାମାବର୍ତ୍ତେ । ୩୧ ।
ବ୍ୟାସେ ବୋଇଲେ ଯେଥେ ଦିଅନ୍ତେ ଆହୁତି
ଦୋହିତା ମାତ୍ର ତୋହୋର ହୋଇବ ଉତପତ୍ତି । ୩୨ ।
ଧୃତରାଷ୍ଟ ବୋଇଲେ ମୁନି ହେ ତେତେଣ ପ୍ରିୟୋଜନ କିସ
ପୁତ୍ର ସନ୍ତାନ ଉତପତ୍ତି ହୋଇଲେଟି ରକ୍ଷା ହେବ ବଂଶ । ୩୩ ।
ପୁଣି ଅଗ୍ନିକି ଯେ କରନ୍ତି ବହୁତ ସ୍ତୁତି
ମହାମନ୍ତ୍ର ବାକ୍ୟେ ହାଦେ ଦିଅନ୍ତି ଆହୁତି । ୩୪ ।
ଯହୁଂ କଷ୍ଠୋର କଲେ ବ୍ୟାସ ମହାମୁନି
ଡାହାଣାବର୍ତ୍ତେକ ହୋଇଣ ବୁଲଇ ବହନି । ୩୫ ।
କନକ ରସାଣ ଭାଣ୍ଡ ବସାଇଲେ କୁଣ୍ଡର ଭିତରେ
ଘୃତ ଦେଇ ତଣ୍ଡୁଳ ମେଲିଲେ ବ୍ୟାସ ମୁନିବରେ । ୩୬ ।
ଫୁଟାଇ ତଣ୍ଡୁଳ କାଢିଲେ ବ୍ୟାସ ତପନିଷ୍ଠି
କୁଶଳେ ବସାଇଲେ ପରିମଳ ଅନ୍ନ ଫୁଟି । ୩୭ ।
ମାରକଣ୍ଡେ ବୋଇଲେ ହୋ ଶୁଣ କୁରୁବୀର
ସ୍ନାହାନ କରି ଆସୁ ଗାନ୍ଧାରୀ ଭାରିଯା ତୋହୋର । ୩୮ ।
(ଯେହାଶୁଣି) ନିତ୍ୟକର୍ମ ସାରି ଅଇଲେ ଗାନ୍ଧାରସେନ ଦୁଲଣୀ
ବିଷ୍ଣୁ ବାକ୍ୟ କରନ୍ତି ଅମୃତ ଯୋଗ ଜାଣି । ୩୯ ।
ଦେଖିଲେ ଅନ୍ନ ଯେ ଫୁଟିଅଛି ଶତେ ଗୋଟି
ବାଛିଣ କାଢିଲେ ତାହା ମାରକଣ୍ଡ ତପନିଷ୍ଠି । ୪୦ ।
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର୍
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଜ୍ଜ ଜଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ରଉବନ୍ଦନ୍ଧତ୍ତରଙ୍କ
ଜଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ବଦୟନ୍ତି ମହାତ୍ମାୟେ ମା ଗୋ ଆସ ଆୟି ମାଗ ବର
ଯେ ମନବାଞ୍ଛା ଯେ ସିଦ୍ଧ ହୋଉ ଗୋ ତୋହୋର । ୪୧ ।
ଯେହ୍ନେ କଳପଣା ହୁଅଇ ମିଳଇ ତୋର ବାଞ୍ଛା
ହରଷ ହୋଇ ଆୟି ମାଗ ବର ଇଛା । ୪୨ ।
ଶତ ସହସ୍ର ଦଣ୍ଡ ହୋଇଣ ପ୍ରଳମ୍ବିତ
ପୁଣ ପୁଣ ବିନୟେ ବହୁତ ଭଗତ । ୪୩ ।
ତୁମ୍ଭେ ବ୍ରହ୍ମରଷି ମୋତେ ସଦୟେ କରିବା
ଯେବେ ଅନଗୃହ ମୋତେ ଶତେ ପୁତ୍ର ଦେବା । ୪୪ ।
ଗାନ୍ଧାରୀ ବଚନ ଶୁଣିଣ ସନ୍ତୋଷ ତପୋଧନ
ରତ୍ନଭାଣ୍ଡେ ପାଇଲେ ସେ ଶତଗୋଟି ଅନ୍ନ । ୪୫ ।
ଗାନ୍ଧାରୀକି ବୋଇଲେ ଆୟି ପ୍ରାଶନ ଏହା କର

ବାଞ୍ଛା ପ୍ରାପତ ଯେ ହୋଇବ ତୋହୋର । ୪୬ ।
ଯେହ୍ନେ ସିଦ୍ଧ ବାଞ୍ଛା ପ୍ରାପତ ହୋଇଲା
ତିନି ପୋଷେ ତଣ୍ଡୁଳ ମା ଗୋ ଶତେ ଗୋଟି ଫୁଟିଲା । ୪୭ ।
ଯେହାକୁ ଗ୍ରାସ ଆୟି କର ମହାସତୀ
ଅରଜିଲୁ ଅନେକ ପୁଣ୍ୟ ତୁ ହୋଇଲୁ ପୁତ୍ରବନ୍ତୀ । ୪୮ ।
ଋଷିଙ୍କର ବଚନେ ଗ୍ରାସ କଲା ଅନ୍ନ
ଯାଗ ସମାପତ ସେ କଲେ ମହାମୁନ୍ୟ । ୪୯ ।
ଅନେକ ଦାନ ଦକ୍ଷିଣା ଦେଲେ ଧୃତରାଷ୍ଟ
ଋଷିମାନେ କଲ୍ୟାଣ କଲେ ମହାତୁଷ୍ଟ । ୫୦ ।
ଅନେକ କାଳକୁ ଗୋ ରହୁ ଦେବୀ କଥା
ଉପୁଜୁ ଶତେ ପୁତ୍ର ଗୋ ହୁଅନ୍ତୁ ଭାଗ୍ୟ ବଳବନ୍ତ । ୫୧ ।
ଯେସନେକ ବର ଦିଲେ ସମସ୍ତ ତପୋଧନି
ହରଷେ ଧୃତରାଷ୍ଟ ଋଷିଙ୍କର କଲ୍ୟାଣ ଘେନି । ୫୨ ।
ଋଷିଙ୍କି ସନ୍ତୋଷ ରାଜା କଲା ଭଗତି ଭାବେ
ଚଳିଲେ ମୁନିଗମେ ଯେ ଯାହାର ଠାବେ । ୫୩ ।
ରାଜାଗଣମାନେ ଗଲେ ଯେ ଯାହର ଭୁବନେ
ଲଭଇ ଧୃତରାଷ୍ଟ ଅନେକ ପୁଣ୍ୟମାନେ । ୫୪ ।
ଦାନେଣ ଅତି ପୁଣ୍ୟବନ୍ତ ଯେ ହୋଇଲେ ନୃପବର
ଅନୁବ୍ରତେ ଧର୍ମ ରାଜା ସଦୟା ଶରୀର । ୫୫ ।
ଶୁଣଇ ଧର୍ମ ପୁରାଣ ରାଜା ଭାରିଯା ସହିତେ
ଦେବମନ୍ତ୍ରେ ବରଣ ଯେ କରଇ ଅନୁବ୍ରତେ । ୫୬ ।
ଅନେକ ଉଷବ ରାଜ୍ୟ କରାଇ ହରଷେ
ସାନନ୍ଦ ଚିତ୍ତେ ରାଜା ପିତୃ ଦେବତା ପୋଷେ । ୫୭ ।
ଋଷିଙ୍କର ମହାମନ୍ତ୍ର କେହୁ ଆନ କରି
ମହାମନ୍ତ୍ରେ ଗାନ୍ଧାରୀ ଯେ ହୋଇଲା ଗର୍ଭ ଭାରି । ୫୮ ।
ପ୍ରକୃତି ଅନ୍ତରେ ସେ ଅନୁଆନେ ଇଚ୍ଛା
ଯାହା ମାଗଇ ନୃପତି ଦିଅଇ ମନବାଞ୍ଛା । ୫୯ ।
ନିଦାଘ କାଳେ ଯେ ବଇଶାଖ ମାସଇ
ଗଙ୍ଗା ସ୍ନାହାନେ ଗାନ୍ଧାରୀ ବିମାନ ଚଢି ଆସଇ । ୬୦ ।
ବିମାନୁଂ ଓହ୍ଲାଇ ଦେବୀ ବସଇ ଗଙ୍ଗାକୂଳେ
ଚଳି ନ ପାରଇ ସେ ଗର୍ଭର ବିକଳେ । ୬୧ ।
ଶତେପୁତ୍ର ଗର୍ଭରେ ଯେ ହୋଇଲା ମହାଭାରି
ସମ୍ଭାଳି ନ ପାରି ସେ ପକାଇଲା ଉଦୁଗାରି । ୬୨ । ସଂଖ୍ୟା
ଋଷିଙ୍କ ଅନ୍ନ ଯେ ଅତୁଟ ହୋଇଥିଲା
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର୍
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଜ୍ଜ ଜଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ଋରବନ୍ଦନ୍ଧତ୍ତରଙ୍କ
ଜଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ପକାଇ ଗାନ୍ଧାରୀ ଯେ ମୂର୍ଚ୍ଛାଗତ ଗଲା । ୬୩ ।

ଋଷିଙ୍କ ସଂଚିତ ଯେ ଅମଳାନ ଚରୁ ଅନ୍ନ
ଜଳେ ପଡି ଦିଶଇ ସେ କନକର ବର୍ଣ୍ଣ । ୬୪ ।

---

୫୫ ।୨ ଅନୁବ୍ରତେ ଧର୍ମ ରାଜା ଦୟାବୀର ।
୬୪ ।୧ ଅମଳାନ-ଅମ୍ଳାନ-ଶୁଦ୍ଧ
ଗାନ୍ଧାରୀ ପଡିଛି ଯେ ଗତ ଆତ୍ମା ହୋଇ
ଗଙ୍ଗା ସ୍ନାହାନ କରି ଯାନ୍ତେ ବ୍ୟାସେ ଭେଟିଲେକ ଯାଇଂ । ୬୫ ।
ଦେଖିଲେ ମୂର୍ଚ୍ଛାଗତେ ପଡିଛି ଗାନ୍ଧାରୀ
କମଣ୍ଡଳୁ ପାଣି ଛିଞ୍ଚିଲେ ବ୍ୟାସେ ବ୍ରହ୍ମଜ୍ଞାନୀ । ୬୬ ।
ମହାମନ୍ତ୍ର ପାଇ ସେ ଦେବୀ ହୋଇଲେ ସଚେତନ
ଦେଖିଣ ବିରସ ହୋଇଲେ ପାରେଶ୍ୱରଙ୍କ ନନ୍ଦନ । ୬୭ ।
ଦୁଖେଣ ଅରଜିଲୁ ଯେବଣ ଆହୁତି
ଯେହେନେକ ବିପାକ କର୍ମ ନୋହିଲାକ ସନ୍ତତି । ୬୮ ।
ଶାହାସ୍ର ନିନ୍ଦିତ ଯେ ହୋଉଛି ଯୁଗତେ
ସମସ୍ତ ଅନ୍ନ ଯେକରୁଣ୍ଡ କରି ଘେନିଲେ ତପୋବନ୍ତେ । ୬୯ ।
କମଣ୍ଡଳୁ ପାଣି ଛିଞ୍ଚି ମୁନି ଜୀବନ୍ୟାସ କଲେ
ଅମୃତ ଦୃଷ୍ଟିରେ ଗ୍ରହିଂ ଉଠ ଉଠରେ ବୋଇଲେ । ୭୦ ।
ପ୍ରତ୍ୟକ୍ଷେ ନାରାୟଣ ସେ ଯେବଣ ମହାମୁନି
ଶତେପୁତ୍ର ଜନ୍ମ ହୋଇଲେ ମହାବୀର୍ଯ୍ୟ ଘେନି । ୭୧ ।
ଅତ୍ୟନ୍ତ ସୁନ୍ଦର ସେ ମକରଧ୍ୱଜ ପ୍ରାୟେ
ତିନିଭୁବନ ମୋହନ୍ତି ସେ ବାଳୁତ ତନୟେ । ୭୨ ।
ଦେଖିଣ ଗାନ୍ଧାରୀ ଯେ ସେପରମ ସାନନ୍ଦେ
ବ୍ୟାସେ ବୋଇଲେ ଆୟି ପୁତ୍ର ସମ୍ଭାଳ ତୋ ହାଦେ । ୭୩ ।
ଶତେପୁତ୍ର ବିମାନେ ଶୁଆଇ ଗାନ୍ଧାରୀ
ସେହିଠାରେ ଅନ୍ତର୍ଧାନ ହୋଇଲେ ବ୍ୟାସ ବ୍ରହ୍ମଜ୍ଞାନୀ । ୭୪ ।
ପୁତ୍ରନ୍ତ ଘେନି ଦେବୀ ବିଜୟେ ନିଜପୁରେ
ବିଦୁର କହିଲେ ଧୃତରାଷ୍ଟଙ୍କ ଆଗରେ । ୭୫ ।
ସାବଧାନ ହୋଇ ଶୁଣିମା ଦଣ୍ଡଧାରୀ
ଶତେପୁତ୍ର ଘେନିଣ ହାଦେ ବିଜୟେ ଗାନ୍ଧାରୀ । ୭୬ ।
ଅନେକ ହରଷ ହୋଇଲେ ଶୁଣି ଅନ୍ଧରାୟେ
ଆଣି କୋଳେ ଦେ ସି ମୁଂ ଧରଇ ତନୟେ । ୭୭ ।
ପ୍ରଥମ ପୁତ୍ରକୁ ଘେନିଣ ବିଦୁର
କୁମରଙ୍କୁ ଦିଲେ ନେଇ ଧୃତରାଷ୍ଟଙ୍କ କୋଳର । ୭୮ ।

---

୭୧ ।୨ ଶତେ ପୁତ୍ର ଜନ୍ମ ହୋଇଲେ ମହା ତେଜ ଘେନି ।
ପ୍ରଥମ ପୁତ୍ରକୁ କୋଳେ ଘେନିଣ କୁରୁପତି
ହୃଦୟରେ ଚକ୍ଷୁ ଘେନି ସେ ବାରଇ ତୋଷମତି । ୭୯ ।
ଅନ୍ଧ ବୋଇଲା ବିଦୁର ଯେ ପୁତ୍ର କେବଣ ଲକ୍ଷଣବନ୍ତ
ବିଦୁରେ ବୋଇଲେ ଯେ ପନ୍ନଗା ନାରାୟଣ ସଂଜାତ । ୮୦ ।

ଦୁଇ ପାଦରେ ଯେହାର ଅଛଇ ପଦ୍ମଚିହ୍ନ
ଶଙ୍ଖ ପଦ୍ମନିଧି ବେନି କର ତଳେ ଶୋହାବନ ।୮୧ ।
ଯବ ସଷ୍ୟ ଆରୋପଣ ଯେହାର ଦକ୍ଷିଣ କରସ୍ଥଳୀ
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଜ୍ଜ ଜଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ରରବନ୍ଦନ୍ଧତ୍ତରଙ୍କ
ଜଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ଉଭୟ ପଦ୍ମ ବିଦ୍ୟମାନ ଶୋହାବନ ଅଙ୍ଗୁଳି ।୮୨ ।
ଚଉରାଶି ଲକ୍ଷଣ ଚଉଷଠୀ ଗୁଣବନ୍ତା
ଆକର୍ଷଣ ମୂରତି ତାତ ଯେ ମହା ବଳବନ୍ତ ।୮୩ । ସଂଖ୍ୟା
ଯେହେର୍ଣ୍ଣକ ଲକ୍ଷଣବନ୍ତ ସ୍ତ୍ରୀମୀ ତୋହୋର ପ୍ରଥମ ପୁତ୍ର ଗୋଟି
ଜଗୁଜନମୋହନ ପନ୍ନଗା ନାରାୟଣ ସେ ଟି ।୮୪ ।
ପୃଥିକି ଧାରଣା ଯେ ହୋଇବ ଯେକା ଜଣେ
ଲକ୍ଷେ ରାଜା ଖଟିଥିବେ ଯେହାର ଚରଣେ ।୮୫ ।
ଜମ୍ବୁଦ୍ୱୀପ ମଧ୍ୟରେ ହୋଇବ ଯେକଛତ୍ର ରାଜା
ଯେହାର ପ୍ରସାଦେ ପାଇବୁ ଅନେକ ତୁ ପୂଜା ।୮୬ ।
ଗୁଣକଇ କାରଣ ଯେ ତୋର ହୋଇଲା ତନଯେ
ସ-ଦ ହିଂ ଅରଜିବ ନାଥ ଯେ ଅଳପ ସମଯେ ।୮୭ ।
ତ୍ରୈଲୋକ୍ୟ ସାଧ୍ୟ ଯେ କରିବ ସର୍ବନୃପେ
ମାନଗୋବିନ୍ଦ ବୀରଧୂ ଯେ ବୋଲାଇବ ପ୍ରତାପେ ।୮୮ ।
ଗୁଣବନ୍ତ ବିବେକ ଧାର୍ମିକ ବିଧ୍ୱଂସ
ପୁଣ ଯେ ପୁତ୍ର ପ୍ରମାଦେ ନାଶ ଯିବ ତୋର ବଂଶ ।୮୯ ।

---

୭୯ ।୨ ଶରୀର ଆଉଂସି ମୁଖେ ଚୁମ୍ବନ ଦେଲେ ଥିରମତି ।
ହୃଦରେ ଲକ୍ଷଣ ସେ ବାରଇ ତୋଷମତି ।।
୮୫ ।୧ ପୃଥିବୀକି କାରେଣି ହୋଇବ ଯେକା ଜଣେ ।
୮୬ ।୨ ସମସ୍ତ ଭୂପାଳ ମାନେ କରିବେ ପାଦ ପୂଜା ।
୮୮ ତ୍ରୈଲୋକ୍ୟ ସାଧ୍ୟ କରିବ ଯେ ଯେକ ନୃପ ରୂପେ ।
ମାନଗୋବିନ୍ଦ ରୂପ ଯେ ହୋଇ ପରତାପେ ।
୮୯ ।୨ ଶୋହାବନ-ଶୋଭାବନ
୮୯ ।୧ ବିଧ୍ୱଂସ-ଶତ୍ରୁ ଭାବାପନ୍ନ, ବିନାଶଶୀଳ
ଦୁଷ୍ଟ ପ୍ରକୃତି ଅସଂଖ୍ୟ ସେ କଳହ ପ୍ରିୟା
କୋଟିପାଦେ ଅନୁବ୍ରତେ କନ୍ଧରେ ଥିବେ ଶ୍ରିୟା ।୯୦ ।
କୁଳ କ୍ଷୟାନ୍ତକ ଯେହୁ ହୋଇବ ତୋର ପୁତ୍ର
ମହାମାନୀ ମଧୁପିଙ୍ଗଳ ଅଶାନ୍ତି ପ୍ରକୃତି ନ ସହିବ ଜଗତ ।୯୧ ।
ଅପଖ୍ୟାତି ଅପକୀର୍ତ୍ତି ଅର୍ଜିବ ବହୁତ ଜଗତେ
କଳି ଅଂଶେ ଜାତ ହୋଇଲା ଯେ ତୋହୋର ଜ୍ୟେଷ୍ଠ ପୁତ୍ରେ ।୯୨ ।
ଯେତେକାଳ ପରିଯନ୍ତେ ତୋହୋର ପୁତ୍ର ଯେ ନ ଥିଲା

ଦୁର୍ଭାସାଙ୍କର ମହାମନ୍ତ୍ରେ ତୋର ଶତେକ ପୁତ୍ର ଉପୁଜିଲା । ୯୩ ।
ଯେକ ପୁତ୍ରକୁ ଯେବେ ମୂର୍ଚ୍ଚି ପାରିବୁ ଦଣ୍ଡଧାରୀ
ଆଗ୍ୟାଂ ଦେବୁ ଯେହାକୁ କି ପକାଇବି ମାରି ।୯୪ ।
ଯେକ ପୁତ୍ର ନାଶଗଲେ ତୋର ଅନେଶ୍ୱ୍ରତ ପୁତ୍ର ଭଲେ ଥିବେ
ଚିରାନ୍ତନ ପୃଥୀ ଭୋଗ କରିବୁ ତୋତେ ଧର୍ମ ନ ଛାଡିବେ । ୯୫ ।
ଧୃତରାଷ୍ଟ ପଚାରିଲେ ଶୁଣସି ହୋ ବିଦୁର
ଆରେ ବାବୁ ଅନେଶ୍ୱ୍ରତ ପୁତ୍ରକଇ କହନି ବିଚାର । ୯୬ ।
ଆରେକ ପୁତ୍ର ପୁଣି ଦିଲାକ କୋଳର
ବୋଇଲେ ବିଦୁର ଯେ ପୁତ୍ର ନିଅସି ଦଣ୍ଡଧର । ୯୭ ।
ଦୁଜ ପୁତ୍ର କୋଳରେ ଧଇଲେ ଧୃତରାଷ୍ଟ
ପର୍ବତ ସମାନେ ଗରୁ ସେ ମହା ମହା ବଳିଷ୍ଠ । ୯୮ ।
କରପତ୍ର ଯୋଡିଣ ସେ ବୋଲଇ ବିଦୁର
ଯେ ମହା ଦର୍ପିଷ୍ଠ ସ୍ୱ୍ରାମୀ ଦୁଷ୍ଟ ଯେ ଦୃଭାର । ୯୯ ।
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର୍
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଜ୍ଜ ଜଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ର୍ରବନ୍ଦନ୍ଧତ୍ତରଙ୍କ
ଜଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ଗୋଟି ଗୋଟି କରି ଲକ୍ଷଣ ବିଚାରଇ ବିଦୁର ମହାତମା
ଯେକୁଂ ଯେକ ଦୁଷ୍ଟ ଯେ ଅଟନ୍ତି ଅପ୍ରତିମା । ୧୦୦ ।
ଅପ୍ରୀତି ଲକ୍ଷଣ ଯେ ସମସ୍ତେ ମହାଦୁଷ୍ଟ
ଯେବେ ଆନନ୍ଦ ହୋଉଁଛୁ ପଛନ୍ତେ ପାଇବୁ ଦାରୁଣ କଷ୍ଟ । ୧୦୧ ।

---

୯୫ ।୨ ଚିରାନ୍ତନ ରାଜ୍ୟ ତୋତେ ଲକ୍ଷ୍ମୀ ନ ଛାଡିବେ ।
୧୦୦ ଗୋଟି ଗୋଟି କରି ଲକ୍ଷଣ ବିଚାରଇ ବିଦୁର ମହାଯତି
ଯେକେ ଯେକେ ଦୁଷ୍ଟ ଯେ ଅନେଶ୍ୱ୍ରତ ପ୍ରକୃତି ।
୯୧ ।୨ ମଧୁ-ମଦମତ୍ତ, ପିଙ୍ଗଳ-ଯେ ଅସାଧୁ ଓ ବିରକ୍ତିପ୍ରଦ କଥା କହେ (ମରହଟ୍ଟି ଅଭିଧାନ)
ଗୁଣବନ୍ତ ଉପୁଜାଇ ଯେବେ ନାଶଗଲେ ହାଦେ ବଳା
ସେହି ସେ ମହାକଷ୍ଟ ବୋଲି ବିଦୁର ବୋଇଲା । ୧୦୨ ।
ଧୃତରାଷ୍ଟ ବୋଇଲେ ବାବୁ ଯେହା ସେ କହିଲୁ
ପୁତ୍ରେକ ମୂର୍ଚ୍ଛିବାକୁ ବୋଇଲୁ ପୁଣି ସବୁନ୍ତି ବାଛିଲୁ । ୧୦୩ ।
ପୁଣି ସବୁନ୍ତି ଯେ ବୋଇଲୁ ଦୋଷକାରୀ
କର୍ମେ ଯାହା ଫଳିବ ତାହା କେହୁ ଆନ କରି । ୧୦୪ ।
ଭାଗ୍ୟେ ଯେ ପ୍ରାପତ ତାହା ମୂର୍ଚ୍ଛିବା କେମନ୍ତେ
ଲୟେ କରି ଧୃତରାଷ୍ଟ ଚିନ୍ତିଲା ବ୍ୟାସ ତପୋବନ୍ତେ । ୧୦୫ ।
ପାରେଶ୍ୱ୍ରରଙ୍କର ନନ୍ଦନ ସତ୍ୟବତୀଙ୍କର ସୁତ
ବ୍ୟାସେ ବିଜେ କଲେ ଆସି କୁରୁନାଥର ଅଗ୍ରତ । ୧୦୬ ।
ସଞ୍ଜୟେ ବୋଇଲେ ଶୁଣ ଧୃତରାଷ୍ଟ ମହାଛତ୍ରୀ
ପାରେଶ୍ୱ୍ରର ନନ୍ଦନ ଯେ ବିଜେ କଲେ ଧାତି । ୧୦୭ ।

ଆସ୍ତାନ ତେଜି ଉଠିଲେ ଯେ କୁରୁବଇ ସ୍ତ୍ରୀମୀ
ବ୍ୟାସ ଚରଣେ ଶତ ସହସ୍ର ଦଣ୍ଡ ପରିଣାମି । ୧୦୮ । ସଂଖ୍ୟା
ସମସ୍ତ ପୁତ୍ରଙ୍କୁ ଧୃତରାଷ୍ଟ ବ୍ୟାସଙ୍କ ସନ୍ନିଧେ୍ୟ ଦିଲେ ନେଇ
ଯେକା ପଲଙ୍କ ଗୋଟିକରେ ସବୁ ପୁତ୍ରମାନଙ୍କୁ ଶୁଆଇ । ୧୦୯ ।
ଭୋ ବ୍ୟାସେ ତୋହୋର ପରସାଦେ ମୋହୋର ଶତେ ତନୁ
ପୁତ୍ରନ୍ତ ତୋହୋର କୋଳେ ଧରି କଲ୍ୟାଣ କର ଅବଧାନୁ । ୧୧୦ ।
ପ୍ରଥମ ପୁତ୍ର ଗୋଟି ନେଇ ବିଦୁର ବ୍ୟାସଙ୍କର କୋଳେ ଦିଲା
ବଡ ବିଚକ୍ଷଣ ବୋଲି ମହାମୁନି ବୋଇଲା । ୧୧୧ ।
ଶରୀର ଆଉଂଶି ବୋଇଲେ ତୋହୋର ଶରୀର ବଜ୍ର ହୋଉ
ଆମ୍ଭର ସର୍ଜନ ଯେହାର ତହିଂ କଥାଯେ ଥାଉ । ୧୧୨ ।
ବାଳୁତ ବେନି ଜାନୁ ଯେକଠାରେ ଲାଗିଥିଲା
ତହିଂରେ ହସ୍ତ ନ ଲାଗିଲା ଛିଦ୍ର ଯେ ରହିଲା । ୧୧୩ ।
ଅଇବ୍ରତେକ ସିଂହର ତୋହୋର ହୋଉ ପରାକର୍ମ
ଜଗଜିଣା ହୋଅ ତୋତେ କେହୁ ଜିଣନ୍ତା ନୋହୁ ସାଂଗ୍ରାମ । ୧୧୪ ।
ଯେସନେକ ବର ଯହୁଂ ଦିଲେ ତପୋବନ୍ତେ
କାନ୍ଦନ୍ତେ ଦକ୍ଷିଣ ଚରଣ ବାଜିଲା ବ୍ୟାସଙ୍କ ହୃଦଗତେ । ୧୧୫ ।

---

୧୦୮ ।୧ କୁରୁବଇ-କୁରୁପତି

ଅସାଷ୍ଟମ ହୋଇ ଯେ ପଡିଲେ ବ୍ରହ୍ମଯତି
ନାସିକା ବାଟେ ଶ୍ରୋଣିତ ବହଇ ଅପ୍ରମିତି । ୧୧୬ ।
ସାଷ୍ଟାମ ହୋଇଲେ ତହିଂ ବସିଲେ ବ୍ରହ୍ମବେତ୍ତା
ଯେହିକ୍ଷଣି ବର ଦିଲୁରେ ଯେତେକ ବଳବନ୍ତା । ୧୧୭ ।
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଞ୍ଜ ଞଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ରଉବନ୍ଦନ୍ଧତ୍ତରଙ୍କ
ଞଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
କଲ୍ପ ଆତ୍ମା ମୋ ତୁଟିଲା ତୋହୋର ଚରଣ ବାଜୁଂ
ସାଂଗ୍ରାମ କାଳେ ତୋହୋର ଯେହି ଚରଣ ଭାଞ୍ଜୁ । ୧୧୮ ।
ଅଇବ୍ରତେକ ସିଂହର ପ୍ରାକର୍ମ ତୋହୋର
ଯେକା ସିଂହର ପ୍ରାକର୍ମେ ତୁ ହୋଅ ଅପହାର । ୧୧୯ ।
ପ୍ରଥମେ ଦୁର୍ବୁଦ୍ଧି ଯେ ଚିନ୍ତା କରାଇଲୁ ମନ
ଯେ ତୋହୋର ପୁତ୍ର ନାମ ହୋଉ ଦ୍ରିଯୋଧନ । ୧୨୦ ।
ଧୃତରାଷ୍ଟଙ୍କ ଅଗ୍ରତେ ଯେହା ସଞ୍ଜଯେ କହିଲା
ନିକଲଙ୍କ ପୁତ୍ରକୁ ହାଦେ କଳଙ୍କ ଲାଗିଲା । ୧୨୧ ।
ଶୁଣିଣ ବିରସ ଯେ ହୋଇଲା ନୃପତି କୁରୁ ବୀର
ତଲଯେ କରି ଚିନ୍ତିଲେ ସେ ଦୁର୍ଭାସା ମୁନିବର । ୧୨୨ ।
ଦଣ୍ଡ କମଣ୍ଡଳ କଷା କଉପୁନି
ପ୍ରବେଶ ହୋଇଲେ ମହାତ୍ମା କୁରୁନାଥର ସନ୍ନିଧାନି । ୧୨୩

ସଞ୍ଜୟ କହିଲେ ହୋ ଶୁଣ କୁରୁପତି
ବିଜେ କଲେ ମହାତ୍ମା ଦୁର୍ଭାସା ମହାଯତି । ୧୨୪ ।
ଆସ୍ତାନ ତେଜିଣ ସେ ଉଠିଲା କୁରୁରାୟେ
ମୁନିଙ୍କ ପଦ୍ମପାଦେ ଅର୍ଘ୍ୟ ପୂଜା କୟେ । ୧୨୫ ।
ଦୁର୍ଭାସା ମୁନି ହୋ ମୋର ପୁତ୍ରନ୍ତ ତୁ ଗ୍ୟହାଂ
ତୋହୋର ପ୍ରସାଦେ ଯେ ପାଇଲି ମୁଂ ୟେହା । ୧୨୬ ।
ଦୁର୍ଭାସାୟେ ବୋଇଲେ ଶୁଣ ହେ ମୁନି ବ୍ୟାସେ
ପୁତ୍ରଙ୍କର ନାମ କିସ କିସ ଦେଲଟି ସନ୍ତୋଷେ । ୧୨୭ ।

---

୧୧୮ ।୧ କଲ୍ପ ଆତ୍ମା ଦେହ ମୋର ପ୍ରାସ ପାଇଲା ତୋ ଚରଣ ବାଜି ।
୧୨୦ ପ୍ରଥମେ ଦୁର୍ବୁଦ୍ଧି କଲୁରେ ନନ୍ଦନ ।
ତୋହୋର ନାମ ଗୋଟି ହୋଉରେ ଦୁର୍ୟ୍ୟୋଧନ । ।
୧୧୯ ।୨ ଅପହାର-ନାଶ
ବୋଲନ୍ତି ବ୍ୟାସେ ୟେ ଜ୍ୟେଷ୍ଠ ପୁତ୍ରକୁ
ଦୁଷ୍ଟ ବୁଦ୍ଧି ଜାଣି ଦ୍ରିଯୋଧନ ନାମ ହାଦେ ଦିଲଇଂ ୟେହାକୁ । ୧୨୮ ।
ଦୁଜ ପୁତ୍ର ଗୋଟିକ ଦୁର୍ଭାସା ଧଇଲେକ କୋଳେ
ମୁଖେ ଚୁମ୍ବ୍ରନ ଦେଇ ଲଗାଇଲେ ବକ୍ଷସ୍ଥଳେ । ୧୨୯ ।
ପୁଣି ବିଗ୍ରୁଛନ୍ତି ଦୁର୍ଭାସା ତପୋବନ୍ତେ
କୋଳେ ଧରି ବୋଇଲେ ଶତେ ସିଂଘ ପ୍ରାକର୍ମ ହୋଉ ତୋତେ । ୧୩୦ ।
ହସ୍ତ ଗୋଟି ମୁଷ୍ଟି କରି କାନ୍ଦନ୍ତେଣ ବାଳ
ସେ ମୁଷ୍ଟି ବାଜିଲା ଦୁର୍ଭାସାଙ୍କ ବକ୍ଷସ୍ଥଳ । ୧୩୧ ।
ଉତ୍ତାନଶାହୀ ହୋଇ ପଡିଲେ ମହାମୁନି
ଘଡିକେ ଚେତନ ପାଇଲେ ସାଷ୍ଟମ ଯେ ଘେନି । ୧୩୨ ।
ମୁଷ୍ଟି ବାଜନ୍ତେଣ ମୁନି ଅସାଷ୍ଟମ ହୋଇଲେ
ସେ ଦୁସହ ଘାତ ପାଇ ତାହାକଇ ଦୁଶାସନ ନାମ ଦିଲେ । ୧୩୩ ।
ଆପଣାର ସର୍ଜନା ବୋଲି ଇଚ୍ଛାୟେ ଯେବେ ଅନଗୃହ କଲେ
ରାଗ ସହି ନ ପାରି ଶାପ ତାକୁ ମୁନି ଯେ ବିହିଲେ । ୧୩୪ ।
ଆରେ ଦକ୍ଷିଣ ଭୁଜେ ପ୍ରହାର କଲୁ ମୋତେ ମୁଥେ
ଆତ୍ମା ବିସର୍ଜନ ହୋଇଲା ତୋହୋର ମୁଥଘାତେ । ୧୩୫ ।
ମୋହୋର ଶାପ ତୋତେ ନ ଯାଉରେ ଗତି
ସୋଦର ଶାସ୍ତି ଦେଉ ତୋତେ ଦକ୍ଷିଣ ଭୁଜ ଉପାତି । ୧୩୬ ।
ୟେସନେକ ଶାପ ଦିଲେ ଦୁର୍ଭାସା ମହରଷି
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଜ୍ଜ ଜଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ରରବନ୍ଦନ୍ଧତ୍ତରଙ୍କ
ଜଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ଶାପ କଥା ଶୁଣି ବ୍ୟାସେ ମନେ ମନେ ହସି । ୧୩୭ ।
ସଞ୍ଜୟ ବୋଇଲେ ହୋ ଶୁଣ ଧୃତରାଷ୍ଟ

ଋଷିମାନଙ୍କରେ ତେତେ ହୋଉଛି ପୁତ୍ର କଷ୍ଟ । ୧୩୮ ।
ଜାତ ହିଁ କଲେ ବର ହିଁ ହାଦେ ଦିଲେ
ରାଗ ସହି ନୁଆରି ଶାପ ହିଁ ପ୍ରାଭବିଲେ । ୧୩୯ ।

---

୧୨୮ ।୨ ଦ୍ରିଯୋଧନ ନାମ ହାଦେ ଦିଲଇଁ ଯେହାକୁ ।
୧୩୭ ଯେସନକ ଶାପ ଦିଲେ ଦୁର୍ଭାସା ତପୋନିଷ୍ଠି
ଶାପ କଥା ଶୁଣି ମୁନି ବିସ୍ମଯେ ମନତୁଷ୍ଟି
୧୩୯ ।୧ ରାଗ ସହି ନ ପାରି ପ୍ରାଭବ ବିହିଲେ ।
୧୩୯ ।୨ ଶାପହିଁ ପ୍ରାଭବିଲେ-ଶାପରୂପ ପରାଭବକୁ ପ୍ରଦାନ କଲେ ।
ଯେହ୍ନେ ସେ କର୍ମେଣ ପ୍ରାପତ ହୋଇଲା ତୁକୁ
ପୁତ୍ରନ୍ତ କୋଳେ ନ ଦିଅ ଋଷିମାନଙ୍କୁ । ୧୪୦ ।
ବ୍ୟାସେ ବୋଇଲେ ଯେ ଦୁର୍ଭାସାଙ୍କର ମହାମନ୍ତ୍ରେ
ଶତେ ପୁତ୍ର ପ୍ରାପତ ହୋଇଲାକ ରାଜା ତେତେ । ୧୪୧ ।
ଦୁ ଅକ୍ଷରେ ହାଦେ ସବୁଙ୍କରି ନାମ
ପ୍ରଥମ ପୁତ୍ର ନାମ ଯେ ହୋଇଲା ଦୁର୍ଯୋଧନ । ୧୪୨ ।
ଦୁଜେଣ କୁମାର ହୋଇଲା ଦୁଶାସନ
ଶତେକ ପୁତ୍ର ନାମଟି ଦେବାକ ଅନୁମାନ । ୧୪୩ ।
ତିଜ କୁମାର ନାମ ଦିଲେ ଯେ ଦୁର୍ମନ
ଚତୁର୍ଥ କୁମାର ଯେ ଦୁର୍ବାଳ ବୋଲି ନାମ । ୧୪୪ ।
ଦୁର୍ଜନ ନାମେ ପୁତ୍ର ହୋଇଲା ପଞ୍ଚମେ
ଦୁର୍ବୀର ନାମ ଯେ ହୋଇଲା ଷଷ୍ଠମେ । ୧୪୫ ।
ଦୁରାନ୍ତକ ନାମ ଯେ ହୋଇଲା ସପ୍ତମେ
ଦୁର୍ବିନ୍ଦ ନାମ ଯେ ହୋଇଲା ଅଷ୍ଟମେ । ୧୪୬ ।
ଦୁରନ୍ତ ନାମ ହୋଇଲା ନବମେ
ଦୁସହ ନାମ ଯେ ହୋଇଲା ଦଶମେ । ୧୪୭ ।
ଯେକାଦଶ ନାମ ହୋଇଲା ଦୁରାମ । ୧୪୮ ।
ଦୁସମ ନାମ ଯେ ହୋଇଲା ଦ୍ୱାଦଶମେ
ତ୍ରଯୋଦଶମେ ନାମ ହୋଇଲା ଦୁଷ୍କାମେ । ୧୪୯ ।
ଚତୁର୍ଦ୍ଦଶମେ ନାମ ଦୁର୍ମାଲୀ ହୋଇଲା
ପଞ୍ଚଦଶ ନାମ ଦୁକୁଳ ଯେ ହେଲା । ୧୫୦ ।
ଦୁକର୍ଣ୍ଣ ନାମଟି ଅଟେ ଆର ଭାଇ
ଦୁର୍ହଣ ନାମେ ଯେ ସପ୍ତଦଶ କୁମାର ହୋଇ । ୧୫୧ ।
ଦୁର୍ଦକ୍ଷ ନାମ ଯେ ଆରେକ ପୁତ୍ର ଗୋଟି
ଦୁର୍ଗମ ନାମ ଆରେକ ବଳିଷ୍ଠି । ୧୫୨ ।
ଦୁରାଷ୍ଟ ନାମେ ହୋଇଲା ବିଂଶ ବାଳ
ଯେକବିଂଶ ନାମ ହୋଇଲା ଦୁର୍ବଳ । ୧୫୩ ।
ଦୁଷକ ବୋଲି ବାଇଶି ପୁତ୍ର ନାମ
ଦୁର୍ଭାର ବୋଲି ଆରେକ ପୁତ୍ର ନାମ । ୧୫୪ ।
ଚତୁର୍ବିଂଶ ନାମ ଦିଲେ ଦୁର୍ଭୀମ

ପଞ୍ଚବିଂଶ ନାମ ହୋଇଲା ଦୁର୍ନାମ । ୧୫୫ ।
ଦୁରାଣ ନାମ କୁମର ଷଷ୍ଠ ବିଂଶ
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର୍
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଞ୍ଜ ଞଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ଚ୍ଚରବନ୍ଦନ୍ଧତ୍ତରଙ୍କ
ଞଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ସପ୍ତବିଂଶ ପୁତ୍ର ନାମ ଦିଲେକ ଦୁର୍ଦ୍ଧଂସ । ୧୫୬ ।
ତହିଁର କନିଷ୍ଠ ନାମ ଦିଲେ ଦୁସନ
ଉନତ୍ରିଂଶ ଦୂଷଣ ନାମ ଅନୁଜ ବିଦ୍ୟମାନ । ୧୫୭ ।
ତ୍ରିଂଶ ପୁତ୍ର ନାମ ହୋଇଲା ଯେ ଦୁଷ୍ଟ
ଯେକତ୍ରିଂଶ ଦୁରାନ୍ତନ ହୋଇଲା ବଳିଷ୍ଠ । ୧୫୮ ।
ଦୁର୍ଦଣ୍ଡ ବୋଲି ତାହାର ସାନୁଜ
ତାହାର ସାନ ନାମ ଦିଲେ ଯେ ଦୁରାଜ । ୧୫୯ ।
ଚଉତ୍ରିଂଶ ପୁତ୍ରର ନାମ ହୋଇଲା ଦୁର୍ଦାନ
ତହୁଁ ଜାତ ହେଲେ ଦୁର୍ଭାନୁ ଦୁରାକ୍ଷ ଦୁରାଶନ । ୧୬୦ ।
ଦୁଶୟ ଦୁସନ୍ତେକ ଦୁସ୍ତର ଦୁର୍ବହଣ
ଦୁର୍ମାଳ ଦୁରାନନ୍ଦ ଦୁର୍ହରି ଦୁର୍ମର୍ଷଣ । ୧୬୧ ।
ଦୁରାପଦ ଦୂରକ ଦୁର୍ଦାସ ଦୁକାଳ ଦୁରାୟ
ଦୁରାନନ ଦୁର୍ଗତ ଦୁଷ୍ପାପ ଦୁରାଳୟ । ୧୬୨ ।
ଦୁର୍ମତି ଦୁରଙ୍ଗ ଦୁର୍ଜୟ ଦୁର୍ନିଧ୍ର ଦୁର୍ଦ୍ଧାର
ଦୁରାକର୍ଣ୍ଣ ଦୁର୍ଭାଷ ଦୁର୍ଭାବ ଦୁଷ୍କର । ୧୬୩ ।
ଦୁଶିବ ଦୁର୍ମୋହ ଦୁର୍ଭଗ ଦୁର୍ଲୟ ଦୁର୍ଭୟ ଦୁରାମୟ
ଦୁକେତୁ ଦୁରାୟନ ଦୁସିଦ୍ଧ୍ର ଦୁତନୁ ଦୁସିଂହ ଦୁରାଶୟ । ୧୬୪ ।
ଦୁର୍ବାହ ଦୁର୍ନିରୀକ୍ଷ ଦୁର୍ବହ ଦୁର୍ମଦ
ଦୁରାତ୍ମା ଦୁରାଚାର ଦୁସ୍ତେଜ ଦୁରାସଦ । ୧୬୫ ।
ଦୁର୍ମୋକ ଦୁର୍ମୁଖ ଦୁର୍ଦ୍ଦାନ୍ତ ଦୁଶଳ ଦୁର୍ବାକ
ଦୁର୍ବିଗାହ ଦୁର୍ବିନୀତ ତୁରାଧ ଦୁରକ୍ଷକ । ୧୬୬ ।
ଦୁରଭିସନ୍ଧି ଦୁର୍ଣୟ ଦୁରୂହ ଦୁର୍ମେଧ୍ୟ
ଦୁର୍ଦ୍ଦର୍ଷ ଦୁର୍ବିମୋଚନ ଦୁର୍ଭେଦ୍ୟ ଦୁସାଧ୍ୟ । ୧୬୭ ।
ଦୁର୍ଭାସା ବୋଇଲେ ଶୁଣ ହୋ ଧୃତରାଷ୍ଟ
ଯେକୁଂ ଯେକ ପୁତ୍ର ତୋର ମହା ଯେ ବଳିଷ୍ଠ । ୧୬୮ ।
ଶୂରବନ୍ଥ ପୁତ୍ରନ୍ତ ତୁ ଘେନି କୁରୁବଇଂ
ସୁଖେଣ ତୁ ରାଜ୍ୟ କର ନରବଇ । ୧୬୯ ।
ପଣ୍ଡୁର ପ୍ରସାଦେ ତୋତେ ନାହିଁନା ଅନୀତି
ଆପଣେ କଷ୍ଟେ ସେତୋତେ ଶୁଭ ଚିନ୍ତି । ୧୭୦ ।
ତିଆରିଣ ତୀର୍ଥକଇ ଗଲେକ ଦୁର୍ଭାସା
ବ୍ୟାସେ ବିଜେ କଲେ ଯାଇଂ ଶତଶିଂଗ ବସା । ୧୭୧ ।
ପଣ୍ଡୁରାୟ ପ୍ରଳମ୍ବିତ ବ୍ୟାସଙ୍କର ପଦ୍ମପାଦେ
ଅନେକ ସ-ଦ ସ୍ତ୍ରୀମୀ ହେ ତୁମ୍ଭର ପରସାଦେ । ୧୭୨ ।

କେଉଁଣ ଭୁବନେ ତୁମ୍ଭେ ଥିଲ ପିତାମହ
ହସ୍ତିନାର କୁଶଳ ବାରତା ମୋତେ କହ । ୧୭୩ ।
ବ୍ୟାସେ ବୋଇଲେ ହୋ ଦୁର୍ଭାସାଙ୍କର ମନ୍ତ୍ରବଳେ
ଶତେପୁତ୍ର ଉପୁଜିଲା ଗାନ୍ଧାରୀର କୋଳେ । ୧୭୪ । ସଂଖ୍ୟା
ମହା ଆରମ୍ଭେ କୁମରେ ବଡାଇ ବଳବନ୍ତ
ଦୁଷ୍ଟ ପ୍ରକୃତି ସେ ହୋଇବେ ଜଗୁଜିତ । ୧୭୫ ।
ତିଆରସି ପଣ୍ଡୁ ହୋ ତୋହୋର ଭାରିଯାକୁ
ଗାନ୍ଧାରୀ ପୁତ୍ର ରାଜ୍ୟ ନୋହିବଟି ତୁକୁ । ୧୭୬ ।
ଦେବତାଙ୍କର ମଧ୍ୟେ ବଳବନ୍ତ ମରୁତ
ସେ ପବନର ବୀର୍ଯ୍ୟେ ଉପୁଜିଲା ହନୁମନ୍ତ । ୧୭୭ ।
ତ୍ରେତାଯୁଗରେ ସେ ହୋଇଲା ମହାଛତ୍ରୀ
ପର୍ବତେ ସେତୁ ବାନ୍ଧିଲା ଯେକଘାନ୍ତି । ୧୭୮ ।
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଞ୍ଜ ଞଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ଚରବନ୍ଦନ୍ଧତ୍ତରଙ୍କ
ଞଚ୍ଚକ୍ଷଷଲଷନ୍ଦରଯ ଙବବରଙ୍କ
ଶ୍ରୀରାମ ପ୍ରସନ୍ନେ ସେ ହୋଇଲା ତ୍ରିଜୀବୀ
ପବନର ବୀର୍ଯ୍ୟେ ପୁତ୍ର ଗୋଟିଯେ କରସି ଗୋ ଦେବି । ୧୭୯ ।
ଅମରାଧି ନାଥ ଗୋ ସେ ଇନ୍ଦ୍ର ଯେ ଦେବତା
ତେଣେ ହେଂ ପୁତ୍ର ଗୋଟିଯେ ଜାତ କରା ଗୋ ମାତା । ୧୮୦ ।

---

୧୭୦ ପଣ୍ଡୁର ପ୍ରସାଦେ ତୋତେ ନାହିଂ ନା କିଛି ଭୀତି ।
ଆପଣେ କଷ୍ଟପାଇ ତୋତେ ଶୁଭ ଚିନ୍ତେ କୁରୁପତି ।।
୧୭୬ ।୨ ଗାନ୍ଧାରୀ ପୁତ୍ରଙ୍କର ରାଜ୍ୟ ନ ଦେବେଟି ତୁମ୍ଭଙ୍କୁ ।
୧୭୯ ।୨ ନରବଇ-ନରପତି
ଯେତେକ କାର୍ଯ୍ୟ ଗୋ ହୋଅଇଟି ସିନା ତୋହୋର
ତୁ ମହାଭିଗଂ୍ୟ ଗୋ ବିଗ୍ରରି କାର୍ଯ୍ୟ କର । ୧୮୧ ।
କହିଣ ବ୍ୟାସେ ଗଲେ ଶୂନ୍ୟ ଭୁବନେ
ଅନ୍ତରୀକ୍ଷ ହୋଇଣ ଚଳିଲେ ଗଗନେ । ୧୮୨-୨୩୦୭ ।

---

୧୮୧ ।୨ ତୁ ମହାଦେବୀ ଗୋ ବିଗ୍ରର କାର୍ଯ୍ୟ କର ।
୧୯୨ କହିଣ ବ୍ୟାସେ ଯେ ଗଲେ ଅନ୍ତର୍ଦ୍ଧାନେ ।
ଅମରାଧି ପରେ ପ୍ରବେଶ ମହାଶୂନ୍ୟେ ।
ଭୀମ ଜନ୍ମ
ଅନେକ ସାନନ୍ଦ ହୋଇଲେ କୋଇନ୍ତାୟେ ପୁତ୍ରକଇଂ ଦେଖି
ଅତିଅନ୍ତ ସ୍ନେହେଣ ସେ ପାଳନ୍ତି ଯୁଞ୍ଚେଷ୍ଠିକି । ୧ ।
ସାତ ବରଷ ଯେ ହୋଇଲେ ଧର୍ମସୁତ
ଗ୍ଲାନ୍ତେଣ ଚରଣ ନ ବାଜଇ ଭୂମିଗତ । ୨ ।

ଦିନେକ ଦେହରେ କଣ୍‌ଟିଲା ମଶା ଗୋଟିୟେ
ଧୀର କରି ଉଡାଇ ଦିଲା ବାଳୁତ ତନୟେ । ୩ ।
ଦିନେକ ଲିମ୍ୱ୍ରୁ ଗଛରୁ ଝିଣ୍‌ଟିପିଟି ଗୋଟିଏ ପଡିଲା
ପର୍ବତରେ ପଡନ୍‌ତେଣ ସେହି ଅସାଷ୍‌ଟମ ହୋଇଲା । ୪ ।
ଖେଳୁଂ ଖେଳୁଂ ତାହା ଯୁଝେଷ୍‌ଟି କୁମର ଦେଖି
ଲକ୍‌ଷଣବନ୍‌ତ କୁମର ତାହା କାନରେଣ ଫୁଙ୍‌କି । ୫ ।
କୋଇନ୍‌ତାୟେ ଦେଖିଣ ତାହା ହୋଇଲେ ଆଶ୍‌ରିଯ
ବିଚାରନ୍‌ତି ୟେ ପୁତ୍‌ରରେ ନୋହିବ କିଛୁ କାର୍ଯ୍ୟ । ୬ ।
ଆଦ୍‌ୟହୁଂ ଗାନ୍‌ଧାରୀ ଯେ ଅଟଇ ହିଂସାକାରୀ
ୟେ ପୁତ୍‌ରକୁ ଘେନି କି କାର୍ଯ୍ୟ କରି ପାରି । ୭ ।
ଅତିହିଂ ଧର୍ମପଣେ କି ରହଇ ଛତ୍‌ରୀପଣ
ଦୁଖ ପଡି ଉପୁଜାଇଲି ନୋହିଲା କାରଣ । ୮ ।
ଭୋ ଧର୍ମପୁରୁଷ ୟେହେର୍ଣ୍‌ଣେକ ମୋର କର୍ମ
କେବଣ ପାପକ୍‌ଷଣେ ହୋଇଲି ମୁହିଂ ଜନ୍‌ମ । ୯ ।

---

୯ ।୨ କେବଣ ପାପକର୍ମେ ହୋଇଲି ମୁହିଂ ଜନ୍‌ମ ।
ସ୍‌ତିରୀ ଜନ୍‌ମରେ ମୁଂ ହୋଇଲି ଅସତୀ
କେତେ ଭ୍‌ରଥାରେ ଦିନ ଯିବ କର୍ମର ଅଗତି । ୧୦ ।
ପ୍‌ରଥମେ ଆଦିତ୍‌ୟ ଦୁଜେଣ ପଣ୍‌ଡୁରାୟେ
ତୃତୀୟେ ଧର୍ମଦେବତା ବୀର୍ଯ୍ୟ ପ୍‌ରଦାନ କୟେ । ୧୧ ।
ୟେତେକେହେଂ ଭୋ ଧର୍ମଦେବତା ନୋହିଲା ମୋର କାର୍ଯ୍ୟ
ୟେତେ ବଡ ରାଜକୁଳେ ଉପୁଜି ଲେଛିଲି ସର୍ବ ଲାଜ । ୧୨ ।
ସଂସାରେ ଉପୁଜି ଦେବ ନ କଲି କିଛି ଧର୍ମ
କେମନ୍‌ତେ କରି ମୁକତ କରିବଟି ଯମ । ୧୩ ।
ରାଗ ମୋହ ଅହଙ୍‌କାର ଥିଲେ ଉପୁଜିଟି ଅନେକ ପାପ
ରାଜପଦେ ବସିଲେ ବଡାଇ ପରତାପ । ୧୪ ।
ୟେତେକ ବିଚାର କରନ୍‌ତେଣ ଦେବୀ ବସି
ଆଦିତ୍‌ୟ ଅସ୍‌ତ ହୋଇଲେ ପ୍‌ରବେଶ ଆସି ନିଶି । ୧୫ ।
ଅନ୍‌ଧାରି ବିଜେ କଲେ ପଣ୍‌ଡୁ ଗହନ ବିପିନେ
ବେନି ଭାରିଜା ପୁତ୍‌ର ଗୋଟି ଅଛନ୍‌ତି ସେ ସ୍‌ଥାନେ । ୧୬ ।
ମାଦ୍‌ରୀର କୋଳେ ଦେବୀ ସମର୍ପିଲେ ପୁତ୍‌ର ଗୋଟି
ଗୀତରସେ ମଦନା ନିଦ୍‌ରା କରଇଲା ଯୁଝେଷ୍‌ଠି । ୧୭ ।
ଶ୍‌ରାବଣ ଶୁକଳ ପକ୍‌ଷ ତୃତୀୟାର ତିଥି
ତୃତୀୟା ତେର ଦଣ୍‌ଡ ଉତ୍‌ତାରେ ଚଉଠୀ ବାର ବୃହସ୍‌ପତି । ୧୮ । ଶଚ୍‌ଛତ୍‌ତଚ୍‌ଛଜ୍ଞମଚ୍‌ଛଟ୍‌ଟର
ନକ୍‌ଷତ୍‌ର ଯେ ପୂରା ସେ ଦିନର ଭୋଗ
ତତ୍‌ତୁଲ୍‌ୟ ନାମେ କରଣ ସିଦ୍‌ଧ ନାମେ ଯୋଗ । ୧୯ ।
ଶେଯ୍‌ୟାୟେକ ସୁସଞ୍ଚ ଯେ ଆପଣେ କୋନ୍‌ତା ଦେବୀ କଲେ
ତହିଂର ଉପରେ ବସି ଦୁର୍ଭାସାଙ୍‌କର ଜପାମାଳୀ ଘେନିଲେ । ୨୦ ।

ପଞ୍ଚଭୁତ ଆତ୍ମାରେ ଲୟେ କରିଣ ଦେବୀ କୋଇନ୍ତା
ଧ୍ୟାନେଣ ସୁମରିଲେ ସେ ଦୁର୍ଦ୍ଦଣ୍ଡ ପବନ ଦେବତା । ୨୧ ।

---

୧୦ ।୨ କେତେ ଭ୍ରଥାରେ ଦିନଯିବ କର୍ମର ଅପ୍ରୀତି
କେତେ ଭ୍ରଥାରେ ଦିନଯିବ ହୋଇଲି ଅଗତି ।
୧୪ ।୨ ରାଜଦ୍ୱନ୍ଦେ ପଶିଲେ ବଢଇ ପରିତାପ ।
୧୨ ।୨ ଲେଛିଲି-ଛାଡିଲି
୧୪ ।୨ ପରତାପ-ପ୍ରତାପ
ଅମୃତ ପୁରୁଷ ସେ ଋଷିର ମହାମନ୍ତ୍ରରେ
ବିଜେ କଲେ ପବନ ଦେବତା କୋଇନ୍ତାଙ୍କର ଶୟ୍ୟାଇ ଯୁଗତେ । ୨୨ ।
ବାମ କରେ ପାଶ ଯେ ଦକ୍ଷିଣେ ମୁହୁଗର ପୁଣି
ତେଖିଣ ପରାରନ୍ତି କୁନ୍ତଭୋଜର ଦୁଲଣୀ । ୨୩ ।
ମହାପ୍ରଚଣ୍ଡ ତେଜ ଦିଶଇ ଲୋହିତ ବର୍ଣ୍ଣ ରୂପେ
ଅଦଭୁତ ମହାତ୍ମା କାହ୍ନ ବିଜେ କଲୁ ମୋହୋର ସମୀପେ । ୨୪ ।
ବଦୟନ୍ତି ଶୂନ୍ୟ ପୁରୁଷ ତୁ ଯାହା ସୁମରିଲୁ କୋଇନ୍ତା
ଚେତନା ପୁରୁଷ ହାଦେ ମୁଁ ପବନ ଦେବତା । ୨୫ ।
ତୁ ମୋତେ ଅଭିଲାଷ କଲୁ କୋନ୍ତଭୋଜର ଦୁଲାଳୀ
ଅମୃତ ପୁରୁଷ ମୁଁ ବିଜେ କଲି ଦୁର୍ଭାସାଙ୍କର ମନ୍ତ୍ର ଭୟେ କରି । ୨୬ ।
ସରୂପ ଜାଣି ଦେବୀ ସଲଜ୍ଜିତ ମତି
ପବନ ଦେବତାୟେ କୋଇନ୍ତାଙ୍କୁ କୋଳେ ଧଇଲେ ତତକ୍ଷଣାନ୍ତି । ୨୭ ।
ଯେସନେକ ପ୍ରଭୁ ଭାରିଯା ବିବସନଶାହୀ
ମଦନା ହିଂ ଯତନେ ଛାଡିଗଲା ସନ୍ନିଧେୟ କେହି ନାହିଁ । ୨୮ ।
ମରୁତ ଦେବତା ତୁଲେ ଯହ୍ନ ଶୃଙ୍ଗାରକୁ ଇଚ୍ଛା
ବଢିଲା ରତିରଙ୍ଗ ଓହୋ କୁଳର ମନବାଞ୍ଛା । ୨୯ ।
ଚନ୍ଦ୍ର ପବନ ଘେନି ପଞ୍ଚିଶ ପ୍ରକୃତି
ବଳବନ୍ତ ଦେବତାର ଶୃଙ୍ଗାର ସହିଲା ସେ ଅନାଦି ଶକତି । ୩୦ ।
ଚନ୍ଦ୍ରମେଳକ ଘେନି ବିଷ୍ଣୁ ବାତ ପ୍ରସନ୍ନେ
ଛାଡିଲା ମହାବୀର୍ଯ୍ୟ ସେ ଦୁର୍ଦଣ୍ଡ ପବନେ । ୩୧ ।
ପବନ ଦେବତାର ସେ ଅମୋହ ରେତ ପଡି
ମୂର୍ଚ୍ଛାଗତ ହୋଇ ପଡିଲେ କୋଇନ୍ତାୟେ ସହିତ ନୁଆରି । ୩୨ ।
କୋଳ କରି ଧଇଲେ ପବନ ଦେଇଣ ଜୀବନ୍ୟାସ
ଆପଣାର ଆତ୍ମା ଯାଇ ତହାର ଗର୍ଭରେ ପ୍ରବେଶ । ୩୩ ।

---

୨୯ ମରୁତ ଦେବତା ଦେବୀ ଶୃଙ୍ଗାର ରସ ଇଚ୍ଛା ।
ବଢିଲାକ ଶୃଙ୍ଗାର ପୂରିଲା ମନବାଞ୍ଛା । ।
୩୧ ।୧ ଚନ୍ଦ୍ରବଳ ଘେନି ବିଷ୍ଣୁବାତ ପ୍ରସନ୍ନେ (ପବନେ)
୩୨ ।୧ ଅମୋହ-ଅମୋଘ
ଯହ୍ନ ମହାଭାର ସହି ନ ପାରିଲେ ଦେବୀ କୋନ୍ତୀ
ସଇନ୍ଦୁ ପୁତ୍ରେକ ଯେ ହୋଇଲା ଉତପତ୍ତି । ୩୪ ।

କୋଇନ୍ଥାଙ୍କର ଗର୍ଭରୁ ପୁତ୍ରେକ ଅବତରି
ଥରହର କୁଅଛି ଚାରିଶତ ଯୁଣ ଶତଶିଂଗ ଗିରି । ୩୫ । ସଂଖ୍ୟା
ପୁତ୍ରରାବେ କି-ଲା ଆକାଶ ସପତ ବ୍ରହ୍ମାଣ୍ଡ
ଆଠଲକ୍ଷ ପର୍ବତ ଘେନି କି-ଲା ମେଦିନୀ ନବଖଣ୍ଡ । ୩୬ । ସଂଖ୍ୟା
ପୁତ୍ର ଦେଖି ପବନ ଦେବତା ସାନନ୍ଦ ଚିତ୍ତେ
ଦେଖଇ ଭୁବି ଭୁବନ ସେ କ-ଇ ଅପ୍ରମିତେ । ୩୭
ଦେବରାଜା ଗିରିରାଜା କ-ଇ ଯମରାଜା
ଭୀମସେନ ନାମ ଦିଲେ ପବନ ଦେବରାଜା । ୩୮ ।
ପୁତ୍ରକଇ ନାମ ଦେଇ ସେ ଚଲିଲେ ପବନ ପୁଣି
ନନ୍ଦନ ଦେଖି ସାନନ୍ଦ କୁନ୍ତଭୋଜର ଦୁଲଣୀ । ୩୯ ।
ମହାଘୋର ଅନ୍ଧକାର ବରଷନ୍ତି ମେହେ
କ୍ଷେପନ୍ତି ବଲାହକେ ଯେହ୍ନେ ବିଜୁଳି କନକରେହେ । ୪୦ ।
ପୁତ୍ରଗୋଟି ଘେନି ଦେବୀ ରାତ୍ରକାଳେ ପର୍ବତେ ଅଛଇଁ ବସି
ମହାମତ୍ତ ବ୍ୟାଘ୍ରେକ ଗର୍ଜନ କଲା ଆସି । ୪୧ ।
ବ୍ୟାଘ୍ରର ଗର୍ଜନ ଶୁଣି ତ୍ରାସିଲେ ଦେବୀ କୋଇନ୍ତେ
ଭୟେଣ ଛାଡି ପଳାଇଲେ ପୁତ୍ରକୁ ପକାଇ ଶତଶିଂଗ ପର୍ବତେ । ୪୨ ।
ଚାରିଶତ ଯୋଜନ ଯେବଣ ମହାଗିରି
ସେ ପର୍ବତ ରସାଂଗତ ହୋଇଲା କୁମର ଯହ୍ନଂ ପଡି । ୪୩ ।
ମହାଭାରା ପର୍ବତ ଯହ୍ନଂ ପଶିଲା ରାସାନ୍ତଳେ
ଦେଖିଣ ତ୍ରାସିଲେ ସକଳ ଦିଗପାଳେ । ୪୪ ।
ପୁତ୍ରନ୍ତ ତଳେ ପକାଇ କୁନ୍ତୀ ପଳାଇଲେ ଡରେ
ଧାତିକାରେ ଉଠିଲେ ସେ ବୃକ୍ଷର ଉପରେ । ୪୫ ।

---

୩୯ ।୧ ପୁତ୍ରକଇ ନାମ ଦେଇ ସେ ଚଲିଲେ ପ୍ରାଣମଣି ।
୪୦ ।୧ ମେହେ-ମେଘେ ୪୦ ।୨ ରେହେ-ରେଖେ ।
୪୧ ।୨ ପୋଥିମାନଙ୍କରେ ବ୍ୟାଘ୍ର ସ୍ଥାନରେ ବ୍ରାଘ ଅଛି ।
ପର୍ବତେ ପଡି କାନ୍ଦଇ ସେ ବାଳଶିଷି
ଶ୍ରାବଣମାସ ଘୋର ଅନ୍ଧକାର ପଛିମୁଁ ବତାସ କରି ବରଷି । ୪୬ ।
ପଡିଅଛି ନନ୍ଦନ ଉତ୍ତାନଶାହୀ ହୋଇଁ
କାନ୍ଦଇ ନନ୍ଦନ ଯେ ବାଳୁତ ରାବ ଦେଇ । ୪୭ ।
ଗର୍ଜନ ନାଦ କରି ଧାମଇ ମତ୍ତ ବ୍ରାଘ
ପୁତ୍ରକୁ ଘୋଟିଲା ସେ କରିବ ଆଧାର ଯୋଗ । ୪୮ ।
କାନ୍ଦଇ ସେ ଭୀମସେନ ଚରଣ ହଲାଇ
ବ୍ୟାଘ୍ରର ମୃଧୁନିରେ ବାଜିଲା ପାଦ ଯାଇ । ୪୯ ।
ଭୀମର ଦକ୍ଷିଣ ଚରଣ ବାଜିଲା ବ୍ୟାଘ୍ରର ମୃଧୁନା
ବାଜନ୍ତେ ମୃଧୁନା ତାର ହୋଇଲା ଶତେ ଚୂନା । ୫୦ ।
ରୁଧିର ବୃଷ୍ଟି ହୋଇ ପଡିଲାକ ବ୍ୟାଘ୍ର
ରଜନୀ ପ୍ରଭାତ ହୋଇଲା କାନ୍ଦଇ ଯେ ପୁତ୍ର । ୫୧ ।
କୋଇନ୍ତାୟେ ଉଠିଛନ୍ତି ବୃକ୍ଷର ଉପରେ

ପଣ୍ଡୁ ଆସି ହୋଇଲେ ଶତଶିଂଗ ପର୍ବତରେ । ୫୨ ।
ଦେଖିଲେ କାନ୍ଦୁଅଛି ସୁନ୍ଦର ବାଳୁତ
ପୁତ୍ର ପାଦତଳେ ବ୍ୟାଘ୍ର ହୋଇଅଛି ହତ । ୫୩ ।
ପୁଣ ଯେ ରୋଦନ କରନ୍ତେ ବାଳୁତ
ସରୂପ ଦେଖିଣ ପଣ୍ଡୁ ହୋଇଲେ ଚକିତ । ୫୪

---

୪୭ ।୧ କାନ୍ଦଇ ନନ୍ଦନ ଯେ ମେଘ ଗରଜଇ ।
୫୦ ବାଳୁତ ପୁଅର ପାଦ ବାଜି ବ୍ୟାଘ୍ରର ମୃଧୁନ
ବାଜି ବ୍ୟାଘ୍ର ମୁଣ୍ଡ ହୋଇଲା ଶତେ ଚୂର୍ଣ୍ଣ ।
ଅନ୍ୟ ପୋଥିରେ-
୫୧ ରୁଧୀର ବୃଷ୍ଟି ହୋଇଁପଡିଛି ବ୍ୟାଘ୍ରବର ।
ରଜନୀ ପ୍ରଭାତ ହୋଇଲା ପଡିଛି ପର୍ବତ ଉପର ।।
ପଣ୍ଡୁ ଆସି ହୋଇଲେ ଶତଶିଂଗ ପର୍ବତେ ।
ଦେଖିଲେ ରୋଦନ କରଇ ସୁନ୍ଦର ବାଳୁତେ ।।
ପୁତ୍ର ଦେଖି ପଣ୍ଡୁରାଜା ହୋଇଲେ ହରଷ ଚିତ୍ତ ।
ବିଚାରଇ କେବଣ ମାୟା ଯେ ରୋଦନ, କରଇ ବାଳୁତ ।।
୪୭ ।୧ ଉତ୍ତାନଶାହୀ-ଉତ୍ତାନଶାୟୀ
୪୮ ।୨ ଆଧାର-ଆହାର
୪୮ ।୧ ବ୍ରାଘ-ବ୍ୟାଘ୍ର
ଚଉଦିଗକୁ ଅନାଇ ଅମ୍ବ୍ରାଳିକା ସୁତ
ଭାଳିଲେ ମାୟା କରିଛି କେବଣ ଦଇବତ । ୫୫ ।
କେବଣ ମହାତ୍ମା ଯେ ପୁତ୍ର ଗଲା ଛାଡି
କେଣିକି ଗଲା ପୁତ୍ର ଯେକା ଅଛି ପଡି । ୫୬ ।
ଅନଙ୍ଗ ଶରୀର ଜାଣି ବ୍ରହ୍ମାଣ୍ଡ ତେଜ ଫୁଟି
ବିଚାରନ୍ତି ପଣ୍ଡୁରାଯେ ଯେ କାହାର ପୁତ୍ର ଗୋଟି । ୫୬ ।
ସ୍ତ୍ରୀମୋକି ଦେଖିଣ କୋନ୍ତଭୋଜର କୁମାରୀ
ଭୟ ଛାଡିଣ ଦେବୀ ବୃକ୍ଷରୁ ଅବତରି । ୫୮ ।
ପଣ୍ଡୁର ଦେଖନ୍ତେଣ ଯେ କାନ୍ଦଇ କୁମର
ବାମପାଦ ଅଙ୍ଗୁଷ୍ଠି ବୋଜିଲା ପର୍ବତ ଶିଖର । ୫୯ ।
ଅନାଦି ସିଦ୍ଧ ସେ ଅଟଇ ଗିରିବର
ଶିଂଗ ତୁଟନ୍ତେ ଅନୁବ୍ରତେ ବହୁଅଛି କ୍ଷୀର । ୬୦ ।
ଶିଂଗ ଦ୍ୱାଦଶ ଯୋଜନ ତଳି ଶତେ ଯୋଜନ ଶିର
ବାମପାଦ ଅଙ୍ଗୁଷ୍ଠି ଲାଗି ହୋଇଲା ଶତେ ଚୂର । ୬୧ ।
କୋପେ ପ୍ରଜ୍ୱଳିତ ହୋଇଇଲା ଡିଙ୍ଗର
ପ୍ରଥମରେ ପାଦ ମତେ କଲୁରେ ପ୍ରହାର । ୬୨ ।
ରାଗେଣ ବ୍ୟଥା ପାଇ ବୋଇଲା ଗିରିବର
ବାଳୁତ ବୟସୁଂ ଯେତେ ପ୍ରାକର୍ମ ତୋହୋର । ୬୩ ।
ଜନ୍ମ ହୋଇଲୁ ତୁ ମୋହୋର କୋଳର
ମୋର ଶାପ ତୋତେ ଫଳୁରେ ମରୁତ କୁମର । ୬୪ ।

ଆରେ ଆରେ ଭୀମା ତୁ ପ୍ରଥମ ଯୁଦ୍ଧେ ହାର । ୬୫ ।
ଯେସନେକ ଶାପ ଯହୁଁ ଗିରିବର ଦିଲା
ଆସିଣ କୋଇନ୍ତା ଦେବୀ ପୁତ୍ରନ୍ତ ସମ୍ଭାଳିଲା । ୬୬ ।
ପଣ୍ଡୁ ପୁଚ୍ଛା କଲେ କୋନ୍ତା ଯେ କାହାର ନନ୍ଦନ
ଯେ ପୁତ୍ର ଦେଖି ସାନନ୍ଦ ହୋଇଲା ମୋ ମନ । ୬୭ ।

---

୫୫ ।୨ ଦେବକୁମାର ପ୍ରାୟେ ଦିଶେ ପୁଣ ଯେ ତ । ।
୬୦ ।୨ ଶିଂଗ ତୁଟନ୍ତେ ଅନୁବ୍ରତେ ବହଇ ରୋଧିର । ।
୬୨ ।୨ ପ୍ରାକର୍ମ-ପରାକ୍ରମ
ଆହୋ ସ୍ୱାମୀ ତୁମ୍ଭେ ଛାଡିଣ ଗଲ ଯେବଣ ରାତି
ମେଘ ଅନ୍ଧାର କରି ବରଷଇ ଘୋରମୂର୍ତ୍ତି । ୬୮ ।
କାମେଣ ସୁମରିଲି ମୁଁ ପବନ ଦେବତାଙ୍କୁ
ସେ ମହାପୁରୁଷ ଆସି ଆବୋରିଲେ ମୁକୁ । ୬୯ ।
ତହାରେଣ ପୁତ୍ରେକ ପ୍ରାପତ ହୋଇଲା ଯେ ମୋତେ
ଭୀମସେନ ନାମ ଯେହାକୁ ଦିଲେକ ମରୁତେ । ୭୦ ।
ଶୁଣିଣ ପଣ୍ଡୁରାୟେ ହୋଇଲେ ଅନେକ ଉଷତ
ବୋଇଲେ ପୁତ୍ର ଗୋଟି ମୋର କୋଳେ ଦିଅସି ସଂଘାତ । ୭୧ ।
ଯେତେ ବୋଲି ପୁତ୍ରକୁ ଧଇଲେ ପଣ୍ଡୁ ନରନାଥ । ୭୨ ।
ଯେ ପର୍ବତ ଶାପ ଦିଲା ଯେ ପୁଅକୁ
ଅନେକ ବିନୋୟୀ ହୋଇ ଦେବୀ କହିଲେ ପର୍ବତକୁ । ୭୩ ।
ହେ ମହତ ପର୍ବତ ଆମ୍ଭନ୍ତ ସମ୍ଭାଳିଲୁ
ପବନ ଦେବତାର ପୁଅର ଆର୍ଦ୍ଦୋଳି ସହିତ ନୁଆରିଲୁ । ୭୪ ।
ତୋହୋର ତହିଁ ଆମ୍ଭେ କରୁଅଛୁଁ ବାସ
ତୁ ସୟଳ ଆମ୍ଭର ଯେ ସହିବୁ ଦଶ ଦୋଷ । ୭୫ ।
ନିକଳଙ୍କ କରି ମୁଁ ଯେ ପୁତ୍ର କଲି ଜାତ
ବାଳୁତକୁ କୋପ କେ- କଲୁ ହେ ମହତ ପର୍ବତ । ୭୬ ।
ପୁତ୍ରକଇ ଶାପ ମୋର ଦିଲୁ ନ ବିଗ୍ରି
ତୁମ୍ଭଙ୍କୁ କାଟନ୍ତୁ ଜନେ ଖଣ୍ଡ ଖଣ୍ଡ କରି । ୭୭ ।
ଆବର ଶାପ ଦେଇଁ ଲୋଡୁଛଇ କୋନ୍ତେ
ବିନୟ ଭାବ ହୋଇ ବୋଲାଇ ପରବତେ । ୭୮ ।
ରାଗେଣ ଯେବଣ ଶାପ ଦେଲୁସି ଗୋ ମାୟେ
ଖଣ୍ଡ ଖଣ୍ଡ କରାଇଲୁ ଅତୁଟ ମୋର କାୟେ । ୭୯ ।
ଆହୁରିହିଁ ଶାପ ଦେଇ ଲୋଡୁଅଛୁ ମୋତେ
ରହ ରହ ମାତା ଗୋ ମୁଁ ପ୍ରସନ୍ନ ହୋଇଲ ହିଁ ତୋତେ । ୮୦ ।

---

୬୯ ।୧ ତ୍ରାସେଣ ସୁମରିଲି ପବନ ଦେବତାଙ୍କୁ
୭୦ ।୧ ତହାର କଲ୍ୟାଣେ ପୁତ୍ର ପ୍ରାପତ ହୋଇଲାକ ମୋତେ । ।
୭୫ ।୨ ପବନ ଦେବତା ଅରୋପଣଏ ବିସରିଲୁ । ।
୭୫ ।୨ ଆବର ଅଚଳ ତୁ ସହିବୁ ନା ସର୍ବ ଦୋଷ ।

ଅବଶ୍ୟ ଯେ ପୁତ୍ର ତୋର ପ୍ରଥମ ଯୁଝରେ ହାରିବ
ଦୁଜ ଯୁଝରେ ମୋତେ ସୁମରଣା କରିବ ।୮୧ ।
ପବନର ବୀର୍ଯ୍ୟେ ଜାତ ଯେ ତୋହୋର ପୁତ୍ର ଭୀମ
ଶତେ ସିଂଘର ଯେହାର ହୋଇବ ପରାକ୍ରମ ।୮୨ ।
ମୁଁ ଯେତେବେଳେ ବସିବି ଯେହାର ଦକ୍ଷିଣ ପାଣି
ବ୍ରିକୋଦର ମୂରିତ ହୋଇବ ବ୍ରହ୍ମାଣ୍ଡ ଶିରୋମଣି ।୮୩ ।
ଯଦ୍ୟପି ବ୍ରହ୍ମା ବିଷ୍ଣୁ ମହେଶ୍ୱର ହୋଇବ
ବ୍ରିକୋଦର ମୂରତି ଦେଖି ସବୁନ୍ତି ଭୟେ ଉପୁଜିବ ।୮୪ ।
ଯେତେବେଳେ କ୍ରୀଡାକଲୁ ନିରଞ୍ଜନ ଦେବତାଙ୍କୁ ଘେନି
ତୋହୋର ନାମ ଗୋଟା ଗୋ ପ୍ରତକ୍ଷେ ନିରଞ୍ଜନୀ ।୮୫ ।
ପବନକଇ ଘେନିଣ ରମଣ କଲୁ ଗୋ ଆଜ ରାତି
ପ୍ରଭଞ୍ଜନୀ ନାମ ତୋର ଆଜ ହୁଂ ଦେବୀ କୋନ୍ତୀ ।୮୬ ।
ସତ୍ୟଯୁଗ ଅନ୍ତେ ତ୍ରେତୟା ଯୁଗେ ଗଉତମ ମହାମୁନି
ଅହଲ୍ୟା ମହାସତୀ ଗୋ ତାହାର ଭାବିନୀ ।୮୭ ।
ଋଷିଙ୍କର ଘରେ ଉତପତ୍ତି ଅନାଦିରୂପ ଘେନି
ପିତାମାତାୟେ ନାମ ତୋର ଦିଲେ ପ୍ରଭଞ୍ଜନୀ ।୮୮ ।
ସେ ଜନମେ ସହିଲୁ ତୁ ବୀର୍ଯ୍ୟଦାତା ମରୁତ
ମହାବଳବନ୍ତ ତୋର ତହୁଁ ଜାତ ହୋଇଲେ ହନୁମନ୍ତ ।୮୯ ।
ତ୍ରେତୟା ଯୁଗେ ପ୍ରଦାନ ତୋତେ ହୋଇଲେ ଉତଙ୍ଗ
ପୁଣି ପବନେ ହୋଇଲା ତୋର ରତି ରଙ୍ଗ ।୯୦ ।
ସେ ମହାବୀର୍ଯ୍ୟର ଭାର। ତୁହି ସିନା ସହୁ
ପୃଥୀର ନିମନ୍ତେ ତୁହି ମହାଭାର। ଯେ ବହୁ ।୯୧ ।
ଯେବେ କୋନ୍ତ ଭୋଜର ଘରେ ହୋଇଲୁ ଉତପତ୍ତି
ପ୍ରଥମରେ ତୋଷିଲୁ ଗୋ ଦୁର୍ଭାସା ମହାଯତି ।୯୨ ।
ସେ ତୋତେ ପ୍ରସନ୍ନ ହୋଇଲେ ଦୟା ପ୍ରତିପାଳି
ଅଜପା ମହାମନ୍ତେଣ ଦିଲେକ ଜପାମାଳୀ ।୯୩ ।

---

୮୧ ।୨ ଦୁଜ ଯୁଦ୍ଧରେ ମୋତେ ଯେ ବାରେକ ସୁମରିବ ।
୮୭ ।୨ ଅହଲ୍ୟା ମହାସତୀ ଗୋ ତାହାର ଘରଣୀ ।
୯୦ ।୧ ଉତଙ୍ଗ-ଉତଙ୍କ
ତୁ ଯେ ପରମ ବୈଷ୍ଣବୀ ଦେବୀ ଯେ ଅର୍ଣ୍ଣପୂର୍ଣ୍ଣା
ମୋତେ ସେ ଦୟାକର ଗୋ ପଣ୍ଡୁରାଜା ବାମା ।୯୪ ।
ଶୁଣିଣ ସନ୍ତୋଷ ଯେ କୋଇନ୍ତା ହୋଇଲେ
ତୁ ମହତ ଗିରିବର ବୋଲିଣ ବୋଇଲେ ।୯୫ ।
ମୋହୋ ଶାପ ତୋତେ ନୋହିବାକ ଆନ
ଥୋକାୟେ ଖଣ୍ଡ ହୋଇ ହୋଇବ ଦେବତାମାନ ।୯୬ ।
ଜଗତଯାକ ତୋତେ ଆରାଧନା କରିବେ
ତୋହୋର ଥିଲା ଥାନେ ଦେବତାୟେ ବସିବେ ।୯୭ ।
ବଦନ୍ତି ଅଗସ୍ତ ଶୁଣସି ମହାରଥା

ଶୁଣ ସାବଧାନେ ଭୀମସେନର ବାଳକାଳ କଥା । ୯୮ ।
ଭୀମକୁ ଶୁଆଇଣ ଦେବୀ କୋନ୍ତ ଭୋଜର କୁମାରୀ
ରାନ୍ଧଣା ବିଧି ଯୋଗାଡମାନ ଦେବୀ ସାରି । ୯୯ ।
ମାଦ୍ରୀ କୋଇନ୍ତାୟେ ଗଲେ ଗଙ୍ଗା ଯେ ସ୍ନାହାନେ
ପଣ୍ଡୁ ରହିଛନ୍ତି ଯେ ଉଦ୍ଦାଳକ ବନେ । ୧୦୦ ।
ରାନ୍ଧଣାଶାଳରେ ସେ ପଶିଲା ମାରୁତି
ପାକଶାଳେ ଯାଇ ମିଳିଲା ତଡତି । ୧୦୧ ।
ଭାତ ତିଉଣ ଯେତେ ଥିଲାଟି ରାନ୍ଧଣା
ସବୁଠାରୁ ଅଧେ ଅଧେ ଭୁଞ୍ଜଇ ବାଳୁତ ଦୁଲଣା । ୧୦୨ ।
ବାହୁଡିଣ ଆସି ଭୀମସେନ ସେହିଠାରେ ଶୁତେ
ସ୍ନାହାନ ସାରି ଅଇଲେ ଦେବୀ ଯେ କୋଇନ୍ତେ । ୧୯୩ ।
ପଣ୍ଡୁ ବିଜେ କଲେ ନିତ୍ୟକର୍ମ ସାରି
ମଣୋହିଠାରେ ସେ ବିଜୟେ ଦଣ୍ଡଧାରୀ । ୧୦୪ ।
କୋଇନ୍ତା ଦେବୀ ବିଜେ କଲେ ରାନ୍ଧଣାଶାଳରେ
ଦେଖିଲେ ଅଧେ ଅଧେ ନାହିଁ ରାନ୍ଧଣଆ ହାଣ୍ଡିରେ । ୧୦୫ ।
ବାହୁଡି କହିଲେ ଯାଇ ପଣ୍ଡୁରାଜା ଆଗେ
ଭୋ ଦେବ ଅଧେ ଅଧେ ନାହିଁ ରାନ୍ଧଣା ଯୋଗାଡ ପାଗେ । ୧୦୬ ।

---

୧୦୦ ମାଦ୍ରୀ କୋନ୍ତୀ ଦୋହେଁ ଗଲେ ସ୍ନାନସାରି ।
ପଣ୍ଡୁ ଯେ ରହିଛନ୍ତି ଉଦ୍ୟାନ ନାମେ ଗିରି । ।
୧୦୩ ।୧ ଶୁତେ-ଶୁଏ
ପଣ୍ଡୁ ବୋଇଲେ ଶିଢିଲାର ପଂକୁ ଅନ୍ନ
ବିଶୋଇଲେ ହୁଅଇ ସେ ଅଳପ ବିଧାନ । ୧୦୭ ।
ଆହୁତିକ ଆଧାର ଦିଲେ ଅନ୍ନ ଯେ ମେଞ୍ଜନ
ଦେବ ପିତୃ ଦେଇ ଆପଣେ କଲେକ ଭୋଜନ । ୧୦୮ ।
ଏହିମତି ବାଳୁତ ଭୁଞ୍ଜଇ ନିତି ପ୍ରତି
ଦିନୁଁ ଦିନୁଁ ଆଧାରେ ବଢିଲା ପୀରତି । ୧୦୯ ।
ପୁଆଇ ପୁଆଇ କରି ଭୁଞ୍ଜୁ ଭୁଞ୍ଜୁ ଅଳପ ରହିଲା
ଏହିମତ ବରଷ ପରିଯନ୍ତେ ଗଲା । ୧୧୦ ।
ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଚଉଠି ସୌରିବାର
ଉତ୍ତରାଷାଢା ନକ୍ଷତ୍ର ଭୋଗ ସେ ଦିନର । ୧୧୧ । ଶଚ୍ଛତ୍ତଚ୍ଛଙ୍ଗମଚ୍ଛଟ୍ଟର
ବବନାମେ କରଣ ସିଦ୍ଧି ନାମେ ଯୋଗ
ଋଷଭ ସଂକ୍ରାନ୍ତିକି ଦ୍ୱାଦଶ ଦିନ ଭୋଗ । ୧୧୨ ।
ସେଦିନ ପାକଶାଳେ ପଶିଣ ବାଳଶିଷି
ମହାସରାଗ କରି ସମସ୍ତ ଗରାସି । ୧୧୩ ।
ଭୁଞ୍ଜୁ ଭୁଞ୍ଜୁ ନନ୍ଦନ ସମସ୍ତ କଲା ଭକ୍ଷା
ଯୋଗାଡ ସରିଲା ହାଣ୍ଡିମାନ ହେଲା ତୁଚ୍ଛା । ୧୧୪ ।
ବାହୁଡି ଶୋଇଲା ଯାଇ ଶଯ୍ୟାରେ ଯୁଗତେ
ସ୍ନାହାନ ସାରି ପ୍ରବେଶ ହେଲେ ଦେବୀ କୋନ୍ତେ । ୧୧୫ ।

ପଣ୍ଡୁ ବିଜେ କଲେ ଆସି ଆପଣା ଆସନେ
କୋଇନ୍ତାୟେ ବିଜେ କଲେ ପାକଶାଳା ଭୁବନେ । ୧୧୬ ।
ପ୍ରଥମ ଓରେୟାରେ ଦେଖିଲେ ତହିଁ କିଛି ନାହିଁ
ଆଶ୍ରିଜ ହୋଇଲେଦେବୀ ସମସ୍ତ ପାକ ଗୃହିଁ । ୧୧୭ ।
ବିସ୍ମୟେ ହୋଇ ପ୍ରବେଶ ହୋଇଲେ ପଣ୍ଡୁ ରାଜାଙ୍କର କତି
କେବଣ ଚରିତ ବୋଲି ପୁଚ୍ଛା କୟେ ପଣ୍ଡୁ ନୃପତି । ୧୧୮ ।

---

୧୦୭ ।୨ ବିଶୋଇଲେ-ବିଶ୍ରାମ କରିବା ପରେ-ରହିଗଲା ପରେ
୧୦୮ ।୧ ମେଞ୍ଜନ-ବ୍ୟଞ୍ଜନ ୧୧୦ ।୧ ପୁଆଇ-ଅନ୍ନ ବ୍ୟଞ୍ଜନାଦି ପ୍ରାପ୍ତ କରାଇ
୧୧୧ ।୧ ସୌରିବାର-ସୂର୍ଯ୍ୟପୁତ୍ର ଶନିବାର
୧୧୭ ।୧ ଓରେୟା-ଓରିଆ-ଉରିଆ-ଅନ୍ନପାତ୍ର
କୋଇନ୍ତାୟେ ବୋଇଲେ ଦେବୀ ମଣୋହି ଯୋଗାଡ
କିଛିହିଁ ନାହିଁ ଦେବ ହାଣ୍ଡିମାନଙ୍କର । ୧୧୯ ।
ପଣ୍ଡୁ ପ୍ରତିବାଚ ତୁ ଥିର ହୋଇଥାଅ ପ୍ରିୟା
ତଦନ୍ତ କରି ଦେବୀ ବୁଝିବା ଆମ୍ଭେ ୟେହା । ୧୨୦ ।
ଶୀତଳ ଦ୍ରବ୍ୟମାନ ଭୁଞ୍ଜିଲେ ନୃପମଣି
ଦିନ ଅସ୍ତ ଗଲା ପାହିଲା ରୟଣୀ । ୧୨୧ ।
ପଣ୍ଡୁ ବୋଇଲେ ଆଜ କ୍ଷୁଧା ବଡ ଲାଗି
ଦୁଗୁଣା ମଡ଼ୁଲି ରାନ୍ଧଣା କର ବେଗି । ୧୨୨ ।
କୋଇନ୍ତା ମାଦ୍ରୀ ୟେ ପାକ ସଜ୍ଜ କଲେ
କବାଟ କିଳି ତିନିହେଁ ସ୍ନାହାନକୁ ଗଲେ । ୧୨୩ ।
ବଦୟନ୍ତି ଅଗସ୍ତି ଶୁଣସି ମହତ
ଭୀମସେନ ବାଳୁତ କୁତୁହୋଳ ଚରିତ । ୧୨୪ ।
ଶୋଇଲା ଠାବରୁ ଗୁଳୁଗୁଞ୍ଜ ମାରି ଉଠି
ରାନ୍ଧଣା ଶାଳେ ପଶି ପାକନ୍ତ କରଇ ଅଇଁଠି । ୧୨୫ ।
ପଣ୍ଡୁ ଗୁପତ ହୋଇ ବସିଥିଲେ ପରବତେ
ଧାତିକାରେ କବାଟ ଫେଡିଣ ପଶିଲେ ଗୃହଗତେ । ୧୨୬ ।
ମଡୁଲି ଘରେ ୟେ ପଶିଲେ ଗୁପତ ହୋଇ
ଦେଖିଲେ ଭୀମସେନ ପାକନ୍ତ ସବୁ ଖାଇ । ୧୨୭ ।

---

୧୨୪ ।୧ ବଦନ୍ତି ଅଗସ୍ତି ପରେ ଅନ୍ୟ ପୋଥିରେ ଅଧିକା ପାଠ-
ବଦୟନ୍ତି ଅଗସ୍ତି ଶୁଣ ଯୁଗ ମହୀ ରାଜନ ।
ବାଳୁଂ କୁତୋହୋଳ ଚରିତ ବିଧାନ । ।
ୟେକଦିନେ ପଣ୍ଡୁ ଗୁପତ ଥାନେ ବସି ।
ଶୋଇଲା ଠାବରୁ ବାଳୁତ ଉଠିଆସି । ।
ସମସ୍ତ ପଦାର୍ଥ ୟେ କରଇ ଉତ୍ତିଷ୍ଠ ।
ରାନ୍ଧଣାଶାଳେ ପଶି ପାଗ କରେ ନଷ୍ଟ । ।
ପଣ୍ଡୁ ଭିତରେ ପଶିଲେ ଗୁପତେ ।
ଧାତିକାରେ କପାଟ ଫେଡି ପଶିଲେ ଗୃହଗତେ । ।

୧୨୧ ।୨ ରୟିଣୀ-ରାତ୍ରି, ରଜନୀ ୧୨୨ ।୨ ମଡଫୁଲି-ଅନ୍ନବ୍ୟଞ୍ଜନାଦି
୧୨୫ ।୧ ଗୁଳୁଗୁଞ୍ଚା-ଗୁଳୁଗୁଚ୍ଚା ମାରି, ପେଟେଇ ହାମୁଡି ଉଠି
୧୨୭ ।୧ ମଡଫୁଲି ଘରେ-ରାନ୍ଧଣା ଘରେ
ବେସାଳିନ୍ତ କରେ ଘେନି ବିସ୍ତାର କରଇ ତୁଣ୍ଡ
ଯେକା ଗ୍ରାସକେ ଢୋକଇ ତ୍ରିପୁତି କରଇ ପିଣ୍ଡ । ୧୨୮ ।
ରାଗେଣ ପଣ୍ଡୁ ବୋଇଲେ କୋପ ସଂଘରି ନ ପାରି
ହାଣିମି ବୋଲି ସେ ଖଡଗ ବେଗେ ଲୋଡି । ୧୨୯ ।
ସାଂଜୋୟା ଶାଳେ ପଶି ଆଣନ୍ତେ ଅସିବର
ବାହାର ହୋଇ ପଲାଇ ସେ ବାଳୁତ କୁମର । ୧୩୦ ।
ଅସିପତ୍ର ଘେନି ରାୟେ ଅଛନ୍ତି ଗୋଡାଇ
ପବନହୁଂ ବେଗେ ବାଳୁତ କୁମର ପଲାଇ । ୧୩୧ ।
ବନ କନ୍ଦର ପର୍ବତ ନିର୍ଝର ଅଟବ୍ୟା
ମହାରାଜେ ଗୋଡାବନ୍ତି ପଣ୍ଡୁରାଜ ଦେବା । ୧୩୨ ।
ଭୀମସେନ ପଲାନ୍ତେ ପଣ୍ଡୁ ଗୋଡାଇ ପଛକତି
ପଣ୍ଡୁର ପଛେ ଅଗ୍ନି ବ୍ରାହ୍ମଣେକ ହୋଇଣ ଧାମନ୍ତି । ୧୩୩ ।
ପଣ୍ଡୁ ବୋଇଲେ ମୋହୋର ଅବଶ୍ୟ ନିୟମ
ନିଶ୍ଚୟେ ଆଜ ତୋର ଶିର ଛେଦି ବିରେ ଭୀମ । ୧୩୪ ।
କୋଇନ୍ତା ମାଦ୍ରୀ ଦୁହେଁ ସ୍ନାହାନ କରି ଆସୁଥିଲେ
ଧାଇଁଣ କୋଳ କରି ପଣ୍ଡୁ ରାଜାଙ୍କୁ ଧଇଲେ । ୧୩୫ ।
ରାଗେଣ ମହାରାଜା ଯେ ଅନେକ ମନ୍ଦ ବୋଲି
କୋପେଣ ବେନି ଭାରିଯାନ୍ତ ପକାଇଲେ ପେଲି । ୧୩୬ ।
ବିକଳ ହୋଇ କରି ବୋଇଲେ କୋଇନ୍ତାୟେ
ଅଗ୍ୟାନେ ଦୋଷ କଲା ବାଳୁତ ତନୟେ । ୧୩୭ ।

---

୧୨୮ ବେସାଳି ଟେକିଣ ବିସ୍ତାର କରେ ତୁଣ୍ଡେ
ଗରାସକେ କ୍ଷେପି ତୃପତି କରେ ପିଣ୍ଡେ ।
୧୩୦ ।୧ ସାଂଜୋ ପରେ ବସିଣ କାଢନ୍ତେ ଅସିବର ।
୧୨୮ ।୧ ବେସାଳିନ୍ତ-ବୃହତ୍ ଭୋଜନ ପାତ୍ର ବିଶେଷତଃ ପତ୍ରର ବଡ ଠୋଲା ବା ଦନା
(ମରହଟ୍ଟୀ-ଖଚ୍ଛକ୍ଷରଙ୍କଦ୍ଧଚ୍ଛତ୍ତନ୍ଦଶ ଉଷମନ୍ଦଷଚ୍ଛଚ୍ଚବତ୍ତସ୍ଥ)
ଆ ଟ୍ଟକ୍ଷବନ୍ଦର ଚ୍ଛତ୍ତ ଟ୍ଟକ୍ଷବନ୍ଦକ୍ଷରଙ୍କ ଳଚ୍ଛତ୍ତଳରଯ ଭସ୍ଥ କ୍ଷରବବ୍ଦରଙ୍କ
ନ୍ଦବମହରଯ ନ୍ଦଚ୍ଛବରନ୍ଦଶରତ୍ତ
୧୩୦ ।୧ ସାଂଜୋୟା ଶାଳେ-ସାଞ୍ଜୁ-କବଚ-ଖଡଗ ରଖିବାର ଖୋଳ, ଯେଉଁ ଘରେ ସାଞ୍ଜମାନ ଥାଏ
।
କାହିଁର ପଣ୍ଡାୟେ ତୁମ୍ଭେ ଧର୍ମ ଦଇବତ
ପୁତ୍ର ଗୋଟିକ ମୋହୋର ରକ୍ଷା କରିବା ମହତ । ୧୩୮ ।
ରୋଦନ କରିଣ ଯେ ପଲାଇ ପୁତ୍ର ଆଗେ
ଅସିବର ଉହାଇ ଗୋଡାଇ ପଣ୍ଡୁ ରାଗେ । ୧୩୯ ।
ପଣ୍ଡୁର ପଛକତି ବିଚକ୍ଷଣ ବ୍ରାହ୍ମଣେକ ହୋଇ
ଅଗ୍ନି ଦେବତାୟେ ପଛେ ଅଛନ୍ତି ଗୋଡାଇ । ୧୪୦ ।

ତାହାଙ୍କର ପଛକତି କୋଇନ୍ତାୟେ ଗୋଡାବନ୍ତି
ମାଦ୍ରୀଦେବୀ ପଛରେ ଧାପ ଦେଇଛନ୍ତି । ୧୪୧ ।
ୟେମନ୍ତେପଲାଇ ସେ ଯେ ବାଳୁତ ନନ୍ଦନ
ଭୀମସେନ ପଲାଇଲା ଶତଷଠି ଯୋଜନ । ୧୪୨ ।
ଉଦ୍ଧର୍ଧ୍ୱବାହୁ ବୋଲିଣ ଯେ ପର୍ବତ ଗୋଟିଏ
ସନ୍ଧ୍ୟାବେଳେ ଝୁଣ୍ଟିଲା ତାହା ବାଳୁତ ତନୟେ । ୧୪୩ ।
ତିନି ଯୋଜନ ଆୟତନ ସେ ପର୍ବତ ପ୍ରଚଣ୍ଡା
ଭୀମସେନ ଝୁଣ୍ଟନ୍ତେଣ ହୋଇଲା ମସିଗୁଣ୍ଡା । ୧୪୪ । ସଂଖ୍ୟା
ସେ ପର୍ବତ ତଳେ ଅଛି ନଦୀ ଯେ ଗୋଟିୟେ
ତହିଁ ଯାଇ ହୁଡି ପଡିଲା ବାଳୁତ ତନୟେ । ୧୪୫ ।
ରାଗେ ଡେଇଁ ପଡିଲା ପଣ୍ଡୁ ବାଳୁତ ଉପର
ବାମ କରେ ଆକ୍ରୋଷି ଧଇଲା ଭୀମସେନର ବାଳ । ୧୪୬ ।
ଖଡଗ ଘେନିଣ ପଣ୍ଡୁ ହାଣି ଲୋଡଇ ନିର୍ଭରେ
ଖଣ୍ଡା ଧଇଲେ ଯାଇଁ ଦେବ ବୈଶ୍ରାନରେ । ୧୪୭ ।
କୋପେଣ ଉଚ୍ଛୁଡନ୍ତେ ପଣ୍ଡୁ ଦେବରାୟେ
ମାରିବି ୟେ ଦୁଷ୍ଟ ପୁତ୍ର ଛାଡ ହୋ ପଣ୍ଡାୟେ । ୧୪୮ ।

---

୧୩୮ କାହିଁର ପଣ୍ଡାୟେ ତୁମେ କାହିଁର ଦଇବତ ।
ପୁତ୍ର ଗୋଟିକ ମୋହୋର ରକ୍ଷା କରିବା ତପୋବନ୍ତ ।
୧୪୧ ତାହାଙ୍କର ପଛକତି ଗୋଡାବନ୍ତି ମାଦ୍ରୀ କୋଇନ୍ତା
ଅତି ବ୍ୟାକୁଳ ସେ ରାଜାର ବେନି ବନିତା
୧୪୬ ।୧ ରାଗେଣ ଧାଇଁଣ ସେ ପଣ୍ଡୁ ମହୀପାଳ ।
୧୩୯ ।୨ ଉହାଇ-ଉଭାକରି-ତୋଳି ୧୪୧ ।୨ ଧାପ-ବେଗରେ ଯାଉଛନ୍ତି ।
ଅଗ୍ନି ବୋଇଲେ ରାଜା କୋପ କି-ା ୟେତେ
ଅଗ୍ୟାନ ବାଳକ ୟେହାର ଦୋଷ ଅଛି କେତେ । ୧୪୯ ।
ଆହୋ ରାଜା ତୁମ୍ଭେ ଥିର କରନି ନିଶ୍ରାସ
ବାଳ ଛାଡି ରାୟେ ଥିର ହୋଇ ବସ । ୧୫୦ ।
କୁନ୍ତୀ ମାଦ୍ରୀ ଦୁହେଁ ରାଜା ବାମ ହସ୍ତକୁ ଧଇଲେ
କୌଣସି ମତେ ଚୂଳଗୋଟି ଛଡାଇ ନ ପାରିଲେ । ୧୫୧ ।
ବୈଶ୍ରାନର ବୋଇଲେ ବାଳୁତର କିସ ଦୋଷ ବାବୁ
ସଞ୍ଚପି କରିଣ କହନି ମୋତେ ସବୁ । ୧୫୨ ।
ପଣ୍ଡୁ ବୋଇଲେ ତୁ ଶୁଣ ସୁଗ୍ୟାନୀ ଦ୍ୱିଜ ଶ୍ରେଷ୍ଠା
ପାକମାନ ସବୁ ମୋର କରି ଅଇଁଠା । ୧୫୩ ।
ଭାରିଯା କହନ୍ତି ମୁନି ଜାଣଇଁ ୟେମନ୍ତ
ପାକ ନାଶ କଲାନି ୟେ ବର୍ଷ ପରିୟନ୍ତ । ୧୫୪ ।
ଦେବ ପିତୃ ଅତିଥି ଅଗ୍ନି ଆଦି କରି
ୟେହାର ଉତ୍ତିଷ୍ଟମାନ ଦିଅଇ ସବୁଙ୍କୁହିଁ ନ ବିଗ୍ରି । ୧୫୫ ।
ବରଷକ ଦିନୁଁ ୟେହାର ୟେହେନେକ ପ୍ରକୃତି
ୟେ ମନ୍ଦ ଦୁଷ୍ଟକୁ ମୁଁ ଥୋଇବି କେମନ୍ତି । ୧୫୬ ।

ଦଇନି କରୁଅଛି ପଣ୍ଡାୟେ ଯେହାର ପାଇଁ ନ ବୋଲ
ଯେହାର ବ୍ରତିଥିଲେ ମୋହୋର କାଳେହେଁ ନାହିଁ ଭଲ । ୧୫୬ ।
ସମସ୍ତ କ୍ରିୟା ମୋର ଭାଙ୍ଗିଲା ମହାଦୁଷ୍ଟ
ବାଳୁତ କାଳୁଁ ଯେହାର ହୋଇଲା ଯେତେ ପେଟ । ୧୫୮ ।
ବୈଶ୍ୱାନର ବୋଇଲେ ପଣ୍ଡୁ ଯେମନ୍ତ ତୋର କଥା
କଣକଲ୍ପ ଦୋଷକୁ ଦେଉ ଯେତେକ ଅବସ୍ଥା । ୧୫୯ ।
ବାଳପୁଅ ଆବର ମାଛି ସଙ୍ଗେ ସରି
ଅଗ୍ୟାନ ମୂଢ ଲୋକ ସେ ଯେଥକୁ ବିଗ୍ରି । ୧୬୦ ।
ତୁ ଯେ ବୋଇଲୁ ମୁଁ ଦିଅଇ ପିତୃ ଲୋକଙ୍କୁ
ପିତୃଲୋକେ ଆଶା କରନ୍ତି ବାଳୁତ ଉତ୍ତିଷ୍ଟକୁ । ୧୬୧ ।
ଯେବେ ବ୍ରହ୍ମହତ୍ୟା ଗୋହତ୍ୟା କରିଥିବ
ସନ୍ତାନ ଥିଲେ ଶାସ୍ତି ନ ଦିଅଇ ଯମ ଦେବ । ୧୬୨ ।

---

୧୫୯ ।୨ କଣକଲ୍ପ ଦୋଷକୁ ଶିର ଛେଦନ ଅବସ୍ଥା ।
୧୫୫ ।୨ ଉତ୍ତିଷ୍ଟ-ଉଚ୍ଛିଷ୍ଟ
ଯେ ଅବା ପାତକ କଲା ମୂର୍ଖ ଯେ ଅଗ୍ୟାନେ
ପୁତ୍ର ଗୋଟିଏ ଅଛି, ଯେହାର ମୋକ୍ଷ କରିବା କାରଣେ । ୧୬୩ ।
ସନ୍ତାନକୁ ଆଶ କରଇ ଯମର ବିଗ୍ରର
ତାହାକୁ ଶାସ୍ତି ଦେଇ ନ ପାରଇ ନାଶକର । ୧୬୪ ।
ଅନେକ ପୁଣ୍ୟ କରି ଯେବେ ଅପୁତ୍ରିକ ହୋଇ ମରଇ
ଅନେକ ଅବସ୍ଥା ତାକୁ ଦିଅଇ ଜନ୍ତୁସାଇଁ । ୧୬୫ ।
ଶଉଚ ଅଶଉଚ ହୋଇ ବ୍ରତିଥାଉ ବାଳ
ବଂଶକୁ କାରଣ ସେ ହୋଇଥାଇ ସର୍ବକାଳ । ୧୬୬ ।
ଯେହା ବିଗ୍ରର କର ତୁ ପଣ୍ଡୁ ମହୀପାଳ । ୧୬୭ ।
ବାଳୁତ ଅଇଁଠା ପାଇଲେ ପିତୃଗଣେ
ବହୁତ ସାନନ୍ଦ ତାଙ୍କର ଉପୁଜଇ ମନେ । ୧୬୮ ।
ପଣ୍ଡୁ ବୋଇଲେ ଯେବେ ପିତୃଲୋକେ ହୋଇଲେ ତ୍ରିପୁତି
ଇଷ୍ଟଦେବତାମାନନ୍ତ ଯେ ଅନ୍ନ ଦିଅଇ ମୁଁ ନିତି । ୧୬୯ ।
ସେ ଧର୍ମ ମୋହୋର ନାଶ ଗଲା ହୋ ଦ୍ୱିଜବର
ଛାଡକି ନା ଖଡଗେ ଛେଦିବି ଯେହାର ଶିର । ୧୭୦ ।
ଦେବତାୟେ କାହିଁ ଥଆନ୍ତି ହୋ ମହାବୀର
ଶରୀରରେ ସେ ନିଜ ଦେବତା ବଦନ୍ତି ଦୋହୋର । ୧୭୧ ।
ପ୍ରଥମ ଶିର ତାଳୁରେ ବିଜେ କରନ୍ତି ବ୍ରହ୍ମା
କପାଳ ପାଟିରେ ହାଦେ ନାରାୟଣ ମହାତମା । ୧୭୨ ।
ଚନ୍ଦ୍ର ସୂର୍ଯ୍ୟ ଦେବତା ଅଟନ୍ତି ଚକ୍ଷୁ ବେନି
ନାସିକାୟେ ବସଇ ପବନ ମହାଗ୍ୟାନୀ । ୧୭୩ ।
ଦୁଇ ଆଡେ ଯେ କର୍ଣ୍ଣସ୍ଥଳୀ ବେନି
ରୁଦ୍ର ଦେବତା ବସଇ ଭ୍ରୂକୁଟିଗଣ ଘେନି । ୧୭୪ ।

ବେନି ଶ୍ରବଣେ ବସଇ ରାୟେ ଚଇତନ
ଗର୍ଭଭେଦି ବସଇ ରାୟେ ଶୂନ୍ୟ ନିରଞ୍ଜନ । ୧୭୫ ।

---

୧୬୮ ବାଳୁତ ଉତ୍ତିଷ୍ଟ ଇଚ୍ଛନ୍ତି ପିତୃଗଣେ
ୟେସନେକ ବାଣୀ ସେ ଉପୁଜେ ପୁରାଣେ ।
୧୭୧ ।୨ ଶରୀରେ ସକଳ ଦେବେ ବସନ୍ତି ବୋଲନ୍ତି ଦୋହୋରା ।
୧୭୧ ।୧ ଦୋହୋରା-ଅଗ୍ନି
ବତିଶ ଦନ୍ତ ଯେ ବସଇ ବେନି ପାଟି
ବଜ୍ରର ନିର୍ଘାତ ବସନ୍ତି ଗ୍ରହଗଣ ଘେନିଟି । ୧୭୬ ।
ଅନୁସରି ରୁଚିର ସଦନ ମଉଳି
ଶୁକ୍ରର ବୃହସ୍ପତି ବସନ୍ତି ବେନି ଯେ ଚହଳି । ୧୭୭ ।
ରକ୍ଷ ତୁଲେ ବସଇ ଯେବଣ ଓଷ୍ଠ
ସେହି ସେ ଇନ୍ଦ୍ରର ଆସନ କରଇ ସୁର ରାଷ୍ଟ । ୧୭୮ ।
ଗଣ୍ଡସ୍ଥଳ ଆବୋରି ବସନ୍ତି ପଞ୍ଚତିରିଶ ଦେବତା
କୃତ କୃତାନ୍ତକଗଣ ଆଦି ଜିତା । ୧୭୯ । ସଂଖ୍ୟା
ସଲୀଳ ଶଇଳ ଶୋଭାବନ ସମୀର
ମନ ତଲୟେ ଯେ ଗ୍ୟାନ ବୁଦ୍ଧି କଣ୍ଠର । ୧୮୦ ।
କଣ୍ଠର ତଳେ ବସନ୍ତି ୟେତେକ ଦେବତା
ହୃଦଗତେ ରୋମେ ବସନ୍ତି ନକ୍ଷତ୍ର ଅପ୍ରମିତା । ୧୮୧ ।
ଦ୍ୱାଦଶ ବିଶ୍ୱେଦେବା ବସନ୍ତି ହୃଦଗତେ
ସନକ ସନାତନ ବସନ୍ତି କରସ୍ଥଳ ଯୁଗତେ । ୧୮୨ ।
ଚଉଦ ବିଦ୍ୟାୟେ ବସନ୍ତି ବେନି କରସ୍ଥଳୀ
ସାଧନ ତଲୟେ ବସନ୍ତି ଆକ୍ରଷଣ ମହାବଳୀ । ୧୮୩ ।
ପ୍ରାକର୍ମ ଗ୍ୟାନବନ୍ତ ବଳବନ୍ତ ଶକତା
ବେନି ଭୁଜେ ବସନ୍ତି ସତାଇଶ ଦେବତା । ୧୮୪ ।
ନାଭିଠାରୁ ଉପରକୁ ତାଳୁ ବ୍ରହ୍ମଦ୍ୱାର ଯାକେ
ୟେଥେଂ ଭୋଗ କରନ୍ତି ତେତିଶ କୋଟି ଦେବଲୋକେ । ୧୮୫ । ସଂଖ୍ୟା
ପିତୃ ଦଇବତ ପୁରୁଷ ବସନ୍ତି ନାଭିମଣ୍ଡଳ ମାଡି
ସଂକଲ୍ପ ଉଦକ ଅନ୍ତେ ସେହୁ ଯାନ୍ତି ଛାଡି । ୧୮୬ ।
ତିନି ଦିହୁଡିୟେ ଆକାଶକୁ ଉଜାଣି
ଧାତୁ ଭେଦି ତଳକୁ ବହଇ ନବଝର ପାଣି । ୧୮୭ ।

---

୧୭୭ ।୨ ବେନି ବଜ୍ରର ପାଟି ଆପଣେ ଅଗ୍ନି ସେଟି ।
ଉପରକୁ ବହଇ ଧାରେ ତଳକୁ ବହଇ ଧାରେ
ଆଗକୁ ବହଇ ଧାରେ ଧାରେକ ପଡଇ ଆକାଶରେ । ୧୮୮ ।
ପୃଥିବୀ ଆପ ତେଜ ବାୟବ୍ୟ ଆକାଶ
ପଞ୍ଚଧାତୁ ଭେଦି ୟେ ଦ୍ୱାଦଶ ପୁରୁଷ । ୧୮୯ ।
କାଳ କାମ ଅର୍ଥ ଧର୍ମ ଅନୁସ୍ତ୍ରାର ପାଞ୍ଚ
ସିଦ୍ଧ ପୁରୁଷମାନଙ୍କ ୟେ ଦୃଢ ସଞ୍ଚ । ୧୯୦ ।

ବେନି ଜାନୁ ମାଡି ନାଭି ମଣ୍ଡଳ ପରିଯନ୍ତେ
ଯୋଗ ପୁରୁଷମାନେ ୟେଥେ ବସନ୍ତି ପଞ୍ଚଶତେ । ୧୯୧ ।
ତୁ ୟେ ବୋଇଲୁ ମୁଁ ଦେବତାଙ୍କୁ ଦିଅଇ ଅନ୍ନ
ଶରୀରେ ସେ ଥାନ୍ତି ନା ସମସ୍ତ ଦେବତାମାନ । ୧୯୨ ।
ପଣ୍ଡୁ ବୋଇଲେ ଯେ ଭୂମିରେ ପତ୍ର ପାଡି
ନାମ ସଂକେତ କରି ଯେ କରସ୍ଥଳେ ପାଣି ଛାଡି । ୧୯୩ ।
ପଣ୍ଡାୟେ ବୋଇଲେ ତାହା ଆମ୍ଭେ କହୁଁ ତୋହୋର ଆଗେ
ସେ ଅନ୍ନକୁ ପାଆନ୍ତି ଯେ ଅଷ୍ଟକୁଳା ନାଗେ । ୧୯୪ ।
ହାଣ୍ଡିୟା ଚାଣ୍ଡାଳିୟା ଆମ୍ଭ୍ରୁଆ କ୍ଷାଙ୍କରା
ଭାଲୁଙ୍କା ରାକ୍ଷସା କ୍ଷେପଣୀ କ୍ଷେତ୍ରପାଳ । ୧୯୫ ।
ୟେତେକ ପିଶାଚ ବୀରମାନେ ଅଇଂଠା ଚଣ୍ଡବୋଲି
ପ୍ରତିବାୟେ ଭୁଞ୍ଜିଲେ ପତ୍ରେ ଦିଅଇ କର ତୋଳି । ୧୯୬ ।
ପତ୍ରରୁ ଯାଇଣ ଯେବେ ପଡଇ ଭୂଇଁରେ
ତାହା ଆହାର କରନ୍ତି ଅଇଂଠା ଅଷ୍ଟବୀରେ । ୧୯୭ ।
ପଞ୍ଚ ଅସୁର ଅଛନ୍ତି ହୋ ପଞ୍ଚଭୂତ ଆତ୍ମାକୁ
ବାହାରେ ମେଞ୍ଚ୍ୟୟେ ଦେଲେ ସେ ଭୋଗ୍ୟ ହୋଅଇ ତାହାଙ୍କୁ । ୧୯୮ ।
ଚଣ୍ଡ ପ୍ରଚଣ୍ଡ ଦୃଦଣ୍ଡ ମହାକାଳ ଅନଳ
ସେ ମେଞ୍ଚିକି ଖାଇ ଜୀଅନ୍ତି ୟେମାନେ ରକ୍ଷାପାଳ । ୧୯୯ ।

---

୧୯୧ ।୧ ବେନି ନାଡିବାଡି କମଳ ପରିଯନ୍ତେ ।
୧୯୫ ହାଣ୍ଡିଆ ପଖାଳିଆ ଆନ୍ତିଆ ଖକିରା ଅନ୍ନ
ତାରକା ରାକ୍ଷାସୁଣୀ ଖାଖର ପ୍ରେତମାନ
୧୯୬ ।୧ ୟେତେକ ପିଶାଚ ଚଣ୍ଡମାନେ ଅଇଂଠା ବୀର ବୋଲି
ବାହାର ମେଞ୍ଚିୟେ ନ ଦେଇ ଭୁଞ୍ଜନ୍ତି ଯେ ଅନ୍ନ
ଅସୁର ଭୋଜନ ହାଦେ ହୋଇଟି ସେଦିନ । ୨୦୦ ।
ହିରଣ୍ୟଗର୍ଭ ବୋଲି ଅଷ୍ଟ ହସ୍ତୀବର ବିଧାନ
ପାଦ ଅରବିନ୍ଦେ ହୋଅଇ ଗୋପ୍ୟାନ । ୨୦୧ ।
ପାଦ ଶଉଚ ଜଳରେ ସେହୁଅନ୍ତି ତ୍ରିପୁତି
ସମସ୍ତ ଦେବତାୟେ ଯେ ଶରୀରେ ଅଛନ୍ତି । ୨୦୨ ।
ଜନଜନ୍ତୁ ଥିଲେ ସେ ଦେବତାୟେ ପାଆନ୍ତି ପୂଜା
ଆପଣେ ଅତି ତ୍ରିପୁତି ହୋଇଲେ ସମସ୍ତେ ହୁଅନ୍ତି ପୂଜା । ୨୦୩ ।
ପଣ୍ଡୁ ବୋଇଲେ ହୋ ତେବତାୟେ ହୋଇଲେ ତ୍ରିପୁତି
ଦୋହରା ଅଗ୍ନିରେ ମୁଁ ଆହୁତି ଦିଅଇ ନିତି । ୨୦୪ ।
ଅଗ୍ନିକି ଅତ୍ରିପୁତି କଲେ ନାଶଯାଇ ପିଣ୍ଡ
ୟେ ଯେ ଅନୀତି କଲା ପୁତ୍ରର କେମନ୍ତେ ନ କାଟିବି ମୁଣ୍ଡ । ୨୦୫ ।
ପଣ୍ଡା ବୋଇଲେ ତୁ ନ ଜାଣି ହୁଡିଲୁ ୟେବେ
ଅଗ୍ନି ଦେବତାୟେ ଥାଆନ୍ତି ସବୁଙ୍କରି ଗର୍ଭେ । ୨୦୬ ।
ସବ୍ୟେ ଅସବ୍ୟେ ଯବେ କରଇ ଭକ୍ଷ
ସମସ୍ତ ଦହନ କରଇ ସେ ଅଗ୍ନି ପରତକ୍ଷ । ୨୦୭ ।

ଅଗ୍ନି ଦେବତାୟେ ନ ଜାଣନ୍ତି ନା ଉତ୍ତିଷ୍ଟ
ସମସ୍ତ ଭକ୍ଷନ୍ତି ୟେ କ୍ରୋଟାନଳ ଦୁଷ୍ଟ । ୨୦୮ ।
ଉତ୍ତିଷ୍ଟ ଅଣଉତ୍ତିଷ୍ଟ ସେ ନ ଜାଣନ୍ତି କିଛି
ଦହନ ପାନ ପୁରୁଷ ସେ ସମସ୍ତ ପାରେ ଭଛି । ୨୦୯ ।
କହୁ କହୁ ରୋଷେଣ କହିଲେ ମହାତମା
ଆମ୍ଭେ ସେ ଦୋହରା ଅଗ୍ନି ବୈଶ୍ୱାନର ଦେବବ୍ରହ୍ମା । ୨୧୦ ।
ତୁ ଆଜ ସିନା ଦେଖିଲୁ ହୋ ପଣ୍ଡୁ
ଦେଢବରଷ ହୋଇଲାନି ହୋ ଉତ୍ତିଷ୍ଟ ମାନ ଛାଡୁ । ୨୧୧ ।

---

୨୦୧ ।୧ ହିରଣ୍ୟଗର୍ଭ ବୋଲି ଆଠହାତୀ ବର୍ଦ୍ଧମାନ ।
୨୦୩ ।୨ ଆପଣେ ତ୍ରିପୁତି ସେ ଆପଣେ ହନ୍ତି ପୂଜା ।
୨୦୮ ।୨ ସମସ୍ତ ଭକ୍ଷନ୍ତି ୟେ କ୍ରୋଟାନଳ ପ୍ରତକ୍ଷ ।
୨୦୮ ।୨ ଦୁଷ୍ଟ-ପ୍ରତ୍ୟକ୍ଷ
ସମସ୍ତ ଭକ୍ଷି ଆମେ ହୋଉ ଯେ ତ୍ରିପୁତି
ବାଳତଙ୍କର ଦୋଷ ଘେନିବାର ନୋହଇ ଯୁଗତି । ୨୧୨ ।
ଅଗ୍ନିର ପ୍ରତିବାକ୍ୟେ ଶାନ୍ତ ପଣ୍ଡୁରାଜା
ତତକ୍ଷଣେ କେଶ ରାଜା ଛାଡିଲା ଆତ୍ମଜା । ୨୧୩ ।
ପଣ୍ଡୁ ବୋଇଲେ ଯେବେ ବୈଶ୍ୱାନର ଦେବ
ତୁମ୍ଭ ନିଜ ସରୂପ ମୋତେ ଦେଖାଇବ । ୨୧୪ ।
ଯେମନ୍ତେ ମୋହୋର ମନେ ପ୍ରତେ ଯାଇଂ
ନିଜ ସରୂପ ମୋତେ ଦେଖାଇବା ଗୋସାଇଂ । ୨୧୫ ।
ପଣ୍ଡୁର ବଚନେ ବୋଲନ୍ତି ବୈଶ୍ୱାନର
ମୋହୋର ନିଜ ସରୂପ ଯେବେ ଦେଖିବାକୁ ଶରଧା ତୋହୋର । ୨୧୬ ।
ପଣ୍ଡୁ ବୋଇଲେ ଦେବ ସ-ଦ ନିମନ୍ତେ
ନିଜ ଶରୀର ଦେଖାଇବା ମୋତେ । ୨୧୭ ।
ପଣ୍ଡୁର ବଚନେ ସାନନ୍ଦେ ଅଗ୍ନି ଦଇବତେ
ଆପଣାର ନିଜ ଶରୀର ବିକାଶିଲେ ଜଗତେ । ୨୧୮ ।
ମହା ଅନଳ ବିକାଶିଲା ଜ୍ୟୋତି
କୋଟିୟେ ତେଜ ହୋଇ ବିକାଶିଲେ ଅଗ୍ନି ମୂର୍ତ୍ତି । ୨୧୯ ।
ମହା କାଲାନଳ ବିକାଶିଲା କାୟେ
ଦେଖିଣ ପଣ୍ଡୁକୁ ଲାଗିଲା ମହାଭୟେ । ୨୨୦ ।
ଭୟେଣ ଅନ୍ତର ହେଲେ ନୃପମଣି
କୋଇନ୍ତା ମାଦ୍ରୀ ପଲାଇଲେ ବେନି ରାଣୀ । ୨୨୧ ।
ମହାଭୟେ ପଣ୍ଡୁ ପଲାଇଲେ ବହନ
ଅଗ୍ନି ଦେବତା ପାରୁଶେ ଅଛଇ ଭୀମସେନ । ୨୨୨ ।
ଅନଳ ଜ୍ୟୋତିକି ତାର କିଛି ଭୟ ନାହିଂ
ଅଗ୍ନି ଦେବତାଙ୍କ କୋଳେ ଅଛି ରହି । ୨୨୩ ।
ମହା ଭୟେ କରି ପଲାଇଲେ ନୃପବର
ବେନି ରାଣୀ ଘେନି ରହିଲେ ଯୋଜନକ ଅନ୍ତର । ୨୨୪ ।

ଦୋହୋରାଙ୍କ ମୂର୍ତ୍ତି ଦେଖି ପଣ୍ଡୁ ନୃପତି
ଅଗ୍ନି ଦେବତାଙ୍କୁ କରଇ ବହୁତ ତୁସ୍ତି । ୨୨୫ ।
ଜୟ ତୁ ବୈଶ୍ୱାନର ଅନାଦି ସିଦ୍ଧ ଦେବତା
ଜୟ ତୁ ବୈଶ୍ୱାନର ସୟଳ ଦହନ୍ତା । ୨୨୬ ।
ଜୟ ତୁ ବୈଶ୍ୱାନର ଅନନ୍ତ କାଳବଙ୍ଗ୍ୱା
ଜୟ ତୁ ବୈଶ୍ୱାନର ଅନନ୍ତ ରୁପ ସଚ୍ଚା । ୨୨୭ ।
ଜୟ ତୁ ବୈଶ୍ୱାନର ଅନାଦି ସିଦ୍ଧ ବ୍ରହ୍ମା
ଜୟ ତୁ ବୈଶ୍ୱାନର ଦାବାନଳ ମହାତ୍ମା । ୨୨୮ ।
ପିଙ୍ଗଳ ଜଟାଶିର ରୁପ ଅନଳ ବ୍ରହ୍ମ
ଜୟ ତୁ ବୈଶ୍ୱାନର ଯଗଂ୍ୟରେ ପୂର୍ଣ୍ଣକାମ । ୨୨୯ ।
ଜୟ ତୁ ଜୟ ଦେବ ଜ୍ୱଳିତ ଅନଳ
ହାନ୍ଦୋଲା ଲହରୀ ଦେବ ତୁହି ସେ ମହାବଳ । ୨୩୦ ।
ଜୟ ତୁ ଜୟ ତୁ ଦେବ କ୍ରୋଟ ଅନଳ ନାଥା
ବ୍ରହ୍ମ ନିରାକାର ମହାତ୍ମା ଆକାଶ କରତା । ୨୩୧ ।
ଜୟ ତୁ ଜୟ ତୁ ଦେବ ଯୋଗ ଯେ ଅନଳ
ଜୟ ତୁ ଜୟ ତୁ ଦେବ ବଡବା ଅନଳ । ୨୩୨ ।
ଜୟ ତୁ ଜୟ ତୁ ନିର୍ଘାତ ବଜ୍ର ସଟୀ
ଜୟ ତୁ ଜୟ ତୁ ଦେବ ପାତାଳ ଅନଳ ରୁଚି । ୨୩୩ ।
ଜୟ ତୁ ଜୟ ତୁ ଦେବ ମହାବ୍ରହ୍ମ ଅଗ୍ନି
ଜୟ ତୁ ଜୟ ତୁ ସୁର ତରଙ୍ଗ ମୁନି । ୨୩୪ ।
ଜୟ ତୁ ଜୟ ତୁ ଦେବ ନିତ୍ୟକର୍ମ ଦୋହୋରା
ଜୟ ତୁ ଜୟ ତୁ ଦେବ ସର୍ବଭକ୍ଷ ସଚରା । ୨୩୫ ।
ଜୟ ତୁ ଜୟ ତୁ ଦେବ ସ୍ୱାହା ସ୍ୱଧା ଚରଣେ ନମାମି
ମୁହିଁ ତୋହୋର ଚରଣ ତଳେ ଶତେ ସହସ୍ର ଦଣ୍ଡ ପରଣାମି । ୨୩୬ । ସଂଖ୍ୟା
ଗୋପ୍ୟାନ ପୁରୁଷ ସ୍ୱାମୀ ତୁ ସମସ୍ତ ପ୍ରତିପାଳୁ
ନିରାକାର ଦଇବତ ତୁ ଚଳୁ ଯେ ଅଚଳୁ । ୨୩୭ ।
ଶରଦ ଶିଶିର ହେମ ବସନ୍ତ, ଗ୍ରୀଷମ ବରଷା
ଯେ ଛଡ ଋତୁ ହେତୁ ତୁ ଦ୍ୱାଦଶ ଯେ ମାସା । ୨୩୮ ।
ଋତୁକେ ହେଉ ତୁ ଆନ ଆନ ଯେ ମୂରତି
ତୋହୋର ଉତ୍ତିଷ୍ଠ ଖାଇ ସଚରାଚର ବର୍ତ୍ତି । ୨୩୯ ।

---

୨୩୩ ।୨ ଜୟ ତୁ ଜୟ ତୁ ଦେବ ପାତାଳ ଅନଳଗ୍ରାସୀ ।
କାହିଁରେଣ ଅଛୁ ନାଥ ହାଦେ କାହିଁରେଣ ନାହୁଁ
ଆହାରେଣ ଦର୍ପ ତୋହୋର ଗୋପ୍ୟାନେ ଦେଖାଉ । ୨୪୦ ।
ଶ୍ୱେତ ରାଜା ଯଗ୍ୟେଁ ଦେବ ଅନେକ ଘୃତ ଭକ୍ଷି
ଲୁହୁବୁଦ ହୋଇ ଦେବ ମନ୍ଦାଗ୍ନି ହୋଇଅଛି । ୨୪୧ ।
କେବଣ ପୁରୁଷ ସଞ୍ଚପି କହିବ ତୋହୋର ଚିହ୍ନବର୍ଣ୍ଣ ଗୋଟି
ଯେକଲଯେ ସରଇ ମେଦିନୀ ନବ କୋଟି । ୨୪୨ । ସଂଖ୍ୟା
ସ୍ୱେଦଜ, ଅଣ୍ଡଜ, ଉଦ୍ଭିଜ୍ଜ, ଜରାୟୁଜ ଗ୍ରିଖାନି

ବିନା ଅଗ୍ନିରେ ତ କେହି ନ ବ୍ରତନ୍ତି ପ୍ରାଣୀ । ୨୪୩ ।
ଭିତରେ ଦେବ ତୁହି ବାହାରେ ଦେବ ତୁହି
ମହା ଅନଳ ରୂପେଣ ଦେବ ସକଳ ଦ୍ରବ୍ୟ ଦହି । ୨୪୪ ।
ନାନା ପାତକ ଯେବେ କରିଥିବ ପ୍ରାଣୀ
ହୋମ କରିଣ ତୋର ତହିଁ ପକାବନ୍ତି ଆଣି । ୨୪୫ ।
ଅଭୟା ପୁରୁଷ ତୁ ସମସ୍ତ ଦେବ ବହ୍ନ
ଆପଣା ଶରୀରରେ ଲାଇ ଦେବ ସର୍ବପାପ ଦହ୍ନ । ୨୪୬ ।
ସାଧୁ ମାହେଶ୍ୱରୀ ସେ ଦକ୍ଷର କୁମାରୀ
ତବ ତେଜ ଶୀତଳ କଲେ ହୋଇଲେ ମନୋହାରୀ । ୨୪୭ ।
ଶ୍ରୀ ଦୋହୋରା ଅଗ୍ନିଙ୍କର ସେବେ ପଦ୍ମପାଦେ
ଧର୍ମ ବର୍ଦ୍ଧୁତ ହୋଇବ ସ୍ୱାମୀ ତୋହୋର ପ୍ରସାଦେ । ୨୪୮ ।
ଶ୍ରୀ ବୈଶ୍ୱାନର ଅଗ୍ନିଙ୍କର ଚରଣେ ମୁହିଁ ଦାସ
ଶୂଦ୍ରମୁନି ସାରୋଳାଦାସ ଜନ୍ମେ ଜନ୍ମେ ଅଭ୍ୟାସ । ୨୪୯ ।
ଯେସନେକ ସ୍ତୁତି ଯହ୍ନ କଲେ ପଣ୍ଡୁ ନୃପତି
ମହାତେଜ ଛାଡି ଅଗ୍ନି ହୋଇଲେ ଶାନ୍ତିମୂର୍ତ୍ତି । ୨୫୦ ।
ପଣ୍ଡୁ କୋଇନ୍ତା ମାଦ୍ରୀ ହୋଇଲେ ସନ୍ନିଧାନ
ଦେଖି ଅଗ୍ନି ଦେବତା ହୋଇଲେ ତୋଷମନ । ୨୫୧ ।

---

୨୪୦ କାହିଁରେ ଅଛୁ, କେଉଁଠାରେ ନାହୁଁ
କାହାରେଣ ଦର୍ପ ତୁ ତୋହୋର ଦେଖାଉ । ।
ପଣ୍ଡୁ ବୋଇଲେ ନିଜ ରୂପ ମୋତେ କି-ା ନ ଦେଖାଉ । ।
୨୪୪ ।୨ କାଳାନଳ ରୂପେଣ ତୁମେ ସକଳ ଜନ୍ତୁ ଦହି ।
କୋଇନ୍ତା ମାଦ୍ରୀ ଦେବୀ ଦୁହେଁ ଆୟେ
ପ୍ରଣପତ୍ୟ ହେଲେ ଅଗ୍ନି ଦେବତାଙ୍କ ପାୟେ । ୨୫୨ ।
ଭୀମସେନଙ୍କୁ ଆଶ୍ୱାସନା କଲେ ବୈଶ୍ୱାନର
ଶାନ୍ତି ହୋଇ ମହାତ୍ମା ତାଙ୍କୁ ଦିଲେ ବର । ୨୫୩ ।
ବୈଶ୍ୱାନର ବୋଇଲେ ତୋହୋର ଆହାରେ ଏତେ ଶ୍ରଦ୍ଧା
କ୍ରୋଟ ଅନଳେ ତୋତେ ହୋଉ ବଡ଼ କ୍ଷୁଧା । ୨୫୪ ।
ଆହାରେ ଅତ୍ରିପୁତି ହୁଅସିରେ ଭୀମା
ଆହୋ ପଣ୍ଡୁ ଯେ ପୁତ୍ର ତୋହୋର ଉଦ୍ଧରିବ ସୀମା । ୨୫୫ ।
ପଣ୍ଡୁ ବୋଇଲେ ଯେ ଆଜହୁଁ ଯେତେ ଅତ୍ରିପୁତି
ଅସଂକ୍ଷେପକ ଖାଇବ ଯେ କାହୁଁ ଦେବି ନିତି । ୨୫୬ ।
ଦୋହୋରାୟେ ବୋଇଲେ ଆମ୍ଭେ ହୋଇଲୁ ପ୍ରସନ୍ନ
ନିତିପ୍ରତି ରାନ୍ଧଣା ଯେହାକୁ ହୋଇବ ବିଦ୍ୟମାନ । ୨୫୭ ।
ଗଉରୀ ଶଉରୀ ଆବର ନଳବିଧି
ଯେ ତିନି ପାକ ଯେହାକୁ ହୋଇବ ପରସିଦ୍ଧି । ୨୫୮ ।
ଅକଟା ଅବଟା ଯେ କଞ୍ଚା ଯୋଗାଡର
ଯେହା ହସ୍ତ ଲାଗନ୍ତେ ହୋଇବ ଅମିୟ ରସସାର । ୨୫୯ ।
ଭୋଜନେ ଅତ୍ରିପୁତି ହୋଉ ତୋହୋର ବଳା

ସଂଗ୍ରାମେ ଅତ୍ରିପୁତ୍ରି ହୋଉ ଅଗ୍ରର୍ଗଲା । ୨୬୦ ।
ଶୃଙ୍ଗାରେ ଅତ୍ରିପୁତ୍ରି ହୁଅସିରେ ଭୀମ
ବ୍ରିକୋଦର ମୂରତିକି ତୋର କେହି ନୋହିବେ ସମ । ୨୬୧ ।
ଶୁଣ ବଇବସ୍ୱତ ମନୁ ବଦନ୍ତି ଅଗସ୍ତି
ପଣ୍ଡୁ ପ୍ରଣପତ୍ୟ ହେଲେ ବୈଶ୍ରାନର କତି । ୨୬୨ ।
ବହୁତ ପ୍ରସନ୍ନ ହେଲେ ବାଳୁତ କୁମରକୁ
ବୈଶ୍ରାନର ପ୍ରସନ୍ନ ହୋଇଲେ ଭୀମସେନକୁ । ୨୬୩ ।
ବର ଦେଇ ବୈଶ୍ରାନର ଗଲେ ଅନ୍ତର୍ଧାନେ
ପଣ୍ଡୁ ବାହୁଡି ବିଜେ କଲେ ମନୋହର ବନେ । ୨୬୪ ।
ଭୀମସେନକୁ କାଖେ ଘେନିଲେ ପଣ୍ଡୁ ରାଜା
ତାହାଙ୍କର ପଛରେ ଗୋଡାବନ୍ତି ବେନି ଯେ ଭାରିଯା । ୨୬୫ ।
ପ୍ରବେଶ ହୋଇଲେ ଯାଇ ଶତଶିଂଗ ପର୍ବତେ
ପୁତ୍ର ଭାରିଯା ଘେନି ରହିଲେ ନିଶ୍ଚିନ୍ତେ । ୨୬୬ ।
ବଇବସ୍ୱତ ମନୁ ପଚାରିଲେ ଅଗସ୍ତି ମହାଦେବ
କୋଇନ୍ତାଙ୍କ କଥା ତ ଅତି ଅସମ୍ଭବ । ୨୬୭ ।
ଧର୍ମ ଦେବତାଙ୍କର ସେ ସହିଲା ଆରଦୋଳି
ପବନ ଦେବତା ଯେ ସେ ଅଟଇ ମହାବଳୀ । ୨୬୮ ।
ମାନବୀ ହୋଇଣ ସେ ଦେବତାଙ୍କୁ ଦିଅଇ ରତି
ଯେ ବତ ଆଶ୍ରିଜ କଥା କହିବା ଅଗସ୍ତି । ୨୬୯ ।
ଶୁଣ ହୋ ମନୁ ପୁରୁଷ ବଦୟନ୍ତି ଅଗସ୍ତି ମହାମୁନ୍ୟେ
ସତ୍ୟଯୁଗେ ଅଞ୍ଜନା ଯେ ଅଟଇ ପୂର୍ବଜନ୍ମେ । ୨୭୦ ।
ସେକାଳେ ପବନ ଦେବତା ସଙ୍ଗରେ ପୀରତି
Cଶ୍ରର ବୀର୍ଯ୍ୟ ଆଣି ଦିଲାକ ତଡତି । ୨୭୧ ।
ସେ ବୀର୍ଯ୍ୟ ସମ୍ଭାଳି ଇଚ୍ଛିଲା ଗର୍ଭଗତେ
ତହୁଁ ଜନ୍ମ ହୋଇଲେ ବୀର ହନୁମନ୍ତେ । ୨୭୨ ।
ସେ ହନୁମନ୍ତଟି ତ୍ରେତୟା ଯୁଗେ ମହାମଲ୍ଲ
ଶ୍ରୀ ରାମଚନ୍ଦ୍ରର ତାହାକୁ ବୁଝେଲେକ ଭଲ । ୨୭୩ ।
ସତ୍ୟଯୁଗରେ ଯେ ଅଞ୍ଜନା ରୂପ ଧରି
ଯେବେ କୋନ୍ତୋଭୋଜ ରାଜାର ଘରେ ଅବତରି । ୨୭୪ ।
ଦ୍ୱାପରଯୁଗେ ଯେ ସେ ଭାର ନିବାରିବା ଅର୍ଥେ
ପବନ ଦେବତା ଆସି ସମ୍ଭର୍ବେ ଭେଟିଲା ଯୁଗତେ । ୨୭୫ ।
ତହୁଁଟି ଜାତ କଲେ ଭୀମସେନ ତାହାର ପୁତ୍ର
ଯେ ଯୁଗେ ଭାଗ ଯେ କରିବ ରସାଂଗତ । ୨୭୬ ।
ଶତଶିଂଗ ବହୁତ କଲା କୋଇନ୍ତାଙ୍କୁ ବିନୟେ
କୋଇନ୍ତାଙ୍କୁ ପଣ୍ଡୁ ରାଜା କଲାକ ମହାଭୟେ । ୨୭୭ ।
ମୁହିଁ ଅଗ୍ୟାନ ଯେ ଗ୍ୟାନ ମୋର ନାହିଁ
ତୁ ଅନାଦି ଅପର୍ଣ୍ଣା ଅଛୁ ଯେହେନେକ ରୂପ ବହି । ୨୭୮ ।
ଶତଶିଂଗ ପର୍ବତ କହନ୍ତେ ତୁ ଅଟୁ ମହାଦେବୀ
ଆଜ୍ଞଁ କୋଇନ୍ତା ଗୋ ତୋତେ ଥିବି ମୁହିଁ ସେବି । ୨୭୯ ।
କହିଣ ପର୍ବତ ଯେ ହୋଇଲା ଗୋପ୍ୟାନ

କୋଇନ୍ତୟେ ବିନୟ ଭାବେ ଖଟନ୍ତି ପବନ । ୨୮୦ ।
ଯୁଝେଷ୍ଠି ଭୀମସେନ କୋଇନ୍ତଙ୍କର ପୁତ୍ର ବେନି
ଅତିସ୍ନେହେ ପାଳନ୍ତି ମାଦ୍ରୀ ମକରଧ୍ୱଜର ନନ୍ଦିନୀ । ୨୮୧ ।
ଭୀମସେନର ସପତ ବରଷ ଉତ୍ତରେ
ଦୁଷ୍ଟ ପ୍ରକୃତି ଦେଖି କୋଇନ୍ତୟେ କରନ୍ତି ବିଗ୍ରରେ । ୨୮୨ ।
ବଳବନ୍ତ ମୂର୍ଖ ୟେ ହୋଇବ ଅପଣ୍ଡିତ
ଧନୁ ଶହସ୍ର ବିଦ୍ୟାରେ ୟେ ନୋହିବ ନିର୍ଜିତ । ୨୮୩-୨୫୯୦ ।

---

୨୭୭ ।୨ ୟେ ଯୁଗେ ଭାର ୟେ କରିବ ସମାପତ ।
ଅର୍ଜୁନଙ୍କ ଜନ୍ମ
ଫାଲଗୁନ ମାସ ପୂର୍ଣ୍ଣିମା ଅନ୍ତରେଣ ତିଥି
କୃଷ୍ଣପକ୍ଷ ଦ୍ୱିତୀୟା ପଣ୍ଡିତ ବାର ରାତି । ୧ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ନକ୍ଷତ୍ର ଭୋଗ ଯେ ଉତ୍ତରା ଫାଲଗୁନୀ
ପଣ୍ଡୁରାଜା ମୃଗୟାକୁ ବିଜୟେ ଯୁଝେଷ୍ଠି ଭୀମସେନ ଘେନି । ୨ ।
ମହାନିଶା କାଳେ ଶେୟ୍ୟାର ଯୁଗତେ କୋନ୍ତଭୋଜ ରାଜାର ଦୁଲାଳୀ
ଶ୍ରୀହସ୍ତେ ଘେନିଲେ ସେ ଦୁର୍ଭାସାଙ୍କ ଜପାମାଳୀ । ୩ ।
ଧ୍ୟାନେଣ ସୁମରଣା ସେ କଲେକ ଦେବରାଜ
ଜାଣିଣ ଅନେକ ଅଳଙ୍କାରେ ବାସବ ଦେବ ସଜ । ୪ ।
ହୃଦରେ ଲମ୍ବ୍ରାଇ ପାରିଜାତକ ପୁଷ୍ପମାଳା
କୋଟିୟେ ଅଭିଷେକ ଅଳଙ୍କାର ଶୋଭିତ ଢଳହଳା । ୫ ।
ଶ୍ରୀଅଙ୍ଗେ ଲେପନ ମୃଗଲାଭ କସ୍ତୁରୀ
କୋଇନ୍ତଙ୍କ ଶେୟ୍ୟାରେ ଆସି ବିଜୟେ ବଜ୍ରଧାରୀ । ୬ ।
ଦେଖିଣ ସାନନ୍ଦ ଯେ ଭୋଜର ଦୁଲାଳୀ
ତୀର୍ଥଜଳ ଘେନି ପାଦ ସେ ପଖାଳି । ୭ ।
ପାଦଅର୍ଘ୍ୟ ଦେଇଣ କୋଇନ୍ତୟେ କରନ୍ତି ଅନେକ ସ୍ତୁତି
ଜୟ ତୁ ସୁରନାଥ ଅମର ଆଧିପତି । ୮ ।
ଜମ୍ଭୋ ଦଇତ୍ୟ ଦର୍ପ ଧଂସିଲୁ ଦେବ ଅବହେଳେ
ତେଣୁ ସେ ଜମ୍ଭୋଭେଦୀ ନାମ ବହିଲୁ କୁତୋହଳେ । ୯ ।
ଅଭୟେ ମୁଦୁଗର କରେଣ ବଜ୍ର ଶକତି
ହେଳେଣ ନାଶିଲୁ ହିରଣ୍ୟକଶିପୁର ନାତି । ୧୦ ।
ଅଜଙ୍ଗମ ଅକ- ଅସିବର ପରଶୁ କୁଠାରେ
ବାହନ ଇଚ୍ଛିଲୁ ଦେବ ଅଇରାବ୍ରତର ଉପରେ । ୧୧ ।
ଶଚୀର ବଲ୍ଲଭ ନାଥ ଅନଙ୍ଗ କାମମୂର୍ତ୍ତି
ଚଉଷଠୀ କୋଟି ବିଦ୍ୟାଧରୀଙ୍କି ଅଭିଳାଷ ନିତି ପ୍ରତି । ୧୨ ।
ଅମରାଧିନାଥ ତୁ ଅଳକାପୁର ରକ୍ଷା
ଅଦିତିର ନନ୍ଦନ କଶ୍ୟପର ବଚ୍ଛା । ୧୩ ।
ଅଣାକାର ପୁରୁଷ ତୁ ଦେଖିଲୁ ବର୍ଣ୍ଣଚିହ୍ନ
ତେଣୁ ସେ ଲଲାଟ ଡୋର ହୋଇଲା ସୁବର୍ଣ୍ଣ । ୧୪ ।
ସ୍ୱର୍ଗର ଠାକୁର ତୁ ବୃନ୍ଦାଅର୍କ କୁଳଦକ୍ଷ

କୋଟିଏ ଭୁବନ ଦୃଷ୍ଟି ତୁ ଅଟୁ ସହସ୍ରାକ୍ଷ । ୧୫ ।
ଅନେକ ବିଲାସୁଣୀ ଖଟନ୍ତି ଅନୁବ୍ରତେ
ଭରହରଷ ନାୟକ ଦେବ କସ୍ୟପର ଗୋତ୍ରେ । ୧୬ ।
କୋଟିଏ ଭୁବନର ତୁ ଖଣ୍ଡୁସି ଅରଷ୍ଟି
ତୋହୋର ଆଗ୍ୟାଂୟେଣ ମେଘ ସଚରାଚର ବୃଷ୍ଟି । ୧୭ ।
ସଦା ଆନନ୍ଦ ନାଥ ତୁ ବାହନ ମତ୍ତନାଗ
ପାତାଳ ଥମ୍ଭ ତୋହୋର ଅନନ୍ତ ଉତଙ୍ଗ । ୧୮ ।

---

୧୦ ।୨ ହେଳେ ବଧିଲୁ ପର୍ବତଙ୍କ ପକ୍ଷୀ
ହେଳେ ଭିଧ୍ୱସିଂଲୁ ନାଥ ଦୈତ୍ୟ ଯେ ନୃପତି ।
୧୫ ।୧ ବୃନ୍ଦଅର୍କ-ବୃନ୍ଦାରକ-ଦେବ । ୧୮ ।୨ ଥମ୍ଭ-ସ୍ତମ୍ଭ ।
ବ୍ରହ୍ମଦତ୍ୟ ମୁଣ୍ଡ ମୋଡିଲୁ ଚନ୍ଦ୍ର ବୋଲେ
ରିପୁ ପୁରୁଖ ପଲାବନ୍ତି ତୋହୋର ଶହସ୍ର ଧଇଲେ । ୧୯ । ସଂଖ୍ୟା
ଲୋଭେଣ ହରିଲୁ ନାଥ ଗଉତମର ପତନୀ
ସେ ମହାତମାର ଶାପେ ତୁ ହୋଇଲୁ ସହସ୍ର ଯୋନି । ୨୦ । ସଂଖ୍ୟା
ଶାନ୍ତି ହୋଇଲା ସେ ଆପାଦ ମାନସ ସରୋବରେ
ଦୁଷ୍ଟ ନିବାରଣ କଲୁ ନାଥ ନିର୍ଘାତ ବଜ୍ରଶରେ । ୨୧ ।
ତୁ ଦେବ ଜଳ ସ୍ଥଳ ନିରାକୁଳ ଅନାଦି
କୃତାନ୍ତକ ନାଥ ସ୍ୱାମୀ ଜୟ ତୁ ଜମ୍ଭୋଭେଦୀ । ୨୨ ।
ସପତ ସାଗର ଜଳ ସ୍ଥଳ ନାଥ ନବଦ୍ୱୀପା ପୃଥୀ
ତୋହରେଣ ଦେବ ସଚରାଚର ବ୍ରତି । ୨୩ ।
ଯମଦଣ୍ଡ କାଳଦଣ୍ଡ ଶୂଳଦଣ୍ଡ
ଦଣ୍ଡାଧିପତି ଦେବ ତୁହି ସେ ସର୍ବଦଣ୍ଡ ଖଣ୍ଡ । ୨୪ ।
ବେଦବର ମନ୍ତ୍ରବର ଶାହାସ୍ରବର ନାଥ
ସତ୍ୟବନ୍ତ ପୁରୁଷ ସ୍ୱାମୀ ତୁ ପରମ ପଦାର୍ଥ । ୨୫ ।
ଦର୍ଶନେ ପ୍ରସନ୍ନେ ତୁ ଦୁର୍ଗତି ଦୁଖ ଧଂସି
ଯମର ଉପରେ ଦୈବତ ସକଳ ଦର୍ପ ବିନାଶୀ । ୨୬ ।
ବ୍ରହ୍ମାର ଉପରେଣ ତୋହୋର ବ୍ରହ୍ମପଦ
ମହେଶ୍ୱର ଉପରେ ତୁ ମହେଶ ଦେବ ଇନ୍ଦ୍ର । ୨୭ ।
କଉସ୍ତୁଭ ମଣି ବିରାଜିତ ଯାର ହୃଦେ
ଚନ୍ଦ୍ର କିରଣ ମଣି ଲଲାଟ ସାନନ୍ଦେ । ୨୮ ।
ଜାତ ଅନ୍ତ କରି ନାଥ ତୁହି ସେ ଭିଆନ୍ତା
ନିର୍ଭୟା ପୁରୁଷ ତୁ ଯେ ପ୍ରସନ୍ନେ ଗତି ଦ୍ୟନ୍ତା । ୨୯ ।
ସୟଳ ସାହେରନାଥ ଭଗତ ଜଗହିତା
ମୁହିଁ ମନୁଷ ଜନ୍ମ ମଞ୍ଚପୁରେ ନ ଛାଡୁ ମୋର ଚିନ୍ତା । ୩୦ ।

---

୨୫ ଦେବଙ୍କର ଦେବ ତୁ ଅଟୁ ସୁରନାଥ
ବେଦ ଶାହାସ୍ରର ନାଥ ତୁ ପରମ ପରମାର୍ଥ ।
ସତ୍ୟବନ୍ତ ପୁରୁଷ ନାଥ ଆବର ପରମାର୍ଥ ।

୩୦ ।୧ ସୟଳ ସଞ୍ଚିତ ତୁ ଜଗତଜନ ଚିନ୍ତା ।
୧୯ ।୨ ରିପୁ ପୁରୁଖ-ରିପୁ ପୁରୁଷ
ନାଶକର ନିଶାକର ଯାହାର ଆଗ୍ୟାଂରେଣ ବର୍ତ୍ତି
ତେଣୁ କରି ତୋତେ ମୁଂ ପ୍ରାର୍ଥନା କରଇ ଅଭ୍ୟର୍ଥୀ । ୩୧ ।
ଶ୍ରୀ ଅମରାଧ୍ରନାଥ ଚରଣ ମମ ହୃଦେ
ଶୂଦ୍ରମୁନି ସୋରୋଳ ଦାସ ବଦୟନ୍ତି ପରମ ସାନନ୍ଦେ । ୩୨ ।
କହନ୍ତି ଅଗସ୍ତି ଶୁଣ ଆହୋ ଯୁଗପତି
ଏହି ମନ୍ତ୍ର ତବ ଅର୍ଥେ ଜଗତେ ବିଖ୍ୟାତି । ୩୩ ।
ଇନ୍ଦ୍ରର ଦେବତାଙ୍କୁ କୋଇନ୍ତୟେ କଲେ ପୂଜା
ଶୃଙ୍ଗାର ସ-ଦ ରସ ମାଗଇ ଦେବରାଜା । ୩୪ ।
କୁନ୍ତଭୋଜର ନନ୍ଦନୀ ସେ କାର୍ଯ୍ୟେଣ କାର୍ଯ୍ୟବନ୍ତୀ
ଭାରାଭର ବହନ୍ତି ସେ ଅନାଦି ଦଇବତୀ । ୩୫ ।
କୋଇନ୍ତାଙ୍କର ତୁସ୍ତି ଯେ ଶୁଣିଣ ବଜ୍ରଧାରୀ
ମହା ସନ୍ତୋଷେଣ ଆଲିଙ୍ଗନ ଚୁମ୍ବ୍ରନ ସେହୁ କରି । ୩୬ ।
ବଂଶେଣ ନିକଳଙ୍କ ମହାମନ୍ତ୍ରେଣ ନିର୍ଦ୍ଦୋଷୀ
ଇନ୍ଦ୍ରେଣ ରମଣ ଯେ ବଢିଲା ମହାନିଶି । ୩୭ ।
ଶତଶିଂଗ ପର୍ବତୁଂ ସେ ଗଙ୍ଗା ହୋଇଛି ଉତପତ୍ତି
ପାତାଳ ଭେଦିଛି ପଞ୍ଚଚିରିଶ ଧାରା ମୂର୍ତ୍ତି । ୩୮ । ସଂଖ୍ୟା
ପାବିନୀ ଭାବିନୀ କାମିନୀ ପାପନାଶିନୀ
ଗଙ୍ଗା ଗୋମତୀ ନର୍ମଦା ବଇତ୍ରଣୀ । ୩୯ ।
ମେଖଳା ତ୍ରିପୁରା ଭାଲୁଙ୍କୀ ଭଇରୋବୀ
ଯମୁନା ସରସ୍ୱ୍ରତୀ ପାତାଳ ସମ୍ଭବୀ । ୪୦ ।
କାଶା କଉଶିକୀ ଅରଣ୍ୟ ମେଖଳା
ବେଣୀ ଗଉତମା ନାରାୟଣୀ ଚଞ୍ଚଳା । ୪୧ ।
ବିଜୟା ଚିତ୍ରଉତପଲା ଗଗନଗୁପତା
ଚନ୍ଦ୍ରଭାଗା ବୃହସ୍ପତୀ ନନ୍ଦିନୀ ବୃଦ୍ଧମାତା । ୪୨ ।
ତମସା ସଉଭଦ୍ରା ଚଉରୀ ଧବଳାଙ୍ଗୀ
ବୃଦ୍ଧୟୀ ହରପ୍ରିୟା ଅନନ୍ତା ଯୋଗାଙ୍ଗୀ । ୪୩

---

୪୩ ।୧ ସଉଭଦ୍ରା-ସୁଭଦ୍ରା
ପଞ୍ଚତିରିଶ ଧାରା ସେ ପର୍ବତେ ଫୁଟଇ
ମହାତୀର୍ଥ ମାନେ ସେ ବିଷ୍ଣୁ ପାଦ ଅଟଇ । ୪୪ ।
ତହିଂ ମିଶ୍ରିତ ଯେ ସରସ୍ୱ୍ରତୀ ତ୍ରିବେଣୀ
ତହିଂର ତୀରେ ଇନ୍ଦ୍ରର କୋଇନ୍ତାଙ୍କର ରମଣି । ୪୫ ।
ସେ ନଦୀର ତୀରେ ଅଛି ଅର୍ଜ୍ଜୁନ ନାମେ ବନ
ଶୀତଳ ଅମିୟ ବହଇ ପବନ । ୪୬ ।
ବିଶେଷେ ବସନ୍ତ ଋତୁ ମୀନମାସ କୃଷ୍ଣପକ୍ଷ ପ୍ରଥମ ଦ୍ୱୁତୀୟା
ଭୃଗୁବାର ଉତ୍ତରା ଫାଲ୍ଗୁନୀ ଶତଶ୍ରିୟା । ୪୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବାଣିଜ୍ୟ ନାମେ କରଣ ଧୃତି ନାମେ ଯୋଗ

କନ୍ୟା ଚନ୍ଦ୍ରମାକୁ ସପତମ ଦଣ୍ଡ ଭୋଗ । ୪୮ ।
ଦ୍ୱିତୀୟା ଘରେ ଶନିଚର ଚତୁର୍ଥେ ବୃହସ୍ପତି
ଅମୃତାକ୍ଷ ନାମେ କାଳ ପାତାଳେ ଭୋଗ ରାତି । ୪୯ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ରାହୁ ନବମରେ ଚନ୍ଦ୍ର ବଳୀୟାର ଯୋଗେ
ଇନ୍ଦ୍ରଙ୍କର ଶୃଙ୍ଗାର କୋଇନ୍ତା ଦେବୀଙ୍କର ସଙ୍ଗେ । ୫୦ ।
କୋଇନ୍ତାୟେ ବୋଇଲେ ଦେବ ଶୁଣିମା ସୁରପତି
ସଇନ୍ଦୁ ପୁତ୍ରେକ କରିବୁଟି ଉତପତ୍ତି । ୫୧ ।
ପୁତ୍ରର ଦର୍ପ ମୁଁ ସହି ନୁଆରଇ ଭାରି
ମଣ୍ଡଳାଧିପତି ତୁ ଆକାଶକୁ ଅଧିକାରୀ । ୫୨ ।
ମହାବଳବନ୍ତ ତୁ ଦେବତାଙ୍କର ରାଜ
ମୁହିଁ ମାନୁଷୀଟି ସହି ନୁଆରଇ ୟେ ତୋହୋର ବୀର୍ଯ୍ୟ । ୫୩ ।
ଆଦିହୁଁ ଅବିଭାଇତ କାଳେ ମୋତେ ଆଦିତ୍ୟ ରମଣ କଲା
ସଇନ୍ଦୁ ପୁତ୍ରେକ ଉତପତ୍ତି ଯେ ହୋଇଲା । ୫୪ ।
ସେହି ପ୍ରକୃତି ଯେ ଭାବିଲାକ ମୋର ଅଙ୍ଗେ
ୟେବେ ମୁଁ ଗର୍ଭର ଭାର ସହିବି କେବଣ ବାଗେ । ୫୫ ।
ଶୁଣିଣ ସାନନ୍ଦ ଯେ ପୁରନ୍ଦର ଦେବତା
କୋଇନ୍ତାୟେ ରମଣ ଇଚ୍ଛଇ ବରଦାତା । ୫୬ ।

---

୪୪ Cଶାନ ମୂରତି ହୋଇ ଯାଇ ସାଗରେ ଭେଟଇ
ମହାତୀର୍ଥ ମାନେ ସେ ବିଷ୍ଣୁ ପ୍ରତିଷ୍ଠା ଅଟଇ
୪୫ ।୧ ତହିଁ ମିଶ୍ରିତ ଯେ ସୁରନଦୀ ତ୍ରିବେଣୀ ।
ବିଶେଷେ କାମିନୀ ସେ ପ୍ରୌଢାୟେ ବୟସୀ
ଦେବରାଜା ତୁଲେଣ କ୍ରିଡାରଙ୍ଗେ ରସି । ୫୭ ।
ଅପଛରୀ ରମଣୀ ସେ ରତି ଶାସ୍ତ୍ରେ ଜିତା
ଚନ୍ଦ୍ର ପବନ ବାରିଣ ସେ ଶୃଙ୍ଗାରେ ଶକତା । ୫୮ ।
ସ୍ତିରୀଜନଙ୍କର ସଭାବ ସେ ଗାଢ ଶୃଙ୍ଗାରେଣ ତ୍ରିପୁତି
ଅଗ୍ନିଦେବତା ଯେହ୍ନେ ଘୃତେ ହୋନ୍ତି ଶାନ୍ତି ମୂର୍ତ୍ତି । ୫୯ ।
ମତ୍ତ ତନୁ ଘେନି ଯେବଣ ପୁରୁଷ ପାବନ୍ତି କେଳି
ରାତ୍ର ଦିବସେ ସେ ସହି ପାରନ୍ତି ଆର୍ଦୋଳି । ୬୦ ।
ମନ ଚଇତନ ୟେକତ୍ରୁ କଲା ସଙ୍ଗ
ପବନ ହେଠାଇଣ ଉଜାଣି କଲାକ ସେ ବଙ୍ଗ । ୬୧ ।
ଶ୍ରୁତି ସ୍ମୃତି ଧୃତି ଶାନ୍ତି ସୁଷୁମୁନା
ୟେ ପଞ୍ଚନାଡି ଅଟଇ ଶରୀରକୁ ବଜ୍ରସେହ୍ନା । ୬୨ ।
ତରଳ ତାରଳ ଇଅଂଳା ପିଅଂଳା ଘୋଟି
ନବ ନାଡି ମୂଳେଣ ଅଛଇ ବାଆସ୍ତୋରି କୋଟି । ୬୩ । ସଂଖ୍ୟା
ୟେହାନ୍ତ ୟେକତ୍ରୁ କରି ପଞ୍ଚମଶର ଭୋଗୀ
ଅନଙ୍ଗ ବଙ୍ଗଇଲା ସେ ପୁରୁଷ ପରମ ଯୋଗୀ । ୬୪ ।
ଅଗ୍ୟାନେ ହେଠାଇଲା ସେ ଟେକିଲା ୟେକ ବ୍ରହ୍ମେ
ବାସ୍ତରୀ କ୍ରୀଡା କଲେ ଭବ ଯେ ସାଂଗ୍ରାମେ । ୬୫ ।

ଖେପଇ ବାସବ ଯେ ନଖଦନ୍ତ ଶର
କୋଇନ୍ତାୟେ ବଞ୍ଚିବନ୍ତି ନ ଫୁଟଇ ଶରୀର । ୬୬ ।
ଓହୋବଳ ସଂଗ୍ରାମେ ବଢିଲା ରସଯୁଦ୍ଧ
ଭବ ଭଗ ଶାନ୍ତି ଯେ ମୋହିଲା କାମବନ୍ଧ । ୬୭ ।

---

୫୮ ।୨ ଚନ୍ଦ୍ରକଳା ଜାଣଇ ସେ ଶୃଙ୍ଗାରେ ଶକତା
ଚନ୍ଦ୍ର ପବନ ମାରିଣ ସେ ଶୃଙ୍ଗାରେ ଶକତା
୬୧ ମନ ଚଇତନ ୟେକତ୍ରୁ କଲା ସାଚି ।
ପବନ ହେଠାଇଣ ଉଜାଣି ବନ୍ଧ ଆମଞ୍ଚି ।
୬୫ ।୧ ଅଗ୍ୟାନେ ଧଇଲା ଯେ ଚଲିଲା ୟେକ ବ୍ରହ୍ମ ।
୬୬ ।୨ କେହି କାହାକୁ ଯେ ନ କରନ୍ତି ସାଧ୍ୟେ ।
ଅଦୁଷ୍ଟି ନାରାଜ ବିନ୍ଧଇ ପଞ୍ଚବାଣ
ଭାବେ ଅନ୍ୟୋଅନି ପୀଡୁଛି ମୟାଣ । ୬୮ ।
ବିଶେଷେ ବନ ଗହନ ନିଗମ ସ୍ଥାନ ଭୂମି
ଆକାଶେ ଦୃଶ୍ୟଭାବ ରୋହିଣୀ ବଲ୍ଲଭ ଦେବସ୍ତ୍ରୀମୀ । ୬୯ ।
ବସନ୍ତେ ଚନ୍ଦ୍ରମାୟେ ମହା ନିରିମଳ
ସମସ୍ତ ଦିଶଇ ସେ ଦିବସହୁଂ ପରିମଳ । ୭୦ ।
ଅଶାନ୍ତ ଶୃଙ୍ଗାରେଣ ଅତୁଷ୍ଟ ଦେବରାଜ
ରଜନୀ ନିକଟେ ଶେଷ ସେ ଛାଡିଲେ ମହାବୀର୍ଯ୍ୟ । ୭୧ ।
ଦୁହେଁ ମନ ଶାନ୍ତି ସେ ପରମ ସାନନ୍ଦୁଁ
ସୁସଜ୍ଚେ କୁମାରେକ ଉତପତ୍ତି ହୋଇଲା ସଇନ୍ଦୁ । ୭୨ ।
ମାତଲି ମେଳେ ଯେ ଥିଲେ ଚଞ୍ଚଳାଗଣ ଅନ୍ତରୀକ୍ଷେ
ପୁଷ୍ପକ ଘେନିଣ ଯାଇଁ ମିଳିଲେ ସହସ୍ରାକ୍ଷେ । ୭୩ । ସଂଖ୍ୟା
ଦେବଗଣେ ଦୁନ୍ଦୁଭି ବଜାନ୍ତି ରଙ୍ଗେ ଘେନି
ଚଉଷଠି କୋଟି ଅପଛଇରୀ ଦିଲେ ହୁଳହୁଳି ଧୂନି । ୭୪ । ସଂଖ୍ୟା
ଅମଳାଣ ବସ୍ତ୍ର ଯେ ପିନ୍ଧଣ ସର୍ବ ବାଳୀ
କେହୁ କୋନ୍ତାଙ୍କୁ ଧରଇ କେ ପୁତ୍ରକୁ ସମ୍ଭାଳି । ୭୫ ।
ତପତ ଜଳ ଘେନି ସୁବାସିତ ପାଣି
ପୁତ୍ର ଅଙ୍ଗ ପଖାଳନ୍ତି ଅତ୍ୟନ୍ତ କୋମଳ ଜାଣି । ୭୬ ।
ମଧୁ ଘୃତ କପିଳାର କ୍ଷୀର ଯେ ପ୍ରବର୍ତ୍ତି
କୁମାରର ଅଙ୍ଗେ ନେଇ ଲେପନ କରନ୍ତି । ୭୭ ।
ଆପଣେ ଥାଇଣ ସେ ସୁରେଶ୍ୱରର ରାଜା
ଶ୍ରୀହସ୍ତେ ଅର୍ଘ୍ୟ ଘେନି କୁମାରକୁ କଲେ ପୂଜା । ୭୮ ।
ରମ୍ଭା ଉର୍ବଶୀ ମଦନା ମେନକା କାମସେଣା
ଶେଯ୍ୟାୟେ ଯୁଗତେ ଶୁଆଇଲେ ସମସ୍ତେ ଅପର୍ଣ୍ଣା । ୭୯ ।
ନୀଳେନ୍ଦୀ ଦଳ ପରାୟେ କୁମରର ତନୁ
ବିଚିତ୍ର ବେଶନ ରୂପ ସୁନ୍ଦର କି କୋଟି ସୂର୍ଯ୍ୟଭାନୁ । ୮୦ ।
ଅତି ସୁନ୍ଦର ସେ ଅର୍ଜୁନ ନାମେ ବନ
ସେ ବନେଣ ଯେ ପୁତ୍ର ହୋଇଲା ଉତପନ୍ନ । ୮୧ ।

ଅତିଅନ୍ତ ହରଷ ହୋଇଣ ମଘବାନ
ଅର୍ଜ୍ଜୁନ ବନ ଦେଖି ପୁତ୍ର ନାମ ଦିଲେ ଅରଜୁନ ।୮୨ ।
ବୃହସ୍ପତି ଗଣିଲେ ସପତାଙ୍କ ପାଞ୍ଜି ଘେନି
ପୁତ୍ର ଜାତ ହୋଇଲା ଉତ୍ତରା ଫାଲ୍ଗୁନୀ ।୮୩ ।
ବୃହସ୍ପତି ବୋଇଲେ ଅତିଅନ୍ତେ ସୁନ୍ଦର ସଉଚ୍ଛମ
ତେଣୁ ଦେବଗୁରୁ ଦିଲେ ଫାଲଗୁନି ଯେହାର ନାମ ।୮୪ ।
ଉତ୍ତରା ଫାଲଗୁନୀ ହୋଇଲା କନ୍ୟା ରାଶି
ଗଣ୍ଡମୂଳ ନାସ୍ତି ମାହିନ୍ଦ୍ର ଯୋଗ ଭାଷି ।୮୫ ।
ସର୍ବ ଗୁଣେ ସୁନ୍ଦର ସୁଲକ୍ଷଣ ସୁରବଇଂର ବଲା
ଅମର ଆସନକୁ ବିଜୟେ ଆଖଣ୍ଡଲା ।୮୬ ।
ଅମର ଅଳଙ୍କାର ଯେତେ ଦେବରାଜାର ଥିଲା
ପୁତ୍ରକଇ ମଣ୍ଡିଣ ସୁରନାଥ ବେଗେ ଗଲା ।୮୭ ।
ଉର୍ବଶୀ ଆସି ଧଇଲେ କୋଳରେ
ସବ୍ୟସାଚୀ ନାମ ଦିଲେ ଯୁବତୀ ରତ୍ନ ସାରେ ।୮୮ ।
ପଣ୍ଡୁ ପ୍ରବେଶ ହୋଇଲେ ସୁର ନଦୀ କୂଳେ
ତ୍ରିଭୁବନ ମୋହନ ପୁତ୍ର କୋଇନ୍ତାଙ୍କର କୋଳେ ।୮୯ ।
ଦେଖିଣ ମହାରାଜା ଅନେକ ସାନନ୍ଦେ
ବହୁତ ପୁରସରି କୋଇନ୍ତାଙ୍କୁ ହାଦେ ।୯୦ ।
ଯୁଝେଷ୍ଠି ଭୀମ ଅରଜୁନ ଯେ ପୁତ୍ର ତିନି
ପାଳନ୍ତି କୋଇନ୍ତାୟେ ମାଦ୍ରୀ ଦେବୀ ଘେନି ।୯୨ ।

---

୮୨ ଅତିଅନ୍ତ ହରଷ ଯେ ହୋଇଲେ ମଘବାନ ।
ରୂପ ବଳେଣ ପୁତ୍ରକୁ ନାମ ଦିଲେ ଅରଜୁନ ।
୮୫ ।୧ ଗଣ୍ଡମୂଳ ନାସ୍ତି ବୋଲିଣ ଗୁରୁ ଭାଷି ।
୮୬ ।୨ ଅମରଗଣ ଘେନି ବିଜୟେ ଆଖଣ୍ଡଲା ।
ଅମର ଭୁବନେ ବିଜୟେ ଆଖଣ୍ଡଲା ।
୯୦ ।୨ ବହୁତ ପ୍ରଶଂସିଲେ କୋଇନ୍ତାଙ୍କୁ ଆନନ୍ଦେ ।
ବହୁତ ପୁରୁଷାର୍ଥେ କୋନ୍ତାଙ୍କୁ ଆନନ୍ଦେ ।
୮୪ ।୧ ସଉଚ୍ଛମ-ସୌଷ୍ଠବ ବା ସୁସମଶବ୍ଦଜ ସୁସମ-ସୁଦ୍ଧାକାର, ସୌଷ୍ଠବ-ସୁଡଉଲ
୮୬ ।୧ ସୁରବଇଂ-ସୁରପତି
ବଇବସୁତ ମନୁ ବୋଇଲେ ଶୁଣ ଅଗସ୍ତିୟେ
ମୁକୁଇଂ ଫେଡିବ କଥାୟେକ ସନ୍ଦେହେ ।୯୨ ।
ଧର୍ମ ଦେବତାୟେ ଯେବଣ ପୁତ୍ର ଗୋଟି
ତାହାର ନାମ ଦିଲେ କି-ା ଧର୍ମ ଯେ ଯୁଝେଷ୍ଠି ।୯୩ ।
ଅଗସ୍ତି ପ୍ରତିବାକ୍ୟ ଶୁଣିମା ମହାରାଜେ
ପ୍ରଥମେ କର୍ଣ୍ଣ ଉପୁଜିଲା ୟେ ପୁତ୍ର ହୋଇଲା ଦୁଜେ ।୯୪ ।
କୋଇନ୍ତାୟେ ବୋଇଲେ କର୍ଣ୍ଣ ମହୋର ଜ୍ୟଷ୍ଠ
ଗଙ୍ଗାରେ ପକାଇଲି ମୁଂ ବାଳୁତ ଗ୍ୟାନ ଭ୍ରଷ୍ଟ ।୯୫ ।
ସେ ପୁତ୍ର ଲୋଡିଲେ ପାଇବି ଆର କାହିଂ

ଦୁଜେ ଉପୁଜିଲା ଜେ୍ୟଷ୍ଠ ପୁତ୍ର ଯେହି । ୯୬ ।
ମହାଗ୍ୟାନବନ୍ତ ଯେ ଅହର୍ନିଶି କର୍ମ
ତେନ୍ୟାୟଂରୁ କରି ନାମ ଦିଲେ ଯୁଜେଷ୍ଠି ଦେବ ଧର୍ମ । ୯୭ ।
କୋଇନ୍ତା ଦେବୀଙ୍କର ଯେ ତିନି ପୁତ୍ର ଉପୁଜିଲା
କୋଇନ୍ତାଙ୍କୁ ଭଗତି ହୋଇଂ ମଦନା କିସ କଲା । ୯୮ ।
ତିନି ପୁତ୍ର ଘେନି ସେ କୋଇନ୍ତା ଦେବୀ ଭାଳି
ସହି ନୁଆରଇ ଆଉ ପର ଶୃଙ୍ଗାର ଆର୍ଦୋଳି । ୯୯ ।
ଆପଣା ସ୍ୱାମୀ ଜାଣଇଂ ଆପଣା ଭାରିଯାର ଚିନ୍ତା
ପର ପୁରୁଷ ଶୃଙ୍ଗାରେ ବଡାଇ ଅବସ୍ତା । ୧୦୦-୨୬୯୦ ।

---

୯୯ ।୨ ପଞ୍ଚଭୁତ ଆତ୍ମାରେ ଡାକିଣ ବିକଳି ।
୯୬ ।୨ ଦୁଜେ-ଜେ୍ୟଷ୍ଠି-ଯୁଜେଷ୍ଠି ୯୭ ।୧ ତେନ୍ୟାୟଂରୁ-ସେହି ହେତୁରୁ
ପୁତ୍ର ନିମନ୍ତେ ମାଦ୍ରୀର ନାରାୟଣଙ୍କୁ ସ୍ମରଣ, ନାରାୟଣଙ୍କ ନାସ୍ତିରେ ଦୁର୍ବାସାଙ୍କର ଅନ୍ୟ
ଦେବତାଙ୍କୁ ସ୍ମରଣ କରିବାକୁ
ମାଦ୍ରୀଙ୍କୁ କଥନ
ନ ପାରଇ ସହି ତାର ଶୃଙ୍ଗାର ଆର୍ଦ୍ଦୋଳି
ମଦନାକୁ ବସାଇ ଦେବୀ ସନ୍ନିଧ୍ୟରେ ଭାଳି । ୧ ।
ତୁ ମାଦ୍ରୀ ମୋହୋର ସପତଣୀ ହୋଇଲୁ ଅବା
ଭୃତ୍ୟର ଭୃତ୍ୟ ହୋଇଣ ତୁ ମୋତେ ବହୁତ କଲୁ ସେବା । ୨ ।
ତୁ ମୋହୋର ଅଭିନ୍ନ ପ୍ରାଣର ସଂଘାତୁଣୀ
ମୋତେ ସେବା କରି ହୋଇବୁ କି ଅପୁତ୍ରିକ ଲକ୍ଷଣୀ । ୩ ।
କୋଇନ୍ତାୟେ ମାଦ୍ରୀକି ଦଲେ ଜପାମାଳି
ଦିଗପାଳ ଗୋଟିକୁ ସୁମରଣା କର ମନର ହିଆଳୀ । ୪ ।
ଆପଣେ ଥାଇ କୋନ୍ତଭୋଜର ଦୁହିତେ
ମଦନାକୁ ସଞ୍ଚିତ କଲେ ସେ ଶେୟ୍ୟାର ଯୁଗତେ । ୫ ।
ମଦନା ମହାଦେବୀ ଯେ ଅଟଇ କୁମାରୀ
ୟେହାର ମାତା ଅଟଇ ମଳୟ ବସନ୍ତା ଅପଛରୀ । ୬ ।
ବାସବର କୋପେ ସେ ପାଇ ଅଭିଶାପ
ମଧ୍ୟ ପୁରେ ଉପୁଜିଲା ଧରି ମାନୁଷୀ ସରୂପ । ୭ ।
ତାହାର ଦୋହିତା ଯେ ମଦନାବତୀ ନାମ
ବାଛିଣ ପଣ୍ଡୁ ରାଜାକୁ କଲାକ ପ୍ରଦାନ । ୮ ।
ତାହାର ରୂପଗୁଣ କହିତ କି ପାରି
ପୃଥିବୀ ଅଳଙ୍କାର ସେ ଅଟଇ ସୁନ୍ଦରୀ । ୯ ।
କରେଣ କୋଇନ୍ତାୟେ ଦିଲେକ ଜପାମାଳି
ଯାହାକୁ ଇଚ୍ଛା ତୋର ସୁମର ମନେ ଭାଳି । ୧୦ ।
ୟେତେକ ତିଆରି ଗଲେ ଦେବୀ କୋନ୍ତେ
ମାଦ୍ରୀ ବେଶନ ହୋଇଲା ଶେୟ୍ୟାର ଯୁଗତେ । ୧୧ ।
ବୋଇଲେ ଧର୍ମ ପବନ ଇନ୍ଦ୍ରରେ କୋଇନ୍ତାୟେ ପୁତ୍ର କଲେ ଜାତ
ଦେବତାଙ୍କ ମଧ୍ୟେ ଆଉ ନାହିଂ ବଳବନ୍ତ । ୧୨ ।

ନାରାୟଣ ଦେବାଦାଙ୍କୁ ସ୍ମରିବି ଆଜ
ବିଷ୍ଣୁଙ୍କର ବୀର୍ଯ୍ୟେ ମୋର ଉପୁଜୁ ତନୁଜ । ୧୩ ।
ମୋହୋର ପୁତ୍ରଗୋଟି ହୋଇବ ଯେ ବଳବନ୍ତ
ସପତ ବ୍ରହ୍ମଣ୍ଡକୁ ସେ ହୋଇବ ଯେ ଯେକଛତ୍ର । ୧୪ ।

---

୧୨ ।୨ ଶୋଭନ ହୋଇ ଦେବୀ ବସିଲେ ଶେଯ୍ୟାର ଯୁଗତେ ।
୪ ।୨ ହିଆଲୀ-ଆନନ୍ଦଦାୟକ ୫ ।୨ ସଞ୍ଚିତ-ସ୍ଥାପିତ
ଗାନ୍ଧାରୀ ପୁତ୍ରନ୍ତ କୋଇନ୍ତା ପୁତ୍ରନ୍ତ ଜିଣି
ଯେ ମୋହୋର କୁମର ହୋଉ ଯେକାଙ୍ଗ ନୃପମଣି । ୧୫ ।
ଯେତେକ ବିଗ୍ରି ଦେବୀ ଯେକାନ୍ତ ନିଶାକାଳେ
ନାରାୟଣ ସ୍ମରଇ ସେ ଦୁର୍ଭାସା ମନ୍ତ୍ରବଳେ । ୧୬ ।
ବଇନେତ୍ରେୟ ବାହାନେଣ ସେ ଦେବ ନାରାୟଣ
ଅନ୍ତରୀଚ୍ଛେୟ ବିଜେ କଲେ ଶତଶିଂଗ ପର୍ବତେଣ । ୧୭ ।
ଅନେକ ବେଶନ ହୋଇ ମଦନସେନର କୁମାରୀ
ଅର୍ଘ୍ୟ ତଳେ ଥୋଇଲା ସେ ନାରାୟଣ ନାରାୟଣ ସ୍ମରି । ୧୮ ।
ଯେମନ୍ତ ସମୟେ ଯାଇଂ ଶ୍ରୀକୃଷ୍ଣ ବିଜେ କଲେ
ଦେଖିଣ ମାଦ୍ରୀଦେବୀ ଆସନ ତେଜ୍ୟା କଲେ । ୧୯ ।
ନାରାୟଣ ବୋଇଲେ ତୁ ଶୁଣ ପଣ୍ଡୁର ପାଟରାଣୀ
ନିରାକାର ବୋଧିଲା ତୋହୋର ଜ୍ୟେଷ୍ଠ ସପତଣୀ । ୨୦ ।
ତହାର ବୀର୍ଯ୍ୟେ ଉପୁଜିଲା ଯେବଣ ପୁତ୍ର ଗୋଟି
ନିରଞ୍ଜନ ଦେବତା ସେ ମୋହୋର ଠାକୁର ଯୁଝେଷ୍ଠି । ୨୧ ।
ତୁ ମୋହୋର ମାତା ଗୋ ପ୍ରତକ୍ଷେ ନିରଞ୍ଜନୀ
ପୁତ୍ରକୁ କି-ା ସ୍ମରିଲୁ ମହାମନ୍ତ୍ର ଘେନି । ୨୨ ।
ଋଷିର ମହାମନ୍ତ୍ର ଗୋ କେମନ୍ତେ ଯିବି ମେଣ୍ଟି
ନିଜ ପ୍ରାଣ ବିସର୍ଜିବି ମୃଧୁନା ଯିବ ଫାଟି । ୨୩ ।
ମାତାର ତୁଲେ ଗୋ କାହିଂ ପୁତ୍ରର କାମ ଭେଟ
ମୋତେ କରାଇଲୁ ଗୋ ଦୁସହ ସଂକଟ । ୨୪ ।
ତୁ କି-ା ବିଗ୍ରର ଗୋ ନ କଲୁ ଯେହା ମନେ
ଗ୍ୟାନ ଥାଉଂ ଥାଉଂ ଗୁରୁପତ୍ନୀ ହରିବି କେସନେ । ୨୫ ।
ଯେମନ୍ତ କର୍ମ କି-ା କଲୁ ଗୋ ମାହେଶ୍ୱରୀ
ମୋତେ ସ୍ମରିଲୁ କଥାନ୍ତ ନ ବିଗ୍ରି । ୨୬ ।
ଯେବେ କିସ ବିଗ୍ରର କର ଗୋ ମହାତ୍ମାଣୀ
ମାଦ୍ରୀ ଆଶ୍ରିଜ ହୋଇଲେ ନାରାୟଣଙ୍କ ବଚନ ଶୁଣି । ୨୭ ।
ମମ କର୍ମେ ଯେହେନେକ ଫଳ ଫଳିଲା ଚକ୍ରପାଣି । ୨୮ ।

---

୧୬ ।୧ ଯେମନ୍ତ ବିଗ୍ରି ସେ ସ-ୂର୍ଣ୍ଣି ନିଶାକାଳେ ।
୧୭ ।୧ ବଇନେତ୍ରେୟ-ବୈନତେୟ, ଗରୁଡ, ବିନତା ପୁତ୍ର
ଅନ୍ତରେ ଥାଇଂ ଯେ ଦେଖୁଥିଲେ ଦେବୀ କୋଇନ୍ତା
ଧାତିକାରେ ବିଜେ କଲେ ଧର୍ମର ବନିତା । ୨୯ ।

ଦେଖିଲେ ନାରାୟଣ ଶଙ୍ଖ ଚକ୍ରଧାରୀ
କୋଦଣ୍ଡ ଧରିଣ ନାଥ ବିଜୟେ କି ବିଗିରି । ୩୦ ।
ନାରାୟଣଙ୍କ ବିଜେ ଦେଖି କୋଇନ୍ତାୟେ ଆଶ୍ରିଜ
ସୁଗ୍ୟାନୀ ମାଦ୍ରୀ ତ ପାଇଲା ଦେବରାଜ । ୩୧ ।
ୟେହାର ବୀର୍ଯ୍ୟେ ଉତପତ୍ତି ହୋଇଲେ ସନ୍ତତି
ନାରାୟଣ ତନୁଜ ଯେ ହୋଇବ ୟେକଛତ୍ରୀ । ୩୨ ।
କୋଇନ୍ତାକୁ ଦେଖିଣ ସେ ଦେବ ଚକ୍ରଧାରୀ
ଧାତିକାରେ ନାରାୟଣ ଗରୁଡ ପିଠିରୁ ଅବତରି । ୩୩ ।
ନାରାୟଣ ବୋଇଲେ ମାଗୋ ନିରଞ୍ଜନ ତୋଷିଲୁ ମହାମନ୍ତ୍ର ବଳେ
ଧର୍ମ ଦେବତାୟେ ବିଜେ କଲେ ଆସି ତୋର କୋଳେ । ୩୪ ।
ବିବୁଧାଦିଗଣ ଯାହାର ନ ଦେଖନ୍ତି ବର୍ଣ୍ଣ ଚିହ୍ନ
ସେ ଧର୍ମ ମହାତମା ତୋତେ ହୋଇଲେ ପ୍ରସନ୍ନ । ୩୫ ।
ଆମ୍ଭେ ଯେ ତୁମ୍ଭର ପୁତ୍ର ତୁମ୍ଭେ ଆମ୍ଭର ମାୟେ
ତୁମ୍ଭେ କି-ା ଚିନ୍ତିଲ ମାଗୋ ୟେସନେକ ଉପାୟେ । ୩୬ ।
ଗୁରୁପତ୍ନୀ ଶିଷ୍ୟପୁତ୍ର କାହିଁ ଅଛି ୟେକ ଯୋଗ
ଦୁର୍ଭାସାଙ୍କ ମନ୍ତ୍ର କେହ୍ନେ କରିବି ପରିତ୍ୟାଗ । ୩୭ ।
ୟେ କଥା ବିଗିର ଗୋ କରିବା ମାହେଶ୍ୱରୀ
କୋଇନ୍ତାୟେ ବୋଇଲେ ୟେ ତ ନ ଜାଣିଲା ବିଗିର କରି । ୩୮ ।
ୟେହା କହୁଁ କୋଇନ୍ତାକୁ ଲାଗିଲା ମହାଭୀତି
ତହିଁକି ପ୍ରିୟଯୋଗ ଜଗନ୍ନାଥେ କରନ୍ତି ନାସ୍ତି । ୩୯ ।
କୋଇନ୍ତାୟେ ବୋଇଲେ ତୁମ୍ଭେ ବିଜେ କରିବା ଦାମୋଦର
ଆଗୋ ମାଦ୍ରୀ ତୁ ଆନ ଦେବତା ସୁମର । ୪୦ ।
ଗୋବିନ୍ଦ ବୋଇଲେ ମାଗୋ ଦୁଃସହ ହୋଇଲାକ ମୋତେ
ଦୁର୍ଭାସାଙ୍କର ମହାମନ୍ତ୍ର ମୁଁ ବଞ୍ଚିମି କେମନ୍ତେ । ୪୧ ।
ୟେଥକୁ ପ୍ରତିକାର ସିନା ସେହି ଋଷିହିଁ ଜାଣନ୍ତି
ତାହାଙ୍କୁ ସୁମରଣା କର ମାଗୋ କୁନ୍ତୀ । ୪୨ ।
ଶୁଣିଣ ସାନନ୍ଦ ଯେ ଭୋଜରାଜର କୁମାରୀ
ୟେକ ଲୟେ କରି ଦୁର୍ଭାସାଙ୍କୁ ଯେ ସୁମରି । ୪୩ ।
ଦଣ୍ଡ କମଣ୍ଡଳ କଷା କଉପୁନୀ ଶୀତାଂସୁ
ତାମ୍ର ବର୍ଣ୍ଣ ଗାତ୍ର ଅଙ୍ଗେଣ ଲେପନ ପାଂଶୁ । ୪୪ ।
ନାରାୟଣଙ୍କୁ ଦେଖିଲେ ଦୁର୍ଭାସା ମହଋଷି
ଅର୍ଘ୍ୟ ଘେନି ପୂଜା କଲେ ଯେ ପଣ୍ଡୁରାଜାର ପାଟବଂଶୀ । ୪୫ ।
ଦୁର୍ଭାସାୟେ ବୋଇଲେ ମାଗୋ ମାଦ୍ରୀ ତୁ ମନ୍ଦ କୃତ୍ୟ କଲୁ
ନାରାୟଣ ଦେବତାଙ୍କୁ କି- ସୁମରିଲୁ । ୪୬ ।
ଦୁର୍ଭାସାଙ୍କ ବଚନେ ବଦୟନ୍ତି ଦାମୋଦର
ଭୋ ମୁନିବର ତୋହୋର ବଚନ ୟେଥିକି ପ୍ରତିକାର କର । ୪୭ ।
ନାରାୟଣଙ୍କ ଆପଦ ଖଣ୍ଡିଲେ ଦୁର୍ଭାସା
ଆନ ପୁରୁଷକୁ ମଦନାବତୀ ଗୋ ବଳାଅ ମନୀଷା । ୪୮-୨୭୩୮ ।

୩୪ ।୨ ଦ୍ରୁତି ନିରଞ୍ଜନ ଉପୁଜିଲେ ତୋର କୋଳେ ।
୩୫ ।୨ ସେ ସିଦ୍ଧ ମହାତ୍ମା ତୋତେ ହୋଇଲେ ପ୍ରସନ୍ନ ।
୩୬ ।୨ ତୁମ୍ଭେ ଚିନ୍ତିଲ କି-ା ମାଗୋ ଆମ୍ଭନ୍ତ ଉପାୟେ ।
୪୧ ।୨ ଦୁର୍ଭାସାଙ୍କର ମହାମନ୍ତ୍ର ମେଣ୍ଟିବି କେମନ୍ତେ ।
୪୭ ।୨ ତୋହୋର ବଚନେ ଯେଥକୁ ଅଛି କି ପ୍ରତିକାର ।
ଦୁର୍ବାସାଙ୍କର କୁନ୍ତୀଙ୍କ ପୁତ୍ର ଦର୍ଶନ କାଳରେ ହରି ଅର୍ଜୁନଙ୍କର ସାକ୍ଷାତ । ବ୍ୟାସଙ୍କୁ
କୃଷ୍ଣ-ଅର୍ଜୁନର ମିତ୍ରତା ଯୁଗ ଯୁଗ
କରି ହେବା ବର୍ଣ୍ଣନା । କୃଷ୍ଣଙ୍କ ଦ୍ୱାରା ବିଶ୍ୱରୂପ ଦର୍ଶନ
ଦୁର୍ଭାସା ବୋଇଲେ ଆଗୋ କୁନ୍ତଭୋଜର କୁମାରୀ
ଦେଖିବା ଆଣନି ଗୋ ପୁତ୍ରନ୍ତ ତୋହୋରି । ୧ ।
ଶୁଣିଣ ଉଷତ ଯେ ପଣ୍ଡୁର ପାଟରାଣୀ
ଯୁଝେଷ୍ଠି ଭୀମ ଅର୍ଜୁନ ତିନି କଇ ଆଣି । ୨ ।
ପୁତ୍ରନ୍ତ ଘେନିଣ ସେ ଭୋଜର ନନ୍ଦନୀ
ଶତସହସ୍ର ଦଣ୍ଡ ପ୍ରଲମ୍ବ୍ର ଦୁର୍ଭାସା ମହାମୁନି । ୩ । ସଂଖ୍ୟା
ଦୁର୍ଭାସାୟେ ବୋଇଲେ ତୋର ପୂରୁ ମନବାଞ୍ଛା
ସୁଖେ ପଞ୍ଚୁ କଟକ ଭୋଗ କର ଯେ ତୋହୋର ସଇଚ୍ଛା । ୪ ।
ନାରାୟଣ ନିରୋପନ୍ତି ଯୁଝେଷ୍ଠିଙ୍କ ବଦନ
ଶୁକ୍ଲାମ୍ବ୍ରର ପୁରୁଷ ଯେ ପ୍ରତକ୍ଷେ ନିରଞ୍ଜନ । ୫ ।
ଧବଳ ଶରୀର ଶୁଦ୍ଧ ସଷ୍ଟିକର ପ୍ରାୟେ
ନାରାୟଣ ପ୍ରଣପତ୍ୟ ହୋଇଲେ ଯୁଝେଷ୍ଠିଙ୍କ ପଦ୍ମପାୟେ । ୬ ।
ମହା ଧାର୍ମିକ ସେ ବିବେକ ଗୁଣବନ୍ତ
ଅଜପା ଲୟେ କଲ୍ୟାଣ କଲେ ନ କହିଣ କଥା । ୭ ।
ନାରାୟଣ ବିଗ୍ରନ୍ତି ଯେ ପୁରୁଷ ମହାବ୍ରହ୍ମ
ଜନ୍ମର ସୁଫଳ ହୋଇଲା ପାଇଲି ଦରଶନ ।୮ ।
ଅନେକ ସାନନ୍ଦ ସେ ହୋଇଲେ ଦେଖିଣ ଅର୍ଜୁନକୁ
ହୃଦରେ ଲଗାଇ ବୋଇଲେ ମୋହୋର ଯେହି ସେ କଲାବୁକୁ । ୯ ।
ଗଲାରେ ଲମ୍ବ୍ରାଇଲେ କୃଷ୍ଣ ମରକତ ମଣି
ଅନେକ ଅଳଙ୍କାର ଆଭରଣ କଲେ ଦେବ ଚକ୍ରପାଣି । ୧୦ ।
ଅନେକ ସନ୍ତୋଷେ ନାରାୟଣ ବୋଇଲେ
କୋଳରେ ଧରି ହରି ଦ୍ରୁତିକୃଷ୍ଣ ନାମ ଦିଲେ । ୧୧ ।
ଯହ୍ନଂ ଅର୍ଜୁନକୁ କୋଳେ ଧଇଲେ ଶ୍ରୀପତି
ସରୂପ ବାରଣ ନୋହିଲା ଦୁହିଂଙ୍କର ଯେକ ମୂର୍ତ୍ତି । ୧୨ ।
ଅର୍ଜୁନକୁ ଘେନିଣ ଦେବ ବନମାଳୀ
ମଥୁରା ନ ଗଲେ ଶତଶିଂଗ ପର୍ବତେଣ ଖେଳି । ୧୩ ।

---

୬ ।୨ ଅକ୍ଷୟ କଲ୍ୟାଣ କଲେ ଦେବ ନ କହିଲେ କଥା ।
୮ ।୨ ଜନ୍ମର ସୁଫଳ ହୋଇଲା ଭେଟିଲି ନିରଞ୍ଜନ ।
୮ ନାରାୟଣ ବିଗ୍ରନ୍ତି ଯେ ପୁରୁଷ ମହାବ୍ରହ୍ମି ।
ଜନ୍ମର ସୁଫଳ ମୋର ଦେଖିଲି ଦେବସ୍ୱାମୀ ।

୧୩ ।୨ ମଥୁରାରୁ ଆସନ୍ତି ଶତଶିଂଗ ପର୍ବତକୁ ଖେଳି
ମଥୁରାଉଂ ଆସନ୍ତି ଶତଶିଂଗ ପର୍ବତେଣ ଖେଳି ।
୬ ।୧ ସଷ୍ଟିକ-ସ୍ଫଂଟିକ ।
ମହା ଅରଣ୍ୟେ ପଶନ୍ତି କ୍ରୀଡା ରଙ୍ଗରସେ
ରାତ୍ରେଣ ଅର୍ଜୁନର ମେଳେ, ମଥୁରା ଦିବସେ । ୧୪ ।
କୃଷ୍ଣ ଅର୍ଜୁନ ଦୁହେଂ ଅଛନ୍ତି ଯମୁନା କୂଳେ ବସି
ବାରି ତ ନ ହୁଅନ୍ତି ଦୁହେଂ ଯେକ ସରୂପ ପ୍ରାୟେ ଦିଶି । ୧୫ ।
ହସନ୍ତି ରସନ୍ତି ଖେଳନ୍ତି ସେ କ୍ରୀଡା ରଙ୍ଗ ରସେ
ଯେମନ୍ତର ସମୟେ ଆସି ମିଳିଲେ ମୁନି ବ୍ୟାସେ । ୧୬ ।
ବ୍ୟାସଙ୍କୁ ଦେଖି ଉଠିଲେ କୃଷ୍ଣ ଅରଜୁନ
ଶତସହସ୍ର ଦଣ୍ଡ ପ୍ରଲମ୍ବ୍ରେ ହୋଇଲେ ପଣ୍ଡୁନାନ । ୧୭ । ସଂଖ୍ୟା
ବ୍ୟାସେ ପ୍ରତିବାକ୍ୟ ତୁମ୍ଭର ବହୁତ ଅନ୍ତର
ଶତଶିଂଗ ପର୍ବତକୁ ମଥୁରା ଗିରି ସହସ୍ର ଯୋଜନ ଦୂର । ୧୮ । ସଂଖ୍ୟା
ଯେତେ ଦୂରେ ଥାଇଂ ତୁମ୍ଭର କେମନ୍ତେ ଯେତେକ ପୀରତି
ମନୁଷ୍ୟ ଦେଖି ନାରାୟଣ କେମନ୍ତେ ଧୀର ମତି । ୧୯ ।
ନାରାୟଣ ବଦନ୍ତି ଶୁଣ ମୁନି ବ୍ୟାସେ
କୁମୁଦ ଥାଇ ଜଳେ ଚନ୍ଦ୍ରର ଥାଇ ଆକାଶେ । ୨୦ ।
ଦୁଇ ଲକ୍ଷ ଯୋଜନ ବହୁତ ଅନ୍ତର
କୁମୁଦବନ୍ଧୁ ନାମ କି-ା ବହିଲା ଶଶଧର । ୨୧ । ସଂଖ୍ୟା
ଯାହାରେ ଯାହାରେ ସେ ଅଟଇ ପ୍ରୀତିଭାବ
କେ ଆକାଶେ କେହୁ ପାତାଳେ କେହୁ ରାତ୍ର ଦିବ । ୨୨ ।
ଦୀପିତ ସତ୍ୟଯୁଗେ ମୁଂ ନାରାୟଣ ଅବତାର
ଯେ ମୋହୋର ଅର୍ଜୁନ ଅଟଇ ବ୍ରାହ୍ମଣ ଦାମୋଦର । ୨୩ ।
ଶୁକ୍ଲାମ୍ବ୍ରର ସତ୍ୟଯୁଗେ ଅଣାକାର ବିଷ୍ଣୁ ଦ୍ୱାରେ
ଜୟେ ବିଜୟେ ହୋଇ ଥାଇଂ ବୈକୁଣ୍ଠ ପୁରେ । ୨୪ ।
ଭବାନୀ ସତ୍ୟଯୁଗେ ମୁଂ ଅଟଇ ନୀଲାମ୍ବ୍ରର
ଯେ ମୋହୋର ସଖା ଅଟଇ ରୁଦ୍ରର ଅବତାର । ୨୫ ।
ବିଧୃତ ସତ୍ୟଯୁଗେ ମୁଂ ଅଟଇ ବିଷ୍ଣୁ ନାଥ
ସନକ ନାମେ ବ୍ରହ୍ମା ଯେ ମୋର ପଞ୍ଚଭୁତ । ୨୬ ।

---

୨୦ କୁମୁଦ ଥାଇ ଯେ ଅକାଦ ଜଳ ଗମ୍ଭୀରେ
ଚନ୍ଦ୍ରର ଦେବତା ଥାଇ ଆକାଶ ଶୂନ୍ୟ ପୁରେ ।
୨୩ ।୧ ଦୀପ୍ତି ସତ୍ୟଯୁଗେ ମୁଂ ଅଣାକାର ଅବତାର ।
ଅଭିନ୍ନ ସତ୍ୟଯୁଗେ ମୁଂ ଅଟଇ ଅନନ୍ତ
ଇନ୍ଦ୍ରର ଅବତାରେ ଯେ ମୋହୋର ପ୍ରାଣହିତ । ୨୭ ।
ହରି ମେଖଳା ସତ୍ୟଯୁଗେ ମୁଂ ଗରୁଡ ନାରାୟଣ
ଯେ ମୋହୋର ମିତ୍ର ଟି ଶ୍ରୀବଷ ବ୍ରାହ୍ମଣ । ୨୮ ।
ଯେହୁ ମୋହୋରେ ପ୍ରୀତିହୋଇ ବହୁତ ଗର୍ବ କଲା
ତୋ ତହୁଂ ବଡ ହୋଇବି ବୋଲି ବୋଲିଣ ବୋଇଲା । ୨୯ ।

ସେ କଥାକୁ ଯେହାକୁ ମୁଁ ଅନେକ ରାଗ କଲି
ଅନ୍ଧ ଅନ୍ଧୁଣୀ ଘରେ ଜାତ କରାଇଲି । ୩୦ ।
ଦରିଦ୍ର ଅବସ୍ଥା ହୋଇ ମାଗୁଥାଇ ଭିକ୍ଷା
ଯେତେ ଶାସ୍ତି ହେଲା ମୋତେ ଦଣ୍ଡେହେଁ ନ କଲା ଉପେକ୍ଷା । ୩୧ ।
ଦିନେ ଭିକ ମାଗି ଯାଉଅଛି ଯେ ନଗ୍ରକୁ
ମାୟା କରି ଲୁଚାଇଲି ମୁଁ ଲୋକ ଯେ ମାନଙ୍କୁ । ୩୨ ।
ଅପାର ନଗ୍ର ଉତ୍ତାଦି ଶିବପୁର ଆଦି କରି
ଆରତେଣ ଭ୍ରମିଲାନି ଦେଶ ନଗ୍ର ଗ୍ରି । ୩୩ ।
ଜନ ମନୁଷ୍ୟ କାହିଁ ଯେ ନ ଦେଖି
ବାହୁଡି ଆଶ୍ରମକୁ ଆସଇ ମହାଦୁଖୀ । ୩୪ ।
ଜଗନ୍ନାଥ ପାଷାଣ ଯେ ଦେଖିଣ କୋପ କଲା
ବାମ ପାଦ ନେଇ ମୋର ହୃଦରେ ମାଇଲା । ୩୫ ।
ମୂର୍ତ୍ତିବନ୍ତ ହୋଇଣ ମୁହିଁ ଉଭା ଯେ ହୋଇଲି
ବଥା ପାଇଲୁ ବୋଲି ମୁଁ ତାର ବେନି ପାଦ ମଞ୍ଚ୍ଲିଲି । ୩୬ ।
ଭୋ ବ୍ୟାସେ ଯେହାର ମୋହୋର ଭାବ ଯେତେ ହାଦେ
ଯେହାର ପାଦଚିହ୍ନ ଦେଖ ହୋ ମୋହୋର ହୃଦେ । ୩୭ ।
ହିରଣ୍ୟ ସତ୍ୟଯୁଗେ ମୁଁ ନରସିଂହ ମୂରତି
ଯେହୁ ପ୍ରହଲାଦ ରୂପେ ହିରଣ୍ୟ ଘରେ ଉତପତ୍ତି । ୩୮ ।
ହିରଣ୍ୟ ବିଦାରି ମୁଁ ଯେହାଙ୍କୁ ବସାଇଲି କୋଳେ
ଚିରନ୍ତନ ପଦ ଦେଲି ଗଗନ ମଣ୍ଡଳେ । ୩୯ ।
କୁତୂହୋଳ ଇଚ୍ଛାଯେ ସାଂଗ୍ରାମ ପୁଣ କଲୁ
ଶସ୍ତ ପ୍ରଶସ୍ତ ହୋଇଣ ଅବତାର ହେଲୁ । ୪୦ ।
ଗ୍ରହଯୋଗ ଇଚ୍ଛାହିଁ ହୋଇ କୁତୂହୋଳେ
ନାମ ବହିଲୁ ହାଦେ ଆମ୍ଭେ କେତୁ ଯେ ମଙ୍ଗଳେ । ୪୧ ।
ମୁହିଁ କେତୁ ହାଦେ ମଙ୍ଗଳ ଅଟେ ଯେହୁ
କାଳ ଅନରୂପେ ଆମ୍ଭେ ଛଡା ଛଡି ନୋହୁଁ । ୪୨ ।
ଯେ ମହୀ ମଣ୍ଡଳେ ସତ୍ୟଯୁଗେ ପ୍ରଶୁରାମ ଅବତାରେ
ଦୁହେଁ ଜନମ ହୋଇଲୁ ଜମଦ ଅଗ୍ନି ଘରେ । ୪୩ ।
ମୁହିଁ ପରଶୁରାମ ଯେ ଅଟଇ ନୀଳରାମ
କ୍ଷତ୍ରୀ ଅନ୍ତ କରିମ ପାଲିଲୁଁ ଅନେକ ଧର୍ମ । ୪୪ ।
ତ୍ରିଜୀବି ହୋଇଲୁଁ ପ୍ରଶୁରାମ ଅବତାରେ
ଆନ କଲାଯେ ଉପୁଜିଲୁଁ ଦଶରଥ ଘରେ । ୪୫ ।
ମୁହିଁ ଯେ ହାଦେ ଶ୍ରୀରାମ ଯେ ଅଟଇ ବୀର ଭ୍ରଥ
ଯେବେ ଦ୍ୱାପରଯୁଗେ ଆମ୍ଭେ ହୋଇଲୁ କୃଷ୍ଣ ପାଥ । ୪୬ ।
ଅନେକ ଅବତାର ଆମ୍ଭେ ହୋଉଅଛୁଁ ଯେହି ମତେ
ତୁମ୍ଭେ ବ୍ୟାସେ ଆମ୍ଭନ୍ତ ଅନ୍ତର କର ଯେ କେମନ୍ତେ । ୪୭ ।
ବ୍ୟାସେ ବୋଇଲେ ତୁମ୍ଭେ କହିଲ ଦେବରାଜା
ମୋତେ ନାରାୟଣ, ଦେଖି, ସ-ରତେ ଉପୁଜା । ୪୮ ।
କୁଷ୍ଣ ଅର୍ଜ୍ଜୁନ ତୁମ୍ଭେ ଯେକ କଲା ବେନି
ଭାରାଭର ନିବାରଣ ଅର୍ଥେ ତୁମ୍ଭେ ଉତପତ୍ତି ହୋଇଲ ମେଦିନୀ । ୪୯ ।

ତୁ ସ୍ୱାମୀ ଯେହାକୁ ବିଶ୍ୱରୂପ ଦେଖା
ଯେ ଯେବେ ଦେଖି ପାରଇ ଅଟଇ ତୋର ସଖା । ୫୦ ।
ଗୋବିନ୍ଦେ ବୋଇଲେ ହୋ କେମନ୍ତ ଫାଲଗୁନି
ଅର୍ଜ୍ଜୁନ ବୋଇଲେ ସଂପ୍ରତେ ଯାନ୍ତୁ ବ୍ୟାସ ମହାମୁନି । ୫୧ ।
କେମନ୍ତ ଟି ବିଶ୍ୱରୂପ ଅଟଇ ତୋହୋର
ଦେଖିବାକୁ ଇଚ୍ଛା ଦେବ ଅଛଇ ମୋହୋର । ୫୨ ।
ନାରାୟଣ ପ୍ରସନ୍ନ ହୋଇଲେ ଅର୍ଜ୍ଜୁନ ବଚନେ
ଧଇଲେ ବିଶ୍ୱରୂପ ଦେବ ସ୍ୱାମୀ କମଳଲୋଚନେ । ୫୩ ।

---

୪୬ ମୁହିଁ ଶ୍ରୀରାମ ଯେ ଅଟଇ ଲକ୍ଷଣ ।
ତ୍ରେତୟାରେ ଉପୁଜିଲୁ ଯେସନ ରୂପେଣ ।
୪୮ ।୨ ମୋତେ ନାରାୟଣ ତୁ ସ-୍ରତେ ଉପୁଜା ।
ବ୍ୟାସଙ୍କ ବଚନେ ଅର୍ଜ୍ଜୁନ କୁତୋହୋଳେ
କ୍ଷଣକେ ମୃଧୁନି ଲାଗିଲା ଗଗନମଣ୍ଡଳେ । ୫୪ ।
ଆକାଶେ ଘୋଟିଲା ସେ ନାରାୟଣ କାୟା
ସ୍ୱର୍ଗେ ଶିର ହୋଇଲା ଅଦଭୁଦେ ମାୟା । ୫୫ ।
ଆକାଶେଣ ଶିର ପାଦ ଯେ ରାସାନ୍ତଳ
ମଧ୍ୟ ଭୁବନ ହୋଇଲା ନାଭି ଯେ ମଣ୍ଡଳ । ୫୬ ।
ଶୂନ୍ୟ ମଣ୍ଡଳ ଯେ ବକ୍ଷସ୍ଥଳେ ହୋଇଲା
ମଣ୍ଡଳ ଶିଖା ଖଣ୍ଡି ଗଣ୍ଡସ୍ଥଳେ ବିକାଶିଲା ।୫୭ ।
ବେନି ଲୋଚନ ଯେ ହୋଇଲା ଚନ୍ଦ୍ର ସୂର୍ଯ୍ୟେ
ଦେବତାୟେ ରୋମାବଳୀ ହୋଇଲେ ସହଜେ । ୫୮ ।
ଚକ୍ରଧର ସ୍ୱାମୀ ହୋଇଲେ ଚତୁର୍ଭୁଜେ
ପଞ୍ଚବିଂଶ ଅଗ୍ନି ବିରାଜିଲେ ତେଜେ । ୫୯ ।
କରତଳ ମଧ୍ୟେ ଯେ ବିକାଶିଲେ ଅଙ୍ଗୁଷ୍ଠି
ପର୍ବତମାନେ ତହିଁ ହୋଇଲେ ଗୋପ୍ୟାନଟି । ୬୦ତ୍ସ ।
ସପତ ସାଗର ଯେ ସିନ୍ଧୁ ମହାଘୋଷ
ଦକ୍ଷିଣ କରସ୍ଥଳେ ସେ ହୋଇଲା ଗଣ୍ଡୂଷ । ୬୧ ।
ନାରାୟଣ କରତଳେ ରହିଲା ଯହୁଁ ପାଣି
ତହୁଁ ସେ ଭୁଜକୁ ପାଣି ବୋଲିଣ ବଖାଣି । ୬୨ ।
ଚାରିଖାନି ଚଉରାଶୀ କୋଟି ଜୀବ ପୃଥିବୀର ମୂଳେ
ଯେମାନେ ରହିଲେ ନାରାୟଣଙ୍କ ବାମ କରସ୍ଥଳେ । ୬୩ । ସଂଖ୍ୟା
ଯେହେନେକ ବିଶ୍ୱରୂପ ଧଇଲେ ଜଗତଭୂତ
ଯେକା ଶରୀର ବିକାଶିଲା ତିନି ଯେ ଜଗତ । ୬୪ । ସଂଖ୍ୟା
ଅର୍ଜ୍ଜୁନର ବଦନ ଚାହାନ୍ତି ମୁନି ବ୍ୟାସେ
ନ ପୁଣ ଦହିଜ ହୁଅଇ କୃଷ୍ଣର ତରାସେ । ୬୫ ।

---

୫୭ ।୨ ମଣ୍ଡଳା ଶିଖିଖଣ୍ଡ ଅନେକ ବିକାଶିଲା ।
୬୩ ।୨ ଯେମାନେ ରହିଲେ ନାରାୟଣଙ୍କ ବକ୍ଷସ୍ଥଳେ ।

୬୫ ।୨ ତରାସେ-ଜେୟାତିରେ
ବ୍ରହ୍ମା ଦେବତା ଯାହା ଦେଖିତ ନ୍ୟାରିଲା
କରସ୍ଥଳୀ ଗଙ୍ଗାରେ ବୁଡିଣ ପଡିଲା । ୬୬ ।
ଶ୍ୱେତରାଜା ଯଗ୍ୟ କାଳେ ଅଗ୍ନି କୁଣ୍ଡରେ ପାଂଶୁ
ରୁଦ୍ର ଦେବତା ତହିଁ ପଡି ଲୋଟି ହୋଇଲେ ଶୀତାଂଶୁ । ୬୭ ।
ସେ ପାଉଁଶରେ ପଡି ରୁଦ୍ର ଦେବତା ମୂର୍ଚ୍ଛା ଯାନ୍ତି
ତେଣୁ ସେ ହର ନାମ ବହିଲେ ପଶୁପତି । ୬୮ ।
ପବନ ଯେ ଆତଯାତ ନାରାୟଣଙ୍କ ନାସାଗ୍ରତେ
ତେଣୁ ସେ ବିଷ୍ଣୁ ବାତ ନାମ ବହିଲେ ମରୁତେ । ୬୯ ।
ସମସ୍ତ ବୁଡିଲା ନାରାୟଣଙ୍କ କାୟାକେ
ବିଷ୍ଣୁ ଆଶ୍ରକେ ରହିଲେ ସମସ୍ତ ବୃନ୍ଦାଅର୍କେ । ୭୦ ।
ଅର୍ଜୁନ ହସିଲା ବାଳୁତ ମତି ବୃଦ୍ଧପ୍ରାୟେ
ବୋଇଲା ଆବର ବଢିବୁ ନା ଯେତିକି ତୋର କାୟେ । ୭୧ ।
ଶୁଣିଣ ହସିଲେ ଯେ ପାରେଶ୍ୱର ସନ୍ତତି
ଭୋ ଦେବ ନାରାୟଣ ହୋଅସି ଶାନ୍ତିମୂର୍ତ୍ତି । ୭୨ ।
ଯେ କାୟା ଘୋଟିଲା ବ୍ରହ୍ମାଣ୍ଡ କୋଟି ଗ୍ୟରି
ଅର୍ଜୁନ ବୋଇଲା ଭୋ ଦେବ ତୋହୋର ଅଛିଟି କି ଆହୁରି । ୭୩ ।
ମୁହିଁ ହାଦେ ତୋର ଉଦରେ ପଶଇ କାଳେ କାଳେ
ଯେ ତୋହୋର ଲୋମେ ମୁଁ ଲୀନ ହୋଇ ସର୍ବକାଳେ । ୭୪ ।
ମୁଁ ତୋତେ ଭୟ କଲି ନାଥ ଦେଖିଣ ତୋହୋର ବିଶ୍ୱରୂପମୂର୍ତ୍ତି
ଭାବେ ବୋଲଇ ଆହୁରି ବଢିବୁ ନା ଶିରୀପତି । ୭୫ ।
ବ୍ୟାସେ ବୋଇଲେ ମୋହୋର ତୋ ତହୁଁ ବାନ୍ଧବ ନାହିଁ ବୋଲି ଜାଣିଥିଲି
ଆଉ ଯେତେ ଜଣେ ଅଛି ବୋଲି ଯେବେ ସେ ପ୍ରତେ ଗଲି । ୭୬ ।
ବ୍ୟାସେ ବୋଇଲେ ଅର୍ଜୁନ ହୋ ତୋହୋର ଜୀବନ ସାଧୁ ସାଧୁ
ନାରାୟଣର ବଲ୍ଲଭ ତୁହି ସେ ପ୍ରାଣ ବନ୍ଧୁ । ୭୭ ।
ଅର୍ଜୁନର ଭୟ ଦେଖିଣ ଜନାର୍ଦ୍ଦନ
ଛାଡିଲେ ବିଶ୍ୱରୂପ ହୋଇଲେ ସାମାନ୍ୟ । ୭୮ ।
ଅର୍ଜୁନକୁ କୋଳ କରି ବଦୟନ୍ତି ମୁନି ବ୍ୟାସେ
ଭାରା ନିବାରଣ କରିବୁ ଭାରତେ ଭାରୋଇ ମଲ୍ଲ ତୁ ସେ । ୭୯ ।
ଅର୍ଜୁନକୁ ଛାଡିଲେ ଶତଶିଂଗ ପରବତେ
ବ୍ୟାସେ ତତକ୍ଷଣେ ହୋଇଗଲେ ଅନ୍ତର୍ଗତେ । ୮୦ ।
ଶ୍ରୀକୃଷ୍ଣ ଗଲେ ଯେ ମଥୁରା ଭୁବନେ
ଗୋପପୁରେ ପ୍ରବେଶ ବାଳୁତ ବିଧାନେ । ୮୧-୭୮୧୯ ।

---

୬୮ ।୧ ସେ ଖାଇ କୁଣ୍ଡରେ ପଡି ରୁଦ୍ର ମୂର୍ଚ୍ଛାଯାନ୍ତି ।
୭୪ ।୨ ଯେ ତୋହୋର ଶରୀର ଲୀନ ହୋଅଇ ଯୋଗବଳେ ।
୭୦ ।୨ ବୃନ୍ଦାଅର୍କେ-ବୃନ୍ଦାରକେ, ଦେବତାମାନେ
ନକୁଳଙ୍କର ଜନ୍ମ
ଅଶିଣ ଶୁକଳ ଯେ ଦଶମୀ ଗୁରୁବାର

ଶରଦ ଋତୁ ମଧ୍ୟେ ଶ୍ରବଣା ନକ୍ଷତ୍ର ସାର । ୧ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
କୌଲବ ନାମେ କରଣ ଶୂଳ ନାମେ ଯୋଗ
କନ୍ୟା ସଙ୍କରାନ୍ତିକି ପଞ୍ଚିଶ ଦିନ ଭୋଗ । ୨ ।
ସେ ଦିନ ପଣ୍ଡୁ ଅନ୍ଧାରି ବିଜେ କଲେ ବନେ
ମାଦ୍ରୀ ବସିଛନ୍ତି ଯେ ଶେଯ୍ୟାର ବିଧାନେ । ୩ ।
ବୋଇଲେ ଦୁର୍ଭାସାଙ୍କ ମନ୍ତ୍ରେ ମୁଁ ନାରାୟଣ ସୁମରିଲି
ଅପ୍ରାପତ ହୋଇଲା ମୁଁ ବୁଝି ନ୍ୟାରିଲି । ୪ ।
ମୁହିଁ ବାଳୁତ ଯେ ଅଟଇ ସୁକୁମାରୀ
ଗାଢ ଶୃଙ୍ଗାର ବୀର୍ଯ୍ୟ ମୁଁ ନ ପାରଇ ସଂହରି । ୫ ।
ଅଶ୍ୱିନୀକୁମାର ଯେ ଆଦିତ୍ୟଙ୍କର ସୁତ
ଦେବେ ବଡ ବଲବନ୍ତ କୁମାର ଭାଗ୍ୟବନ୍ତ । ୬ ।

---

୫ ।୧ ମୁହିଁ ନାହ୍ଲୀ ଯେ ଅଟଇ ସୁକୁମାରୀ ।
୬ ।୧ ସେ ବଡ ସର୍ବଜ୍ଞ ବଳବନ୍ତ ଭିଜ୍ଞବନ୍ତ ।
୧ ।୧ ଅଶିଣ-ଆଶ୍ୱିନ ୫ ।୨ ସଂହରି-ସଂଭରି
ଶ୍ରୀହସ୍ତେ ଘେନିଲେ ସେ ଦୁର୍ଭାସାଙ୍କର ଜପାମାଳୀ
ଲୟେ କରି ସୁମରିଲେ ଦୁତୀ ଅଂଶୁମାଳୀ । ୭ ।
ସୁରବର ସୁନ୍ଦର ସେ ଲୋହିତାକ୍ଷ ରୂପ
ଅମୃତାକ୍ଷ ପୁରୁଷ ସେ ପ୍ରତକ୍ଷେ କନ୍ଦର୍ପ । ୮ ।
ରାତ୍ରରେ ସେ ତେଜ ଲାଗିଲା ଶତଶିଂଗ ପର୍ବତ
ଦିବସ ପ୍ରାୟ ଦିଶିଲା କୁମାର ଉଦବେଗ ଗତ । ୯ ।
ଅନେକ ଅଳଙ୍କାର ଭୂଷଣ ତାର କାୟେ
ଦେଖିଣ ପୂଜା କଲା ସେ କୁମାରକୁ ନିଭୟେ । ୧୦ ।
କୁମାରଙ୍କ ତୁଲେ ସେ ମଦନା ପୀରତି
ରହସ ଛଛନ୍ଦରେଣ ମନେଣ ତ୍ରିପୁତି । ୧୧ ।
ହାସ୍ୟ ପରିହାସ୍ୟ ଯେ ଶୃଙ୍ଗାର ବିନୋଦେ
ପ୍ରେମ ଗାଢ ପଟଳ ପରମ ଆନନ୍ଦେ । ୧୨ ।
ମାଦ୍ରୀର ରଜେ ଅଶ୍ୱିନୀକୁମାରଙ୍କ ବୀର୍ଯ୍ୟେ
ସଇନ୍ଦୁ ଉପତପ୍ତି ହୋଇଲା ୟେକଇ ଆତ୍ମଜେ । ୧୩ ।
କୁମାର ସମ୍ଭବେ ନକୁଳ ବୋଲି ବଲା
ତାକୁ ଅଶ୍ୱିନୀ ନାମ ଦିଲେ ଅଗ୍ୟର୍ଗଲା । ୧୪ ।
ନବଘନ ଅନ୍ଧାର ଯେ ବାହିନୀ କୂଳ ଘେନି
ନବକୁଳ ସଙ୍ଗମ ୟେକଇ କାମିନୀ । ୧୫ ।
ନବନଦୀ କୂଳେ ଯେଣୁ କୁମାର ଉପୁଜିଲା
ତେଣୁ କରି ମହାତ୍ମା ନକୁଳ ନାମ ଦିଲା । ୧୬ ।
ଅତି ସୁକୁମାର ଯେ ସେହୁ ବାଳଶିଷ
ନିର୍ଧୂମ ଅଗ୍ନି ଜାଣି ତେଜ ତା ବିକାଶି । ୧୭ ।
ଶ୍ରବଣା ନକ୍ଷତ୍ରେ ଯେ ଉପୁଜିଲାକ ବାଳ
ଅତି ସୁକୁମାର ସେ କୁମାର ନକୁଳ । ୧୮ ।

ତହୁଁ ଅଶ୍ୱିନୀ କୁମାରେ ଅନ୍ତରୀକ୍ଷେ ଚଳିଗଲେ
ଅତି ଆନନ୍ଦେ ମାଦ୍ରୀ ପୁତ୍ରକୁ ପାଳିଲେ । ୧୯ ।
କୋଇନ୍ତଙ୍କର ତିନି ପୁତ୍ର ଗାନ୍ଧାରୀର ଶତେ ପୁତ୍ର
ମାଦ୍ରୀର ଯେକ ପୁତ୍ର ହୋଇଲା ସମ୍ଭୁତ । ୨୦ । ସଂଖ୍ୟା
ଦେଖି ପଣ୍ଡୁ ରାଜା ହୋଇଲେ ଆନନ୍ଦ
ଗ୍ରି ପୁତ୍ରକଇ କୋଇନ୍ତଯେ ପାଳିଲେ ସାନନ୍ଦ । ୨୧-୨୮୪୦ । ସଂଖ୍ୟା

୧୧ ।୨ ରହସ୍ୟ ସୁଷମରେ ଏକମେଳେ ରତି ।
୧୩ ।୨ ସଦ୍ଭୁୟ ଉତପତ୍ତି ହୋଇଲା ଯେକଇ ଆତ୍ମଜେ ।
୧୪ ଅଲେଖ ଘଟଣ ଜାଣି ଦିଶଇ ସେ ବାଳ
କୁମାର ସମ୍ଭବୁଂ ଯେ ଉପୁଜଇ ନକୁଳ ।
୧୧ ।୨ ଛଛନ୍ଦ୍ରେଣ-ସ୍ରଗ୍ଧରଚ୍ଛନ୍ଦେନ
ଦୁର୍ବାସାଙ୍କ ହସ୍ତିନା ଗମନ, ତାଙ୍କ ବରରେ ଗାନ୍ଧାରୀଙ୍କର ପୁନର୍ବାର ଏକ ପୁତ୍ର ଓ କନ୍ୟା ଜନ୍ମ
ଭାଦ୍ରବ ଶୁକ୍ଲ ଯେ ଅଷ୍ଟମୀର ହାଦେ ଦିନ
ଦୁର୍ଭାସା ମହଋଷିୟେ ହସ୍ତିନାକୁ ଗବନ । ୧ ।
ଗାନ୍ଧାରୀ ସ୍ନାହାନ କରି ଆସଇ ଯମୁନା ନଦୀ ତୀରେ
ୟେମନ୍ତ ସମୟେ ଯାଇ ପ୍ରବେଶ ଦୁର୍ଭାସା ମୁନିବରେ । ୨ ।
ଦୁର୍ଭାସାଙ୍କୁ ଦେଖିଣ ଯେ ପ୍ରଣପତ୍ୟ ଗାନ୍ଧାରୀ
ଆଶିଷ୍ୟ ବାଞ୍ଛା ତାକୁ କଲେ ବ୍ରହ୍ମଗ୍ଧରୀ । ୩ ।
ଗାନ୍ଧାରୀ ବୋଇଲେ ତୁମ୍ଭେ ପ୍ରତକ୍ଷେ ବ୍ରହ୍ମବେତ୍ତା
କେଉଁଣ ଲକ୍ଷଣେ ତୁମ୍ଭଙ୍କୁ ଭଗତି ହୋଇଲେ କୋଇନ୍ତା । ୪ ।
ଦୁର୍ଭାସାୟେ ବୋଇଲେ ଆଉ ଇଚ୍ଛା ଯେବେ ତୋହୋର
ହୋଇବ ପ୍ରାପତ ତୋତେ ମାଗୁ କିନା ବର । ୫ ।
ମହାମନ୍ତ୍ର ଆମ୍ଭେ ଦେଇ ନ ପାରୁଂ ହାଦେ ଯାଚି
ମାଗ ତୋହୋର ଇଚ୍ଛା ଯେଣେ ତୋତେ ରୁଚି । ୬ ।

---

୧ ।୨ ଗବନ-ଗମନ
ଗାନ୍ଧାରୀ ବୋଇଲେ ମୁନି ହେ ତୁମ୍ଭର ମନ୍ତ୍ରବଳେ
ଶତପୁତ୍ର ପାଇଲି ମୁଂ କର୍ମର ସୁଫଳେ । ୭ ।
ପୁତ୍ରନ୍ତ କୋଳେ ଧରି ବୋଇଲେ ବ୍ୟାସ ତପନିଷ୍ଠ
ସଜ୍ଜନ ନ୍ଦହନ୍ତି ପୁତ୍ର ତୋହୋର ସମସ୍ତେ ମହାଦୁଷ୍ଟ । ୮ ।
ଅବିଗ୍ଧରେ ବାଞ୍ଛା କଲୁ ଧୃତରାଷ୍ଟ ରାଣୀ
ରାଜ୍ୟକୁ କେହି ତୋହୋର ନୋହିବେ କାରେଣି । ୯ ।
ଗାନ୍ଧାରୀ ବୋଇଲେ ମୋତେ ଅନୁଗୃହ କରିବା
ବଂଶକୁ କାରଣ କରିବା ମୋତେ ଗୋଟିୟେ ପୁତ୍ର ଦେବା । ୧୦ ।
ଆବର ଦେବା ମୋତେ ଦୋହିତା ଗୋଟିୟେ
ଭଗତି ଘେନି ମହାତ୍ମା ମୋତେ କରିବା ସଦୟେ । ୧୧ ।
ଗାନ୍ଧାରୀ କଟାଳ କଲେ ଯମୁନା ନଦୀ କୂଳେ
ଦେଖ ହୋ ମହାତମା ଦୁର୍ଭାସାଙ୍କର ମନ୍ତ୍ର ବଲେ । ୧୨ ।
ସନ୍ତତି ଜାତ କର ବୋଲି ରାମ ଯେ ତୁଳସୀ
ତହ୍ନଂ ଫୁଲ ଗୋଟିୟେ ପତ୍ର ଗୋଟିୟେ ତୋଳିଲେ ମହଋଷି । ୧୩ ।
ୟେହା ଆୟି ଆପ୍ୟାନ ତୁ କରସି ଗାନ୍ଧାରୀ
ପଣ୍ଡିତ ପୁତ୍ରରକେ ପାଇବୁ କନ୍ୟା ସୁନ୍ଦରୀ ସୁକୁମାରୀ । ୧୪ ।
କମଣ୍ଡଳୁ ପାଣି ଚଳୁ ୟେକ ଦିଲେ ପତନିଷ୍ଠି
ଗାନ୍ଧାରୀ ଗର୍ଭଗତ କଲା ହୋଇଣ ମହାତୁଷ୍ଟି । ୧୫ ।

ଋଷିଙ୍କର ମହାମନ୍ତ୍ର ଅନ୍ତର ଗୋହିଲା
ପୁତ୍ରେକ ଦୁହିତାୟେ ତାର ଗର୍ଭରେ ରହିଲା । ୧୬ ।
ମହାମନ୍ତ୍ର ଦେଇ କରି ଗଲେ ଯେ ଦୁର୍ଭାସା
ଗାନ୍ଧାରୀ ଶରୀର ଯେ ହୋଇଲା ମହା ଅଳସା । ୧୭ ।
ଧୃତରାଷ୍ଟ ପୁଚ୍ଛାକଲେ ଶୁଣ ଗୋ ଗାନ୍ଧାରୀ
ଉଦର ଆଉଂଶି ବୋଇଲେ ତୁ ତ ହୋଇଲୁ ଗର୍ଭଭାରି । ୧୮ ।
ଗାନ୍ଧାରୀ ବୋଇଲେ ଦୁର୍ଭାସାୟେ ଦୟା କଲେ ମୋତେ
ଗର୍ଭେ ପୁତ୍ର ଦୁହିତା ରହିଲେ ଋଷିଙ୍କର ମନ୍ତ୍ରରେ । ୧୯ ।
ଶୁଣିଣ ବିରସ ହୋଇଲେ ଧୃତରାଷ୍ଟ
ଅପାର କୁଟୁମ୍ବ୍ରେ ବହୁତ ଅଛି କଷ୍ଟ । ୨୦ ।

---

୧୩ ।୧ ରାମ ତୁଳସୀ-ଧଲା ତୁଳସୀ
ଗାନ୍ଧାରୀ ବୋଇଲେ ସେ ଅଟନ୍ତି ଅଜାତି
ପରମ ପଣ୍ଡିତ ପୁତ୍ର ହୋଇବ ଯେ ଘାନ୍ତି । ୨୧ ।
ଧନୁ ଶୁକଳ ପକ୍ଷ ଯେ ତ୍ରୟୋଦଶୀ ଦିନ
ସଉରିବାର ନକ୍ଷତ୍ର ମୃଗୁଶିରା ମିଥୁନ । ୨୨ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବେଳ ମଧ୍ୟ ସ୍ଥାନେ ବିଜୟେ ଦିନକର
ଶୁଭ ଲଗ୍ନ ଯୋଗେ ଉତପତ୍ତି ହୋଇଲା କୁମର । ୨୩ ।
ଗାନ୍ଧାରୀ ଦେଖଇଲା ବତିଶ ଗୁଣେ ସୁସଜ୍ଜ
ସେ ପୁତ୍ରର ନାମ ଦିଲେଟି ଦୁରୁଦଛ । ୨୪ । ସଂଖ୍ୟା
ତାହାକୁ ଗୋଡାଇ ଯେକ ଦୋହିତାୟେ ହୋଇଲା
ସୁନ୍ଦର ପଣ ଦେଖିଣ ଗାନ୍ଧାରୀ ଦୃଶିଲା ନାମ ଦିଲା । ୨୫ ।
ଦୃଦକ୍ଷ ଦୃଶିଲା ଉତପତ୍ତି ହୋଇଲେକ ବେନି
ଅନେକ ହରଷ ଯେ ଗାନ୍ଧାରସେନର ନନ୍ଦନୀ । ୨୬ ।
ୟେମନ୍ତ ଧୃତରାଷ୍ଟର ଯେକ ଉତ୍ତର ଶତେପୁତ୍ର
ଦୃଶିଲା ନାମ ହୋଇଲା ଯେକହିଁ ଦୋହିତ । ୨୭ ।
ଦୁର୍ଭାସାଙ୍କର ମନ୍ତ୍ରରେ ଯେ ସନ୍ତାନ ହୋଇଲା
ଦୁ ଅକ୍ଷରେ ଧୃତରାଷ୍ଟ ସବୁରି ନାମ ଦିଲା । ୨୮-୨୮୬୮ ।

---

୨୪ ।୨ ଦୁରୁଦଛ-ଦୁରୁଦକ୍ଷ-(ଅତିଶୟ ଦକ୍ଷ ଅର୍ଥରେ) ଯଥା ଦୁରୁବଳ
୨୫ ।୨ ଦୃଶିଲା-ଦେଖିବାର ଯୋଗ୍ୟା
ଗାନ୍ଧାରୀଙ୍କ ଅନ୍ଧପଟଳ ବାନ୍ଧିବା, କୁନ୍ତୀଙ୍କର ହସ୍ତିନାକୁ ଯିବା, କର୍ଣ୍ଣକୁ ଦେଖିବା ଓ
ଗାନ୍ଧାରୀଙ୍କୁ ଅନ୍ଧ ପଟଳ ବାନ୍ଧିବାରୁ
ନିବର୍ତ୍ତାଇବା
ବଦୟନ୍ତି ଅଗସ୍ତି ଶୁଣ ନରପତି
ୟେଥୁ ଅନନ୍ତରେ କଥା ଶୁଣ ଦିବ୍ୟଗୀତି । ୧ ।
ସ୍ୱାମୀର ଅନ୍ଧପଣ ଦେଖିଣ ଗାନ୍ଧାରୀ
ଆପଣେ ଆପଣେ ଦେବୀ ମନରେ ବିସରି । ୨ ।
କେବଣ ପାତକ ସ୍ୱାମୀ କରମ ବିପଦ

ସନ୍ତାନ ଉଚ୍ଛବ ରାଜା ନ ଦେଖଇ ସ-ଦ । ୩ ।
ସ୍ୱାମୀର ଅନ୍ଧପଟଳ ଯେବେ ବେନି ଆଖି
ମୁହିଁ ସେ ପାମରୀ କିସ ତହାର ଦୁଖ ଦେଖି । ୪ ।
କପାଳେଶ୍ୱର ତୀର୍ଥେ ଦେବୀ ସଂକଲ୍ପ ଯେ କଲା
ସ୍ୱାମୀର ଦୁଖ ନ ଦେଖଇବି ବୋଲି ଅନ୍ଧପଟଳ ବାନ୍ଧିଲା । ୫ ।
ଗାନ୍ଧାରୀକି କଢାବଇ ଦେବୀ ରାଧେବ କୁମାରୀ
ସଞ୍ଜୟର ଦୁହିତା ସେ ମାଧବସେନର ମନୋହାରୀ । ୬ ।
ଧୃତରାଷ୍ଟଙ୍କୁ କଢାବଇ ସେ ସଞ୍ଜୟେ ମହାମନ୍ତ୍ରୀ
ଯେସନେକ ବଞ୍ଚଇ ହସ୍ତିନାୟେ କୁରୁପତି । ୭ ।
ବ୍ୟାସେ କହିଲେ ଯାଇ ଶତଶିଂଗ ପର୍ବତେ
କୋଇନ୍ତା ମାଦ୍ରୀ ଦେବୀ ପଣ୍ଡୁର ଅଗ୍ରତେ । ୮ ।
ଧୃତରାଷ୍ଟ ଅନ୍ଧପଣ ଦେଖିଣ ନ ପାରି
ଆପଣେ ଅନ୍ଧପଟଳ ବାନ୍ଧିଲା ଗାନ୍ଧାରୀ । ୯ ।
ଶୁଣିଣ ପଣ୍ଡୁ ଯେ ମନରେ ବିସରି
ମନେଣ ଆରତ ହୋଇଲେ ପଣ୍ଡୁ ନୃପଧାରୀ । ୧୦ ।
ବ୍ୟାସଙ୍କର ବଚନେ ପଣ୍ଡୁ ଅନେକ ବିକଳ
ଗାନ୍ଧାରୀ କି ନିମନ୍ତେ ବାନ୍ଧିଲେ ଅନ୍ଧ ଯେ ପଟଳ । ୧୧ ।
ଭୋଜନ ଶୟନ ଗବନେ ଯେ ବାଟ କଢାଉଣ ଥିଲା
ଯେବେହେଁ ସ୍ୱାମୀକି ବଡ କଟାଳ ପଡିଲା । ୧୨ ।
କୋଇନ୍ତାୟେ ବୋଇଲେ ସ୍ୱାମୀ ଗଲ ହସ୍ତିନାକୁ ଯିବା
ଗାନ୍ଧାରୀଙ୍କ ଅନ୍ଧପଟଳ ଚକ୍ଷୁରୁ କଢାଇବା । ୧୩ ।

---

୪ ।୨ ମୁହିଁ ରାଢେଣୀ କିସ ସ-ଦ ଯେବେ ଦେଖି ।
୮ ବ୍ୟାସେ ବିଜେକଲେ ସେ ଶତଶିଂଗ ପର୍ବତେ ।
କୋଇନ୍ତା ମାଦ୍ରୀ ପଣ୍ଡୁ ବହୁ ବିନୟ ମତେ ।
ଗାନ୍ଧାରୀ ଅନ୍ଧ ପଟଳ ବହନ୍ତି ବିଗଂ୍ୟବନ୍ତେ
ପଣ୍ଡୁ ତହା ଶୁଣିଲେ ଶତଶିଂଗ ପର୍ବତେ ।
୧୨ ।୨ ଯେବେହେଁ ସ୍ୱାମୀକି ବଡ କଷ୍ଠୋର ପଡିଲା ।
୧୦ ।୧ ବିସରି-ବିଚାରି
ପଣ୍ଡ ବୋଇଲେ ସେ ଅନ୍ଧ ଅନ୍ଧୁଣୀର ଅବସ୍ତା
ମୋହୋର ବେଳେ ଦେଖି ତହା ନୋହିବ ଗୋ କୋଇନ୍ତା । ୧୪ ।
କୋଇନ୍ତା ବୋଇଲେ ମୁଂ ଯିବି ହସ୍ତିନାକୁ
ଅନେକ ବାଗେ ତିଆରିବି ଗାନ୍ଧାରସେନ ଦୁହିତାକୁ । ୧୫ ।
ପଣ୍ଡୁ ବୋଇଲେ ଯେ ମିଳଇ ଉଚିତ
ଯାଆ, ଯାଆ ବାମା ଗୋ ବହନ ହୋଇ ଆସ କୋନ୍ତ । ୧୬ ।
ପୁଅନ୍ତ ଘେନିଣ ଯାଅ ଗୋ ତୋହୋର ତୁଲେ
ଅନ୍ଧପଟଳ ଫେଡିବ ସେହୁ ଗୋ ଯୁଝେଷ୍ଠିଙ୍କି ଦେଖିଲେ । ୧୭ ।
କୋଇନ୍ତାୟେ ସଜ ହୋଇଲେ ହସ୍ତିନା ଭୁବନକୁ
ଧୃତରାଷ୍ଟ ଗାନ୍ଧାରୀ ପୁଅନ୍ତ ଦେଖିବାକୁ । ୧୮ ।

କୋଇନ୍ତୟେ ତିଆରିଲେ ଶୁଣ ଗୋ ମଦନା
ଆଗୋ ସ୍ତ୍ରୀମୀଙ୍କି ସେବି ଥାଅ ମୁଁ ବହନ ଆସଇ ସିନା । ୧୯ ।
ୟେ ତୋହୋର ରୂପଗୁଣ ସୁସଞ୍ଚ ହାଦେ ଦେଖି
ନ ପୁଣ ପଣ୍ଡୁ ବିଜୟେ କରନ୍ତିଟି ତୋହୋର ତହିଁକି । ୨୦ ।
ଶୁଣିଣ ହସିଲା ଯେ ଭାବିନୀ ମଦନା
ୟେମନ୍ତ କଥାକୁ ଦେବୀ ଗୋ ମୁହିଁ ସେ ବଜ୍ରସେହ୍ନା । ୨୧ ।
କୋଇନ୍ତୟେ ତିଆରିଲେ ସମ୍ଭାଳ ମଦନା
ୟେତେ ତିଆରି ଦେବୀ ଗବନ ହସ୍ତିନା । ୨୨ ।
ଆହୋ ଶିପ ପାଦ ବୋଲି ଏକଇ ଶବରେ
ତୁଲେ ତା ଘେନିଲା ସେ ଦାରାକ୍ଷ ଫଳ ଭାରେ । ୨୩ ।
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ କୁମାର
ଗୁରୁପୁତ୍ରଙ୍କୁ କଲେ ସର୍ବାଙ୍ଗ ଅଳଙ୍କାର । ୨୪ । ସଂଖ୍ୟା
ବନସ୍ତରେ ଥାଆନ୍ତି ୟେକଡା ନାମେ ମେଷ
ଅର୍ଜୁନ ନକୁଳ ବାହାନ କଲେ ବେନି ଶିଷ । ୨୫ ।

---

୧୬ ।୧ ପଣ୍ଡୁ ବୋଇଲେ ଗୋ ୟେ ମିଳଇ ଯୁଗତ ।
୨୨ ।୧ କୋଇନ୍ତୟେ ତିଆରିଲେ ଆକଟ ବଚନ ।
୨୫ ।୧ ଇକଡା, ଇତିକା, ଏକଡା, ଇତ୍ୟାଦି ପାଠ ପୋଥିମାନଙ୍କରେ ଅଛି ।
ଧବଳ ଗ୍ୟୋର ତୁରଙ୍ଗ ବେନି ଗୋଟି
ତାହା ଆରୋହଣ କଲେ ଭୀମ ୟେ ଯୁଝେଷ୍ଠି । ୨୬ ।
ପୁଅନ୍ତ ଘେନିଣ କୋନ୍ତଭୋଜର କୁମାରୀ
ହସ୍ତିନା ଭୁବନକୁ ବିଜୟ କଲେ ମାହେଶ୍ୱରୀ । ୨୭ ।
ମକର ମାସ କୃଷ୍ଣପକ୍ଷ ଦୁତୀୟାର ତିଥି
ସଉରି ବାର ମଘା ନକ୍ଷତ୍ର ଯୁଗତି । ୨୮ । ଶଚ୍ଛତ୍ତଚ୍ଛଙ୍ଗମଚ୍ଛଟ୍ଟର
ବିଷ୍ଟି ନାମେ କରଣ ପ୍ରୀତି ନାମେ ୟୋଗ
କୋଇନ୍ତୟେ ବିଜେକଲେ ହସ୍ତିନା ଭୁବନ ମାର୍ଗ । ୨୯ ।
ରାଧେବୀ କନ୍ୟାକୁ ଦେଖିଲେ ୟମୁନା ସ୍ରାହାନେ
କୋଇନ୍ତାକୁ ପ୍ରଣପତ୍ୟ ଅନେକ ଭକ୍ତି ମାନ୍ୟେ । ୩୦ ।
ଦେଖିଣ କୋଳ କଲେ କୋନ୍ତଭୋଜର ନନ୍ଦନୀ
କୁଶଳ ବାରତା ୟେ ପୁଚ୍ଛଇ ପୁଣ ପୁଣି । ୩୧ ।
ରାଧେବୀ ବୋଇଲେ ଗୋ ତୋର ପୁତ୍ର ଗ୍ୟରିଗୋଟି
କ୍ଷମା ସାଧବୀ ତୁ ଉଦ୍ଧରନ୍ତା ନବ ସୃଷ୍ଟି । ୩୨ ।
କୋଇନ୍ତୟେ ପୁଚ୍ଛା କଲେ ହୋଇଣ ହରଷ
ଆଗୋ ରାଧେବୀ ତୋର ପୁତ୍ର ଦୁହିତା କିସ । ୩୩ ।
ରାଧେବୀ ବୋଇଲେ ତୁ ମୋ ପ୍ରାଣ ଅଧିକାରୀ
ପ୍ରିୟ ଲୋକ ତୁଲେ ମିଥ୍ୟା କହି ତ କି ପାରି । ୩୪ ।
ବରଷ ବାଇଶ ଗୋ ପୂର୍ବା ପୂର୍ବୀ କଥା
ୟେହି ୟମୁନାରେ ସ୍ନାନ କରନ୍ତେ ଗୋ ମାତା । ୩୫ ।
ଜଳେ ଉପୁଚିଆଇଁ ଆସୁଛି ମଞ୍ଜୁଷା ଗୋଟିୟେ

ମହାତେଜେ ଦିଶୁଅଛି ନିର୍ଧୂମ ଅଗିନି ପରାୟେ । ୩୬ ।
ତହା ଧଇଲି ମୁଁ ସ୍ନାହାନର କାଳେ
ମହାଭାର ପାଇ ପାଣି ପକାଇଲି କୂଳେ । ୩୭ ।
ପାଷାଣେ ସେ ପଡିଣ ହୋଇଲା ବେନି ଫାଳ
ତହୁଁ ବାହାର ହୋଇଲା ୟେକଇ ଦୁଲାଳ । ୩୮ ।

---

୨୬ ।୧ ଧବଳ ଗ୍ୟେଖାର ବାଜି ବାରଣ ବେନି ଗୋଟି ।
ଲୋହିତ ବର୍ଣ୍ଣ ତେଜ ବାଳ ଆଦିତ୍ୟର ପ୍ରାୟେ
ଶ୍ରବଣେ ଅମୃତ କୁଣ୍ଡଳ ବଜ୍ରଛଉରୀ ନିର୍ମିତ ୟେ କାୟ । ୩୯ ।
ତାଳୁରେ ବିରାଜଇ ଅଭେଦ କପଚମଣି
ୟେମନ୍ତ ପୁତ୍ର ଗୋଟି ମୁଁ ପାଇଲି ଗୋସାମଣୀ । ୪୦ ।
ରାଧେବୀ ବଚନେ ହସିଲେ ମାହେଶ୍ୱରୀ
ତେତେ ସେ ପ୍ରାପତ ହୋଇଲାକି ପାଲିଲୁ ଯତ୍ନକରି । ୪୧ ।
ମା ଗୋ ଦୁର୍ଭାସାୟେ ମୋତେ ଜପାମାଲା ଦିଲେ ବାଳକାଳେ
ବିଦ୍ୟା ପରୀକ୍ଷ ନିମନ୍ତେ ସୁମରିଲି ଆଦିତ୍ୟଙ୍କୁ ମନ୍ତ୍ରବଳେ । ୪୨ ।
ଶୃଙ୍ଗାର କଲେ ମୋତେ ଦିନକର ନାଥ
ସଇନ୍ହୁ ପୁତ୍ରେକ ୟେ ହୋଇଲା ସମ୍ଭତ । ୪୩ ।
କର୍ଣ୍ଣର ବାଟେ ଗୋ ପୁତ୍ର ହୋଇଲା ଉତପତ୍ତି
କର୍ଣ୍ଣ ବୋଲି ନାମ ଦିଲେ ବଦୟନ୍ତି ଦେବୀ କୋନ୍ତି । ୪୪ ।
ଲାଜେଣ ନ ନେଲି ଗୋ ପିତର ରାଜ୍ୟକୁ
ମଞ୍ଜୁଷେ ଭରି ପକାଇଲି ଯମୁନା ଭିତରକୁ । ୪୫ ।
ମୋହୋର ସୁଫଳ ଗୋ ତୋହୋର ପରମ ୟେ ଭାଗ୍ୟ
ସେ ମୋହୋର ନନ୍ଦନ ଗୋ ହୋଇଲା ତୋତେ ୟୋଗ୍ୟ । ୪୬ ।
ମୋହୋର ଜ୍ୟେଷ୍ଠପୁତ୍ର ଗୋଟି ହୋଇଲା ତୋତେ ଶାଖା
ଆଗୋ ରାଧେବୀ ତୁ ମୁକୁଇଁ କର୍ଣ୍ଣକୁ ଆଣି ଦେଖା । ୪୭ ।
ଶୁଣିଣ ସାନନ୍ଦ ୟେ ସଞ୍ଜୟ କୁମାରୀ
କୋଇନ୍ତାକୁ ଘେନି ବିଜେ ଆପଣା ନିଜପୁରୀ । ୪୮ ।
ରାଇଣ ରାଧେବୀ ୟେ ଆଣିଲା କର୍ଣ୍ଣକୁ
କୋଇନ୍ତାୟେ ବୋଇଲେ ବାଭିୟେ ଚିହ୍ନିଲୁ ଟିକି ମୁକୁ । ୪୯ ।
କରପତ୍ର ୟୋଡିଣ ୟେ ବୋଲଇ ବୀର କର୍ଣ୍ଣ
ମୁହିଁ ଜାଣଇଁ ଗୋ ସମସ୍ତ ବିଧାନ । ୫୦ ।
ଅବିଭାଇତ କାଳେ ଗୋ ମନ୍ତ୍ର ପରୀକ୍ଷ ନିମନ୍ତେ
ଆଦିତ୍ୟ ଦେବତାଙ୍କୁ ସୁମରିଲୁ ଅଭିନବ ବନସ୍ତେ । ୫୧ ।
ଛିଦ୍ରେଣ ଶୃଙ୍ଗାର ତୋତେ କଲେ କରତାର
କର୍ଣ୍ଣ ବାଟେ ତୋହୋର ମୁଁ ହୋଇଲି ବାହାର । ୫୨ ।

---

୫୨ ।୧ ଛିଦ୍ରେଣ-କ୍ଷୁଦ୍ରେଣ
ମାଟିର ମଞ୍ଜୁଷ କରି ମୋତେ ୟତନେହେଁ ଭରି
ଜଳରେ ଭରି ମେଲିଲୁ ନିରାଶ ମୋତେ କରି । ୫୩ ।

ଉପୁଚିଆଇଂ ଅଇଲି ଜଳର ଉଦଯାନେ
ହସ୍ତିନାୟେ ଲାଗିଲି ଗୋ ପଞ୍ଚ ସହସ୍ର ଯୋଜନେ । ୫୪ । ସଂଖ୍ୟା
ରାଧେବୀ କନ୍ୟା ପାଳିଲା ମୋତେ ଧର୍ମେ
ରାଧେବ ନାମ ମୋତେ ଦିଲେ ନିଜକର୍ମେ । ୫୫ ।
ଧୃତରାଷ୍ଟର ନନ୍ଦନ ଗୋ ଅଟଇ ଦ୍ୱରିଯୋଧନ
ଅନେକ ପ୍ରୀତି ଗୋ ତହାର ମୋହୋର ଅଭେଦ ମନ । ୫୬ ।
ମୋହୋର ଅଟଇ ଗୋ ଜ୍ୟେଷ୍ଠା ନକ୍ଷତ୍ର ରାଶି
ଜ୍ୟେଷ୍ଠା ନକ୍ଷତ୍ରରେ ଜାତ ଗାନ୍ଧାରୀର ଶିଷି । ୫୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ୟେମନ୍ତେ ୟେକ ରାଶିରେ ମଇତ୍ର ଆମ୍ଭେ ହୋଇଲୁ ଯେ ବେନି
ଦଣ୍ଡେ ମରୁଛି ନ ପାରୁ ଦିବା ଯେ ରୟେଣୀ । ୫୮ ।
ଚାରିପୁତ୍ରନ୍ତ ରାଇଣ ଦେବୀ ଯେ କୋଇନ୍ତେ
ବାବୁ ପ୍ରଣପତ୍ୟ ହୁଅରେ କର୍ଣ୍ଣର ପାଦଗତେ । ୫୯ ।
ୟେ ତୁମ୍ଭର ଜ୍ୟେଷ୍ଠଭ୍ରାଥ ଅଟଇ ସମ ପିତା
ମୁହିଂ ତୁମ୍ଭର ଅଟଇରେ ଗର୍ଭଧାରୀ ମାତା । ୬୦ ।
ମାତାଙ୍କର ବଚନେ ନକୁଳ ଅର୍ଜୁନ ଭୀମ ଯେ ଯୁଝେଷ୍ଠି
କର୍ଣ୍ଣର ପାଦତଳେ ଯାଇଂ ସମସ୍ତେହେଂ ଲୋଟି । ୬୧ ।
ଅନେକ କଲ୍ୟାଣ କଲା କର୍ଣ୍ଣ ଜ୍ୟେଷ୍ଠଭ୍ରାଥ
ରାଧେବୀ କନ୍ୟାର ଯେ ଅନେକ ହରଷ ଚିତ୍ତ । ୬୨ ।
କର୍ଣ୍ଣ ମାତାଙ୍କୁ ଯେ ହୋଇଲା ପରିଣାମ
ୟେ ପୁତ୍ରମାନଙ୍କର ଗୋ କିସ କିସ ନାମ । ୬୩ ।
ମାତାୟେ ବୋଇଲେ ବାବୁ ୟେ ଜ୍ୟେଷ୍ଠ ପୁତ୍ର ଗୋଟି
ୟେହାର ନାମ ବାବୁ ହୋ ଅଟଇ ଯୁଝେଷ୍ଠି । ୬୪ ।
କର୍ଣ୍ଣ ବୋଇଲା ମା ଗୋ ମନ୍ଦ କୃତ୍ୟ କଲୁ
ଦୁଜ ପୁତ୍ରକୁ କେସନେ ଜ୍ୟେଷ୍ଠ ନାମ ଦିଲୁ । ୬୫ ।
ମୋତେ ଜ୍ୟେଷ୍ଠ ପଣେ ଥୋଇଲୁ କାହିଂ ମାତେ
ୟେ ପୁତ୍ରନ୍ତ ତୋର ଆବର ମୁଂ ସମ୍ଭାଳିବି କେମନ୍ତେ । ୬୬ ।

---

୫୪ ।୧ ଉଦଯାନେ-ଜଳର ଉପରକୁ ଉଠିବାରେ, ଉଜାଣିରେ-

ତୁ ସେ ମାତା ହୋଇ ମୋତେ କଲୁ ଗୋ ନିରାଶ
ମୁଂ ବାଳୁତ ହୋଇ କେହ୍ନେ ବଢାଇବି ମୁହାଂସ । ୬୭ ।
କୋଇନ୍ତା ପ୍ରତିବାଚ ତୁ ନ ହୋଅସି ବିମନ
ମୋହୋର ସଙ୍ଗେ ଚଳ ଜ୍ୟେଷ୍ଠ ଦେବୀ ନାମ । ୬୮ ।
ୟେ ଭ୍ରାଥଙ୍କ ଉପରେ ତୋତେ ରାଜା କରାଇବି
ଧୃତରାଷ୍ଟଙ୍କ ତହୁଂ ମାଗି ପଞ୍ଚୁ କଟକେ ତୋତେ ଛତ୍ର ଧରାଇବି । ୬୯ ।
ଜେଷ୍ଠ ନାମ ତୋତେ ଦେବଇ ସମ୍ଭର୍ବେ
ଚାରି ଭାଇ ତୋତେ ସେବା କରୁଥିବେ । ୭୦ ।
ଆସ ବାବୁ ଯିବା ଆମ୍ଭର ପୁରକୁ
ଶତଶିଂଗେ ଦର୍ଶନ କରିବୁ ପଣ୍ଡୁକୁ । ୭୧ ।
ୟେ ଦୁଜ ପୁତ୍ର ହୋଇ ଗୋ ବହିଲା ଜ୍ୟେଷ୍ଠ ନାମ

ଯେହାକୁ ମାଇଲେ ସିନା ଦିଶିବ ମୋହୋରି ଧର୍ମ । ୭୨ ।
ଯେହାର ଥିଲେ ମୋହୋର ସ-ଦ ନାହିଁ କିଛି
ଯେ ଯେବେ ମୋତେ ମାରଇ ଯେହାର ଜ୍ୟେଷ୍ଠ ନାମ ହୋଉସି । ୭୩ ।
ଯେ ମୋହୋର ବ୍ରତଟି ଅଟଇ ନିୟମ
ଯେମାନଙ୍କର ତୁଲେ ମୁହିଁ ନୋହିଲଇ ସରିସମ । ୭୪ ।
ଯେତେ ବୋଲି କର୍ଣ୍ଣ ଗଲାକ ତହୁଁ ରାଗେ
ଆଉ ବେଳେ ନୋହିଲା ସେ କୋଇନ୍ତାଙ୍କର ଆଗେ । ୭୫ ।
ପୁଅନ୍ତ ଘେନି କୋନ୍ତଭୋଜର କୁମାରୀ
ନାରାୟଣ ନାରାୟଣ ବୋଲି ଅନେକ ବିସରି । ୭୬-୨୯୪୪ ।

---

୬୭ ତୁ ସେ ମାତା ହୋଇ କଲୁ ମୋତେ ଝିଂଘାସା ।
ମୁଁ ବାଳୁତ ହୋଇ କେମନ୍ତେ ବଢାଇବି ଆଶ ।
୭୨ ।୨ ଯେହାକୁ ମାଇଲେ ମୋର ଜ୍ୟେଷ୍ଠ ପଦ ଅଛି ।
୭୪ ।୧ ଯେ ମୋହୋର ସଂକଲ୍ପ ଅଛଇ ନିୟମ ।
କୁନ୍ତୀଙ୍କର ହସ୍ତିନା ପ୍ରବେଶ ଓ ଗାନ୍ଧାରୀକୁ ଅନ୍ଧପଟଳ ଛାଡିବାକୁ ଅନୁରୋଧ
ଶୁଣ ହୋ ଯୁଗଧର ବୋଲନ୍ତି ବ୍ରହ୍ମବେତ୍ତା
ଧୃତରାଷ୍ଟ ମନ୍ଦିରେ ବିଜେ କଲେକ କୋଇନ୍ତା । ୧ ।
ସଞ୍ଜୟ ଜଣାଇଲେ ଧୃତରାଷ୍ଟ ଅଗ୍ରତେ
ଗ୍ରିପୁତ୍ର ଘେନି ବିଜେ କଲେ ଦେବୀ କୋନ୍ତେ । ୨ ।
ଶୁଣି ଉଠିଲେ ଗାନ୍ଧାରସେନର କୁମାରୀ
ଗ୍ରିପୁତ୍ର ଘେନି କୋନ୍ତୀ ଗାନ୍ଧାରୀଙ୍କ ଚରଣେ ପଡି । ୩ । ସଂଖ୍ୟା
ଅନେକ କଲ୍ୟାଣ ବାଞ୍ଛନ୍ତି ଗାନ୍ଧାରସେନର କୁମାରୀ
ଅହେଓ ସୁଲକ୍ଷଣୀ ହୋଅ ଗୋ ବ୍ରତଗ୍ରୀ । ୪ ।
ପୁତ୍ରନ୍ତ ଦେଖିଣ ସେ ଧୃତରାଷ୍ଟ ହରଷ
ଗ୍ରି କୁମାରେ ପିତା ଚରଣେ ଆବେଶ । ୫ ।
ସଞ୍ଜୟେ କହିଲେ ଶୁଣ ଅନ୍ଧ ଧୃତରାଷ୍ଟ
ପଣ୍ଡୁର ତନୟେ ଦିଅ ତବ ପାଦ ପୃଷ୍ଠ । ୬ ।
ପୁତ୍ରେ କୋଳେ ବସାଇ ଅନ୍ଧ ରାଜନ
ଅନେକ ଉଷତ ହୋଅଇ ମନେ ମନ । ୭ ।
ପୁତ୍ରକୁ କୋଳେ ଧରି ଧୃତରାଷ୍ଟ ନୃପତି
ଗାନ୍ଧାରୀ ଚରଣେ ପ୍ରଳମ୍ଭିତ ଦେବୀ କୋନ୍ତୀ । ୮ ।
କୁଶଳ ସମ୍ଭାଷଣ ହୋଇଲେ ବେନି ଜନ
ଗାନ୍ଧାରିକି ପ୍ରଳମ୍ଭି କଲେ ଭୀମ ଯୁଝେଷ୍ଠି ନକୁଳ ଅର୍ଜୁନ । ୯ ।
କୋଇନ୍ତାୟେ ବୋଇଲେ ମା ଗୋ ଯେ କଥା କି ଯୋଗାଇ
କି-ା ଅନ୍ଧ ପଟଳ ଗୋ ବାନ୍ଧିଲ ମହାମାୟି । ୧୦ ।
ଗାନ୍ଧାରୀ ବୋଇଲେ ମୋର ଯେସନେକ ସ୍ତ୍ରୀମୀର ଯୋଗ
ମୁହିଁ ତାହାର ଭାରିଯା କରିବି ଟିକି ଭୋଗ? । ୧୧ ।
କୋଇନ୍ତାୟେ ବୋଇଲେ ଗୋ ନୁହଇ ଯେ ପଦ
ପୁଅ ଗୋଟିମାନଙ୍କର ଦେଖିବୁଟି ନା ସ-ଦ । ୧୨ ।

ଅନେକ ଦୁଖେ ଗୋ ଅରଜିଲୁ ପୁଅଙ୍କୁ
ଯେବେ ପ୍ରତିପାଳଣା କରିବୁଟିକି ଯେହାଙ୍କୁ । ୧୩ ।
ଗାନ୍ଧାରୀ ବୋଇଲେ ସମସ୍ତେ ମୋର ଦୁଷ୍ଟ
ଯାହା କର୍ମେ ଅର୍ଜି ଅଛଇଁ ଧୃତରାଷ୍ଟ । ୧୪ ।
ସ୍ୱାମୀର ଯେବେ ଦୃଶ୍ୟ ନାହିଁ ମୋର କିସ ଦୃଶ୍ୟ
ସ୍ୱାମୀ ଯେବେ ମୋହୋର ଅଦୃଶ୍ୟ ତେବେ ନାହିଁ ମୋହୋର ଦୃଶ୍ୟ । ୧୫ ।

---

୪ ।୨ ଅହେଓ-ଅହିଅ, ଅବିଧବା
ତୁ ମୋହୋର ମାତା ଗୋ ନ ବୋଲ ମୋତେ ଆନ
ମୋର କୁମରଙ୍କର ମାତା ଗୋ ସାର ଅଭିମାନ । ୧୬ ।
କାହାରି ବୋଲ ସେ ନ କଲା ଗାନ୍ଧାରୀ
ସୁଖେ ଅନ୍ଧ ପଟଳ ବାନ୍ଧିଲା ଧୃତରାଷ୍ଟ ମନୋହାରୀ । ୧୭ ।
ଦ୍ୱରିଯୋଧନ ଯୁଝେଷ୍ଠି ଭାଇ ଯେକମେଳେ
ପାଞ୍ଚ ଉତ୍ତର ଶତେ ଭ୍ରାଥ ଖେଳନ୍ତି କୁତୋହଳେ । ୧୮-୨୯୨୨ ।
ସହଦେବଙ୍କ ଜନ୍ମ
ଶୁଣ ହୋ ଯୋଗେଶ୍ୱର ବୋଲନ୍ତି ବ୍ରହ୍ମବେତ୍ତା
ମାଦ୍ରୀକି ଛାଡିଣ ଯେ ଅଇଲେ ଦେବୀ କୋଇନ୍ତା । ୧ ।
ମହାନିଶା କାଳେ ସେ ମଦନସେର କୁମାରୀ
ଉତ୍ତନସାହୀ ହୋଇ ପଲଙ୍ଗେ ଅଛଇ ପହୁଡି । ୨ ।
କରେଣ ଦୁର୍ଭାସାଙ୍କର ଘେନି ଅଛି ଜପାମାଳୀ
ଭୋ ଧରମ ଦେବତା ବୋଲି ପଞ୍ଚୁମନେ ଭାଳି । ୩ ।
ଯେ ଯେ ଅଲେଖ ତିଳକ ଶୃଙ୍ଗାର ସୁରତି
ଭାରିଯାର ରୂପ ବିଳସିବ ନିଜ ପତି । ୪ ।
ଭୋ ମହାରାଜା ଯେମନ୍ତ କି-ା କଲୁ ପଣ୍ଡୁ
ଆବର ବର ପାଇଲୁ ନାରାଜ ହୃଦେ ପଡୁ । ୫ ।
କରେ ଧରି ଅଛଇ ଦୁର୍ଭାସାଙ୍କ ଜପାମାଳୀ
ସ୍ୱାମୀକି ସୁମରିଣ ସେ କର୍ମ ଘେନି ଭାଳି । ୬ ।
ପଣ୍ଡୁ ନାମ ଜପଇ ସେ ଜପାମାଳା ଘେନି
ଅନ୍ତରୀକ୍ଷେ ମିଳିଲେ ପାଇ ପଣ୍ଡୁ ନୃପମଣି । ୭ ।
ଦେଖିଣ ତ୍ରାସିଲେ ସେ ସୁନ୍ଦରୀ ମଦନା
ତୁମ୍ଭର ଆମ୍ଭର ସ୍ୱାମୀ ଛାଡ ବ୍ରତ ସିନା । ୮ ।

---

୨ ।୧ ମହାନିଶାକାଳେ ସେ ମଦନ ମହାଦେବର କୁମାରୀ ।
୩ ।୨ ଭୋ କର୍ମ ପୁରୁଷ ଯେମନ୍ତ କଲୁ ବୋଲି ଭାଳି ।
ତୁହି କି-ା ନିଶା ରାତିରେ ଅଇଲୁ ଆମ୍ଭର ତହିଁକି
ମୁହିଁ ତ୍ରାସିଲି ସ୍ୱାମୀ ତୁମ୍ଭର ଆଗତ ଦେଖି । ୯ ।
ପଣ୍ଡୁ ବୋଇଲେ ଦୁର୍ଭାସାଙ୍କର ଜପାମାଳୀ ହସ୍ତେ ଘେନି ସୁମରିଲୁ ମୋତେ
ଯେହାକୁ ବଞ୍ଚାଇ ମୁଁ ଯିବଇଁ କେମନ୍ତେ । ୧୦ ।
ଦେବେ ଦାନବେ ଯାହା ନ ପାରନ୍ତି ମେଣ୍ଟି

ଅବଶ୍ୟ ସ୍ତ୍ରୀପ୍ରାଣ ବିସର୍ଜିବି ମୃଧ୍ନା ଯିବ ଫାଟି । ୧୧ ।
ସଞ୍ଚୟେ ମୃତ୍ୟୁୟ ମୋହୋର ହୋଇଲା ନିକଟ
ମୃତୁକାଳେ ପୁଅନ୍ତି ମୁଁ ନ ପାଇଲି ଭେଟ । ୧୨ ।
ଯେ ମନ୍ତ୍ର ମେଣ୍ଟିଲେ ଗୋ ନ ବ୍ରତଇ ସଂଘାତୁଣୀ
ଶୃଙ୍ଗାର କଲେ ଗୋ ମରିବି ଯେହିକ୍ଷଣି । ୧୩ ।
ଆବର କିପାଇଁ ରମଣ ଛାଡିବି ମନ ଇଚ୍ଛା
ଅକାରଣେ ସୁନ୍ଦରୀ ଗୋ ତୁ କଲୁ ମନ ବାଞ୍ଛା । ୧୪ ।
ମାଦ୍ରୀ ବୋଇଲେ ମୁଁ ନ ଚିନ୍ତଇ ତୋତେ
ଅଦଭୁତେ ନୃପତି ଭେଟିଲୁ କି-ା ମୋତେ । ୧୫ ।
ବିଶେଷେ ଅଟଇ ଯେ ନିର୍ଜନ ସ୍ଥାନ ଭୂମି
କୋଇନ୍ତାଯେ ନାହାନ୍ତି ମାଦ୍ରୀକି କଟାଲିଲେ ପଣ୍ଡୁ ନୃପମଣି । ୧୬ ।
ପଲଙ୍କ ଉପରେ ବସିଲେ ଦେବ ମାଡି
ମଦନାକୁ କୋଳ କଲେ ସ୍ତ୍ରୀମୀ ସେ ଶାପକୁ ଭୟ ଛାଡି । ୧୭ ।
ମାଦ୍ରୀ ସୁମରଇ ନାରାୟଣ ତ୍ରାହି ତ୍ରାହି
ମୁହିଁ ସ୍ତିରୀ ମାତ୍ରକ ପୁରୁଷ ବଳବନ୍ତ। ଯେହି । ୧୮ ।
ପୁରୁଷ ବଳ କଲେ ସ୍ତିରୀ କାହିଁ ରଖି
ଯେହେନେକ ଘଟଶୂତ୍ର ବିହି ଅଛି ଲେଖି । ୧୯ ।
ଧର୍ମ ଧର୍ମ ସୁମରଇ ମଦନ ମହାଦେବର ନନ୍ଦନୀ
ପଣ୍ଡୁ ବିବସନ କଲେ ମାଦ୍ରୀକି କୋଳେ ଘେନି । ୨୦ ।
ଯହିଁ ସେ ପାତକ ତହିଁ କାମଦେବର ଅନୀତି
ସମସ୍ତ ବୁଡାଇଲା ଅନଙ୍ଗ ସେନାପତି । ୨୧ ।
ବିପରୀତ ବୁଦ୍ଧି ପ୍ରସରଇ ନଶିବାର ବେଳେ
ମଦନାକୁ ପଣ୍ଡୁରାଜା ଧଇଲେକ ଯାଇଁ ବଳେ । ୨୨ ।

---

୨୧ ।୨ ଅହନ୍ତା ବୁଡାଇଲା ଅନଙ୍ଗ ସେନାପତି ।
ମାଦ୍ରୀର ତୁଲେ ଯେ ବଢିଲା ଶୃଙ୍ଗାର
ହାସ୍ୟ ଉଲ୍ଲାସ ଯେହ୍ନେ କାମର ବେଭାର । ୨୩ ।
ପଣ୍ଡୁ ରାଜାର ରମଣ ନାହିଁ ତିନିଶ ବରଷ ପରିଯନ୍ତେ
କାମ ସଂହାରଣ କଲା ସେ ମହାଯୋଗ ମତେ । ୨୪ । ସଂଖ୍ୟା
ଅନେକ ରମଣ ବଢିଲା ପୀରତି
ବହୁତ ଶୃଙ୍ଗାରେ ସେ ଅଶାନ୍ତି ଅତ୍ରିପୁତି । ୨୫ ।
ଦଇବର ଘଟସୂତ୍ର କେହୁ ଆନ କରି
ଯାହା ସେ ଶାପ ଦିଲେ ଅଗ୍ନିକାର ବ୍ରହ୍ମଗ୍ରୀ । ୨୬ ।
ହେଠ ପୂରା ଶୃଙ୍ଗାର ସମୟେ ଅପ୍ରମିତେ
ନିର୍ଘାତ ନାରାଜେକ ପଡିଲା ଅଦଭୁତେ । ୨୭ ।
ମହାଋଷିଙ୍କର ଶାପ କେହୁ ଆନ କରିପାରୁ
ବୋଇଲେ ଯେ ତୋହୋର ଶୃଙ୍ଗାର କାଳେ ଅକାଳ କାଣ୍ଡ ପଡୁ । ୨୮ ।
ସେ ଋଷିର ଶାପ ଯେ ଅନ୍ୟଥା ନୋହିଲା
ପଣ୍ଡୁର ଶୃଙ୍ଗାର କାଳେ ଅଦଭୁତେ ଆସି ନାରାଜ ପଡିଲା । ୨୯ ।

ଆକାଶୁଁ ପଡିଲା ଶର ପଣ୍ଡୁ ରାଜାର ପିଠି
ମାଦ୍ରୀର ହୃଦଗତେ ବାହାର ହୋଇଗଲା ଫୁଟି । ୩୦ ।
ମହାତେଜ ବଳବନ୍ତ ଅଭିଶାପ ବାଣ
ଅଦଭୁତେ ପଡି ହରିଲା ପଣ୍ଡୁ ମାଦ୍ରୀଙ୍କର ପ୍ରାଣ । ୩୧ ।
ଶୃଙ୍ଗାର ପ୍ରାନ୍ତ ଯେ ହୋଇଲା ନିକଟ
ବୀର୍ଯ୍ୟ ପ୍ରଦାନ ହୋଇଲା ଉଭୟ ସଂକଟ । ୩୨ ।
ଯେବଣ ବୀର୍ଯ୍ୟ ପଡିଲା ମାଦ୍ରୀର ଗର୍ଭଗତେ
ସେ ଅମୋହ ରେତ ନାଶ ନୋହିଲା ଯୁଗତେ । ୩୩ ।
ମାଦ୍ରୀ ପ୍ରାଣତ୍ୟାଜ ହୋଇଲା ଶରଘାତେ
ସଇନ୍ଧୁ ପୁତ୍ରେକ ଯେ ହୋଇଲା ଉପଜାତେ । ୩୪ ।
ଶୁଣ ହୋ ମହାରାଜା ବଦୟନ୍ତି ଅଗସ୍ତି
ସୋମବଂଶ ଠାକୁର ପଞ୍ଚୁ କଟକେ ଆଧିପତି । ୩୫ ।

---

୨୩ ।୨ ହାସ ରସ ଯେତେ କ୍ରୀଡା ରଙ୍ଗ ବେଭାର ।
୨୪ ।୨ ସଂହାରଣ-ତ୍ୟାଗ କରାଇଲ-ସଂହରଣ-ତ୍ୟାଗକଲା
ଯାହା ସେ ଅରଜିଲା କର୍ମର ବିପତ୍ତି
କାହାର ବେଳେ ସେ ହୋଇବ ଅନିତି । ୩୬ ।
ଅଲଘିଂତ କର୍ମ ପଣେ ଯେ ପଣ୍ଡୁ ନାଶଗଲା
କେହି ଜଣେ ପୁତ୍ର ଯେ ଆବୋରନ୍ତା ନୋହିଲା । ୩୭ ।
ପୁତ୍ର ଗୋଟି ପଡିଅଛି ଭୂମିର ମଧ୍ୟେ
ବାଳୁତ କୁମର କାନ୍ଦଇ ଅତି କ୍ରୋଧେ । ୩୮ ।
ଯେମନ୍ତର ସମୟେ ଯେ ରୟଣୀ ପ୍ରଭାତ
ଉଦେଗିରୁ ପ୍ରଦକ୍ଷିଣ ଦିନକର ନାଥ । ୩୯ ।
ତ୍ରୈଲୋକ୍ୟ ବ୍ରହ୍ମାଣ୍ଡର ସେ ଅଟଇ ଦିବ୍ୟ ଆଖି
ପାପ ପୁଣ୍ୟ ବିପଦ ସ-ଦ ସମସ୍ତ ହିଂ ଦେଖି । ୪୦ ।
ଲକ୍ଷେକ ଯୋଜନେ ଥାଇ ଦେଖିଲେ କରତାର
ମାତା ପିତା ପ୍ରାଣତ୍ୟାଗ ପୁତ୍ରେକ ହୋଇଛି ଅବତାର । ୪୧ ।
ଗହନ ଘୋର ଅରଣ୍ୟ ଅଟଇ ଅଟବ୍ୟା
ଶତଶିଂଗେ ପ୍ରାଣତ୍ୟାଗ ପଣ୍ଡୁ ରାଜଦେବା । ୪୨ ।
ଅନେକ ଜୀବଜନ୍ତୁ ମାନେ ତହିଂ ଛନ୍ତି ପୂରି
ବ୍ୟାଘ୍ର ଭାଲୁକ ଗ୍ରିଧ୍ରିନୀ ପ୍ରେତ ତହିଂ ଭୂରି । ୪୩ ।
ଯେମାନେ ବେଢିଲେ ସେ ଅପାର ଗହନ
ମୃତୁପିଣ୍ଡ ବାଳୁତ କୁମାର ଭକ୍ଷିତେ କଲେ ମନ । ୪୪ ।
ବାଳୁତ ପୁତ୍ର ଚିଆଇଂ ଗାହିଂଲା ମୁଖ ତୋଳି
ପିଶାଚ ଜୀବମାନେ ଗଲେ ସର୍ବେ ଜଳି । ୪୫ ।
କୁମାର ନୟନ ତେଜ ଯେ କାଳାନଳ ଜାଣି
ଶୂନ୍ୟ ପୁରୁଷମାନେ ତ୍ରାସିଲେ ଗଗନ ଯେ ମଣି । ୪୬ ।
ଆକାଶେଣ ଦେଖିଲେ ଯେ ଗଗନ ବିହାରୀ
ଚିନ୍ତାମଣି ପୁରୁଷ ସେ ସକଳ ଚିନ୍ତାକାରୀ । ୪୭ ।

ଆଗ୍ୟାଂ ଦିଲେ ଅଶ୍ୱିନୀ କୁମାରନ୍ତ ଘାଇ
ପୁତ୍ରକଇ ତୁମ୍ଭର ହୋ ସମ୍ଭାଳ ବେଗେ ଯାଇ । ୪୮ ।

---

୪୭ ।୨ ଦୟା ବସିଲା ଦିନମଣି ନାଥଙ୍କର ପୁତ୍ରକୁ ଦେଖି କରି ।
୩୬ ।୨ ଅନିତି-ଅନିତ୍ୟ, ଅଲ୍ପକ୍ଷଣ ସ୍ଥାୟୀ ।
୪୩ ।୨ ଭୂରି-ପ୍ରଚୁର ।
ସେ ପୁତ୍ରରେ କାରଣ ହୋଇବ ତୁକୁଇ । ୪୯ ।
ବିରଞ୍ଚି ନାରାୟଣଙ୍କର ଆଗ୍ୟାଂ ପରମାଣେ
ଅଶ୍ୱିନୀ କୁମାରେ ଯାଇ ଭେଟିଲେ ତତକ୍ଷଣେ । ୫୦ ।
ଦେଖିଲେ ନନ୍ଦନ ପଡିଛି ଉତ୍ତାନସାହୀ ହୋଇ
କୁମାରକୁ କୋଳ କରି ଧଇଲେ ଗୁଣଗ୍ରାହୀ । ୫୧ ।
ଜାତ ହୋଇଲା ପୁତ୍ର ଯେ ସମ୍ଭାଳନ୍ତା ନୋହିଲା
କ୍ଷୀର ପାନ ନ ପାଇ ଯେ କୁମର ନାଶ ଗଲା । ୫୨ ।
ଅଶ୍ୱିନୀ କୁମାରେ କୋଳ କରି ଧଇଲେ ବାଳ ବଛି
ଦେଖିଲେ ପୁତ୍ର ଶରୀରେ ପ୍ରାଣ ନାହିଁ କିଛି । ୫୩ ।
କାନ ଫୁଙ୍କନ୍ତି ମହାତ୍ମା ଆଦିତ୍ୟର ଶିଷି
ମୃତୁ ଗତ କୁମର ସେ ଚେତନା ନ ଦିଶି । ୫୪ ।
ଭାଳନ୍ତି ଅଶ୍ୱିନୀ କୁମାରେ ମୁଁ ଯେ ମନ୍ଦକୃତ୍ୟ କଲି
ଅକାରଣେ ଆସି ମୃତୁ ପିଣ୍ଡକୁ ଛୁଇଁଲି । ୫୫ ।
ଗଗନେ ସେ ଆଗ୍ୟାଂ ମୋତେ ଦିଲେ କରତାର
ବୋଇଲେ ପୁତ୍ର ଯାଇଁ ସମ୍ଭାଳସି ତୋହୋର । ୫୬ ।
ଆସନ୍ତେଣ ପୁତ୍ର ଗୋଟି ପ୍ରାଣେ ନାଶ ଗଲା
ମୋହୋର ଧରିବା ଯାଏ ଆତ୍ମା କି-ଇ ନଥିଲା । ୫୭ ।
ଯେ ମୃତୁ ପିଣ୍ଡକୁ ପକାଇ ବାହୁଡିଣ ଗଲେ
ଦେବତାଏ ହାସ୍ୟ କରିବେ ନା ମୋତେ ସେ ଦେଖିଲେ । ୫୮ ।
ଯେତେକ ବିଚାରି ସେ କୁମାର ମହାତ୍ମା
ଆପଣା ତନୁରୁ ସେ କାଢିଲେ ଅର୍ଦ୍ଧ ଆତ୍ମା । ୫୯ ।
ସେ ମୃତୁ ପିଣ୍ଡରେ ପ୍ରବେଶ କରାଇଲେ ଜୀବ
ଜୀବନ୍ୟାସ ମନ୍ତ୍ର ପଢିଲେ ଅଶ୍ୱିନୀକୁମାର ଦେବ । ୬୦ ।
ଅମୃତ ଭାବେ ଗ୍ରହିଁଣ ଫୁଙ୍କିଲେ କାମ ଗୋଟି
ଗତ ଆତ୍ମା କୁମର ଗ୍ରହିଁଲା ଯେକ ଦୃଷ୍ଟି । ୬୧ ।
ଆପଣା ତହୁଁ କାଢି ଭରି ଦିଲେ ଯହୁଁ ଜୀବ
ତେଣୁ କରି ଅଶ୍ୱିନୀ କୁମାରେ ନାମ ଦିଲେ ସହଦେବ । ୬୨ ।

---

୫୪ ।୧ ସ୍ଥାନମାନ ଫୁଙ୍କନ୍ତି ସେ ଆଦିତ୍ୟର ଶିଷି ।
ତୋଷେଣ ବର ଦିଲେ ପ୍ରସନ୍ନେ ଅଶ୍ୱିନୀ
ଆରେ କୁମର କରକୁ ଗ୍ରହାନ୍ତେ ଦିଶୁ ତୋତେ ବ୍ରହ୍ମାଣ୍ଡ କୋଟି ତିନି । ୬୩ । ସଂଖ୍ୟା
ଭୂତ ଭବିଷ୍ୟତ ଗ୍ୟାଂତା ହୁଅରେ ସହଦେବ
ମନ୍ତ୍ରୀ ପଣେ ତୋତେ ଦୃଶ୍ୟ ହୋଉ ଗତ ଆଗତ ସର୍ବ । ୬୪ ।

ଯେ ତୋତେ ପଚାରିବ ଗତ ଆଗତ କଥା
ଅବଶ୍ୟ ତୁ କହିବୁ ଭୂତ ଭିବଷ୍ୟ ବାରତା । ୬୫ ।
ଆହୋ ଯେସନେକ ବର ତାକୁ ଦିଲେ କୁମାର ଅଶ୍ୱିନୀ
ମହାତ୍ମାର ପ୍ରସନ୍ନେ ସେ ହୋଇଲେ ମହାଗ୍ୟାନୀ । ୬୬ ।
କୁମାର ଆଗ୍ୟାଂ ଦିଲେ ସେ ବିଶ୍ୱ ଦେବତାଙ୍କୁ
କୋଇନ୍ତାଯେ ଆସିବା ଯାଯେ ସମ୍ଭାଳି ଥାଅ ପୁତ୍ରକୁ । ୬୭ ।
ସହଦେବଙ୍କୁ ଦିଲେ ନେଇ ବିଶ୍ୱଦେବାଙ୍କର କୋଳେ
ଚଳିଲେ ଅଶ୍ୱିନୀ କୁମାର ଆକାଶ ମଣ୍ଡଳେ । ୬୮-୩୦୩୦ ।
କୁନ୍ତୀଙ୍କର ହସ୍ତିନା ପ୍ରବେଶ ଓ ପଣ୍ଡୁଙ୍କ ମୃତ୍ୟୁରେ ଶୋକ ପ୍ରକାଶ
ବଇବସ୍ୱତ ମନୁ ପୁଛା କଲେ ହୋ ଅଗସ୍ତି
ହସ୍ତିନାରେ ପ୍ରବେଶ ଆସି ହୋଇଲେ ଦେବୀ କୁନ୍ତୀ । ୧ ।
କର୍ଣ୍ଣର ନଗରୁ ମାତା ଅଇଲେ ତଡବେଗେ
ସଞ୍ଜଯେ କହନ୍ତି ଧୃତରାଷ୍ଟଙ୍କର ଆଗେ । ୨ ।
ପଣ୍ଡୁ ପାଟରାଣୀ ତୁମ୍ଭଙ୍କୁ ଅବଧାରୀ
ପୁତ୍ରବନ୍ତୀ ଯଶୋବନ୍ତୀ ହୁଅରେ ଭୋଜର କୁମାରୀ । ୩ ।
ଗାନ୍ଧାରୀ ତାହାଙ୍କର ସନ୍ନିଧ୍ୟରେ ଛନ୍ତି ବସି
ସାନନ୍ଦ ହୋଇ ବେନି ଜନ କୁଶଳ ସମ୍ଭାଷି । ୪ ।
ଦିନା ଦୁଇ ତିନି ରହିଲେ ଭୋଜରାଜର କୁମାରୀ
ଦ୍ୱରିଯୋଧନର ସଙ୍ଗତରେ ଖେଳନ୍ତି ଭାଇ ଚାରି । ୫ । ସଂଖ୍ୟା
ଅଗସ୍ତି ବୋଇଲେ ହୋ ଶୁଣ ଦଣ୍ଡଧାରୀ
ଗଙ୍ଗାକଇ କୋଇନ୍ତା ଗଲେ ସ୍ନାହାନ ଯେ କରି । ୬ ।
ଅନେକ ଅଳଙ୍କାର ଭରି ଭୋଜର କୁମାରୀ
ଶ୍ରୀହସ୍ତେ ଦର୍ପଣ ଘେନି ଆପଣ ରୂପ ଅନୁସରି । ୭ ।
ଦେଖାଇ ଅଲେଖ ତିଳଖ ଦିଶଇ ବିଭଳି
ଅଲକ୍ଷଣ ଦେବୀ ମନେ ମନେ ଭାଳି । ୮ ।
ବିଚାରିଣ ବୋଇଲେ କୋଇନ୍ତାଯେ କେମନ୍ତେ ଦିଶଇ ମୋର କାଯେ
ଶରୀର ଦିଶିଲା ମୋର ବିଧବା ଲକ୍ଷଣ ପ୍ରାଯେ । ୯ ।
କି ଅବା ବନେ ପ୍ରମାଦ ପଡିଲା ପଣ୍ଡୁଙ୍କୁ
କି ଅବା ପ୍ରମାଦ ପଡିଲା କୋନ୍ତଭୋଜ ରାଜାଙ୍କୁ । ୧୦ ।
ଜାତ କଲା ପିତା କି ଆବର ସ୍ୱାମୀ ଦେବତା
ଦୁହିଁଙ୍କ ଅବସାନେ ବିଭଳିତ ଦିଶଇ ବନିତା । ୧୧ ।
ମୁହିଁ ଯେ ପଣ୍ଡୁଙ୍କୁ ଛାଡି ଅଇଲି ବନେ
ମଦନାର ତୁଲେ ଅବା କ୍ରୀଡା କଲେ କି ତୋଷ ମନେ । ୧୨ ।
ସଂଚଯେ ସ୍ୱାମୀ ମୋର ରମଣ କି ଇଚ୍ଛା କଲା
ଋଷିର ଶାପ ସେ ମେଣ୍ଟଣ ନ ଗଲା । ୧୩ ।
ଛାଡିଣ ଅଇଲି ନ ପାରିବି ଦେଖି
ଅନେକ କ୍ରୋଧ ଅବସ୍ଥାରେ ଲୁଅ ବହଇ ବେନି ଆଖି । ୧୪ ।
କୋଇନ୍ତାଯେ ବିଜେ କଲେ ଗାନ୍ଧାରୀ ସମୀପେ
ପଣ୍ଡୁଙ୍କୁ ପ୍ରମାଦ ଆଗୋ ପଡିଲା କି ବନସ୍ତେ । ୧୫ ।
ମୁଁ ବହନ ଯାଉଛି ଶତଶିଂଗ ପର୍ବତେ

ସ୍ତ୍ରୀମାନଙ୍କର ବଦନ ଆଉ ଗ୍ରହିଁବି କେବଣ ମତେ । ୧୬ ।
ଗାନ୍ଧାରୀ ବୋଇଲେ ଗୋ ନୋହଇ ଯେମନ୍ତ
ତ୍ରଇଲୋକେ ଅଜୟେ ସେ ପଣ୍ଡୁ ନରନାଥ । ୧୭ ।
ଶବଦ ଭେଦୀ ମହାତ୍ମ ତ୍ରୈଲୋକ୍ୟେ ଅଧିକାରୀ
ତିନି ଭୁବନ ମଧ୍ୟରେ ଗୋ କେ ଅବା ତାହାକୁ ସରି । ୧୮ ।
କୋଇନ୍ତୟେ ବୋଇଲେ ଗୋ ପଡିଲାନି ଅପଚୟେ
ମାଦ୍ରୀର ମେଳେ ନାଶ ଗଲାନି ପଣ୍ଡୁରାୟେ । ୧୯ ।
ଯେହି ବିଗ୍ରର ସତ ଗୋ ଅଟଇ ଗାନ୍ଧାରୀ
ଆବର ପଣ୍ଡୁଙ୍କୁ କି ପାଇବି ମୁହିଁ ଲୋଡି କରି । ୨୦ ।

---

୨୦ ।୧ ଯେ ବିଗ୍ରର ନିୟତ ଗୋ ଅଟଇ ଗାନ୍ଧାରୀ ।
ବହନ ସଜ ଯେ ହୋଇଲେ ଦେବୀ କୋନ୍ତେ
ଧୃତରାଷ୍ଟ ଆଗ୍ୟାଂ ଦିଲେ ବିଦୁର ସମେତେ । ୨୧ ।
ସଞ୍ଜୟେ ତୁ ଯାଅ ଭୀଷ୍ମଙ୍କୁ ଆଦି କରି
ବଧୂଙ୍କର ସଙ୍ଗତେ ଶତଶିଂଗ ଗିରି । ୨୨ ।
ଅଲୋକିତ ବଚନ କହିଲେ ଦେବୀ ଯେ କୋଇନ୍ତେ
ପଣ୍ଡୁଙ୍କୁ ଘେନି ଆସ ତୋହୋର ସଙ୍ଗତେ । ୨୩ ।
ବିଦୁର ବୋଇଲେ ମାୟେ ଗୋ ତୋ ପୋୟେ ଯେଥେ ଥାନ୍ତୁ
ଭୂରିସର୍ବାୟେ ପଛେ ତୋ ପୋଅନ୍ତ ଘେନି ଯାନ୍ତୁ । ୨୪ ।
ଧୃତରାଷ୍ଟ ଗାନ୍ଧାରୀ ସନ୍ନିଧେୟ ପୋଅନ୍ତ ମାନ ଦେଇ
ବାବୁ ତୁମ୍ଭେ ଯେଥେ ଖେଳୁଥାଅ ମୁଂ ନଦୀରୁ ଆସେ ଯାଇଂ । ୨୫ ।
ପଙ୍କୁ କଦଳୀ ଖଣ୍ଡ ରସ ଦିବ୍ୟ ପଦାର୍ଥ ମାନ
ପୁଅଙ୍କର ହାଥେ ଦେଇ କରାଇଲେ ତୋଷ ମନ । ୨୬ ।
ଦ୍ରିଯୋଧନ ଧୁଶାସନ ସଙ୍ଗେଣ ଖେଳନ୍ତି
ପୁଅନ୍ତ ଛାଡି ତହ୍ନଂ ଚଲିଲେ ଦେବୀ କୋନ୍ତୀ । ୨୭ ।
ଭୀଷ୍ମ ଭୂରିସର୍ବା ସଞ୍ଜୟ ବିଦୁର
ୟେମାନେ ଆରୋହିଲେ ରଥର ଉପର । ୨୮ ।
ବିମନେ ଆରୋହୀ କୋନ୍ତଭୋଜର ଦୁହିତା
ଶତଶିଂଗ ପର୍ବତକୁ ବୋଲି ବାଟ କଢାନ୍ତି ଦେବୀ କୋନ୍ତା । ୨୯ ।
ବୃନ୍ଦାଅର୍କ ବନେ ସେ ହୋଇଲେ ପ୍ରବେଶ
ଦେଖିଲେ ଯେ ଅମଙ୍ଗଳ ବନସ୍ତ ଦଶଦିଶ । ୩୦ । ସଂଖ୍ୟା
ହା ହା ବଲ୍ଲଭ ବୋଲି ବୋଲନ୍ତି କୋନ୍ତଭୋଜର ନନ୍ଦନୀ
ଜୀବନ୍ତେଣ ପଣ୍ଡୁଙ୍କୁ କି ଦେଖିବ ଚକ୍ଷୁ ଘେନି । ୩୧ ।
ଶିବପାଦ ନାମେଣ ଯେବଣ ଶବର
ସେ ଯାଇଥିଲା କୋଇନ୍ତାଙ୍କ ସଙ୍ଗତର । ୩୨ ।
ଯହ୍ନଂ ବିଅର୍ଥି ୟେଣେ ହୋଇଲେ ପଣ୍ଡୁରାଜା
ହସ୍ତିନାକୁ ଯାଉଅଛି ସେ କିରାତ ଭାରିଯା । ୩୩ ।

---

୨୯ ।୧ ହାନ୍‌ଦୋଳାୟେ ଆରୋହି କୁନ୍ତଭୋଜର ଦୁହିତା ।
୩୩ ।୧ ଯହ୍ନଂ ପ୍ରାଣ ବିସର୍ଜନ ହୋଇଲେ ପଣ୍ଡ ରାଜା ।
କୋଇନ୍ତାୟେ ପଗ୍ଭରିଲେ ଆଲୋ କିରାତୁଣୀ
ପଣ୍ଡୁ ମାଦ୍ରୀଙ୍କର କହ ଶୁଭ ବାଣୀ । ୩୪ ।
ପୋୟେଲା ନାମେ କିରାତୁଣୀ ସେ କୋଇନ୍ତାୟେ ବୋଲେ
ପଣ୍ଡ ମାଦ୍ରୀ ଗୋ ତୋର ଶତଶିଂଗେ ଛନ୍ତି ଭଲେ । ୩୫ ।
ଉଷତ ହୋଇଲେ ଶୁଣି କୋନ୍ତଭୋଜର ବାଳୀ
ହୃଦର ବ୍ୟଥା ଦେବୀ ଛାଡିଲେ ବିକଳି । ୩୬ ।
ଧାତିକାରେ ବିଜେ କଲେ ପର୍ବତ ଶିଖରେ
ପଣ୍ଡୁ ମାଦ୍ରୀ ପଡିଛନ୍ତି ଆତ୍ମ ଅଚେତରେ । ୩୭ ।
ଉଲଗ୍ନସାହୀ ହୋଇ ମାଦ୍ରୀ ପଡିଛଇ ପଲଙ୍କ ଉପରେ
ଦୁହିଂଙ୍କର ଶରୀର ଫୁଟିଅଛି କାଳଚକ୍ର ଶରେ । ୩୮ ।
ବିଦୁର ଦେଖିଣ ପଡିଲେ ମୂର୍ଚ୍ଛାଗେତ
ବିମାନୁ କୋଇନ୍ତାୟେ ପଡିଲେ କି ଜାଣି ବଜ୍ରଘାତେ । ୩୯ ।
ହା, ହା ନାଥ ବୋଲି ରୋବନ୍ତି ମାହେଶ୍ୱରୀ
ଗୁଣସାର ନାଥ କି-ା ନାଶ ଗଲା ହୁଡି । ୪୦ ।
ସ୍ୱାମୀକି କୋଳ କରି ହୃଦରେ ଲଗାଇ
ଶତଚନ୍ଦ୍ର ବଦନ ଗୋଟିର ମୁଂ ଆପାଦ ଘେନି ଯାଇ । ୪୧ ।
ପ୍ରାଣର ବଲ୍‌ଲଭ ମୋର ଦୁଖୀର ସଂଘାତ ଗୋଟି
ମୃତପିଣ୍ଡ ଘେନିଣ ଦେବୀ ପଡଇ ମହୀ ଲୋଟି । ୪୨ ।
ହା, ହା ଜଗବଦନ ନାଥ ମୋତେ କେଉଁଣ ଗତି କଲୁ
ଗଭୀର ସମୋଦ୍ରେ ମୋହୋର ଭେଳା ବୁଡାଇଲୁ । ୪୩ ।
ଧର୍ମେଣ ରାଜ୍ୟ ରକ୍ଷା କଲୁ ପ୍ରାଣଗୁରୁ
ପାପ ଲଘିଂଲୁ ଧର୍ମ ଅଧର୍ମ ବିଚାର ନକରୁ । ୪୪ ।
ମୁହିଂ ରାଢେଣୀ କି-ା ଛାଡି ଗଲି ତୋତେ
ମାଦ୍ରୀ ୟେମନ୍ତ କର୍ମ କଲା ଅଦଭୁତେ । ୪୫ ।
ଆହା ପ୍ରାଣନାଥ ପଞ୍ଚୁ କଟକେ ଅଧିକାରୀ
ଶୋକ ସମୋଦ୍ରେ ମୋତେ ଗଲୁଛାଡି କରି । ୪୬ ।

---

୩୮ ।୧ ଉତ୍ତାନସାହୀ ହୋଇ ମାଦ୍ରୀ ପଡିଛି ପଲଙ୍କ ଉପରେ ।
୪୫ ।୨ ମାଦ୍ରୀ ୟେମନ୍ତ ତୋତେ କଲା ଅନମିତେ ।
କୋଇନ୍ତାଙ୍କର କୋଳରୁ ଛଡାଇ ମୃତୁ ଶବ
ଆପଣେ କୋଳ କରି ଧଇଲେ ଗାଙ୍‌ଗେବ । ୪୭ ।
ଭୂରିସର୍ବାୟେ ପଣ୍ଡୁଙ୍କୁ ଧଇଲେକ କୋଳେ
ଆମ୍ଭେ ଅଛୁ ବାବୁ ତୁରେ ପଶିବୁ ଅନଳେ । ୪୮ ।
ତୁ ସେ ଜମ୍ଭ୍ରୋଦୀପକୁ ଅଳଙ୍କାର ଗୋଟି
ୟେତେ କୃତ୍ୟ କଲା ତୋତେ ଅଗ୍ନିକାର ତପୋନିଷ୍ଠି । ୪୯ ।
ୟେହାଙ୍କର କ୍ରୋଧ ଦେଖି ବିଶ୍ୱଦେବା ପୁରୁଷେ
ସହଦେବ କୁମରକୁ ଆଣିଲେ ହରଷେ । ୫୦ ।

କୋଇନ୍ତାଙ୍କର କୋଳେ ନେଇ ଦିଲେ ବିଶ୍ୱାଦେବେ
ପଣ୍ଡୁର ପୁତ୍ର ଗୋଟି ଯେ ଯେହାର ନାମ ସହଦେବେ । ୫୧ ।
ମାଦ୍ରୀର ତୁଲେ ରମଣ କରିବାର ବେଳେ
ଯେ ପୁତ୍ର ଗୋଟି ଉତପତ୍ତି ହୋଇଲା ପଣ୍ଡୁର ନାଶକାଳେ । ୫୨ ।
ଅଶ୍ୱିନୀ କୁମାରେ ପାଳିଲେ ମହାମନ୍ତ୍ର ଦେଇ
ଆପଣାର ତହୁଁ ଅର୍ଦ୍ଧ ଆୟୁଷ ଲଗାଇ । ୫୩ ।
ସତ୍ତ୍ୱାକୁ ଭାଞ୍ଜିଣ ଯେ ପୁତ୍ରକୁ ଦିଲେ ଜୀବ
ତେଣୁ କରି ଯେହାର ନାମ ଦିଲେ ସହଦେବ । ୫୪ ।
ଶୁଣିଣ କୋଇନ୍ତାଯେ ପୁତ୍ରକୁ ପ୍ରତିପାଳି
କ୍ରୋଧ ସମ୍ଭାଳିଲେ କୋନ୍ତଭୋଜର ଦୁଲାଳୀ । ୫୫ ।
ଭୂରିସର୍ବାଯେ ପଣ୍ଡୁଙ୍କୁ ଧରିଥିଲେ କୋଳେ
ଶୋକଭର ହୋଇଲଗାଇଲେ ବକ୍ଷସ୍ଥଳେ । ୫୬ ।
ଭୂରିସର୍ବା ଭୀଷ୍ମ କଲେ କ୍ରୋଧ ସଂଘରଣ
କୋଇନ୍ତାକୁ ବୋଇଲେ ଗୋ ଛାଡ ତୁ କାରୁଣ୍ୟ । ୫୭ ।
ଯେ ସେ ଗଲା ତାହା ଲୋଡିଲେ ପାଇବା ଆଉ କାହିଁ
ଚିତା ଆରୋପଣ କଲେ ଗଙ୍ଗା କୂଳେ ନେଇ । ୫୮ ।
ଚନ୍ଦନ ଅଗର ସରଳ କାଷ୍ଠ ଆବର ଦେବଦାରୁ
ଅଗ୍ନି ଆରୋପଣ କଲେ ତେଜ ସେ ବିସ୍ତାରୁ । ୫୯ ।
ଅଗ୍ନି ଦାନ ଦିଲେ ଯେ ମହାମନ୍ତ୍ର ବାକ୍ୟେ
ହିରଣ୍ୟ ଦାନ ଦିଲେ ଗୋଧନ ଅନେକେ । ୬୦ ।

---

୫୯ ।୧ ସରଳ-ଶାଳ ଗଛ

ସୁବର୍ଣ୍ଣ ପଲଙ୍କରେ ଶୁଆଇଲେ ମୃତୁ ଶବ
ବେନିକତି ଧଇଲେ ଭୂରିସର୍ବା ଗାଙ୍ଗେବ । ୬୧ ।
ଅନେକ କ୍ରୋଧ କଲେ ପଣ୍ଡୁର ବଦନ ଦେଖି
ବ୍ରହ୍ମାଣ୍ଡକୁ ଧାରଣା ତୁ ହୋଇଲୁ ନିରିମାଖୀ । ୬୨ ।
ତିନିବାର ପ୍ରତିକ୍ଷଣ କଲେ ବହନିକି
ଅନଳେ ବସାଇଲେ ପଣ୍ଡୁ ନୃପତିକି । ୬୩ ।
କୋଇନ୍ତାଯେ ମାଦ୍ରୀକି ଯେ କୋଳ କରି ନେଲେ
ଆନ ଅଗ୍ନି ଆରୋପଣ କରି ମାଦ୍ରୀକି ଶୁଆଇଲେ । ୬୪ ।
ଶମଶାନ ଭୂମିକି ବାଳୁତ ସହଦେବକଇ ନେଲେ
ତିଳ କୁସୁମ ଘୃତ ଘେନିଣ ମୁଖା ଅଗ୍ନି ଦିଆଇଲେ । ୬୫ ।
ଦହନ କଲେ ସେ ପଣ୍ଡୁ ମଦନାକୁ
ଅନେକ ହରଷ ହେଲେ ପୁତ୍ର ଦେଖି ପାଶୋରିଲେ ପଣ୍ଡୁଙ୍କୁ । ୬୬ ।
ପଣ୍ଡୁ ମାଦ୍ରୀ ଦୁହିଙ୍କି ଅଗ୍ନି ସଂସ୍କାର କରି
ଅଗ୍ନି ଶାନ୍ତି କଲେ ଜଳ ଅବଧାରି । ୬୭ ।
ଶ୍ମଶାନ ଭୂମିରୁ ଆସିଲେ ସହଦେବ କୋନ୍ତୀ
ଶୀତଳ ଦ୍ରବ୍ୟମାନ ପରାଶନ କରାନ୍ତି । ୬୮ ।
ଭୂରିସର୍ବାଯେ ବୋଇଲେ ମା ଗୋ ବହନ ହୋଇ ଯିବା

ଧୃତରାଷ୍ଟ ଅଗ୍ରତେ ଯାଇ ପ୍ରେତକାର୍ଯ୍ୟ କରାଇବା । ୬୯ ।
କୋଇନ୍ତାୟେ ବୋଇଲେ ଗୁରୁୟେ ହସ୍ତିନାକୁ ଯାଆନ୍ତୁ
ମୁହିଁ କିପାଇଁ ଯିବି ଶତଶିଂଗ ପରବତୁଂ । ୭୦-୩୧୦୦ ।

---

୬୫ ସହଦେବ ହସ୍ତେ ଦିଆଇଲେ ମାଦ୍ରୀକି ମୁଖାଅଗ୍ନି
ଶ୍ମଶାନ ଭୂମିରୁ ଆଣିଲେ ପଣ୍ଡୁ ନୃପରାଣୀ ।
୬୩ ।୧ ପ୍ରତିକ୍ଷଣ-ପ୍ରଦକ୍ଷିଣ ୬୮ ।୨ ପରାଶନ-ପ୍ରାଶନ-ଭକ୍ଷଣ
କୁନ୍ତୀଙ୍କର ଶତଶୃଙ୍ଗ ପର୍ବତରେ ରହିବା ଓ ଭୀଷ୍ମଙ୍କ ଦ୍ୱାରା ଧୃତରାଷ୍ଟ୍ରଙ୍କୁ ପଣ୍ଡୁଙ୍କୁ
ମୃତ୍ୟୁ ଖବର କହିବା
ପୁଅନ୍ତ ଅଣାଇ ଦିଅ ମୋର ୟେଥ
ମୁହିଁ ରହି ପାରିବି କି ଗାନ୍ଧାରୀ ସଙ୍ଗତ । ୧ ।
ଦୁଷ୍ଟ ପ୍ରକୃତି ସେ ଅଟଇ ଗାନ୍ଧାରୀ
ପୁତ୍ର ଗୋଟି ମାନେ ତାର ଅଟନ୍ତି ଦୁଷ୍ଟ ଆଗ୍ରୀ । ୨ ।
ତାହାର ବେଳେ ମୋତେ ନୋହଇ ସମ୍ଭାଳି
ସେ ସହି ନ ପାରିବେ ମୋର ଭୀମାର ଆରଦୋଳି । ୩ ।
ସୋଦରେ ସୋଦରେ ଦ୍ୱନ୍ଦ ହୋଇବାକ କି କେମନ୍ତେ
ପୁଅନ୍ତ ଘେନି ମୁଂ ୟେଥେ ଥାଇଂନା ନିଶ୍ଚିନ୍ତେ । ୪ ।
ଭୀଷ୍ମଙ୍କୁ ପରିଣାମି ବୋଲନ୍ତି ଦେବୀ କୋନ୍ତେ
ପୁଅନ୍ତ ବହନ କରି ଅଣାଇବା ୟେଥେ । ୫ ।
ଭୀଷ୍ମେ ବୋଇଲେ ମା ଗୋ ନୋହଇ ୟେମନ୍ତ
ପଣ୍ଡୁର ତେଜେ ୟେଥେ ହୋଇଥିଲୁ ନିଶ୍ଚିନ୍ତ । ୬ ।
ଅସୁର ବଳ ଦୁଷ୍ଟ ରାକ୍ଷସ ଶିର ଛେଦି
ତ୍ରଇଲୋକ୍ୟେ ଅସମ୍ଭବ ପଣ୍ଡୁ ଅଟଇ ଶବଦଭେଦୀ । ୭ ।
ତେଡେ ବଡ ଛତ୍ରୀ ଗୋ ପାର ନ ଗଲାଟି କାଳେ
ଅବିଶାପ ହୋଇଲାଟି ଗୋ କର୍ମର ଅବଳେ । ୮ ।
ଅଦୋଷେଣ ସେ ନାଶ ଗଲାଟି ରାୟେ ପଣ୍ଡୁ
ରାଜ୍ୟକୁ ଯିବା ଗୋ ମାୟେ ୟେ ବନସ୍ତ ପୁଡୁ ପୁଡୁ । ୯ ।
କୋଇନ୍ତାୟେ ବୋଇଲେ ଆମ୍ଭେ ରହିଥିଲୁଂ ୟେଥେ
ନିର୍ଦ୍ଧ୍ରନ୍ଦୀ ହୋଇଥିଲୁ ତିନିଶ ପଞ୍ଚାଶ ବର୍ଷ ପରିୟନ୍ତେ । ୧୦ । ସଂଖ୍ୟା
ୟେ ଥାନ ଛାଡି ଯିବାକୁ ନ ବଳଇ ମୋର ଇଚ୍ଛା
ତହିଁକି ମୋତେ ନେଇ କରି ନ ପାରିବଟି ରକ୍ଷା । ୧୧ ।
ୟେତେବେଳ ପରିୟନ୍ତେ ସ୍ୱାମୀ ତ ମୋର ନାହିଁ
ୟେମନ୍ତେହେଁ ପର୍ବତ ଅଛି ମୋତେ ସହି । ୧୨ ।
ସ୍ୱାମୀର ଶବ ୟେ ମୋର ପତିଲାକ ୟେଥେ
କେମନ୍ତେ ଯିବି ପ୍ରେତକାର୍ଯ୍ୟ ନ ସରିବା ପରିୟନ୍ତେ । ୧୩ ।
ୟେବେ ତୁମ୍ଭେ ଦେବ ବିଜେ କରି ଯିବା
ପୁଅନ୍ତ ଘେନିଣ ମୋର ବହନ ଆସିବ । ୧୪ ।
କୋଇନ୍ତାୟେ ୟେ ସେ ପରମ ମାହେଶ୍ୱରୀ
ଚଳିଲେ ଗାଙ୍ଗେବ ୟେ ଦେବୀର ଆଗ୍ୟାଂୟେଣ କରି । ୧୫ ।

ଭୀଷ୍ମ ଭୂରିସର୍ବା ବିଦୁର ସହିତେ
ବାହୁଡିଣ ଆସନ୍ତି ଯେ କୋଇନ୍ତାକୁ ଛାଡିଣ ବନସ୍ତେ । ୧୬ ।
ହସ୍ତିନା ରାଜ୍ୟରେ ଯେ ପ୍ରବେଶ ହୋଇଲେ
ଧୃତରାଷ୍ଟ ଆଗେ ଯାଇ ଗାଙ୍ଗେବ ବସିଲେ । ୧୭ ।
ସଞ୍ଜୟେ କହିଲେ ଶୁଣ ଆହୋ କୁରୁପତି
ସନ୍ନିଧେୟ ବିଜେ କଲେ ଭୀଷ୍ମ ମହାରଥୀ । ୧୮ ।
ଆସ୍ଥାନ ତେଜି ଯେ ଉଠିଲେ ସୋମବଂଶୀ
ଭୀଷ୍ମଙ୍କ ଚରଣେ ଧୃତରାଷ୍ଟ ଶିର ଯେ ନିବେଶି । ୧୯-୩।୧୯ ।
ଭୀଷ୍ମଙ୍କ ମୁଖରୁ ପଣ୍ଡୁଙ୍କ ମୃତ୍ୟୁ ବାର୍ତ୍ତା ଶୁଣି ଧୃତରାଷ୍ଟ୍ରଙ୍କ ଶୋକ
ତୁମ୍ଭେ ଯେ ଗଲ ଶତଶିଂଗ ପର୍ବତକୁ
ତୁଲେ କି- ନ ଆଣିଲ ପଣ୍ଡୁ ଯେ ରାଜାଙ୍କୁ । ୧ ।
ଭୀଷ୍ମେ ବୋଇଲେ ସେ ତହିଁରେ ରହିଲା
ଶତଶିଂଗ ପର୍ବତକୁ ବୋଲି ତାକୁ ଦଇବ ସ୍ରିଜିଲା । ୨ ।
ଆମ୍ଭେ ୟେହିକ୍ଷଣି ବାହୁଡିଣ ଯିବୁ
ପୁଅନ୍ତ ନେଇ ତାର ଶତଶିଂଗେ ଦେବୁ । ୩ ।
ଭୀଷ୍ମଙ୍କ ତହୁଁ ଶୁଣି ପଣ୍ଡୁର କୁମାରେ
ଲାଟ ଖେଳୁଥିଲେ ଦ୍ରିଯୋଧନ ସଙ୍ଗତରେ । ୪ ।
ବାରତା ପାଇଣ ସେ ଅଇଲେକ ବାଳେ
ଦେଖିଣ ଭୀଷ୍ମ ପୁଅଙ୍କୁ ଧଇଲେକ କୋଳେ । ୫ ।
ଯୁଝେଷ୍ଠି ଭୀମ ଯେ ଅର୍ଜୁନ ନକୁଳ
ଦେଖିଣ ଗାଙ୍ଗେବ ନୟନୁଁ ବହେ ଅଶ୍ରୁଜଳ । ୬ ।
ଅନେକ କରି ପଗ୍ଭରନ୍ତି ଧୃତରାଷ୍ଟେ
ଭୀଷ୍ମେ କହିଣ ନ ପାରନ୍ତି କ୍ରୋଧର ଗରିଷ୍ଠେ । ୭ ।
ଧୃତରାଷ୍ଟ ବୋଇଲେ ଶୁଣିମା ମହାଗୁରୁ
କି ନିମନ୍ତେ କ୍ରୋଥ ଗତ କହିତ ନୁଆରୁ । ୮ ।
ଭୀଷ୍ମେ ବୋଇଲେ ଶୁଣ ତୁ ରାଜସୁତେ
ବଡ ଦୁଲଭ କଥା ତୋତେ କହିବା ୟେକାନ୍ତେ । ୯ ।
ଯୁଝେଷ୍ଠି ପୁଛାକଲେ ଭୀଷ୍ମଙ୍କ କୋଳେ ବସି
ମାତାୟେ ଆମ୍ଭର କେତେବେଳେ ହୋଇବେ ୟେଥେଂ ଆସି । ୧୦ ।
ଭୀଷ୍ମେ ବୋଇଲେ ବାବୁ ଆସୁଛନ୍ତି ପନ୍ଥେ
ପୁଅନ୍ତ ଘେନିଗଲେ ସେ ଭୋଜନର ନିମନ୍ତେ । ୧୧ ।
ଭୀଷ୍ମେ ୟେକାନ୍ତେ କହିଲେ ଧୃତରାଷ୍ଟଙ୍କୁ
ଆହୋ କୁରୁନାଥ ବିପତ୍ତି ପଡିଲା ପଣ୍ଡୁଙ୍କୁ । ୧୨ ।
ଗାନ୍ଧାରୀ ଅନ୍ଧପଟଳ ବାନ୍ଧିବାକ ଶୁଣି
ପୁତ୍ରନ୍ତ ଘେନି ୟେଥକୁ ଅଇଲେ କୋନ୍ତ ଭୋଜର ଦୁଲଣୀ । ୧୩ ।
ପଣ୍ଡୁ ତେଣେ ମୁରୁଛି ନ ପାରିଲେ ଶୃଙ୍ଗାର
ମଦନାର ତୁଲେ ବଢିଲ ପ୍ରିୟ ଭାବ ଅପାର । ୧୪ ।
ଯାହା ସେ ଶାପ ଦିଲେ ଅଗ୍ନିକାର ମହଋଷି
ଓହୋକୁଳ ଶୃଙ୍ଗାର କରନ୍ତେଣ ମହାନିଶି । ୧୫ ।
ମହାତ୍ମାର ଶାପ ନ ପାରିଲା ମେଣ୍ଟି

ଅନ୍ତରୀଚ୍ଛେ ନାରାଜ ପଡିଲା ଦୁହିଙ୍କର ଶରୀର ଗଲା ଫୁଟି । ୧୬ ।
ପଣ୍ଡୁ ମାଦ୍ରୀ ଦୁହେଁ ହାଦେ ନାଶ ଗଲେ
ସେ ସମୟେ ସଇନ୍ଦୁ ପୁତ୍ରେକ ଜନ୍ମିଲେ । ୧୭ ।
ଅଶ୍ୱିନୀ କୁମାର ତାକୁ ପ୍ରାଣଦାନ କଲା
ସହଦେବ ବୋଲି ସେହୁ ପୁତ୍ର ନାମ ଦିଲା । ୧୮ ।
ଆମ୍ଭେ ଯାଇ ପ୍ରବେଶ ହୋଇଲୁ ଶତଶିଂଗେ
ଦେଖିଲୁ ପଣ୍ଡୁଙ୍କ ୟେସନକ ବିୟୋଗେ । ୧୯ ।
କୁମାର ଗୋଟିକି ସମ୍ଭାଳି ଥିଲେ ବିଶ୍ୱଦେବାୟେ
କୋଇନ୍ତାଙ୍କର କୋଳେ ଆଣି ଦିଲେ ସେ ବାଳୁତ ତନୟେ । ୨୦ ।
ଅନେକ କ୍ରୋଧ ସେ କୋଇନ୍ତା ଦେବୀ କଲା
ପଣ୍ଡୁର ଅବସ୍ତା ଦେଖି କାହାର ଦେହ ନ ରହିଲା । ୨୧ ।
ଚିତା ବହନି ଆମ୍ଭେ କଲୁ ଆରୋପଣ
ପଣ୍ଡ ମାଦ୍ରୀଙ୍କି ଦହନ କଲୁ ତତକ୍ଷଣ । ୨୨ ।
କୋଇନ୍ତା ନ ଅଇଲେ ଶତଶିଂଗ ପର୍ବତୁଂ
ତାହାର ପୁଅନ୍ତ ଘେନି ଆମ୍ଭେ ଯିବୁଂ ୟେଥୁଂ । ୨୩ ।
ଭୀଷ୍ମଙ୍କର ମୁଖୁଂ ୟେସନକ ବାଣୀ ଶୁଣି
ଅନ୍ଧରାଜା ଶୋକ କଲା ମହାକ୍ରୋଧ ବାଣୀ । ୨୪ ।
ଧୃତରାଷ୍ଟ ରାୟେ ରାଇଲେ ଦେବୀ ଗାନ୍ଧାରୀକି
ଶତଶିଂଗ ପର୍ବତକୁ ଯିବା ଗୋ ପୁଅନ୍ତ ଘେନି ପଣ୍ଡୁଙ୍କୁ ଯେ ଦେଖି । ୨୫ ।
ସ୍ତ୍ରୀମାନଙ୍କ ଅଗ୍ରତେ ଗାନ୍ଧାରୀ ବୋଇଲା
ମୋତେ ଲୁଚ୍ଚାଇବାର କିସ କାରଣ ହୋଇଲା । ୨୬ ।
ପଣ୍ଡୁ ନାଶ ଗଲାର ହୋଇଲାନି ପାଞ୍ଚଦିନ
ତହିଁକି ଯାଇ କିସ କରିବା ରାଜନ । ୨୭ ।
ଛାଡିଲେ ଆଶ ସେ ହୋଇଲେ ନିରାଶ
କ୍ରୋଧ କରିଣ ସେ କରନ୍ତି ଉପବାସ । ୨୮ ।
ପ୍ରେତ କାର୍ଯ୍ୟ କଲେ ସେ ରାଇଣ ପୁରୋହିତେ
ପୋୟେ ନ ଜାଣନ୍ତୁ ପ୍ରେତକାର୍ଯ୍ୟ କରାଅ ଗୁପତେ । ୨୯ ।
ଭୋ ଦେବ ଭୀଷ୍ମ ତୁମ୍ଭେ ବାହୁଡିଣ ଯିବା
କୋଇନ୍ତା କୁମର ଗୋଟିକି ଘେନିଣ ଆସିବା । ୩୦ ।
ଗାନ୍ଧାରୀ ବୋଇଲେ ମୁଁ ଯିବଇଁ ଶତଶିଂଗ ପରବତେ
କ୍ରୋଧ ଶାନ୍ତି କରାଇ କୋଇନ୍ତାଙ୍କୁ ଘେନି ଆସିବି ସାଥେ । ୩୧ ।
ପୋୟେଙ୍କର କ୍ରୋଧ ନ ଦେଖିବା ନିମନ୍ତେ
ଧୃତରାଷ୍ଟ ପ୍ରେତକାର୍ଯ୍ୟ କରାନ୍ତି ଗୁପତେ । ୩୨-୩୧୫୧ ।
ଗାନ୍ଧାରୀଙ୍କର ଶତଶୃଙ୍ଗ ପର୍ବତକୁ କୁନ୍ତୀଙ୍କୁ ଆଣିବା ନିମନ୍ତେ ଗମନ, ବ୍ୟାସଙ୍କର କୁନ୍ତୀଙ୍କୁ ଉପଦେଶ
ୟେଥୁ ଅନନ୍ତରେ ଶୁଣ ହୋ ନୃପନାଥେ
ୟେମନ୍ତେଣ ତହିଁ ଗଲା ଦିନା କେତେ । ୧ ।
ଧୃତରାଷ୍ଟ ଗାନ୍ଧାରୀ ବିଗରି ହୃଦଗତେ । ୨ ।
ଗାନ୍ଧାରୀ ବିଜେ କଲେ ହସ୍ତିନା ଭୁବନୁଂ
ଆଗେ ସହସ୍ରେକ ରଥ ଘେନିଣ ଗଙ୍ଗାଙ୍କର ତନୁ । ୩ । ସଂଖ୍ୟା

ସହସ୍ରେକ ପରିବାରୀ ଘେନି ଗାନ୍ଧାରସେନର ଦୁଲଣୀ
ଚଳନ୍ତି ମହାସତୀ କୋଇନ୍ତା ଦେବୀଙ୍କର ଆଣି । ୪ । ସଂଖ୍ୟା
ବ୍ୟାସେ ବିଜେ କଲେ ଶତଶିଂଗ ପର୍ବତେ
ଦେଖିଣ ନିଉଛାଳି କଲେକ ଦେବୀ କୋନ୍ତେ । ୫ ।
ପୁତ୍ର ଗୋଟିକି ନେଇ ଦିଲେ ବ୍ୟାସଙ୍କ କ୍ରୋଡରେ
ପୁତ୍ର ଦେଖିଣ ସାନନ୍ଦ ହୋଇଲେ ମୁନିବରେ । ୬ ।
ହରଷେ ପୁତ୍ରକୁ ବର ଦିଲେ ପତନିଷ୍ଠି
ଭୂତ ଭବିଷ୍ୟ ଗତ-ଆଗତ ହୋଉ ତୋତେ ଦୃଷ୍ଟି । ୭ ।
କୋଇନ୍ତଙ୍କୁ ତିଆରନ୍ତି ପାରେଶ୍ୱରଙ୍କ ତନୟେ
ପଣ୍ଡୁ ଅଭାବେଣ କ୍ରୋଧିତ ନୋହ ଆଗେ ମାୟେ । ୮ ।
ଛାଡସି କ୍ରୋଧ ତୁ ଗୋ ଭୋଜର କୁମାରୀ
ପୁତ୍ରନ୍ତ ଘେନି ଆୟି ସୁଖେ ଥାଅସି ରାଜ୍ୟ କରି । ୯ ।
କୋଇନ୍ତାୟେ ବୋଇଲେ ମୁଁ ପ୍ରୟାଗ ତୀର୍ଥେ ଯିବି
ବାଞ୍ଛାବଟ ତଳେ ମୁଁ ପ୍ରାଣ ବିସର୍ଜିବି । ୧୦ ।
ବ୍ୟାସେ ବୋଇଲେ ଗୋ ନୋହଇଟି ୟେମନ୍ତ
ଅନେକ ଦୋଷଟି ଗୋ ହୋଅଇ ଆତ୍ମାଘାତ । ୧୧ ।
ପଞ୍ଚୁ ଗୋଟି ପୁତ୍ର ଗୋ ପାଇଲୁ ତୋର କର୍ମେ
ୟେ ପଞ୍ଚୁରାଜ୍ୟ ମାତା ଗୋ ପାଳିଲୁ ତୋର ଧର୍ମେ । ୧୨ ।
ତୁମ୍ଭେ ବିରସ କି-ାଇ ଗୋ ହୋଉଛ ମହାଦେବୀ
କୁନ୍ତଭୋଜର ନନ୍ଦନୀ ଗୋ ତୁ ପରମ ସାଧବୀ । ୧୩ ।
ୟେ ସଂସାର ଯାକ ଗୋ ମାୟା ପଟଳ ସିନା
ବିପରୀତ ମାୟା ଫାଶ ଗୋ ଦଇବ ରଞ୍ଚନା । ୧୪ ।
ସୁଖେଣ ଦିନ ଗୋ ନେବ ଦେବୀ କୋନ୍ତେ
ଭାରା ନିବାରଣ କରିବେ ୟେ ତୋହୋର ପୁତ୍ରେ । ୧୫ ।
ଜାତ ହୋଇଲେ ଗୋ ଅବଶ୍ୟ ହୋଇ ମୃତୁ
ୟେମନ୍ତେଣ ଚ୍ୱରି ଯୁଗ ହୋୟେ ଆତୁଯାତୁ । ୧୬ ।
ୟେମନ୍ତେଣ ପଛରେ ଗୋ ଚଳନ୍ତି ପଥଶ୍ରାନ୍ତି
ଆତଯାତ ଲୋକେ କି ଗୋ ବିଳମ୍ବ୍ରେ ରହିଥାନ୍ତି । ୧୭ ।
ତୁ ଦେବୀ ଗୋ କିଛିହିଁ ଭ୍ରାନ୍ତି ନ କର ୟେଥିକି
ୟେତେବେଳେ ଧର୍ମ ଥାଇ ସମସ୍ତ ପୁଣ୍ୟ ଦେଖି । ୧୮ ।
ଆମ୍ଭେ ପ୍ରଳୟ କାଳେ ପଶୁ ବିଷ୍ଣୁ ନାଥ ପଞ୍ଜରାୟେ
କାଳ ଉଚିତ ମରଣକୁ ବଡ ଭୟେ । ୧୯ ।
ସୁଖ ଭୋଗ ଇଛା ହୋ କରନ୍ତି ଯେବଣ ପ୍ରାଣୀ
ମୃତୁ ସମାପତ କରଇ ଗୋ ନିଶ୍ଚୟେ ନିକଟେ ଆଣି । ୨୦ ।
ଯେ ସେ ଗଲା ତାହା ଲୋଡିଲେ ନ ପାଇ
ଥିଲା ପୁଅନ୍ତ ଯତନେ ୟେବେ ସମ୍ଭାଳ ଗୋ ଆC । ୨୧ ।
ଯୁଞ୍ଚେଷ୍ଠି ବୋଲିଣ ତୋର ଯେବଣ ପୁତ୍ର ଗୋଟି
ପ୍ରତକ୍ଷେ ଦେଖୁ ସିନା ନିରଞ୍ଜନ ଦେବତା ଅଟେ ସେଟି । ୨୨ ।
ଭୀମ ଚରିତ୍ର ଗୋ ଅସଂଖ୍ୟ ଅଟଇ ମୋତେ
ଅର୍ଜୁନ ବୋଲିଣ ସେ ନାରାୟଣଙ୍କ ପଞ୍ଚଭୂତେ । ୨୩ ।

ନକୁଳ ବୋଲିଣ ସେ ଯେବଣ ପୁତ୍ର ଅଟଇ
କୁମାର ମୁଖେ ତାକୁ ଆକାଶେ ପାଟ ଅଛଇ । ୨୪ ।
ଯେ ବାଳୁତ ପୁଅ ଗୋଟିର ଯେହେନେକ ଲକ୍ଷଣ
ସ୍ତରି ପ୍ରମଦା ଗୋ ତୁମ୍ଭେ ତଥ୍ୟହିଁ ନ ଜାଣ । ୨୫ ।
ତୀର୍ଥକୁ ଇଚ୍ଛା ଯେବେ କଲସି ଗୋ ମାୟେ
ବଡ ବଡ ହୋଅନ୍ତୁ ଗୋ ତୋହୋର ତନୟେ । ୨୬ ।
ସ୍ତିରିଙ୍କର ଧର୍ମ ତୋତେ ଗୋ ହୋଉ ପରାପତ
ପୁତ୍ରନ୍ତ ଘେନିଣ ଗୋ ରାଜ୍ୟ ପ୍ରାପତି ଚିନ୍ତ । ୨୭ ।
ପଣ୍ଡିତ ପଣେ ଗୋ ସଂଘର ସର୍ବକଥା
ଆମ୍ଭନ୍ତ ଦେଖି ଗୋ ଛାଡ ନିଜ ସ୍ୱାମୀର ଯେ ଚିନ୍ତା । ୨୮ ।
ଯେମନ୍ତେ ଅନେକ ତିଆରିଲେ ବ୍ୟାସ ମହାଯତି
ଦଣ୍ଡ ଘେନିଣ ଭୀଷ୍ମେ ପ୍ରବେଶ ହୋଇଲେ ଝାତି । ୨୯ ।

---

୧୭ ଯେମନ୍ତେ ପଥୁକୀ ଗଛ ମୂଳରେ ବସନ୍ତି
ଶ୍ରମ ସାରିଣ ସେ ଯେଝା ମତେ ଚଳି ଯାନ୍ତି ।
ବ୍ୟାସଙ୍କର ପାଦତଳେ ସମସ୍ତେ ହୋଇଲେ ପରଣାମି
କ୍ଷମେ ଆଶିଷ କଲ୍ୟାଣ ବ୍ୟାସ ମହାମୁନି । ୩୦ ।
ଆପଣେ ପ୍ରୋହିତ ଯେ ହୋଇଲେ ଉଦ୍ଦାଳକେ
ପ୍ରେତକାର୍ଯ୍ୟ ବିଧି କରନ୍ତି ବେଦବାକ୍ୟେ । ୩୧ ।
ଶ୍ରାଦ୍ଧକର୍ମ ସେ ଯେ କଲେ ଶମଶାନେ
ଘୃତ ପାରଣା କଲେ ଯେକାଦଶ ଦିନେ । ୩୨ ।
ଘୃତ ଘେନି ସଞ୍ଜୟ ଗଲେ ହସ୍ତିନାକୁ
ଧୃତରାଷ୍ଟ ଭଣ୍ଡିକରି ରଖିଅଛନ୍ତି ପୁଅଙ୍କୁ । ୩୩ ।
ଯୁଝେଷ୍ଠି ଦ୍ରିଯୋଧନର ଅନେକ ପୀରତି
ଖେଳ ରସେ ଭାବେ ପାସୋରି ମାତା ପିତା ଦୁହିନ୍ତି । ୩୪ ।
ବନସ୍ତରେ ଥିଲେ ସେ ସଙ୍ଗମେଳ ନାହିଁ
କୁତୋହୋଳେ ରହିଲେ ସେ ଧୃତରାଷ୍ଟଙ୍କୁ ଗାହିଁ । ୩୫ ।
ଯୁଝେଷ୍ଠି ପଚାରିଲେ ଧୃତରାଷ୍ଟଙ୍କ କୋଳେ ବସି
ପିତା ମାତ ତହିଁକି ଯିବୁ ତତ ଆଗ୍ୟାଂ ମୋତେ ଦେସି । ୩୬ ।
ଧୃତରାଷ୍ଟ ପ୍ରତିବାକ୍ୟ ଶୁଣରେ ତନୟେ
ଯେଥକୁ ଆସୁ ଅଛନ୍ତି ସିନା ତୁମ୍ଭର ବାପ ମାୟେ । ୩୭ ।
ଗାନ୍ଧାରୀ ଗଲେଣି ବାବୁ ତାହାଙ୍କୁ ଆଣିମାକୁ
ପୋଡଇ କି ନା କି-ା ଯିବା ଗହନ ବନସ୍ତକୁ । ୩୮ ।
ଭଲ ଭଲ ପଦାର୍ଥମାନ ଦିଲେକ ଅପୂର୍ବ
ସର୍ବ ଅଳଙ୍କାର କଲେ ପୁଅନ୍ତ ରାଜଦେବ । ୩୯ ।
ପହରଣ କରାଇଲେ ଦେବାଙ୍ଗ ବସ୍ରନ୍ତ
ଯେସନକ ବାଗେ ଭଣ୍ଡି ବାଳୁତ ପୁଅନ୍ତ । ୪୦ ।
ଧୃତରାଷ୍ଟେ ସୁମରନ୍ତି ଭୋ ଦେବଧର୍ମ
ବାଳୁତ ପୁତ୍ରନ୍ତ ହୋଇଲା ଯେହେନେକ କର୍ମ । ୪୧ ।

---

୩୩ ।୨ ଧୃତରାଷ୍ଟ ମୂର୍ଚ୍ଛାଉ ଅଛନ୍ତି ବାଳୁତ ପୁତ୍ରଙ୍କୁ ।
୩୫ ।୨ କୁତୋହୋଳେ ରହିଲେ ଧୃତରାଷ୍ଟଙ୍କୁ ଦାହି ।
୩୩ ।୨ ମୂର୍ଚ୍ଛାଉ-ଭୂଲାଉ, ମୋହକରି
୩୫ ।୨ ଗ୍ୱହିଂ-ମୁଖ ଗ୍ୱହିଂ, ଧୃତରାଷ୍ଟଙ୍କ ଅନୁରୋଧରେ
ଯେସନେକ ଯୋଗମାନ କଲୁ କି ପ୍ରଜାପତି
ପିତାର ଅଭାବେ ପୁତ୍ର କେବଣ ବାଗେ ବ୍ରତି । ୪୨ ।
ଧୃତରାଷ୍ଟ ବୋଇଲେ ହେ ଦଇବ ତୁ ସ୍ରିଜିଲୁ ସଚରାଚର
ବିନା ଅପରାଧେ କି- ନାଶ କଲୁ ଯେ ସଂସାର । ୪୩ ।
ନୋହୁ ନୋହୁ ଯେତେ କଷ୍ଟ ଯେ ନୋହୁ ସଂସାରକୁ
କେବଣ ଭାବେ ଜନମ କରାଉ ସମସ୍ତଙ୍କୁ । ୪୪ ।
ଜାତହୁଂ କଲୁ ଯେବେ ମରିବେ ନା ପ୍ରାଣୀ
ତୋହୋର ତହୁଂ ବିଗଂ୍ଯ ଆବର କେ ପରିମାଣି । ୪୫ ।
ଯେବେ ସ୍ରିଜିଲୁ ସେ ହୋଇବ ଚିରନ୍ତନ
ମହତ ଲୋକର ବାକ୍ୟ କି-ା ହୋଇବାକ ଆନ । ୪୬ ।
କିମ୍ଭୂତ ମାୟା ଯେ ନ ପାରିଲୁ ବୁଝି
ନାଶକର ଲେଖା ତ ନ ପାରିଲୁ ଶୁଝି । ୪୭ ।
ଯେତେ ଯେତେ ଦେବତା କଲେ ଯେତେ କୃତ୍ୟ
ତାହା ନାଶ କରିବାକୁ ଭିଆଇଲେ ଯେମନ୍ତ । ୪୮ ।
କେହି ନୁଆରିବ ନାମକଇ ବଞ୍ଚି
ନ ଜାଣି ପ୍ରାଣୀ ମରନ୍ତି କି-ା ଆମ୍ଭେ ସଞ୍ଚି । ୪୯ ।
ଅବଯେ ପୁରୁଷ ଯାହା ସଞ୍ଚିଲା ଦୃଢ କରି
କାଲାନ୍ତେକ ପୁରୁଷ ଯେ ଧଂସିଲା ଦଣ୍ଡଧାରୀ । ୫୦ ।
କରାଳୀ ବଲ୍ଲଭ ପଦ୍ମପାଦେ ମୋର ସେବା
ଶୂଦ୍ରମୁନି ସାରୋଳ ଦାସକୁ ଚିର ଆଷ୍ୟ ଦେବା । ୫୧-୩୨୦୨ ।

---

୪୪ ।୨ କି ନ୍ୟାୟୁଂ ମୃତୁ ଜାତ କରାଇ ଜନମାନଙ୍କୁ ।
୪୬ ।୨ ମହତଙ୍କର ବାକ୍ୟ କେବେହେଂ ନୋହେ ଆନ ।
ଧୃତରାଷ୍ଟ୍ରଙ୍କ ଶୋକରେ ଯୁଧିଷ୍ଠିର ତତ୍ତ୍ୱ କଥା କହି ସାନ୍ତ୍ୱନା ପ୍ରଦାନ କରିବା
ବଦୟନ୍ତି ଅଗସ୍ତି ଶୁଣ ମନୁ ଗ୍ୟାଂତ
ଯେଥିର ଉତ୍ତରୁ ହୋଇଲା ଯେତେ କଥା । ୧ ।
ରୋଗାର୍ତ୍ତୀ ଅପଣ୍ଡିତ ଅଗ୍ୟାନୀ ଜନ ଲୋକେ
ମଲା ଲୋକଙ୍କୁ ସେ ବିଗର କରନ୍ତି ଶୋକେ । ୨ ।
ତାହାର ଯେତେ ପୁଣ୍ୟ ମୁକତି ଗତି ଦେବା
ଯୁଞ୍ଚେଷ୍ଠି କହନ୍ତି ଶୁଣ ହୋ ରାଜଦେବା । ୩ ।
ଧୃତରାଷ୍ଟ ଯହୁଂ ବିସରିଲେ ପୁଅନ୍ତ କୋଳେ ଧରି
ଅନ୍ଧ ଲୋଚନରୁ ବହଇ କ୍ରୋଧ ଅଶ୍ରୁ ବାରି । ୪ ।
ଯୁଞ୍ଚେଷ୍ଠି ବୋଇଲେ ଶୁଣିମା ଜ୍ୟେଷ୍ଠ ତାତ
ପୃଥୀପତି ହୋଇ କି-ା କ୍ରୋଧ ଅପ୍ରମିତ । ୫ ।
ଯୁଗତେ ରାଜ୍ୟ ଯେବେ ରାଜା ହୋଯେ କ୍ରୋଧୀ

ମନ୍ଦ ବୃଦ୍ଧି ହୋଅଇ ଶରୀରେ ହୋୟେ ବ୍ୟାଧି । ୬ ।
ଅଭିଷେକ ହୋଇବା ରାଜାର ଅଶ୍ରୁଜଳ ପଡନ୍ତେଣ ସୃଷ୍ଟି
ପୃଥୀ ଫଳଦାୟକ ନୋହଇ ଇନ୍ଦ୍ରନ କରଇ ବୃଷ୍ଟି । ୭ ।
ନୃପତି ହୋଇ ୟେବେ ହୋଅଇ କ୍ରୋଧକାରୀ
ସନ୍ତାନ ହାନି ହୋଅଇ କନ୍ଧରୁ ଛାଡଇ ଶିରୀ । ୮ ।
ରାଜା ହୋଇ ୟେବେ କ୍ରୋଧ କରଇ ଭୋ ପିତା
ପ୍ରଥମେ ହବିର୍ଭାଗ ନ ଘେନଇ ଅଗ୍ନି ୟେ ଦେବତା । ୯ ।
ରାଜାର ଧର୍ମେ ସେ ବ୍ରତଇ ମହୀୟାଳୀ
ରାଜାର କ୍ରୋଧ ଦେଖ ସମସ୍ତେ ହୋଅନ୍ତ ବିକଳି । ୧୦ ।
ରାଜା ହୋଇ ୟେବେ ଅଦଭୁତେଣ କ୍ରୋଧୀ
ବୀର୍ଯ୍ୟ ହାନି ହୋଅଇ ଶତ୍ରୁ ନୋହଇ ସାଧି । ୧୧ ।
ପରରାଷ୍ଟ୍ର ଗ୍ରଗଣେ ଗୁପତେ ଥାଆନ୍ତିଟି ପିତା
ରାଜ୍ୟର ବିଲକ୍ଷଣ ପରରାଷ୍ଟ୍ରକୁ ହୋଅଇ ବାରତା । ୧୨ ।
ଚକ୍ଷୁ ଅବା ତୋହୋର ହୋଇଲା ଅଦୃଶ୍ୟ
ବଳବନ୍ତ ପଣ୍ଡିତ ତୁ ଗ୍ୟାଂତା ଭୂତ ୟେ ଭବିଷ୍ୟ । ୧୩ ।
ଆହାରେଣ ଜିତା ହାଡେ ହୋଇବାକ ରାଜା
ଶୃଙ୍ଗାରେଣ ଜିତା ହୋଇ ବିଳସିବ ଅନେକ ଭାରିଯା । ୧୪ ।
ଶହସ୍ରେ ଶାହସ୍ରେଣ ହୋଇବ ଜଗୁଜିତା
ପରରାଷ୍ଟ୍ରେ ଜିଣିମ ବାହାନେ ନିର୍ଜିତା । ୧୫ ।

---

୧୧ ।୧ ରାଜା ହୋଇ ୟେବେ ଅନମିତେ କ୍ରୋଧୀ ।
ଆଗ୍ୟାଂରେ ଥିବେ ପାତ୍ର ମନ୍ତ୍ରୀ ଗୋ ଶକତା । ୧୬ ।
ପ୍ରତାପ ଗୁଣ ବହିବ ହୋଇ ଅଣକ୍ରୋଧୀ
ପରଭୂମି ଘେନିମ ସମରେଣ ନିରୋଧୀ । ୧୭ ।
ଦଣ୍ଡେ ଦଣ୍ଡିଲେ ରାଜାକୁ ନୋହଇ ଅଧର୍ମ
କ୍ଷତ୍ରୀ କୁଳକୁ ନାଥ ୟେସନେକ ନିଜ କର୍ମ । ୧୮ ।
ୟେସନେକ ପରମାର୍ଥ କଥା ଧୃତରାଷ୍ଟଙ୍କୁ କହିଲେ ଯୁଝେଷ୍ଠି
ଶୁଣିଣ ରାଜା ବୋଇଲେ ତୁ ମୋହୋର ସାଧୁ ପୁତ୍ର ଗୋଟି । ୧୯ ।
ୟେତେ ଗ୍ୟାନବନ୍ତ ତୁ ବାଳୁତ ବୟସୁଂ
ନ ପଢି ପଣ୍ଡିତ ବାବୁ କେମନ୍ତେ ବିଘଂସୁ । ୨୦ ।
ହୃଦରେ କଳଙ୍କ ଘେନିଲେ ରାଜା ଯୁଝେଷ୍ଠି ଗୁଣ ବାଛି
ଆବର ପୁଅଙ୍କର ମୋର ଜୀବନ କାହିଂ ଅଛି । ୨୧ ।
ବାଳୁତ ପୁତ୍ର ବୋଲି ମୁଂ ଖେଳାଇଲି ୟେହାଙ୍କୁ
ଅନ୍ତେଣ ବ୍ରହ୍ମଗ୍ୟାନ ୟେ ଶିଖାଇଲା ମୁକୁ । ୨୨ ।
ରାଗ ଖଣ୍ଡି ଧରି ଧୃତରାଷ୍ଟ ବୋଇଲା
ବାବୁ ତୋହୋର ପିତା ପଣ୍ଡୁ ଶତଶିଂଗେ ନାଶ ଗଲା । ୨୩ ।
ଶୁଦ୍ଧ ଘୃତ ଘେନିଣ ଅଇଲେ ସଞ୍ଜୟେ
ୟେଥୁଂ ଗଣ୍ଡୁଷ କର ବାବୁ ଲିତୟେ, ଲିତୟେ । ୨୪ ।
ଯୁଝେଷ୍ଠି ବୋଇଲେ ବାବୁ ପଣ୍ଡୁର ନିମନ୍ତେ

ତହିଁକି ସନ୍ତାପ କି ନା ତାତ କରୁଅଛୁ ଯେତେ । ୨୫ ।
ପାପ ଯେ କଲା ପଣ୍ଡୁ ଅଳପେ ନାଶ ଗଲା
ଆମ୍ଭର କୃତ୍ୟମାନ ସେ ଦେଖି ନ ପାରିଲା । ୨୬ ।
ମଲେ ଗଲେ ପଣ୍ଡୁ ଆମ୍ଭର ନାହିଁ ଚିନ୍ତା
ତୁ ମାତ୍ର କ୍ଷମେ କୁଶଳେ ଥାଅସି ଜ୍ୟେଷ୍ଠ ପିତା । ୨୭ ।
ଭୋ ତାତ ରୋଗିତ ଅପଣ୍ଡିତ ଅଗ୍ୟାନୀ ଯଉଁ ଲୋକ
ମଲା ଲୋକଙ୍କୁ ଯେମାନେ କରୁଥାନ୍ତି ଶୋକ । ୨୮ ।

---

୧୮ ।୨ କ୍ଷତ୍ରୀକୁଳକୁ ରାଜା ଯେସନେକ ବିଧାନ
୨୦ ।୨ ନ ପଢି ପଣ୍ଡିତ ବାବୁ କେମନ୍ତେ ବୁଦ୍ଧି ଭାଷୁ ।
୨୧ ।୨ ଆବର ପୁଅଙ୍କର ମୋର ରାଜ୍ୟ କାହିଁ ଅଛି ।
୨୮ ଭୋ ତାତ ଅପାବନ ମୂର୍ଖ ଯେ ଅଟନ୍ତି ଯେବଣ ଲୋକ ।
ମଲା ଲୋକ ମରନ୍ତି କି-ା କରନ୍ତି ଶୋକ ।
ତହାର ପୁଣ୍ୟ ଥିଲା ସେ ଭୋଗ କରୁଥିଲା
ତହାର ପୁଣ୍ୟ ସରିଲା ସେ ଅଳପେ ନାଶ ଗଲା । ୨୯ ।
ତୋହୋର ମୋହୋର ଶୋକ କଲେ କିସ ହୋଇବ ମଲା ଲୋକକୁ
ଆପଣେ କଷ୍ଟୀ ହୋଇଲେ କି ପାଇବା ପିତାକୁ । ୩୦ ।
ଯୁଦ୍ଧେଷ୍ଠି ତିଆରିଲେ ଧୃତ ଯେ ରାଷ୍ଟଙ୍କୁ
ଅନ୍ଧ ବୋଇଲା ତୁ ଧାରଣା ହୋଇଲୁ ପଞ୍ଚୁକଟକକୁ । ୩୧ ।
ଯେ କୁଳକୁ ଉତପତ୍ତି ତୁହି ସେ ମହାବ୍ରହ୍ମି
ଶୋକ କ୍ରୋଧ ତେଜିଲା ସେ କୁରୁରାଜ ସ୍ତ୍ରୀମୀ । ୩୨ ।
ପାଞ୍ଚ ଉତ୍ତର ଶତେ ପୁତ୍ରେ ଘେନି ଅନ୍ଧ ଗଙ୍ଗାୟେ ସେ କଲେ ସ୍ନାନ
ଶୁଦ୍ଧ ଘୃତ ପାରଣା କରାଇଲେ ଉଦ୍ଦାଳକ ମହାମୁନ୍ୟ । ୩୩-୩୨୩୫ ।
ଗାନ୍ଧାରୀଙ୍କ କଥାରେ କୁନ୍ତୀଙ୍କ ଶତଶୃଙ୍ଗକୁ ସ୍ତୁତି ଓ ହସ୍ତିନା ଗମନ
ବଦୟନ୍ତି ଅଗସ୍ତି ଶୁଣସି ମନ୍ଦ ରାୟେ
ପୁତ୍ରଙ୍କୁ ନ ଦେଖିଣ ସେ ବିକଳ କୋଇନ୍ତାୟେ । ୧ ।
କୋଇନ୍ତାଙ୍କ ଅଗ୍ରତେ ସେ କହିଲେ ଭୂରିସର୍ବା
ଭୋ ମାତା ହସ୍ତିନା ପୁରକୁ ଚାଲ ଯିବା । ୨ ।
ମା ଗୋ ବାଟ ଚାହିଁ ଧୃତରାଷ୍ଟ ରାୟେ
ଅନ୍ନ ଭୋଜନ ନାହିଁ ଗୋ ତୁମ୍ଭର ଯିବା ଯାୟେ । ୩ ।
ଆମ୍ଭର ବଚନ ଗୋ ନ କର ବୋଲି ମାୟେ
ଗାନ୍ଧାରୀକି ପଠିଆଇଲେ ଧୃତରାଷ୍ଟ ରାୟେ । ୪ ।
ସେ ଚାରିପୁତ୍ର ଗୋ ଅଛନ୍ତି ତୋର ତହିଁ
ଯେ ପୁତ୍ର ଘେନି ଚାଲ ଯିବା ମହାମାୟୀ । ୫ ।
ଗାନ୍ଧାରୀ କୋଳ କରି ଧଇଲେ କୋଇନ୍ତାଙ୍କୁ
ମା ଗୋ ଯିବା ଚାଲ ଆମ୍ଭ ସଙ୍ଗେ ହସ୍ତିନା ଭୁବନକୁ । ୬ ।
କୋଇନ୍ତାୟେ ବୋଇଲେ ଗୋ ତୁମ୍ଭେ ନୋହସି ଦୟାବନ୍ତ
ସମ୍ଭାଳି ନ ପାରିବ ଗୋ ମୋହୋର ପୁଅନ୍ତ । ୭
ଯେବେ ମୋତେ ଅପାର କରିଛ ସଦୟେ

କାଳେ ମୋତେ ସମ୍ଭାଳି ନ ପାରିବ ବୋଇଲେ କୋଇନ୍ତାୟେ । ୮ ।
ସେ ଗ୍ୟରି ପୁତ୍ର ଗୋ ଥାଆନ୍ତୁ ତୋର ତହିଁ
ୟେ ସାନ ପୁତ୍ର ଗୋ ଘେନି ୟେଥେ ଥାଇଁ ରହି । ୯ । ସଂଖ୍ୟା
କୋଇନ୍ତାଙ୍କର ଅଗ୍ରତେ କହନ୍ତି ଗାନ୍ଧାରୀ
ରାଜ୍ୟ ଛାଡି ବନେ କି ଥିବୁ ଦୁଖ ପଡି । ୧୦ ।
ୟେ ସଂସାର ଦୁଖ ନ ଦେଖିବି ବୋଲି
ତେଣୁ କରି ହାଦେ ମୁଁ ଅନ୍ଧପଟଳ ବାନ୍ଧିଲି । ୧୧ ।
ଅନ୍ଧ ଅନ୍ଧୁଣୀ ଆମ୍ଭେ ହୋଇଲୁ ଅଚଳ
ସବୁ ପୁଅନ୍ତ ମାତା ଯତନେ ପ୍ରତିପାଳ । ୧୨ ।
କେତେକାଳ ବ୍ରତିବୁଁ ଆମ୍ଭେ ଅନ୍ଧ ଯେ ଅନ୍ଧୁଣୀ
ତୁହି ସେ ପଞ୍ଚରାଜ୍ୟକୁ ହୋଇବୁ କାରେଣୀ । ୧୩ ।
ୟେକା ପଣ୍ଡୁକୁ ମାତ୍ର ଗୋ ମୁଁ ଦେଇ ନ ପାରିବି
ତୋହୋର ଆଗ୍ୟାଂବ୍ରତୀ ହୋଇ ପୁତ୍ରେ ଥିବେ ସେବି । ୧୪ ।
ଉଠିଣ ଗାନ୍ଧାରୀ କୋଇନ୍ତାକୁ କୋଳ କଲେ
ମୁଁ ତୋହୋର ଆପାଦ ଘେନି ଯାଇଁ କି ନା ଶିର ଆଉଁଶିଲେ । ୧୫ ।
କୋଳ କରି ନେଇ କୋଇନ୍ତାଙ୍କୁ ବସାଇଲେ ରଥେ
ସହଦେବଙ୍କୁ କୋଳେ ଧଇଲେ ଦେବୀ କୋନ୍ତେ । ୧୬ ।
ଶିବପାଦ ନାମେ ରାଇଲେ କିରାତକୁ
ତୁ ବାବୁ ଅନେକ ଭଗତ ହୋଇଥିଲୁ ପଣ୍ଡୁଙ୍କୁ । ୧୭ ।
ଶତଶିଂଗ ପର୍ବତେ ରାଜ୍ୟ କର ତୁ ନିଶ୍ଚିନ୍ତେ
ୟେ ଧନମାନ ତୁ ବିଳସ ସୁଚିତ୍ତେ । ୧୮ ।
ଅନେକ ପୁରୁଷାର୍ଥ ଥାଇ ସର୍ବ ଦ୍ୱାରେ
ଜଗତ ହିତ ତୋତେ ବୋଲନ୍ତି ପଣ୍ଡୁ ନୃପବରେ । ୧୯ ।
ତୁହି ସଖା ହୋଇଲୁ ୟେହୁ ବନସ୍ତକୁ
ଅନେକ ଭଗତ ଭାବେ ଖଟିଥିଲୁ ପଣ୍ଡୁଙ୍କୁ । ୨୦ ।
ୟେବେ ୟେଥେ କିରାତ ତୁ ହୋଅ ମହୀପାଳ
ଆମ୍ଭଙ୍କୁ ସ୍ନେହ କରିଥିବୁଟି ଚିରକାଳ । ୨୧ ।
ତୁହି ସର୍ବକାଳେ ସ୍ନେହ କରିଥିବୁ ମୁକୁ
ୟେଥକୁ ଅଇଲେ ସମ୍ଭାଳିବୁ ତୁ ମୋହୋର ପୁଅଙ୍କୁ । ୨୨ ।
ଭୋ ମହତ ଗିରିବର ମୋତେ ଦୟା କରିଥିବା
ମୋହୋ ପାପ କରମେ ତୋତେ କରି ନ ପାରିଲି ସେବା । ୨୩ ।
ହିମବନ୍ତର ନନ୍ଦନ ଗିରିଜାର ଜ୍ୟେଷ୍ଠ ଭ୍ରାଥ
ଶରଣ ରକ୍ଷଣ ସ୍ୱାମୀ ତୁ ଗିରିବର ମହତ । ୨୪ ।
ପର୍ବତ ସ୍ତୁତି କର ଆସନ୍ତି ଶାକମ୍ଭ୍ରରୀ
ଲେଉଟି, ଲେଉଟି ଗ୍ୟହିଁ ଅଇଲେ ଯୁଣ ଗ୍ୟରି । ୨୫ । ସଂଖ୍ୟା
ଭୀଷ୍ମ ଭୂରିସର୍ବା ଗାନ୍ଧାରୀ କୋଇନ୍ତା ଦେବୀ
ହସ୍ତିନାକୁ ଚିଲିଲେ ବ୍ୟାସଙ୍କର ପଦ ସେବି । ୨୬ ।
ବ୍ୟାସେ ବୋଲେ ଗୋ ଶୁଣସି ଗାନ୍ଧାରୀ
ୟେମନ୍ତେ କୋଇନ୍ତାୟେ ପଣ୍ଡୁଙ୍କୁ ନ ସୁମରି । ୨୭ ।
ଯତନ କରି ଗୋ ୟେହାଙ୍କୁ ଥାଅସି ପ୍ରତିପାଳି

ତୁ ମହତ କୁଳୀଣ ଗୋ ଅଟୁ ଶୁଦ୍ଧଶାଳୀ । ୨୮ ।
ଶତଶିଂଗ ଛାଡିଲା ସେ ତୋହୋର ପ୍ରତିଆଶୁ
ଆମ୍ଭେ ହସ୍ତିନାକୁ ସମୟେକେ ଯାଇଁ ଆସୁ । ୨୯ ।
ତିଆରିଣ ବାହୁଡିଲେ ପାରେଶ୍ୱରଙ୍କ ସୁତ
ପ୍ରୟାଗେଣ ପ୍ରବେଶ ହୋଇଲେକ ତପୋବନ୍ତ । ୩୦ ।
ହସ୍ତିନାରେ ପ୍ରବେଶ ଯାଇ ହୋଇଲେ ଦେବୀ କୋନ୍ତେ
ସଞ୍ଜୟେ କହିଲେ ଧୃତରାଷ୍ଟଙ୍କ ଅଗ୍ରତେ । ୩୧ ।
ଭୋ ଧୃତରାଷ୍ଟ ଆଣିଲୁ ଆମ୍ଭେ କୋଇନ୍ତାଙ୍କୁ
କୋଳେ ନେଇ ଦିଲେ ନନ୍ଦନ ସହଦେବଙ୍କୁ । ୩୨ ।
ହୃଦେ ଭରିଣ ସେ ବୋଲଇ ଅନ୍ଧରାୟେ
ୟେହେନେକ ଅରକ୍ଷିତ ତୁ ହୋଇଲୁରେ ତନୟେ । ୩୩ ।
କ୍ରୋଧ ସମ୍ଭାଳମ ସେ କଲେକ ସମସ୍ତେ
ଗରୁ ଚିନ୍ତାଭରେ ସେ ରହିଲେ କୋଇନ୍ତେ । ୩୪ ।
ୟୁଧେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
ୟେ ପଞ୍ଚନନ୍ଦନ ଯେ ହୋଇଲେ ୟେକଠାବ । ୩୫-୩୨୬୯ ।
ରାଜକୁମାରଙ୍କ ବିଦ୍ୟାଶିକ୍ଷା ପ୍ରସଙ୍ଗେ ଦ୍ରୋଣଙ୍କ ଜନ୍ମ ଉପାଖ୍ୟାନ
ବଦୟନ୍ତି ଅଗସ୍ତି ଶୁଣ ହୋ ୟୁଗପତି
ପଞ୍ଚୁପୁତ୍ର ପାଳି ରହିଲେ ଦେବୀ କୋନ୍ତୀ । ୧ ।
କାଶୀପତିବୋଲି କର ୟେକଇ ଦ୍ୱିଜବର
ପାଠ ଗୁରୁ ହୋଇଲେ ସେ ସବୁ ଭାଇଙ୍କର । ୨ ।
ଧୃତରାଷ୍ଟ ବୋଇଲେ ଭୀଷ୍ମଙ୍କର ପାଶେ
ସମସ୍ତ ପୁତ୍ରମାନଙ୍କୁ ବିଦ୍ୟା ଶିଖାଅ ଆଦେଶେ । ୩ ।
ଭାଗ୍ୟବର ବିଦ୍ୟାଗୁରୁ ହୋଇଲେ ତୁମ୍ଭଙ୍କୁ
ସେ ବିଦ୍ୟା ପ୍ରସନ୍ନେ ଯେ ଶିଖାଅ ପୁଅଙ୍କୁ । ୪ ।
ଇନ୍ଦ୍ରପ୍ରଶସ୍ତ କତିରେ ହିରଣ୍ୟକ ବନ
ତହିଁ ନେଇ ଆଖଡା କଲେ ଗୋପ୍ୟ ଥାନ । ୫ ।
ଭୀଷ୍ମେ ବିଦ୍ୟାଗୁରୁ ହୋଇଲେ ଆଖଡାର
ବିଦ୍ୟା ଆରମ୍ଭ ଯେ କଲେ କ୍ଷତ୍ରି ବର । ୬ ।
ସକାଳ ମଧ୍ୟାହ୍ନ ଦୁଇବେଳ ଆଖଡା
ଦ୍ୱିପ୍ରହରେ ସର୍ବ ପାଠ ପଢନ୍ତି ସର୍ବ ବୀର । ୭ ।
ବଇବସୁତ ମନୁ ଯେ ପଚାରିଲେ ବ୍ରହ୍ମଚାରୀ
ଭୀଷ୍ମେ ବିଦ୍ୟାଗୁରୁ ହୋଇଲେ ଦଣ୍ଡଧାରୀ । ୮ ।
ଦ୍ରୋଣେ ବିଦ୍ୟାଗୁରୁ ହୋଇଲେ କେମନ୍ତେ
କାହିଁ ଯାଇ ମିଳିଲେ ସେ ଭାରଦ୍ୱାଜଶଙ୍କ ସୁତେ । ୯ ।
ଭାରଦ୍ୱାଜଶଙ୍କ ନନ୍ଦନ ଅଟନ୍ତି ଗୁରୁ ଦ୍ରୋଣେ
କ୍ଷତ୍ରୀ ବିଦ୍ୟା ସେ କାହିଁ ପାଇଲେ କି କାରଣେ । ୧୦ ।
ୟେଥର ଚରିତ ମୋରେ କହିବା ତପନିଷ୍ଠି
ଶୁଣିଣ ଭ୍ରାନ୍ତି ମନରୁ ଯାଉ ମୋର ଫିଟି । ୧୧ ।
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
କଶ୍ୟପ ଗୋତ୍ରୀ ଯେ ଅଟନ୍ତି ଶତମନୁ । ୧୨ ।

ଶତମନ୍ୟୁର ପୁତ୍ର ତାରଣ ମହର୍ଷି
ଅଜମୀଢ ବୋଲି କରି ଯେହାଙ୍କର ଶିଷି । ୧୩ ।
ଅଜମୀଢ ନନ୍ଦନ ଅଟଇ କୃତକେଶୀ
ବ୍ରହ୍ମରାକ୍ଷସ ହୋଇ ସେ ଅନେକ ଜୀବ ନାଶି । ୧୪ ।
କୃଷ୍ଣ ଅବତାରେ ତାକୁ ମାଇଲେ ଦେବ ହରି
ଯେହାର ନନ୍ଦନ ଯେ ଅଟଇ ସଉଭରି । ୧୫ ।
ସଉଭରିର ନନ୍ଦନ ନାରାୟଣ ମହର୍ଷି
ସ୍ତ୍ରୟେଂଶ ତପୋବନ୍ତ ପୁରୁଷ ତପସ୍ତ୍ରୀ । ୧୬ ।
ନାରାୟଣର ନନ୍ଦନ ମଦନ ତପୋବନ୍ତା
ଯେହାର ନନ୍ଦନ ନାମ ହେଲା ବ୍ରହ୍ମବେତ୍ତା । ୧୭ ।
ବ୍ରହ୍ମବେତ୍ତାର ନନ୍ଦନ ଶରଦ ମହର୍ଷି
ଭାନୁବନ୍ତବୋଲି କରି ଏହାଙ୍କର ଶିଷି । ୧୮ ।
ଭାନୁବନ୍ତର ନନ୍ଦନ ସୁଦେବ ବ୍ରାହ୍ମଣ
ତାହାଙ୍କର ନନ୍ଦନ ମାରକଣ୍ଡ ଦେବ ଜାଣ । ୧୯ ।
ମାରକଣ୍ଡର ନନ୍ଦନ ତୀରଣ ତେଜ ମୁନି
ତାହାର ନନ୍ଦନ ଅଟଇ ଶାନ୍ତିପନୀ । ୨୦ ।
ଯେହାଙ୍କର ନନ୍ଦନ ଅରୁଣ ମହର୍ଷି
ଜଳଦ ବୋଲିଣ ଯେହାଙ୍କର ଶିଷି । ୨୧ ।
ଜଳଦର ନନ୍ଦନ ଦ୍ୱାଦଶ ବିଶ୍ତ୍ରଦେବା
ଯେ ସେ ମୃଗପାଳ ଖଟନ୍ତି ମଘବା । ୨୨ ।
ଦ୍ୱାଦଶ ବିଶ୍ତ୍ରଦେବାଯେ ସଂଘରଣ କଲେ ରତି
ବିଭା ହୋଇଣ ସେ ଉପେକ୍ଷିଲେ ଯୁବତୀ । ୨୩ ।
ପୁରୁଷ ନପୁଂସକ ସେ ହୋଇଲେ ମହାଯତି
ନିରାଶି ଭାଙ୍ଗିଲେ ସେ ଅନଙ୍ଗ ଦର୍ପ ମୂର୍ତ୍ତି । ୨୪ ।
ବୟାସେ କହିଲେ ସେ ଅପୁତ୍ରିକ ହୋଇଲେ
ଯମ ଶାସ୍ତି ଦିଅଇ ସଂଜୀବନୀ ପୁର ଗଲେ । ୨୫ ।

---

୧୪ ।୧ ଅନନ୍ତ ନନ୍ଦନ ଅଟଇ କୃତକେଶୀ ।
୨୦ ।୧ ତୀରଣ ତେଜ-ତୀର୍ଣ୍ଣତେଜ
୨୦ ।୨ ଶାନ୍ତିପନୀ-ସାନ୍ଦୀପନୀ
୨୩ ।୧ ସଂଘରଣ-ସଂହରଣ-ତ୍ୟାଗ
ଅନେକ ପାତକ ଯେବେ ମଧ୍ୟ ପୁରେ କରି ଥିବ
ସନ୍ତାନ ଥିଲେ ଯେହାନ୍ତ ଦଣ୍ଡି ନ ପାରଇ ଯମଦେବ । ୨୬ ।
ଧର୍ମଲୋକ ବିଚାରି ବୋଲନ୍ତି ଯେହାନ୍ତ ନ ଦିଅ ଶାସ୍ତି
ମଞ୍ଚେ ସନ୍ତାନ ଅଛି ଯେହାକୁ କରିବେ ସଦଗତି । ୨୭ ।
ପୁତ୍ର ଯେବେ ଯେହାଙ୍କର ନ କରିବ ଧର୍ମ ବାଟ
ତେତେ ବେଳେ ପଛେ ଯେହାର ମାଂସ କାଟ । ୨୮ ।
ଅପୁତ୍ରିକ ହୋଇ ଯେ ମରନ୍ତି ଯେବଣ ପ୍ରାଣୀ
ଧାତିକାରେ ନାଶକର ତାକୁ ଶାସ୍ତି ଦିଅଇ ଆଣି । ୨୯ ।

ସନ୍ତାନ ଯାହାର ଗୋଟିଏ ଥାଇ ପିତାର ମରନ୍ତେ
ପିତାକୁ ଯମ ଶାସ୍ତି ଦେଇ ନ ପାରଇ ସେ ପୁତ୍ର ମରିବା ପରିଯନ୍ତେ । ୩୦ ।
ବିଶ୍ୱେଦେବାଏ ଶୁଣିଲେ ବ୍ୟାସଙ୍କର ପୁରାଣେ
ପୁତ୍ର ଜାତ କରିବାକୁ ଇଚ୍ଛନ୍ତି ପୁଣ ମନେ । ୩୧ ।
କାମସେଣା ନାମେଣ ଯେକଇ ଅପକ୍ଷରୀ
ବାସବ ଦେବତାର ସଙ୍ଗେ ସେ କ୍ରୀଡା ରଙ୍ଗ କରି । ୩୨ ।
କାମ କୁତୁହୋଳେ ସେ ପ୍ରେମରସ ଭରେ
ଇନ୍ଦ୍ର ଦେବତାଙ୍କୁ ସେ ନିନ୍ଦା କଲାକ ଶୃଙ୍ଗାରେ । ୩୩ ।
ବୋଇଲା ଇନ୍ଦ୍ର ତୁ ହୋ ମୋତେ ରମଣେ ନୋହୁ ସରି
ଅଭୟେ କାମେନୀ ସେଇନ୍ଦ୍ରକୁ ତଳେ ପାଡି । ୩୪ ।
କରଇ ରମଣ ସେ ଇନ୍ଦ୍ର ବାସବର ଉପରେଣ ଉଠି
ଇନ୍ଦ୍ର ଦେବତା ତାହାକୁ ବିକୋତିଲା ତଦ୍ୟାପି ନ ପାରିଲା ଉଠି ଫୁଟି । ୩୫ ।
କାମ ଖଳିତ ଯହୁଁ ହୋଇଲାକ ବାଳୀ
ଅଚେତ ହୋଇ ପଲଙ୍କ ତଳେ ପଡିଲା ସେ ଢଳି । ୩୬ ।
ଇନ୍ଦ୍ର ଦେବତାଙ୍କ ଶରୀରେ ବିଦାରଣ ନଖ, ଦନ୍ତ, ଘାଏ
ଶରୀର ଯାକ ବିକୋତିଲା କଣ୍ଟିଲତା ପ୍ରାଏ । ୩୭ ।
କାମ କାଳେ ତାହାର ଗୋଚର ନ ଗଲା
ଶୃଙ୍ଗାର ନିଗ୍ରହେ ଇନ୍ଦ୍ର ଦେବତାର କୋପ ଯେ ବଢିଲା । ୩୮ ।
ମୁହିଁ ରତି ଶାହାସ୍ରେଣ ନିର୍ଜିତା ବେଶ୍ୟାନ୍ତ ବିକୋତି
କୋଟିଏ ବିଲାସୁଣୀ ମୁଁ ରମଣ କରଇ ନିତି । ୩୯ ।
ତୋତେ ହାରିଲି ମୁଁ ଶୃଙ୍ଗାର ରତିକାଳେ
ପୁରୁଷ କୁଳକୁ ଦୁଷିଲୁ ତୁ ଅମର ମଣ୍ଡଳେ । ୪୦ ।
ମୋହୋରେ ତ୍ରିପୁତି ତୁ ନୋହିଲୁ ଶୃଙ୍ଗାରେ
ବାତୁଳୀ ହୋଇ ତୁ ଲୋ ବୁଲ ମଧ୍ୟପୁରେ । ୪୧ ।
ଅଭାବେ ଭ୍ରମ ତୁ ଲୋ ଲାଜ କର ଉପେକ୍ଷା
ଥନ ଜାନୁ ଭବମାର୍ଗ ତୋର ମଞ୍ଚପୁରେ ଦେଖା । ୪୨ ।
ମଞ୍ଚେଣ ବୁଲୁଥିବୁ ତୁ ଉଲଗ୍ନସାହୀ ହୋଇ
ସମସ୍ତେ ଶୃଙ୍ଗାର ତୋତେ କରନ୍ତୁ ଥନ ଜାନୁ ଗ୍ରହିଁ । ୪୩ ।
ମୋହୋରେ ତ୍ରିପୁତି ଯେ ନୋହିଲୁ ରତିକାଳେ
ଲକ୍ଷେ ଇନ୍ଦ୍ରି ଭୋଗ କର ତୁ ଲୋ ମଞ୍ଚମଣ୍ଡଳେ । ୪୪ । ସଂଖ୍ୟା
କାର୍ପୁଣ୍ୟ ହୋଇ ବାଳୀ କହଇ ଉତ୍ତର
ଭୋ ବାସବ ଦେବତା ମୋତେ କର ପ୍ରତିକାର । ୪୫ ।
ସ୍ତିରୀ ହୋଇଣ ମୁଁ ହୋଇଲି ମହାଗର୍ବୀ
ପ୍ରକୃତି ଜାଣି ନୁଆରିଲି ମୁହିଁ ସେବି । ୪୬ ।
ମୁହିଁ ଅମର ଅଷ୍ଟ ନାୟେକାରେ ଅଟଇ ଯେକ
କେତେ କାଳରେ ଖଣ୍ଡିବି ମୋହୋର ପାତେକ । ୪୭ ।
ଭାବିନୀ ଭାବେ ପୁଣି ଦୟା କଲେ ଇନ୍ଦ୍ର
ତ୍ରେତୟା ଯୁଗେ ତୁ ଅନେକ କରାଇବୁ ମନ୍ଦ । ୪୮ ।
ତ୍ରେତୟା ଯୁଗ ତେରଲକ୍ଷ ପଞ୍ଚଚାଳିଶ ସହସ୍ର ବରଷ ପରିଯନ୍ତେ
ବିଶ୍ୱେ ଦେବତାଏ ତୋତେ ରମନ୍ତୁ ତ୍ରେତୟା ଯୁଗ ଅନ୍ତେ । ୪୯ । ସଂଖ୍ୟା

ତାହାଙ୍କର ବୀର୍ଯ୍ୟେ ଉପୁଜିବ ଯେକ ପୁତ୍ର
ସେ ପୁତ୍ର ଦର୍ଶନ ମାତ୍ରେ ତୋତେ ସ୍ୱର୍ଗ ହୋଉ ପରାପତ । ୫୦ ।
ଯେସନେକ ଶାପ ଯହ୍ନଂ ଦିଲେ ପୁରନ୍ଦର
ମଞ୍ଚେ ଆସି ବାତୁଳୀ ହୋଇଣ ସେ ବୁଲଇ ବନସ୍ତର । ୫୧ ।
ତ୍ରିଭୁବନ ମୋହିନୀ ସେ ଅପୂର୍ବ ଚଞ୍ଚଳା
ଥନ ଜାନୁ ଦେଖାଇ ସେ ବୁଲଇ ଲଙ୍ଗଳା । ୫୨ ।
ବିଶ୍ୱ ଦେବତାୟେ ତାକୁ ଦେଖନ୍ତି ନିତି ପ୍ରତି
ଯେହ୍ନ ଦେଖଇ ତାକୁ ଇଛାୟେ କରଇ ରତି । ୫୩ ।

---

୪୫ ।ୖ କିଙ୍କର ହୋଇ ବାଳୀ କହଇ ଉତ୍ତର ।
କାମେନୀକୁ ଗାଢେ ଶାପ ଦିଲେ ସୁରସାଇଂ
ଶାପ ଚେରେଷ୍ଟା ଲାଗିଲା ହୋଇଲା ସେ କାମେ ବାଇ । ୫୪ ।
ତୁଳ ମାସ କୃଷ୍ଣପକ୍ଷ ଦ୍ୱିତୀୟାର ତିଥି
ଦ୍ୱିଜା ନକ୍ଷତ୍ର ଯେ ବାର ବୃହସ୍ପତି । ୫୫ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
କୌଳବ ନାମେ କରଣ ବ୍ୟତିପାତ ନାମେ ଯୋଗ
ତୁଳ ସଂକ୍ରାନ୍ତିକି ଗରି ଦିବସ ଯାଇ ଭୋଗ । ୫୬ ।
ସେ ଦିନ ଭ୍ରମିଣ ଯାଉଛି ବାତୁଳୀ
ଉତ୍ରାଙ୍କୁର ତୀର୍ଥରେ ସେ ଶରୀର ପଖାଳି । ୫୭ ।
କଣୟ ଗିରି ଉପରେ ଅଛଇ ବାଳୀ ଶୋଇ
ଦ୍ୱାଦଶ ପୁରୁଷ ଯେ ମୋହ ଗଲେ ଗହିଂ । ୫୮ । ସଂଖ୍ୟା
ବୋଇଲେ ଅଟଇ ଯେ ତ ଆକାଶର ଅପକ୍ଷରୀ
ଅତି ଗର୍ବେ ଯେହାକୁ ଶାପ ଦିଲେ ବଜ୍ରଧାରୀ । ୫୯ ।
ଯେହାର ତୁଲେ ହୋ ସଭିଯେ ରମଣ କର
ଅବିକ୍ଷଣେ ଧ୍ୟାୟେ କରି ଶୃଙ୍ଗାର । ୬୦ ।
ସମସ୍ତେ ଛାଡିବା ହୋ ଯେକ ଯୋଗ କରି ବୀର୍ଯ୍ୟ
ବିତକ୍ଷଣ ହୋଇଣ ଯେଥୁଂ ଉପୁଜିବ ଆତ୍ମଜ । ୬୧ ।
ବନେ ପର୍ବତେ ତ ଯେକା ଅଛଇ ଯୁବତୀ
ବିଶ୍ୱଦେବାୟେ ତାହାକୁ ଶୃଙ୍ଗାର କଲେ ଧାତି । ୬୨ ।
ରତି ଭୋଗ କଲେ ସେ ଦ୍ୱାଦଶ ବିଶ୍ୱଦେବ
ସବୁହିଂ ବୀର୍ଯ୍ୟ ପ୍ରଦାନ କଲେ ଭବ । ୬୩ ।
ଦ୍ୱାଦଶ ବୀର୍ଯ୍ୟ ଯେକା ଗର୍ଭେଣ ରହିଲା
ଯେକଇ ପୁତ୍ର ସେ ମହାଭାରା ପାଇଲା । ୬୪ । ସଂଖ୍ୟା
କକାଡା ମାସ ଆବର ପୂର୍ଣ୍ଣିମାର ରାତ୍ର
ରବିବାର କୁମ୍ଭ ରାଶି ଶତଭିଷା ନକ୍ଷତ୍ର । ୬୫ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବିଷ୍ଟି ନାମେ କରଣ ଅତିଗଣ୍ଡ ଯୋଗ
କକଡା ସଂକରାନ୍ତିର ନବଦିନ ଭୋଗ । ୬୬ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର

---

୬୩ ଦ୍ୱାଦଶହିଂ ବୀର୍ଯ୍ୟ ଛାଡିଲେ ଅସମ୍ଭବ ।
ସବୁରି ବୀର୍ଯ୍ୟ ପ୍ରଦାନ କଲେ ଗର୍ଭ ।

୬୧ ବିତକ୍ଷଣ-ବିଚକ୍ଷଣ
ତିଥି ବାର ନକ୍ଷତ୍ର ଯେ ଚନ୍ଦ୍ର ଯୋଗବଳେ
ପୁତ୍ରେକ ଉପୁଜିଲା ଯେ ମହାନିଶା କାଳେ । ୬୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
କୁମର ମହାପ୍ରତାପୀ ମହାଭୀଷ୍ମ ରୂପୀ
ପେଟ ବିଦାରିଣ ପୁତ୍ର ଜନମ ହୋଇଲେ କ୍ଷେପି । ୬୮ ।
ଦ୍ୱାଦଶ ବଦନ ଦ୍ୱାଦଶ ତାର ଭୁଜ
ଆଦିତ୍ୟକୁ ଲାଗିଲା କୁମାରର ତେଜ । ୬୯ । ସଂଖ୍ୟା
ପୁତ୍ର ଜନ୍ମିଲା ଯେ ମାତା ନାଶ ଗଲା
ବିଶ୍ୱଦେବା ପୁରୁଷ ତାହା କୋଳେଣ ଧଇଲା । ୭୦ ।
ସ୍ୱରୂପ ଦେଖିଣ ତୋଷ ହୋଇଲେ ମହାଯତି
ଦ୍ୱାଦଶ ବଦନ ଯେ ସବୁଙ୍କରି ମୂର୍ତ୍ତି । ୭୧ । ସଂଖ୍ୟା
ମହାଭାର ପାଇଣ ଯେ ମାତା ନାଶ ଗଲା
ଦ୍ୱାଦଶ ବିଶ୍ୱଦେବାଙ୍କ ବୀର୍ଯ୍ୟ ସଂହରି ହୋଇଲା । ୭୨ । ସଂଖ୍ୟା
ପୁତ୍ର କୋଳେ ଧରି ସେ ଦ୍ୱାଦଶ ପୁରୁଷ
ତୋଷେଣ ନାମ ତାକୁ ଦିଲେ ଭାରଦ୍ୱାଦଶ । ୭୩ । ସଂଖ୍ୟା
ପୁତ୍ର ଉପୁଜାଇ ସେ ବାତୁଳୀ ନାଶ ଗଲା
ଅମର ପୁରେ ସୁରନାଥଙ୍କୁ ଦ୍ରଶନ ସେହ୍ନ କଲା । ୭୪ ।
ଦେଖିଣ ସାନନ୍ଦ ଯେ ହୋଇଲେ ମଘବାନ
ଶାପକୁ ଅନଗୃହ କଲେ ସୁରରାଜ ପୁଣ । ୭୫ ।
ବିଶ୍ୱଦେବା ସମର୍ପିଲେ ଯଦୁ ମହାଋଷିଙ୍କି
ସେ ନେଇ ପାଳିଲେ ଅଗ୍ୟାନ ବାଳ ଶିଷିକି । ୭୬-୩୩୪୬ ।

---

୭୨ ।୨ ଦ୍ୱାଦଶ ବିଶ୍ୱଦେବା ବୀର୍ଯ୍ୟ ସଙ୍ଗ ହେଲା ।
ଦ୍ୱାଦଶ ବିଶ୍ୱଦେବାଙ୍କ ସଙ୍ଗମେ ହୋଇଲା ।
ଦ୍ରୋଣଙ୍କ ଜନ୍ମ ଓ କୃପୀସହ ବିବାହ
ବଦୟନ୍ତି ଅଗସ୍ତି ଶୁଣ ବୈବସୁତ ମନୁ
ଯେ ସେ ଭାରଦ୍ୱାଦଶ ବଢିଲା ବ୍ରହ୍ମଗ୍ୟାନୁଂ । ୧ ।
ଆହୋ ମନ୍ଦପାଳ ଋଷିଙ୍କର ଭାର୍ଯ୍ୟା ଭାନୁମତୀ
ତାହାର ନନ୍ଦନୀ ଯେ ଶ୍ରିୟା ସରସ୍ୱତୀ । ୨ ।
ଭାରଦ୍ୱାଦଶେ ପ୍ରଦାନ ହୋଇଲେ ସେ କନ୍ୟାକୁ
ବନ୍ଦାପନା କାଳୁଂ ରମଣ ନ କଲା ଯେ ତାକୁ । ୩ ।
ତପରେଣ ଇନ୍ଦ୍ରି ମାଇଲେ ବ୍ରହ୍ମଋଷି
ଶିଷ୍ଟୁମୁନା ଟେକି ସେ ହୋଇଲେ ତପବାସୀ । ୪ ।
ସେ ଶ୍ରିୟା ଭଗତି ହୋଇ ଥାଇ ଅନୁବ୍ରତେ
ଶୃଙ୍ଗାର ଲେଛଇଲେ ସେ ଶତବରଷ ପରିଯନ୍ତେ । ୫ । ସଂଖ୍ୟା
ପ୍ରୟାଗ ତୀର୍ଥରେ ପୁରାଣ ପଢୁଅଛନ୍ତି ଅଗସ୍ତି
ଯେତେ ଥିଲେ ତପ, ସନ୍ତାନ ନ ଥିଲେ ନାହିଂ ସଦଗତି । ୬ ।
ଯେସନେକ ଚରିତ ଶୁଣିଲେ ପୁରାଣ ବଚନେ
ଅନେକ ବିରସ ବାଳୀ ସନ୍ତାନ ବିହ୍ନନେ । ୭ ।

ଶ୍ରିୟା ପୁଛା କଲେ ପୁରାଣ ବେଳେ ଅଗସ୍ତିଙ୍କି
ସ୍ତ୍ରୀମୀ ପରଦାରା ଶୃଙ୍ଗାର କଲେ କିସ ଦୋଷ ସ୍ତିରୀକି । ୮ ।
ଅଗସ୍ତି ବୋଇଲେ ମା ଗୋ କରିବାନା ଉପାୟେ
ଅଷ୍ଟ ପ୍ରକାରେ ଜାତ କରିବା ଅଛି ତ ତନୟେ । ୯ ।
ନିଜ ସ୍ତ୍ରୀମୀ ବୀର୍ଯ୍ୟେ ଯେବେ ନୋହିଲା ସନ୍ତତି
ଯଗଂ୍ୟ କରାଇ ସେ ସନ୍ତାନ କରିବ ଉତପତ୍ତି । ୧୦ ।
ତେଣେ ପୁତ୍ର ଯେବେ ନୋହିଲାକ ଜାତ
ତୀର୍ଥ ସେ ପଶି ଲୋଡିବ ଯେ ଫଳ ପ୍ରାପତ । ୧୧ ।
ୟେମନ୍ତେ ହେଂ ଯେବେ ନୋହିଲା ସନ୍ତାନ
ରାମାୟଣ ଶୁଣ ମା ଗୋ ଆଦି ଅନ୍ତ ମଧ୍ୟମାନ । ୧୨ ।
ତେତେ ବାଗେ ଯେବେ ନୋହିଲା ସନ୍ତାନ
ପର ପୁତ୍ର ଗୋଟିଏ କିଣି କରିବ ପାଳନ । ୧୩ ।
ତହିଁରେ ଯେବେ ପୁତ୍ର ନ ପାଇବ ଲୋଡି
ପରଦାରା କରାଇ ହୋଇବ ଦୋଗ୍ରୀ । ୧୪ ।
ତେତେ ବାଗେ ଯେବେ ନୋହିବ ଆତ୍ମଜା
ଧର୍ମ ଅର୍ଥେ ବିଭା ହୋଇବା ଆପଣା ଭଣଜ୍ଜା । ୧୫ ।

---

୧୧ ।୨ ତୀର୍ଥରେ ପଶି ଲୋଡିବ ଭଲ ପଦାର୍ଥ ।
ୟେତେ ବାଗେ ଯେବେ ନୋହିବ ସନ୍ତତି
ବାଟେ ବୃକ୍ଷ ଲଗାଇବା ବୋଇଲେ ଅଗସ୍ତି । ୧୬ ।
ଅଷ୍ଟ ପ୍ରକାରେଣ ସନ୍ତତି ଜାତ କଥା
ସ୍ତିରୀ ଜନମାନଙ୍କୁ ଗୋ ବଡ ଦୁଲ୍ଲଭ ଅଟଇ ମାତା । ୧୭ ।
ୟେତେ ବାଗେ ଯେବେ ନୁଆରିଲା ସନ୍ତତି ଜାତ କରି
ପ୍ରାଗେ ଝାସିଲେ ହୋଅଇ ଅପୁତ୍ରିକ ଦୋଷୁଂ ତରି । ୧୮ ।
ପ୍ରାଗ ତ୍ରିବେଣୀରେ ଝାସିଲେ ଫିଟଇ ଅପୁତ୍ରିକ ଦୋଷ
ଯମ ଦେବତା ଆସି ନୁଆରନ୍ତିଟି ତାହାର ପାଶ । ୧୯ ।
ପୁରାଣ ବାକ୍ୟ ଯହୁଂ କହିଲେ ଅଗସ୍ତି
ଶୁଣି ବିସରିଲେ ସେ ଶ୍ରିୟା ସରସ୍ତ୍ରୀତୀ । ୨୦ ।
ସେହି ବାଞ୍ଛା ବଚ ତଳେଣ ଦେବୀ ବସି
ଦ୍ରୋଣ ପକ୍ଷୀକି ଭଗତି ଭାବେ ଭାବିଲା ଶୁଭ୍ରକେଶୀ । ୨୧ ।
ଶତେ ବରଷ ଲୟେ କଲା ମହାସତୀ
ଦେଖିଣ ବୋଇଲେ ଦ୍ରୋଣ ପନ୍ଥୀ ମହାଯତି । ୨୨ । ସଂଖ୍ୟା
ଧର୍ମ ପକ୍ଷୀ ବୋଇଲେ ବର ତୁ ମାଗରେ ଶ୍ରିୟା
ବିନୟ ଭାବେ ବୋଇଲେ ଭାରଦ୍ୱାଦଶଙ୍କର ପ୍ରିୟା । ୨୩ ।
ଭୋ ଧର୍ମ ପକ୍ଷୀ ମୋତେ ଅନଗୃହ କରିବା
ଅତିଭିଗଂ୍ୟ କରିଣ ମୋତେ ପୁତ୍ର ଗୋଟିୟେକ ଦେବା । ୨୪ ।
ଅତି ନିରେଖ ଦେଖି ଦୟା କଲେ ଧର୍ମ ପକ୍ଷୀ
ହୃଦଗତେ ଦୟା ବସିଲା ତାହାର କଷ୍ଟ ଦେଖି । ୨୫ ।
ଦକ୍ଷ ଣ ଅଂଗୁ ପକ୍ଷ ଦେଲେ ଡିମ୍ବ୍ରୁ ଯେ ଗୋଟିୟେ

ଯେହ୍ନା ନେଇଣ ଯତନ କରସି ଗୋ ମାଯେ୍ । ୨୬ ।
ଯେଥୁଂ ଉତପତ୍ତି ହୋଇବ ଯେବଣ ପୁତ୍ର ସନ୍ତତି
ମହାଭିଗଂ୍ୟ ବଳବନ୍ତ ସେ ହୋଇବ ମହାଛତ୍ରୀ । ୨୭ ।

---

୧୬ ।୨ ବାଟେ ରୂପିଲେ ସେ ଖଣ୍ଡଇ ଦୁର୍ଗତି
ଗହନ ବନ ପଥେ ଜଳଛତ୍ର ଦେବ କହିଲେ ଅଗସ୍ତି (ପା)
୧୭ ଅଷ୍ଟ ପ୍ରକାରେଣ ସନ୍ତତି ଜାତ କଥା ।
ସ୍ତିରୀ ଜନ୍ମ ଗୋ ବଡ ଦୁଲ୍ଲଭ ଅଟଇ ମାତ । (ପା)
୨୦ ।୨ ବିସରିଲେ-ବିଗ୍ଧରିଲେ
ଦ୍ରୋଣ ପକ୍ଷୀ ଡିମ୍ଭ୍ର ଘେନିଣ ସେ ଶ୍ରିୟା ସରସ୍ତ୍ରୀ
ସେହି ପ୍ରାଗ ତୀର୍ଥେ ତାହାକଇ ଧରିଥାଇ ନିତି । ୨୮ ।
ପଞ୍ଚଦଶ ବରଷେ ସେ ଫୁଟିଲା ଡିମ୍ଭ୍ର ଗୋଟି
ମହାବ୍ରହ୍ମେ ପୁତ୍ରେକ ବାହର ହେଲା ଡିମ୍ଭ୍ର ଫୁଟି । ୨୯ । ସଂଖ୍ୟା
ମନିଷର ଶରୀର ହୋ ଧର୍ମ ପକ୍ଷୀର ବଦନ
ସୂଚୀମୁଖ ଓଷ୍ଠ ରକତ ତାମ୍ର ବର୍ଣ୍ଣ । ୩୦ ।
ବେନି ଭୁଜେଣ ଅଛି ପକ୍ଷ ଲତାଯେ୍ ଲତାଯେ୍
ପ୍ରତକ୍ଷେ ଦିଶଇ ସେ ଗରୁଡ ପକ୍ଷୀର ପରାଯେ୍ । ୩୧ ।
ଦେଖିଣ ସନ୍ତୋଷ ହୋଇଲେ ଭାର ଯେ ଦ୍ୱ୍ରାଦଶେ
ଦ୍ରୋଣ ପକ୍ଷୀ ପରସାଦେ ପାଇଲାଟି ଯେହେନେକ ଶିଷେ । ୩୨ । ସଂଖ୍ୟା
କୁମାରକୁ ତୋଳିଣ ଧଇଲେ ତପନିଷ୍ଠି
ବୋଇଲେ ଯେହ୍ନାର ନାମ ହୋଉ ଦ୍ରୋଣ ଗୋଟି । ୩୩ ।
ଅଗସ୍ତି ବୋଇଲେ ଶୁମ ବଇବସୁତ ମନୁ
ସେ ଦ୍ରୋଣ ହୋଇଲେ ଭାରଦ୍ୱ୍ରାଦଶଙ୍କ ତନୁ । ୩୪ ।
ଅତି ଯତନ କରି ସେ କୁମାରନ୍ତ ପାଳିଲେ
ସପତ ବରଷେ ସେତାକୁ ବଡୁବ୍ରତ କଲେ । ୩୫ । ସଂଖ୍ୟା
ଆହୋ କୁଶବ୍ରହ୍ମା ବୋଲି ସେଶୁକବ୍ରହ୍ମର ବଲା
ପ୍ରଜାପତିଙ୍କର ଗୋତ୍ରେ ସେ, ତାହାର ତେଜ ଅନର୍ଗଲା । ୩୬ ।
କୁଶବ୍ରହ୍ମଙ୍କର ପୁତ୍ର ଯେ ଆଗ୍ୟର୍ଯେ୍ୟ
ତାହାଙ୍କର କୃପୀ ବୋଲିଣ ଭଗ୍ନୀ ଯେ । ୩୭ ।
ଭାରଦ୍ୱ୍ରାଦଶ ସେ କନ୍ୟାକୁ ସୁସଞ୍ଚ ଦେଖି
ଦ୍ରୋଣକୁ ବିଭା କରାଇଲେ ସେ କୁମାରୀ କୃପୀକି । ୩୮ ।
କୃପୀ କନ୍ୟାକୁ ଘେନି ଦ୍ରୋଣେ ଯେ ଅଇଲେ
ବାଳୁତ କାଳୁଂ ସେ ତୀର୍ଥବାସୀ ତ ହୋଇଲେ । ୩୯ ।
ଚନ୍ଦ୍ରଭାଗା ତୀର୍ଥେ ସେ ଭେଟିଲେ ପ୍ରଶୁରାମକୁ
ଜମଦଗ୍ନିଙ୍କ ନନ୍ଦନ ପଗ୍ଧରିଲେ ଦ୍ରୋଣଙ୍କୁ । ୪୦ ।
ବେଦ ଆଧ୍ୟାନ ଜାଣୁ ନି ଟିକି ବାବୁ
ମହାମନ୍ତର ଉଂକାର କରନି ଆମ୍ଭେ ପରୀକ୍ଷ କରିବୁଂ । ୪୧ ।
ଯଦୁର୍ବେଦ ଉଂକାରିଲେ ଭୂତ ଯେ ଭବିଷେ୍ୟ
ବ୍ରହ୍ମାଣ୍ଡ କ-ଲା ସେ ମହାମନ୍ତ୍ର ତ୍ରାସେ । ୪୨ ।

ପ୍ରଶୁରାମ ଅଛନ୍ତି ପ୍ରାଗବଟ ତୀର୍ଥେ
ଆସନ କି-ଲା ଜମଦଗ୍ନିଙ୍କର ସୁତେ । ୪୩ ।
କ୍ଷଣକେ ବିଶ୍ରାମ ନାହିଁ ମହାବ୍ରହ୍ମ ତପୀ
ତୀର୍ଥବାସେ ଆଗମନ ଯେ ଶହସ୍ର ଧର୍ମ ଆରୋପି । ୪୪ । ସଂଖ୍ୟା
ମକର ମାସେ ଦାନ ଦେଇଅଛନ୍ତି ପ୍ରାଗେ
ଛତ୍ରିବିଦ୍ୟା ଛାଡି ପଶିଲେ ଧର୍ମ ମାର୍ଗେ । ୪୫ ।
ଦ୍ରୋଣ ରହିଅଛନ୍ତି ଯେ ଆକାଶ ଗଙ୍ଗା କୂଳେ
ଭିକ୍ଷାପାତ୍ର କରି ବ୍ରତିଲେ ଧର୍ମ ବଳେ । ୪୬ ।
ଭିକ୍ଷାପାତ୍ର ଧରି ବଞ୍ଚନ୍ତି ବେନି ପ୍ରାଣୀ
ନଗ୍ରେ ଭିକ୍ଷା ମାଗି ବ୍ରତନ୍ତି ଗଙ୍ଗାକୂଳେ ଆଣି । ୪୭-୩୩୯୩ ।

---

୪୨ ।୧ ଯଦୁର୍ବେଦ ଅଭ୍ୟାସ କଲେକ ହରଷେ । (ପା)
ଦ୍ରୋଣ ଓ ଦ୍ରୁପଦଙ୍କ ଚରିତ
ଶୁଣ ହୋ ସେ ପଞ୍ଚାଳ ଦେଶର ରାଜା ଯେ ଦ୍ରୋପତ
ତାହାର ବଇରି ଯେ ଅଟଇ କିରାତ । ୧ ।
ଜ୍ୟେଷ୍ଠ ମାସ ଶୁକ୍ଲପକ୍ଷ ପଞ୍ଚମୀ ଗୁରୁବାର
କିରାତ ଦଣ୍ଡ କଲା ଦ୍ରୋପଦ ଉପର । ୨ । ଶବ୍ଦତ୍ତଚ୍ଛଙ୍ଗମଚ୍ଛଟ୍ଟର
ଦ୍ରୋପଦ କିରାତର ହୋଇଲା ଅନେକ ଯୁଦ୍ଧ
ବହୁତ ଯୋଦ୍ଧାୟେ ପଡିଲେ ସାଂଗ୍ରାମର ମଧ୍ୟ । ୩ ।
ସାଂଗ୍ରାମରେ ଅପ୍ରାଂଜୟେ ପାଇଲେ ଦ୍ରୋପଦ
ଦଣ୍ଡ ଭଗ୍ନ ହୋଇ ପଳାଇଲେ ପାଂଚାଳ ନରେନ୍ଦ୍ର । ୪ ।
ଭାଜିଣ ଦ୍ରୋପଦ ପଳାଇଲା ରାଜ୍ୟ ଛାଡି
କିରାତ ନୃପତି ବସିଲା ପାଂଚାଳ ଦେଶ ମାଡି । ୫ ।

---

୧ ।୧ ଦ୍ରୋପଦ, ଦ୍ରୋପତ-ଦ୍ରୁପଦ
୪ ।୧ ଅପ୍ରାଂଜୟେ-ପରାଜୟ ଅର୍ଥରେ
ହତ ରାଜ୍ୟ ହୋଇ ଯେ ଦ୍ରୋପଦ ପଳାଇଲା
ଗଙ୍ଗାକୂଳେ ରାଜା ଭଗନସ୍ତ ହୋଇଣ ରହିଲା । ୬ ।
ମହାଭଇରୋବୀ ଯେ ଗଙ୍ଗା ନଦୀ କୂଳେ
ଦ୍ରୋଣ ରହିଛନ୍ତି ସେ ସ୍ଥାନେ ସର୍ବକାଳେ । ୭ ।
ନିତ୍ୟକର୍ମ ସାରି ଦ୍ରୋଣ ବସିଚନ୍ତି ତପେ
ଦ୍ରୋପଦେଶ୍ୱର ଆସି ମିଳିଲା ସମୀପେ । ୮ ।
ଦ୍ରୋଣଙ୍କୁ ନମସ୍କାର ହୋଇଲେ ଦ୍ରୋପଦ
କଲ୍ୟାଣ ବାଞ୍ଛାକଲେ ରାଜା ତୋତେ ନ ପଡୁ ପ୍ରମାଦ । ୯ ।
କେବଣ ଦେଶର ବୀର ନୃପତି ତୁ ଅଟୁ
ରାଜ୍ୟ ଭାର ତେଜି କି-ା ବନବାସ ଖଟୁ । ୧୦ ।
ବତିଶ ଗୁଣେ ସୁନ୍ଦର ସୁକୁମାର ଅଟଇ ତୋର କାୟେ
ମୃଧୁନା ଅବିଷେକୀ ଅଟୁ ଦିଶୁଛି ହତରାଜ୍ୟ ପ୍ରାୟେ । ୧୧ । ସଂଖ୍ୟା
ଦ୍ରୋପଦ ବୋଇଲେ ତୁମ୍ଭେ ଶୁଣିମା ବ୍ରହ୍ମଚାରୀ

ପାଂଚ୍ଳ ଦେଶର ମୁଂ ଅଟଇ ଅଧିକାରୀ । ୧୨ ।
ମୋହୋର ରାଜ୍ୟକୁ ବାହିଲା କିରାତ ମହୀପାଳେ
ରାଜ୍ୟଭାର ସିଂହାସନ ଘେନିଲା ମୋର ବଳେ । ୧୩ ।
ପାଞ୍ଚ୍ଳ ନୃପତି ମୁଂ ପଞ୍ଚୁକଟକେ ଆଧିପତି
ମୋହୋର ନାମ ଗୋସାଇଂ ଦ୍ରୋପଦ ନୃପତି । ୧୪ ।
ଦ୍ରୋଣ ବୋଇଲେ ସେ ମନ ମନେଣ ବିଚ୍ଛରି
ତୋହୋର ମୋହୋର ନାମ ଯେକା ଅକ୍ଷରେ ପଡି । ୧୫ ।
ଆମ୍ଭର ନାମ ଦ୍ରୋଣ ତୁମ୍ଭର ନାମ ଦ୍ରୋପତ
ତୁ ମହାରାଜା ଆମ୍ଭର ହୋଇଲୁ ମଇତ୍ର । ୧୬ ।
ଦ୍ରୋପଦ ବୋଇଲା ଦେବ ବୋଲିବାକୁ ନୋହିଲି ମୁଂ କ୍ଷମ
ତୁମ୍ଭେ ମହାଭିଗଂ୍ୟ ଅଟ ହୋ ମହାବ୍ରହ୍ମ । ୧୭ ।
ଠାକୁର ଦାସର ଯେକା ନାମ ହୋଇଲେ
ସେହିକି ମଇତ୍ର ହୋଇବ ଦ୍ରୋପଦ ବୋଇଲେ । ୧୮ ।
ଦ୍ରୋଣେ ବୋଇଲେ ମିତ ହୋଇଲ କି ବାଇ
ନାମର ମଇତ୍ର ହୋ ଅତି ଭାଗ୍ୟରେ ସେ ପାଇ । ୧୯ ।

---

୧୧ ।୨ ଅବିଷେକୀ-ଅଭିଷେକୀ
ତୋହୋର ମୋହୋର ଅଛିନି ପୀରତି
ଶୁଣିଣ ସାନନ୍ଦ ହୋଇଲେ ଦ୍ରୋପଦ ନୃପତି । ୨୦ ।
ଆହୋ ଦ୍ରୋଣ ଅନେକ ଯେ ଯାଉଛନ୍ତି ଦାନ
ପ୍ରତିଗ୍ରହ କରି ମହାତ୍ମା ଅର୍ଜିଲେ ଅନେକ ଧନ । ୨୧ ।
ମହା ବେଦାନ୍ତୀ ଦେଖି ପ୍ରଶୁରାମ ନୃପତି
ଦ୍ରୋଣକୁ ବହୁତ ଦାନ କଲେ ଭଣ୍ଡାର ଆଧିପତି । ୨୨ ।
ଦ୍ରୋପଦ ରାଜାର ଯହ୍ନଂ ସେ ବିପତ୍ତି ଦେଖିଲେ
ଅନେକ ଧନ ଥିଲା ଦ୍ରୋଣ ଦ୍ରୋପଦକୁ ଦିଲେ । ୨୩ ।
ଅନେକ ଦାନ ଘେନନ୍ତି ଦ୍ରୋପଦର ନିମନ୍ତେ
ଯେସନେକ ଲାଗଇ ଦ୍ରୋଣ ଦିଅନ୍ତି ନିତ୍ୟେ ନିତ୍ୟେ । ୨୪ ।
ରାଜ୍ୟରୁ ନୃପତି ଧନ ଆଣିଥିଲା ଯେତେ
ଥାଠକୁ ଅଣ୍ଟିଲା ନବ ବରଷ ପରିଯନ୍ତେ । ୨୫ । ସଂଖ୍ୟା
ଧର୍ମ ବାସନା ସେ ଅଟଇ ଦ୍ରୋପଦ ନୃପତି
ଆନ ଭୂମି ନ ଲଂଘଇ ନ ଯାଇ ଆନ କତି । ୨୬ ।
ଯେତେ ବାଗେଣ ସେ ଦ୍ରୋପଦ ରାୟେ ବ୍ରତି । ୨୭ ।
କିରାତ ରାଜା ତହାର ରାଜ୍ୟ ମାଡି ବସିଥିଲା
ଯେକୋଇଶ ବରଷ ପରିଯନ୍ତେ ରାଜ୍ୟ ନ ଛାଡିଲା । ୨୮ । ସଂଖ୍ୟା
ରାଜାର ଥାଠକୁ ଯହ୍ନଂ ନ ମିଳିଲା ଅନ୍ନ
ତେଣୁ କରି ମଲେ ସନ୍ୟ ମୋର ଥାଠ ହୋଇଲା କ୍ଷୀଣ । ୨୯ ।
ଦ୍ରୋଣ ବୋଇଲେ ସମସ୍ତ ଥାଠକୁ ହକାରି
ଯାହାକୁ ଯେତେ ଲାଗଇ ତହାକୁ ଆମ୍ଭେ ଦେବୁ ପଡି । ୩୦ ।
ହସ୍ତୀ ଘୋଡାକୁ ଦିଲେ ଚରଣୀ ପିଉଣି ଆଦି କରି

ୟେମନ୍ତେ ଦ୍ରୋଣ ସମ୍ଭାଳିଲେ ଦ୍ରୌପଦ ଥାଠକୁ ଆବୋରି । ୩୧ ।
ଦ୍ରୋଣଙ୍କର ଭାରିଯା ଯେ କୃପୀ ମାହେଶ୍ୱରୀ
ଅତୁଟ ବିଦ୍ୟା ଯେ ପ୍ରସନ୍ନ ତାହାରି । ୩୨ ।

---

୨୯ ।୧ କାନ୍ତାର ପାଇଲେ ଯହ୍ନଂ ନ ପାଇଲେ ଅନ୍ନ (ପା)
୩୦ ।୧ ଦ୍ରୋଣ ବୋଇଲେ ମଇତ୍ର ତୋର ସୈନ୍ୟକୁ ଯେତେ ଲୋଡି । (ପା)
୩୨ ।୨ ଅନ୍ନପୂର୍ଣ୍ଣା ବିଦ୍ୟାୟେ ପ୍ରସନ୍ନ ତାହାରି । (ପା)
ଦକ୍ଷିଣ କରେ ଅଛି ତାର ଶଂଖ ପଦ୍ମନିଧି
ଦିଲେ ଦାନ ନ ସରଇ ତାର ମହିମା ପ୍ରସିଦ୍ଧି । ୩୩ ।
ୟେକ କଠାକରେ ଅନ୍ନ ଯେ ରାନ୍ଧିଲେ
ଥାଠକୁ ଅନ୍ନ ଅଣ୍ଟଇ ନ ସରଇ ଭଲେ ପରଶିଲେ । ୩୪ ।
ସେ ମହାସତୀ ଅନ୍ନ ଦିଅଇଟି ନିତ୍ୟେ
ନିତି ପ୍ରତି ପୁଣ ଯାହାକୁ ଯେତେ ଲାଗଇ ଯୁଗତେ । ୩୫ ।
ସ୍ତିରୀ ପୁରୁଷ ପୁତ୍ର ସଭିୟେଂ ଆଦି କରି
ରହିଲେ ନିଶ୍ଚିନ୍ତେ ପଞ୍ଚାଳ ଦେଶକୁ ପାସୋରି । ୩୬ ।
ଦ୍ରୋଣ ଦିଅନ୍ତି ଯେ ଅଷ୍ଟରତ୍ନମାନ
ଯାହାକୁ ଯେତେ ଲାଗଇ ଅଳଙ୍କାର ବିଧାନ । ୩୭ ।
ଦ୍ରୋଣଙ୍କର ପ୍ରସାଦେ ରହିଲେ ନିଶ୍ଚନ୍ତେ
ରହିଲେ ଦ୍ରୌପଦ ଚଉବିଂଶ ବରଷ ପରିଯନ୍ତେ । ୩୮ । ସଂଖ୍ୟା
ଅଗସ୍ତି ବୋଇଲେ ଶୁଣ ହୋ ଯୁଗପତି
ମଇତ୍ର ଯୋଗ ହୋଇଲେ ୟେନେକ ପୀରତି । ୩୯ ।
କିରାତ ରାଜା ସେ ପଞ୍ଚାଳ ଦେଶେ ଅଛି ରହି
ଅନେକ ସୁସ୍ଥେଣ ସେ ପାଳିଲାକ ମହୀ । ୪୦ ।
ଆପଣା ରାଜ୍ୟରେ ସେ ପାତ୍ରକୁ ବସାଇଣ ଥିଲା
ତାହାର ରାଜ୍ୟକୁ ତେଣେ ଦରଦସେନ ଯେ ବାହିଲା । ୪୧ ।
ଦେଶାଉର ବାରତା କଲା ବ୍ରହ୍ମ ବୈତରଣୀ କୂଳେ
କିରାତ ବିଜେ କରିଅଛି ରଣସ୍ତମ୍ଭ ପର୍ବତର ତଳେ । ୪୨ ।
କିରାତର ଅଗ୍ରତରେ କହନ୍ତି ମୁନେହି
ସ୍ୱାମୀ ଆବର କି-ା ପଞ୍ଚାଳ ଦେଶେ ରହି । ୪୩ ।
ତୋହୋର ଦେଶକୁ ତେଣେ ବାହିଲା ଦରଦ
ଆପଣା ଦେଶ ଛାଡି ପର ଦେଶରେ କି ସ-ଦ । ୪୪ ।
ୟେହ୍ନ ବଳ ବୟେସ ଦେବ ସର୍ବଦା ନ ଥିବ
ଯେ ଯାହାର ରାଜ୍ୟ ପୁଣ ସେହ୍ନ ସେ ଘେନିବ । ୪୫ ।
ଚିରନ୍ତନ କାଳକୁ ୟେହି କଥା ରହିଥିବ । ୪୬ ।

---

୩୪ ।୧ ୟେକ କୁଡୋଇଆରେ ଅନ୍ନ ସେ ରାନ୍ଧିଲେ । (ପା)
ତୁଳ ମାସ ଶୁକ୍ଲ ପକ୍ଷ ଦଶମୀର ଦିନ
ପଞ୍ଚାଳ ଦେଶ ଛାଡିଲା ଯେ କିରାତ ରାଜନ । ୪୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଆପଣା ଦେଶକୁ ସେ ଗଲାକ କିରାତ

ଦରଦର ତୁଲେ ସଂଗ୍ରାମ ହୋଇଲା ଅପ୍ରମିତ । ୪୮ ।
ପଞ୍ଚାଳ ଦେଶେ ଯେ ଦ୍ରୋପଦ ରାଜାର ଲୋକ ଥିଲେ
ରାଜାର ଆଗେ ଯାଇ ବାରତା କହିଲେ । ୪୯ ।
ଭୋ ସ୍ୱାମୀ କିରାତ ରାଜା ଯେ ଆମ୍ଭ ରାଜ୍ୟ ଘେନିଥିଲା
ତହାର ରାଷ୍ଟ୍ରକୁ ଦେବ କିରାତ ବାହୁଡି ଗଲା । ୫୦ ।
ଆମ୍ଭର ରାଜ୍ୟକୁ ଦେବ ବହନ ଚଳି ଆସ
ଶୁଣିଣ ଦ୍ରୋପଦ ନୃପତି ସେ ହୋଇଲା ହରଷ । ୫୧ ।
ଦ୍ରୋଣଙ୍କର ପାଦତଳେ ଦ୍ରୋପଦ ରାଜା ପରିଣାମି
ତୋହୋରେଣ ମୋହୋର ଆପାଦ ଖଣ୍ଡଣ ଗଲା ଦେବ ସ୍ୱାମୀ । ୫୨ ।
କିରାତ ରାଜା ଯେ ଛାଡିଲା ମୋହୋର ଦେଶ
ଭୋ ମଇତ୍ର ମୋହୋର ରାଜ୍ୟକୁ ଯିବା ଆସ । ୫୩ ।
ଦ୍ରୋଣେ ପରମ ସାନନ୍ଦ ହୋଇଲେ ତାହା ଶୁଣି
ଧର୍ମେଣ ତୋହୋର ରାଜ୍ୟ ପ୍ରାପତ ହୋଇଲା ନୃପମଣି । ୫୪ ।
ସଂପଦ ବିପଦ ଯେ ସମୟେ ସମୟେ
ଅନ୍ୟବ୍ରତେ ପ୍ରାଣୀକି ବିପଦ ନାହିଁ କାୟେ । ୫୫ ।
ଭୋ ମଇତ୍ର ଯାଅସି ତୋହୋର ମଣ୍ଡଳେ
ସୁବିଧାନେ ରାଜ୍ୟେ ତୋର ବସ ଶୁଭବେଳେ । ୫୬ ।
ତୋହୋର ରାଜ୍ୟ ଯେବେ କର ଯାଇ ସୁସ୍ତେ
ଜନ ସଂସାର ଭଜନ୍ତୁ ଖଟନ୍ତୁ ଅମନାତେ୍ୟ । ୫୭ ।
ଆଗ୍ୟାଂ ପ୍ରମାଣେ ଚଳନ୍ତି ପ୍ରକୃତି ନିଯୋଗୀ
ରାଜ୍ୟ ଭୋଗ ସ-ଦ ତୋତେ ମଣ୍ଡଳ ହୋଉ ଭୋଗୀ । ୫୮ ।
ସଂସାର ତୋହୋର ଭଜଇ ଯେତେବେଳେ
ଆମ୍ଭେ ପ୍ରବେଶ ହୋଇବୁ ତୋହୋର ସୁବିଧାନ ମଙ୍ଗଳେ । ୫୯ ।

---

୫୩ ତେଣୁ କିରାତ ଗଲା ଆମ୍ଭର ଦେଶ ଛାଡି
ଶୁଭଯୋଗେ ରାଜା ବସିବା ଯାଇ ମାଡି । (ପା)
୫୮ ।୨ ସୁଖେଣ ବ୍ରତ ତୁମ୍ଭେ ମଣ୍ଡଳ ହେଉ ଭୋଗୀ ।
ଦ୍ରୋପଦେ ପ୍ରଣିପତ୍ୟ ଦ୍ରୋଣଙ୍କର ପଦ୍ମପାଦେ
ସମସ୍ତ କୁଶଳ ସିନା ତୁମ୍ଭର ପରସାଦେ । ୬୦ ।
ଭୋ ମଇତ୍ର ଚାଲିଯିବା ମୋହୋରେ ଅଛି ଯେବେ ସଦୟେ
ରାଜ୍ୟେ ମୋହୋର କାର୍ଯ୍ୟ ନାହିଁ ସର୍ବଦା ତୋତେ ଲୟେ । ୬୧ ।
ଦ୍ରୋଣେ ବୋଇଲେ ତୁ ମତେ କଟାଳ ନ କର
କଥାୟେ କହି ହେ ବଚନ ନିରାଧାର । ୬୨ ।
କୃପୀ କନ୍ୟା ଯେ ହୋଇଅଛି ଆଶାବତୀ
ଚାରିମାସ ହୋଇଲା ଅଳସ ପ୍ରକୃତି । ୬୩ । ସଂଖ୍ୟା
ଗର୍ଭିଣୀ ସ୍ତିରୀକି ଆନ ଠାବ କରି ତ ନ ପାରି
ଭୋ ମଇତ୍ର ଯିବୁଂ ପ୍ରସବ ହୋଇଲେ ନାରୀ । ୬୪ ।
ଦ୍ରହସିତେ କହିଲେ ଭାରଦ୍ୱାଦଶଙ୍କ ତନୁ
ରାଜ୍ୟେ ଭୋଗ ପଶିଲେ ନ ପୁଣ ମୋତେ ଚିହ୍ନୁ । ୬୫ ।

ଦ୍ରୋପଦ ବୋଇଲେ ମୋହୋର ଯେହେନେକ କର୍ମ
ନିଶ୍ଚୟ ମୋତେ ଯେବେ ଛାଡିବଟି ଧର୍ମ । ୬୬ ।
ତେତେବେଳେ ତୋତେ ଅବା ନ ଚିହ୍ନିବି
ଅପ୍ରତେ ହୋଇଲେ ସଞ୍ଚୟେ ନାଶ ଯିବି । ୬୭ ।
ଦ୍ରୋଣେ ବୋଇଲେ ତୁ ନ କର ମନେ କିଛି ଭ୍ରାନ୍ତି
ତୋହୋର ମୋହୋର ଜନ୍ମେ ଜନ୍ମେ ଯେସନେକ ପୀରତି । ୬୮-୩୪୬୧ ।
ଦ୍ରୁପଦଙ୍କ ରାଜ୍ୟପ୍ରାପ୍ତି ଓ ତାଙ୍କ ଦ୍ୱାରା ଦ୍ରୋଣଙ୍କ ଅପମାନ
ଅନେକ କଲ୍ୟାଣ କଲେକ ତପୋବନ୍ତ
ଅନେକ ଧନ ଦିଲେ ଭାରଦ୍ୱାଜଶଙ୍କ ସୁତ । ୧ ।
ସମଦଣ୍ଡ ଘେନି ତହୁଁ ଗଲେକ ଦ୍ରୋପଦ
ପଞ୍ଚାଳ ଦେଶରେ ସେ ପ୍ରବେଶ ନରଇନ୍ଦ୍ର । ୨ ।
ପଞ୍ଚାଳ କଟକେ ଭିଆଇଲେ ନିଜ ପୁର
ସମସ୍ତ ଖଟିଲେ ସାୟେନ୍ତ ପାତ୍ର ପରିବାର । ୩ ।
ରାଜ୍ୟେ ଦ୍ରୋପଦ ବସିଲେ ନିଶ୍ଚିନ୍ତେ
ସଂସାର ପାଳନ କରାଇଲେ ଅନୁବ୍ରତେ । ୪ ।
ଦ୍ରୋଣେ ରହିଛନ୍ତି ମହାଭୈରବୀ ଗଙ୍ଗାକୂଳେ
କୃପୀକି ପୁରାଣ ବାକ୍ୟ କହନ୍ତି ପ୍ରାତକାଳେ । ୫ ।
ଗଙ୍ଗାକୂଳେ ଦ୍ରୋଣେ ରହିଲେ ସୀମନ୍ତେ
ସେ ବିଧି ବନ୍ଦାପନା ପୁତ୍ର କାର୍ଯ୍ୟେ ଅର୍ଥେ । ୬ ।
ସିଂହ ମାସ କୃଷ୍ଣ ପକ୍ଷ ଷଷ୍ଠୀ ତିଥି
ସଉରିବାର ସେଦିନ ନକ୍ଷତ୍ର ରେବତୀ । ୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ବିଷ୍ଟି ନାମେ କରଣ ଶୂଳ ନାମେ ଯୋଗ
ସପତମୀ ଚନ୍ଦ୍ର ହେଲା ଦିନଶେଷ ଭୋଗ । ୮ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ରେବତୀର ଭୋଗ ରାତ୍ର ପାଞ୍ଚଘଡି ଗଲା
ଆଦ୍ୟ ନକ୍ଷତ୍ର ଅଶ୍ୱିନୀ ପ୍ରବେଶ ହୋଇଲା । ୯ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଯେ ତିନି ଦଣ୍ଡର ମଧ୍ୟେ ପୁତ୍ରେକ ହୋଇଲା ଜାତ
ମାତା ଗଣ୍ଡକୁ ପାଇଲା କୃପୀ ହୋଇଲା ହତ । ୧୦ ।
ପୁତ୍ର ଜାତ ହୋଅନ୍ତେ ମାତା ନାଶ ଗଲା
ଅଶସ୍ତମା ବୋଲି ଦ୍ରୋଣ ପୁତ୍ର ନାମ ଦିଲା । ୧୧ ।
ଅନେକ ବଇକୁଲ୍ୟ ସେ ହୋଇଲା ମହାତମା
ଅତି ଯତନେ ପାଳିଲେ ପୁତ୍ର ଅଶସ୍ତମା । ୧୨ ।
କୃପୀ ନାଶ ଗଲା ପୁତ୍ରକଇ ପ୍ରସବି
ଭାରିଯାକୁ ଦହନ କଲେ ଆରୋପିଣ ହବି । ୧୩ ।
ଅଗ୍ନି ସଂସ୍କାର କଲେକ ଦ୍ୱିଜବରେ
ପାଣିର ଫେଣ ନେଇ ଦିଅନ୍ତି ପୁତ୍ରର ତୁଣ୍ଡରେ । ୧୪ ।
ବନସ୍ତରେ ଥାଇ ସେ ଅମୃତ ନାମେ ଲାଇ
ତହିଁର ରସ ଦେଇ ଜୀଆନ୍ତି ବାଳୁତ ପୋଇ । ୧୫ ।
ମନେ ବିଚାରିଲେ ଦ୍ରୋଣେ ପଡିଲା ପରମାଦ
ଆମ୍ଭର ମଇତ୍ର ଯେ ଅଟନ୍ତି ଦ୍ରୋପଦ । ୧୬ ।

ମଇତ୍ର ତହିଁକି ଯେ ପୁତ୍ର ଗୋଟିକି ଘେନି ଯିବୁ
ଧେନୁ ଗାC ଗୋଟିଏ ମାଗିଣ ଆଣିବୁ । ୧୭ ।

---

୬ ।୧ ସୀମନ୍ତେ-ସୀମନ୍ତୋନ୍ନୟନ କର୍ମ, ଯେହା ଗର୍ଭାଧାନାଦି ଦଶସଂସ୍କାର ମଧ୍ୟରେ ।
ଆବର ମାଗିବୁ ଆଶ୍ରମ ଖଣ୍ଡିଏ
ସୁସ୍ତେଣ ରହିବୁ ପୁତ୍ର ଗୋଟି ବଡ ହେବା ଯାଏ । ୧୮ ।
ବିପଦର କାଳ ମଇତ୍ର ହିଁ ସେ ସମ୍ଭାଳଇ
ସୋହଦ୍ର ଆଶ୍ରେ ନ ଯୋଗାଇ ବିପଦ କାଳକି । ୧୯ ।
ପତ୍ନୀ ଭ୍ରଷ୍ଟ ହୋଇଣ ସେ ଚିନ୍ତା ଅନ୍ତରାଳେ
ଦ୍ରୋଣେ ଚଲିଲେ ହୋ ରାଜ୍ୟ ଯେ ପଞ୍ଚାଳେ । ୨୦ ।
କୋଳେଣ ପୁତ୍ର ଯେ ଘେନିଣ ଅଶସ୍ତମା
ଦ୍ରୋପଦ ରାଜ୍ୟେ ଯାଇ ପ୍ରବେଶ ମହାତମା । ୨୧ ।
ହସ୍ତେ ଦଣ୍ଡ କମଣ୍ଡଳ ବାଳ ପୁତ୍ର ଘେନି
ସିଂଘଦ୍ୱାର ଲୋକେ ତାଙ୍କୁ ନ ପାରିଲେ ଚିହ୍ନି । ୨୨ ।
ଅନେକ ରଥ ଗଜ ଅଶ୍ୱ ଯେ ସଇନି
ଗହଳ ଧନ୍ଦୋଳ ଘାଏ କତିରେ ଆଉଜିଲେ ମୁନି । ୨୩ ।
ଦ୍ରୋଣ ବୋଇଲେ ଦ୍ୱାର ନାୟେକକୁ ଗ୍ରହିଁ
ରାଜାର ଛାମୁରେ ବାବୁ ଜଣାଅ କି ନା ଯାଇଁ । ୨୪ ।
ଆମ୍ଭେ ରାଜାଙ୍କର ମଇତ୍ର ହାଦେ ଅଟୁଁ ବାବୁ
ଦ୍ୱାର ଛାଡିବୁ କି ଆମ୍ଭେ ଦ୍ରଶନ କରିବୁ । ୨୫ ।
ତାହା ଶୁଣି ହସିଲେ ଯେ ଦ୍ୱାରପାଳମାନେ
ବୋଇଲେ ପଲା ଯା ବ୍ରାହ୍ମଣ ବାତୁଲ ଅଗ୍ୟାନେ । ୨୬ ।
ତୁ ଅଟୁ ଦରିଦ୍ର ଭିଖାରୀ ବ୍ରାହ୍ମଣ ଦେଶାନ୍ତରୀ
ରାଜାକୁ ମଇତ୍ର ବୋଲୁ ଭୟ କିଁପା ନ କରି । ୨୭ ।
ଥୋକାଏ ବୋଇଲେ ଆମ୍ଭର ଅଧିକାରୀ
ହତ ରାଜ୍ୟ କାଳେ ସେ ଥିଲେ ଦେଶାନ୍ତର କରି । ୨୮ ।
ସେକାଳରେ ଅବା ହୋଇଥିବେ ମଇତ୍ର
ଜଣାଇବା ପଣ୍ଡାଏ ତୁମ୍ଭେ ରହିଥାଅ ଯେଥ । ୨୯ ।
ରଥ ଗଜ ଅଶ୍ୱ ସଇନି ବଡାଇ ଗହନ
କତିଏ ହୋଇ ବସିଥାଅ କରାଇବା ଦ୍ରଶନ । ୩୦ ।
ଦେବାର୍ଚ୍ଚନା ସାରି ରାଏ ରସାଣ ଲାଗି ହୋଇ
ଆସ୍ତାନ ନବରେ ବିଜେ ବାଂକିୟାରେ ଯାଇଁ । ୩୧ ।

---

୨୫ ।୨ ତୁମ୍ଭେ ଛାମୁରେ ଜଣାଇଲେ ଦର୍ଶନ କରିବୁ । (ପା)
ଯେମନ୍ତର ସମୟେ ଦ୍ୱାର ନାୟକ ବେଗେ ଗଲା
ପ୍ରଣପତ୍ୟ ହୋଇଣ ଯେ ମଥାରେ ହାଥ ଦିଲା । ୩୨ ।
ଅବଧାନ ଭୋ ଦେବ ପଞ୍ଚାଳ ଆଧିପତି
ତୁମ୍ଭର ମଇତ୍ର ଦେବ ଆସିଣ ଅଛନ୍ତି । ୩୩ ।
ଦ୍ରୋପଦେ ବୋଇଲେ ଯେବେ ଅଇଲେ ମଇତ୍ରେ

ରଥ ଗଜ ଅଶ୍ୱ ପାଦାନ୍ତି ବଳ ଅଛନ୍ତି କେତେ । ୩୪ ।
ଦ୍ୱାରପାଳ ବୋଇଲେ ଶୁଣିମା ଦେବରାୟେ
ଦରିଦ୍ର ବ୍ରାହ୍ମଣେକ କୋଳେ ବାଳୁତ ପୁତ୍ର ଗୋଟିୟେ । ୩୫ ।
ଦଇବେ ହେଠମାଥ ରସ ଲାଗି ହୋଇ
ମହାମତ୍ତ ବେଳେ ସେ ଲାଗିଛି ଗଞ୍ଜାଇ । ୩୬ ।
ୟେମନ୍ତର ସମୟେ ଘର କହିଲା ବାରତ
ଶୁଣିଣ କୋପ କଲେ ନୃପତି ଦ୍ରୋପତ । ୩୭ ।
ଆହୋ ରାଜ୍ୟରେ ମୋହୋର ପାତ୍ର ମନ୍ତ୍ରୀ ନାହାନ୍ତି ଯେ ପୁଣ
ରାଜାର ମଇତ୍ର ବୋଲଉଛି ଭିକ୍ଷୁକ ବ୍ରାହ୍ମଣ । ୩୮ ।
ୟେତେ ମାତ୍ରକ କଥା ନାହିଁନା ବିଘ୍ନରକୁ
ୟେସନେକ ବାରତା ଯେ ଜଣାଇଲ ମୁକୁ । ୩୯ ।
ମହାପ୍ରଭୁ ପଣେ ବୋଇଲେ ଦଣ୍ଡଧାରୀ
ମୋହୋର ଛାମୁରୁ ୟେହାକୁ ନିଅରେ ବାଳ ଧରି । ୪୦ ।
ଜଣାଇଲା ଦୂତ ଯେ ଦ୍ୱାର ଘରମାନନ୍ତ
ଅନେକ ଦଣ୍ଡମଣ୍ଡ କରାଇଲେ ନୃପତ୍ୟ । ୪୧ ।
ଅପରାଧ ପାଇଣ ସେ ଦୂତେ ଅଚି କୋପାନଳ
ଧାଇଁ ଧାଇଁ ଧଇଲେ ସେ ଦ୍ରୋଣଙ୍କର ବାଳ । ୪୨ ।
କାହିଁର ଅଟୁ ତୁରେ ଦାନୁଆ ବ୍ରାହ୍ମଣ
ରାଜାଙ୍କର ମଇତ୍ର ବୋଲି ବୋଇଲୁ ଅକାରଣ । ୪୩ ।
ତୋହୋରେଣ ଗଞ୍ଜଣା ପାଇଲୁ ଅପ୍ରମାଦେ
ଧର୍ମେ ବଞ୍ଚିଲୁ ଆମ୍ଭେ କିଂଚିତ ଅପରାଧେ । ୪୪ ।

---

୩୯ ୟେତେକ ପାତେକ କଥା ନୋହିଲା ନିବାରଣ କରିବାକୁ
ୟେ ବାରତା ଜଣାଇବାକୁ ବୋଇଲା ଆମ୍ଭଙ୍କୁ । (ପା)
୪୨ ।୧ ପ୍ରାଞ୍ଜୟେ ପାଇଣ ସେ ଅତି କୋପାନଳ । (ପା)
କେ ଯାଇ ତାହାର କେଶ ଧଇଲେ କୋପ କରି
କେ ଲେଡା ଗୋଇଠା ବିଧା କହୁଣି ଅଛନ୍ତି ମାରି । ୪୫ ।
କେ ତୁଣ୍ଡେ ବିଣ୍ଡା ମାଡି ପକାବନ୍ତି ଧୂଳି
ବାଳୁତ ପୁଅ ଗୋଟି ଦେଉଅଛି ବୋବାଳି । ୪୬ ।
କେ କୁରୁଳି ଗାଲରେ ମାରନ୍ତି ନେଇ ବିଧା
କେ ଗୋଡେ ଫିଙ୍ଗାଇ ଗଲେ ପକାବନ୍ତି ଖୁନ୍ଦା । ୪୭ ।
ଅଇଣ୍ଠା ପତରେଣ ଟେଲା ମାରନ୍ତି ମିଶାଇ
ଧୂଳି ଆଞ୍ଜୁଳାୟେ କେ ମାରନ୍ତି ତାକୁ ନେଇ । ୪୮ ।
ହୁରିୟା ଜୁରିୟାମାନେ ମାରୁଛନ୍ତି ବେଢି କରି
ବଡ ବେଗେ ନଗ୍ରୁଂ ଦିଲେ ବାହାର କରି । ୪୯ ।
ବିକଳେ ଦ୍ରୋଣ ପୁଅ ଗୋଟି ଲଗାଇଛନ୍ତି ହିଆରେ
ବରଷଣ ପରାୟେ ଟେଲା ପଡୁଛନ୍ତି ଉପରେ । ୫୦ ।
ଅନେକ ପ୍ରାଭବ ପାଇଣ ଯେ ଅଇଲେ ବାହୁଡି
ବାହୁଡିଲେ ହୁରିଆମାନେ ନଗ୍ର ବାହାରେ ଛାଡି । ୫୧ ।

କେଶୀ ନଦୀକୂଳେ ବସି ବିଚାରନ୍ତି ଦ୍ରୋଣେ
ଗଣ୍ଡାଳ ମୋଢା ତହିଁକି ଆମ୍ଭେ ଅଇଲୁ ଅକାରଣେ । ୫୨ ।
ଆହେ ପ୍ରଜାପତି ଯେମନ୍ତ କରି ଲେଖି
ରାଜପଣ ହେଲେ ଯେତେ ଗର୍ବ ହାଦେ ଦେଖି । ୫୩ ।
ଯେତେକ ବାଗେ ସମ୍ଭାଳିଲି ମୁଁହି ବନେ
କ୍ଷଣକର ଉପୁଗାର ଅହର୍ନିଶି ଥାଇ ମନେ । ୫୪ ।
ମୁଁ ଯେହାକୁ ସମ୍ଭାଳିଲି ଚଉବିଂଶ ବରଷ ପରିଯନ୍ତେ
ଯେଥକୁ ଉପୁଗାର ମାନ ହୋଇଲା ଯେତେ ମୋତେ । ୫୫ । ସଂଖ୍ୟା
ଶାହାସ୍ର ମିଥ୍ୟା କି ହୋଇଲା ଅବିଚାରେ
ଧର୍ମ ନାଶ ଗଲା ମୋର ପର ଉପୁଗାରେ । ୫୬-୩୫୧୭ ।

---

୫୧ ଅନେକ ପ୍ରାଭବ ପାଇଲେ ତପଚାରୀ
ବାହୁଡିଲେ ହୁରିୟାମାନେ ନଗ୍ରୁଂ ବାହାର କରି । (ପା)
୫୪ ।୨ କ୍ଷଣକର ଉପୁଗାର ନ ରଖିଲା ମନେ । (ପା)
ଦ୍ରୋଣଙ୍କର ପର୍ଶୁରାମଙ୍କଠାରୁ ଅସ୍ତ୍ର ପ୍ରାପ୍ତି
ଦ୍ରୋଣେ ଯାଉଛନ୍ତି ସନ୍ତାପିଣ କର୍ମକୁ
ମଣିକର୍ଣ୍ଣିକା ତୀର୍ଥେ ମୁଣ୍ଡାଇବୁଂ କେଶକୁ । ୧ ।
କୋଟିଯେ ତୀର୍ଥରେ ବୁଡିଲା ଅଛି ଯେବଣ ବାଳ
ଯେ କେଶ ବିକୋତି ଧଇଲେ ପାପିଷ୍ଠ ଗଣ୍ଡାଳ । ୨ ।
ପ୍ରୟାଗ ତ୍ରିବେଣୀରେ ଯାଇ କରିବା ସ୍ନାହାନ
ତହିଁ ସେ ହରିବି ନା ଦୁସହ ପାପମାନ । ୩ ।
ଯେତେ ବିଚାରିଣ ସେ ଭାରଦ୍ୱାଦଶଙ୍କ ସୁତ
ଅଶସ୍ତମାକଇ ଘେନି ଚଲିଲେ ପ୍ରାଗବଟ ତୀର୍ଥ । ୪ ।
ସେ ମହାତୀର୍ଥେ ପ୍ରଶୁରାମ ଛନ୍ତି ରହି
ଦ୍ରୋଣେ ବିକଳେ ବେଦ ଆଧ୍ୟାନ କଲେ ପ୍ରଶୁରାମଙ୍କ ମୁଖ ଚାହିଁ । ୫ ।
ଯଦୁର୍ବେଦ ଆଧ୍ୟାନ କଲେ ପଞ୍ଚତିରିଶ ଶ୍ଲୋକ ବାଛି
ଶୁଣି ପ୍ରଶୁରାମ ଥମ୍ଭୀଭୂତ ହୋଇ ନ ଫୁରଇ କିଛି । ୬ । ସଂଖ୍ୟା
ରହ ରହ ବ୍ରାହ୍ମଣ ତୁ ଅଟୁ ମହାବ୍ରହ୍ମ ବେଦୀ
ଯେତେ ବଡ ବ୍ରାହ୍ମଣ ହୋଇ ତୁ କେବଣ ଅର୍ଥେ ଯେତେ କ୍ରୋଧୀ । ୭ ।
ଦ୍ରୋଣେ ବୋଇଲେ ଶୁଣ ଜମଦଗ୍ନିଙ୍କର ଶିଷି
ମୁହିଁ ଭାରଦ୍ୱାଦଶଙ୍କ ନନ୍ଦନ ଦୁଜେ ଗୋତ୍ର ପାଠଋଷି । ୮ ।
ମୁହିଁ ଅନେକ ଗଞ୍ଜି ହୋଇଲି ଭୋ ପ୍ରଶୁରାମ
ମୋହୋର ନାମ ସାରି ଉଦ୍ଧରି ଧର ଧର୍ମ । ୯ ।
ଶୁଣିଣ ପ୍ରଶୁରାମ ଅନେକ ସାନନ୍ଦ ମନ
ସତ୍ୟ କଲୁ ମାଗ ଦ୍ୱିଜ ଯେଣେ କଲୁ ଧ୍ୟାନ । ୧୦ ।
ଡାହାଣାବ୍ରତେକ ଶଙ୍ଖ ଜଳ ତିଳ ଲାଇ
ପ୍ରଶୁରାମ ଦ୍ରୋଣଙ୍କର ହସ୍ତେ ଦିଲେ ନେଇ । ୧୧ ।
ପ୍ରଶୁରାମେ ଦେଉଛନ୍ତି ଉପର ହସ୍ତ କରି
ସଂକଲ୍ପ ବାକ୍ୟେଣ ସତ୍ୟ ସତ୍ୟ ଯେ ଉଚ୍ଚାରି । ୧୨ ।

---

୯ ।୨ ମୋହୋର ମାନ ଉଦ୍ଧାର କରି ରଖିବ ସେ ଧର୍ମ ।
୧୧ ।୧ ଡାହାଣାବ୍ରତେକ ଶଙ୍ଖ-ଦକ୍ଷିଣାବର୍ତ୍ତ ଶଙ୍ଖ ।
ତଳହସ୍ତ କରିଣ ଯେ ଘେନ୍ଟଛନ୍ତି ଦ୍ରୋଣେ
ମାଗ ହୋ ଦ୍ୱିଜବର ତୋତେ କାରଣ ହୋଅଇ ଯେଣେ । ୧୩ ।
ତୁ ଯେ ଅନଳ ନାରାୟଣ ମୋତେ ପ୍ରସନ୍ନ ହୋଇବୁ
ତୋହୋର ଶସ୍ତ୍ର ଶାସ୍ତ୍ରମାନ ସବୁ ମୋତେ ଦେବୁ । ୧୪ ।
ପ୍ରଶୁରାମେ ବୋଇଲେ ଯାହା ମାଗିଲୁ ଦ୍ୱିଜବର
ତୋତେ ପ୍ରାପତ ହୋଉ ମୋହୋର ସମସ୍ତ ଶସ୍ତ୍ର ମନ୍ତ୍ର ସାର । ୧୫ ।
ତଳହସ୍ତ କରିଣ ପାତି ଅଛନ୍ତି ଦ୍ରୋଣେ
ଉପର ହସ୍ତ କରିଣ ପ୍ରଶୁରାମେ ତୋଳି ଦିଲେ ଧନୁତ୍ରୋଣେ । ୧୬ ।
ପ୍ରଶୁ ମୁଦ୍ଗର କୋଠାର ଶକତି
କୋନ୍ତ ଅସିବର ବିଜେ କର୍ଣ୍ଣକଟାରି ଯେ କାତି । ୧୭ ।
ବଜ୍ର ଶର ଅନଳ ଶର ଅମୋହ ଶକତି
କାଳ ଫାଶ ନାଗ ଫାଶ ବ୍ରହ୍ମ ଶର ଦିଅନ୍ତି । ୧୮ ।
ଅଗ୍ନି ଗଦା ହେମ ଗଦା ଗରୁଡ ପନ୍ନଗା ଶର
ସୂର୍ଯ୍ୟାବ୍ରତେକ ଗଦା ବ୍ରହ୍ମ ଗଦା ଅଗ୍ନିଶର । ୧୯ ।
ବ୍ରହ୍ମ ଶକତି ରୁଦ୍ର ଶକତି ମହାକାଳ ଶକତି
ମୂଷଳ କାଇଂସିକା ସୂର୍ଯ୍ୟାବ୍ରତେକ ଶକତି ଅନଳ ଶକତି । ୨୦ ।
ଜମଦଗ୍ନିଙ୍କର ପୁତ୍ର ପ୍ରସନ୍ନ ହୋଇଲେ
ସମସ୍ତ ଶହସ୍ର ଶାହାସ୍ର ତ୍ରୋଣମାନ ଯେ ଦ୍ରୋଣଙ୍କ ହସ୍ତେ ଦିଲେ । ୨୧ । ସଂଖ୍ୟା
ପ୍ରଶୁରାମ ବୋଇଲେ ମୋର ସତ୍ୟ ସତ୍ୟ
ନ ସାଧି ସମସ୍ତ ବିଦ୍ୟା ଦାନ ତୋତେ ହୋଉ ପରାପତ ।୨୨ ।
ସମସ୍ତ ବିଦ୍ୟା ଦାନ ଦିଲେ ପ୍ରଶୁରାମ ଧର୍ମ ଅର୍ଥେ
ଦ୍ରୋଣେ ଘେନିଲେ ଦ୍ରୋପଦକୁ ସାଧିବା ନିମନ୍ତେ । ୨୩ ।
ଯେହ୍ନେ ଆଗ୍ୟାଂ ଦିଲେ ଜମଦଗ୍ନିଙ୍କର ଶିଷି
ନ ସାଧି ଛତ୍ରୀ ହୋଇଲେ ଦ୍ରୋଣ ମହରଷି । ୨୪ ।
ଆକ୍ରଷଣ ଗଣ୍ଠି ମୁଠି ପ୍ରତଗ୍ୟାଂ ଗୁଣ ମାନ
ସମସ୍ତ ତୋଷେ ଦିଲେ ରେଣୁକା ନନ୍ଦନ । ୨୫ ।

---

୧୩ ।୨ ତୋଷେ ବୋଇଲେ ଯେ ଇଛା ମାଗ ହୋଇଲି ପ୍ରସନ୍ନ ।
୧୪ ।୧ ତୁ ଯେବେ ଦ୍ୱିଜବର ମୋତେ ପ୍ରସନ୍ନ ହୋଇବୁ ।
ଅନେକ ଶସ୍ତ୍ରମାନ ଯେତେକ ସାଧିଥିଲେ
ତୋଷେଣ ଦ୍ରୋଣଙ୍କୁ ପ୍ରଶୁରାମ ଦିଲେ । ୨୬ ।
ଆମ୍ଭେ ସମୟେ ଯେ ସାଧିଲୁ ସମସ୍ତ ବିଦ୍ୟା
ଯେବେ ନ ସାଧି ବ୍ରାହ୍ମଣ ତୁ ହୋଇବୁ ତପସିଦ୍ଧା । ୨୭ ।
ଯେତ ପାଟବଂଶୀ ବିଦ୍ୟାଶୀ ବ୍ରାହ୍ମଣ
ସମସ୍ତ ବିଦ୍ୟା ତୋତେ ପ୍ରାପତ ହୋଉ ଦ୍ରୋଣ । ୨୮ ।
ପ୍ରଶୁରାମ ବୋଇଲେ ହେ ସମସ୍ତ ଶସ୍ତ୍ରମାନେ
ତ୍ରୟଲୋକ୍ୟ ଖେଦୁଥିଲେ ଆମ୍ଭର ଯେହ୍ନେ ବଚନେ । ୨୯ ।

ଦ୍ରୋଣକୁ ସେହିମତ ହୁଅ ହେ ପରାପତ
ଶହସ୍ର ଗୁରୁ ହୋଉ ଦ୍ରୋଣ ଜଗତେ ବିଖ୍ୟାତ । ୩୦ । ସଂଖ୍ୟା
ଶହସ୍ର ମାନ ଚଳିବାକୁ ମନ୍ତ୍ରମାନ ସହିତେ
ଯେମାନ ହିଁ ପ୍ରାପତ ହୋଉ ହେ ଦ୍ରୋଣ ତୋତେ । ୩୧ । ସଂଖ୍ୟା
ପ୍ରଶୁରାମଙ୍କ ବିଦ୍ୟା ବୋଲି ବୋଲନ୍ତୁ ଜଗତେ
ଗୁରୁପଣକୁ ସମସ୍ତେ ହୋଅନ୍ତୁ ଭଗତେ । ୩୨ ।
ବିଦ୍ୟାମାନ ମୋର ତହୁଁ ଘେନି ହୋଅ ଦ୍ରୋଣ ଗୁରୁ
ଯୋଦ୍ଧା କୁଳେ ତୋତେ ସମସ୍ତେ ବନ୍ଦନା ଯେ କରୁ । ୩୩ ।
ଦ୍ରୋଣ ବୋଇଲେ ହୋ ପ୍ରଶୁରାମ ତୁମ୍ଭେ ଯେ ପ୍ରସନ୍ନ ହୋଇଲ ମୁକୁ
ବିନୟ ଭାବ ହୋଇ ବନ୍ଦନା କରନ୍ତି ତାହାଙ୍କୁ । ୩୪-୩୫୧ ।

---

୨୮ ।୧ ଯେତେ ପାଠବଂଶୀ ସୁବିଦ୍ୟା ବ୍ରାହ୍ମଣ । (ପା)
ପର୍ଶୁରାମଙ୍କ ବନ୍ଦନା
ଜୟ ଜୟ କାଲାନ୍ତେକ ଛତ୍ରୀ ବର୍ଗ ଧ୍ୱଂସା
ମହାତ୍ମା ପୁରୁଷ ତୁ ନିର୍ଦ୍ଦୟେ ନିରଂଶା ।୧ ।
ଶୁଦ୍ଧ ସଷ୍ଟିକ ବିରାଜିତ ଯାହାର ତେଜବର୍ଣ୍ଣ
ଶୂର ସୋହଡ ନାଥ ଜଗତ ମୋହନ । ୨ ।

---

୧ ଜୟ ତୁ ଜୟ ତୁ କ୍ଷତ୍ରିୟ କାଲାନ୍ତକ ଦର୍ପ ଗଞ୍ଜି
ମହା ପୁରୁଷ ତୁ ପ୍ରପଞ୍ଚ ନିର୍ଭୟେ ଯମ ପାଞ୍ଜି । (ପା)
୧ ।୧ ନିରଂଶା-ଅପୁତ୍ରିକ, ନିରହଂସା-ପାପଶୂନ୍ୟ-(ନିରଂଶା)
୨ ।୨ ସୋହଡ-ସୁନ୍ଦର
ପରମ ବ୍ରହ୍ମ ପୁରୁଷ ହୃଦଗତେ ବିଦ୍ୟା ସାଧ୍ୟ
ଦ୍ରଶନେ ପାପ ହରନ୍ତା ପ୍ରସନ୍ନେ କାର୍ଯ୍ୟ ସିଦ୍ଧ । ୩ ।
କୃପା ସାଗର ନାଥ ଦାରିଦ୍ର ଦୁଖନିଧି । ୪ ।
ଭୂଅ ଭାର ହରଣ ତୁ ପୁରୁଷ ଅସକନ୍ଦା
ଜମ୍ଭୁ ପଟଳ ରୁଚିର ପୁରୁଷ ଅଜପା ଲୟେ ଛନ୍ଦା । ୫ ।
ଜୟ ତୁ ଜୟ ତୁ ଯୋଗାନ୍ତକ ପୁରୁଷ ସତ୍ୟଯୁଗ ଭୋଗୀ
ଜୟ ତୁ ଜୟ ତୁ ଯୋଗାନ୍ତକ ସାତୁକ୍ୟ ପରମ ଯୋଗୀ । ୬ ।
ଆକର୍ଷଣ କୃପାଜଳ ସୁବିକଟ ଦୃଷ୍ଟି
ପାଦକ ଅନ୍ତକ ବିକ୍ରମ ବିକଟି । ୭ ।
ଶହସ୍ର ବିଦ୍ୟାରେ ତୁ ସହସ୍ର ଅର୍ଜୁନ ଦର୍ପଧଂସୁ
ସୁର ଦର୍ପ ଧଂସନ କରେଣ ତୋର ତୀଖ ପ୍ରଶୁ । ୮ । ସଂଖ୍ୟା
ଆଗ୍ୟାଂକର ଠାକୁର ତୁ ଯାହାର ଅଣବଜ୍ଞ
ଯେକ ଶରେ ଦିସ ଭଂଜନ ଧ୍ୱଂସନ୍ତା ସର୍ବସଜ୍ଞ । ୯ ।
କୃପା ସାଗର ନାଥ ଦରିଦ୍ର ଦୁଖ ବିଧ୍ୱଂସା
ବାଞ୍ଛା ସାଗର ନାଥ ସ୍ୱାମୀ ପୂରାଅ ମନବାଞ୍ଛା । ୧୦ ।
ଅତିଅନ୍ତ ବିକଟାଳ ପିତାର ବଚନ ପ୍ରତିପାଳି
ମାତା ଭ୍ରାଥାଙ୍କର ରୁଧିର କଲୁ ବଳି । ୧୧ ।

ତୁ ଦେବ ସଂସାରେ ସମସ୍ତ ଦର୍ପ ଗଞ୍ଜୁ
ପ୍ରାଣ ଉଦ୍ଧାରଣ ନାଥ ଦୁସହ ଦର୍ପ ଗଞ୍ଜୁ । ୧୨ ।
ଯେ ସଚରାଚର ପୃଥିବୀ କି ତୁହି ସେ ଯେକ ଦେବ
ସଦାନନ୍ଦ ପୁରୁଷ ତୁ ଅଭୟେ ସଦାଶିବ । ୧୩ ।
ସମସ୍ତେ ନିରେଖ ତୁହି ସେ ସର୍ବ ଟାଣ
ସପତ ବ୍ରହ୍ମାଣ୍ଡେ ତୋର ମେଣ୍ଟନ୍ତା ନାହିଁ ଆନ । ୧୪ ।

---

୮ ।୧ ଶହସ୍ର ବିଦ୍ୟାରେ ତୁ ସହସ୍ର ଅର୍ଜୁନ, ସଉଦାସର ଦର୍ପ ଧ୍ୱଂସୁ
ଶହସ୍ର ବିଦ୍ୟାରେ ତୁ ସହସ୍ରା ଅର୍ଜୁନ ଶୂର ଦର୍ପ ଧ୍ୱଂସୁ । (ପା)
୫ ।୧ ଭୂଅ-ପୃଥିବୀ, ବା ପଞ୍ଚଭୂତ । ୫ ।୨ ପୁରୁଷ ଅସକନ୍ଦ-ପୁରୁଷ ରାଜ, ପୁରୁଷ ଶ୍ରେଷ୍ଠ
(ସ୍କନ୍ଦ-ରାଜା)
୬ ।୧ ଆକର୍ଷଣ-ଅନ୍ୟକୁ ବଶୀଭୂତ କାରୀ, କୃପାଜଳ-ଦୟାର ଉଷ
୭ ।୨ ପାଦକ ଅନ୍ତକ-ପାଦକର ଯମ-ପାତକ ଅନ୍ତକ-ପାପ ବା ପାପୀ ନାଶକାରୀ
ଅଂଶାବତାରେ ଦେବ ଅନନ୍ତ କୋଟି ମୂର୍ତ୍ତି
ପ୍ରଶୁରାମ ଅବତାରେ ନାହିଁନା ଆନ ଛତ୍ରୀ । ୧୫ ।
ରାଗ ନ ସହିଲୁ ନାଥ ପିତାର ନିମନ୍ତେ
କ୍ଷତ୍ରୀ ଅନ୍ତ କଲୁ ନାଥ ଯେକୋଇଶ ବାର ପରିଯନ୍ତେ । ୧୬ । ସଂଖ୍ୟା
କେବଣ ଯୋଗ ବଳେ ସ୍ୱାମୀ ବଢିଲା ତୋର ନାମ
ମହା ଭୟେ ଉପୁଜିଲା ନାମ ପ୍ରଶୁରାମ । ୧୭ ।
ଅନେକ ପାତକ ଦେବ ତୋର ଦ୍ରଶନେ ଭଂଜା
ଦୁରିତ ନିବାରଣ ନାଥ ନାଶକର ଦର୍ପ ଗଞ୍ଜା । ୧୮ ।
ଯାବତ ଚନ୍ଦ୍ର ଯେ ଦିବାକର ବ୍ରତି ଥାଉ
ପ୍ରଶୁରାମ ନାମ ଗୋଟି ମୋର ହୃଦେ ରହୁ । ୧୯ ।
ଜନ୍ମେ ଜନ୍ମେ ଭାବଇଁ ମୁହିଁ ତବ ପଦ୍ମ ପାୟେ
ଶୂଦ୍ରମୁନି ସାରୋଲା ଦାସ ସେବଇ ପ୍ରଶୁରାମ ଧ୍ୟାୟେ । ୨୦-୩୫୭୧ ।
ଦ୍ରୋଣଙ୍କର ହସ୍ତିନା ଆଗମନ, କୃପଙ୍କ ଘରେ ବାସ ଓ ଗୁରୁପଦ ଲାଭ
ବଦୟନ୍ତି ଅଗସ୍ତି ଶୁଣ ବଇବସ୍ୱତ ମନୁ
ପ୍ରଶୁରାମଙ୍କ ବନ୍ଦନା କଲେ ଭାରଦ୍ୱାଦଶଙ୍କ ତନୁ । ୧ ।
ସମସ୍ତ ବିଦ୍ୟା ଦିଲେ ସେ ଜମଦଅଗ୍ନିଙ୍କ ଶିଷି
ବିଦ୍ୟା ସାର୍ଥୁକ ହୋଇଲେ ଦ୍ରୋଣ ମହାଋଷି । ୨ ।
ଶସ୍ରମାନ ଘେନିଲେ ଗୁରୁ ଦ୍ରୋଣେ
ଯେ ଯେବେ ପ୍ରାପତ ହୋଇଲା ନା ଜାଣିମା ଯେଥିର କାରଣେ । ୩ ।

---

୩ "ଯେ ଯେବେ ପ୍ରାପତ ହୋଇଲା ନା ଜାଣିମା ଯେଥିର କାରଣେ" ପାଦାନ୍ତ ପରେ 'ଅନ୍ୟ'
ପୋଥିରେ ଅଧିକା
ପାଠ:
ଜୟୁ ତୁ ସରସ୍ୱତୀ ଗୋ ବିଷ୍ଣୁର ପାଟରାଣୀ
ବେଦ ଭାରତ ତୁ ଜାତ କଲୁ ପଦ୍ମ ଯୋନି ।
ଶ୍ୱେତ ବଦନୀ ଗୋ ଶୁକ୍ଲ ବର୍ଣ୍ଣ ଜେୟାତି

କାଶୀ ଦେଶରୁ ମା ଗୋ ହୋଇଲୁ ଉତପତ୍ତି ।
ଦ୍ରୁପଦ ଯେ ଆମ୍ଭନ୍ତ ଦିଲା ଅନେକ ଶାସ୍ତି
ଶରୀରେ ବ୍ୟଥା ପାଇଲୁ ଅନେକ ଦୁର୍ଗତି । ୪ ।
ସଂଗ୍ରାମ କରିବୁ ଆମ୍ଭେ ଦ୍ରୁପଦର ତୁଲେ
ଯୁଦ୍ଧ କରି ନ ପାରିବୁ ଯେ ବାଳୁତ ପୁତ୍ର ଥିଲେ । ୫ ।
ହସ୍ତିନାୟେ ଅଛନ୍ତି ଯେ କୃପ ନାମେ ଆଗ୍ୟର୍ଯ୍ୟ
ତାହାର ଘରେ ନେଇ ଛାଡିବା ବାଳୁତ ଆତ୍ମଜେ । ୬ ।
ପୁତ୍ର ରୁହାଇ ଆସିବୁ ପଞ୍ଚାଳ ଦେଶେ
ଦ୍ରୁପଦର ତୁଲେ ଯୁଦ୍ଧ କରିବୁ ନିରାଶେ । ୭ ।
ଯେତେକ ବିଗ୍ରି ସେ ଗଲେ ହସ୍ତିନାକୁ
କରପତ୍ରେ ଧନୁ ତ୍ରୋଣେ କାଖେ ଘେନିଲେ ଅଶସ୍ତମାକୁ । ୮ ।
ପ୍ରବେଶ ହୋଇଲେ ଯାଇଂ କୃପ ଆଗ୍ୟର୍ଯ୍ୟଙ୍କ ଘରେ
ଦେଖିଣ ଆଗ୍ୟର୍ଯ୍ୟ ଆଶ୍ରିତ ହୋଇଲେ ସନିନ୍ଧରେ । ୯ ।
କୃପାଗ୍ୟର୍ଯ୍ୟ ପୁଛାକଲେ ଭଗ୍ନୀକି ନ ଦେଖି
ସଂଗରେ ତୁମ୍ଭେ କିଂପା ନ ଆଣିଲ କୃପୀକି । ୧୦ ।
ଯେ ପୁତ୍ର ଗୋଟି ହାଦେ କାହାର ହୋ ଦ୍ରୋଣେ
ତପୀପଣ ଛାଡି କିଂପେ ଧଇଲ ଧନୁ ତ୍ରୋଣେ । ୧୧ ।
ଅନେକ ବାଗେ ଯେ ପଗ୍ରିଲେ କୃପେ
ଆସନେ ବସାଇଲେ ଗଉରୋବେ ସମୀପେ । ୧୨ ।
ସ୍ନାହାନ କରାଇ ଭୋଜନ ଦିଲେ ତ୍ରିପୁତି
ଆଞ୍ଚୋବନ ସାରି ଆସନେ ବସାଇଲେ ମହାଯତି । ୧୩ ।

ଅରୁଣ ଲୋଚନୀ ଗୋ ଗରୁଡ ଖଗ ନାସା
ବିଶାଳ କଟି ଗୋ ବୃଷାଳ ଦନ୍ତ ଭାସା ।
ବାହୁ ଯୁଗଳ ଗୋ ବୀଣା ଯନ୍ତ୍ରଧାରୀ
ନାନା କଉତୁକେ ଶ୍ରୀବିଷ୍ଣୁ ମନୋହାରୀ ।
ସ୍ନାନ ଦାନ ପାନ ମା ଗୋ ଅତିୟ ଗହନ
ଅଣ୍ଡିର କୋକିଳ ୟେହ୍ନେ ଚୂତ ଘନ ।
ଶରୀର ଶକତା ମା ଗୋ ବିଦ୍ୟାରେ ଆଧିପତି
ତେଣୁ କରି ପିତା ନାମ ଦିଲେ ସରସ୍ୱତୀ ।
କୃପ ଆଗ୍ୟର୍ଯ୍ୟ ପୁଚ୍ଛା କଲେକ ଦ୍ରୋଣଙ୍କୁ
ଯେ ଶହସ୍ରମାନ ହେ କେ ଦିଲା ତୁମ୍ଭଙ୍କୁ । ୧୪ । ସଂଖ୍ୟା
ସୁସ୍ଥ ହୋଇ କହନ୍ତି ହରଷ ଭାବ ହୋଇ
ମୁକତିକଇଂ କାରଣ ପାଇଲୁ ଯେ ପୁତ୍ରକଇ । ୧୫ ।
ଆହୋ କୃପାଗ୍ୟର୍ଯ୍ୟ ବିପଦ ଆମ୍ଭକଇଂ ପଡିଲା
ଯେ ପୁତ୍ର ପ୍ରସବି ହାଦେ କୃପୀ ନାଶ ଗଲା । ୧୬ ।
କୃପେ ବିଷାଦ ହୋଇଲେ ତାହା ଶୁଣି
ଅତି ଦେଶାନ୍ତରୀ ହୋଇଲୁ ଅପ୍ରମାଣି । ୧୭ ।
ଯେଥେଂ ଯେବେ କରିଥଆନ୍ତ ଗୃହବାସ

ଆମ୍ଭ ଭଗ୍ନୀ କିଂପେ ହୁଅନ୍ତା ପ୍ରାଣ ନାଶ । ୧୮ ।
କୃପ ଆଚାର୍ଯ୍ୟଙ୍କର ଭାରିଯା ଲଘୁମଣି
ତହା ଗୋଚରେ ଅଶସ୍ତମାକଇ ସମର୍ପିଲେ ଆଣି । ୧୯ ।
ଯେ ପୁତ୍ର ଗୋଟିକି ଗୋ ପାଳସି ଯତନେ
ଆମ୍ଭର ପୁତ୍ର ହୋ ହାଦେ ଯେହାକୁ ନ ଦେଖିବୁ ଭିନ୍ନେ । ୨୦ ।
ଯେତେ ଶୁଣି ଲଘୁ ପୁତ୍ରକୁ କାଖେ ଘେନି
ଆଶ୍ୱାସନା କରି ମୁଖେ ଚୁମ୍ବନ ଦିଲେ ପୁଣି । ୨୧ ।
ସମସ୍ତ ଶହସ୍ରମାନ ଘେନିଣ ଦ୍ରୋଣ ମହାକ୍ଷତ୍ରୀ
ବନସ୍ତେ ପଶି ବିଦ୍ୟା ସାଧନ୍ତି ନିତି ପ୍ରତି । ୨୨ । ସଂଖ୍ୟା
ପ୍ରଶୁରାମଙ୍କର ଶିକ୍ଷାଯେ ଚଳନ୍ତି ଶସ୍ରମାନ
ଶରଘାତ ହୋଇପଡନ୍ତି ସମସ୍ତ ଜୀବମାନ । ୨୩ ।
ହରିଣ ବାହୁଟିଆ ଗଣ୍ଡା ଜୀବ ମାରି
କୃପ ଆଚାର୍ଯ୍ୟ ଘରକୁ ଆଣନ୍ତି ଭାର କରି । ୨୪ ।
ଶିବପୁର ନଗ୍ର କୌଶିକ ବ୍ରାହ୍ମଣ
ତାହାର ତହୁଁ କନ୍ୟା ଗୋଟିଯେ ପ୍ରଦାନ ହୋଇଲେ ଦ୍ରୋଣ । ୨୫ । ସଂଖ୍ୟା
ସେ କନ୍ୟାର ନାମ ଯେ ଅଟଇ ହରିତା
ସେ କୁମାରୀ ହୋଇଲା ଦ୍ରୋଣଙ୍କର ବନିତା । ୨୬ ।
ଫାଲଗୁନ୍ୟ ଶୁକଳପକ୍ଷ ସଉରିବାର ଷଷ୍ଠୀ
କୃପ ଆଚାର୍ଯ୍ୟେ ରାଇଲେ ଦ୍ରୋଣ ତପନିଷ୍ଠି । ୨୭ । ଶଚ୍ଛତ୍ତଚ୍ଛଙ୍ଗମଚ୍ଛଟ୍ଟର
ବାରୁଣାବନ୍ତ ଆଖଡାକୁ ଗଲ ଆମ୍ଭେ ଯିବା
ରାଜକୁମରମାନଙ୍କର ଶର ସାଧନ ଦେଖିବା । ୨୮ ।
କୃପେ ଦ୍ରୋଣେ ଗଲେ ହସ୍ତିନା ଆଖଡାକୁ
ଭୀଷ୍ମେ ପୁଅନ୍ତ ଖେଳାଉଛନ୍ତି ଶହସ୍ର ସୂତ୍ର ଜାଣିମାକୁ । ୨୯ । ସଂଖ୍ୟା
ଦ୍ରୋଣେ କୃପେ ଦୁହେଁ ଉଭା ହୋଇଣ ଅଛନ୍ତି
ଦେଖିଲେ ସମସ୍ତେ ଶର ସାଧନା କରନ୍ତି । ୩୦ ।
ଖେଳେ ଦ୍ରିଯୋଧନ ଲାଟ ଗୋଟିଯେ ମାରିଣ ଯେ ଦିଲା
ସେ ଲାଟ ଜୀର୍ଣ୍ଣ କୂପରେ ଯାଇଣ ପଡିଲା । ୩୧ ।
ଭୀଷ୍ମଙ୍କର ଅଗ୍ରତେ କହିଲେ ଯାଇଁ ଗ୍ଟ
ବାମ୍ଫୀର ଭିତରେ ଦେବ ପଡିଲା ଯାଇ ଲାଟ । ୩୨ ।
ସଭିଯେ ରୁଣ୍ଡ ହୋଇଲେ ବାମ୍ଫୀ କୂପ ବେଢି
ଦେଖିଲେ ସାତତାଳ ଗଭୀରେ ଲାଟ ଅଛି ପଡି । ୩୩ । ସଂଖ୍ୟା
ଦ୍ରିଯୋଧନ ବୋଇଲା ଯେହା କାଢିବା କେମନ୍ତେ
ପଣିତ ନୁଆରିଲୁ ଗଭୀର ଅପ୍ରମିତେ । ୩୪ ।
ଦ୍ରୋଣ ବୋଇଲେ ଯେ ସାମାନ୍ୟ କୂପ ଗୋଟି
ଯେ ଛାର ପୁଣ କିସ ଦୃଷ୍ଟି ବିଦ୍ୟା ସେଟି । ୩୫ ।
ଦ୍ରିଯୋଧନ ବୋଇଲା ତୁମ୍ଭେ ହୋ କାହିଁର ବ୍ରାହ୍ମଣ
ଦୃଷ୍ଟି ବିଦ୍ୟା ବୋଇଲେ ଯେବେ ଲାଟ ଦେଖି ଆଣ । ୩୬ ।
କୃପାଚାର୍ଯ୍ୟଙ୍କୁ ବୋଇଲେ ଭାରଦ୍ୱାଜଶଙ୍କ ତନୟେ
ଉପାଡି ଆଣ ହୋ ଗୁଗୁଟିଆ ଲୋଚିଯେ । ୩୭ ।

୨୯ ।୨ ଭୀଷ୍ମେ ପୁଅଙ୍କୁ କୋଥ ଖେଲାଉଛନ୍ତି ସୂତ୍ର ଜାଣିବାକୁ ।
ଭୀଷ୍ମେ ପୁଅଙ୍କୁ ଫନ୍ଦ କରାଉଛନ୍ତି ବିଦ୍ୟା ଜାଣିମାକୁ ।
କୋଥ ଖେଲାବନ୍ତି ସେ ମହାଶାନ୍ତି ମୂର୍ତ୍ତି ।
ଫନ୍ଦ ଖେଳ ଦେଖନ୍ତେ ଦେଖ ତୋଷ ମତି ।
୩୧ ।୨ ସୀଆ କୂପ ଗୋଟିକେ ସେ ଯାଇଣ ପଡିଲା
ସୀତା କୂପରେ ସେ ଯାଇଣ ପଡିଲା ।
୩୫ ।୨ ଯେ ଛାର କି ସାମାନ୍ୟ ଦୃଷ୍ଟି ବିଦ୍ୟା ହେଟି ।
୩୬ ।୨ ଉପାଡି ଆଣ ହୋ ଗୁଳୁଚିଆର ଫଳ ଲୋଚିଯେ ।
୨୯ ।୨ କୋଥ-ଆମ୍ବ୍ରେଟାକୁଆରେ ଖେଳ - (ଖବତ୍ତଶବନ୍ଦଶଷ ଉଷମନ୍ଦଷଚ୍ଛଚ୍ଚବତ୍ତସ୍ଥ,
ଖଚ୍ଛକ୍ଷରଙ୍କଦ୍ଧଚ୍ଛତ୍ତନ୍ଦଶ), କୋଥ, କୋୟ୍ ଉଭୟ୍
ପାଠ ଅଛି ।
କୃପ ଆଗ୍ୟର୍ଯ୍ୟେ ତାହା ଘେନି ଅଇଲେ ବହନ
ଗୁଗୁଚିୟା ଶର ଗୋଟିୟେ ଘେନିଲେକ ଦ୍ରୋଣ । ୩୮ । ସଂଖ୍ୟା
ମନ୍ତ୍ର ପଢି ମାଇଲେ ସେ କୁପର ଭିତରେ
ଗୁରୁଚିୟା ଶର ଯାଇ ବସିଲା ଲାଟର ଉପରେ । ୩୯ ।
ପୁଣ ଆରେକ ଗୋଟିୟେ ଦିଲେ ଦ୍ରୋଣ ଫିଙ୍ଗି
ସେ ଗୋଟି ଉପରେ ୟେ ଗୋଟି ବସିଲା ଯାଇ ବେଗି । ୪୦ । ସଂଖ୍ୟା
ପୁଣ ଗୋଟିଏ ଫିଙ୍ଗି ଦିଲେ ଭିତରେ
ୟେ ଗୋଟି ବସିଲା ଯାଇ ସେ ଗୋଟି ଉପରେ । ୪୧ । ସଂଖ୍ୟା
ଦ୍ରୋଣଙ୍କର ମନ୍ତ୍ର ମହିଂମା ଦେଖନ୍ତି ସର୍ବ ନୃପ କୁମରେ
ଗୁଗୁଚିଆ ଶର ଛାଡିଲେ ସାତ ତାଳ କୂପରେ । ୪୨ । ସଂଖ୍ୟା
ଦ୍ରୋଣେ ଘେନିଲେ ଯେଉଂ ଉପର ଶର ଗୋଟି
କୂପରୁ ବାହାର ଯେ ହୋଇ ଅଇଲା ଲାଟ ଗୋଟି । ୪୩ । ସଂଖ୍ୟା
ଭୀଷ୍ମଙ୍କ ଛାମୁରେ ଯେ ପକାଇଲେ ନେଇ
ସମସ୍ତେ ଆଶ୍ରିଜ ହୋଇଲେ ତାହା ଗ୍ହିଂ । ୪୪ ।
କାହାକଇଂ ଗୋଚର ନାହିଂ ନ ଦିଶଇ ବାଟ
ଗୁଗୁଚିଆ ନାରାଜେ ସେ ବାହାର ହୋଇଲା ଲାଟ । ୪୫ ।
ଗୁରୁଶ୍ରେଷ୍ଠ ହୋଇଲ ହୋ ତୁମ୍ଭେ ଦ୍ରୋଜବର
ୟେ ଘାନ୍ତି ଜାଣିବା ଦେଖି ବିଦ୍ୟା ଯେ ତୁମ୍ଭର । ୪୬ ।
ହସ୍ତରୁ ବଚ୍ଛା ମୁଦି ପକାଇଲେ କୂପରେ ଦ୍ରିଯୋଧନ
ୟେ ଘାନ୍ତି ବୁଝିବା ନ ତୋହୋର ମନ୍ତ୍ର ଗୁଣ ପୁଣ । ୪୭ ।
ଦ୍ରୋଣେ ବୋଇଲେ ୟେ ନୋହେ ଅସଂକ୍ଷେପ
ସମୋଦ୍ର ନଦୀ ନୋହଇ ୟେ ଛାର ମାତ୍ର କୂପ । ୪୮ ।
ପ୍ରତଗ୍ୟାଂ ଗାଢ ଦେଖିଣ ଦ୍ରିଯୋଧନ ହଟୁଂ
ହସ୍ତୁଂ ଦ୍ରୋଣେ ଆପଣେ ଯେ କାଢିଲେ କୁଶବଟୁ । ୪୯ ।
କୁଶବଟୁ ପକାଇଲେ କୂପର ଭିତରେ
ମୁଦି ଆବୋରି ବସିଲା ଯାଇ ଘରି ଫେରେ । ୫୦ ।

୪୩ ।୧ ଦ୍ରୋଣେ ତୋଳିଲେ ସେ ଉପର ଫଳ ଗୋଟି ।
୪୯ ।୧ ପ୍ରୋଢି ଗାଢ ଦେଖି ଦ୍ରିଯୋଧନ ହୁଟଂ ।
୪୭ ।୧ ବଚ୍ଛା-ଉତ୍କୃଷ୍ଟ
ଆସରେ ବୋଲିଣ ଡାକ ଦିଲେ ଦ୍ରୋଣ ଗୁରୁ
କୁଶବଟୁ ଲାଗି ମୁଦି ବାହାର ହୋଇଲା କୂପରୁ । ୫୧ ।
ଭୀଷ୍ମଙ୍କ ଛାମୁରେ ମୁଦି ପକାଇଲେ ନେଇ
ଭୀଷ୍ମେ ଆଶ୍ରିଜ ହୋଇଲେ ତାହାକଇଂ ଗ୍ୟହିଂ । ୫୨ ।
ଭୀଷ୍ମେ ବୋଇଲେ ଶୁଣସି ହୋ ବ୍ରାହ୍ମଣ
ଭାରଦ୍ୱାଜଶଙ୍କ ନନ୍ଦନ ଅଟ କି ତୁମ୍ଭେ ଦ୍ରୋଣ । ୫୩ ।
କୃପ ଆଗ୍ୟେୟ୍ୟ ବୋଇଲେ ଯେହି ସେ ଦ୍ରୋଣ ଅଟନ୍ତି
ପ୍ରଶୁରାମଙ୍କ ବିଦ୍ୟା ଯେ ସମସ୍ତ ଜାଣନ୍ତି । ୫୪ ।
ଭୀଷ୍ମେ ବୋଇଲେ ଦ୍ରୋଣେ ଦୟା କର ଯେ ପୁଅଙ୍କୁ
ବିଦ୍ୟାଗୁରୁ ହୋଇ ବିଦ୍ୟା ଶିଖାଅ ହୋ ଯେହାଙ୍କୁ । ୫୫ ।
ଅନେକ ବାଗେ ବୋଇଲେ କୃପ ଯେ ଆଗ୍ୟେୟ୍ୟ
ତହୁଂ ବିଦ୍ୟାଗୁରୁ ହୋଇଲେ ଭାରଦ୍ୱାଜଶଙ୍କର ଆତ୍ମଜେ । ୫୬ ।
ତୁଳ ମାସ କୃଷ୍ଣ ପକ୍ଷ ଚଉଠୀ ଗୁରୁବାର
ରୋହିଣୀ ନକ୍ଷତ୍ର ଯେ ବୃଷ ରାଶି ଅଟଇ ସେ ଦିନର । ୫୭ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ତୈତିଳ ନାମେ କରମ ଶିବ ନାମେ ଯୋଗ
ତୁଳ ସଂକ୍ରାନ୍ତିକି ପଚିଶ ଦିନ ଭୋଗ । ୫୮ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ସେ ଦିନ ବିଦ୍ୟାକୁ ଅନକୂଳ କଲେ ଦ୍ରୋଣ
ଗଣନାଥ ଆଖଡା ଚଣ୍ଡୀ ପୂଜିଲେ ତତକ୍ଷଣ । ୫୯
ସକାଳ ସନ୍ଧ୍ୟାୟେ ବେନି ବେଳ ସାଧନ୍ତି ଆଖଡା
ମଧ୍ୟାହ୍ନ ବେଳେ ପାଠ ପଢନ୍ତି ସର୍ବ ବୀରା । ୬୦
ଧାଉଡି ଆକ୍ରଷଣ ମାଲ ଯେ ଗୁଳୁଗୁଞ୍ଚି
ପଟା କୋନ୍ତ ବିନ୍ଧାଣ ସମସ୍ତ ଗୁରୁ ସଞ୍ଚି । ୬୧
ବେଦ ଶାହାସ୍ର ମନ୍ତ୍ରରେ କଲେକ ନିର୍ଜିତ
ଯେ ମନ୍ତ୍ରେଣ ଶିଷ ହୋଇଲେ ନିବିଡିତ । ୬୨

---

୬୧ ଆରଣ ଆକର୍ଷଣ ମାନ ଗୁଳୁଗୁଞ୍ଚ୍ୟ
ପଟ୍ଟ କୋନ୍ତ ଭାଲ ବିନ୍ଧାମ ସର୍ବ ସଞ୍ଚ୍ୟ ।
୬୨ ।୨ ଯେମନ୍ତେଣ ସମସ୍ତ ବୀରା ଚିଲା ଯେ ମାରନ୍ତା
ସମସ୍ତ ଶାହାସ୍ର ମାନ କରନ୍ତି ମୁଖ ହସ୍ତା ।
୬୨ ।୨ ନିବିଡିତ-କୁଶଳ, ସୁସ-ନ୍ନ
ଯୁଧେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
ଦ୍ରିଯୋଧନ ଯେକ ଉତ୍ତର ଶତେ ଭ୍ରାଥ ଅଶସ୍ତମା ରାଧେବ । ୬୩ । ସଂଖ୍ୟା
ଯେମନ୍ତେ ଆଠ ଉତ୍ତର ଶତେ ଭାଇ
ପ୍ରଶୁରାମଙ୍କର ବିଦ୍ୟା ଦ୍ରୋଣେ ସମସ୍ତ ଶିଖାଇ । ୬୪ । ସଂଖ୍ୟା
ଲାଖପଟା ଆକାଶ ତଳେ କଲେ ନେଇ
ସମସ୍ତଙ୍କୁ ଅଦୃଶ୍ୟ ହୋଇବାର ପାଇଂ । ୬୫ ।

ପଟା ଜଳା କଲେ ୟେକୋଇଶ ଗୋଟି
ଦ୍ରିଯୋଧନ ବିନ୍ଧନ୍ତେ ଜଳା ପାଖେ ବସଇଟି । ୬୬ ।ସଂଖ୍ୟା
ନୋହିଲେଣ ଚନ୍ଦ୍ର ଉପରେଣ ବସି
ଭୀମର ବିନ୍ଧନ୍ତେ ଜଳା ଆନଠାରେ ପଶି । ୬୭ ।
ଧୁଶାସନ କେହି ନ ବିନ୍ଧେ ସମର କରି
ଦ୍ରୋଣେ ସେ ସାତତାଳ ବିନ୍ଧନ୍ତି ଅନୁସରି । ୬୮ । ସଂଖ୍ୟା
କର୍ଣ୍ଣର ହସ୍ତରେ ନେଇ ଦିଲେକ ୟେ ଧନୁ
ବାଙ୍କ ଚନ୍ଦ୍ର ଦୁଇ ବିନ୍ଧଇ ରାଧେବର ତନୁ । ୬୯ ।
ଦେଖିଣ ହରଷ ମନ ହେଲେ ଦ୍ରିଯୋଧନ
ଚମତ୍କାର ପଡଇ ପାଣ୍ଡବଙ୍କର ମନ । ୭୦ ।
ଅର୍ଜୁନର ହସ୍ତେ ଗୁରୁ ଦିଲେ ନେଇ ଗ୍ୟପ
ବାଙ୍କ ଚନ୍ଦ୍ରକୁ ଗଲାଇ ବିନ୍ଧ ହେ ପାର୍ଥିବ । ୭୧ ।
ଗୁରୁଙ୍କୁ ନମସ୍କାର କରି ଧନୁରେ ନାରାଜ ବସାଇ
ବାଙ୍କଚୂଳି ଚନ୍ଦ୍ରେ ଅଠର ଦ୍ୱାରେ ଶର ଯାଇ । ୭୨ । ସଂଖ୍ୟା
ଦେଖିଣ ଚମତ୍କାର ହୋଇଲେ ଦ୍ରିଯୋଧନ
ଗୁରୁଙ୍କର ତହିଁ ତ ହୋଇଲେ ଅଧିକ ଅର୍ଜୁନ । ୭୩ ।
ଅଶସ୍ତମା ହସ୍ତେ ଧନୁ ପିତା ଦିଲେ ନେଇ
ୟେ ଚନ୍ଦ୍ରକୁ ବାଣ ବିନ୍ଧରେ ବାଳ ଯେ ତନଇ । ୭୪ ।
କରେ ନାରାଜ ଧରି ଧନୁରେ ଗୁଣ ଦିଲା
ପିତା ନାମ ଧରି ବିନ୍ଧନ୍ତେ ପଞ୍ଚଚନ୍ଦ୍ରେ ନାରାଜ ଚଳି ଗଲା । ୭୫ ।
ଦେଖିଣ ଦ୍ରୋଣ ଯେ ହୋଇଲେ ଚକିତ
ବାସବି ରାଧେବକୁ କେହି ନୋହିଲେ ସାମର୍ଥ । ୭୬ ।

---

୬୮ ।୧ କେହି-କିପରି
ଢାଲ ଫରି ଆଡଣ ପାଟଣ ଓହାଡଣ
କର୍ଣ୍ଣର ତୁଲେ ସମକଛ ହୋଇବ ଅର୍ଜୁନ । ୭୭ ।
ଦ୍ରିଯୋଧନର ତୁଲେ ଭୀମସେନ
ମାଲ ବିଦ୍ୟାରେ ପଥରେ ପକାନ୍ତି ସମାନ । ୭୮ ।
ନକୁଳ ଧୁଶାସନ ଘେନିଣ ଶାବେଲୀ
ଶତ ଭେଡା ପରିୟନ୍ତେ ନକୁଳ ଦିୟେ ପେଲି । ୭୯ । ସଂଖ୍ୟା
ଧୁଶାସନ ଦିଅଇ ପଞ୍ଚାବନ ଭେଡା
ଅଶସ୍ତମା ଦିଅଇ ପଞ୍ଚାଶୀ ପହଣ୍ଡ ଛଡା । ୮୦ । ସଂଖ୍ୟା
ଦୁଇଶତ ଭେଡା ଘୁଞ୍ଚାଇ ଦିଅଇ ଅର୍ଜୁନ
ଶତ ଭେଡା ଘୁଞ୍ଚାଇ ଦିଅଇ ବୀର କର୍ଣ୍ଣ । ୮୧ । ସଂଖ୍ୟା
ଦେଖିଣ ଦ୍ରିଯୋଧନ ହୁଅଇ ତାତିଷ୍ଠ
ସାଧୁ ସାଧୁ ଧନ୍ୟରେ ତୁ ପଣ୍ଡୁ ରାଜାର ଚ୍ୟଟ । ୮୨ ।
ମାଲ ବିଡମ୍ବ୍ରଣ ସମ ବିଦ୍ୟା ସିଦ୍ଧି
ଧନୁ ସାୟକ ବିଦ୍ୟା ସମସ୍ତେ ହେଲେ ସାଧ୍ୟ । ୮୩-୩୬୫୪ ।

---

୮୨ ।୧ ତାତିଷ୍ଠ-କାତର ।
ଜାରା ଶବର ଉପାଖ୍ୟାନ
ଅଗସ୍ତି ବୋଇଲେ ଶୁଣ ବଇବସ୍ୱତ ମନୁ
ଜାରା ନାମେ କିରାତ ଯେ ଅଜପତିର ତନୁ । ୧ ।
ଗଣ୍ଡା ଦୁଇଗୋଟା ଘେନି ଅଇଲା ଯତନେ
ବାରୁଣାବନ୍ତକଇଁ ଚଳଇ ତୋଷମନେ । ୨ ।
ମଥାରେ ମଜୂର ଝାଲି କଣ୍ଠେ ଗୁଞ୍ଜରା ମାଳି
ଲୋହିତ ବର୍ଣ୍ଣ ନେତ୍ର ଶରୀରେ ରଙ୍ଗଧୂଳି । ୩ ।
ଧାମଣା କାଠର ଧନୁ କଣ୍ଟା ବାୟେଁଶର ଗୁଣ
ଡାଳି ଆଭରଣ ଫିରିକି ନାରାଜ ତ୍ରୋଣ । ୪ ।

---

୩ ।୧ ମଜୂର-ମୟୁର
ୟେହେନେକ ସରୂପେ ଅଜପତିର ତନୟେ
ଦ୍ରୋଣଙ୍କୁ ଦ୍ରଶନ କଲା ବାରୁଣାବନ୍ତ ଆଖଡାୟେ । ୫ ।
ଗଣ୍ଡା ଦେଖି ସାନନ୍ଦ ହୋଇଲେ ଦ୍ରୋଣ ଗୁରୁ
ମୁହିଁ ବିଦ୍ୟା ପୁତ୍ର ହୋଇକି ଆଗ୍ୟାଁ ଯେବେ କରୁ । ୬ ।
ଯୁଦ୍ଧେଷ୍ଠି ବୋଇଲା ହୋ ଥାଉ ୟେ କିରାତ
ବନଚର ଲୋକ ୟେହାରେ କାର୍ଯ୍ୟ ଅଛି ବହୁତ । ୭ ।
ଶୁଣିଣ କୋପ କଲା ସେ ଧୃତରାଷ୍ଟ ବଳା
ରାଗେଣ ବୋଇଲା ତୁ ହୀନ କିରାତରେ ବହନ ୟେଥୁଁ ପଲା । ୮ ।
ଅର୍ଜୁନ ବୋଇଲା ୟେ ନୋହଇ ୟେମନ୍ତ
ବଚନର ଲୋକ ୟେହାରେ ଅଛଇ କାର୍ଯ୍ୟ ବହୁତ । ୯ ।
ଗଣ୍ଡା ହରିଣ ଯେ ମୃଗ ବାହୁଟିୟା
ଗମେରୀ ଆଦି କରି ଆଣୁଥିବ ଜିଆଦ ସାଲେହା । ୧୦ ।
ଥାଉ ବୋଲି କରି ଆଗ୍ୟାଁ ଦିଲେ ଗୁରୁ ଦ୍ରୋଣେ
ଦ୍ରିଯୋଧନ ବୋଇଲେ କିପାଁ ଭଣ୍ଡାଅ ଅକାରଣେ । ୧୧ ।
ଧୁଶାସନକୁ ବୋଇଲା ୟେହାକୁ ନିଅ ବାଳ ଧରି
ବନସ୍ତେ ଛାଡି ଆସ ଅନେକ ଅବସ୍ତା କରି । ୧୨ ।
ଶୁଣିଣ ଧୁଶାସନ କେଶ ଧରିଣ ଯେ କୋପେ
ଯୋଜନକ ଅନ୍ତରେ ଯେ ଛାଡିଲା ଗରୁ ତାପେ । ୧୩ ।
ସେ ଜାରା କିରାତ ଅନେକ କ୍ରୋଧ କଲା
ଆଖଡା ଶାଳରୁ ଆପଣା ପଲ୍ଲିକି ଝାଡ କାଟି ନେଲା । ୧୪ ।
ଆପଣା ପଲ୍ଲି ଦ୍ୱାରେ ଭିଆଇଲା ଆଖଡା
ଦ୍ୱାଦଶ ଯୋଜନେ ଥାଇ ସାଧଇ ମହାବୀର । ୧୫ । ସଂଖ୍ୟା
ଆପଣା ଦ୍ୱାରେ ଥାଇ ବାରୁଣାବନ୍ତ ଆଖଡାକୁ ଲୟ ଦେଇ
ଦ୍ୱାଦଶ ଯୋଜନେ ଥାଇ ବିଦ୍ୟା ସାଧଇ ତହିଁ । ୧୬ । ସଂଖ୍ୟା
ଦେଖ ହୋ ମହିମା ପ୍ରତାପୀ ଶବରା
ଦ୍ୱାଦଶ ଯୋଜନେ ଥାଇ ତଲୟେ କରଇ ଜାରା । ୧୭ । ସଂଖ୍ୟା

---

୧୦ ।୨ ସୟମ୍ଭର ଆଦି କରି ପାରାଧି ବରେହା ।
୧୪ ।୨ ଆଖଡା ଶାଳରୁ ଆପଣା ପଲ୍ଲିକି ଲଟା କଟାଇଲା ।
ଯେବଣ ପାଦ ଗତି କରନ୍ତି ଦ୍ରୋଣ ଗୁରୁ ଦେବେ
ସେହି ମତି ସାଧନ୍ତି ସର୍ବ କଉରୋବେ । ୧୮ ।
ସେହି ଗତିକି ଗ୍ରହିଂ ଶବର ସାଧଇ ସର୍ବ ବିଦ୍ୟା
ସମସ୍ତ ଶିଖିଲା ସେ କ୍ଷତ୍ରିୟ ମହାସିଦ୍ଧା । ୧୯ ।
ତାର ନାମେଣ ଯେ ତାହାର ପ୍ରିୟବତୀ
ସେ କିରାତକୁ ବୋଇଲା ବିମୁଖ କରି ମତି । ୨୦ ।
ଆମ୍ଭେ ବନଚର ଲୋକ ବନ ଜୀବ ଆହାରୀ
ମୃଗୟା ନ ଯାଇ କିଂପା ଧାଇଂ ଧାଇଂ ମରି । ୨୧ ।
ଜାର ବୋଇଲା ତୁ ଶୁଣସିରେ ସଂଘାତ
କାଳେ ଜାଣିମୁ ସିନା ଯେଥିର ତଦନ୍ତ । ୨୨ ।
ଭାରିଯା ବୋଇଲା ଯେହାକୁ କିସ କିସ ବୋଲି
କେବଣ ପ୍ରକୃତି ତୋର ଯେହା ବୁଝି ନ ପାରିଲି । ୨୩ ।
ଅକାରଣେ ପାମରରେ କିଂପେ ଧାଇଂ ଧାଇଂ ମରୁ
ଯେହା ଯେ ସାଧୁଅଛୁ ହୋ କେ ତୋହୋର ଗୁରୁ । ୨୪ ।
ଅଣ ଗୁରୁରେ ବିଦ୍ୟା ଯେ ନୋହଇ ପରାପତ
ମୂର୍ଖ ପାମର ହୋ ତୁ ବନଚରେ ଜାତ । ୨୫ ।
ଭାରିଯାର ବଚନ ପରମ ହିତ କଲା
ମାଟିର ଦ୍ରୋଣେକ ସେ କିରାତ ବେଗେଣ ଥାପିଲା । ୨୬ ।
ମଥାରେ ଖଞ୍ଜିଲା ସେ କୃଷ୍ଣ ମୃଗର ଚ୍ୟମର
ଗୁଞ୍ଜରା ମାଳୀଯେ ଖଞ୍ଜିଲାକ ଲଲାଟେ ତାହାର । ୨୭ ।
ସଷ୍ଟିକ ବେନି ଗୋଟି ଚକ୍ଷୁରେଣ ଖଞ୍ଜି
ଗୁଞ୍ଜ ଗରଗଡ ମାଳୀ ଗଳାରେ ଅଛି ରଞ୍ଜି । ୨୮ ।
କୋଇଲି ସୂତା ପଇତା ଆଭରଣ କଲା ବାମ କନ୍ଧେ
କୁମୁଦ ମାଳ ଉତତୁରୀ ଲମ୍ବ୍ରାଇଲା ଛନ୍ଦେ । ୨୯ ।
ଚନ୍ଦନ କାଠ ଘୋରି ହୃଦରେ ଦିଲା ଚିତା
ଧାମଣା କାଠର ଧନୁ ଧରାଇଲା ବାମ ହସ୍ତା । ୩୦ ।

---

୨୧ ।୨ ମୃଗୟାକୁ ନ ଯାଉ ଅଶକନ୍ଦି ହୋଇ କି-ା ମରି ।
ଡାହାଣ ଭୁଜର ଯେ ତର୍ଜନୀ ଅଙ୍ଗୁଷ୍ଠ
ଆଖଡାଶାଳକୁ ତାହାର କରାଇଛି ଦୃଷ୍ଟି । ୩୧ ।
ସେ ମୃତ୍ତିକା ଦ୍ରୋଣର ଚରଣାମ୍ବୁଜ ସେବି
ସାଧିଲା ସମସ୍ତ ବିଦ୍ୟା କିରାତସେନ ବଇଷ୍ଟଂଭୀ । ୩୨ ।
ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗପତି
ଯେମନ୍ତେ ବିଦ୍ୟା ସାଧିଲା ଚଉବିଂଶ ବର୍ଷ ପରିଯନ୍ତି । ୩୩ । ସଂଖ୍ୟା
ସମସ୍ତ ବିଦ୍ୟାରେ ସେ ହୋଇଲା ନିର୍ଜିତା
ଧନୁ ବିଦ୍ୟାରେ ସେ ହୋଇଲା ବଳବନ୍ତା । ୩୪-୩୬୮ ।

---

୩୨ ।୨ ବଇଷ୍ଟଂଭୀ-ବିଶ୍ରମ୍ଭୀ-ବିଶ୍ୱ୍ରସୀ
ଯୁଧିଷ୍ଠିରାଦିଙ୍କ ଅସ୍ତ୍ର ପରୀକ୍ଷା
ବସନ୍ତ ଋତୁ ସେ ଫାଲଗୁନ ମାସ
ବହୁଳ ପକ୍ଷ ତୃତୀୟା ଶୁକ୍ରଙ୍କ ଦିବସ । ୧ ।
ହସ୍ତା ନକ୍ଷତ୍ର ଯେ ବତିଶ ଦଣ୍ଡ ଭୋଗ
ବାଣିଜ୍ୟ ନାମେ କରମ ଶୂଳ ନାମେ ଯୋଗ । ୨ ।ସଂଖ୍ୟା
ଅଗ୍ନିକୋଣେ ଯୋଗିନୀ ନାରାୟଣୀ ମୂର୍ତ୍ତି
ସପତମେ ଚନ୍ଦ୍ର ଯେ ପଞ୍ଚମେ ବୃହସ୍ପତି । ୩ । ଶଚ୍ଛତ୍ତଚ୍ଛଙ୍କମଚ୍ଛଟ୍ଟର
ଯେସନେକ ଯୋଗ ଅନକୂଳ ବାଢି
ବିଦ୍ୟା ପରୀକ୍ଷ ନିମନ୍ତେ ଶୁଭ ବେଳା ଧରି । ୪ ।
ଯେକା ହୋଇ ଗୁରୁ ପଶିଲେ ଘୋର ବନେ
ରାତ୍ରେ ବିଜେ କଲେ କୁଣ୍ଡଳୀ ନଦୀ ସନ୍ନିଧାନେ । ୫ ।
କୋଶେ ପରିଯନ୍ତେ ନେଲେ ବନ କାଟି
କୁଣ୍ଡଳା ନାମେ ଦେଖିଲେ ଯେକ ପର୍ବତ ଗୋଟି । ୬ ।
ସେ ପର୍ବତ ଉପରେ ଥିଲା କୃଷ୍ଣ ଅଗ୍ରର ବୃକ୍ଷେ
ନାରାଜେ ଅଧେକ ତାହା ଛେଦିଲେ ପ୍ରତକ୍ଷେ । ୭ ।
ସେ ଖମ୍ଭ୍ର ଉପରେ ବସାଇଲେ ଖଡିକା ଗୋଟିଯେ
ତହିଁର ଉପରେ ବସାଇଲେ ଶୃଙ୍ଗଧାନ ଗୋଟିଯେ । ୮ ।ସଂଖ୍ୟା
ତହିଁର ଉପରେ ଗରଗଡ ଗୋଟିଯେ ଯେ ଥୋଇ
ଗରଗଡ ଉପରେ ସୋରିଷ ଗୋଟିଯେ ବସାଇ । ୯ ।ସଂଖ୍ୟା
ଯେସନେକ ଉପାଯେ କଲେ ଦ୍ରୋଣେ ତହିଁ
ରାଜପୁତ୍ର ମାନେ ଯେହା ନ ଜାଣନ୍ତି କେହି । ୧୦ ।
ବାହୁଡି ଅଇଲେ ଭାରଦ୍ୱ୍ରାଦଶଙ୍କ ସୁତେ
କୁମରନ୍ତ ଘେନିଗଲେ ବିଦ୍ୟା ପରୀକ୍ଷ ନିମନ୍ତେ । ୧୧ ।
ସେ ନଦୀର ତୀରେ ରହିଲେ ଭାରଦ୍ୱ୍ରାଦଶଙ୍କ ତନୁ
କର୍ଣ୍ଣର ହାଥରେ ଗୁରୁ ଦିଲେ ପ୍ରଥମେଣ ଧନୁ । ୧୨ ।
ବୋଇଲେ ନାରାଜ ପୂରୋଇ ନିରୋପନିରେ କର୍ଣ୍ଣ
କିସ କିସଇ ଦିଶଇରେ ପର୍ବତର ସ୍ଥାନ । ୧୩ ।
କର୍ଣ୍ଣ ଗ୍ରହିଂଲା ଯେ ନାରାଜ ପୂରୋଇ
ବେନି ଜାନୁ କି-ଲା ଯେ ଥରହର ହୋଇ । ୧୪ ।
ଆକ୍ରଷଣ କରି ଯେ ଗ୍ରହିଂଲା ବୀର କର୍ଣ୍ଣ
ଗୁରୁଙ୍କର ମୁଖ ଗ୍ରହିଂ ବୋଲଇ ବଚନ । ୧୫ ।
ପର୍ବତ ଗୋଟିଯେ ଦିଶଇ ଗୁରୁ ଦୂରେ
ଖମ୍ଭ୍ର ଗୋଟିଯେ ଦିଶଇ ତହିଁର ଉପରେ । ୧୬ ।ସଂଖ୍ୟା
ତହିଁର ଉପରେ ଖଡିକା ଦିଶଇ ଗୋଟିଯେ
ଖଡିକାର ପରେ ଦିଶେ ଶୃଙ୍ଗଧାନ ଗୋଟିଯେ । ୧୭ ।ସଂଖ୍ୟା
ଶୃଙ୍ଗଧାନ ଉପରେ ଗୁରୁ ହେ ଅଛଇ ଗରଗଡ ପୁଣ
ଆନ କିଛି ହିଁ ନ ଦିଶଇ ବେନି ଯେ ନୟନ । ୧୮ ।
ସୋରିଷ ନ ଦିଶଇ ବୋଇଲେ ଗୁରୁ ଦ୍ରୋଣେ
ଗ୍ରିପାଦେ ବିଦ୍ୟା ତ ନୋହିଲା ସଂପୂର୍ଣ୍ଣେ । ୧୯ । ସଂଖ୍ୟା

କର୍ଣ୍ଣ ହସ୍ତରୁ ଧଇଲେ ଅଜଙ୍ଗ ନାମା ଧନୁ
ଅଶସ୍ତମା ହସ୍ତେ ଦିଲେ ଭାରଦ୍ୱାଜଶଙ୍କର ତନୁ । ୨୦ ।
ତୁ ମୋହୋର ନନ୍ଦନରେ କ୍ଷତ୍ରିୟ ପୁତ୍ର ଗୋଟି
ଧନୁରେ ନାରାଜ ପୂରୋଇ କର ବାବୁ ଦୃଷ୍ଟି । ୨୧ ।
କିସ କିସ ଦୃଶ୍ୟ ବାବୁରେ ହୋଇବାକ ଗୋତେ
ନିରୋପି କହନି ବାବୁ ମୋହୋର ଅଗ୍ରତେ । ୨୨ ।
ପିତାର ଆଗ୍ୟାଂରେଣ ନାରାଜ ପୂରୋଇଣ ଶିଷି
ଆକ୍ରେଷିଣ ବୋଇଲାକ ଗତ ପର୍ବତେକ ଦିଶି । ୨୩ ।
ତହିଁର ଉପରେ ଦିଶଇ ଖମ୍ଭ ଯେ ଗୋଟିଯେ
ଖମ୍ଭର ଉପରେ ଦିଶଇ ଖଡିକା ଗୋଟିଯେ । ୨୪ । ସଂଖ୍ୟା
ଅନ୍ତରେ ଗରଗଡ ଗୋଟିଯେ ଦିଶଇ ତତ
ଆନ କିଛି ନ ଦିଶଇ କହିଲା ବଳବନ୍ତ । ୨୫ । ସଂଖ୍ୟା
ଛାଡ ଧନୁ ବୋଲି ଦିଲେ ଯୁଝେଷ୍ଠିଙ୍କର ହସ୍ତେ
ଧନୁରେ ନାରାଜ ପୂରୋଇ ନିରୋପନ୍ତି କୌନ୍ତେ । ୨୬ ।
ଯେତେବେଳେ ଧନୁ ଆକ୍ରେଷିଲେ ଯୁଝେଷ୍ଠି
ଆକ୍ରଷଣ କରନ୍ତେ କ-ଇ ବେନି ମୁଷ୍ଟି । ୨୭ ।
ବନସ୍ତ ଭିତରେ ଦିଶଇ ପର୍ବତ ଗୋଟିଯେ
ପର୍ବତ ଉପରେ ଦିଶଇ ଅମ୍ଭ ଯେ ଗୋଟିଯେ । ୨୮ । ସଂଖ୍ୟା
ଖମ୍ଭର ଉପରେ ଅଛି ଖଡିକା ଗୋଟିଯେ
ଆନ କିଛି ନ ଦିଶଇ କହିଲି ଗୁରୁ ହେ । ୨୯ । ସଂଖ୍ୟା
ଛାଡ ଛାଡ ଧନୁ ବୋଲି ବୋଇଲେ ଭାରଦ୍ୱାଜଶଙ୍କ ତନୟେ
ସଂପୂର୍ଣ୍ଣ ବିଦ୍ୟା ନ ଦିଶଇ ଯେତେ ଜଣ ଠାଯେ । ୩୦ ।
ଦ୍ରିଯୋଧନ ହସ୍ତେ ଦ୍ରୋଣେ ଦିଲେକ ନେଇ ଧନୁ
ନାରାଜ ପୂରୋଇ ନିରୋପଇ ଧୃତରାଷ୍ଟି
ଅପାର ଦୂରେ ଦିଶଇ ଧବଳ ପର୍ବତ ଗୋଟି । ୩୨ ।
ଖମ୍ଭ ଗୋଟିଯେକ ଦିଶଇ ତହିଁର ଉପରେ
ଖଡିକା ଗୋଟିଯେ ଦିଶଇ କିଞ୍ଚିତ ମାତ୍ରକରେ । ୩୩ । ସଂଖ୍ୟା
ଆନ ତହିଁ କିଛି ନ ଦିଶଇ ଶୁଣିମା ଗୁରୁ ହେ
ଦ୍ରୋଣେ ବୋଇଲେ କିଛି ହିଁ ତୁ ନ ପାଇଲୁ ସନ୍ଦେହେ । ୩୪ ।
ଦ୍ରିଯୋଧନ ହସ୍ତରୁ ଧନୁ ଯେ ଛଡାଇ
ଧୁଶାସନ ହସ୍ତେ ଅଜଙ୍ଗ ଧନୁ ଦିଲେ ନେଇ । ୩୫ ।
ଦେଖରେ ଧୁଶାସନ କିସ କିସ ଦିଶି
ଗୁରୁଙ୍କର ବଚନେ ନାରାଜ ପୂରୋଇ ଆକ୍ରୋଷି । ୩୬ ।
ବନସ୍ତ ଭିତରେ ପର୍ବତେକ ଦିଶଇ ତତ
ମେଘମାଳମାନ ଦିଶଇ ଅପ୍ରମିତ । ୩୭ ।
ଛାଡ ଗଡ ବୋଲି ଧୁଶାସନ କରୁ ଧନୁ ଘେନି
ଭୀମସେନ ହସ୍ତରେ ଦିଲେକ ଗୁରୁ ଦ୍ରୋଣି । ୩୮ ।
ନାରାଜ ପୂରୋଇ ନିରୋପରେ ଭୀମସେନ
କିସ କିସ ଦିଶଇ କହ ସରୂପ ବଚନ । ୩୯ ।
କହି ଭୀମସେନ ଯେ ଶୁକଳ ପର୍ବତ

ଖମ୍ଭ୍ର ଗୋଟିୟେ ଦିଶଇ ବିଦ୍ୟମାନ ସାକ୍ଷାତ । ୪୦ । ସଂଖ୍ୟା
ଖଡିକା ଗୋଟିୟେ ଦିଶଇ ଗୁରୁ ହେ
ଆନ କିଛି ନ ଦିଶଇ ବୋଇଲେ ସନ୍ଦେହେ । ୪୧ । ସଂଖ୍ୟା
ବୋଇଲେ ଦ୍ରିୟୋଧନ ଗଦା ବିଦ୍ୟାରେ ପରିପୂର୍ଣ୍ଣ
ସମସ୍ତ ଭ୍ରାଥମାନେ ୟେହି ରୂପେ ପୁଣ । ୪୨ ।
ଛାଡ ଛାଡ ବୋଲି ହସ୍ତରୁ ଧନୁ ଘେନି
ସନିଧ୍ୟେଣ ରାଇରେ କୁମାର ଫାଲଗୁନି । ୪୩ ।
ଅଜଙ୍ଗ ଧନୁ ଦିଲେ ତାହାର ୟେ ହସ୍ତେ
ନାରାଜ ପୂରୋଇ ବାବୁ କର ଦୃଷ୍ଟି ପାତେ । ୪୪ ।
ନାରାଜ ପୂରୋଇ ସେ ନିରୋପଇ ଅରଜୁନ
ଗୁରୁଙ୍କର ଅଗ୍ରତେ କହଇ ଫାଲଗୁନ୍ୟ । ୪୫ ।
ଆଠ ସହସ୍ର ଆଠ ଶତ ଅଠାଇଶି ପହଣ୍ଡେ
ପର୍ବତ ଉପରେ ଦିଶଇ ବୃକ୍ଷର ଅର୍ଦ୍ଧ ଖଣ୍ଡେ । ୪୬ । ସଂଖ୍ୟା
ତହିଁର ଉପରେ ଦିଶଇ ଖଡିକା ଗୋଟିୟେ
ତହିଁର ଉପରେ ଅଛି ଶୃଙ୍ଗଧାନ ଗୋଟିୟେ । ୪୭ । ସଂଖ୍ୟା
ଶୃଙ୍ଗଧାନ ଉପରେ ଗରଗଡ ୟେ ଅଛଇ
ତହିଁର ଉପରେ ସୋରିଷ ଗୋଟିୟେ ଦିଶଇ । ୪୮ । ସଂଖ୍ୟା
ଖମ୍ଭ୍ରକୁ ବିନ୍ଧିବି କି ଖଡିକାକୁ ବିନ୍ଧିବି
କହ ଗୁରୁ ହେ ଶୃଙ୍ଗଧାନକୁ ନାରାଜ ସନ୍ଧିବି । ୪୯ ।

---

୪୯ ।୧ ଥମ୍ଭ୍ର ମଧ୍ୟ ପୋଥିମାନଙ୍କରେ ଅଛି ।
ଗରଗଡକୁ ବିନ୍ଧିବି କି ସୋରିଷକୁ ବିନ୍ଧିବି ସନ୍ଦେହେ
କାହାକୁ ବିନ୍ଧିବି ମୋତେ ଆଗ୍ୟାଂ ହୋଉ ଗୁରୁ ହେ । ୫୦ ।
ଦ୍ରୋଣେ ବୋଇଲେ ବାବୁ ଛାଡ ଛାଡ ଧନୁ
ତୁ ସେ ଭାରାଭର ଉଶ୍ରାସିବୁ ୟେ ମଧ୍ୟ ଭୁବନଂ । ୫୧ ।
ଅର୍ଜୁନ ପୂରୋଇ ଅଛି ଦିବ୍ୟ ଶର
ଦେଖି ଅଛନ୍ତି ବେଢି ସର୍ବ ରାଜକୁମର । ୫୨ ।
ଅର୍ଜୁନ ବୋଇଲା ଗୁରୁ ହେ ପୂରୋଇଲି ଶର
ନ ବିନ୍ଧିଲେ ଦୋଷ ୟେଥେଂ ଅଛଇ ଅପାର । ୫୩ ।
ଦ୍ରୋଣେ ବୋଇଲେ ବାବୁ ତୁ ଦୃଢ କରସି ମୁଷ୍ଟି
ନିଶ୍ଚଳ ହୋଇ ଖମ୍ଭ୍ର ଖଡିକା ଧାନ ଗରଗଡ ଗୋଟି । ୫୪ ।
ସମସ୍ତେ ତହିଁରେ ୟେ ହୋଇଥିବେ ନିଶ୍ଚଳ
ତହିଁ ଉପରେ ସୋରିଷ ଗୋଟିୟେ ହୋଇବ ବେନିଫାଳ । ୫୫ । ସଂଖ୍ୟା
ୟେହେନେକ ସ୍ତ୍ରରୂପ ନାରାଜ ବିନ୍ଧ ବାବୁ
ବିନ୍ଧିଲେ ଜଗଜିତା ତୁହିରେ ହୋଇବୁ । ୫୬ ।
ଦ୍ରୋଣଙ୍କର ବଚନେ ସାନନ୍ଦ ଫାଲଗୁନି
ହୃଦଗତେ ଲୟେ କଲା ଅବଲୋକନ ଶସ୍ର ଘେନି । ୫୭ ।
କିଞ୍ଚିତ ପ୍ରାକ୍ରମେ ସେ ବିନ୍ଧିଲା ସୂତ୍ର ଶର
ଅନ୍ତରୀକ୍ଷେ ପଡିଲା ସେ ସୋରିଷ ଉପର । ୫୮ ।

ବିଦ୍ୟାର ସରୂପ ଦେଖ ହେ ମହୀପାଳ
ନାରାଜ ପଡି ସୋରିଷ ହୋଇଲା ବେନି ଫାଳ । ୫୯ ।

---

୫୮ ।୨ ଅନ୍ତରୀକ୍ଷେ ନାରାଜ ପଡିଲା ସୋରିଷ ଉପରେ ।
ନାରାଜ ପଡିଲା ସୋରିଷ ହୋଇଲା ବେନିଫାଳେ ।
୫୯ ।୧ ବିଦ୍ୟାର ସରୂପ ଦେଖ ହେ ମହୀପାଳ ସ୍ଥାନରେ ଅଧିକା ପାଠ-
ବିଦ୍ୟା ପରୀକ୍ଷ ହାଦେ ଦେଖ ହୋ ମହୀପାଳେ
ଖମ୍ଭ୍ର ଖଡିକା ଗରଗଡ ଧାନ ଅଛଇ ନିଶ୍ଚଳେ ।
ଦୁଇଫାଳ ହୋଇ ସେ ସୋରିଷ ରହିଲା
ବିଦ୍ୟା ପରୀକ୍ଷ ଅର୍ଜୁନ ୟେମନ୍ତଟି କଲା ।
ଧନୁ ଉଛାଡିଲେ କ-ଇ ହାଦେ ମୁଷ୍ଟି
ପବନ ଗତି ପ୍ରାୟେ କ-ଇ ହାଦେ ମୁଷ୍ଟି ।
କିଞ୍ଚିତ ଅବଲୋକନେ ବିନ୍ଧିଲା ସର୍ବସାଚୀ ବୀର
ଅନ୍ତରୀକ୍ଷେ ନାରାଜ ପଡିଲା ସୋରିଷ ଉପର ।
ଖମ୍ଭ୍ର ଖଡିକା ଧାନ ଗରଗଡ ନ ଟଳିଲା
ଦୁଇଫାଳ ହୋଇ ସୋରିଷ ସେହି ଗରଗଡରେ ରହିଲା । ୬୦ ।
ପ୍ରତକ୍ଷେ ବିଦ୍ୟା ଦେଖିଲେ ଦ୍ରୋଣ ଗୁରୁ
ସାଧୁ ସାଧୁ ଧୁନି ଗୋଟିୟେ ଶୁଭିଲା ଆକାଶରୁ । ୬୧ । ସଂଖ୍ୟା
ଦେଖି ପରମ ସାନନ୍ଦ ଭାରଦ୍ୱାଦଶଙ୍କ ଶିଷି
ବାବୁ ପ୍ରଶୁରାମଙ୍କର ବିଦ୍ୟା ତୋହୋର ତହିଁ ଅଛି । ୬୨ ।
ୟେତେ ବିଗ୍ରି ସେ ଋଷିକୁଳ ବଚ୍ଛ
ତୁହି ସେ ଭାରା ବାବୁ ନିବାରିବୁ ପ୍ରତଚ୍ଛ । ୬୩ ।
ଆବର ୟେମାନଙ୍କରେ କିସ ପ୍ରୟୋଜନ
ବାହୁଡି ଶିଷ୍ୟନ୍ତ ଘେନି ଅଇଲେ ବାରୁଣାବନ୍ତ ଭୁବନ । ୬୪-୩୭୫୨ ।

---

୬୩ ।୧ ବଚ୍ଛ-ବଷ୍ୟ, ୬୩ ।୨ ପ୍ରତଚ୍ଛ-ପ୍ରତକ୍ଷ
ଦ୍ରୋଣଙ୍କୁ କୁମ୍ଭୀର ମୁଖରୁ ଅର୍ଜୁନଙ୍କ ରକ୍ଷା
ବାହୁଡିଲେ ଦ୍ରୋଣ ଶିଷ୍ୟଗଣନ୍ତ ସମେତେ
ଗଙ୍ଗାକଇ ଗଲେ ଆହର୍ଣ୍ଣିକ ନିମନ୍ତେ । ୧ ।
ଅର୍ଜୁନ ରାଇ ଆଗ୍ୟାଂ ଅବଧାରି
ତୁ ସେ ଯାଅନି ବାବୁ ଆମ୍ଭର ନିଜ ପୁରୀ । ୨ ।
ତିଳ ଖଣ୍ଡିୟେ ଆଣ ବାବୁ ମଥାରେ ଲଗାଇବାକୁ
ସେ ତିଳ ତଳେ ନ ଥୋଇବୁ ବାବୁ ମୋହୋର ଶପତ ତୁକୁ । ୩ ।
ଗୁରୁ ଆଗ୍ୟାଂ ଶିରେ ନିବେଶି ଅର୍ଜୁନ ଚଳି ଯାଇ
ଗୁପତେ ଦ୍ରିୟୋଧନକୁ ପାଶକଇ ରାଇ । ୪ ।
ମନଭେଦୀ ବିଦ୍ୟା ୟେ କହିଲେ ଗୁରୁ ଦ୍ରୋଣେ
ନାରାଜ ପୂରୋଇ ଦ୍ରିୟୋଧନ ହୋଇଲା ଠାଣମାଣେ । ୫ ।
ମନ୍ତ୍ର ସୁମରି ବିନ୍ଧିଲା ସୂତ୍ରେ ଶର
ନାରାଜ ନ କ୍ଷେପିଲା ଯାଇ ପତ୍ରଙ୍କ ଉପର । ୬ ।

ଛାଡ ଛାଡ ବୋଲି ଗୁରୁ ଆପଣେ ଧନୁ ଧରି
ମନ୍ତ୍ର ଆବାହନେ ନାରାଜ ସନ୍ଧାନ କରି । ୭ ।
ସେ ନାରାଜ ଯାଇ ପଡିଲା ପତ୍ରଙ୍କ ଉପରେ
ଦେଖି ରହି ପତ୍ରମାନେ ପଡିଲେ ଭୂମିରେ । ୮ ।
ତହୁଁ ଦ୍ରୋଣେ ଯେ ବେଗେ ଚଳି ଗଲେ
ଶିଷ୍ୟମାନନ୍ତ ଘେନି ନଦୀ କୂଳରେ ରହିଲେ । ୯ ।
ଅର୍ଜୁନ ଗଲା ଯେ ଗୁରୁଙ୍କ ମନ୍ଦିରେ
ତିଳ ଖୋରି ଘେନି ସେ ଆସଇ ବେଗେ ଖରେ । ୧୦ ।
ଦେଖିଲା ବଟବୃକ୍ଷ ସେ ପତ୍ର ନାହିଁ କିଛି
ହୃଦଗତେ ବିଚାରି ଜାଣିଲା ସର୍ବସାଚୀ । ୧୧ ।
ଯେଥିର ନିମନ୍ତେ ଗୁରୁ ପେଷିଲେକ ମୁକୁ
ଗୁପତେ ମନ୍ତ୍ର ଯେହା କହିଲେ ଦ୍ରିଯୋଧନକୁ । ୧୨ ।
ହୃଦଗତେ ବିସରିଲା ବୀର ଫାଲଗୁନି
ପଞ୍ଚ ନାରାଜ ବିନ୍ଧିଲା ମହାମନ୍ତ୍ର ଘେନି । ୧୩ ।
ତିଳ ଖୋରି ଗୋଟି ଥୋଇଲା ସେ ନାରାଜ ଉପରେ
ଗୁରୁଙ୍କର ବଚନ ଯେ ନିବେଶିତ ଶିରେ । ୧୪ ।
ଧନୁରେ ଶସ୍ତ୍ର ଦେଇ ଠିଆ ଠାଣି ହୋଇଲା
ନାରାଜମାନ ପେଷି ସେ ବେଣ୍ଟମାନ ଛିନାଇଲା । ୧୫ ।
ତହୁଁ ତିଳ ଖୋରି ଘେନି ଗମଇ ଅତି ବେଗେ
ପ୍ରବେଶ ହୋଇଲା ଯାଇ ଗୁରୁଙ୍କର ଆଗେ । ୧୬ ।
ଦେଖିଣ ସନ୍ତୋଷ ହୋଇଲେ ତପୋବନ୍ତେ
ସେ ତିଳ ଗୁରୁ ଲଗାଇଲେ ନିଜ ମାଥେ । ୧୭ ।
ଗଙ୍ଗାଜଳେ ଗୁରୁ ପଶିଲେ ଅବଗାହି
ଜଳପ୍ରଭା ଥିଲା ସେ ଧଇଲା ନିଠାଇ । ୧୮ ।
ଯଦ୍ୟପି ଆପଣେ ତ ବିନାଶି ପାରଇ
ଶିଷ୍ୟନ୍ତ ହାକ ଦିଲେ ଅତି ଆକୁଳ ହୋଇ । ୧୯ ।
ସମସ୍ତେ ପଳାଇ ଯାଇ କୂଳରେ ଉଠିଲେ
ଅର୍ଜୁନ ରହିଲା ଯେକା ଗୁରୁଙ୍କର ତୁଲେ । ୨୦ ।
ଧନୁରେଣ ନାରାଜ ସେ ପୂରାଇ ଛାଡିଲା
ପ୍ରାଣ ବିସର୍ଜିଣ ଜଳପ୍ରଭା ହିଁ ପଡିଲା । ୨୧ ।
ଦ୍ରୋଣଙ୍କର ଅଙ୍ଗେ ନୋହିଲାକ ଆଘାତ
କୁମ୍ଭୀର ମାତ୍ରକ ସେ ହୋଇଲାକ ହାତ । ୨୨-୩୭୭୪ ।

---

୧୩ ।୨ ପଞ୍ଚ ନାରାଜ କୁରୁଳି ହୋଇଲା ମେଦିନୀ ।
ଦ୍ରୋଣଙ୍କର ଅର୍ଜୁନକୁ ବ୍ରହ୍ମଶିରା ଶର ପ୍ରଦାନ
ଶୁଣ ହୋ ରାଜନ ସନ୍ତୋଷ ହୋଇ ଗୁରୁ କୂଳେ ଯାଇ ଉଠି
ବ୍ରହ୍ମଶିରା ଶର ଦିଲେକ କିରଟୀ । ୧ ।
ସାମାନ୍ୟକଇ ପେଷିଲେ ଆପଣା ପ୍ରାଣ ନାଶ ଯାଇ
ମହାତ୍ମା ଜନ ହୋଇଲେ ସେ ନିଶ୍ଚୟେ ନଶଇ । ୨ ।

ତହୁଁ ଗମନ କରି ଆସନ୍ତି ଗୁରୁ ଶିଷ୍ୟେ
ସେହି ବଟବୃକ୍ଷ ତଳେ ହୋଇଲେ ପ୍ରବେଶେ । ୩ ।
ଦେଖିଲେ ଶାଖା ହୋଇଅଛି ମୁଣ୍ଡିତ
ହୃଦଗତେ ବିଚାରି ଜାଣିଲେ ଋଷସୁତ । ୪ ।
ଅର୍ଜୁନକଇଁ ହକାରି ବୋଇଲେ ବଚନ
ଆମ୍ଭର ବଚନ ତୁ ଲଘିଁଲୁ ବିଦ୍ୟମାନ । ୫ ।
କରପତ୍ର ଯୋଡି ସେ ବୋଇଲା ଅରଜୁନ
ତୁମ୍ଭର ବଚନ ମୋତେ ଶିରାଗ୍ରତ ଜାଣ । ୬ ।
ଭୂମିଗତେ ମୁଁ ଯେ ନ ଥୋଇଲି ତିଳ ଖୋରି
ପଞ୍ଚ ନାରାଜ ବିନ୍ଧି କୁରୁଳି ଥୋଇଲି ଗଗନ ଚାରି । ୭ । ସଂଖ୍ୟା
ଶୁଣିଣ ଗୁରୁ ଯେ ହୋଇଲେ ସନ୍ତୋଷ
ମନ ଛେଦନ ମନ୍ତ୍ର କହିଲେ ଉପଦେଶ । ୮ ।
ମୁଖେ ଚୁମ୍ବ୍ରନ ଦେଇ ଶରୀର ଆଉଁଶି
ତହୁଁ ଆସି ନିଜ ମନ୍ଦିରେଣ ପଶି । ୯ ।
ଶିଷ୍ୟମାନେ ଗଲେ ଯେ ଯାହା ନିଜ ବାସ
ଗୃହକର୍ମେ ଯାଇ ଗୁରୁ ହୋଇଲେ ପରବେଶ । ୧୦-୩୭୪ ।

---

୨ ।୨ ମହା ଶତ୍ରୁକୁ ସେ ଯେ ଯେ ଶର ବିନ୍ଧଇ ।
୬ ।୨ ତୁମ୍ଭର ବଚନ ମେଣ୍ଟିବାକୁ ମୁଁ ନୋହଇ ଭାଜନ ।
୭ ।୨ ପଞ୍ଚନାରାଜ ବିନ୍ଧି ଥୋଇଲି ଗଗନ ଚାରି ।
୯ ।୧ ମୁଖେ ଚୁମ୍ବ୍ରନ ଦେଇ ବଚନ ଆଶ୍ୱାସି ।
କୌରବ ପାଣ୍ଡବାଦିଙ୍କର ଅସ୍ତ୍ରପରୀକ୍ଷା
ଅଗସ୍ତିଙ୍କି ପଚାରିଲେ ବଇବସୁତ ମନୁ
ଯେଥି ଉତ୍ତାରୁ କେବଣ କୃତ କଲେ ଭାରଦ୍ୱାଦସଙ୍କ ତନୁ । ୧ ।
ପୁଣ କେତେହେଁକ ଦିନ ବହି ଯାଆନ୍ତେ
ହୃଦଗତେ ବିଚାର କଲେ ଶରୟା ଦେବୀ ସୁତେ । ୨ ।
ଗୁପତ ପରୀକ୍ଷ ଆମ୍ଭେ କରାଇଲୁ ନିରୁତେ
ଯେବେ ବିଦ୍ୟା ପରୀକ୍ଷ କରିବା ଦେଖନ୍ତୁ ସମସ୍ତେ । ୩ ।
ତହୁଁ ଶିଷ୍ୟନ୍ତ ଘେନି ଗୁରୁ ବେଗେ ଚଳି ଗଲେ
ରାଜାର ସିଂଘଦ୍ୱାରେ ଯାଇଣ ପ୍ରବେଶ ହୋଇଲେ । ୪ ।
ଧୃତରାଷ୍ଟ କୃପ ଆଚାର୍ଯ୍ୟ ଯେ ସୋମଦତ୍ତ
ବାଲହିକ ବିଦୁର ଅଛନ୍ତି ସମସ୍ତ । ୫ ।
ଭୀଷ୍ମକଇ ଦ୍ରୋଣେ ବୋଇଲେ ପୁଣ ବାକ୍ୟନ୍ତ
ଶସ୍ତ୍ର ଶାସ୍ତ୍ରତ ପାଇଲେ ପୁତ୍ରେ ବହୁତ । ୬ ।
ଆମ୍ଭର ବିଦ୍ୟା ତୁମ୍ଭର ଦେଖିବାର ଉଚିତ
ଶୁଣିଣ ସନମତ କଲେକ ବହୁତ । ୭ ।
ଭୀଷ୍ମେ ବୋଇଲେ ଯେ ବିଦୁରଙ୍କୁ ଚାହିଁ
ଦ୍ରୋଣେ ବୋଇଲେ ବିଦ୍ୟା ପରୀକ୍ଷ ପାଇଁ । ୮ ।
ସଭା ସମ୍ଭର ହୋ କର ତୁମ୍ଭେ ଯାଇ

ଦାଣ୍ଡେ ଘୋଷଣ ଦିଆଅ ଗ୍ରଗଣ ରାଇ । ୯ ।
ଶୁଣିଣ ତକ୍ଷଣେ ବିଦୁର ଚଳି ଗଲେ
ନଗ୍ରେ ଘୋଷଣ ଦିଆଇ ସମସ୍ତ ରୁଣ୍ଡ କଲେ । ୧୦ ।

ଝ ଧୃତରାଷ୍ଟେ ପୁଚ୍ଛା କଲେ ଡାକି ସୋମଦତ୍ତ
ବାଲହିକ ବିଦୁର ରୁହାଇଣ ସମସ୍ତ ।
ସୁବର୍ଣ୍ଣର କଳସ ଖଞ୍ଜିଲେ ଦିବ୍ୟ ରତ୍ନ
ମୁକୁତାର ତ୍ରୋଣ ଲମ୍ବ୍ରିତ ବିଚିତ୍ର ବିତପନ । ୧୧ ।
ବିଚିତ୍ର ସଭାୟେକ କଲେ ବିଦ୍ୟମାନ
ମିଳିଲେ ସଭାୟେ ଯେ କ୍ଷତ୍ରି ବଶ୍ୟ ବିପ୍ର ଜନ । ୧୨ ।
ନଗ୍ର ନର ନାରୀ ମିଳିଲେ ସମସ୍ତ
କୁମାରମାନେ ମିଳିଲେ କରେ ଅସ୍ର ଶସ୍ର । ୧୩ ।
ନାନା ବାଦ୍ୟ ବଜାଇଲେ କଲେ ଶଙ୍ଖଧୁନି
ସୂତ୍ର ଦେଖାଇଲେ ଯେ ଯାହାର ଶସ୍ର ଘେନି । ୧୪ ।
ଦେଖି ସଭାଜନେ ହୋଇଲେ ଚମତ୍କାର
ୟେକକୁ ଆରେକ ଯେ ତେଜ ମହା ପରଖର । ୧୫ ।
ବିଦୁର କହନ୍ତେ ହାଦେ ଧୃତରାଷ୍ଟ ଜାଣି
ଜଣେ ଜଣେ ପ୍ରତି ସନ୍ତୋଷ ବଖାଣି । ୧୬ ।
ନାନା ଶସ୍ର ବିଦ୍ୟା ଦେଖାଇଲେ ସର୍ବ
ସାଧୁ ସାଧୁ ଅର୍ଜୁନ ବୋଲି ନଗ୍ରେ ଶୁଭିଲା ୟେକ ରାବ । ୧୭ ।
ଭୀମ ଦ୍ରିଯୋଧନ ମେଲନ୍ତି ଗଦାଯୁଦ୍ଧ
ଅଶସ୍ତମା ଯାଇଂ କଲେ ମଧ୍ୟସ୍ଥ ବିରୋଧ । ୧୮ ।
ଅର୍ଜୁନ ଧନୁ ଆକ୍ରେଷି କଲା ଅଗ୍ନି ଶର
ପ୍ରଜ୍ୱଳିତ ବହନି ଉଠିଲା ବ୍ରହ୍ମାଣ୍ଡର । ୧୯ ।
ପୁଣ ବାରୁଣା ଶର କଲାକ ସର୍ବସାଚୀ
ପବନା ଶସ୍ର ଘାୟେ ପ୍ରଖର ବହୁଅଛି । ୨୦ ।
ପବନାସ୍ର ମେଘାସ୍ର ବିଜୟାସ୍ର ମାଳା
ମେଘା ଶସ୍ରେ ପର୍ବତ ସ୍ରିଜଇ ଇନ୍ଦ୍ର ବଳା । ୨୧ ।
ଅନ୍ତର୍ଧ୍ୟାୟେ ହୋଇ ଚଳଇ ଶସ୍ରଘାତ
କ୍ଷଣେ ରଥ କ୍ଷଣେ ଗଜ କ୍ଷଣେ ଅଶ୍ୱଗତ । ୨୨ ।
କ୍ଷଣେ ତୁରଙ୍ଗ ଗତ କ୍ଷଣେ ଭୂମିଗତ
ଲୁହା ଶରେକ ପୁଣ ପିନ୍ଧିଲା ଶର ଘାତ । ୨୩ ।

---

୧୪ ।୨ ଶହସ୍ର ଦେଖାନ୍ତି ଯେ ଯାହାର ତେଜ ଘେନି ।
ସଭାର ସମସ୍ତେ କରନ୍ତି ଧନି ଧନି
ସାଧୁ ସାଧୁ ଶସ୍ର ବିନ୍ଧଇ ଫାଲଗୁନି । ୨୪ ।
ଦ୍ରିଯୋଧନ ବୋଇଲା ଅଶସ୍ତମାକୁ ରାଇ
ସମସ୍ତ ବିଦ୍ୟା ତ ଅଛି ତୋହୋର ତହିଂ । ୨୫ ।
ଶତେ ଭାଇ ଘେନି ହୋଇଲେ ପୁଣ କତି

ଦତ୍ୟ ବିନାଶନେ ଯେସନେକେ ପଶୁପତି । ୨୬ । ସଂଖ୍ୟା
ତଦନ୍ତରେ ପୁଣ କର୍ଣ୍ଣ ହୋଇଲାକ ଆସି
ବାଳଅର୍କ ଜାଣି ଶରୀର ଜ୍ୟୋତି ଦିଶି । ୨୭ ।
ଯେତେକ ଶର ଦେଖାଇଲା ବୀର ପାଥ
ତୁଲ ଶହସ୍ର କଲା ସେ ରାଧେବର ସୁତ । ୨୮ । ସଂଖ୍ୟା
ଦ୍ରିଯୋଧନ ଦେଖି ୟାଇଂ କଲା କୋଲାଗ୍ରତ
ଆଙ୍ଗୁଣ ସଖା ମୋତେ ହୋଇଲୁ ଭୋ ମୈତ୍ର । ୨୯ ।
ଅଙ୍ଗ ଦେଶ ରାଜ୍ୟ ତୁ ଭୁଞ୍ଜିବୁ ବିପୁଳ
କର୍ଣ୍ଣ ବୋଇଲା ତୁ ହୋ ଶୁଣ ମହୀପାଳ । ୩୦ ।
ଅର୍ଜୁନ ତୁଲେ କରାଅ ମୋତେ ୟୁଦ୍ଧ
ମୁଂ ତାହାକୁ ଜିଣି ପାରଇ ରଣ ମଧ୍ୟ । ୩୧ ।
କୃପ ଆଗ୍ୟେୟ୍ୟ ବୋଇଲେ ଅର୍ଜୁନ ରାଜାର କୁମର
ସାରଥିର ତନୟେ ହୋଇ ୟେତେକ ଗର୍ବ ତୋହୋର । ୩୨ ।
ତୋହୋର ମାତା ପିତାକଇ କର ଯା ଅନୁମତ
ପଛେଣ ୟୁଦ୍ଧ କର ଅର୍ଜୁନ ସଙ୍ଗତ । ୩୩ ।

---

୨୬ ଶତେ ଭାଇ ପୁଣ ହୋଇଲେ ୟାଇ କତି
ଦତ୍ୟ ବିନାଶନେ ଯେସନେକ ସୁରପତି ।
୨୬ ଶ୍ରବଣରେ କୁଣ୍ଡଳ ମୁକୁଟ ଶିରରେ ବିକାଶି
ସହଜେ ରତ୍ନ କୁଣ୍ଡଳ ପ୍ରକାଶି ।
୨୮ ଶୁଣିମ କର୍ଣ୍ଣ ଯେ ଲଜ୍ୟାୟେ ନିବର୍ତ୍ତିତ
ଘୁଞ୍ଚିଣ ରହିଲା ଯେ ରାଧେବର ସୁତ ।
ଶୁଣ କରି କର୍ଣ୍ଣ ଯେ ହୋଇଲା ନୂୟନପକ୍ଷ
ଦ୍ରିଯୋଧନ ତାହାକଇ ଆବୋରିଲା କଛ । ୩୪ ।
ଶୂରବନ୍ତ ଜନ କି ହୁଅନ୍ତି ଅକୁଳୀନ?
ଅର୍ଜୁନ ସରିକି କର୍ଣ୍ଣ ହୋଇଛି ଘଟଣ । ୩୫ ।
ଭୀମସେନ ବୋଇଲା ସାରଥିର ସୁତ
ରଥ ସେ ବାହିବ ୟୁଦ୍ଧ ନୋହଇ ୟୁଗତ । ୩୬ ।
ୟେଥୁ ଅନନ୍ତରେ ଆସ୍ଥାନ ମଉଳି
ଯେ ଯାହା ସ୍ଥାନକି ଗଲେ ସର୍ବେ ଚଳି । ୩୭ ।
ଦ୍ରୋଣ ଗୁରୁ ଚଲିଲେ ଆପଣା ଭୁବନେ
ଅନେକ ଦେଶ ଘୋଷ ପାଇଲେ ରତ୍ନା ୟାନେ । ୩୮ ।
ଶୁଣ ହୋ ରାଜନ ପୁଣ ହିଂ କରନ୍ତି ବିଦ୍ୟା ଉପାସନ
ମିଳିଣ ଦେଖନ୍ତି ନଗ୍ର ଜନମାନ । ୩୯ ।
ନାରାଜ ବିନ୍ଧନ୍ତି ସେ ଲାଖେକ ଉଭାରି
ଯେ ଯାହାର ବଳ ଧନୁ ହସ୍ତେ ଧରି । ୪୦ ।
ଧନୁ ଧରି ନାରାଜ ବିନ୍ଧନ୍ତେ ଅଶସ୍ତମାର କ-ଇ ଭୁଜ
କର୍ଣ୍ଣର ଜାନୁ କ-ଇ ଧନୁରେ ନାରାଜ ବିନ୍ଧିଲେ
ଧୁଶାସନ ବୁକୁସ୍ଥଳ କ-ଇ ଧନୁ ଆକ୍ରେଷିଲେ । ୪୨ ।

ନାରାଜ ପୂରୋଇଲେ କୁମର ଯୁଦ୍ଧେଷ୍ଠି
ପବନ ଗତି ପ୍ରାୟେ କ-ଇ ଅଙ୍ଗୁଷ୍ଠି । ୪୩ ।
ଭୀଷ୍ମଙ୍କର କ-ଇ ଶିର ଦ୍ରୋଣଙ୍କର କ-ଇ ଭୁଜ
ନିକ- ଅର୍ଜନ ସେ ବାସେବର ଆତ୍ମଜ । ୪୪ ।
ତଦନ୍ତ କରିଣ ବୁଝିଲୁନି ସର୍ବ ତତୁ
ୟେହାଙ୍କର ହସ୍ତରେ ହୋଇବ ସବୁଙ୍କରି ମୃତୁ । ୪୫ ।

---

୩୪ ଶୁଣି କର୍ଣ୍ଣ ଲଜ୍ଜାୟେ ନିରୁତ୍ତର
ଦ୍ରିଯୋଧନ ବୋଇଲା ସପକ୍ଷ ହୋଇଲା ମୋହୋର ।
୩୮ ।୨ ଅନେକ ଦେଶ ଘୋଷ ପାଇଲେ ହାଦେ ଦାନେ ।
୩୯ ।୧ ଶୁଣ ହୋ ରାଜନ ପୁଣ କରାନ୍ତି ବିଦ୍ୟା ଉପଦେଶମାନ ।
୩୯ ।୧ ଉପାସନା-ସେବା
ୟେକାନ୍ତ କରିଣ ରାଇଲେ ଦ୍ରୋଣେ ଆପଣାର ବଲା
ୟେଥି ଥିଲେ ନନ୍ଦନରେ ମରିବୁ, ବହନ ହୋଇ ପଲା । ୪୬ ।
ୟେବଣ ନାରାଜ ଗୋଟି ବାବୁରେ ବିନ୍ଧଇ ଫାଲଗୁନି
ସେ ନାରାଜ ମୁନେ ଦିଶଇ ବ୍ରହ୍ମାଣ୍ଡ ଖଣ୍ଡ ତିନି । ୪୭ । ସଂଖ୍ୟା
ୟେହେନେକ କରି ୟେହାକୁ ସ୍ରିଜିଲା ବିଧାତା
ତ୍ରୈଲୋକ୍ୟେ ବ୍ରହ୍ମାଣ୍ଡେ ୟେହାକୁ ନାହିଁ ନା ଜିଣନ୍ତା । ୪୮ ।
ଅବଶ୍ୟ ଦ୍ରିଯୋଧନ ନ ଛାଡିବ ତୋତେ
ତୁ ପୁଣ ବଧ ହୋଇ ଟି ଅର୍ଜୁନର ହସ୍ତେ । ୪୯ ।
ପୁଣି ହିଁ ବିଦ୍ୟାମାନ ୟେ କରନ୍ତି ଆରମ୍ଭ
ବାଘମୁହିଁ ଛନ୍ଦା ୟେ ପାତିଲେ ଦ୍ୱାରେ ଦମ୍ଭ । ୫୦ ।
ପଞ୍ଚିଶ ସହସ୍ର ପିଟଣା ମୁଗୁରରେ ଲଗାଇ
କାଠ ଜଳା ଭିତରେ ଓଟାରନ୍ତି ସର୍ବେ ବୀରେ ଯାଇଁ । ୫୧ । ସଂଖ୍ୟା
ପ୍ରଥମେ ଦ୍ରିଯୋଧନ ଓଟାରଇ ସାତ ସହସ୍ର ବଳ
ଧୁଶାସନ ଓଟାରଇ ପାଞ୍ଚ ସହସ୍ର ବଳ । ୫୨ । ସଂଖ୍ୟା
କୃପେ ଚାରି ସହସ୍ର ଭୀଷ୍ମେ ପଞ୍ଚଶତ ତିରିଶ ସହସ୍ର ବଳ
ଦ୍ରୋଣେ ଓଟାରିଲେ ଚାଳିଶ ସହସ୍ର ପରିତାଳ । ୫୩ । ସଂଖ୍ୟା
ଯୁଦ୍ଧେଷ୍ଠି ଦେବ ଓଟାରନ୍ତି ତିରିଶି ସହସ୍ର ଗରୁ
ପଞ୍ଚାଶ ସହସ୍ର ଓଟାରନ୍ତି ବ୍ରିକୋଦର ଭୟାଙ୍କାରୁ । ୫୪ । ସଂଖ୍ୟା
କର୍ଣ୍ଣ ଓଟାରନ୍ତି ନଉ ସହସ୍ର ଭାର
ଅଶସ୍ତମା ଓଟାରନ୍ତି ଅଠୋସ୍ତରି ସହସ୍ର ପରିତାଳ ଭାର । ୫୫ । ସଂଖ୍ୟା
ସହଦେବ ଚାରି ସହସ୍ର ନକୁଳ ପଞ୍ଚତିରିଶ ବଳ
ଦ୍ରିଯୋଧନର ଅନେଶ୍ୱ୍ରତ ଭ୍ରାଥ ୟେହି ରୂପେ ପରିତାଳ । ୫୬ । ସଂଖ୍ୟା
ଅର୍ଜୁନେ ଓଟାରନ୍ତି ସହସ୍ରେ ଲକ୍ଷେ ଭାର
ଦେଖି ଚମତ୍କାର ହୋଇଲେ ଦ୍ରୋଣେ ସମସ୍ତେ କୁରୁବୀର । ୫୭ । ସଂଖ୍ୟା
ଦ୍ରୋଣେ ଅଶସ୍ତମାକୁ ଡାକିଲେ ସନ୍ନିଧ୍ୟର
ଜୀବନ ନିମନ୍ତେ ବାବୁ ୟେ ଧୂର୍ଜଟି ସେବା କର । ୫୮ ।
ପୁଣ୍ୟତୋୟା ନଦୀକୂଳେ ସରସ୍ୱ୍ରତୀ କୂଳେ

ନିରଞ୍ଜନ ସୁମର ବାବୁ ଉଦେ ବଟ ତଳେ । ୫୯ ।
ଯେବେ ହସ୍ତିନାକୁ ଯିବାକୁ କରୁ ଇଚ୍ଛା
ଅମର ବର ତୁ ବାବୁ କର ମନ ବାଞ୍ଛା । ୬୦ ।
ଦ୍ରୋଣଙ୍କର ବଚନେ ଯେ ଚଳଇ ଅଶସ୍ତମା
ତୁଲେଣ ମାତୁଳ ସେ ଚଳଇ କୃପ ବ୍ରହ୍ମା । ୬୧ ।
ପୁଣ୍ୟତୋୟା ନଦୀ ତୀରେ ରଞ୍ଚିଲେ ଆଶ୍ରମେ
ଅଜପା ଲୟେ କରି ଯେ ଚିନ୍ତିଲେ ଦେବ ବ୍ରହ୍ମେ । ୬୨ ।
ସରସ୍ୱତୀ ଯେ ସ୍ନାହାନ କରି ଯାନ୍ତି ଅନ୍ଥବ୍ରତେ
ଆହାର ତେଜ୍ୟା କଲେ ପଞ୍ଚଦଶ ବରଷ ପରିଯନ୍ତେ । ୬୩-୩୮୪୭ । ସଂଖ୍ୟା

---

୫୯ ।୨ ନିରଞ୍ଜନ ସୁମର ବାବୁ ଉଦ୍ଦାଳକ ବଟ ମୂଳେ ।
୬୧ "କୃପ ବ୍ରହ୍ମା" ପଦ ପରେ ଗୋଟିଏ ପୋଥିରେ ଅଧିକା ପାଠ-
ଉତ୍ତରାଙ୍କୁରଠାରେ ନିରଞ୍ଜନ ଦାହି
ମଉଲା ଭଣଞ୍ଜା ବସିଲେ ନିପ୍ରୋହି ।
ଆଖଡା ସାରି ପୁରୁ ନବରେ ପରବେଶ
ଅର୍ଜୁନ ପ୍ରବେଶ ଯାଇ ମାତାଙ୍କର ପାଶ ।
ଗାନ୍ଧାରୀ ଓ କୁନ୍ତୀଙ୍କର ବିବାଦ
ବଦୟନ୍ତି ବଇବସୁତ ମନୁ ଶୁଣିମା ଅଗସ୍ତି ହେ
କଥାୟେ ପଗ୍ଧରିବି ବଡାଇ ସନ୍ଦେହେ । ୧ ।
ବିଦ୍ୟା ପରୀକ୍ଷ କଥା ଶୁଣିଲି ମୁହିଁ ଭଲେ
ୟେଥୁଁ ଉତ୍ତରେଣ ପୁଣ କେବଣ କୃତ୍ୟ କଲେ । ୨ ।
କୋଇନ୍ତା ଗାନ୍ଧାରୀର ବିବାଦ ବାରତା
ବଦୟନ୍ତି ଅଗସ୍ତି ଶୁଣ ମନୁ ମହାରଥୀ । ୩ ।
ବସନ୍ତ ଋତୁ ଯେ ଫାଲଗୁନ ମାସ
କୃଷ୍ଣପକ୍ଷ ସପତମୀ ଆଦିତ୍ୟ ଦିବସ । ୪ ।
ଗାନ୍ଧାରୀ କୋଇନ୍ତା ଏହୁ ବେନି ଯାୟେ
ଯମୁନା ନଦୀକି ସେ ପ୍ରାତସ୍ନାନ କରି ଗୟେ । ୫ ।

---

୫ ।୨ ଯାଏ-ଯାତ-ଭାଇଙ୍କର ସ୍ତ୍ରୀ
ସୁବର୍ଣ୍ଣର ହାନ୍ଦୋଲାରେ ବିଜୟେ ଗାନ୍ଧାରୀ
ତୁଲେଣ ଅଛନ୍ତି ଅନେକ ଦାସୀ ପରିବାରୀ । ୬ ।
ଅଗର ଚନ୍ଦନ ଯେ କର୍ପୂର କସ୍ତୁରୀ
କୁଶ ଅଗ୍ର ଗୁଗୁଳ ନଇବେଦ୍ୟ ଆଦି କରି । ୭ ।
ଆଲଟ ଗମର ଯେ ଘେନିଣ ଯୁବତୀ
ବିଶ୍ୱନାଥ ଭଗତି ନିମନ୍ତେ ଯମୁନା କୂଳକଇଁ ଚଳିଣ ଯାଆନ୍ତି । ୮ ।
କୋଇନ୍ତାୟେ ଦେବୀ ଯାଆନ୍ତି ୟେକାଙ୍ଗେ
ପୁଷ୍ପ ନଇବେଦ୍ୟ ଘେନି ଚଳନ୍ତି ସେ ବେଗେ । ୯ ।
ଯମୁନା ଜଳେ ପଶି ନିତ୍ୟ କର୍ମ ସାରି
ରତ୍ନେଶ୍ୱର ପ୍ରାସାଦେ ପଶିଲେ ଗାନ୍ଧାରୀ । ୧୦ ।
ହାନ୍ଦୋଲାରୁ ଓହ୍ଲାଇ ଗାନ୍ଧାରସେନ ଦୋହିତୀ
ବିଶ୍ୱନାଥ ଦ୍ରଶନେ ଗମଇ ରାଧେବ କନ୍ୟା ଅଛି କତି । ୧୧ ।
ୟେମନ୍ତ ସମୟେ କୋନ୍ତଭୋଜର ଦୁଲାଳୀ
ଦେଉଳେ ପ୍ରବେଶ କରେ ଘେନି ଅର୍ଘ୍ୟସ୍ଥାଳୀ । ୧୨ ।
ରାଧେବୀ ଜଣାଇଲା ଯେ ଗାନ୍ଧାରୀଙ୍କର ଅଗ୍ରତେ
କୋନ୍ତାୟେ ବିଜେ କଲେ ତୁମ୍ଭର ସଙ୍ଗତେ । ୧୩ ।
ଗାନ୍ଧାରୀ ବୋଇଲେ କୋଇନ୍ତାଦେବୀ ଗହିଁ
କି ନିମନ୍ତେ ପ୍ରାସାଦକୁ ଅଇଲୁସି ତୁହି । ୧୪ ।
ଯାବତ କାଳେ ଯେ ଲିଙ୍ଗ ଅଟଇ ମୋହୋର
ତୁ କି-ା ପୂଜିବୁ ହୀନ ଜୀବନ ତୋହୋର । ୧୫ ।
ଯେବଣ ନାରୀ ଅଟନ୍ତି ଭ୍ରଥା ଯେ ବିଯୋଗୀ
ସମସ୍ତ କାର୍ଯ୍ୟକୁ ସେ ଅଟଇ ଅଲାଗୀ । ୧୬ ।
ପ୍ରସ୍ତାପ ବାକ୍ୟେଣ ଅନେକ ବୋଲା ବୋଲି
ହାବୋଡା ହାବୋଡି ହୋଇଣ ହୋଇଲେ ପେଲା ପେଲି । ୧୭ ।
ବେନି କୁଳ ଅପ୍ରୀତି ଦେଖିଣ ବିଶ୍ୱନାଥ
ଦୁଇ ଯାଆଙ୍କର ସେ ମିଳିଲେ ଅଗ୍ରତେ । ୧୮ ।
ବଦୟନ୍ତି ଶଶିଧର ମର କିସ ପାଇଁ
ଆମ୍ଭେ ଦେବତାୟେ କାହାର ନୋହୁଁ ଆC । ୧୯ ।
ଯହିଁ ଭୋଗ ପାଇଁ ତହିଁ ଆମ୍ଭେ ଥାଇଁ
ଅକାରଣ କଥାରେ ତୁମ୍ଭର କଳି କିସ ପାଇଁ । ୨୦ ।
ପ୍ରଭାତେ ସୁବର୍ଣ୍ଣ ଶତେ ଚ-ା ଘେନି ଆଗେ ଯେ ପୂଜଇ
ଆମ୍ଭେ ତାହାର ହୋଇଲୁ ବୋଇଲେ ଦେବରାଜଇ । ୨୧ ।
ନ ପୂଜି ବେନି ଯାୟେ ନବରେ ପ୍ରବେଶ
କୋଇନ୍ତାୟେ ବୋଇଲେ ମୁ କରିବଇଁ କିସ । ୨୨ ।
ଶତେକ ପୁତ୍ର ତାହାର ପୁଷ୍ପେ ପୁଷ୍ପେ ମାଗନ୍ତେ
ଶତେକ ପୁଷ୍ପ ତ ହୋଇବାକ ଯୁଗତେ । ୨୩ । ସଂଖ୍ୟା
ସର୍ବେ ମୋହୋର ପଞ୍ଚଗୋଟି ତନୟେ
ପଞ୍ଚଣୋଇ ଗୋଟି କାହୁଁ ହୋଇବ ଉପାୟେ । ୨୪ । ସଂଖ୍ୟା

ଶୁଣ ହୋ ମହାରାଜା କବାଟ କିଳି ଶୁତିଲେ କୋନ୍ତାୟେ
ୟେମନ୍ତର ସମୟେ ମିଳିଲା ଧନୁର୍ଜୟେ । ୨୫ ।
ମାତାକଇ ଅନ୍ନ ମାଗିଲା ପାଥ ଯାଇଂ
ଉଠିଣ କୋଇନ୍ତାୟେ ବୋଇଲେ ଅର୍ଜୁନକୁ ଗ୍ରହିଂ । ୨୬ ।
ଆଜ ବାବୁ ଗଲି ମୁଂ ମହାଦେବ ଦ୍ରଶନେ
ଗାନ୍ଧାରୀ ଅନେକ ଝିଂଘାସିଲା ଶୁଣ ଫାଲଗୁନ୍ୟେ । ୨୭ ।
ବୋଇଲା ଆମ୍ଭର ଦେବତା ୟେ ଅଟଇ କାଳେ କାଳେ
ତୁ କି-ା ପାମେରୀ ପଶିଲୁ ଦେଉଳେ । ୨୮ ।
ୟେତେକ ବଚନେ ମୁଂ ପାଇଲି ଅପମାନ
ଦୁହିଙ୍କର ଅଗ୍ରତେ ଉଭା ହୋଇଲେ ତ୍ରିଲୋଚନ । ୨୯ ।
ତୁମ୍ଭେ କନ୍ଦଳ ଗୋ ନ କର ବେନି ଯାୟେ
ଆମ୍ଭର ମୁଖରୁ ତୁମ୍ଭେ ଶୁଣସି କଥାୟେ । ୩୦ ।
ଆଜ୍ଞା ଦିଲେ ଦେବ ବଚନ ନିରାଧାରି
ସୁବର୍ଣ୍ଣ ଶତେ ଚ-ା ଘେନି ଯେ ପୂଜଇ ଆମ୍ଭେ ହୋଇବୁ ତାହାରି । ୩୧ ।
ତାହାର ଶତେ ପୁତ୍ର ସେ ସତେ ଚ-ା ପାଇବ
ମୋର ପାଞ୍ଚ ପୁତ୍ର ସେ ପାଞ୍ଚ ପୁଷ୍ପ ହିଂ ହୋଇବ । ୩୨ । ସଂଖ୍ୟା
ପଞ୍ଚାଣୋଇ ପୁଷ୍ପ କାହ୍ନଂ ଆଣିବି ମୁହିଂ
ୟେ କଥା ମନେ ଗୁଣି କବାଟ ବିନ୍ଧିଲଇଂ । ୩୩ । ସଂଖ୍ୟା

---

୩୩ ।୨ ୟେ କଥା ମନେ ଗୁଣି କବାଟ କିଳିକଇଂ ।
ଯାହା ସେ ଧାତା କଲାକ ଲିଖିତ
ଭ୍ରଥା ବିୟୋଗେ ମୁଂ ହୋଇଲି ଅମହତ । ୩୪ ।
ୟେତେ ବୋଲିଣ ସେ ଭୋଜରାଜାର ଦୁହିତା
ଉଚ୍ଚେ ରୋଦନ କଲେ ମନରେ ମହାଚିନ୍ତା । ୩୫ ।
ଅର୍ଜୁନ ବୋଇଲେ ମାତା ଚିନ୍ତା ନ କର
ସୁବର୍ଣ୍ଣ ପୁଷ୍ପ ସିନା, ଭ୍ରାନ୍ତି ମନେ ନ ଧର । ୩୬ ।
କନକ ଶତେ ପାଖୁଡା ହୋଇଥିବ ଶତେ ଦଳ
ସୁବର୍ଣ୍ଣେ ସୁବର୍ଣ୍ଣେ କାଲି ପୂରୋଇବି ଦେଉଳ । ୩୭ । ସଂଖ୍ୟା
ଅର୍ଜୁନ ବଚନେ ବେଗି ଉଠି କୋନ୍ତୀ ମାତ
ସୁବର୍ଣ୍ଣର ପଇଲମେ ଦିଲେ ଦଧି ଅନ୍ନ ଘୃତ । ୩୮.
ୟେ ଯାହାର ଇଚ୍ଛାୟେ ସ୍ନାହାନ ଭୋଜନ ସାରି
ସୁଖେ ପଞ୍ଚବୀରେ ନିଦ୍ରା ଅପହରି । ୩୯ ।
ୟେଥୁ ଅନନ୍ତରେ ରୟେଣୀ ପ୍ରଭାତ
ବିମଳ ସୁଶୀତଳ ବହଇ ମରୁତେ । ୪୦ ।
ପ୍ରାସାଦମାନଙ୍କରେ ଶଙ୍ଖ ଧୁନି ପୂରି
ନିଦ୍ରା ତେଜି ଉଠିଲେ ଭୋଜରାଜାର କୁମାରୀ । ୪୧ ।
ପୁତ୍ରକଇ ତୋଳି ଦେବୀ ବଚନ ସମ୍ଭାଷି
ଶୁଣିଣ ଅର୍ଜୁନ ଉଠିଣ ବେଗେ ଆସି । ୪୨ ।
ସୁବର୍ଣ୍ଣର ପାତ୍ରେ ଦେବୀ ଯୋଗାଉନ୍ତ ଲାଇ

ମାତା ପୁତ୍ର ଚଳି ଗଲେ ସେ ଲିଙ୍ଗ ଠାବକଇ । ୪୩ ।
ଯମୁନା ଜଳେ ପଶି କଲେକ ସ୍ନାହାନ
ତର୍ପଣ ସାରି ପ୍ରାସାଦ ଭିତରେ ପଶିଲେ ବେନି ଜନ । ୪୪ ।
ଅଗର କର୍ପୂର କସ୍ତୂରୀ ଲେପନ ହାଦେ କରି
ଚ-ା ନାଗେଶ୍ୱର ବକୁଳ ଶିରେଣ ଉଭାରି । ୪୫ ।
ବହୁତ ବିଧି ଯେ ଶୀତଳ ଦ୍ରବ୍ୟମାନ
ଅଗ୍ରତେ ଥୋଇ ଦେବୀ ହୋଇଲେ କାର୍ପୂଣ୍ୟ । ୪୬ ।
କରପତ୍ର ଯୋଡି ସ୍ତୁତି କଲେକ ଅପାର
ଜୟ ତୁ ଉମାପତି ଦେବ ତୁ ସେ ଚନ୍ଦ୍ରଶେଖର । ୪୭ ।
ଜୟ ତୁ ବିଶ୍ୱେଶ୍ୱର କପାଳଧର ପାଣି
ସୁର ସିଦ୍ଧ ମୁନି ଯାହାର ଚରଣେ ପରିଣାମି । ୪୮ ।
ଷାଠିୟେ ସହସ୍ର ବରଷ ସମର ଘୋର ଯୁଦ୍ଧ
ଗଣନାଥ ପ୍ରସନ୍ନେ ତ୍ରିପୁର କଲୁ ବଧ । ୪୯ । ସଂଖ୍ୟା
ତ୍ରିପୁରାରି ବୋଲି ତୋତେ ସଂସାରେଣ ଭାଷି
ମମ କଷ୍ଟ ଉଦ୍ଧାରଣ କର ଦେବ କାଶୀ । ୫୦ ।
ଭ୍ରଥାର ବିଯୋଗେ ମୁହିଁ ଅଟଇ ଅନାସ୍ତୁଣୀ
ତବ ପଦ୍ମ ପାଦେ ମୋର ଶତେକ ଦଇନି । ୫୧ ।
ଜୟ ଜୟ ପାର୍ବତୀର ପ୍ରାଣନାଥ ଦେବ ହର
ମୁହିଁ ନିରିମାଖୀ ମୋତେ କର ପ୍ରତିକାର । ୫୨ ।
ଶ୍ରୀ ବିଶ୍ୱନାଥ ପାଦପଦ୍ମେ ମୋହୋର ମାଥ
ବଦୟନ୍ତି ସାରୋଲା ଦାସ ମୁଁ ଜନ୍ମେ ଜନ୍ମେ ତୋହୋର ଭୃତ୍ୟ । ୫୩ ।

---

୪୮ ଠାରୁ ୫୩ ମଧ୍ୟରେ ଅଧିକା ପାଠ-
ଜୟୁ ତୁ ତ୍ରିୟମ୍ବକ ଧର୍ମେଣ ନାଟେଶ୍ୱର
ଜୟୁ ତୁ ଉମା ଦେବୀ ବଲ୍ଲଭ ଚନ୍ଦ୍ରଶେଖର ।
ଜୟ ତୁ ଲିଙ୍ଗେଶ୍ୱର ଉତ୍ତରାୟଣି
ଜୟ ତୁ ତ୍ରିତାପହର ଦେବ ଶୂଳପାଣି ।
ଉମାର କୋପରେ ଦକ୍ଷ ଯଜ୍ଞ ଭଞ୍ଜା
ଅନ୍ଧେକ ବିନାଶ ତ୍ରିପୁର ଗର୍ବ ଗଞ୍ଜା ।
ଷାଠିୟେ ସହସ୍ର ବରଷ ମହା ଯୁଦ୍ଧେ
ଗଣନାଥର ପ୍ରସନ୍ନେ ଅନ୍ଧେକ କରି ବଧେ ।
ତ୍ରିପୁରାରି ବୋଲି ତୋତେ ଜଗତରେ ଭାଷି
ମନ କଷ୍ଟ ସଙ୍କଟଂ ଉଦ୍ଧର ଦେବ କାଶୀ ।
ଭ୍ରଥା ବିଯୋଗେ ମୁଁ ହୋଇଲି ଅନାଥୁଣୀ
ତବ ପାଦ ପଙ୍ଗଜେ ମୋର ଶତେବାର ଦୟିନି ।
ଜୟ ତୁ ଜୟୁ ତୁ ପାର୍ବତୀ ପ୍ରାଣନାଥ ଦେବ ହର
ମୁଂ ହୀନ ନିର୍ମାକ୍ଷୀ ମୋତେ ପ୍ରତିକାର କର ।
ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ପାଦ ପଙ୍କଜେ ମୋର ଆଶ
ବଦନ୍ତି ସାରୋଲା ଦାସ ଜନ୍ମେ ଜନ୍ମେ ଅଭ୍ୟାସ ।

ପାଦ ଅର୍ଘ୍ୟ ନେଇ ସେ ମନୁ ମହାରାଜା
ଅଗସ୍ତିଙ୍କ ଚରଣେ ସେ କଲା ଦିବ୍ୟ ପୂଜା । ୫୪ ।
ଭୋ ଦେବ ଅର୍ଜୁନ ଗଲା ସୁବର୍ଣ୍ଣେଶ୍ୱର ଲିଙ୍ଗ ତହିଁ
କିସ କାରଣ ଯେ ପୁଣ ତହିଁ ହୋଇଲଇଁ । ୫୫ ।
ଶୁଣ ହୋ ରାଜନ ପାଥ ବାବଲ ଶରେକ ପେଷିଲା ପରଚଣ୍ଡ
ଅୟୋଂଲା ଶିର ଛିଡି ହୋଇଲା ବେନି ଖଣ୍ଡ । ୫୬ ।
ପୁଣ ବାବଲେକ ବିନ୍ଧିଲାକ ବୀର
ପଦ୍ମ ବରଷିଲା ପାଣିର ସଙ୍ଗର । ୫୮ ।
ଅୟୋଂଲା ଶିର ବୁଡି ସୁବର୍ଣ୍ଣ କୁଢ କୁଢ ହୋଇ ପଡି
ଶତେ ଶତେ ପାଖୁଡା ଅଷ୍ଟ ରତ୍ନେ ଜଡି । ୫୯ । ସଂଖ୍ୟା
ଶୁଣ ହୋ ରାଜା ଗାନ୍ଧାରୀ ଗଲା ଯେ ବହୁତ ପ୍ରତଙ୍କା କରି
ପୁତ୍ରନ୍ତ ବସି ପଗ୍ରରଇ କର ଯେ ପ୍ରସାରି । ୬୦ ।
ଯମୁନା କୂଳେ ଅଛନ୍ତି ଲିଙ୍ଗର ସୁବର୍ଣ୍ଣେ
ବାବୁ ମାନଗୋବିନ୍ଦ ତୁ ଶୁଣ ସାବଧାନେ । ୬୧ ।
ସେ ଲିଙ୍ଗ ଦ୍ରଶନେ ଗଲି କାଲି ମୁହିଁ
କୋଇନ୍ତାୟେ ଗଲେ ସେ ଲିଙ୍ଗକଇ ଦାହି । ୬୨ ।
ତାହାର ମୋହୋର ଯେ ହୋଇଲା ଉଚ୍ଚବାଚ
ମୁହିଁ ବୋଇଲି ତୋହୋର ଯେ କେବଣ ପରପଞ୍ଚ । ୬୩ ।
କାଳେ କାଳେ ଯେ ଲିଙ୍କ ଅଟଇ ମୋହୋର
ତୁ କିଂପା ଆସି ଯେହି ଲିଙ୍ଗର କତିର । ୬୪ ।
ଯେମନ୍ତ ଉଚ୍ଚବାଚ ଶୁଣି ବିଶ୍ୱାବାସୀ
ଲିଙ୍ଗର ମଧୁଂ୍ୟ ଦେବ ବିଜେ କରି ଆସି । ୬୫ ।
ଆମ୍ଭ ଦୁହିଙ୍କର ଅଗ୍ରତେ ଉଭା ହୋଇ
ପରମାର୍ଥ ବଚନ କହିଲେ ଉମାସାଇଂ । ୬୬ ।
କାଲି ପ୍ରଭାତେ ଶତେକ ସୁବର୍ଣ୍ଣ ଚ-ା ଘେନି
ଯେ ପୂଜା କରିବ କାଲି ପାହିଲେ ରଜନୀ । ୬୭ ।

---

୬୨ ।୨ ଦାହି-ପୂଜା କରି ।
ଆମ୍ଭେ ତାହାର ସେ ହୋଇବୁ ନିୟତେ
ଯେସନେକ ବଚନ ସେ ବୋଇଲେ ବିଶ୍ୱାନାଥେ । ୬୮ ।
ତୁମ୍ଭେ ମୋହୋର ଯେ ଅଟ ଶତ ପୁତ୍ର
ଯେଥକଇ ମୋତେ କାରଣ କରିବ ନିୟତ । ୬୯ ।
ଶୁଣି ମାନଗୋବିନ୍ଦ ପରମ ସାନନ୍ଦ
ଶତେ ଭ୍ରାଥ ତହୁଂ ସେ ଶତେ ଚ-ା ଧରି ଆନନ୍ଦ । ୭୦ ।
ରଜନୀ ପ୍ରଭାତେ ଚଳଇ ଗାନ୍ଧାରୀ
ସୁବର୍ଣ୍ଣେଶ୍ୱର ଦେଉଳେ ବିଜେ ଯାଇଂ କରି । ୭୧ ।
ଶତେ ପରିବାରୀ ଅଛନ୍ତି ତାର ତୁଲେ
ଯମୁନା ତୀରରେ ଦେବୀ ବିଜୟେ ଯାଇଂ କଲେ । ୭୨ ।
ସ୍ନାନ ସାରି ଅଇଲେ ଦେବତା ଦ୍ରଶନ ପାଇ ।

ଦେଖିଲା ସୁବର୍ଣ୍ଣ ପୁଷ୍ପ ପଡିଛି କୁଢ କୁଢ ହୋଇ । ୭୩.
ଦେଖି ସେ ବିରସ ଯେ ହୋଇଲା ଗାନ୍ଧାରୀ
ଦେବ ଆଳ ଦେଖି ସେ ବାହୁଡଇ ଖର କରି । ୭୪ ।
ବାହୁଡିଣ ନଗରେ ସେ ପଶଇ ତୁରିତ
ମନେଣ ବିରସ ସରସ ନାହିଁ ଚିତ୍ତ । ୭୫ ।
ଗାନ୍ଧାରୀ ପ୍ରଶଂସଇ ଧନ୍ୟ କୋନ୍ତା ଦେବୀ
ଧନ୍ୟ ଲକ୍ଷଣେ ପୁତ୍ର ଜାତ କଲୁ ଧନ୍ୟ ତୁ ସାଧବୀ । ୭୬ ।
ଧନ୍ୟ ଧନ୍ୟ ତୋହୋର ପୁତ୍ର ଫାଲଗୁନି
ଯେସନେକ ପ୍ରଶଂସା କଲାକ କାମିନୀ । ୭୭ ।
ଯେମନ୍ତ ବିଗ୍ରି ସେ ଗାନ୍ଧାରସେନର ଦୁହି
ମନରେ ବିକ୍ରିୟା ଧରି ସେ ହୋଇଲା ଚକିତ । ୭୮ ।
ଯେଥୁ ଅନନ୍ତରେ ଶୁଣ ଦିବ୍ୟ ରସ
ଯାହା ସେ କହିଲେ କୁମ୍ଭ ଋଷିର ଶିଷ । ୭୯ ।
ଦେବତାମାନେ କଲେକ ବହୁତ ସ୍ତୁତି
ଜୟ ତୁ ପାର୍ଥିବ ତୁ ତୋଷିଲୁ ଦେବୀ କୋନ୍ତୀ । ୮୦ ।
ସୁର ପୁରେ ଶୁଭିଲା ଜୟେ ଜୟେ
ଦେବତାୟେ ନାମ ଦିଲେ ଯେ ଧନଞ୍ଜୟେ । ୮୧ ।

---

୭୮ ।୨ ବିକ୍ରିୟା-ବିକାର
ଧନରେ ତୋଷି ଧନର୍ଜୟେ ନାମ ପାଇଲା
ଶୁଣ ବଇବସ୍ୱତ ମନୁ ଅଗସ୍ତି କହିଲା । ୮୨ ।
ପଦ୍ମନିଧି କାଟିଲା ଯେ ଅର୍ଜୁନ ଗ୍ରହସ୍ତ
ବାହୁଡି ସେ ନିଧି ହୋଇଲା କେମନ୍ତ । ୮୩ ।
ଯେଥିର ଚରିତ ମୋତେ କହ ତପୋବନ୍ତ
ଅଗସ୍ତି କହିଲେ ଶୁଣ ହୋ ମନୁ ମହତ । ୮୪ ।
ତେବତାମାନେ ସ୍ତୁତି କଲେ ଅର୍ଜୁନକୁ
ଯେବଣ ସୁବର୍ଣ୍ଣ ଦିଲୁ ସୁବର୍ଣ୍ଣ ଲିଙ୍ଗକୁ । ୮୫ ।
ବାହୁଡାଇ ରତ୍ନମାନ ଥୋଅ ଧନୁର୍ଧର
କୁବେର ଭୁବନ ଯେ ନ କର ନାରଖାର । ୮୬ ।
ଦେବତାଙ୍କ ବଚନେ ଭୂମିରୁ ନାରାଜ ବିନ୍ଧିଲା
ବାହୁଡାଇ ରତ୍ନନିଧି କୁବେର ଭଣ୍ଡାରେ ଥୋଇଲା । ୮୭ ।
ପଦ୍ମକଇଁ ଯେ ଅଟଇ ଯେବଣ ନିଧି
ମହାକଲ୍ପ କୋଷ ସେ ଅଟଇ ପ୍ରସିଦ୍ଧି । ୮୮ ।
ଅହୋମୁଖୀ ନାରାଜ ପବନରୁ ଜାତ
ସେ ନିଧିର ସ୍ଥଳୀ ହୋଇଲା ଜଡିତ । ୮୯ ।
ବାହୁଡି ସଂଘରିଲା ପଦ୍ମନିଧିର ଭିତରେ
ଅର୍ଜୁନର ମହିମା ତୁ ଶୁଣିଲୁ ନୃପବରେ । ୯୦ ।
ଶୁଣ ପରମ ସାନନ୍ଦ ମନୁ ମହାଗ୍ୟାଂତ
ଦେବକୁ ଦୁର୍ଲଭ ସେ ଅର୍ଜୁନର କଥା । ୯୧-୩୯୩୮ ।

ଏକଲବ୍ୟ ଉପାଖ୍ୟାନ
ଯେଥୁ ଅନନ୍ତରେ ଦ୍ରୋଣେ ଶିଷ୍ୟ ମାନନ୍ତ ହକାରି
ବାବୁ ତୁମ୍ଭେ ଯାଅସି ମୃଗୟା ବିନୋଦ କରି । ୧
ଅଶସ୍ତମାକୁ ପ୍ରସବି କୃପୀ ନାଶ ଗଲା
ତାହାର ପ୍ରାଣ ତ୍ୟାଜ ଦିବସ ପ୍ରବେଶ ହୋଇଲା. ୨
ଗଣ୍ଡା ଗୋଟିଯେ ବାବୁ ମାରି ଆଣ ଯାଇ ବନ୍ଟଂ
ଗୁରୁଙ୍କର ବଚନେ ଚଳନ୍ତି ସର୍ବ ତନ୍ଟ । ୩
ପଶ୍ଚିମେ ବୀମ ଅର୍ଜୁନ ଦକ୍ଷିଣେ ବୀର କର୍ଣ୍ଣ
ଶତେ ସୋଦର ଘେନି ଉତ୍ତରକୁ ଚଳଇ ଦ୍ରିଯୋଧନ । ୪
ଭ୍ରମନ୍ତ କୁମାରେ ଖେଦନ୍ତି ମୃଗାରି
କ୍ଷିଦ୍ରେ ନ ଛାଡନ୍ତି ଯେ ଗଣ୍ଡା ଜୀବ ଲୋଡି । ୫
ଦକ୍ଷିଣେ କର୍ଣ୍ଣ ଲୋଡି ନ ପାଇଲା ଗଣ୍ଡା ଜୀବ
ମୃଗ ଭାରେକ ଗେନି ଦ୍ରଶନ କଲା ଗୁରୁଙ୍କ ରାଧେବ । ୬
ପଶ୍ଚିମ କୋଶଳେ ଗଲେ ଭୀମସେନ ଅରଜୁନ
ଗଣ୍ଡା ଦୁଇ ଗୋଟା ଘେନି ଗୁରୁଙ୍କୁ ଦ୍ରଶନ କଲେକ ପଞ୍ଚୁଦିନ । ୭
ଉତ୍ତରକୁ ଗଲେ ଯେ ଦ୍ରିଯୋଧନ ଶତେ ଭ୍ରାଥ
ଖେଦନ୍ତି ବନ ଗହନେ ଯେ ଅନେକ ପର୍ବତ । ୮ ସଂ
ଲୋଡନ୍ତି ଗହନ ଅଟବ୍ୟା ପୁଣ୍ୟ ଗଣ୍ଡା
ଖେଦନ୍ତି ବନସ୍ତେରେ ବିହଡନ୍ତି ଦୁର୍ଦ୍ଦଣ୍ଡା । ୯
ମଣିନାଗ ବୋଲି ଯେକଇ ପର୍ବତ ଗୋଟିଯେ
ତହିଁର ତଳେ ଅଛି ଜଳଘାଟ ଗୋଟାଯେ । ୧୦
ସେ ପାଣି ଘାଟ ଜଗି ଅଛନ୍ତି ଅନୁସରି
ତହିଁକି ନିକଟ ଜାରା ବେଣ୍ଟକାର ପୁରୀ । ୧୧
ସେ ଜାରା ଶବର ଭାରିଯା ଶିରିୟା ନାମେ ବାଳୀ
ସ୍ୱାମୀକି ବୋଇଲା ଦୃଷ୍ଟି ଦେଇଥାଅ ଯେ ପଲ୍ଲୀ । ୧୨
ସ୍ନାନ କରି ମୁଁ ଆଣଇଁ ଜଳ ଘଟି ଗୋଟିଯେ
ଦ୍ୱାରକୁ ତଲଯେ କରିଥାଅ ମୋର ଆସିବାର ଯାଯେ । ୧୩
ସ୍ୱାମୀକି ସମ୍ବୋଧି ଚଳଇ ଶବର ତରୁଣୀ
ସରୋବରେ ପଶି ଘଟେ ପୂରୋଇଲା ପାଣି । ୧୪

---

୧ ଏଥୁ ଅନନ୍ତରେ ଦ୍ରୋଣେ ଶିଷ୍ୟ ପୁତ୍ରନ୍ତ ହକାରି
ବାବୁ ତୁମ୍ଭେ ଯାଅସି ମୃଗୟା ବନ ହେରି ।
୫ ।୧ ମନେ ମନେ ଅନୁସରି ଗଣ୍ଡା ଜୀବ ଲୋଡି ।
୯ ।୧ ଖେଦନ୍ତି ଗହନ ବନ ଅଟବ୍ୟା ସେ ପଶି ଗଣ୍ଡା ।
୧୧ ।୨ ତହିଁର ନିକଟ ଯେ କିରାତ ବେନ୍ଟ ପୁରୀ ।
ଘଟ ତୀରେ ଥୋଇ ସାରିଲା ସ୍ନାହାନ
କୂଳେ ଆସି କଲା ପତ୍ର ପରିହରଣ । ୧୫
ମଥାରେ ବସାଇଲା ପାଣିଘଟ ଗୋଟି
ସିଂଘ ଠାଣି ଜାଣି ସେ ଆସି ଲେଉଟି । ୧୬

ଦୂରେ ଥାଇ ଦେକିଲା ତାକୁ ଧୁସାସନ ମୁଢେ
ଆକ୍‌ରେଷି ବେନି ବୁଜେ ତାକୁ ଧଇଲାକ ଗାଢେ । ୧୭
ଦେଖି ସେ ଶିରିୟା ଯେ ଗ୍‌ହଂଇ ଲେଉଟି
ତ୍‌ରିଭୁବନେ ସୁନ୍‌ଦର ବାଳୁତ ଯେ କାହାର ପୁତ୍‌ର ଗୋଟି । ୧୮
ଶବରଣୀ ଦେଖନ୍‌ତେ ସେ ଧାଇଂଲେ ସର୍ବ ଦୁଷ୍‌ଟେ
ବେଢିଣ ଶବରଣୀକି ହରି ଲୋଡିଲେ ପାପିଷ୍‌ଠେ । ୧୯
ଭୋ ନାଥ ରଖ ବୋଲି ଉଚ୍‌ଚେ ଦିଲା ଡାକେ
ଭୋ ସ୍‌ୱାମୀ ବଳାତ୍‌କାର କରନ୍‌ତି କାହାର ଦୁଷ୍‌ଟ ଲୋକେ । ୨୦
ଉଚ୍‌ଚସ୍‌ୱ୍ରରେ ଯହ୍ନଂ ଶୁଭିଲା ଭାରିଯା ରୋଦନ ବାଣୀ
ଆଖଡାରେ ଥାଇ ତାହା ତାହା ଜାରା ଶବର ଶୁଣି । ୨୧
ହସ୍‌ତରେ ଧନୁଶର ଘେନି ବାହାର କିରାତ
ଧାଇଂଣ ପ୍‌ରବେଶ ହୋଇଲା ଯାଇଂ କୁରୁବୀରଙ୍କ ସଙ୍‌ଗତ । ୨୨
ମହା ବିକଟାଳ ସ୍‌ୱ୍ରରୂପ ସେ ଭଇରୋବ ମୂରତି
ହାକ ଦିଅଇ କିରାତରେ ତୁମ୍‌ଭେ କାହାର ହୋ କତି । ୨୩
ଶୁଣିଣ ପ୍‌ରଚଣ୍‌ଡ ମୂରତି ଧୁଶାସନ ମହାବୀରା
ପ୍‌ରତଗ୍‌ୟାଂ କରି ବୋଇଲା ମରିବୁରେ ଶବରା । ୨୪
ବନଚର ଲୋକ ହୋଇ କିଂପା ତୋହୋର ୟେମନ୍‌ତ ଘରଣୀ
ରାଜାଙ୍‌କର ଅବିଷ୍‌କକୁ ଯେ ଯୋଗାଇ ପାଟରାଣୀ । ୨୫
ଆମ୍‌ଭେ ସୋମବଂଶୀ ପୃଥୀକି ଆଧିପତି
ୟେହାର ନିମନ୍‌ତେ ତୁରେ ହୋଇବୁ ପ୍‌ରାଣେ କ୍‌ଷତି । ୨୬
ଦୁର୍ଭାର ବଚନ ଶୁଣି ସେ ଜାରା ବେଣ୍‌ଟକାର
ଧନୁରେ ବସାଇଲା ଆକ୍‌ରେଷିଣ ଶର । ୨୭

---

୧୯ ।୨ ବେଢିଣ ଶବରଣୀକି ଧରିଲେ ପାପିଷ୍‌ଠେ ।
୨୩ ।୧ ମହା ବିକଟାଳ ଠାଣି ସେ ଭଇରୋବ ମୂରତି ।
୨୬ ।୨ ୟେହାର ନିମନ୍‌ତେ ତୁରେ ହୋଇବୁ ପ୍‌ରାଣେ ବିନଶ୍‌ୟତି ।
ଭୂମିକି ଗୋଟିୟେ ବିନ୍‌ଧିଲା ଗୁରୁଙ୍‌କ ନାମ ଧରି
ମଥାରେ ମୃତ୍‌ତିକା ଘେନିଲା ଦ୍‌ରୋଣ ଗୁରୁଙ୍‌କୁ ସୁମରି । ୨୮
ୟେକ ଉତ୍‌ତର ଶତେ ଯେ ଅଟନ୍‌ତି କୁରୁବୀରେ
ଜଣେ ଜଣେକେ ପୂରୋଇଲା ଶତେ ଶତେ ଶରେ । ୨୯
ଅବିକ୍‌ଷଣେ ବାଣ ଯହ୍ନଂ ବିନ୍‌ଧିଲା ମହାମନ୍‌ତ୍‌ରେ
ଜଣେକେ ଶତେ ଶତେ ଶର ପଡିଲା ହୃଦଗତେ । ୩୦
ତ୍‌ରିପଣ୍‌ଡ ଗଳିତ ଯେ ଶରୀରେ ଅସ୍‌ତ୍‌ର ଭେଦି
ପଡିଲେ କୁରୁବୀରେ ରୁଧିର ବହି ନଦୀ । ୩୧
ଭାରିଯାକୁ ଘେନିଣ ଚଳଇ ବୀର ଜାରା
ଆପଣା ପଲ୍‌ଲୀରେ ପ୍‌ରବେଶ ଶବରା । ୩୨
ଦ୍‌ରୋଣେ ବାଟ ଗ୍‌ହାନ୍‌ତି ଦ୍‌ରିଯୋଧନ ତ ନଇଲା
ପଥ ନିରୋପନ୍‌ତେ ଦ୍‌ୱାଦଶ ଦିବସ ହୋଇଲା । ୩୩
ସଙ୍‌ଗରେ ଘେନିଲେ ଗୁରୁ କର୍ଣ୍‌ଣ ଭୀମ କିରୀଟୀ

ବାଟ ଅନୁସରି ହାଦେ ଆସନ୍ତି ପାଛୋଟି । ୩୪
ପ୍ରେଶ ହୋଇଲେ ଯାଇଁ ସରୋବର କୂଳ
ଦେଖିଲେ ପଡିଛନ୍ତି କୁରୁବୀର ସକଳ । ୩୫
ଯେସନେକ ବୃକ୍ଷେ ଲୋଟନ୍ତି ମହାବାତ କାଳେ
ତେସନେ ଦିଶନ୍ତି ଯେ କୁରୁବୀର ସକଳେ । ୩୬
ହୃଦେ ନାରାଜ ପଡି ପିଛି କତିକି ଫୁଟି
ମହା ପ୍ରତାପ ବୀରେ ଭୂମିରେ ଛନ୍ତି ଲୋଟି । ୩୭
ଭୀମସେନ ଧାଇଁ ଯାଇଁ ଦେଖିଲାକ ଦୂରୁ
ସମସ୍ତେ ଶରଘାତେ ପଡିଛନ୍ତି ହେ ଗୁରୁ । ୩୮
ଭାରଦ୍ୱାଦଶଙ୍କର ନନ୍ଦନ ଦେଖିଣ ବିଗ୍ରିଲେ
ଯେ ତ ଆମ୍ଭର ବିଦ୍ୟା ବୋଲି ଅର୍ଜୁନକୁ ପଗ୍ରିଲେ । ୩୯
ଦେଖନି ଯେ ବନସ୍ତରେ କେ ଅଛଇ ଫାଲଗୁନି
ପ୍ରଶୁରାମଙ୍କର ବିଦ୍ୟା କେ ଆନ ଅଛଇ ଘେନି । ୪୦

---

୨୯ ।୨ ଜଣେକେ, ଶତ, ଶତ ବାଣ ପଡିଲା ନିର୍ଘାତେ ।
୩୨ ।୨ ଆପଣା ପଲ୍ଲୀରେ ଯାଇଁ ସାନନ୍ଦ ଶବରା ।
ଆନକୁ ଗୋଚର ନୋହଇ ଯେ ବିଦ୍ୟା
ମାନବେ ଗୋଚର କାହିଁ ଯେତେକ ପ୍ରସିଦ୍ଧା । ୪୧
ଗୁରୁଙ୍କର ବଚନେ ଲୋଡଇ ସର୍ବସାଟୀ
ଦେଖିଲା ଗହନ ବନେ ଶବର ପଲ୍ଲୀ ଯେକ ଅଛି । ୪୨
କିରାତ ଆଖଡାରେ ପଟାଯେ ବିନ୍ଧଇ ବାଣ
ଅର୍ଜୁନକୁ ଦେଖି ବାହାର ତତକ୍ଷଣ । ୪୩
ହସ୍ତ ଧାମଣା କାଠର ଧନୁ କଣ୍ଟା ବାଯେଁଶର ଗୁଣ
କଟି ମେଖଳେ କୋଠାର ଫିରିକି ନାରାଜ ତ୍ରୋଣ । ୪୪
ଗଦ ଗଦ ବାକ୍ୟେ କିସ କିସ ବୋଲି
ଅର୍ଜୁନ ଉପରକୁ ସେ ଆସୁଅଛି ପେଲି । ୪୫
ଡାକ ଦିଅଇ ଜାରା ତୁରେ କାହାର କତି ଅଟୁ
ମୁହିଁ ବନଚର ମୋହୋର ଆଶ୍ରମେ କିନା ଭେଟୁ । ୪୬
ଆଷ୍ୟ ଥାଉଁ ଥାଉଁ କିନା ଭରସୁ ଅଛୁ ମରଣକୁ
ମରିଣ ପନ୍ଥାଇ କି ବଲି ଦେବି ମୁଁ ତୁକୁ । ୪୭
ଅର୍ଜୁନ ବୋଇଲା ଆରେ ଶୁଣସି କିରାତ
ଯେ ମୋହୋର ଭାଇ ମାନନ୍ତ କେ କଲା ଶରାଘାତ । ୪୮
ଅର୍ଜୁନ ବଚନ ଶୁଣି ଜାରା ଶବର ଯେ କୋପେ
ଧନୁରେ ନାରାଜ ପୂରୋଇଲା ଗୁରୁ ତାପେ । ୪୯
ଆକ୍ରୋଷିଣ ଶର ଛାଡନ୍ତେ ଦେଖିଲା ଫାଲଗୁନି
ଶବରକୁ ମଇଲା ଯେ ଦିବ୍ୟ ଶସ୍ର ଘେନି । ୫୦
ଶରେ ଶର ପଡିଗଲ ହେଉଣ ଅଛନ୍ତି
ଭାଜିଣ ସମସ୍ତ ଶହସ୍ର ଚୂର ହୋଇ ଯାନ୍ତି । ୫୧ ସଂ

ଶତେ ନାରାଜ ଗ୍ୟପେ ପୂରୋଇଲା ଜାରା
ଅର୍ଜୁନ ଉପରକୁ ବିନ୍ଧିଲା ସେ କୋପେ ମହାବୀର । ୫୨

---

୪୫ ।୧ ଗଦ ଗଦ ବାକ୍ୟେ କିସ ବୋ କିସ ବୋ ବୋଲି ।
୪୬ ।୧ ଡାକ ଦିଅଇ ଜାରା ତୁରେ କାହାର ସୁତ ଅଟୁ
ଡାକ ଦିଅଇ ଜାରା ତୁରେ କାହାର ଗ୍ୟଟ ଅଟୁ ।
୪୮ ।୨ ୟେ ମୋର ପ୍ରାଣର ଭାଇଙ୍କି କେହ୍ନଂ କଲା ହତ ।
ଶତେକ ନାରାଜ କୋପେ ପେଷିଲା ଅରଜୁନ
ଛେଦି ପକାଇଲା ସେ ସମସ୍ତ ଶର ମାନ । ୫୩
କିରାତ ଅର୍ଜୁନ ସେ ହୋଅନ୍ତେ ଅନ୍ୟୋଅନି୍ୟ
ଶହସ୍ର ବିଘାତେଣ ଯେ କି-ଲା ମେଦିନୀ । ୫୪ ସଂ
କଷୁଣି ଟଙ୍କାର ଶୁଭିଲା ଗୁଣ ଘୋଷ
ତିନି ଭୁବନକଇ ଲାଗିଲା ବଡ ତ୍ରାସ । ୫୫
ଦ୍ରୋଣେ ଶୁଣିଲେ ଯହ୍ନଂ ସହସ୍ର ମାନଙ୍କର ବାଣୀ
କର୍ଣ୍ଣ ଭୀମ ଘେନି ଗୁରୁ ଧାଇଂଲେ ବେଗେ ପୁଣି । ୫୬ ସଂ
ଗୁରୁ ଦେଖିଲେ ଅର୍ଜୁନ କିରାତର ସମର
ଜାରା ଅର୍ଜୁନକୁ ପୂରୋଇ ଅଛି ଲକ୍ଷେ ଶର । ୫୭
ଦ୍ରୋଣେ ଭେଟିଲେ ସମର କରନ୍ତେମ ବେନି
କେହି କାହାକୁ ନ ଘୁଞ୍ଚନ୍ତି ଅନ୍ୟୋଅନି୍ୟ । ୫୮
ଦ୍ରୋଣେ ଡାକ ଦିଅନ୍ତି ରହ ରହ ବାବୁ
କାହାର ତହ୍ନଂ ସାଧିଲୁ ୟେ ବିଦ୍ୟାମାନ ସବୁ । ୫୯
କାହାର ଶିଷ ତୁ କେ ତୋହୋର ଗୁରୁ
କାହାର ବିଦ୍ୟା ସାଧି ତୁ ୟେତେ ଯୁଦ୍ଧ କରୁ । ୬୦
କିରାତ ବୋଇଲା ତୁ ଶୁଣ ହୋ ବ୍ରାହ୍ମଣ
ମୋହୋର ବିଦ୍ୟାଗୁରୁ ଅଟନ୍ତି ହାଦେ ଦ୍ରୋଣ । ୬୧
ଗୁରୁ ଥମ୍ଭ୍ରୀଭୂତ ହୋଇଲେ କିରାତ ବଚନେ
ଆମ୍ଭେ ସେ ଦ୍ରୋଣ ହୋ ବାବୁ ଅଟୁ ବିଦ୍ୟମାନେ । ୬୨
ବଦୟନ୍ତି ଦ୍ରୋଣେ କାହିଂ ଅଛନ୍ତି ତୋର ଗୁରୁ
ଆମ୍ଭଙ୍କୁ ଦେଖାନି ତୁ କାହାକୁ ସେବା କରୁ । ୬୩
ଆପଣ ଆଖଡା ଶାଳକୁ ସେ କଢାଇଣ ନେଲା
ମାଟିର ଦ୍ରୋଣକୁ ଯେ ନେଇଣ ଦେଖାଇଲା । ୬୪
ୟେ ମୋହୋର ଗୁରୁ ଅଟଇ ଦ୍ରୋଣ ସିଦ୍ଧା
ୟେହାଙ୍କୁ ସେବିମ ମୁଂ ଲଭିଲି ସର୍ବ ବିଦ୍ୟା । ୬୫
ଗୁରୁ ପୁଚ୍ଛା କଲେ ତୁ କେମନ୍ତେ ସାଧ୍ୟ କଲୁ
ଅଦୃଷ୍ଟି ଅଶ୍ରତିରେ କେମନ୍ତେ ୟେମାନ ପାଇଲୁ । ୬୬
ଆମ୍ଭର ମନ୍ତ୍ରବଳେ ତୁହି ସେ ମାଇଲୁ । ୬୭

---

୬୭ ।୨ ଆମ୍ଭର ପୁତ୍ରଙ୍କୁ ହୋ କି ଦୋଷେ ମାଇଲୁ ।
ବୋଲଇ କିରାତ ମୁଂ ଗଲଇଂ ବାରୁଣେ

ବୋଇଲି ବିଦ୍ୟା ମୋତେ ଶିଖାଅ ଗୁରୁ ଦ୍ରୋଣେ । ୬୮
ଯୁଝେଷ୍ଠି ବୋଲି ଜଣେ ମୋତେ ଦୟା କଲା
ଦ୍ରିଯୋଧନ ବୋଲି ମୋତେ ତହ୍ନଂ ବାହାର କରି ଦିଲା । ୬୯
ଅପମନ ପାଇ ମୁଂ ଯେ ବାହୁଡି ଅଇଲି
ବାରୁଣାବନ୍ତଠାରୁ ୟେଠାକୁ ବୋଲି ବନସ୍ତ କାଟିଲି । ୭୦
ଆଖଡାୟେ ଭିଆଇଲି ମୁଂ ପଲ୍ଲୀର ଦୁଆରେ
ମୃତ୍ତିକା ଦ୍ରୋଣ ଗୋଟି ମୁଂ ଥାପିଲି ସାଧିଲି ସମ୍ଭରେ । ୭୧
ୟେହିଠାରେ ଥାଇ ଗ୍ହଂଇ ମୁଂ ବାରୁଣବନ୍ତ ଆଖଡାକୁ
ଦୃଷ୍ଟିପାତ କରିଥାଇଂ ଦ୍ୱାଦଶ ଯୋଜନକୁ । ୭୨
ଯେବଣ ପାଦଗତି କରନ୍ତି ଦ୍ରୋଣ ଗୁରୁ
ମୁଂ ୟେଥେ ସାଧଇ ଯେ ସମସ୍ତ ଗତି କରୁଂ । ୭୩
ଶୁଣି ଦ୍ରୋଣ ଗୁରୁ ଯେ ପରମ ସାନନ୍ଦେ
ଜାରାକଇଂ ଆଣି ବସାଇଲେ ଆପଣ ସନ୍ନିଧ୍ୟେ । ୭୪
ଆମ୍ଭେ ସେ ଦ୍ରୋଣ ଗୁରୁ ଅଟୁ ୟେ ସେ ଭୀମ ଅର୍ଜୁନ କର୍ଣ୍ଣ
ଯାହାକୁ ଶରଘାତ କଲୁ ସେହି ସେ ଦ୍ରିଯୋଧନ । ୭୫
ୟେସନ ବଚନ ଶୁଣିଣ ବୀର ଜାରା
ଗୁରୁଙ୍କ ପାଦପଦ୍ନେ ପ୍ରଳମ୍ଭ୍ରେ ମହାବୀରା । ୭୬
ଦ୍ରୋଣେ ବୋଇଲେ ତୁ ଆମ୍ଭର ବିଦ୍ୟା ପୁତ୍ର ବାବୁ
ସେ ପୁତ୍ର ମାନ ଯେ ମାଇଲୁ ଆମ୍ଭର ହିଂ ସବୁ । ୭୭
ବିଦ୍ୟା ପରୀକ୍ଷ ୟେବେ ବାବୁ ଜାଣିମା ଯୁଗତେ
ପୁଣ ସେ ପୁତ୍ରମାନେ ଆମ୍ଭର ବ୍ରତନ୍ତି କେମନ୍ତେ । ୭୮
ଜାରାକଇଂ ଘେନି ଗଲେ ସେ ସାଂଗ୍ରାମ ଭୂମିକି
କିରାତ ବୋଇଲା ୟେହିକ୍ଷଣି ଗୁରୁ ହେ ଜୀଆଂଇବି ସଭୁଙ୍କି । ୭୯
ଧନୁରେ ବସାଇ ଜୀବନ୍ୟାସ ଶର କଲା ବୃଷ୍ଟି
ମୋହ ତେଜି ଉଠିଲେ ସେ ସକଳ ଧୃତରାଷ୍ଟି । ୮୦
ଦ୍ରୋଣଙ୍କର ପାଦପଦ୍ମେ ହୋଇଲେ ପରିଣାମି
ଶବର ଶରଘାତେ ପ୍ରାଣତ୍ୟାଜ ହୋଇଲୁ ଆମ୍ଭେ ସ୍ୱାମୀ । ୮୧

---

୭୭ ।୨ ସେ ପୁତ୍ରମାନେ ଯେ ଆମ୍ଭର ଜାଣ ସବୁ ।
ତୋହୋର ପରାୟେ ଗୁରୁ ସେବି ଆମ୍ଭେ ବିଦ୍ୟାମାନ ସାଧିଲୁ
କିରାତ ମାତ୍ରକ ସମରେ ଆମ୍ଭେ କ୍ଷୟେ ଗଲୁ । ୮୨
ପ୍ରଶୁରାମଙ୍କର ବିଦ୍ୟାକୁ ଆମ୍ଭର ଗୁରୁ ଦ୍ରୋଣ
ଅଭାବେ ଶିଖାଇଲ କିଛି ନୋହିଲା କାରଣ । ୮୩
ଧିକ ହୋଉ ଆମ୍ଭର ଜୀବନ ଆମ୍ଭର ଛତ୍ରୀ ବୃତ୍ତେ କିସ କାର୍ୟ୍ୟ
କେସନେ ଜନ ମୁଖ ଗ୍ହିଂବୁ ହୋଇଣ ନିଲଜ୍ଜ । ୮୪
ଦ୍ରୋଣେ ବୋଇଲେ ତୁମ୍ଭେ ନ ବାବ କିଛି ଚିତ୍ତ
ଆମ୍ଭର ବିଦ୍ୟା ପୁତ୍ର ୟେ ଅଟଇ କିରାତ । ୮୫
ୟେକଇ ବିଦ୍ୟାୟେ ଧଂସି ହୋଇଲ ଭ୍ରାଥ ବେନି
ଘରେ ଘରେ ୟେକ ସୋଦରେ ହୋଇଲେ ଅନ୍ୟୋଅନି୍ୟ । ୮୬

ଯେଥକୁ ଅଭିମାନ ହୋକରି ତ ନ ଯୋଗାଇ
ଆମ୍ଭର ବିଦ୍ୟା ପୁତ୍ର ଅଟଇ ଜାଣ ଯେହି । ୮୭
ଗଣ୍ଡା ଘେନି ଗଲା ଯେ ପ୍ରଥମେ ଆଖଡାକୁ
ତୁମ୍ଭେ ଅପମନ କରି ଯେ ବାହାର କରିଦିଲ ଯେହାକୁ । ୮୮
ଦ୍ରୋଣଙ୍କର ବଚନେ ଦ୍ରିଯୋଧନ ହୋଇଲା ପରମ ଶାନ୍ତି
ଦ୍ରୋଣେ ବୋଇଲେ ଜାରାରେ ତୁ ଯେ ବନେ ଥାଅ ନିଭ୍ରାନ୍ତି । ୮୯
ଆମ୍ଭେ ଯାଉଅଛୁଂ ହସ୍ତିନା ଭୁବନକୁ
ବାରୁଣାବନ୍ତରୁ ଭାଙ୍ଗି ଦେଇଣ ଆଖଡାକୁ । ୯୦
ଆମ୍ଭର ବୋଲେ ତୋତେ ସମସ୍ତ ପ୍ରାପତ ହୋଉ
ତୋତେ ତ ସମରେ ଜିଣନ୍ତା କେହି ନୋହୁ ଆଉ । ୯୧
ଉଷତ ହୋଇ ପଡିଲା କିରାତ ଗୁରୁଙ୍କ ଚରଣେ
ଦକ୍ଷିଣା ମାଗ ହୋ ମୁକୁ ଗୁରୁ ଦେବଇଂ ଯେହିକ୍ଷଣେ । ୯୨
ଶୁଣିଣ ଦ୍ରୋଣ ଗୁରୁ ପରମ ସାନନ୍ଦ ଚିତ୍ତେ
ଗୁରୁ ଦକ୍ଷିଣା ଶିଷ୍ୟରେ ଲାଗଇ ଯୁଗତେ । ୯୩
ସତ୍ୟ କଲେ ତୋତେ ମାଗିବି ଦକ୍ଷିଣା
ଯୁଗେ ଯୁଗେ କଥା ଥିବ ମୋହୋର କହଣା । ୯୪

---

୮୪ ।୨ ଆମ୍ଭେ ଶତେ ଭ୍ରାଥ ପାଇଲୁଟି ଲାଜ ।
୮୯ ।୨ ଯେଥକଇଂ ମନେ ନ କର ତୁ ଭ୍ରାନ୍ତି ।
ଜାରା ବୋଇଲା ସ୍ୱାମୀ ସତ୍ୟ କଲି ମୁହିଂ
ମୋହୋର ଶିରକମଳ ମାଗିଲେ ହେଂ ଦେବଇଂ । ୯୫
ଗୁରୁ ବୋଇଲେ ତୁ ଯେବେ ସତ୍ୟ କଲୁରେ ବାବୁ
ଦକ୍ଷିଣ ହସ୍ତ ଜେ୍ୟଷ୍ଠ ଅଙ୍ଗୁଷ୍ଠି କାଟି ମୋତେ ଦେବୁ । ୯୬
ଜେ୍ୟଷ୍ଠ ଅଙ୍ଗୁଷ୍ଠି ଗୋଟି ଧଇଲେ ଗୁରୁ ଟାଣି
ନାରାଜ ବିନ୍ଧନ୍ତେ ହସ୍ତ ନ ଥିବଟି କଷୁଣି । ୯୭
ଚାରି ଅଙ୍ଗୁଷ୍ଠିରେ ବିନ୍ଧିବୁ ତୁ ଶର
ଯେତେକ ଦିଲେ ଗୁରୁ ଦକ୍ଷିଣା ହୋଇଲା ଆମ୍ଭର । ୯୮
ଜାରା ବୋଇଲା ଗୁରୁ ହେ ଯେବେ ଭୟ କଲ ମୁକୁ
ମୁକୁଇଂ କଳଙ୍କ କରି ଉଦ୍ଧରିଲ ଯେମାନଙ୍କୁ । ୯୯
ଯେବଣ ଅଭିମାନ କଲେ ମୋତେ ବାରୁଣାବନ୍ତେ
ସେ କଥା ଖଣ୍ଡିକ ମୁଂ ଧରିଥିଲି ହୃଦଗତେ । ୧୦୦
ମୁହିଂ ସେ ନାଶ କରନ୍ତି ଦ୍ରିଯୋଧନର ବଂଶ
କୁରୁବଳ ମାନନ୍ତ ସବୁନ୍ତି କରନ୍ତି ଯେ ଧ୍ୱ୍ରଂସ । ୧୦୧
ଜାଣି ତ ରକ୍ଷା କଲ ଯେମାନଙ୍କୁ ଗୁରୁ ହେ
ପରମ ମହାତ୍ମା ତୁ ସଞ୍ଚିଲୁ ସନ୍ଦେହେ । ୧୦୨
ଯେତେ ବୋଲିଣ ଯେ ବୃଦ୍ଧା ଅଙ୍ଗୁଷ୍ଠି କାଟିଣ ସେ ଦିଲା
ତାହା ଦେଖି ଗୁରୁଙ୍କର ଚିତ୍ତ ହରଷ ହୋଇଲା । ୧୦୩
ଜାରାକୁ କଲ୍ୟାଣ କରି ରୁହାଇଲେ ନିଜ ଆଶ୍ରମେ
ପୁତ୍ରନ୍ତ ଘେନି ଗଲେ ବାରୁଣାବନ୍ତ ଭୁବନେ । ୧୦୪

ବିଜେ କଲେ ମହାତ୍ମା ହସ୍ତିନା ନଗ୍ରର ପୁରୀ
ନିଜ କର୍ମ ବିଧାନେ ଗଲା ପୁଣି ବରଷ ଗ୍ରି । ୧୦୫-୪୦୪୩ ।

---

୧୦୦ ଯେବଣ ଅଭିମାନ କଲେ ମୋତେ ବାରୁଣାବନ୍ତ ନଗ୍ରେ
ସେ କଥା ଖଣ୍ଡିକ ମୁଁ ଧରିଥିଲି ରାଗେ ।
ଅର୍ଜୁନର ସ୍ନାନ ପଦାର୍ଥ ଆଣିବା ଓ ନିଜର ଅସ୍ତ୍ର କୁଶଳତା ଦର୍ଶାଇ ଦ୍ରୋଣଙ୍କଠାରୁ ବର ପ୍ରାପ୍ତି
ଶୁଣ ହୋ ମହାରାଜା ଯଉଁ ଦିନ ବିଦ୍ୟା ପରୀକ୍ଷ କଲେ
ସେହି ଦିନୁ କଉରୋବେ ମନେ ଅନ୍ତର ଧଇଲେ । ୧
ଦ୍ରିଯୋଧନ ମୂଳେ ଯେ ବିଚାର କରନ୍ତି
ଆମ୍ଭ ତହିଁ ଗୁରୁଙ୍କର ନାହିଁ ଶୁଦ୍ଧମତି । ୨
ଦ୍ରୋଣେ ଯେ ଆମ୍ଭର ବିଦ୍ୟାଗୁରୁ ହୋଇଲେ
ଯେକା କରି ଅର୍ଜୁନକୁ ସେ ଶସ୍ତ୍ର ଶିଖାଇଲେ । ୩
ଆମ୍ଭେ ଶତେ ଯେକ ଉତ୍ତର ବିଦ୍ୟାଯେ ଶକତା ନୋହିଲୁ
ଦ୍ରୋଣ ପ୍ରାଯେ ଗୁରୁ ଥାଉଁ ବିଦ୍ୟା ନ ପାଇଲୁ । ୪
ଯେମନ୍ତେ ବିଚାରି ଧୃତରାଷ୍ଟ ତନେଯେ
କର୍ଣ୍ଣ ଦ୍ରିଯୋଧନ ଧୁଶାସନ ମୂଳେ ଗୁରୁଙ୍କ ବିନଯେ । ୫
ଭୋ ଗୁରୁ ତୁମ୍ଭେ ବେଦ ଶାହାସ୍ରେ ସକଳ ନିର୍ଜିତା
ପ୍ରଶୁରାମଙ୍କ ବିଦ୍ୟାଯେ ତୁମ୍ଭେ ତ୍ରୈଲୋକ୍ୟ ଜିଣନ୍ତା । ୬
ତୁମ୍ଭର ମନରେ ଆମ୍ଭଙ୍କୁ ଶୁଦ୍ଧ ଚିତ୍ତ ନାହିଁ
ଯେକା କରି ଅର୍ଜୁନକୁ ଶିଖାଅସି ଗୋସାଇଁ । ୭
ଦ୍ରୋଣ ପ୍ରାଯେ ଗୁରୁଙ୍କୁ ଆମ୍ଭେ ସେବା କଲୁ
ବିଦ୍ୟା ନ ପାଇଣ ଆମ୍ଭେ ଅସାର୍ଥୁକ ଯେ ହୋଇଲୁ । ୮
ଦ୍ରୋଣେ ବୋଇଲେ ଯେହ୍ନେ ଆମ୍ଭର ମନ୍ଦ କର୍ମ
ତୁମ୍ଭନ୍ତ ବିଦ୍ୟା ଶିଖାଇ ଆମ୍ଭେ ହୋଇଲୁ ଅକାରଣ । ୯
ତୁମ୍ଭନ୍ତ ଆମ୍ଭେ ବିଦ୍ୟା ଶିଖାଇଲୁ ଶୁଦ୍ଧ ଚିତ୍ତେ
ଗଣ୍ଠି ମୁଠି ଦୃଢ କରି ଦେଖାଉଁ ନିଜ ଗାତ୍ରେ । ୧୦
ହସ୍ତ ଧରି ତୁମ୍ଭଙ୍କୁ ଜଣେ, ଜଣେ ଦେଖାଇ
ତୁମ୍ଭେ ତାହା ନ ଶିଖ ଯେ ମନରେ ଗର୍ବ ବହି । ୧୧
ତୁମ୍ଭନ୍ତ ବିଦ୍ୟା ଶିଖାଇଲେ ଅର୍ଜୁନ ଦେଖଇ
ଦେଖିଣ ଶିଖଇ ସେ କାହାକି ନ ପରାରଇ । ୧୨

---

୯ ।୨ ତୁମ୍ଭନ୍ତ ବିଦ୍ୟା ଶିଖାଇ ଆମ୍ଭେ ପାଇଲୁ ଅପମାନ ।
ଯେବଣ ନାରାଜ ଧରଇ ଫାଲଗୁନି
ମୋତେ ଗୋଚର ନୁହଇ ସେ ବୋଇଲେ ଦ୍ରୋଣ ମୁନି ।୧୩
ପ୍ରଶୁରାମ ବିଦ୍ୟା ତାକୁ ହୋଇଲା ପ୍ରାପତ
ଦେଖିଣ ଶିଖଇ ସେ ବାସବର ସୁତ । ୧୪
ଦ୍ରିଯୋଧନ ବୋଇଲା ତୁମ୍ଭର ଶୁଦ୍ଧ ଚିତ୍ତେ
ତେଣୁ କରି ସମସ୍ତ କହିଲ ବୀର ପାଥେ । ୧୫

ଦ୍ରିଯୋଧନ ବଚନେ ଦ୍ରୋଣେ ତୁନୀ ହେଲେ
ସମସ୍ତେ କୁରୁବୀରେ ଅର୍ଜୁନକଇଁ ହିଂସା କଲେ । ୧୬
ଯେଥୁ ଅନନ୍ତରେ ଶୁଣ ବଇବସୁତ ମନ୍ତ
ବିଦ୍ୟାର ମହିମା ହୋ ଶୁଣ ବଇବସୁତ ମନ୍ତ
ବିଦ୍ୟାର ମହିମା ହୋ ଶୁଣ ଯୁବରାଜ ତନ୍ତ । ୧୭
ଯେକ ଦିନରେ ଯେ ଦ୍ରୋଣେ ଉପାୟେକ କଲେ
ସବୁ ପୁଅନ୍ତ ଘେନି ଯମୁନା ସ୍ନାହାନେ ଯେ ଗଲେ । ୧୮
ବାଟରେ ଦେଖିଲେ ସୁସଞ୍ଚ ଶାଳ ବୃକ୍ଷେ
ଦ୍ରୋଣେ ବୋଇଲେ ଯେଠାରେ ବୁଝିବା ପରୀକ୍ଷେ । ୧୯
ଅର୍ଜୁନକୁ ବୋଇଲେ ବାବୁ ତୁ ବାହୁଡିଣ ଯିବୁ
କୃପଙ୍କର ଘରୁ ସ୍ନାହାନ ସଞ୍ଚ ଯେ ଆଣିବୁ । ୨୦
ତିଳ ଅୟେଁଲା ସୁସଞ୍ଚ ଅଭ୍ୟଙ୍ଗମାନ
ଭୂଇଁରେ ନ ଥୋଇ ଆମ୍ଭଠାରୁ ଆଣିବୁ ଯେ ପୁଣ । ୨୧
ଗୁରୁଙ୍କର ବଚନେ ସେ ଚଲିଲା ଅର୍ଜୁନ
ବୃକ୍ଷର ତଳ ଯାଇଁ ମିଳିଲେ ଗୁରୁ ଦ୍ରୋଣ । ୨୨
ଦ୍ରିଯୋଧନ ବେନି କର ସଂକ୍ଷେପି ଧଇଲେ ଗୁରୁ ଦ୍ରୋଣ
ଦୃଷ୍ଟି ମୁଷ୍ଟି ଗଣ୍ଠି ଦୃଢ ସେ କରିଣ । ୨୩
ଦ୍ରିଯୋଧନ କରେ ଗୁରୁ ଦିଲେ ଧନୁ ତ୍ରୋଣ । ୨୪
କତୁରୀ ନାରାଜ ସେ ଗୁଣରେ ବସାଇ
ଯେକ ଦୃଷ୍ଟିରେ ନାରାଜ ବିନ୍ଧ କୁରୁସାଇଁ । ୨୫
ଶୁଣି ଦ୍ରିଯୋଧନ ବିନ୍ଧି ପତ୍ରମାନ କଲାକ ଛେଦନ
କୁରୁବୀରମାନଙ୍କର ଆନନ୍ଦ ପଞ୍ଚୁମନ । ୨୬

---

୨୩ ।୧ ସଂକ୍ଷେପି-ଟାଣି

ଶିଷ୍ୟନ୍ତ ଘେନି ମୁନି ପ୍ରବେଶ ଯମୁନାର କୂଳେ
ମଥା ଯୋଗାଣ ଘେନି ଅର୍ଜୁନ ସେ ବୃକ୍ଷଠାରେ ମିଳେ । ୨୭
ଦେଖିଲେ ବୃକ୍ଷରେ ପତ୍ର ଗୋଟିଯେକ ନାହିଁ
ଆଶ୍ରିଜ ଅର୍ଜୁନ ସେ ବୃକ୍ଷକୁ ପୁଣ ଚାହିଁ । ୨୮
ଦେଖିଲା ଦ୍ରୋଣଙ୍କର ପଡିଛି ପାଦ ଗତି
ଅର୍ଜୁନ ବୋଇଲେ ଗୁପତ ବିଦ୍ୟା ଶିଖାଇଲେ କୁରୁପତି । ୨୯
ସେହିମତି ଅର୍ଜୁନ ପାଦ ଗତି କଲା
ପାଞ୍ଚଗୋଟି ନାରାଜ ଭୂମିକି ମାଇଲା । ୩୦ ସଂ
ତହିଁର ଉପରେ ସ୍ନାହାନ ସଞ୍ଚ ଥୋଇ
ଅବୋଲୋକନ ଶର ବିନ୍ଧିଲାକ ତହିଁ । ୩୧
ବଂକ୍ଷି ଗୋଟିମାନ ଯେ ପକାଇଲା ଛେଦି
ସ୍ନାହାନ ସଞ୍ଚମାନ ଘେନି ସେ ଚଳଇ ମନଭେଦୀ । ୩୨
ଗୁରୁଙ୍କର ସନ୍ନିଧେୟ ନେଇ ସ୍ନାହାନ ସଞ୍ଚ ଦିଲେ
ସୁଗନ୍ଧ ତଇଳ ସେ ମଥାରେ ଲଗାଇଲେ । ୩୩
ଯମୁନା ନଦୀରେ ସେ ପଶିଲେ ଦ୍ରୋଣେ ଯାଇ

ସମସ୍ତ ଶିଷ୍ୟମାନେ ପଶିଲେ ଝସାଇ । ୩୪
ସ୍ନାହାନ କରନ୍ତେ ଯେ କୁମ୍ଭୀରେକ ଅଇଲା
ଦ୍ରୋଣ ଗୁରୁଙ୍କୁ ସେ ଯେ ଆକ୍ରେଷିଣ ନେଲା । ୩୫
ସମସ୍ତ ଶିଷ୍ୟମାନେ ଡରେ ଅଇଲେ ପଳାଇ
କୁମ୍ଭୀର ଗୁରୁଙ୍କୁ ନେଉଛି ଘୋସରାଇ । ୩୬
ଜଳରୁ ଦ୍ରୋଣ ଗୁରୁ ଆସି ତ ନୁଆରଇ
ରଖ ରଖ ବୋଲି ସେ ଶିଷ୍ୟଙ୍କୁ ଡାକ ଦେଇ । ୩୭
ଦେଖି ଭୀମସେନ ଜଳ ଭିତରକୁ ଡେଇଁଲା
ଆକ୍ରେଷିମ କରି ଯାଇଁ କୁମ୍ଭୀରକୁ ଧଇଲା । ୩୮
ଭିଡନ୍ତେ ଜଳପ୍ରଭା ସେ ହୋଇଲା ନିଧନ
ଦ୍ରୋଣ ଗୁରୁ ବୋଇଲେ ଧନ୍ୟରେ ଭୀମସେନ । ୩୯

---

୩୨ ।୧ ବୁକ୍ଷି ଗୋଟିମାନ ଯେ ପକାଇଲା ଛେଦି
୩୪ ।୨ ସମସ୍ତ ଶିଷ୍ୟମାନ ପଶିଲେ ଅବଗାହି ।
୩୭ ।୨ ରଖ, ରଖ ବୋଲି ସେ ମିଛେ ଡାକ ଦେଇ ।
ତୁହି ସେ ଯେତେ ବେଳେ ଦିଲୁ ଜୀବଦାନ
କିସ ଦେଇ ତୋଷ କରିବି ତୋର ମନ । ୪୦
ଗଦା ବିଦ୍ୟା ତୋତେ ଗୋଟିଯେ ଦେବଇଁ ପ୍ରସନ୍ନ
ମୋହୋର ଗଦା ବିଦ୍ୟାରେ ତୁ ସକଳ ଭୁବନ ଜିଣ । ୪୧
ବଳରାମ ଗଦା ବିଦ୍ୟା ବୋଲନ୍ତି ଜଗତେ
ଆରେ ତୋର ଗଦା ବିଦ୍ୟା ପ୍ରକାଶୁ ସେହି ମତେ । ୪୨
ଅତୁଟ ଗଦା ବିଦ୍ୟା ଦ୍ରୋଣେ ଭୀମସେନକୁ ଦିଲେ,
ତ୍ରଇଲୋକ ବିଖ୍ୟାତ ହୋଅ ଭୀମସେନକୁ ବୋଇଲେ । ୪୩
ଗଦା ବିଦ୍ୟା ପାଇଣ ସେ ସାନନ୍ଦ ଭୀମସେନ
ତହ୍ନଁମ ପୁଅନ୍ତ ଘେନି ଦ୍ରୋଣେ କରନ୍ତି ଗମନ । ୪୪
ନେଉଟି ଗୁରୁ ଯେ ତରୁ ତଳେ ମିଳିଲେକ ଯାଇଁ
ଦ୍ରିଯୋଧନ ବୋଇଲା ସେ ଶାଳବୃକ୍ଷକୁ ଗ୍ରହିଁ । ୪୫
ଆମ୍ଭେ ଯେ କାଟିଲୁ ସମସ୍ତ ପତ୍ରମାନ
ବଂକ୍ଷିମାନଙ୍କୁ କେ କାଟିଲା ବୋଲଇ ଦ୍ରିଯୋଧନ । ୪୬
ଦ୍ରୋଣେ ବଦୟନ୍ତି ଶୁଣରେ ଅର୍ଜୁନ
ତୋହୋର ନାରାଜ ପ୍ରାୟେ ତ ଦିଶଇ ବିଦ୍ୟମାନ । ୪୭
ଅର୍ଜୁନ ବୋଇଲେ ମୁଁ କୃପଙ୍କ ଘରକୁ ଗଲି
ସ୍ନାହାନ ସଞ୍ଚା ଘେନିଣ ମୁଁ ଶୀଘ୍ରେଣ ଅଇଲି । ୪୮
ବୃକ୍ଷ ଉପରକୁ ମୁଁ ଗ୍ରହିଁଲି ନୟନ
ଦେଖିଲି ପତ୍ରମାନେ ଭୂମିରେ ପତନ । ୪୯
ନିରେଖି ଗ୍ରହିଁଲି ମୁଁ ଗୁରୁଙ୍କ ପାଦଗତି
ସେହି ମତି କରି ମୁଁ ବାବଲ ପେଷିଲଇଁ ଧାତି । ୫୦
ବଂକ୍ଷିମାନ ସବୁ ଛେଦି ପକାଇଲି ଭୂମି
ଶୁଣିଣ ଥମ୍ଭୀଭୂତ ଦ୍ରୋଣ ମହାମୁନି । ୫୧

ଦ୍ରିଯୋଧନ ବଦନ ଗ୍ରହିଂ ବୋଲନ୍ତି ବଚନ
ଯେ ବିଦ୍ୟା ଅବା କାହ୍ନଂ ଅର୍ଜିଲା ଅର୍ଜୁନ । ୫୨
ତୁମ୍ଭେମାନେ ଆମ୍ଭଙ୍କୁ ବୋଲୁଥାଅ ଜଗତେ
ସବୁ ସହ୍ନଂ ଆମ୍ଭେ, ତୁମ୍ଭେ ଯହ୍ନଂ ଶିଷ୍ୟ ପୁତ୍ରେ । ୫୩

---

୪୬ ।୨ ବଂକ୍ଷି-ଡେମ୍ଫଂ
ଅର୍ଜୁନକୁ ଗ୍ରହିଂମ ଯେ ବୋଇଲେ ଗୁରୁ ଦ୍ରୋଣ
ଯେ ଭାରାଭର ଉଶ୍ରାସିବାକୁ ତୁହିଂ ସେ ଯେ ଜନ୍ମ । ୫୪
ଧୁଶାସନ ବୋଇଲା ଗୁରୁ ହେ ଅର୍ଜୁନ ଆଗ୍ୟାଂ ତ ମେଣ୍ଟିଲା
ସ୍ନାହାନ ସଞ୍ଚାମାନ ସେ ଭୂମିରେ ଥୋଇଲା । ୫୫
ଅର୍ଜୁନ ବୋଇଲା ଗୁରୁ ହେ ଧୁଶାସନ ବୋଇଲା ଯେମନ୍ତ
ପଞ୍ଚୁ ନାରାଜ ଭୂମିକି ମାଇଲି ତୁରିତ । ୫୬
ତହିଂ ଉପରେ ଯେ ସ୍ନାହାନ ସଞ୍ଚ୍ୟ ମୁଂ ଥୋଇଲି
ବାବଲ ଶରେ ସବୁ ବଂକ୍ଷିମାନ ତ ଛେଦିଲି । ୫୭
ଗୁରୁଙ୍କର ଆଗ୍ୟାଂ ମେଣ୍ଟଇ ଯେବଣ ଶିଷ
ବିଦ୍ୟା ଅପ୍ରାପତ ହୋଇ ଅଳପେ ଯାଇ ସେ ନାଶ । ୫୮
ଦ୍ରୋଣ ଦେଖିଲେ ନାରାଜ ମୁନ ବସିଛି ଭୂମିର
ଦେଖି କରି ଚକିତ ଯେ ହୋଇଲେ କୁରୁବୀର । ୫୯
ପରମ ସାନନ୍ଦ ହୋଇମ ଆନନ୍ଦ ପଞ୍ଚୁମନ
ସକଳ ବିଦ୍ୟା ତୋତେ ହୋଉରେ ଅରଜୁନ । ୬୦
ସନ୍ତୋଷ ହୋଇମ ଅର୍ଜୁନକୁ ବର ଦିଲେ
ପୁଅନ୍ତ ଘେନି ଦ୍ରୋଣ ଇନ୍ଦ୍ରପ୍ରଶସ୍ତକୁ ଗଲେ । ୬୧
ଲାଖେକ ପାତି କରି ଶରମାନ ବିନ୍ଧନ୍ତି
ସେହି ଦିନୁ ପୁମ ହାତ ସୂତ୍ର ଯେ କରନ୍ତି । ୬୨
ଯେବଣ ନାରାଜ ବିନ୍ଧଇ ଅର୍ଜୁନ
ଦେଖି କୁରୁବୀରଙ୍କର ହୃଦୟ କ-ମାନ । ୬୩
କହନ୍ତି ଅଗସ୍ତି ପଣ୍ଡିତ ବ୍ରହ୍ମବେତ୍ତା
ବଇବସ୍ୱତ ମନୁ ଶୁଣନ୍ତି ଅମୃତ ରସ କଥା । ୬୪
ନମାମି ସିଦ୍ଧ ସାରୋଳା ଜଙ୍ଖେର ପୁର ବାସୀ
କଳିକାଳ ପାତକ ତୋହୋର ହୋୟେ ଧଂସି । ୬୫
ତୁ ସେ ବ୍ରହ୍ମଗ୍ୟାଂନୀ ଅନାଦି ଅପର୍ଣ୍ଣା ସାରୋଳା ଗୋସାମଣୀ
ଅଦୃଷ୍ଟି ଅଶ୍ରୁତି ତୁ ବଞ୍ଚାଇଲୁ ଆଣି । ୬୬
ଜନ୍ମେ ଜନ୍ମେ ମୁହିଂ ନୋହଇ ଶାହାସ୍ର ବାଦୀ
ପଣ୍ଡିତ ଜନ ମଧ୍ୟେ ମୁଂ ନ ପଶିଲି ପ୍ରସିଦ୍ଧି । ୬୭
ସେ ସିଦ୍ଧ ଦେବୀ ମୋତେ ପ୍ରସନ୍ନ ହୋଇଲା
ଅକଲାନ୍ତ ଶ୍ରୀ ମହାଭାରତ ମୋତେ ଆଗ୍ୟାଂ ଦିଲା । ୬୮
ଜଙ୍ଖେର ପୁର ବାସୀନୀ କୃପାଜଳ ନନ୍ଦନୀ
ତାହାର ଆଗ୍ୟାଂ ପ୍ରମାଣେ ମୁଂ ହୋଇଲି ଶୂଦ୍ରମୁନି । ୬୯

ସେ ସିଦ୍ଧ ଦେବୀ ଚରଣେ ମୋର ସେବା
ଶୂଦ୍ରମୁନି ସାରୋଲା ଦାସକୁ ଗତି ମୁକ୍ତି ଦେବା । ୭୦-୪୧୩ ।

---

୬୨ ।୨ ସେହି ଦିନୁଁ ଶର ସେ ବିନ୍ଧନ୍ତି ନିତି ପ୍ରତି ।(ପା)
୬୨ ।୨ ସୂତ୍ର-ହସ୍ତରେ ଶର ଯୋଜନା କରନ୍ତି
ଦ୍ରୋଣଙ୍କ ନିର୍ଦ୍ଦେଶରେ କୁରୁପାଣ୍ଡବଙ୍କର ଦ୍ରୁପଦଙ୍କୁ ବନ୍ଦୀକରି ଘେନି ଆସିବା
ଯେଥୁ ଅନନ୍ତରେ ଯେ ବଇବସୁତ ମନୁ
ଯାହା ପୁଚ୍ଛା କଲୁ ତାହା କହିବା ସାବଧାନୁ । ୧
ମୀନ ଶୁକଳ ଯେ ତ୍ରୋୟୋଦଶୀ ଅର୍କବାର
ହସ୍ତା ନାମେ ନକ୍ଷତ୍ର ଯେ ଭୋଗ୍ୟ ସେ ଦିନର । ୨
ତୈତୁଲ୍ୟ ନାମେ କରଣ ଗଣ୍ଡ ନାମେ ଯୋଗ
ମେଷ ସଂକରାନ୍ତିକି ପଚିଶ ଦିନ ଭୋଗ । ୩
ଆଖଡା ଶାଳେ ବସି ଅଛନ୍ତି ଗୁରୁ ଦ୍ରୋଣେ
ଭ୍ରାଥମାନନ୍ତ ଘେନି ଛାମୁରେ ଉଭା କୁରୁରାଣେ । ୪
ଦ୍ରୋଣେ ବୋଇଲେ ବାବୁ ହେ ଆମ୍ଭେ ଅଟୁଁ ଯେ ତୀର୍ଥବାସୀ
ତୁମ୍ଭଙ୍କୁ ବିଦ୍ୟା ଦେବା ନିମନ୍ତେ ଆମ୍ଭେ ସମୟେ ରହିଲୁ ଆସି । ୫
ଋଷି ବିପ୍ର ଭଗବନ୍ତ ଆବର ବ୍ରହ୍ମଚାରୀ
ପାଦ ଶ୍ରମେ ଭ୍ରମନ୍ତେଣ ସେ ଧର୍ମକୁ ଆଚରି । ୬
ତୁମ୍ଭେ ପରମ କଲ୍ୟାଣ ହୋଇଥାଅ କ୍ଷମେ
ଆମ୍ଭେ ତୀର୍ଥ ଯାତ୍ରା କରିବୁ ବାବୁ ଯିବୁଁ ନିଜ ଧର୍ମେ । ୭
ଦ୍ରିଯୋଧନ ଧୁଶାସନ ଆବର ବୀର କର୍ଣ୍ଣ
ଯେକାନ୍ତେ ତିଆରନ୍ତି ଭାରଦ୍ୱାଦଶଙ୍କ ନନ୍ଦନ । ୮
ଯଦ୍ୟପି ବିଦ୍ୟା ହୋ ଶିଖାଇଲୁ ଆମ୍ଭେ
ଭୀମ ଅର୍ଜୁନ ବିବାହୀ ନୋହିବାକ ତୁମ୍ଭେ । ୯
ତୁମ୍ଭେ ଯେକ ସୋଦର ଅଟ ଯେ ଅଭିନ୍ନ
ଯୁଝେଷ୍ଠିଙ୍କି ଭଗତି ହୋଇ ଥିବଟି ପଣ୍ଡୁର ସମାନ । ୧୦
ଯୁଝେଷ୍ଠିଙ୍କର ତୁଲେ କେବେ ଅଭାବ ନୋହିବରେ ବାଳ
ଯେ ଶିରୀ ସ-ଦ ଘେନି ଥିବ ସର୍ବକାଳ । ୧୧
ଦ୍ରିଯୋଧନ ବୋଇଲା ଯୋଡିଣ ବେନି କରପତ୍ର
ଅନେକ କାଳ ବିଦ୍ୟା ଯେ ଶିଖାଇଲ ଆମ୍ଭନ୍ତ । ୧୨
ଗୁରୁ ଦକ୍ଷିଣା ମାଗ ଆମ୍ଭେ ଦେବୁ ଯେ ତୁମ୍ଭନ୍ତ
ଯାହା ଇଚ୍ଛା ମାଗ ହୋ ଭଗବନ୍ତ । ୧୩
ଯେମନ୍ତେ କେତେହେଁ ଦିନ ତହିଁ ଗଲା
ସମସ୍ତ ଭ୍ରାଥଙ୍କୁ ରାଇ ଦ୍ରିଯୋଧନ ପଚାରିଲା । ୧୪
ଗୁରୁ ଦକ୍ଷିଣା ଦେବୁଁ ଆମ୍ଭନ୍ତ ମାଗସି ହୋ ଗୁରୁ
ଯେ ମନେ ଇଚ୍ଛା ଦେବୁଁ ବାଞ୍ଛା ଯାହା କରୁ । ୧୫
ଗୁରୁ ଦକ୍ଷିଣା ନ ଦେଇ ସାଧନ୍ତି ଯେ ବିଦ୍ୟା
ସେ ବିଦ୍ୟା ପରାପତ ନୋହଇଟି ଦେବ ସିଦ୍ଧା । ୧୬
ଗୁରୁ ବୋଇଲେ ବାବୁ ଶୁଣ ହୋ ଧୃତରାଷ୍ଟି

ତୁ ଯାହା ବୋଇଲୁ ଯେ କଥା ସତ୍ୟଟି । ୧୭
ଆମ୍ଭେ ତଳ ହସ୍ତ କରି ଦାନ ଘେନିଲୁ ପ୍ରଶୁରାମଙ୍କ ତହୁଁ
ଆନକୁ ଦାନ ଆମ୍ଭେ ମାଗିବୁଁ ଅବା କାହୁଁ । ୧୮
ବାଞ୍ଛାଗୁରୁ ଶିକ୍ଷାଗୁରୁ କୋଦଣ୍ଡ-ଦୀକ୍ଷାଗୁରୁ
କାରଣ ପୁରୁଷ ତହୁଁ ପ୍ରତିଗ୍ରହ ଆମ୍ଭେ କରୁ । ୧୯
ଧନ ଦାନେ ଭୂମି ଦାନ ଆମ୍ଭର ନାହିଁ ପ୍ରିୟୋଜନ
ଆମ୍ଭନ୍ତ ଦକ୍ଷିଣା ଦେବ ସତ୍ୟ କର ଦୃଢ ମନ । ୨୦
ଦ୍ୱରିଯୋଧନ ବୋଇଲା ତୁମ୍ଭେ ଯାହା ମାଗ ତାତ
ଅବଶ୍ୟ ଦେବୁ ଯେହା ଆମ୍ଭର ତ୍ରିବାର ସତ୍ୟ ସତ୍ୟ । ୨୧

---

୯ ।୨ ଭାଇରେ ଭାଇରେ ଭିନ୍ନ ନୋହିବଟି ତୁମ୍ଭେ ।
୧୧ ଯୁଝେଷ୍ଠିର ଯେବେ ଅପ୍ରୀତି ହୋଇବରେ ବାଳ ।
ଯେହି ଶିରୀ ସ-ଦ ନ ରହିବ ଚିରକାଳ ।
ଦ୍ରୋଣେ ବୋଇଲେ ବାବୁ ହେ ମାଗୁଅଛୁଁ ତୁମ୍ଭଙ୍କୁ
ଦ୍ରୋପଦ ରାଜାକଇ ଧରି ଆଣି ଦେବ ମୁକୁ । ୨୨
ମୁହିଁ ତୁମ୍ଭର ଗୁରୁ ତୁମ୍ଭେ ମୋହୋର ଦୁଲଣା
ଯେତେକ ଦିଲେ ଆମ୍ଭଙ୍କୁ ହୋଇବ ଗୁରୁ ଦକ୍ଷିଣା । ୨୩
ଶୁଣିଣ ଦ୍ୱରିଯୋଧନ କୋପେଣ ପ୍ରଚଣ୍ଡ
ଦ୍ରୋପଦ ପୁରକୁ ଯିବା ସାଜରେ ସମଦଣ୍ଡ । ୨୪
ରଥ ଗଜ ଅଶ୍ୱ ସଇନି ପାଦାନ୍ତି
ଢୋଲ ଦମାଲୁ ଭରି ବାଜଇ ଅପ୍ରମିତି । ୨୫
ଗଜ ତୁରଙ୍ଗ ଗହନେ ହାବୋଡନ୍ତି ରଥେ
ଗ୍ୟୋର ତୁରଙ୍ଗମ ଚଢି ବିହଡନ୍ତି ରାଉତେ । ୨୬
ବୀର ତୂର ଟମକ ବିଜିଘୋଷ ବାଜି
ଯେକାଦଶ କ୍ଷଉଣୀ ସୈନ୍ୟ ବଳ ସାଜି । ୨୭
ଦଣ୍ଡ ସଜ ଦେଖି ହସି ଫାଲଗୁନି
ଦ୍ରୋଣେ ବୋଇଲେ ଯେ ତୋର ବିଗ୍ରକୁ ନ ଯୋଗାଇ କି ପୁଣି । ୨୮
ଅର୍ଜୁନ ବୋଇଲା ଗୁରୁ ହେ ମୁଁ ହସିଲି ଯେଥକୁ
ଯେତେ ଦଣ୍ଡ ସଜ କି- ଦ୍ରୁପଦ ଛାରକୁ । ୨୯
ଯେ ସେ ଜଣେ ଯାଇଁ ଆଣଇଁ କି ନା ଧରି
କିଞ୍ଚିତ କଥାକୁ କି- ଯେତେ ଦଣ୍ଡ ଭିଡି । ୩୦
ଦ୍ୱରିଯୋଧନ ବୋଲା ତୁ ଜନ୍ମହୁଁ ଯେ ନଷ୍ଟ
ଯେତେକ ପ୍ରତଗ୍ୟାଁ କଲୁ ସବୁ ଗରୁ ଜ୍ୟେଷ୍ଠ । ୩୧
ବ୍ରାହ୍ମଣ ଗୁରୁ ବୋଲି ସହିଲେ ଯେ ତୋତେ
ଭାଗ୍ୟବର ହୋଇଲେ ନାଶ ଯାଆନ୍ତୁ କିଞ୍ଚିତେ । ୩୨
ଯେହି ଗୁରୁଙ୍କ ଛାମୁରେ ଯେତେ ଦର୍ପ କଥା କହୁ
ଅଳପ ଜାଣି ତୁ ଯେ ପ୍ରତଗ୍ୟାଁ ଅପାର ତ ବହୁ । ୩୩
ଆହୋ ଦ୍ରୋପଦ ବୋଲି ଯେବଣ ଚକ୍ରବ୍ରତୀ
ମହା ବିବେକ ଧାର୍ମିକ ବଳବନ୍ତ ପଞ୍ଚାଳ ଦେଶର ଆଧିପତି । ୩୪

ପଦ୍ମେକ ରଥ ଯେ ନବସାଗର ହାଥୀ
ଗ୍ରି ପରାୟୁଧ ଅଶ୍ୱ୍ର ନବ କ୍ଷଉଣୀ ପାଦାନ୍ତି । ୩୫
ଗ୍ରି ସହସ୍ର ପାରିଦଣ୍ଡ ଖଟନ୍ତି ରାଜା ଯେକେ
ତହାକୁ ଧରି ଆଣିମୁ ତୁ ଯେକାଇ ଜଣକେ । ୩୬ ସଂ
ବୋଲବି ବାସବି ଯେ ଯେହା ନୋହଇ ଅକାରଣ
ଗୁରୁଙ୍କର ବଚନ ସିନା ଅଟଇ ପରମାଣ । ୩୭
ଗୁରୁଙ୍କର ଆଗ୍ୟାଂଯେ ଯେବଣ ବଚନ
ତହା ସେ ସାର କରି ଶୁଣ ହୋ ଦ୍ରିଯୋଧନ । ୩୮
ଦ୍ରୋଣେ ଯେବେ ଆଗ୍ୟାଂ ଦେବେଟି ନିରୁତନ୍ତେ
ଦ୍ରୋପଦ ଛାରକୁ ମୁଂ ଆଣିବି କ୍ଷଣକର ମାତ୍ରେ । ୩୯
ଦ୍ରିଯୋଧନ ବୋଇଲା ଦେଖି ଯାଅ ନିରେ ବାବୁ
ଦ୍ରୋପଦକୁ ଆଣିଲେ ସେ ପ୍ରତଗ୍ୟା ସାଗ୍ୟ ସବୁ । ୪୦
ଅଜଙ୍ଗମ ଧନୁ ଅକ୍ଷୟେ ତ୍ରୋଣ ବେନି
ଶ୍ରୀକରେ ଦ୍ରୋଣେ ନେଇ ଦିଲେକ ଫାଲଗୁନି । ୪୧
ଯେକା ଅର୍ଜୁନ ଚଳଇ ଗୁରୁ ବାକ୍ୟେ
ଶତ ସହସ୍ର ଦଣ୍ଡ ପରଳମ୍ଭ୍ର ଗୁରୁଙ୍କର ପାଦ ଉଦକେ । ୪୨ ସଂ
ଦ୍ରୋଣେ ବୋଇଲେ ବାବୁ ତୁ ହୋଅସି ଜଗୁଜିତା
ସ୍ୱ୍ରର୍ଗ ମଞ୍ଚ ପତାଳେ କେ ତୋତେ ନୋହୁ ନା ଜିଣନ୍ତା । ୪୩
ଗୁରୁଙ୍କ ଆଗ୍ୟାଂ ପ୍ରମାଣେ ଚଳି ତୁତୀକୃଷ୍ଣ
ଜଗୁଜିତା ସୁନ୍ଦର ସେ ପ୍ରତଗ୍ୟାଂ ଗରିଷ୍ଠ । ୪୪
ବନ ନଗ୍ର ଜିଣିଣ ସେ ପ୍ରବେଶ ପାଞ୍ଚ୍ୟାଳ ଦେଶେ
କୃଷ୍ଣବେଣୀ କୂଳେ ବୀର ଚଳଇ ହରଷେ । ୪୫
ରାଜ୍ୟର ନିକଟେଣ ମଳୟ ନାମେ ଗିରୁ
ତହିଂର ଶିଖରେ ଯେ ବିଜୟେ ଧନୁର୍ଧାରୀ । ୪୬
ଶିରେ ରତ୍ନମଣି ମୁକୁଟ କୁଣ୍ଡଳ ଶୋଭା
ଶୂରବନ୍ତ ସୁନ୍ଦର ରୁଚିର ଗ୍ରୁ ପ୍ରଭା । ୪୭
ଦେଶାଉର ପୁଚ୍ଛା କଲେ ଲକ୍ଷଣ ଗୁଣ ଦେଖି ସବୁ
କେବଣ ରାଜାର ତୁ କୁମର ଅଟୁ ବାବୁ । ୪୮

---

୪୪ ।୨ ଦ୍ୱ୍ରାପରକୁ ଭାରୋଇ ମଲ୍ଲ ପ୍ରତଗ୍ୟାଂ ଗରିଷ୍ଠ ।
୩୯ ।୧ ନିରୁତନ୍ତ-ନିତାନ୍ତ
୪୨ ।୨ ପାଦ ଉଦକେ-ପାଦ ଉଦ୍ଦେଶ୍ୟେ
ବୋଲଇ ବାସବି କହରେ ତୁମ୍ଭର ରାଜାକୁ
ଦ୍ରୋପଦର ବଇରୀ ମୁଂ ଆସିଛି ସାଂଗ୍ରାମ କରିବାକୁ । ୪୯
ତୁମ୍ଭେ କହ ଯାଇଂ ବେଗେ ତୁମ୍ଭ ରାଜାଙ୍କ ଆଗର
ଦଣ୍ଡ ଘେନି ଆସି କରୁ ମୋର ତୁଲେ ଯେ ସମର । ୫୦
ଶ୍ରୀବନ୍ତ ଲୋକଙ୍କର ଆଗ୍ୟାଂ ନୋହଇ ନା ଭ୍ରକ୍ଷଟ
ଦ୍ରଶନେ ବୋଧ ହୋଇ ପ୍ରଶନ୍ନେ ପୂରୋଇ ପେଟ । ୫୧
ରାଜାର ଦଣ୍ଡକୁ ଯେକା ଜଣକ ହିଂ ବାହି

ଶୁଣି ତାହାର ବଚନ ଭ୍ରଷ୍ଟ ନ କଲେ ସେ କେହି । ୫୨
ଦେବାର୍ଚ୍ଚନ ସାରି ରାୟେ ବିଜୟେ ଅବକାଶେ
ମନ୍ତ୍ରୀ ଅମାନତ୍ୟମାନେ ଖଟିଛନ୍ତି ପାଶେ । ୫୩
ଦେଶାଉର ବାରତା କହଇ କରପତ୍ର ଯୋଡି
ଅଶକ୍ୟ କଥାୟେ ଦେବ ଶୁଣିମା ଅବଧାରି । ୫୪
ରାଜାମାନଙ୍କର ଯେ ଦେଶାଉର ଦିବ୍ୟ ଚଛୁ
ସବ୍ୟ ଅସବ୍ୟ କହଣେ ମନ୍ତ୍ରୀ ତାହା ବାଛୁ । ୫୫
ଦେବ ! ହସ୍ତେଣ ଧନୁ ଆର ହସ୍ତେ ଶହସ୍ରେକ ଅଛି ଧରି
ଯେସନେକେ ବିଦ୍ୟାଧର ଗଗନୁଂ ଅବତରି । ୫୬
ବୋଲଇ ବାରତା କହ ତୁମ୍ଭର ରାଜାକୁ
ଦଣ୍ଡ ଘେନି ଆସି ସାଂଗ୍ରାମ ଦେଉ ମୁକୁ । ୫୭
ଦ୍ରୋପଦ ବୋଇଲେ କରୁଣାକର ପାତ୍ରକୁ ରାଇ
କେହ୍ନ ଅଟଇ ସେ ତୁମ୍ଭେ ବୁଝି ଆସ ଯାଇ । ୫୮
ରାଜାର ବଚନେ ଯେ ପାତ୍ର ଚଳି ଗଲା
ଅହିବ୍ରତେକ ଯୋଦ୍ଧା ତୁଲେଣ ଘେନିଲା । ୫୯
ଆସନ୍ତି ମତ୍ତ ନାଗେ ଦାଣ୍ଡରେ ସର୍ବେ ପୂରି
ନାଦ ଶବଦେ ଯେ ଆସନ୍ତି ଝଞ୍ଜାରୀ । ୬୦
ଧର, ଧର, ମାର, ମାର ଶୁଭି ଘୋର ବୋବି
ଝଲକନ୍ତି ଲାଙ୍କିୟା ଯେ ବାଳ କିରଣ ଯେହ୍ନେ ରବି । ୬୧

---

୬୦ ।୨ ଘଣ୍ଟାରବ ଶବଦେ ଯେ ଆସନ୍ତି ଢପାଡି ।
୬୦ ।୨ ଝଞ୍ଜାରୀ-ଝମ ଝମ କରିବା, ବାଦ୍ୟ ବାଦକ
୬୧ ।୨ ଲଙ୍କିୟା-କେନାଥିବା ଶସ୍ତ୍ର ବିଶେଷ
ପର୍ବତେ ଥାଇଣ ଦେଖଇ କୋନ୍ତାଙ୍କର ସୁତେ
ଦଶ ଧାଉଡି ଦଶ ନାରାଜ ବିନ୍ଧିଲେ କିଞ୍ଚିତେ । ୬୨
ଧାଡିକେ ଆସୁଥିଲେ ଦଶ ସହସ୍ର ମତ୍ତ ଗଜେ
ଅହିବ୍ରତେକ ହସ୍ତୀ ପଡିଲେ ଦଶ ନାରାଜେ । ୬୩ ସଂ
ଚିତାରେ ବାଜି ବାଣ ମଳଘର ବାଟେ ନିକିଳି
ହସ୍ତୀ ଉପରୁ ଯୋଦ୍ଧାୟେ ପଡିଲେ ମୋହେ ଢଳି । ୬୪
ରାଜାର ଅଗ୍ରେତେ ଯାଇ କହିଲେ ମୁନେହି
ଦଣ୍ଡ ଘେନି ଦ୍ରୋପଦ ଆପଣେ ଅଇଲା ଯେ ବାହି । ୬୫
ପଦ୍ମେକ ରଥ ବତିଶ ପଦ୍ମ ହସ୍ତୀ
ଅଶୀ ସାଗର ବାରାସ ସାତ କ୍ଷଉଣୀ ପାଦାନ୍ତି । ୬୬
ଧାମନ୍ତି ଯୋଦ୍ଧାୟେ ଯେ ସିଂହ ରଚି କରି
ସାତ ଯୋଜନ ପରିଯନ୍ତେ ଥାଟ ଆସଇ ପୂରି । ୬୭
ପର୍ବତ ଉପରେ ଥାଇ ବିଚାର କରଇ ଅର୍ଜ୍ଜୁନ
ସାଧୁ ସ-ଦ ତୋରରେ ଦ୍ରୋପଦ ଧନ୍ୟ ତୋ ଜୀବନ । ୬୮
ଗୁରୁ ଆଗ୍ୟାଂ ଯେ ନ ଦିଲେ ତୋତେ ପ୍ରାଣେ ମାରିବାକୁ
ବିନା ଅପରାଧେ କି- ମାରିବି ଯେହାକୁ । ୬୯

ଗୁରୁଙ୍କର ମଇତ୍ର ଯେ ଅଟନ୍ତି ଯୁଗତେ
ଗୁରୁ ମଇତ୍ର ମୁଁ ନାଶ କରିବି କେମନ୍ତେ । ୭୦
ସଦଭାବେ ମୋତେ କହି ଅଛନ୍ତି ଗୁରୁ ଦ୍ରୋଣେ
ମନଭେଦୀ ନାରାଜ ବୀର କାଢିଲାକ ତ୍ରୋଣେ । ୭୧
ମୋହନା ନାରାଜ ଭେଦିଲା ସେ ଦ୍ରୋପଦର ଥାଟ
ଅନେକ ନାରାଜ ଯାଇ ହୋଇଲାକ ଭେଟ । ୭୨
ରଥକେ ସହସ୍ର ନାରାଜ ଯେ ଗଜକେ ପାଞ୍ଚ ଶତ
ଅଶ୍ୱ୍ରକେ ଅଢାଇ ଶତ ପାଦାନ୍ତିକେ ଯେକ ଶତ । ୭୩ ସଂ

---

୬୨ ।୨ ଗୁମ ଟଙ୍କାରି ଦଶ ନାରାଜ ମାରିଲା କିଞ୍ଚିତେ ।
୬୪ ।୧ ଚିତାରେ ବାଜି ବାଣ ପଛ ବାଟେଣ ନିକିଳି ।
୬୫ ।୧ ମୁନେହି-ଦୂତ, ୬୬ ।୨ ବାରାସ-ଅଶ୍ୱ୍ରାରୋହୀ
ଯେତେକ ନାରାଜ ଯେକା ଅର୍ଜୁନ ଯେ ଭେଦି
ସାଦ ଯୋଜନ ମାଡି ଥାଠ ପଡିଲେ ଆଛାଦି । ୭୪
ମୋହେଣ ଅଚେବନ ହୋଇ ଯେ ପଡିଲେ ସଇନି
ଦ୍ରୋପଦ ରାଜାକୁ ଯାଇ ଧଇଲେ ଫାଲଗୁନି । ୭୫
ଦ୍ରୋପଦ ବୋଇଲେ ବାବୁ ତୁ କେବଣ ପୁରୁଷ
ତ୍ରିଭୁବନେ ନାହିଁ କାର ଯେମନ୍ତ ସାହସ । ୭୬
ଅର୍ଜୁନ ବୋଇଲେ ମୁଁ କୋଇନ୍ତାଙ୍କ ସୁତ
ଦ୍ରୋଣ ଗୁରୁ ତହୁଁ ବିଦ୍ୟା ଶିଖିଲି ଅପ୍ରମିତ । ୭୭
ସେ ଗୁରୁ ଆମ୍ଭଙ୍କୁ ଦକ୍ଷିଣା ମାଗିଲେ
ଦ୍ରୋପଦ ରାଜାକୁ ଆଣି ଦିଅସି ବୋଇଲେ । ୭୮
ତାହାଙ୍କର ବଚନେ ମୁଁ ଅଇଲଇଁ ଯେଥ
ତେଣୁ କରି ସଇନି ତୋର କଲଇଁ ନିପାତ । ୭୯
ଅର୍ଜୁନ ବୋଇଲେ ଦ୍ରୋପଦ ଭ୍ରାନ୍ତି ତୁ ନ କର ହୋ କିଛି
ଦ୍ରୋଣଙ୍କର ଶିଷ ମୁଁ ତୋତେ ନେମାକୁ ଆସି ଅଛି । ୮୦
ମୋହୋର ଥିଲେ ତୋତେ ନାହିଁ ପରମାଦ
ମନେ ଭ୍ରାନ୍ତି ତୁମ୍ଭେ କିଛୁ ନ କର ଦ୍ରୋପଦ । ୮୧
ଦ୍ରୋପଦ ବୋଇଲା ମୁଁ ଦ୍ରୋହ କରିଛି ଦ୍ରୋଣଙ୍କୁ
ଭୋ ଅର୍ଜୁନ ତୁମ୍ଭେ ଯେ ଶରଣ ରଖ ମୁକୁ । ୮୨
ଅର୍ଜୁନ ବୋଇଲେ ମୁଁ କରିବି ଯେକ ଶାସ୍ତି
ଗୁରୁଙ୍କ ବଚନେ ଶିଷ୍ୟେ ଥାଆନ୍ତିଟି ବର୍ତ୍ତି । ୮୩
ତୋର ଗୋଟିଯେ ଘେନି ବାନ୍ଧିବି ଯେ କର
ଯେଥକୁ ଭୋ ତାତ ମୋତେ କୋପ ଯେ ନ କର । ୮୪
ଶାସ୍ତି ଦେଖିମ ତୋତେ ଦୟା କରନ୍ତୁ ଦ୍ରୋଣେ
ଚିର କୋପୀ ନୋହନ୍ତି ସେ ମହାଶାନ୍ତି ବ୍ରାହ୍ମଣେ । ୮୫

---

୭୪ ଯେତେକ ନାରାଜ ଯେ ଅର୍ଜୁନ ହସ୍ତୁଂ ଫିଟି
ସାତ ଯୋଜନ ମାଡି ପଡିଲେ ଥାଠ ଗୋଟି ।

୮୩ ।୨ ଗୁରୁ ବଚନ ଦିଲେ ନ ଥାନ୍ତୁ ନା ବର୍ତ୍ତି ।
୭୫ ।୧ ଅଚେବନ-ଅଚେତନ
ଦ୍ରୋପଦ ବୋଇଲା ଯେହ୍ନେ ତାହାଙ୍କର ପ୍ରତଗ୍ୟାଂ
ତୋହୋର ବଚନ କେସନେ କରିବି ଅବଗ୍ୟାଂ । ୮୬
ଆଗେଣ ଦ୍ରୋପଦ ପଛେ ବୀର ଫାଲଗୁନି
ନବ ଦିନେ ଚଳି ଗଲେ ଯୋଜନ ଶତ ତିନି । ୮୭
ବାରୁଣାବନ୍ତ ସେ ଆଖଡାର ନିକଟେ
ଦ୍ରୋପଦକୁ ବନ୍ଧନ ସେ କଲା ଡୋର ପାଟେ । ୮୮
କେଶ ବାସ ଅସମ୍ଭାଳ ଧୂଳିରେ ଧୂସର
ବିବଶ ବିଛନ୍ନ କରି ଦେଇ ନେଲା ଗୁରୁଙ୍କ ଛାମୁର । ୮୯
ବାମ କରେ ଅଛି ଧ୍ରୋପଦର କେଶ ଧରି
ଆଖଡା ଘରେ ପଶିଲା ଦ୍ରୋପଦଙ୍କୁ ବାନ୍ଧି କରି । ୯୦
ପଲଙ୍କ ଉପରେ ଗୁରୁ ଅଛନ୍ତି ଯେ ଶୋଇ
ଦ୍ରୋପଦକୁ ଘେନି ଅର୍ଜୁନ ଅଛି ଉଭା ହୋଇ । ୯୧
ଗୁରୁଙ୍କର ନିଦ୍ରା ମୁଁ ଭାଙ୍ଜିବି କେମନ୍ତେ
ପାଦତଳେ ପଲଙ୍କ ଖୁରାରେ ବାନ୍ଧିଲେ ଦ୍ରୋପତେ । ୯୨
ଆହୋ ମୁହିଁ ଯାଉଅଛି ଯୁଝେଷ୍ଠି ଦେବଙ୍କ ଛାମୁରେ ଯାଏ
ତୁ ଯେଥେ ପଡି ରୋଦନ କରୁଥାଅସି ଯେ ରାଏ । ୯୩
ମହାଭିଗଂ୍ୟ ବ୍ରାହ୍ମଣ ଅଟନ୍ତି ଦ୍ରୋଣ ଗୁରୁ
ଅବସ୍ତା ଦେଖି ତୋତେ ବିଚାରି ଦୟା କରୁ । ୯୪
ନିସତ ହୋଇ ତୁ ନ ପଲାଇବୁଟି ଦ୍ରୋପଦ
ନାରାଜ ବିନ୍ଧିବି ଯେତେ ଦୂରେ ଥଲେ ହୋଇବୁ ଶିରଛେଦ । ୯୫
ମୁଇଂ ଯେବେ ଭୀଷ୍ମ, ବିଦୁର, ଯୁଝେଷ୍ଠିଙ୍କି ଆଣଇ ରାଇ
ତୋତେ ପାରି କରି ଦେବୁନି ସମସ୍ତେ ବିନୋଇ । ୯୬
ବାହାର ହୋଇ ଗଲାକ ତହ୍ନଂ ଦ୍ରୁତୀ ଶ୍ରୀହରି
ମନେ ବିଚାରଇ କଥାଏ ଅଇଲି ପାଶୋରି । ୯୭
ଦ୍ରୋପଦ ସନ୍ୟ କି-ା ମୋହେ ପଡିଥିବେ
ସେ କି ଆଉ ଆସି ଆମ୍ଭଙ୍କୁ କିସ ଯୁଦ୍ଧ ଯେ କରିବେ । ୯୮

---

୮୯ ।୨ ବିରୂପ କରିଦେଇ ନେଲା ଗୁରୁଙ୍କ ଛାମୁର ।
୯୬ ।୨ ତୋହୋ ପାଇଂ ସମସ୍ତେ କହନ୍ତୁ ବିକଲାଇ ।
୯୫ ।୧ ନିସତ-ନିସତ୍ତ୍ୱ, ଦୁର୍ବଳ
୮୯ ।୨ ବିଛନ୍ନ-ବିଷଣ୍ଣ, ବ୍ୟାକୁଳ
ନୋହଇ ବଇରି ସେ ଅଟଇ ବ୍ରାହ୍ମଣ
କିଞ୍ଚିତ ଦୋଷେ ଯହ୍ନଂ ଆଗ୍ୟାଂ ଦିଲେ ଗୁରୁ ଦ୍ରୋଣ । ୯୯
ଯେସନେକ ସମୟେ ଘେନିଲେ ଜୀବନ୍ୟାସ ଶର
ଦ୍ରୋପଦ ଥାଠକୁ ଜୀବ ଦେବୁ ବୋଇଲା ବାସବ କୁମର । ୧୦୦
ଆଗ୍ୟାଂ ପ୍ରମାଣେ ସେ ଶର ଚଳି ଗଲା
ତିନି ଶତ ଯୋଜନେ ପଡି ସେ ସମସ୍ତ ଜୀଆଂଇଲା । ୧୦୧

ବାହୁଡି ନାରାଜ ଆସି ଅର୍ଜୁନ ଦ୍ରୋଣରେ ପଶି
ସାଧ ସାଧୁ ବୋଇଲେ ସେ ସୁର ସ୍ତ୍ରୀର୍ଗ ବାସୀ । ୧୦୨
ଦ୍ରୋପଦର ସଇନି ମୋହ ତେଜିଣ ଉଠିଲେ
ରାଜାକୁ ବନ୍ଦୀ କରି ନେଲା ସେ ଯେ ଗୋଳେ କଲେ । ୧୦୩
ଯେ ଯାହା ପୁରେ ସେ ରୋଦନ କଲେ ଲୋକେ
ସମୟେ ଜାଣି ପୁଣି ଶାନ୍ତି ହୋଇଲେକ ଥୋକେ । ୧୦୪
ଯେଥୁ ଅନନ୍ତରେ ଯେ ଅର୍ଜୁନ ଚଳି ଗଲା
ଭୀଷ୍ମ ବିଦୁର ସଞ୍ଜୟ ଯୁଦ୍ଧେଷ୍ଠିଙ୍କି ରୁଣ୍ଡ କଲା । ୧୦୫
ଦ୍ରୋପଦ ବାପୁଡାକୁ ଆଣି ଅଛି ଧରି
ଗୁରୁଙ୍କୁ କହି ସମସ୍ତେ ହେଂ ଦେବା ପାରି କରି । ୧୦୬
ଯେମନ୍ତର ସମୟେ ଯେ କର୍ଣ୍ଣ ଦ୍ରିଯୋଧନ
ଶତେକ ଭାଇ ତୁଲେ ସେ କୁମାର ଧୁଶାସନ । ୧୦୭
ଆଖଡା ଶାଳେ ଆସି ପ୍ରବେଶ ସମସ୍ତେ
ଦେଖିଲେ ବାନ୍ଧଣା ହୋଇଛି ନୃପତି ଯେତେ ଭଗନସ୍ତେ । ୧୦୮
ଧାଇଂଣ ବାଳ ତାର ଦ୍ରିଯୋଧନ ଧଇଲା ଯାଇଂ ଝାତି
ମାରନ୍ତି ଦ୍ରୋପଦକୁ ଦେଅନ୍ତି ଅନେକ ଶାସ୍ତି । ୧୦୯
ମୂର୍ଖ ଦୁଭାର ସେ ଦୁଷ୍ଟ ଧୃତରାଷ୍ଟି
ନାରାଜ ଘେନି ଦ୍ରୋପଦକୁ କଲାକ ସାତ ବେଣ୍ଟି । ୧୧୦
ମାରନ୍ତି ଲେଡା ଗୋଇଠା ପଛବାହା କରିଣ ଯେ ବାନ୍ଧି
ଅର୍ଜୁନ ରଖ, ରଖ ବୋଲି ଉଞ୍ଚ ସ୍ତ୍ରରେ ନୃପ କାନ୍ଦି । ୧୧୧
ଗୋଳ ଶବଦ ଶୁଣି ଚିଆଂଇଲେ ଗୁରୁ ଦ୍ରୋଣେ
ଦେଖିଲେ ଦ୍ରୋପଦର କେଶ ବାସ ଅସମ୍ଭାଳନେ । ୧୧୨
ଦ୍ରୋଣେ ବୋଇଲେ ରହ ରହ ଧୃତରାଷ୍ଟି
ଯେ ଆମ୍ଭର ମଇତ୍ର ଦ୍ରୋପଦେଶ୍ତ୍ରର ହେ ଟି । ୧୧୩
ପଲଙ୍କରେ ଥାଇଂ ଦ୍ରୋପଦର ଅବସ୍ତା ଦେଖିଲେ
ହା ହା ମଇତ୍ର ବୋଲି ଉଠିଣ କୋଳ କଲେ । ୧୧୪
ତୁ ମୋହୋର ମଇତ୍ର ଅଟୁ ପଞ୍ଚଭୂତ ଆତ୍ମା
ନ ଜାଣି ଅପ ଗଞ୍ଜଣା ପାଇଲୁ ମହାତମା । ୧୧୫
ଶାଢି ସରଳ ଅକ୍ଷତ ଗୁରୁ ଦିଲେକ ସମ୍ଭରେ
ଯାଅ ଯାଅ ମଇତ୍ର ହୋ ତୋହୋର ନିଜ ପୁରେ । ୧୧୬-୪୨୨୯ ।

---

୧୦୮ ।୨ ଭଗନସ୍ତ-ଭଗନଷ୍ଟ, ଐଶ୍ତ୍ରର୍ଯ୍ୟ ହାନି ବା ଭଗ୍ନସ୍ଥ, ଭାଙ୍ଗି ପଡିଛି
୧୧୦ ।୧ ଧୃତରାଷ୍ଟି-ଧୃତରାଷ୍ଟର ପୁତ୍ର-ଦୁର୍ଯ୍ୟୋଧନ (ଧାତରାଷ୍ଟ୍ରିର ଅପଭ୍ରଷ୍ଟ)
୧୧୫ ।୨ ଆପ ଗଞ୍ଜଣା-ଅପମାନ
୧୧୬ ।୧ ସରଳ-ଅଳଙ୍କାର ବିଶେଷ
ଦ୍ରୁବଦଙ୍କର ତପସ୍ୟା
ଛାଡିଲେ ଦ୍ରୋପଦକୁ ପଳାଇଲା ବିକଳେ
କାଶୀ ନଦୀ ବହଇ ହେମବନ୍ତ ପର୍ବତର ତଳେ । ୧
ଗୌରା ତପ କରିଥିଲେ ସେ ଥାନରେ

ଲାଜେଣ ରାଜ୍ୟକୁ ନ ଗଲେ ଦ୍ରୌପଦ Cଶ୍ୱରେ । ୨
ଯେତେ ଅବସ୍ତା ହୋଇଣ ରାଜ୍ୟକୁ କେମନ୍ତେ ଯିବି
ଅମନାତ୍ୟ ପାତ୍ରଙ୍କ ମୁଖ ଯେ କେମନ୍ତେ ଗ୍ରହିଁବି । ୩
ଜୀବନ ନିଆଶୀ ରାଜା ବସିଲା ଘୋର ତପେ
ଛାଡିଲା ରାଗ, ମୋହ, ହିଂସା ବସିଲା ତପୋଧନ ରୂପେ । ୪
ପଞ୍ଚଭୂତ ନିମଜ୍ଜି ବସିଲା ମହାରାଯେ
ରୁଦ୍ର ଦେବତାଙ୍କୁ ଜପଇ ଅଜପା ମନ୍ତ୍ର ଲଯେ । ୫
ଅଣ ଅନ୍ଧର ନାଥ ଯେ କୃପାଜଳ ସିନ୍ଧୁ
ଅନ୍ଧକ ବିଦାରଣ ମଉଳିଧର ଇନ୍ଦୁ । ୬

---

୪ ।୨ ତପୋଧନ ସ୍ଥାନରେ ତପସ୍ୱିନ ପାଠ ଅଛି ।
୨ ।୧ ଗୌରା-ଗୌରୀ, ପାର୍ବତୀ
ସଂସାର ଦର୍ପ ଭାଙ୍ଜିଲା ଯେବଣ କାମଦେବ
ସଦାନନ୍ଦ ପୁରୁଷ ତୋହୋର ନାମ ସଦାଶିବ । ୭
ବ୍ରହ୍ମାର ଶାପେ ଦେବ ଦହିଲୁ ଅନଙ୍ଗ
ଅଣାକାର ପୁରୁଷ ତୁ ଯେ ଧଇଲୁ ସୋଢଳ ଅଙ୍ଗ । ୮
ଆଦି Cଶାନ ନାଥ ତୁହି ସେ ଜଗତ ଗୁରୁ
ଯେ କଳିକାଳ ଧଂସିବାକୁ ନାଥ ତୁହି ସେ ଚିନ୍ତା କରୁ । ୯
ସ୍ୱାମୀ ଯେକ କାୟାକୁ ଯାହାର ପଞ୍ଚୁଶିର
ସୁର ପାବକ ନାଥ ତୋହୋର ନାମ ଗଙ୍ଗାଧର । ୧୦
ସଂସାରକୁ ସାର ତୋର ମହାରୁଦ୍ର ମନ୍ତ୍ରେ
ସୈଳଜାର ବଲ୍ଲଭ ତୁ ପିନାକ ଧରୁ ହସ୍ତେ । ୧୧
ସରଳ ଯେବଣ ଯେ କାଳାନଳ ଉଡଙ୍ଗ
କଟି ମେଖଳା ସେ ଯେ ଅନନ୍ତ ଭୁଜଙ୍ଗ । ୧୨
କାମ ପତନ ନାଥ ନ କଲୁ ଯେହା କିଛି
ଯେକ ତଲଯେ ଭଜିଲୁ ଯୋଗ ଲଯେ ବାଛି । ୧୩
ଯେ ସଚରାଚର ଜୀବ ଜନ୍ତୁ କଲୁ କୀଟ ପୋକ
ଉଲଗ୍ନସାହୀ ହୋଇ ଲଭିଲୁ ତ୍ରୈଲୋକ । ୧୪
ପିନାକ ଶାରଙ୍ଗ ଖଟ୍ୱାଙ୍ଗ ଡମ୍ୱରୁ ଯେ ହସ୍ତେ
ଡାକି ଗହନ ନାଦେ ପଲାନ୍ତି ଦୁରାପାତେ । ୧୫
ପ୍ରତଗ୍ୟାଂ ସାର୍ଥୁକ ନାଥ ଦକ୍ଷର ଯାଗଭଞ୍ଜା
କପିଲାସ ବିହରମ ବ୍ରହ୍ମାର ଶିରଗଞ୍ଜା । ୧୬
କବନ୍ଧ ବିଦାରଣ ତୁହି ସେ ଆଦି Cଶାନ
ନମସ୍ତେ ବିରୂପାକ୍ଷ ଦେବ ତ୍ରିଲୋଚନ । ୧୭
କରୁଣାକର ନାଥ ତ୍ରୈଲୋକ୍ୟଚିନ୍ତାମଣି
କୋଟିଯେ ଯୁଗ ଗଲେ ସ୍ୱାମୀ ନିମିଷକ ପ୍ରାଯେ ମଣି । ୧୮
ସ୍ୱାମୀ ନୀଳକଣ୍ଠ ତବ ଶ୍ରୀ ଚରଣେ ନମାମି
କପିଲାସ ସିଂଘଦ୍ୱାର ମୋତେ ପ୍ରାପତ କର ଦେବ ସ୍ୱାମୀ । ୧୯
ଗିରିଜା ବଲ୍ଲଭ ଶ୍ରୀ ଚରଣେ ନିତେ୍ୟ ମୁହିଁ ଦାସ

କିଞ୍ଚିତ ଖଣ୍ଡଣ କରିବା ନାଥ କାଳଦଣ୍ଡ ଫାଶ । ୨୦
ଶ୍ରୀ ମହେଶ୍ୱର ରୂପକୁ ଶତେ ସହସ୍ର ଦଣ୍ଡ ପରିଣାମି
ବଦୟନ୍ତି ଶାହାସ୍ର ଯୋଗେ ସାରୋଲା ଦାସ ଶୂଦ୍ର ମୁନି । ୨୧-୪୨୫୦

---

୮ ।୨ ଅଙ୍ଗ ସ୍ଥାନରେ ଲିଙ୍ଗ ଅଛି
୧୦ ।୨ ସୁର ସାଇଂ ଜପଇ ନିତେ୍ୟ, ନାମ ଗଙ୍ଗାଧର ।
୧୪ ।୨ ବଇଲସାହୀ ହୋଇ ବିଭ୍ରମି ତ୍ରଇଲୋକ ।
୨୦ ।୨ କିଞ୍ଚିତ ଖଣ୍ଡଣ କରିବା ନାଥ ସକଳ ମୋହ ପାଶ ।
କ୍ଲେଶ ଖଣ୍ଡଣ କର ସ୍ୱାମୀ ନ ଯିବି ନାଶକର ପାଶ ।
ଅର୍ଜୁନର ପ୍ରତିଜ୍ଞା
ଅଗସ୍ତି କହିଲେ ଯେ ପୁରାଣ ସଂଯୋଗେ
ଅର୍ଜୁନ ପ୍ରତଗ୍ୟାଂ କହନ୍ତି ଯେ ବଇବସୁତ ମନୁ ଆଗେ । ୧
ଦ୍ରୋଣଙ୍କର ଭାରିଯା ପାକ ସ-ାଦନ କରି
ସ୍ନାହାନ ନିମନ୍ତେ ଯେ ଯାଆନ୍ତି ବ୍ରହ୍ମଗ୍ରୀ । ୨
ସୁରଭି ନଦୀକୁ ସ୍ନାହାନ କରିଣ ଯାଉଣ ଦୀର୍ଘ ପଥେ
ବାଟରେ ତେନ୍ତୁଳି ବୃକ୍ଷେକ ଦେଖିଲେ ଭାରଦ୍ୱାଦଶଙ୍କର ସୁତେ । ୩
ବୋଇଲେ ଦ୍ରୋଣେ ପଲ୍ଲବ ହୋଇଛି ବୃକ୍ଷରାଜ
ବେଗେଣ ଦ୍ରୋଣେ ପେଷଲେ କତୁରୀ ନାରାଜ । ୪
ବୃକ୍ଷରୁ ପତ୍ର ଯାକ ଝାଡି ପକାଇଲେ
ଜାହ୍ନବୀକି ବୋଲି ଗୁରୁ ସ୍ନାହାନ କରି ଗଲେ । ୫
ଯେମନ୍ତ ସମୟେ ଯେ ଅର୍ଜୁନ ଅଇଲା
ଗୁରୁଙ୍କ ଘରଠାରେ ପ୍ରବେଶ ହୋଇଲା । ୬
ଅର୍ଜୁନେ ପଚାରିଲେ ଗୁରୁ ଗଲେ କେଣେ
ଅନ୍ନତିଆରି କର ବାବୁ ଗୁରୁ ଗଲେ ସ୍ନାହାନେ । ୭
ଯେତେ ଶୁଣି ବୀର ସେହି ପଥେ ଗବନ
ବାଟରେ ଦେଖିଲେ ତେନ୍ତୁଳି ବୃକ୍ଷର ବେବସ୍ତାମାନ । ୮
ଚଇତ୍ର ମାସ ନୋହଇ ଯେତ ପତ୍ର ଝଡା ଦିଲା
ଯେତେ ବୋଲି ସେ ବୃକ୍ଷରାଜ କତିଲେ ହୋଇଲା । ୯

---

୨୦ ।୨ କିଞ୍ଚିତ ଖଣ୍ଡଣ କରିବା ନାଥ ସକଳ ମୋହ ପାଶ ।
କ୍ଲେଶ ଖଣ୍ଡନ କର ସ୍ୱାମୀ ନ ଯିବି ନାଶକର ପାଶ ।
ଦେଖାଇ ପତ୍ର ଯେ ନାରାଜେ ଛେଦନ
ହୃଦରେ ବିଚାରି ବୋଲଇ ଦ୍ରୋଣଙ୍କ କଥାମାନ । ୧୦
ଯେ ମହାଖରାରେ ବୃକ୍ଷ ହେଉଛି ଦଗଧି
ଦେଖିଣ ହୃଦଗତେ ମନରେ ବଡ କ୍ରୋଧୀ । ୧୧
ପବନା ଶରେକ ଗୁଣରେ ବସାଇଲା
ପତ୍ରମାନ ଉଡାଇ ଯେ ଯାହା ଠାବରେ ଲଗାଇଲା । ୧୨
ମନ୍ତ୍ରବଳେ ଶୁଖିଲା ପତ୍ର କଞ୍ଚା କରି
ସମସ୍ତ ଲଗାଇଲା ନେଇ ମନ୍ତ୍ରବଳ କରି । ୧୩

ଯେତେ କୃତ୍ୟ କରି ବାହୁଡି ଅଇଲା
ନିଜ ମନ୍ଦିରେ ଯାଇ ପ୍ରବେଶ ହୋଇଲା । ୧୪
ଗୁରୁ ସ୍ନାହାନ ତର୍ପଣ ବେଗେ ସାରି
ବାହୁଡି ଆସନ୍ତେ ବାଟରେ ବୃକ୍ଷ ଦେଖିଲେ ବ୍ରହ୍ମଗିରୀ । ୧୫
ଗିହିଁଣ ଦେଖିଲେ ମୁଁ ପତ୍ର ଝାଡି ଡାଙ୍ଗ କରି ଯାଇଥିଲି
ଯେହା କଲା କେହୁ ମୁଁ ତାହାକୁ ହାରିଲି । ୧୬
ଯେତେ ବୋଲି ଦ୍ରୋଣେ ତୁରିତେ ଅଇଲେ
ଘରେ ଆସି ଦ୍ରୋଣେ ଭୋଜନେ ବସିଲେ । ୧୭
ବୋଇଲେ ହରିତା ଗୋ ଯେଠାକୁ ଆସିଥିଲେ କିଯେ
ବୋଇଲେ ଯେଠାକୁ ଆସିଥିଲା ବାସବର ପୋଯେ । ୧୮
ବିଗିରି ବୋଇଲେ ଯେହାର ଛେଦନ
କାଲି ପଗିରି ବୁଝିବା ଯେ କଥା ଅର୍ଜୁନ । ୧୯
ରାତ୍ର ପାହିଲେ ଉଦୟ ହୋଇଲେ ମାରତଣ୍ଡ
ସମସ୍ତେ ଆଖଡାଶାଳେ ହୋଇଲେକ ରୁଣ୍ଡ । ୨୦
ଗୁରୁ ବୋଇଲେ ଅର୍ଜୁନ ଗଲୁ ଯେ ଆମ୍ଭର ମନ୍ଦିରେ
ଆମ୍ଭଙ୍କୁ ଉଦ୍ଦେଶି ଗଲୁ ତୁ ଯେ ଗତ ଯେ ପଥରେ । ୨୧
ସେ ବୃକ୍ଷରାଜକୁ ବାବୁ କେବଣ କୃତ୍ୟ କଲୁ
ଶୁଣିଲେ କୁରୁବୀରେ ଗୁରୁଙ୍କ ମୁଖରୁ । ୨୨
ବାବୁ ସମସ୍ତ ପତ୍ର ଭାଞ୍ଜି ସୁମନ୍ତ୍ରବଳେ ଗଲି ଭଲା
ଶୁଖିଲା କଞ୍ଚା ଶରେ ପବନା ଶରେ ଉଡାଇ ଖଞ୍ଜିଲା । ୨୩
ଶୁଣି କୁରୁବୀରେ ହୋଇଲେ ତରସ୍ତ
କି ଜାଣି ତରଳ ଭାଣ୍ଡେ ପଡିଲା କୀଟ ପୋକ । ୨୪
ବାବୁ ତୋହୋର ଉଦିତରେ କୁଟୁମ୍ବ୍ରେ ବିଗ୍ରହ ପଡିବ
ଅବଶ୍ୟ ଦ୍ରିଯୋଧନ ଯୁଦ୍ଧେଷ୍ଠିଙ୍କର ସାଂଗ୍ରାମ ହୋଇବ । ୨୫
ଯେତେକ ବଚନ ଶୁଣିଣ ଧୃତରାଷ୍ଟି
ମନରେ ଗରୁ ଚିନ୍ତା ବାହାରେ ଭାବ ତୁଷ୍ଟି । ୨୬-୪୨୭୬

---

୧୨ ।୨ ପତ୍ରମାନ ଉଡାଇ ଯେ ଯାହା ଡମ୍ଫରେ ଲଗାଇଲା ।
ଦ୍ରୋଣଙ୍କର ପ୍ରୟାଗ ଗମନ, ଅଶ୍ୱତ୍ଥାମା ଓ କୃପଙ୍କର ତପସ୍ୟା, କୌରବଙ୍କ ଦ୍ୱାରା
ସେମାନଙ୍କୁ ଆଣିବା ଓ ରାକୃଷ୍ଣଙ୍କ
ଦର୍ଶନ
ଅଗସ୍ତି କହିଲେ ପୁରାଣ ସଂଯୋଗେ
ବଇବସୁତ ମନୁ ଶୁଣନ୍ତି ଆସ୍ରାଗେ । ୧
ଶ୍ରୀ ମହାଭାରଥ ଯେ ଆଦିପର୍ବ କଥା
ସଂସାର ଗତି ଲାଭ କାଯେ ମୁକତି ଅର୍ଥ ଦାତା । ୨
ଯେବଣ ଗ୍ରନ୍ଥ ଶୁଣିଲେ ଯଶ ଶିରୀ ଆୟୁଷ ବଢଇ
ଶତ୍ରୁ କ୍ଷୟେ ଯାୟେ ଅରଷ୍ଟି ଦର୍ପ ଯେ ଗଞ୍ଜଇ । ୩
ଦ୍ରୋଣ ଗୁରୁ କୁରୁବୀରମାନଙ୍କର ପ୍ରତଗ୍ୟାଂ ଦେଖିଲେ
ନାରାୟଣଙ୍କ ଅଗ୍ରତେ ବଳରାମେ ଯେ କହିଲେ । ୪

ବଡ ସାଧନେ ସାଧୁ ଅଛନ୍ତି ହସ୍ତିନା
ଆଖଡାଶାଳ ତହିଁ ଯାଇ ଦେଖି ଯିବା ଭାଇ କହ୍ନା । ୫
ତାଳଧ୍ୱଜ ରଥେ ବିଜୟେ ବଳଦେବ
ନନ୍ଦିଘୋଷ ରଥରେ ବିଜୟେ ମାଧେବ । ୬

---

୧ ।୨ ଆସ୍ରାଗେ-ଅତି ସରାଗେ
ତାଳଧ୍ୱଜ ରଥରେ ଯେ ସୁବଳ ସାରଥି
ନନ୍ଦିଘୋଷ ରଥ ଦାରୁକ ତଡତି । ୭
ବସନ୍ତ ଋତୁ ଯେ ଫାଲଗୁନ୍ୟ ମାସ
ଶୁକଳପକ୍ଷ ତୃତୀୟା ଭୃଗୁବାର ଦିବସ । ୮
ରେବତୀ ନକ୍ଷତ୍ର ଯେ ବାଣିଜ୍ୟ ନାମେ କରଣ
ମାହେନ୍ଦ୍ର ଯୋଗ ଘେନି ବାରୁଣାକୁ ଚଳନ୍ତି କାହ୍ନୁ ସଂକ୍ରିଷେଣ । ୯
ଦ୍ରୋଣେ ଯେ ଗଲେ ପ୍ରାଗ ମହାତୀର୍ଥେ
ପାଛୋଟି ଗଲେ ସାତ ଉତ୍ତର ଶତେ ଭ୍ରାଥେ । ୧୦
ଦ୍ରୋଣଙ୍କୁ ନେଇ ଛାଡିଲେ ଅଜଙ୍ଗପାଦ ବନେ
ସମସ୍ତେ ପ୍ରବେଶ ହୋଇଲେ କୃପ ଅଶସ୍ତମାର ତପସ୍ଥାନେ । ୧୧
ଦେଖିଲେ ଅଶସ୍ତମାର ୟେକଇ ଆସନ
ଚଉଦ ବରଷ ହୋଇଲା ୟେକଇ ନିଶ୍ଚଳ ନୟନ । ୧୨
କାହାରି ନାମ ଯେ ନ ଧରଇ ତାର ମନେ
ଶୂନ୍ୟକୁ ଲୟ କରି ଗ୍ରହଁଇ ଗଗନେ । ୧୩
ବୋଧଇ ଅଣାକାର ସାଧଇ ବ୍ରହ୍ମଗ୍ୟାନ
ୟେମନ୍ତେ ଚଉଦ ବରଷ ୟେକ ଲୟେ ମନ । ୧୪

---

୭ ପଦ ପରେ ଅଧିକା ପାଠ-
ବଦନ୍ତି ଦ୍ରୋଣେ ଯେ ଶିଷ୍ୟନ୍ତ ବସାଇ
ଆମ୍ଭେ ପ୍ରାଗ ତୀର୍ଥକୁ ଯିବୁ ଶୁଣ ସର୍ବ ଭାଇ ।
୧୦ ।୧ ୟେତେ ବୋଲି ଦ୍ରୋଣେ ତୀର୍ଥକୁ କଲେ ଅନକୂଳ
ଚଳନ୍ତି ଦ୍ରୋଣ ଗୁରୁ ପ୍ରୟାଗ ତୀର୍ଥ ବଟ ତଳ ।
୧୦ ।୨ ସାତ ଉତ୍ତର ଶତେ ଭ୍ରାଥ ପଛୋଟି ପୁଣ ଗଲେ
ଅଜଇକ ବନେ ନେଇ ଦ୍ରୋଣଙ୍କୁ ଛାଡିଲେ ।
୧୧ ।୧ ଦ୍ରୋଣଙ୍କୁ ନେଇ ଛାଡିଲେ ଅଜପା ଘୋର ବନେ ।
ଦ୍ରୋଣଙ୍କୁ ନେଇ ଛାଡିଲେ ଅଜୟେକ ବନେ ।
୧୨ ।୨ ଚଉଦ ବରଷ ହୋଇଲା ତଲୟେ ନୟନ ।
ପବନ ନିରୋଧି ଯେ ଟେକଇ ଉଜାଣି
ଦ୍ୱାଦଶ ଇନ୍ଦ୍ରିୟ ୟେକତ୍ର କରି ଆଣି । ୧୫
ବିଂଶ ଆଙ୍ଗୁଳି ଗଙ୍ଗା ବୋଲି ଶୋଷି
ୟେଥୁ ସେ ନିଦ୍ରା ଅଳସ ନୁଆସି । ୧୬
ପଞ୍ଚମୁନା ନାଳ ଯେ ତିହୁଡିର ବାଟ
ଜ୍ୱାଳାନଳ ଟେକିଲା ସେ ଶ୍ରୀହଟ ଯେ ପାଟ । ୧୭

କ୍ଷନ୍ଦାଇ ପକାଇଲା ବାସ୍‌ତରୀ ଯେ ମୁଦ୍‌ରା
ଧାତା ଦୃଢ କରିଣ ଭାଞ୍‌ଜିଲା ମହାନିଦ୍‌ରା । ୧୮
ନିଦ୍‌ରା ପୁରୁଷଟି ସେ ଅଟଇ ଯେ କାଳ
ୟେହି ସେ ନାଶ କରି ସକଳ । ୧୯
ପବନ ଉଜାଣି ଜାଇ ନବଦ୍ୱାର ବାଟେ
ତହା ସବୁ ବନ୍‌ଧନ ଶିଷ୍ଟୁ ମୁନା ବାଟେ । ୨୦
ନବ ଦ୍ୱାର ନିରୋଧି ଯେ ବସିଛି ମହାତ୍‌ମା
ଦେଖି ନ ଦେଖଇ ଶୂନ୍ୟ ଶବଦ ସୀମା । ୨୧
ଜିହ୍ୱା ଗୋପ୍ୟାନ କଲା ସେ ଘଣ୍‌ଟିକାର ମୂଳେ
ତହିଁରୁ ଅମୃତ ପାନ କଲା ସର୍ବକାଳେ । ୨୨
ସାତୁକୀ ପୁରୁଷ ସେ ଅଭୟେ କାଳକୁ
ଅମାୟା ପୁରୁଷ ସେ ଗ୍ରହଁଇ ଶୂନ୍ୟକୁ । ୨୩
ନାହିଁ ନାହିଁ ପବନ ନାହିଁ ପଞ୍‌ଚଶାଖା
ନାହିଁ ନାହିଁ ନି ଅଙ୍‌ଗ ନାହିଁ ନା ବାଟ ରେଖା । ୨୪
ନାହିଁ ପରସନ୍ନ ନାହିଁ ନା ଅପ୍‌ରସନ୍ନ
ଜିହ୍ୱା ଇନ୍‌ଦ୍ରି ଗୋପ୍ୟ କଲା ନିଗ୍‌ରହ ବାସନ । ୨୫

---

୧୫ ଆହାର ନିଦ୍‌ରା ଯେ ମଇଥୁନ ଉପେଖି
ପବନ ନିରୋଧି ଉଜାଣି ଟେକିଲା ଅଦ୍ୟାପି ।
୨୨ ।୨ ଅମୃତ ପାନ କଲା ପବନର ବଳେ ।
୧୮ ।୧ କ୍ଷନ୍‌ଦାଇ-ଛନ୍‌ଦାଇ, ସାତୁକୀ-ସାତ୍‌ତ୍ୱିକ ।
ନିରାଶିତ ଜପ ଯହ୍ନ କଲା ଅଣାକାରେ
ଆସନ ଛାଡିଣ ଯେ ଉଠିଲେ ନିରାକାରେ । ୨୬
ଶୂନ୍ୟେଣ ଶବ୍‌ଦ ଶୁଭିଲା ବର ମାଗ ଅଶସ୍‌ତମା
ସାମାଧିରେ ଥାଇଁ ଉତ୍‌ତର ଦିଲେ ମହାତମା । ୨୭
ଶବଦ ଶୁଭଇ ସ୍ୱାମୀ ନ ଦିଶଇ ଶରୀର
ଅଣ୍‌ଡୀର କୋକିଳ ଜାଣି ବାଣୀ ସୁସ୍ୱର । ୨୮
ଆରେ କେବଣ ଭୁବନକୁ କରୁଅଛୁ ଇଚ୍‌ଛା
ବର ମାଗ ତୋହୋର ଯେବଣ ମନ ବାଞ୍‌ଛା । ୨୯
ଅଶସ୍‌ତମା ବୋଇଲା ମୁଁ ଉତପତ୍‌ତି ହୋଇଲି ଭୁବି
ୟେ ପୃଥୀ ଥିବା ଯାୟେ ମୁଁ ୟେହିମତେ ଥିବି । ୩୦
କାଳ କାମ ନିଦ୍‌ରା ମୋତେ ନ ପୀଡିବ ନୟନେ
ହୋଉ ତୋତେ ପ୍ରାପତ ବୋଲି ବୋଇଲେ ଦେବ ଶୂନ୍ୟେ । ୩୧
କୃପ ଆଗ୍‌ର୍ୟେୟ ମାଗିଲେ ଯେହ୍ନ ବର
ୟେ ପୃଥୀ ଥିବା ୟାୟେ ମୁଁ ହୋଇବି ଅମର । ୩୨
ତ୍‌ରିଜୀବୀ ହୋଇବି ସ୍ୱାମୀ ତୋହୋର ସେ ବରେଣ
ହୋଉ ବୋଲି ବୋଇଲେ ଶୂନ୍ୟ ପୁରୁଷ ଶୂନ୍ୟେଣ । ୩୩
କରପତ୍‌ର ଯୋଡି ବୋଲଇ ଅଶସ୍‌ତମା
ଆବର ବର ମୋତେ ଦେବୁ ହେ ମହାତମା । ୩୪

ହସ୍ତିନା ଭୁବନେ ଥିବାକୁ ମୋର ଆଶ
ବ୍ରହ୍ମବେଦ ବିଦ୍ୟାୟେ ମୁଁ ନୋହିବି ନିରାଶ । ୩୫
ଅସ୍ତୁ ହୋଉ ବୋଲି ବୋଇଲେ ଦେବ ଶୂନ୍ୟି
ବ୍ରହ୍ମବେଦ ବିଦ୍ୟାୟେ ତୁମ୍ଭେ ହୁଅସି ମହାଗ୍ୟାନୀ । ୩୬
ୟେମନ୍ତେ ସମୟେ ଯାଇ ହୋଇଲେ କୁରୁବୀରେ
ଦେଖିଲେ ଗତ ଆତ୍ମା ପ୍ରାୟେ ପଡିଛନ୍ତି ଭୂମିରେ । ୩୭
ଅଶସ୍ତମା କୃପ ଯେ ଆହାର ବିହ୍ନନେ
ଉଠି ବସି ନ ପାରନ୍ତି ଆତ୍ମବଳ ହୀନେ । ୩୮

---

୨୬ ନିରାଶ ତପ ଯହ୍ନଂ ପାଇଲା ନିରାଧାରି
ଆସନ ଛାଡିଣ ଯେ ଉଠିଲା ଦମ୍ଭ କରି ।
ଧୁଶାସନ କୋଳ କରି ଧଇଲେ ଅଶସ୍ତମା
କାନ୍ଧେଣ ଘେନିଲେ ସେ କ୍ଷତ୍ରିୟ ମହାତମା । ୩୯
କୃପ ଆଗ୍ୟର୍ଯ୍ୟଙ୍କୁ ଧଇଲେ ଦ୍ରିଯୋଧନ
କାନ୍ଧେ ବସାଇଲେ ସେ ଧୃତରାଷ୍ଟର ନନ୍ଦନ । ୪୦
ଘେନିଣ ଆସୁ ଅଛନ୍ତି ବାରୁଣା ପ୍ରଶସ୍ତେ
ରାମକୃଷ୍ଣଙ୍କୁ ଭେଟିଲେ କଉସ୍ତୁଭ ପର୍ବତେ । ୪୧
ଯୁଝେଷ୍ଠି ଭୀମ ଅର୍ଜୁନ ସହଦେବ ନକୁଳ
ପ୍ରଣପତ୍ୟ ହୋଇଲେ ବଳଦେବଙ୍କ ପୟର । ୪୨
ଯୁଝେଷ୍ଠି ଦେବଙ୍କୁ କୃଷ୍ଣ ନମସ୍କାର କଲେ
କଲ୍ୟାଣ କଲେ ଧର୍ମରାୟେ ନୃପତିର ତୁଲେ । ୪୩
ରାମକୃଷ୍ଣଙ୍କୁ ନମସ୍କାର ନ କଲେ କୁରୁବୀରେ କେହି
ଅନେକ ଅପ୍ରସ୍ତୁତ କଥାମାନ କହି । ୪୪
ପ୍ରବେଶ ହୋଇଲେ ବାରୁଣାବନ୍ତେ ଯାଇଂ
ଅଶସ୍ତମା କୃପଙ୍କୁ ଅନେକ ବଧାଇ । ୪୫
ସ୍ନାହାନ ଭୋଜନ କଲେ କୋଇନ୍ତାଙ୍କ ପୁରେ ରହି । ୪୬
ସର୍ପନ୍ତ ମଉଳେ ବହନ୍ତି ଦେବ କାମପାଳ
ପବନ ଆହାରେ ସେ ବ୍ରତନ୍ତି ସର୍ବକାଳ । ୪୭-୪୩୨୩ ।

---

୪୫ ।୨ ଅଶସ୍ତମା କୃପଙ୍କୁ ଅକ୍ଷତ ବନ୍ଦାଇ ।
କୌରବଙ୍କର ବଳରାମଙ୍କ ଠାରୁ ଗଦା ବିଦ୍ୟାଶିକ୍ଷା, ଅର୍ଜୁନଙ୍କର ଶିକ୍ଷା ନ କରିବାର କାରଣ କଥନ ।
ସଂକ୍ରିଷେମ ବୋଇଲେ ହୋ ଦ୍ରୋଣ ତୁମ୍ଭ ବିଦ୍ୟାଗୁରୁ
କି,କି ବିଦ୍ୟା ଶିଖାଇ ଅଛନ୍ତି ଦେଖି ପରୀକ୍ଷା ଆମ୍ଭେ କରୁ । ୧
ଧନୁ ଶହସ୍ର ବିଦ୍ୟା ଯେ ଦେଖିଲେ ସମସ୍ତ
ବଳରାମେ ବୋଇଲେ ନୋହିଲା ସାଧନ ଗଦାହସ୍ତ । ୨
ବଳରାମେ ଗଦା ଯେ ଧଇଲେ ଆପଣେ
ଆକ୍ରଷଣ ଗତି କଲେକ ଦେବ ସଂକ୍ରିଷେଣେ । ୩
ଶୂନ୍ୟ ପବନେ ଗଦା ବୁଲାଇଲେ ଉଠି

ଆକ୍ରଷଣ କରିମ ଯେ ସଂଘରନ୍ତି ଦେବ ମୁଷ୍ଟି । ୪
ଦ୍ରିଯୋଧନ ବିନୟ ଭୋବେମ ହୋଇଲା ପରିଣାମି
ଯେ ଗଦା ହସ୍ତ ମୋତେ ଶିଖାଇବା ଦେବ ସ୍ୱାମୀ । ୫
ବଳରାମେ ବୋଇଲେ ଆମ୍ଭେ ଆଖଡ଼ା ରଇବ୍ରତ ପର୍ବତେ
ଯାହାର କାର୍ଯ୍ୟ ତହିଁକି ଯାଅ ନିତେ୍ୟ, ନିତେ୍ୟ । ୬
ଅର୍ଜୁନ ବୋଇଲା ସ୍ୱାମୀ ଦ୍ରୋଣେ ଯେ ଆମ୍ଭର ଗୁରୁ
ତାଙ୍କର ବିଦ୍ୟା ବିନ୍ଦୁ ଆମ୍ଭେ ଆନ ଯେ ନ ଲୋଡୁ । ୭
ଯେକ ଗୁରୁକେ ଯେ ଅନେକ ବିଦ୍ୟା ହୋଯେ ସାଧି
ବ୍ୟାଧି ନାଶ ଯାଇଟି କଲେ ଯେକ ମଉଷଧି । ୮
ଅପାର ଔଷଧରେ ନ ବର୍ତ୍ତଇ ରୋଗୀ
ଅପାର ଅନ୍ନ ଖାଇଲେ ନାଶ ଯାଇ ଯୋଗୀ । ୯
ଅପାର କୁଟୁମ୍ବ୍ରେ କ୍ରୋଧ ହୋଇ ଅପାରଇ
ଅପାର ପ୍ରତିଗ୍ରହେ ବ୍ରାହ୍ମଣେ ନାଶ ଯାଇ । ୧୦
ଅପାର ବୁଦ୍ଧିରେମ ଯେ କାର୍ଯ୍ୟ ହୋଯେ ହାନି
ଆପଣେ ନାଶ ଯାଇ ଅପାର ମତ ଘେନି । ୧୧
ଅପାର ସ୍ତିରୀ ପ୍ରସଙ୍ଗ ହୋଇଲେ
ଆୟୁଷ କ୍ଷୟେ ଯାଇ ଅପାର ଶୃଙ୍ଗାର କଲେ । ୧୨
ଅପାର ଲୋକରେ ଇନ୍ଦୁର ନୋହେ ମାରି
ଅପାର ତୀର୍ଥ କଲେ ହୋଅଇ ଦେଶାନ୍ତରୀ । ୧୩
ଅପାର ହିଂସାରେ ଦେହ ପତନ ଯେ ହୋଇ
ଅପାର ଲୋଭରେ ହାଦେ ମଙ୍ଗଳ ତୁଟଇ । ୧୪

---

୫ ରାମର ହରଷ ବେଳେ ଦ୍ରିଯୋଧନ କର ମାଗି
ଯେ ଗଦା ହସ୍ତ ତୋର ଶିଖାଅ ମୋତେ ବେଗି ।
୧୧ ।୨ ଆପଣେ ନାଶ ଯାଇ ଅପାର ମନ୍ତ୍ର ଘେନି ।
୧୨ ।୨ ଆୟୁ କ୍ଷୟେ ଯାଇ ଅପାର ସାଧନ ହୋଇଲେ ।
ଅର୍ଜୁନ ଭାଞ୍ଜିଲା ସେ ଅପାର କଥାକୁ
ଅପାରୁଁ ଅପାର ଯେ କହିଲା ଯୋଗାନ୍ତକୁ । ୧୫
ଯେସନେକ କଥା ଶୁଣି ଦ୍ରିଯୋଧନ ବୋଇଲା
ତୁମ୍ଭର ନ ଗଲେ ଆମ୍ଭର କିସ ଯେ ହୋଇଲା । ୧୬
ଆମ୍ଭେମାନେ ଯାଇଁ ସେ ଶିଖିବୁଁ ଗଦାବିଦ୍ୟା
ଶୁଣି ପରମ ସନ୍ତୋଷ ହୋଇଲେ ଯୋଗସିନ୍ଧା । ୧୭
ବାହୁଡି ରାମ କୃଷ୍ଣ ଗଲେ ନିଜ ଦେଶ
ହସ୍ତିନା ରାଜ୍ୟରେ ରହିଲେ କୁରୁବଂଶ । ୧୮
ଦ୍ରିଯୋଧନ ଯାଇଁ ନିତେ୍ୟ ରଇବତ ପର୍ବତକୁ
ଉଚ୍ଛମନ୍ଧଲରଚ୍ଚନ୍ଦଙ୍କ ଙଉର୍
Cଚ୍ଛଲଟ୍ଟକ୍ଷରନ୍ଦର
Cକ୍ଷଷମହ ଏରତ୍ତର ଜ୍ଜ ଜଟ୍ଟବତ୍ତବଯର
ଉନ୍ଥଟ୍ଟବଚ୍ଚଯରଯ ରରବନ୍ଦନ୍ଧତ୍ତରଙ୍କ

ଞଚ୍‌ଚକ୍ଷଷଲଷନ୍‌ଦରଯ ଙବବରଙ୍କ
ବଲରାମଙ୍କ ଗଦା ବିଦ୍ୟା ସାଧନ କରିବାକୁ । ୧୯
ଗଦାବିଦ୍ୟା ଶିଖିଲେ ସେ ବଲରାମଙ୍କର ସଙ୍ଗତେ
ଗଣ୍ଠି ମୁଠି ସକଳ ଜାଣିଲେ ଶତେ ଭ୍ରାଥେ । ୨୦-୪୩।୪୩।
ଭାନୁମତୀ ବିବାହ
ଶୁଣ ହୋ ରାଜନ ବିଜୟ ନଗ୍‌ର ବୋଲିଣ ସେ ଦକ୍ଷିଣ କୋଶଳେ
ଭୂମନୁ ବୋଲି କରି ତହିଁର ମହୀପାଳେ । ୧
ତହାର ଭାରିଯା ନାମ ଭୁବନାବତୀ
ତହାର ଦୁହିତାର ନାମ ହୋଇଲା ଭାନୁମତୀ । ୨
ବଡାଇ ସୁନ୍‌ଦର ସେ ଅଟଇ ମହାଗ୍‌ୟାନୀ
ବେଦଶାସ୍‌ରେ ନିର୍ଜିତ ଯେ ଅଟଇ ପୁଣ୍‌ୟମାନୀ । ୩
ମାତାର ତନ୍ଦ୍ଧଂ ସେ ଯେ କଲା କ୍ଷୀର ପାନ
କ୍ଷୀର ଆହାରେ ବ୍‌ରତଇ ନ ଭୁଞ୍‌ଜଇ ଅନ୍‌ନ । ୪
ଦେବାଙ୍ଗ ବସନ ଯେ ପିନ୍‌ଧଇ ଯୁଗତେ
ନ ପଢିଣ ଶାସ୍‌ର ସେ ବଖାଣୁ ଥାଏ ନିତେ୍ୟ । ୫
କୋକିଳ ଧୁନି ସୁସ୍‌ୱ୍ରରେ ଭାଷଇ ଦିବ୍‌ୟ ରସେ
ବିତକ୍ଷଣ ସୁନ୍‌ଦରୀ ସେ ନାହିଁ ନା ଆକାଶେ । ୬

---

୪ ।୨ କ୍ଷୀର ଆହାରୁଂ ସେ ନ ଲୋଡଇ ଆନ ।
ଭୂମନୁ ପଗ୍‌ରଇ ଗୋ ସ୍‌ତିରୀ ଜନ୍‌ମ ତୁହି
କାହାକୁ ପ୍‌ରଦାନ ଗୋ କରିବାକ ଆୟି । ୭
ଶୁଣିଣ ବଚନ ଯେ ବୋଲଇ ଭାନୁମତୀ
ତୁ ମୋତେ ବିମୁଖ ନୋହ ମୁଂ ଅଟଇ ମହାସତୀ । ୮
ଆମ୍‌ଭେ ଗ୍‌ରିକନ୍‌ୟା ଶୂନ୍‌ୟର ଯେ ଦେବତୀ
ଦ୍ୱାପର ଯୁଗେ ଆସି ମଧ୍‌ୟ ଭୁବନେ ଉତପତ୍‌ତି । ୯
ସତ୍‌ୟ ଯୁଗେ ଆମ୍‌ଭେ ରତି ଅହିଲା ଦମନ୍‌ତୀ ବେଦମତୀ
ତ୍‌ରେତୟାରେ ସୀତା ତାରା ସାବିତ୍‌ରୀ ଇନ୍‌ଦୁମତୀ । ୧୦
ଦ୍ୱାପରେ ଆମ୍‌ଭେ ଜନ୍‌ମିଲୁ ରେବତୀ ରୁକ୍‌ମଣୀ
ଭାନୁମତୀ ଦ୍‌ରୌପତୀ ଆମ୍‌ଭେ ଗ୍‌ରି ଯେ ଭୟେଣୀ । ୧୧
ତୁମ୍‌ଭେ ଆମ୍‌ଭଙ୍କୁ ବିମୁଖ ନୋହସି ହୋ ତାତ
ମରି ନ ମରି ଆମ୍‌ଭେ କୌତୁକେ ହୋଉ ଜାତ । ୧୨
ଆମ୍‌ଭର ଯେତେବେଳେ ତାତ ହୋଇବଟି ଇଚ୍ଛା
ତୋହୋର ଆଗରେ କହିବୁ ଯେହ୍‌ନେ ମନ ବାଞ୍ଛା । ୧୩
ୟେହ୍ନ ବଚନେଣ ସମୟେକ ଗଲା
ଶୟେ ଚଉଷଠୀ ବରଷ ସ-ୂର୍ଣ୍ଣ ହୋଇଲା । ୧୪
ବାଳୁତ ଭାବେଣ ସେ ଖେଳଇ କୁମାରୀ
ପୁଣିହିଁ ଭୂମନୁ ଦୁହିତାକୁ ପଗ୍‌ରି । ୧୫
ମା ଗୋ କେହେନେକ ଆଗ୍‌ୟାଂ ଦେବୁ ନାହିଁ କି ମୋତେ
କାହାକଇ ପ୍‌ରଦାନ କରିବଇଂ ତୋତେ । ୧୬

ଭାନୁମତୀ ବୋଇଲା ଯେବେ ହୋଇଲୁ ଆରତ
ରାଜାନ୍ତ ଆଣି ସୟମ୍ଭ୍ରର କର ତାତ । ୧୭
ଦୁହିତାର ବଚନେ ଭାଷିଲା ନୃପମଣି
ଧନବନ୍ତ ରାଜା ମୁଁ ଗୋ ନୋହଇ ଦୁଲଣି । ୧୮
ଲକ୍ଷେ ନୃପତି ଯେ ଅଛନ୍ତି ପୃଥିବୀରେ
ସୟଂବର କଲେ ଆସିବେ ସବୁ ନୃପବରେ । ୧୯
ଯାହାକୁ ନୁଆଣିବି ସେ ହୋଇବ ଅବରଣ
ଧର୍ମ ନାଶ ଯିବ କାର୍ଯ୍ୟ ହୋଇବ ଅକାରଣ । ୨୦

---

୧୦ ।୧ ସତ୍ୟଯୁଗେ ଅହଲ୍ୟା ଯେ ଅରୁନ୍ଧତୀ ରତି ଦମୟନ୍ତୀ ।
ସତ୍ୟ ଯୁଗେ ଯାଗ କଲେ ଜମଦଅଗ୍ନି ମହାଯତି
ସହସ୍ରା ଅର୍ଜୁନକୁ ନ ବରି ବରିଲେ ସବୁନ୍ତି । ୨୧
ଯେକା ଜଣକ ସେ ଧାଡି ଦିଲାକ ଯଗଂ୍ୟକାଳେ
ଶହସ୍ର ଘାୟେ ପଲାଇଲେ ଯେ ସମସ୍ତ ମହୀପାଳେ । ୨୨
ଜମଦଅଗ୍ନିର ସେ ଆସି ଛେଦିଲାକ ଶିର
ଯାଗ ଭାଞ୍ଜିଣ ସେ ସମସ୍ତ କଲା ଜୂର । ୨୩
ସୟଂବର କଲେ ସେ ସମସ୍ତ ଲୋକ ଆସି ଯାଇ
କାରଯ ନୋହଇ ସେ ଆପଣେ ନାଶ ଯାଇ । ୨୪
ଭାନୁମତୀ ବୋଇଲା ତାତ ସୟମ୍ଭ୍ରର ଯାଗ କଲେ
ଧର୍ମ ନାଶ ଯାଇଂ ଜଣେକ ହିଂ ନ ବରିଲେ । ୨୫
ଭୂମନ୍ତୁ ବୋଇଲା ମୁଁ ଅଟଇ ଧନହୀନ
ଯେତେ ସନ୍ୟକୁ ମା ଗୋ କାହୁଁ ଦେବି ଅନ୍ନ । ୨୬
ଭାନୁମତୀ ବୋଇଲେ ତାତ ଧନକୁ ନ କରସି ଚିନ୍ତା
ମୁହିଁ ସେ ତୋତେ ହୋ ଧନ ଅନ୍ନ ଯେ ଦିଅନ୍ତା । ୨୭
ଭୂମନ୍ତୁ ବୋଇଲେ ମୁଁ ସ-ରତେ କେହ୍ନେ ଯିବି
ପରୀକ୍ଷ ଦେଖିଲେ ମୁଁ ତ୍ରିପୁତି ହୋଇବି । ୨୮
ଯୋଗାଡ ଗୋଟିଯେ ତାତ ନିର୍ମିତ ତୁମ୍ଭେ କର
ମୋହୋର ମନ୍ତ୍ର ପାଣି ଫୁଟିଯେକ ଭର । ୨୯
ସେ ପାଗ ରାନ୍ଧିଲେ ହୋଇବ ଅମିୟ ରସ
ସମଦଣ୍ଡ ସନ୍ୟ ତୋହୋର ଇଚ୍ଛାଯେମ ପରଶ । ୩୦
ଲକ୍ଷେକ ରାଜାର ଯେତେକ ସଇନି
ଇଚ୍ଛାଯେ ଭୁଞ୍ଜନ୍ତୁ ତାତ ଯେ ଯାହା ଥାଠ ସୈନ୍ୟ ଘେନି । ୩୧
ପରୀକ୍ଷ ନିମନ୍ତେ ଦେବୀ ମନ୍ତ୍ର ପାଣି ଦିଲା
ନିଜ ପାକେ ନେଇ ଭୂମନ୍ତୁ ବସାଇଲା । ୩୨
ଅମୃତ ରସ ପାଗ ହୋଇଲା ଯୁଗତେ
ପରଶିଲେ ନ ସରଇ ସିନି ବଳ ଯେତେ । ୩୩
ଯେକାଦଶ କ୍ଷଉଣୀ ରାଜାର ଅଟଇ ଥାଠ
ଯେକା ଯୋଗାଡକେ ସମସ୍ତଙ୍କୁ ଅନ୍ନ ନ ହେଲା ନିଅଣ୍ଟ । ୩୪

---

୨୯ ।୨ ମୋହୋର ମନ୍ତ୍ର ପାଣି ଫୁଟିୟେ ନିଉତ ।
ଭୂମନ୍ତ ବୋଇଲା ମା ଗୋ ୟେ ବଡ ଦୁଲଭ
ୟେ ମଧ୍ୟ ଭୂବନେ ନାହିଁ ଗୋ ୟେସନେକ ସୁଲଭ । ୩୫
ୟେମନ୍ତ ପ୍ରସନ୍ନକୁ ଅଟୁ ଅତୁଟାଇ
କେଉଁଣ ପୁଣ୍ୟ ବଳେ ୟେସନେକ ଭିଆଇ । ୩୬
ଦୁହିତା ପ୍ରତିବାଚ ତାତ ଶୁଣିମା ଭୂଅପତି
ବ୍ରହ୍ମାଙ୍କର ଭାରିଯା ଅଟଇ ସାବିତ୍ରୀ । ୩୭
ଆମ୍ଭେ ସାତ କନ୍ୟା ତାହାଙ୍କର ପରିବାରୀ
ରେବତୀ ରୁକ୍ମଣୀ ଭାନୁମତୀ ଦ୍ରୌପଦୀ ଆଦି କରି । ୩୮
ଅରୁନ୍ଧତୀ ଅଞ୍ଜନା କମଳା ଘେନି ସାତ
ସେ ବ୍ରହ୍ମାୟେଣୀ ପ୍ରସନ୍ନେ ଆମ୍ଭଙ୍କୁ ରାନ୍ଧଣା ବିଦ୍ୟା ପରାପତ । ୩୯
ଭୂମନ୍ତ ବୋଇଲା ମା ଗୋ ମଲାଇଲୁ ଅନ୍ନ
ଧନ ନ ଥିଲେ ନୋହଇ ଅବିଛନେ ଦାନ । ୪୦
ଭାନୁମତୀ ବୋଇଲା ତାତ ଧନକୁ ନ କର ଚିନ୍ତା
ୟେତେ ଧନ ମାଗୁ ତାତ ମୁଁହି ସେ ଦିଅନ୍ତା । ୪୧
ଭୂମନ୍ତ ବୋଇଲେ ମା ଗୋ ପରୀକ୍ଷକୁ ମୋତେ ଦେଖାଇବୁ ନା କାରଣ
ପରୀକ୍ଷ ଦିଲେ ସୟଂବରକୁ ସ୍ୱୀକାର କରିବି ୟେହିକ୍ଷଣ । ୪୨
ଭାନୁମତୀ ବୋଇଲା ତାତ ୟେହି ସେ ପାଷାଣ
ଧରା ଧରି କରିମ ମୋହୋର ଛାମୁକୁ ଆଣ । ୪୩
ସାତ ସାଙ୍ଗୀ ଲାଗିଲା ଦୃଢ କରି
ଭାନୁମତୀ ଛାମୁରେ ଆଣି ଥୋଇଲେ ଥିର କରି । ୪୪
ଭାନୁମତୀ ଡାହାଣ କର ଘଷିଲା ପାଷାଣେ
ଅଗ୍ନିହୁଂ ଉତ୍ତାର ରତ୍ନ ହୋଇଲା ତତକ୍ଷଣେ । ୪୫
ଦେଖିଣ ଆଶ୍ରିଜ ୟେ ଭୂମନ୍ତ ନରପତି
ପ୍ରତକ୍ଷେ ଲକ୍ଷ୍ମୀ ମା ଗୋ ହୋଇଛୁ ଉତପତ୍ତି । ୪୬
ଭାନୁମତୀ ବୋଇଲା ତାତ ମୋର ଜନ୍ମେ ଜନ୍ମେ ୟେ ସିଦ୍ଧି
ଦୁଇ ହାଥେ ଅଛି ମୋର ଶଙ୍ଖ ପଦ୍ମନିଧି । ୪୭

---

୪୦ ।୧ ଭୂମନ୍ତ ବୋଇଲା ମା ଗୋ ମିଳିଲା ୟେବେ ଅନ୍ନ ।
୪୫ ।୨ ଅଗ୍ନି ହୁଂ ତେଜ ସେ ସୁବର୍ଣ୍ଣ ହୋଇଲା ତତକ୍ଷଣେ ।
ପାଣି ଦ୍ରବ୍ୟ ଉତପତ୍ତି ପାଷାଣ ହୋଇଲା ତତକ୍ଷଣେ ।
ମାଂକଡା ପଥରେ ଲଗାଇଲେ ମୋର କର
ୟଉଁ ରତ୍ନ ଇଛିବି ସେହି ହୋଇବ ପାଣିଦ୍ରବ୍ୟ ସାର । ୪୮
କନ୍ୟ ମାସ ଶୁକଳ ପକ୍ଷ ଦଶମୀ ୟେ ତିଥି
ଶରଦ ଉଚ୍ଛବ ଅନ୍ତେଣ ଅପରାଜିତା ପାର୍ବତୀ । ୪୯
ପଣ୍ଡିତ ବାର ୟେ ଶ୍ରବଣା ନକ୍ଷତ୍ରେ
ସୟଂବରକୁ ଅନକୂଳ ଘେନଇ ଭୂମନ୍ତ ନୃପତେ୍ୟ । ୫୦
ଶୂଦ୍ରକ ନାମେଣ ତାର ମନ୍ତ୍ରୀକି ତତକ୍ଷଣେ ରାଇ
ରାଜାନ୍ତ ନିମନ୍ତ୍ରଣ କର ସୟଂବର କୃତ୍ୟ କହି । ୫୧

ଶୂଦ୍ରକ ମନ୍ତ୍ରୀ ଶୁଣ ଅନେକ ହରଷ
ଦେଶାଉର ପେଷିଲା ସେ ଘରଦିଗ ପାଶ । ୫୨
ଭାନୁମତୀ ସାଦ୍ରିଶେ ଚିତ୍ରପଟେକ ଲିହିଲା
ରାଜାଙ୍କୁ ଦେଖାଇବାକୁ ସେ ସନ୍ଦେଶ ଭିଆଇଲା । ୫୩
ମନ୍ତ୍ରୀର ବଚନେ ଯେ ଚଲିଲେ ସର୍ବ ଦୂତେ
ରାଜାନ୍ତ ନିମନ୍ତ୍ରଣ କରନ୍ତି ତୁରିତେ । ୫୪
ଭାନୁମତୀର ସୟଂବର ବୋଲିଣ ଜଣାଇଂ
ଲେଖନ ଚିତ୍ରପଟ ଛାମୁରେ ଦେଖାଇଂ । ୫୫
ଭାନୁମତୀର ଛାମୁକୁ ରାଜା ଆଣଇଂ ପାଷାଣ ସର୍ବ
ତାହାର କର ଲାଗନ୍ତେ ହୋଅଇ ପାଣିଦ୍ରବ୍ୟ । ୫୬
ଯେମନ୍ତେ ରାଜାର ଅନେକ ପାଣିଦ୍ରବ୍ୟ ହୋଇଲା
ନବର ଭଣ୍ଡାରମାନ ଯେ ଥୋଇତେ ଠାବ ନୋହିଲା । ୫୭
ବିଶ୍ୱକର୍ମା ମୂଳେ ଅନେକ ଦ୍ରବ୍ୟ ବାଣ୍ଟି
ଛାୟା ମଣ୍ଡୋପକେ ଉପାୟେ କରିଣ ଘଟି । ୫୮
ଛାୟା ମଣ୍ଡୋପ ଭିଆଇଲା ଶୁଭ ଯୋଗେ
ଛତ୍ର ଘରମାନ ରାଜା ଭିଆଇଲା ବେଗେ, ବେଗେ । ୫୯
ଅଶ୍ୱଶାଳ ଗଜଶାଳ ନଦୀ କୂଳେ ତୋଲାଇ
ସୁବର୍ଣ୍ଣର କଳସ ରାଜା ଘରେ, ଘରେ ବସାଇ । ୬୦

---

୪୯ ।୨ ଶରଦ ଉଚ୍ଛବ ଅନ୍ତେଣ ଅପରାଜିତା ପର୍ବତିଥି । (ପା)
୫୨ ।୨ ପେଷାଇଲା, ପେଷିଲା ଅଛି ୫୬ ।୨ ପାଣିଦ୍ରବ୍ୟ-ସୁବର୍ଣ୍ଣ, ରତ୍ନ

ନେତର ପାତଙ୍ଗ ଉଡଇ ଫରହର
କଦଳୀ ତ୍ରୋଣା ଯେ ଉଭାରନ୍ତି ଦ୍ୱାର ଦ୍ୱାର । ୬୧
ଅଶୀ ପଦ୍ମ ଘର ଯେ ଭୂମନ୍ତ ରାଜାର ନଗରରେ
ବିଜୟା ମଣ୍ଡଳ ଭୂମନ୍ତ ରାଜା ମଣ୍ଡଇ ସମ୍ଭର୍ବରେ । ୬୨
ଯେସନେକ ଭୂମନ୍ତ ପୁର ଦିଶଇ ଇନ୍ଦ୍ର ବାରସ୍ତ୍ରୀ
କି ସେ ଭୁବନ ଦିଶଇ ଅଳକାପୁର ଜେୟାତି । ୬୩
ଅକ୍ଷତ ପାଇଣ ଆସନ୍ତି ରାଜାଗଣମାନେ
ପ୍ରବେଶ ହୋଇଲେ ଯାଇଂ ବିଜୟା ନଗର ଥାନେ । ୬୪
ପାଦାଅର୍ଘ୍ୟ ପାଦାସନ ଘେନିଣ ଭୂମନ୍ତ ରାଜା
ସମସ୍ତ ନୃପତିମାନଙ୍କୁ କରଇ ପାଦ ପୂଜା । ୬୫
କଳିଙ୍ଗ ଉଡଙ୍ଗ ବଙ୍ଗ ଯେ ତେଲଙ୍ଗ
ଖାଞ୍ଜଣ ଦେଶ ଯେ ତିହୁଡି ଦେଶଭାଗ । ୬୬
ଚିର ଦେଶ ବୀର ଦେଶ ମହାତିରଣ ଦେଶ
ଭୋଟ ଦେଶ ମନ୍ଦାର ଦେଶ କାଉଂରୀ ଯେ ଦେଶ । ୬୭
ମଙ୍ଗଲା ଦେଶ ଡାହାଳ ଦେଶ ଦେଶ ବେଲାଉଳ
କ୍ଷୀରଣ ଦେଶ ଖେଚର ଦେଶ ଦେଶ ଯେ ଭୂପାଳ । ୬୮
ମାଳବ ଦେଶ ଗୁର୍ଜର ଦେଶ ଦେଶ ମରହଟ୍ଟ
ମଗଧ ଦେଶ ମଷ୍ୟ ଦେଶ, ଦେଶ ଯେ ଗୁଜୁରାଟ । ୬୯

କାଶୀ ଦେଶ କଉଶିକ ଦେଶ, ଦେଶ ଯେ କୁବୁଜ
ଉଜ୍‌ଜୟିନୀ ଦେଶ ପାରିଜାତ କନାଉଜ । ୭୦
କ୍‌ଷେତ୍‌ର ଦେଶ, ବିକ୍‌ଷେତ୍‌ର ଦେଶ, ଦେଶ ଯେ ଗାନ୍‌ଧାର
ନୀଳ ଦେଶ, ଅନୀଳ ଦେଶ, ଦେଶ ଯେ ନେପାଳ । ୭୧
ଶାଖା ମଣ୍‌ଡଳ ଭାଖା ମଣ୍‌ଡଳ ବଜ୍‌ରଗିରି ମଣ୍‌ଡଳ
ଶୋଣିତ ମଣ୍‌ଡଳ ଯେ କଣୟ୍‌ ମଣ୍‌ଡଳ । ୭୨
ମେରୁ ମଣ୍‌ଡଳ ରାଜା ଆସନ୍‌ତି ସକଳ ମଳୟ୍‌ ମଣ୍‌ଡଳ
ମନ୍‌ଦର ମଣ୍‌ଡଳ ଆବର ପଦ୍‌ମ ଯେ ମଣ୍‌ଡଳ । ୭୩

---

୬୨ ।୧ ଶାଖା ମଣ୍‌ଡଳ ଭାଖା ମଣ୍‌ଡଳ ବିଂଝଗିରି ମଣ୍‌ଡଳ
୬୧ ।୧ ପାତାଙ୍‌ଗ-ପତାକା, ୬୪ ।୨ ଥାନେ-ସ୍‌ଥାନେ
କୋଶଳ ମଣ୍‌ଡଳ ଯାଜନଗ୍‌ର ମଣ୍‌ଡଳ
ଅମର ମଣ୍‌ଡଳ କୁଞ୍‌ଜଗଳ ମଣ୍‌ଡଳ । ୭୪
ବାରୁଣା ମଣ୍‌ଡଳ ଇନ୍‌ଦ୍‌ର-ପ୍‌ରଶସ୍‌ତ ମଣ୍‌ଡଳ । ୭୫
ୟେମନ୍‌ତେ ଛତିଶ ମଣ୍‌ଡଳ ଜମ୍ବୁଦ୍‌ୱୀପ ପୃଥୀ
ବାର ରାଷ୍‌ଟ୍‌ର କରିଣ ୟେହା ଭିଆଇଲେ ଯଯାତି । ୭୬
ବୀର ମଲ୍‌ଲ ସିଂହ ମଲ୍‌ଲ ଅପ୍‌ରମିତ ରାଷ୍‌ଟ୍‌ର
ଚିତ୍‌ର ରାଷ୍‌ଟ୍‌ର ଯେ ଜଳନ୍‌ତର ରାଷ୍‌ଟ୍‌ର । ୭୭
ଭାନୁ ରାଷ୍‌ଟ୍‌ର ଆଦି ଆବର ଯେତେ ରାଷ୍‌ଟ୍‌ର
ଅୟୋଧ୍‌ୟା ରାଷ୍‌ଟ୍‌ର ବିନ୍‌ଧ୍ୟମାଳ ରାଷ୍‌ଟ୍‌ର ସିଂହ ରାଷ୍‌ଟ୍‌ର । ୭୮
ପଶ୍‌ଚିମେ ସୋମ ରାଷ୍‌ଟ୍‌ର ଦକ୍‌ଷିଣେ ଉଡ ରାଷ୍‌ଟ୍‌ର
ମଧୁବନ ରାଷ୍‌ଟ୍‌ର କଣୟ୍‌ ସଉରାଷ୍‌ଟ୍‌ର । ୭୯
ୟେମନ୍‌ତେ ବାର ରାଷ୍‌ଟ୍‌ର ଭିଆଣ ଯେ ମୂଳେ
ରାଷ୍‌ଟ୍‌ରପତିମାନେ ଭିଆଇଲେ ସର୍ବକାଳେ । ୮୦
କାମପୁର ନଗ୍‌ରୀ ଯେ ଉଜାଣ ନଗ୍‌ରୀ
ପାରୋଳା ନାମେ ନଗ୍‌ରୀ ଯେ ଯାଜନ ନଗ୍‌ରୀ । ୮୧
କାଞ୍‌ଚୀ ନଗ୍‌ରୀ, ରୁଦ୍‌ର ନଗ୍‌ରୀ ଯେ ହୋଳ ନାମେ ନଗ୍‌ରୀ
ବଡବାନଳ ନଗ୍‌ରୀ ବିଜାୟା ନାମେ ନଗ୍‌ରୀ । ୮୨

ଭୁଜଙ୍‌ଗ, ଚୁଡଙ୍‌ଗ, ବିଜେପୁର, ଗୋରୀ, କର୍ଣ୍ଣାଟ, କାଶ୍‌ମୀର, ନିର୍ଝର, ଉତ୍‌କଳ, ପାଞ୍‌ଚାଳ, ଶୋଭାଙ୍‌ଗ, ବିଚିତ୍‌ର, ସୋମ ଦେଶ,
ବିପଦ, ଦୃଷ୍‌ଟାନ୍‌ତ, (ଦୁରାନ୍‌ତ, ଦୃଶନ୍‌ତ) ୟେହି ଦେଶମାନଙ୍‌କରନ ନାମ ଦୁଇ ଖଣ୍‌ଡ ପୋଥିରେ ଅଧିକା ଅଛି, କିନ୍‌ତୁ ଉଦ୍‌ଧୃତ
ମୂଳ ପାଠ ଅନ୍‌ୟ ପୋଥିମାନଙ୍‌କରେ ସମାନ ।
୭୬ ।୧ ମଣ୍‌ଡଳମାନଙ୍‌କ ମଧ୍ୟରୁ-ଦଣ୍‌ଡ, ମଧୁ, ସୁକାନ୍‌ତି, ଉଦେ, କ୍‌ଷୀଣ, ଗମୟ, ପୁଣ୍‌ୟ, ଶଉରୀ, କୋମର,
ଅଟଳ ସିଂହ, ସୁଜନ, ଗୋଳ, ପାଣି, ହିମବନ୍‌ତ ନରେଶ୍‌ୱର, ସୁଢଳ, - ଗୋଟିୟେ ଗୋଟିୟେ ପୋଥିରେ ଅଧିକା ଅଛି । ଭାସ୍‌କର, ଧୃତି, ଧୁମାନ୍‌ତ-ଛପା ବହିରେ ଅଧିକ ।
୭୮ ।୨ ରାଷ୍‌ଟ୍‌ର ମଧ୍ୟରେ - କେରି ରାଷ୍‌ଟ୍‌ର, ବୀରମୟ, ଅପ୍‌ରମିତ, ବିଂଖିତ, ଜଳତୁରଙ୍‌ଗ,

ଘୋଟ, ବାଉନ୍ଥ ବିରାଷ୍ଟ୍ର,
ମନ୍ଦବଳ, ଅନ୍ଥମତି, କିୟା, ଅମିତ, ଜିତ, ଭୋଟ, ଅଜମିତ ।
୮୦ ୟେ ରୂପେ ବାର ରାଷ୍ଟ୍ର ଯେ ଭିଆମ ମଣ୍ଡଳେ
ରାଷ୍ଟ୍ରପତିମାନେ ଯେ ଯାହା ଆସନ୍ତି ସକଳେ ।
କୁଣ୍ଡ ନଗ୍ରୀ ବେଦ ନଗ୍ରୀ ଯେ ମାହେନ୍ଦ୍ର ନାମେ ନଗ୍ରୀ
ହିଂଜଳ ନାମେ ନଗ୍ରୀ କୋନ୍ଦାବଇ ନାମେ ନଗ୍ରୀ । ୮୩
ପଦ୍ମଦଳ ନଗ୍ରୀ, ବିଷ୍ଣୁ ନଗ୍ରୀ, ସୁର ନଗ୍ରୀ, ବ୍ରହ୍ମଧାତୁ ନଗ୍ରୀ
ଜମ୍ବୁଦ୍ୱୀପ ନଗ୍ରୀ, ଭୋଜ ନଗ୍ରୀ, ଅନ୍ଥଭବ ନାମେ ନଗ୍ରୀଷ ୮୪
ୟେ ନଗ୍ରମାନଙ୍କର ଯେତେକ ନୃପତି
ଭୂମନ୍ଥ ରାଜ୍ୟ ବିଜେ କଲେ ସକଳ ଆଧିପତି । ୮୫
ଦକ୍ଷିଣେ ମହୋଦଧି କୋଶଳ ପଶ୍ଚିମେ ସୋମରାଷ୍ଟ୍ର କୋଶଳ
ଭୈରବ କୋଶଳ ଯେ କାଉଂରୀ କୋଶଳ । ୮୬
ଅରବିନ୍ଦ କୋଶଳ ବିଂଝମାଳ କୋଶଳ
ଉତ୍ତରା କୋଶଳ ଯେ ମଷଦେଶ କୋଶଳ । ୮୭
ମେରୁ କୋଶଳ କୁସୁମ ସତ୍ୟାନିଳ କୋଶଳ । ୮୮
ଭାନ୍ଥମତୀ କୋଶଳ ଯେ ଉଦୟଗିରି କୋଶଳ
Cଶାନ୍ୟ ଭାଗେ ବସେ ଗିରି ଯେ କୋଶଳ । ୮୯
ଜଳ ତରଙ୍ଗ କୋଶଳ ଫାଲଗୁନ କୋଶଳ ପୁରୀ
ଅଜଙ୍ଗ କୋଶଳ ଚୁଡଙ୍ଗ କୋଶଳ ଗିରି । ୯୦
ସ୍ଥଳରଙ୍ଗ କୋଶଳ ଫଲ୍ଗୁକୀ ଯେ ଅନନ୍ତାଇ କୋଶଳ
ୟେମନ୍ତେ ଆସନ୍ତି କୋଶଳ ଅଧିକାରୀ ସକଳ । ୯୧
କୋଶଳାଧିପତିମାନେ ଦଣ୍ଡ ଛତ୍ର ଘେନି
ଭାନ୍ଥମତୀ ଦେଶେ ପ୍ରବେଶ ଯେ ଯାହା ସନ୍ୟ ଘେନି । ୯୨
ଉତ୍ତର ଦକ୍ଷିଣ ପୂର୍ବ ପଶ୍ଚିମ ଦିଗ ଗିରି
ସମସ୍ତ ଦେଶରୁ ଯେ ଆସନ୍ତି ଦଣ୍ଡଧାରୀ । ୯୩

---

୮୫ ମୁଦ୍ରିତ ପୁସ୍ତକରେ - ନୀଳ, ଅନୀଳ ଯେନାବଳୀ, ମଥୁରା, ସୁଢଳ, ଯମୁନା, ଖଣ୍ଡପୁର, ବିନ୍ଧ୍ୟବର,
ସୁବଳୟ, ବିତାଳ, କନଖଳ ଓ ମେଖଳ ପ୍ରଭୃତି ନଗରମାନଙ୍କର ମାନ ଅଛି । କିନ୍ତୁ ପ୍ରାପ୍ତ ପୋଥିମାନଙ୍କରେ ୟେମାନଙ୍କର ନାମ ନାହିଁ । ପୁନଶ୍ଚ କେତେକ ପୋଥିରେ ମନମୁଖୀ ନାମ ଅଛି ।
୮୮ ମେରୁ କୋଶଳ, କୁସୁମ, ମଳୟାନିଳ କୋଶଳ ।
୯୦ ।୧ ଅଜଙ୍ଗ କୋଶଳ କରଞ୍ଚ କୋଶଳ ଗିରି ।
ସବୁନ୍ତି ୟେକ ସରୂପେ ରାୟେ କରନ୍ତି ପୂଜା
ବର ବେଶେ ମଙ୍ଗଳେ ବିଜୟେ ସର୍ବ ରାଜା । ୯୪
ସମସ୍ତ ନୃପତିଙ୍କି କନେକ ସିଂଘାସନ
କରେଣ ରତ୍ନ ଦେଇ ରାଜା କରଇ ସମାନ । ୯୫
ପଛିମେ ଦୁଇ ଉଣା ପଞ୍ଚାଶ ସହସ୍ର ନୃପତି
ଉତ୍ତରେ ୟେକ ଉଣା ଚାଳିଶ ସହସ୍ର ନୃପତି । ୯୬ ସଂ

ପୂର୍ବ ଦିଗେ ଯେକ ଊଣା ସାତ ସହସ୍ର ରାଜନ
ଦକ୍ଷିଣେ ତିନି ସହସ୍ର ରାଜା ବସନ୍ତି ବିଦ୍ୟମାନ । ୯୭ ସଂ
ଯେମନ୍ତେ ଯେ ଗିରି ଊଣା ଲକ୍ଷେକ ନୃପତି
ଭାନୁମତୀ ଦେଶେ ଆସି ସମସ୍ତେ ମିଳନ୍ତି । ୯୮
ବ୍ରହ୍ମ, କ୍ଷତ୍ରିୟ, ବଶ୍ୟ, ଶୂଦ୍ର ଜାତି ଗିରି
ଦ୍ରତ୍ୟ ଦାନବ ରାକ୍ଷସ ପିଶାଚ ଆଦି କରି । ୯୯
କନ୍ଧ, ମହ୍ଲାର, କିରାତ, ବର୍ବର ନୃପତି
ଗନ୍ଧର୍ବ, ପକ୍ଷ, କିନ୍ନର, ଭୂପାଳ ବାରସ୍ତ୍ରୀ । ୧୦୦
କନାଉଜ, ମହାରାଷ୍ଟ୍ର, ତେଲଙ୍ଗ, ମହାଭାଖା
ଉତଙ୍ଗ, ଖାଞ୍ଜଣ ଘେନି ଅଷ୍ଟାଦଶ ବର୍ଗ ଲେଖା । ୧୦୧
ସମସ୍ତ ରାଜାମାନେ ଯେ ଯାହାର ସନ୍ୟ ତୁଲେ
ରଥ ଗଜ ଅଶ୍ତ୍ର ଘେନି ସମ୍ଭରେ ବିଜେ କଲେ । ୧୦୨
ଦେଖିଣ ସାନନ୍ଦ ଯେ ଜମ୍ତ୍ରୁସେନର ବାଳ
ସମସ୍ତ ରାଜାଙ୍କୁ ଦିଲା ବରଣ ରତ୍ନ ମାଳ । ୧୦୩
ଅନେକ ସୂପକାର ରନ୍ଧନ କରନ୍ତି ଛତ୍ରଶାଳେ
ନିତ୍ୟକର୍ମ ସାରି ମୁଣୋହିଁ କରନ୍ତି ସକଳ ମହୀପାଳେ । ୧୦୪
ରାଜାନ୍ତ ସମାର୍ଜି ସେ ଭୂମନ୍ତ ନୃପତି
ଆପଣେ ବିଜେ କଲେ ଯହିଁ ଅଛି ଦୁହିତା ଭାନୁମତୀ । ୧୦୫
ବିନୟ ଭା ହୋଇ ସେ ପଗିରେ ନୃପତି
ମା ଗୋ ତୋହୋର ଆଗ୍ୟାଂୟେ ଅଣାଇଲି ରାଜା ସବୁନ୍ତି । ୧୦୬
ବୋଲଇ କେବଣ ବିଧାନ ହେବ କହ ତଥ୍ୟ କରି
ମାଳ ଗୋଟିୟେ ଘେନି ଗୋ ତୋହୋର ଇଚ୍ଛାୟେ ବର ବରି । ୧୦୭
ଅନେକ ସମ୍ଭର୍ବେ ଯେ ବିଜେ କଲେ ନୃପ
ତୁହି ସେ ବାରିବୁ ନା ରାଜାଙ୍କର ବିତକ୍ଷଣ ରୂପ । ୧୦୮
ଭାନୁମତୀ ବୋଇଲା ତାତ ବିଗିର କର ତୋର ବୁଦ୍ଧି
କେବଣ ରାଜା କରେ ଅଛି ଶଙ୍ଖ ପଦ୍ମନିଧି । ୧୦୯
ସେ ରାଜାକୁ ପ୍ରଦାନ କରିବୁ ତାତ ମୋତେ
ଭୂମନ୍ତ ବୋଇଲା ମା ଗୋ ତାହା ମୁଁ ଜାଣିମି କେମନ୍ତେ । ୧୧୦
ତୁ ଗୋ ମାତ ଦେଖ ଯାଇ ରାଜାଙ୍କର ବର୍ଣ୍ଣ ଚିହ୍ନ
ତୁ ପରମ ମାହେଶ୍ତ୍ରରୀ ସେ ସବୁ ତୋତେ ଦୃଶ୍ୟମାନ । ୧୧୧
କନ୍ୟା ଶୁକଳ ଯେ ଦଶମୀର ଦିନ
ଭୃଗୁବାର ନକ୍ଷତ୍ର ଶ୍ରବଣା ବିଦ୍ୟମାନ । ୧୧୩
ରାଜାୟେ ସୟଂବରକୁ ଅନକୂଳ କଲେ
ଚତୁର୍ମାସର ମଧ୍ୟେ ସଭା ସମ୍ଭର କରାଇଲେ । ୧୧୪
ମକର ମାସ ଶୁକଳ ପକ୍ଷ ଦଶମୀର ତିଥି
ରୋହିଣୀ ନକ୍ଷତ୍ର ଯେ ବାର ବୃହସ୍ପତି । ୧୧୫
ବାଳକ ନାମେ କରଣ ବଇଧୃତ ନାମେ ଯୋଗ
ମକର ମାସ ସଂକରାନ୍ତିକି ଚଉଦ ଦିନ ଭୋଗ । ୧୧୬
ତାର ଚନ୍ଦ୍ର ଯୋଗ ବାର ନକ୍ଷତ୍ର ଶୁଭ ଅନକୂଳ ବିଗିରି
ଅମୃତ ଯୋଗେ ନୃପତି ସଭାକୁ ସ୍ତ୍ରୀକାର କରି । ୧୧୭

ଶ୍ରୀହସ୍ତେ ଅର୍ଘ୍ୟ ଘେନି ଭୂମନ୍ତ ମହାରାଜା
ପଞ୍ଚାମୃତ ଯୋଗାଡ ଘେନି ରାଜାଙ୍କୁ କରଇ ପାଦପୂଜା । ୧୧୮
ବସନ କୁଣ୍ଡଳ ଯେ ରତ୍ନ ମାଳ ଦେଇ
ସକଳ ରାଜାଙ୍କୁ ବର ବେଶ କରାଇ । ୧୧୯

---

୧୦୮ ।୨ ତେବେ ସେ ବିହ୍ୱଡିବୁ ନା ରାଜାଙ୍କର ବିତକ୍ଷଣ ରୂପ ।
୧୧୮ ।୨ ପଞ୍ଚରତ୍ନ ଘେନି ରାଜାନ୍ତ କଲା ପାଦପୂଜା ।
୧୦୮ ।୨ ବିତକ୍ଷଣ - ବିଚକ୍ଷଣ, ୧୧୨ ।୨ ତନୁ - ପୁତ୍ର ।
ଶିରେଣ ମୁକୁଟ ଯେ ହୃଦରେ କୁସୁମର ମାଳ
କୁଙ୍କୁମ ଲେପନ କରି ବରଣ କଲା ମହୀପାଳ । ୧୨୦
ମଧ୍ୟ ସଭାୟେ ବିଜେ ଦକ୍ଷିଣ କୋଶଲାଧି
ସକଳ ନୃପତିଙ୍କି ପ୍ରଣପତ୍ୟ ବିନୟ ବିଧି । ୧୨୧
ପୁଣ ପୁଣ ପ୍ରଣପତ୍ୟ ଶତ ସହସ୍ର ପରିଣାମି
ମୁଁ ଯହିଁକି ସୟଂବର କଲି ଅବଧାରୀ ଶୁଣିମା ଦେବ ସ୍ୱାମୀ । ୧୨୨ ସଂ
ମୋହୋର ଦୁହିତା ନାମ ଅଟଇ ଭାନୁମତୀ
ତାହାର ନିମନ୍ତେ ସୟଂମ୍ବର କରି ବରିଲି ସବୁନ୍ତି । ୧୨୩
ୟେକ ପଦ୍ମକଇଁ ଯେହ୍ନେ ଲକ୍ଷେକ ଭ୍ରମର
ତେସନେକ ବୃତ୍ତାନ୍ତ ମୋହୋର ସୟଂବର । ୧୨୪
ୟେକ ଦୁହିତାୟେ ମୋହୋର ଅଟଇ ଭାନୁମତୀ
ତାହାକଇ ବର ତୁମ୍ଭେ ଗ୍ରି ଉଣା ଲକ୍ଷେକ ନୃପତି । ୧୨୫
ତୁମ୍ଭର ଇଚ୍ଛାକୁ ସେ ନୋହଇ ଯୁଗତେ
ତାହାର ଇଚ୍ଛାୟେ ସେ ବର ବରିବ ବିଗ୍ରର ଅନୁମତେ । ୧୨୬
ଯାହାକଇ ଇଚ୍ଛା ସେ ବରିବ କୁମାରୀ
ମାଳା ଦେଇ ବରିବ ସେ ତାହାର ହୋଇବ ମନର ହିଆଳି । ୧୨୭
ୟେ କଥାକୁ ଅନ୍ୟାଅନି୍ୟ ନୋହିବ ସମସ୍ତ ରାୟେ
ଲକ୍ଷେ ରାଜାଙ୍କୁ ସର୍ବେ ମୋହୋର ୟେକଇ ଦୁହିତାୟେ । ୧୨୮
ମାଳା ଦେଇ ସୁନ୍ଦରୀ ଧରିବ ଯାହାରଟି ହାଥ
ସେହି ସେ ହୋଇବ ନା ତାହାର ପ୍ରାଣନାଥ । ୧୨୯
ୟେଥକୁ ସତ୍ୟ ବଚନ ମୋତେ କରିବା ଗୋସାଇଁ
ତୁମ୍ଭେ ଅଭିମାନ କଲେ କନ୍ୟାକୁ ସଭାକୁ ଆଣି ନାହିଁ । ୧୩୦
ରାଜାମାନେ ବୋଇଲେ ୟେ ଅଟଇ ଯଥାର୍ଥ
ସମସ୍ତ ରାଜାମାନେ ଆମ୍ଭେ ଅଟୁ କି ଅପଣ୍ଡିତ ? । ୧୩୧
ଦୁଷ୍ଟ ରାଜାମାନେ ୟେଥି ଅଛନ୍ତି ବହୁତ
ଶକତା ବକତା ୟେଥେଁ ହୋଇବକୁ ଚରିତ । ୧୩୨

---

୧୨୨ ।୧ ପୁଣ ପୁଣ ପ୍ରଣପତ୍ୟ ଶତ ସହସ୍ର ଦଣ୍ଡ ପରିଣାମି
୧୩୨ ।୨ ଶକତା ବକତା ୟେଥେଁ ହୋଇବ କିଞ୍ଚିତ ।
ଓଛ ଓଛ ଲୋକଙ୍କର ପ୍ରକୃତି ଅଟଇ ମନ୍ଦ
କାଳେ ନ ସହିବ ହୋଇବ ବଡ ଦ୍ୱନ୍ଦ । ୧୩୩

ରାଜାଙ୍କର ବଚନ ଶୁଣିଣ ଭୂମନ୍ତ
ଯେତେ ବଡ ପ୍ରମାଦ କି ହୋଇବ ମୋହୋର ଗ୍ୟାନ୍ତଂ । ୧୩୪
ବାଣା ବଜ୍ରନାଭ ଯେ କାଳଦମନ
ମେରୁଶୂଳ ଶମ୍ଭ୍ରର ସକଳ ଯାତୁଧାନ । ୧୩୫
ଯେମାନେ ବୋଇଲେ ନ ଭାଳ ତୁମ୍ଭେ ରାଯେ କିଛି
ସୟମ୍ଭ୍ରର ବିଧାନେ ଯେବେ ଯେସନେକ ବିଧି ଅଛି । ୧୩୬
ନିମନ୍ତ୍ରଣ ବରଣ କଲେ ଅବଶ୍ୟ ଯାଇ ତହିଁକି
ଯେକ କନ୍ୟା ପ୍ରାପତ କି ହୁଅଇ ସଭିଙ୍କି ? । ୧୩୭
ସମସ୍ତ ରାଜାଯେ ବୋଇଲେ ହୋଇଲା ଆମ୍ଭର ସତ୍ୟ
ଯାହାର ସୁକର୍ମ କନ୍ୟା ତାହାକୁ ହୋଇବ ପ୍ରାପତ । ୧୩୮
ବିଶ୍ୱନାଥଙ୍କୁ ଯେ ସେବିଅଛି ପୂର୍ବେ
ତାହାର ପୁନ୍ୟ କି ସମସ୍ତେ ପାଇବେ ? । ୧୩୯
ସମସ୍ତ ନୃପତି ଆମ୍ଭେ ଅଟୁ ଯେକ ଗୋତ୍ରୀ
ଜଣେ କନ୍ୟା ପାଇଲେ ଆମ୍ଭେ ସମସ୍ତେ ତ୍ରିପୁତି । ୧୪୦
ଯେଥକଇଂ ଭ୍ରାନ୍ତି ରାଜା ନକର ତୋର ଚିତ୍ତେ
ଦୁହିତାକୁ ଆଣ ତୋର ସଭାର ସମେତେ । ୧୪୧
ଦେଖିବାକୁ ବର୍ଣ୍ଣ ଚିହ୍ନ ତୋର କେମନ୍ତ କୁମାରୀ
ସୟଂବର କନ୍ୟା ମୁଖ ଚାହିଁଲେ ଦୁଷ୍କୃତି ଅପହରି । ୧୪୨
ରାଜାମାନଙ୍କୁ ସେ କରାଇ ଦୃଢ ବ୍ରତ
ନିଜ ଭୁବନେ ପ୍ରବେଶ ହୋଇଲେ ନୃପତ୍ୟ । ୧୪୩
ଦୁହିତାକୁ ବେଶ ବେଶନ କରାଇ ନୃପମଣି
ଅଷ୍ଟରତ୍ନ ଖଚିତ ହାନ୍ଦୋଳାଯେ ଦେବାଙ୍ଗ ବସ୍ତ୍ର ଟାଣି । ୧୪୪
ଲକ୍ଷେକ ଚାମର ଢାଳନ୍ତି ବେନି କତି
ଲକ୍ଷେକ ଉଦ୍ଦଣ୍ଡ ଲକ୍ଷେକ ପାଟ ଛତୀ । ୧୪୫
ଲକ୍ଷେକ ଜୟ ଶଙ୍ଖ ପୁରଇ ଅଗ୍ରତେ
ଧାଇମାନେ ଗୋଡାବନ୍ତି ତୁଲେଣ ଅହିବ୍ରତେ । ୧୪୬

---

୧୪୪ ।୨ ଅଷ୍ଟରତ୍ନ ଖଚିତ ହାନ୍ଦୋଳାଯେ ଦେବାଙ୍ଗ ବସ୍ତ୍ର ଛାୟେଣୀ ।
୧୩୩ ।୧ ଓଛ - ନୀଚ, ତୁଚ୍ଛ ।
ସୁବର୍ଣ୍ଣର ଯୋଗାଡମାନ ଘେନିଣ କାମିନୀ
ଧାମନ୍ତି ଅସମ୍ଭାଳେ କରିଣ ମଙ୍ଗଳ ଯେ ଧୁନି । ୧୪୭
ସହସ୍ର ବନିତା ନୃତ୍ୟ କରନ୍ତି ଅଗ୍ରତେ
ବିଜୟେ ବିଳାସୁଣୀ ସୟଂବର ସମେତେ । ୧୪୮
ସୟଂବର ମଧ୍ୟରେ ସେ ସୁବର୍ଣ୍ଣ ମେଢ ଜଗତୀ
ଶରଦକାଳ ଆଦିତ୍ୟ ଜାଣି ଦିଶଇ ତାର ଜ୍ୟୋତି । ୧୪୯
ସଭାରେ ଥାଇ ବୋଇଲା ନୃପତି ଜରାସନ୍ଧ
ଅମୂଲ୍ୟ ରୂପ ବର୍ଣ୍ଣ ଯେ ପୂର୍ଣ୍ଣମୀର ଚାନ୍ଦ । ୧୫୦
କନ୍ୟାକୁ ଓହ୍ଲାଇଲେ ହାନ୍ଦୋଳର ମଧ୍ୟଂ୍ୟ
ପନ୍ନଙ୍ଗା ନାରାୟଣ ଯାହାର ପ୍ରାଣବନ୍ଧୁ । ୧୫୧

ଜରାସନ୍ଧ ବଚନ ନିରାଧାର ଘେନି
ପାଦେଣ ଉଭା ହୋଇଲା ସଭାୟେ ନନ୍ଦନୀ । ୧୫୨
ରାଜାୟେ ଦେଖନ୍ତି ନିକଳଙ୍କ ଚନ୍ଦ୍ରର ତେଜ
କାମଗତେ ମୂର୍ଚ୍ଛାଗତ ଦେଖିମ ସର୍ବରାଜ । ୧୫୩
ସାଧ, ସାଧୁ ସାଧବୀ ୟେ ପ୍ରତକ୍ଷେ ଅନ୍ନପୂର୍ଣ୍ଣା
ଆମ୍ଭେ ଅନମିତ୍ତେ ଅଇଲୁ ୟେ ଦେବଙ୍କୁ ଭୋଗ୍ୟ ସିନା । ୧୫୪
ଜରାସନ୍ଧ ନରପତି କରଇ ବିଗ୍ରର
ୟେହାକୁ ବର ନାହିଁ ୟେ ସଭାର ମଧ୍ୟର । ୧୫୫
ପ୍ରତକ୍ଷେ ଦିଗପାଳ ଯେବେ ବିଜୟେ କରଇ ୟେଥି
ତହାର ବଲ୍ଲଭୀ ସେ ହୋଇବ ଭାନୁମତୀ । ୧୫୬
ମୋହୋର ବିଗ୍ରରେ ତ ୟେଥି ନାହିଁ କିଛି କାର୍ଯ୍ୟ
ହୋଇଲୁ ଦୂଷିତ ୟେଥେ ଉପୁଜିବ ବହୁତ ଲାଜ । ୧୫୭
ଚନ୍ଦ୍ରର ବାଞ୍ଛଇ କି ନକ୍ଷତ୍ରଗଣଙ୍କୁ
ଚିତ୍ତ ବିରସ କଲାନି ସୁନ୍ଦରୀ ଦେଖିଣ ରାଜାମାନଙ୍କୁ । ୧୫୮
ଦୁହିତାର ଅଗ୍ରତେ ଯେ ବୋଲଇ ରାଜା ଭୂମନ୍ତ
ସୟଂବର କଲୁ ଗୋ ତୋ ଆଗ୍ୟାଂ ପରମାଣୁ । ୧୫୯
ଧାର୍ମିକ ବଂଶିକ ଯେ ବିବେକ କୁଳଶୀଳ
ୟେହାର ତହୁଂ ବଂଶିକ ନାହାନ୍ତି ରବିତଳ । ୧୬୦

---

୧୫୪ ସାଧୁ, ସାଧୁ ସାଧବୀ ୟେ ପ୍ରରତକ୍ଷେ ଅପର୍ଣ୍ଣା
ଆମ୍ଭେ ଅନମିତ୍ତେ ଅଇଲୁ ୟେ ଦେବଙ୍କୁ ୟୋଗ୍ୟ ସିନା ।
ୟେମନ୍ତେ ତୋର ମନକୁ କରିଅଛୁ ବାଞ୍ଛା
ଯାହାକୁ ପାର ଆC ବରସି ତୋହୋର ଇଛା । ୧୬୧
ପିତାର ବଚନ ଶୁଣି ବୋଇଲା ଭାନୁମତୀ
ପଗ୍ୟର ଶଙ୍ଖନିଧି ପଦ୍ମନିଧି ବହଇ କେବଣ ନୃପତି । ୧୬୨
ଦୁହିତାର ବଚନେ ଯେ ବୋଲଇ ନରସାଇଂ
କରପତ୍ର ୟୋଡି ରାଜାଙ୍କୁ କହଇ ବିନୋୟି । ୧୬୩
ସ୍ୱାମୀ ଆନ ସନ୍ଦେଶ ମୋର ଲୋଡନ୍ତା ନାହିଁ କିଛି
ୟେକ ସନ୍ତକ ମୋହୋର ଦୁହିତାୟେ ବାଛି । ୧୬୪
ଶଙ୍ଖନିଧି ପଦ୍ମନିଧି ଅଛଇ ଯାହାର କରେ
ତାହାକଇଂ ଦୁହିତା ମୋର କରିବ ସୟଂବରେ । ୧୬୫
ରାଜାର ବଚନେ ଯେ ବୋଲଇ ଜରାସନ୍ଧ
ସଙ୍ଖନିଧି ପଦ୍ମ ନିଧି ୟେକା କହନ୍ତି ରାମଚନ୍ଦ୍ରର । ୧୬୬
ମାନବ ଜନ୍ମେ କାହିଁ ୟେଡେକ ଲକ୍ଷଣ
ଶଙ୍ଖନିଧି ପଦ୍ମନିଧି ୟେକା ବହନ୍ତି ନାରାୟଣ । ୧୬୭
ଜରାସନ୍ଧ ବଚନେ ବୋଇଲା କାଶୀଶ୍ୱର ନୃପତି
ମୂର୍ଖ ଭାବେଣ କହିଲୁ ନା ମଗଧ ଅଧିପତି । ୧୬୮
ଶଙ୍ଖନିଧି ପଦ୍ମନିଧି ଯାହାର କରେ ନାହିଁ
ମୂର୍ଦ୍ଧୁନା ଅଭିଷେକୀ ସେ ହୋଇବ ପୁଣ କାହିଁ । ୧୬୯

ବିଷ୍ଣୁ ଅଂଶ ନ ଥିଲେ ପୃଥିବୀକି ନୋହଇ ଆଧିପତି
ବିଷ୍ଣୁ କଳା ନ ଥିଲେ କି ସେ ହୋଇ ଅଭିଷେକୀ ନୃପତି । ୧୭୦
ମୂର୍ଖ ସ୍ତ୍ରୀଭାବ ଭୂମନ୍ତୁ ତୁ ନ ଜାଣୁ କିଛି
ଶଙ୍ଖନିଧି ପଦ୍ମନିଧି ହୋ ସବୁରି କରେ ଅଛି । ୧୭୧
କାଶୀଶ୍ୱର ବଚନେ ଚଳଇ ନୃପରାୟେ
ତୋର ଇଚ୍ଛାୟେ ବର ପାଇଲୁ କି ଗୋ ମାୟେ । ୧୭୨
ମା ଗୋ ସୟଂବରେ ବିଜେକଲେ ଯେତେକ ନୃପତ୍ୟେ
ଶଙ୍ଖନିଧି ପଦ୍ମନିଧି ଅଛି ସବୁଙ୍କରି ହସ୍ତେ । ୧୭୩
ଭାନୁମତୀ ବୋଇଲେ ସଙ୍କେତ ବୁଝ ତାତ
ଯେ ଘଟଣ ଶିଳା ଗୋଟି ନେଇ ଦିଅ ରାଜାଙ୍କର ହସ୍ତ । ୧୭୪
ଯାହାର କର ଲାଗିଲେ ଯେ ହୋଇବ ପାଣିଦ୍ରବ୍ୟ
ତାହାକୁ ପ୍ରଦାନ କର ତାତ ସେ ମୋହୋର ବଲ୍ଲଭ । ୧୭୫
ଯେସନେକ ନିଷ୍ଠୁର ବଚନ ଯହ୍ନଂ ବୋଇଲା ଭାମୁନତୀ
ଘଟମ ପାଷାଣ ଘେନି ଗଲା ଭୂମନ୍ତୁ ନୃପତି । ୧୭୬
ଜାରା ଶାଲୁ ଦମଘୋଷ ଦନ୍ତବμ କାଶୀଶ୍ୱର
ପରୀକ୍ଷ ନିମନ୍ତେ ରାଜା ଦିଅଇ ସବୁଙ୍କରି ହସ୍ତର । ୧୭୭
ଲକ୍ଷେ ନୃପତିଙ୍କର ଦିଲା କର ପତ୍ରେ
ପାଷାଣହୁଂ ଆନ ସେ ନୋହିଲା ଯୁଗତେ । ୧୭୮
ସନ୍ତକ ନାସ୍ତି ବୋଲି ଦେଖି ନିନ୍ଦିଲା ଭାନୁମତୀ
ବୋଇଲା ତାତ ଯେ ସୟଂବରେ ନାହିଂ ମୋହୋର ପତି । ୧୭୯
ମୋହୋର ଇଚ୍ଛାୟେ ଯେବେ ନ ପାଇଲି ବର
ମୋହୋର ନିମନ୍ତେ ଧଂସି ହୋଇଲୁ ପିଅର । ୧୮୦
ବୋଲଇ ନୃପତି ସେ ସଭାରେ ଉଭା ହୋଇ
ଦୁହିତାର ଇଚ୍ଛା ମୋହୋର ନୋହିଲା ଗୋସାଇଂ । ୧୮୧
ତୁମ୍ଭେ ରାଜାମାନେ ମୋତେ ଅନୁଗ୍ରହ କରିଥିବା
ଯେ ଯାହାର ଭୁବନକୁ ବିଜେ କରି ଯିବା । ୧୮୨
ଶୁଣିଣ ବିରସ ହୋଇଲେ ରାଜାଗମ
ଜଳୁକା ମୁଖରେ ଯେହ୍ନେ ଦେଇଟି ଲବଣ । ୧୮୩
ସୁଜନ ରାଜାମାନେ ଯିବାକୁ କଲେ ଇଚ୍ଛା
ଦୁର୍ଜନ ରାଜାମାନେ ଇଚ୍ଛିଲେ ମନ୍ଦ ବାଞ୍ଛା । ୧୮୪
ବୋଇଲେ ଯେ ଯେବେ କନ୍ୟା ଆମ୍ଭଙ୍କୁ ନ କରିବ ପ୍ରଦାନ
ଆମ୍ଭନ୍ତ କି-ାଇଂ ବିଡମ୍ବ୍ରଣ କଲା ବରବେଶ ବିଧାନ । ୧୮୫
କେ ବୋଲଇ ଭୂମନ୍ତୁ ନୃପତିର ମୁଣ୍ଡ କାଟି
ବଳେ ଘେନି ଚାଲି ଯିବା ଯେହ୍ନ କନ୍ୟା ଗୋଟି । ୧୮୬
ଯେସନେକ ଥୋକେ ବିଚାର କରନ୍ତି ଦୁର୍ବୁଦ୍ଧି
ଛାଡିଲେ ଧର୍ମମାନ ଆଚରିଲେ ଅବଧି । ୧୮୭

---

୧୯୩ ।୨ ଜଲୌକା- ଜଳରେ ଓକ ଅର୍ଥାତ୍ ବାସସ୍ଥାନ ଯାହାର ସେ ଜଲୌକା - ଜୋକ ଜଲୁକା ଭାଷାରେ

ହୋଇଅଛି ।
ଧର, ଧର ମାର, ମାର ଶୁଭିଲା ଗରୁ ରୋଳ
ଉଚ୍ଚ ବାଚ ଶବଦରେ ପଡଇ ଚହଳ । ୧୮୮
ଶୁଣ ହୋ ରାଜନ ଯେସନେକ ସମୟେ ଧୃତରାଷ୍ଟର ତନୟେ
ବଳରାମଙ୍କ ସଙ୍ଗତେ ଥିଲେ ରଇବ୍ରତ ପର୍ବତ ଆଖଡାୟେ । ୧୮୯
ବଳରାମେ କହିଲେ, ଶୁଣ ଦ୍ୱିଯୋଧନ
ଦକ୍ଷଣ କୋଶଳେ ଭୂମନ୍ଥ ରାଜନ । ୧୯୦
ତାହାର ଦୁହିତା ନାମ ଭାନୁମତୀ
ଦୁହିତା ଅର୍ଥେ ସୟଂବର କରଇ ନୃପତି । ୧୯୧
କର୍ଣ୍ଣର ହସ୍ତ ଧରିଣ ରାଜନ
ଗଲ ଦେଖିବା ନା ସୟଂବର ବିଧାନ । ୧୯୨
ବଦନ୍ତି ଅଗସ୍ତି ଶୁଣ ବଇବସ୍ୱତ ମନୁ
ସୟଂବରକୁ ବିଜେ କଲା ରାଜା ଦ୍ୱିଯୋଧନ୍ଥ । ୧୯୩
ପୁଣ ଗୋଳ ଶବଦ ଶୁଣି ଧାଇଂଲେ କୁମରେ
ଧରିଛନ୍ତି ଅନେକ ଶହସ୍ର ମାନ କରେ । ୧୯୪
ଦେଖନ୍ତି ଭାନୁମତୀ ରାଜ୍ୟରେ ମହାଗୋଳ
ଘୋର ଶବଦ ବାକ୍ୟେ ଶୁଭଇ ଚହଳ । ୧୯୫
ଦୁର୍ଧଂସ ବୁଦ୍ଧି କରି କନ୍ୟା ନେଇ ଲୋଡନ୍ତି ବଳେ
ଭୂମନ୍ଥ ନୃପତିକି ଆବୋରିଲେ ଧୃତରାଷ୍ଟଙ୍କର ବାଳେ । ୧୯୬
ରାଜାଙ୍କର ଦୁର୍ବୁଦ୍ଧି ଦେଖି ସେ ଆଦିତ୍ୟର ନାନ
କରେଣ ଧନୁ ଧଇଲା ସେ ମହାବଳୀ କର୍ଣ୍ଣ । ୧୯୭
କେ ବଳେ କନ୍ୟା ନେବରେ କାହାର ଯେତେ ଦର୍ପ
ଖଗେଶ୍ୱରେ ଦେଖିଲେ ଯେହ୍ନେ ମହାଭୟ କରି କାଳସର୍ପ । ୧୯୮
ମେରୁ ତତ୍ତୁଲ୍ୟ ବଡିମା ଅଟଇ ଧନୁର୍ଧର
ଅଭେଦ କପଚ ବଜ୍ର ଛଉରୀ ସେ କର୍ଣ୍ଣ ମହାବୀର । ୧୯୯
ଗଜ ପଲ ଦେଖି ଯେହ୍ନେ କେଶରୀ ଧାମଇ ଗଳଗାଜି
କର୍ଣ୍ଣ ମୂର୍ତ୍ତି ଦେଖି ରାଜାଙ୍କର ଦର୍ପ ଭାଙ୍ଜି । ୨୦୦

---

୧୯୭ ରାଜାଙ୍କର ଦୁର୍ବୁଦ୍ଧି ଦେଖି ସେ ରାଧେବର ବଳା
କରେ ଧନୁ ଧଇଲା ସେ କ୍ଷତ୍ରିୟ ଅଗ୍ୟର୍ଗଳା ।
ଆହେ ରହ ରହ ବୋଲି ଯେ କାଳଦମନ ଜାରା
ଲକ୍ଷେ ଲକ୍ଷେ ଯୋଦ୍ଧା ଘେନି ଧାଇଂଲେ ସର୍ବ ବୀରା । ୨୦୧
ଦ୍ରୋଣଙ୍କର ବିଦ୍ୟାରେ ସେ ଯେ ଅମାପ ବଳବନ୍ତ
ଅଭୟେ କ୍ଷତ୍ରିବର ସେ ସୋହଡ ରଣଜିତ । ୨୦୨
ହାବୋଡା ଶର ଘେନି ସେ ମାଇଲା ଜାରାକୁ
ଯେକ ଶହସ୍ର ତେଜ ଲାଗିଲା ସକଳ ରାଜଙ୍କୁ । ୨୦୩
ରଥ ଭଗ୍ନ ହୋଇ ଯେ ପଡିଲା ମଗଧ Cଶ୍ୱର
ଦଶ ସହସ୍ର ରଥୀ ଯେ ପଡିଲେ ତାହାର ସଙ୍ଗତର । ୨୦୪
ଜାରାର ଅସାଷ୍ଟମ ଦେଖି କାଳଦମନ ଭାଙ୍ଜି

ଯେକା ବର୍ଣ୍ଣ ଲକ୍ଷେ ରାଜାଙ୍କର ଦର୍ପ ଗଞ୍ଜି । ୨୦୫
ଅବିଛନ୍ନେ ନାରାଜ କର୍ଣ୍ଣ କରେ ବିନ୍ଧୁ
ଥାଠେଣ ଶୁଭଇ କର୍ଣ୍ଣ ଜୀବନ ତୋର ସାଧୁ ସାଧୁ । ୨୦୬
କର୍ଣ୍ଣର ବଳବୀର୍ଯ୍ୟ ଦେଖିଣ ନୃପତି ଭୂମନ୍ଥ
କର୍ଣ୍ଣର ତୁଲେ ନାରାଜ ବିନ୍ଧିଲେ ଘେନିଣ ପଞ୍ଚବିଂଶ ତନ୍ଥ । ୨୦୭
ଦୁରିଯୋଧନ ଧୁଶାସନ ଯେକ ଉତ୍ତର ଶତେ ଭ୍ରାଥେ
ଗଦା କୋନ୍ତ ନାରାଜ ଯେ ହୋଇ ଧନ୍ଥ ହାଥେ । ୨୦୮
ପଣ୍ଡିତ ରାଜାମାନେ ଆଗହ୍ନଂ ଗଲେ ଅପସରି
ଦ୍ୱନ୍ଦ ଇଚ୍ଛା କଲେ ହୋ ରାଜା ସହସ୍ର ଯେ ଗିରି । ୨୦୯
କର୍ଣ୍ଣର ମହିମା ଯେ ଦେବେଣ ଅଗୋଚର
ଭାଞ୍ଜିଲେ ଦୁରାନ୍ତକ ବଳ କେହି ନ ରହିଲେ ଛାମୁର । ୨୧୦
ରଣ ଭଗ୍ନ ହୋଇ ପଳାଇଲେ ସକଳ ନୃପମଣି
ଭୂମନ୍ଥ ନୃପତିକି ଆବୋରିଲା ସେ କ୍ଷତ୍ରିୟ ଚୂଡାମଣି । ୨୧୧
ଦେଖିମ ପ୍ରଶଂସା କରଇ ସେ ନୃପତି ଭୂମନ୍ଥ
ସାଧୁ ସାଧୁ ବାଭିୟେ କାହାର ତୁମ୍ଭେ ଅଟ ତନ୍ଥ । ୨୧୨
ଦୟାସାଗର ତୁମ୍ଭେ ପର ଦୁଖେଣ ଦୁଖୀ
ଶରଣ ପଞ୍ଜର ବାଭିୟେ ତୁମ୍ଭେ ଉଦ୍ଧରିଲ ନିରିମାଖୀ । ୨୧୩
ଭୂମନ୍ଥ ନୃପତି ପଗ୍ଭରଇ ତାହାର ଦୁହିତାକୁ
କର୍ଣ୍ଣକୁ ପ୍ରଦାନ କରିବା ଯୋଗାଇ କି ତୋହୋର ବିଗ୍ଭରକୁ । ୨୧୪

---

୨୦୩ ।୨ ଯେକ ଶହସ୍ର ତେଜ ଲାଗିଲା ଲକ୍ଷେକ ରାଜାଙ୍କୁ ।
ବୁଡିଲା ରାଜ୍ୟ ମୋର ଉଦ୍ଧରି ଧଇଲାକ ହେଳେ
ନାହିଂ ନାହିଂ ସମଯୋଦ୍ଧା ଯେହାକୁ ରବିତଳେ । ୨୧୫
ଧର୍ମେଣ ଆସି ରକ୍ଷା ଯେ କଲା ହାଦେ ମୋତେ
ମୋହୋର ଧର୍ମ ଉଦିତ ଗୋ ହୋଉ ଯେହାଙ୍କୁ ପ୍ରଦାନ କଲେ ତୋତେ ।
ପିତାର ନିଷ୍ଠୁର କଷ୍ଠୋର ବିନୟ ବଚନ ଶୁଣି
ଇଚ୍ଛିଲା ସନମତ ସେ ରାଜାର ଦୁଲଣୀ । ୨୧୬
ଶ୍ରୀକରେ ସୁନ୍ଦରୀ ଯେ ଘେନି ନୀଳ ଉପଳ ମାଳୀ
କର୍ଣ୍ଣର ଛାମୁରେ ପ୍ରବେଶ ହୋଇଲା ଶୁଦ୍ଧଶାଳୀ । ୨୧୮
ରାଧେବ ବୋଇଲା ମୋତେ ନ ବର ଗୋ ସଂଘାତ
ଆପଣେ ରାଧେବ ଧଇଲା ଭାନୁମତୀର ହାଥ । ୨୧୯
ଦୁରିଯୋଧନ ଅଗ୍ରତେ ନେଇ କନ୍ୟାକି କଲା ଉଭା
ଯେ ସେ କୁରୁବଇ ନାଥ ଯେହାକୁ ମାଲା ଦେଇ ବରିବା । ୨୨୦
ଦୁରିଯୋଧନ ବୋଇଲା ମଇତ୍ର କନ୍ୟା ଇଚ୍ଛିଲା ତୁମ୍ଭଙ୍କୁ
ତୁମ୍ଭର ଭାରିଯା ଦେଇ କେହ୍ନେ ଲୋଡୁ ମୁକୁ । ୨୨୧
କର୍ଣ୍ଣ ପ୍ରତିବାଚ ତୁ ମୋହୋର ପରମ ଗୁରୁ
ତୋହୋର ଥାନ୍ତେ ରାଜା ଦୁହିତା ମୋତେ ଦେଇ ଲୋଡୁ । ୨୨୨
ଶଙ୍ଖନିଧି ପଦ୍ମନିଧି ମଇତ୍ର ଦେଖ ଯେହାର ଯେ ହସ୍ତେ
ତୋହୋର ଶଙ୍ଖ ପଦ୍ମନିଧି ଅଛି କରଗତେ । ୨୨୩

ମୂର୍ଦ୍ଧୁନା ଅଭିଷେକୀ ସେ ଅଟଇ ଭାନୁମତୀ
ତୁ ଯେ ସୋମବଂଶ ଆଧିପତି ମାନ ଚକ୍ରବର୍ତ୍ତୀ । ୨୨୪
ତୋର ଥାଉଁକି କନ୍ୟା ହୋଇବ ମୋହୋର
ଦକ୍ଷିଣ କୋଶଳେ ଯେ ଭୂମନୁ ରାଜେଶ୍ୱର । ୨୨୫
ରାଜାର କୁମାରୀ ହୋଇବ ଯେ ରାଜାର ବଲ୍ଲଭୀ
ଅନାଦି ଅପର୍ଣ୍ଣା ଅଟଇ ମାହେଶ୍ୱରୀ ସାଧବୀ । ୨୨୬
ଅବ୍ୟୟେ ପଦ୍ମନିଧି ଅଛଇ ଯାହାର ହସ୍ତେ
ମୁଁ ତାହାକଇ ପ୍ରଦାନ ହୋଇବି କେମନ୍ତେ । ୨୨୭

---

୨୧୭ ।୧ କଷ୍ଠୋର - କଠୋର
ଭିତରେ ସାନନ୍ଦ ବାହାରେ ନାସ୍ତି କରୁଥିଲା
କର୍ଣ୍ଣର ନିଷ୍ଠୁର ବଚନେ ଦ୍ୱରିଯୋଧନ ସନମତ କଲା । ୨୨୮
ଦ୍ୱରିଯୋଧନ କରେଣ ଅକ୍ଷୟ ନିଧି ଦେଖି
ଅନେକ ସାନନ୍ଦେ ସେ ବରିଲା ଶଶିମୁଖୀ । ୨୨୯
କର୍ଣ୍ଣର ମହତ ପଣ ଦେଖ ହୋ ଭିଗଂ୍ୟ ଜନେ
ଆପଣାର କନ୍ୟା ନେଇ ସମର୍ପିଲା ଆନେ । ୨୩୦
ଯହିଁ ଭାବ ତହିଁ ଯେସନେକ ପୀରତି
କର୍ଣ୍ଣ ଦ୍ୱରିଯୋଧନର ଯେକଇ ଆତ୍ମା ଶୁଦ୍ଧମତି । ୨୩୧
କର୍ଣ୍ଣର ବଚନେ ବରିଲା ଯହୁଁ ବାଳୀ
ଗଣିକାଗଣମାନେ ଦିଅନ୍ତି ହୁଳହୁଳୀ । ୨୩୨
କୋଳେଣ ଦ୍ୱରିଯୋଧନକୁ ଧରିଣ ବରିଲା ନୃପତି ଭୂମନୁ
ବର ବେଶ କରନ୍ତି ନେଇ ଗାନ୍ଧାରୀର ତନୁ । ୨୩୩
ସୟଂବର ବାରତା ଶୁଣି ବ୍ୟାସ ପାରେଶ୍ୱରେ
ଦୁର୍ଭାସା ମାରକଣ୍ଡ ସମସ୍ତ ମୁନିବରେ । ୨୩୪
ପ୍ରବେଶ ହୋଇଲେ ଯାରଂ ଭୂମନୁ ମନ୍ଦିରେ
ଦେଖିଲେ ଅନେକ ପୂଜା କଲା ସେ ଭୂମନୁ ମହୀପାଳେ । ୨୩୫
ଦ୍ୱରିଯୋଧନ ଧୁଶାସନ କର୍ଣ୍ଣ ଯେ ଦୁର୍ଜୟେ
ବେଦବ୍ୟାସଙ୍କର ଚରଣେ ଅନେକ ବିନୟେ । ୨୩୬
ବ୍ୟାସେ ବୋଇଲେ ରାଜା ଶୁଣ ତୁ ଭୂମନୁ
ଯେ ପୁତ୍ରମାନେ ସମସ୍ତେ ଅଟନ୍ତି ଆମ୍ଭର ତନୁ । ୨୩୭
ପଞ୍ଚୁ ରାଜ୍ୟରେ ଠାକୁର ଯେ ଅଟନ୍ତି ସୋମବଂଶୀ
ନିର୍ମଳ ନିକଳଙ୍କ ଯେ ଅଟନ୍ତି ନିର୍ଦ୍ଦୋଷୀ । ୨୩୮
ଯେ ଜମ୍ବ୍ରୋଦୀପ ପୃଥୀକି ଯେ ଅଟନ୍ତି ଧାରଣ
ଯେବେ ସେ ଜାଣିଲୁ ହୋ ତୋର ଭାଗ୍ୟବନ୍ତ ଗୁଣ । ୨୩୯

---

୨୨୯ ଅନେକ ସାନନ୍ଦେ ସେ ବରିଲା ଶଶି ମୁଖୀ ପାଦାନ୍ତ ଅଧିକା ପାଠ-
ଗଲନ୍ତେ ସୁବର୍ଣ୍ଣ ଅବେଣ୍ଟ ପୁଷ୍ପ ଫୁଟଇ
ଦେଖିଣ ସୁନ୍ଦରୀ ମନ ସନ୍ତୋଷ ଅଟଇ ।
୨୩୨ ।୨ ଗଣିକାଗଣ ତହିଁ ମଙ୍ଗଳ ଧୁନି ତୋଳି ।

୨୩୮ ।୨ ନିର୍ମଳ ନିକଳଙ୍କ ଅଟନ୍ତି ଗୁରୁହଂସୀ ।
ବ୍ୟାସଙ୍କର ମୁଖୁଁ ଯେସନେକ ବାକ୍ୟ ଶୁଣି
ଭୋ ଦେବ ସୟଂବର ମୁଁ କଲଇ ନ ଜାଣି । ୨୪୦
ରାଜାଙ୍କୁ ନ ବରିଲା ଦୁହିତା ଭାନୁମତୀ
ବୋଇଲା ସଙ୍ଖ ପଦ୍ମ ନିଧି ଅଛି ଯାହାର ହସ୍ତେ ସେହି ମୋହୋର ପତି । । ୨୪୧
ପାଷାଣେ କର ଲାଗନ୍ତେ ଯେବେ ହୋଅଇ ପାଣି ଦ୍ରବ୍ୟ
ମୁହିଁ ତାର ବଲ୍ଲଭୀ ସେ ମୋହୋର ବଲ୍ଲଭ । ୨୪୨
ଯେତେ ଗୁଣବନ୍ତ ନୋହିଲେ ଜାଣ କେହି
ବଳେ ନେଇ ଇଚ୍ଛାକଲେ ମାରିବେ ମୁକୁଇଁ । ୨୪୩
ଧର୍ମ ତ୍ସୁଦିତ ମୋହୋର ହୋଇଲା ଯୁଗତେ
ଯେମାନେ ଆସି ମୋତେ ଆବୋରିଲେ ଅଦଭୂତେ । ୨୪୪
ବ୍ୟାସେ ବୋଇଲେ ଯେହ୍ନେ ସ୍ରିଜିଲେ ପ୍ରଜାପତି
କାହାର ବେଳେ ସେ ନୋହଇ ଅନୀତି । ୨୪୫
ବହୁତ କାଳର କଥା ରାଜା ଯେହାନ୍ତ ନ ଜାଣୁ
ଶୁଣସି ସାବଧାନେ ଆମ୍ଭେ ଶାହାସ୍ର ବଖାଣୁ । ୨୪୬
ଆକାଶ ଭୁବନେ ଯେ ମଧ୍ୟ ଭୂବନ ଶୂନ୍ୟ ଠଳେ
ଦେବତାୟେ ଉତପତ୍ତି ଯେଥି ହୋଅନ୍ତି ସର୍ବକାଳେ । ୨୪୭
ଦ୍ରିଯୋଧନ ବୋଲିଣ ସେ ଯେବମ କୁମାର
ପନ୍ନଗା ନାରାୟଣ ପ୍ରତକ୍ଷେ ଅବତାର । ୨୪୮
ପନ୍ନଗ ବନ୍ଧ ବୋଲି ଯେକଇ ବଇକୁଣ୍ଠ
ସେ ପନ୍ନଗ ବିଷ୍ଣୁର ତହିଁ ଆସନ ଗରିଷ୍ଠ । ୨୪୯
ଶୁଦ୍ଧ ସଷ୍ଟିକ ବର୍ଣ୍ଣ ସେ ଅଟଇ ନିରାକାର
ଦିବା ରାତ୍ର ନ ଭେଦଇ ଯାହାର ଶରୀର । ୨୫୦
ଶୁଭ ସତ୍ୟ ଯୁଗେ ଶୂଦ୍ରେକ ନାମେ ବ୍ରହ୍ମା
ପନ୍ନଗା ବିଷ୍ଣୁଙ୍କୁ ସେ ଲୟେ କଲା ମହାତମା । ୨୫୧

---

୨୪୬ ।୧ ବହୁତ ଗହନ ରାଜା ତୁ କିଛିହିଁ ନ ଜାଣୁ ।
ସ୍ୱର୍ଗ ତେଜି ମଞ୍ଚ ତେଜି ପାତାଳ ଯେ ତେଜି
ସୁଢଳ ରାସାନ୍ତଳ ଅତିତାଳ ଭାଜି । ୨୫୨
ଭୂତଳ ଭୁବନେ ରାଜା ଅଟୁ ଯେ ଭୂମନ୍ଥ
ସେ ଜନ୍ମେ, ଜନ୍ମେ ତୋର ଦୁହିତା ଅଟଇ ଭାନୁ । ୨୫୩
ସେ ପୁର ସୁରଗଣ ଯେ ଇଚ୍ଛାକଲେ ତୁକୁ
ସେ ଭାନୁମତୀ ସୁନ୍ଦରୀକୁ ଦେଲୁ ପନ୍ନଗା ବିଷ୍ଣୁକୁ । ୨୫୪
ଆହୋ ଭୂମନ୍ଥ ଭୂଅତଳେ ତୋହୋର ଦୁହିତା ତପ କଲା
ଲକ୍ଷେକ ବରଷ ପରିଯନ୍ତେ ନାରାୟଣଙ୍କୁ ଚିନ୍ତିଲା । ୨୫୫
ଅଷ୍ଟାଙ୍ଗ ଦେଖିଣ ପ୍ରସନ୍ନ ହୋଇଲେ ନିରାକାର
ଭାନୁ କମଳାକୁ ସେ ଆପଣେ ହୋଇଲେ ବର । ୨୫୬
ପ୍ରସନ୍ନ ହୋଇମ ଯେ ବୋଇଲେ ପରମ ଯୋଗୀ
ତୁ ମୋହୋର ବଲ୍ଲଭୀରେ ଜନ୍ମେ, ଜନ୍ମେ ଭୋଗୀ । ୨୫୭

ସେ ଭାନୁ କମଳାକୁ ଘେନି ବଇକୁଣ୍ଠକୁ ଗଲେ ନାରାୟଣ
କାଳ ବଞ୍ଚାଇଲେ ସେ ଯୋଗ ପୁରୁଷ ମେଳେଣ । ୨୫୮
ସେ ଶୂଦ୍ରେକ ବ୍ରହ୍ମା ଗଲା ଶରଦ ବଇକୁଣ୍ଠକୁ
ସାତ ମନୁ ଚିନ୍ତା କଲା ସେ ପନ୍ନଗା ବିଷ୍ଣୁ ରୂପକୁ । ୨୫୯
ଯେତେ କଠୋର ସେ ନ ପାଇଲା ସମାଧି
ନାରାୟଣ ରୂପ ସେ ଚିନ୍ତିଲା ପରମାଦି । ୨୬୦
କଠୋର ତପ ଦେଖି ସେ ଭାଳନ୍ତି ନିରାକାର
ଭାନୁ କମଳାକୁ ଘାଇ ସେ ବୋଇଲେ ଉତ୍ତର । ୨୬୧
ବ୍ରହ୍ମ ଚିନ୍ତୁଅଛି ସେ ଆମ୍ଭନ୍ତ ଦେଖିବ
ବର କାମ୍ୟ କରି ସେ ଭୁବନକୁ ଯିବ । ୨୬୨
ଯେଥେ ରହିଲେ ସେ କଳ୍ପ, କଳ୍ପ ବହିଯିବ
ନବସୃଷ୍ଟିକେ ପୁନ ଭିଆଣ କରିବ । ୨୬୩
ତେଣୁ କରି ଦୃଶ୍ୟ ଆମ୍ଭେ ମୋହିଲୁ ତାହାକଇ
ରାଗେଣ ଲୋଡୁଅଛି ଶିର କମଳ ମେଲାଇ । ୨୬୪
ଭାନୁମତୀ ବୋଇଲା ଶୁଣିମା ଅନାଦି
ଆକାଶହୁଂ ସୁସ୍ଥ କି ଏଥିର ସ-ରଧି । ୨୬୫
ପନ୍ନଗ ବୋଇଲେ ଯେ ସ୍ୱର୍ଗ ମଞ୍ଚ ବେନି ପୁରେ
ଅନେକ ଭୋଗ ତହିଁ ବିଳସନ୍ତି ଦେବ ନରେ । ୨୬୬
କାଳେ ପୁମ ମୃତ୍ୟୁ ହୁଅଇ ପରାପତ
ନାଶକର ଦଣ୍ଡେ ପୁଣି ହୋଇବ ବିଘାତ । ୨୬୭
ସୁଖ ଭୋଗ କଉତୁକେ କରନ୍ତି ଯେ ଇଚ୍ଛା
ଯେଣୁ ସ୍ୱର୍ଗ ମଞ୍ଚଭୁବନ କରନ୍ତି ମନବାଞ୍ଛା । ୨୬୮
କୃତାନ୍ତକ ଦଣ୍ଡକୁ ଯେ କରନ୍ତି ମନଭ୍ରାନ୍ତି
ଯେଣୁ ଯେ ଭୁବନେ ଆମ୍ଭନ୍ତ ସେ ବିଘ୍ନ ଚିନ୍ତି । ୨୬୯
ତୁ ପ୍ରିୟାରେ ଯେବେ ଆମ୍ଭର ବଚନ କର
ତୁ ସେ ଉଭା ହୋଅ ବିଧାତାର ଛାମୁର । ୨୭୦
ତୋତେ ଦେଖିଣ ତାହାର ତପ ଧର୍ମ ଭାଙ୍ଗୁ
ଆମ୍ଭନ୍ତ କଠୋର ତପ କରି ସେ ନ ଭଜୁ । ୨୭୧
ମଦନ ସଙ୍ଗେ ଘେନି ବସନ୍ତି ସଙ୍ଗତେ ତୋର ଥିବ
ଶୁମ ହୋ ଭୂମନୁ ପୂର୍ବର ଯେସନେକ ସ୍ୱଭାବ । ୨୭୨
ସେ ଯେ ପନ୍ନଗ ନାରାୟଣର ବଚନ ଅର୍ଥି ପାଇ
ଅନେକ ବେଶ ବେଶନେ ବ୍ରହ୍ମାର ଛାମୁକୁ ଯେ ଯାଇ । ୨୭୩
ଶ୍ରୀକରେ ଅର୍ଘେକ ଘେନିଣ ମାହେଶ୍ୱରୀ
ଶୂଦ୍ରେକ ଛାମୁରେ ମିଳିଲେ ଅବଧାରି । ୨୭୪
ଅର୍ଘ୍ୟ ଗୋଟିଯେ ନେଇ ଦିଲେ ବ୍ରହ୍ମାଙ୍କର ମାଥେ
ହୁଳହୁଳି ଶବଦ କଲେକ ପରମାର୍ଥେ । ୨୭୫
ସେ ଶୁଦ୍ଧ ଅପର୍ଣ୍ଣାର ହୁଳହୁଳି ପଶିଲା ତାହାର ଗର୍ଭେ
ମଦନ ଶର ବ୍ରହ୍ମାଙ୍କୁ ପେଶଇଲା କାମଦେବେ । ୨୭୬
ରେତ ଖଳିତ ହୋଇଲା ଭାଜିଲା ମହାତପ
ଦେଖିଲାକ ବେଦବର ମୋହିନୀ ସରୂପ । ୨୭୭

ଧ୍ୟାନେ ଜାଣିଲା ସେ ବିଷ୍ଣୁ ନାଥର ମାୟା
କୋପେଣ ପ୍ରଜ୍ୱଳିତ ସେ ଅନାଦି ସିଦ୍ଧ କାୟା । ୨୭
ସାତ ମନ୍ୱ ପରିଯନ୍ତେ ତପ ଘୋର କଷ୍ଟଂ
ନିର୍ଦ୍ଦୟା ପକ୍ଷ ମୋତେ ପ୍ରସନ୍ନ ନୋହିଲୁ ପନ୍ନଗା ବିଷ୍ଣୁ । ୨୭
ଯେତେ ତପେ ବିଷ୍ଣୁ ପ୍ରସନ୍ନ ନୋହିଲୁ ଯେବେ ମୋତେ
ସମାଧି ସରୂପ ନ ଦେଖାଇଲୁ ତୁ ଯୁଗତେ । ୨୮୦
ମଞ୍ଚପୁରେ ଜାତ ହୋଅ ମନିଷ୍ୟ ସରୂପେ
ସମସ୍ତେହେଁ ଦେଖନ୍ତୁ ତୋତେ ଅଜପା ଅଣତପେ । ୨୮୧
ଆଗୋ ଭାନୁ କମଳ ତପ ସେ ଭାଙ୍ଗିଲୁ ମୋହୋର ଆସି
ତୁହି ସେ ମଧ୍ୟ ଭୁବନେ ଜାତ ହୋଅସି ମନୁଷୀ । ୨୮୨
ଦୁଖେ ଅର୍ଜିଲା ତପ ଅଟଇ ଯେବେ ସତ
ପତି ପତ୍ନୀ ତୁମ୍ଭେ ବେନି ନର ଯୋନିରେ ହୋଅ ଜାତ । ୨୮୩
ତପ ଧର୍ମ ଛାଡି ଯେବେ ରାଗ ଯହୁଂ ସେ ଭଜିଲା
ରାଗ ମୋହ ହିଂସାୟେ ଧର୍ମ ନାଶ ଗଲା । ୨୮୪
ନାରାୟଣ ଦୃଶ୍ୟ ହୋଇଲେ ଶୂଦ୍ରକ ବ୍ରହ୍ମାକୁ
ଆହୋ ବେଦବର ତୁ କୋପ କଲୁ ଯେ ଆମ୍ଭଙ୍କୁ । ୨୮୫
ରାଗେ ବୋଇଲେ ବ୍ରହ୍ମା ତୁ ଯେ ଆମ୍ଭଙ୍କୁ ନୋହିଲୁ ଦୃଶ୍ୟ
ଧୃତରାଷ୍ଟ କୋଳେ ଜମନି ମାନବ ମେଳେ ବସ । ୨୮୬
ଭୂମନ୍ତର ଦୁହିତା ଯେ ହୋଉ ଭାନୁମତୀ
ତୁମ୍ଭଙ୍କୁ ପ୍ରଦାନ ହୋଉଥାଉ ନିତି । ୨୮୭
ଅନ୍ତବ୍ରତେ ବର ବେଶ ହୋଉଥାଅ ନିତ୍ୟେ
ନମସ୍କାର ନ କରିବୁ ମାତା ପିତା ସହିତେ । ୨୮୮
ଯାହାକୁ ନମସ୍କାର କରିବୁ କର ତୋଳି
ଦେବତା ହୋଇଲେ ସେ ଅବଶ୍ୟ ଯିବ ଜଳି । ୨୮୯
ଯେହା ଶୁଣି ବୋଇଲେ ପନ୍ନଗା ନାରାୟଣ
ମୁଂ ଯେବେ ମଞ୍ଚପୁରେ ହୋଇବଇଂ ଜନ୍ମ । ୨୯୦
କଥାୟେ କହିବି ମୁଂ ଶୁଣ ବେଦବର
ଅନର୍ଘ୍ୟ ମଣି ମୁକୁଟ ଥିବ ମୋହୋର ଶିର । ୨୯୧
ଚାରିପାଦେ କମଳା ଥିବେ ବିଜେ କରି
ଭୋଗ ମୋହ ବାଧା ମୋତେ ନୋହିବାକ ସରି । ୨୯୨

---

୨୮୧ ।୧ ମନିଷ୍ୟ-ମନ୍ତଷ୍ୟ

ଯେ ଭାନୁ କମଳା ମଞ୍ଚେ ନାମ ହୋଇବ ଭାନୁମତୀ
ମାନଗୋବିନ୍ଦ ନାମେ ହୋଇବି ମୁଂ ଯେହାର ପତି । ୨୯୩
ଅଷ୍ଟଦିନେ ମଙ୍ଗଳ ମୁଂ ହୋଉଥିବି ବାଳୀ
ଯେତେକ ବଚନ ଯେ ମୋହୋର ପ୍ରତିପାଳି । ୨୯୪
ବ୍ୟାସେ ବୋଇଲେ ବାବୁ ଶୁଣିବା ଭୂମନ୍ତ
ପନ୍ନଗା ବିଷ୍ଣୁ ରୂପ ଯେ ଧୃତରାଷ୍ଟର ତନୁ । ୨୯୫
ଭାନୁ କମଳା ଯେ ଅନାଦି କମଳିନୀ

ପନ୍ନଗା ନାରାୟଣର ଯେ ଅଟଇ ଜନ୍ମେ, ଜନ୍ମେ ଘରଣୀ । ୨୯୬
ଯେତେବେଳେ ପ୍ରଦାନ ଯେ ହୋଇବ ଭାନୁମତୀ
ମାନଗୋବିନ୍ଦ ହୋଇବ ଯେ ମାନ ଚକ୍ରବର୍ତ୍ତୀ । ୨୯୭
ଅଷ୍ଟଦିନେ ମଙ୍ଗଳ ସେ ହୋଉଥଇବା ବାଳୀ
ଶୂଦ୍ରେକ ବ୍ରହ୍ମାର ଯେ ବଚନ ପ୍ରତିପାଳି । ୨୯୮
ବର କନ୍ୟା ଯେ ହୋଉଥିବେ ଅନୁବ୍ରତେ
ଯେଥେ ଥିବ ଭାରାଭର ନିବାରିବା ପରିଯନ୍ତେ । ୨୯୯
ଶୁମ ହୋ ମନୁ ପୁରୁଷ ବଦୟନ୍ତି ଅଗସ୍ତି
ବ୍ୟାସେ ଛଡାଇଲେ ଓହୋ କୁଳର ଭ୍ରାନ୍ତି । ୩୦୦
ଭାନୁମତୀକୁ ହୋ ପ୍ରଦାନ କର ଦ୍ରିଯୋଧନକୁ
ଯେ ଅନାଦି ଅପର୍ଣ୍ଣାକୁ କାହିଁ ବରି ଲୋଡୁ ଆନକୁ । ୩୦୧
ତୁହି ତ ଭୂତଳ ପୁରର ଅଟୁ ଆଧିପତି
ଯେଥି ଉତପତ୍ତି ହୋଇଲେ ସମସ୍ତ ହୋଇ ଭ୍ରାନ୍ତି । ୩୦୨
ଭୂମନୁ ଅନେକ ସାନନ୍ଦ ହୋଇଲେ ବ୍ୟାସଙ୍କର ବଚନେ
ଭାନୁମତୀ ଉଚ୍ଛବ କରାଇଲେ ରାଜା ବିଭାର ବିଧାନେ । ୩୦୩
ନଗ୍ରେଣ ମଙ୍ଗଳ ଯେ ଅନେକ ଉଚ୍ଛବ
ବିଭାକୁ ସଞ୍ଚିତ ରାଜା କରିଥିଲା ସର୍ବ । ୩୦୪
ଶଶଧର ଗୋତ୍ର ଯେ ବୀର ଦ୍ରିଯୋଧନ
ଉଦ୍ଦାଳକ ଗୋତ୍ର ଯେ ଭୂମନୁ ରାଜନ । ୩୦୫
ଉଦ୍ଦାଳକ ଗୋତ୍ରେ ପୁରୋହିତେ କରାବନ୍ତି ବିଭା
ପରମ ସାନନ୍ଦ ସେ ହୋଇଲେ ରାଜ ଦେବା । ୩୦୬

---

୩୦୦ ।୨ ଓହୋ-ଉଭୟ
ଭୂମନୁ କୋଳରେ ଯେ ବିଜୟ କଲେ ଭାନୁମତୀ
ବ୍ୟାସଙ୍କର କୋଳେ ବସିଲେ କୁରୁପତି । ୩୦୭
ଯେସନେକ ପ୍ରଦାନ ଯେ ବିଭା ସୋମ ଗୋତ୍ରେ
ଦେଶ କାଳ ବାକ୍ୟ ଉଚ୍ଚାରନ୍ତି ଉଦ୍ଦାଳକ ପୁରୋହିତେ । ୩୦୮
ସତ୍ୟ ବାକ୍ୟେଣ ବରମ ସୀଉକାର ସାରି
ବିଭା ସମ୍ଭର୍ବେ ସେ ସମର୍ପିଲେ କୁମାରୀ । ୩୦୯
କୁଶହସ୍ତ କରାବନ୍ତି ପୁରୋହିତେ
ଡାହାଣ ବ୍ରତେକ ଶଙ୍ଖେ ଜଳ ତିଳ ଘେନି ରାୟେ ହସ୍ତେ । ୩୧୦
ଦୁହିତା ପ୍ରଦାନ କଲୁ ଦକ୍ଷିଣା ଦିଅସି ହୋରାୟେ
ଯେସନେ ବିଧାନ କରୁ ତୋହୋର ଉପାୟେ । ୩୧୧
ଶଙ୍ଖେ ଜଳ ତିଳ ଘେନିଣ ଭୂମନୁ
ପଦ୍ମେକ ଗାବ ଦିଲା ସବଚ୍ଛା କରି ଧେନୁ । ୩୧୨
ଗରି ଲକ୍ଷ ଅଶ୍ୱ ଦିଲା ସେ ଗେଖାର ଯେ ବାଜୀ
ପବନହୁଂ ବେଗବନ୍ତ ଅଟନ୍ତି ମହାତେଜି । ୩୧୩
ଲକ୍ଷେକ ଗଜକେ ଲକ୍ଷେ ଗ୍ରମର ଉଭାରି
ଲକ୍ଷେକ ଗଜ ଦିଲା ଶ୍ୱେତବର୍ଣ୍ଣ କରୀ । ୩୧୪

ସପତ ଭଣ୍ଡାର ଯେ ଦିଲା ଅଷ୍ଟରତ୍ନ
ଲକ୍ଷେକ ଧାC ଦିଲା ଗଣିକାଗଣ ମାନ । ୩୧୫
ଲକ୍ଷେକ ପାଟଛତ୍ର ବେନିଲକ୍ଷ ଉଦ୍‌ଦଣ୍ଡ
ରାଇଜ ସୀମା ପାଣି ଛଡାଇଲା ଗ୍ରିଶତ ପାରିଦଣ୍ଡ । ୩୧୬
ଆଲମ୍ଭ୍ର ଗ୍ମର ଅଗଣିତ ଦିଲାକ ରାୟେ
ଅନେକ ବୀର ତୂର ସମ୍ଭର୍ବେ ବଜାୟେ । ୩୧୭
ଅହିବ୍ରତେକ ରଥ ସୁବର୍ଣ୍ଣେଣ ସାଜି
ରଥଙ୍କରେ ଯୋଚିଲା ଗ୍ରି ଗ୍ରି ବାଜା । ୩୧୮
ଯଉତୁକ ପାଣି ସେ ଛାଡିଲା ଦଣ୍ଡଧାରୀ
ଅନେକ ସମ୍ଭର୍ବ କହି ତ କି ପାରି । ୩୧୯
କନ୍ୟା ସମର୍ପଣ କଲା ଭୂମନ୍ତ ନୃପ ରାୟେ
ଲାଜା ହୋମ ସାରିଲେ ପ୍ରୋହିତ ମୁନି ଧ୍ୟାୟେ । ୩୨୦

---

୩୦୯ ।୨ ବିଭା ସମ୍ଭର୍ବେଣ ଦିୟେ କୁମାରୀ ।
ଘୃତ ପାରଣା କଲେ ବର କନ୍ୟା ବେନି
ମୁନିଗଣ ମାନେ କଲେ ଆଶିଷ୍ୟ ଯେ ଧୁନି । ୩୨୧
ଚିର ଆଷ୍ୟ ହୋଅ ତୁ ଶୁଭ ସୁଲକ୍ଷଣୀ
ସୌଭାଗ୍ୟବନ୍ତୀ ମାନେ ବନ୍ଦାଇଲେ ଅର୍ଘ୍ୟ ଘେନି । ୩୨୨
ବିଭା ସାରିଣ ସେ ଗଲେ ନିଜ ପୁରେ
ଯେ ବିଧି ମୁଣୋହି କରନ୍ତି ସମ୍ଭରେ । ୩୨୩
ଅଷ୍ଟ ଦିବସ ରହିଲେ ବିଭା ମଙ୍ଗଳ ଯୋଗେ
ପୁଣି ହିଂ ବିଭା ହୋଇଲା ଭାନୁମତୀକି ସେହି ବାଗେ । ୩୨୪
ଯେଥୁ ଅନନ୍ତରେ ଶୁଣ ବଇବସୁତ ମନୁ
ବିଭା ସାରି ଚଳଇ ଯେ ଧୃତରାଷ୍ଟର ତନୁ । ୩୨୫
ରଥ ଗଜ ଅଶ୍ୱ୍ର ସଇନି ପାଦାନ୍ତି
ଚଳନ୍ତି ହସ୍ତିନାକୁ କୁରୁବଇ ବୀର କ୍ଷତ୍ରୀ । ୩୨୬
ପ୍ରବେଶ ହୋଇଲେ ଯାଇ କୁଞ୍ଜଗଳ ଦେଶେ
ଭୀଷ୍ମ ବିଦୁରେ କହିଲେ ଧୃତରାଷ୍ଟର ପାଶେ । ୩୨୭
ଭୋ ଦେବ ଅବଧାନ ହୋଅସି କହଇ ସଞ୍ଜୟେ
ବଡ ସମ୍ଭର୍ବେ ଆସନ୍ତି ତୋହୋର ତନୟେ । ୩୨୮
ଭାନୁମତ ଦେଶର ଭୂମନ୍ତ ବୋଲି ରାଜା
ଦକ୍ଷିଣ କୋଶଳେ ଅନେକ ତାଙ୍କୁ ପୂଜା । ୩୨୯
ତାହାର ଦୁହିତା ଯେ ଅଟଇ ଭାନୁମତୀ
ଦ୍ରିଯୋଧନକୁ ପ୍ରଦାନ କଲା ସେ ନୃପତି । ୩୩୦
କନ୍ୟାକଇ ଘେନି ସେ ଅନେକ ସମ୍ଭରେ
ବହୁତ ଯେ ଯଉତୁକ ଦିଲାକ ନୃପବରେ । ୩୩୧-୪୭୭୪ ।

---

୩୨୧ ।୧ ଅମୃତ ପାରଣା ବିଭା ଶୁଭ ଯୋଗେ କଲେ ବର କନ୍ୟା ଘେନି ।
୩୨୨ ।୧ ଚିର ଆଷ୍ୟ-ଚିର ଆୟୁଷ-ଚିର ଆୟୁ - ଦୀର୍ଘାୟୁ

ବିରୂପାକ୍ଷ ସଙ୍ଗେ ସମର
ଚଳନ୍ତି ଥାଠ ସେ ଯେ ତିନିପୁଣ ମାଡି
ପ୍ରଥମ ଦିନ ଗଲେ ଯେ ପଥ ବଢି । ୧
ସମ୍ଭରେ ହସ୍ତିନାକୁ ଚଳଇ କୁରୁସାଇଂ
ଶତେକ ଭ୍ରାଥ ଘେନି ନୃପମଣି ଆସଇ । ୨
ଯେମନ୍ତର ସମଯେ ଯେ ବିରୂପାକ୍ଷ ବୀର
ଶୂନ୍ୟେଣ ରଥ ଚଢି ଭ୍ରମଇ ଅସୁର । ୩
ବ୍ରହ୍ମାର ବରେ ସେ ଯେ ଅମାପ ବଳବନ୍ତ
ଯାହାର ଧନୁ ଧରନ୍ତେ କ-ଇ ବିଧାତା । ୪
ଭ୍ରମଣ କରନ୍ତେ ସେ ଗ୍ରହିଂଲା ଶୂନ୍ୟେଣ
ବୀର ବାଦ୍ୟମାନ ଶୁଭିଲା ଶ୍ରବଣ । ୫
ବିଜୟା ସାରଥିକି ବୋଇଲା ଅସୁର
ଅଦଭୁତେ ବନେଣ ଯେ ବାଜି ବୀର ତୂର । ୬
କେବମ ରାଜାଯେ ଯେ ଆସଇ ରଥ ବାହି
କାହାର ଯେତେ ଦର୍ପ ବୀର ତୂର ବଜାଇ । ୭
ଯେମନ୍ତ ଶୁଣି ସାରଥି ଅନ୍ତରୀକ୍ଷେ ଗ୍ରହିଂ
କୁରୁବଳ ଥାଠ ନ ଦିଶଇ ମହୀ । ୮
ବିଜୟା ସାରଥି ବୋଇଲା ଭୋ ଦେବ
କେବଣ ରାଜା ମତ୍ର୍ତ୍ୟେ ବଡାଇ ସୁଲଭ । ୯
ଶୁଣିଣ ବିରୂପାକ୍ଷ ବୋଲଇ କ୍ରୋଧେଣ
ବାହା ମୋର ରଥ ଅଜଙ୍ଗ ନାମେ ବନ । ୧୦
ସହସ୍ରେ ସାର୍ଦ୍ଦୋଳ ଯୋଚିଲା ଅଛି ତହିଂ
ତିନି ଦଣ୍ଡେ ତିନି ଭୁବନେ ଭ୍ରମଇଂ । ୧୧
ତତକ୍ଷଣେ ସାରଥି ଟେକିଲାକ ଯାନ
ରାହୁ ଗ୍ରାସ କଲା କି ପୂର୍ଣ୍ଣମୀର ଜହ୍ନ । ୧୨
ଲୋହାର ରଥ ସେ ଯେ ଯେବଣ ନିର୍ଜିତା
ଘୀର୍ଘ ପ୍ରତି ତାର ଅଟଇ ଆୟୁତା । ୧୩
ବାବୁ ସେ ରଥ ତାର ଦେବ ରଥ ଜାଣି
ପନ୍ତି ପନ୍ତି ଲମ୍ଭ୍ରନ୍ତି ଅଷ୍ଟରତ୍ନେ ମଣି । ୧୪
ନେତର ଚିରାଳ ଉପରେଣ ଉଡି
ଚକର ଶବଦ ଯେ ମେଘ ଘଡଘଡି । ୧୫
ଅଦଭୁତ ଶବଦ ଶୁଣିଣ କୋଲାହଳ
ଉପରକୁ ଦୃଷ୍ଟି ଯେ କରନ୍ତି କୁରୁବଳ । ୧୬
ମିଥୁନ ମାସେ ଯେହ୍ନେ ଦିଶନ୍ତି ମେଘମାଳ
ତେସନ ଦିଶଇ ରଥ ଯେ ଶାମଳ । ୧୭
ତଥିର ମଧ୍ୟେ ଯେ ବିଜୁଳୀ ତେଜ ଝଲି
ଅଷ୍ଟରତ୍ନେ ଲମ୍ଭ୍ରନ୍ତି ସେ ତେଜରୁ ଉଗୁଳି । ୧୮
ଦେଖିଣ କୁରୁବଳ ନ ପାରିଲେ ବାରି
କେ ବୋଲି ବାସେବ ଯେ ଅମର ଅଧିକାରୀ । ୧୯
କେ ବୋଲେ ଗନ୍ଧର୍ବ ଯେ ଅଙ୍ଗାର ପନ୍ନଗ

ରଥ ଆରୋହି ଯେ ଭ୍ରମଇ ମଧ୍ୟସ୍ତ୍ରର୍ଗ । ୨୦
ଶୁଣିଣ କର୍ଣ୍ଣ ସେ ଯେ ବୋଇଲାକ ଗ୍ହିଂ
ଅଙ୍ଗାର ପନ୍ନଗହ୍ଂ ଆନ ସେ ନୋହଇ । ୨୧
ମାନଗୋବିନ୍ଦର ବିଭା ସମଯୋଗ ଶୁଣି
ଆକାଶରେ ଉଚ୍ଛବ ଯେ କରାୟେ ବଜ୍ରପାଣି । ୨୨
ଅର୍ଜୁନ ଲେଖାୟେଂ ସେ ଅଟଇ ଟି ତାତ
ଅବଶ୍ୟ ସୁର ରାଜା ଅବା ଆସଇ ଦେଖି ତ । ୨୩
ଅଶସ୍ତମା ବୋଇଲା ହୋ ଅଇରାବ୍ରତ ନାହିଂ
ସେ କେହ୍ନେ ମଘବା କର୍ଣ୍ଣ ହୋଇଲୁ ତୁ ବାଇ । ୨୪
ବଜ୍ର ତତ୍ତୁଲ୍ୟ ତ ଶୁଭଇ ଘଡଘଡି
କି ଅବା ସ୍ତ୍ରର୍ଗ ଯେ ମର୍ତ୍ତ୍ୟକୁ ପଡେ ଝଡି । ୨୫
ସ୍ତମ୍ଭୀଭୂତ ଥାଠ ଯେ ନ ପାରନ୍ତି ଯାଇ
ମାନଗୋବିନ୍ଦ ବୋଇଲା ଧୁଶାସନକଇ ଗ୍ହିଂ । ୨୬
କେବଣ କଥାୟେ ବୁଝି ତଥ୍ୟ କର
ଶୁଣିଣ ଧୁଶାସନ ଉଠିଲା ଝୁଣି ଶିର । ୨୭
ରେରେ କାର କରି ଉଠିଲା କୋପଭରେ
ଯାଇଣ ମିଳିଲା ଅଶସ୍ତମାଙ୍କର ଛାମୁରେ । ୨୮
ବୋଇଲା ଧୁଶାସନ କୋପେଣ ଶିର ଝୁଣି
ଅବଯ୍ କ୍ଷେତ୍ରୀ ତୁମ୍ଭେ ଆଗେ ଆଗିଆଣି । ୨୯
କିସ ଶବଦ ଅବା ଆକାଶେ ଶୁଭିଲା
ଭୟ୍ କରି ତୁମ୍ଭ ରଥ ଥିର କଲା । ୩୦
କର୍ଣ୍ଣକୁ ଧୁଶାସନ କହନ୍ତେ ଉତ୍ତର
ଆକାଶୁଂ ଆସଇ ଯେ ଖସିଣ ରହ୍ବର । ୩୧
ମେରୁ ତୁଲ୍ୟ ଜାଣି ଆକାଶୁଂ ପଡଇ ଖସି
ଦେଖିମ କୁରୁବଳେ ରହିଲେକ ତ୍ରାସି । ୩୨
ୟେମନ୍ତ ସମୟେ ବିରୂପାକ୍ଷ ବୀର
ଲୋହା ଧନୁରେ ଯୋଗ୍ଇଲା ବାମ କର । ୩୩
ଯୋଜନେ ଉଦ୍ର୍ଧ୍ୱେ ଥାଇ ସେ ଯେ ଅସୁର ମହାବୀର
ବିନ୍ଧିଲା ଶର ସେ ଯେସନେ ଜଳଧାର । ୩୪
ତୀଖମୁନା ଶର ବିନ୍ଧିଲା ତ୍ରୋଣୁଂ କାଢି
ରଥୀ ହାଥୀ ପାଦାନ୍ତି ଯେ ପଡିଲେ ବିଛଡି । ୩୫
ଅଦଭୁତ ଦେଖି ବୀର ଅଶସ୍ତମା କର୍ଣ୍ଣ
ସେ ବୀରେ ଧନୁ ଯେକଲେ ଆମଞ୍ଚନ । ୩୬
ଅନ୍ତରୀକ୍ଷେ ବାଣ ଯେ ଗଗନୁଂ ପଡଇ ଖସି
କେଉଣିସି ପ୍ରକାରେ ନୋହନ୍ତି ଶର ନାଶି । ୩୭
ମୁଖ ଟେକି ଗ୍ହାନ୍ତେ ଲଲାଟେ ପଡେ ଶର
କର୍ଣ୍ଣ ଦେଖନ୍ତେ ସନ୍ୟ୍ ହୋଇଲେ ଅପହାର । ୩୮
ମର୍ତ୍ତ୍ୟକୁ ଆସୁ ଆସୁ ବିରୂପାକ୍ଷ ବୀର
କୋଟିୟେ ଯୋଦ୍ଧା ସେ ଯେ ପେଷିଲା ଯମପୁର । ୩୯
ଅନ୍ତରୀକ୍ଷୁଂ ଅଜଙ୍ଗ ବନକୁ ଆସୁ ଆସୁ

ଅସଂଖ୍ୟ ଯୋଦ୍ଧା ସେ କଲାକ ଧୂଳି ପାଂଶୁ । ୪୦
ସାରଥିକି ବୋଇଲାରେ ଶୁମ ମୋ ଉତ୍ତର
ଶତ୍ରୁର ସମ୍ମୁଖକୁ ବାହା ମୋର ରହ୍ନବର । ୪୧
ଶୁଣିଣ ବିଜୟା ଯେ ବାହିଲାକ ଯାନ
ଭେଟ ପଡିଲା ଯେ ସେ ଆଗ ଥାଠେ କର୍ଣ୍ଣ । ୪୨
କର୍ଣ୍ଣର ରହ୍ନବର ଜାଣିଣ ମନ୍ଦର
ଇନ୍ଦ୍ରଧନୁ ଜାଣି ହସ୍ତରେ ଧନୁ ତାର । ୪୩

---

୩୩ ।୨ ଯୋଗ୍ଇଲା-ଯୋଗ କଲା
ଅଭେଦ କପଚ ବଜ୍ର ଛଉରି ଅମୃତ କୁଣ୍ଡଳ
ଦେଖିଣ ବିଗ୍ରଇ ସେ ଯେ ଲୋହିତାକ୍ଷର ବାଳ । ୪୪
ଯେତେ ଲକ୍ଷଣ ଯେ ଯେହ୍ନାର ତହିଁ ଅଛି
କେବଣ ଦିଗପାଳ ଯେ ମର୍ତ୍ତ୍ୟରେ ବୁଲୁଛି । ୪୫
ଯେମନ୍ତ ବିଗ୍ରି କର୍ଣ୍ଣର ମୁଖ ଗ୍ହିଁ
ବୋଲଇ କେବଣ ଦେଶର ରାଜା ଅଟୁ ତୁହି । ୪୬
କାହ୍ନାର ଭରସାରେ ବୀର ତୂର ବାଉ
ସମଦଣ୍ଡ ପଲାଣି ଦେଶ ଭ୍ରମି ଯାଉ । ୪୭
ଆଜ ଜାଣିମାରେ ବଡିମା ତୋହ୍ନାର
କେ ଆଜ ରଖିବରେ ବହ୍ମା ହରିହର । ୪୮
ଯେମନ୍ତ କଥା ଯହ୍ନଁ ଶୁଣିଲା ଧୁଶାସନ
ପିଟିଲା ଗଦା ସେ ଯେ କରିଣ ମହାତମ । ୪୯
ଲୋହ୍ନାର ରଥେ ବାଜି ପଡିଣ ଚୂର ଗଲା
ଅନେକ ବେଳ ଖଡ୍ଗ ତୋଳି ପ୍ରହାରିଲା । ୫୦
ବାଜନ୍ତେ ରଥରେ ଯେ ତୀଖ ଅସିଧାର
ଭଗନସ୍ତ ହୋଇଣ ପଡିଲା ଶତେ ଚୂର । ୫୧
ଦେଖିଣ କୋପ କଲା ରାଧେବର ବଚ୍ଛି
ଆବର ଅଶସ୍ତମା ସଙ୍ଗେ ତାର ଅଛି । ୫୨
ଇନ୍ଦ୍ରଧନୁ ଜାଣି ବୀରେ ଧଇଲେ ବେନି ଗ୍ବ
ଦତ୍ୟ ଉପରକୁ ଶର କରନ୍ତି ପରାଭବ । ୫୩
ନିମିଷେକ ଭିତରେ ବୀରେ ଲକ୍ଷେ ବାଣ ବିନ୍ଧି
ମଧ୍ୟେ ପୁରକଇଁ ସେ ଯେ ଶରେଣ ନିରୋଦି । ୫୪
ଦେଖିମ ଅସୁର ଯେ ହୋଇଲା କୋପାନଳ
ତ୍ରୋଣରୁ କାଢିଲା ସେ ଶର କାଳାନଳ । ୫୫
ଆକର୍ଣ୍ଣ ପରିଯନ୍ତେ ଓଟାରିଣ ବାଣ
ଶରନ୍ତି ନାଶିବାକୁ ବିନ୍ଧଇ ଗରୁଟାଣ । ୫୬
ତତ୍କ୍ଷଣେ ବାଣ ସେ ଯେ ଚଳିଲେ ଅନ୍ତରୀକ୍ଷେ
ସେ ଅଗ୍ନିରେ ଶର ଦହନ ହୋଇଲା ପ୍ରତକ୍ଷେ । ୫୭

---

୫୩ ।୧ ଗ୍ରବ-ଗ୍ରପ
ଶରନ୍ତ ନାଶି ଧୁଶାସନ ଉପରେଣ ପଡି
ପଡିଲା ମହାବୀର ଯେ ଛାଡି ସିଂଘ ରଡି । ୫୮
ଦେଖିଣ କର୍ଣ୍ଣକୁ ଯେ ନ ଫୁରଇ କିଛି
ପର୍ବତ ଶରେକ ଯେ ବିନ୍ଧଲା ବୀର ବାଛି । ୫୯
ବିରୂପାକ୍ଷ ଅସୁର ଯେ ବଜ୍ରଶର ବିନ୍ଧି
ବଜ୍ରର ବିଘାତେ ଯେ ଗିରିରାଜ ଛେଦି । ୬୦
ପୁଣିହିଂ କର୍ଣ୍ଣ ଯେ ବିନ୍ଧିଲା ମେଘାଶର
ପବନା ଶରେ ତାହା ନିବାରେ ଅସୁର । ୬୧
ଅଶସ୍ତମା ଅଗ୍ନି ଶର ବିନ୍ଧିଲାକ ଦୃଢକରି
ଜଳଧାରା ଶରେ ତାହା ଅସୁର ନିବାରି । ୬୨
ପନ୍ନଗା ଶରେକ ଯେ ଗୁରୁ ସୁତ ଛାଡି
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଧାମନ୍ତି ଫେରୁ ଧରି । ୬୩
ଦେଖିଲା ଯେ ତାହା ଲୋହିତାକ୍ଷ ସୁତ
ଗରୁଡା ଶରେ ତାହା ନିବାରେ ଦଇତ । ୬୪
ବିନ୍ଧି, ବିନ୍ଧି ବେନି ବୀରେ ହୋଇଲେ ବିମୁଖ
ବିଗ୍ରନ୍ତି ଦାନବ ତ ଆମ୍ଭଙ୍କୁ ଦିଲା ଦୁଖ । ୬୫
ୟେମନ୍ତ ବିଗ୍ରି ସେ ବିନ୍ଧନ୍ତେ ବେଗେ ଶର
ଅସୁର ଛେଦଇ ତାହା କିଞ୍ଚିତ ପ୍ରକାର । ୬୬
ମହା ଭୀଷ୍ମ ରୂପେ ଯେ କର୍ଣ୍ଣ ମହାବଳୀ
ତିନିକାଣ୍ଡ ଗୁଣେ ବସାଇଲେ ଆଦ୍ରାବଳୀ । ୬୭
ଅସୁର ଉପରକୁ ବିନ୍ଧିଲା ରୋଷଭରେ
ପଡିଲେ ଶର ସେ ଯେ ମହାଦତ୍ୟର ଉପରେ । ୬୮
ବଜ୍ରସେହ୍ନା ଫୁଟି ଅଙ୍ଗେ ଶର ଯାଇଂ
ଗର୍ଜିଲା ଦାନବ ବ୍ରହ୍ମାଣ୍ଡ କ-ାଇ । ୬୯
ବ୍ୟଥା ପାଇଲା ସେ ଯେ ଲୋହିତାକ୍ଷ ବାଳ
କୋପେଣ ଧଇଲା ସେ ଯେ ବୈରୋବ ମୂଷଳ । ୭୦
ପ୍ରଥମ ମୂଷଳ ସେ ଯେ ପିଟିଲାକ ତୋଳି
କର୍ଣ୍ଣର ସାରଥି ରଥ ସହିତେ ହେଲେ ଧୂଳି । ୭୧
ଆଡ ହୋଇ କର୍ଣ୍ଣ ପଳାଇଣ ଯାଉଂ
ପଛରୁ ମୂଷଳ ପିଟିଲା ଅସୁର କୁଳ ରାହୁ । ୭୨
ସେ ମୂଷଳ ବାଜି କର୍ଣ୍ଣ ରୁଧିର ଉଦ୍ଗାରି
ଭୂମିରେ ପଡିଲା ସେ ରୁଧିରେ ପ୍ରାଣ ହାରି । ୭୩
ଦେଖିଣ ଅଶସ୍ତମା ଟେକିଲେ ରହୁବର
ଅସୁର ଉପରକୁ ଯେ ବିନ୍ଧିଲେ ଦେବ ଶର । ୭୪
ବଜ୍ର ସେହ୍ନାରେ ନ ଭେଦି ଶର ପଡିଲା ଲେଉଟି
ସେ ଭୈରୋବୀ ମୂଷଳ ଅଶସ୍ତମାକୁ ନେଇ ପିଟି । ୭୫
ଅକ୍ଷୟେ ତ୍ରିଜୀବୀ ସେ ଅନାଦିର ବରେ
କିଛିହିଂ ନୋହିଲା ସେ ମୂଷଳ ପ୍ରହାରେ । ୭୬
ହୁଂକାରେ ତିନି ବେଳ ରିଂଛାଇ ପିଟିଲା

ଅଶ୍ୱତ୍ଥ ସାରଥି ସହିତେ ରଥ ଧୂଳି କଲା । ୭୭
ତଦ୍ୟାପି ଅଶସ୍ତମାର ନୋହିଲାକ କିଛି
ବିଗ୍ରିଲା ଯେହାରେ ଅନେକ କାର୍ଯ୍ୟ ଅଛି । ୭୮
ଯେମନ୍ତ ବିଗ୍ରି ଦ୍ରୋଣିର ଚରଣ ଧଇଲା
ଆପଣା ଲୋହମୟ ରଥେ ନେଇ କଗ୍ଡିଲା । ୭୯
ଯହ୍ନଂ ସେ ଲୋହମୟ ରଥେ ପିଟିଲା ନିଠାଇ
ମୋହ ହୋଇଲେ ସେ କୃପୀଙ୍କ ତନୟି । ୮୦
ବିଜୟା ସାରଥିକି ବୋଇଲା କାମଚର
ରଥ ଦଣ୍ଡ ଉପରେ ଯେ ଯେହାକୁ ବନ୍ଧନ କର । ୮୧
ଶୁଣିଣ ସାରଥି ଯେ ଦଣ୍ଡା ପରେ ଥୋଇ
କର ଚରଣ ସେ ଯେ ବାନ୍ଧିଲା ନିଠାଇ । ୮୨
ଯେ ତିନି ବୀରେ ଯହ୍ନଂ ହରାଇଲେ ପ୍ରାଣ
ଶୂଳ ଘେନି ପଶିଲା ଯାଇଂ ରାଜାର ଥାଠେଣ । ୮୩
କଦଳୀ ବୃକ୍ଷ ଯେହ୍ନେ ବାତ ଘାଏ ଭାଜି
ଶୂଳ ଘାତେ ସନ୍ୟ ଯେ ପଡିଲେ ନିମଚ୍ଛି । ୮୪
ମଧ୍ୟ ଗହଣରେ ଆସଇ ଦ୍ରିଯୋଧନ
ସତାଣୋଇ ଭାଇ ସେ ଘେନିଣ ସଙ୍ଗତେଣ । ୮୫

---

୭୬ ।୧ ହୁଂକାରେ ତିନି ବେଳ ରଖାଇଂ ପିଟିଲା ।
ଡଗର ଜଣାଇଲା ଶୁଣିମା କୁରୁପତି
ଧୁଶାସନ ଅଶସ୍ତମା କର୍ଣ୍ଣ ହାରିଲେ ଜୀବତି । ୮୬
ଅକସ୍ମାତେ କାହ୍ନଂ ଅଇଲା ଅସୁର
ଅନେକ ସନ୍ୟ ସେ ଯେ ପେଷିଲା ଯମପୁର । ୮୭
ଅଶସ୍ତମା କର୍ଣ୍ଣ ବହୁତ ଯୁଦ୍ଧ କଲେ
କର୍ମ ଅବଳେ ସେ ଯେ ଜିଣି ନ ପାରିଲେ । ୮୮
ଧୁଶାସନ କର୍ଣ୍ଣ ଭୂମିରେ ଛନ୍ତି ପଡି
ଅଶସ୍ତମାକୁ ରଥେ ବାନ୍ଧିଅଛି ଭିଡି । ୮୯
ଶୁଣିଣ ଦ୍ରିଯୋଧନ ପଡିଲାକ କ୍ଷିତି
ଶ୍ରୀକରେ ତୋଳିଣ ଯେ ଧଇଲା ଭାନୁମତୀ । ୯୦
ମୁଖେ ପାଣି ସିଞ୍ଚିଣ ସେ ସଚେତ କରାଇ
ସଧୀରେ ବଚନ ସେ ଯେ ସ୍ୱାମୀକି ଭାଷଇ । ୯୧
ଅକସ୍ମାତେ ଶତ୍ରୁ ଯେବେ ହୋଇଲା ବର୍ଦ୍ଧମାନ
ଲକ୍ଷେ ରାଜାଙ୍କୁ ସ୍ୱାମୀ ଜିଣିଲା ଯେବଣ କର୍ଣ୍ଣ । ୯୨ ସଂ
ଆବର ଅଶସ୍ତମା ଧୁଶାସନ ମାରି
ସୈନ୍ୟନ୍ତ ନାଶ ଦେଖି ଯେ ମହାକ୍ରୋଧ କରି । ୯୩
ଜାଣିଲି ତା ଛାମୁରେ ବ୍ରହ୍ମାଦି ନୋହେ ରହ
ଭାଇନ୍ତ ଘେନି ସ୍ୱାମୀ ପଛଘୁଞ୍ଚ୍ରା ଦିଅ । ୯୪
ଦଇନି କରି ସ୍ୱାମୀ ଏ ତୋର ଚରଣେ
ଶରୀର ନ ହାର ସ୍ୱାମୀ ତାଙ୍କ ସଙ୍ଗ ରଣେ । ୯୫

ଶୁଣିଣ କୁରୁବଇ ବୋଲି ବଚନ
ପଛକୁ ପଲାଇବି କି ହୋଇଣ କ୍ଷତ୍ରୀମାନ । ୯୬
ପ୍ରାଣର ସଖା ମୋର ପଡିଲା ଯେବେ କର୍ଣ୍ଣ
ଆବର ଧୁଶାସନ ଗୁରୁଙ୍କ ନନ୍ଦନ । ୯୭
ସନ୍ୟ ସାଖା ବଳ ଯେ ପଡିଲେ ବହୁତ
ଆବର ସଂଘାତ କିସ ମୋହୋର ଜୀବିତ । ୯୮
ଯେସନେକ ସମଯେ ଧାମଇ ଅସୁର
ରଥ ଚଢି ଟି କରଇ ସର୍ବ ଚୂର । ୯୯
ଦେବଙ୍କୁ ଦୁଲଭ ସେ ଅସୁରର ଯୁଦ୍ଧ
ମୃଗ ପଲାଇ କି ଦେଖିଣ ବନେ ବ୍ୟାଧ । ୧୦୦
ଶୂଳ ଘେନି ପିଟଇ ରାଜା ଗଳଗାଜି
ରଥୀ ପାଦାନ୍ତି ପଡିଲେ ନିମଜ୍ଜି । ୧୦୧
ଭାନୁମତୀକି ଛାଡି ରାଜା ଦ୍ୱରିଯୋଧନ
ସତଣୋଇ ଭାଇ ଘେନି ଧାମଇ କୋପମନ । ୧୦୨
ଉଭାରି ଗଦା ସେ ଯେ ପିଟିଲା ଯେତେବେଳେ
କିଛୁ ହିଂ ନୋହିଲା ସେହୁ କଳେବରେ । ୧୦୩
ଗଦାବର ବିଅର୍ଥେ ଗାନ୍ଧାରୀର ପୋଯେ
ସିଂଘର ଆଗେ ଯେହ୍ନେ ମତ୍ତ ହସ୍ତୀ ରହେ । ୧୦୪
ଭୈରୋବୀ ଶୂଳ ଦତ୍ୟ ପିଟିଲା ରିଂଝାଇ
ମୋହେଣ ପଡିଲେ ସତଣୋଇ ଭାଇ । ୧୦୫
ସନ୍ୟନ୍ତ ମାରି ସେ ଯେ କଲାକ କୁଢ କୁଢ
ଯୋଜନ ପରିଯନ୍ତେ ପଡିଲା ପଯେଡ । ୧୦୬
ଭାନୁମତ ରାଜା ଯେତେକ ସନ୍ୟ ଦେଇଥିଲା
ବିରୁପାକ୍ଷ ବୀର ସବୁନ୍ତି ମାଇଲା । ୧୦୭
ଦ୍ୱରିଯୋଧନର ସନ୍ୟ ନିଶୋଧନ କରି
ଗୋଟିଯେ ହୋଇଂ ମାତ୍ର ନ ଅଇଲେ ଉବୁରି । ୧୦୮
ଯେହାନ୍ତି ମାରି ସେ ରଥକୁ ଦିଲା ଗ୍ୱହିଂ
ଅପୂର୍ବ ସୁନ୍ଦରୀ ସେ ଦିଖିଲାକ ତହିଂ । ୧୦୯
ରୂପେ ପଟାନ୍ତର କି ସେ ସହସ୍ରେ ପାର୍ବତୀ
ତେସନେକ ସରୂପ ଦିଶଇ ଭାନୁମତୀ । ୧୧୦
ବିଗ୍ରଇ ଧନ୍ୟ ମୋହୋର ଜୀବନ
ନିଶ୍ଚଯେଂ ଲଭିଲି ମୁଂ ସ୍ତିରିଙ୍କ ରତନ । ୧୧୧
ଯେତେକ ବିଗ୍ରି ସେ ଯେ ନିରେଖିଣ ଗ୍ୱହିଂ
ଭାନୁମତୀ ରୂପକୁ ସେ ମନେ ବାଉନଇ । ୧୧୨

---

୧୦୦ ।୧ ଯୁଦ୍ଧ ସ୍ଥାନରେ ଯୁଧ୍ୟ ସବୁ ପୋଥିମାନଙ୍କରେ ।
୧୦୭ ।୧ ଭାମୁମତ-ଭୂମନୁ
ଧନ୍ୟ ଧନ୍ୟ ସୁନ୍ଦରୀ ଧନ୍ୟ ତୋର ଅଙ୍ଗ
ସଂସାର ଛାଡିବ ତୋତେ ଦେଖିଣ ଅନଙ୍ଗ । ୧୧୩

ଧନ୍ୟ ସେ ପ୍ରଜାପତି ସଂସାର ଚିନ୍ତା ଛାଡି
କଲ୍ପେ ପରିଯନ୍ତେ କି ତୋହୋର ରୂପ ଗଢି । ୧୧୪
ଚନ୍ଦ୍ରମା ବଦନ ମୁଂ ଯାଇଂ ନିଉଛାଳି
କେବଣ ରାଜାର ତୁ ଅଟୁ ଗୋ ଦୁଲାଳୀ । ୧୧୫
ଧନ୍ୟ ଧନ୍ୟ ସୁନ୍ଦରୀ ଧନ୍ୟ ତୋହୋର ବର୍ଣ୍ଣି
ପାଦର ଅଙ୍ଗୁଳି ଜାC କଢିର ସମାନ । ୧୧୬
ଭଲା ଶୋଭିତ ଯେ ଅଟଇ ପାଦ ଲଖ
କନ୍ଦର୍ପ ପୁରୁଷର କି ଅଟି କାମରେଖ । ୧୧୭
ଅଳତା ବେଢିଣ ଚରଣ ନୁ ଶୋହି
ଦେଖିଣ କାମ ଯେ ନ ଯିବ ଆର କାହିଂ । ୧୧୮
ଉଲଟ ରମ୍ଭା ପ୍ରାୟେ ଦିଶଇ ବେନି ଜାନୁ
ମଝା ସିଂହ ଜାଣି ସେତାହାର କୁଶାନୁ । ୧୧୯
ସମାନ ଶ୍ରୀଫଳ ଜାଣିଣ ସ୍ତନ ବେନି
ପୀୟୁଷ ପୂରୋଇ ରଖିଅଛୁ ଘେନି । ୧୨୦
କରୀ କର ପ୍ରାୟେ ଦିଶଇ କର ବେନି
କନ୍ଦର୍ପକୁ ବିନ୍ଧଇ କୁସୁମ ବାଣ ଘେନି । ୧୨୧
କମ୍ବୁ କଣ୍ଠ ପ୍ରାୟେ ଦିଶଇ କଣ୍ଠ ତୋର
ସୁରଙ୍ଗ ଅଧର ବିମ୍ବ ଫଳର ଆକାର । ୧୨୨
ଭ୍ରୂଲତା ଇନ୍ଦ୍ରଧନୁ ଚନ୍ଦ୍ରମା ବଦନ
କୁଞ୍ଚିତ ହୋଇବାରେ ରୋମ ମୂଳମାନ । ୧୨୩
ସ୍ତ୍ରୀମାନଙ୍କ କ୍ରୋଧେ ଶ୍ରମ ଝାଳ ରୋମ ମୂଳଂ ଗଳି
ଚନ୍ଦର୍ବଦନ କିବା ଏକତ୍ରେ ଓହୋଳି । ୧୨୪
ଅଷ୍ଟରତ୍ନେ ଜଡିତ ଯେବଣ ଅଳଂକାର
ସର୍ବାଙ୍ଗେ ସୁନ୍ଦର ଭାନୁମତୀର ଶରୀର । ୧୨୫

---

୧୧୯ ।୨ କୁଶାନୁ-କୁଶତନୁ (ତ-ଅ-ଅପଭ୍ରଂଶ) କୁଶତ (କୁଶବତ୍ ତନୁ) କୁଶ ଅନୁ-କୁଶାନୁ, କ୍ଷୀଣ, ସୂକ୍ଷ୍ମ କଟି ।

ବେଳ ଅସ୍ତ ହେବାକୁ ତିନି ଦଣ୍ଡ ଥାଇ
ସମସ୍ତଙ୍କୁ ମାରି ଭାନୁମତୀ ପାଶକୁ ଯାଇ । ୧୨୬
ରୂପକୁ ନିରୋପନ୍ତେ ରାତ୍ର ଦିବା ଗଲା
ତଥାପି ଭାନୁମତୀ ବର୍ଣ୍ଣି ବର୍ଣ୍ଣି ନ ପାରିଲା । ୧୨୭
ସେ ତ ନ ବଗ୍ଇ ଦଇବ ସଂଯୋଗ
ଏବମ୍ଭୁତ କନ୍ୟା ମୁଂ ଯେ କରିବଇଁ ଭୋଗ । ୧୨୮
ଯେତେକ ବିଗ୍ରିଣ ମେରୁର ଯେ ନାତି
ରୂପକୁ ବାଉନନ୍ତେ ଗଲା ଦିବାରାତି । ୧୨୯
ଯେସନେକ ସମୟେ ବ୍ରହ୍ମାଙ୍କ କୁମର
ପ୍ରୟାଗକୁ ଯାଇଥିଲେ ନାରଦ ମୁନିବର । ୧୩୦
ତୀର୍ଥ କାର୍ଯ୍ୟ ସାରି ମନ ଦଣ୍ଡ ଚଢି
ହସ୍ତିନା ଭୁବନକୁ ଆସନ୍ତେ ଆଗ ବଢି । ୧୩୧

ମେରୁ ତତ୍ତୁଲ୍ୟ ଯେ ଦିଶିଲା ରଥମାନ
ଦେଖିଣ ବିସ୍ମୟନ୍ତି ବ୍ରହ୍ମାଙ୍କ ନନ୍ଦନ । ୧୩୨
କେବଣ କଥାୟେ ନ ଗଲା ବାରଣ
ଧ୍ୟାନେମ ଜାଣିଲେ ସେ ନାରଦ ମହାମୁନ୍ୟ । ୧୩୩
ହସ୍ତିନାର ରାଜା ଯେ ମାନଚକ୍ରବର୍ତ୍ତୀ
ଭାନୁମତ ରାଜ୍ୟରୁ ପ୍ରଦାନ ହୋଇଲା ଭାନୁମତୀ । ୧୩୪
ସମଦଣ୍ଡ ଘେନି ହସ୍ତନା ଆସନ୍ତେ
ବାଟରେ ବିନାଶ କଲେ ଲୋହଗାକ୍ଷର ସୁତେ । ୧୩୫
ଯୁଦ୍ଧେଷ୍ଠିଙ୍କ ଅଗ୍ରତେ କହିବା ଆମ୍ଭେ ଯାଇଂ
ୟେତେ ବୋଲି ଶୀଘ୍ରେ ଚଳିଲେ ତପସାଇଂ । ୧୩୬
ବାରୁଣାବନ୍ତରେ ଯେ ଅଛନ୍ତି ଯୁଦ୍ଧେଷ୍ଠି
ପ୍ରବେଶ ହୋଇଲେ ଯାଇଣ ତପୋନିଷ୍ଠି । ୧୩୭
ଭୀମ ଅର୍ଜୁନ ନକୁଳ ସହଦେବ
ୟେକତ୍ରେ ବସିଣ ଯେ ଅଛନ୍ତି ପାଣ୍ଡେବ । ୧୩୮
ନାରଦଙ୍କୁ ଦୂରହୁଂ ଦେଖିଣ ଯୁଦ୍ଧେଷ୍ଠି
ଆସନେ ବସାଇ ସେ ପୂଜନ୍ତି ତପୋନିଷ୍ଠି । ୧୩୯

---

୧୨୮ ।୧ ନ ବଗ୍ଇ- ନ କହି
ପ୍ରଣପତ୍ୟ ହୋଇଣ ଯେ ଶୁତିଲେ ପାୟେଣ
ସନ୍ତୋଷେ ମୁନିବର କରନ୍ତି କଲ୍ୟାଣ । ୧୪୦
ଧନ ଶ୍ରୀ ଆୟୁଷ ବର୍ଦ୍ଧୁତ ହୋଉ ତୁକୁ
ଆମ୍ଭେ ଯାଇଥିଲୁ ପ୍ରୟାଗ ତୀର୍ଥକୁ । ୧୪୧
ଅଜଙ୍ଗପାଦ ବନେ ଆସନ୍ତେଣ ବାଟେ
ମୃତୁ ଶବ ଦେଖିଲୁଂ ଯେ ସମସ୍ତ କୁରୁଥାଠେ । ୧୪୨
ୟେଥକଇଂ ଯୁଦ୍ଧେଷ୍ଠି ବିଗରି କାର୍ଯ୍ୟ କର
ୟେତେ କହି ଅନ୍ତର ହେଲେ ମୁନିବର । ୧୪୩
ଶୁଣିଣ ଯୁଦ୍ଧେଷ୍ଠି ଯେ ପଡିଲେକ ଢଳି
କୋଳ କରିମ ଧଇଲେ ଭୀମ ମହାବଳୀ । ୧୪୪
ମୁଖରେ ପାଣି ସେ ଯେ ସିଞ୍ଚିଲେ ସହଦେବ
ଧୀର ଧୀର କରି ସେ ଯେ ବିଞ୍ଚଇ ପାର୍ଥିବ । ୧୪୫
ଘଡିକର ମଧ୍ୟେ ଦେବ ଚେତନା ୟେ ପାଇଂ
ଶୋକେଣ ଦରାଣ୍ଡନ୍ତି ଅବନୀକି ଗ୍ରହିଂ । ୧୪୬
ହା ହା ମାନଗୋବିନ୍ଦ ବୋଲିଣ ଶୋକ କଲେ
ଆଜ ହୁଂ ଅନ୍ଧ ରାଜା ମୋର ଅନାସ୍ତ ହୋଇଲେ । ୧୪୭
ତୋ କରେ ପଦ୍ମନିଧି ଥିଲା ମୋର ବାବୁ
ବିଧାତା ଅବଶେ ସେ ହରାଇଲୁ ସବୁ । ୧୪୮
ମୂର୍ଖ ପଣେ ବାବୁରେ କାହିଂ କଳି କଲୁ
ସମଦଣ୍ଡ ଘେନିଣ ଯେ ଆପଣେ ପ୍ରାଣେ ମଲୁ । ୧୪୯
ଯୁଦ୍ଧେଷ୍ଠିଙ୍କ ବଚନେ ଭୀମ ପରିଣାମି

ଅକାରଣେ କି-ା କ୍ରୋଧ କର ହେ ଦେବ ସ୍ତ୍ରୀମୀ । ୧୫୦
ସେ ମୂର୍ଖ ପାପିଷ୍ଠ ଅଟନ୍ତି ପ୍ରମାଦ
ଆମ୍ଭର ହିତେ ତାଙ୍କୁ ଆନେ କଲା ବଧ । ୧୫୧
ତହିଁକି ଭୋ ଦେବ କ୍ରୋଧ ଯେ ନ କର
ଗ୍ଲ ଯେବେ ହସ୍ତିନାକୁ ଯିବା ହେ ସତ୍ତ୍ୱର । ୧୫୨
ଯୁଧେଷ୍ଠି ବୋଲନ୍ତିରେ ହସ୍ତିନାକୁ ଯାଇ
ଧୃତିରାଷ୍ଟ କ୍ରୋଧେ କି ଜୀବନ ମୋର ରହି । ୧୫୩

---

୧୪୫ ।୨ ପାର୍ଥିବ - ପାର୍ଥ, ଅର୍ଜୁନ
ନକୁଳ ବୋଇଲେ ସ୍ତ୍ରୀମୀ ଗଲା ମଲା ଯିବା
ତାହାନ୍ତ ଲୋଡିଲେ ଆଉ କି ପାଇବା । ୧୫୪
ଯୁଧେଷ୍ଠି ବୋଲନ୍ତିରେ ନୋହଇ ଯେମନ୍ତ
ଯଦ୍ୟପି ନ ଜୀଇଁବେ ଗାନ୍ଧାରୀର ଶତେ ପୁତ୍ର । ୧୫୫
ମୁକୁ ହିଁ ଜଣେରେ ହୋଇଲି ତାଙ୍କ ତୁଲେ
ଯଦ୍ୟପି ମୋହୋର ଶତେ ଭ୍ରାଥ ମଲେ । ୧୫୬
ସେମାନେ କେଉଁଠାରେ ଅଛନ୍ତିରେ ପଡି
ତାହାନ୍ତ ଦେଖିଲେ ମୁଁ ଯେ ଅବଶ୍ୟ ଆତ୍ମା ଛାଡି । ୧୫୭
ସହଦେବକୁ ଗ୍ହିଁ ପୁଚ୍ଛନ୍ତି ବାରତ
ତୁ ସେ ଜାଣୁ ଭୂତ ଭବିଷ୍ୟ ଆଗତ ନିୟତ । ୧୫୮
କହ ତଥ୍ୟ କରି ପ୍ରତେ ଯେଣେ ଯାଇଁ
ଅକାରଣେ କି-ା ମଲା କୁରୁସାଇଁ । ୧୫୯
କାହାର ସଙ୍ଗେ ସେ ଯେ ବୀବାଦୀ ହୋଇଲା
କେ ଯେଡେ ବଳିଷ୍ଠରେ ତାହାନ୍ତ ମଧ୍ୟ କଲା । ୧୬୦
ଯୁଧେଷ୍ଠିଙ୍କ ବଚନେ ମନ୍ତ୍ରୀ ଚୂଡାମଣି
କରପତ୍ର ଯୋଡିଣ ବୋଲଇ ମୃଦୁ ବାଣୀ । ୧୬୧
ଭୋ ସ୍ତ୍ରୀମୀ କହଇ ହୋଇବା ସାବଧାନ
ଯେଉଁ ହେତୁ ମଲେ ସେ ଗାନ୍ଧାରୀ ନନ୍ଦନ । ୧୬୨
ରଇବ୍ରତ ପର୍ବତକୁ ଗଲେ କୁରୁବୀରେ
କର୍ଣ୍ଣ ଅଶସ୍ତମା ଘେନିଣ ସଙ୍ଗତରେ । ୧୬୩
ଗଦା ଶିଖାବନ୍ତି ଦେବ ବଳେବର
ଅଛନ୍ତି କୁରୁବୀରେ ରଇବ୍ରତ ପର୍ବତର । ୧୬୪
ଭାନୁମତ ରାଜ୍ୟରେ ଭୂମନୁ ନୃପତି
ତାହାର ଦୁହିତା ନାମ ଅଟଇ ଭାନୁମତୀ । ୧୬୫
ସର୍ବ ସୁଲକ୍ଷଣୀ ସେ ଅଟି ନବଯୁବା
ତା ରୂପ ସମାନକୁ କମଳା ନୋହିବା । ୧୬୬
ସେ ଭାନୁମତ ରାଜା ବିଚାରଇ ମନେ
କାହାକଇଁ କନ୍ୟା ଯେ କରିବା ପ୍ରଦାନେ । ୧୬୭

---

୧୬୫ ।୧ ଭାନୁମତ, ଭାନୁମନ୍ତ ପାଠ ଅଛି ।
ୟେମନ୍ତ ଭାଲନ୍ତେ ଯେ କିଛୁ ଦିନ ଗଲା
ଲକ୍ଷେକ ରାଜାହ୍ନକୁ ସେ ଯେ ସୟଂବରେ ବରିଲା । ୧୬୮
ଦୁହିତା ବୋଇଲା ଶୁମ ତାତ ପୁଣ
ରୁଣ୍ଡ ହୋଇଲେ ସେ ଯେ ସକଳ ରାଜାଗଣ । ୧୬୯
ଶଙ୍ଖ ପଦ୍ମ ନିଧି ଅଛି କାହା କରେ
ପରୀକ୍ଷା କର ଶିଲା ତହାଙ୍କ ହସ୍ତରେ । ୧୭୦
କର ଲାଗି ପାଷାଣ ହୋଇବ ପାଣିଦ୍ରବ୍ୟ
ନିଶ୍ଚୟ ଜାଣ ତାତ ସେ ମୋହୋର ବଲ୍ଲଭ । ୧୭୧
ଶୁଣିଣ ଭୂମନ୍ତ ପରୀକ୍ଷ ଯେ କଲା
ସଂକେତ ନୋହିଲାକୁ ରାଜାଙ୍କୁ କହିଲା । ୧୭୨
ଭୋ ନୃପରାୟେ ମୋତେ ଦୟା କରିଥିବା
ନୋହିଲା ସଙ୍କେତ ଯେ ଯାହାର ରାଜ୍ୟେ ଯିବା । ୧୭୩
ସୁଗ୍ୟାନୀ ରାଜାମାନେ ବାହୁଡିଲେ ଶୁଣି
ଦୁଷ୍ଟ ରାଜାମାନେ ଯୁଦ୍ଧ ଆରମ୍ଭିଲେ ଆଣି । ୧୭୪
ବୋଲନ୍ତି ଦୁଷ୍ଟ ରାଜାୟେ ୟେମନ୍ତ ବାଞ୍ଛା ତୁକୁ
କି-ାଇ ବର ବେଶ କଲୁ ତୁ ଆମ୍ଭଙ୍କୁ । ୧୭୫
ଉଚ୍ଚବାଚ ଗୋଳ ଶୁଭଇ ବହୁତ ଦୂର
ରିବ୍ରତ ପର୍ବତରୁ ଆସଇ କୁରୁବୀର । ୧୭୬
ଦ୍ରିଯୋଧନ ତଗରା କହଇ ବାରତ
ଭାନୁମତ ରାଜ୍ୟରେ ଦେବ ଭୂମନ୍ତ ନରନାଥ । ୧୭୭
ତାର ଦୁହିତାର ନାମ ଅଟଇ ଭାନୁମତୀ
ସୟଂବରେ ବରିଲା ଲକ୍ଷେକ ନୃପତି । ୧୭୮ ସଂ
ତଗର ମୁଖରୁ ସେ ଶୁଣିଣ ବାରତ
ଭାନୁମତ ରାଜ୍ୟକୁ ଚଳିଲେ କୁରୁନାଥ । ୧୭୯
ଦେଖିଲା ରାଜା ସଙ୍ଗେ ଯୁଝନ୍ତି ରାଜା ମନ୍ଦ
ଭୂମନ୍ତକୁ ଆବୋରିଲା ରାଜା ମାନ ଯେ ଗୋବିନ୍ଦ । ୧୮୦
ଲକ୍ଷେ ରାଜାକୁ ତହିଁ ଜିଣିଲା ବୀର କର୍ଣ୍ଣ
ଭାନୁମତୀକି ପ୍ରଦାନ ହୋଇଲା ଦ୍ରିଯୋଧନ । ୧୮୧ ସଂ
ଅନେକ ଯଉତୁକ ଯେ ଦିଲାକ ନରସାଇଁ
ଭାନୁମତୀର ଘେନି ରାଜା ହସ୍ତିନାକୁ ଆସଇ । ୧୮୨
ଅନେକ ସମ୍ଭାରେ ରାଜା ଥାଠ ଯେ ପଲାଣି
ଶତେ ଭ୍ରାଥ କର୍ଣ୍ଣ ବୀରବର ଦ୍ରୋଣି । ୧୮୩
ଅଜଙ୍ଗପାଦ ବନେ ହୋଇଲେ ପ୍ରବେଶ
ବାଜି ଦମା ବୀର ତୂର ବିଜିଘୋଷ । ୧୮୪
ୟେମନ୍ତର ସମୟେ ବିରୂପାକ୍ଷ ବୀର
ଶୂନ୍ୟେଣ ଭ୍ରମଇ ସେ ଚଢିଣ ରହ୍ନବର । ୧୮୫
ବୀରବର ବାଦ୍ୟ ଶୁଣିଲା ଯହୁଁ କର୍ଣ୍ଣେ
ତତକ୍ଷଯେ ଟେକିଲା ଲୋହିତ ନିର୍ମିତ ଯାନେ । ୧୮୬
ଗଗନୁ ଆସୁଁ ଆସୁଁ ବିନ୍ଧିଲାକ ଶର

ରଥୀ ହାଥୀ ଛିଡି ପଡିଲେ ପୟେଦାର । ୧୮୭
ଅନେକ ଯୁଦ୍ଧ କଲେ ଅର୍ଣ୍ଣ ଅଶସ୍ତମା
କର୍ମର ଅବଳେ ସେ ଯେ ହାରିଲେ ମହାତମା । ୧୮୮
ୟେମନ୍ତ ସମୟେ ଧୁଶାସନ ବୀର
ଗଦା ପ୍ରହାରିଲା ଅସୁର ଉପର । ୧୮୯
ସେ ଗଦା ସହି ଯେ ଅସୁର କୁଳସାଇଂ
ଭଇରୋବୀ ମୂଷଳ ଯେ ପିଟିଲା ରିଂଝାଇ । ୧୯୦
ଶଳର ଘାତେ ଧୁଶାସନ ହାରିଲାକ ପ୍ରାଣ
ସେ ଶୂଳ ନେଇ ପିଟିଲା କର୍ଣ୍ଣ ଉପରେଣ । ୧୯୧
ତତକ୍ଷଣେ ରାଧେବ ପଡିଲା ଉତ୍ତାନଶାହୀ ହୋଇ
ଅଶସ୍ତମାର ଥାଠେ ଟେକିଲା ରଥ ବେଗେ ନେଇ । ୧୯୨
ଅନେକ ସମର ସେ ଦତ୍ୟର ସଙ୍ଗେ କଲେ
ଅନାଦିର ବରେ ସେ ଶୂଳ ବଞ୍ଚାଇଲେ । ୧୯୩
ଦେଖିଣ ଅସୁର ଯେ ମହାକ୍ରୋଧ କଲା
ଚରଣ ଧରିଣ ରଥେ ନେଇ କଚାଡିଲା । ୧୯୪
ମୋହ ହେଲା ଯହ୍ନଂ ଗୁରୁଙ୍କ ତନୟି
ଆପଣାର ରଥେ ନେଇ ଭିଡି ବାନ୍ଧିଛଇଂ । ୧୯୫

---

୧୮୭ ।୨ ପୟେଦାର - ପାଇକ, ପଦାତିକ ।
ୟେହାନ୍ତ ମାରି ସେ ଯେ ସନ୍ୟଙ୍କୁ ମାଇଲା
ଶୂଳ ପ୍ରହାରି ଯେ ବଳ ବିଧଂସିଲା । ୧୯୬
ଦ୍ରିଯୋଧନ ଆଦି ସତାଣୋଇ ଭାଇ
ତାହାନ୍ତ ମାଇଲା ଶୂଳେ ଲୋହିତାକ୍ଷ ନେଇ । ୧୯୭
ନିଶୋଧନ କରିଣ ସେ କୁରୁବଳ ଥାଠ
ରଥର ଉପରକୁ ଗହିଂଲା ଦ୍ରପିଷ୍ଠ । ୧୯୮
ସ୍ତୁତି କରନ୍ତେ ଯେ ଦିବାରାତି ଯାଇଂ
ଭାନୁମତୀର ରୂପକୁ ସେ ବର୍ଣ୍ଣି ନ ପାରଇ । ୧୯୯
ଯୁବତୀ ମୋହେ ଉଭା ହୋଇଅଛି ଅସୁର
ଭାନୁମତୀକି ଘେନି ଯିବ ନିଜ ପୁର । ୨୦୦
ଶୁଣିଣ ଯୁଝେଷ୍ଠି ୟେହା ହୋଇଲେ ବଇକୁଲ
ଶୁଣିଣ କ୍ରୋଧଭର ଭାରୋଇ ଯେ ମଲ୍ଲ । ୨୦୧
ଯୁଝେଷ୍ଠି ବୋଇଲେରେ ଶୁମ ଧନଞ୍ଜୟେ
ସେମବଂଶକୁ ଯେ ୟେ କଳଙ୍କ ବଡ ହୋୟେ । ୨୦୨
ଯଦ୍ୟପି କଉରୋବେ ହୋଇଲେ ଅମାନୀ
ସେ ଦୁଷ୍ଟମାନଙ୍କର ମୁଂ ଦୋଷ ଯେ ନ ଘେନି । ୨୦୩
ଆମ୍ଭନ୍ତ ଜିଂଘାସ ଯେବେ କଲେ କଉରୋବେ
ଧର୍ମ ଦେବତା ତାଙ୍କୁ ଦିଅଇଂ ପରାଭବେ । ୨୦୪
ଧର୍ମ ଥିଲା ଲୋକେ ତରନ୍ତି ଦୁସ୍ତରେଣ
ଧର୍ମ ହୀନେ କଉରୋବେ ହରାଇଛନ୍ତି ପ୍ରାଣ । ୨୦୫

କେମନ୍ତେ କାହିଁରେ ପଡିଅଛି ସେହି
ଯୁଝେଷ୍ଠି ବଚନେ ବାହାର ଗ୍ରି ଭାଇ । ୨୦୬
ସହଦେବକଇଁ ବଦନ୍ତି ଧର୍ମଗ୍ଟ
ଆଗରେ ମନ୍ତ୍ରୀବର କଢାଅ ତୁ ବାଟ । ୨୦୭
ଶୁଣିଣ ସହଦେବ ଆଗରେଣ ହୋଇ
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ପଛେ ଛନ୍ତି ଧାଇଁ । ୨୦୮
ପବନ ହୁଁ ବେଗେ ସେ ଯେ ଖେପନ୍ତି ପାଣ୍ଡେବ
ପୁଣି ହିଁ ଯୁଝେଷ୍ଠି ବୋଲନ୍ତି ଗ୍ରିଁଣ ସହଦେବ । ୨୦୯
କେବଣ ବଂଶରେ ଯେ ଅସୁର ଅବତାର
କାହାକଇଁ ସେବିଣ ଯେ ପାଇଅଛି ବର । ୨୧୦
କୁରୁବଳ ମାରିବାକୁ ଯେ ସାମର୍ଥ ହୋଇ
କେବଣ ଦେଶରେ ସେ ଯେ ଅସୁର ରହଇ । ୨୧୧
ତାହା ସଞ୍ଚପି ମୋତେ କହ ମନ୍ତ୍ରୀବର
ଶୁଣିଣ ବୋଇଲେ ସେ ମାଦ୍ରୀର କୁମର । ୨୧୨
ଶୁଣିମା ସାବଧାନେ ଅସୁର ଆଦ୍ୟ ଜନ୍ମ
ଯେଥୁ ସେ ଅସୁର ହୋଇଲେ ସାର୍ଥମ । ୨୧୩
ଶିବାନ୍ତକ କାଳ ଯେକ ସତ୍ୟ ଯୁଗ ଲଯେ
ପ୍ରଳୟାନ୍ତକ କାଳ ହୋଇଲା ଫେନମଯେ । ୨୧୪
ନିରଞ୍ଜନ ନାଥ ଶୟନ ଯୋଗବଳେ
ଅନାଦି ମହାଦେବ ବାକ୍ୟଦେବୀର କୋଳେ । ୨୧୫
ନାସିକାରୁ ରସ ପକାନ୍ତେ ନାରାୟଣ
ସେ ବେନି ଅସୁର ଉତପତ୍ତି ତତକ୍ଷଣ । ୨୧୬
ଆସନ୍ତେ ଆକାଶକୁ କ୍ଷେପନ୍ତି ଦିତେ
ମଧୁ କଇଟଭ ନାମ ଯେ ସଂକେତେ । ୨୧୭
ନାରାୟଣ ସୀମସ୍ଥାନେ ଅଛନ୍ତି ବାକ୍ୟଦେବୀ
କୃଷ୍ଣଙ୍କୁ କୋଳେ ଧରି ପରମ ବୈଷ୍ଣବୀ । ୨୧୮
ଅନନ୍ତ କୋଟି ବ୍ରହ୍ମାଣ୍ଡ ଜଳମଯେ ଅଗାଧ
ସେ ବେନି ଦତ୍ୟଙ୍କର ନ ତିନ୍ତଇ ପାଦ । ୨୧୯
ଅତ୍ୟନ୍ତ ସୁନ୍ଦର ସେ ଦେଖିଣ ଧବଳାଙ୍ଗୀ
ସେ ବେନି ବୀରେ ଦେଖି ଶୃଙ୍ଗାର ବେନି ହେଁ ଯେ ମାଗି । ୨୨୦
ସରସ୍ୱତୀ ବୋଇଲେ ଭୋ ଦେବ ନାରାୟଣ
ମୋତେ ଅଭିଲାଷ ଯେ ମାଗନ୍ତି ବେନି ଜନ । ୨୨୧
ଶୁଣିଣ ନାରାୟଣ ଛାଡିଲେ ଯୋଗବଳ
କାଳାନଳ ଜାଣି ଭ୍ରମଇ ବେନି ଡୋଳ । ୨୨୨
ଚକ୍ର ଧରି ଭ୍ରମି ଆସନ୍ତେ ଅନାଦି ଶ୍ରୀହରି
ମଧୁ କୈଟଭ ଦୁହେଁ କର ଯେ ପ୍ରସାରି । ୨୨୩

---

୨୧୩ ।୨ ସାର୍ଥମ-ଅସ୍ତିତ୍ୱ
୨୨୧ ।୨ ଅଭିଲାଷ-ସ୍ପୃହା, ଅନୁରାଗ, ଲୋଭ

ଭୋ ଦେବ ନ ଚିହ୍ନିଲୁ କଲୁ ଆମ୍ଭେ ଦ୍ରୋହ
ସେ ଅନରୂପେ ଶାସ୍ତି ସ୍ତ୍ରୀମୀ ଆମ୍ଭଙ୍କୁ ଯେ ଦିଅ । ୨୨୪
ଭକ୍ତି ଉପୁଜାଇ ମାଗିଲେ ଯହୁଁ ବର
ସ୍ତ୍ରୀମୀ ଯହିଁ ପାଣି ନାହିଁ ତହିଁ ଆମ୍ଭଙ୍କୁ ଯେ ମାର । ୨୨୫
ଶୁଣିଣ ନାରାୟଣ ବହିଲେ ବୀର ତନୁ
ଦୁଇ ଦାନବନ୍ତ ମାଡି ବସିଲେ ଦୁଇ ଜାନୁ । ୨୨୬
ଗଦାୟେ ମେଲି ଦେବ ମାଂସ କଲେ ଲୋଗ୍
ଜଲୋଦକ କରିଣ ଯେ ପୃଥୀ କଲେ ସଞ୍ଜ । ୨୨୭
ସହଦେବ ବୋଲଇ ଶୁଣିମା ଧର୍ମସୁତ
ସେ ମେଦାସୁରକୁ ଯେ ମେଦିଲେ ଅଚୁୟତ । ୨୨୮
ସେ ମେଦାସୁର ମେଦି ଜଳେ ପକାନ୍ତେ ଗଦାଧର
ପଞ୍ଜରା ଅସ୍ଥି ଖଣ୍ଡେ ରହିଲା ଶେଷ ତାର । ୨୨୯
ତଳେ ପକାନ୍ତେ ବିମ୍ଭ୍ରେ ୟେକ ହେଲା
ଅନନ୍ତ ବିମ୍ଭ୍ରର ବୋଲି ଅନାଦି ନାମ ଦିଲା । ୨୩୦
ତାର ଉପରେ ପଡିଲା ମାଂସ ଲୋଗ୍
ତେଣୁ ସେ ମେଦିନୀ ନାମ ବିଷ୍ଣୁ କଲେ ସଞ୍ଜ । ୨୩୧
ସହଦେବ ବୋଲନ୍ତି ଶୁଣିମା ଧର୍ମବଚ୍ଛି
ଅସୁର ମାଂସେ ସ୍ତ୍ରୀମୀ ମେଦିନୀ ହୋଇଅଛି । ୨୩୨
ୟେ ଅସୁର ବଂଶ କହଇ ଶୁଣିମା ସାବଧାନେ
ୟେଣୁ ଅସୁର ହୋଇଲେ ବର୍ଧମାନେ । ୨୩୩
ମଧ୍ୟକାର ବୋଲି ଅସୁରାଧି ଗୋତ୍ରେ
ସେ ବଂଶେ ଉତପତ୍ତି ତ୍ରିହୋତ୍ର ବୋଲି ପୁତ୍ରେ । ୨୩୪
ତ୍ରିହୋତ୍ରର ନନ୍ଦନ ଜମ୍ଭ୍ରୁଦତ୍ୟ ବୋଲି
ଜମ୍ଭ୍ରୁଦତ୍ୟର ପୁତ୍ର ଜପାସୁର କହିଲି । ୨୩୫
ଜପାସୁର ନନ୍ଦନ ଯେ ଦପାସୁର ବୀର
ଦପାସୁର ପୁତ୍ର ହୋଇଲା ଅଙ୍ଗିରା । ୨୩୬
ଅଙ୍ଗିରାର ନନ୍ଦନ ମୟେ ବୋଲି ବୀର
ମୟେର ନନ୍ଦନ ଉତପତ୍ତି ଲୋହାସୁର । ୨୩୭
ଲୋହାସୁର ପୁତ୍ର ଯେ ଅସୁର ବିତକ୍ଷ
ତାହାର ନନ୍ଦନ ଶୂଳିକ ମହାତକ୍ଷ । ୨୩୮
ଶୂଳିକର ନନ୍ଦନ ବଜ୍ରନାଭ ଅସୁର
ବଜ୍ରନାଭ ନନ୍ଦନ ସୌଦାସ ରାକ୍ଷସ ମହାବୀର । ୨୩୯
ଜଳତରଙ୍ଗ ନାମେ ୟେହାର ସେ ଶିଷ୍ୟ । ୨୪୦
ୟେ ଜଳତରଙ୍ଗ ବ୍ରହ୍ମାଣ୍ଡ ବୁଲିଲା
ଅନନ୍ତ ବିମ୍ଭ୍ରର ପାତାଳେ ଠାବ କଲା । ୨୪୧
କଟକ କରି ତହିଁ ରହିଲା କାମଚର
ସହସ୍ରେକ ବାର ଧାଡି ଦିଲାକ ଅମର । ୨୪୨
ତରେଣ ସ୍ତ୍ରୀର୍ଗ ଛାଡି ପଳାବନ୍ତି ଦେବବୃନ୍ଦ
ଜୂର କରି ଆଣଇ ସ୍ତ୍ରୀର୍ଗର ସ-ଦ । ୨୪୩
ଜଳତରଙ୍ଗ ନନ୍ଦନ ଅସୁର ବୀର ମେଧା

ଯେ ସେଆକାଶକୁ କଲାକ ଶରଧା । ୨୪୪
ମେଧାସୁର ନନ୍ଦନ ଅଟଇ କୃତକେଶୀ
ସଂସାର ଦହିଲା ସେ ଯେ ନାଶିଲା ସର୍ବ ଋଷି । ୨୪୫
କୃତକେଶୀ ନନ୍ଦନ ଜଟାସୁର ନାମ
ସେ ମହା ମୂଢ ଯେ ନାଶିଲା ସବୁ ଧର୍ମ । ୨୪୬
କୃତକେଶୀ ପୁତ୍ର ଅଟି ଲୋହିତାକ୍ଷ
ଭାସ୍କର ବରେ ସେ ଯେ ପ୍ରତାପୀ ମହାଦକ୍ଷ । ୨୪୭
ଯେ ପୁଣି ସ୍ୱର୍ଗକଇଂ ଅନେକ ଧାଡି ଦିଲା
ଡରେଣ ଶଚୀପତି ସ୍ୱର୍ଗ ଛାଡି ଦିଲା । ୨୪୮
ବହୁତ ଦ୍ରବ୍ୟ ସେ ଯେ ଆଣିଲା ଜୂର କରି
ଯେ ପାପିଷ୍ଠର ମନ ଯେ ବଳିଲା ଦେବ ସ୍ତିରୀ । ୨୪୯
ଯହୁଂ ସ୍ୱର୍ଗ ଛାଡି ପଳାଇଲାକ ବଜ୍ରଧର
ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପାଳିଲେ ଅସୁର । ୨୫୦
ମକର ଶୁକ୍ଲପକ୍ଷ ଯେ ପୌର୍ଣ୍ଣମୀର ଦିନ
ମଘା ନାମେଣ ନକ୍ଷତ୍ର ଯେ ଅଟଇ ବିଦ୍ୟମାନ । ୨୫୧
ଗର ନାମେ କରଣ ଅତିଗଣ୍ଡ ନାମେ ଯୋଗ
ମକର ସଙ୍କରାନ୍ତିକି ସତର ଦିନ ଭୋଗ । ୨୫୨

---

୨୪୨ ।୧ କାମଚର-ରାକ୍ଷସ ।
ସେ ଦିନ ଲୋହିତାକ୍ଷ ମେରୁକୁ ଦିଲା ଧାଡି
ବିଚାରଇ ଆଜ ତାକୁ ପକାଇବି ଉପାଡି । ୨୫୩
ଯେମନ୍ତେ ବିଚାରି ସେ ଯେ ମେରୁ ସ୍ଥାନେ ମିଳି
ହୁଂକାର ଶବଦ ଯେ କଲା ଯାତୁଧାନ ମହୀ ଯେ ଉଛୁଳି । ୨୫୪
ତିନି ବେଳ ଝାଙ୍ଗନ୍ତେ ହଲିଲାକ ମେରୁ
ଟଳିଲାକ ପୃଥା ନୋହିଲାକ ଯହୁଂ ଗରୁ । ୨୫୫
ବିକଳେ ମେରୁ ସେ ଯେ ବୋଲଇ ଅସୁରକୁ
କି-ାଇ ଦୁର୍ଧଂସ ତୁ କରୁଅଛୁ ମକୁ । ୨୫୬
ମୁହିଁ ତରେ ତୋହୋର ନୋହଇ ବିରି
ନିଶ୍ଚଳେ ମାଡି ମୁଂ ଯେ ବସଇ ବସୁନ୍ଧରୀ । ୨୫୭
କି-ାଇ ମହାଦତ୍ୟ କୋପ ମୋତେ କରୁ
ତୋତେ ସାମାନ୍ୟ ମୁଂ କାହିଁ ହେବି ଗରୁ । ୨୫୮
ମେରୁର କାକୁସ୍ତି ବିନୟ ବାଣୀ ଶୁଣି
ଶାନ୍ତି ଭଜିଲା ସେ ଅସୁର କୂଳ ଚୂଡାମଣି । ୨୫୯
ବୋଇଲା ଯଦ୍ୟପି ତୋତେ ମୁଂ ନ ଉପାଡିବି
କିସ ଦେବୁ ମୋତେ ଯେ ବାହୁଡିଣ ଯିବି । ୨୬୦
ମେରୁ ବୋଇଲା ଯେ ତୋହୋର ଇଚ୍ଛା
ମାଗୁ କିନା ତୋର ପୂରୁ ମନ ବାଞ୍ଛା । ୨୬୧
ଲୋହିତାକ୍ଷ ବୋଇଲା ସତ୍ୟ କର ତୁହି
ତଦଅନ୍ତକରି ଯାହା ମାଗିବି ମନାଇଂ । ୨୬୨

ଶୁଣିଣ ହେମାଦ୍ରି ଯେ ସତ୍ୟ ସତ୍ୟ କହି
ତୁ ଯାହା ମାଗିବୁ ଅବଶ୍ୟ ଦେବି ମୁହିଁ । ୨୬୩
ଶୁଣିଣ ଲୋହିତାକ୍ଷ ବୋଇଲା ନିରାଧାର
ମୁକୁଇଁ ଦେବୁ ସରିତା ଦୁହିତା ତୋହୋର । ୨୬୪
ଶୁଣିଣ ମେରୁ ସତ୍ୟ ଭଗ୍ନ ନୋହିଲା
ସରିତାକୁ ଆଣିଣ ଲୋହିତାକ୍ଷକୁ ଦିଲା । ୨୬୫
କନ୍ୟା ଘେନି ଅସୁର ବାହିଡିଲା ଧାତି
ସେ ଦିନ୍ଟଂ ମେରୁକଇଁ କଲା ବହୁତ ପୀରତି । ୨୬୬

୨୫୪ ।୨ ଯାତୁଧାନ-ନିଶାଚର, ରାକ୍ଷସ
ଅନନ୍ତ ବିମ୍ଭ୍ରରେ ବିହରନ୍ତେ ଯାତୁଧାନ
ୟେମନ୍ତେ ଗଲା ତହିଁ କେତେହେଁକ ଦିନ । ୨୬୭
ସରିତାର ସଙ୍ଗେ ପ୍ରୀତି ବଶ ହୋଇ
ଆବର ସ୍ୱ୍ରର୍ଗକୁ ଯେ ନ ଯାଏ ଦଣ୍ଡ ବାହି । ୨୬୮
ସ୍ୱ୍ରର୍ଗେ ଦେବତାୟେ ଯେ ନିଶ୍ଚନ୍ତେ ରହିଲେ
ବହୁତ ପ୍ରଶଂସା ସେ ଯେ ମେରୁକଇଁ କଲେ । ୨୬୯
ୟେଥୁ ଅନନ୍ତରେ ଶୁଣିମା ଭୋ ଦେବ
ଗ୍ଲି ଯାଉଁ ଯାଉଁ କହଇ ସହଦେବ । ୨୭୦
ବୈଶାଖ କୃଷ୍ଣ ଯେ ଅମାବଇ ଦିନ
ରେବତୀ ନକ୍ଷତ୍ର ଯେ ଅଟି ବିଦ୍ୟମାନ । ୨୭୧
ବିଷ୍ଟି ନାମେ କରଣ ବ୍ୟତିପାତ ନାମେ ଯୋଗ
ମେଷ ସଙ୍କରାନ୍ତି କି ବାଇଶ ଦିନ ଭୋଗ । ୨୭୨
ଭୃଗୁ ବାରର ରାତ୍ର ଅଟଇ ବିଦ୍ୟମାନ
ସରିତାର ଗର୍ଭରୁ ଉତପତ୍ତି ନନ୍ଦନ । ୨୭୩
ମହା ଉଗ୍ର ତେଜ ଯେ ପ୍ରଚଣ୍ଡ କାଲାନଳ
ଦିନୁ ଦିନୁ ବଢଇ ଅସୁର ଅଗ୍ର୍ଗଳ । ୨୭୪
ନାମ ତହାର ଯେ ଦିଲା ଲୋହିତାକ୍ଷ
ୟେ ପୁତ୍ର ନାମ ମୋର ଅଟଇ ବିରୂପାକ୍ଷ । ୨୭୫
ଜନ୍ମ ହୋଉଁ ଯେଣୁ ଭୀଷ୍ମ ରୂପ ହେଲା
ତେଣୁ କରି ବରୂପାକ୍ଷ ବୋଲି ପିତା ନାମ ଦିଲା । ୨୭୬
କିଛୁ ଦିନ ଅନ୍ତରେ ବୋଲଇ ସରିତା
ଭୋ ପୁତ୍ର ତପସ୍ୟା କରରେ ବିଧାତା । ୨୭୭
ଯାହାର ପ୍ରସନ୍ନେ ଜରା ମୃତୁ୍ୟ ନାହିଁ
ଅଭୟେ ବର ଦିୟେ ସାବିତ୍ରୀ ଦେବୀର ସାଇଁ । ୨୭୮
ଶୁଣି ବିରୁପାକ୍ଷ ସନମତ କଲା
ତପସ୍ୟା କରିବାକୁ ବିମ୍ଭ୍ରରୁ ବାହାରିଲା । ୨୭୯
ଦେଖିଲା ପୃଥୀ ଯେ ତୃତୀୟ ବିଦ୍ୟମାନ
ଗ୍ରାମ ପାଟଣା ନନ୍ଦ ନଦୀ ଯେ ଉପବନ । ୨୮୦
ମହା ଘୋର ବନେ ପ୍ରବେଶ ରାକ୍ଷସ
ଜିଣିଣ ଗଲା ସେ ହଟକେଶ୍ୱ୍ରର ଦେଶ । ୨୮୧
ତୁଙ୍ଗଭଦ୍ରା ବନ ଯେ ଅତ୍ୟନ୍ତ ପରିମଳ
ସେ ବନେ ବସିଲା ଯେ ଆସନ ନିଶ୍ଚଳ । ୨୮୨
ଷୋଳ ଡମ୍ଭ୍ରରୁ ଯେ ଗ୍ୟାନ ତତ୍ତ୍ୱ ଧରି
ବ୍ରହ୍ମାଙ୍କୁ ତପସ୍ୟା କରି ନି-ଆହାରୀ । ୨୮୩
ନବ ସହସ୍ର ବରଷ କଲା ଘୋର ତପ
ବ୍ରହ୍ମାଙ୍କୁ ଲୟେ କରି ଦୁରାତ୍ମା କୁଣୋପ । ୨୮୪
ଅନଳ ଜାଳିଣ ସେ ମାଂସ କାଟି ଦେହୁଁ
ଅଗ୍ନିର ଭିତରେ ମାଂସ କାଟି ଦେଉ । ୨୮୫

ଅଗ୍ନିରେ ଦିଅନ୍ତେ ଯେ କଅଁଳଇ ଅଙ୍ଗ
ପଶୁ ମାଂସ କାଟି ଯେ ଦିଅଇ ହବି ମଧ୍ୟ ଭାଗ । ୨୮୬
ଯେ ପ୍ରମାଣେ ତପ ଯେ ଦାନବ କରଇ
ନବ ସହସ୍ର ବରଷ ନି-ଆହାରେ ଥାଇ । ୨୮୭
ଯେତେ କଷ୍ଟେ ନ ଦିଖିଲାକ ଚିହ୍ନ ବର୍ଣ୍ଣ
ପୁମ ଦହିଲା ଯେ ଶରୀର ଯାତୁଧାନ । ୨୮୮
ଯେକୋଇଶି ସହସ୍ର ବର୍ଷ ଅଗ୍ନିରେ ଦେହ ଝାସି
ଆହୁତି ସମର୍ପିଲା ଅଗ୍ନିରେ ଯାଇଁ ପଶି । ୨୮୯
ଅନଳ ଭିତରେ ଯେ ନିବେଶିଲା କାୟା
ଦହନ ନୋହିଲା ସେ ଯେ ପିତାମହର ମାୟା । ୨୯୦
ଜଳି ବହନି ଯେ ନିଜ ତେଜ ଲାଗି
ଦୁରାପଦ କଷ୍ଟେ ଜୀବନ ପରିତ୍ୟାଗି । ୨୯୧
ମହାକଷ୍ଟୋର ଦେଖି ଭୟେ କଲେ ବୃନ୍ଦାଅର୍କେ
ଧାତାର ତହିଁକି ଯେ ଗଲେ ଦେବ ଲୋକେ । ୨୯୨
ଇନ୍ଦ୍ର ଚନ୍ଦ୍ର ପବନ ଦେବ ବୃହସ୍ପତି
ସୂର୍ଯ୍ୟ ନଲକୁବେର ବରୁଣ ନୈରୁତି । ୨୯୩
ଗ୍ରହଗଣ ଆଦି ସପ୍ତ ଦେବଲୋକେ
ବସୁଧା ସହିତେ ସମସ୍ତେ ଦେବେ ଶୋକେ । ୨୯୪
ଯଶୋବନ୍ତୀ ଭୁବନେ ବିଜୟେ ବେଦବର
ଆସ୍ତାନ ତଳେ ଉଭା ସମସ୍ତ ଦେବବର । ୨୯୫
ଶତ ସହସ୍ର ଯେ ପ୍ରଣମ୍ୟ ଦଇନି
ଦେଖିଣ ପ୍ରତିବାଚ ଦିଅନ୍ତି ପଦ୍ମଯୋନି । ୨୯୬
ଇଦଂ ପ୍ରତିବାଚ ପିତାମହ ସଂଚି
ସ୍ତ୍ରିୟଂ ସମ୍ଭାଷଣ କରନ୍ତି ବିରଞ୍ଚି । ୨୯୭
କିମ୍ଭୂତ କାରଣେ ଅଇଲ ବୃନ୍ଦାଅର୍କେ
ମୁଖେ ଅଙ୍ଗୁଷ୍ଟି ଦେଇ ଦେବେ ଶୋକେ । ୨୯୮
ବୃହସ୍ପତି ବୋଇଲେ ତୁ ଜଗତର ବନ୍ଧୁ
କାରଣ ନାଥ ତୁ ଯେ କୃପାଜଳ ସିନ୍ଧୁ । ୨୯୯
ଲୋହିତାକ୍ଷର ସୁତ ବିରୂପାକ୍ଷ ବୀର
ସେ ତୋତେ ଲୟେ ଯେ କରଇ ଅପାର । ୩୦୦
କାହାର ସ-ରଧି ସେ ଯେ ଘେନିମ ଯାତୁଧାନ
ଶୁଣିଣ ବୋଲନ୍ତି ସେ ଚତୁର ବଦନ । ୩୦୧
ମୁଁ ତାହାକୁ ବର ଦେବଇ ନିରାଧାର
ତୁମ୍ଭେ ଦେବେ ଯାଅ ଯେ ଯାହାର ଘର । ୩୦୨
ଶୁଣିଣ ଦେବେ ଗଲେ ଯେ ୟାହାର ସ୍ଥାନ
ମରୁଳ ବାହନେ ବିଜେ ଚତୁର ବଦନ । ୩୦୩
ବିରୂପାକ୍ଷ ସନ୍ନିଧେୟ ଯାଇଁ ପ୍ରବେଶ ହୋଇଲେ
କମଣ୍ଡଳୁ ପାଣି ଯେ ସଧାରେ ସିଞ୍ଚିଲେ । ୩୦୪
ଗତୁଂ ଶତେ ଗୁଣେ ହୋଇଲା ଅସୁର
ବ୍ରହ୍ମା ବୋଇଲେ ମାଗୁ କି ନା ବର । ୩୦୫

କର ପତ୍ର ଯୋଡି ବୋଲଇ ସରିତା ତନୟେ
ଭୋ ସ୍ୱାମୀ ବେଦବର ମୁଁ ହୋଇବି ଅକ୍ଷୟେ । ୩୦୬
ଅସ୍ତୁ ହୋଉ ବୋଲିଣ ବୋଇଲେ ପିତାମହ
ଭୋ ସ୍ୱାମୀ ବେଦବର ବଜ୍ର ହୋଉ ମୋର ଦେହ । ୩୦୭
ଦେବାସୁର ନରେ ଯେ ନ ମରିବି ମୁହିଁ
ଦେବ ଶର ମାନ ମୋର ଅଙ୍ଗେ ନ ଭେଦଇ । ୩୦୮

---

୩୦୩ ।୨ ମରୁଳ-ମରାଳ-ହଂସ ।
ଭ୍ରମି ଆସିବ ସ୍ୱର୍ଗ ମର୍ତ୍ତ୍ୟ ପାତାଳ ମୋର ଯାନ
ସାଂଗ୍ରାମେ ମୋତେ କେହି ନୋହିବେ ସମାନ । ୩୦୯
ଅସ୍ତୁ ହେଉ ବୋଲି ବୋଇଲେ ବେଦବର
କର ପତ୍ର ଯୋଡି ବୋଲଇ ଅସୁର । ୩୧୦
ଭୋ ପିତାମହ ଦିଲୁ ଅଭୟେ ଯେ ବର । ୩୧୧
ମୃତ୍ୟୁ ଭେଦ ମୋର କହିବା ନା ତତ୍ତ୍ୱ
ଶୁଣିଣ ଉତ୍ତର ବୋଲନ୍ତି କୁଶକେତୁ । ୩୧୨
ପଞ୍ଚୁ ଇନ୍ଦ୍ରର ଜନ୍ମିବେ ଯେ ମର୍ତ୍ତ୍ୟ ଭୁବନେ
ସେ ତୋର ହନ୍ତକାରୁ ପାଣ୍ଡେବ ଫାଲଗୁନ୍ୟେ । ୩୧୩
ଶୁଣିଣ ବିଗ୍ରଇ ଅସୁର କୁଳପତି
ଯେକ ଇନ୍ଦ୍ରର ସିନା ସ୍ୱର୍ଗରେ ଆଧିପତି । ୩୧୪
ପଞ୍ଚ ଇନ୍ଦ୍ରର କାହିଁ ଏକତ୍ରେ ଜନ୍ମ ହୋଇ
ଧନ୍ୟ ମୋର ବର ଅଭୟେ ବର ପାଇ । ୩୧୫
ଯେମନ୍ତ ବିଗ୍ରି ସେ ବୋଇଲା ଦାନବ
ଭୋ କୁଶକେତୁ ମୋର ଅମୃତ ଲିଙ୍ଗ ଥିବ । ୩୧୬
ପଞ୍ଚୁ ଇନ୍ଦ୍ରରେ ଯେବେ ମୋତେ ପକାଇବେ ହାଣି
ପୁନ ପୁନ ଶିର ମୋର ଲାଗିବ ତତକ୍ଷଣି । ୩୧୭
ଅମୃତ ଲିହ୍ନ ମୋର ନାଭି ପଦ୍ମେ ଥିବ
ସେ ଥିବା ଯାଏ ମୋର ମୃତ୍ୟୁ ଯେ ନୋହିବ । ୩୧୮
ଅସ୍ତୁ ହେଉ ବୋଲି ବୋଇଲେ ବେଦବର
ଅନ୍ତର୍ଧାନ ହୋଇଲେ ଅସୁରକୁ ଦେଇ ବର । ୩୧୯
ସେ ଦିନୁ ରାକ୍ଷସ ଯେ ଦିଗବିଜେ କଲା
ଅନେକ ରାଜା ସେ ଯେ ରାକ୍ଷସ ଜିଣିଲା । ୩୨୦
ବ୍ରହ୍ମା ବରେ ସେ ଯେ ଅସୁର ମହାବୀର
ସରି ନୁହଁନ୍ତି ତାକୁ ସମରେ ହରିହର । ୩୨୧
ଭାନୁମତୀ କି ଯେବେ ରଥରେ ବସାଇବ
ପାତାଳ ଭୁବନକୁ ବୋଲି ଘେନି ଯିବ । ୩୨୨
ଜଳଅନ୍ଧାରି ପୁର ଯେ ଅଟଇ କୁଣ୍ଡଳୀ
ଭେଦ ନୋହଇ ବ୍ରହ୍ମା ବିଷ୍ଣୁ ଯେବେ ମିଳି । ୩୨୩
ଶୁଣିଣ ଯୁଦ୍ଧେଷ୍ଠି ଭୀମକୁ ଆଗ୍ୟାଂ ଦିଲେ
ଆଗରେ ଦତ୍ୟକୁ ନିରୋଧ ବୋଇଲେ । ୩୨୪

ଶୁଣିଣ ପାବନି ଯେ ଧାଇଁଲାକ ଖରେ
ଅଜଙ୍ଗପାଦ ବନେ ପ୍ରବେଶ ବୃକୋଦରେ । ୩୨୫
ଦେଖିଲା ପଡିଣ ଯେ ଅଛନ୍ତି କୁରୁବୀରେ
ରଥିରେ ବନ୍ଧନ ଦ୍ରୋଣଙ୍କ କୁମରେ । ୩୨୬
ବନ୍ଧନେ ଚେତନା ସେ ପାଇଲା ଅଶସ୍ତମା
ଦୂର ହୁଁ ଦେଖିଲା ଯେ ଆସଇ ବୀର ଭୀମା । ୩୨୭
କର ଚରଣ ସେ ଯେ ନ ପାରଇ ଗଳି
ଦାରୁଣ ରାକ୍ଷସ ତାକୁ ବାନ୍ଧିଛି ନିରୋଳି । ୩୨୮
ରଥର ସନିଧେୟ ମିଳିଲା ପବନର ନାନ
ବିଜୟା ସାରଥିକି ଧଇଲାକ ବହନ । ୩୨୯
ତୋଳି କଗ୍ଡିଲା ରଥ ଚକର ଉପରେ
ଛେଚି ହୋଇ ସାରଥି ଯେ ପଡିଲା ଭୂମିରେ । ୩୩୦
ଅଶସ୍ତମା ପାଶେ ପ୍ରବେଶ ପାବେନି
ଧିକ୍କାର କରଇ ସେ ଯେ ଗୁରୁସୁତ ଚିହ୍ନି । ୩୩୧
ଅସିପତ୍ର ଘେନିଣ ବନ୍ଧନ ତାର କାଟି
ଅଶସ୍ତମା ବାହା ଧରି ତଳକୁ ଦିଲା ଛାଟି । ୩୩୨
ବଜ୍ର ସମ ଗଦା ରଥେ ପ୍ରହାରିଲା
ଅଖ ଚକ ଅଶ୍ୱ ରଥନ୍ତ ଧୂଳି କଲା । ୩୩୩
ତଦ୍ୟାପି ବିରୂପାକ୍ଷ ନ ଜାଣଇଁ କିଛି
ଭାନୁମତୀ ରୂପ ଦେଖି ମୋହ ହୋଇଅଛି । ୩୩୪
ଯେଥୁ ଅନନ୍ତରେ ଭାନୁମତୀ ରାଣୀ
ସ୍ୱାମୀ ସନ୍ୟ ଅଭାବେ ଯେ କାନ୍ଦଇ ତରୁଣୀ । ୩୩୫
ଯେତେ କ୍ରୋଧ ତାର କହିତ କି ପାରି
ଲକ୍ଷେ ରାଜାନ୍ତ ମୋ ପିତା ଥିଲା ବରି । ୩୩୬
ଶଙ୍ଖ ପଦ୍ମ ନିଧି ସନ୍ତେକ ନ ପାଇ
ନାସ୍ତ କଲି ମୁହିଁ ପିତାର ମୁଖ ଗହିଁ । ୩୩୭
ଶୁଣି ପିତା ମୋର ରାଜାଙ୍କୁ ଅବଧାରି
ନୋହିଲା ସଙ୍କେତ ନାସ୍ତି କଲା ମୋ କୁମାରୀ । ୩୩୮
ସଜ୍ଜନ ରାଜାମାନେ ବାହୁଡିଲେ
ଦୁଷ୍ଟ ରାଜାମାନେ ଯେ ଯୁଦ୍ଧ ଆରମ୍ଭିଲେ । ୩୩୯
ଅକସ୍ମାତେ ସ୍ୱାମୀ ଯେ ହୋଇଲୁ ଉତପନ୍ନ
ଲକ୍ଷେ ରାଜାଙ୍କୁ ଯେକା ଜିଣିଲା ବୀର କର୍ଣ୍ଣ । ୩୪୦ ସଂ
ଛାର ଦନୁଜ ଯେ ଦୁର୍ଭାର କାମରୂପୀ
ତାହାକୁ ଭୋ ସ୍ୱାମୀ ଯେ ହାରିଲ ଅଦ୍ୟାପି । ୩୪୧
ଆଶା ଦେଖାଇ ଯେ ନି-ଆଶା କରି ଗଲୁ
ଯେତେ ମୁଁ କହିଲି ମୋର ବୋଲ ନ ମାନିଲୁ । ୩୪୨
ସୁନ୍ଦର ସୁଲକ୍ଷଣ ଅଟୁ ନବ ଯୁବା
ବୃକ୍ଷରେ ଉଠାଇ ନିଶୁଣି କାଟିଲୁ ମୋର ବାବା । ୩୪୩
ଅନଙ୍ଗ ସୁନ୍ଦର ଯୁବା ବୟସ ମୂରତି
ଶଙ୍ଖ ପଦ୍ମ ନିଧି ଶ୍ରୀକରେ ତୋର ସ୍ଥିତି । ୩୪୪

କୀର୍ତ୍ତିଗ୍ରାମ ତୋର ନ ଜାଣଇଁ ମୁହିଁ
ପୂର୍ବେଣ କି ପୂଜି ନ ଥିଲି ମୁଁ ଉମାସାଇଁ । ୩୪୫
ସ୍ତ୍ରୀମୀର ଗୁଣ ମୁଁ ଯେ ବାହୁନିବି କିସ
ଜଳନ୍ତା ଅନଳେ ମୁଁ ଯେ ନିଶ୍ଚେ ଦେବି ଝାସ । ୩୪୬
ତଳକୁ ନ ଆସଇ ଅସୁର ଭୟ ପାଇ
ରଥର ଉପରେ ସେ ଯେ ବାହୁନି କାନ୍ଦଇ । ୩୪୭
ଯେଥୁ ଅନନ୍ତରେ କର୍ଣ୍ଣ ମହାବଳୀ
ବିରୂପାକ୍ଷ ଘାତେ ସେ ଯେ ପଡିଥିଲା ଢଳି । ୩୪୮
ରାତ୍ରମାନେ ସେ ଯେ ମୃତ୍ୟୁ ପାଇ ଥିଲା
ରାତ୍ରର ଅନ୍ତେ ପୁଣ ଅରୁଣ ଉଇଁଲା । ୩୪୯
ଆଦିତ୍ୟର ସୁତ ଯେ ଅଟନ୍ତି କର୍ଣ୍ଣବୀର
ଅମୃତ କୁଣ୍ଡଳ କର୍ଣ୍ଣେ ରଞ୍ଚିଛି କରତାର । ୩୫୦
ସେ କୁଣ୍ଡଳ ଥିଲେ ମୃତ୍ୟୁ ତାର ନାହିଁ
ସୂର୍ଯ୍ୟଙ୍କ କିରଣେ ଅମୃତ ଝରଇ । ୩୫୧
ଶୀତ ରଶ୍ମି କାଳେ ମୃତ୍ୟୁ ପାଇଥିଲା
ରବି ଉଦେ ହୁଅନ୍ତେ ଅମୃତ ସ୍ରବିଲା । ୩୫୨
ମୁଖେଣ ପଶନ୍ତେ କର୍ଣ୍ଣ ପାଇଲା ଚେତନ
ନ ଉଠଇ ତରେ ସେ କରିଣ ଭୟ ମନ । ୩୫୩
ଯେମନ୍ତ ସମଯେ ଯେ ପବନ ତନଯେ
ଅସୁର ରଥ ଭଗ୍ନ କରି ସିଂଘ ରଡି ଦିଯେ । ୩୫୪
କର୍ଣ୍ଣ ଶୁଣିଲା ଯହୁଁ ବ୍ରିକୋଦର ଡାକ
ଆକାଶର ପାଣି କି ସେ ପାଇଲା ଗ୍ରତେକ । ୩୫୫
ପର୍ବତ ସମାନେ ବେନି ଗଦା ତୋଳି
ରାକ୍ଷସ ଉପରକୁ ଯେ ଧାମଇଁ ମହାବଳୀ । ୩୫୬
ଚକ୍ଷୁ ମଳି କର୍ଣ୍ଣ ଉଠିଲାକ ଧାତି
ଦେଖିଣ ଅଳପ ହସଇ ମାରୁତି । ୩୫୭
ଅଶସ୍ତମା ଭୀମ କର୍ଣ୍ଣ ଘେନି ତିନି
ରାକ୍ଷସ ଉପରକୁ ଧାମଇଁ ପେବନି । ୩୫୮
ରଥ ତଳେ ଯେ ଦାନେବ ଅଛି ରହି
ସିଂଘ ରଡି ଶୁଣି ପଛକୁ ଦିଲା ଗ୍ରହିଁ । ୩୫୯
ମେରୁ ତୁଲ୍ୟ ଜାଣି ଭୀମସେନ କାଯେ
ମନ୍ଦର ତୁଲ୍ୟ ବେନି ଗଦା ଘେନି ଧାଯେଁ । ୩୬୦
ରେରେ କାର ଶବଦେ ଉଚ୍ଛଳଇଲାକ ନହୀ
ବାମ ଡାହାଣେ କର୍ଣ୍ଣ ଅଶସ୍ତମା ରହି । ୩୬୧
ଇନ୍ଦ୍ରର ଧନୁ ଜାଣି କରେ ଗ୍ରପ ଧରି
ଭୀମ ସଙ୍ଗେ ଧାମନ୍ତି ବିକ୍ରମ କେଶରୀ । ୩୬୨
ଅସୁର ବିଘାତେ ମରି ଜୀଇଁ ଥିଲେ
ଭୀମକୁ ବଳ ପାଇ ଉଠିଣ ଧାଇଁଲେ । ୩୬୩
ଅସୁର ସନ୍ନିଧ୍ୟେ ପ୍ରବେଶ ହେଲେ ଯାଇଁ
ଅସୁରକୁ ଗ୍ରହିଁ ଭୀମସେନ ବୋଲଇ । ୩୬୪

ଆଜ ସେ ବିଧାତା ତୋତେ ମୃତ୍ୟୁ ଦିଲା
ସଞ୍ଜୀବନୀ ନାଥ ତୋର ପାଞ୍ଜି ଯେ ପୋଛିଲା । ୩୬୫
ୟେମନ୍ତ କହନ୍ତେ ଅସୁର କଲା ଦୁଷ୍ଟ
ଆପଣା ରଥରେ ନାହିଁ ସାରଥି ଗୋଟି । ୩୬୬
ବିରରୀତ ଦେଖି ଅସୁର ମନେ ଭାଳି
ୟେ ରଥ ଭାଙ୍ଗିଲା କେ ୟେଡେକ ମହାବଳୀ । ୩୬୭
ଦେଖିଲା ଆଗରେ ତିନିଜଣ ଉଭା
ବିଦ୍ୟାଧରର ପ୍ରାୟେ ଦିଶନ୍ତି ଯେ ଶୋଭା । ୩୬୮
ବୋଲଇ ମାନବରେ ପୂରିଲା ତୁମ୍ଭ କାଳ
ୟେଡେକ ଥାଠ ମାରି ପଦା କଲି ସକଳ । ୩୬୯
ଆବର ଜୀବନରେ ପାଇବ କି ତୁମ୍ଭେ
ମୋର ମୁଖେ ଭେଟ ପଡିଲ ତୁମ୍ଭେ ଯେବେ । ୩୭୦
ୟେମନ୍ତ କହିଣ ପାମର ଅସୁର
ଭୀମସେନ ଅଙ୍ଗେ ଶୂଳ କଲାକ ପ୍ରହାର । ୩୭୧
ଶୂଳ ପଡନ୍ତେ ଭୀମ ପାତିଲା ବାମ ଅଙ୍ଗ
ପଡିଣ ଶୂଳ ଯେ ହୋଇଲା ବିଭଙ୍ଗ । ୩୭୨
ଦେଖିଣ ପାବେନି ଯେରେରେ କାର କରି
ବାଉଂନ ବାଉଂନ ଭାର ଗଦା କରେ ଧରି । ୩୭୩
ଧାଇଂଣ ପିଟିଲା ସେ ଯେ ପବନର ବଷି
କାଳେବର ଗଦା ପଡି ନୋହିଲା ତାର କିଛି । ୩୭୪
ଧନୁ ଧରି କର୍ଣ୍ଣ ଅଶସ୍ତମା ଥିଲେ ରହି
ଅସୁର ଉପରକୁ ବାମ ବିନ୍ଧିଲେ ନିଠାଇ । ୩୭୫
ଦେଖିଣ ଅସୁର ଯେ ପ୍ରତିଶର କରି
ଦୁହିଂଙ୍କର ଶର ଦୂର ହୁଂ ନିବାରି । ୩୭୬
ଅଗ୍ନି ଶରେକ ଯେ ବିନ୍ଧିଲେ ଗୁରୁ ସୁତ
ଜଳ ଧାରା ଶରେ ତାହା ନିବାରିଲା ଦଇତ । ୩୭୭
ମେଘାଶରେକ ଯେ ବିନ୍ଧିଲା କର୍ଣ୍ଣବୀର
ଗର୍ଜନ୍ତି ମେଘମାନେ ପ୍ରଳୟ ମହା ଘୋର । ୩୭୮
ଅସୁର ବିନ୍ଧିଲା ଯେ ପବନାଶର ବାଣ
ପବନ ବିଘାତେ ମେଘେ ରଡିଲେ ଗଗନ । ୩୭୯
ପଞ୍ଚଶତ ଶର ଗୁରୁ ସୁତ ମାରି
କିଞ୍ଚିତ ଶରେ ତାହା ଅସୁର ନିବାରି । ୩୮୦
କୋପେଣ କର୍ଣ୍ଣ ବୀର ପନ୍ନଗା ଶର ମାରି
ଗରୁଡା ଶରେ ତାହା ଅସୁର ନିବାରି । ୩୮୧
ଅସୁର ବୋଲେ ମାନବ ପୂରିଲା ତୋର କାଳ
ଶୂଳ ଧରି ସେ ଯେ ଧାମଇଂ ମହାବଳ । ୩୮୨
ଅସୁର ଧାମନ୍ତେ ଧାମନ୍ତି ପାବେନି
ବାଉନ ବାଉନ ଭାର ଗଦା କରେ ଘେନି । ୩୮୩
ଅସୁର ଭୀମସେନ ପଡିଲେ ଯେ ଭେଟ
ଐରାବ୍ରତ ଗଜ ଯେହ୍ନେ ମେରୁର ନିକଟ । ୩୮୪

ଶୂଳ ଧରି ଅସୁର ପିଟିଲାକ ନେଇ
ବାମ ଅଙ୍ଗ ପାତିଲା ଯେ ପବନ ତନୟି । ୩୮୫
ଶୂଳ ବାଜନ୍ତେଣ ଭୀମସେନ ଗର୍ଜି
ଗଦା ବୁଲାଇ ଭୀମ ପିଟିଲା ଗଳଗାଜି । ୩୮୬
ସେ ଗଦା ପଡିଲା ଯେ ଅସୁରର କାୟେ
କ୍ଷଣେ ଅଚେବନ ଅସୁରକୁଳ ରାୟେ । ୩୮୭
ଚେତନା ପାଇ ପୁଣ ଉଠିଲା ତଡତି
ଦେଖିଲା ତିନି ଜଣେ ଉଭା ହୋଇଛନ୍ତି । ୩୮୮
ଶୁମ ହୋ ରାଜନ ବୋଲନ୍ତି ଅଗସ୍ତି ମହାଋଷି
ଯୁଦ୍ଧେଷ୍ଠି ଅର୍ଜୁନ ନକୁଳ ସହଦେବ ମିଳିଲେକ ଆସି । ୩୮୯
ଅଜଙ୍ଗପାଦ ବନକୁ ଯୁଦ୍ଧେଷ୍ଠି ଗ୍ୟିଂଲେ
ବିଧାତାକୁ ସୁମରି ଅନେକ ଶୋକ କଲେ । ୩୯୦
ଅର୍ଜୁନକୁ ଗ୍ୟିଂ ବୋଲନ୍ତି ଧର୍ମଗାନ
ଦେଖରେ ଭ୍ରାଥ ପଡିଛନ୍ତି ଶତେ ଗାନ୍ଧାରୀ ନନ୍ଦନ । ୩୯୧
ଭାଇଙ୍କର କଷ୍ଟ ମୁଂ ପୋଶୋରିବି କେମନ୍ତେ
ଯେ ଅନାସ୍ତ ହୋଇଲେ ଆମ୍ଭର ଦେଖନ୍ତେ । ୩୯୨
ପୋତୁ ଆତ୍ମା ଆତ୍ମର ନିଲଜ ଶରୀରେ
ଶତେ ଭ୍ରାଥ ଯେବେ ପଡିଲେ ସମରେ । ୩୯୩
ଯୁଦ୍ଧେଷ୍ଠିଙ୍କର ଶୋକ କହି ତ ନୋହଇଂ
ଯୁଦ୍ଧେଷ୍ଠିଙ୍କ ସମ୍ବ୍ରୋଧନା କରନ୍ତି ତିନି ଭାଇ । ୩୯୪
ତେଣେ ଅସୁର ସଙ୍ଗେ ଯୁଦ୍ଧ କରନ୍ତି ତିନି ଜଣ
ରେରେକାର କରନ୍ତେ ଶୁଣିଲା ଅର୍ଜୁନ । ୩୯୫
ଅସୁର ସନ୍ନିଧେୟ ଗ୍ୟରି ଭାଇ ହୋଇଲେ ପ୍ରବେଶ
ଦେଖି ଭୀମ ଅଶସ୍ତମା କର୍ଣ୍ଣ ହୋଇଲେ ହରଷ । ୩୯୬
କର୍ଣ୍ଣକୁ ଯୁଦ୍ଧେଷ୍ଠି ନମସ୍କାର କରି
ଅଶସ୍ତମାକୁ ଯୁଦ୍ଧେଷ୍ଠି କୋଲାଗ୍ରତ କରି । ୩୯୭
ଅର୍ଜୁନଙ୍କୁ ଗ୍ୟିଂ ବୋଲନ୍ତି ଯୁଦ୍ଧେଷ୍ଠି
ଅସୁରକୁ ବନ୍ଧନ ବାବୁ କରରେ କିରଟୀ । ୩୯୮
ଅସୁର ଭୀମସେନ ସମର ମହାଘୋର
ଯୁଦ୍ଧେଷ୍ଠିଙ୍କ ଆଗ୍ୟାଂରେ ଧାଣଇଂ ବାସବ କୁମର । ୩୯୯
ଗାଣ୍ଡୀମ ଧନୁ ପାଥ ଧରିଅଛି କରେ
ଯାଇଂଣ ମିଳିଲା ଅସୁର ଆଗରେ । ୪୦୦
ଅସୁରକୁ ଦେଖି ଅର୍ଜୁନ ପ୍ରଜ୍ୱଳି
ଗାଣ୍ଡୀମ ଧନୁରେ ପୂରାଇ ଆଦ୍ରାବଳି । ୪୦୧
ଶରକୁ ତିଆରଇ ବୀର ଫାଲଗୁନ୍ୟ
ଅସୁରର ପ୍ରାଣ ଘେନସି ବହନ । ୪୦୨
ଶରକୁ ତିଆରି ବେଗେ ଛାଡି ଦିଲା
ଲୋହିତାକ୍ଷ ସୁତ ଦେହେ ବାଜି ଉପୁଡି ପଡିଲା । ୪୦୩
ଟହ ହଟ ହୋଇଣ ଯେ ହସଇ ଦଇତ
ଯେଣେ କି ମାନବାରେ ଜିଣିବୁ ଆମ୍ଭନ୍ତ । ୪୦୪

ଲୋହାର ଧନୁ ଯେ ବିରୂପାକ୍ଷ କରେ ଧରି
ଅର୍ଜୁନ ଉପରକୁ ବିନ୍ଧିଲା କୋଟି ଗ୍ରି । ୪୦୫
କିଞ୍ଚିତ ଶରେ ତାହା ଛେଦଇ ଅର୍ଜୁନ
ହାବୋଡା ଶରେକ ବିନ୍ଧିଲା ବୀର ଫାଲଗୁନ୍ୟ । ୪୦୬
ହାବୋଡନ୍ତେ ଅସୁର ଯେ ପଡିଲା ଭୂମିଗତେ
ପୁଣି ଚେତନା ପାଇଂ ଉଠିଲା ତୁରିତେ । ୪୦୭
ବଜ୍ର ବୁଦ୍ଗର ଅସୁର ପିଟିଲାକ ଧରି
ଅର୍ଜୁନ ଛେଦିଲା ତାହା ବଜ୍ରଶର ମାରି । ୪୦୮
କୋଟି ଅର୍ବୁଦ ଶର ଅର୍ଜୁନ ଓଟାରି
ଅସୁର ଉପରକୁ ବିନ୍ଧିଲେ କୋପ କରି । ୪୦୯
ବିରୂପାକ୍ଷ ଅସୁର ତାହା ଦୂରହୁଂ ନିବାରି । ୪୧୦
ମନଭେଦୀ ଶର ଯେ ଅର୍ଜୁନ ବେଗେ ପେଷି
ବୋଲେ ବିରୂପାକ୍ଷ ଅସୁରକୁ ପକାଅ ବେଗେ ନାଶି । ୪୧୧
ଶରକୁ ତିଆରି ଅର୍ଜୁନ ଛାଡି ଦିଲା
ଅମୋଦ ଶରେ ଅସୁର ଢଳିମ ପଡିଲା । ୪୧୨
କ୍ଷଣକେ ଚେତନା ପାଇଲା ଅସୁର
ଅର୍ଜୁନକୁ ଗ୍ରିଂ ବୋଲଇ କୋପଭର । ୪୧୩
ଶୂଳ ବୁଲାଇଣ ଉଠଇ କୋପଭରେ
ଅର୍ଜୁନ ଛାମୁରେ ମିଳିଲା ସତ୍ତ୍ୱରେ । ୪୧୪
ଡାକ ଦିଅଇ ମାନବାରେ ପୂରିଲା ତୋର କାଳ
ଗାରଡି ନ ଜାଣି କାଳ ସର୍ପ ମୁଖେ ଅଙ୍ଗୁଳି ଭର । ୪୧୫
ରେରେ ମାନବା ତୁ କେବଣ ଜାତୀୟା
ତିରଣ ପ୍ରମାଣେ କାଟିବି ତୋର କାୟା । ୪୧୬
ରେରେ ମାନବା ସୁମର ତୋ ପିତାମାତା
ରେରେ ମାନବା ସୁମର ତୋର ଇଷ୍ଟ ଯେ ଦେବତା । ୪୧୭
ପହିଜ କରିଣ ଶୂଳ ଘେନି ପିଟି
ବଜ୍ରା ଶରେ ତାହା ଛେଦଇ କିରଟୀ । ୪୧୮
ଅଧାଚନ୍ଦ୍ର ବାଣ ଯେ ପେଷିଲା ବୀର ଟାଣି
ବିରୂପାକ୍ଷ ଶିର ଯେ ପକାଇଲା ହାଣି । ୪୧୯
କନ୍ଧୁଂ ମୁଣ୍ଡ ପୁଣ ହୋଇଲା ଉତପତ୍ତି
ଟହ ଟହ ହୋଇଂ ହସଇ ଦତ୍ୟପତି । ୪୨୦
ଅସୁର ହସନ୍ତେ ଅର୍ଜୁନ କୋପାନଳ
ତ୍ରୋଣୁଂ କାଢିଲା ସେ ନାରାଜ ମହାକାଳ । ୪୨୧
ଦେଖିଣ ଅସୁର ଯେ ବୈଷ୍ଣବ ଚକ୍ର ଘେନି
ନ ବିନ୍ଧିଲା, ଅର୍ଜୁନ ମହାକାଳ ପକାଇବ ଛିନ୍ନି । ୪୨୨
ଦେଖିଣ ଅର୍ଜୁନ ସେ କରଇ ବିଚାର
ବଡ ଦୁର୍ଭାର ଯେ ଅଟଇ ନିଶାଚର । ୪୨୩
ଯେତେ ବୋଲିଣ ସେ ଯେ ଗନ୍ଧର୍ବା ଶର ବିନ୍ଧି
ରୁଦ୍ରା ଶରେ ତାହା ବିରୂପାକ୍ଷ ଛେଦି । ୪୨୪
କ୍ଷିନି କ୍ଷିନା ଶର ଯେ ବିନ୍ଧିଲା ଅସୁର

ସ୍ୱର୍ଗ ମର୍ତ୍ତ୍ୟ ପାତାଳ ପୂରିଲା ତିନିପୁର । ୪୨୫
ଯହ୍ନଂ ପାର୍ଥ ଦେଖିଲା ଅସୁର ମାୟା ରଣ
ଶରେକ ବିନ୍ଧିଲା ତିମିରି ବିଦାରଣ । ୪୨୬
ତକ୍ଷଣେ ତିମିରି ଫାଟି ସୂର୍ଯ୍ୟ ଉଂଇ
ଦଶଦିସ ନିର୍ମଳ ଦିଶିଲା ରଣ ଭୂଇଁ । ୪୨୭
କୁହ୍ନକା ଶରେକ ବିନ୍ଧିଲା ବାସବି
କୁହ୍ନଡି ଘୋଟିଲା ସଚରାଚର ଭୂବି । ୪୨୮
ଦେଖିଣ ଦାନବ ପ୍ରତି ଅସ୍ତ୍ର କରି
ପବନା ଶରେକ ବିନ୍ଧିଲା ଆଗ ବଢି । ୪୨୯
ପବନ ବିଘାତେ କୁହ୍ନଡି ଫାଟିଲା
ଶର ପଥମାନ ସକଳ ଦିଶିଲା । ୪୩୦
ନାରାୟଣ ଶର ଅସୁର ବିନ୍ଧିଲା
ରୁଦ୍ରା ଶରେ ତାହା ଅର୍ଜୁନ ନିବାରିଲା । ୪୩୧
ପର୍ବତା ଶରେକ ଅର୍ଜୁନ ଯେ ବିନ୍ଧି
ବଜ୍ରା ଶରେ ତାହା ଅସୁର ଛେଦି । ୪୩୨
କପାଳକୁ ଅର୍ଜୁନ ବିନ୍ଧିଲା ଲକ୍ଷେ ବାଣ
କଣ୍ଠକୁ ଶତେ ବାଣ ବିନ୍ଧିଲା ଗରୁ ଟାଣ । ୪୩୩
ଅର୍ବୁଦେକ ଶର ଲାଭି ମଣ୍ଡଳକୁ
ଯେତେ ଶର ବିନ୍ଧିଲା ବିରୁପାକ୍ଷ ଅସୁରକୁ । ୪୩୪
ଦେଖିଣ ଅସୁର ପ୍ରତି ଅସ୍ର କରି
ଅର୍ଜୁନ ଶର ସବୁ ଦୂରହ୍ନଂ ନିବାରି । ୪୩୫
ଶର ନିବାରିଣ ବିରୂପାକ୍ଷ ଅସୁର
ତ୍ରୋଣୁଂ କାଢିଲା ସେ ନାଗପାଶ ଶର । ୪୩୬
ଶରକୁ ତିଆରଇ ଅସୁର-କୁଳପତି
ଯେ ମାନବାର ପ୍ରାଣ ଘେନ ତୁ ତଡତି । ୪୩୭
ଆଗ୍ୟାଂ ପାଇଣ ନାଗମାନେ ଚଳି
ଗର୍ଜନ ନାଦରେ କୁରୁମ ଉଛୁଳି । ୪୩୮
ସଚରାଚର ଯେ ଘୋଟିଲେ ନାଗବଳ
ବୃନ୍ଦାଅର୍କେ ଦେଖି ଯେ ହୋଇଲେ ବିକଳ । ୪୩୯
କର୍ଣ୍ଣ ଡାକ ଦିଅଇରେ ଶୁଣ ସବ୍ୟସାଚୀ
ଗରୁଡା ଶର ବେଗେ ତୁ ବିନ୍ଧ ଆମଞ୍ଚି । ୪୪୦
ଗରୁଡ ଫାଶୀ ଶର ଅର୍ଜୁନ ମାରି
ଦେଖିଣ ନାଗମାନେ ପଳାଇଲେ ଡରି । ୪୪୧
ଅର୍ଜୁନ ବିଗ୍ରଇ ଯେ ନୋହଇ ସାମାନ୍ୟ
ଯେହାକୁ ଜିଣିମାକୁ ମୁଂ ନୋହଇ ଭାର୍ଜନ । ୪୪୨
ଯେମନ୍ତ ବିଗ୍ରି ସେ ଯେ ବାସବ କୁମର
ଅର୍ବୁଦେକ ବାଛି ବିନ୍ଦିଲାକ ଶର । ୪୪୩
ବିରୂପାକ୍ଷ ଅସୁର ଦେଖିଲା ତା ଦୂରେ
ଛେଦି ପକାଇଲା କିଞ୍ଚିତ ପ୍ରକାରେ । ୪୪୪
ଶୁଣ ହୋ ରାଜନ ବଦଯନ୍ତି ବ୍ରହ୍ମବେତ୍ତା

ତିନି ଦିବସ ତିନି ରାତ୍ର ଯୁଦ୍ଧ ଅପ୍ରମିତ । ୪୪୫
ସହଦେବକୁ ଗ୍ରହିଁ ବୋଲନ୍ତି ଧର୍ମନାନ
କେମନ୍ତେ ଅସୁର ହୋଇବ ନାଶମାନ । ୪୪୬
ଯୁଦ୍ଧେଷ୍ଠିଙ୍କ ଆଗ୍ୟାଂରେ ମନ୍ତ୍ରୀ ଚୂଡାମଣି
କର ପଲ୍ଲବକୁ ସେ ଗ୍ରହିଂଲା ତତକ୍ଷଣି । ୪୪୭
ଯୁଦ୍ଧେଷ୍ଠିଙ୍କ କହି ମାଦ୍ରୀ ଦେବୀଙ୍କର ଗ୍ରଟେ
ଅମୃତ ଲିଙ୍ଗ ଅଛି ଅସୁର ଲାଭିତଟେ । ୪୪୮
ଅଗ୍ନିଶର ଯେବେ ଲାଭିରେ ପଡିବ
ତେବେ ସେ ଅସୁର ପ୍ରାଣତ୍ୟାଜ ହେବ । ୪୪୯
ହୃଦକୁ ପଶୁପତ୍ର ବିନ୍ଧନ୍ତୁ ବୀର ପାଥ
ଅଧାଚନ୍ଦ୍ର ବାଣେ ଛିଡିବ ମୁଣ୍ଡ ଲୋହିତାକ୍ଷ ସୁତ । ୪୫୦
ଯେ ତିନି ଶର ପାର୍ଥ ବିନ୍ଧନ୍ତୁ ବେଗେ ଟାଣି
ଅସୁର ପ୍ରାଣ ହରନ୍ତୁ ଏହିକ୍ଷଣି । ୪୫୧
ଯେମନ୍ତ ମନ୍ତ୍ରୀ ଯହ୍ନଂ କହିଲା ସନ୍ଦେଶ
ଶୁଣି ପଞ୍ଚୁ ଭ୍ରାଥେ ହୋଇଲେ ହରଷ । ୪୫୨
ଅଶସ୍ତମା ବୋଇଲେ ଶୁମ ବୀର ପାଥ
ଯେ ଦତ୍ୟକୁ ବେଗେ କର ପ୍ରାଣେ ହତ । ୪୫୩
ଶୁଣିଣ ଅର୍ଜୁନ ଯେ ମନେ ଗରୁ ଖଙ୍ଗ
ଲାଞ୍ଜ ମାଡିଲେ ଯେହ୍ନେ ଗର୍ଜଇ ପନ୍ନଂଗ । ୪୫୪
କାଲାନଳ ଶର କାଢିଲାକ ତ୍ରୋଣୁଂ
ଗାଣ୍ଡୀମେ ବସାଇଲା କରି କୋପ ମନ୍ଥ । ୪୫୫
ପଶୁପତ୍ର ଶର ମଧ୍ୟେ ଗୁଣେ ଥୋଇଂ
ଅଧାଚନ୍ଦ୍ର ପୁଣ ଗାଣ୍ଡୀମେ ବସାଇଂ । ୪୫୬
ଯେ ତିନି ଶର ଯହ୍ନଂ ବସାଇ ପାର୍ଥ ଗୁଣେ
ଶଙ୍ଖ ଚକ୍ର ଗଦା କି ଧଇଲେ ନାରାୟଣେ । ୪୫୭
ବିଶ୍ୱରୂପେ ଅର୍ଜୁନ ଶରନ୍ତ ଓଟାରି
ଶରମୁନେ ରହିଲା କି ସପତ ସିନ୍ଧୁ ବାରି । ୪୫୮
ଇନ୍ଦ୍ରାଦି ଦେବତାଯେ ଦେଖି ଭୟେ କଲେ
ଦିନ ଥାଉଂ ଥାଉଂ ଆଦିତ୍ୟ ଅସ୍ତ ହେଲେ । ୪୫୯
ଡେରେଣ ବାସୁକି ନ ଟେକଇ ଶିର
ଅର୍ଜୁନ ଓଟାରି ଯେ ବିନ୍ଧିଲା ତୀକ୍ଷଶର । ୪୬୦
ଅହିବ୍ରତେ ବଜ୍ରଘାତ କି ଶରଙ୍କ ଗର୍ଜନ
ଲାଭିରେ ପଡିଲା ଯେ ଶର ହୁତାଶନ । ୪୬୧
ବୁକୁରେ ପଡିଲା ପଶୁପତ୍ର ଶର
ଅଧାଚନ୍ଦ୍ରର ପଡିଲା କଣ୍ଠର ଉପର । ୪୬୨
ମହା ଅଗ୍ନିଶର ଲାଭିରେ ପଡିଲା
ଲାଭି ମଣ୍ଡଳକୁ ସେ ଯେ ବେଗେଂ ହାନ୍ଦୋଳିଲା । ୪୬୩
ଅମୃତ ଲିଙ୍ଗପରେ ପଡିଲାକ ମାଡି
ଅଗ୍ନିର ତେଜେ ସେ ଶୂନ୍ୟେ ଗଲା ଉଡି । ୪୬୪
କଣ୍ଠକୁ ଅଧାଚନ୍ଦ୍ରର ବିରୋଳି କାଟିଲା

ତତ୍‌କ୍ଷଣେ ମୁଣ୍ଡ ତାର ଛେଦି ପକାଇଲା । ୪୬୫
ପଶୁପତ୍ର ତାର ପଡିଲା ହୃଦଗତେ
ବେନି ଫାଳ ହୋଇ ଯେ ପଡିଲା ଦଇତେ । ୪୬୬
ଉତ୍ତାନସାହୀ ହୋଇ ପଡିଲା ଅସୁର
ଛାଡିଲା ସିଂଘ ରଡି କି-ଲା ତିନିପୁର । ୪୬୭
ପ୍ରାଣ ଛାଡିଲା ସେ ପଡିଲା ଧରଣୀ
ସମସ୍ତେ ପ୍ରଶଂସା କରନ୍ତି ଅର୍ଜୁନକୁ ପୁଣି । ୪୬୮
ସ୍ୱର୍ଗେଣ ଯୁଦ୍ଧ ଦେଖୁଥିଲେ ବୃନ୍ଦାଅର୍କେ
ଅର୍ଜୁନ ଶିରେ କୁସୁମ ବୃଷ୍ଟି କରନ୍ତି ଦେବଲୋକେ । ୪୬୯
ଦୁନ୍ଦୁଭି ଶବଦ କରନ୍ତି ଦେବାଙ୍ଗନା
ଦୁତୀ କୃଷ୍ଣ ରୂପ ବାସବସୁତ ସିନା । ୪୭୦
ଅର୍ଜୁନକୁ ଯୁଝେଷ୍ଠି ବୋଲନ୍ତି ବଚନ
ଶତେ ଭ୍ରାଥ ଯେମନ୍ତେ ପାଇବେ ଜୀବନ । ୪୭୧
ନୋହିଲେ ଜୀବନେ ନାହିଁ ମୁହିଁ ବ୍ରତି
ଯେମନ୍ତ କହିଁ ଯୁଝେଷ୍ଠି କ୍ରୋଧ ଯେ କରନ୍ତି । ୪୭୨
ଯୁଝେଷ୍ଠିଙ୍କର ନିଷ୍ଠୁର ଶୁଣି ପାର୍ଥ
ମନରେ ଧ୍ୟାନ ସେ କରଇଁ ଶଚୀନାଥ । ୪୭୩
ଜୟ ତୁ ବଜ୍ରଧର ଦେବଙ୍କ ଶିରୋମଣି
ଦଇନି କରଇଁ ମୁଁ ଯେ ଆସିବା ଯେହିକ୍ଷଣି । ୪୭୪
ଜୟ ତୁ ପିତାମହ ଅମର ଅଧିକାରୀ
ଅମୃତ ଘେନି ବିଜୟେ କରିବା ବଜ୍ରଧାରୀ । ୪୭୫
ଅନେକ ସ୍ତୁତି ଯହୁଁ କଲାକ ଅର୍ଜୁନ
ଧ୍ୟାନେଣ ଜାଣିଲେ ବେଦ ମଘବାନ । ୪୭୬
ସାରଥିକି ଆଜ୍ଞା ଦିଲା ସୁନାସୀର
ବେଗେ ହୋ ମାତଳି ରଥ ସଜ କର । ୪୭୭
ଶୁଣିଣ ମାତଳି ରଥ ସଜକଲା
ପୁରନ୍ଦର ଆଗରେ ନେଇଁ ଉଭାରିଲା । ୪୭୮
ବିଦ୍ୟାଧରମାନେ ହୋଇଲେ ଯେ ସଜ
ଦୁନ୍ଦୁଭି ବିଜାଇ ବିଜୟେ ଦେବରାଜ । ୪୭୯
ତେତିଶ କୋଟି ଦେବ ଘେନିଣ ଆଖଣ୍ଡଳ
ଅଜଙ୍ଗପାଦ ବନେ ବିଜୟ ଦେବତା ସକଳ । ୪୮୦
ଦେବତାନ୍ତ ଦେଖି ଯୁଝେଷ୍ଠି ଆସନ ଉପେଖି
ରଥରୁ ଉତୁରିଲେ ଦେବ ସହସ୍ରାକ୍ଷି । ୪୮୧
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
ବାସବଙ୍କୁ ନମସ୍କାର କଲେ ପଞ୍ଚୁ ଯେ ପାଣ୍ଡବ । ୪୮୨
ଅନ୍ତରୀକ୍ଷେ ରହି ବୋଇଲେ ମଘବା
କି କାର୍ଯ୍ୟେ ସୁମରଣା କଲ ମୋର ବାବା । ୪୮୩
ଯୁଝେଷ୍ଠି ବୋଇଲେ ତତ ସଙ୍କଟ କାଳ ମୋର
ମାନବୋବିନ୍ଦ ଶତେ ଭାଇ ମୋର ଅଟନ୍ତି ସହୋଦର । ୪୮୪
ଭାନୁମତ ରାଜ୍ୟରୁ ଯେ ଭାନୁମତୀ ଘେନି

ଆପଣା ରାଜ୍ୟକୁ ଯେ ଥାଠ ଯେ ପଳାଣି । ୪୮୫
ବିରୂପାକ୍ଷ ବୀର ସମସ୍ତଙ୍କୁ ନାଶ କରି
ସେ ରାକ୍ଷସକୁ ପାର୍ଥ ସାଂଗ୍ରାମେ ନିବାରି । ୪୮୬
ଯେ ତୋର ପ୍ରସାଦେ ସେ ମଲାଟି ଅସୁର
ଜୀଆଇଂ ଦେବା ତାତ ଶତେ ଭାଇ ମୋର । ୪୮୭
ଶୁଣିଣ ଶଚୀସାଇଂ ହରଷ ହୋଇଂ
ଅମୃତ ଶରେକ ଯେ ଅର୍ଜୁନ କରେ ଦେଇଂ । ୪୮୮
ବଦନ୍ତି ପୁରନ୍ଦର ଶୁମ ଫାଲଗୁନି
ବିନ୍ଧ ଥାଠ ସୈନ୍ୟ ଜୀଇଂବେ ବହନି । ୪୮୯
ଶୁଣିଣ ବିବଚ୍ଛ ତାହା ଗାଣ୍ଡିମେ ପୂରୋଇ
ବିନ୍ଧିଲା ନାରାଜ ମୃତ୍ୟୁୟ ଥାଠକଇଂ । ୪୯୦
ମାନଗୋବିନ୍ଦ ଆଦି ଅଠାଲୋଇଂ ଭାଇ
ଅମୃତ ଶର ଲାଗି ଉଠିଣ ଉଭା ହୋଇଂ । ୪୯୧
ମୃତ୍ୟୁୟ ଥାଠ ତାର ଉଠନ୍ତି ତଡତି
କର୍ଣ୍ଣକୁ ପଚାରଇ ମାନଚକ୍ରବ୍ରତୀ । ୪୯୨
ଭୋ ମଇତ୍ର ସନ୍ୟ ମୋର କି-ାଇଂ ଅପହାର
କର୍ଣ୍ଣ ବୋଇଲା ମଇତ୍ର ମାଇଲା ଅସୁର । ୪୯୩
ସମସ୍ତଙ୍କୁ ମାରି ଭାନୁମତୀକି ନିଅନ୍ତେ
କାହ୍ନଂ ପାଣ୍ଡବେ ଆସି ମିଳିଲେ ଯେ ବନସ୍ତେ । ୪୯୪
ଯେତେ ବଡ ଦାନବ ଅର୍ଜୁନ ବଧ କଲା
ଅମୃତା ଶରେ ପୁଣ ତୁମ୍ଭନ୍ତ ଜୀଂଆଇଲା । ୪୯୫
ଶୁଣି ମାନଗୋବିନ୍ଦ ମଉନବ୍ରତ ହୋଇ
ପାଣ୍ଡବଙ୍କୁ ସମସ୍ୟା ନ ଦିଲା କୁରୁସାଇଂ । ୪୯୬
ଧୁଶାସନ ଆଦି ସକଳ ସନ୍ୟ ତାର
ଘଡିକର ମଧ୍ୟେ ଯେ ପାଇଲେ ଶରୀର । ୪୯୭
ଦ୍ରିଯୋଧନ ଯାଇଂ ବସିଲାକ ରଥେ
ସମଦଣ୍ଡ ଚଳ୍ଟ ବୋଇଲା କୁରୁନାଥେ । ୪୯୮
ରାଜାର ବଚନେ ଯେ ଚଳିଲେ ସର୍ବ ସଇନ
ଦମା ଦୁନ୍ଦୁଭି ଯେ ବାଜଇ ବିଦ୍ୟମାନ । ୪୯୯
ଭାନୁମତୀକି ଘେନି ଚଳଇ କୁରୁସାଇଂ
ମୂର୍ଖ ସ୍ତ୍ରୀଭାବେଣ ଅଟଇ ମନ୍ଦବାଇ । ୫୦୦
ଯୁଦ୍ଧେଷ୍ଠିଙ୍କି କିଛି ସମସ୍ୟା ନ ଦିଲା
ପାଣ୍ଡବଙ୍କୁ ଦେଖି କିନ୍ତୁ ଯେ ମଣିଲା । ୫୦୧
ଯହ୍ନଂ ହସ୍ତିନାକୁ ପ୍ରବେଶ କୁରୁସାଇଂ
ଇନ୍ଦ୍ର ଦେବତାୟେ ସୁରପୁରକଇ ଯାଇଂ । ୫୦୨
ଅପମାନ ପାଇଂ ପାଣ୍ଡବ ପଞ୍ଚରାଣ
ବାରୁଣାବନ୍ତକୁ ଯେ କରନ୍ତି ପୟାଣ । ୫୦୩
ଧୃତରାଷ୍ଟ ଆଗେଣ ସଞ୍ଜୟେ ଯେ କହି
ଶୁଣିମା ସାବଧାନେ ଅମ୍ବିକାତନୟି । ୫୦୪
ଭାନୁମତ ରାଜ୍ୟରୁ ବିଭା ହୋଇଂ ଭାନୁମତୀ

ସମ୍ଭର୍ବେ ଆସଇ ଦ୍ରିଯୋଧନ କୁରୁପତି । ୫୦୫
ସମଦଣ୍ଡ ଘେନିଣ ଆସନ୍ତେଣ ବାଟେ
ଅଜଙ୍ଗପାଦ ବନେ ଭେଟିଲା ଲୋହିତାକ୍ଷ ସୁତେ । ୫୦୬
ସମସ୍ତ ସନ୍ୟ ତୋର ମାରି କଲା ଶେଷ
କର୍ଣ୍ଣ ଦ୍ରିଯୋଧନ ସମସ୍ତଙ୍କୁ ମାରି ଅସୁର ରାକ୍ଷସ । ୫୦୭
ଭାନୁମତୀକି ନେମାକୁ ବିଚାରେ ଦଇତ । ୫୦୮
ୟେମନ୍ତ ସମୟେ ନାରଦ ଦେବରଷି
ପ୍ରୟାଗକୁ ଆସନ୍ତି ଅଜଙ୍ଗ ବନେ ପଶି । ୫୦୯
ଦେଖିଲେ ସେଠାରେ ମୃତ୍ୟୁୟ ଶବ ଥାଠ
ନାରଦେ କହିଲେ ଯାଇଂ ଯୁଝେଷ୍ଠିଙ୍କି ଅଗ୍ରତ । ୫୧୦
ଭୀମସେନ ଅର୍ଜୁନ ନକୁଳ ସହଦେବ ଘେନି
ଅନେକ ଯୁଦ୍ଧ କଲେ ଅସୁର ସଙ୍ଗେ ପୁଣି । ୫୧୧
ସହଦେବ କହିଲା ତାର ମୃତ୍ୟୁୟ ଭେଦ
ଅର୍ଜୁନ ବିନାଶ କଲାକ ଦନୁଜ । ୫୧୨
ଅମୃତ ଶରେକ ଯେ ମାଇଲା ସର୍ବସାଟୀ
ଅମୃତ ଆହାରେ ଶତେ ଭାଇ ଉଠି । ୫୧୩
ଦେଖିଣ ଦ୍ରିଯୋଧନ ବୀର ତୋର କଲା ଅପମାନ
ଯୁଝେଷ୍ଠି ଗଲେ ସେ ବାରୁଣା ଭୁବନ । ୫୧୪
ଶୁଣ ଧୃତରାଷ୍ଟ ହରଷ ବିରସ ମନ
ବିଦୁରକୁ ରାଇ ଆଗ୍ୟାଂ ଦିଲାକ ରାଜନ । ୫୧୫
ପୁତ୍ରେ ଯେବେ ଉଦିତ ହୋଇଲେ ମୋହୋର
ପୁରେଣ ଉଚ୍ଛବ ତୁ କର ହୋ ବିଦୁର । ୫୧୬-୫୧୯୦
ଦୁର୍ଯ୍ୟୋଧନର ଭାନୁମତୀ ସହ ହସ୍ତିନାରେ ପ୍ରବେଶ
ରାଜାର ବଚନେ ଯେ ଅମ୍ଭ୍ରୁବତୀର ବଲା
ସାନନ୍ଦେ ଉଚ୍ଛବ ସେ ରାଜ୍ୟରେ କରାଇଲା । ୧
ହାଟ ବାଟ ଦାଣ୍ଡ ସମସ୍ତ ପରିମଳି
ସୁବର୍ଣ୍ଣର କଳସ ଉଭାରିଲା ସର୍ବପୁରୀ । ୨
ବହୁତ ପୁରଜନ ମିଳି ଧାମନ୍ତି ଗହଳେ
ଅନେକ ସାନନ୍ଦ ହରଷ ସବୁରି ମନରେ । ୩
ହସ୍ତିନାର ଥାଠ ଘେନି ଭୀମ ଯେ ଯୁଝେଷ୍ଠି
ଅନେକ ସମ୍ଭର୍ବେ ସେ ଯାଆନ୍ତି ପାଛୋଟି । ୪
ଇନ୍ଦ୍ରର ପ୍ରଶସ୍ତେ ଭେଟିଲେ ଧର୍ମଦେବ ଯାଇ
ଭୀଷ୍ମେ ଆଶ୍ରିଜ ହୋଇଲେ ତାହାକଇଂ ଗ୍ରହିଂ । ୫
ଦ୍ରିଯୋଧନ ବିଜୟେ ଶ୍ୱେତ ହସ୍ତୀର ଉପରେ
ସର୍ବ ଅଳଙ୍କାରେ ଭାନୁମତୀ ଅଛଇ କୋଳରେ । ୬
ସମୋଦ୍ର ମନ୍ଥନୁ ଯେହ୍ନେ ଦେବ ନାରାୟଣ
ଲକ୍ଷ୍ମୀକି ଘେନି ଯେହ୍ନେ ଆସନ୍ତି ବୈକୁଣ୍ଠ ଭୁବନ । ୭
ଚନ୍ଦ୍ରର କୋଳେ ଯେହ୍ନେ ବିଜୟେ ଶୂଳପାଣି । ୮
ରତିକି ଘେନିଣ ଯେହ୍ନେ ବିଜୟ କନ୍ଦର୍ପ
ଦ୍ରିଯୋଧନ ଭାନୁମତୀକି ଦେଖିଲେ ତେସନ ସରୂପ । ୯

ଅନେକ ବୀର ତୂର ବାଜଇ ଯେ ଗଗନ ଉଚ୍ଛୁଳି
ଗଣିକା ଗଣମାନେ ସାନନ୍ଦେ ଦ୍ୟନ୍ତି ହୁଳହୁଳି । ୧୦
ଶଙ୍ଖ ଧୁନି ଶବଦ ଯେ ଘନ ଘନ ଫୁରି
ମଙ୍ଗଳ ଗୀତି ଗାବନ୍ତି ବାଜଇ ମହୁରୀ । ୧୧
ବାଜୀନ୍ତ ଗ୍ୟଳିଣ ଯେ ବିହଡନ୍ତି ରାଉତେ
ବୁଲାବନ୍ତି ଲାଙ୍କିଆ ଆସିପତ୍ର କୋନ୍ତେ । ୧୨
ୟେମନ୍ତେକ ସମ୍ଭର୍ବେ ଯେ ଆସନ୍ତି ଦାଣ୍ଡ ପୂରି
ଅନେକ ହରଷେଣ କୁତୂହୋଳେ ଗୋଡାବନ୍ତି ନଗ୍ର ନର ନାରୀ । ୧୩
ବୋଲନ୍ତି ୟେବେ ସେ ହସ୍ତିନା ପୁର ଶୋହିଲା
ପଣ୍ଡୁ ବନବାସ ଦିନୁଁ ୟେମନ୍ତ ଦିନେ ୟେଥେଁ ନ ଦେଖିଲା । ୧୪
ଚଛୁର ଦରିଦ୍ର ଫିଟିଲା ୟେହା ଦେଖି
ୟେବେ ସେ ରାଜ୍ୟ ହୋଇବ ଅନେକ ସୁଖୀ । ୧୫
ଅନେକ ସାନନ୍ଦେ ଯେ ରାଜ୍ୟ ଜନ ହରଷ
ଦଧି ମଙ୍ଗଳ ସୁମରି ଯାଇଁ ରାଜ୍ୟରେ ପ୍ରବେଶ । ୧୬
ଅନେକ ସୁଲକ୍ଷଣୀ ଘେନି ବିଜୟେ ଗାନ୍ଧାରୀ
ହସ୍ତେ ଅର୍ଘ୍ୟ ଘେନିଣ ଶୁଭ ଅବଧାରି । ୧୭
ହସ୍ତୀରୁ ଓହ୍ଲାଇଲା ଦ୍ୟରିଯୋଧନ ଭାନୁମତୀର ଭୁଜ ଧରି
ଆସ୍ତାନେ ବିଜେ କରି ଅଛନ୍ତି ଧୃତରାଷ୍ଟ ଗାନ୍ଧାରୀ । ୧୮
ଦ୍ୟରିଯୋଧନ ବୋଇଲା ଶୁଣିମା ଗୋ ଦେବୀ ମାୟେ
ଜନ୍ମହୁଁ ଅନ୍ଧ ହୋଇଲେ ଧୃତରାଷ୍ଟ ରାୟେ । ୧୯
ଚଛୁ ଥାଇଁଣ ଅନ୍ଧ କି-ା ହୋଇଲ ଆପଣ
ଅନ୍ଧ ପଟଳ ଫେଡ ମା ମୋହୋର ବୋଲ ଶୁଣ । ୨୦
ଆମ୍ଭନ୍ତ ଉତପତ୍ତି ଯେ କଲ ଗର୍ଭଗତେ
ୟେତେ ସ-ଦ ମା ଗୋ ଚଛୁ ଥାଉଁ ନ ଦେଖିବ କେମନ୍ତେ । ୨୧
ସ୍ତ୍ରୀମୀର ଅଭିମାନକୁ ଗୋ ତୁମ୍ଭେ ନ ବଢ
ଆମ୍ଭର ସ-ଦ ଦେଖ ଗୋ ଅନ୍ଧ ପଟଳ ଫେଡା । ୨୨
ଭାନୁମତ ଦେଶର ସେ ଭୂମନୁ ନୃପତି
ତାହାର ଦୁହିତାର ନାମ ଅଟଇ ଭାନୁମତୀ । ୨୩
ଲକ୍ଷେକ ରାଜା ଆଣି କଲାକ ସୟମ୍ଭ୍ରରେ
ୟେହାର ସାଦୃଶେ୍ୟ ମୃତ୍ୟୁପୁରେ ନ ମିଳିଲା ବରେ । ୨୪
ଦୁଷ୍ଟ ରାଜାମାନେ ୟେହା ନେଇ ଲୋଡୁଥିଲେ ବଳେ
କର୍ଣ୍ଣ ସାଂଗ୍ରାମ କଲା ଜିଣିଲା ସମସ୍ତ ମହୀପାଳେ । ୨୫
ୟେକା କର୍ଣ୍ଣ ଘୋର ସାଂଗ୍ରାମେ ଜିଣିଲା ସବୁନ୍ତି
ବଳେ ଛଡାଇ ଆଣିଲା ସୁନ୍ଦରୀ ଭାନୁମତୀ । ୨୬
କର୍ଣ୍ଣକୁ ପ୍ରଦାନ କରୁଥିଲା ଭୂମନୁ ଦଣ୍ଡଧାରୀ
ଆପଣେ ପ୍ରଦାନ ନୋହିଲା ମୋତେ ଦିଲା ଅନୁଗ୍ରହ କରି । ୨୭
ତ୍ରୈଲୋକ୍ୟର ମୋହିନୀ ୟେ ଅଟଇ ରୂପବନ୍ତୀ
ଶଙ୍ଖନିଧି ପଦ୍ମନିଧି ୟେହାର ବେନି କରରେ ବିରାଜନ୍ତି । ୨୮
ପାଷାଣେ କର ଲାଗନ୍ତେ ୟେହାର ହୋଅଇ ପାଣିଦ୍ରବ୍ୟ
ୟେତେ ବଡ ସ-ଦ ମାତା ଗୋ କେମନ୍ତେ ନ ଦେଖିବ । ୨୯

କ୍ଷଣେ ଅନ୍ଧ ପଟଳ ଗୋ କାଢିମେଲ ଗାନ୍ଧାରୀ
ଆମ୍ଭନ୍ତ ଅର୍ଘ୍ୟ ଦେଇ ପଛେ ବାନ୍ଧ ଦୃଢ କରି । ୩୦
ଗାନ୍ଧାରୀ ବୋଇଲା ବାବୁ କିସ ସ-ଦ ଦେଖିବି
ବିପଦ ଦେଖିଲେ ପୁଣ କେମନ୍ତେ ମୂର୍ଚ୍ଛିବି । ୩୧
ତୁ ଯେହା ସ-ଦରେ ବୁଝୁଅଛୁ ବାଳ
ଯେହ୍ନ ସ-ଦ ବାବୁରେ ନ ଥିବ ଚିର କାଳ । ୩୨
ଜନ୍ମ କାଳୁଂ ଦେଖିଲି ମୁଂ ତୁମ୍ଭର ଦୁଷ୍ଟ ଯେ ପ୍ରକୃତି
ଯେତେ କଥା ଶୁଣଇ ବାବୁ ସବୁହିଂ ଅନୀତି । ୩୩
ବିଦୁର କହିଲେ ଯେବଣ ପରମାର୍ଥ ବାଣୀ
ଅନ୍ଧ ପଟଳ ବାନ୍ଧିଲି ମୁଂ ତାହାର ବଚନ ଶୁଣି । ୩୪
ସ-ଦ ବିପଦ ହୋଇଥଆଇ ଗତାଗତ
ନ ଦେଖିବି ମୁଖରେ ଶୁଣ ମୋହୋର ସୁତ । ୩୫
ଯେହ୍ନ ସ-ଦ ତୋତେ ନ ଥିବ ଚିରକାଳ ପରିଯନ୍ତେ
ହରଷ ବିରସ ନ କରାଅ ପୁତ୍ର ମୋତେ । ୩୬
ଗାନ୍ଧାରୀ କହିଲେ ଯହ୍ନଂ ନିରାପକ୍ଷ ବାଣୀ
ଦ୍ୱରିଯୋଧନ କୋପ କଲା ମାତାର ବଚନ ଶୁଣି । ୩୭
କୋଇନ୍ତାୟେ କଲ୍ୟାଣ କଲେ ଆଶିଷ୍ୟ ଦେଇ
ଭାନୁମତୀକି ଘେନି ଚନ୍ଦ୍ରଶାଳା ପୁରେ ବିଜୟେ କଲେ ଯାଇଂ । ୩୮
ଭାନୁମତୀକି ଘେନି ବିଜୟେ ନିଜ ଭୁବନେ
ସଞ୍ଜୟେ କହିଲେ ଯାଇଂ ଧୃତରାଷ୍ଟ ସନ୍ନିଧାନେ । ୩୯
ବତାଇ ସ-ଦ ରାଜା ଅର୍ଜିଲେ ତୋହୋର ଯେ ପୁତ୍ରେ
ରାଜ୍ୟ ପଶନ୍ତେ ଦିଶଇ ଯେସନେ ଶଚୀ ଇନ୍ଦ୍ରର ସଂଜାତେ । ୪୦

---

୩୪ ।୧ ବିଦୁର କହିଲେ ମୋତେ ବେଦବ୍ୟାସଙ୍କର ଭବିଷ୍ୟ ବାଣୀ (ପା)
୪୦ ମୁଦ୍ରିତ ପୁସ୍ତକରେ-ସଂଜାତେ-ପାଦାନ୍ତ ପରେ - (୧୨୩ ପୃଷ୍ଠାରେ) କେତେକ ପଦ ଅଛି - ସାରଳା

ବନ୍ଦନା ।

ଶଚୀ ପ୍ରାୟ ଶୋଭା ଦିଶେ ଭୂମନ୍ଥ ନନ୍ଦିନୀ
ଇନ୍ଦ୍ରର କୋଳେ ଶଚୀ ଥିବା ପ୍ରାୟେ ସେହି ବେନି ।
ସାନନ୍ଦ ହୋଇଲେ ଶୁଣି ଅନ୍ଧ ନରପତି
ଜୟ ତୁ ଜୟ ସାରଳା ଦେବୀ ଗୋ ପାର୍ବତୀ ।
ଯେଥୁ ଅନନ୍ତରେଣ ମନ୍ଥ ମହାରାୟେ
ଶ୍ରୀ ମହାଭାରତ ଶୁଣି ପାପ କର କ୍ଷୟେ । ୪୧
ବଦୟନ୍ତି ଅଗସ୍ତି ଶୁଣ ହୋ ବଇବସୁତ ମନ୍ଥ
ଅନେକ ଉଚ୍ଛବ ହୋଇଲା ହସ୍ତିନା ଭୁବନ୍ଥଂ । ୪୨
ଯେଥୁ ଅନନ୍ତରେ କେବଣ କୃତ୍ୟ କଲେ
କେମନ୍ତେ କରି ବ୍ୟାସ ସରୋବର ଭିଆଇଲେ । ୪୩
ଯେହା ମୋତେ ସଞ୍ଚପି କହିବା ମୁନିବର
ତୁମ୍ଭର ବଚନେ ମୁଂ ହୋଇବି ଗ୍ୟାନସାର । ୪୪

ହସ୍ତିନା ଭୁବନ Cଶାନ୍ୟର କୋଣେ
ତହିଁ ସେ ବ୍ୟାସେ ସରୋବର କରନ୍ତି ଆପଣେ । ୪୫

ଯଜ୍ଞେ କୟା ବିନାଶିଲୁ ସ୍ତ୍ରୀମୀ ଅପମାନେ
ସ୍ତ୍ରୀମୀର ବିରହ ସହି ନ ପାରି ଆପଣେ ।
ଜନମିଲୁ ଆସି ପୁଣି ହିମାଳୟ ଘରେ
ରହିଲୁ ଗୋ ମାତା ମେନା ଦେବୀର ଉଦରେ ।
ତପ କରି ସ୍ତ୍ରୀମୀର ପାଇଲୁ ଗୋ ଭେଟ
ଭୋଳାନାଥ ସ୍ତ୍ରୀମୀ ମନ କଲୁ ଗୋ ଉଚ୍ଚାଟ ।
ଦେବତାୟେ ଆସି ତୋତେ କଲେ ବହୁ ସ୍ତୁତି
ପୁତ୍ରେକ ପ୍ରଦାନ ତାଙ୍କୁ କଲୁ ହୈମବତୀ ।
ସ୍କନ୍ଦ ଜନନୀ ନାମକୁ ବହିଲୁ ସେ ଦିନୁ
ଦେବଥାଟେ ସେନାପତି ହେଲା ତୋର ସୂନୁ ।
ତାରକ ଅସୁର ବଧ କଲା ତୋ କୁମର
ଜନ୍ମେ ଜନ୍ମେ ମୁହିଁ ତୋର ଚରଣେ କିଙ୍କର ।
ତେଣୁ ମୋ ନାମ ସାରଲା ଦାସ ହେଲା ମାତ
ଜନ କାଳରୁ ମୁହିଁ ମୂର୍ଖ ଅପଣ୍ଡିତ ।
ଏ ଭାରତ ଲେଖିବାକୁ ମୋର କି ଶକତି
ତୋହୋର କୃପାରୁ ସିନା ବଳିଲା ମୋ ମତି ।
ସଦା ତୋହୋର ଚରଣେ ମୋହୋର ଦୟିନି
ସାରଲା ଦାସ ମୋହୋର ନାମ ଶୂଦ୍ର ମୁନି ।
ଏହା ପ୍ରକ୍ଷିପ୍ତ ପ୍ରାୟ ଜଣାଯାଏ (ମୁଦ୍ରିତ ପୁସ୍ତକର ପାଠ)
(ବେଢାଇଲେ) ନଉ ଭାଗ ଦୀର୍ଘ ବତିଶ ଭାଗ ପ୍ରତି
ଗିରିପାଖ ବସାଇଲେ ପାଷାଣ ଅପ୍ରମିତି । ୪୬
ହର ବ୍ରହ୍ମା ବିଷ୍ଣୁ ତିନିହେଁ ହେଲେ ସ୍ତମ୍ଭ
ଚନ୍ଦ୍ର ସୂର୍ଯ୍ୟ କଲା କାଣ୍ଡ ଅଶ୍ୱିନୀକୁମାରେ ମେରୁଦଣ୍ଡ । ୪୭
ଅଶୀ କୋଟି ଗନ୍ଧର୍ବେ ହୋଇଲେ ରୁଅ ବତା
ଋଷି ବଚନ ଅପଗ୍ୟାନ କରିବ ହୃଦ ଫାଟିବ ତଥା । ୪୮
ଅଗ୍ନି ବରୁଣ କୁବେର ସତାଇଶ ନକ୍ଷତ୍ର
ଯେମାନେ ହୋଇଲେ ପାଣି ପାଟିଆ ଥମ୍ଭ ତଥ୍ୟ । ୪୯
ଗିରି ମେଘେ ଯେ ହୋଇଲେ ଗିରି ପୀଢା
ଜୁଣକ ମଧ୍ୟେ ବିଭୂତି ପଡଇ ତ୍ରିୟକ୍ଷଉରା । ୫୦
ସୁଦ୍ରିଶେନ ଚକ୍ର ଉପରେ ଭ୍ରମୁ ଥାଇଁ
ଦୁଷ୍ଟଜନ ଦେଖିଲେ ଶିର ଛିଡି ପଡଇ । ୫୧
ଅଣଗତି ଲୋକକୁ ଦିଅଇ ନେଇ ଠାବ
ବଳାତ୍କାରେ ପଶିଲେ ତହାର ପ୍ରାଣ ଯିବ । ୫୨
ମାଣକ ଆକାରେ ଯେ ବେଢାଇଲେ ବେଢା
ଆପଣେ ବ୍ୟାସେ କଲେ ସରୋବରେ ପୀଢା । ୫୩
ସଞ୍ଜୟେ କହନ୍ତି ଧୃତରାଷ୍ଟର ଆଗର

ଆପଣେ ବ୍ୟାସେ ଥାଇ କଲେ ବ୍ୟାସ ସରୋବର । ୫୪
ଶୁଣିଣ ଧୃତରାଷ୍ଟ ଯେ ବଡ ହରଷ ହୋଇଲା
କି ହୋଇବ ବୋଲି ଯେ ମନ୍ତ୍ରୀକି ପଚାରିଲା । ୫୫
ସଞ୍ଜୟେ ଗୁପତ କଲେ ନ କହିଲେ ସେହୁ କଥା
କି କାର୍ଯ୍ୟ ହୋଇବ ସେ ଭିଆଉ ଅପ୍ରମିତା । ୫୬
ଯୁଦ୍ଧେଷ୍ଠିଙ୍କି ସହଦେବ କହିଲେ ଗୁପତ ଯେ କରି
ଦ୍ରିଯୋଧନ କୁଶଳ ବାରତା କହଇ ବିଚାରି । ୫୭
ହସ୍ତିନା ଲୋକଙ୍କୁ ସେ ଚମତ୍କାର ଲାଗିଲା
କି କଥା ହୋଇବ ବୋଲି ବିଦୁର ସଞ୍ଜୟକୁ ପଚାରିଲା । ୫୮
କ୍ଷିଦ୍ର ଦେହରେ ରଖି କହନ୍ତି ସଞ୍ଜୟେ
ବ୍ୟାସ ସରୋବରେ ପଶିଲେ ଶତ୍ରୁ ରକ୍ଷା ହୋୟେ । ୫୯
କିଛୁ ଦିନ ଅନ୍ତରେ ବ୍ୟାସ ସଞ୍ଜୟ ବାସୁଦେବ
ସହଦେବକୁ ବସାଇ କହନ୍ତି ଗୁପତ ଭାବ । ୬୦
ଯେ ଗୁପତ କଥା ବାବୁ ନ କହିବୁ କାହିଁ
ବାସୁଦେବଙ୍କୁ ବ୍ୟାସେ ଅନେକ ବିନୋୟୀ ହୋଇ । ୬୧
କେଶୀ-ଦତ୍ୟ-ଧଂସନ୍ତା ତୋତେ ଚିହ୍ନନ୍ତା କେହି ନାହିଁ
ଦୁଷ୍ଟ ନିବାରଣ ସନ୍ଥ ପାଳନ୍ତା ନାଥ ତୁହି । ୬୨
ଦଶରଥ ଘରେ ଜନ୍ମ ଜାତ ମହୀ
ଋଷିଙ୍କର ଯଗଂ୍ୟ ରଖିଲୁ ନାଥ ତୁହି । ୬୩
ତୋହୋର ବାହୁ ବଳେ ଋଷିଙ୍କର ସେବା
ଅପାର ଦୁର୍ଧଂସ ନାଥ ମୁକତି ଗତି ଦେବା । ୬୪
ଶ୍ୱେତ ପୀତ ଲୋହିତ କୁଙ୍କୁମ ଯେ ବର୍ଣ୍ଣେ
ନୀଳ ସଷ୍ଟିକ ନାଥ ବାଉନିମି କିସ ଗୁଣେ । ୬୫
ଯଦୁକୁଳ ନନ୍ଦନ ମୁକତି ଗତି ଦ୍ୟନ୍ତା
ଦେବକୀ କୋଳେ ନାଥ ତୁହି ସେ ସମ୍ଭୂତା । ୬୬
ଯେ ବ୍ୟାସ ସରୋବର ନାଥ ତୁମ୍ଭର ପ୍ରସନ୍ନେ
ନାରାୟଣ ସୁଦ୍ରିଶେନ ଚକ୍ର ଦେବୁ ତୋଷ ମନେ । ୬୭
ବାସୁଦେବ ତୋଷ ହୋଇ ବୋଇଲେ ଅସ୍ତୁ ହୋଉ
ଶତ୍ରୁ ପକ୍ଷ ହୋଇ ଯେ ପଶିବ ତାର ପ୍ରାଣ ଯାଉ । ୬୮
ବାସୁଦେବଙ୍କୁ ମନାଇ ଚଳିଲେ ଦେବବ୍ୟାସ
ଗଙ୍ଗାକୂଳେ ଯାଇଂ ହୋଇଲେ ପ୍ରବେଶ । ୬୯
ବାସୁଦେବ ସଞ୍ଜୟେ ଚଳିଲେ ଯେ ଯାହାର ପୁର
ସହଦେବ ପ୍ରବେଶ ହୋଇଲେ ଯୁଦ୍ଧେଷ୍ଠିଙ୍କ ଛାମୁର । ୭୦
କାହିଁ ଥିଲୁ ବୋଲି ପଚାରନ୍ତି ଦେବ ଧର୍ମ
ସଞ୍ଜୟେ ବାସୁଦେବ ଦେଖୁଥିଲୁ ବ୍ୟାସ ସରୋବର ଆଶ୍ରମ । ୭୧
କି ହୋଇବ ବୋଲି ପଚାରନ୍ତି ଧର୍ମ ଦେବ
ଅପାର ଦିନ ଅନ୍ତରେ ଦ୍ରିଯୋଧନକୁ ରକ୍ଷା ଯୋଗ ହୋଇବ । ୭୨
ଯେ ବେନି କୁଳେ ଉପୁଜିବ ମହାଭାରଥ
ଗୁପତ କରିଥାଅ ବାବୁ ନ କର ପ୍ରଘଟ । ୭୩
ଯେ ଯାହାର ମାର୍ଗେ ସେ ରହିଲେ କାଳ ଜାଣି

ଅଗସ୍ତିଙ୍କି ପଗ୍ଭରନ୍ତି ବଇବସ୍ତୁତ ପୁଣି । ୭୪-୫୨୬୪ ।
କୁରୁ ପାଣ୍ଡବଙ୍କର ଝିମାଣି ଖେଳ
ବଦନ୍ତି ଅଗସ୍ତି ଶୁଣ ବଇବସ୍ତୁତ ମନ୍ଦ
ଅନେକ ଉଚ୍ଛବ ଯେ ହୋଇଲା ହସ୍ତିନା ଭୁବନ୍ଦ । ୧
ଭୀଷ୍ମଙ୍କର ଆଗ୍ୟାଂ, ଶଯେ ଅଷ୍ଟ ଉତ୍ତର କୁମାରେ
ମହା ପ୍ରିୟ ଭାବରେ ଆଖଡାରେ କଉତୁକ କରେ । ୨
ବଳରାମଙ୍କର ତହ୍ନଂ ସେ ଗଦାବିଦ୍ୟା ପାଇ
କାହାକଇଂ ଗଣନା ନ କରନ୍ତି ଦ୍ରିଯୋଧନ ଶତେ ଭାଇ । ୩
ଆଖଡାୟେ ପଶି ଗଦାଯୁଦ୍ଧ କରନ୍ତି ନିତି
ଭୀମସେନ ଧୁଶାସନର ଯେ ହୋଇଲା ଅତ୍ୟନ୍ତ ଅପ୍ରୀତି । ୪
କର୍ଣ୍ଣ ଅର୍ଜୁନର ଯେ ଉପୁଜିଲା ଅଭାବ
ଯୁଝେଷ୍ଠିଙ୍କି ଦ୍ରିଯୋଧନ ନ କରଇ ପ୍ରିୟଭାବ । ୫
ଗଜ ଅଶ୍ୱ ଚଢିଣ ଯେ ହିଙ୍ଗିତି ଖେଳନ୍ତି
ପଶା ଆଖଡା ଯେ ନ୍ୟାୟବଳ ଖେଳୁଥାନ୍ତି । ୬
ପୟାନ୍ତି ପାଦ ଗରୁ ଧାଉଡି ନିମିତ୍ତେୟ
ନାନା କଉତୁକେ ଖେଳନ୍ତି ପୁତ୍ରମାନେ ସମସ୍ତେ । ୭
ଇନ୍ଦ୍ରର ପ୍ରଶସ୍ତ ଆଖଡାୟେ କଉତୁକ ସଂକୁତେ
କୁତୂହୋଳେ ଭିଆଇଲେ ଝିମାଣି ନାମ ଖେଡେ । ୮
ଦ୍ରିଯୋଧନ ଯୁଝେଷ୍ଠି ଯେ ହୋଇଲେ ମୂଳଗଣ୍ଡି
ଭୀମ ଧୁଶାସନ ହୋଇଲେ ତଳଗଣ୍ଡି । ୯

---

୩ ।୨ କାହାକଇ ଭୟିତା ନାହିଂ ଦ୍ରିଯୋଧନ ଶତେ ଭାଇ ।
୫ ।୧ ଇନ୍ଦ୍ରର ପ୍ରଶସ୍ତ ଆଖଡାରେ କୁତୂହୋଳର ସଭାବ ।
୭ ।୧ ପୟାନ୍ତ-ପାଦଗ୍ଭର, ପାଦଗ୍ଭଳନ
୮ ।୧ ସଂକୁତେ - ସଂକୃତ, ସମ୍ୟକ୍ କ୍ରିୟାରେ, କାର୍ଯ୍ୟରେ
କର୍ଣ୍ଣ ଅର୍ଜୁନ ଗଲେ ଯେ ଗଣ୍ଡି ଭାଗେ
ଦ୍ରିଯୋଧନ କର୍ଣ୍ଣ, ଅର୍ଜୁନ ଯୁଝେଷ୍ଠିଙ୍କ ଭାଗେ । ୧୦
ଧୁଶାସନ କର୍ଣ୍ଣ ହୋଇଲେ ଦ୍ରିଯୋଧନର ଲାଗେ । ୧୧
ଶଲ୍ୟ ସହଦେବ ଦୁହେଂ ଗଣ୍ଡି ଯେ ହୋଇଲେ
ଯୁଝେଷ୍ଠିଙ୍କି ସହଦେବ ଦ୍ରିଯୋଧନକୁ ଶଲ୍ୟେ । ୧୨
ନକୁଳ ଅଶସ୍ତମା ଗଣ୍ଡି ଗଲେ ଅନୁକ୍ରମେ
ଯୁଝେଷ୍ଠି ଭାଗେ ନକୁଳ ଦ୍ରିଯୋଧନ ଅଶସ୍ତମେ । ୧୩
ଯେସନେକ ଗଣ୍ଡି ଭିଆନ୍ତି ସମକଚ୍ଛେ
ଧୁଶାସନ ବୋଇଲା ଭୀମ ତୁମ୍ଭେ ପୀଢ ହୋଇଲ ପ୍ରତକ୍ଷେ । ୧୪
ଭୀମସେନ ହସିଲା ଧୁଶାସନର ବଚନେ
ତୁମ୍ଭନ୍ତ ଥାଡେ ହୋଅ ଶତେ ଭାଇମାନେ । ୧୫
ଆମ୍ଭଙ୍କୁ ତୁମ୍ଭେ ହୋ ନ ଦିଅ ଯେକା ଜଣେ । ୧୬
ଶଲ୍ୟ କୃପ ଅଶସ୍ତମା କର୍ଣ୍ଣ ଯେ ସହିତେ
କଚ୍ଛକେ ହୋଅ ତୁମ୍ଭେ ପଞ୍ଚ ଉତ୍ତର ଶତେ । ୧୭

ଆମ୍ଭେ ପାଞ୍ଚ ଭାଇ ହୋଇଲୁ ଯେକ କତି
ଖେଡର ଚରିତ୍ର ଜାଣିମା ନା କେ ହାରଇ ଜିଣଇ ଯୁଗତି । ୧୮
ଭୀମସେନ ବଚନେ ଦ୍ରିଯୋଧନ କଲା ସନମତ
ପଛିମ ଭାଗେ ରହିଲେ ପାଞ୍ଚ ଉତ୍ତର ଶତେ ଭ୍ରାଥ । ୧୯
ପୂର୍ବ ଭାଗେ ହୋଇଲେ ଯୁଝେଷ୍ଠି ପାଞ୍ଚ ଭାଇ
ମଧ୍ୟେରେ ବେନି ଖମ୍ଭ୍ରି ପୋତିଲେ ଗାର ଦେଇ । ୨୦
Cଶାନ୍ୟେ ଯୁଝେଷ୍ଠି ପଶ୍ଚିମେ ଦ୍ରିଯୋଧନ ଭାଗ ଆଡେ
ବଢିଲା ଉଚ୍ଚ ବାଚ ଝିମାଣି ରସ ଖେଡେ । ୨୧
ପ୍ରଥମେ ଗୋଡାଇଲା କୁମାର ଧୁଶାସନ
ପଲାବନ୍ତି ଯୁଝେଷ୍ଠି ପବନହୁଂ ବେଗେଣ । ୨୨
ବନଚର ଦେଖି ଯେହ୍ନେ ଖେଦଇ ହରିଣୀ
ନିଶ୍ୱ୍ରାସ ଧରି ଖେଦଇ ଧୁଶାସନ ବୀରମଣି । ୨୩

---

୨୨ ।୨ ପଲାବନ୍ତି ଯୁଝେଷ୍ଠି ଯେସନେ ପବନ ବାହାନ ।
ପଲାବନ୍ତି ଯୁଝେଷ୍ଠି ହୋଇଣ ଖେଳ ଭଗ୍ନ ।
୧୭ ।୨ କଚ୍ଛକେ - ଏକ ପାଖରେ ।
ରେରେ କାର କରି ଧାଇଂଲା ବେଗେଣ କ୍ଷେପି
ଚିତ୍ରାୟେ ମାରିଣ ମାଇଲା ଯୁଝେଷ୍ଠିଙ୍କି । ୨୪
ଅସାଷ୍ଟମେ ପଡିଲେ ଯୁଝେଷ୍ଠି ଧୁଶାସନର ଚ୍ୟପୋଡ ଘାତେ
ନାସିକା ବେନି ପୁଡାରୁ ବହଇ ଶ୍ରୋଣିତେ । ୨୫
ମାରିଣ ଧୁଶାସନ ବାହୁଡଇ ଲେଉଟି
ଆରେ ଆରେ ବୋଲି ଭୀମସେନ ଧାମଇଂ ପାଲଟି । ୨୬
ମଧ୍ୟ ଦାଣ୍ଡରେମ ମାଇଲା ଧୁଶାସନକୁ
ୟେକା ପ୍ରହାରକେ ଭାଞ୍ଜିଲା ତାହାର ବୁକୁ । ୨୭
ଦ୍ରିଯୋଧନ ପଲାବଇ ଗୋଡାୟେ ମାରୁତି
ୟେକା ଚ୍ୟପୋଡାକେ ପଡିଲା କୁରୁପତି । ୨୮
ଦୁର୍ଜୟ ଦୁର୍ବାଳ ଦୁରାଷ୍ଟର ମେଳେ
ପୟରକେ ବୀର ମାଇଲା କରସ୍ଥଳେ । ୨୯
ଶତେ ଭାଇଙ୍କି ମାଇଲା ଶତେ ଯେ ଭେଡାୟେ
କର୍ଣ୍ଣ ହିଂ ପଡିଲା ଭୀମ ହାଡେ ଘାୟେ । ୩୦
ଶତେ ପହଣ୍ଡେ ମାଇଲା ଶତେ ଭ୍ରାଥଙ୍କୁ
ଗାତ୍ର ପ୍ରହାରେ ଭାଞ୍ଜିଲା ସମସ୍ତହିଂ ବୁକୁ । ୩୧
ଅଶସ୍ତମାକୁ କ୍ଷେପି ମାଇଲା ବକ୍ଷସ୍ଥଳେ
ମୂର୍ଚ୍ଛାଗତେ ପଡିଲେ କୁରୁ ଯେ କୁମରେ । ୩୨
ଶଲ୍ୟେ ପଲାବନ୍ତି ବାହୁଟିଆ ଜୀବ ଜାଣି
ନିଶ୍ୱ୍ରାସ ଟେକି କଟାଳ କଲା ଭୀମ ଆଣି । ୩୩
ଚିତ୍ରାୟେ ମାରିଣ ହାବୋଡାଇଲା ଶଲ୍ୟଙ୍କୁ
ଗାଢ ପ୍ରହାରେ ଶଲ୍ୟେ ପଡିଲେ ମାଡି ବୁକୁ । ୩୪

ବାମ ପାଦ ପଡିଲା ପିଠିର ମଧ୍ୟ ଖଣ୍ଡେ
ଡାହାଣ ଚରଣ ପଡିଲ୍ା ଶଲ୍ୟଙ୍କର ମୁଣ୍ଡେ । ୩୫

---

୨୬ ।୨ ଆରେ ଆରେ ବୋଲିଣ ଭୀମସେନ ଧଇଲା ପାଲଟି ।
୨୭ ।୧ ମଧ୍ୟଗଣ୍ଡିରେ ମାଇଲା ଧୃଶାସନକୁ ।
୩୦ ଶତେ ଭାଇଙ୍କି ମାଇଲା ଶତେକ ଗ୍ପୋଡା
କର୍ଣ୍ଣ ହିଂ ପଡିଲ୍ା ଭୀମସେନର ହାବୋଡେ ।
ମୁଣ୍ଡ ଫାଟିଣ ଯେ ବହିଲା ଗହନ ଶ୍ରୋଣି
ବାହୁଡଇ ବ୍ରିକୋଦର ବିକ୍ରମ ସିଂହ ଠାଣି । ୩୬
ସବୁ କୁରୁ ବୀରେ ପଡିଲେ ଅସାଷ୍ଟମ ହୋଇ
ଶଲ୍ୟ କର୍ଣ୍ଣ ଅଶସ୍ତମା କାହାରି ଚେତନା ଯେ ନାହିଂ । ୩୭
ବଦୟନ୍ତି ମହାମୁନି ବ୍ରହ୍ମବେତ୍ତା ଅଗସ୍ତି
ଆଦି ହୁଂ ୟେହିଠାରୁ କୁରୁ ପାଣ୍ଡବଙ୍କର ଉପୁଜିଲା ଅପ୍ରୀତି । ୩୮
ଧୃତରାଷ୍ଟଙ୍କର ଅଗ୍ରତେ କହିଲେ ସଞ୍ଜୟେ
ଖେଡର ବିନୋଦେ ପଡିଲେ ଅସାଷ୍ଟମେ ତୋହୋର ପୋୟେ । ୩୯
ୟେକାୟେ ଭୀମସେନ ମାଇଲା ସବୁଙ୍କୁ ହିଂ ଖେଡେ
ଛିମାଣି ଭିଆଇଲେ ୟେକା କୁତୂହୋଳେ ପୀଢେ । ୪୦
ଭୀଷ୍ମେ ସଞ୍ଜୟେ ପ୍ରବେଶ ହୋଇଲେ ଯାଇ
ପୁଅନ୍ତ ଆଣିଲେ ଚେତନା କରାଇ । ୪୧
ଧୃତରାଷ୍ଟ୍ର ସୁମରଇ ରେବତୀ ପ୍ରାଣବନ୍ଧୁ
ଜୟୁ ତୁ କାମପାଳ ଅଭୟ ବର ଇନ୍ଦୁ । ୪୨
ଶୁଦ୍ଧ ସଷ୍ଟିକ ପ୍ରାୟେ ଯାହାର ଶରୀର ବିରାଜି
ଅଣାକାର ପୁରୁଷ ତୁ ଅଜପା ଲୟେ ଭଜି । ୪୩
ଅଦୃଷ୍ଟି ମହେଶ୍ୱର ଧବଳ ବର୍ଣ୍ଣ ଚିହ୍ନ
ଅବୟ ଅବ୍ୟକ୍ତ ଯାର ବଚନ ଅପୂର୍ଣ୍ଣ । ୪୪
ୟେକ ଆସନେ ଯାହାର କୋଟିୟେ କଲ୍ପ ବହି
ମଉଳି ଆଭରଣ ସ୍ୱାମୀ ମହା ଦର୍ପ ଅହି । ୪୫
ଅଚେବନ ପୁରୁଷ ପାଇଲୁ ଯୋଗ ଚିନ୍ତା
ନାଶକର ଦର୍ପ ତୁହି ସେ ଭାଞ୍ଜନ୍ତା । ୪୬
ଅସମ୍ଭବ ପୁରୁଷ ତୁ ଗତି ମୁକତି ଦିଅନ୍ତା
କାଲାନ୍ତକ ପୁରୁଷ ୟୋଗେଣ ଯୋଗ ଚିନ୍ତା । ୪୭

---

୪୦ ୟେକା ଭୀମସେନ ମାଇଲା ଛିମାଣି ଖେଡେ
ଛିମାଣି ଭିଆଇଲେ କୁତୋହଳେ ସଂଫୋଡେ ।
୪୪ ।୨ ମହାବ୍ରହ୍ମ ସ୍ୱାମୀ ତୁ ଅଟୁ ନିରଂଜନ ।
୪୪ ।୨ ଅଭୟ ଶାନ୍ତି ଯାହାରେ ଅଜପାରେ ଗ୍ୟାଂନ ।
ଶ୍ୱେତ ଶଙ୍ଖ ପଣ୍ଡୁର ଲୋହିତ ପୀତ ବାସଇ
କୁଙ୍କୁମ ନୀଳ କଳେବର ଶିରରେ ସପତ ଫଂଣୀ ବସଇ । ୪୮
ୟୋଗ ଭୋଗ ସୋଗ ଯାହାର ଅଭୟେ

ପବନ ଉଜାଇଲୁ ନାଥ ତୁ ଅଜପା ୟୋଗ ଲୟେ । ୪୯
ନିଶ୍ଚଳ ଆସନ ସ୍ୱାମୀ ଯାହାର ଭୁବନ ସଉନିଧି
ସର୍ବ ସୋଦର ବନ୍ଧୁ ଦ୍ରଶନେ କାର୍ଯ୍ୟ ସିଦ୍ଧି । ୫୦
ପ୍ରସନ୍ନେ ପ୍ରାପତ ହୋଅଇ ବଇକୁଣ୍ଠ ଭୁବନ
ଜଗ ବନ୍ଦନ ସ୍ୱାମୀ ସୁଢଳ ନୟନ । ୫୧
ମହା ୟୋଗ ଲୟେ ଦେବ ଉତ୍ତରାଙ୍କୁର ତୀର୍ଥେ
ଝରଇ ସୁଧାରସ ଦେବ ସନ୍ତାପ କରନ୍ତେ । ୫୨
ଶ୍ରୀଭୁଜେ ଶୋଭାବନ ଯାହାର ସମର୍ଥୈକ ସଉନନ୍ଦ
ଦ୍ରଶନେ ଦହନ ସ୍ୱାମୀ ହୋଇ ସର୍ବ ବନ୍ଧ । ୫୩
ଅମ୍ବ୍ରା କଦମ୍ବ୍ରା ପ୍ରଲମ୍ବ୍ରା ଅସୁର ଧଂସି
ରେବତୀ ରମଣ ନାଥ ଅଭୟ ୟୋଗ ଅଭ୍ୟାସି । ୫୪
ସୁରସିଦ୍ଧ ମୁନି ଯାହାର ଚରଣ ବନ୍ଦେ
ଅଭୟ ବର ଦେଉ ନାଥ ପରମ ସାନନ୍ଦେ । ୫୫
କାଲାନଳ ବଞ୍ଚାଇଲୁ ଅନାଦି ପରମ ୟୋଗୀ
କଳିକାଳ ଦର୍ପ ଧଂସି ଇଛା କଲୁ ଭୋଗୀ । ୫୬
ଶତେ ବେଳ ବିନୟ ମୁଂ କାମପାଳ ଚରଣେ
ଭଗତି ମୁକତି ନାଥ ଇଚ୍ଛା କଲି ଦେବ ମୁଂ ତୋହୋର ଶରଣେ । ୫୭
ରେବତୀ ରମଣ ସ୍ୱାମୀ ହଳାୟୁଧ ପାଣି
ଅନନ୍ତ କୋଟି ବ୍ରହ୍ମାଣ୍ଡ ନାଥ ତୁହି ସେ ଶିରୋମଣି । ୫୮
ଅନୀତି ସଂସାରେ ନାଥ ଲୋଭ ମୋହ କ୍ରୋଧ ହିଂସା
ୟେଥୁଂ ତରିବାକୁ ମୁହିଁ ବଢାଇଲି ମନୀଷା । ୫୯
କେଶୀ ବିଦାରଣ ନାଥ ଚରଣେ ନମାମି
ୟେ ଭବ ସାଗରୁ ଉଦ୍ଧର ଦେବ ସ୍ୱାମୀ । ୬୦

---

୫୬ ।୨ କଳିକାଳ ଧଂସି ତୁ ରକ୍ଷାକର ଭୂବି ।
୫୧ ।୨ ସୁଢଳ-ସୁନ୍ଦର
ଶ୍ରୀ ନୀଲାମ୍ବ୍ରର ନାଥଙ୍କୁ ଶତ ସହସ୍ର ଦଣ୍ଡବତ ପାଦ ତଳେ
ଶୂଦ୍ରମୁନି ସାରୋଳ ଦାସ ମାଗଇ ସର୍ବ କାଳେ । ୬୧-୫୩୨୫ ।
କୁନ୍ତୀସହ ପାଣ୍ଡବଙ୍ଗର ଇନ୍ଦ୍ରପ୍ରଶସ୍ତେ ଅବସ୍ଥିତି
ଆହୋ କୁରୁବଇ ନୃପତି ଧୃତରାଷ୍ଟ
ଅନେକ ତୁସ୍ତି କଲା ବଳରାମଙ୍କୁ ହୋଇ ତୁଷ୍ଟ । ୧
ଧୟାନେ ଚିନ୍ତିଲା ଯହ୍ନଂ ଅମ୍ବ୍ରିକାର ବାଳ
ଆସନ କି-ଲା ଦେବ ସ୍ୱାମୀ କାମପାଳ । ୨
ହସ୍ତିନା ନଗ୍ରେ ଦେବ କଲେକ ବିଜୟେ
ଧୃତରାଷ୍ଟ ଅଗ୍ରତେ କହିଲେ ସଞ୍ଜୟେ । ୩
ଆସନ ତେଜି ଉଠିଲା କୁରୁରାଜ ସ୍ୱାମୀ
ଶ୍ରୀ ବଳରାମଙ୍କ ଚରଣେ ଦଣ୍ଡ ପରିଣାମି । ୪
କ୍ରୋଧଭର ହୋଇଣ କହଇ ଧୃତରାଷ୍ଟ
ଭୋ ଦେବ କାମପାଳ ଦେଖ ମୋହୋର ପୁତ୍ରଙ୍କର କଷ୍ଟ । ୫

ଯହିଁର ନିମନ୍ତେ ମୁଁ କଲି ହୃଦେ ଭ୍ରାନ୍ତି
ଖେଡର ବିନୋଦେ ଭୀମା ମାଇଲା ସବୁନ୍ତି । ୬
ବଳରାମେ ବୋଇଲେ ତୁ ଭ୍ରାନ୍ତି ନ କର କିଛି
ଖେଡର ପରିହାସେ ହୋ ଯେସନେକ କୃତ ଅଛି । ୭
ମୋହୋର ବିଦ୍ୟାୟେଣ ଯେ ଅଟନ୍ତି ଶକତା
ଗଦା ଯୁଦ୍ଧେଣ ଯେ ହୋଇବେ ଜଗଜ୍ଜିତା । ୮
ଧୃତରାଷ୍ଟଙ୍କର ଶତେପୁତ୍ର ମସ୍ତକେ ବଳଦେବ ଦିଲେ ହସ୍ତ
ଆଜହୁଁ ଯେମାନେ ଅଟନ୍ତି ଆମ୍ଭ ପୁତ୍ର । ୯
ତୁ କିଛି ଭ୍ରାନ୍ତି ହୋ ନ କର ଯେହାଙ୍କୁ
ଯେହାଙ୍କର ସମସ୍ତ କଥା ଲାଗଇ ଯେ ମୁକୁ । ୧୦
ବଳରାମଙ୍କ ବଚନେ ତୁଷ୍ଟ ଧୃତରାଷ୍ଟ
ଛାଡିଲାକ ମନ ଭ୍ରାନ୍ତି ଶରୀର କଲା ତୁଷ୍ଟ । ୧୧
ତହୁଁ ବିଜୟେ କାମପାଳ ଦ୍ୱାରକା ଭୁବନେ
ସନିଧେୟ ପୁଛାକଲେ ଦେବ ଜନାର୍ଦ୍ଦନେ । ୧୨
କହନ୍ତି କାମପାଳ ଧୃତରାଷ୍ଟଙ୍କ ସର୍ବକଥା
ଭାବେଣ କହିଲେ ଦେବ ଖେଡର ବାରତା । ୧୩
ବଳରାମେ ନ ଜାଣନ୍ତି ଅର୍ଜୁନ ତୁଲେ ବାସୁଦେବର ପୀରତି
ଦ୍ରିଯୋଧନକୁ ଆବୋରି କହିଲେ ହଳପତି । ୧୪
ଧୃତରାଷ୍ଟ ପୁଅଙ୍କର ମଥାରେ ହାଥ ଦେଲି
ସମସ୍ତ ବିଦ୍ୟା ଶିଖାଇ ତହାନ୍ତ ଆବୋରିଲି । ୧୫
ପଣ୍ଡୁର ପୁଅଙ୍କୁ ସେ କଲା ବଡ ଭ୍ରାନ୍ତି
ଯେକା ଦ୍ରିଯୋଧନ ତାହାର ଜିଣିବ ସବୁନ୍ତି । ୧୬
ଯେ ପାଞ୍ଚ ପୁତ୍ରନ୍ତ ମାରି ପଞ୍ଚୁ କଟକେ ହୋଇବ ରାଜା
ଯେମନ୍ତ କରି ସଞ୍ଚିଲି ମୁଁ ଗାନ୍ଧାରୀ ତନୁଜା । ୧୭
ବଳରାମଙ୍କ ମୁଖୁଁ ଯେସନେକ ବାକ୍ୟ ଶୁଣି
ହୃଦଗତେ ବିଚାରନ୍ତି ଦେବ ଚକ୍ରପାଣି । ୧୮
ଗରୁଡ ପିଠିରେ ବିଜେ କଲେ ଦେବ ହରି
ବିଜୟେ ନାରାୟଣ ଇନ୍ଦ୍ରର ପ୍ରଶସ୍ତ ନଗରୀ । ୧୯
ଇନ୍ଦ୍ରର ପ୍ରଶସ୍ତ ନାମେଣ ଯେକଇ ପର୍ବତ ଗୋଟିଯେ
ରାତ୍ରିକାଳେ ନାରାୟଣ ତହିଁକି କଲେକ ବିଜୟେ । ୨୦
ଅର୍ଜୁନଙ୍କୁ ସୁମରଣା କରନ୍ତି ଦେବ ଧ୍ୟାନେ
ବାସବି ପ୍ରବେଶ ହୋଇଲା ବାସୁଦେବଙ୍କ ସନ୍ନିଧାନେ । ୨୧
ଦେଖିଲା ନାରାୟଣ ଗରୁଡ ପିଠିରେ ବିଜେ
ଶତ ସହସ୍ର ଦଣ୍ଡ ପ୍ରଳମ୍ବିତ ଇନ୍ଦ୍ରର ଆତ୍ମଜେ । ୨୨
ଅର୍ଜୁନକୁ କୋଳ କରିଣ ଦେବ ଯେ ମୁରାରି
ପଚାରନ୍ତି କୁଶଳ ବାରତା ଦେବ ଦଇତାରି । ୨୩

---

୧୪ ।୨ ଦ୍ରିଯୋଧନକୁ ଆବୋରି କହିଲେ ହଳପତି ।
ଏହି ପଦ ସ୍ଥାନରେ ଭିନ୍ନ ଭିନ୍ନ ପାଠ-

ଅପାର ବଚନ କହିଲେ ହଳପତି ।
ଦ୍ରିଯୋଧନର ଗାରିମା କହିଲେ ହଳପତି ।
କେବଣ ଚରିତ ହୋଇଲା ଝିମାଣି ଖେଡ ବାଗେ
କୁରୁ ବୀରେ ପଡିଲେ ପୁଣି ଭୀମସେନ ରାଗେ । ୨୪
ଅର୍ଜୁନ ବୋଇଲା ସ୍ୱାମୀ ପ୍ରଥମେ ଧୁଶାସନ ଗୋଡାଇଲା
ଅସାଷ୍ଟମ କରି ଦେବ ଯୁଝେଷ୍ଠିଙ୍କି ମାଇଲା । ୨୫
ସେ ରାଗ ସହି ନ ପାରିଲେ ଯେ ମାରୁତି
ୟେକା ନିଶ୍ୱାସକେ ସେ ମାଇଲେ ସବୁନ୍ତି । ୨୬
ଅଭିମାନେ ଧୃତରାଷ୍ଟ ବଳରାମଙ୍କୁ ସୁମରି
ହସ୍ତିନାୟେ ପ୍ରବେଶ ଆସି ହୋଇଲେ ହଳଧାରୀ । ୨୭
ଅନେକ ପ୍ରତଗ୍ୟାଂ ଯେ କଲେକ ନୀଲାମ୍ୱର
ମସ୍ତକେ ହସ୍ତ ଦେଇ ବୋଇଲେ ୟେ ପୁତ୍ରେ ଆଜି ହୁଂ ଆମ୍ଭର । ୨୮
ଶ୍ରୀହରି ବୋଇଲେ ବଳରାମଙ୍କୁ ମୂଳ କରି ଧୃତରାଷ୍ଟ ଭିଆଇଛି ମନ୍ଦ
ଅବଶ୍ୟ ତୁମ୍ଭର ତୁଲେ ହୋଇବଟି ବଡ ଦ୍ୱନ୍ଦ । ୨୯
ଆଜହୁଂ ବିଶ୍ୱାସ ତୁମ୍ଭେ ନ ଯିବଟି ଧୃତରାଷ୍ଟଙ୍କୁ
କର୍ଣ୍ଣ ଅଶସ୍ତମା ଶଲ୍ୟ ଦ୍ରିଯୋଧନକୁ । ୩୦
ଅର୍ଜୁନ ବୋଇଲେ ସ୍ୱାମୀ ତୋହୋର ଆମ୍ଭଙ୍କୁ ଯେବେ ୟେତେ ଚିନ୍ତା
ଲକ୍ଷେ ବଳରାମ ହୋଇଲେ ଆମ୍ଭଙ୍କୁ ନାହିଁ ନା ଜିଣନ୍ତା । ୩୧
ଅର୍ଜୁନର ପ୍ରତଗ୍ୟାଂ ଦେଖିଣ ସାନନ୍ଦ ମଧୁରିପୁ
ପ୍ରତଗ୍ୟାଂ ସାର୍ଥୁକ ତୁମ୍ଭର ବୁଝିଲୁଂ ବଳବପୁ । ୩୨
ଆହୋ ଭୋଜନେ ଶୟେନେ ତୁମ୍ଭେ ନ ଯିବଟି ବିଶ୍ୱାସ
ଶତ୍ରୁର ଛିଦ୍ର ବୁଦ୍ଧିରେ ହୋଅଇ ଅନେକ କାର୍ଯ୍ୟ ନାଶ । ୩୩
ଯୁଝେଷ୍ଠି ଭୀମ ନକୁଳ ସହଦେବଙ୍କୁ ତିଆରି
ବୁଦ୍ଧି ଉପାୟେ କରି ୟେହାଙ୍କ ସଙ୍ଗ ଯାଅ ଅପସରି । ୩୪
କହିଣ ନାରାୟଣ ଗଲେକ ଅନ୍ତରୀକ୍ଷେ
ଯୁଝେଷ୍ଠିଙ୍କି ଅର୍ଜୁନ ଯେ କହିଲେ ପ୍ରତକ୍ଷେ । ୩୫
ଯୁଝେଷ୍ଠି ବୋଇଲେ ସେ ଜଗତ ମୋହନ
ସମସ୍ତ ବିଗ୍ରର ସେ ଜାଣନ୍ତି ପାପ ପୁଣ୍ୟ । ୩୬
ଆମ୍ଭେ ତ ହୋଇଥାଉଂ ଧୃତରାଷ୍ଟଙ୍କୁ ଭଗତେ
ସେ ଆମ୍ଭନ୍ତ ଆନ ଭାବ ଧରିବେ କେମନ୍ତେ । ୩୭
ହୃଦରେ କଳଙ୍କ ଥାଇଟି ଯେବଣ ପ୍ରାଣୀ
ତହାର ପାପଟି ତହାକୁ ହୋଅଇ ହାନି । ୩୮
ଧର୍ମକୁ ଆଶ୍ରେ କରି ବାବୁ ଥାଅ ହୃଦଗତେ
ଧର୍ମଥିଲେ ପାପଟି ନ ଲାଗଇ ଯୁଗତେ । ୩୯
ଅଜାତ ଶତ୍ରୁ ହୋ ଯାହାର କୋପ ନାହିଁ
ଅର୍ଜୁନକୁ ଶାନ୍ତି କରାଇଲେ ପରମାର୍ଥ କଥା କହି । ୪୦
ପୁଅନ୍ତ ବସାଇଣ ଯେ ଭାଳଇ ଧୃତରାଷ୍ଟ
ଭୀମକୁ ବ୍ରାନ୍ତି ମୋର ହୃଦରେ ଗରୁ କଷ୍ଟ । ୪୧
ସଞ୍ଜୟ ବୋଇଲେ ଯେବେ ଅନ୍ତର ଧଇଲୁ ଚିତ୍ତେ
ପଣ୍ଡୁର ପୁତ୍ରନ୍ତ ତୁ ଆଉ ସମ୍ଭାଳିବୁ କେମନ୍ତେ । ୪୨

ହୃଦରେ ବିକୃତ ହୋଇଲା ଯେବଣ ପ୍ରାଣୀଙ୍କି
ତହାନ୍ତ ଘେନିଣ ଆଉ ତୁ ବିଶ୍ୱାସ କରିଥାଉ ନିକି । ୪୩
ସଞ୍ଜୟ ବଚନେ ସେ ରାଜା କୁରୁପତି
ବିଦୁରକୁ ଯେକାନେତେ ରାଇଲା ନିଶାରାତି । ୪୪
ବାବୁ ପରମ ପଣ୍ଡିତ ତୁ ଅଟୁ ମହାଗ୍ୟାଂତା
କେମନ୍ତେ ବିଚାର କରୁ ଭୀମସେନର କଥା । ୪୫
ବିଦୁର ବୋଇଲେ ସ୍ୱାମୀ ଅଗ୍ୟାନ ବାଳକାଳେ
ପ୍ରୀତି ଅପ୍ରୀତି ହୋଉଥାନ୍ତି ସେ ଖେଡର କୁତୂହୋଳେ । ୪୬
ତହିଁକି କି-ାଇ ସ୍ୱାମୀ କରୁ ମନେ ତାପ
ତୋ ତହୁଁ ବିତ୍ରକେ ଆନେ କେ ଅଛି ତାହାଙ୍କର ବାପ । ୪୭
ଧୃତରାଷ୍ଟ ବୋଇଲେ ଭୀମାର ଜାଇଁ ଥିଲେ
ମୋହୋର ପୁଅଙ୍କୁ ଭଲ ନାହିଁ ମୋର ପ୍ରୀତି ବଢାଇଲେ । ୪୮
ବିଦୁର ବୋଇଲେ ଯେବେ ଚିତ୍ତରେ ଧଇଲୁ ଅନ୍ତର
ସଙ୍ଗରୁ ଛଡାଇ ସେ ପାଞ୍ଚଙ୍କୁ ଦୂର କର । ୪୯
ବିଦୁର ବଚନେ ସେ ବୋଲନ୍ତି ଧୃତରାଷ୍ଟଇ
ଯେହା ଯେ କହିଲୁ ବାବୁ ସରୂପ ଅଟଇ । ୫୦

---

୩୮ ।୨ ତାହାର ପାଟ ଖଡଗେ ତାହାକଇ ହାଣି ।
୪୮ ।୨ ପୁତ୍ରଙ୍କୁ ମୋର କୁଶଳ ନାହିଁ ଧୃତରାଷ୍ଟ ବୋଇଲେ ।
ହସ୍ତିନା ରାଜ୍ୟ ଅନ୍ତରେ ଇନ୍ଦ୍ର ପ୍ରଶସ୍ତ ପୁରେ
ତହିଁ ଭୁବନେକ ଭିଆଇଲେ କୁରୁବୀରେ । ୫୧
ଆଖଡାରେ ଭୀମସେନ ପଶଇ ନିତି ପ୍ରତି
ଗଦା ବୁଲାଇ କରଇ ବିକ୍ରମ ମୂରତି । ୫୨
କରବୀର ବୋଲି ଯୋକଇ ପରବତେ
ଯୋଜନେକ ଆୟତନ ଉଚ୍ଚଗର୍ତ ନଳ ଶତେ । ୫୩
ଗଦା ବୁଲାଇଣ ସେ ସଂହରି ନୁଆରିଲା
ପର୍ବତ ଉପରେ ନେଇ ବୁଲାଇ ପ୍ରହାରିଲା । ୫୪
ଲୋହାର ବେନି ଗଦା ବାଉନ ବାଉନ ଭାର
ଭୀମସେନ ଗଦା ଘାତେ ସେ ପର୍ବତ ହୋଇଲା ଚୂର । ୫୫
ଦେଖିଣ ତ୍ରାସିଲେ ଯେ କୁରୁବୀରମାନେ
ଭୀଷ୍ମେ କହିଲେ ଯାଇ ଧୃତରାଷ୍ଟଙ୍କ ସନ୍ନିଧାନେ । ୫୬
ଆହୋ କୁରୁବଇ ତୁ ସାବଧାନେ ଶୁଣ
ଭୀମର ମହିମା ଆମ୍ଭେ ଦେଖିଲୁ ଯେହିକ୍ଷଣ । ୫୭
କରବୀର ପର୍ବତକୁ ଜାଣନା କି ଭଲେ
ସେ ପର୍ବତ ଚୂର ହୋଇଲା ଭୀମସେନ ଗଦା ପ୍ରହାରେ । ୫୮
ବାଳୁତ ବୟସେ ତାର ଯେତେକ ମହିମା
ଜଗତ ଦର୍ପ ମର୍ଦ୍ଦିବ ସେ ପବନ ନନ୍ଦନ ଭୀମା । ୫୯
ପୁଅନ୍ତ ତିଆରିଣ ତୋହୋର ଥାଅସି ପ୍ରତିପାଳି
ଭୀମ ତୁଲେ କେହି ନୋହିବେ ବାରୁଆଳି । ୬୦

---

୫୨ ।୨ ଗଦା ବୁଲାଇ କରଇ ବ୍ରିକୋଦର ମୂର୍ତ୍ତି ।
୫୯ ।୨ ଯମଦର୍ପ ଧଂସନ ସେ ପବନ ନନ୍ଦନ ଭୀମା ।
୫୯ ।୨ ମଦମତ୍ତ ସିଂହ ପ୍ରାୟେ ଦିଶଇ ସେ ଭୀମା ।
୬୦ ।୨ ଭୀମ ତୁଲେ କେହି ନୋହିବେଟି ଖେଳୁଆଳି
ଭୀମ ତୁଲେ କେହି ନ କରିବେ ଦ୍ୱନ୍ଦ କଳି ।
୫୫ ।୧ ନୋହର, ଲୋହାର ଦୁଇ ପାଠ ଅଛି ।
୬୦ ।୨ ବାରୁଆଳି-କଳହ
ଯାହାକୁ କରିବ ସେ ପ୍ରହାର ପରିହାସେ
କେହି ନ ବର୍ତ୍ତିବଟି ଭୀମାର କୋପ ତ୍ରାସେ । ୬୧
ଭୀଷ୍ମଙ୍କର ବଚନେ ଧୃତରାଷ୍ଟଙ୍କୁ ଲାଗିଲା ମହାଚିନ୍ତା
କେବଣ କ୍ଷଣେ ତାକୁ ଜାତକଲା ଦେବୀ ଯେ କୋଇନ୍ତା । ୬୨
ୟେମନତ୍ ସମୟେ ଯେ ପଣ୍ଡୁର ତନୟେ
ଧୃତରାଷ୍ଟ ଚରଣେ ଯେ ପ୍ରଣପତ୍ୟ ହୋୟେ । ୬୩
ସଞ୍ଜୟେ ବୋଇଲେ ସ୍ୱାମୀ ଶୁଣିମା କୁରୁପତି
ଯୁଝେଷ୍ଠି ଭୀମ ଅର୍ଜୁନ ଆସି ପ୍ରଣପତ୍ୟ ହୁଅନ୍ତି । ୬୪
କଲ୍ୟାଣ ବାଞ୍ଛା କଲେ ସେ କୁରୁବୀର ନରସାଇଂ
ଆଗ୍ୟାଂ ଦିଲେ ପୁଅନ୍ତ କତିରେ ବସାଇ । ୬୫
ବାବୁ ଇନ୍ଦ୍ର ପ୍ରଶସ୍ତେ ତୁମ୍ଭେ ରହିଥାଅ ପାଞ୍ଚ ଭାଇ
ଭୀମର ବଚନ ଦ୍ରିଯୋଧନ କ୍ଷଣେହେଂ ନ ସହଇ । ୬୬
ଅନ୍ଥବ୍ରତେ ବରବେଶ ହୋଉଥାଇ ମାନଗୋବିନ୍ଦାୟି ପଣେ
ଉତକର୍ମ ବଢାଇ ସେ ହୋଇଲା ଆପଣେ ଆପଣେ । ୬୭
କିଞ୍ଚିତ ମାନ ସେ ନ ସହଇ ମାନଗୋବିନ୍ଦ
ବିନା ତପେ ଅରଜିଲା ୟେସନେକ ସ-ଦ । ୬୮
ତୋର ଭାଇ ଭୀମା ଅଟଇ ବଡ ମନ୍ଦ
ୟେକାଠାରେ ଥିଲେ ବାବୁ ଉପୁଜିବ ବଡ ଦ୍ୱନ୍ଦ । ୬୯
ଯୁଝେଷ୍ଠି ବୋଇଲେ ତାତ ୟେକଥା ଯୁଗତ
ତୋହୋର ଆଗ୍ୟାଂ ପ୍ରମାଣେ ଆମ୍ଭେ ରହିବୁଂ ଇନ୍ଦ୍ରର ଯେ ପ୍ରଶସ୍ତ । ୭୦
ୟେମନ୍ତ ସମୟେ ଭୀମସେନ ଆଖଡାରେ ପଶି
ବେନି ଗଦା ବୁଲାଇଲା ପୃଥାକି ଆକ୍ରେଷି । ୭୧
ଦେଖିଣ ଭୟେ କଲା ଦେବୀ ଯେ ବସୁଧା
ବିନୟ ଭାବେ କହଇ ଭୀମାକୁ ବଚନ ପ୍ରସିଦ୍ଧା । ୭୨
ୟେତେ ଆକ୍ରଷଣେ ଗଦା ପିଟନ୍ତେ ମୋହୋର ଉପରେ
ରାସାଂଗତ ହୋଇବି ନା ଗଦା ପିଟନ୍ତେ ମହାଭାରେ । ୭୩
ଗଦା ସଂଘରିଲା ସେ ବୀର ପୃଥାର ବିକଳେ
ପୁଣ ହିଂ ଗଦା ବୁଲାଇଣ ଧାମଇ କୁତୂହୋଳେ । ୭୪
ବନ ପର୍ବତ ଡିଙ୍ଗର କନ୍ଦର କି-ଲେ ତାହାର ମୂର୍ତ୍ତି ଦେଖି
ଶୂନ୍ୟ ପୁରୁଷେ ପଳାଇଲେ ଆସନ ଉପେକ୍ଷି । ୭୫
ଗଦାବର ବୁଲାଇ ସେ ବିକ୍ରମ ରୂପ କଲା
ଆକ୍ରଷଣ କରି ସେ ଆକାଶକୁ ଗ୍ରହିଂଲା । ୭୬

ଅଧର ପୁଷ୍ଟ କରି ଓଷ୍ଠରେ ଦନ୍ତ ଗ୍ରପି
ଯମ ଦେବତା ଭୟେ କଲା ତ୍ରାସିଲା ଅଦ୍ୟାପି । ୭୭
ବୋଲଇ ମାରୁତି ଯେ ଗଦା ବର ମହାଭାରା
ପୃଥିବୀ ପର୍ବତେ ସହି ନ୍ରଆରିଲେ ଦେବ ଯେ ଅସୁରା । ୭୮
ଧୃତରାଷ୍ଟର ଶୟେ ପୋୟେ ସହି ପାରିବେ କି ମୋହୋର ଗଦା
ତାହାଙ୍କର ଉପରକୁ ମୁଂହି ଯେ ବହିଛି ଗଦା ସର୍ବଦା । ୭୯
ଭୀମସେନ ଗଦା ମୁଷ୍ଟି ଦେଖିଣ କୁରୁବୀରେ
ଡିଆଂ ଘୁଞ୍ଚ୍ରାଇଂ ଲଟି ପାତିଲେ ଆଖଡାରେ । ୮୦
ପ୍ରଥମେ ଦ୍ରିଯୋଧନ ଡିଆଇଂ ପଞ୍ଚ୍ରାଶ ଗଜ ହାଥ
ଯୁଝେଷ୍ଠି ଡିଆନ୍ତି କୋଡିୟେ ପ୍ରସ୍ତ । ୮୧
ଧୁଶାସନ ଡେଇଂଲା ପଞ୍ଚଷଠୀ ଗଜ
ବତିଶ ଗଜ ଡେଇଂଲେ ଅଶ୍ତ୍ରିନୀଙ୍କ ଆତ୍ମଜ । ୮୨
କର୍ଣ୍ଣ ଡେଇଂଲା ନଉ ଗଜ ହାଥ
ଅଶସ୍ତମା ଡେଇଂଲା ପଞ୍ଚ୍ରାଅଶୀ ଗଜ ହାଥ । ୮୩
ଶଲ୍ୟେ ଡେଇଂଲେ ପଞ୍ଚ୍ରାବନ ହାଥ କାଠି
ସହଦେବ ଡେଇଂଲେ ପଞ୍ଚ ତିରିଶ ଗଜଟି । ୮୪
ଦ୍ରିଯୋଧନ ଶତେ ଭାଇ ୟେହିମତି ଡେଇଂଲେ
ପଞ୍ଚ୍ରାବନ ଗଜ ଯେ ଦ୍ରୋଣେ ଡେଇଂ ଗଲେ । ୮୫
ଅର୍ଜୁନେ ଡେଇଂଲେ ଶୟେ ଗଜ କାଠି
ଦେଖି ଚମତ୍କାର ଯେ ହୋଇଲେ ଧୃତରାଷ୍ଟି । ୮୬
ବୋଇଲା ଗୁରୁଙ୍କଠାରୁ ବଡ ହୋଇଲା ଅର୍ଜୁନ
ଜାଣିଲେ ହୃଦେ ବହୁତ ବଳ ବପୁମାନ । ୮୭

---

୭୭ ଗଦାବର ଘେନି ବୀର ଆକ୍ରେଷଣ କଲା
ନୟନ ତରାଟି ସେ ଆକାଶକୁ ଗ୍ରହିଂଲା ।
ୟେମନ୍ତେ ଭୀମସେନ ଡେଇଂଣ ଯେ ଗଲା
ଶୟେ ପଞ୍ଚସ୍ତରୀ ଗଜରେ ଉଭା ସେ ହୋଇଲା । ୮୮
ୟେମନ୍ତେ ବାରତା କହିଲେ ଦେବ ଶଲ୍ୟେ
କରୁନାଥ ବୋଲଇ ଭୀମା ଅଟଇ ମହାବଳେ । ୮୯
ଆହୋ ଗଦା ବୁଲାଇ ଭୀମା ମହାମୂର୍ତ୍ତି କଲା
ଗାନ୍ଧାରୀ ଶତେ ପୁତ୍ରଙ୍କୁ ଗଦା ଆକ୍ରେଷ ବୋଇଲା । ୯୦
ତ୍ରଇଲୋକ୍ୟେ ଯେ ଗଦା ତ ଆନ ଲୋକେ ନ ପାରିବେ ସହି
ତାହାଙ୍କର ଉପରକୁ ଗଦା ଭାର ଅଛି ବହି । ୯୧
ଧୃତରାଷ୍ଟ ବୋଇଲେ ବାବୁ ଶୁଣିଲୁ ଟିକି ଯୁଝେଷ୍ଠି
ଅନ୍ଥବ୍ରତେ ଭୀମାର ପ୍ରକୃତି ଅଟଇ ବଡ ଦୁଷ୍ଟି । ୯୨
ସେହୁ ପ୍ରତଗ୍ୟାଂ ବେଳକୁ ପୋୟେ ମୋର ଯେବେ ଥାନ୍ତେ
ଶତେ ଭାଇ ହୋଇଣ ଭୀମାକୁ ବେଢିଣ ଅବଶ୍ୟ ମାରନ୍ତେ । ୯୩
କୋଇନ୍ତାୟେ ବୋଇଲେ ମୋତେ ଭୀଷ୍ମେ ନାଶ କଲେ
ଶତଶିଂଗ ପର୍ବତୁଂ ମୋତେ ଅନମିତେ ଆଣିଲେ । ୯୪

ପୁଅନ୍ତ ଘେନିଣ ତହିଁ ଅଇଲେ ଅଭିମାନେ
ରହିଲେ କୋଇନ୍ତାୟେ ଇନ୍ଦ୍ରର ପ୍ରଶସ୍ତ ସ୍ଥାନେ । ୯୫
ପୁଅନ୍ତ ଘେନିଣ ଦେବୀ କୋନ୍ତଭୋଜର କୁମାରୀ
ଭୀମକଇଁ ରାଇ ସନ୍ନିଧେୟ୍ୟ ତିଆରି । ୯୬
ୟେତେ ଦୁଷ୍ଟ ବୁଦ୍ଧି କି ଆଚରଣ କଲୁ ବାବୁ
ତୋହୋରେଣ କାର୍ଯ୍ୟ ନାଶ ଯାଉଅଛିଟି ସବୁ । ୯୭
ଅନେକ ଦୟା ଆମ୍ଭଙ୍କୁ କରିଥିଲେ କୁରୁପତି
ୟେକା ତୋହୋର ପ୍ରମାଦେ ବାବୁ ଉପୁଜିଲା ବିକୃତି । ୯୮
ଭୀମସେନ ଶୁଣଇ କୋଇନ୍ତଙ୍କ ବାଣୀ
ହୃଦରେ ନ ଧରଇ ତହା ବଧୀର ମତ ଜାଣି । ୯୯
ରଜନୀ ପ୍ରଭାତେ ସ୍ନାହାନ ସାରିଣ ନିତ୍ୟ କର୍ମ
ଧୃତରାଷ୍ଟଙ୍କୁ ଦର୍ଶନ କରିଯାନ୍ତି ଦେବ ଧର୍ମ । ୧୦୦

---

୯୯ ।୧ ଭୀମସେନ ନ ଶୁଣଇ କୋଇନ୍ତଙ୍କ ବାଣୀ ।
ମାତା ଗାନ୍ଧାରୀ କି କରନ୍ତି ନମସ୍କାର
ଧୃତରାଷ୍ଟ ବୋଇଲେ ବାବୁ ବସ ଯା ସଭାର । ୧୦୧
ସଭାରେ ପ୍ରବେଶ ହ୍ୱନ୍ତି ପାଞ୍ଚ ଭାଇ
ଆସ୍ତନେ ଦ୍ୱରିଯୋଧନ ବିଜୟେ ଗୁଣଗ୍ରାହୀ । ୧୦୨
ଶତେକ ଭ୍ରାଥ ଘେନିଣ ବିଜୟେ କରୁବୀର
ଭୀଷ୍ମ ଭୂରିସର୍ବା ଶଲ୍ୟ କୃପ କର୍ଣ୍ଣ ବିଦୁର । ୧୦୩
ଅଶସ୍ତମା ଆଦି କରି ସମସ୍ତେହ୍ନେଁ ଛନ୍ତି ବସି
ୟୁଧେଷ୍ଠି ପାଞ୍ଚ ଭାଇ ସଭାରେ ଉଭା ହୋଇଛନ୍ତି ଆସି । ୧୦୪
ଭୀଷ୍ମ ଭୂରିସର୍ବା ଶଲ୍ୟଙ୍କୁ କଲେ ନମସ୍କାର
କାଖେ ହାଥ ଲାଇ ଉଭା ହୋଇଲେ ମଧ୍ୟ ସଭାର । ୧୦୫
ଦ୍ୱରିଯୋଧନ ବୋଇଲା ୟୁଧେଷ୍ଠିଙ୍କି ଧର୍ମପୁତ୍ର ବସ
ଭୀମସେନକୁ ବୋଇଲା ବସରେ ପବନର ଶିଷି । ୧୦୬
ଅର୍ଜୁନକୁ ବୋଇଲା ବସରେ ବାସବି
ନକୁଳକୁ ବୋଇଲା ବସରେ ଅଶ୍ୱିନୀ ସମ୍ଭବି । ୧୦୭
ସହଦେବକୁ ବୋଇଲା କୁମାର ପୁତ୍ର ବସ
ହୃଦେ କିନ୍ତୁ କରି ବୋଇଲା ଝିଂଘାସ । ୧୦୮
ଆଗ୍ୟାଂ ପ୍ରମାଣେ ବସନ୍ତି ପଞ୍ଚୁ ବୀରେ
ଆସ୍ତାନ ମଉଲିଲା ପହଡକ ଉତ୍ତରେ । ୧୦୯
ଚଳନ୍ତି ପଞ୍ଚୁ ଭାଇ ଇନ୍ଦ୍ରର ପ୍ରଶସ୍ତ ଭୁବନକୁ
ଭୀମସେନ ଯାଇ ପଗ୍ୟରଇ କୋଇନ୍ତଙ୍କୁ । ୧୧୦
ମାଗୋ ଦ୍ୱରିଯୋଧନ ସଭାୟେ କହଇ ଅନୀତି
ପାଞ୍ଚଙ୍କର ପିତା କହଇ ଆନ ଆନ ପ୍ରତି । ୧୧୧

---

୧୦୮ ।୧ ପଣ୍ଡୁର ପୁତ୍ର ବସ ମାଦ୍ରିର ପୁତ୍ର ବସ ।
୧୧୧ ।୨ ପାଞ୍ଚ କରି ପିତାଙ୍କର ନାମ ଭିନ୍ନ ଭିନ୍ନ ପ୍ରତି ।

କୋଇନ୍ତା ପ୍ରତିବାଚ ବାବୁ ନ ଜାଣୁରେ ଭୀମ
ପିତାର ନାମ ଉଦିତ ହୋଇଲେ ପୁତ୍ରକୁ ଅନେକ ଧର୍ମ । ୧୧୨
ଗ୍ୟାନ ପ୍ରାୟେ କହିଲେ କୋନ୍ତଭୋଜର ନନ୍ଦିନୀ
ମାତଙ୍କର ବଚନେ ଭୀମସେନ ହୋଇଲେକ ତୂନି । ୧୧୩
ପୁଣି ହିଂ ହସ୍ତିନାକୁ କରନ୍ତି ଗବନ
ଧୃତରାଷ୍ଟ ଗାନ୍ଧାରୀଙ୍କି କରନ୍ତି ଦରଶନ । ୧୧୪
ଶୁଭ କଲ୍ୟାଣ ବାଞ୍ଛନ୍ତି ଧୃତରାଷ୍ଟ ପୁତ୍ରେ ଅବଧାରି
ସଭାୟେ ବସ ବୋଲି ବୋଲନ୍ତି ଦୟାଭାବ କରି । ୧୧୫
ପିତାର ଆଗ୍ୟାଂ ଯେ ପୁତ୍ରେ ଅଟଇ ଅଲଘିଂତ
ସଭାରେ ପ୍ରବେଶ ଯାଇ ହୋଇଲେ ପଞ୍ଚୁ ଭ୍ରାଥ । ୧୧୬
ଭୀଷ୍ମ ଭୂରିସର୍ବା ଶଲ୍ୟଙ୍କୁ ନମସ୍କାର ହୋଇ
ଆସ୍ତାନେ ଉଭା ହୋଇଲେ ଦେବ କରସ୍ଥଳେ ବିନୋୟି । ୧୧୭
ଆହୋ ଧର୍ମସୁତ ବସ ବୋଲି ବୋଇଲା ଦ୍ରିଯୋଧନ
ପବନର ନନ୍ଦନ ବସ ହୋ ଭୀମସେନ । ୧୧୮
ଅର୍ଜୁନକୁ ବୋଇଲାରେ ବାସବର ପୁତ୍ର ବସ
ନକୁଳ ସହଦେବକୁ ବୋଇଲା ବସ ହୋ ଅଶ୍ୱିନୀକୁମାରଙ୍କ ଶିଷ । ୧୧୯
ଦ୍ରିଯୋଧନ ଆଗ୍ୟାଂରେ ବସନ୍ତି ପଞ୍ଚୁ ବୀରେ
ଅଭିମାନ ପାଇ ସେ ବସନ୍ତି ସଭାରେ । ୧୨୦
ବେଳ ପ୍ରହରକ ଉତ୍ତାରେ ମଉଳିଲା ଆସ୍ତାନ
ଦ୍ରିଯୋଧନ ପ୍ରବେଶ ହୋଅଇ ଆପଣା ଭୁବନ । ୧୨୧
ଯୁଝେଷ୍ଠି ଚଳନ୍ତି ଇନ୍ଦ୍ର ପ୍ରଶସ୍ତକୁ
ସ୍ରାହାନ ଭୋଜନ କରନ୍ତି, ନିତ୍ୟକର୍ମ ମାନଙ୍କୁ । ୧୨୨
ୟେହି ମତି ନିତି ପ୍ରତି ହୋଅନ୍ତି ଆତ ଯାତ
ପ୍ରତିଦିନ ଦ୍ରିଯୋଧନ ବୋଲଇ ୟେହିମତ । ୧୨୩

---

୧୧୨ ।୨ ପଞ୍ଚ ପିତାଙ୍କର ନାମ ଧରି ଡାକିଲେ ଉଦିତ ହୋୟେ ଧର୍ମ ।
୧୨୧ ।୧ ପ୍ରହରକ ମଧ୍ୟରେ ମଉଳିଲା ଆସ୍ତାନ ।
୧୨୨ ।୨ ସ୍ନାହାନ ନିତ୍ୟକର୍ମ ସାରି ଚଳନ୍ତି ଭୋଜନକୁ ।
ଯୁଝେଷ୍ଠି ଅଜାତ ଶତ୍ରୁ ତାହାଙ୍କର ନାହିଂ କୋପ
ମହାରାଗେ ଭୀମସେନ ପାଇଲା ପରିତାପ । ୧୨୪
କୋଇନ୍ତାଙ୍କର ଚରଣ ତଳେ ବ୍ରିକୋଦର ପଡି କହେ
କୂଟ ବଚନ ସହି ନୁଆରଇ ଗୋ ମାୟେ । ୧୨୫
କୋଇନ୍ତାୟେ ବୋଇଲେ ତୁ ଅଟୁ ବଡ ମନ୍ଦ
ଅନୁବ୍ରତେ ଚିନ୍ତା କି-ା କରୁଥାଉ ଦ୍ରୌନ୍ଦ । ୧୨୬
ପିତାର ପୁଣ୍ୟେ ସିନା ବ୍ରତଇ ନା ବାଳ
ପିତାର ବଚନେ ପୁତ୍ରକୁ ଆଷ୍ୟ ଚିରକାଳ । ୧୨୭
କୋଇନ୍ତାଙ୍କର ମୁଖ ଚାହିଂ ରାଗେଣ ବୋଲଇ ଭୀମ
ପାଞ୍ଚ ଭାଇଙ୍କର ଧରଇ ପାଞ୍ଚ ପିତାଙ୍କର ନାମ । ୧୨୮
କୋଇନ୍ତାୟେ ବୋଇଲେ ତୁ ନ ଜାଣୁରେ ମନ୍ଦ ବାଇ

ପଞ୍ଚୁ ଦେବତାଙ୍କର ଯେକ ଆତ୍ମା ଅଟନ୍ତି ସେହି । ୧୨୯
ଭୀମସେନ ବୋଇଲା ଆମ୍ଭନ୍ତ ଜନ୍ମ କଲୁ କେମନ୍ତେ
ପଣ୍ଡୁର ନାମ ନ ପଡଇ ସଭାର ଅଗ୍ରତେ । ୧୩୦
କୋଇନ୍ତାୟେ ବୋଇଲେ ପଣ୍ଡୁ ଅଟନ୍ତି ମନୁଷ୍ୟ
ଦେବ କଲା ହିଁ ସେସବୁ ଶରୀରେ ପ୍ରବେଶ । ୧୩୧
ବାବୁ ଭଲ କଥା ସେ କହଇ ଦ୍ରିଯୋଧନ
ତହିଁକି ବିକୃତି ବାବୁ ନ ଧରିବୁ ଭୀମସେନ । ୧୩୨
ସମାର୍ଜନ କରି କୋଇନ୍ତାୟେ କଲେ ଶାନ୍ତି
ହସ୍ତିନା ଭୁବନକୁ ପୁଣି ଯାଆନ୍ତି ନିତି ପ୍ରତି । ୧୩୩
ଧୃତରାଷ୍ଟ ଗାନ୍ଧାରୀଙ୍କି ପୁଣ ନମସ୍କାର କରି
ଆସ୍ତନେ ବସ ବୋଲି ଆଗ୍ୟାଂ ଅବଧାରୀ । ୧୩୪
ପ୍ରବେଶ ଯୁଦ୍ଧେଷ୍ଠି ଯେ ହୋଇଲେ ଆସ୍ତନେ
ପାଞ୍ଚକଇ ପଞ୍ଚୁ ପିତା ନାମ ଧରଇ ଦ୍ରିଯୋଧନେ । ୧୩୫
ଯୁଦ୍ଧେଷ୍ଠି ଅର୍ଜୁନ ଯେ ନକୁଳ ସହଦେବ
ୟେହାଙ୍କର ମନେ କାହିଁ ବିକୃତ ସଭାବ । ୧୩୬

---

୧୨୫ ।୧ କୋଇନ୍ତାଙ୍କ ଛାମୁରେ ଭୀମସେନ ପଡି ପାୟେ ।
୧୩୧ ।୨ ଦେବ ନାରାୟଣ ସବୁଙ୍କରି ହୃଦରେ ପ୍ରକାଶ ।
୧୩୨ ।୨ ତହିଁକି ତୁ କି-। ବାବୁ ଭୀମସେନ ।
ଭୀମସେନ ବିସରି ପାଇଲା ବଡ ଲଜ୍ଜ୍ୟା
ବିଚାରଇ ୟେ କଥା ନ ସହିବା ଶରୀର କରିବାକୁ ତେଜ୍ୟା । ୧୩୭
ଭାଦ୍ରବ ଶୁକଳ ଷଷ୍ଠୀ ସଉରି ଯେ ବାର
ସ୍ୱାତୀ ନକ୍ଷତ୍ର ଯେ ଭୋଗ ସେ ଦିନର । ୧୩୮
ବିଷ୍ଟି ନାମେ କରଣ ଯେ ବିଷ୍କୁମ୍ଭ ନାମେ ଯୋଗ
ସିଂଘ ସଂକ୍ରାନ୍ତିର ଯେ ଦଶ ଦିନ ଭୋଗ । ୧୩୯
ସେ ଦିନ ହସ୍ତିନା ସଭାୟେ ହୋଇଲା ସେହୁ କଥା
ଉପହାସ୍ୟ କଲେ କୁରୁବୀରେ ୟେହା ସେ କଲା କୋଇନ୍ତା । ୧୪୦
ମାତାର ଅନାଗ୍ୟରେ ପୁତ୍ରଙ୍କୁ କଳଙ୍କ ରହିଲା
ୟେତେ ବଡ ସଭାରେ ଅନେକ ଉପହାସ୍ୟ ଉପୁଜିଲା । ୧୪୧
ବଂଶେଣ ପୁତ୍ର ଯେବେ ନୋହିବାକ ଜାତ
ଅନାଗ୍ୟରୀ ନୋହୁ ନା ସେ ଗର୍ଭଧାରୀ ମାତ । ୧୪୨
ତହୁଁଣ ଯୁଦ୍ଧେଷ୍ଠି ଅଇଲେ ଲଜ୍ଜା ପାଇ
ଇନ୍ଦ୍ର ପ୍ରଶସ୍ତ ଭୁବନେ ପ୍ରବେଶ ହୋଇଲେକ ଯାଇ । ୧୪୩
ଭୀମସେନ ଉତ୍ତର ସମସ୍ୟା କାହାକୁ ହିଁ ନ ଦିଲା
ନିଜ ମନ୍ଦିରେ କପାଟ ପାଡିଣ ଶୁତିଲା । ୧୪୪
ସ୍ନାହାନ ଭୋଜନ ସେ ନ କଲାକ କିଛି
କଟୁ ବଚନ ଶୁଣି ସେ ମୃତ୍ୟୁକୁ ଲୟେ କରିଅଛି । ୧୪୫
ମୁଣୋହିର ବେଳ ଯହୁଁ ହୋଇଲା ଯୁଗତେ
ଭୀମସେନକୁ ଯାଇ ଲୋଡନ୍ତି ଦେବୀ କୋନ୍ତେ । ୧୪୬

ବାବୁ ସୂର୍ଯ୍ୟ ଅସ୍ତ ବେଳ ହୋଇଲା ଉଠ ଉଠ ବ୍ରିକୋଦର
ସ୍ନାହାନ ସାରି ବାବୁ ମୁଣୋହିକି ବିଜେ କର । ୧୪୭
ଭୀମସେନ କବାଟ ପାଡି ଶୋଇଛି ବଜ୍ର ସେ କୀଳଣୀ
କୋଇନ୍ତାଙ୍କର ବଚନ ସେ ଶ୍ରବଣେ ନ ଶୁଣି । ୧୪୮
ଆରେ ଆରେ ଭୀମା ବୋଲି ମାୟେ ଡାକ ଦେଇ ଫୁଟି
ଶବ୍ଦ ଘୋର ଶୁଣି ବିଜେ କଲେକ ଯୁଝେଷ୍ଠି । ୧୪୯

---

୧୪୬ ।୨ ଭୀମସେନକୁ ଯାଇଂ ତୋଳନ୍ତି ଦେବୀ କୋନ୍ତେ ।
ଯୁଝେଷ୍ଠି ଡାକ ଦିଅନ୍ତି ବାବୁ ଉଠ କିନା ଭୀମସେନ
କାହାକଇଂ ବାବୁ ମନେ ତୋହୋର ଯେତେକ ଯେ ତମ । ୧୫୦
ବାବୁ କିଂକେ ଶରୀରକୁ କରୁଅଛି ଏତେ ପ୍ରାସ
ବେଳେ ବେଳେ ଭୁଞ୍ଜୁଥାଉ ନୋହୁରେ ତୁ ତୋଷ । ୧୫୧
ଷାଠିୟେ ପଉଟି ଅନ୍ନେ ବେଳେକେ ହୋଉ ଅତ୍ରିପୁତ୍ର
ଭୋଜନେ ସାନନ୍ଦ ତୋହୋର ଦେଖି ଉଚ୍ଛର୍ଗ ମନ ଧୀରତି । ୧୫୨
ସୂର୍ଯ୍ୟ ବେଳେ ବାବୁରେ ଯଦି କରିବୁ ଭୋଜନ
ତେବେ ସେ ତୋହୋର ଗର୍ଭେ ପଂକୁ ହୋଇବାକୁ ଅନ୍ନ । ୧୫୩
ସୋମର ବେଳେ ବାବୁ ମୁଣୋହି ସେ କଲେ
ଅଗ୍ନିମନ୍ଦ ହୁଅଇରେ ଆହାର ଭୁଞ୍ଜୁଲେ । ୧୫୪
କାହାର ହିଂ ବଚନ ସେ ନ ଶୁଣଇ ମାରୁତି
ବେଳ ଅସତ ଗଲା ହୋଇଲା ନିଶା ରାତି । ୧୫୫
ଯୁଝେଷ୍ଠି ବିସରିଲେ ଅର୍ଜ୍ଜୁନ ମୁଖ ରାହିଂ
ଭୀମର ଅଭାବେ ଯେ କାହାରି ହିଂ ମୁଣୋହି ତ ନାହିଂ । ୧୫୬
ଅର୍ଜ୍ଜୁନ ବିସରି ସୁମରଇ ଜଗନ୍ନାଥ
ବଇନେତ ବାହାନେ ଆସି ବିଜୟେ ଅରୁୟତ । ୧୫୭
ଖଗେଶ୍ୱରର ପିଠିରୁ ଉତତୁରିଣ ଦେବ ଦାମୋଦର
ଯୁଝେଷ୍ଠି ଦେବଙ୍କୁ ଦେବ କୋଲକ ନମସ୍କାର । ୧୫୮
ଯୁଝେଷ୍ଠି ଦେବ ମଥାରେ ଦିଲେ ବେନି ପାଣି
ବୋଇଲେ ଭୀମର ଚରିତ୍ର ଦେବ ବୁଝ ନି ପରିମାଣି । ୧୫୯

---

୧୫୨ ।୧ ଷାଠିୟେ ପଉଟି ଅନ୍ନେ ନୋହୁ ଯେ ତ୍ରିପୁତି ।
୧୫୬ ।୧ ଯୁଝେଷ୍ଠି ବିସରିଲେ କୋନ୍ତାଙ୍କ ବଦନ ରାହିଂ ।
୧୫୮ ।୨ ପାଦ ପରେ ଗୋଟିଏ ପୋଥିରେ ଅଧିକା ପାଠ-
ଶ୍ରୀକୃଷ୍ଣଙ୍କ ଚରଣେ ମନନ୍ତି ଫାଲଗୁନି
ନକୁଳ ସହଦେବ କରନ୍ତି ଦୟିନି ।
କ୍ରୋଧଭରେ ଯୁଝେଷ୍ଠି ବୋଇଲେକ ବାଣୀ
ଭୀମର ଚରିତ୍ର ହାଦେ ଶୁଣ ଚକ୍ରପାଣି ।
କବାଟ କିଳିଣ ହାଦେ ଶୁତିଲା ଅଦଭୁତେ
ଅନାସ୍ତ ହୋଇଲୁଂ ଆମ୍ଭେ ଉପୁଜିଲୁଂ ପଞ୍ଚୁ ଭ୍ରାଥେ । ୧୬୦
ବାଲ୍ଲତ କାଳହୁଂ ଆମ୍ଭର ଅଟଇ ମନ୍ଦ କର୍ମ

ଅଭୋଗ ଲିଙ୍ଗ ହୋଇ ରହିଲୁ ଆମ୍ଭେ ଜନ୍ମ । ୧୬୧
ପିତା ପଣ୍ଡୁଙ୍କୁ ଆମ୍ଭେ ଦେଖି ନ ପାରିଲୁ ଭଲ କରି
ଧୃତରାଷ୍ଟ ଚିତ୍ତରେ ଅନ୍ତର ଧଇଲେ ନ ବିଗ୍ୟରି । ୧୬୨
ହସ୍ତିନା ପୁରୁଂ ବାହାର କରି ଦିଲେକ ଆମ୍ଭନ୍ତ
ମହା ଗହନ ବନେ ପଶିଲୁ ଇନ୍ଦ୍ରର ଯେ ପ୍ରଶସ୍ତ । ୧୬୩
ଯେତେକ କଷ୍ଟକୁ ହାଦେ ଯେହାର ପୁଣ ଯେତେକ କଥା
କବାଟ କିଳି ଶୁତିଲା ପାଇଲୁଂ ବଡ ବ୍ୟଥା । ୧୬୪
ଗୋବିନ୍ଦେ ବୋଇଲେ ଉଠ ଉଠ ହୋ ମାରୁତି
ଆମ୍ଭର ଛାମୁରେ କହ କେବଣ ତୋର ଗତି । ୧୬୫
ଭୀମସେନ ବୋଇଲା ଶୁଣ ହୋ ବାସୁଦେବ
ହସ୍ତିନା ସଭାୟେ ମୁଂ ପାଇଲି ଅନେକ ଅଭାବ । ୧୬୬
ଆସ୍ତାନେ ଦ୍ରିଯୋଧନ ବୋଲଇ ଆମ୍ଭର ପଞ୍ଚୁପିତା
ଉପହାସ କରି ବୋଇଲା ଧିକ ଧିକ ତୋହୋର ମାତା କୋନ୍ତା । ୧୬୭
ଆହୋ ଯେ ବଚନ ମାନ କାହାର ବେଳେ ସହ୍ୟ
ପ୍ରାଣ ବିସର୍ଜିବି ଶରୀର ପଛେ ମୋର ଯାଉ । ୧୬୮
କୂଟ ବଚନ ବ୍ରହ୍ମହତ୍ୟା ଦୋଷ ସଙ୍ଗେ ସରି
ଅନଗୃହ ନାଥ ଦୟା ମୋତେ କରିଥାଅ ଶ୍ରୀହରି । ୧୬୯
ଧୃତରାଷ୍ଟ ଯୁଦ୍ଧେଷ୍ଠିଙ୍କି ହୋଇଲେ କାଶୀଦେବତା
ତହାଙ୍କ ଦ୍ରଶନ କଲେ ମୁଣୋହି କରଇ ନିତ୍ୟା । ୧୭୦

---

୧୬୦ ।୨ ଅନାସ୍ତ ହୋଇବୁଂ ହରି ଆମ୍ଭେ ଗ୍ରି ଭ୍ରାଥେ ।
୧୬୧ ।୧ ଧ୍ରୁଂସରିଙ୍ଗି ହୋଇ ହୋଇଲୁ ଆମ୍ଭେ ଜାତ
ଅଯୋଗ୍ୟ ପୁରୁଷ ହୋଇ ହୋଇଲୁ ଆମ୍ଭେ ଜନ୍ମ ।
୧୬୫ ।୨ ଆମ୍ଭର ଛାମୁରେ କହ କେବଣ ଅପ୍ରୀତି
ଆମ୍ଭର ଛାମୁରେ କହ କେବଣ ତୋର ବିକୃତି ।
୧୬୮ ।୨ ପ୍ରାଣ ବିସର୍ଜିବି ଗ୍ରିଧ୍ରନୀ ପଛେ ମାଂସ ଖାଉ ।
ସେ ଅନ୍ଧ ଆଗ୍ୟାଂ ପୁଣି ଦିଅଇ ଆମ୍ଭଙ୍କୁ
ଯତନେ ପଠିଆଇଂ ସଭାରେ ଆମ୍ଭଙ୍କୁ ଝିଂଘାସ କରିବାକୁ । ୧୭୧
ଯେ ଗ୍ଣ୍ଡାଳ ପୁଣ ତାହା ସଂଘରଇ କେମନ୍ତେ
କିଞ୍ଚିତେ ହେଂ ଆଗ୍ୟାଂ ମୋତେ ନ ଦିଅଇ କଦାଶ୍ଚିତେ । ୧୭୨
ମାର ବୋଲି ବୋଇଲେ ମୁଂ ଲୋଟାଇ ଆସିବି ସେ ସବୁନ୍ତି
ଭୀଷ୍ମ ଭୂରିସର୍ବା ଶଲ୍ୟ ଆଦି ସକଳ ମହାରଥୀ । ୧୭୩
ଛତ୍ରୀ କୁଳେ ଜାତ ହୋଇ ଯେ ଅଟଇ ମହାପାପୀ
ଅନ୍ଥବ୍ରତେଣ ଅଣକୋପିତ ଯେ ଅଟଇ ଅଦ୍ୟାପି । ୧୭୪
ଭୀମସେନର ବଚନ ଶୁଣି ବୋଲନ୍ତି ଅଚ୍ୟୁତ
କବାଟ ଫେଡ ମାରୁତି ମୁଂ କହଇ ଯେଥିର ଅର୍ଥ । ୧୭୫
ଉଠିଣ ବ୍ରିକୋଦର ଫେଡିଲା କବାଟ
ଭୀମସେନ ବାସୁଦେବ ଯେକାନ୍ତେ ହେଲେ ଭେଟ । ୧୭୬
ନାରାୟଣ ବୋଇଲେ ସେ ତୋତେ ଝିଂଘାସ କହିଲେ

ତୁ ଯେବେ କୂଟ ବଚନ ନୁଆରିବୁ କି ଦର୍ପ ଥିଲେ । ୧୭୭
ବୋଲଇ ମାରୁତି ମୁଁ ନ ଜାଣଇ ନାଥ ତହା
କେଉଣ କଥାଟି କହିବା କାଳନ୍ଦୀର ପ୍ରାଣନାହା । ୧୭୮
ଗୋବିନ୍ଦ ପ୍ରତିବାଚ ତୁ ଧରିଥାଅ ହୃଦଗତେ
ପବନ ପୁତ୍ର ବୋଲି ତୋତେ ବୋଲିବ ଯୁଗତେ । ୧୭୯
ଭୀମସେନ ବୋଇଲା ମୁଁ ନ ଜାଣଇ କିଛି
କେଉଣ କଳଙ୍କ ଖଣ୍ଡି ମୋତେ କହିବା ଶ୍ରୀବଷି । ୧୮୦
ଗୋବିନ୍ଦେ ବୋଇଲେ ଭୀମସେନର ଅଗ୍ରତେ
ବସ ହେ ପବନସୁତ ବୋଲି ବୋଲିବ ସେ ତୋତେ । ୧୮୧ ।
ତହାର ବଚନ ତୁ ସଭାରେ ନ ସହିବୁ
ଆହୋ ଗୋଲକ ପୁତ୍ର ମୁଁ ବସୁଅଛି ନି ବୋଲିବୁ । ୧୮୨ ।
ଯେସନେକ ବଚନ ଯଦି ଶୁଣିମ ଧୃତରାଷ୍ଟି
ସଭାରେ ଲଜ୍ଜା ସିନା ସେ ପାଇବ ଲେଉଟି । ୧୮୩-୫୫୦୮

---

୧୭୨ ଶ୍ଥ ଯେ ଗ୍ଣ୍ଡାଳେ ପୁଣି ତାହା ସହଇ କେମନ୍ତେ
କିଞ୍ଚିତେ ହେଂ ଆଗ୍ୟାଂ ନ ଦିଅଇ କୃତେ ।
୧୭୭ ବାସୁଦେବ ଯେମନ୍ତ ବଚନ ବୋଇଲେ
ତାଙ୍କୁ କଟ ବଚନ ବୋଲ ତୋହୋର ଶକ୍ୟ ଥିଲେ ।
୧୮୩ ।୨ ସଭାରେ ଲଜ୍ଜା ପାଇ ସେ ଯାଇ ସିନା ଉଠି ।
ଦୁର୍ଯ୍ୟୋଧନର ଅପମାନ ଓ ପାଷାଣ ଗୃହ ନିର୍ମାଣ
ଯେସନେକ ବୁଦ୍ଧି ଯହ୍ନଂ କହିଲେ ଅଚୁ୍ୟତ
ଅନ୍ତକ୍ଷଣେ ଭୀମସେନ ଘୋଷି ବୋଲଇ ଗୋଲକପୁତ୍ର, ଗୋଲକ ପୁତ୍ର ।୧ ।
କହିଂଣ ନାରାୟଣ ଗଲେ ଅନ୍ତର୍ଧାନେ
ଗୋଲକପୁତ୍ର, ଗୋଲକ ପୁତ୍ର ବୋଲଇ ସ୍ନାହାନ ଭୋଜନେ ।୨ ।
ଅନ୍ନ ଗୁଡାୟେ ଭୁଞ୍ଜଇ ମହା ରୋଷେ
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଇଲ ହରଷେ ।୩ ।
ଆଞ୍ଚୋବନ ସାରି ଶୟନ ଥାନେ ବିଜେ
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଲି ମନେ ମନେ ହେଜେ ।୪ ।
ରାତ୍ର ଯହ୍ନଂ ହୋଇଲା ତିନି ପହର ଯେ ଆସି
ପାହାନ୍ତି କି ନିଦ୍ରା ଘାରିଲା ପବନର ଶିଷି ।୫ ।
ତତକ୍ଷଣେ ପାଶୋରିଲା ପାଣ୍ଡବ ସୁନ୍ଦର
ଉଠି ତଉକତି ଦରାଣ୍ଡଇ ଶୟନ ମନ୍ଦିର ।୬ ।
ହା ହା ପଦ ଗୋଟି ଗଲା ମୋର କେଉଣ କତି
ଲୋଡନ୍ତେ ସହଦେବଙ୍କୁ ହାବୋଡିଲା ଯାଇଂ ଝାତି ।୭ ।
ଯେ କେ ଟି ବୋଲି ଯେ ଉଠି ବସିଲା ସହଦେବ
ଭୀମସେନ ବୋଲଇ କେଉଣ ନାମ ଗୋଟି କହିଲେ ବାସୁଦେବ ।୮ ।
ସହଦେବ ବୋଇଲେ ସେ ଗୋଲକ ପୁତ୍ର ବୋଲି
ନିସ୍ତରିଲି ନିସ୍ତରିଲି ବାବୁରେ ହରାଇଲାର ପାଇଲି ।୯ ।

ଗୋଲକ ପୁତ୍ର ଗୋଲକ ପୁତ୍ର ବୋଲୁଅଛି ମନେ ମନେ
ରୟଣୀ ପାହିଲା ଉଠିଲା ଭୀମସେନେ ।୧୦ ।

---

୧୮୩ ।୨ ସଭାରେ ଲଜ୍ଜା ପାଇ ସେ ଯାଇ ସିଲା ଉଠି ।
୪ ।୨ ହେଜେ ସ୍ଥାନରେ ଭଜେ ପାଠ ଅଛି ।
ବହନ ସ୍ନାହାନ ସାରିଲା ହରଷେ
ଗୋଲକ ପୁତ୍ର, ଗୋଲକ ପୁତ୍ର ହୃଦ ମଧ୍ୟେ ଘୋଷେ ।୧୧ ।
ମହା ହରଷ ହୋଇ ବୋଲଇ ଯେଙ୍କେଷ୍ଠିଙ୍କି
ଚାଲ ସ୍ତ୍ରୀମୀ : ଦେଖି ଯିବା ଧୃତରାଷ୍ଟ ତହିଁକି ।୧୨ ।
ସେ ଯେବେ ଆମ୍ଭନ୍ତ ହୋଇଲେ ବିଶ୍ୱନାଥ ଦେବତା
ଦେବ ପିତୃ ଛାଡି ଯେବେ ହୋଇଲାଇ ଧୃତରାଷ୍ଟରେ ଭଗତା ।୧୩ ।
ଯୁଙ୍କେଷ୍ଠି ଗମିତା କରନ୍ତି ହସ୍ତିନା ଭୁବନକୁ
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଲି ବାଟ କଢାଇ ଯୁଙ୍କେଷ୍ଠି ଦେବଙ୍କୁ ।୧୪ ।
ବୋଲନ୍ତି ଯୁଙ୍କେଷ୍ଠି ଆରେ କି କି ବୋଲୁ ମନ୍ଦ
ନ ପୁଣ ଭାଇଙ୍କର ତୁଲେ ମୋର ଲଗାଉ କଳି ଦ୍ୱନ୍ଦ ।୧୫ ।
ଆଗେଣ ଯୁଙ୍କେଷ୍ଠି ପଛେଣ କିରାଟୀ
ତହାଙ୍କର ପଛେ ନକୁଳ ସହଦେବ ବେନି ଗୋଟି ।୧୬ ।
ପ୍ରତିଦିନ ଯାଆନ୍ତି ଯେ ଧୃତରାଷ୍ଟଙ୍କୁ ଦେଖିବାକୁ
ସବୁରି ପଛେ ଚାଲଇ ଭୀମସେନ କାହାକୁ ହିଁ ସମାଦ ନ ଦେବାକୁ ।୧୭ ।
ସେ ଦିନ ଆଗ ହୋଇ ଭୀମସେନ ଚାଲଇ ବେଗି ବେଗି
ଯୁଙ୍କେଷ୍ଠି ଦେବଙ୍କୁ କୋଶ ଦୁଇ ଛାଡି ଚାଲଇ ଗୁରୁ ତ୍ୟାଗୀ ।୧୮ ।
ଲେଉଟି କରି ଚାହଁଇ ସେ ଭୀମସେନ
ଦେଖିଲା ପଛେ ଅଛନ୍ତି ଯୁଙ୍କେଷ୍ଠି ରାଜନ ।୧୯ ।
ଭୀମକଇ ଦେଖିଲେ ଯେ ଧର୍ମର କୁମରେ
ବୋଇଲେ ଆଜ ତୁ ତ ଗଲୁ ବେଗ ବେଗରେ ।୨୦ ।
ଭୀମସେନ ବୋଇଲେ ମୁଁ ଆଗ ନୋହିବି
ତୁମ୍ଭେ ଯେବେ କୋପ କର ମୁଁ ପଛେ ପଛେ ଯିବି ।୨୧ ।
ସବୁରି ପଛରେ ଥାଇ ଚାଲଇ ମାରୁତି
ଗୋଲକ ପୁତ୍ର, ଗୋଲକ ପୁତ୍ର ବୋଲଇ ରୋଷମତି ।୨୨ ।
ଧୃତରାଷ୍ଟ ଭୁବନେ ହୋଇଲେ ପରବେଶ
ମନସ୍କାର କଲେ ଯାଇଁ ଅନ୍ଧ ରାଜାର ପାଶ ।୨୩ ।

---

୧୧ ।୨ ଗୋଲକ ପୁତ୍ର ବୋଲି ନ ଛାଡଇ ହୃଦଗତେ ।
୧୭ ।୨ ସମାଦ-ସମ୍ଭ୍ରାଦ, ନିଜର ମନ କଥା ପ୍ରକାଶ ।
ଆସନରେ ବସ ବୋଲି ବୋଇଲେ ଧୃତରାଷ୍ଟି
ଦ୍ୱରିଯୋଧନ ପାଶେ ଯାଇ ବିଜୟେ ଯୁଙ୍କେଷ୍ଠି ।୨୪ ।
ଧର୍ମସୁତ ବସ ବୋଲି ବୋଇଲେ କୁରୁବୀର
ଅଣକୋପୀ ନାଥ ଯାଇ ବସିଲେ ସଭାର ।୨୫ ।
ଅଜ୍ଜୁନକୁ ବୋଇଲେ ହୋ ବସ ଇନ୍ଦ୍ରର ସୁତ

ଆଗ୍ୟାଂ ପ୍ରମାଣେ ଯାଇଂ ବସିଲା ବୀର ପାଥ ।୨୬ ।
ନକୁଳ ସହଦେବଙ୍କୁ ଯେ ବୋଇଲେ ଆଗ୍ୟାଂ ଅବଧାରୀ
ଅଶ୍ୱିନୀ କୁମାର ସୁତେ ବସ ବୋଲି ବୋଇଲେ ଦଣ୍ଡଧାରୀ ।୨୭ ।
ନକୁଳ ସହଦେବ ବସିଲେ ସଭାୟେ
ପଛେ ପରବେଶ ହେଲା ଯାଇଂ ପବନତନୟେ ।୨୮ ।
ଦ୍ରିଯୋଧନ ବୋଇଲା ପବନ ପୁତ୍ର ବସ
ଆହୋ ଗୋଲକ ପୁତ୍ର ମୁଂ ବସୁଛି ବୋଲି ବୋଇଲା ହରଷ ।୨୯ ।
ଭୂରିସର୍ବା ଭୀଷ୍ମେ ହସିଲେ କରତାଳି ଦେଇ
ୟେହେନେକ ମରମ ଖଣ୍ଡି ତୁ ଭିଆଇଲୁ କାହିଂ ।୩୦ ।
ୟେସନେକ କଥା ଶୁଣିଣ କୁରୁପତି
ବିସରିଲା ଆତ୍ମା ଗ୍ୟହଂଇ ଚଉକତି ।୩୧ ।
ଅନେକ ବିସରି ଲଜ୍ଜା ପାଇଲା ମାନ ଯେ ଗୋବିନ୍ଦ
ମଥା ପୋତି ମହାବୀର କପାଳେ ଦିଲା କର ଧ୍ୟନ୍ଦ ।୩୨ ।
ତକ୍ଷଣେ ଆସ୍ତାନ୍ଙଂ ଡେଇଂ ପଡିଲା କୁରୁପତି
ଅଭିମାନ ପାଇ ଗଲା ମାନଚକ୍ରବ୍ରତୀ ।୩୩ ।
ଭିତର ଆହ୍ୱଟ ଭୁବନେ ପ୍ରବେଶ ହୋଇଲା
କପାଟ ପାଡି ରାଜା ବିସରି ଶୁତିଲା ।୩୪ ।
ମୁଣୋହିର ବେଳେ ଜଣାଇଲେ ସୂପକାରେ
ଲୋଡନ୍ତି ମାନଗୋବିନ୍ଦଙ୍କୁ ଉଭାରି ସର୍ବ ଦ୍ୱାରେ ।୩୫ ।
ସଞ୍ଜୟେ ବିଦୁରେ ଆଦି କରି ସମସ୍ତେ ହେଂ ପରବେଶ
ଭୀଷ୍ମ ଭୂରିସର୍ବାୟେ ମିଳିଲେ ଯାଇ ପାଶ ।୩୬ ।
କବାଟ ଫେଂଡ ବାବୁ ମାନଚକ୍ରବ୍ରତୀ
କି ନିମନ୍ତେ ବିକୃତ ବଢାଇଲୁ ୟେ ତୋହୋର ମତି ।୩୭ ।

---

୩୪ ।୧ ଭିତର ଆହ୍ୱଟ ଭୁବନ- ଭିତର କୂଟ ଭୁବନ, ଆଟୁ ଭୁବନ, ଗମ୍ଭୀରି ଘର ।
ସୂର୍ଯ୍ୟ ବେଳେ ମୁଣୋହି କରିବା ବାବୁ ଉଠ
କଠୋର ଦେଖିଣ ବିଜେ କଲେ ଧରତରାଷ୍ଟ ।୩୮ ।
ଡାକନ୍ତି ପିତା ବାବୁ ଉଟରେ କୁରୁପତି
ତୁ ମାନେ ମାନଗୋବିନ୍ଦ ଉଠ ଚକ୍ରବ୍ରତୀ ।୩୯ ।
କି ନିମନ୍ତେ କପାଟ କିଳି ଶୁତୁଲିରେ ବାବୁ
ତୁ ସେ ପଞ୍ଚୁ କଟକେ ପାଳନ୍ତା ଅଟୁ ସବୁ ।୪୦ ।
କର୍ଣ୍ଣ ମହାବୀର ଯେ ଦ୍ୱାରେ ଦେଇ ଡାକ
କେବଣ ନିମନ୍ତେ ମଇତ୍ର ତୁମ୍ଭର ୟେତେ ତାପ ।୪୧ ।
କାହାକଇଂ ରାଜା ନଦିଲା ସମ୍ଭାଷି
ଆପଣେ ଗାନ୍ଧାରୀ ଯେ ବିଜେ କଲେ ଆସି ।୪୨ ।
ଗାନ୍ଧାରୀ ଡାକ ଦିଅନ୍ତି ଉଠସିରେ ବାଳ
ତୁ ସେ ପଞ୍ଚୁ କଟକେ ଅଟୁ ମହୀପାଳ ।୪୩ ।
ତୁହି ସେ ଭିଗଂ୍ୟବନ୍ତ ବାଇ ହୋଉ କାହିଂ
ସମସ୍ତେ ମୂର୍ଖ ୟେକା ତୁହି ସେ ବୁଝାଇ ।୪୪ ।

ବାବୁ ତୋହୋର ଅପଣ୍ଡିତ ପଣେ ପୃଥୀ ହୋଇଲା ଭାସି
ତୋହୋର ବିଚାରକୁ ଯେ ନ ଯୋଗାଇ ତହା ପକା ନାଶି ।୪୫ ।
କୁବୁଦ୍ଧି କୁଶଯ୍ୟାଯେ ଲକ୍ଷ୍ମୀ ହୁଅଇ ହାନି
ଅଭଯେ ପୁରୁଷ ତୁ କାହାକଇଁ ଯେତେ ଅଭିମାନୀ ।୪୬ ।
ଅପଣ୍ଡିତ ଲୋକଙ୍କର ଯେସନେକ ଗତି
ଛତ୍ରିଙ୍କି ଯେମନ୍ତ କଥା ତ ନୋହଇ ଯୁଗତି ।୪୭ ।
ତୁହି ସେ ସଂସାରେଣ ଅଟୁଂ ଦଣ୍ଡଧାରୀ
ଅନେକ ବୁଝାଇଁ କହଇ ମାତା ଯେ ଗାନ୍ଧାରୀ ।୪୮ ।
ଦ୍ୱରିଯୋଧନ ବୋଇଲା ମାତା ଗୋ ତେତେ କହଇ ବିଶ୍ୱାସ
ଭୀମା ସଭା ମଧ୍ୟେ ମୋତେ କହିଲା ଝିଂଘାସ ।୪୯ ।
ମନହିଁ ସେ ଜାଣଇ ଗୋ ହୃଦରେ ଯେତେ ପାପ
ମାତାହିଁ ସେ ଜାଣଇଁ ପୁତ୍ରର ଯେତେ ବାପ ।୫୦ ।

---

୩୯ ।୧ ତୋଳନ୍ତି ପିତା ବାବୁ ଉଠରେ କୁରୁପତି । (ପା)
ଗାନ୍ଧାରୀ ବୋଇଲେ ବାବୁ ତୁହି ସେ ମନ୍ଦ କଲୁ
ଆପଣାର ମନ୍ଦପକ୍ଷେ ସମସ୍ତ କାର୍ଯ୍ୟ ନାଶ କଲୁ ।୫୧ ।
ଯୁଝେଷ୍ଠି ତୋହୋର ଯୁଗତେ ଅଟଇ ଜ୍ୟେଷ୍ଠ ଭ୍ରାଥ
ତହାକୁ ନିତ୍ୟେ ତୁ ବୋଲୁ ବସ ହୋ ଧର୍ମସୁତ ।୫୨ ।
ସେ କି ବିଦ୍ୟାମାନେ ନୋହନ୍ତି କି ତୋର ପଞ୍ଚୁ ଭାଇ
ଆପଣାର ଛିଦ୍ରର କଥା ଆପଣେ ସେ ଲୁଗାଇ ।୫୩ ।
ପଣ୍ଡୁ ଧୃତରାଷ୍ଟ ଯେ ନୋହନ୍ତି ନା ଭିନ୍ନ
ତେତେ ଲାଜ ନୋହଇ କି ଯୁଝେଷ୍ଠିଙ୍କ ଅଭିମାନ ।୫୪ ।
ସୋହୋଦ୍ରେ ଝିଂଘାସ ଯେ କଲୁ ତୁ ଯୁଗତେ
କାଳେଣ ପାପ ଆସି ଦୂଷାଇଲା ତୋତେ ।୫୫ ।
ଦ୍ୱରିଯୋଧନ ବୋଇଲା ମା ଗୋ ମୋହୋର ପିତା ଧୃତରାଷ୍ଟ
ଗାନ୍ଧାରସେନ ଦୁହିତୀ ତୁ ବଂଶେଣ ଗରିଷ୍ଠ ।୫୬ ।
ପିତା ଧୃତରାଷ୍ଟ ଗାନ୍ଧାରୀ ମୋର ପିତା
ଗୋଲକ ପୁତ୍ର ବୋଲି ଭୀମା ବୋଲଇ ଅମର୍ଜିତା ।୫୭ ।
ଭୀଷ୍ମ ଭୂରିସର୍ବାଯେ ହସିଲେ ତହା ଶୁଣି
ଲାଜେ ଅପମାନ ପାଇଲି ଗୋସାମଣୀ ।୫୮ ।
ଗାନ୍ଧାରୀ ବୋଇଲେ ତୁ ପଣ୍ଡିତ ମୋର ପୁତ୍ର
ପାଣ୍ଡବଙ୍କୁ ଝିଂଘାସ କଲୁନି ଯେ ବହୁତ ।୫୯ ।
ଆପଣାର ଶରୀରେ ପଡିଛି ଅଂସାଇ
ପରକୁ ହସୁ କି-ା ନାସିକାରେ ହସ୍ତ ଦେଇ ।୬୦ ।
ଦ୍ୱରିଯୋଧନ ବୋଇଲା ମା ଗୋ ଯେ ଅର୍ଥ କେମନ୍ତେ
ଗୋଲକ ପୁତ୍ର କଥା ମୋତେ କହସି ଗୋ ମାତା ।୬୧ ।
ଗାନ୍ଧାରୀ ବୋଇଲେ ବାବୁ ତୁ ଯେବେ ମୁଣୋହି କର ଉଠ
ମୁଣୋହି ଉତ୍ତାରେ କହଇ ଯେଥିର ଅର୍ଥ ଗୋଟି ।୬୨ ।

ଦ୍ରିଯୋଧନ ବୋଇଲା ୟେମନ୍ତ କଳଙ୍କ ଅଛି ଯେବେ
କାହିଁକି ଗୁପତେ କରୁ କହୁ କିନା ୟେବେ ।୬୩ ।

---

୫୬ ।୨ ଅମର୍ଜିତା-ଅମର୍ୟ୍ୟାଦା
ତହିଁର ଅର୍ଥ ଗୋ ଶୁଣିଲେ ମହାମାୟୀ
ତେବେ ସେ ଉଠିଣ ମୁଁ କରିବି ମୁଣୋହି ।୬୪ ।
ଗାନ୍ଧାରୀ ବୋଇଲେ ବାବୁ ଶୁଣ ପୂର୍ବର କଥା
ଗାନ୍ଧାରସେନ ରାଜା ଅଟଇ ଯେ ମୋର ପିତା ।୬୫ ।
ଜ୍ୟେଷ୍ଠ ମାସ ଅମାବଇ କୃତ୍ତିକା ନକ୍ଷତ୍ରେ
ସେ ଦିନ ଉତପତ୍ତି ମୁଁ ହୋଇଲି ଯୁଗତେ ।୬୬ ।
ଜାତି ଉଆଁସୀ ଆବର ବ୍ରହ୍ମ ଅସୁରୀ
କେହି ମୋତେ ପ୍ରଦାନ ନୋହିଲେ ଡରି କରି ।୬୭ ।
ଦୂର ରାଜା ମାନନ୍ତ ବାବୁରେ ପିତା ଯେ ବରିଲା
ମୋହୋର ନାମେ ବରିଲେ ବାଇଶି ରାଜା ମଲା ।୬୮ ।
ବ୍ୟାସଙ୍କୁ ହକାରି ଗାନ୍ଧାରସେନ ପୁଚ୍ଛଇ
ବ୍ୟାସେ ବୋଇଲେ ୟେହାକୁ ବିଭା କରିବା ଗୋଲକ ବୃକ୍ଷକଇ ।୬୯ ।
ପିତାଙ୍କର ମଧ୍ୟ ଅଗଣାୟେ ଗୋଲକ ବୃକ୍ଷ ଥିଲା
ବ୍ୟାସଙ୍କୁ ନେଇ ତହା ଗାନ୍ଧାରସେନ ଦେଖାଇଲା ।୭୦ ।
ଆପଣେ ବ୍ୟାସେ କନ୍ୟାବେଶ କରାଇଲେ ମୁକୁ
ବରବେଶ କରାଇଲେ ସେ ଗୋଲକ ବୃକ୍ଷକୁ ।୭୧ ।
ମୋତେ ପ୍ରଦାନ କରାଇଲେ ପାରେଶ୍ୱରଙ୍କ ସୁତ
ଗୋଲକ ବୃକ୍ଷର ଡାଳେ ବାନ୍ଧିଲେ ମୋହୋର ଡାହାଣ ହସ୍ତ ।୭୨ ।
କୁଶରେ ବନ୍ଧନ କଲେ ସତ୍ୟବତୀର ବାଳ
ଶଙ୍ଖେ ଗାନ୍ଧାରସେନ ଲାଇଂ ଦିଲା ଜଳ ତିଳ ।୭୩ ।
ମୋହୋର କର ତାହାର ତହିଁ ଲାଗିଲା ପ୍ରତ୍ୟକ୍ଷେ
ତତକ୍ଷଣେ ମଲା ସେ ଗୋଲକ ମହାବୃକ୍ଷେ ।୭୪ ।
ତୋହୋର ପିତା ବ୍ରହ୍ମ ଅସୁର ତାହାକୁ କନ୍ୟା କେ ଦିଅନ୍ତା ନାହିଁ
ଶତେ ଅଷ୍ଟଉତ୍ତର କନ୍ୟା ମଲାନି ତାହାର ବରଣ ଗ୍ରହିଁ ।୭୫ ।
ବ୍ୟାସେ ଥାଇ ୟେକା ଯେ ଆପଣେ ଭିଆଇଲେ
ଧରୃତରାଷ୍ଟଙ୍କୁ ଆଣି ମୋତେ ଦିଆଇଲେ ।୭୬ ।
ୟେହେନେକ ବିଶ୍ୱାସ କଥା କେହି ନ ଜାଣନ୍ତି ଆନ
ବ୍ୟାସେ ବାସୁଦେବେହିଁ ଜାଣନ୍ତି ୟେସନେକ ବିଧାନ ।୭୭ ।
ଯାହା ଲୋଡିଲୁ ବାବୁ ତୁ ତାହାହିଁ ପାଇଲୁ
ପରକୁ ଛିଦ୍ର କହି ଆପଣା ଛିଦ୍ର ମରମ କଢାଇଲୁ ।୭୮ ।
ଭୀମା ଯାହା କହିଲା ସେ ଅଟଇ ନିଚୟେ
ଶୁଣିଣ ବିଷାଦ ହୋଇଲା ଗାନ୍ଧାରୀତନୟେ ।୭୯ ।
ୟେତେ ଅର୍ଥ କେମନ୍ତେ ଜାଣିଲାକ ଭୀମା
ନ ଜାଣି ହୁଡିଲି ମୁଁ ନାଶିଲି ଆପଣାର ସୀମା ।୮୦ ।
ନିତି ପ୍ରତି ଭୀମା ୟେ ଦିପଦ ବୋଲୁଥିବ ମୋତେ

ଆବର ସଭାୟେଣ ମୁଂ ବସିବି କେମନ୍ତେ ।୮୧ ।
ଗାନ୍ଧାରସେନ ପାମର କିନା ୟେମନ୍ତ କୃତ୍ୟ କଲା
ବିଧବା କନ୍ୟାକୁ କେମନ୍ତେ ମୋ ପିତାକଇଂ ଦିଲା ।୮୨ ।
ୟେହେନେକ ପାପ କ୍ଷଣେ ୟେବେ ହୋଇଲୁ ତୁ ଜାତ
ପିତା ଘରେ ପଡି କିଂପେ ନ ମଲୁ ଗୋ ମାତା ।୮୩ ।
ୟେତେ ବୋଲି କର୍ମକୁ ଆଦରି ବୀର ଉଠି
ସ୍ନାହାନ ନିତ୍ୟ କର୍ମ ୟେ ସାରିଲା ଧୃତିରାଷ୍ଟି ।୮୪ ।
ମଢଫୁଲିରେ ବିଜେ ରାଜା ମହାବୀର
ସେହିଦିନୁ ଦ୍ରିଯୋଧନ ନ ବସଇ ଆସ୍ତାନର ।୮୫ ।
ଯୁଝେଷ୍ଠି ବୋଇଲେ ଭୀମସେନର ମୁଖ ଗ୍ରହିଂ
ଦ୍ରିର୍ଯ୍ୟୋଧନକୁ ଅନୀତି କଥା କହିଲୁ କିସ ପାଇଂ ।୮୬ ।
ଭୀମସେନ ବୋଇଲା ନିତି ଦିନ ଆମ୍ଭନ୍ତ କରଇ ଝିଂଘାସ
ଅନେକ ସହିଲୁନି ଆମ୍ଭେ ପ୍ରତି ୟେ ଦିବସ ।୮୭ ।
ପାଞ୍ଚଙ୍କରି ପିତା ନାମ ଧରଇ ସଭାରେ
ଉଫଂହାସ କରନ୍ତି ନା ଆମ୍ଭନ୍ତ ସକଳ କୁରୁବୀରେ ।୮୮ ।
ଯୁଝେଷ୍ଠି ବୋଇଲେ ତହାର ପିତା ଧୃତରାଷ୍ଟ ମାତା ୟେ ଗାନ୍ଧରୀ
ଗୋଲକ ପୁତ୍ର ତହାକଇଂ କିଂପା ବୋଇଲୁ ନ ବିଚାରି ।୮୯ ।
ଭୀମସେନ ବୋଇଲା ଦେବ ହୋଇଅଛିନି ସେହି
ନୋହିଲେ କିଂପା ଚଳନ୍ତା କଳଙ୍କ ୟେବେ ନାହିଂ ।୯୦ ।

---

୮୫ ।୧ ଶ୍ରଥ ମୁଣୋହିରେ ବିଜେ କଲେ ମହାବୀର
ଶ୍ରଥ ମୁଣୋହିରେ ବିଜେ କଲେ ମାନଗୋବିନ୍ଦ ବୀର ।
ଶୁଣିଣ ତବଦ ୟେ ଧର୍ମର ନନ୍ଦନ
ମନେ ମନେ ତୋଷ ହୋଇଲେ ଭୀମସେନ ।୯୧ ।
ପ୍ରବେଶ ଯୁଝେଷ୍ଠି ହୋଇଲେ ଇନ୍ଦ୍ରର ପ୍ରଶସ୍ତ ପୁରେ
ନିତ୍ୟ କର୍ମେଣ ସେବନ୍ତି ସେ ଧୃତରାଷ୍ଟର ପୟରେ ।୯୨-୫୬୦୦ ।
ଦୁର୍ଯ୍ୟୋଧନର ପାଷାଣ ଗୃହ ନିର୍ମାଣ
ସେହି ଦିନୁ ଆସ୍ତାନରେ ନାହିଂ ଜାଣ ସଭା
ୟେ ଯାହାର ଆସ୍ତାନେ ଥାନ୍ତି ସକଳ ରାଜଦେବା ।୧ ।
କୂଟ କପଟ ଛତ୍ରୀ ୟେ ମାନଚକ୍ରବ୍ରଥୀ
ବୃଦ୍ଧି ବନ୍ତା ଭାଗ୍ୟବନ୍ତା ଉପାୟେ ଚକ୍ରବ୍ରତୀ ।୨ ।
ଲୋହଗିରି ବୋଲି ୟେକ ପର୍ବତ ଗୋଟିୟେ
ଉଚ୍ଚର୍ଗ ପୋଗ ବିସ୍ତାର ସେ ଅଟେ କୋଶମୟେ ।୩ ।
ଶିଲପୀ ବିନ୍ଧାଣୀ ମାନନ୍ତ ସମସ୍ତ ରୁଣ୍ଡି ଆଇଂ
ଶ୍ରୀଭୁଜେ ଶାଢୀ ସରଳ ଅନେକ ରତ୍ନ ଦେଇ ।୪ ।
ରାତ୍ରକାଳେ ପର୍ବତେ ସେ ଲଗାଇଲା ନେଇ
ୟେ ପର୍ବତ ଗୋଟି ଖୋଳିବ ଭିତରେ ଭଙ୍ଗାଇ ।୫ ।
ଯତନ କରିବ ଖୋଲ ପ୍ରାୟେ କରି
ୟେକଇ ଦୁଆରେ ୟେ ହୋଇବ ତାହାରି ।୬ ।

ଘର ପ୍ରାୟେ କରି କରିବ ଯେ ସଜ୍ଗ୍
ୟେତେ ବୋଲି ଆଗ୍ୟାଂ ଦିଲା ଧୃତରାଷ୍ଟ ବଷା ।୭ ।
ଯୋଜନେକ ବିସ୍ତାର ହୋଇବାକ ସଞ୍ଚ
ଉଚ୍ଛର୍ଗ ହେବ ଦୁଇ ଯୋଜନ ଯେ ଉଞ୍ଚ ।୮ ।
ତହିଁକି ନିର୍ବାଣ କରିବ ବ୍ରଜ କବାଟ ଯେ ଗୋଟି
ବାହାରେ ଥାଇ କିଲିକେ ସେ ଭିତରେ ନ ଫିଟି ।୯ ।

---

୫ ।୨ ୟେ ପର୍ବତ ଗୋଟି କୋରିବ ଭିତରେଣ ଭଙ୍ଗାର ।
୪ ।୨ ସରଳ-ଅଳଙ୍କାର ବିଶେଷ ।
ଜଣକେ ବରତନ କଲା ଗ୍ରାମ ପାଞ୍ଚଖଣ୍ଡ
ମାସକେ ବର୍ତ୍ତନ ହୋଇଲା ସୁବର୍ଣ୍ଣ ୟେକ ମାଢ ।୧୦ ।
ପାଞ୍ଚ ଉତ୍ତର ଶତେକ ଲାଗିଲେ ବିନ୍ଧାଣି
କାଟନ୍ତି ପାଷାଣ ଯେହ୍ନେ ବଜ୍ର କୀଟ ନିର୍ବାଣି ।୧୧ ।
ଦ୍ୱାଦଶ ବରଷେ ତହା କଲେକ ନିର୍ମିତ
ସଉଭାଗୀ ନଦୀ କୂଳେ ସଉଭଦ୍ର ବନସ୍ତ ।୧୨ ।
ତହିଁର କୂଳେ ଅରବିନ୍ଦ ଲୋହଗିରି
ଉପାୟେଣ ଦ୍ରିଯୋଧନ ତହା ପଥର ଘର କରି ।୧୩ ।
ଘଟଣ ନିର୍ମିତ ଯେତେବେଳେ ହୋଇଲା ସପୂର୍ଣ୍ଣ
ଭିତରେ ପିତୁଳିନ୍ତ ଭିଆଇଲେ ଚିତ୍ର ଯେ ଲେଖନ ।୧୪ ।
ଗୁପତେ କରାଇଲା ତହା ନ ଜାଣନ୍ତା କେହି
ଦିନେକ ଦ୍ରିଯୋଧନ ମାତା ଗାନ୍ଧାରୀ ଆଗେ କହି ।୧୫ ।
ଭୋ ମାତା ମହାସତୀ ଆଗ୍ୟାଂ ଦେବା ମୁକୁ
ମୁହିଁ ଯିବି ମାତା ଗୋ ଗାନ୍ଧାରସେନ ରାଜ୍ୟକୁ ।୧୬ ।
କେମନ୍ତ ସଂପଦେ ଗୋ ଅଛଇ ମୋର ଅଜା
କେମନ୍ତ କରିଣ ସେ ପାଳଇ ଜନପ୍ରଜା ।୧୭ ।
କଥା ପାଶୋରିଲେ ନ ଜାଣିଲେ ଗାନ୍ଧାରୀ
ଯାଅ ବୋଲି ଦ୍ରିଯୋଧନକୁ ଆଗ୍ୟାଂ ଅବଧାରୀ ।୧୮ ।
ଧୁଶାସନ ଦୁଜୟେ କର୍ଣ୍ଣ ଶଲ୍ୟ କୃପ
ଅଶସ୍ତମା ସହିତେ ଅଛନ୍ତି ସମସ୍ତ ନୃପ ।୧୯ ।
ୟେତେକ ସଜ୍ଗର ସନ୍ୟ କୁମାର କୁରୁପତି
ଗାନ୍ଧାରସେନ ରାଜ୍ୟକୁ ସେ ଚଳଇ ତଡତି ।୨୦ ।
ରାତ୍ର ଦିବସେଣ କରନ୍ତି ପ୍ରୟାଣ
ହସ୍ତିନାକୁ ଗାନ୍ଧାରସେନ ରାଜ୍ୟ ପନ୍ଦର ଶତ ଯୁଣ ।୨୧ ।
ପ୍ରବେଶ ହୋଇଲେ ଯାଇଂ ପନ୍ଦର ଦିବଷେ
କଟକେ ପ୍ରବେଶ ଯାଇଂ ହୋଇଲେ ହରଷେ ।୨୨ ।
ବାରତା ପାଇଣ ସେ ଗାନ୍ଧାରସେନ ନୃପତି
ଦଣ୍ଡ ସନ୍ୟ ଘେନି ସେ ପାଛୋଟି ଆସଇ ତଡତି ।୨୩ ।
ବଇଡୁର୍ଯ୍ୟ ପର୍ବତ ତଳେ ହୋଇଲେ ଭେଟା ଭେଟି
ଗାନ୍ଧାରସେନ କୁଶଳ ବାରତା ପୁଚ୍ଛଇ ଧରୃତରାଷ୍ଟି ।୨୪ ।

ଦ୍ରିଯୋଧନ ବୋଇଲା ଶୁଣିମା ମାତ ତାତ
ସନ୍ୟବଳ ଛାଡି ତୋହୋର ମୋହୋର ହୋଇବା ଯେକାନ୍ତ ।୨୫ ।
ପର୍ବତ ଉପରେ ଯାଇଁ ବସିଲେ ଅଜା ନାତି
ବଂଶାଧିକ ରାଜା ତୁ ଅଟୁ ଚକ୍ରବ୍ରତୀ ।୨୬ ।
ମୁହିଁ ସହି ନୁହାରଇ ଯୁଦ୍ଧେଷ୍ଠିଙ୍କ ଆରଦୋଳି
ସେ ନିମନ୍ତେ ଅଜା, ଅଇଲି ତୋହୋର ତୁଲେ ଭାଳି ।୨୭ ।
ଭୀମସେନ ଅନେକ ଝିଂଘାସ କଲାକ ମୋତେ
ମୁହିଁ ତାହାର ପ୍ରାଣ ତ୍ୟାଗ କରିବି କେମନ୍ତେ ।୨୮ ।
ଭୂଇଁ ଛୁଇଁ ଶ୍ରବଣେ ହସ୍ତ ଦିଲା ଗାନ୍ଧାର
ବାବୁ ଯେବଣ କଥା କହିଲୁ ସେ ଦୁସହ ଅଗୋଚର ।୨୯ ।
ତୋହୋର ବେଳେ ପାଣ୍ଡବନ୍ତ ବଳବନ୍ତେ ନୋହୁଁଟି ଯେ ସରି
ଦେବ କଳା ଘେନି ସେ ପ୍ରତକ୍ଷେ ଅବତରି ।୩୦ ।
ଧର୍ମର ବୀର୍ଯ୍ୟେ ଜାତ ସେ ଯେବଣ ଯୁଦ୍ଧେଷ୍ଠି
କର ଲେଉଟାନ୍ତେ ଯାହାର ଲେଉଟଇ ନବ ସୃଷ୍ଟି ।୩୧ ।
ବ୍ରିକୋଦର ଜାତ ହାଦେ ପବନର ବୀର୍ଯ୍ୟେ
କରେଣ ଗଦା ଧରିଲେ ତ୍ରାସଇ ଦେବରାଜେ ।୩୨ ।
ମହା ବଳବନ୍ତା ସେ ପ୍ରତଗ୍ୟାଂ ସାର୍ଥୁକ ଭୀମ
ଛତ ଲକ୍ଷ ଯୋଜନେ ଥାଇଁ ତାହାକଇଁ ତ୍ରାସ କରଇ ଯମା ।୩୩ ।
ବାସବର ନନ୍ଦନ ଯେବଣ ଫାଲଗୁନି
ଯେକା ନାରାଜକେ ତ୍ରୈଲୋକ୍ୟ ପାରଇ ସେ ଜିଣି ।୩୪ ।
ନକୁଳ ବୋଲିଣ ତାହାର ଯେବଣ ଅନୁଜ
ଆକାଶେ ପାଟ ଅଛି ଅଶ୍ୱିନୀ କୁମାରଙ୍କ ଆତ୍ମାଜ ।୩୫ ।
ତାହାର ଅନୁଜ ଯେ ସହଦେବ ବୋଲି
ଭୂତ ଭବିଷ୍ୟ ଗ୍ୟାଂତା ମୁଁ ପ୍ରତକ୍ଷେ ଦେଖିଲି ।୩୬ ।
ବାବୁ ମୋହୋର ବଚନ ଶୁଣରେ ମାନଗୋବିନ୍ଦ
ସମୟେ ବ୍ରତିଥାଅ ଯୁଦ୍ଧେଷ୍ଠିଙ୍କରେ ନ କର ତୁ ଦ୍ୱନ୍ଦ ।୩୭ ।

---

୨୪ ।୨ ଧୃତରାଷ୍ଟି- ଦୁର୍ଯ୍ୟୋଧନ
ଦ୍ରିଯୋଧନ ବୋଇଲା ତାତ ସମର ନ କରିବି
ଉପାୟେ କରିଣ ହାଦେ ପାଣ୍ଡବନ୍ତ ମାରିବି ।୩୮ ।
ଭୀମାର ବଳ ବୀର୍ଯ୍ୟକୁ ମୋହୋର ଭୟ ନାହିଁ
ଯାହାକୁ ନିଲାମ୍ବ୍ରର ଦେବ ହୋଇଛନ୍ତି ସାହି ।୩୯ ।
ଗାନ୍ଧାରସେନ ବୋଇଲା ବାବୁ କେବଣ ଉପାୟେ
ଦ୍ରିଯୋଧନ ବୋଇଲା ଆସ ଦେଖାଇବି ଦେବରାୟେ ।୪୦ ।
ଗାନ୍ଧାରସେନ ବୋଇଲା ଯେବେ ଅଇଲୁ ମୋର ପୁରେ
ଦିନା ପାଞ୍ଚସାତ ରହିବୁ ନା ମୋହୋର ପୁର ମନ୍ଦିରେ ।୪୧ ।
ଦ୍ରିଯୋଧନ ବୋଇଲା ତାତ କଟାଳ ନ କର ଯେ ମୋତେ
ପାଣ୍ଡବନ୍ତ ନାଶ କଲେ ମୁଁ ବ୍ରତଇ ନିଶ୍ଚିନ୍ତେ ।୪୨ ।
ସମସ୍ତ ସନ୍ୟମାନ ପଠିଆଅ ତୋହୋର ଦେଶ

ବର୍ଗ କୁଟୁମ୍ବ୍ରମାନ ଘେନି ସଙ୍ଗତେ ମୋର ଆସ ।୪୩ ।
ଆପଣାର ଶତେ ପୁତ୍ର ଘେନିଣ ଗାନ୍ଧାର
ଆବର ଛୟାଣୋଇ ଭ୍ରାଥେ ଘେନିଣ ବନ୍ଧୁ ସଙ୍ଗର ।୪୪ ।
ଆପଣାକୁ ଲାଇ ଶୟେ ସତାଣୋଇ ଜଣ
ଦ୍ରିଯୋଧନ ତୁଲେ ଗାନ୍ଧାରସେନ କରଇ ପୟାଣ ।୪୫ ।
ସଉଭଦ୍ର ବନେ ଯାଇ ହୋଇଲେ ପ୍ରବେଶ
ଲୋହଗିରି ପର୍ବତରେ ମିଳିଲେ ତାର ପାଶ ।୪୬ ।
କୂଟ କପଟ ରାଜା ଫେଡିଲା କବାଟ ଗୋଟି
ଆପଣେ ଭିତରେ ଯାଇ ପଶିଲା ଧୃତରାଷ୍ଟି ।୪୭ ।
ତାହାକୁ ଗୋଡାଇ ଯେ ପଶିଲେ ଗାନ୍ଧାରସେନ
ପିତାର ସଙ୍ଗତେ ପଶିଲେ ଗାନ୍ଧାରସେନ ପୁତ୍ରମାନ ।୪୮ ।
ଦ୍ରିଯୋଧନ ବୋଇଲା ବିଗ୍ରର କର ପିତା
ଭୀମାର ଗଦାଘାତ ଯେ ସହିବଟି ପର୍ବତା ।୪୯ ।
ଯେହା ଭୋ ପିତା ବିଗ୍ରର କର ଦୃଢ କରି
କବାଟ ପାଡିବି ପାଣ୍ଡବନ୍ତ ଭିତରେ ମୁଂ ଭରି ।୫୦ ।

---

୩୯ ।୨ ସାହି-ସହାୟ୍
୪୫ ।୨ ପୟାଣ-ପ୍ରସ୍ଥାନ ।
ଦେଖି ବିଗ୍ରର କରଇ ଗାନ୍ଦାରସେନ ନୃପତି
ବାବୁ ଦ୍ରିଯୋଧନ ତୁ ଉପାୟେ ଚକ୍ରବ୍ରତୀ ।୫୧ ।
ତୋହୋର ବୋଲେ ଯେହା ହୋଇଲା ନିର୍ବାଣି
ପ୍ରତକ୍ଷେ ଦିଶୁଅଛି ଇନ୍ଦ୍ର ବାରସ୍ତ୍ରୀତୀ ପୁର ଜାଣି ।୫୨ ।
ଭଲ କରି ପିତାପୁତ୍ର ଯେହାକୁ ବିଗ୍ରର କର
କାହାର କିସ ବୁଦ୍ଧି କହ ମୋହୋର ଆଗର ।୫୩ ।
ଯେତେକ ବଚନ କହି ବାହାର ଧୃତିରାଷ୍ଟି
ବାହାରେ ଥାଇ ପାଡିଲା ବଜ୍ର କୀଳଣୀ କବାଟ ଗୋଟି ।୫୪ ।
ଗାନ୍ଧାରସେନ ବୋଇଲା କବାଟ ଫେଡ ବାବୁ
ସର୍ବଗଂ୍ୟ ନାଥ ତୋତେ ବୁଦ୍ଧି ଦୃଶ୍ୟ ସବୁ ।୫୫ ।
ଦ୍ରିଯୋଧନ ବୋଇଲା ଶୁଣ ହୋ ଗାନ୍ଧାର
ତୁମ୍ଭେ ନିରୁତନ୍ତ ବଇରି ଅଟ ଯେ ମୋହୋର ।୫୬ ।
ମାତାକୁ ମୋହୋର ଯେବଣ କୃତ୍ୟ କଲୁ ଗାନ୍ଧାରସେନ ରାଜା
ବିଧବା କନ୍ୟା କରାଇଲୁ ଧୃତରାଷ୍ଟଙ୍କ ଭାରିଯା ।୫୭ ।
ଗୋଲକ ବୃକ୍ଷ ଯେ ବିଭାକାଳେ ମଲା ଯୁଗତେ ।୫୮ ।
ବିଧବା କନ୍ୟା ପିତାକୁ ମୋହୋର ଦିଲୁ ତୁ କେମନ୍ତେ ।୫୮ ।
ଅଗ୍ନିରେ ଦହନ କିଂପେ ନ କଲୁ ମହାତମା
ସେ କଥା କଳଙ୍କ ମୋତେ ସଭାରେ ବୋଇଲା ଭୀମା ।୫୯ ।
ତୋତେ ମାଇଲେ ମୁଂ ପାଶୋରଇ ସେ କଥା
ତୋହୋର ନିମନ୍ତେ ମୋତେ ହାଦେ ଲଜ୍ଜା ଅପ୍ରମିତ ।୬୦ ।
ପାଣ୍ଡବଙ୍କ ନିମନ୍ତେ ନିର୍ବାଣ ନୋହଇ ଯେ ଘର

ତୋହୋର ନିମନ୍ତେ ନିର୍ବାଣ କରିଛି ଯେହ୍ନ ପୁର ।୬୧ ।
ତୁ ଯେବେ ନିଶ୍ଚିନ୍ତେଣ ଥାଅ ଯାଉଅଛି ମୁହିଁ
ବଜ୍ରର ଯନ୍ତ୍ର କୀଳଣୀ କିଳିଲା, ତହୁଁ ଗଲାକ କୁରୁସାଇଁ ।୬୨ ।
ପ୍ରବେଶ ହୋଇଲା ଯାଇଁ ଆପଣା ନିଜ ଦେଶ
ସ୍ନାହାନ ଭୋଜନ ସେ କରଇ ହରଷ ।୬୩ ।

---

୬୧ ।୧ ପାଣ୍ଡବଙ୍କ ନିମନ୍ତେ ଭଣ୍ଡି କହିଲି ତୋହୋର ଆଗର ।
୫୬ ।୨ ନିରୁତାନ୍ତ-ନିତାନ୍ତ
ଗାନ୍ଧାରୀ ବାରତା ପାଇଲେ ତଥ୍ୟ କରି
ଦ୍ରିଯୋଧନ ସନ୍ନିଧେ୍ୟ ବିଜେ କଲେ ମାହେଶ୍ୱରୀ ।୬୪ ।
ବାବୁ ପିତାକୁ ମୋହୋର ଲାଇଲୁ ପଥର ଘରେ
ଆରେ ସୋଦର ବଧରେ ପଶିଲୁ ବାଳୁତ ପାମରେ ।୬୫ ।
ଗାନ୍ଧାରସେନ ବ୍ରତିଥିଲେ ତୋତେରେ ପରମ ହିତ
କେବେହେଁ ବାବୁ ନ ବାହୁଡଇ କଲା କର୍ମ କୃତ୍ୟ ।୬୬ ।
ଦ୍ରିଯୋଧନ ନ ଶୁଣଇ ଗାନ୍ଧାରୀର ବୋଲ
ଗୋଟିଯେ କରି ଦ୍ରିଯୋଧନ ନ କଲୁ ତୁହି ଭଲ ।୬୭ ।
ଯଦ୍ୟପି ପିତାକୁ ମୋହୋର କଲୁ ଯେତେ କୃତ୍ୟ
ଅନ୍ନ ଦେଉଥାଅ ତହାର ଜୀବନ ଥିବା ପରିଯନ୍ତ ।୬୮ ।
ଦ୍ରିଯୋଧନ ବୋଇଲା ମା ଗୋ ତୋହୋର ବଚନେ
ଦେବଇଁ ଅନ୍ନ ଯାହା ମାଗିଲୁ ତୋଷ ମନେ ।୬୯ ।
ମାତାଙ୍କର ବଚନେ ଆଗ୍ୟାଁ ଦିଲା କୁରୁବୀର
ବସାଣ କଲା ଗାନ୍ଧାରକୁ ନିତେ୍ୟ ଅନ୍ନ ଯେକ ଭାର ।୭୦ ।

---

୬୭ ।୨ କୂଟରେ ଦ୍ରିଯୋଧନ ନ କଲୁ ବାବୁ ଭଲ ।
୭୦ ପଦ "ମାତାଙ୍କର ବଚନେ ଆଗ୍ୟାଁ ଦିଲା କୁରୁବୀର ।" ପାଦାନ୍ତ ପରେ ଭିନ୍ନ ପାଠମାତାଙ୍କର
ବଚନେ ଆଗ୍ୟାଁ ଦିଲା କୁରୁବୀର
ବସାଣ କଲା ଗାନ୍ଧାରକୁ ନିତି ଅନ୍ନ ଦଶ ଭାର ।
ପାଣି ତହିଁକି ଦିଅଇ ଦୁଇ ଭାର ଲେଖାଯେଁ
ଜଣକେ ପାଣି ଯେ ପଡଇ ପାଯେ୍ୟ ପାଯେ୍ୟ ।
ଜଳା କବାଟି ବାଟେ ବଢାଇ ଦିଅନ୍ତି ପ୍ରତିଦିନ
ଦେଖିଣ ଗାନ୍ଧାରସେନ ବିଗ୍ୟରଇ ମନ ।
ଆମ୍ଭଙ୍କୁ ଧରି ଦ୍ରିଯୋଧନ ଦୁଖ ଦିଲା ପୁଣ
ଯେହିମିତି ଦିଲା ମାସକ ପୂର୍ଣ୍ଣ ଅନ୍ନ ।
ସେହିଠାରୁ ପାଞ୍ଚ ଭାର ଦିଲା ଦ୍ରିଯୋଧନ
ପୁଣ କିଛୁ ଦିନ ଦୁଇ ଭାର ଲେଖାଯେଁ ଦିଲା ଅନ୍ନ ।
ପୁଣ ଭାରେକ ଦିଅଇ ହସ୍ତ ଯେ ଆଙ୍ଗୁଳା
ବେନିମାସ ଭାରେକ ଲେଖାଯେଁ ସେ ଦିଲା ।
ଜେ୍ୟଷ୍ଠ ପୁତ୍ର ଶଙ୍କୁନି ପରଶଇ ଭଲା
ଗାନ୍ଧାରସେନ କହଇ ମୃତ୍ୟୁ ଆସି ନିକଟ ହୋଇଲା ।

ଭାରେଖ ଅନ୍ନ ଆବର ପାଣି କଳସାୟେ
ଗୁଣ୍ଡିରି ଜଲା ବାଟେ ବଢାଇଣ ଦିୟେ ।୭୧ ।
ଦେଖିଣ ଗାନ୍ଧାରସେନ ବିଗ୍ୟର କରଇ ମନେ
ଅନ୍ନ ଶାସ୍ତିରେ ମଲେ ମୁକତି ନ୍ହୁହନ୍ତି ଜନେ ।୭୨ ।
ସମସ୍ତେହେଂ ପାତନ୍ତି ଡାହାଣ କର ଗୋଟି
ଜ୍ୟେଷ୍ଠ ପୁତ୍ର ଶଙ୍କୁନି ସବୁଙ୍କୁହିଂ ଦିଅଇ ବାଣ୍ଟି ।୭୩ ।
ଜଣେକ ହୋଅଇ ପୋଷେ ପୋଷେ ଅନ୍ନ
ଘଡାୟେକ ପାଣି ଚଳ୍ଚୁୟେ ଗ୍ରାସ ପୁଣ ।୭୪ ।
ୟେସନେକ ନିତି ପ୍ରତି ଦିଅଇ କୁରୁବଇ
ଉପାୟେ ଶଙ୍କୁନି ତହ୍ଁ ଥୋକାୟେ ଥୋକାୟେ ରଖିଥାଇ ।୭୫ ।
ଭାତ ପୁଡାୟେ ଚକଟି ଲେପିଥାଇ କାନ୍ଥେ
ବୁଦ୍ଧି ଭିଆଇଲା ଆପଣା ବ୍ରତିବା ନିମନ୍ତେ ।୭୬ ।
ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗଧର
ଛଅ ମାସ ପରିଯନ୍ତେ ଦିଲା ଅନ୍ନ ୟେକ ଭାର ।୭୭ ।
ଛ ମାସ ଅନ୍ତରେ ପୁଣ ବୁଦ୍ଧି ୟେକ କଲା
ଅଙ୍ଗାୟେକ ଦିଅ ବୋଲି ସୂପକାରକୁ ବୋଇଲା ।୭୮ ।
ଜ୍ୟେଷ୍ଠ ମାସ ଶୁକ୍ଲ ପକ୍ଷ ଚଉଠିର ଦିନ
ଆଗ୍ୟାଂୟେ ବଢାଇ ଦିଲା ଅଧ ଭାରେକ ଅନ୍ନ ।୭୯ ।
ତାହା ବାଣ୍ଟି ବୁଞ୍ଜିଲେ ସମସ୍ତେ ବିକଳେ
ଥାଳିୟେକ ଅନ୍ନ ପୁଣି ଦିଲା ଅନ୍ତକାଳେ ।୮୦ ।
ତାହା ଦେଖି ବିଗ୍ୟର କରଇ ନୃପତି ଗାନ୍ଧାରସେନ
ବାବୁ ସବୁନ୍ତି ଅଦୋଷେ ନାଶ କଲାଟି ଦ୍ରିୟୋଧନ ।୮୧ ।
ଶହେ ସତାଣୋଇ ଜଣଙ୍କୁ ଥାଳିୟେକ ଭାତ
ୟେତେକ ଆହାର କରି ହୋ ବ୍ରତିବା କେମନ୍ତ ।୮୨ ।
ଦ୍ରିୟୋଧନର ତ ଆମ୍ଭେ ନୋହୁଂ ନା ବଇରି
ବିନା ଅପରାଧେ କିଂପା ଆମ୍ଭନ୍ତ ନାଶ କରି ।୮୩ ।

---

୫ ।୧ କୁରୁବଇ-କୁରୁପତି ।
ୟେ ମୋହୋର ବଂଶ ୟେ ମାରୁଅଛି ଅନମିତେ
ତାହାର ବଂଶ କେହୁ ନାଶ କରିବ ୟେହିମତେ ।୮୪ ।
ୟେ ଥାଳିକ ଭାତ ଜଣକ ହିଂ ଭୁଞ୍ଜ
ପିତୃ କାର୍ଯ୍ୟ କରି ଦ୍ରିୟୋଧନ ବଂଶ ଗଞ୍ଜ ।୮୫ ।
ଗାନ୍ଧାରସେନ ରାଜାର ୟେସନେକ ବଚନ ଶୁଣି
ଜ୍ୟେଷ୍ଠ ପୁତ୍ର ଶଙ୍କୁନି କହିଲା ଦୃଢ ବାଣୀ ।୮୬ ।
ତୁ ୟେହ୍ନେ ଆଗ୍ୟାଂ ଦିଲୁ ନରସାଇଂ
ମୁହିଂ ପାରିବି ଦ୍ରିୟୋଧନର ବଂଶ ନାଶ କରାଇ ।୮୭ ।
ଗାନ୍ଧାରସେନ ବୋଇଲା ଥାଳିକ ଅନ୍ନ ଖାଅ
ସବୁରି ଆଷ୍ୟ ଘେନିଣ ତୁ ଶୁଭେଣ ବ୍ରତି ଥାଅ ।୮୮ ।
ସେ ଥାଳିକ ଅନ୍ନ ୟେ ଭୁଞ୍ଜଇ ଶଙ୍କୁନି

ସଭିଂୟେ ପ୍ରାଣ ପୟାଣ ହୋଇଲେ ଅବସାନି ।୮୯ ।
ଶହେ ପାଞ୍ଚଣୋଇ ଜଣ ହୋଇଲେ ପ୍ରାଣତ୍ୟାଜ
ଶଙ୍କୁନି ଘେନି ବ୍ରତି ଅଛି ଗାନ୍ଧାରସେନ ରାଜ ।୯୦ ।
ଗାନ୍ଧାରସେନ ପଚାରଇ ଶୁଣରେ ଶଙ୍କୁନି
ତୁ ମୋହୋର ଜ୍ୟେଷ୍ଠ ପୁତ୍ର ଅଟୁ ମହାଗ୍ୟାନୀ ।୯୧ ।
ମୁହିଁ ଯେ ପୁତ୍ରରେ ରକ୍ଷା କଲି ତୋତେ
ଦ୍ରିଯୋଧନର ବଂଶ ତୁ ନାଶିବୁ କେମନ୍ତେ ।୯୨ ।
ଶଙ୍କୁନି ବୋଇଲା ତତ ଅଛି ନି ମୋହୋର ବୁଦ୍ଧି
ତୋହୋର ବଚନ କହ ମୋତେ କେମନ୍ତେ କାର୍ଯ୍ୟ ସିଦ୍ଧି ।୯୩ ।
ତୁମ୍ଭେ ତୋ ଯାଉଅଛ ବୁଦ୍ଧିୟେ ମୋତେ କହ
ହୃଦରେ ଧରିଥିବି ତୋହୋର ବଚନ ସନ୍ଦେହ ।୯୪ ।
ଗାନ୍ଧାରସେନ ବୋଇଲା ଶୁଣସି ମୋହୋର ପୁତ୍ର
ମୁହିଁ ଯେତେବେଳେ ହୋଇବି ମୃତ୍ୟୁୟ ପରାପତ ।୯୫ ।
ୟେ ମୋହୋର ଡାହାଣ କରର ପବ ଅସ୍ଥି
ତାହା ଯତନ କରି ଥୋଇଥିବୁ ନ ଜାଣିମ କୁରୁପତି ।୯୬ ।

---

୮୯ ।୨ ଶପଥ ସମସ୍ତେ ପ୍ରାଣତ୍ୟାଜ ହୋଉଛନ୍ତି ଅନ୍ୟାଅନ୍ୟ
ଶପଥ ସମସ୍ତେ ପ୍ରାଣତ୍ୟାଜ ହୁଅନ୍ତି ଅବନୀ ।
ଡାହାଣ ହାଥର ଡାହାଣ ପବ ଗୋଟି
ତାହା କରାଇବୁ ବାବୁ ପଶା ଦୁଇ କାଠି ।୯୭ ।
ବାମ ହାଥର ପବ କରାଇବୁ ପଶାର ଗୁଟି
କରାଇବୁଟି ନିର୍ବାଣ ଯତନ କରି ତିରିଶ ଗୋଟି ।୯୮ ।
ଅବଶ୍ୟ ଦ୍ରିଯୋଧନ ତୋତେ କରିବ ବଡ ଜଣେ
ରାଜାର ତୁଲେ ବସିବୁ ତୁ ମହାମନ୍ତ୍ରୀ ପଣେ ।୯୯ ।
ବାବୁ ତୁ ତ ନାଶ କରି ନୁଆରିବୁ ତାହାକୁ
ପଶା ଖେଳାଇବୁ ତୁ ଦ୍ରିଯୋଧନ ସଂଗେ ପାଣ୍ଡବଙ୍କୁ ।୧୦୦ ।
ଆପଣେ ପାଡିବୁ ତୁ କୂଟ କପଟ ପାଶା
ଦାନ ପଡୁଥିବଟି ତୋହୋର ମନୀଷା ।୧୦୧ ।
ୟୁଧ୍ଠେଷ୍ଠିଙ୍କି ହରାଇବୁ ଜିଣାଇବୁ ଦ୍ରିଯୋଧନ
ପଶା ଖେଳଇ ଯେ ଘେନାଇବୁ ପାଣ୍ଡବଙ୍କ ରାଜ୍ୟ ସିଂହାସନ ।୧୦୨ ।
ଆତ୍ମା ସହିତେ ଜିଣାଇବୁ ଦ୍ରିଯୋଧନକୁ
ସଭୈର ତଳେ ନେଇ ବସାଇବୁ ପାଣ୍ଡବଙ୍କୁ ।୧୦୩ ।
ସମ୍ଭର୍ବେ ଆସ୍ତାନେ ବସିଥିବ କୁରୁରାଜା
ସଭାର ତଳକୁ କେଶ ଧରି ଅଣାଇବୁ ପାଣ୍ଡବଙ୍କର ଭାରିଯା ।୧୦୪ ।
ବିବସନ କରାଇବୁ ଆଣି ମହାସଭା ତଳେ
ସେ କଥାମାନ ଭୀମା ଲିହିଥିବ ବକ୍ଷସ୍ଥଳେ ।୧୦୫ ।
ତହିଁର ରାଗ ଯେ ଘେନିଣ ଭୀମସେନ
ଦ୍ରିଯୋଧନର ବଂଶ ନାଶ କରିବ ସାଂଗ୍ରାମେଣ ।୧୦୬ ।
ବାବୁ ତୁହି ରଣ ଯାଗ୍ୟ କରିବୁ ସହଦେବର ହସ୍ତେ

ଭଣଞ୍ଜାଙ୍କୁ ମରାଇ ନ ରହିବୁ କଦାଚିତେ ।୧୦୭ ।
ଜଳ ସ୍ଥଳ ଅନଳେ କହୁଅଛି ତୋତେ
ପାଣ୍ଡବେ ବଧ ନୋହନ୍ତି କେଉଣସି ମତେ ।୧୦୮ ।
ଶଙ୍କୁନି ବୋଇଲା ତାତ କହିଲୁ ଯେଉଣ କଥା
ଦେବଙ୍କୁ ଅଶକ୍ୟ ଯେ ତୋହୋର ବାରତା ।୧୦୯ ।

---

୧୦୭ ।୨ ଭଣଞ୍ଜାକୁ ମରାଇଣ ମରିବୁ ପଶ୍ଚାତେ ।
ଯେ ତୋହୋର ଭୁଜ ଯେତେ ପୁଣ୍ୟ କରିଥିଲା କାହିଁ
ସଂପ୍ରତେ କରାଅ ମୋତେ ଯେଥିର କଥା କହି ।୧୧୦ ।
ଗାନ୍ଧାରସେନ ବୋଇଲା ବାବୁ ଯେ ତ୍ରେତୟା ଯୁଗର କଥା
ଶହସ୍ର ଶାହାସ୍ରେ ମୁଁ ଅଟଇ ନିର୍ଜିତା ।୧୧୧ ।
ପଶା ଖେଳିଲେ ମୁଁ ହାରଇ ପ୍ରତିଦିନେ
ଗଙ୍ଗାକଇଁ ସେବା କାଲି ମୁଁ ପୁତ୍ରରେ ପଶାର ଅଭିମାନେ ।୧୧୨ ।
ପଞ୍ଚଦଶ ବରଷ ପରିଯନ୍ତେ ମୁଁ କଲି ଘୋର ତପ
କଠୋର ତପେ ଦେଖିଲି ବାବୁ ଗଙ୍ଗାଙ୍କ ସରୂପ ।୧୧୩ ।
ଉତ୍ତ୍ରାଙ୍କ ତୀର୍ଥେ ପ୍ରସନ୍ନ ହୋଇଲେ ଧଭଲାଙ୍ଗୀ
ବୋଇଲେ ଗାନ୍ଧାରସେନରେ ବର ମାଗ ବେଗି ।୧୧୪ ।
ମୁଁ ବୋଇଲି ଗୋ ମାତା ସୁଦୟା କର ମୋତେ ଆଦି ନାରୀ
ତୋହୋର ତହୁଁ ଦେବୁ ମୋତେ ବିଜୟ ପଶା ସାରି ।୧୧୫ ।
ପଶାରେ କେହି ମୋତେ ନୋହିବେ ଜିଣନ୍ତା
ପ୍ରସନ୍ନେ ପଶା ସାର ମୋତେ ଦିଲେ ଆଦିମାତା ।୧୧୬ ।
ତିନି ବରଷରେ ତୁ ତିନି ଭୁବନ ଜିଣିବୁ
କଥା ରୁହାଇ ଆଣି ମୋତେ ବାବୁରେ ବାହୁଡାଇ ଦେବୁ ।୧୧୮ ।
ଗଙ୍ଗାହୁଁ ବିଜୟା ସାର ଘେନି ଅଇଲି ତନୟେ
ଅନେକ ରାଜାଙ୍କୁ ବାବୁରେ ମୁଁ ଜିଣିଲି ପଶାୟେ ।୧୧୯ ।
ପଶାର ଭୟେ କେହି ନଇଲେ ମୋର କତି ।୧୨୦ ।

---

୧୧୫ ।୧ ଭୋ ମାତ ସିଦ୍ଧ ଗୋ ମୋତେ କର ଆଦି ନାରୀ ।
୧୨୦ ପଦ ପରେ ଅଧିକା ପାଠ-
ତିନି ବରଷକୁ ଆଣିଲି ସାତ ବରଷ ଗଲା
ଲୋଡିବାର ବେଳେ ଗଙ୍ଗା ସାର ନ ପାଇଲା ।
ନ ପାଇଣ ଗଙ୍ଗା ଦେବୀ ଶାପ ଅନୁସରୀ
ଯାଅରେ ଗାନ୍ଧାରସେନ ପଥର ଘରେ ବଂଶ ମରୁ ତୋହୋରି ।
ତିନି ବରଷ ଉତ୍ତାରେ ମୁଁ ଉତ୍ତ୍ରାଙ୍କୁର ତୀର୍ଥକୁ ଗଲି
ଗଙ୍ଗାଙ୍କୁ ତୁସ୍ତି କରି ମୁଁ ବିଜୟା ପଶା ଦେଲି ।୧୨୧ ।
ପଶା ଘେନିମାକୁ ଦେବୀ ପାତିଲେକ ହସ୍ତ
ବିନୟ ଭାବେ ଗୋସାମଣୀଙ୍କୁ ଯୋଡିଲି ବେନି କରପତ୍ର ।୧୨୨ ।
ତୁ ଯେବେ ପ୍ରସନ୍ନ ହୋଇଲୁ ମହେଶ୍ୱରୀ ମୁକୁ
ଚିରନ୍ତନ କଥା ରହୁ ମୋହୋର ବଂଶକୁ ।୧୨୩ ।

ଗଙ୍ଗା ବୋଇଲେ ପଶା ପାତିଲୁ ଯେବଣ କରସ୍ଥଳେ
ତୋହୋର ମୃତୁକାଳେ ଅସ୍ଥି ଘେନିମ ତୋହୋର କୁମରେ ।୧୨୪ ।
ଡାହାଣ ହସ୍ତ ପବେ କରିବ ଦୁଇ ପାଶା କାଠି
ବାମ ହସ୍ତର ପବ କରିବ ପାଶାଗୁଣ୍ଡି ତିରିଶ ଗୋଟି ।୧୨୫ ।
ତୋହୋର ବଂଶକୁ ଯେ ରହିବ ଚିରନ୍ତନେ
କେହି ଜିଣନ୍ତା ନୋହିବଟି ତ୍ରୈଲୋକ୍ୟ ଭୁବନେ ।୧୨୬ ।
ଗଙ୍ଗାର ପ୍ରସନ୍ନ ବାବୁ ନୋହଇ ଆନ କଲା
କହ୍ନଂ କହ୍ନଂ ଗାନ୍ଧାରସେନ ପ୍ରାଣତ୍ୟାଜ ହୋଇଲା ।୧୨୭ ।
ପିତାର ବଚନେ ସେ କୁମାର ଶଙ୍କୁନି
ଦୁଇ ହସ୍ତର ଅସ୍ଥି ପବ ଯତନ କରି ଘେନି ।୧୨୮ ।
ଶୟେ ଛୟାଣୋଇ ଜଣ ତ ପ୍ରାଣତ୍ୟାଜ ହୋଇଲା
ଯେକମାତ୍ର ଶଙ୍କୁନି ପ୍ରାଣ ସେ ପାଇଲା ।୧୨୯ ।
ଥାଳିଯେକ ଅନ୍ନ ଯେ ଦେଉଥିଲା କୁରୁପତି
ଅନ୍ତେଣ ପୁଣ ନ ଦିଲା ତାହା ମୂର୍ଖମତି ।୧୩୦ ।
କାନ୍ଥରେ ଶଙ୍କୁନି ଲେପିଥିଲା ଯେବଣ ଅନ୍ନ
ତାହା ଖାଇ ପ୍ରାଣ ସେ ରଖଇ ପ୍ରତିଦିନ ।୧୩୧-୫୬୩୧ ।
ଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କଙ୍କ

Cଶ୍ରୁର ତହିଂ ଯେ ବୋଲଣା ମୋତେ କରି
ଯେମନ୍ତ ବୋଲି ମୋତେ ଶାପ ଅନୁସରି ।
୧୨୩ ।୨ ଚିରନ୍ତନ କଥା କେମନ୍ତେ ରହିବ ମୋହୋର ବଂଶକୁ ।
୧୨୫ ।୨ ବାମ ହସ୍ତର ପବ କରିବ ଗୁଳି ଷୋଳ ଗୋଟି ।
ଶକୁନିର ମନ୍ତ୍ରୀତ୍ୱ ଲାଭ
ଯେଥୁ ଅନନ୍ତରେ ବିଲଙ୍କ ଦେଶ ରାଜା
ଅଗସ୍ତି ଚରଣ ତଳେ କଲା ଦିବ୍ୟ ପୂଜା ।୧ ।
ଗାନ୍ଧାରସେନର ବଂଶ ପଥର ଘରେ ଭରି
ବିନା ଦୋଷେ ନାଶ କଲା କୁରୁ ଦଣ୍ଡଧାରୀ ।୨ ।
ଶୟେ ସତାଣୋଇ ଜଣ ସର୍ବେ ଗଲେ ନାଶ
ଶଙ୍କୁନି ମାତ୍ରକ ଯେ ରହିଲା ଅବଶେଷ ।୩ ।
ଯେଥୁ ଅନନ୍ତରେ ହେଲା ଯେ କେବଣ ଚରିତ
ବିଗରି ଆଗ୍ୟାଂ ମୋତେ କହିବା କୁମ୍ଭସୁତ ।୪ ।
କହନ୍ତି କୁମ୍ଭସୁତ ଶୁଣିମା ବିଲଙ୍କାଧି
କେତେ ଦିନ ଅନ୍ତରେ ସେ କୁରୁକୁଳ ନିଧି ।୫ ।
ଦିନ ପ୍ରକୃତି ସଂସ୍କାର ନିମନ୍ତେ ରାଜନ
ରତ୍ନ କଠାଉ ଚଢି ବିଜେ ତୋଟା ଜଗତୀର ସ୍ଥାନ ।୬ ।
ସଙ୍ଗେ ରତ୍ନଝରୀରେ ନୀର ଧରୀ ତାର ଦାସୀ
ବଟ ମୂଳେ ରାଜନ ମିଳିଲାକ ଆସି ।୭ ।
ମୂତ୍ର କରନ୍ତେଣ ଧାର ଗଲା ବେଗେ ବହି
ବଟଫଳ ଭାସିଲା ଦେଖି ନରସାଇଂ ।୮ ।

ମନେ ବିଚାର କରଇ ରାଜା ଦୁରିଯୋଧନ
ଯେତେ ବୃକ୍ଷର ଫଳ ଯେ ଯେତେକ ସାମାନ୍ୟ ।୯ ।
ଯେବେ ଭାସି ଯାଉଅଛି କିଞ୍ଚିତ ମତ ହୋଇ
ଯେଥି ବୀଜ ଅଛି ପାଞ୍ଚ ସାତ ଶଥହିଁ ।୧୧୦ ।
ବିଧାତାର ବଶେ ଯେ ବୀଜମାନେ ବୃକ୍ଷ ହେବେ ଯେବେ
ସମୋଦ୍ର ପ୍ରାୟେ ଜଳ ବରଷିଲେ ଯେ ପୁଣ କିଛିହିଁ ନୋହିବେ ।୧୧ ।
ବୃକ୍ଷକୁ ଗ୍ରହିଁଲା ଅଟଇ କେତେ ଦାରୁ
ମନେ ମନେ ବିଚାରି ହସିଲା ରାଜା ଗୁରୁ ।୧୨ ।
ଧନ୍ୟ ଧନ୍ୟ ବିଧାତା ଅଟଇ ପ୍ରଭୁ ପଣ
କାହିଁକି କେତେ ରୂପେ କରିଛୁ ନିର୍ବାଣ ।୧୩ ।
ବୃକ୍ଷମାନଙ୍କର ରାଜା ଯେବଣ ସ୍ଥାବର
ତା ବୀଜ ଭାସିଲା ମୂତ୍ରରେ ମୋହୋର ।୧୪ ।
ତଳକୁ ଅନାଇଁ ରାଜା ବୃକ୍ଷକୁ ଅନାଇଁ
ମନେ ମନେ ବିଚାରିଣ ହସିଲା କୁରୁସାଇଁ ।୧୫ ।
ଯହୁଁ ସେ ହସିଲା ଗାନ୍ଧାରୀ ନନ୍ଦନ
ଦାସୀହିଁ ହସିଲା ହୋଇ ହୃଷ୍ଟ ମନ ।୧୬ ।
କୋପେ ଦୁରିଯୋଧନ ବୋଇଲା ମୁଦୁସୁଲୀକି ।
କିମର୍ଥେ ହସିଲୁ କେବଣ କଥା ଦେଖି ।୧୭ ।
ସରୂପ କରି କହ ଲୋ ଯେ ତୋର କେବଣ ପ୍ରକୃତି
ଉପହାସ କଲୁ କି ଅନମିତେ ହସିଲୁ ନିବୃତି ।୧୮ ।
ମୁ ଦୁସୁଲୀ ବୋଇଲା ଶୁଣିମା ଗୋସାଇଁ
ତୁମ୍ଭେ ଯହିଁକି ହସିଲା ମୁହିଁ ହସିଲି ତହିଁ ପାଇଁ ।୧୯ ।
ରାଜନ ବୋଇଲା ମୁଁ କି ନିମନ୍ତେ ହସିଲି କହ
ନ କହିଲେ ତୁ ଆଜ ନାଶ ଗଲୁ ତ ନିଶ୍ଚୟ ।୨୦ ।
ମୁଦୁସୁଲୀ ବୋଇଲା ଶୁଣିମା ଗୋସାଇଁ
କାଲି ପ୍ରଭାତେ ଦେବାର୍ଚ୍ଚନେ ଜଣାଇବି ମୁହିଁ ।୨୧ ।
ନୃପତି ବୋଇଲେ କାଲି ଯେବେ ମୋତେ ନ କହିବୁ ସତ
ନାସା ଶ୍ରବଣ ଦୁଇ କରିବି ତୋର ହତ ।୨୨ ।
ଆଗ୍ୟାଁ ଦେଇ ରାଜନ ଗଲା ନିଜ ପୁର
ଯେଥୁ ଅନନ୍ତରେ ଶୁଣ ବିଲଙ୍କ ନୃପବର ।୨୩ ।
କଣ୍ଡ କରି ମୁଦୁସୁଲୀ ଗଲାକ ଭିତର
ମନେ ବିଚାରଇ ମରଣ ହୋଇଲା ମୋହୋର ।୨୪ ।
ନ ଜାଣି ହସିଲି ମୁଁ କି କହିବି କାଲି ପ୍ରଭାତେ
ଭୋ ଧର୍ମ ଦେବତା ପ୍ରତିକାର କର ମୋତେ ।୨୫ ।
ଆଜ ଦିନ ବଞ୍ଚାଇଲି ବଳ ବୁଦ୍ଧି କରି
କାଲି ନୃପତି ଦଣ୍ଡିବ ମୁଁ କି ରୂପେ ହୋଇବି ପାରି ।୨୬ ।
ଯେଉଁ ଦିନୁଁ ଗାନ୍ଧାର ବଂଶ ବନ୍ଦୀ କରି
ପଥର ଘର ଭିତରେ ଭରିଲା ଦଣ୍ଡଧାରୀ ।୨୭ ।
ଅନ୍ନ ଜଳ ଯାହା ଦିଅଇ ମାନ ଚକ୍ରବର୍ତ୍ତୀ
ବନ୍ଦୀ ଘର ଭିତରେ ଦାସୀ ପ୍ରବେଶ କରାୟେ ନିତି ।୨୮ ।

ସେ ଦିନ ଅନ୍ନ ଘେନି ମନର ବିରସେ
ପ୍ରବେଶ ହେଲା ଯାଇଁ ବନ୍ଦୀ ମନ୍ଦିର ପାଶେ ।୨୯ ।
ଗୁଣ୍ଡୁରି ଜଲା ବାଟେ ଡାକିଲା ଥିର କରି
କେ ଅଛ ଅନ୍ନ ବାବୁ ନିଅ ବେଗ କରି ।୩୦ ।
ବିହି ତୁମ୍ଭଙ୍କୁ ମୋତେ କଲାକ ଅନ୍ତର
କାଲି ନାସା ଶ୍ରବଣ ମୋ ଛେଦିବ ନୃପବର ।୩୧ ।
ଭିତରେ ଥାଇଣ ଶଙ୍କୁନି କହଇ ବଚନ
କି ଦୋଷେ ନାଶ ତୋତେ କରିବ ରାଜନ ।୩୨ ।
ଦାସୀ ବୋଇଲା ଦେବ ନ ଜାଣଇ କିଛି
ପ୍ରକୃତି ସଂସ୍କାରେ କାଲି ଗାନ୍ଧାରୀର ବଷି ।୩୩ ।
ବଟ ବୃକ୍ଷ ମୂଳେ ବିଜୟ କଲା ଆସି
ମୂତ୍ର ନୀର ବହନ୍ତେ ମନ୍ଦ ମନ୍ଦ ହସି ।୩୪ ।
ତଳକୁ ଗ୍ରହିଁଣ ସେ ନେତ୍ରକୁ ବୁଜିଲା
ବୃକ୍ଷକୁ ନିରେଖି ସେ ପୁଣି ହିଁ ହସିଲା ।୩୫ ।
ରାଜା ହସି ଉଠନ୍ତେ ହସିଲଇଁ ମୁହିଁ
ଶୁଣି ରାଜନ ବୋଇଲା ଲୋ ହସିଲୁ କାହିଁ ପାଇଁ ।୩୬ ।
କରଯୋଡି ବୋଇଲି ମୁଁ ନ ଜାଣଇ କିଛି
ତୁମ୍ଭେ ଯହିଁକି ହସିଲ ମୁଁ ତହିଁକି ହସିଲି କୁରୁବଷି ।୩୭ ।
ରାଜା କହିଲା ତୁ କହ ମୋର ମନର ବାରତା
ନୋହିଲେ ପ୍ରାଣେ ତୋତେ ମାରିବି ସର୍ବଥା ।୩୮ ।
ଯେମନ୍ତେ ବୋଲି ଆଗ୍ୟାଁ ଦେଇଛନ୍ତି ଦଣ୍ଡଧାରୀ
କାଲି ପ୍ରଭାତରେ ଯେ ପକାଇବ ମାରି ।୩୯ ।
ଶଙ୍କୁନି ବୋଇଲା ମା ଗୋ ନ କର ମନେ ଚିନ୍ତା
ଆମ୍ଭେ କହିବା ରାଜାର ଅନ୍ତର୍ଗତ ବାରତା ।୪୦ ।
ଯେମନ୍ତେ ରାଜନ ତୋତେ ନ ବୋଲିଛ କିଛି
ଯେମନ୍ତେ ଆଶ୍ରିଜ ଉପାୟ ଆମ୍ଭ ତହିଁ ଅଛି ।୪୧ ।
ଯେତେବେଳେ ରାଜନ ତୋତେ ପୁଚ୍ଛିବ ବାରତା
ବୋଲିବୁ ଶୁଣ ପ୍ରଭୁ କୁରୁକୁଳନାଥ ।୪୨ ।
ବଟ ମୂଳେ ଯେତେବେଳେ କଲୁ ଯେ ପ୍ରକୃତି
ବଟ ବୀଜ ଉପୁଚିଆଇ ମୂତ୍ରର ସୋହତି ।୪୩ ।
ବୀଜକୁ ଅନାଇ ବୃକ୍ଷକୁ ଅନାଇ
ବିଧାତା ସୁମରି ହସିଲୁ କୁରୁସାଇଁ ।୪୪ ।
ଶଙ୍କୁନି ତହୁଁ ତଥ୍ୟ ବିଗ୍ରର ପାଇ ଦାସୀ
ରାଜାର ଛାମୁରେ ମିଳିଲା ପସନ୍ନ ହୋଇ ଆସି ।୪୫ ।
ପ୍ରଭାତୁଁ ଉଠି ଦାସୀକି ପୁଚ୍ଛିଲା ଦଣ୍ଡଧାରୀ
ସୁନ୍ଦରୀ କହଇ ଭୟକୁ ଦୂର କରି ।୪୬ ।
ବଟମୂଳେ ବିଜୟେ ଯେ କଲୁ ଦଣ୍ଡଧର
ରତ୍ନଝରୀରେ ମୁଁ ଯେ ଧରିଥିଲି ନୀର ।୪୭ ।
ମୂତ୍ରରେ ତୁମ୍ଭର ବଟ ମଞ୍ଜି ଯେ ଭାସନ୍ତେ
ବୃକ୍ଷକୁ ଗ୍ରହିଁ ତଳକୁ ଗ୍ରହିଁ ହସିଲୁ କୁରୁନାଥେ ।୪୮ ।

ଅନ୍ତର୍ଗତ ବାରତା କହିଲୀ ଦାସୀ ଯହ୍ନଂ
ଶୁଣିଣ ଆଶ୍ରିଜ ହେଲା କୁରୁକୁଳପ୍ରହ୍ନ ।୪୯ ।
ଦାସୀକି ଅନାଇ ଦଣ୍ଡେ ମଉନ ହୋଇ ରହି
ମନେ ମନେ ଅନ୍ତର୍ଗତେ ଭାଳିଲା କୁରୁସାଇଂ ।୫୦ ।
ଦାସୀ ଛାରକ ନୁହେଂ ଯେହାର ଯେ ବୁଦ୍ଧି
ଭୂତ ଭବିଷ୍ୟ ବର୍ତ୍ତମାନ ତିନି କାଳେ ସିଦ୍ଧି ।୫୧ ।
ଯେମନ୍ତ ଜନ ନିଶ୍ଚେଂ କହିଲା ଯେହାରେ
ଦାସୀକି ଗ୍ରହିଂଣ କହିଲା କୁରୁବୀରେ ।୫୨ ।
ତୋହୋର ଚରିତ ଯେ ନୋହଇ କଦାଚିତ
କହ ତୋତେ କହିଲା କେବଣ ପଣ୍ଡିତ ।୫୩ ।
ଧନରତ୍ନ ବହୁତ ଅଳଙ୍କାର ଦେବି
ଯାବତ ଦୋଷ ତୋହୋର କ୍ଷମା ମୁଂ କରିବି ।୫୪ ।

---

୪୩ ।୨ ସୋହିତ-ସ୍ରୋତ
ଦାସୀ ବୋଇଲା ଆହୋ ଶୁଣିମା କୁରୁନାଥ
ପ୍ରତିଦିନ ଯାହାକୁ ମୁଂ ଦିଅଇ ନୀର ଭାତ ।୫୫ ।
ପଥର ଘେ ଯାହାକୁ ରଖିଛୁ ନୃପବର
ସେ କହିଲା ତୋର ଯେ ହୃଦୟ ବିଗ୍ରର ।୫୬ ।
ଶୁଣିଣ ରାଜନ ବହୁତ ହରଷ ହୋଇଲା
ବହୁତ ଧନରତ୍ନେ ତହ୍ନଂ ଦାସୀକି ମଣ୍ଡିଲା ।୫୭ ।
ଆସ୍ତାନ ଜଗତୀରେ ଯେକାନ୍ତେ ବିଗ୍ରରିଲେ ବସି
ଯେହି ସେ ଉପାୟେ ଶତ୍ରୁକୁ ପାରିବଇଂ ନାଶି ।୫୮ ।
ଭୂତ ଭବିଷ୍ୟ ବର୍ତ୍ତମାନ ଜାଣଇ ତିନି କଥା
ଯେହି ସେ ମନ୍ତ୍ରୀ ପଣକୁ ସଭାରେ ଯୋଗ୍ୟତା ।୫୯ ।
ସକଳ ସଭାଜନ ଘେନିଣ ନରପତି
ତେର ମାସେ ବିଜେ କଲାକ କୁରୁପତି ।୬୦ ।
କବାଟ ଫେଡାଇଲା ଯାଇଂ ମାନ ଚକ୍ରବ୍ରତୀ ।୬୧ ।
ହାକଇ ଦ୍ରିଯୋଧନ ଦ୍ୱାରେ ଉଭା ହୋଇ
ଜୀବନ୍ତା କେ ଅଛି ବୋଲି ଡାକଇ କୁରୁସାଇଂ ।୬୩ ।
ଅନ୍ନ ଖିନ୍ନେ ଶଙ୍କୁନି କହଇ ତ୍ରୋଧ ବାଣୀ
ଅନମିତେ ମୋର ବଂଶ ତୁ ନାଶିଲୁ ନୃପମଣି ।୬୪ ।
ଶୟେ ଛୟାଣୋଇ ଜଣ ମାଇଲୁ ମୋହୋର ହୋ ରାୟେ
ନିଲ୍ଲଜ ଆତ୍ମା ମୋର ବ୍ରତିଛି ଯେକାୟେ ।୬୫ ।
ଯେହାଙ୍କର ଅବସ୍ତା ଦେଖି ଶରୀର କି-ା ନ ଯାଉ
ଧ୍ରକ ମୋହୋର ଜୀବନ ଗ୍ରିଧ୍ରନୀ ମାଂସ ଖାଉ ।୬୬ ।
କର୍ମକୁ ନିନ୍ଦି କ୍ରୋଧ କରଇ ଶଙ୍କୁନି
ହୃଦୟେ ବୈକୁଲ୍ୟ ରାଜାର କ୍ରୋଧ ମାନି ।୬୭ ।
ଆଗ୍ୟାଂ ଦିଲା ସେ ଧୁଶାସନ ଦୁର୍ଜୟକୁ
ଭିତରେ ପଶି ଆଣରେ ମୋହୋର ଛାମୁକୁ ।୬୮ ।

ଆଗ୍ୟା ପ୍ରମାଣେ ସେ ପଶିଲେ ଭିତରେ
ଶଙ୍କୁନି କି କୋଳ କରି ଆଣନ୍ତି ବେନି ବୀରେ ।୬୯ ।

---

୬୪ ।୧ ତ୍ରୋଧ ବାଣୀ- ଶୋକ କଥ ।
ଭିତରୁ ବାହାର ସେ ହୋଇଲା ଶଙ୍କୁନି
ଦ୍ରିଯୋଧନ ବୋଇଲା ମାମୁ ଜୀବନ ତୋହୋର ଧନି ।୭୦ ।
କନେକ ରତ୍ନ ଘଟେ ପାଣି ଯେ ପୁରୋଇ
ସ୍ନାହାନ କରାଇଲା ଆପଣେ ସନ୍ନିଧ୍ୟେ ଉଭା ହୋଇ ।୭୧ ।
ଅନେକ ସୁଗନ୍ଧ ଯେ ଲଗାଇ ତାହାର କେଶେ
ସ୍ରାହାନ କରାଇ ପିନ୍ଧାଇଲେ ଝୀନ ବାସେ ।୭୨ ।
ଅନେକ କୁସୁମେଣ କେଶ ସାଜ୍ଜୋଇ
ଅଷ୍ଟ ରତ୍ନ ଅଳଙ୍କାର ଶରୀରେ ଆଭରଣ କରାଇ ।୭୩ ।
ଚନ୍ଦନ ଚତୁସମ ମୃଗଲାଭ କସ୍ତୁରୀ
ଆପଣେ ଦ୍ରିଯୋଧନ ଶଙ୍କୁନି ଶରୀରେ ଲେପନ କରି ।୭୪ ।
ଶ୍ରୀହସ୍ତେ ପାଟ ଶାଢୀ ଦିଲାକ କୁରୁପତି
ଯେ ପଞ୍ଚୁ କଟକେ ମାତୁଳ ତୁମ୍ଭେ ଯେକାଙ୍ଗ ମହାମନ୍ତ୍ରୀ ।୭୫ ।
ଯେ ସେ ନାଶ ଗଲେ ତୋର ପିତା ବାନ୍ଧେବ ସୋହୋଦରେ
ତାହା ମାତ୍ର ତୋତେ ଦେଇ ନ ପାରିବି ମନ୍ତ୍ରୀବରେ ।୭୬ ।
ଇନ୍ଦ୍ର ପ୍ରଶସ୍ତ ଯମ ପ୍ରଶସ୍ତ ହସ୍ତିନା ଜୟନ୍ତା ବାରୁଣା
ଯେ ପଞ୍ଚୁ ରାଜ୍ୟକୁ ମାମୁ ତୁହି ସେ ଧାରଣା ।୭୭ ।
ବଇଠା ରାଜା ସେ ଆଜହୁଁ ମୋହୋର
ତୋହୋର ଆଗ୍ୟାଂହି ସେ ପଞ୍ଚୁ ରାଜ୍ୟକୁ ନିରାଧାର ।୭୮ ।
ଆଲମ୍ଭ୍ର ପାଟଛତ୍ର ଉଭାରନ୍ତି ବେନିପାଖେ
ଛାମୁରେ ଫୁରଇ ସୁବର୍ଣ୍ଣ ବନ୍ଧା ଶଙ୍ଖ ଲକ୍ଷେ ।୭୯ ।
ଲକ୍ଷେକ ଆଲଟ ଯେ ଢାଳନ୍ତି ବେନି କତି ।୮୦ ।
ଆଗେଣ ମହାମତ୍ତ ଯେ ପାଞ୍ଚ ଲକ୍ଷ ଗଜ
ପଛରେଣ ପାଞ୍ଚ ମର୍ଭୁତ ଅଶ୍ୱ ଚ୍ଖାର କଲେ ସଜ ।୮୧ ।
ଯେସନେକ ସ-ଦ କରାଇଣ ଶଙ୍କୁନି
ଗାନ୍ଧାରୀଙ୍କ ଛାମୁକୁ ଦ୍ରିଯୋଧନ ଗଲା ଘେନି ।୮୨ ।

---

୮୦ ।୧ ଶ୍ଥ ଲକ୍ଷେକ ଚ୍ମର ଯେ ପଡଇ ବେନି କତି
ଶ୍ଥ ଲକ୍ଷେକ ଚ୍ମର ଢାଳନ୍ତି ବେନି କତି ।
ସଂଜୟେ କହିଲେ ଶୁଣ ହୋ ଗାନ୍ଧାରସେନର ଦୋହିତ
ଶଙ୍କୁନି ନାମେଣ ଯେ ବ୍ରତିଲା ତୋହୋର ଯେକ ଭ୍ରାଥ ।୮୩ ।
ଅନେକ ପୁରୁଷାର୍ଥ ଯେ କରାଇଲା ଦ୍ରିଯୋଧନ
ଦୁତୀ ଇନ୍ଦ୍ର ପ୍ରାୟେ ଦିଶଇ ଗାନ୍ଧାରସେନ ନାନ ।୮୪ ।
ଗାନ୍ଧାରୀ ବୋଇଲେ ଯେ ସଭିୟେଂ ଗଲେ ନାଶ
ଯେକା ପାମର ତୁ ଜୀବନେ କଲୁ ଆଶ ।୮୫ ।
ମୁହିଁ ଯେବେ ତୋହୋରରେ ପ୍ରକୃତି ଜାଣିଲି

ତୁ ଯେକା ବ୍ରତିଲୁ ଦ୍ରିଯୋଧନର ବଂଶ ନାଶ କରିବୁ ବୋଲି ।୮୬ ।
ମୋହୋର ବଚନ ଶୁଣରେ କୁରୁ-ରାଜ-ଦେବ
ଶଙ୍କୁନି ବଚନକୁ ବାବୁରେ ନ ଯିବୁ ସଦଭାବ ।୮୭ ।
ଯାହାର ବଂଶ ନାଶ କଲୁ ତାହାକୁ କଲୁ ମନ୍ତ୍ରୀ
ଉଭୟେ କୁଳ ନ ପାରିବି ବୋଲି ବୋଇଲେ ମହାସତୀ ।୮୮ ।
ପିତା କୁଳ, ସ୍ୱାମୀ କୁଳ ଅବଶ୍ୟ ଯିବ ନାଶ
ଯହିଁ ପାପ ତହିଁ ନାଶ ହୋଅନ୍ତି ଅବଶ୍ୟ ।୮୯ ।
ଗାନ୍ଧାରୀ କହିଲେ ସିଦ୍ଧ ଅର୍ଥ ବାଣୀ
ମୂର୍ଖ ଦ୍ରିଯୋଧନ ତାହା ଶ୍ରବଣେ ନ ଶୁଣି ।୯୦ ।
ରାଗେଣ ଗାନ୍ଧାରସେନକୁ ତୟେ ମାରି
ପାଣ୍ଡବଙ୍କ ରାଗେ ହୋ ଅପାର ବିସରି ।୯୧ ।
କର୍ଣ୍ଣ ଶଙ୍କୁନି ଯେ ଅଶସ୍ତମାକୃପ
ଯେହାନ୍ତ ଘେନି ଯେକାନ୍ତେ ଭାଳୁଥାଇ ନୃପ ।୯୨ ।
ବିଦୁରେ କହିଲେ ଯେ ଯୁଝେଷ୍ଠିଙ୍କ ଅଗ୍ରତେ
ଧୃତରାଷ୍ଟି ବାବୁରେ ଅନେକ କୋପ କଲା ତେତେ ।୯୩ ।
ତୁ ବାବୁ ଯେ କଥାନ୍ତ ବୁଝିଥାଅ ପରିମାଣି
ଅନେକ ପ୍ରମାଦେ ତେତେ ଚିନ୍ତିବ କୁରୁମଣି ।୯୪ ।

---

୮୮ ଶ୍ଥ ମାତୃ ପିତୃ କୁଳ ହୋଇବ ବିନଶ୍ୟତି
ଶ୍ଥ ଯେସନେକ ବୋଲି ଭାଳନ୍ତି ମନ ମତି ।
୮୮ ଶ୍ଥ ନିଶ୍ଚୟେ ଛାଡିଲି ମୁହିଁ ଦୁଇ କୁଳର ଆଶା
ଶ୍ଥ ମାତୃ ପିତୃ କୁଳ ନାଶ ଯିବ ଯେ ଅବଶ୍ୟ
ରାଜା ଗାନ୍ଧାରସେନ ବଂଶ ନାଶ କଲା ତୁମ୍ଭ ରାଗେ
ଶଙ୍କୁନି ମହାମନ୍ତ୍ରୀ ହୋଇଲା ଶୁଭ ଯୋଗେ ।୯୫ ।
ଅବଶ୍ୟ ପ୍ରମାଦ ସେ ଚିନ୍ତିବଟି ତୁମ୍ଭଙ୍କୁ
ବହୁତ ବାଗେ ସମ୍ଭାଳି ଥିବଟି ଭୀମସେନକୁ ।୯୬ ।
ଯୁଝେଷ୍ଠି ପଚାରନ୍ତି ବିଦୁର ଅଗ୍ରତେ
ଧୃତରାଷ୍ଟି ଯେତେ ରାଗ କରିଛି କିନା ମୋତେ ।୯୭ ।
ଯଦ୍ୟପି ଅଦୟା ମୋତେ କରିବେ କୁରୁରାୟେ
ତୁହି ମାତ୍ର ତାତ ମୋତେ କରିଥାଅ ସଦୟେ ।୯୮ ।
ବିଦୁର ବାସୁଦେବ ଯେବେ ହୋଇବେ ସପକ୍ଷ
ତ୍ରୈଲୋକ୍ୟ ବ୍ରହ୍ମାଣ୍ଡେ ମୋତେ କେ ଅଛି ସମକକ୍ଷ ।୯୯-୫୮୩୦ ।
ଜତୁ ଗୃହ ନିର୍ମାଣ ଓ ଭୀମର ବିଷ ଲଡୁ ଭକ୍ଷଣ
ବଦୟନ୍ତି ଅଗସ୍ତି ଶୁଣ ବଇବସ୍ୱତ ମନୁ
କୂଟ ଉପାୟେ ପାଞ୍ଚୁ ଅଛି ଧୃତରାଷ୍ଟର ତନୁ ।୧ ।
ଦ୍ରିଯୋଧନ କର୍ଣ୍ଣ ଶଙ୍କୁନି ଅଶସ୍ତମା
ବାରୁଣାବନ୍ତେ ବସି ଭାଳନ୍ତି ମହାତମା ।୨ ।

ଶ୍ଥ ନିଜେ କ୍ଷିଦ୍ର ନ ଛାଡଇ ଦ୍ରିଯୋଧନ ମନ୍ଟ
୧ ଶ୍ଥ କୂଟ କପଟ କରୁଅଛି ଧୃତରାଷ୍ଟ ତନ୍ଟ ।
" ବଦୟ୍ନ୍ତି ଅଗସ୍ତି ଶୁଣ ବଇବସ୍ୱତ ମନ୍ଟ" ପାଠ ପରେ ଦୁଇଗୋଟି ପୋଥିରେ ଅଧିକ ପାଠବଦୟ୍ନ୍ତି
ଅଗସ୍ତି ଶୁଣ ବଇବସ୍ୱତ ମନ୍ଟ
ଇନ୍ଦ୍ରକୁ ସୁମରଣା କଲେ ପରମହିତ ଗ୍ୟାନ୍ଟ ।
ଦ୍ରିଯୋଧନ ଅତିଅନ୍ତ ବହ୍ନତ ଜିଂଘାସିଲା
ଭୋ ପିତା କେମନ୍ତେ ଯେଥୁଂ ପାର ହୋଇବୁ ବୋଇଲା ।
ଇନ୍ଦ୍ର ସପକ୍ଷ ହୋଇ ଚିତ୍ରସେନକୁ ପଠିଆଇ
ଦ୍ରିଯୋଧନକୁ ବାନ୍ଧି ଆଣରେ ସ୍ୱ୍ରର୍ଗକଇଂ ।
ଆଗ୍ୟାଂ ପରମାଣେ ଚିତ୍ରସେନ ଗଲା
ମଢଫୁଲି ଠାରୁ ଦ୍ରିଯୋଧନକୁ ବାନ୍ଦି ନେଲା ।
ଶୂନ୍ୟ ରଥରେ ପକାଇ ନେଲା ଦ୍ରିଯୋଧନ
ଆକାଶକୁ ନିଅନ୍ତେ ଉଚ୍ଛବ ହୋୟେ ମନ ।
ତୁଳମାସ କୃଷ୍ଣପକ୍ଷ ଦ୍ୱ୍ରିତୀୟାର ତିଥି
ବନସ୍ତେ ଥାଇ ଭାଳଇ ମାନ ଚକ୍ରବ୍ରତୀ ।୩ ।
ଆହୋ ପୁରୋତନ ନାମେ ୟୋକଇ ଦ୍ୱ୍ରିଜବର
ୟେକା ହୋଇଥାଇ ବ୍ରାହ୍ମଣ ବନସ୍ତ ଭିତର ।୪ ।
ପୂର୍ବ ଅଭିଶାପରୁ ଅଷ୍ଟରୁ ୟେକ ବସୁ
ଶାପ ଅନ୍ଟମତୁଂ ୟେ ବୁଲାଇ ବନ କନ୍ଦର ଦେଶୁ ।୫ ।

ହସ୍ତିନା ରାଜ୍ୟଯାକ ଚମତକାର ପଡିଲା
ଦ୍ରିଯୋଧନ ରାଜାକୁ ଶୂନ୍ୟ ପୁରୁଷ ହରି ନେଲା ।
ଯୁଝେଷ୍ଠି ଦେବଙ୍କୁ କହିଲେ ଅରଜୁନ
ଆମ୍ଭ ଅପମାନେ ଦ୍ରିଯୋଧନକୁ ନେଲା ଚିତ୍ରସେନ ।
ଶୁଣିଣ ଯୁଝେଷ୍ଠି ଦେବ ବିଗ୍ରିଲେ
ଆରେ ଅର୍ଜୁନ ତୁ ସାଧ୍ୟ କର ଭଲେ ।
ନୋହିଲେ ମୁହିଂ ମରିବିଟି ତୋହୋର ଯେ ଆଗେ
ନ ମରଇଂ ବୋଲି ବାସୁଦେବଙ୍କ ରାଣ କହିଲି ମୁହିଂ ୟେବେ ।
ଶୁଣିଣ ଅର୍ଜୁନ ଯେ ନାରାଜ ପ୍ରହାରିଲା
ଶରପଥ କରି ସେ ବାଟ ନିରୋଧିଲା ।
ବାଟ ନ ପାଇଣ ସେ ଚିତ୍ରସେନ ଗନ୍ଧର୍ବ
ରଥ ନ ଚଲିଲା ସେ ରହିଲା ଶୂନ୍ୟ ଠାବ ।
ବୋଲଇ ଗନ୍ଧର୍ବ ସେ କଲଇଂ ଭଲ କୃତ
ଗଞ୍ଜିଣ ଅପମାନ ବଚନ କହିଲା ପାଣ୍ଡବନ୍ତ ।
ପାଣ୍ଡଙ୍କର ହିତରେ ମୁଂ ଆଣିଲଇଂ ଧରି
ୟେ ହେଥୁ ନ ବିଗ୍ରି ମୋତେ ପଥ ନିରୋଧନା କରି ।
କେମନ୍ତ କରି ସେ ଦ୍ରିଯୋଧନକୁ ରଖନ୍ତି
ଦେଖିବା ପାଣ୍ଡବଙ୍କର ବଳ ଶଉର୍ଯ୍ୟ ଯେ ମତି ।

ଯେତେ ବିଗୁରି ଗନ୍ଧର୍ବ ପକାଇ ଦେଲା ଭୂମିଗତ
ଶରେ ସାଗର କରି ବାନ୍ଧି ଆଣିଲା ବୀର ପାଥ ।
ଦୁରିଯୋଧନକୁ ସେ ଯେ କୋପେଣ ଛାଡି ଦିଲା
ରଥ ରଖ ଅର୍ଜୁନ ବୋଲି ଦୁରିଯୋଧନ ଶୂନ୍ୟରେ ଡାକ ଦିଲା ।
ତୁଲା ପଟ ପ୍ରାୟେ ଆସି ନବରେ ପଡିଲା ।
ପୂର୍ବ ଅନୁକର୍ମରେ ଯେ ବନ ପର୍ବତେ ଅଛନ୍ତି ବସି
ପୁରୋଚନ ପଣ୍ଡାୟେ ସନ୍ନିଧ୍ୟେ ହୋଇଲେକ ଆସି ।୬ ।
ଧାର୍ମିକ ବିବେକ ବେଦ ଶାହାସ୍ରେଣ ନିର୍ଜିତା
ବେଦ ଆଧ୍ୟାନ ସେ କରଇ ବ୍ରାହ୍ମଣ ମହତା ।୭ ।
କର୍ଣ୍ଣ ପଚାରିଲେ ତୁମ୍ଭେ କାହିଁର ପଣ୍ଡା ହେ
ବନସ୍ତେ ଭ୍ରମୁଅଛ ହୋଇଣ ନିର୍ଭୟେ ।୮ ।
ବ୍ୟାଘ୍ରର ଭାଲୁକେଣ ତୁମ୍ଭେ ନ କର କି ଶଙ୍କା
ଯେ ଘୋର ବନସ୍ତେ ତୁମ୍ଭେ ବୁଲ କିଂପେ ଯେକା ।୯ ।
ପୁରୋଚନ ବୋଇଲା ତୁମ୍ଭେ କାହିଁର ନରପତି
ହତ ରାଜ୍ୟ ପ୍ରାୟେ ତୁମ୍ଭର ଭାଲୁଣି ଯେ ମତି ।୧୦ ।
କର୍ଣ୍ଣ ବୋଇଲେ ତିମ୍ଭେ ଶୁଣ ହୋ ଦ୍ୱିଜବର
ପଞ୍ଚୁ କଟକେ ଆଧିପତି ଯେ ଦୁରିଯୋଧନ ମହାବୀର ।୧୧ ।
ଯେହାର ବଡ କଷ୍ଟ ଶତ୍ରୁର ଉପଦର୍ପେ
ଅନେକ ବିଷରଇ ରାଜା ବଇରି ମତ୍ତ ଗର୍ବେ ।୧୨ ।

ତକ୍ଷଣେ ଉଠାଇ ଆଣିଲା ଫାଲଗୁନି
ବୋଇଲା ଅର୍ଜୁନରେ ବର ମାଗ ଯେହିକ୍ଷଣି ।
ବୋଇଲା କି ବର ମୁକୁଇ ଦେବୁ ମାଗିବି ତୋତେ
ତୋହୋର ଅନର୍ଘ୍ୟ ମୁକୁଟ ଯେବେ ଦେବୁ ମତେ ।
ସତ୍ୟ ସତ୍ୟ ବୋଇଲା ଦେବୀ ଦୁରିଯୋଧନ
ଯେତେବେଳେ ମାଗିବୁ ସତ୍ୟ ଯେ ବଚନ ।
ସତ୍ୟ ମନାଇ ଚଳିଲା ଧର୍ମ ଦେବ
ଆପଣା ଶତ୍ରୁକୁ ପର ମାରୁଥିଲେ ତହିଁକି କଲେ କ୍ରୋଧ ।
ଅଣାକାର ପୁରୁଷ ଛଳ ସ୍ନେହ ନାହିଁ
ରେରେ କାର ବଚନ କରି କ୍ରୋଧ ଯେ କରଇ ।
ଯେମାନ ସହିବାରେ ପୁଣ ସ୍ୱର୍ଗଗାମୀ ହୋଇବେ
ସେହି ଶରୀର ଘେନି ସେ ସ୍ୱର୍ଗକୁ ଚଳି ଯିବେ ।
ଶୁଣ ହେ ସୁଗଂ୍ୟ ଜନ ଯୁଦ୍ଧେଷ୍ଠିଙ୍କର ମହିମା
ଶତ୍ରୁ ମରନ୍ତେ ନାଶ କରାଇ ଆପଣା ନିଜ ଆତ୍ମା ।
୬ ।୧ ଆହୋ ଦୁରିଯୋଧନ ମୂଳେ ଦୁଷ୍ଟେ ପର୍ବତେ ଛନ୍ତି ବସି ।
୯ ।୨ ଯେକାକୀ ଆସୁ ଅଛନ୍ତି ବନସ୍ତ ଭିତରେ ।
ବିଚକ୍ଷଣ ବିବେକ ଧାର୍ମିକ ମହାରାୟେ
କେତେକ ଶତ୍ରୁ ସେ ତାହାକୁ ତୋହୋର ଯେତେକ ଭୟେ ।୧୩ ।
ରଥ ଗଜ ଅଶ୍ୱ ପାଦାନ୍ତି ବଳ ତାର କେତେ

ସର୍ବେ ମାଆ ରାଣ୍ଡ ପାଞ୍ଚ ଗୋଟି ପୁତ୍ରେ ।୧୪ ।
ପୁରୋଚନ ବୋଇଲା ଯେତେକ ଛାରକୁ
ବେଢ଼ିଣ ମାରି କି ହୋ ନ ପାରିଲା ତାହାକୁ ।୧୫ ।
ଦ୍ରିଯୋଧନ ବୋଇଲା ତାଙ୍କୁ ପ୍ରାକର୍ମେ ନୋହୁ ସରୀ
ଯୁଦ୍ଧେଣ ବଳବନ୍ତା ପ୍ରାକର୍ମେ କେଶରୀ ।୧୬ ।
ପୁରୋଚନ ବୋଇଲା ମୋହୋର ଅଛି ନି ଉପାୟେ
ମୁହିଁ ତାହା ନାଶ କରି ପାରଇ କୁରୁରାୟେ ।୧୭ ।
ୟେମନ୍ତ ଶତ୍ରୁ ସେ ତୁମ୍ଭର ତାହାକୁ ୟେଡେ ଭୟେ
ଯାହା କହିବି ମୁଁ କରିବି କଥାୟେ ।୧୮ ।
ଗ୍ରାମ ଗୋଟିୟେ ମାତ୍ରକ ତୁ ତାହାକୁ ଛାଡିବୁ
ଜଉ ସଜଳସ ଗୁଆଘୃତ ଛଣପଟ ମୋତେ ଦେବୁ ।୧୯ ।
ଜତୁର ଘରେକ ମୁଁ ଭିଆଇବି କୂଟେ
ଜଉ ସଜଳସ ଗୁଆଘୃତ ଛଣପଟେ ।୨୦ ।
ଆହୋ ପାଣ୍ଡବନ୍ତ ରୁହାଇବୁ ସେ ଘରରେ ଆଣି
ନିଦ୍ରା କାଳେଣ ଜାଳି ଦେବଇଁ ମୁହିଁ ୟେ ରୟେଣୀ ।୨୧ ।
ଜତୁର ଘରେ ଦହନ ହୋଇବେ ପଞ୍ଚୁ ବୀରେ
ୟେକାଙ୍ଗ ରାଜା ତୁ ହୋଇବୁ ପଞ୍ଚୁ କଟକରେ ।୨୨ ।
ଶୁଣିଣ ପରମ ସାନନ୍ଦ ହୋଇଲା କୁରୁପତି
ବ୍ରାହ୍ମଣକଇଁ ସମ୍ଭାଳିଲା ଅନେକ କରି ପ୍ରୀତି ।୨୩ ।
ବୋଇଲା ୟେହି ବାରୁଣାବନ୍ତ କଟକ ଯେ ମୋହୋର ରାଜ୍ୟ
ତୋହୋର ଆଗ୍ୟାଂହେ ୟେହା ଛାଡିଲି ହୋ ଦ୍ୱିଜ ।୨୪ ।
ଅନେକ ରତ୍ନ ଦେଇ ସେ କଲାକ ଗଉରୋବ
ଆତ୍ମାହୁଂ ଅଧିକ ସେ ହୋଇଲା ପ୍ରିୟ ଭାବ ।୨୫ ।
ଜଉ ସଜଳସ ଗୁଆଘୃତ ଛଣପଟ
ୟେ ଗରିଙ୍କି ମର୍ଦ୍ଦି ପୁରେକ ନିର୍ମିତ କଲା କୂଟ ଯେ କପଟ ।୨୬ ।
ବିଚିତ୍ର ଲେଖନ ଉପରେ ନିର୍ବାଣି
ଲମ୍ଭ୍ରନ୍ତି ଅଷ୍ଟ ରତ୍ନେ ମୁକୁତା ଝରାମଣି ।୨୭ ।
କାନ୍ଥ ଗଳ ସେ ରୁଅ ବତା ଆଦି କରି
ଜଉ ସଜଳସ ଗୁଆଘୃତ ଛଣପଟେ ଜଡି ।୨୮ ।
ଭିତରେଣ ସମାନ ଉପରେ ବିଚିତ୍ର କମ
ଝଲକନ୍ତି ମଣି ରତ୍ନ ଚିରାଳ ଉତ୍ତମ ।୨୯ ।
ସୁବର୍ଣ୍ଣର କଳସ ଯେ ବସାଇ ଉପରେ
ପୁର ନିର୍ବାଣ କଲା ବ୍ରାହ୍ମଣ ପାଞ୍ଚ ବରଷରେ ।୩୦ ।
ଯୁଦ୍ଧେଷ୍ଠିଙ୍କି ହକାରୀ ଯେ ବୋଇଲେ ଧୃତରାଷ୍ଟେ
ବାବୁ ତୋହୋର ଥିବା ନ ଯୋଗାଇ ହସ୍ତିନା କଟକେ ।୩୧ ।
ବାବୁ ଭୀମସେନ ଦ୍ରିଯୋଧନ ହୋଇଲେ ଅନେକ ଅପ୍ରୀତି
ଦ୍ୱନ୍ଦ ହୋଇବ ବାବୁ ନ ରହ ତୁ ୟେଥି ।୩୨ ।
ତୁମ୍ଭନ୍ତ ଛାଡିଲୁ କଟକ ବାରୁମାବନ୍ତେ
ସୁଖେଣ ରାଜ୍ୟ ଭୋଗ କର ପଞ୍ଚୁ ଭ୍ରାତେ ।୩୩ ।
ଯୁଦ୍ଧେଷ୍ଠି ବୋଇଲେ ଆମ୍ଭେ ଆଦ୍ୟହୁଂ ବନଚର

ଜନ୍ମହୁଁ ବଢିଲୁ ଆମ୍ଭେ ଶତଶିଂଗ ପର୍ବତର ।୩୪ ।
ଯେ ତୋହୋର ଆଗ୍ୟାଂ ଶିରେ ଧରି ମାନୁ ଆମ୍ଭେ ପଞ୍ଚୁ ଭ୍ରାଥେ
ବାରୁଣାବନ୍ତ ରାଇଜେ ତତ ରହିବୁ ନିଶ୍ଚିନ୍ତେ ।୩୫ ।
ଧୃତରାଷ୍ଟ୍ରର ଆଗ୍ୟାଂ ଶିରେ ନିରାଧାର କରି
ଶୁଭ ଅନକୂଳ ଯୋଗ ଲଗ୍ନ ଯେ ବିଚାରି ।୩୬ ।
ମାର୍ଗଶୀର କଷ୍ଣପକ୍ଷ ପ୍ରତିପଦା ଚନ୍ଦ୍ରବାର
ବୃଷରାଶିକୁ ଭୋଗ ଯେ ଅଟଇ ସେ ଦିନର ।୩୭ ।
ତୈତିଳ ନାମେ କରଣ ଶିବ ନାମେ ଯୋଗ
ତାର ଚନ୍ଦ୍ରର ବଳ ଶଶୀ ରୋହିଣୀ ଘରେ ଭୋଗ ।୩୮ ।
ଯେସନେକ ଶୁଦ୍ଧ ଶୁଭ ଯୋଗ ଅନକୂଳେ
ବାରୁଣାବନ୍ତକୁ ଅନକୂଳ କଲେ ଶୁଭଲଗ୍ନ ବେଳେ ।୩୯ ।
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
କୋଇନ୍ତାକୁ ଘେନି ଚଲିଲେ ପଞ୍ଚୁ ଯେ ପାଣ୍ଡବ ।୪୦ ।
ପ୍ରବେଶ ଯୁଝେଷ୍ଠି ଯାଇ ବାରୁଣାବନ୍ତ ପ୍ରଶସ୍ତେ
ଜତୁର ଘର ଦ୍ୱାରେ ଯେ ରହିଲେ ପଞ୍ଚୁ ଭ୍ରାଥେ ।୪୧ ।
ଦେଖନ୍ତି ଭୁବନ ଯେ ଅତି ପରିମଳ
ସୁବର୍ଣ୍ଣର କଳସ ଯେ ବସଇ ଢଳହଳ ।୪୨ ।
ଚଉଂରୀ ନବର ବିସ୍ତାର ଭିଆଣ ସାତପୁର
ଖଞ୍ଜିତ ରତ୍ନ ମଣି ମାଣିକ୍ୟ ବିସ୍ତାର ।୪୩ ।
ସୁବର୍ଣ୍ଣର ପାତିଆ ଯେ ଉପରେ ଛାୟେଣୀ
ମରକତ ବଇଡୁର୍ଯ୍ୟ ଗଜଦନ୍ତ ଶୁଦ୍ଧମଣି ।୪୪ ।
ପୀଢାର ଉପରେଣ ମାଣିକ୍ୟ ପୁଞ୍ଜୀ ପୁଞ୍ଜୀ
ବାଳ ଆଦିତ୍ୟର ତେଜ ପ୍ରଭାତେଣ ଗଞ୍ଜି ।୪୫ ।
ପୀଢାର ଉପରେଣ ନିର୍ବାଣ ଯେ ଅଷ୍ଟରତ୍ନ କମ
ଦେଖିଣ ଅନେକ ଉଷତ ଯେ ହୋଇଲେ ବୀର ଭୀମ ।୪୬ ।
ଭୀମସେନ ବୋଇଲେ ଯେ ବଡ ସୁସଞ୍ଚ ଭୁବନ ଗୋଟି
ବାରସ୍ତ୍ରୀ ଭୁବନ ଜାଣି ତେଜ ଯେହାର ଫୁଟି ।୪୭ ।
ଯୁଝେଷ୍ଠି ବୋଇଲେ ବାବୁ ଭିତରେଣ ପଶ
କେମନ୍ତ ସରୂପ ତାହା ତୁ ବିଚାରିଣ ଆସ ।୪୮ ।
ଯୁଝେଷ୍ଠିଙ୍କ ଆଗ୍ୟାଂ ପ୍ରମାଣେ ମାରୁତି
ଜତୁର ଘର ଭିତରେ ପଶିଲା ତତକ୍ଷଣାନ୍ତି ।୪୯ ।
କଣାୟ ପତ୍ର ରସାଣି ଅନେକ ରତ୍ନ ଖଞ୍ଜି
କି ଅବା ବାରାନିଧି ଘେନି ଲକ୍ଷ୍ମୀ ଯେଥି ଭଜି ।୫୦ ।
ଭୀମସେନ ବୋଇଲା ସ୍ତ୍ରୀମୀ ଶୁଣ ରାଜଦେବ
ଯେତେ ଦୟା କିଂପେ କଲା ମାନଗୋବିନ୍ଦ କେଉଂଣ ପ୍ରସ୍ତାବ ।୫୧ ।
ଯେ ମଧ୍ୟ ସ୍ତ୍ରୀର୍ଗରେଣ ଯେମନ୍ତ ଦେଖିଲା ମୋର ନାହିଂ
ମୁହିଂ ଆଶ୍ରିଜ ହୋଇଲେ ଯେ ପୁରକଇଂ ଗାହିଂ ।୫୨ ।

୪୩ ଶ୍ଥଗ୍ରିପାଖେ ଲମ୍ବ୍ରନ୍ତି ମୁକୁତର ହାର
ଶ୍ଥଦେଖନ୍ତି ମଣିଗଣ ଯେ ମାଣିକ୍ୟ ଅପାର ।
୫୦ ।୨ଶ୍ଥ କି ଅବା ବାରସ୍ତ୍ରୀ ତହିଁକି ଲାଗିଅଛି ।
ଶ୍ଥ କି ଅବା ବାରାନିଧି ତଥିକି ଲାଗିଅଛି ।
ଧୃତରାଷ୍ଟ ପୁଅଙ୍କୁ ମୋର ଅନେକ ରାଗ ଥିଲା
ଯେ ଦିବ୍ୟ ଭୁବନ ଦେଖନ୍ତେ ଦେବ ସମସ୍ତ ପାଶୋର ଗଲା ।୫୩ ।
ଯୁଦ୍ଧେଷ୍ଠି ବୋଇଲେ ଯେ ସେ ମୂର୍ଖ ପ୍ରାଣୀ
ପଣ୍ଡିତ କଥା ସେ ଯେ କେବେହେଁ ନ ଶୁଣି ।୫୪ ।
ଆପଣେ ବିଜେ କଲେ ଜଉ ଘରର ଭିତରେ
ପୁର ପରିମଳ ଜାଣନ୍ତି ପଞ୍ଚୁ ବୀରେ ।୫୫ ।
ଚନ୍ଦ୍ରଶାଳା ପୁରେ ଚଉଂରୀ ଭୁବନ
ଦକ୍ଷିଣ ଜଗତୀ ଯେ ନାନାବିଧ ରତ୍ନ ଚିହ୍ନ ।୫୬ ।
ମେଢକ ନିର୍ବାଣ ଯେ ଦେଖିଣ ତୋଷମତି
ବିଶ୍ୱେଶ୍ୱର ଆସନ କି ଅମର ବାରସ୍ତ୍ରୀ ।୫୭ ।
ଭିତରେଣ ଥାଇ ଜଉ ଗୁଆଘୃତ ଛଣପଟ ଜଡି
ଉପରେ ସୁବର୍ଣ୍ଣ ରସାଣ ପତ୍ର ଅଷ୍ଟରତ୍ନେ ଖଞ୍ଜଣି କରି ।୫୮ ।
ଦେଖନ୍ତି ସୁସଞ୍ଚ ଯେ ଅତ୍ୟନ୍ତ ଅମୂଲ୍ୟ
କୁବେର ଅଳକା ଭୁବନେ ଯେ ନୋହଇ ସମତୁଲ ।୫୯ ।
ପ୍ରତକ୍ଷେ ପରିମଳ ସେ ଦେବ ଭୁବନ ପ୍ରାୟେ
ଦେଖିଣ ପରମ ସାନନ୍ଦ ସେ ଧର୍ମର ତନୟେ ।୬୦ ।
ଯୁଦ୍ଧେଷ୍ଠି ବୋଇଲେ ହୋ ଆମ୍ଭେ ପଞ୍ଚୁ ଭ୍ରାଥେ
ଆମ୍ଭର ମାତା ଅଛନ୍ତି କୋନ୍ତ ଭୋଜର ଦୋହିତେ ।୬୧ ।
ଯେହେନେକ ପୁର ଯେ ନିର୍ବାଣ କଲା ଦ୍ରିଯୋଧନ
କାହାର ବିଗ୍ରକୁ ଯେହା ଦିଶଇ କେସନ ।୬୨ ।
ମାୟେ ବୋଇଲେ ବାବୁ ଯେ ବଡ ସୁସଞ୍ଚ ପୁରୀ
ଦ୍ରିଯୋଧନ ବଡ ସଦଭାବେ ଯେହା ନିର୍ବାଣ କରି ।୬୩ ।
ତାହାର ହୃଦେ ଯେ ଆମ୍ଭଙ୍କୁ ନାହିଁ ପାପ ବାଧା
ମାନଗୋବିନ୍ଦ ଯେ ପୁର କରାଇଲା ବହିଣ ଶରଧା ।୬୪ ।

---

୫୫ ।୨ ପୁର ସୁସଞ୍ଚ ଦେଖି ବିଗ୍ରନ୍ତି ପଞ୍ଚୁ ବୀରେ ।
ଶ୍ଥ ମେଢକ ନିର୍ବାଣ ପଛିମ ଦ୍ୱାର କତି ।
୫୬ ।୧ ଶ୍ଥ ମେଢ ନିର୍ବାଣ ଆବର ଦକ୍ଷିଣ ଜଗତୀ ।
ଭୀମସେନ ବୋଇଲା ଦେବ ଯେ ଅତିଥି ସୁସଞ୍ଚ ପୁରୀ
ଅନେକ ପ୍ରିୟ ଭାବେ ଯେହା ନିର୍ବାଣିଲା ଦଣ୍ଡଧାରୀ ।୬୫ ।
ଯେବେ ସେ ଜାଣିଲି ଦ୍ରିଯୋଧନର ନିକଳଙ୍କ ହିୟା
ସୋଦ୍ରିମା ପଣ ଦେବ ପାଳିଲା କୁରୁନାହା ।୬୬ ।
ଅର୍ଜ୍ଜୁନ ବୋଇଲା ଦେବ ଦ୍ରିଯୋଧନ ଅଟଇ ଭଲ
ବଢିଲା ପିରତୀ ଦେବ ହୋଇଲା ସମତୁଲ ।୬୭ ।
ସୋଦ୍ରିମା ପଣ ଦେବ ଜାଣିମା କେମନ୍ତେ

ଭଲ ବାଞ୍ଛା କରଇ ଦେବ ତାହାର ହୃଦଗତେ ।୬୮ ।
ଅଭାବକୁ ଭାବ ଯେବେ କରନ୍ତି ଯେବଣ ପ୍ରାଣୀ
ସୁଜନ ସଙ୍ଗତରେ ତାହାନ୍ତଇଂ ଗଣି ।୬୯ ।
ସୋଦର ସୋଦ୍ରିମା ପଣ ଜାଣିମା କେମନ୍ତେ
ଧନ ପ୍ରାଣ ଭାରିଯା ଭାବଇ ହୃଦଗତେ ।୭୦ ।
ନକୁଳ ବୋଇଲା ଦେବ ତାର ନିକଳଙ୍କ ହିୟା
ତେଣୁ ସେ ଦ୍ରିଯୋଧନ ଆମ୍ଭଙ୍କୁ ଦେଲା ଯେହା ।୭୧ ।
ସେ ମଲା ଧାର୍ମିକ ବିବେକ ସୋଦ୍ରିମ
ଆମ୍ଭନ୍ତ ସମ୍ଭାଳିଲା ଅଟଇ ତାର ଧର୍ମ ।୭୨ ।
ସହଦେବ ବୋଇଲା ଦେବ ବଡ ସୁସଞ୍ଚ ପୁର
ଅତି ଅନନ୍ତ ଅଲେଖ ସେ କଣୟ ବିସ୍ତାର ।୭୩ ।
ଦ୍ରିଯୋଧନ ଆମ୍ଭଙ୍କୁ କାହିଂ ଯେତେକ ସୁହୃଦେ
କପଟ ପ୍ରାୟେ ଦେବ ବୁଝଇ ମୋହୋର ହୃଦେ ।୭୪ ।
ଯୁଝେଷ୍ଠି କୋଳ ଯେ କଲେ ସହଦେବଙ୍କୁ
ତୋହୋର ପ୍ରସାଦେ ବାବୁ କାରଣ ଅଛଇ ମୁକୁ ।୭୫ ।
ସହଦେବଙ୍କୁ ଘେନି ଯେକାନ୍ତ ହୋଇଲେ ଯୁଝେଷ୍ଠି ଦେବ
ବାବୁ କେମନ୍ତ କପଟରେ କହସି ସହଦେବ ।୭୬ ।

---

୭୨ ।୨ ଆମ୍ଭନ୍ତ ସମ୍ଭାଳିଲା ତାହାର ଯେମନ୍ତ ମହିମା ।
୭୩ ।୨ ଅଷ୍ଟରତ୍ନେ ଅଲେଖ ଦେବ ଅନେକ ବିସ୍ତାର ।
୭୫ ।୨ ଶ୍ଥ ଯେତେକ ସୋହୋଦ୍ରେ ବାବୁ କାରଣ ଅଛଇ ମୁକୁ ।
ଶ୍ଥ ତୋହୋର ପ୍ରସାଦେ ବାବୁ ମୁକୁତ ଅଛଇ ମୁକୁ ।
୭୬ ।୨ ବାବୁ କେମନ୍ତ ଗୋପ୍ୟାନ କଥା କହସି ସହଦେବ ।
ସହଦେବ କହଇ ପୁରୋଚନ ନାମେ ଦ୍ରୁଜ
ତାହାର ଭିଆଣ ଯେ ଅଟି ଧର୍ମରାଜ ।୭୭ ।
ଜଉ ସଜଳସ ଛଣପଟ ଗୁଆଘୃତ ଭରି
ଯେହାର ସଂଯୋଗେଣ ଘର ନିର୍ବାଣ ଯେ କରି ।୭୮ ।
କାନ୍ଥ ଗଳ୍ଡ ରୁଅ ବଗ ଆଦି କରି
ଜଉ ସଜଳସ ଗୁଆଘୃତେ ଜତି ।୭୯ ।
ନିଦ୍ରା କାଳେ ଯେଥି ଲଗାଇବ ଜୁଇ
ଯେମନ୍ତ ଭିଆଣ କରିଅଛି କୁରୁସାଇଂ ।୮୦ ।
ଯୁଝେଷ୍ଠି ମନେ ମନେ ସୁମରନ୍ତି ଧର୍ମ ଧର୍ମ
ବାବୁ ଗୋପ୍ୟ କର ନି ଯେ କଥା ନ ଜାଣୁ ବୀର ଭୀମ ।୮୧ ।
ଜାଣିଲେ ଯେକ୍ଷଣି ଦ୍ରୁନ୍ଦ ଯେ କରିବ ସାଂଗ୍ରାମ
ଦ୍ରିଯୋଧନ ଶତେ ଭାଇଙ୍କି ମାରିବ ଅତି ତମ ।୮୨ ।
ଧୃତରାଷ୍ଟ ପୁଅନ୍ତ ସେ ସବୁନ୍ତି ମାରିବ
ଅନ୍ଧରାଜା ଗୋଟି ଯେ ଅନାସ୍ତ ହୋଇବ ।୮୩ ।
ବାବୁ ସେ ଅବା କପଟ କଲା ନ ବିଗ୍ରି
କେମନ୍ତେ ଧର୍ମେ ଆମ୍ଭେ ହୋଇବା ଯେଥୁଂ ପାରି ।୮୪ ।

ସହଦେବ ତୂନୀ ହୋଇଲେ ଯୁଝେଷ୍ଠିଙ୍କି ବଚନେ
ରହିଲେ ଜଗବନ୍ଧନ ବାରୁଣାବନ୍ତ ସ୍ଥାନେ ।୮୫ ।
ତ୍ରୀଡନ୍ତି ବିହଡନ୍ତି ଘୋର ବିପଟ ବନ ଭେଦି
ମାରନ୍ତି ବରେହା ହରିଣ ବାହୁଟିଆ ବନଚର ଖେଦି ।୮୬ ।
କୁତୂହୋଳେ ବେଣ୍ଟେ ବିହଡନ୍ତି କୁରୁଳି
ଯେସନେକେ ସିଂଘ ବନେ ନିର୍ଭୟେ ହୋଇ ଖେଳି ।୮୭ ।
ମୃଗ ବାହୁଟିଆ ଗଣ୍ଟା ଜୀବ ମାନ ଧରି
ଧୃତରାଷ୍ଟଙ୍କ କତିକି ଯାଆନ୍ତି ପକ୍ଷକେ ଦ୍ରଶନ କରି ।୮୮ ।
ପୁରୋଚନ ରାଇଣ ପଠାରଇ ଦ୍ରିଯୋଧନ
ପାଣ୍ଡଙ୍କର ମୃତୁକୁ ଅଛିଟିକି ବିଧାନ ।୮୯ ।

---

୮୭ ।୧ ଶ୍ଥ କଉତୁକେ ବିନୋଦ କରନ୍ତି ପାଞ୍ଚ ଭାଇ ।
ଶ୍ଥ କୁତୂହୋଳେ ବନ ପର୍ବତ ଉଛୁଳି ।
ପୁରୋଚନ ବୋଇଲା ମୁଁ ଗଙ୍ଗାକୂଳୀୟା ଦ୍ୱିଜ
ଅଥର୍ବ ବେଦୀ ବ୍ରାହ୍ମଣ ମୁଁ ସମସ୍ତ ବିଦ୍ୟାରେ ଗ୍ରାହିଜ ।୯୦ ।
ଯେଉଣିସି ପ୍ରକାରେ ଯେ ନାଶିବା ଶ୍ରତ୍ରୁକୁ
ତହିଁକି ଅଧର୍ମ କିଛି ନାହିଁ ନା ତୁମ୍ଭଙ୍କୁ ।୯୧ ।
ବିଷ ଯୋଗାଡେକ ଯେବେ ଭିଆଇବି ମୁହିଁ
ଭୀମାକୁ ପରଷିବା ଭାବେଣ ଭୁଞ୍ଜାଇ ।୯୨ ।
ଶୁଣି କରି ହରଷ ହୋଇଲା ଦ୍ରିଯୋଧନ
ବେଗ କରି ଯେହା କର ହୋ ବ୍ରାହ୍ମଣ ।୯୩ ।
ରାଇଜ୍ୟକୁ ରୁହାଇବୁ ତୋହୋର ବୁଦ୍ଧିମତେ
ପ୍ରଥମେ ଯେ କଥା ହୋ କର ଯଥା ଅର୍ଥେ ।୯୪ ।
ଯେଥୁ ଅନ୍ତେ ସଞ୍ଜଯେ ବିଦୁର ଭୂରିସର୍ବା ଭୀଷ୍ମ ସହିତ
କର୍ଣ୍ଣ ଅଶସ୍ତମା ଶଲ୍ୟ ଶଙ୍କୁନି କୃପ ମାନନ୍ତ ।୯୫ ।
ଯେହାନ୍ତ ବସାଇଣ ସେ ଯେ ଭାଳନ୍ତି ଧୃତରାଷ୍ଟ
ରାଜ୍ୟକଇଂ ଅଯୋଗ୍ୟ ମୁଁ ନୟନ ମୋର ଭ୍ରଷ୍ଟ ।୯୬ ।
ବ୍ୟାସେ ଦୁର୍ଭାସା ଅନୁରାଗେଣ କରି
ପୁଅନ୍ତ ପାଇଲି ମୁଁ କ୍ଷତ୍ରିୟ ଦୁର୍ଭାରି ।୯୭ ।
ପୁଅ ଗୋଟିୟେ ଅଭିଷେକ କରାଇବି ରାଜ୍ୟକୁ
ଧର୍ମ ସରୂପ ବିଚାରି କହିବ ଜାଣ ମୁକୁ ।୯୮ ।
ଭୟ ଉପ୍ରୋଧ ଦୁହିଙ୍କି କର ତୁମ୍ଭେ ପରିତେଜ୍ୟା
ଯେ ପଞ୍ଚୁ ରାଜ୍ୟକୁ ହୋ କେହୁ ହୋଇବ ମହାରାଜା ।୯୯ ।
ଶୁଣିଣ ସମସ୍ତ ଯୋଧାୟେ ହୋଇଲେକ ତୂଷ୍ଣୀ
ଭୂରିସର୍ବାୟେ ବୋଇଲେ ଶୁଣ ଧୃତରାଷ୍ଟି ।୧୦୦ ।

---

୯୫ ।୨ ଯେହାନ୍ତ ଘେନିଣ ଭାଲଇ କୁରୁନାଥେ ।
୯୬ ।୨ ରାଜ୍ୟକଇଂ ଅଯୋଗ୍ୟ ମୁଁ ନୟନ ମୋର ଭ୍ରଷ୍ଟ ।
ଧୃତରାଷ୍ଟ ବୋଇଲେ କିଛିହିଁ ନାହିଁ କୋପ

ଯେସନେକେ ବହୁତ ବିଚାରକୁ ଆସଇ ସରୂପ ।୧୦୨ ।
ଆହୋ ସବୁନ୍ତି ବସାଇ ବଦୟନ୍ତି ସୋମବଂଶୀ ଜ୍ୟେଷ୍ଠ ଭୂରିସର୍ବା
ଆମ୍ଭର ବିଚାରକୁ ଯୋଗାଇ ଯୁଦ୍ଧେଷ୍ଠିଙ୍କି ରାଜ୍ୟ ଦେବା ।୧୦୩ ।
ଯାହାର ବଚନକୁ ଭଜଇ ସଂସାର
ତାହାକଇ ଆସଇ ଯେ ଯୁଗତେ ରାଜ୍ୟ ଭାର ।୧୦୪ ।
ଆମ୍ଭନ୍ତ ଘେନି ଯେବେ ଭାଳିଲୁ କୁରୁନାଥ
ଆମ୍ଭର ବିଚାରକୁ ଯେ ଯୋଗାଇ ୟେମନ୍ତ ।୧୦୫ ।
ଯୁଦ୍ଧେଷ୍ଠି ଥିଲେ ତୋହୋର ଦୁରିଯୋଧନ ନାହଇ ରାଜା
ଯୁଦ୍ଧେଷ୍ଠିଙ୍କି ଭଜଇ ସଂସାର ଜନ ପ୍ରଜା ।୧୦୬ ।
ଅଳପ ଦୋଷେ ଯେବେ ବହୁତ କରଇ କୋପ
ଦୁର୍ଭାର ଭାର ସେ ଜାଣ କିସ କରିବ ନୃପ ।୧୦୭ ।
ପ୍ରତଗ୍ୟାଂ ଦର୍ପେ ଅବା ଦୁରିଯୋଧନକଇଂ କରିବୁ ତୁ ରାଜା
ଅନେକ ଦେଶ ଭାଞ୍ଜିବ ଯେ ପଳାଇବେ ଜନ ପ୍ରଜା ।୧୦୮ ।
ଜ୍ୟେଷ୍ଠ ପୁତ୍ର ଥାଉଂ କନିଷ୍ଠ ପୁତ୍ର ନୋହଇ ରାଜ୍ୟ ନୃପା
ଅଦଛ ପୁତ୍ର କି ସେ ତାହାକୁ ଭାଞ୍ଜିବୁ ତୁ ତାହାର ବାପ ।୧୦୯ ।
ଯୁଦ୍ଧେଷ୍ଠିଙ୍କି ରାଜ୍ୟ ଦିଲେ ୟେ ୟେକ ରାଜ୍ୟ ହୋଇବ
ନିର୍ଦ୍ଧ୍ରନ୍ଦ ହୋଇଣ ସୁବିଧାନେ ଦିନ ଯିବ ।୧୧୦ ।
ତୁ ଅବା ବେଳେ ଆମ୍ଭର ବୋଲ ଭାଞ୍ଜିବୁ ଧୃତରାଷ୍ଟ
ଆପଣେ ଛତ୍ର ଉଡାଇ ବସିବ ସେହୁ ପାଟ ।୧୧୧ ।
ୟେକା ରାଇଜେ ହୋ ଦୁଇଦଣ୍ଡ ହୋଇଲେ
ଅନେକ ଦ୍ଧ୍ରନ୍ଦ ହୋଇବ ଦିନ ନ ଯିବଟି ଭଲେ ।୧୧୨ ।

---

୧୦୨ ।୧ ଧୃତରାଷ୍ଟ ବୋଇଲେ କିଛିହିଂ ନାହିଂ ଦୋଷ ।
୧୦୨ ।୨ ୟେସନେକ ବିଚାର ତୁମ୍ଭଙ୍କୁ ଦିଶଇ ତ ।
୧୦୭ ଶଠ ଦୁର୍ଭାର ଅପାଳକ ସେ ଅଟେ କିସ ନୃପ ।
ଶଠ ଦୁର୍ଭାର ଅଗ୍ନି ଯେସନେକେ ସେହି ସରୂପ ।
୧୦୯ ।୨ ଅଦଛ-ଅଦକ୍ଷ, ଅକୁଶଳ ।
ତୋତେ ସେ ରାଇଜ ପଦ ଦିଲେ ଶାୟେଂତନୁର ତନୁ
ବଳେ ତୋର ରାଜ୍ୟ ଘେନିଲାଟି କାଳ ଯେ ଦମନୁ ।୧୧୩ ।
ପଳାଇ ପଶିଲୁ ଯାଇ ତୁ ଶତଶିଂଗ ପର୍ବତେ
ମାଡିଣ ବସିଲା ରାଜ୍ୟ ଦମନ ପଞ୍ଚଇ ପ୍ରଶସ୍ତେ ।୧୧୪ ।
ପଣ୍ଡୁ ଯେ ସେ ବେଳେ ତପସ୍ୟାୟେ ହୋଇଥିଲେ ଅଗ୍ନିୟାନ
ରାଜ୍ୟ ସୁଖେ ଭୋଗ କଲା କାଳ ଯେ ଦମନ ।୧୧୫ ।
ପଞ୍ଚଦଶ ବରଷ ଯହୁଂ ପଣ୍ଡୁର ସପୂର୍ଣ୍ଣ ହୋଇଲା
ଭାଗ୍ୟବର ତୋଷି ଅନେକ ବିଦ୍ୟା ସାଧ୍ୟ କଲା ।୧୧୬ ।
କାଳଦମନର ତୁଲେ ଅନେକ ଘୋର ଯୁଦ୍ଧ
ପଣ୍ଡୁ ତାହାଙ୍କୁ ଜିଣିଲା ତେତିଶ ଦିନର ମଧ୍ୟ ।୧୧୭ ।
ଚଉବିଂଶ କ୍ଷେଉଣୀ ଯେ ଦମନର ଥାଠ
ପଣ୍ଡୁର ଶର ଘାତେ ସେ ହୋଇଲେ ମୁଣ୍ଡ କାଟ ।୧୧୮ ।

ପଞ୍ଚ ପୁରୁଷ ଘେନି ସେ ରାଜ୍ୟ ବସିଥିଲା
ପଣ୍ଡୁର ବିଘାତେ ତାର ବଂଶ ନାଶ ଗଲା ।୧୧୯ ।
ତେତେ ବସାଇଲା ଆଣି ହସ୍ତିନା ଭୁବନେ
ତେତେ ସଂପଦ ଦେଇଣ ସେ ପଶିଲା ଘୋର ବନେ ।୧୨୦ ।
ପଣ୍ଡୁର ଅର୍ଜିଲାର ଯେ ଅଟଇ ପଞ୍ଚୁ ରାଜ୍ୟଇ
ତାହାର ପୁତ୍ରକଇଁ ସେ ସଂସାର ଯୋଗାଇ ।୧୨୧ ।
ତୁ ଅବା ଯେ କଥା ହୋ ରାଜା କରିବୁ ଗୁପତ
ସେ ଜାଣି ଅଛନ୍ତି ଯେ ସମସ୍ତ ତଦନ୍ତ ।୧୨୨ ।

---

୧୧୫ ପଦ ପରେ ଭିନ୍ନ ପାଠ:-
ପଣ୍ଡୁ ସେ ବେଳରେ ତପେ ହୋଇଥିଲେ ମଗ୍ନ
ପଞ୍ଚଦଶ ବରଷରେ ହୁଅନ୍ତେ ତପ ପୂର୍ଣ୍ଣ ।
ଭାଗ୍ୟବର ତୋଷି ବିଦ୍ୟା ଅନେକ ପାଇଲା
କାଳଦମନର ତୁଲେ ଘୋର ଯୁଦ୍ଧ କଲା ।
ପଣ୍ଡୁରାଜା ଜାଣଇ ଯେ ଶବଦ ଭେଦୀ ବାଣ
ତେଇଶି ଦିନରେ ଶତ୍ରୁବଳ ହୋଇଲା କ୍ଷୀଣ ।
୧୨୧ ।୨ ପଣ୍ଡୁର ପୁତ୍ରକୁ ସଂସାର ଜନ ଯେ ଭଜଇ ।
ଯୁଦ୍ଧେଷ୍ଠି ଥିଲେ ତେତେ ରାଜ୍ୟଭାର ନାହିଁ
ଯେଥି ମଧ୍ୟେ ଯୁଦ୍ଧେଷ୍ଠିଙ୍କି ସମାର୍ଜି ପାର ଯେବେ ଧର୍ମ କଥା କହି ।୧୨୩ ।
ବିଦୁରେ ବୋଇଲେ ଯୁଦ୍ଧେଷ୍ଠି ହୋଇବେ ଯେବେ ଶାନ୍ତି
ଭୀମ ଅର୍ଜ୍ଜୁନ କିଂପେ ଭଜିବେ ତ୍ରିପୁତି ।୧୨୪ ।
ଶଙ୍କୁନି ବୋଇଲା ମୋର କଥାଯେ ଅଛଇ
ପଣ୍ଡୁର ପଞ୍ଚୁ ପୁତ୍ରକୁ ଯେବେ ନିଶେଷ କରି ମାରଇଁ ।୧୨୫ ।
ତେବେ ସେ ଦ୍ୱରିଯୋଧନ ଯେ ରାଜ୍ୟ ହେବ ରାଜା
ସୁଖେ ଭୋଗ୍ୟ କରିବ ରାଜ୍ୟ ଜନ ପ୍ରଜା ।୧୨୬ ।
ଧର୍ମ ଧର୍ମ ସୁମରି ସମସ୍ତେ ସଭାରୁ ଗଲେ ଉଠି
ପାଣ୍ଡବନ୍ତ ମାରିବାକୁ ବୁଦ୍ଧିଯେ କରଇ ଧୃତରାଷ୍ଟି ।୧୨୭ ।
କୂଟ କପଟ ଭିଆଉଅଛନ୍ତି ଶଙ୍କୁନି ପୁରୋଚନ
କର୍ଣ୍ଣ ଧୁ ଶାସନ ଶତେ ଭାଇ ଦ୍ୱରିଯୋଧନ ।୧୨୮ ।
ବିଷ ଲଡୁର ଯୋଗାଡ ଯେ ଭିଆନ୍ତି ମନେ ଭାଳି
ଧର୍ମ ତେଜ୍ୟା କଲେ ଯେ ଅସତ୍ୟ ପ୍ରତିପାଳି ।୧୨୯ ।
ମନେଣ ବିଚାରନ୍ତି ସେ ଧୃତରାଷ୍ଟ ରାଯେ
କେବଣ ବୁଦ୍ଧି ଯେବେ କରିବା ଉପାଯେ ।୧୩୦ ।
ଯେତୁ ଅନ୍ତରେ ସେ ପଣ୍ଡୁର କୁମରେ
ଭ୍ରମନ୍ତି ମୃଗୟା ବିନୋଦେ ପଞ୍ଚୁ ବୀରେ ।୧୩୧ ।
ଗଣ୍ଡା ଗୋଟିଯେ ମାଇଲେକ ଘୋର ବନେ
ଯୁଦ୍ଧେଷ୍ଠି ବୋଇଲେରେ ଶୁଣ ଭୀମସେନେ ।୧୩୨ ।
ଅପୂର୍ବ ପଦାର୍ଥ ଯେ ନିଅ ହସ୍ତିନାକୁ
ଗଣ୍ଡା ଗୋଟି ନେଇ ଦେଇ ଆସ ଧୃତରାଷ୍ଟ ରାଜାଙ୍କୁ ।୧୩୩ ।

ଯୁଝେଷ୍ଟିଙ୍କର ବଚନେ ସେ ପବନର ଶିଷ୍ଟି
ଗଣ୍ଡା ଗୋଟି ଘେନି ସେ ହସ୍ତିନାକୁ ଆସି ।୧୩୪ ।
ଧୃତରାଷ୍ଟ ସଂଜୟେ ବିଦୁର କୃପ ଅଶସ୍ତମା
ୟେହାନ୍ତ ଘେନି ଭାଳଇ କ୍ଷତ୍ରିୟ ମହାତମା ।୧୩୫ ।
ଧୃତରାଷ୍ଟ ବୋଇଲେ ନ ଭାଞ୍ଜ ତୁମ୍ଭେ ମୋତେ
ତ୍ରେତୟା ଯୁଗେ କେମନ୍ତେ କଲେ ଦଶରଥେ ।୧୩୬ ।
ଶ୍ରୀରୀମଚନ୍ଦ୍ରର ଯେ ଅଟନ୍ତି ଜ୍ୟେଷ୍ଠ ପୁତ୍ର
ତାହାଙ୍କୁ ଛାଡି ରାଜ୍ୟ ଦିଲାକ ଭରଥ ।୧୩୭ ।
ବିଦୁରେ ବୋଇଲେ ସେ ଖଳ ବଚନେ ୟେମନ୍ତ କଲା
ଭ୍ରଥ ରାଜା ନୋହିଲା ଆପଣେ ନାଶ ଗଲା ।୧୩୮ ।
ବିଦୁରେ ବୋଇଲେ ତୁ ନ ଭାଳ ନି ୟୋମାନ
ମନ୍ଦବୁଦ୍ଧି ଭାଳିଣ ପୁଅନ୍ତ କରୁଛୁ ଅନ୍ୟୋଅନ୍ୟ ।୧୩୯ ।
ଆପଣେ କଷ୍ଟି ହୋଇ ମରିବୁ ବଂଶହିଂ ନାଶ ଯିବ
ତୋହୋର ବୁଦ୍ଧିବଳେ ଭ୍ରଥ ୟେମନ୍ତ ହୋଇବ ।୧୪୦ ।
ୟେମନ୍ତ ଭାଳେଣି ତହିଂ ହୋଇବାର ସମୟେ
ଗଣ୍ଡାଗୋଟି ଘେନି ଭୀମସେନ ପ୍ରବେଶ ଆସି ହୋୟେ ।୧୪୧ ।
ବିଦୁରେ ବୋଇଲେ ତାତ ନ ଧର କିଂପା ସୀମା
ଗଣ୍ଡା ଗୋଟି ଘେନି ଦ୍ରଶନ କଲା ଭୀମା ।୧୪୨ ।
ୟେମନ୍ତ ଭଗତି ତୋତେ ହେଉଛନ୍ତି ପୁତ୍ରେ
ୟୋହାକୁ ପାପ ଚିତ୍ତ ତୁ ଧରିବୁ କେମନ୍ତେ ।୧୪୩ ।
ଭଗତି ଲୋକଙ୍କୁ ଯେ ଧରଇ ପାପ କଥା
ଆପଣେହିଂ ନାଶ ଯାଆନ୍ତି ପାପେ ବୁଡନ୍ତି ସର୍ବଥା ।୧୪୪ ।
ୟେ କଥା ମାନ ଯେବେ ମିଥ୍ୟାଟି ହୋଇବ
ୟେ ସଂସାର ଜନ ଆଉ କେମନ୍ତେ ବ୍ରତିବ ।୧୪୫ ।
ପୂର୍ବର ପାତକେଣ ୟେବେ ହୋଇଲୁ ହୀନ ଚଛୁ
ୟେ ଜନ୍ମେ ପୁଣି ପରେ ପ୍ରମାଦ ଚିନ୍ତୁଅଛୁଂ ।୧୪୬ ।
ୟେମନ୍ତ ପାତକ କଲେ ଉଫରକୁ ନାହିଂ ତ ସଦଗତି
ନର୍କ ହିଂ ସେ ଅଛିଟି ତୋତେ ନାଶକର ଶାସ୍ତି ।୧୪୭ ।
ବିଦୁର ବଚନେ ଅନ୍ଧ ଉଠିଲା ସିର ଝୁଣି
ଖଣ୍ଡା ୟେକ ଘେନି ଆସଇ ବିଦୁରକୁ ହାମି ।୧୪୮ ।
କୋଳ କରି ଧଇଲେ ସେ ଅଶସ୍ତମା କୃପେ
ରହ ରହ ନୃପତି କିଂପେ ୟେତେକ ପରିତାପେ ।୧୪୯ ।
ଉଠିଣ ବିଦୁର ଯେ ଗଲେକ ନିଜ ସ୍ଥାନେ
ବୋଇଲେ ବଂଶ ନାଶ କଲୁ ତୋହୋର ମନ୍ଦ ଗ୍ୟାନ ।୧୫୦ ।
ଭୀମସେନକୁ କୋଳ କରି ଧଇଲେ ନିକଟେ
ମୁଖେ ଚୁମ୍ବନ ଦେଇ ବଦୟନ୍ତି ଧୃତରାଷ୍ଟେ ।୧୫୧ ।
ବାବୁ ତୁ ଯାଇ କହିବୁ ଯୁଝେଷ୍ଠିଙ୍କ ଆଗର
ସୋଦରେ ଅନ୍ୟୋଅନ୍ୟ କରାଅଛି ବିଦୁର ।୧୫୨ ।
ତାହାର ବଚନକୁ କେହି ନ ଯିବଟି ବିଶ୍ୱାସ
ନାରଖାର ଭିଆଇ ସେ ସବୁନ୍ତି କରିବଟି ନାଶ ।୧୫୩ ।

ଧୃତରାଷ୍ଟ ବୋଇଲେ ଦ୍ରିଯୋଧନକୁ ରାଇ
ଭୀମସେନକୁ ଘେନି ଭୁଞ୍ଜି ବସ ସବୁ ଭାଇ ।୧୫୪ ।
ପିତାର ବଚନେ ଦ୍ରିଯୋଧନ ଭୀମକୁ କୋଳ କରି
ସରୋବରେ ପଶି ସ୍ନାହାନ ବେଗେ ସାରି ।୧୫୫ ।
ଠାବ ସଜାଡିଣ ରାଇଲେ ପୁରୋଚନ
ଭୀମାକୁ ପାଶେ ଘେନି ବସିଲେ ଦ୍ରିଯୋଧନ ।୧୫୬ ।
ତାହାଣେ ଦ୍ରିଯୋଧନ ବାମେ ଧୁଶାସନ
ମଧ୍ୟରେ ବସାଇଲେ ଯେ ପବନ ନନ୍ଦନ ।୧୫୭ ।
ରତ୍ନଝରିରେ ଦିଲେକ ସୁବାସିତ ପାଣି
ସୁବର୍ଣ୍ଣ ପଇଲମ ଯେ ଛାମୁରେ ଦିଲେ ଆଣି ।୧୫୮ ।
ପରଶଇ ଅନ୍ନ ଯେ ବିପ୍ର ସୁବର୍ଣ୍ଣ ପାତ୍ର ଘେନି
ଚିନ୍ତୁ ଅଛି ପ୍ରମାଦ ସେ ବିପ୍ର ଯେ ଅଗ୍ୟାନୀ ।୧୫୯ ।
ଭୋଜନେ ଅତ୍ରିପୁତି ସେ ପବନର ବଳଆ
ଭୁଞ୍ଜଇ ବ୍ରିକୋଦର ସେ ଆହାରେ ମତି ଭୋଳା ।୧୬୦ ।
ଦୁଦୁରା ମଞ୍ଜି ଗଞ୍ଜାଇ ଶାକାର ମିଶାଇ ଭରି
ମାଛରେ ମିଶାଇଲା ତାହା ରାନ୍ଧିଲା ଯତ୍ନ କରି ।୧୬୧ ।
ଉପରେ ଭଲ ଥିଲା ତାହା ଦ୍ରିଯୋଧନକୁ ଦିଲା
ତଳେ ଜଡି ବିଷମାନ ତାହା ଭୀମସେନକୁ ପରଶିଲା ।୧୬୨ ।
ମଧୁର ସୁଆଦରେ ତାହା ଭୁଞ୍ଜଇ ମାରୁତି
ଜାଇଫଳ ଗରଳ ମିଶାଇ ଦେଲା ଖଣ୍ଡ ପଣା କତି ।୧୬୩ ।

---

୧୫୩ ।୨ କ୍ଷୀର ଖାର ମିଶାଇ ସେ ବୁଲନ୍ତି କରିବଟି ନାଶ ।
ଦ୍ରିଯୋଧନ ବୋଇଲା ମୋତେ ଶୋଷ ନାହିଁ
ଭୀମସେନ କତିକି ସେ ଦିଲାକ ବଢାଇ ।୧୬୪ ।
ସୁଖେଣ ପିଅଇ ସେ ପାଣ୍ଡବ ସୁନ୍ଦର
ଦୁଗୁଣ ଘାରିଲା ବିଷ ମଧୁର ଆହାର ।୧୬୫ ।
ଅଧାମ ଭିତରେ ଲାଇଲା ଅଛି ମହୁରା ସିଂଘଡା ଜାତି
ତହୁଁ କପୋରାୟେ ଦିଲା ସେ ଭୀମସେନ କତି ।୧୬୬ ।
ଖଣ୍ଡ ଶାକର ଯେ ମେଦିଲା ଅଛି ତହିଁ
ଭୁଞ୍ଜଇ ବ୍ରିକୋଦର ମନେଣ ହରଷ ପାଇଁ ।୧୬୭ ।
ଭୋଜନ ଅନ୍ତେ ନେଇ ପରଶିଲେ ବିଷ ଲଡୁ
ଅହିବ୍ରତେକ ଲଡୁ ତା ଗ୍ରାସ ବଡୁ ।୧୬୮ ।
ଲଡୁର ସୁସ୍ତ୍ରାଦେ ଯେ ଅତି ଉପମା ଦେଖି
ଗୋଟାୟେ ଗୋଟାୟେ କରି ଭୁଞ୍ଜଇ ନୟନ ନିରେଖି ।୧୬୯ ।
ଗଞ୍ଜାଇ ଫଳ ଦୁଦୁରା ଫଳରେ କାକରା
ଆବର ମିଶ୍ରିତ ତହିଁ ସିଂଘଡା ଜାତି ମହୁରା ।୧୭୦ ।
କାଳସର୍ପର ବିଷ ଲଡୁରେ ସେ ଭରି
ଯେହାକୁ ଭକ୍ଷିଣ ବ୍ରିକୋଦର ପ୍ରାଣ ହାରି ।୧୭୧ ।
ଲାଗିଲା ବିଷ ଯେ ପଡିଲା ଅଚେତେ

ମଧୁର ରସ ପାଇ ସେ ବିଷ ଖେପିଲା ନିଜ ଗାତ୍ରେ ।୧୭୨ ।
ଭୁଞ୍ଜ ଭୁଞ୍ଜୁଣ ଢଳି ପଡିଲା ବୀର ଭୀମ
ସେହିଠାରେ ଲୋଟି ସେ ହୋଇଲା ଅସାଷ୍ଟମ ।୧୭୩ ।
ଥାନମାନ ନିଶ୍ଚଳ ନ ବହଇ ପବନ
ଛାଡିଲା ପଞ୍ଚଭୂତ ହୋଇଲା ଅଚେବନ ।୧୭୪ ।
ଆଦିତ୍ୟ ଅସ୍ତ ଯହ୍ନଂ ଗଲେ ପଶ୍ଚିମ ଦିଗ ଭାଗେ
ରାତ୍ର ଅଧ ଆସି ଯେ ହୋଇଲା ନିଶା ଯୋଗେ ।୧୭୫ ।
ଧୁଶାସନ ଦୁର୍ଜୟେ ଦୁର୍ବିନ୍ଦ ଦୁରାଷ୍ଟ
ଭୀମକୁ ଧରିନେଇ ପକାଇଲେ ଜଳ ଘାଟ ।୧୭୬ ।

୧୬୬ ।୨ ତହୁଁ ଚତରାୟେ ଦିଲା ସେ ଭୀମସେନ କତି ।
୧୬୬ ।୨ ଲଇଲା-ଗୃହୀତ ।
ଯମୁନା ନଦୀରେ ଯେ ଥାଆନ୍ତି ନାଗେଣୀ
ଭୀମସେନକୁ ବାନ୍ଧିନେଇ ମେଲିଲେ ତହିଁ ପାଣି ।୧୭୭ ।
ଯେହି ଜଳ ମଧ୍ୟେ ନାଗୁଣୀ ୟାକୁ ଖାଉ
କୁରୁବୀର ମାନଙ୍କର ଆପଦ ଆଟୁଁ ଯାଉ ।୧୭୮ ।
ଯେତେ ବୋଲି ଗ୍ରିହେଁ ଅଇଲେ ପକାଇ
ଭୀମକଇଁ ମାରି ସ୍ତ୍ରସ୍ଥ ହୋଇଲେ କୁରୁସାଇଁ ।୧୭୯ ।
ଶୁଣ ବଇବସୁତ ମନୁ ବଦୟନ୍ତି ଅଗସ୍ତି
ଧର୍ମ ଥିଲା ପ୍ରାଣୀକି ନ ଆସେ ପାପ କତି ।୧୮୦ ।
ଅନନ୍ତ ନାଗର ଦୁହିତା ବେଲାବାଳୀ
ପଦ୍ମେକ ନାଗେଣୀ ଘେନି ସେ କରଇ ଜଳକେଳି ।୧୮୧ ।
ନାଗେଣୀ ବଳ ଘେନିଲ ସେ ଖେଡ ଖେଡନ୍ତି ଜଳେ
ପଦ୍ମ ବିଡ୍‌ଘସିତ ଯେ ଶିଶିର ଋତୁ କାଳେ ।୧୮୨ ।
ମାଗେମୀ ବିଗ୍ରନ୍ତି ୟେତ ବଡାଇ ଅପୂର୍ବ
ଶିଶିରେ ସୁଲଭ ତ ବସନ୍ତ ପଲ୍ଲବ ।୧୮୩ ।
କାଲି ତ କିଛିହିଁ ନ ଥିଲା ୟେହୁ ଜଳେ
ଅଦଭୁତେ ହୋଇ ବିଡ୍‌ଘସିତ କମଳେ ।୧୮୪ ।
ଦେଖନ୍ତି ଗୋଟାୟେ କିସ ଅପୁରୁବ
ଲୋଡନ୍ତେ ଦେଖିଲେ ସେ ସୁନ୍ଦର ମୃତୁ ଶବ ।୧୮୫ ।
ଅତି ସୁକୁମାର ସୁସଞ୍ଚ ତାହାର କାୟେ
ରାତ୍ରକାଳେ ଦିଶଇ ଶରଦ ଚନ୍ଦ୍ରମାର ପ୍ରାୟେ ।୧୮୬ ।
ଦେଖିଣ କୋଳ କରି ଧଇଲା ବେଲାବାଳୀ
ୟେ ପୁରକ୍ଷ ଅଟଇ ମୋ ମନର ହିଆଳି ।୧୮୭ ।
କୋଳ କରି ନାଗେଣୀ ଯେ ବୁଡାଇଲେ ତାହାକୁ
ଘେନି ଗଲେ ସୁନ୍ଦରୀ ସେ ପାତାଳ ଭୁବନକୁ ।୧୮୮ ।
ଛାମୁରେ ନେଇ ଦିଲେ ଅନନ୍ତ ନାଗରାଜା
ବିଗ୍ରଇ ଅନନ୍ତ କେବଣ ଦିଗପାଳ ଆତ୍ମଜା ।୧୮୯ ।

---

୧୮୬ ।୨ ରାତ୍ରକାଳେ ଦିଶଇ ଶରଦ ଆଦିତ୍ୟର ପ୍ରାୟେ ।
ଅମୃତ ଦିଲା ଆଣି ବ୍ରିକୋଦର ମୁଖେ
ନବ ଶସ୍ର ନାଗର ବଳ ହୋଇ ଉଠିଲା ପ୍ରତକ୍ଷେ ।୧୯୦ ।
ସାଷ୍ଟମ ହୋଇ ବୀର ଗ୍ରହଇଁ ଚଉକତି
ଦେଖଇ ଜଳଭୁବନ ପୂରି ଅଛଇ ଅପ୍ରମିତି ।୧୯୧ ।
ଚଉକତିକି ଗ୍ରହିଁ ମନରେ ବିଗ୍ରି
ମୁହିଁ ତ ପଡିଲି ଆସି ଜଳ ଭୁବନ ଅନ୍ଧାର ପୁରୀ ।୧୯୨ ।
କେ ମୋତେ ଆଣି ୟେଥେ କଲାକ କପଟେ
ଅଗାଧ ଜଳ ଭୁବନ ୟେଥୁଁ ମୁ ଯିବି କେବଣ ଘାଟେ ।୧୯୩ ।
ୟେ ନାଗେଣୀ ବଳମାନଙ୍କୁ ପକଇବି ମାରି

ଯିବାକଇଁ ବାଟ ନାହିଁ ଯେ ଜଳ ଅନ୍ଧାରପୁରୀ ।୧୯୪ ।
ପୁଣି ବିଗ୍ରଇ ଯେହାଙ୍କର ତୁଲେ ହୋଇବି ପୀରତି
ଭାବ ବଢାଇଲେ ମୋତେ ସେ ଅଛଇ ସଦଗତି ।୧୯୫ ।
ଭୀମସେନ ବୋଇଲା ତୁମ୍ଭେ ଶୁଣ ଗୋ ନାଗେଣୀ
ମୁ ହିଁ ଯେ ମାନୁଷ କେହୁ ମୋତେ ଯେଥକୁ ଆଣି ।୧୯୬ ।
ଭୀମସେନର ବଚନେ ସେ ଅନନ୍ତ ଦୁଲାଳୀ
ଭୀମକୁ କୋଳ କରିଣ ସେ ବୋଇଲା ବେଲାବାଳୀ ।୧୯୭ ।
ଅନନ୍ତ ନାଗ ଦୁହିତା ଆମ୍ଭେ ଜଳଭୁବନ ବାସୀ
ସନ୍ଧ୍ୟାବାଳୀ ବେଲାବାଳୀ ବିଙ୍ଗଂବାଳୀ ଉଦାସୀ ।୧୯୮ ।
ଯେ ଗ୍ରି କନ୍ୟାଯେ ଆମ୍ଭେ ଅନନ୍ତ ଦୁଲାଳୀ
ଯମୁନା ଜଳ ଗଭୀର ଯୋଜନ ସହସ୍ର ଯେ ଗ୍ରି ।୧୯୯ ।
କ୍ରୀଡା ରଙ୍ଗ କରନ୍ତେ ଭେଟିଲୁ ତୁକୁ ଯାଇଂ
ମୃତୁ ପିଣ୍ଡ ଗୋଟି ଯେ ତୁ ଥିଲୁ ଉପୁଚିଆଇଂ ।୨୦୦ ।
ଦ୍ରିଯୋଧନ ତୋତେ ଯେ ଭୁଞ୍ଜାଇଣ ନେଲା
କପଟ କୂଟ କରିଣ ସେ ତୋତେ ବିଷଲଡୁ ଦିଲା ।୨୦୧ ।
ଲୁବୁଧେ ଖାଇଣ ତୁ ପଡିଲୁ ଅଚେବନେ
ଅଗାଦ ଜଳେ ତୋତେ ପକାଇଲେ କୁରୁବୀରମାନେ ।୨୦୦୨ ।

---

୨୦୨ ।ଏ ଲୁବୁଧେ-ଲୋଭରେ ।
ଆମ୍ଭେ ଭେଟିଲୁ ତୋତେ ତ୍ରୀଡାରଙ୍ଗ ବେଳେ
ଅନନ୍ତ ନାଗ ଛାମୁକୁ ତୋତେ ଆଣିଲୁ ପାତାଳେ ।୨୦୩ ।
ଅମୃତ ଦେଇଂଣ ତୋତେ ଜିଆଇଂଲେ ଆମ୍ଭ ତାତ
ତୁ ଯେବେ ମାରିଣ ଲୋଡୁଅଛୁ ଯେ ଆମ୍ଭନ୍ତ ।୨୦୪ ।
ପରକୁ ଉପଗାର କଲେ କି ଆପଣେ ନାଶ ଯିବା
ଲେଞ୍ଚ ଲୋକଙ୍କୁ ହୋ ଉପଗାର ନ କରିବା ।୨୦୫ ।
ନାଗେଣୀର ବଚନେ ଭୀମସେନ ପରମ ଶାନ୍ତି
ଛାଡିଲା କୋପଭର ବତାଇଲା ପୀରତି ।୨୦୬ ।
ଅନନ୍ତ ବିଜେ କଲେ ଭୀମସେନର ସନ୍ନିଧାନେ
ପବନର ନନ୍ଦନ ଦେଖି ସାନନ୍ଦ ପଞ୍ଚୁ ମନେ ।୨୦୭ ।
ବାବୁ ତୁ ଯେ ସୋମବଂଶୀ ଅଟୁ ମହାବଳୀ
ମୋହୋର ଦୋହିତ୍ର ତୋତେ ପ୍ରଦାନ କରିବ ବେଲାବାଳୀ ।୨୦୮ ।
ବୋଲଇ ମାରୁତି ତୋର ଯେହ୍ନେକ ବିଗ୍ରଇ
ମୋହୋର ବେଳେ କି ତହା ନାସ୍ତି କରି ପାରଇ ।୨୦୯ ।
ଯାଚିଲାର କନ୍ୟା ଯେ ପାଚିଲାର ଅନ୍ନ
ଯେହ୍ନା ଉପେକ୍ଷିଲେ ନାଶ ଯାଇ ଧର୍ମ ।୨୧୦ ।
ଅମୃତ ଯୋଗେ ସେ ସୀଉକାର କରି ନାଗରାଯେ
ବେଲାବାଳୀ କନ୍ୟାକୁ ଭୀମସେନକୁ ପ୍ରଦାନ କଯେ ।୨୧୧ ।
ନାଗେଣୀ ପ୍ରଦାନ କରି ସେ ଅନନ୍ତ ନାଗରାଜା
ଅନେକ ସମ୍ଭରେ ଭୀମସେନକୁ କଲା ପୂଜା ।୨୧୨ ।

ପୁରୁଷ ବଶ ବିଦ୍ୟା ସେ ଜାଣଇ ନାଗେଣୀ
ଭାବେ ବଶ୍ୟ ହୋଇଲା ସେ କାଳଦଣ୍ଡ ପାଣି ।୨୧୩ ।
ଅନନ୍ତ ବୋଇଲା ମୁ ଅପୂର୍ବ ଦେବଇଂ କିସ
ଯଉତୁକ ଦିଲା ଅମୃତ କୁମ୍ଭ ବିଶେଷ ।୨୧୪ ।

---

୨୦୩ ।୨ ଦେଖିଣ ସନ୍ତୋଷ ହୋଇଲୁ ତୋତେ ଭଗତି କୁତୂହୋଳେ
୨୧୩ ।୨ ଭାବେ ଭଗତି ହୋଇଲେ ଅନନ୍ତ ନୃପମଣି ।
୨୧୪ ।୨ ଅମୃତ ନବ କୁଣ୍ଡ ସେ ଆଣି ଦିଲା ସନ୍ତୋଷେ ।
୨୦୫ ।୨ ଲେଞ୍ଚ-ନୀଚ ।
ବିଗ୍ରଇ ଭୀମସେନ ଯେହା କାହିଂ ଥୋଇବି
ପିଣ୍ଡ ତ୍ରିପୁତି ହେବ ମୁଂ ଯେହା ଆହାର କରିବି ।୨୧୫ ।
ନବ ନିଶ୍ୱାସକେ ନବ କୁଣ୍ଡ ପିଇଲା
ଆହୁରି ନବ ସହସ୍ର ନାଗର ବଳ ହୋଇଲା ।୨୧୬ ।
ଯେକେ ମହାବଳୀ ପବନ ତନୟେ
ଅମୃତ ଖାଇ ତାର ଅବଳ ବଳ କାୟେ ।୨୧୭ ।
ପାତାଳେ ରହିଲା ବୀର ନାଗେଣୀ ରଙ୍ଗ ରସେ
ପାଶୋରିଲା ସୋହୋଦ୍ରନ୍ତ ସୁରତି ମୁହାଂସେ ।୨୧୮ ।
ଯୁଧେଷ୍ଠି ଦେବ ପଠାରନ୍ତି ଅଜ୍ଜୁନକୁ ହକାରି
ଭୀମା ଗଣ୍ଡା ଘେନିଗଲା ହସ୍ତିନା ରାଜ୍ୟ ପୁରୀ ।୨୧୯ ।
ନବ ଦିବସ ହୋଇଲା ନ ଆସିଲା ଆଜକୁ
କେମନ୍ତେ ଭୀମସେନ ମୂର୍ଚ୍ଛିଲା ଆମ୍ଭଙ୍କୁ ।୨୨୦ ।
କୋଇନ୍ତାୟେ ବୋଇଲେ ସେ ଦ୍ରିଯୋଧନର ମେଳ ପାଇଂ
ଖେଡ କଉତୁକେ ଯେ ଅଛଇ ତହିଂ ରହିଂ ।୨୨୧ ।
କୋଇନ୍ତାଙ୍କର ବଚନେ ସେ ପୁଣ ଛଡ ଦିବସ ଗଲା
ଷୋଳ ଦିବସ ହୋଇଲା ବାରତା ନୋହିଲା ।୨୨୨ ।
ଯୁଧେଷ୍ଠି ଅର୍ଜୁନ ଗଲେ ଭୀମସେନକୁ ଲୋଡି
ପ୍ରବେଶ ହୋଇଲେ ଯାଇଂ ହସ୍ତିନା ନଗ୍ର ପୁରୀ ।୨୨୩ ।
ଧୃତରାଷ୍ଟଙ୍କ ପାଦତଳେ ହୁଅନ୍ତି ପରିଣାମି
ଭୀମ ଯେ ଅଇଲା, କେଣେ ଅଛି ସ୍ୱାମୀ ।୨୨୪ ।
ଧୃତରାଷ୍ଟ ବୋଇଲେ ସେ ଅଇଲା ଯେବଣ ଦିନ
ଗଣ୍ଡା ଗୋଟି ଦେଇଗଲା ଯେଥେ ନ କଲା ଭୋଜନ ।୨୨୫ ।
ତକ୍ଷଣେ ଗଲା ସେ ନ ରହିଲା ଯେଥ
ଶୁଣିଣ ଆଶ୍ରିଜ ହୋଇଲେ ଧର୍ମସୁତ ।୨୨୬ ।
ଦ୍ରିଯୋଧନ ଧୁଶାସନ ଶଙ୍କୁନି କୃପ କର୍ଣ୍ଣକୁ
ଜଣେ ଜଣେ ପୁଛା କରନ୍ତି ଦେଖିଲା କି ଭୀମକୁ ।୨୨୭ ।

---

୨୧୮ ।୨ ଶ୍ଥ ପାଶୋରିଲା ସୋଦରନ୍ତ କନ୍ୟା ଅଭିଲାଷେ ।
ଶ୍ଥ ପାଶୋରିଲା ସୋଦରନ୍ତ ନାଗେଣୀର ବିଶ୍ୱାସେ ।
ସମସ୍ତେ ବୋଇଲେ ଆମ୍ଭର ଦେଖିଲା ତ ନାହିଂ

ପଞ୍ଚୁ କଟକେ ଲୋଡନ୍ତି ମହା କ୍ରୋଧ ହୋଇ ।୨୨୮ ।
କୋଇନ୍ତଙ୍କର ଅଗ୍ରତେ ପୁଛା କଲେ ଚଉଭ୍ରାଥେ
ଭୀମାକୁ ଲୋଡି ଗୋ ନ ପାଇଲୁ ପଞ୍ଚୁ କଟକ ପ୍ରଶସ୍ତେ ।୨୨୯ ।
ୟେମନ୍ତେ ପାଣ୍ଡବେ ହୋଅନ୍ତି ବିକଳ
ସବୁଙ୍କରି ନୟନୁଂ ବହେ ଅଶ୍ରୁଜଳ ।୨୩୦ ।
ବଦୟନ୍ତି ଅଗସ୍ତି ଶୁଣ ବଇବସୁତ ମନୁ
ପାଣ୍ଡବଙ୍କୁ ମନ୍ଦ ୟେକା ଧୃତରାଷ୍ଟ ଗ୍ୟାନୁ ।୨୩୧ ।
ଶୁଣିଣ ବିଷାଦ କୋନ୍ତଭୋଜର କୁମାରୀ
କେଣେ ଗଲୁ ଦୁଖୀର ସଂଘାତ ଆମ୍ଭଙ୍କୁ ଛାଡି କରି ।୨୩୨ ।
ଧର୍ମରାଜା ବୋଇଲେ ମାତା ଗୋ ନୋହସି ବିଷାଦ ମନେ
ଭୀମସେନକୁ ଲୋଡି ନ ପାଇଲୁ ଜୀବନେ ।୨୩୩ ।
କୋଇନ୍ତାଏ ବୋଇଲେ ବନ କନ୍ଦର ଦେଶେ
ସଙ୍ଗତ ହୋଇ ଲୋଡୁଥିବ ନ ଜାଣିମେ ରାକ୍ଷସେ ।୨୩୪-୬୦୬୪ ।
ଙ୍କ

---

୨୨୯ ପଦ ପରେ ମୁଦ୍ରିତ ପୁସ୍ତକରେ ଅଧିକା ପାଠ-
ନ କହି କେଣିକି ଗଲୁ ଆରେ ଭୀମସେନ
କପଟେ ମାଇଲେ ଅବା ଗାନ୍ଧାରୀ ନନ୍ଦନ ।
ତୋହୋର ବିହ୍ନେ ବାବୁ ସକଳ ଅନ୍ଧାର
ୟେମନ୍ତ କରନ୍ତେ ଶୋକ ଚାରି ସହୋଦର ।
ବୋଇଲେ ଯାଉଛୁ ମାତ ଖୋଜିବାକୁ ପୁଣି
ଭୀମ ବିହ୍ନେ ମରିବା ଆମ୍ଭେ ପାଞ୍ଚ ପ୍ରାଣୀ ।
ବୋଇଲେ କୁନ୍ତୀ ତୁମ୍ଭଙ୍କୁ ରଖୁ ବାସୁଦେବ
ଶ୍ରୀକୃଷ୍ଣ ସୁମରି ବାବୁ ଯାଅ ୟେଥୁଂ ଜବ ।
ଶ୍ରୀହରୀ ଶ୍ରୀହରୀ ସ୍ମରି ଗଲେ ଚାରି ଭାଇ
ଶାରଲା ଦାସ ସାରଲା ପାଦପଦ୍ମ ଧ୍ୟାୟି ।
ପାଣ୍ଡବାସୁର ବଧ
ଆହୋ ଅନ୍ଧକର ବଂଶେ ଯେ ପାଣ୍ଡବାସୁର ବୀର
ପଣ୍ଡୁବତୀର ଗର୍ଭରୁ ଯେ ଉପୁଜିଲା ବ୍ରହ୍ମ ଅସୁର ।୧ ।
ଅନ୍ଧକର ପୁତ୍ର ଯେ ପାଣ୍ଡବା ମହାସୁରା
ହସ୍ତିନା ଭୁବନକୁ ସେ ବାହିଲା ମହାବୀରା ।୨ ।
ଥାଠ ସନ୍ୟ ନାହିଂ ସେ ଅସୁରର ତୁଲେ
ବ୍ରହ୍ମା ରୁଦ୍ରକଇଂ ସେ ଜିଣଇ ସାଂଗ୍ରାମେ ପଶିଲେ ।୩ ।
ବାମକରେ ଶୂଳ ଡାହାଣ କରେ କୃପାଣଇ
ୟେତେକ ଘେନିଣ ସେ ସକଳ ଭୁବନ ଜିଣଇ ।୪ ।
ସାଂଗ୍ରାମେ ନିର୍ଭୟା ସେ ଦାନବ ମହାବଳୀ
ଜିଭରୁ ରୁଧିର ଦେଇ ତ୍ରିପୁତି କଲା ଭଦ୍ରକାଳୀ ।୫ ।
ପ୍ରସନ୍ନେ ବର ତାକୁ ଦିଲେ ମହାଦେବୀ
ଭଗବତୀ ବରେ ସେ ଦାନବ ତ୍ରିଜୀବୀ ।୬ ।

ସେ ପାଣ୍ଡବାସୁର ଯେ ବାହିଲା ଭୁବନ ହସ୍ତିନା
ଶରୀରେ ଶହସ୍ର ନ ଭେଦଇ ସେ ଅଟଇ ବଜ୍ରସେହ୍ନା ।୭ ।
ଯେତେକ ଜୀବ ଜନ୍ତୁ ଦେଖୁଅଛି ପଥେ ଯାଉଁ
ଆହାର ନ ଅଣ୍ଟଇ ଯେତେକ ଜନ୍ତୁ ଖାଉଁ ।୮ ।
ହସ୍ତିନା ରାଜ୍ୟେ କଲା ଅନେକ ଅରଷ୍ଟି
ବାରତା ପାଇଣ ଧାଇଁଲେ ସେ କୁମାର ଧୃତରାଷ୍ଟ୍ର ।୯ ।
ରଇବ୍ରତ ଆଖଡାୟେ ବଳରାମଙ୍କ ତୁଲେ ଥିଲେ
ନିଦାଘ ବନେ ସେ ପାଣ୍ଡବାସୁରକୁ ଦେଖିଲେ ।୧୦ ।
କର୍ଣ୍ଣ ବୋଇଲା ଯେ ଯେ ଅଟଇ ଅସୁର ଅରି
ତପବନ ଭାଙ୍ଜି ସେ ଋଷିନ୍ତ ନାଶ କରି ।୧୧ ।

---

୫ ଶ୍ଥ ସାଂଗ୍ରାମେ ନିର୍ଭୟେ ଦାନବ ମହାବଳୀ
ଶ୍ଥ ଅଭୟେ ବର ତାକୁ ଦିଲେ ଯେ କପାଳୀ ।
୬ ଶ୍ଥ ଭଗତି କରିଣ ସେ ଦାନବ ତ୍ରିଜୀବୀ
ଶ୍ଥତାହାକୁ ଯୁଦ୍ଧେ କେହି ନୋହୋନ୍ତି ସମ୍ଭର୍ବି ।
୧୧ ।୧ ଅସୁର ଅରି- ଅସୁର ଶ୍ରେଷ୍ଠ, ଅରି-Cଶତ୍ରୁର (ଋଗଦେବ ୧୦, ୨୮-୧)
ଦ୍ରିଯୋଧନ ବୋଇଲା ବେଢଣ ଧର ଯେହ୍ନା
ମାରିବା ନିଶାଗ୍ର ତପୋଧନଙ୍କ ଦୋରେହ୍ନା ।୧୨ ।
ଯେତେକ ବିଗ୍ରି ବେଢିଲେ ତାହାକଇ କୋପେ
ନରଜନ୍ତୁ ଦେଖି ସେ ଉଷତ କଉଣୋପେ ।୧୩ ।
କୁରୁବୀରେ ଗଦା ମୂଷଳନ୍ତ ବୁଲାଇଲେ ତୋଳି
ଅସୁର ଶରୀରେ ପଡି ଗଦାବର ହୋଇଲାକ ଧୂଳି ।୧୪ ।
ଗଦାବର ଭଞ୍ଜନ୍ତେ ଯେ ହୋଇଲେ ବିରସେ
ଲୋଚି ହୋଇ ରହିଲେ ସମସ୍ତ କୁରୁବୀର ନିରାଶେ ।୧୫ ।
ଦେଖିଣ ପାଣ୍ଡବାସୁର ଅତି ଗରୁ ତାପ
ବଜ୍ର ମୂଷଳ ଘେନି ସେ ମାଇଲା କଉଣୋପ ।୧୬ ।
କର୍ଣ୍ଣ ଦ୍ରିଯୋଧନ ଦୁଶାସନ ଦୁର୍ଜୟେ
ଅଶସ୍ତମା ଆଦି କରି ପଡିଲେ ଅସୁର ଶସ୍ର ଘାୟେ ।୧୭ ।
ତବଦେଣ କୁରୁବୀରେ ପଳାଇଲେ ବିକଳେ
ସବୁନ୍ତି ହିଁ ଗୋଡାଇ ମାଇଲା ବ୍ରଜ ଯେ ମୂଷଳେ ।୧୮ ।
ଗାନ୍ଧାରୀ ଶତେ ପୁତ୍ର ଆବର କର୍ଣ୍ଣ ଅଶସ୍ତମା
ସବୁନ୍ତି ମାଇଲା ସେ ଅସୁର ଦୁରାତମା ।୧୯ ।
ସବୁଙ୍କରି କେଶ ସେ ଧଇଲା ଲୋଚି କରି
ବେନି ଭୁଜେ ତୋଳି ଆଣଇ ବାରୁଣାବନ୍ତ ଗିରି ।୨୦ ।
ବୋଇଲା ଦରବେ ଯେବେ ଦିଲାକ ମେଞ୍ଜନ
ଯେ ପର୍ବତ ଉପରେ ବସି କରିବି ଭୋଜନ ।୨୧ ।
ଯୁଝେଷ୍ଠି ରହି ଅଛନ୍ତି ସେହି ବାରୁଣାବନ୍ତେ
ଭୀମସେନକୁ ନ ଦେଖି ବୁଲନ୍ତି ଗ୍ରି ଭ୍ରାଥେ ।୨୨ ।
ପର୍ବତ ଉପରେ ସେ ମୁତୁ ପିଣ୍ଡମାନ ଥୋଇଁ

ନଦୀରେ ସ୍ନାହାନ ଯେ କରଇ ଅବଗାହି ।୨୩ ।
ଯୁଝେଷ୍ଠି ଦେଖିଲେ ଯେ ଧୃତରାଷ୍ଟର ପୁଅନ୍ତ
ଭୟେଣ ଯୁଝେଷ୍ଠି ଦେବ ହୋଇଲେ ଅନ୍ତର୍ଗତ ।୨୪ ।

---

୧୯ ।୧ ଶଲ୍ୟ ଆଦି କରି ଯେ ଆବର କୃପବ୍ରହ୍ମା ।
ଭୀମକୁ ସୁମରନ୍ତି ଯେ ଦେବ ଧର୍ମଶିଷି
ବୈବୁ ଅନାସ୍ତର ନାଥ ତୁ କେଣେ ଅଛୁ ପଶି ।୨୫ ।
ବାବୁ କେବଣ ରାକ୍ଷସ ମୋର ଭାଇନ୍ତ ନାଶ କଲା
ଆମ୍ଭେ କି ବ୍ରତିବୁ ଯେତେ ପ୍ରମାଦ ପଡିଲା ।୨୬ ।
କ୍ରୋଧଭରେ ସୁମରିଲେ ଯହ୍ନଂ ଧର୍ମର ନନ୍ଦନ
ପାତାଳେ ଆସନ ଯେ କି-ଲା ଭୀମସେନ ।୨୭ ।
ବୋଲଇ ବ୍ରିକୋଦର ଶୁଣ ଗୋ ବେଲାବାଳୀ
ମୋତେ ନ ଦେଖି ମୋହୋର ସୋଦରେ ବିକଳୀ ।୨୮ ।
ଜାତଗୁରୁ ଯେ ଅଟନ୍ତି ମୋର ନିଜ ମାତ
ଆତ୍ମାଗୁରୁ ମୋର ତୁହି ପ୍ରାଣର ସଂଘାତ ।୨୯ ।
ଭ୍ରାତା ମାତଙ୍କୁ ମୁଂ ଯାଇଂ ଦ୍ରଶନ କରିବି
ପୁଣ ତୋର ତହିକିଂ ଗୋ ବହନ ଆସିବି ।୩୦ ।
ବୋଇଲା ଯେ ବେଲାବାଳୀ ଶୁଣ ହୋ ପ୍ରାଣନାଥ
ଦେଖିବୁ ନାହିଂ କି ସ୍ୱାମୀ ତୋହୋର ସୋଦରନ୍ତ ।୩୧ ।
ତୋହୋର ବୀର୍ଯ୍ୟ ଯେ ମୋହୋର ଗର୍ଭେ ପଡି
ମୋହୋର ଉଦର ଯେ ହୋଇଛି ଅଲ୍ପ ଅଲ୍ପ ଭାରି ।୩୨ ।
ଯେଥକୁ ନ ପୁଣ ସ୍ୱାମୀ ମନେ କରୁ ଭ୍ରାନ୍ତି
ନ ପୁଣ କାଳେ ବୋଲୁଟି ତୁ ହୋଇଲୁ ଅସତୀ ।୩୩ ।
ଭୀମସେନ ବୋଇଲା ଗୋ ଅବଶ୍ୟ ହୋଇବ ଦୁଲାଳ
ନାମ ଦେବୁଟି ତହାର ତୁ ବଳୀ ଯେ ବେଲାଳ ।୩୪ ।
ମୁହିଂ ଯେ ମହାବଳୀ ତୁ ଅଟୁ ବେଲାବଳୀ
ଦୁହିଂଙ୍କର ନାମ ଦେଇ ଥିବୁଟି ନାଗର ଦୁଲାଳୀ ।୩୫ ।
ନାଗେଣୀକି ବୁଝାଇ ସେ ଚଳଇ ବ୍ରିକୋଦର
ନାଗେଣୀର ମାୟାରୁ ସେ ଯେ ହୋଇଲା ବାହାର ।୩୬ ।
ସ୍ନାହାନ କରିଣ ସେ ଆସଇ ପାଣ୍ଡବାସୁର କଉଣୋପ
ମୃତୁ ପିଣ୍ଡମାନଙ୍କର ସେ ମିଳିଲା ସମୀପ ।୩୭ ।

---

୩୪ ।୨ ନାମ ଦେବୁଟି ତହାର ବଳୀ ଯେ ବେଲାଉଳ ।
ଯୁଝେଷ୍ଠି ଅର୍ଜ୍ଜୁନ ନକୁଳ ସହଦେବ
ଚାରି ଭାଇ ଆସିଣ ମିଳି ଓଗାଳିଲେ ଦାନବ ।୩୮ ।
ଦେଖିଣ ଦାନବ ସେ ମୂଷଳେକ ବୁଲାଇ
ପର୍ବତ ଉପରକୁ ସେ ଆସୁଅଛି ଧାଇଂ ।୩୯ ।
ଦେଖିଣ ଅର୍ଜ୍ଜୁନ ବିନ୍ଧିଲା ହାବୁଡା ନାମେ ଶର
ଧାତିକାରେ ପଡିଲା ସେ ଦାନବ ଉପର ।୪୦ ।

ଦେହ ଫୁଟିଲା ସେ ହାବୋଡା ଶରଘାତେ
ରୁଧିର ବୃଷ୍ଟି ଯେ ହୋଇଲା ଦୁରାପାତେ ।୪୧ ।
ପୁଣି ଉଠିଲା ସେ ଦୁର୍ଭାର କଉଣୋପ
ଅର୍ଜ୍ଜୁନକୁ ଶୂଳେ ପିଟିଲା ଗରୁ ତାପ ।୪୨ ।
ଅର୍ଜ୍ଜୁନ ପ୍ରହାର କଲା ବ୍ରଜ ଯେ ମୁଦଗର
ବେନି ଶସ୍ତ୍ର ହାବୋଡନ୍ତେ କି-ଲା ସ୍ୱର୍ଗପୁର ।୪୩ ।
ଯେହେନେକ ସାଂଗ୍ରାମ କରନ୍ତେ ଘୋର ମହାରଣ
ଭୀମସେନ ପ୍ରବେଶ ହୋଇଲା ତତକ୍ଷଣ ।୪୪ ।
ଦେଖିଣ ପରମ ସାନନ୍ଦ ହୋଇଲେ ଯୁଦ୍ଧେଷ୍ଠି
ବାବୁ ଧୃତରାଷ୍ଟ ପୁଅଙ୍କର ଦେଖରେ ଅରଷ୍ଟି ।୪୫ ।
ବାବୁ ରଇବ୍ରତ ପର୍ବତ ଆଖଡାରୁ ଆସୁଛନ୍ତି
ପାଣ୍ଡବାସୁର ଦତ୍ୟ ଯେ ମାଇଲା ସବୁନ୍ତି ।୪୬ ।
ଆହାର କରନ୍ତେ ଆମ୍ଭେ ଭେଟିଲୁ ଅସୁରକୁ
ଅନେକ ଯୁଦ୍ଧ କରି ଜିଣି ନ ପାରିଲୁ ଯେହାକୁ ।୪୭ ।
ଭୀମସେନ ବୋଇଲା ଦେବ କଥାକୁ ନ ବଢ
ଖାଉ ଖାଉ ଅସୁର କଉରୋବଙ୍କୁ ତୁମ୍ଭେ ବେଗେଂ ଛାଡ ।୪୮ ।
ଆପଣାର ବଇରି ଦେବ ମାରୁଅଛି ପର
ଯେହି ସେ ପରମ ହିତ ହାଦେ କାର୍ଯ୍ୟହିଁ ଅପାର ।୪୯ ।
ଗଣ୍ଡା ଗୋଟି ଘେନି ଦେବ ଗଲି ଯେବଣ ଦିନେ
ଭୁଞ୍ଜାଇ ବସାଇଲେ ମୋତେ ଦ୍ୱରିଯୋଧନ ଧୁଶାସନେ ।୫୦ ।

---

୪୮ ।୨ ଖାଉ ଅସୁର ଏ କଇରୋବେ ବଢ ମୂଢ ।
କପଟ କରିଣ ଅଛନ୍ତି ଯେ ପାକ ମହାରସ
ତହିଁର ଭିତରେ ଲଇ ମୋତେ ପରଶିଲେ ବିଷ ।୫୧ ।
ବିଷ ଖାଇ ଦେବ ମୁଁ ଢଳିଲି ଯେତେବେଳେ
ନାଗେଣୀ ଖାଉ ବୋଲି ମୋତେ ମେଲି ଦିଲେ ଅଗାଦ ଜଳେ ।୫୨ ।
ସ୍ୱାମୀ ଅନନ୍ତ ନାଗର ଯେ ଦୋହିତା ବେଲାବାଳୀ
ନାଗେଣୀ ବୃନ୍ଦ ଘେନି ସେ ତ୍ରିଡାରଙ୍ଗ କେଳି ।୫୩ ।
ମୋତେ ଦେଖି ପାତାଳ ଭୁବନକୁ ଘେନି ଗଲେ
ଅମୃତ ଦେଇ ମୋତେ ସେ ଜିଆଇଂଲେ ସୁବେଳେ ।୫୪ ।
ଅନନ୍ତ ରାଜା ମୋତେ ବିଭା ଦିଲାକ କୁମାରୀ
ଅନେକ ଭଗତି ମୋତେ ହୋଇଲା ନାଗର କୁମାରୀ ।୫୫ ।
ଆସନ କି-ଲା ଦେବ ତୁମର ସୁମରନ୍ତେ
ଯେକା ନିଶ୍ୱାସକେ ଅଇଲି ନାଗୁଣୀର ମହାମନ୍ତ୍ରରେ ।୫୬ ।
ଭୋ ଦେବ ନାଶ ଆମ୍ଭେ ଯାହା କରନ୍ତୁ ବଇରି
ଦଇବ ନାଶିଲା ଯେହାଙ୍କୁ ଶୋକ ଛାଡ ଦଣ୍ଡଧାରୀ ।୫୭ ।
ଛାଡ ଛାଡ ଦେବ କୌରବନ୍ତ ପାଣ୍ଡବାସୁର ଖାଉ
ଯାବତ କାଳକୁ ଆମ୍ଭର ଅରଷ୍ଟି ମାନ ଯାଉ ।୫୮ ।
ଯଦ୍ୟପି ଦ୍ୱରିଯୋଧନ ଯେଥୁ ପ୍ରାଣ ପାଇଯିବ

ଅନେକ ଦୁଖ ପାଇବା ଦେବ ରାଜ୍ୟ ପ୍ରାପତ ନୋହିବ ।୫୯ ।
ଯୁଦ୍ଧେଷ୍ଠି ବୋଇଲେ ବାବୁ ଦ୍ରିଯୋଧନକଇ ନ କର କୋପ
ଦଇବ ଦଣ୍ଡ ବିହିଲା ତହିଁର ଅନରୂପ ।୬୦ ।
ଆମ୍ଭଙ୍କୁ ପାପ ଚିତ୍ତେ ଯାହା ଚିନ୍ତିଲା ଆପଣେ
ପ୍ରତ୍ୟକ୍ଷେ ଦେଖ ବାବୁ ଫଳିଲା ଯେହିକ୍ଷଣେ ।୬୧ ।
ବାବୁରେ ଅଣଉପଗାରୀ ପରହିଂସକ ଯେଉଁ ପ୍ରାଣୀ
ଆପଣେ ନ କଲେ ଯେହା ଦଇବ ବିହଇ ଯେ ଆଣି ।୬୨ ।

---

୫୧ ।୨ ଲଡୁର ଭିତରେ ମୋତେ ଭରିଣ ଦିଲେ ବିଷ ।
୬୨ ଶ୍ଥ ପରରେ ଜିଘାଂସଟି କରନ୍ତି ଯେଉଁ ପ୍ରାଣୀ
ଶ୍ଥ ଅମ୍ୟ ସ୍ଥାନେ ନୋହିଲା ଦଣ୍ଡ ବିହି ତ କଲା ଆଣି ।
ଧର୍ମହିଁ ସେ ରାରି ଯୁଗେ ବର୍ଧୁତ ଅଟଇରେ ବାବୁ
ଧର୍ମ ସେ ସଚରାଚର ପାଳନ କରଇ ସବୁ ।୬୩ ।
ଧର୍ମ ଥିଲେ ଜିଘାଂସ ନାହିଁଟି ପ୍ରାଣୀକି
ଆପଦ ବିପଦ ପଡିଲେ ଧର୍ମହିଁ ସେ ପ୍ରାଣୀକି ରଖି ।୬୪ ।
ବାବୁ ଅନିତ୍ୟ ସମସାର ଯେ ନୋହଇ କାହାରି
ଜଳ ବିମ୍ବ୍ର ଫୋଟକା ପ୍ରାୟେ ସଂସାର ବିହରି ।୬୫ ।
ତୁ ଯେ ଅଧର୍ମରେ ନାହୁ ମୋର ଭୀମ
ମୃତ ପିଣ୍ଡ ଜୀଆଁଇଲେ ଉଦିତ ହୋଇ ଧର୍ମ ।୬୬ ।
ଅଧର୍ମ ଲୋକଙ୍କୁ ବାବୁ ଧର୍ମ କରାଉଥିବା
ସେହି ତମୁ ନାଶ ଯିବେ ଆମ୍ଭେ ଧର୍ମେଣ ଉତୁରିବା ।୬୭ ।
ବାବୁ ଧୃତରାଷ୍ଟ ପୋୟେ ଯେ ଆମ୍ଭର ସୋଦର
ୟେହାନ୍ତ ଉଦ୍ଧର ଭାଇ ଧର୍ମ ଉପୁଜୁ ତିନି ପୁର ।୬୮ ।
ମୁହିଁ ତୋର ଆପଦ ଘେନଇ ଆରେ ବାପ
ଅସୁରକୁ ବଦ୍ଧ କର ଦ୍ରିଯୋଧନକୁ ଛାଡ କୋପ ।୬୯ ।
ଆମ୍ଭର ଦେଖନ୍ତେ ଯେବେ ଦ୍ରିଯୋଧନ ନାଶ ଯିବ
ଅନ୍ଧରାଜ ଗୋଟି ମୋର ଭାଇରେ ଅନାସ୍ତ ହୋଇବ ।୭୦ ।
ବାବୁ ଯଦ୍ୟପି କଉରୋବରେ ମରିବେ ୟେ ପ୍ରସ୍ତାବେ
ମୁହିଁ କି ବ୍ରତିବି ଦ୍ରିଯୋଧନର ଅଭାବେ ।୭୧ ।
ଯୁଦ୍ଧେଷ୍ଠିଙ୍କର ମୁଖରୁ କଷ୍ଠୋର ବଚନ ଯେ ଶୁଣି
ଅସୁର ଉପରକୁ ବୀର ଉଠିଲା ଶିର ଝୁଣି ।୭୨ ।
ବ୍ରିକୋଦରକୁ ଦେଖିଣ ପାଣ୍ଡବାସୁର ବେଗେ
ବଜ୍ର ମୂଷଳ ଧରି ପିଟିଲା ଭୀମସେନ ବାମ ଅଙ୍ଗେ ।୭୩ ।
ପଡିଣ ବଜ୍ର ମୂଷଳ ଚୂର ହୋଇଗଲା
ଅସିବର ଘେନି କୋପେ ଅସୁର ଧାଇଁଲା ।୭୪ ।
ଖଡକ ପ୍ରହାରନ୍ତେ ଯେ ଧଇଲା ମାରୁତି
ଅସୁର ହାଥୁଁ ଉଛୁଡି ଘେନିଗଲା ଝାତି ।୭୫ ।
ସେ ଅସିବର ଭୀମ ଉର୍ଦ୍ଧବାହୁ କରି ହାଣି
ପଡିଣ ଅସୁରର ଛିଡିଲା ଦକ୍ଷିଣ ପାଣି ।୭୬ ।

ପୁଣି ଆରେକ ବେଳେ ଯେ ପ୍ରହାର ଭୀମ କଲା
ବାମ କର ପାତିଲା ଯେ ଛିଡିଣ ପଡିଲା ।୭୭ ।
ପୁଣି ଆରେକ ବେଳେ ପିଟିଲା କୋପାନଳେ
ତାଳୁଠାରୁ ପାଦ ପରିଯନ୍ତେ ହୋଇଲେ ବେନି ଫାଳେ ।୭୮ ।
ପର୍ବେଣ ବର ତାକୁ ଦେଇଛନ୍ତି ଭଦ୍ର କାଳରାତ୍ରି
ଶରୀରେ ନ କାଟିବ ତୋର ବଜ୍ର ଛେଲ କାତି ।୭୯ ।
ତୀକ୍ଷ ଅସିବର ଶୂଳକେ ଦିଲେ ହାଥେ
ଯେ ଦୁହେଁ ହସ୍ତରେ ଥିଲେ ତ୍ରୈଲୋକ୍ୟେ କେହି ଜିଣନ୍ତା ନାହିଁ ତୋତେ ।୮୦ ।
ତୋହୋର ହିଁ ଶହସ୍ର ଛଡାଇ ତୋତେ ଯେ ମାରଇ
ତେବେ ସେ ଶରୀର ତୋହୋର ହଇବ ଅପହାରଇ ।୮୧ ।
ସେ କାଳୀଙ୍କର ବଚନ ହେ ନୋହଇ ଆନ କଲା
ତାହାର ଅସିବାରେ ସେହି ସେ ନାଶ ଗଲା ।୮୨ ।
ନମସ୍ତେ ସୁରବର ସୁନ୍ଦର ଶ୍ରୀରାମ
ନମସ୍ତେ ଇଚ୍ଛାଙ୍କୁର ବଂଶ ମଣ୍ଡନ ଗୁଣ ଧାମ ।୮୩ ।
ନମସ୍ତେ ରଘୁନାଥ ଅମଳାଣ ସୂର୍ଯ୍ୟବଂଶୀ
ନମସ୍ତେ ଶ୍ରୀରାମ କଉଣୋପ ବଳ ଧ୍ୱଂସୀ ।୮୪ ।
ନମସ୍ତେ ଶ୍ରୀରାମ କୋଦଣ୍ଡ ଦୀକ୍ଷା ଗୁରୁ
ନମସ୍ତେ ଶ୍ରୀରାମଚନ୍ଦ୍ର ରାବଣ ଦର୍ପ ହରୁ ।୮୫ ।
ବାରାନିଧି ବନ୍ଧନ ନାଥ ହରିବଳ ପ୍ରାଣବନ୍ଧୁ
ଅଧାରଣ ପୁରୁଷ ଉଦ୍ଧାରଣ ତୁହି ପବିତ୍ର ପୂର୍ଣ୍ଣଇନ୍ଦୁ ।୮୬ ।

---

୭୮ ।୨ "ତାଳୁ ଠାରୁ ପାଦ ପରିଯନ୍ତେ ହୋଇଲେ ବେନିଫାଳ ।" ପାଦାନ୍ତ ପରେ
କେତେକ ପୋଥିରେ ଅଧିକା ପାଠ-
ପଡିଲେ ଅସୁର ସେ ମେରୁରୁ ଅଗର୍ଗଳ
ପଡନ୍ତେ କି-ଲା ସେ ପର୍ବତ ମଣ୍ଡଳ ।
ପଡିଲା ଦତ୍ୟ ଯେ ମେରୁ ଗିରି ଜାଣି
ପୂର୍ବେ ବର ତାକୁ ଦେଇଥିଲେ ଗୋସାମଣି ।
୮୬ ।୧ ବାରାନିଧି ବନ୍ଧନ ନାଥ ଜାନକୀ ପ୍ରାଣବନ୍ଧ ।
୮୩ ।୨ ଇଚ୍ଛାଙ୍କୁର-ଇକ୍ଷ୍ୱାକୁର
ଥାବର ଜଙ୍ଗମ ଯେ କୀଟ ପତଙ୍ଗ ଆଦି
ତବ ପ୍ରସାଦେ ନାଥ ସବୁରି ବ୍ରତ ସିଦ୍ଧି ।୮୭ ।
କଉଶିକର ପ୍ରସନ୍ନେ ତାଡକୀ ଦର୍ପ ଗଞ୍ଜି
ଜନକ ଋଷି ଘରେ ଶିବଧନୁ ଭାଞ୍ଜି ।୮୮ ।
ଅଭୟ ଭୁବନେ ଯେ ବଇକୁଣ୍ଠପୁର ବାସୀ
ଯାହାର ନାରାଜେ ଅସୁର ଦର୍ପ ଧଂସି ।୮୯ ।
ଅନନ୍ତ ଦୁର୍ଗଳ ଜଳ ଯେ କଲା ଯେକ ବାଟ
ଅହିଲା ସ୍ୱର୍ଗ ପାଇଲା ଫିଟିଲା ଗରୁ କଷ୍ଟ ।୯୦ ।
ଶ୍ରୀ ଭଗବନ୍ତ ନାରାୟଣ ଚରଣେ ଶରଣ
ସୂର୍ଯ୍ୟ ବଂଶିକ ନାଥ ମୋତେ କରିବା ଉଦ୍ଧାରଣ ।୯୧ ।

ଯଦ୍ୟପି ଶ୍ରୀରାମ ମୁଂ ଦେଖନ୍ତି ବେନି ଡୋଳେ
ସ୍ନାହାନ ଭୋଜନ ମୁହିଁ ତେଜନ୍ତି ସର୍ହିକାଳେ ।୯୨ ।
ଅଭୟ ପଦ୍ମପାଦ ଗୋଟି ପାଷାଣର ରେଖା
ଯେ ସଂସାର ଅନ୍ଧ ପଟଳରୁ ମୋତେ ମୁକତି ବାଟ ଦେଖା ।୯୩ ।
ନୟନେ ନ ଦେଖି ଯାହା ଶ୍ରବଣେ ନ ଶୁଣିଲି
ଗ୍ୟାଂନକୁ ଉପଲେଖି ମୁଂ ଶବଦକୁ ଗୋଡାଇଲି ।୯୪ ।
ଶ୍ରୀ ଜାନକୀ ବଲ୍ଲଭ ଚରଣେ ନିଜ ଦାସ
ଶୂଦ୍ରମୁନି ସାରୋଳା ଦାସକୁ ବୈକୁଣ୍ଠରେ ଦେବା ବାସ ।୯୫-୬୧୫୯ ।
ଜତୁଗୃହ ଦାହର ମନ୍ତ୍ରଣା
ଆହୋ ବଦୟନ୍ତି ଅଗସ୍ତି ଶୁଣ ହୋ ଯୁଗବାସୀ
ଅମୃତ ରସ ଭାରଥ, ଶରୀର ଯେହ୍ନେ ତୋଷି ।୧ ।

ଶ୍ଥ ଜାନକୀ ବଲ୍ଲଭ ଚରଣେ ମୋର ସେବା
୯୫ ଶ୍ଥ ଶୁଦ୍ର ମୁନି ସାରୋଳା ଦାସକୁ କପିଳାସ ଦେବା ।
ଶ୍ଥ ପାର୍ବତୀର ବଲ୍ଲଭ ଚରଣେ ମୁହିଁ ଘୋଷି
ଶ୍ଥ ଶୂଦ୍ରମୁନି ସାରୋଳା ଦାସ ମୁଂ କପିଳାସ ବାସୀ ।
୯୦ ।୨ ଅହିଲ୍ୟା-ଅହଲ୍ୟା
ପାଣ୍ଡବାସୁରକୁ ଯହ୍ନଂ ପାଣ୍ଡବେ ବଧ କଲେ
ତହ୍ନଂ ସେ ପାଣ୍ଡବ ନାମ ପାଞ୍ଚେହେଁ ବହିଲେ ।୨ ।
ଧାତୁବାଦ ପୁରୁଷ ବୋଇଲେ ଶୂନ୍ୟଦେବ
ଆଜହ୍ନଂ ତୁମ୍ଭ ନାମ ହେଉ ଯେ ପଞ୍ଚୁ ପାଣ୍ଡବ ।୩ ।
ଅସାଷ୍ଟମ ହୋଇ ଯେ ପଡିଥିଲେ କୁରୁବୀରେ
ଶରୀର ପାଇଲେ ଶେ ଅର୍ଜୁନର ଜୀବନ୍ୟାସ ଶରେ ।୪ ।
ଭୀମସେନ ବୋଇଲାରେ ପ୍ରତଗ୍ୟାଂ କରୁଥିଲ
କପଠ ଭିଆଇ ମୋତେ ବିଷଲଡୁ ଦେଲ ।୫ ।
ତୁମ୍ଭର ନିମନ୍ତରେ ପାଣ୍ଡବାସୁର ନାଶି
ପାଣ୍ଡବ ନାମ ଆମ୍ଭନ୍ତ ଦିଲେ ସ୍ୱର୍ଗବାସୀ ।୬ ।
ଚଳନ୍ତି କୁରୁବୀରେ ଅନେକ ଅଭିମାନେ
ବିଜୟେ କୁରୁବୀରେ ହସ୍ତିନା ଭୁବନେ ।୭ ।
ସଞ୍ଜୟେ କହିଲେ ଶୁଣ ଅମ୍ବିକାର ସୁତ
ପୁଅଙ୍କର ଚରିତ୍ର ତୋର ଶୁଣ ବିପରୀତ ।୮ ।
ବଳରାମଙ୍କ ମେଳଂ ଆସନ୍ତେ ତୋର ପୁତ୍ରେ
ପାଣ୍ଡବାସୁର ଦାନବ ଯେ ଦେଖିଲା ବନସ୍ତେ ।୯ ।
ସାଂଗ୍ରାମ କରି ସବୁନ୍ତିହିଁ ମାଇଲା ମହାରୋଳ
କ୍ଭକ୍ଷଣ କରିବ ସବୁ ପକାଇ ଅନଳେ ।୧୦ ।
ପଣ୍ଡୁର ନନ୍ଦନ ଯେ ଦେଖିଲେ ୟେମନ୍ତର ସମୟେ
ଅସୁର ମାରି ପ୍ରତଗ୍ୟାଂ ସାଗ୍ କଲା ପବନ ତନୟେ ।୧୧ ।
ଅସୁର ମାରି ଯହ୍ନଂ ପ୍ରତଗ୍ୟାଂ ସାଗ୍ କଲେ
ପଞ୍ଚୁ ପାଣ୍ଡବ ବୋଲି ଆକାଶେ ଡାକିଲେ ।୧୨ ।

ସଞ୍ଜୟ କହନ୍ତେଣ ପ୍ରବେଶ ଦ୍ରିଯୋଧନ
ଧୃତରାଷ୍ଟେଙ୍କ ଅଗ୍ରେ ସମସ୍ତ କହିଲା କର୍ଣ୍ଣ ।୧୩ ।
ଶଙ୍କୁନି କହିଲା ଦେବ ଶୁଣ କୁରୁବଇ
ଭୀମସେନ ପାର କଲା ସେ ବିଷଲଡୁ ଖାଇ ।୧୪ ।
ସଞ୍ଜୟେ ତୋ ବଂଶ ନାଶ ହେବ ହୋ କୁରୁବଇଂ
ପାଣ୍ଡବ ବ୍ରତିଥିଲେ ତୋର ପୁଅଙ୍କର ଜୀବନ ନାହିଂ ।୧୫ ।
ଶୁଣିଣ ବିଷାଦ ହୋଇଲା ସେ ଅମ୍ତ୍ରିକାର ବଲା
ଅଗାଦ ସମୁଦ୍ରେ ନିଶ୍ଚେ ମୋହୋର ବୁଡିଲାକ ଭେଲା ।୧୬ ।
ସଙ୍କୁନି ବୋଇଲା ତୁ ଶୁଣ ରାଜେ୍ୟଶ୍ତ୍ରର
ପାଣ୍ଡବଙ୍କର ନାଶ ଯେହ୍ନେ ଉପାୟେ ଦେବ କର ।୧୭ ।
ୟେସନେକ ବିଗ୍ର ଯେ କରଇ କୁରୁନାଥେ
ପାଣ୍ଡବେ ରହିଛନ୍ତି ବାରୁଣାବନ୍ତେ ପ୍ରଶସ୍ତେ ।୧୮ ।
ବାସୁଦେବଙ୍କୁ ସୁମରନ୍ତି ୟେକାନ୍ତେ ଯୁଝେଷ୍ଠି
ଯୁଝେଷ୍ଠି ସୁମରନ୍ତେ ଦେବ ମିଳିଲେ ଗରୁଡର ପିଠି ।୧୯ ।
ରାତ୍ର ଅର୍ଦ୍ଧମାନେ ଶଙ୍କୁନି ହକାରୀ ଭଗବାନ
ସଙ୍ଗତେ ଘେନିଛନ୍ତି ସହଦେବ ମନ୍ତ୍ରୀ ପୁଣ ।୨୦ ।
ତିନି ଜଣ ବସି ଯେ ବିଗ୍ର କରନ୍ତି
ଜଦୁଘର ତୁମ୍ଭ ପାଇଂ ଭିଆଇ ଅଛିଟି କୁରୁପତି ।୨୧ ।
ସହଦେବ ବୋଇଲେ ତୁ ମାତୁଳ ଶୁଣିମା
ଜଦୁର ଘର ଭିଆଇ ଅଛନ୍ତି କାହାକୁ ରଖିବେ ମହାତମା ।୨୨ ।
ଗୋବିନ୍ଦେ ବୋଇଲେ ତୁମ୍ଭେ ଶୁଣ ହୋ ବେନି ମନ୍ତ୍ରୀ
ଯୁଝେଷ୍ଠିଙ୍କି ଡକାଇ କହିବା ୟେ ଘାନ୍ତି ।୨୩ ।
ବଦନ୍ତି ଶଙ୍କୁନି ଶୁଣିମା ବାସୁଦେବ
ଧର୍ମ ସୁତଙ୍କୁ ଦେବ କି ଅବା କହିବ ।୨୪ ।
ଯୁଝେଷ୍ଠିଙ୍କି ହକାରୀ ଆଣିଲେ ନିଶା ଭାଗେ
ସକଳ ବୃତ୍ତାନ୍ତ ଯେ କହନ୍ତି ତାଙ୍କ ଆଗେ ।୨୫ ।
ପୁରଞ୍ଚନ ପଣ୍ଡା ଯଦୁଘର ବେଗେ ଦହନ କରିବ
ବୋଲନ୍ତି ଧର୍ମ ନନ୍ଦନ ଶୁଣ ବାସୁଦେବ ।୨୬ ।
ୟେ ଘୋର ସଂକଟରୁ ତୁମ୍ଭେ ସେ ରଖିବ
ତୁମ୍ଭେ ସାହାପକ୍ଷ ହୋଇଥିଲେ କେ କିସ ଯେ କରିବ ।୨୭ ।
ବ୍ୟାସ ବାସୁଦେବ ବିଦୁର ମୋତେ ସପକ୍ଷ ହୋଇଥିଲେ
କେହ୍ନ ଜିଣିମ ମୋତେ ପୃଥିବୀରେ ଭଲେ ।୨୮ ।

---

୨୦ ।୧ ଶଙ୍କୁନି ସୁମରିଲେ ଭଗବାନ । ପୁରଞ୍ଚନ ଓ ପୁରୋତନ ପାଠ ଅଛି ।
"ବାସୁଦେବଙ୍କୁ ସୁମରନ୍ତି" ଠାରୁ "ପୁରୋଚନ ରାଇଣ" ପର୍ଯ୍ୟନ୍ତ ପଦମାନ କେତେକ ପୋଥିରେ ଛାଡିଅଛି-

ୟେକାନ୍ତେ ବାସୁଦେବ କହିଲେ ସହଦେବଙ୍କୁ
ରାତ୍ରେଣ ଜଗାଇ ରଖାଇବ ପୁର ଭୀମସେନକୁ ।୨୯ ।
ୟେତେ କହି ଶଙ୍କୁନି ବାସୁଦେବ ଅନ୍ତର୍ଦ୍ଧାନେ ଗଲେ

ହରି ହରି ସୁମରୀ ପାଣ୍ଡବେ ନିଜ ନବରକୁ ଅଇଲେ ।୩୦ ।
ପୁରଞ୍ଚନ ରାଇଣ ବୋଇଲା କୁରୁପତି
ତୁ ଷା ବ୍ରାହ୍ମଣ ହୋ ପାଣ୍ଡବଙ୍କର କତି ।୩୧ ।
ସୂପକାର ପଣେଣ ପାକ ସଞ୍ଚି ଦେବୁ
ବିଷ ପରଶିଣ ତୁ ପାଣ୍ଡବନ୍ତ ନାଶିବୁ ।୩୨ ।
ନିଦ୍ରା ଯିବେ ପାଣ୍ଡବେ ଯେବଣ ନିଶାକାଳେ
ଜତୁର ଘରେ ତୁ ଲଗାଇବୁ ଅନଳେ ।୩୩-୬୧୯୨ ।
ଦୁର୍ଯ୍ୟୋଧନ ଆଜ୍ଞାରେ ପୁରୋଚନର ବାରୁଣାବନ୍ତଗମନ
ରାଜାର ଆଗ୍ୟାଂ ସେ ପାଇଣ ପୁରଞ୍ଚନ
ବାରୁଣାବନ୍ତକୁ ସେ ଚଳଇ ବହନ ।୧ ।
ଆଷାଢ ମାସ ବିଷ୍ଟି ଯେ ପୂର୍ଣ୍ଣିମୀର ଦିନ
ଉତ୍ତରାଷାଢା ନକ୍ଷତ୍ର ଯେ ଧନୁ ବିଦ୍ୟମାନ ।୨ ।
ସେ ଦିନ ପୁରଞ୍ଚନ ଯେ ବାରୁଣାବନ୍ତ ଗଲା
ଯୁଝେଷ୍ଠିଙ୍କ ସନ୍ନିଧେୟ ଯାଇ ପ୍ରବେଶ ହୋଇଲା ।୩ ।
ବ୍ରାହ୍ମଣକୁ ଦେଖିଣ ଯେ ପଗ୍ଭନ୍ତି ଦେବୀ କୋନ୍ତେ
କେବଣ କାର୍ଯ୍ୟେ ବିପ୍ର ଅଇଲ କାହିଁର ନିମନ୍ତେ ।୪ ।
ବ୍ରାହ୍ମଣ ବୋଇଲା ଶୁଣ ଭୋଜର କୁମାରୀ
ତୁମ୍ଭେ ଯେ ଦୁଖ ପାଉଅଛ ପାକ ବଚନ କରି ।୫ ।
ମୁହିଁ ବଲ୍ଲଭ ଜାଣଇ ରାନ୍ଧଣା ବିଧାନ
ପାକ ରଞ୍ଚନ କରି ମୁଁ ଦେଉଥିବି ପ୍ରତିଦିନ ।୬ ।

---

୬ ଶ୍ଥ ମୁହିଁ ବଲ୍ଲଭ ପଣେ ଅଟଇ ସୂପକାର
ଶ୍ଥ ପୁରଞ୍ଚନ ନାମଟି ଅଟଇ ମୋହୋର ।
୩୦ ।୧ ଅନ୍ତର୍ଦ୍ଧାନେ ଗଲେ - ସେଠାରୁ ଦୂର ହେଲେ ।
ପୁରଞ୍ଚନ ବୋଇଲା ଧୃତରାଷ୍ଟ ବୋଲି ଯେବଣ ରାୟେ
ତୁମ୍ଭର ଚିନ୍ତାକୁ ତାର ଅନୁବ୍ରତେ ଧ୍ୟାୟେ ।୭ ।
ତାହାର ପୁତ୍ରଙ୍କୁ ନାହିଁ ତାହାଙ୍କର ଚିନ୍ତା
ଅନୁବ୍ରତେ ଧରଇ ସେ ପଞ୍ଚ ପୁତ୍ରଙ୍କର କଥା ।୮ ।
ପୁରଞ୍ଚନ ବଚନ ଶୁଣି ବୋଲନ୍ତି ଯୁଝେଷ୍ଠିର
ସହଦେବଙ୍କୁ ହକାରି ଯେକାନ୍ତେ ନୃପବର ।୯ ।
ବ୍ରାହ୍ମଣ ଚରିତ୍ର ତୁ କେମନ୍ତ ପ୍ରାୟେ ମଣୁ
ତୁ ଯେ ବିତକ୍ଷଣ ବାବୁ ସବୁ କଥା ଜାଣୁ ।୧୦ ।
ସହଦେବ ବୋଇଲା ଦେବ ଉତ୍ତର କୋଶଳେ
ଗ୍ୟାନପୁର ନଗ୍ର ବୋଲି ଗଙ୍ଗା ନଦୀ କୂଳେ ।୧୧ ।
ନଉ ସହସ୍ର ଷାଠିୟେ ଘର ତହିଁ ଯେ ବସଇ
ସମସ୍ତେହେଁ କୁଗ୍ୟାନୀ ନାଶ କରଇ ମନୁଷ୍ୟଇଁ ।୧୨ ।
ତହିଁର ମହାଜନ ୟେ ଅଟଇ ଶାସେନୀ
ପାପ ପ୍ରକୃତିଦେବ ଅଟଇ କୁଗ୍ୟାନୀ ।୧୩ ।
ଗଉଡିଆ ଗୋଖର ୟେ ଅଟଇ ମନ୍ଦ ବାଟି

ଘର ଭିଆଇଲା ଯେ ଜଉ ସଜଳସ ଗୁଆଘୃତ ଛଣପଟି ।୧୪ ।
ଭୀମସେନ ଠାକୁରଙ୍କୁ ଯେଟି ଦିଲା ବିଷ ଲଡୁ
ଯେବେ ଆମ୍ଭନ୍ତ ଯେ ନାଶ କରିବ ନେଇଣ ବିଷ ଯୋଗାଡୁ ।୧୫ ।
ଯୁଧେଷ୍ଠି ବୋଇଲେ ରହ ରହରେ ସହଦେବ
ଭୀମସେନ ଜାଣିଲେ ଏହାକୁ ପ୍ରାଣେ ନାଶ କରିବ ।୧୬ ।
ସବ୍ୟ ହୋଉ କି ଅସବ୍ୟ ହୋଉ ଅଟଇ ବ୍ରାହ୍ମଣ
ଅଥର୍ବବେଦୀ ଯେ ବହଇ ବିପ୍ର ଲକ୍ଷଣ ।୧୭ ।
ଯେହାର ପାପେ ହୋ ନାଶ ଯାଉ ଯେହି
ବ୍ରହ୍ମହତ୍ୟା ଦୋଷ ନ ଲାଗୁ ଆମ୍ଭକଇଁ ।୧୮ ।
ମୋହୋର ଶପତ ବାବୁ ସଂରକ୍ଷଣ କର ଗର୍ଭେ
କଦାଶ୍ଚିତେ ନ କହିବୁଟି ଭୀମସେନର ଆଗେ ।୧୯ ।

---

୧୩ ।୨ ଯାଗ ପାଗ ପ୍ରତିପାଳ ଯେ ଅଟଇ କୁଗ୍ୟାନୀ ।
ଯୁଧେଷ୍ଠି ବୋଇଲେ ହୋ ଶୁଣିମା ପଣ୍ଡାୟେ
ତୁମ୍ଭନ୍ତ ହକାରି ଯେବେ ପେଷିଲେ ପିତାୟେ ।୨୦ ।
ଆଦିହୁଁ ଜାତ ହୋଇଲୁ ଶତଶିଂଗ ପର୍ବତେ
ବନ ଫଳ ଭୁଞ୍ଜୁ ଆମ୍ଭେ ଥାଉଁ ଯେ ବନସ୍ତେ ।୨୧ ।
ବନସ୍ତହୁଁ ଏବେ ଆମ୍ଭର ସେହି ସେ ପ୍ରକୃତି
ଅନ୍ନ ମେଞ୍ଜନେ ଆମ୍ଭେ ନୋହୁ ନା ତ୍ରିପୁତି ।୨୨ ।
ପିତା ଯେବେ ପେଷିଲେ ତୁମ୍ଭେ ଥାଅ ଆମ୍ଭ ତୁଲେ
ଅନ୍ନ ପାଞ୍ଚନ କରି ଦେବ ଆମ୍ଭର ଇଚ୍ଛା ଯେ ହୋଇଲେ ।୨୩-୬୨୧୪ ।
ବିଦୁର ଜତୁଗୃହ ଦ୍ୱାରେ ପ୍ରବେଶ
ରହିଲେ ପୁରଞ୍ଚନ ଯୁଧେଷ୍ଠିଙ୍କର ତୁଲେ
ହୃଦରେ ପାପ ଚିତ୍ତ ବାହରେ ଅନେକ ପୀରତି ବଢାଇଲେ ।୧ ।
କୁମ୍ଭ ମାସ ଶୁକଳ ପକ୍ଷ ଅଟଇ ତିଥି ତ୍ରୟୋଦଶୀ
ଗୁରୁବାର ଦିନ ପୁଷ୍ୟା ନକ୍ଷତ୍ରର ବେଳେ ଆସି ।୨ ।
ସେ ଦିନ ରାତ୍ରକାଳେ ଆସି ବିଜେ କଲେ ବିଦୁରେ
ପ୍ରବେଶ ହୋଇଲେ ସେହୁ ଜଦୁଘର ଦ୍ୱାରେ ।୩ ।
ଯୁଧେଷ୍ଠିଙ୍କି ତୋଳି ସେ ପଣ୍ଡିତ ମହାଭିଗଂ୍ୟ
ରାତ୍ରରେ ସନ୍ନିଧ୍ୟେଣ ବସାଇ କହନ୍ତି ସର୍ବଗଂ୍ୟ ।୪ ।
ବାବୁ ଧୃତରାଷ୍ଟ ଚରିତ୍ର ମଣିଲୁ କି ମନେ
ଅଭିଷେକ କରାଇ ଲୋଡଇ ଦୁରିଯୋଧନେ ।୫ ।
ଆମ୍ଭନ୍ତ ଘେନି ଭାଳିଲା ସନ୍ନିଧ୍ୟେ ବସାଇ
ଭୀଷ୍ମେ ବୋଇଲେ ଯୁଧେଷ୍ଠି ଥାଉ ଦୁରିଯୋଧନକୁ ପାଟ ନାହିଁ ।୬ ।
ତାହା ଶୁଣି କୋପ କଲା ରାଜା ଅନ୍ଧ
ତେଣୁ କରି ତୁମ୍ଭନ୍ତ ଚିନ୍ତିଲା ପରମାଦ ।୭ ।

ଶ୍ଥ ତାହା ଶୁଣି କୋପ କଲା ସେ ମାନଗୋବିନ୍ଦ
ଶ୍ଥ ତେଣୁ କରି ତୁମ୍ଭନ୍ତ ଚିନ୍ତିଲା ପରମାଦ ।

୭ ଶ୍ଥ ମଧୁ ପିଙ୍ଗଳ ଜାତି ସେ ଅଟଇ ବଡ ମନ୍ଦ
ଶ୍ଥ ତା ଠାରୁ ମନ୍ଦ ଅଟଇ ବାପ ତାର ଅନ୍ଧ ।
ଗୋଖରା ବ୍ରାହ୍ମଣ ଯେ ଅଟଇ ମହାଦୁଷ୍ଟ
ଭାମସେନକୁ ବିଷଲଡୁ ଖୁଆଇଲା ଯେ ପାପିଷ୍ଠ ।୮ ।
ଧର୍ମେଣ ପାର ହୋଇଲା ତୋହୋର ଅନୁଜ
ସମସ୍ତ ହେତୁ କରି ହୃଦୟେ ତୋହୋର ବୁଝ ।୯ ।
ଆହୋ ଯେ ପୁର ଭିଆଇଲା ପୁରଞ୍ଚନ କପଟେ
ଜଉ ସଜଳସ ଗୁଆଘୃତେ ଛଣପଟେ ।୧୦ ।
ଯେବଣ ପାକଟି କରିବ ରଞ୍ଚନ
ସବୁହିଁ ବିଷ ତାହା ନ କରିବଟି ଭୋଜନ ।୧୧ ।
ରାତ୍ରରେ ବାବୁରେ ତୁମ୍ଭେ ଯେବେ ନିଦ୍ରା ଯିବ
ସେହି ଦିନ ବ୍ରହ୍ମଣ ଯେ ପୁର ପୋଡି ଦେବ ।୧୨ ।
ଅଗ୍ନି ନ ଥିବଟି ଜତୁଘରର ଭିତରେ
ଯେହା ଚେତି କାର୍ଯ୍ୟ ହୋ କରସି ନିର୍ଭରେ ।୧୩ ।
ସେ ଅବା ବାପରେ ତୁମ୍ଭନ୍ତ ଚିନ୍ତିଲା ପାପ ଚିତ୍ତ
ଗୁପତେ ପାର ହୋଅ ସମୟେ ନ ଥାଅ ଯେଥ ।୧୪ ।
କେ କେମନ୍ତେ ବିଗ୍ଧର କରଇ ତଥ୍ୟ କରି
ତୁମ୍ଭର ଚିନ୍ତାହିଁ ସେ ଥିବ ହୃଦେ ଧରି ।୧୫ ।
ଯେତେ କହି ସେ ଗଲେ ଅମ୍ଭ୍ରୁବତୀର ସୁତ
ଧୃତରାଷ୍ଟଙ୍କୁ ପ୍ରଳମ୍ଭ୍ରିତ କଲେକ ତୁରିତ ।୧୬ ।
କଲ୍ୟାଣ ବାଞ୍ଛା ଯେ କରଇ କୁରୁବଇ
ଆସନ ପାଇଣ ଯେ ବସଇ ତହିଁ ଯାଇଁ ।୧୭ ।
ଯୁଦ୍ଧେଷ୍ଟି ଦେବ ହକାରିଲେ ଯେ ଭାମସେନକୁ
ତୁ ସବୁ ରାତ୍ରେଣ ଇଚ୍ଛା ଯେ ନ କରିବୁ ନିଦ୍ରାକୁ ।୧୮ ।
ମହା ବନସ୍ତ ଯେ ଦଇତ ଦାନବଙ୍କ ଭୂମି
ବ୍ୟାଘ୍ର ଭଲ୍ଲୁକ ମୟମତ୍ତ ହସ୍ତୀ ଯେଥି ଅନେକ ବିଶ୍ରାମି ।୧୯ ।

---

୮ ।୧ ଗୋଖରା-ମୂଢ, କାଣ୍ଡଜ୍ଞାନ ଶୂନ୍ୟ ।
ଦିବସେ କ୍ଷେପଇ ମାରୁତି ଘୋର ବନେ
ଖାଇଜ ଜୀବ ମାରି ଭୁଞ୍ଜଇ ପ୍ରତିଦିନେ ।୨୦ ।
କନ୍ଦମୂଳ ଦାରାକ୍ଷ ଭୁଞ୍ଜଇ କ୍ଷୁଧାବେଳ ଜାଣି
ଭୀମସେନ ଜତୁଘରେ ଭ୍ରମୁଥାଇ ସେ ରୟଣୀ ।୨୧ ।
ପାତାଳ ଭୁବନେ ଭୀମସେନ ଯେ ବେଲାବାଳୀକି ପ୍ରଦାନ ହୋଇଲା
ତାହାର ତହୁଁ ବଳୀବେଲାଉଳ ନାମେ ପୁତ୍ରେକ ଉପୁଜିଲା ।୨୨ ।
ବଡାଇ ସୁନ୍ଦର ସେ ଅତି ବଳବନ୍ତା
ଅନନ୍ତର ନାତି ସେ ଅନେକ ଶାହାସ୍ରେ ନିର୍ଜିତା ।୨୩ ।
ଋଷଭ ମାସ ଶୁକଳ ପକ୍ଷ ଦଶମୀର ଦିନ
ସୋମବାର ସେ ଦିନ ନକ୍ଷତ୍ର ହସ୍ତାକନ୍ୟ ।୨୪ ।
ସେ ଦିନ ପୁରଞ୍ଚନ ପଣ୍ଡା ଗଲା ହସ୍ତିନା ଭୁବନକୁ

ବାରତା କହିଲା ଯାଇଁ ଦ୍ୱରିଯୋଧନ ରାଜାକୁ ।୨୫ ।
ଆହୋ ଅନ୍ନ ପାଞ୍ଚନ ନାହିଁ ପାଣ୍ଡବଙ୍କର
କନ୍ଦମୂଳ ଭକ୍ଷନ୍ତି ସେ ଯେହ୍ନେ ବନଚର ।୨୬ ।
ଅଗ୍ନି ବିବର୍ଜିତ ଦେବା କଲେକ ଜଦୁର ଘରେ
ଲୋଡିଲେ ନ ପାଇ ଅଗ୍ନି ଗହନ ବନସ୍ତରେ ।୨୭ ।
ଆନ ଘରମାନ ଯେବେଟି ଥାଇ ସନ୍ନିଧାନେ
ତେବେ ଅଗ୍ନି ପାଇବା ଲୋଡିବା ବିଧାନେ ।୨୮ ।
ସଙ୍କୁନି ବୋଇଲା ମୋହୋର ବଚନ କରିବା
ଝିମାଣିଶାଳମାନନ୍ତ ଯେ ତହିଁ ତୋଲାଇବା ।୨୯ ।
ସାଞ୍ଜୁ ଘଟଣ ଯେ କରୁଥାନ୍ତି ବିନ୍ଧାଣିମାନେ ତହିଁ
ଲୋଡିବାର ବେଳେ ଯେ ପାଇବାକ ଜୁଇ ।୩୦ ।

---

୨୦ ।୨ କ୍ଷଦ୍ର ଜୀବ ମାରି ବ୍ରତଇ ପ୍ରତିଦିନେ । (ପା)
୨୩ ଶ୍ଥ ତା ନାମ ବେଲାଳସେନ ଦିଲା ତାର ମାତା
ଶ୍ଥ ପୁତ୍ରକୁ ଦେଖି ଆନନ୍ଦ ଅନନ୍ତ ଦୁହିତା । (ପା)
୨୮ ।୨ ତେବେ ସେ ଅଗ୍ନି ପାଇବା ନା ଗହସ୍ଥାନେ ।
୨୦ ।୨ ଖାଇଜ- ଖାଦ୍ୟ
ଯେତେବେଳେ ନିଦ୍ରା ଯେ ଯାଆନ୍ତି ରୟଣୀ
ଝିମାଣିଶାଳୁଁ ଅଗ୍ନି ଆଣି ଲଗାଇ ଦେବା ପୁଣି ।୩୧ ।
ସଙ୍କୁନିର ବଚନ ଯେ ଶୁଣିଲା ସେ ମାନଗୋବିନ୍ଦ
ଘଟଣା ବିନ୍ଧାନ୍ତି ମାନନ୍ତ ରାଇ ଆଗ୍ୟାଂ ଦିଲା ସେ ନରେନ୍ଦ୍ର ।୩୨ ।
ଶାଢୀ ସରଳ ଅନେକ ରତ୍ନ ଦିଲାକ ବଧାଇ
ସହସ୍ରେ ଶାଳ ଭିଆଅ ବାରିଣାବନ୍ତେ ରହି ।୩୩ ।
ନଦୀର ସନ୍ନିଧେଣ ଆବର ବନସ୍ତ ନିକଟ
ଅଙ୍ଗାର ପୋଡିବାକୁ ତହିଁ ପାଇବାକ ଅନେକ କାଠ ।୩୪ ।
ଭ୍ରାଥମାନେ ମୋର ଯେ ରହିଲେ ତହିଁ ଯାଇ
ପାଣ୍ଡବନ୍ତ ସପକ୍ଷ ତୁମ୍ଭେମାନେ ଥିବ ହୋଇ ।୩୫ ।
ଆପଣେ ବିଜେ କଲେ ମହାମନ୍ତ୍ରୀ ସଙ୍କୁନି
ବାରୁଣାବନ୍ତେ ପ୍ରବେଶ ହୋଇଲେ ବିନ୍ଧାଣିମାନନ୍ତ ଘେନି ।୩୬ ।
ଯଦୁର ଘର ବେଢାଇ ପାତିଲେ ମହାଖଲା
ସଙ୍କୁନି ସନ୍ନିଧେ ପ୍ରବେଶ ହୋଇଲେ ପଣ୍ଡୁରାଜାର ବଲା ।୩୭ ।
ମାତୁଳ ବୋଲି କରି କଲେ ନମସ୍କାର
ଯେ କିସ ଭିଆଣ ବୋଲି ପଚାରିଲେ ଯୁଦ୍ଧେଷ୍ଠିର ।୩୮ ।
ଶଙ୍କୁନି ବୋଇଲା ତୁ ଶୁଣ ଧର୍ମସୁତ
ଶୁଣସି ସାବଧାନେ କହଇ ତୋତେ ସତ ।୩୯ ।
ପୁରଞ୍ଚନ ପଣ୍ଡା ଯେ ଯାଇ ଧୃତରାଷ୍ଟଙ୍କୁ କହିଲେ
ମହା ଘୋର ଅରଣ୍ୟେ ତୋର ପୋଯେ ଯେକା ହୋଇ ରହିଲେ ।୪୦ ।
ଝିମାଣିଶାଳ ମାନନ୍ତ ତୁମ୍ଭନ୍ତ ଦିଲା ସାଙ୍ଗ ।୪୧ ।

---

୩୬ ।୨ "ବାରୁଣାବନ୍ତେ ପ୍ରବେଶ ହୋଇଲେ ବିନ୍ଧାଣି ମାନନ୍ତ ଘେନି" ପରେ ମୁଦ୍ରିତ ପୁସ୍ତକରେ-

ଜତୁଗୃହ ବେଢି ପୁଣି ରହିଲେକ ତହିଁ
କାଠ କାଟି ଜମା କଲେ ବନସ୍ତରୁ ବହି ।
ସନ୍ନିଧେୟ ପ୍ରବେଶ ହେଲେ ପଣ୍ଡୁରାଜା ବଲା
ଦେଖିଲେ ଗ୍ରି ପାରୁଶେ ଅଙ୍ଗାରର ଖଲା ।
ଶଙ୍କୁନି କହିଲା ଯେ ପାଣ୍ଡବଙ୍କର ସନ୍ନିଧାନେ
ନିର୍ଭୟେ ହୋଇଣ ତୁମ୍ଭେ ଥିବା ନା ଘୋର ବନେ ।୪୨ ।
ରାତ୍ର ଦିବସେ ବିନ୍ଧାଣି କରୁଥିବେ ଘଟଣା
ପଞ୍ଚଦଶ ମାସେ ସବୁ ହୋଇବ ସଂପୂର୍ଣ୍ଣ ।୪୩ ।
ଦ୍ୱାଦଶ ନଳେ ବଖରାୟେ କରନ୍ତି ନିର୍ବାଣ ।୪୪ ।
ୟେମନ୍ତେ ସହସ୍ର ବଖରା ଘର ହୋଇଲା ନିର୍ମିତ
ଲୋହକାର ବିନ୍ଧାଣିମାନେ ଲାଗିଲା ସମସ୍ତ ।୪୫ ।
ପୁରଞ୍ଚନ ଥାଇ ହୋ ସେ ପାଣ୍ଡଙ୍କର ତୁଲେ
ତୁମ୍ଭନ୍ତ ସଙ୍ଗ ବାବୁ କରାଇଲି ମୋହୋର ବୋଲେ ।୪୬ ।
ଯୁଢେଷ୍ଠି ବୋଇଲେ ତୁମ୍ଭେ ମହାଭିଗଂ୍ୟ ପଣ୍ଡିତ
ଧାର୍ମିକ ବିବେକ ତୁମ୍ଭେ ବେଦ ଶାସ୍ରରେ ନିର୍ଜିତ ।୪୭ ।
ତୁମ୍ଭର ଗ୍ୟାନେ କି ହୋଇ ପାପ କଥା
ଧର୍ମହିଁ ସାହାପକ୍ଷ ହୋଇବ ନା ସର୍ବଥା ।୪୮ ।
ତହିଲା ଦ୍ୱିଜବର ଯୁଢ଼ଷ୍ଠିଙ୍କର ତୁଲେ
ଝିମାଣିଶାଳ ବିନ୍ଧାଣିମାନେ ଶାଳନ୍ତ ସିର୍ଜିଲେ ।୪୯- ୬୨୬୪

ଝିମାଣିଶାଳ ନିର୍ମାଣ

ସିଂହ ଶୁକଳ ତ୍ରୟୋଦଶୀ ତିଥି ଅର୍କବାର
ଧନିଷ୍ଠା ନକ୍ଷତ୍ର କୁମ୍ଭ ରାଶି ଭୋଗ୍ୟ ଅଟଇ ସେ ଦିନର ।୧ ।
ବିଦୁର ମହାତ୍ମା ଯେ ବିଜେ କଲେ ନିଶାକାଳେ
ଭାମସେନକଇ ଦେଖିଲେ ବାରୁଣାବନ୍ତ ପର୍ବତର ତଳେ ।୨ ।
ଯୁଢେଷ୍ଠିଙ୍କି ହକାରି ଆଣ ମୋର କତି
ଆଗ୍ୟାଂ ପ୍ରମାଣେ ବେଗେ ଚଳଇ ମାରୁତି ।୩ ।
ଯୁଢେଷ୍ଠି ଅର୍ଜୁନଙ୍କୁ ଘେନିଣ ବ୍ରିକୋଦର
ବିଦୁରଙ୍କୁ ଭେଟିଲେ ସେ ସୁରନଦୀ ତୀର ।୪ ।
ବିଦୁର କହିଲେ ତୁ ଶୁଣ ହୋ ଯୁଢେଷ୍ଠି
ଅନ୍ଥବ୍ରତେ କପଟ ତୁମ୍ଭନ୍ତ ଚିନ୍ତଇ ଧୃତିରାଷ୍ଟି ।୫ ।
ଝିମାଣିଶାଳ ବିନ୍ଧାଣିମାନନ୍ତ ତୋହୋ ସନିଧେୟ ରୁହାଇ
ତହିଁର ତଦନ୍ତମାନ ଜାଣିଲୁଟି କି ତୁହି ।୬ ।
ଯୁଢେଷ୍ଠି ବୋଇଲେ ତାତ ଥିଲି ମୁହିଁ ୟେକା
ଦତ୍ୟ ଦାନବଙ୍କୁ ମୋତେ ଲାଗୁଥିଲା ବଡ ଶଙ୍କା ।୭ ।
ଶଙ୍କୁନି ପ୍ରସନ୍ନେ ମୁଁ ହୋଇଲି ନିର୍ଭୟେ
ଏପାର ସାଙ୍ଗ ମୁଁ ପାଇଲି ପିତାମହେ ।୮ ।
ସେ ମୋହୋର ତାତ ଯେ ଅଟନ୍ତି ଧୃତରାଷ୍ଟ
ସକଳ ଚିନ୍ତା କରିବାକୁ ବଂଶକୁ ସେହୁ ଶ୍ରେଷ୍ଠ ।୯ ।

ଅନେକ କାଳ ମୁଁ ରହିଲି ଘୋର ବନେ
ଅନେକ ଅରଷ୍ଟି ବଞ୍ଚିଲି ଧୃତରାଷ୍ଟଙ୍କ ପ୍ରସନ୍ନେ ।୧୦ ।
ବିଦୁର ବୋଇଲେ ତୁ ଧର୍ମ ନ ଛାଡିବୁ କଦାଚିତେ
ଧୃତରାଷ୍ଟର ପ୍ରକୃତି ତୋତେ ନୋହଇ ନା ଯେମନ୍ତେ ।୧୧ ।
ଯେମନ୍ତେ ନାଶଯିବ ତୁମ୍ଭେ ପାଞ୍ଚ ଭାଇ
ତହିଁକି ବୁଦ୍ଧି ହାଦେ ଅନ୍ଧବ୍ରତେ ଚିନ୍ତୁଅଛି ସେହି ।୧୨ ।
ତୁ ଯେ ବୋଲୁଅଛୁ ହୃଦଗତେ ଧୃତରାଷ୍ଟ ମୋହୋର ପିତା
କେବଣ ବାଗେ ସହିବଟି ତାକୁ ଧର୍ମ ଯେ ବିଧାତା ।୧୩ ।
ବାବୁ ଝିମାଣିଶାଳମାନ ଯେ ତୋଲାଇଲା ଯତନେ
ଅଗ୍ନି ନ ପାଇଲ ଯହୁଁ ପୁରଞ୍ଚନ ତୋହୋର ଭୁବନେ ।୧୪ ।
ଝିମାଣିଶାଳମାନ ଯେ ଯେଥି ନିମନ୍ତେଟି
ଅଗ୍ନି ଘେନି ପୁରଞ୍ଚନ ଦହିବ ନିଶାରାତି ।୧୫ ।
ବାବୁ ଏମନ୍ତେଟି ହାଦେ ଧୃତିରାଷ୍ଟ ଚିତ୍ତ କଥା
ବାବୁ ସାବଧାନ ହୋଇଥାଅ ଯେମନ୍ତ ବେବସ୍ତା ।୧୬ ।
ଯୁଦ୍ଧେଷ୍ଠି ବୋଇଲେ ତାତ ତୋହୋର ଯେବେ ଯେହେନେକ ଚିନ୍ତା
କେ ମୋତେ ତ୍ରୈଲୋକ୍ୟେ ଅଛି ପ୍ରମାଦ ବିହନ୍ତା ।୧୭ ।
କହିଣ ବିଦୁର ଯେ ଗଲେ ନିଜ ସ୍ଥାନେ
ଯୁଦ୍ଧେଷ୍ଠି ପ୍ରବେଶ ହୋଇଲେ ବାରୁଣାବନ୍ତ ଭୁବନେ ।୧୮ ।
ହସ୍ତେଣ ଖଡଗ ଯେ ଘେନିଣ ବିଦୁର
ହସ୍ତିନା ଭୁବନେ ଯେ ଭ୍ରମଇ ପୁରେ ପୁର ।୧୯ ।
ନିଶାକାଳେ ଯାନ୍ତେଣ ହସ୍ତିନା ଭୁବନ ଭ୍ରମି
ତୁଲେଣି କେହି ନାହିଁ ଯେକସରେ ରାଯେ ଗମି ।୨୦ ।
ପୁରୁଷକୁ ଦେଖିଲେ ସେ ବୁଲଇ କୋନ୍ଦି କୋନ୍ଦି
ଚିରକୁଟୀ ବସ୍ରେକ ସେ କଟିରେ ଅଛି ପିନ୍ଧି ।୨୧ ।
ନୟନେ ଅଞ୍ଜନ ଯେ ମଥାରେ କେଶ ହୀନେ
ପରପଞ୍ଚ ଅବସ୍ତା ସେ ବସ୍ରର ବିହୁନେ ।୨୨ ।
ନିଶାପତିକି ଦେଖିଣ ସେ ହୋଇଲେ ଗୁପତ
ଧାଇଁ ଯାଇ ବିଦୁରେ ଯେ ଧଇଲେ ତାର ହସ୍ତ ।୨୩ ।
ବିଦୁରେ ବୋଇଲେରେ ତୁ ଅଟୁ କାହାର କତି
ପ୍ରପଞ୍ଚ ଅବସ୍ତାରେ ତୁ ଦିଶୁ ହୀନ ଜାତି ।୨୪ ।
ଯେ ହସ୍ତିନା ଭୁବନେ ଯେମନ୍ତ ଲୋକ ଦେଖିଲା ତ ନାହିଁ
ଯେହେନେକ ଦାରିଦ୍ର ଅବସ୍ତା ହୋଇଲୁ ତୁହି କାହିଁ ।୨୫ ।
ଯେଥିର ସରୂପ କହ ତୁ ମୋହୋର ଅଗ୍ରତେ
ମିଛ କହିଲେ ପ୍ରାଣେ ନାଶିବିଟି ତୋତେ ।୨୬- ୬୨୯୦ ।
ଖନିକାର ଟସକର ବୃତ୍ତାନ୍ତ
ବିଦୁର ବଚନେ ସେ ବୋଲଇ ଟସକର
ମୁହିଁ ଯେବଣ ଜାତି ଶୁଣିମା ଦଣ୍ଡଧର ।୧ ।
ମୁହିଁ ଟସକର ଯେ ଅଟଇ ଯୁଗତେ
ବିଦୁର ବୋଇଲେ ଟସକର ଜାତିରେ କେମନ୍ତେ ।୨ ।
ମୁଁ ଅଟଇ ହାଦେ ଚଉର୍ଯ୍ୟ ହୀନ ଜାତି

ଘର ବାସ ନାହିଁ ମୋର ଚଉର୍ଯ୍ୟ କର୍ମେଣ ବ୍ରତି ।୩ ।
ପୁଣ ପଗ୍ଭରଇ ଅମ୍ଭ୍ରୁବତୀର ବାଳ
କେବଣ ମତେ ପରଧନ ଚଉର୍ଯ୍ୟ ଯେ କର ।୪ ।

---

୩ ।୨ ଆନ ବେଉସା ନାହିଁ ମୁ ଚଉର୍ଯ୍ୟ କର୍ମେ ବ୍ରତି ।
୨୧ ।୧ କୋନ୍ଦି କୋନ୍ଦି - କନ୍ଦି କନ୍ଦି
କାନ୍ଥ ଖୋଲିଣ ଦେବ ପଶଇ ଭିତରେ
ପର ଧନ ଚଉର୍ଯ୍ୟ କରି ନିୟେ ନିଶାକାଳେ ।୫ ।
ବିଦୁରେ ବୋଇଲେ ଥାନ୍ତି କବାଟ ପାଡି କରି
କେବଣ ବାଗେ ପଶ ତାହାଙ୍କର ଭିତର ପୁରୀ ।୬ ।
କହଇ ଟସକର ଶୁଣିମା ଗୋସାଇଁ
ଗ୍ଭରିଖାନି ଚଉଗଣି ଲକ୍ଷ ଜନ୍ତୁ ନାରାୟଣ ଭିଆଇ ।୭ ।
ଚଉର ବୋଲି କରି ଯେକ ଜାତିୟେ ଭିଆଇଲା
ଲକ୍ଷଣା ଦଣ୍ଡ ବୋଲି ଶସ୍ରେକ ସ୍ରିଜିଲା ।୮ ।
ତାହା ଘେନି କାନ୍ଥ ଖୋଳଇ ନାଶା ରାତି
ଭିତରେଣ ପଶିଲେ ଦେବ କେହି ନ ଜାଣନ୍ତି ।୯ ।
ବିଦୁରେ ବୋଇଲେ ତାର ସରୂପ ମୋତେ କହ
କାହା ହାଥେ ଲକ୍ଷଣାରେ କେତେବେଳେ ଗଢାଅ ।୧୦ ।
କହଇ ଖନିକାର ସ୍ୱାମୀ ଶୁଣିମା ସାବଧାନେ
ତୁଳମାସ କୃଷ୍ଣପକ୍ଷ ଅମବାଇ ଚଣ୍ଡୀପୂଜା ଦିନେ ।୧୧ ।
ବିଶାଖା ନକ୍ଷତ୍ର ଯେ ଅଟଇ ସେ ଦିନର
ସେ ଦିନ ଲକ୍ଷଣାକୁ କରନ୍ତି ବିଘ୍ନର ।୧୨ ।
ତହିଁର ପାହାନ୍ତି ଯେବେ ରୋବଇ ଅବଳା
ଚଉର୍ଯ୍ୟ ବିଦ୍ୟାକୁ ସେ ଅଟଇ ଶୁଭ ଅନକୂଳା ।୧୩ ।
ଯେଉଣ ମହାରଣାର କୃତ୍ତିକା ବୃଷ ରାଶି
ତାହାକୁ ବରଣ କରି ଅମାବାଇ ନିଶି ।୧୪ ।
ପ୍ରାତେ ସ୍ନାହାନ କରି କଲା ବସ୍ରେକ ଥାଇ ପିନ୍ଧି
ମଲା ମାଇପଙ୍କ ଶୃଙ୍ଖା ପଟିୟେ ବାମ ହସ୍ତେ ବାନ୍ଧି ।୧୫ ।
ରାତ୍ରନ ହୋଇଲେଣ ଶାଳଯନ୍ତ୍ର ପୂଜା କରି
ନବତନ ଅଗ୍ନି ଲେହ ପାଷାଣରୁ ଉତ୍ତରି ।୧୬ ।

---

୮ ଶ୍ଥ ଲକ୍ଷଣା ବୋଲି ଦେବ ପଦାର୍ଥି ଭିଆଇଲା ।
ଶ୍ଥ ଖଣନ୍ତା ଦଣ୍ଡା ବୋଲି ଶହସ୍ରେକ ହୋଇଲା ।
୧୪ ।୨ ତାହାକୁ ବରଣ କରି ଆମ୍ଭେ ଘେନି ଆସି ।
ରାତ୍ର ତିନି ପ୍ରହରେ କଷ୍ଣ ଛାଗଳେକ ନେଇ
ଚଉରୁଣୀ ଦେବୀଙ୍କି ରକତ ଭାତ ବଳି ଦେଇ ।୧୭ ।
ଭୋ ଦେବ ଅବଳାମାନଙ୍କର ଯେ ପ୍ରଥମ ରାବ ଯେ ବୋବାଳି
ଅଗ୍ନିରେ ନେଇ ଲୁହା ସିଝାଇ ପରିତାଳି ।୧୮ ।
ଯୋଗେଣ ନିର୍ବାଣ ସେ କରଇ ମହାରଣା

ତ୍ରିଅଧାର କରି ଦଣ୍ଡ କରାଇ ଲକ୍ଷଣା ।୧୯ ।
ଭୋ ଦେବ ବିଦୁର ଶୁଣିମା ସାବଧାନେ
ଆପଣେ ସଞ୍ଚିଲେ ତାହା ଜେବ ଜନାର୍ଦ୍ଦନେ ।୨୦ ।
ସ୍ତ୍ରୀମୀ ଗୋପପୁରେ ଜନମ ଯେ ହୋଇଲେ ବନମାଳୀ
ରଙ୍ଗା ଅବତାରେ ବିଳସିଲେ ଚନ୍ଦ୍ରାବଳୀ ।୨୧ ।
ଶ୍ରୀହରି ରାଧାର ତୁଲେ ଅନେକ ପୀରତି
ଚନ୍ଦ୍ରସେଣ ଗୁଆଳ ରାଧାର ନ ଛାଡଇ କତି ।୨୨ ।
ରାତ୍ରରେ ଶୁଆଇ ଥାଇ ତାହାର ନିଜ ଗମ୍ଭୀରି
ଅନେକ ଯତନେ ଯେ କବାଟ କିଳି କରି ।୨୩ ।
ମଦନ ଆରତ ହୋଇ ଦେବ ବନମାଳୀ
ରାଧାର ନିମନ୍ତେ ଯେ ରାତ୍ରେ ବୁଲନ୍ତି ଅନ୍ତରାଳି ।୨୪ ।
ସାତ କବାଟ ଅନ୍ତରେଣ ଚନ୍ଦ୍ରସେଣା ଶୋଇଛି ରାଧିକାଙ୍କୁ ଘେନି
ପଶି ତ ବାଟ ଲୋଡି ନ ପାଇଲେ ଦେବ ସ୍ତ୍ରୀମୀ ରୟଣୀ ।୨୫ ।
ଅସମ୍ଭାଳ ହୋଇ ସ୍ତ୍ରୀମୀ ମଦନ ଆରତେ
ରାଗେଣ କବାଟ ହରି ପେଲନ୍ତି ହେଠ ମାଥେ ।୨୬ ।
କବାଟ କଣ୍ଟା ଗୋଟିୟେ ଲାଗିଲା କପାଳ
ଲଲାଟ ଫୁଟିଣ ରୁଧିର ବହଇ ଝର ଝର ।୨୭ ।
ଧାତାଙ୍କୁ ଚିନ୍ତା ଯେ ଲାଗିଲା ମନେ ବଡ ଭ୍ରାନ୍ତି
ନାରାୟଣଙ୍କୁ ପ୍ରସନ୍ନ ହୋଇଲେ ପିତାମହ ଧାତି ।୨୮ ।

---

୧୭ ।୨ ସୁକୁଟୀ ଚମାରୁଣୀ, ପିତେଇ ସଉରୁଣୀ ୟେମାନେ ଦେବୀ ଅଟନ୍ତି ।
୧୭ ।୨ ଚଉରୁଣୀ ଦେବୀ, ସଉରୁଣୀ, ଚଉଣୀ, ଚଉରାଣୀ, ଚଲଣା, ଚଉରାଣୀ,
ସଉରିଣୀ, ଚଣ୍ଡୀଦେବୀଙ୍କୁ ପ୍ରଭୁତି ପାଠ ଭିନ୍ନ ଭିନ୍ନ ପୋଥିରେ ଅଛି ।
ରୁଧିର ବହନ୍ତେ ହରି ପକାବନ୍ତି ପୋଛି
କଟାକ୍ଷ ମନ୍ତ୍ରେଣ ବେଦବର ଫୁଙ୍କନ୍ତି ଶ୍ରୀବତ୍ସି ।୨୯ ।
ନାରାୟଣଙ୍କ ରୁଧିର ରୁହାଇଲେ ବେଦପତି
ପିତାମହ ବିଜେ କଲେ ନାରାୟଣଙ୍କର କତି ।୩୦ ।
ଭୋ ଦେବ ନାରାୟଣ କି ହୋଇଲ ବିରହିତ
ଗୋପାଳ ନିରୋଧି କଲ ପୁଷ୍ପେକର ଦୁହିତ ।୩୧ ।
ୟେ ଲୋହ ଯନ୍ତ୍ର ତୋତେ ଦେଉଛି ବନମାଳୀ
ୟେହା ଘେନି ଭିତରେ ପଶ କାନ୍ଥ କୋଳି ।୩୨ ।
ସେ ଶହସ୍ର ଗୋଟି ଘେନି ଦେବ ଯେ ଅଚ୍ୟୁତ
ତତକ୍ଷଣେ ଖୋଳିଲେ ଗୋପାଳର ପାଷାଣର କାନ୍ଥ ।୩୩ ।
ବ୍ରହ୍ମାର ମାୟାରେ ଯେ ନ ଶୁଭଇ କାହାକୁ
କାନ୍ଥ ଖୋଳି ବନମାଳୀ ପଶିଲେ ଭିତରକୁ ।୩୪ ।
ରାଧିକାକୁ ଲାଗିଅଛି କାମଶର ବାଧା
କେଶବର ଶୃଙ୍ଗାରକୁ ଲୟେ କରିଅଛି ରାଧା ।୩୫ ।
ଅଞ୍ଜନ ବିଦ୍ୟା ଯେ ଦେଇଥିଲେ ବେଦପତି
ନୟନେ ଲଗାଇ ହରି ଗ୍ରହିଁଲେ ଚଉକତି ।୩୬ ।

ଦିବସ ଯେସନେକ ଦିଶଇ ଆଲୁଅମୟେ
ଅନ୍ଧାର ଘର ଦିଶଇ ସୂର୍ଯ୍ୟ ଉଦୟ ପରାୟେ ।୩୭ ।
ଆରେକ ବିଦ୍ୟାୟେ କହିଲେ ବେଦବରେ
ନିଦ୍ରାଧୂଳୀ ଗୁଡାୟେକ ଦିଲେ ନାରାୟଣଙ୍କ ହସ୍ତରେ ।୩୮ ।
ତାହା ନେଇ ପକାଇଲେ ଗୋପାଳ ଉପରେ
ଅସାଷ୍ଟମେ ନିଦ୍ରାରେ ପଡିଲେ ଗଉଡେ ।୩୯ ।
ରାଧାର ହାଥ ଧରି ନାରାୟଣ ଡୋଳି
ଧାତିକାରେଣ ଉଠିଣ ସେ ଯେ ବସିଲା ଚନ୍ଦ୍ରାବଳୀ ।୪୦ ।
ରାଧାର ହସ୍ତ ଧରି ପଇଠି ଗମ୍ଭିରି
ହରଷେ ବାସୁଦେବ କ୍ରୀଡାରଙ୍ଗ କରି ।୪୧ ।

---

୩୪ ଶ୍ଥ ଯାହାର ମାୟା ଅଗୋଚର ବ୍ରହ୍ମାଙ୍କୁ ।
ଶ୍ଥଖୋଳି ବନମାଳୀ ପଶିଲେ ଭିତରକୁ ।
୩୭ ।୧ ଦିହୁଡି ଆଲୁଅ ପ୍ରାୟେ ଦିଶଇ ଆଲୁଅମୟେ ।
ରସ ଖଳିତ ହୋଇ ଭାଗିଲା ସରାଗ
ସେହି ବାଟେ ବାହାର ହୋଇଲେ ଶ୍ରୀରଙ୍ଗ ।୪୨ ।
କେଶବ ବିଗ୍ରହନ୍ତି ଯେ ବିମ୍ଭ୍ରରେ ହୋଇଲା କାର୍ଯ୍ୟସିଦ୍ଧି
ଯେହି ବିମ୍ଭ୍ରରେ ସର୍ବକାଳେ କାର୍ଯ୍ୟ ହୋଇବ ପ୍ରସିଦ୍ଧି ।୪୩ ।
ଯେମନ୍ତେ ନାରାୟଣ ଲକ୍ଷେ ଶୃଙ୍ଗାର କଲେ
ତେଣୁ ଯେ ଶହସ୍ର ଗୋଟିକୁ ଲକ୍ଷଣା ନାମ ଦିଲେ ।୪୪ ।
ଯେ ବିଦ୍ୟାରେ ଅନେକ କାର୍ଯ୍ୟ ସିଦ୍ଧି କରିଣ କହ୍ନାଇ
ମୋତେ ଦିଲେକ ଅଞ୍ଜନ କଜ୍ଜଳ ବିଦ୍ୟା ନିଦ୍ରା ଗୁଣ୍ଡି ସିଦ୍ଧଦାୟୀ ।୪୫ ।
ବିଦୁରେ ବୋଇଲେ ବଡାଇ ସୁସଞ୍ଚ ପରସ୍ତାବ
ତୋହୋର କେଶବର ଏତେ କାହିଁ ଭାବ ।୪୬ ।
ବିନୟ ଭାବ ହୋଇ କହଇ ଖଲ୍ୟକାର
ବାସୁଦେବ ଯେ ଗୋପପୁରେ ରଙ୍ଗା ଅବତାର ।୪୭ ।
ରାଧାର ତୁଲେ ଯହ୍ନଂ ନ ପାଇଲେ ପୀରତି
ସନ୍ନିଧେୟ ହକାରିଲେ ସରହସୁନ୍ଦରୀ ଦୂତୀ ।୪୮ ।
ସେ ଅମର ସୁନ୍ଦରୀ ସ୍ୱର୍ଗର ଅଟଇ ଦୂତକାରୀ
ଯେହାର ମୂଳେ ଭୋଗ୍ୟ ଚଉଷଠୀ କୋଟି ବିଦ୍ୟାଧରୀ ।୪୯ ।
ସ୍ତମ୍ଭନ ମୋହନ ଯେ ବଶ୍ୟ ଉଚ୍ଚାଟନ
ଗୁଟିକା ଅଞ୍ଜନ ଯେ ଧରଣ ଧାରଣା ।୫୦ ।
ସମସ୍ତ ବିଦ୍ୟା ଯେ ଜାଣଇଂ ସରହସୁନ୍ଦରୀ
ଭାର ରସ ବଚନେ ପାଷାଣ ହୋୟେ ଜତି ।୫୧ ।
ନନ୍ଦପୁଅ କହ୍ନାଇ ବୋଲି ନିନ୍ଦା କରୁଥିଲେ
ସେ ସରହସୁନ୍ଦରୀ ଦୂତିକାର ବଚନେ ସମସ୍ତେ ବଶ ହୋଇଲେ ।୫୨ ।
ବଇଶାଖ ଶୁକଳ ପକ୍ଷ ଚଉଠୀର ଦିନ
ରୋହିଣୀ ଭୋଗ ଯାଇ ମୃଗଶୀରା ସଂପୂର୍ଣ୍ଣ ।୫୩ ।

---

୪୪ ।୧ ଯେମନ୍ତେ ଗୋବିନ୍ଦ ଲକ୍ଷେ ଗୋପସ୍ତିରୀ ରମଣ କଲେ ।
୪୫ ।୨ ଅଞ୍ଜନ ଗୁଟିକା ଗୁଣ୍ଡି ହରି ମୋତେ ଦେଇ ।
୫୦ ।୨ ଧରଣ ଧାର ନିର୍ବାଣ (ନିର୍ମାଣ) ସରଦ ସୁନ୍ଦରୀ ଦୂତୀ ।
୫୧ ।୨ ଭାବ ରସେ ଜାଣେ ସେ ପାଷାଣ ତରଳ କରି ।
ସେ ଦିନ ରାଧିକା ପୁରେଣ ଅଛି ରହି
ଶାଶୁ ଗଲା ତାର ଝିଅକୁ ଶାଶୁଘରକୁ ପୁଆଇ ।୫୪ ।
ବସନ୍ତ ଉଚ୍ଛବ ଯେ ମଥୁରା ନଗ୍ରପୁର
ଦହି ଦୁଧ ଘୃତ ସର ଘେନିଗଲେ ଗଉଡେ କଂସର ଛାମୁର ।୫୫ ।
ଗୋପାଳୁଣୀ ଗଲା ଯହୁଁ ଶୂନ୍ୟ ମନ୍ଦିର ହୋଇଲା
ସେ ସରହସୁନ୍ଦରୀ ଦୂତିକାଙ୍କୁ ରାଧିକା ହକାରିଲା ।୫୬ ।
ଆପଣାର ଅଳଙ୍କାରମାନ ସମସ୍ତ କାଢି ଦିଲା
ସେ ସରହସୁନ୍ଦରୀକି ରାଧିକା ମଣ୍ଡିଲା ।୫୭ ।
ଆପଣାର ଅଲେଖ ତିଳକ ବସ୍ତ୍ର ପିନ୍ଧାଇ
କବେରୀ ଭାର ଖୋଷା ଖୋଷିଲା ପୁଷ୍ପ ମାଲା ଲାଇ ।୫୮ ।
କସ୍ତୁରୀ ଗନ୍ଧ ଯେ ଲେପନ କଲା ତାର ଅଙ୍ଗେ
ଆପଣାର ତାମ୍ବୁଲ ଭୁଞ୍ଜାଇ ଅଧର କ ସୁରଙ୍ଗେ ।୫୯ ।
ବୋଇଲା ସଂଘାତ ଗୋ ଯାଅ ଯେହି କ୍ଷଣ
ନନ୍ଦ ପୁଅ କହ୍ନାଇ କି ବହନ କରି ଆଣ ।୬୦ ।
ଆପଣାର ନେପୁର କାଢି ଦୂତିକା ପାଦେ ଦେଇ
ରାଧିକାର ବଚନେ ସରହସୁନ୍ଦରୀ ଚଳଇ ।୬୧ ।
ରାଧିକାର ନିମନ୍ତେ ଦେବ ମଧୁହାରୀ
ମାଧବୀ ଲତା ତଳେ ଛନ୍ତି ପଥ ଅନୁସରୀ ।୬୨ ।
କ୍ଷଣେ ଯମୁନା କୂଳେ କ୍ଷଣେ କଦମ୍ବ୍ର ବୃକ୍ଷେ ଉଠି
ପର ଦ୍ୱାରା ଶୃଙ୍ଗାରେ ହରି ଯେହେନେକ କଷ୍ଟି ।୬୩ ।
ଯେମନ୍ତେ ପନ୍ଥା ଅନୁସରନ୍ତି ଜଗନ୍ନାଥ
ନେପୁର ଧ୍ୱନି ଶୁଭିଲା ଦୂତିକା ଗବନର ପଥ ।୬୪ ।
ଧାତିକାରେ ଡେଇଁ ପଡିଲେ କଦମ୍ବ୍ରର ଡାଳୁଁ
ତରଙ୍ଗ ନୟନେ ହରି ଚାହାଁନ୍ତି ହେଳୁ ହେଳୁ ।୬୫ ।

---

୫୪ ।୨ ଶ୍ୱଶାଶୁ ଗଲା ତାର ଝିଅ ଘରକଇ ।
ଶ୍ୱଥ ଶାଶୁ ଗଲା ତାର ଝିଅକୁ ଜଗାଇ ।
ମଦନ ରସେ ବୁଡାଇ ଅଛନ୍ତି କୃଷ୍ଣ ନିଜେ କାୟେ
ଦୂତିକାକୁ ଦେଖିଲେ ସୁଢଳ ଆଭରଣମୟେ ।୬୬ ।
କାମ ଆରତେଣ ଯେ ଦେବ ମଧୁହାରୀ
ରାଧିକା ବୋଲି ହରି ଦୂତିକାକୁ କୋଳ ଧରି ।୬୭ ।
ମଦନ ଆରତେ ଦେବ କିଛି ନୁଆରି ପଗ୍ୟରି
ଦୂତିକାର ପିନ୍ଧିଲା ବସନ ଦେବ ପକାଇଲେ ଫେଡି ।୬୮ ।
ବିଶେଷେ କୁଞ୍ଜଲତା ଗହନ ଘୋରବନ
ବସନ୍ତ ଋତୁ ମଳୟାନିଳ ଖଏଦଇ ମଦନ ।୬୯ ।

ବସନ୍ତ କୋକିଳ ଧୁନି ଦିଅଇ ସେ ଋତୁ
ମନସିଜ ବାଣଘାତେ ଦହଇ କାମ ତତ୍ତୁ ।୭୦ ।
ଯେହେନେକ ଭ୍ରାନ୍ତି କଲାକ କାମଦେବ
ପରମଗ୍ୟାନୀ ନାଥ ନ ପାଇଲ ସଦିଭାବ ।୭୧ ।
ରାଧିକାର ବେଶ ଅଳଙ୍କାରମାନ ନୟନେଣ ଦେଖି
ରାଧିକା ବୋଲି ଶୃଙ୍ଗାର କଲେକ ଦୂତୀକି ।୭୨ ।
ହେଠ ଉବୁଡାୟେ ଶୃଙ୍ଗାର ରସ ଭୋଳେ
ମୁଖେ ଚୁମ୍ବ୍ରନ ଦେଇ ସେ ଭିଡନ୍ତି ବକ୍ଷସ୍ଥଳେ ।୭୩ ।
ମଦନ ଆରତେ ଦେବ ଅସମ୍ଭାଳ ଘେନି
ମୁଖେ ମୁଖ ଲଗାଇଂ ଯେ ନ ପାରନ୍ତି ଚିହ୍ନି ।୭୪ ।

---

୬୬ ଶ୍ଥ ମଦନ ଶର ଯେ ଘାରଇ ନିଜ କାୟେ
ଶ୍ଥ ଦୂତିକାକୁ ମଣିଲେ ରାଧିକାର ପ୍ରାୟେ ।
୬୭ ।୨ ଶ୍ଥ କାମ ଅସାଷ୍ଟମେ ଦେବ ମଧୁହାରୀ (ପା)
ଶ୍ଥ କାମ ଆରତେ ବିହ୍ୱ୍ରଳ ଦେବ ମଧୁହାରୀ (ପା)
୬୦ ଶ୍ଥ ବସନ୍ତ ବୋଲି ଅଟଇ ଯେବଣ ଋତୁ
ଶ୍ଥ ଉଚ୍ଛାହା କରଇ ସେ କାମଶର ତତ୍ତୁ
୬୧ ଶ୍ଥ ଯେହେନେକ ରୀତି ଭିଆଇ କାମଦେବ
ଶ୍ଥ ପରମ ବ୍ରହ୍ମ ନାଥ ଧରି ନ ପାରିଲେ ସ୍ତ୍ରୀଭାବ ।
୬୩ ।୨ ବିପରୀତ ରତି କଲେ ଶୃଙ୍ଗାର ବିଭୋଳେ ।
୬୦ ।୨ ତତ୍ତ-ତତ୍ତ୍ରୀ
ଦୂତିକା ବୋଲିଣ ସେ ଯେବଣ ଯୁବତୀ
ତାହାର ବୟସେ ଯେ ନାହିଂ କେହି ପୃଥୀ ।୬୫ ।
ପାଚିଲା କେଶ ତାର ଅତି ଗଳିତ ଖଳିତ କାୟେ
ପରପଞ୍ଚ ଦିଶଇ ଯେ କେନ୍ଦୁ କାଠ ପ୍ରାୟେ ।୬୬ ।
ଅତିହିଂ ଉଚ୍ଛର୍ଗ ଯେ ପ୍ରଳମ୍ବ୍ରୀ ହାଥ ଗୋଡ
ତାହାର ତୁଲେ ହରି ଶୃଙ୍ଗାର ରସ ଖେଡ ।୬୭ ।
ଅତି ଆରତେ ଯହ୍ନଂ ହରି ବୁଡାଇଲେ କାୟେ
ଦୂତିକା ପାଚିଲା କେଶ ଦିଶିଲା ଯେ ସେବତୀ ପାଖୁଡା ପ୍ରାୟେ ।୬୮ ।
ହାସ୍ୟ ଲାସ୍ୟ ରତି ରଙ୍ଗେ ଶୃଙ୍ଗାର ରସ ଭାବେ
ଲଖ ଦନ୍ତଘାତେ ଶରୀର ବିଦାରିଲେ ପ୍ରସ୍ତାବେ ।୬୯ ।
ବାଳୁତ ପୁରୁଷକୁ ବୃଦ୍ଧସ୍ତିରୀ ଭାବ
ଉଷତେ ମହନ୍ତାରୀ ସହଇ ଗାଢୁ ଭାବ ।୮୦ ।
ହୃଦକୁ ହୃଦ ଭିଡି ମୁଖେ ଦିଅଇ ଚୁମ୍ବ୍ରନ
ପ୍ରେମେ ବୋଲନ୍ତି ପ୍ରିୟେ ମୋର ରଖସି ଜୀବନ ।୮୧ ।
ସାର୍ଥୁକ ପୁରୁଷ ସେ ଶୃଙ୍ଗାରେଣ ଜିତା
ଦୂତୀହିଂ ଅନେକ କାଳର ବୃଦ୍ଧ ଯେ ବନିତା ।୮୨ ।
ଅପାର କାଳେ ପାଇଲା ବାଳୁତ ପୁଅ ଗୋଟି
ରସ ରଙ୍ଗ ଶୃଙ୍ଗାରେ ସରହସୁନ୍ଦରୀ ଫୁଟି ।୮୩ ।

ରାଧିକା ବୋଲି ହରି ଥିଲେନି ଖେଦ କରି
ହାଦେ ଶୃଙ୍ଗାର ଅନ୍ତେ ଦୂତିକା ପଡିଲା ଅସାଷ୍ଟମ ଧାଡି ।୮୪ ।
ଯେତେବେଳେ ରସ ଖଳିତ ହୋଇଲା
କାମ ଭ୍ରଷ୍ଟ ହୋଅନ୍ତେ ସ୍ରାଗହିଁ ଭାଂଜିଲା ।୮୫ ।
ଛାଡିଣ ବସିଲେ ଦେବ ଶୃଙ୍ଗାର ଉପେକ୍ଷି
ଦୂତିକାର ବର୍ଣ୍ଣି ଚିହ୍ନ ସାଷ୍ଟମ ହୋଇ ଦେଖି ।୮୬ ।

---

୭୬ ।୧ ପାଚିଲା କେଶ ଗଳିତ ଗର କାୟେ (ବିଗଳିତ କାୟେ)
୮୨ ।୨ ଦୂତୀ ଅନେକ କାଳର ଅଟଇ ପୋଖତୀ ।
୮୦ ।୨ ମହନ୍ତାରୀ - ମାନିତି ସ୍ତ୍ରୀ, ଏଠାରେ ବୃଦ୍ଧା ସ୍ତ୍ରୀ ।
୮୫ ।୨ ସ୍ରାଗ-ସରାଗ
ନାସାରେ ହସ୍ତ ଦେଇ ହସିଲେ ଜନାର୍ଦ୍ଦନ
ବିସରିଲେ ପଞ୍ଚଭମନ ବସ୍ତ୍ର ପିନ୍ଧିବାକୁ ନାହିଁ ମନ ।୮୭ ।
ଯହ୍ନଂଣ କେଶବ ବସିଲେ ମଥା ପୋତି
ଅସମ୍ଭାଳ ହୋଇଣ ପଲାଇଲା ଦୂତୀ ।୮୮ ।
ଆପଣାର ବସ୍ତ୍ର ବାରି ନୁଆରିଲା
ବେଗେ ବେଗେ କହ୍ନାଇ ବସ୍ତ୍ର ପିନ୍ଧି ପଲାଇଲା ।୮୯ ।
ବସ୍ତ୍ର ନ ପିନ୍ଧନ୍ତି ହରି ନ ବାନ୍ଧନ୍ତି କେଶ
ରାଧିକାକୁ ଛାଡି ଦୂତିକାରେ କଲି ରତିରସ ।୯୦ ।
କେବଣଂ କଲଇ ପାପ ଯେ କାମର ଅନୀତି
ମୋହୋର ଭଲିକି ବିହିଲା ଯେତେ ବଡ ଶାସ୍ତି ।୯୧ ।
କାହାର ବୋଲେ ମୁହିଁ କଲଇଂ ଯେତେ କଥା
ମାନବମାନନ୍ତ ତ ହୋଇବ ଅନେକ ଅବସ୍ତା ।୯୨ ।
ମୁହିଁ ଯାହା କଲି ତହିଁକି ଗୋଡାଇବ ସଂସାର
ଗୁରୁ ଗଉରୋବନ୍ତେ ହୋଇବ ଅନେକ ଅବେଭାର ।୯୩ ।
ବୃଦ୍ଧ ବୟସ ତ ନୁଆରିଲି ମୁହିଁ ବାରି
ଥାବକେ ବୁଡିଲି ମୁଁ କାମ ମହାଭାରୀ ।୯୪ ।
କେତେ କାଳର ସେ ମହନ୍ତା ନାରୀ ଗୋଟା
ଡାହାକଇ କାମ ମୋତେ କରାଇଲା ଚେରଷ୍ଟା ।୯୫ ।
ନ ପୁଣ ରାଧିକାର ଛାମୁରେ କହଇ ଯାଇ
ଅନେକ ଉପହାସ୍ୟ ମୋତେ କରିବେ ଯେ ରାହୀ ।୯୬ ।
ଭୋ ସରସ୍ୱତୀ ଦୂତିକାର କଣ୍ଠେ ହୋଅ ଆଲିଙ୍ଗନ
ଯେ କଥା ମାନ ନ କହୁ ଦୂତିକା ରାଧିକା ଆଗରେଣ ।୯୭ ।
ପୁଣି ବିଗ୍ରିଲେ ସ୍ତ୍ରୀଙ୍କର ବଡ ଗର୍ବ
ପର ଦାରା ଶୃଙ୍ଗାର କି-ଇ ଆନକୁ କହିବ ।୯୮ ।

---

୯୫ ।୨ ଡାହାକଇ କାମ ମୋତେ କରାଇଲା ହଟା ।
୯୭ ।୧ ଭୋ ସରସ୍ୱତୀ ଦୂତିକାର କଣ୍ଠେ ହୁଅ ଆଭରଣ ।
୯୫ ।୧ ମହନ୍ତା ନାରୀ - ମହାନାରୀ

ଯଦ୍ୟପି କହିବ ଯେ ରାଧିକାର ଆଗ
ରାଧିକା ଶୁଣିଲେ ଯେହାକୁ କରିବ ମହାରାଗ ।୯୯ ।
ଯେତେକ ବିଗ୍ୱରି ସେ ଉଠିଲେ ଦେବ ହରି
ବସ୍ତ୍ର ତୋଳି ଦେଖିଲେ ଦୂତିକା ପାଲଟା ଶାଢି ।୧୦୦ ।
ତା ଦେଖି ସ୍ତ୍ରୀମୀ ମନ ଦୁଗୁଣ ବିରସ
କଥା ଅନୁସରି ଯେ ମାଡିଲା ପୁମ ହସ ।୧୦୧ ।
ଯେହେନେକ ଅବସ୍ତା କଲୁଟି ଅନଙ୍ଗ
ଜଗବନ୍ଦନ ପୁରୁଷକୁ କଲୁ ଯେସନେକ ଯୋଗ ।୧୦୨
ପର ଦାରା ଶୃଙ୍ଗାର ଯେ ନୋହୁ ପୋଡୁ ପୋଡୁ
ପର ଦାରାକୁ ଯେ ଇଚ୍ଛିବ ଶରୀର ତାର ଛାଡୁ ।୧୦୩ ।
ପରଦାରା ହରେଣ ଯେ ଯେହେନେକ ଅବସ୍ତା
କେଉଣଂ ରସେ ମୁଂ ଭିଆଇଲି ଯେତେ କଥା ।୧୦୪ ।
ପର ଦାରା ସ୍ତ୍ରୀ ଯେ ଅମୃତ ତହୁଂ ସୁଆଦ
ଯେବେ ସେ ଜାଣିଲି ପର ଦାରା ପରମାଦ ।୧୦୫ ।
ନାରାୟଣ ବିରସ ଯେ ହଇଲେ ଯେସନେ
ପରଦାରାକୁ ନ ବଢ ସଂସାର ଜନମାନେ ।୧୦୬ ।
କାମେନୀ କାମସେଣୀ ସେ କାଉଂରୀ କାମାକ୍ଷୀ
ସ୍ତୀରୀ କୁଳକୁ ହାଦେ ସେ କାମ ଦେଇଅଛି ।୧୦୭ ।
କମଳା ପିଙ୍ଗଳ ବଗଳୀ ମାତଙ୍ଗୀ ଅଭୟା
କଲ୍ମଷନାଶିନୀ କମଳାକ୍ଷୀ ବିମଳା ବିଜୟା ।୧୦୮ ।
କାମାକ୍ଷୀ ସୁମର ନରେ କାମ କଷ୍ଟ ଛାଡୁ
ସ୍ତ୍ରୀଦାରା ଇଚ୍ଛା କର ସଂସାର ନ ପଡୁ ।୧୦୯ ।
କାମ ସାଗର ବୋଲି ତ ଅକାଦ ମହାଜଳ
କାହାକଇଂ ଦୃଶ୍ୟ ନାହିଂ ଯେ ତହିଂର ଥଳକୂଳ ।୧୧୦ ।

---

୧୦୮ ମୁଦ୍ରିତ ପୁସ୍ତକରେ (ରାଧାମୋହନ) କମଳା ପିଙ୍ଗଳା ମାତା ଶବଳା ବିହ୍ୱଳା
ସରଳା ତରଳା କଳା ବିମଳା ସାରଳା ।
୧୦୯ ।୨ ପର ଦାରାକୁ ସଂହର ସଂସାର ନ ତୁଟ ।
ଜଗମୋହନ ପୁରୁଷର ଭାଜିଲା ଯେତେ ଦର୍ପ
ପର ଦାରା ସେ ଉପୁଜାଇ ସକଳ ପାପ ।୧୧୧ ।
କ୍ଷଇକ ମାତ୍ର ସିନା ପର ଦାରା ରସ ସଙ୍ଗ
କ୍ଷଣକ ଉତ୍ତାରେ ସେ ହୋଯେ ସର୍ବ ଭଙ୍ଗ ।୧୧୨ ।
କାମାକ୍ଷୀ କାମସେଣୀ ଚରଣେ ସେବା ନିତି
ପର ଦାରା ସଙ୍ଗରେ ମୋର ନ ବଲାଅ ମତି ।୧୧୩ ।
ପରଦାରା କଷ୍ଟ ଯେ ଅଟଇ ଯେମନ୍ତ
ପର ଦୁଖେ କାତର ତୁ ଗୋ ସବୁଙ୍କରି ମାତା ।୧୧୪ ।
ତୋହୋର ଆଗ୍ୟାଂଯେ କହିଲି ଶୂଦ୍ରମୁନି ମୋହୋର ନାମ
ଯେ କଥାକୁ ଅନ୍ତର ମୋତେ ନ କରାଅ ମତିଭ୍ରମ ।୧୧୫ ।
ତୁହି ସେ ସିଂହବାହିନୀ ଗୋ ପ୍ରତ୍ୟକ୍ଷେ ହିଙ୍ଗୁଳା

ଯେ ସଂସାର ଜନଙ୍କୁ ଅଭୟ ଦିଅସି ସିଦ୍ଧ ସାରଲା ।୧୧୬ ।
ମୁହିଁ ତୋର ପୁତ୍ର ଯେ ସାରୋଲା ଦାସ ବୋଲି
ଅବଶ୍ୟ ପାଇବଇ ମୁହିଁ ଯାହା ବାଞ୍ଛା କଲି ।୧୧୭-୬୪୦୭ ।
ଶ୍ରୀହରିଙ୍କର ବାଳଲୀଳା ଓ ଖନିକାରର ବିବର ନିର୍ମାଣ
ବଇବସ୍ୱତ ମନୁ ପୁଚ୍ଛ କଲେ ଅଗସ୍ତିଙ୍କି
ବଡାଇ ଚରିତ୍ର କହିଲ ବଡାଇ ରସ ବାକି ।୧ ।
ଦୂତୀର ଉତ୍ତିଷ୍ଟ ବସ୍ର ଯେ ନାରାୟଣ ଦେଖିଲେ
ଆପଣା ବସ୍ର ବୋଲି ଶ୍ରୀକରେ ଘେନିଲେ ।୨ ।
ମନେ ବିରସ ହୋଇ ପକାଇଲେ ଭୂମି
କିସ ବସ୍ର ପିନ୍ଧିଲେ ଜଗତ-ଭୂତ ସ୍ୱାମୀ ।୩ ।
ବଦୟନ୍ତି ଅଗସ୍ତି ଶୁଣ ହୋ ମନୁ ପୁରୁଷ
ବସ୍ର ପକାଇ ଉଲଗ୍ନେ ବସିଲେ ହୃଷୀକେଶ ।୪ ।
ବାଆଂଶ ଗୋଟିଯେ ଭାଞ୍ଜିଲେ ଦେବହରି
ଲହେଣ ଚିରିଲେ ତାହା ବେନିଫାଳ କରି ।୫ ।
କୋମଳ ସୁସଞ୍ଚ ହୋଇ ବାହାରିଲାକ ଶିର
କାଛଟା କଲେ ନେଇ ତାହା କଟିରେ କରି ଡୋର ।୬ ।
ବେଣୁ ବସ୍ର ଗୋଟି ଯେ କଟିରେ ଭିଡିଲେ
ପୁଣ ଅଗସ୍ତିଙ୍କି ବଇବସ୍ୱତ ମନୁ ପଚାରିଲେ ।୭ ।
ଭୋ ମୁନି ଦୂତିକା ଗଲା ଯେ ରାଧିକା ଛାମୁକୁ
କିସ ଉତ୍ତର ବୋଇଲା ସରହସୁନ୍ଦରୀ ତାହାଙ୍କୁ ।୮ ।
ଅଲେଖ ତିଳକ ହୋଇ ବସିଛି ରାଧେବ
ବିଷ୍ଣୁ ଅଭିସାରିକା ଯେ ଆସିବେ ବାସୁଦେବ ।୯ ।
ଛାମୁରେ ପ୍ରବେଶ ହୋଇଲା ସରହସୁନ୍ଦରୀ ଦୂତୀ
ଝାଲେଣ ତ୍ରିପଣ୍ଡ ଯେ ବିରସ ତାର ମତି ।୧୦ ।
ସରହସୁନ୍ଦରୀକି ପଚାରଇ ରାଧିକା
କେଶବ ନ୍ତୁ ଆସୁଂ ସଖୀ ଅଇଲୁ ତୁ ଯେକା ।୧୧ ।
ଦୂତୀ ବୋଇଲା ରାଧା ଯେ ତୋହୋର ଯେତେ ବେଗ
ତୁକୁ ହିଁ ତାହାର ନାହିଁ ଯେତେ ସ୍ରାଗ ।୧୨ ।
ରାଧିକା ବୋଇଲା ଆC ଯେ ତୋହୋର ଅଧର
ବିରସ ଦିଶଇ ତ ଚୁମ୍ବିଲା ଆକାର ।୧୩ ।
ଦୂତୀକା ବୋଇଲା ଲୋ ଶୁଣ ସଂଘାତୁଣୀ
ତୋହୋର ପାଇଂ ବୋଇଲି ଅନେକ ଗୁଟୁ ବାଣୀ ।୧୪ ।
ଅନେକ ଟାଟୁ ପଟଳ କଲି ଉଜାଇଂ ପ୍ରକାଶ
କହି କହି କଣ୍ଠ ଶୁଖିଲା ତେଣୁ ମୋହୋର ଅଧର ବିରସ ।୧୫ ।
ଗୁଟୁ ପଟଳ କହିଲି ଅନେକ ଯେ ରଞ୍ଜି
ମୁହିଁ ସେ ଫୁଟିଲା ତୋତେ ସେ କେବେହେଂ ନ ଭଜି ।୧୬ ।
ରାଧିକା ବୋଇଲା ଖୋପା ଖୋଷିଲି ସୁସଞ୍ଚ କରି
ଆଉଳ ହୋଇ ମୁହଂ କତିକି ପଡଇ ମାଡି ।୧୭ ।
ଦୂତୀକା ବୋଇଲା ଶୁଣ ଗୋ ରାଧେନି
ବଚନେ ନ ଭଜିଲାକୁ ତାକୁ କଲାଇ ଦୟିନି ।୧୮ ।

୯ କି-ାଇଂ ୟେତବେଳ ଯାୟେ ନ ଅଇଲେ ବାସୁଦେବ ।
୯ ଶ୍ଥ ଅଲେଖ ତିଳକ ହୋଇ ରାଧିକା ଛନ୍ତି ବସି
ଶ୍ଥ ଛାମୁରେ ପ୍ରବେଶ ହୋଇଲେ ଦୂତୀ ଆସି ।
ଅପାର ବେଳ ଯାୟେ ଶୁତିଲି ପାୟେ ପଡି
ତେଣୁ ସେ ଖୋପା ମୋହୋର ଲେଉଟି କପାଳକୁ ପଡି ।୧୯ ।
ରାଧା ବୋଇଲେ ଗଲାରେ ଲାଇଲି ରତ୍ନମାଳୀ
ପିଠିକତିକି ସମସ୍ତ ଥୋପାମାନ ଢଳି ।୨୦ ।
ଆଗୋ ପିଠି କତିକି ରତ୍ନମାଳୀ ହୃତକତିକି ଝୁ-ା
ୟେହେନେକ ବିଭଳିତ ହୋଇଲା ତୋହୋର କି-ା ।୨୧ ।
ଦୂତୀ ବୋଇଲା ମୁହିଁ ୟେତେବେଳେ ଶୁତିଲି ପାୟେ ପଡି
ରତ୍ନମାଳ ମାନ ଲୋଟିଲା ତେଣୁ ଗଣ୍ଠି ଫେଡି ।୨୨ ।
ବିକଳେ ଝୁ-ାମାନ ଆଗକତିକି ଦେଲି ଲେଉଟାଇ
ହସ୍ତକେ ଗଣ୍ଠି ମୁଠି ଧଇଲି ନିଠାଇ ।୨୩ ।
ତେମନ୍ତେ ୟେଣିକି ଲେଉଟିଲା ପାଟଝୁ-ା
ରାଧିକା ବୋଇଲା ସଖି ତୋ ପିଠିରେ ଧୂଳି କି-ା ।୨୪ ।
ୟେତେବେଳେ ସଖି ଗୋ ଧଇଲି ମାଳୀର ଗଣ୍ଠି ମାନ
ଲେଉଟାଇ ପାଡିଲା ମୋତେ ମୁଁ ପଡିଲି ଉତ୍ତାନ ।୨୫ ।
ତେମନ୍ତେ ପିଠିରେ ଗୋ ମୋହୋର ଲାଗିଲାକ ଧୂଳି
ତୋହୋରେ ସହିଲି ମୁଁ ୟେତେକ ଆଗଦୋଳି ।୨୬ ।
ରାଧିକା ବୋଇଲେ ଆC ୟେ ତୋହୋର କାୟେ
ବିଦାରି ହୋଇଅଛି ଲଖ ଦନ୍ତ କ୍ଷତ ପ୍ରାୟେ ।୨୭ ।
ଦୂତୀ ବୋଇଲା ଅପାର ଘାନ୍ତି ଯହୁଁ ଶୁତୁଲି ଗଡଘାଲି
ନ ଯାଇଁ ନ ଯାଇଁ ବୋଲି ମୋତେ ପାଦରେ ଦିଲା ପେଲି ।୨୮ ।
କଣ୍ଟିକା ଲଟାୟେ ମୁଁ ପଡିଲି ମୁହଁ ମାଡି
କଣ୍ଟାମାନ ଲାଗି ଶରୀର ମୋର ଛିଡି ।୨୯ ।
ରାଧିକା ବୋଇଲେ ମୁହିଁ ତୋତେ ପିନ୍ଧାଇଲି ମୋହୋର ଝୀନଶାଢି
ପୁରୁଷ ବସ୍ର ଗୋଟିଏ ଅଇଲୁ କିପରି ପିନ୍ଧି କରି ।୩୦ ।
ଦୂତିକା ବୋଇଲା ମୁଁ ଅନେକ ବୋଇଲି ବିନୋୟି
ୟେତେ କଷ୍ଟ ଦେଖି ଆସିବାକୁ ସନମତ କଲା ସେହି ।୩୧ ।
ୟେତେ କଷ୍ଟରେ ସେ ସନମତ କଲା
ଆଜ ରାତ୍ରରେ ତାହାର ପୁରକୁ ଯିବି ସେ ବୋଇଲା ।୩୨ ।

---

୩୧ ।୨ ୟେତେ କଷ୍ଟ ଦେଖି ଆସିବାକୁ ସନମତ କଲା କହ୍ନାଇ ।
ମୁହିଁ ବୋଇଲି ଯେବେ ଯିବୁ ଆଜର ନିଶି
ମୋହୋର ହାଥେ ରାଧିକାକୁ ସନ୍ତକ ଦେସି ।୩୩ ।
ରାଧା ସ-ରତେ ଯାଉ ତୋହୋର ସନ୍ତକ ଦେଖି
ସନ୍ତକ ଦେଖିଲେ ସ-ରତେ ଯାଉ ଚନ୍ଦ୍ରମୁଖୀ ।୩୪ ।
କୃଷ୍ଣ ବୋଇଲେ କିଛି ସନ୍ତକ ନାହିଁ ଗୋ ଦୂତିକା

ପିନ୍ଧିଲାର ବସ୍ତ୍ର ଅଛି ମାତ୍ର ମୋର ଯେକା ।୩୫ ।
ମୁହିଁ ବୋଇଲି ଯେହା ଦେବୁ ନ ପାଲଟି
ତୁ ପିନ୍ଧ କହ୍ନଇ ରାଧିକା ଶାଢି ଗୋଟି ।୩୬ ।
ତୋର ବସ୍ତ୍ର ବୋଲି ହୋଇଲା ଉଷତ
ସେ ଶାଢି ଆପଣେ ପିନ୍ଧିଲେ ଜଗନ୍ନାଥେ ।୩୭ ।
ତାହାଙ୍କର ପିନ୍ଧିଲା ବସ୍ତ୍ର ମୁହିଁ ପିନ୍ଧିଲି
ପରଚେ ନିମନ୍ତେ ମୁହିଁ ସନ୍ତକ ଆଣିଲି ।୩୮ ।
ଶୁଣିଣ ରାଧିକା ଯେ ପରମ ସାନନ୍ଦ ଚିତ୍ତ
ମୋହୋର ପାଇଁ ଆC ପାଇଲା ଦୁଖ ବହୁତ ।୩୯ ।
ଅନେକ ବିକଳ ଯେ ହୋଇଲେ ରାଧିକା
ବାଳୁତ କୁମାରୀକଇ ଭଣ୍ଡିଲା ଦୂତିକା ।୪୦ ।
ଟସକର କହିଲା ଦେବ ଶୁଣିମା ବିଦୁର
ଦୁତିକାକୁ ନାରାୟଣ କଲେ ଯେ ଶୃଙ୍ଗାର ।୪୧ ।
ସହରସୁନ୍ଦରୀ ଗର୍ଭେ ଯେ ପଡିଲା ବାସୁଦେବର ବୀର୍ଯ୍ୟ
ନବମାସେ ଉତପତ୍ତି ମୁଁ ଯେ ହୋଇଲି ଆତ୍ମଜ ।୪୨ ।
ସହରସୁନ୍ଦରୀ ବୋଇଲା ଯେ ତୋହୋର ବୀର୍ଯ୍ୟେ ହେଟି
ତୋତେ ସେବା କରି ଥାଉ ଯେ ମୋହୋର ପୁତ୍ର ଗୋଟି ।୪୩ ।
ଦୂତିକାର ଗର୍ଭରୁ ମୁଁ ହୋଇଲି ଅବତାର
ନାମ ମୋହୋର ହରି ଦିଲେ ଖଲ୍ୟକାର ।୪୪ ।
ବ୍ରହ୍ମାଙ୍କର ଦିଲା ଯେ ଲକ୍ଷଣା ପ୍ରତକ୍ଷେ
ତାହା ମାହାର ହାଥେ ଆଣି ଦିଲେକ ଶ୍ରୀବତ୍ଛେ ।୪୫ ।
ମୋତେ ବୋଇଲେରେ ତୁ କଥାଯେକ କର
କଦମ୍ବ ତଳକୁ ଜୁଣେ ଯେ ରାଧିକାର ପୁର ।୪୬ ।

---

୪୧ ।୨ ଦୂତିକାକୁ ଶୃଙ୍ଗାର କଲେ ନାରାୟଣ ନିର୍ଭର ।
ଯେହି କଦମ୍ବ ତଳକୁ ବିମ୍ବର ଗୋଟିଏ ଖୋଳିବୁ
ରାଧିକାଙ୍କର ପଲଙ୍କ ତଳେ ନେଇଣ ଫୁଟାଇବୁ ବାବୁ ।୪୭ ।
ନାରାୟଣଙ୍କ ଆଗ୍ୟାଂଯେ ମୁଁ ଖୋଳିଲି ବିମ୍ବର
ରାଧିକାର ପୁରେ ଫୁଟିଲା ଦିନ ଯେ ଅଠର ।୪୮ ।
ତାଳେକ ଉଷର୍ଗ ବିସ୍ତାର ତାଳ ତିନି
ରାଧିକା ଲୁଚାଇ ଥାଇ ବିମ୍ବର ପଥରେକ ଘେନି ।୪୯ ।
ରାତ୍ର ହୋଇଲେ ଯେ ଗୁଆଳକୁ ନିଦ୍ରା କରାଇ
ବିମ୍ବରେ ପଶି ରାଧିକା କଦମ୍ବ ମୂଳକୁ ଯାଇ ।୫୦ ।
ଇଚ୍ଛାଯେ ଶୃଙ୍ଗାର ଦିଅଇ ସେ ଚନ୍ଦ୍ରବଦନୀ
ଗୋପାଳ କତିରେ ଯାଇ ଶୋଅଇ ରଜନୀ ।୫୧ ।
ମୋହୋର ଚରିତ୍ର ତୁମ୍ଭେ ଶୁଣସି ବିଦୁର
ଖଲ୍ୟକାର ନାମେଣ ମୁଁ ଅଟଇ ଟସକର ।୫୨ ।
ଶୁଣିଣ ବିଦୁର ବିଚାରଇ ପରମାର୍ଥ
ଯେହି ମୋହୋର ପୁଅକଇଁ ହୋଇବାକ ହିତ ।୫୩ ।

ବିଦୁର ପୁଚ୍ଛା କଲେ ଶୁଣରେ ମହାବଳୀ
କେତେ ଦୂର ତୁ ହୋ ବିମ୍ଭ୍ରର ପାରୁ ଖୋଳି ।୫୪ ।
ଖଲ୍ୟକାର ବୋଲେ ଯାହାର ଯେତେ ଦୂରେ ହୁଅଇ କାର୍ଯ୍ୟ
ତେତେକ ସ-ାଦି ମୁଁ ପାରଇ ଗ୍ରାହିଜ ।୫୫ ।
ଶୁଣିଣ ବିଦୁର ଯେ ପରମ ସାନନ୍ଦେ
ଟସକର ଘେନିଣ ଚଳିଲେ ନିଜ ଫନ୍ଦେ ।୫୬ ।
ତୁ ଯେବେ ଚଉର୍ଯ୍ୟରେ ଭେଟିଲୁନି ମୋତେ
ଆବର ବେଳେ ଚଉର୍ଯ୍ୟପଣ କରିବୁ କେମନ୍ତେ ।୫୭ ।
ଦୁଇ ଅଧିକାର ବିଦୁରର ହସ୍ତିନା ନଗରୀ
ନଗ୍ର ରକ୍ଷା କରଇ ଆବର ଭଣ୍ଡାର ଅଧିକାରୀ ।୫୮ ।
ରାତ୍ରେଣ ବିଦୁର ତୁଲେ ଘେନିଣ ଖଲ୍ୟକାର
ଭଣ୍ଡାରୁ ପାଣିଦ୍ରବ୍ୟ ଦିଲେ ୟେକ ଭାର ।୫୯ ।
ସୁଖେଣ ବିଳସ ତୁ ରହି ହସ୍ତିନାପୁର
ଆବର ବେଳେ ଚଉର୍ଯ୍ୟ ପଣ ନ କରିବୁ ଖଲ୍ୟକାର ।୬୦ ।
ଧନ ରତ୍ନ ମାନ ପୋତି ଥୋଇଲା ନିଜପୁରେ
ଅନୁବ୍ରତେ ଗୋଡାଇ ଥାଇ ବିଦୁରଙ୍କ ସଙ୍ଗତରେ ।୬୧ ।
ଦିନେକ ଟସକର ବୋଇଲା କର ଯୋଡି
ତୁମ୍ଭେ ଯେ ମୋତେ ପୋଷୁ ଅଛ ମୁଇଁ କିସ ଉପୁଗାରୀ ।୬୨ ।
ବିଦୁର ବୋଇଲେ ମୁଇଁ ତୋତେ ପୋଷୁ ଅଛି
ତୋହୋରେଣ ମୋତେ ଅନେକ କାର୍ଯ୍ୟ ଅଛି ।୬୩ ।
କେବଣ ମୋତେ ତୋତେ ମୁଁ କରିବି କାରଣ
ଆଗ୍ୟାଂ ଦିଅ ମୋତେ ଭିଆଇବି ୟେହିକ୍ଷଣ ।୬୪ ।
ବିଦୁରେ ବୋଇଲେ ତୁ ଯେବେ ଗର୍ଭେ କରୁ ଗୋପ୍ୟ
କାହାରି ଅଗ୍ରତେ ନ କହିବୁଟିରେ ମୋହୋର ବାପ ।୬୫ ।
ତେବେ ସେ ବାବୁରେ କହି ପାରଇ ତୋତେ
ଖଲ୍ୟକାର ବୋଇଲା ମୁଁ ନୋହଇ ୟେମନ୍ତେ ।୬୬ ।
ମୀନମାସ କୃଷ୍ଣପକ୍ଷ ଦୁତୀୟା ଭୃଗୁବାର
ହସ୍ତା ନକ୍ଷତ୍ରର ଶେଷ ଭୋଗ ସେ ଦିନର ।୬୭ ।
ଖଲ୍ୟକାର ଘେନି ଅମ୍ଭ୍ରୁବତୀର ବାଳ
ବେନିଜନେ ମିଳିଲେ ଯାଇ ସୁରନଦୀ କୂଳ ।୬୮ ।
ପଥ ବୁଲାଇଣ ଘେନିଣ ଗଲେ ଟସକରକୁ
ଜଦୁର ଘରେ ନେଇ ଭେଟାଇଲେ ତାହାକୁ ।୬୯ ।
ସୁରନଦୀ କୂଳକୁ ଜଦୁର ଘର ୟେକାଦଶ ଜୁଣ
ବାବୁ ବିମ୍ଭ୍ରର ଗୋଟିୟେ ତହିଁ କରିବୁ ନିରିବାଣ ।୭୦ ।
ଖଲ୍ୟକାର ବୋଇଲା କିସ ତୋହୋର ଚିନ୍ତା
ମୁହିଁ ସେ ୟେହା ଯେ ଅଟଇ ବିହନ୍ତା ।୭୧ ।
ନାରାୟଣ ସୁମରି ସେ କଲା ଶୁଭ ଅନକୂଳ
ତ୍ରିଶିରା ପର୍ବତ ତଳୁଂ ଖୋଳଇ ବିମ୍ଭ୍ରର ।୭୨ ।
ବିଦୁରେ ବୋଇଲେ ଦ୍ୱାପରଯୁଗ ଦେଉଳ ଉଚ୍ଚ ଯେତେ
ଆଠ ସହସ୍ର ଆଠ ଶତ ଅଠାଇଶ ହାଥ ପରିୟନ୍ତେ ।୭୩ ।

ଉଚ୍ଚ ହୋଇବ ଯେ ବିସ୍ତାର ହୋଇବ ତେତେ
ଉଭାରେ ଜଣେ ଯିବ ଆସିବ ସଂପୋତେ ।୭୪ ।
ଟସକର ବୋଇଲା ତୋହୋର କାର୍ଯ୍ୟ ଯେତେ
ଆହୁରି ବିସ୍ତାର ମୁଁ କରି ପାରଇ ତେତେ ।୭୫ ।
ଖଲ୍ୟକାର ବିମ୍ତ୍ରରେ ଲଗାଇ ବିଦୁର
ରାତ୍ରେ ଆପେଣ ନେଇ ଦିଅନ୍ତି ଅନ୍ନ ଜଳ ।୭୬ ।
ମକର ମାସ ଶୁକଳ ପକ୍ଷ ପୂର୍ଣ୍ଣିମୀର ଦିନ
ମଙ୍ଗଳବାର ନକ୍ଷତ୍ର ସେ ଦିନ ପର୍ବଫାଲଗୁନ ।୭୭ ।
ସେ ଦିନ ହରି ବଳରାମ ବେନି ଭ୍ରାଥେ
ପ୍ରବେଶ ହେଲେ ହସ୍ତିନା ରାଜ୍ୟ କୁରୁନାଥ ଅଗ୍ରତେ ।୭୮ ।
ବିଦୁରେ ଦେଖିଲେ ରାମ କୃଷ୍ଣ ବେନି
ଅନେକ ପୂଜା କଲେ ବିନୋୟ ଦୟିନି ।୭୯ ।
ଆସ୍ତାନ୍ଥଁ ଉଠି ଦେବ ବିଜେ କରି ଯାନ୍ତେ
ପଛେଣ ଗୋଡାଇ ଅଛନ୍ତି ଅମ୍ତ୍ରୁବତୀର ସୁତେ ।୮୦ ।
ଆଗ ହୋଇ ଗଲେ ଦେବ ବଳରାମେ ତୁରିତେ
ୟେକାନ୍ତେ ବିଦୁରକୁ ପୁଚ୍ଛା କଲେ ଜଗନ୍ନାଥେ ।୮୧ ।
ଧୃତରାଷ୍ଟ ପାଣ୍ଡବଙ୍କୁ ଯେ ଚିନ୍ତଇ ପରସାଦ
ସେ ପାର ହୋଇବେ ୟେକା ତୋହୋର ପରସାଦ ।୮୨ ।
ବିଦୁରେ ବୋଇଲେ ମୋତେ ନ କହ ୟେତେ କଥା
ସ୍ତ୍ରୀମୀ ତୋତେ ସେ ଲାଗଇ ପାଣ୍ଡବଙ୍କ କଥା ।୮୩ ।
ଦ୍ରିଯୋଧନ କୂଟେ ଝିମାଣିଶଳ କଲା ବାରୁଣାପ୍ରଶସ୍ତେ
ଜହୁର ଘରେ ଦହନ କରାଇବ ପୁରଞ୍ଚନ ପଣ୍ଡା ହାଥେ ।୮୪ ।
ଖଲ୍ୟକାର ନାମେଣ ଯେ ୟେକଇ ଟସକର
ତାହାକୁ ଲଗାଇ ମୁହିଁ କରାଉଅଛି ବିମ୍ତ୍ରର ।୮୫ ।
ରାତ୍ରକାଳେ ଦେବ ସେ ଯେ ଜହୁର ଘର ଜାଳି
ସେ ବିମ୍ତ୍ରର ବାଟେ ପାଣ୍ଡବେ ରାତ୍ରେ ଯିବେ ଗଳି ।୮୬ ।
ନାରାୟଣ ବୋଇଲେ ସେ ଖଲ୍ୟକାର ଚଉର୍ଯ୍ୟ
ସରହସୁନ୍ଦରୀ ପୁତ୍ର ସେ ଆମ୍ଭର ଆତ୍ମଜ ।୮୭ ।
ଆମ୍ଭେ ଶିଖାଇଲୁ ତାହାକୁ ଚଉର୍ଯ୍ୟପଣ ବିଦ୍ୟା
ବିମ୍ତ୍ରର ଖୋଳି ପାରଇ ସେ ବଚନ ସଂସିଦ୍ଧା ।୮୮ ।
ବିଦୁରେ ବୋଇଲେ ହୋ ଶୁଣିମା ଗୋସାଇଁ
ଖଲ୍ୟକାର ବଚନ ସେ ଆହୁରି ଅଛି କହି ।୮୯ ।
ସେ ଯେ ଖୋଳୁଅଛି ଦେବ ବିମ୍ତ୍ରର ଗୋଟି
ଅସମ୍ଭାଳ ହୋଇ କାହିଁ ସମ୍ଭାଳିବ ମାଟି ।୯୦ ।
ଖୋଳିବାକୁ ଶକତା ସେ ଅଟଇ ଦାମୋଦର
କେମନ୍ତେ ପ୍ରକାରେ ମାଟି ହୋଇବାକ ଦୂର ।୯୧ ।
ବିଦୁର ତହୁଁ ୟେସନେକ ବଚନ ଶୁଣି
ମନେ ମନେ ସେ ବିଚାର କରନ୍ତି ଚକ୍ରପାଣି ।୯୨ ।
ୟେତେ ବୋଲି ବିଶ୍ତ୍ର ମୂର୍ତ୍ତିକି ଧଇଲେ
ବେନି ଭୁଜରୁ ବେନି ପୁରୁଷ ଭିଆଇଲେ ।୯୩ ।

ଛାୟା ମାୟା ନାମେ ଯେ ଅଟନ୍ତି ବେନି ବୀର
ତହାନ୍ତ ରାଇ ଆଗ୍ୟାଂ ଦିଲେକ ଦାମୋଦର ।୯୪ ।
ତୁମ୍ଭେ ଦୁହେଁ ଯେବେ ସୁରନଦୀ କୂଳକୁ ଯିବ
ଖଲ୍ୟକାର ବାମ ଡାହାଣେ ଲାଗିଥିବ ।୯୫ ।
ଯେତେକ ଭୂମି ସେ ଖୋଳିବ ପ୍ରତକ୍ଷ
ସେ ମୃତ୍ତିକାମାନ ତୁମ୍ଭେ ଦୁଇଭାଇ ଭକ୍ଷ ।୯୬ ।
ତ୍ରୋଟ ଅନଳ ଯେ ଥୋଇଲେ ତହାଙ୍କର ଗର୍ଭେ
ସେ ମୃତ୍ତିକାମାନ ଦହନ ହୋଇବ ପଡିଲେ ଉଦର ଭାଗେ ।୯୭ ।
ନାରାୟଣଙ୍କ ଆଗ୍ୟାଂୟେ ସେ ମହାବୀର ବେନି
ଖଲ୍ୟକାରକୁ ସପକ୍ଷ ହୋଇଲେ ମୃତ୍ତିକା ଦହନ କଲେ ଭାଇ ବେନି ।୯୮ ।
ଖୋଳନ୍ତି ଟସ୍କର ଯେ ଭକ୍ଷନ୍ତି ବେନି ଦକ୍ଷ
ତିନିହେଁ ବିମ୍ତ୍ରର ଯେ ଭିଆଇଲେ ପ୍ରତକ୍ଷ ।୯୯-୬୫୦୬ ।
ବିଦୁରଙ୍କର ବାରୁଣାବନ୍ତ ଗମନ
ଶ୍ରାବଣ ଶୁକଳ ଯେ ଚତୁର୍ଦ୍ଦଶୀ ଦିନ
ଭୃଗୁବାର ଉତ୍ତରାଷାଢା ନକ୍ଷତ୍ର ବିଦ୍ୟମାନ ।୧ ।
ସେ ଦିନ ବିଦୁର ଗଲେ ବାରୁଣାବନ୍ତଙ୍କୁ
ରାତ୍ର ଅଢାଇ ପ୍ରହରେ ଭେଟିଲେ ଜଦୁର ଘରଦ୍ତ୍ରାରକୁ ।୨ ।
ବାଉନ ବାଉନ ଭାର ବେନି ଗଦା ଧରି
ରାତ୍ର କାଳେ ବୁଲଇ ଭୀମ ଜଦୁଘରେ ବେଢି ।୩ ।
ବିଦୁରକୁ ଦେଖି ଭୀମ ଡାକ ଦିଲା କେ କେ ଟି ରେ
ଆପଣାର କାର୍ଯ୍ୟ ବୋଲି ମିଳିଲେ କତିରେ ।୪ ।
ବିଦୁରଙ୍କୁ ଭୀମସେନ କରଇ ନମସ୍କାର
ବାବୁ ତୂନୀ ହୋଇ ଯାଇ ତୁ ଯୁଦ୍ଧେଷ୍ଠିଙ୍କି ହକାର ।୫ ।
ତୂନୀ କରି ଡୋଳି ଆଣଇ ଯୁଦ୍ଧେଷ୍ଠିଙ୍କି
ଯୁଦ୍ଧେଷ୍ଠି ବିନୋଇ ହୋଇଲେ ଯେ ବିଦୁରଙ୍କଇ ଦେଖି ।୬ ।
ବିଦୁରେ ବୋଇଲେ ତଲେ କରିଥାସି ମନେ
ବିମ୍ତ୍ରର ଗୋଟାଏ ଫୁଟିବଟି ଜଦୁଘର ଥାନେ ।୭ ।
ଖଲ୍ୟକାର ଟସ୍କରକୁ କରିବଟି ଅନେକ ଗଉରୋବ
ତହାର ପ୍ରସାଦେ ତୁମ୍ଭେ ଗୋପ୍ୟାନେ ପାର ହୋଇ ଯିବ ।୮ ।
କଉରୋବେ ତୁମ୍ଭନ୍ତ ଝିଙ୍ଘାସ କରିବେ ଅନେକ
ଭଲେ ପାରି ହୋଇଯାଅ ସମୟେକ ।୯ ।
ତୁମ୍ଭଙ୍କୁ ସାହାପକ୍ଷ ଅଟନ୍ତି ଜଗନ୍ନାଥେ
ସମୟେକ ବଞ୍ଚ ବାବୁ ଦୁଖଏଣ ବନସ୍ତେ ।୧୦ ।
ପାଞ୍ଚଗୋଟି ଭ୍ରାଥ ମାତଙ୍କୁ ଘଏନି ଛତ ପ୍ରାଣୀ
ୟେକ ଆତ୍ମା ହୋଇଥିବ ନୋହିବ ପରାପର ଜାଣି ।୧୧ ।
ମାତଙ୍କୁ ସେବା କରି ଥିବଟି ବନସ୍ତେ
ଦୁଖଏଣ ସମୟେକ ବାବୁ ବଞ୍ଚ ପଞ୍ଚୁ ଭ୍ରାଥେ ।୧୨ ।
ୟେତେ କହି ପୁଣ କହିଲେ ବିଦୁର
ପୁରଞ୍ଚନ ହାଥେ କିଛି ନ କରିବଟି ଆହାର ।୧୩ ।
ଯୁଦ୍ଧେଷ୍ଠି ବୋଇଲେ ତୁହି ଯେ ଆମ୍ଭର ପିତା

ତୁହି ସେ ଅଟୁ ଆମ୍ଭନ୍ତ ଧର୍ମ ଯେ ଦେବତା ।୧୪ ।
କହିଣ ବିଦୁର ଗଲେକ ଗହନ ବନସ୍ତେ
ସୁରନଦୀ ତୀରେ ଯେ ତ୍ରିଶିରା ପର୍ବତେ ।୧୫ ।

---

୩ ।୨ ରାତ୍ରେ ଭୀମସେନ ଜଉଘରେ ଉଭାରି (ପା)
୪ ।୨ ଆପଣାର ଲୋକ ବୋଲି ମିଳିଲେ କତିରେ ।
ବିମ୍ଭ୍ରରେ ପଶିଲେ ଯାଇ ମହା ନିଶାକାଳେ
ଦେଖିଲେ ବିମ୍ଭ୍ରର ଯେ ବିସ୍ତାର ନବ ତାଳେ ।୧୬ ।
ଦେଖିଲେ ବିଦୁରେ ବିମ୍ଭ୍ରର ଅତିହି ବିସ୍ତାର
ବରଷକେ ହୋଇଲାଣି ପାଞ୍ଚଯୋଜନ ଦୂର ।୧୭ ।
ଅନେକ ଧନରତ୍ନ ଦିଲେ ଯେ ଟସ୍କରକୁ
ତୋହୋର ଉପୁଗାର ମୁଂ କହିବି କାହାକୁ ।୧୮ ।
ଯେତେ ବୋଲି ବିଦୁରେ ଯେ ବାହାର ହୋଇଲେ
ସୁରନଦୀ କୂଳ ନାବ ବାହୁକ କହିବ୍ରତକୁ ଦେଖିଲେ ।୧୯ ।
ନାବ ଗୋଟି କୂଳେ ଲଗାଇ ବସିଅଛି କଣ୍ଡୟାର
ରାତ୍ରେ ଜନ ଅଇଲେ କରି ଦିଯେ ପାର ।୨୦ ।
ବିଦୁରେ ବୋଇଲେରେ କେବଣ ତୁ ଜାତି
ଯେ ବନ ନଦୀ କୂଳେ କି- ବସିଲୁ ନିଶାରାତି ।୨୧ ।
ମୁଂ ଦେବ ନିଷାଦ ଅଟଇ କଇବ୍ରତ
ନାବରେ ବସାଇ ପାର କରଇ ଜନମାନନ୍ତ ।୨୨ ।
ପଣେ ବୋଡିଯେ ଯେ ଗଣ୍ଡାଯେ ଆଦି କରି
ଯେଣେ ବ୍ରତଇ ମୁଂ ଜୀବନ ଆହାରି ।୨୩ ।
ବିଦୁରେ ବୋଇଲେ ଏ ମାନ ଗୋବିନ୍ଦର ରାଜ୍ୟ
ସମସ୍ତ ଜନେ ଯେଥେଂ ବ୍ରତନ୍ତି ଅଇଶ୍ୱର୍ଯ୍ୟଷ ।୨୪ ।
ତୋହୋର ପରାଯେକ କଷ୍ଟି ଲୋକ ଯେଥି ନାହିଂ
କେତେ ଦିନ ବଞ୍ଚିବୁ ତୁ ଜଳଚର ହୋଇ ।୨୫ ।
ନାବ ଗୋଟି ବୁଡାଇ ତୁ ଆସ ହୋ କଇବ୍ରତ
ଯେ ତର ପଡୁ ଲୋକେ ମୋହନ୍ତୁ ଯେଥେ ଆତଯାତ ।୨୬ ।
ବିଦୁର ବଚନେ ନାବ ବୁଡାଇଲା କଣ୍ଡେୟାର
କଇବ୍ରତକୁ ଘେନି ତହୁଂ ଗଲେକ ବିଦୁର ।୨୭ ।
ଭଣ୍ଡାର ଫେଡିଣ ତାହାକୁ ଦିଲେ ଅନେକ ଧନ
ଆପଣାର ପୁରେ ତାକୁ କଲେକ ଗୋପ୍ୟାନ ।୨୮ ।
ବିଦୁର ପ୍ରସନ୍ନେ ତାର କଷ୍ଟ ପାରଗଲା
ଦିନେ ସେ କଣ୍ଡେୟାର ବିଦୁରଙ୍କୁ ପଗ୍ଧରିଲା ।୨୯ ।
ଯେତେ ଧନ ଦିଲେ ମୋତେ ଭଣ୍ଡାର ଫେଡି
ମୁହିଂ ଛାର ହୀନ ତୋତେ କଉଂଗୁଣେ ହୋଇବି ଉପୁଗାରୀ ।୩୦ ।
ବିଦୁରେ ବୋଇଲେ ତୁ ଅଟୁ ଯେ ମହତ
ତୋହୋର କାରଣ ମତେ ଅଛଇ ବହୁତ ।୩୧ ।
କଇବ୍ରତ ହସ୍ତ ଧରି ନେଲେ ନିଶାକାଳେ

ବିମ୍ଭର ସନ୍ନ ଧେୟ୍ ହୋଇଲେ ରାତ୍ରକାଳେ ସୁରନଦୀ କୂଳେ ।୩୨ ।
ବିଦୁରେ ବୋଇଲେ ତୁ ଯେହିଠାରେ ଜଗି ବସିଥିବୁ
ଦିବସେ ନାବ ଗୋଟି ପାଣିରେ ବୁଡାଇବୁ ।୩୩ ।
ରାତ୍ରେଣ ପାଣିରୁ କାଢି ରଖିବୁ ବିମ୍ଭର ଦ୍ୱାର
ବିମ୍ଭରୁ ଯେ ଆସଇ ତାଙ୍କୁ କରିଣ ଦେବୁ ପାର ।୩୪ ।
ପାରି କରି ଦେବୁ ସୁରନଦୀର ପଛିମ କୂଳକୁ
ତେତେବେଳେ ଯାଇ ବାରତା କହିବୁ ଆମ୍ଭଙ୍କୁ ।୩୫ ।
ବିଦୁର ବଚନେ ସେ ନିଷାଦ କଇବ୍ରତ
ନାବ ଘେନି ଜଗି ବସିଲା ସେ ସୁରନଦୀ ତଟ ।୩୬ ।
ଦିବସେ ନାବ ଗୋଟି ବୁଡାଇ ଘରେ ଥାଇଂ ଯାଇଂ
ରାତ୍ରେ ପାଣି ନିଗାଡି ବିମିବର ଦ୍ୱାରକୁ ଯାଏ ବାହି ।୩୭ ।
ବିମିବର ଖୋଲିଲା ଯଏ ଟସ୍କର ଖଲ୍ୟକାର
ବିମ୍ଭରେ ନିର୍ବାଣ ହୋଇଲା ବରଷେ ଯେଗାର ।୩୮ ।
ମୀନମାସ ଶୁକଳ ପକ୍ଷ ଦଶମୀର ନିଶି
ଭୌମବାର ଅଶ୍ଲେଷା ଅନ୍ତରେ ଭୋଗ ମଘା ସିଂଘ ରାଶି ।୩୯ ।
ସୁକର୍ମା ନାମେ ଯୋଗ ବାଣିଜ୍ୟ ନାମେ କରଣ
ରାତ୍ର ନବ ଘଡି ମାନେ ଫିଟିଲା ବିମ୍ଭର ଜଦୁଘର ଉତ୍ତର କଣ ।୪୦ ।
ସେହି ଠାବରେ ଶୋଇଥିଲା ବୀର ଯେ ଅର୍ଜୁନ
ଧାତିକାରେ ଚିଆଇଂ ଉଠିଲା ସେ ବାସବର ନାନ ।୪୧ ।
କେରେ କେରେ ବୋଲିଣ ଦରାଣ୍ଡିଲା ରାଗେ
ବାମ କରେ ଟସକର କେଶ ଧଇଲାକ ବେଗେ ।୪୨ ।
ବୋଇଲା ଖଲ୍ୟକାର ମୋତେ ଛାଡ ବୀର ପାର୍ଥ
ବିଦୁର ଆଗ୍ୟାଂୟେ ମୁଂ ତୁମ୍ଭର କାର୍ଯ୍ୟେ ହିତ ।୪୩ ।
ଯେସନେକ ବଚନ ଶୁଣିଣ କିରୀଟୀ
ତତକ୍ଷଣେ ଟସ୍କରର ଛାଡିଲେ କେଶ ଗୋଟି ।୪୪ ।
ଆଶ୍ୱାସନା କରିଣ ସେ ବାସବର ସୁତ
କତିରେ ବସାଇ ବାରତା ପୁଛଇ ତୁରିତ ।୪୫ ।
କତିରେ ବସି କରି ଯେ କହଇ ଚଉର୍ଯ୍ୟ
ଯେହି ବିମ୍ଭରେ ପଶି ତୁମ୍ଭେ ଯିବ ଦେବରାଜ ।୪୬ ।
ଦ୍ୱାଦଶ ବରଷକୁ ମୋତେ ଅନେକ ଧନ ଦେଇ
ବିଦୁରଙ୍କ ଆଗ୍ୟାଂୟେ ମୁଂ ବିମ୍ଭର ଭିଆଇ ।୪୭ ।
ଅର୍ଜୁନ ତୋଳିଲା ଯୁଦ୍ଧେଷ୍ଠି ଦେବ ଠାକୁରଙ୍କୁ
ଯୁଦ୍ଧେଷ୍ଠି ହକାରିଲେ ଯେ ଭୀମସେନକୁ ।୪୮ ।
ଯେ ବିମ୍ଭର ଭିତରେ ଯାଇ ପଶନିରେ ମାରୁତି
କେତେ ଥଳ କେତେ ଦୀର୍ଘ କେତେ ଉଚ୍ଛର୍ଗ ଯେ ପ୍ରତି ।୪୯ ।
ଯାଇ ପାରିବାଟି କି ଯେ ବିମ୍ଭରେଣ ପଶି
ଆଗ୍ୟାଂୟେ ବ୍ରିକୋଦର ଗଲାକ ମହାନିଶି ।୫୦ ।
ବାଉନ ବାଉନ ଗଦାଭାର ବେନି ହାଥେ
ବିମ୍ଭର ଭିତରେ ମାରୁତି ଗମଇ ଉଷତେ ।୫୧ ।
ଉଦ୍ର୍ଧ୍ୱ ବାହୁ କରି ବେନି ହାଥ ତୋଳି ଗଲା

ଆକାଶ ପ୍ରାୟେ ହୋଇ ସେ କାହିଁ ନ ଲାଗିଲା ।୫୨ ।
ୟେଗାର ଯୋଜନା ବିମ୍ଭ୍ରର ଖେଦଇ ବ୍ରିକୋଦର
ପ୍ରବେଶ ମାରୁତି ଯାଇ ସୁର ନଦୀର ଯେ ତୀର ।୫୩ ।
ବାହୁଡା ବେଳକୁ ମାରୁତି ବିସ୍ତାରିଲା ବେନି କରପତ୍ର ।୫୪ ।
ବିଗ୍ରଇ ମାରୁତି ୟେଥି ସାଂଗ୍ରାମ ପଡିଲେ
ଯୁଦ୍ଧକୁ ଠାବ ଯେ ହୋଇବଟିକି ଦୁଇ ଭୁଜ ଆତ୍ରେଷିଲେ ।୫୫ ।
ଗଦା ବୁଲାଇ ଯଏ ଦୁଇ କରେ ବୀର
ଗଦା କାହିଁ ନ ହାବୋଡିଲା ପାତାଳ ବିମ୍ଭ୍ରର ।୫୬ ।
ଭୀଷ୍ମ ରୂପ ଧରିଣ ଯେ ବ୍ରିକୋଦର ଗଲା
ଜଦୁର ଘରେ ଯାଇଂ ଯୁଝେଷ୍ଠି ଦେବଙ୍କୁ କହିଲା ।୫୭ ।
ବଡାଇଂ ଆଶ୍ରିଯ ଦେବ ୟେ ଟସକର କଥା
ଦେବଙ୍କୁ ଅବକ୍ୟ ୟେ ଅସମ୍ଭବ ବଳବନ୍ତ ।୫୮ ।
ଯେବଣ ବିମ୍ଭ୍ରର ୟେ ସ-ାଦିଲା ଟସକର
ମଞ୍ଚ ସ୍ୱ୍ରର୍ଗ ପ୍ରାୟେ ଦେବ କିଛି ନାହିଂ ଯେ ଅନ୍ତର ।୫୯ ।
ଶୁଣିଣ ଯୁଝେଷ୍ଠି ଦେବ ପରମ ସାନନ୍ଦ ଚିତ୍ତେ
ଟସକରକୁ ଅନେକ ରତ୍ନ ଦିଲେ ଜଦୁଘରେ ଥିଲା ଯେତେ ।୬୦ ।
ତୁ ଆମ୍ଭ ନିମିତ୍ତେ ଯେତେ କଷ୍ଟ ପାଇଲୁ ଖଲ୍ୟକାର
ଧର୍ମେଣ ରାଜ୍ୟ ପାଇଲେ ତୋହୋର କରିବୁ ଉପୁଗାର ।୬୧ ।
ଟସକର ବୋଇଲା ଦେବ ବିଦୁର ମାହାତ୍ମା ହିଂ ଥିଲେ
ତୁମ୍ଭନ୍ତ ପଞ୍ଚୁ କଟକ ପ୍ରାପତ ହୋଇବ ଭଲେ ।୬୨ ।
ନାମଗିରି ନାମେ ଯେ ପର୍ବତ ଗୋଟାୟେ
ବିମ୍ଭ୍ରର ଦ୍ୱ୍ରାରେଣ ନେଇ ଭୀମ ଗ୍ୟିଣ ଗୋପ୍ୟ କୟେ ।୬୩ ।
ଖଲ୍ୟକାର ଗଲା ଯେ ବିଦୁର ସନ୍ନିଧାନେ
ବିମ୍ଭ୍ରର ପରିକ୍ଷ କଲେ ପାଣ୍ଡବ ଭୀମସେନେ ।୬୪ ।
ଶୁଣିଣ ବିଦୁର ଯେ ଅନେକ ସାନନ୍ଦେ
ଖଲ୍ୟକାରକଇ ବହୁତ ଧନ ଦିଲେକ ଆନନ୍ଦେ ।୬୫ ।
ସେହି ରାତ୍ରେ ସେ ଟସ୍କରକୁ ତୁଲେ ଘେନି
ଜଦୁର ଘରେ ପ୍ରବେଶ ଦିବା ଅନ୍ତେଣ ରୟଣୀ ।୬୬ ।
ପ୍ରବେଶ ହୋଇଲେ ଯାଇଂ ଜଦୁର ଘରେଟି
ପ୍ରତକ୍ଷେ ଭେଟିଲେ ଯାଇଂ ଧର୍ମରାଜା ଯୁଝେଷ୍ଠି ।୬୭ ।
ବୋଲନ୍ତି ମୁଂ ତ ସଞ୍ଚିଲି ୟେସନେକ ସନ୍ଦେହେ
ଧର୍ମେ ୟେଥୁଂ ପାର ହୋଇଥାଅ ସମୟେକ ବାଭିୟେ ।୬୮ ।
ୟେମନ୍ତ ବାବୁରେ ତୁମ୍ଭଙ୍କୁ ନ ଜାଣନ୍ତି ଆନ ଜନେ
ବରଷ କେତେ ରହ ଯାଇ ଅଗମ୍ୟ ଘୋର ବିପୁନ୍ୟେ ।୬୯ ।
ଜାଣିମା ଧୃତରାଷ୍ଟ କେମନ୍ତ କଥା ଧରଇ ହୃଦେ
କେମନ୍ତେ ବିଗ୍ରଇ ସେ ବିଷାଦ କି ଆନନ୍ଦେ ।୭୦ ।

---

୬୯ ।୨ ବିପୁନ୍ୟେ - ବିପିନେ
ପରମ ଆଷ୍ୟ ତୁମ୍ଭେ ହୋଅ ପାଞ୍ଚୁ ଭାଇ

ବରଷେ କେତେ ବାବୁ ତୁମ୍ଭର ଆମ୍ଭର ଭେଟା ଭେଟି ନାହିଁ ।୭୧ ।
ମୋହୋର ଆଇଷ୍ୟ ଘେନି ବ୍ରତି ଥାଅ ଭଲେ
ଅଇରି ଦର୍ପ ଗଞ୍ଜିବ ବନସ୍ତେ ଭେଟିଲେ ।୭୨ ।
ଯେତେ ବୋଲିଣ ସନ୍ନିଧେ ରାଇଲେ ଭୀମକୁ
ବାବୁ କଷ୍ଟ କର୍ମ କରି ଧରିଥିବୁ ଶରୀରକୁ ।୭୩ ।
ବାବୁରେ ବମସ୍ତେ ପଶନ୍ତେ ହୋଇବ ଅନେକ କଷ୍ଟ ଦୁଖ
ଶରୀର ରକ୍ଷଣ ନିମନ୍ତେ ଯାଇ ମାଗିବଟିରେ ଭିଖ ।୭୪ ।
ଅଳପ ସମୟେଟି ବାବୁ କର୍ମର ବିପଦ
ତହୁଁ ଅଇଲେଟି ପ୍ରାପତ ହୋଅଇ ସିନା ରାଜ୍ୟ ସଂପଦେ ।୭୫ ।
ଯେତେକ ତିଆରିଣ ଯେ ଗଲେକ ବିଦୁର
ତୁରେଣ ଗୋଡାଇଅଛି ଖଲ୍ୟକାର ଟସକର ।୭୬-୬୫୮୨ ।

ଜତୁଗୃହ ଦାହ ଓ ଭୀମଙ୍କର ଅଗ୍ନିସ୍ତବ
ବିଦୁରେ ହସ୍ତିନା ଭୁବନେ ପ୍ରବେଶ ହୋଇଲେକ ଯାଇ
ଅଛନ୍ତି ପାଣ୍ଡବ ଯେ ଜତୁର ଘରେ ରହି ।୧ ।
ବିଦୁରେ ଗଲେ ଯେ ଦ୍ୱାରକା ଭୁବନକୁ
ସମସ୍ତ ସଂବାଦ କହିଲେ ଶ୍ରୀ ବାସୁଦେବଙ୍କୁ ।୨ ।
ମୋହୋରେ ଯେତେକ ଯେ ହୋଇଲାକ ଦାମୋଦର
ତୋହୋର ବୁଦ୍ଧି ବଳେ ସ୍ୱାମୀ ଜତୁଘରୁ ପାରିକର ।୩ ।
ଶ୍ରାବଣ ଶୁକଳ ଯେ ତ୍ରୟୋଦଶୀ ଚନ୍ଦ୍ର ବାର
ମୂଳା ନକ୍ଷତ୍ର ଯଏ ଭୋଗ ଅଟଇ ସେ ଦିନର ।୪ ।
ବିଦୁରେ ବୋଇଲେ ହରି କେବଣ କୃତ୍ୟ କରିବା
କେମନ୍ତେ ପାଣ୍ଡବନ୍ତ ପାର କରି ଦେବା ।୫ ।
ବିମ୍ୱର ବାଟେ ଯେବେ ହୋଇବେ ବାହାର
କେବଣ ବୁଦ୍ଧି ଉପାୟେ ଅଛଇ ତୋହୋର ।୬ ।
ବୋଲନ୍ତି ଶ୍ରୀହରି ଶୁଣ ହୋ ବିଦୁର
ଯେ କଥାକୁ ଉପାୟେ ଅଛିନି ମୋହୋର ।୭ ।
ମେଘାନ୍ତ ହକାରିଣ ବୋଲନ୍ତି ନାରାୟଣ
ବାରୁଣାବନ୍ତେ ଘୋର କରିବା ବରଷଣ ।୮ ।
ନାରାୟଣଙ୍କ ଆଗ୍ୟାଂୟେ ବରଷନ୍ତି ମେଘେ
ମୂଷଳ ଧାରା ପ୍ରମାଣେ ସେ ବରଷନ୍ତି ଉଚ୍ଛର୍ଗେ ।୯ ।
ଅନୁଭବ ବନେ ଅଜରାଜ ନାମେଣ କିରାତ
ଜୟନ୍ତା ନାମେ ଭାରିଯା ତା କୋଳେ ପାଞ୍ଚ ପୁତ୍ର ।୧୦ ।
ନିର୍ଘାତ ବଜ୍ର ସୂଚି ପଡିଲା ତାର ବାସ
ଅଜ ଶବର ଉପରେ ପଡିଲାକ ସେ ହୋଇଲାକ ନାଶ ।୧୧ ।
ଆଶ୍ରମ ଗୋଟି ଯେ ତାର ଗଲା ଜଳି
ପାଞ୍ଚ ଗୋଟି ପୁତ୍ର ଘଏନି ପଲାଇଲା ବିକଳୀ ।୧୨ ।
ଜତୁର ଘର କାନ୍ଥରେ ସେ ଲାଗି ଲାକ ଯାଇଁ
ଭୀମସେନ ବୋଇଲା ଲୋ ଆସୁଅଛୁ କାହିଁ ।୧୩ ।
କେ ଟି ବୋଲିଣ ଗ୍ରହିଁଲେ ଦେବୀ କୋନ୍ତୀ

ଆସ ଆସ ମହାତ୍ମାଣୀ ଗୋ ଅଟୁ କେଉଣ ଜାତି ।୧୪ ।
ମୁହିଁ କିରାତୁଣୀ ଅଟଇ ବନଚର
ପାଞ୍ଚ ଗୋଟି ପୁତ୍ର ଗୋ ଅଟଇ ମୋହୋର ।୧୫ ।
ସ୍ୱାମୀ ମୋହୋର ନାଶ ଗଲା ବଜ୍ର ସୂଚୀ ଘାୟେ
ରହିବାକୁ ଠାବ ଖଣ୍ଡିଏ ଦେୟସି ଗୋ ମାୟେ ।୧୬ ।
ୟେ ପାଞ୍ଚ ଗୋଟି ପୁତ୍ର ଯେ ତୋହୋର ବାଳ ଶିଷ
ନାମ ଗୋଚି ଆC ଅଟଇ ତୋର କିସ ।୧୭ ।
ବୋଲଇ ଶବରଣୀ ଶୁଣ ଗୋସାମଣୀ
ମୋହୋର ନାମ ଅଟଇ ଜୟନ୍ତା ଶବରଣୀ ।୧୮ ।
କୋଇନ୍ତା ବୋଇଲେ ଗୋ ଭିତରେ ରହ ଆସି
ନାମ ଅକ୍ଷର ପଡିଲା ତୁ ମୋହୋର ବୟେସୀ ।୧୯ ।
ମୋହୋର ପାଞ୍ଚଗୋଟି ପୁତ୍ର ତୋହୋର ପାଞ୍ଚପୁତ୍ର
ଆସ ଆସ ପଇଠି ଗମ୍ଭୀରିରେ ପଶସିରେ ସଂଘାତ ।୨୦ ।
ଭୀମ ଦ୍ୱାର ଛାଡ, ସେ ପଶନ୍ତୁ ଭିତରେ
ମାତଙ୍କର ଆଗ୍ୟାଂୟେ ଛାଡିଲା ଦ୍ୱାର ବ୍ରିକୋଦରେ ।୨୧ ।
ପଇଠ ଗମ୍ଭୀରେ ସେ ରହିଲା ଶବରୁଣୀ
ଶେୟ୍ୟା ଗୋଟିୟେ ତାହାକୁ କୋଇନ୍ତା ଦିଲେ ଆଣି ।୨୨ ।
ବନସ୍ତେ ଅନେକ ଯେ ଅଇଲେ ଦୁଖ ପାଇ
ଉଷୁମେ ନିଦ୍ରା ଗଲେ ଯେ ଅସାଷ୍ଟମ ହୋଇ ।୨୩ ।
ୟୁଧେଷ୍ଠି ଭୀମ ଅର୍ଜୁନ ନକୁଳ ସହଦେବ
କୋଇନ୍ତାକୁ ଘେନି ଭିତରେ ପଶିଲେ ପଞ୍ଚୁ ପାଣ୍ଡବ ।୨୪ ।
ୟୁଧେଷିଠି ବୋଇଲେ ଶୁଣସି ଗୋ ମାୟେ
ୟେଥୁ ପାର ହୋଇଯିବା ୟେହୁ ଯେ ସମୟେ ।୨୫ ।
ପର୍ବତକୁ ଆଡିଆଇ ପଶିଲେ ଭିତରେ
କୋଇନ୍ତାକୁ ଭୀମସେନ ବସାଇଲା ଶିରେ ।୨୬ ।
ଡାହାଣ କାନ୍ଧେ ୟୁଧେଷ୍ଠି ବାମ କାନ୍ଧରେ କିରୀଟୀ
ଦୁଇ କାଖେ ବସାଇଲା ନକୁଳ ସହଦେବ ଦୁଇ ଗୋଟି ।୨୭ ।
ବାଉନ ବାଉନ ଭାର ଗଦା ଧରି ବେନି ହସ୍ତେ
ବିମ୍ଭ୍ରରେ ଚଳଇ ଭୀମ ପବନ ଅପତେ୍ୟ ।୨୮ ।
ସୁର ନଦୀ କୂଳେ ନେଇ ବସାଇଲା ପାଞ୍ଚନ୍ତି
ଜଦୁର ଘରକୁ ଭୀମସେନ ଲେଉଟ ଅଇଲା ନିଶାରାତି ।୨୯ ।
ବିମ୍ଭ୍ରରେଣ ପଶି ଆସି ଜଦୁ ଘରେ ମିଳି
ଝିମାଣିଶାଳୁଂ ଅଗ୍ନି ଆଣି ବାମକରେ ଦିଲା ଜାଳି ।୩୦ ।
ଭାମସେନ ତୋଳିଲା ପୁରଞ୍ଚନ ପଣ୍ଡାକୁ
ତୁ ସେ ପ୍ରତଗ୍ୟାଂ ପାଣ୍ଡବନ୍ତ ମାରିବାକୁ ।୩୧ ।
ପ୍ରତଗ୍ୟାଂ ସାଗ୍ ହୋଇଲା ତୋହୋର ଦ୍ୱିଜବର
ପାଣ୍ଡବନ୍ତ ମାରି ରାଜ୍ୟ ଦିଅ କୁରୁବୀର ।୩୨ ।

୨୫ ।୨ ପଦ"ୟେଥୁ ପାର ହୋଇଯିବା ୟେହୁ ଯେ ସମୟେ"ପରେ ଅଧିକ ପାଠବିଧାତା
ଆଣି ସ୍ରିଜିଲାନି ୟେହା
ଆମ୍ଭନ୍ତ ଧର୍ମ ହୋଇଲାନି ସାହା ।
ପୁରଞ୍ଚନକୁ ଦେଖିଲେ ବାହାର ପିଣ୍ଡାୟେ ଅଛି ଶୋଇ
ନିଦ୍ରାରେ ଅଚେତନ ଶରୀରେ ଗ୍ୟାଂନ ନାହିଁ ।
ଜହୁର ଘରକେ ଯେ କପଟେ ଭିଆଇଲୁ ।୩୩ ।
ପୁରଞ୍ଚନକୁ ଝିଙ୍ଘାସଇ ପବନର ବଲା
ଧାତିକାରେ ଜହୁର ଘରେ ଲଗାଇଲୁ ହୁଲା ।୩୪ ।
ଜଉ ସଜଳସ ଗୁଆଗୃତେ ଛଣପଟ
ୟେ ଗ୍ରିଙ୍କି ମେଦି କରି ଘର କରଛୁ କପଟ ।୩୫ ।
ୟେତେବେଳେ ହୁଲା ଲଗାଇଲେ ଜହୁର ଘରେ
ଜଳିଲା ଅନଳ ଯଏ କାଲାନଳ ପରଖରେ ।୩୬ ।
ପଣ୍ଡାୟେ ପଲାଅ ତୁମ୍ଭେ ବାହାର ହୋଇ
କାହୁଁ ଆଣି ଲଗାଇଲେ ତୁମ୍ଭେ ଜୁଇ ।୩୭ ।
ୟେହିକ୍ଷଣି ଆମ୍ଭେ ମରିବଇଁ ପୋଡି
ତୁମ୍ଭେ ପଲାଅ ପଣ୍ଡା ହେ ଅଗ୍ନି ଆସୁଅଛି ମାଡି ।୩୮ ।
ତୁରିତେ ଅଗ୍ନି ଲାଗିଲା ବ୍ରାହ୍ମଣ ଭୀମ ଦୁହିଙ୍କର କର
ମୁହଁ ମାଡି ପଡିଲା ବ୍ରାହ୍ମଣ ଭୂମିର ।୩୯ ।
ଭୀମସେନ ପଲାବନ୍ତେ ଅଗ୍ନିର ତେଜ ଲାଗି
ଅନେକ ତୁସ୍ତି ଭୀମ କଲା ପରମ ୟୋଗୀ ।୪୦ ।
ରହ ରହ ପବନ ନନ୍ଦନ ମୋହୋର ହାତରୁ ଯିବୁ କାହିଁ
ରହିଣ ଭୀମସେନ ବିସ୍ମୟ ହୋଇ ତୁସ୍ତି କରଇ ତହିଁ ।୪୧ ।
ଜୟ ତୁ ଜୟ ତୁ ଦେବ ବୈଶ୍ୱାନର
ଜୟ ତୁ ଜୟ ତୁ ଦେବ ଦୋହୋରା ଅବତାର ।୪୨ ।
ଜୟ ତୁ ଜୟ ତୁ ଦେବ ଦହନ ପାପ ଘୋରା
ଜୟ ତୁ ଜୟ ତୁ ଦେବ ଗୋପ୍ୟାନ ଦୋହୋରା ।୪୩ ।
ଜୟ ତୁ ଜୟ ତୁ ଦେବ ଆହାରେ ମତ୍ତଭୋଲା
ଜୟ ତୁ ଜୟ ତୁ ଦେବ ସିଦ୍ଧ ଅନର୍ଗଲା ।୪୪ ।
ଜୟ ତୁ ଜୟ ତୁ ଦେବ କାଳ ଯେ ଅନଳ
ଜୟ ତୁ ଜୟ ତୁ ଦେବ ପ୍ରସନ୍ନେ ପିଙ୍ଗଳ ।୪୫ ।
ଜୟ ତୁ ଜୟ ତୁ ଦେବ ମହାରୁଦ୍ର ମୂର୍ତ୍ତି
ଜୟ ତୁ ଜୟ ତୁ ଦେବ ତ୍ରୋଟ ଅନଳ ଜ୍ୟୋତି ।୪୬ ।
ଜୟ ତୁ ଜୟ ତୁ ଦେବ ଶୂନ୍ୟ ପୁରୁଷ ଦକ୍ଷ
ଜୟତୁ ଜୟ ତୁ ଦେବ ଅଭକ୍ଷ ସର୍ବ ଭକ୍ଷ ।୪୭ ।
ଜୟ ତୁ ଜୟ ତୁ ଦେବ ତୁହି ପିତା ମାତା
ଜୟ ତୁ ଜୟ ତୁ ଦେବ ପ୍ରସନ୍ନେ ବର ଦ୍ୟନ୍ତା ।୪୮ ।
ଜୟ ତୁ ଜୟ ତୁ ଦେବ ସୁରସିଦ୍ଧ ମହାବ୍ରହ୍ମି
ଜୟ ତୁ ଜୟ ତୁ ଦେବ ପ୍ରସନ୍ନେ ଅଭୟ ସ୍ୱାମୀ ।୪୯ ।
ଜୟ ତୁ ଜୟ ତୁ ଦେବ ମହାବ୍ରହ୍ମ ତେଜା
ଜୟ ତୁ ଜୟ ତୁ ଦେବ ମୂର୍ଖ ଦର୍ପ ଭଞ୍ଜା ।୫୦ ।

ଜୟ୍ ତୁ ଜୟ୍ ତୁ ଦେବ କାଲାନଳ ହୁଅ ଶାନ୍ତି
ଜୟ୍ ତୁ ଜୟ୍ ତୁ ଦେବ ଅନଳ ଅନନ୍ତ ମୂର୍ତ୍ତି ।୫୧ ।
ଜୟ୍ ତୁ ଜୟ୍ ତୁ ଦେବ ସ୍ତ୍ରୀହାର ବଲ୍ଲଭ
ଶୂଦ୍ରମୁନି ସାରୋଲା ଦାସ ଭକତି ବିନୟ୍ ଭାବ ।୫୨ ।
ଭୀମସେନ ତୁସ୍ତି କଲା ବୈଶ୍ରୀନର ଦେବତାଙ୍କୁ
ଅପାଦ କାଳେ ସ୍ତ୍ରୀମୀ କଟାଳ ନ କର ମୁକୁ ।୫୩ ।
ମୋତେ ୟେବାରେ ୟେଥୁଂ ରକ୍ଷା କଲେ ଦେବ ହବି
ମୋହୋର ସମାନେ ସ୍ତ୍ରୀମୀ ଶତେ ଜଣ ତୋତେ ଦେବି ।୫୪ ।
ୟେତେକ ତୁସ୍ତି କରିଣ ବ୍ରିକୋଦର
ଧାତିକାରେ ପଶିଲା ଯାଇଂ ପାତାଳ ବିମ୍ତ୍ରର ।୫୫ ।
ଦ୍ତ୍ରାରେଣ ଗ୍ପିଲା ସେ ପର୍ବତ ଶିଲା ଗୋଟି
ଧାତିକାରେ ଧାଇଂ ଯାଇଂ ବ୍ରିକୋଦର ଭେଟିଲା ଯୁଝେଷ୍ଠି ।୫୬ ।
ଏନେକ ଧନରତ୍ନ ନେଲା ଜଦୁର ଘରୁ
ଯୁଝେଷ୍ଠି ବୋଇଲେ ୟେହା ଆଣି କିସ କରୁ ।୫୭-୬୬୩୯
କୁମ୍ଭୀର ଦୈତ୍ୟ ବଧ
ୟେମନ୍ତରେ ବିମ୍ତ୍ରର ଦ୍ତ୍ରାରେ ବୀର ବିଗ୍ରନ୍ତି ବସି
କଇବ୍ରତ ନାବ ଘେନି ମିଳିଲାକ ଆସି ।୧ ।
ତହାକୁ ଦେଖି ବୀରେ ବିମ୍ତ୍ରରେ ହୋଇଲେ ଗୁପତ
ସ୍ତ୍ରୀମୀ ରହ ରହ ବୋଲି ଡାକ ଦିଅଇ କଇବ୍ରତ ।୨ ।
ବିଦୁର ମହାତମା ମୋତେ ଅନେକ ଧନରତ୍ନ ଦିଲେ
ନବୂ ବରଷ ଜଗିଲି ମୁହିଂ ରାତ୍ରେ ନିଦ୍ରା ନାହିଂ ଭଲେ ।୩ ।
ବିଦୁରଙ୍କ ବଚନ ୟେ ଶୁଣି ଅଛନ୍ତି ଯୁଗତେ
ବିମ୍ତ୍ରରୁ ବାହାର ହୋଇଲେ ପଞ୍ଚୁ ଭ୍ରାତେ ।୪ ।
କଇବ୍ରତ ବଚନ ଶୁଣି ସେ ହୋଇଲେ ହରଷ
ତାହାକୁ ଦେଖିଣ ପାମ୍ଡବେ ପରମ ସନ୍ତୋଷ ।୫ ।
ନାବରେ ବସ ସ୍ତ୍ରୀମୀ ଦେବି ପାରିଆଇ
ତର ପଡିଲାନି ୟେଥେ ଆତଯାତ ନାହିଂ ।୬ ।
ପ୍ରଥମ ନାବରେ ବସିଲେ ଦେବୀ କୋନ୍ତେ
ଯୁଝେଷ୍ଠି ଦୁଜେଣ ତୃତୀୟେ ବୀର ପାଥେ ।୭ ।
ଚତୁର୍ଥେମ ବସିଲେ ୟେ ନକୁଳ ସହଦେବ
ପଛେ ଭୀମସେନ ଉଠି ବସିଲାକ ନାବ ।୮ ।
ଭୀମସେନର ଭାରା ନାବ ନ ସହିଲା
ଭତ ଭତ ହୋଇଣ ନାବ ଗୋଟି ବୁଡିଗଲା ।୯ ।
ଧାତିକାରେ ନାବୁଂ ଡେଇଂ ପଡିଲା ବ୍ରିକୋଦର
ତୋଳିଣ ନାବ ଗୋଟି ସେ ଧଇଲା ବାମ କର ।୧୦ ।
ପାଣି ନିଗାଡିଣ ୟେ ବସିଲା ପୁଣ ନାବେ
ଭୀମସେନ ବସିବାକୁ ନାବ ନ ସହି ସ୍ତ୍ରୀଭାବେ ।୧୧ ।
କରପତ୍ର ୟୋଡିଣ ବୋଲଇ କଣ୍ଡେୟାର
ଭୀମସେନ ଠାକୁର ବସନ୍ତୁ ନାବ ବଡ ମଙ୍ଗର ।୧୨ ।
ଛୟେ ହୋଇ ବସିବା ଆମ୍ଭେ ସାନ ମଙ୍ଗ କତି

ପୁତ୍ରନ୍ତ ଘେନି ସାନ ମଙ୍ଗ ବସିଲେ ଦେବୀ କୋନ୍ତୀ ।୧୩ ।
ଯାଇଂଣ ଭୀମସେନ ନାବ ବଡ ମଙ୍ଗେଣ ଉଠି
ମହାଭାରାୟେ ନାବ ଗୋଟି ଯେ ପଡୁଛି ଲେଉଟି ।୧୪ ।
ପୁଣି ହିଂ ଭୀମସେନ ଡେଇଂ ପଡିଲା ତୁରିତେ
ନାବ ସମ୍ଭାଳି ଧଇଲାକ କରପତ୍ରେ ।୧୫ ।
କକଡା ମାସରେ ଯେ ମହା ବରଷାର କାଳ
ପୂରିଅଛି ନଦୀ ଯେ ନ ଦିଶଇ ବେନି କୂଳ ।୧୬ ।
ଅନେକ ତାଳ ଗଭୀର ନ ପାଇ ଯେ ଥଳ
ଭାଳଇ ଯେ ଯୁଦ୍ଧେଷ୍ଠି ଦେବ ମନେଣ ଗରୁ ବିକଳ ।୧୭ ।
ସହଦେବ ମୁଖ ଗ୍ହିଂ ପଗ୍ଧରନ୍ତି ଧର୍ମସୁତେ
ନାବ ନ ସହଇ ବାବୁ ପାରି ହୋଇବା କେମନ୍ତେ ।୧୮ ।
ସହଦେବ ବୋଇଲେ ଆଗ୍ୟାଂ ଦେବାକ ଭୀମସେନ ଠାକୁରଙ୍କୁ
ଗଦା ଦୁଇ ପକାନ୍ତୁ ଯେ ନଦୀର ଭିତରକୁ ।୧୯ ।
ପାଣିର ଭିତରେ ଥାଉ କି ନା ପଡି
ବାହୁଡାର ବେଳେ ୟେଥୁଂ ନେଇଂ ସିନା କାଢି ।୨୦ ।
ୟେକେ ହେଂ ବଳବନ୍ତା ଆବର ବେନି ଗଦା ହସ୍ତେ
ବାଉନ ବାଉନ ଭାର ବେନି ଗଦା ଜାଣି ବେନି ପର୍ବତେ ।୨୧ ।
ନାବ ମାତ୍ର ସିନା ୟେ କେମନ୍ତେ ସହିବ
ବ୍ରିକୋଦର ମୂରତି ୟେହାର ତ୍ରୈଲୋକେ ଅସମ୍ଭବ ।୨୨ ।
ସହଦେବର ବଚନେ ଯୁଦ୍ଧେଷ୍ଠଙ୍କର ଆଗ୍ୟାଂ ପ୍ରମାଣେ
ସୁରନଦୀ ଭିତରେ ଗଦା ଛାଡିଲେ ଭୀମସେନ ।୨୩ ।
ସାନ ମଙ୍ଗେ ପାଞ୍ଚେ ହେଂ ବ୍ରିକୋଦର ବଡ ମଙ୍ଗେ
ବସିଲେ ନାବରେ କଣ୍ଡେୟାର ବାହଇ ଅତି ବେଗେ ।୨୪ ।
ନଦୀରେ ନାବ ଜଳ ଚହଳ ରାବ ଶୁଣି
ଜଳପ୍ରଭା ବାହାର ହୋଇଲା କୃତାନ୍ତେକ ଜାଣି ।୨୫ ।
ପଞ୍ଚତିରିଶ ତାଳ ପରିଯନ୍ତ ପୂରିଅଛି ଜଳ
ତୁଣ୍ଡ ବିସ୍ତାର କୁମ୍ଭୀର ଜଳ କଲାକ ହାନ୍ଦୋଳ ।୨୬ ।
ଦେ ଦେ ବୋଲିଣ ଡାକ ଦିଅଇ ଭୀଷ୍ମ ରୂପେ
ନାବ ହେଠ ବୁଡ ହେଉଅଛି ତାର ପରତାପେ ।୨୭ ।
ଯୁଦ୍ଧେଷ୍ଠି ପୁଚ୍ଛାକଲେ ହୋ ୟେ କଥା କେମନ୍ତ
କର ପତ୍ର ଯୋଡିଣ ଯେ କହଇ କଇବ୍ରତ ।୨୮ ।
ସ୍ତ୍ରାମୀର ଗ୍ରି ଯୁଗ ହେଲାନି କୁମ୍ଭୀର ଅଛଇ ୟେହି ତୁଠେ
ଜଣେକ ବସାଣ ଅଛଇ ପଡଇ ଯଏ ଭେଟେ ।୨୯ ।
ସ୍ତ୍ରାମୀ ନବ ବରଷ ହେଲାନି ପଡିଲା ୟେତୁ ତର
କ୍ଷୁଧାର୍ତ୍ତୀ ହୋଇ ଅଛଇ ୟେ ଜଳପ୍ରଭା ଅସୁର ।୩୦ ।
ଜଣେ ନ ପାଇଲେ ଜଳ ହାନ୍ଦୋଳ କରିବ
ନାବ ବୁଡାଇ ସ୍ତ୍ରାମୀ ସମସ୍ତ ଭକ୍ଷିବ ।୩୧ ।
ଯୁଦ୍ଧେଷ୍ଠି ଦେବ ଗ୍ହିଂଲେ ଭୀମସେନର ବଦନ
ବାବୁ ଦୁସହ କଷଣ ପଡିଲା ୟେହିକ୍ଷଣ ।୩୨ ।
ତୁ ମୋହୋର ସୋଦର ପଣ୍ଡିତ ଭିଗଂ୍ୟ ଦକ୍ଷ

ସଭିଂୟେ ମରିବା କି ବାବୁ ଜଣେକ ୟେଥୁଂ ବାଛ ।୩୩ ।
ବ୍ରିକୋଦର ବୋଇଲା ଦେବ ସହଦେବ ଅଟଇ ସାନ
କିଛି ହିଂ ନ କହଇ ବାଳୁତ ଅଗ୍ୟାନ ।୩୪ ।
ଚତୃଦଶ ଭୁବନର ବାରତା ଥାଇ ତାହାର ଗର୍ଭେ
ଜାଣି ନ କହଇ ୟେ ମୋଢା ପାପିଷ୍ଠ ସହଦେବେ ।୩୫ ।
ମୋହୋର ବିଗ୍ରରେ ସହଦେବକଇ ଦେବା
ଆମ୍ଭେ ପାଞ୍ଚେ ହେଂ ଗ୍ୟଲ ପାରି ହୋଇ ଯିବା ।୩୬ ।
ୟୁଢେଷ୍ଠି ବୋଇଲେରେ ୟେ ମାତା ପିଅର ଅବସାନେ
ୟେ ପୁତ୍ର ଗୋଟିରେ ଉପୁଜିଲା ପଣ୍ଡର ଉଦୟାନେ ।୩୭ ।
ଦ୍ରିୟୋଧନ ପର ପୁତ୍ର ବୋଲି ଭାଗ ନ ଦେବା ଆମ୍ଭଙ୍କୁ
ରାଜ୍ୟକୁ କାରେଣି ଅଛଇଟି ୟେକ ସହଦେବକୁ ।୩୮
ଆବର ବିଶେଷେ ୟେ ଜାଣଇ ସମସ୍ତ
ଭୂତ ଭବିଷ ୟେ ଜାଣଇ ଗତ ୟେ ଆଗତ ।୩୯ ।
ୟେହା ପରା ବିତକ୍ଷଣ ଭାଇକି ଦେବଇଂ କେମନ୍ତେ
ମନ୍ତ୍ରୀ ପଣେ ରାଜ୍ୟ ଭିଆଣେ ଅଟଇ ଶକତେ ।୪୦ ।
ଆନ ଜଣେକ ବାଛ ବାବୁ ସହଦେବକୁ ଛାଡି
ଭୀମସେନ ବୋଇଲା ୟେ କରପତ୍ର ୟୋଡି ।୪୧ ।
ସ୍ତ୍ରୀମୀ ନକୁଳ ୟେ ଅଛଇ ଅତି ସୁକୁମାର
ଶତେ ପଳ ଚନ୍ଦନ ଲେପଇ ମାଛି ଗୋଟିଏ ବସିଲେ ଶୀର ।୪୨ ।

---

୪୦ ।୧ ମନ୍ତ୍ରୀ ଅଭାବେ ରାଜା ନୋହଇ ୟୁଗତେ । (ପା)
୩୭ ।୨ ଉଦୟାନେ - ମୃତ୍ୟୁପରେ
ହଂସୁଲୀ ତୁଳୀ ଉପରେ ଦେବ କପୂରର ଗୁଣ୍ଡି
ତହିଂ ପହୁଡି ଥିଲେ ୟେହାକୁ ନିଦ୍ରାନ ମାଡି ।୪୩ ।
ବନସ୍ତେ ୟେତକ ଦ୍ରବ୍ୟ ପାଇବା ଆମ୍ଭେ କାହିଂ
ଅବଶ୍ୟ ବନସ୍ତେ ମରିବ ୟେ ସୁଖ ଭୋଗ ବାଟ ଗ୍ୟହିଂ ।୪୪ ।
ସ୍ତ୍ରୀମୀ ମୋହୋର ୟେ ତୁମ୍ଭେ ବଚନେକ କରିବା
ନକୁଳକୁ ଦେଇ ଗ୍ୟଲ ପାରି ହୋଇ ଯିବା ।୪୫ ।
ୟୁଢେଷ୍ଠି ବିସରିଲେ ଭୀମସେନର ବଚନେ
ବାବୁ ସାବତ ମାତାର ପୁତ୍ର ଗୋଟି ମୁ ଦେବଇଂ କେସନେ ।୪୬ ।
ଆକାଶରେ ପାଟ ବାବୁ ଅଛଇ ଯାହାକୁ
ମୁଇଂ କେମନ୍ତେରେ ନାଶ କରିବି ତାହାକୁ ।୪୭ ।
ଆନ ଜଣକ ହୋ ବିଗ୍ରରି ଧର ନାମ
କରପତ୍ର ୟୋଡିଣ ବୋଳଇ ଭୀମସେନ ।୪୮ ।
ସ୍ତ୍ରୀମୀ ବଡଇ ପାପିଷ୍ଠ ମୋଢା ଅଟଇ ଫାଲଗୁନ
ଶରଣ ପଶିଲା ଶତ୍ରୁକୁ ୟେ ନ ମାରଇ ଶସ୍ତ୍ର ଘେନି ।୪୯ ।
ଅବଶ୍ୟ ଦ୍ରିୟୋଧନର ତୁଲେ ଆମ୍ଭର ସାଂଗ୍ରାମ ହୋଇବ
ବିରଥୀ ବିଶସ୍ତ୍ର ହୋଇଲେ ୟେ ଶତ୍ରୁକୁ ଛାଡି ଦେବ ।୫୦ ।
ୟେହାଉଂ ପାପିଷ୍ଠ ଦେବ ନାହିଂ ଆନ ଜଣେ

ଶତ୍ରୁକୁ ପାଳଇ ଯେ ସୋଦ୍ରିମା ବନ୍ଧୁ ପଣେ ।୫୧ ।
ଛତ୍ରୀ ହୋଇ ଦେବ ଦୟାବନ୍ତ ହୋଇଲେ
ରାଜ୍ୟ ପ୍ରାପତ ହୋଇ କି ଯେଡେମନ୍ଦ ଲୋକ ଥିଲେ ।୫୨ ।
ସାଂଗ୍ରାମ ବେଳକୁ ଦେବା ଯେ କଳଙ୍କ ନ ଥାଉ
ଅର୍ଜୁନକୁ ଦେବା ଯେ କୁମ୍ଭୀରୀ ଦତ୍ୟ ଖାଉ ।୫୩ ।
ଯୁଦ୍ଧେଷ୍ଠି କୋଳ ଧରି ଧଇଲେ ଅର୍ଜ୍ଜୁନକୁ
ଜାନ୍ଥରେ ବସାଇ ନାରାୟଣ କୃଷ୍ଣ ନାମ ଦିଲେଟି ଯେହାକୁ ।୫୪ ।

---

୪୩ ଶ୍ଥ ହୁଂସୁଲୀ ତୁଳୀ ଖଟରେ କର୍ପୂରର ଗୁଣ୍ଡି
ଶ୍ଥ ତଦ୍ୟାପି ତାହାକଇ ଦେବ ନିଦ୍ରା ଯେ ନ ମାଡି । (ପା)
୪୯ ।୨ ଶୂନ୍ୟ ହସ୍ତ ଲୋକକୁ ନ ମାରଇ ଶସ୍ର ଘେନି । (ପା)
ଯାହାର ପିଅର ବାବୁରେ ଅଟଇ ମଘବା
ଅମରାଧି ନାଥ ଅଛଇ ସ୍ୱର୍ଗପୁର ଦେବା ।୫୫ ।
ଯଦ୍ୟପି ଅର୍ଜ୍ଜୁନକୁ ଦେବା ଆମ୍ଭେ ଯେଥେ
ବାସବ ବାସୁଦେବ କୋପୁଂ ବ୍ରତିବା କେମନ୍ତେ ।୫୬ ।
ବିଦ୍ୟା ଶିଖାଇବା ବେଳେ ମୋତେ ଦ୍ରୋଣ ଗୁରୁ ବୋଇଲେ
ତ୍ରୈଲୋକ୍ୟ ଜିଣିମାକୁ ଅର୍ଜ୍ଜୁନ ଅଟଇ ଭଲେ ।୫୭ ।
ଭଲ କରି ଯେହାକୁ ପାଳିଥାଅ ଯତନେ
ଯେହାରେ ସେ ରାଜ୍ୟ ପାଇବୁଟି ବିଦ୍ୟାମାନେ ।୫୮ ।
ବାବୁ ଯେମନ୍ତେ ବୋଲି ଦ୍ରୋଣ ଗୁରୁ କହିଗଲେ ମୋତେ
ଗୁରୁଙ୍କର ବଚନ ମୁଁ ଭାଞ୍ଜିବି କେମନ୍ତେ ।୫୯ ।
ଯେ ମୋହୋର ବେଳେ ଦେଇ ନ ପାରିବ ବିବଚ୍ଛ
ଯେ ତିନିନ୍ତ ଛାଡି ବାବୁ ଆନ ଜଣେ ବାଛ ।୬୦ ।
ଭୀମସେନ ବୋଇଲା ଯେ ତିନିହେଁ ନୋହିଲେ
ତୁମ୍ଭେ ତ ନ ଯିବ ମୁହିଁ ନ ଯିବି ତୁମ୍ଭର ବୋଲେ ।୬୧ ।
ସ୍ୱାମୀ କୋଇନ୍ତାୟେ ଅଛନ୍ତି ଯେ ବୃଦ୍ଧ ମହନ୍ତାରୀ
ପଣ୍ଡୁର ପ୍ରସାଦେ ଯେ ଅନେକ ଭୋଗ କରି ।୬୨ ।
ବନସ୍ତେ ସୁସ୍ତ ପାଇବା ଆମ୍ଭେ କାହିଁ
ଦଇବେ ବୟେସାଧିକ ଯେ ମରିବେ ବନେ ଦୁଖ ପାଇ ।୬୩ ।
ଯେହାଙ୍କର ଥାଉଁ ଆମ୍ଭର ଯିବାର କି ମିଳଇ ଉଚିତ
ପୁତ୍ର ଅଭାବେ ତାଙ୍କୁ ଦୁଖ ହୋଇବ ବହୁତ ।୬୪ ।
ଯେ ଗଲି ନୁଆରିବେ ଯେ ଜଞ୍ଜାଳିବେ ଆମ୍ଭଙ୍କୁ
କୋଇନ୍ତାଙ୍କୁ ଦେବା କି ଯେ କୁମ୍ଭୀରୀ ଦଇତକୁ ।୬୫ ।
ଭୀମସେନ ବଚନେ ବିକଳ ହୋଇଲେ ଯୁଦ୍ଧେଷ୍ଠି
ଆମ୍ଭେ ଜାଣିଲୁ ଭୀମା ତୁ ବଡ ମୂର୍ଖ ହେଟି ।୬୬ ।

---

୫୭ । ତ୍ରୈଲୋକ୍ୟ ଧଂସିବାକୁ ତୋହୋର ଅର୍ଜ୍ଜୁନ ଜନ୍ମ ହୋଇଲେ ।
୬୪ ।୨ ଶ୍ଥ ଯେହାଙ୍କ ଥାଉ ଆମ୍ଭର ଯାଇ ନ ଯୋଗାଇ
ଶ୍ଥ ଆମ୍ଭେ ମଲେ ତିଳ ଯେ ପାଇବେ କାହିଁ ।

ବାବୁ ଗର୍ଭଧାରୀ ମାତା ଆମ୍ଭଙ୍କୁ ମୁଖରେ କ୍ଷୀର ଦିଲା
ଆତ୍ମାରୁ ଜାତ କରିଣ ଆମ୍ଭନ୍ତ ପାଳିଲା ।୬୭ ।
ତହାର ବ୍ରତିଥିଲେ ସେ ଆମ୍ଭଙ୍କୁ ଅଛଇ ବହୁତ ଧର୍ମ
ତାହାକୁ କେହ୍ନେ ଦତ୍ୟକୁ ଦେଇ ଲୋଡୁରେ ଭୀମ ।୬୮ ।
ଭୀମସେନ ବୋଇଲା ଆମ୍ଭେ ସମସ୍ତେ ସୋଦର
ସମସ୍ତେ ଭାଇ ଆମ୍ଭେ ୟେକ ମାତା ପିଅର ।୬୯ ।
ଆମ୍ଭର ତହୁଁ ବାହାର ୟେ ଦେବ ଅଟଇ କଣ୍ଡେୟାର
ୟେହାକୁ ଦେଇ ଆମ୍ଭେ ହୋଇ ଯିବା ପାର ।୭୦ ।
ଭୀମସେନ ବଚନେ ଦେବ ହୋଇଲେ ବିରସ
ପୁଣ କ୍ଷଣକେ ସ୍ତ୍ରୀମୀକି ମାଡିଲାକ ହସ ।୭୧ ।
ବାବୁ ଆମ୍ଭର ନିମନ୍ତେ ୟେ ଜଗିଥାଇ ନିଷାଦ
ନବ ବରଷ ହୋଇଲାନି ରାତ୍ରେ ନ ମାଡଇ ନିଦ ।୭୨-୭୭୧ ।
ଭୀମକୁ ଜଳପ୍ରଭାକୁ ପ୍ରଦାନ ଓ ଭୀମର ଭୀଷ୍ମ ରୂପ ଧାରଣା
ଖରା ବରଷା ୟେ ଶୀତ ଆଦି କରି
ଗୃହ ବାସ ତେଜି କରି ଜଗି ଥାଇ ଜଳ ୟେ ଅନ୍ଧାରୀ ।୧ ।
ପାପ ପୁଣ୍ୟ ଭୀମ ତୁ କିଛି ହିଁ ନ ବିଗ୍ରୁ
ୟେ ସେ ଉପୁଗାରୀ ତାକୁ ବାଟରେ ନେଇ ମାରୁ ।୨ ।

---

୬୯ ।୨ ଶ୍ଥ ସମସ୍ତେ ଭ୍ରାତା ଆମ୍ଭେ ୟେକ ହିଁ ଶରୀର ।
ଶ୍ଥସମସ୍ତେ ଭ୍ରାତା ଆମ୍ଭେ, ୟେକ ୟେ ପିଅର ।
୭୦ ପଦ ପରେ ୨ଟି ପୋଥିରେ ଅଛି:-
ଯୁଝେଷ୍ଠି ବୋଇଲେ ୟେହା ନୋହଇ ଧର୍ମ କଥା
ବିଦୁରଙ୍କ ବଚନେ ୟେ ଆମ୍ଭଙ୍କୁ କଲା ଧର୍ମ ପିତା ।
୭୧ ।୨ ଶ୍ଥ କ୍ଷଣକେ ସ୍ତ୍ରୀମୀ ୟେ ଛାଡିଲେ ନିଶ୍ତ୍ରାସ
ଶ୍ଥ କାହାକୁ ଦିଲେ ତୁମ୍ଭେ ହୋଇବ ହରଷ ।
୧ ।୨ ଶ୍ଥ ଗୃହବାସ ତେଜି କରି ଜଗିଥାଇ ଯତ୍ନ କରି ।
ଶ୍ଥ ଗୃହବାସ ତେଜି କରି ଜଗୁଥାଇ ପାହାରୀ ।
ମାତାଙ୍କର ବଦନ ଗ୍ରହିଁଣ ଧର୍ମସୁତ
ମା ଗୋ ଆମ୍ଭେ ଅଟୁ ତୋହୋର ତିନି ଗୋଟି ପୁତ ।୩ ।
ନକୁଳ ସହଦେବ ଦୁହିଁନ୍ତି ଦୂର କରି
ତୋହୋର ତିନି ପୁତ୍ର ହୁଁ ଜଣେ ଦିଅସି ବିଗ୍ରର ।୪ ।
କୋଇନ୍ତୟେ ବୋଇଲେରେ ଦୁଷ୍ଟ ଅଟଇ ଭୀମ
ମନ୍ଦ ବିତ୍ରକେ ୟେହାର ନାହିଁ ଆନ କର୍ମ ।୫ ।
ୟେହାରେ ସେ ଅନ୍ତର ଧଇଲେ ଆମ୍ଭଙ୍କୁ ଧୃତରାଷ୍ଟ
ଗୁରୁ ଗଉରୋବ ମାନ୍ୟ ନାହିଁ ଆନ୍ଧବ୍ରତେ ଅଟଇ ମହା ଦୁଷ୍ଟ ।୬ ।
ଷାଠିୟେ ପଉଟି ଆଣିଲେୟେ ବେଳକୁ ସେ ନ ଅଣ୍ଟି
ପେଟ ନ ପୂରିଲେ ସେ ହୋଉଥାଇ ମହା କଷ୍ଟୀ ।୭ ।
ଭିକ୍ଷା ମାଗି ତ ୟେ ନ ଯିବ କଦାଶ୍ଚିତେ
ଅଳପ ନୟନେ ଯାର ନ ଦିଶଇ ଯୁଗତେ ।୮ ।

ଯାଅ ଯା ପଣ୍ଡାୟେ ବୋଲି ଯେହ୍ନଟି ବୋଲିବ
କୁଡିଆ ଗୋଟି ଉପାଡିଣ ତାହାର ସବୁନ୍ତି ମାରିବ ।୯ ।
ୟେତେକୁ ଦୁଷ୍ଟ ଆମ୍ଭ ସଙ୍ଗତେ ନ ଥାଉ
ଭୀମକୁ ଦେବା ୟେବେ ୟେ ଜଳପ୍ରଭା ଖାଉ ।୧୦ ।
ଯୁଝେଷ୍ଠି ଦେବ ମାୟେ କରନ୍ତେ ୟେସନ ଭାଳେଣି
ଦୁହିଁକରି ବିଗ୍ଧର ସେ ଭୀମସେନ ଜାଣି ।୧୧ ।
ବୋଇଲା ତୁମ୍ଭର ମନ ଗୋ ମୁହିଁ ଜାଣିଲିନି ଆC
ମୋତେ ଦେମାକୁ ଗୋ ଭାଳୁଛ ତୁମ୍ଭେ ଦୁଇ ।୧୨ ।
ୟେତେ ବୋଲି ଭୀମା ନଦୀରେ ପଡିଲାକ ଡେଇଁ
ଜଳପ୍ରଭା ଆତ୍ରେଷି ଧଇଲା ନିଠାଇ ।୧୩ ।

---

୫ ।୨ ଦ୍ୱନ୍ଦ କରିବା ବିତ୍ରକେ ତାକୁ ନ ରୁଚଇ ଆନ ।
୧୨ ପଦ "ମୋତେ ଦେମାକୁ ଭାଳୁଛ ଗୋ ତୁମ୍ଭେ ଦୁଇ" ପରେ ୟେକ ପୋଥିରେ ଥିବା ଅଧିକ ପାଠଯୁଝେଷ୍ଠି
ବୋଇଲେ ବାବୁ ତୋତେ କି-ା ଦେବି
ଜଳପ୍ରଭା ଖାଉ ମୋତେ ମୁହିଁ ୟେ ପଡିବି ।
ଦୁଇ ହସ୍ତେ ଧରି ଉପରକୁ ପିଙ୍ଗି ଦିଲା
ଝିଣ୍ଟିକା ମୂର୍ତ୍ତି ପ୍ରାୟେ ଭୀମ ଉଦରେ ପଶିଲା ।୧୪ ।
କୁମ୍ଭୀର ଗର୍ଭ ଦିଶଇ ପାତାଳ ବିମ୍ଭର ପ୍ରାୟେ
ଗର୍ଭରେ ପଶିଅଛି ୟେ ପବନ ତନୟେ ।୧୫ ।
ତହ୍ନଂ ନାବ ବାହି କରି ନେଲା କଣ୍ଡେୟାର
ଚାରି ଭାଇ ମାତାୟେ ଓହ୍ଲାଇଲେ କୂଳର ।୧୬ ।
ଯୁଝେଷ୍ଠି ଅନେକ କ୍ରୋଧ କଲେ ଭୀମକୁ ନ ଦେଖି
ଅବିକ୍ଷଣ ଲୁଅ ବହଇ ବେନି ଆଖି ।୧୭ ।
ନକୁଳ ସହଦେବ ଆବର କିରାଟୀ
ଅସାଷ୍ଟମ ହୋଇଣ ସେ ଭୂମିରେଣ ଲୋଟି ।୧୮ ।
ଆରେ ଆରେ ମୋର କାହିଁ ଗଲୁ ବଳବନ୍ତା ଭାଇ ଗୋଟି
ଅନେକ ବିକଳେ ୟେ ବୋଲନ୍ତି ଯୁଝେଷ୍ଠି ।୧୯ ।
କେଣିକି ଯିବି ଭୀମରେ ତୋହୋର ଅଭାବେ
ବାଟ କଢାଇଣ କେ ନେବ ମୋତେ ୟେବେ ।୨୦ ।

ୟେମାନନ୍ତ ଘେନି ବାବୁ ବୁଲ ତୁମ୍ଭେ ସୁଖେ
ମୁହିଁ ଆଧାର ହୋଇବି ଜଳପ୍ରଭା ମୁକେ ।
ୟେତେ ବେଲି ଯିଝେଷ୍ଠି ପଚୁଛନ୍ତି ଡେଇଁ
ଭୀମସେନ ବୋଇଲା ରହ ରହ ଗୋସାଇଁ ।
ତୁମ୍ଭେ କି-ା ମୁହିଁ ପଛେ ଯିବି
ଜଳପ୍ରଭା ମୁଖେ ଆହାର ହୋଇବି ।
ଆବର ଭାଇ କାହିଁ ଦେଖିବି ମୋର ଆଖି ।
ଶ୍ଥ ତୁଣ୍ଡ ବସ୍ତାରିଣ ଭୀମକୁ ଗର୍ଭକୁ ଖେପିଲା ।

୧୪୧ ।୧ ଶ୍ଥ ତୁଣ୍ଡ ବିସ୍ତାରି ଭୀମକୁ ଗର୍ବରେ ଭରିଲା ।
ଶ୍ଥ ତୁମ୍ଡ ବିସ୍ତାରିଲା ଭୀମକୁ ଅଳପେ ଗିଳି ଦିଲା ।
ଶ୍ଥ ବାଟେ ବସାଇଣ କାଟିଲୁ ଆମ୍ଭର ତଣ୍ଟି
ଶ୍ଥ ତୋହୋର ବିହ୍ନେ ଆମ୍ଭେ ହୋଇଲୁ ମହାକଷ୍ଟି
୨୦ ଶ୍ଥ କେଣିକି ଯିବୁ ଭୀମରେ ତୋତେ ହରାଇଟି
ଶ୍ଥ ରୋଦନ୍ତି କାରୁଣ୍ୟ ଧନୁ ଅଶ୍ରୁ ଜଳ ବୃଷ୍ଟି ।
ମନ୍ଦ ଅଗ୍ନି ହୋଇଲେ ଯେହ୍ନେ ନିର୍ବଳ ହୋଅନ୍ତି ପ୍ରାଣୀ
ଦଶ ଦିଶ ଅନ୍ଧାର ହେଲା ମୋତେ ଜାତି ଅନ୍ଧ ଜାଣି ।୨୧ ।
ରିପୁ ତ୍ରାସ କରୁଥିଲା ତୋହୋର ପ୍ରାକର୍ମ ଦେଖି
ତୋହୋର ଅଭାବେଣ ମୁଁ ହୋଇଲି ନିରିମାଖି ।୨୨ ।
କୋଇନ୍ତାୟେ ବୋଇଲେ ବାବୁ କେତେ କରୁ ଶୋକ
ରୟେଣୀ ପାଇଲେ ପୁଣ ଦାଣିମେ ସର୍ବଲୋକ ।୨୩ ।
ହଦିଲା ବଣା ଲୋକଙ୍କୁ ବାବୁ କି ବାଟ ଗ୍ହିଁ
ମଲା ନୁଆସଇ ଭାସ୍ମ କାହିଁ ନ ଆଙ୍କୋରଇ ।୨୪ ।
ଗ୍ରି ପୁଅଙ୍କର ଯେ ହସ୍ତ ଦେବୀ ଧରି
ପଶିଲେ ଗହନ ବନେ ନରସିଂଘ ସୁମରି ।୨୫ ।
ଭୀମତୂନୀ ହୋଇଅଛି କୁମ୍ଭୀରର ଗର୍ଭେ
ଭାଇ ମାଆଙ୍କର ମନ ଜାଣିବା ନା ୟେହି ପରସ୍ତାବେ ।୨୬ ।
ଯେତେବେଳେ ନିରାଶେ ସେ ଗଲେ ଘୋର ବନେ
କୁମ୍ଭୀର ଗର୍ଭେ ଭୀଷ୍ମରୂପ ଧଇଲେ ଭୀମସେନେ ।୨୭ ।
ବର୍ତ୍ସିକୋଦର ମୂରତି ଧଇଲା ମହାବଳ
ଶରୀର ବିକାଶିଲା ଉଚ୍ଛର୍ଗ ନବତାଳ ।୨୮ ।
ପଞ୍ଚୁ ତାଳ ଉଚ୍ଛର୍ଗ ଯେ କୁମ୍ଭୀର ଗର୍ଭ ଗୋଟି
ମହା ଭର୍ତ୍ତା ପାଇଗଲା ତାର ପେଟ ଫାଟି ।୨୯ ।
କୁମ୍ଭୀରକୁ ମାରି ଚର୍ମ ଛଉରି ଭୀମ କରି
ଉପରେ ପକାଇ କରି ହୋଇଂ ବାହାର ଜଗନ୍ନାଥଙ୍କୁ ସୁମରି ।୩୦ ।
ନାବ ଗୋଟି ଘେନି ଆସଇ କଣ୍ଡେୟାର
ରାଗେଣ ଗ୍ପୋଡେକ ମାଇଲା ବ୍ରିକୋଦର ।୩୧ ।

---

୨୧ ।୧ ଦଶଦିଶ ଅନ୍ଧାର ମୋତେ ଦିଶିଲା ରୟେଣୀ ।
୩୧ ପଦ ପରେ ପାଠାନ୍ତର-
ନାବ ଗୋଟି ଘେନି ଯାଉଅଛି କଇବ୍ରତ
ରାଗେ ଗ୍ପୋଡେ ମାରିଲା ପବନର ସୁତ ।
ତହାଙ୍କ ଭାଳିଲା ବେଳେ ତୁହି ବସିଥିଲୁ
ମୋତେ ଦେବାକୁ ତୁହିରେ ସନମତ କଲୁ ।
ତହାଙ୍କର ଭାଳେଣିରେ ତୁହି ପଶିଥିଲୁ
ମୋତେ ଦେବାକୁ ବୋଲୁଂରେ ତୁହି ସନମତ କଲୁ ।୩୨ ।
କୋପେଣ ମୁଣ୍ଡ ତାର ପକାଇଲା ମୋଡି
ନାବ ଗୋଟି ଭାଞ୍ଜିଲା ଶତଖଣ୍ଡ କରି ।୩୩ ।

ପ୍ରକୋପିତ ବଦନ ହଇଂ ଧାମଇଂ ଧୋର ବନେ
ମେଦୀନି କୁ- ଅଛି ତାର ଚରଣ ଉଦ୍ଦାନେ ।୩୪ ।
ଯୁଦ୍ଧେଷ୍ଠି ବୋଇଲେ ମା ଗୋ ମୁଣ୍ଡତ ପୋଡିଲା
କେଉଂଣ ରାକ୍ଷସ ଆମ୍ଭଙ୍କୁ ଦେଖିଣ ଧାଇଂଲା ।୩୫ ।
ଆରେ ମୋର ଭାଇ ମୁହିଂ କି-ାଇଂ ନ ମଲି
ତୋତେ ମରାଇ ମୁହିଂ ସଂପୋତେ ନାଶ ଗଲି ।୩୬ ।

କୋପେ ଆଜି ମୁଣ୍ଡ ତାର ପକାନ୍ତିରେ ନୋଡି
ନାବ ଗୋଟି ଭାଙ୍ଗନ୍ତି ମୁଂ ଶତେ ଖଣ୍ଡ କରି ।
ବିଦୁରଙ୍କ ଯୋଗୁ ତୋର ରଖିଲି ପରାଣ
ଯେ କଥା ତୁ ନ କହିମ କରିବୁ ଗୋପନ ।
କେବଳ ତୁ ବିଦୁରଙ୍କ ଆଗରେ କହିବୁ
ଆନ କେହି ଜାଣିଲେ ତୁ ସବଂଶେ ମରିବୁ ।
ଭୟେ ନାବିକ କହଇ ରଖ ମୋର ପ୍ରାଣ
ତହିଂ ତୁମ୍ଭ ପାଦେ ପଶିଲି ଶରଣ ।
ସତ୍ୟ କହୁଅଛି କେଭେଂ ନ କହିବି କାହିଂ
ଯେତା କହି ନାବ ଗୋଟି ଦିଲା ସେହୁ ବାହି ।
୩୬ ପଦ ପରେ ଅଧିକା ପାଠ-
ଯେମନ୍ତ ଦେଖିଣ କରେ ଝଟୁ ଧଇଲା ଅର୍ଜୁନ
ଦ୍ରୋଣଙ୍କୁ ସୁମରି ନାରାଜ କରଇ ସନ୍ଧାନ ।
ପେଷିଲା ଅର୍ଜୁନ ଯେ ନାରାଜ ତୀଖମୁନା
ପଡିଣ ନାରାଜ ହୋଇଲାକ ଚୂନା ।
ପୁଣି ହିଂ ବାସିବି ସେ ବନ୍ଧିଲାକ ଶର
ପଡି ହିଂ ଶହସ୍ର ନ ଭେଦିଲା ଶରୀର ।
ପୁଣି ହିଂ ଅମୋଘ ଶର ପେଷିଲା ସର୍ବସାଚୀ
ଉପୁଡିଲା ଶର ପଡିଲା ତତ୍କ୍ଷଣାନ୍ତି ।
କୋଇନ୍ତାଯେ ବୋଇଲେ ରହ ରହ ପାଥ
ଅସୁର ନୋହଇ ସେ ଭୀମଟି ପ୍ରତକ୍ଷ ।
କୋଇନ୍ତା ବୋଇଲେ ବାବୁ ତୁ ନ ଭାଳ ଯୁଦ୍ଧେଷ୍ଠି
ଦାନବ ନୋହଇ ତୋହୋର ଭାଇ ଭୀମସେନ ହେଟି ।୩୭ ।
ଯୁଦ୍ଧେଷ୍ଠି ବୋଇଲା ମା ଗୋ ଯେତେକ ନିର୍ଦ୍ଦୟା
ସ୍ତିରୀ ଲିଙ୍ଗ ହୋଇ ପାଷଣ ତୋର ହିୟା ।୩୮ ।
ଗର୍ଭ ଧାରୀ ହୋଇଣ ପୁତ୍ରକୁ ମରାଇ
ଗର୍ଭ ତୋହୋର ଗୋ କିଛିହିଂ ନ ବଥାଇ ।୩୯ ।
କୋଇନ୍ତାଯେ ବୋଇଲେ ଭ୍ରାନ୍ତି ତୁ ନ କର କିଛି
କୁମ୍ଭୀର ଦତ୍ୟ ମାରି ତୋର ଭାଇ ଆସୁଅଛି ।୪୦ ।
ଯେସନେକ ବିଗ୍ରର କରନ୍ତେ ଦେବ ଧର୍ମେ
ସନିଧେୟଣ ପ୍ରବେଶ ହୋଇଲେ ବୀର ଭୀମେ ।୪୧ ।
କୋଇନ୍ତାଙ୍କର ପାଦେ ଭୀମ ହୋଇଲା ପରିଣାମି

ଭୀମକୁ କୋଳ କଲେ ଯୁଦ୍ଧେଷ୍ଠି ଦେବ ସ୍ତ୍ରୀମୀ ।୪୨ ।
ବାବୁ ଆମ୍ଭର ଦେଖନ୍ତେ ତେତେ ଗିଳିଲା କୁମ୍ଭୀର
କେବଣ ବାଗେ ବାବୁରେ ହୋଇଲୁଂ ବାହାର ।୪୩ ।

କୁମ୍ଭୀର ଗର୍ଭେ ଥାଇଣ ବ୍ରିକୋଦର
ଅନ୍ତ ଚିରିଣ ଗର୍ଭୁଂ ହୋଇଲା ବାହାର ।
ତହାର ଚର୍ମ ଯେ ଘୋଡାଇଣ ହୋଇ
ଆସଇ ବ୍ରିକୋଦର ଆମ୍ଭଙ୍କୁ ଡରାଇ ।
ୟେମନ୍ତ ସମୟେ ଡାକ ଦିଅଇ ଭୀମ
କୁମ୍ଭୀରକୁ ଦେଇ ମୋତେ ୟେବେ କରୁଛ ସାଂଗ୍ରାମ ।
ୟେତେ ବୋଲି ସନ୍ନିଧେୟ ପ୍ରବେଶ ମାରୁତି
ଦେଖିଣ ମନ୍ଥ ଭ୍ରାନ୍ତି ଫିଟିଲାକ ଧାତି ।
ଶ୍ଥ କୁମ୍ଭୀରି ଛାଲ ସେ ଘୋଡି ଯେ ହୋଇଣ
ଶ୍ଥ ସନ୍ନିଧେୟ ଯାଇ ସେ ଡରାଇ ପୁଣ ପୁଣ ।
୪୨ ଶ୍ଥ ଦେଖିଣ ଯୁଦ୍ଧେଷ୍ଠି ହୋଇଲେ ତରସ୍ଥ
ଶ୍ଥ ଭୀମକୁ ଖାଇ ୟେବେ ଆମ୍ଭଙ୍କୁ କଲା ଗ୍ରସ୍ତ ।
ଶ୍ଥ ଭୀମସେନ ବୋଲଇ ନ ଡର ତୁମ୍ଭେ ୟେବେ
ଶ୍ଥ କୁମ୍ଭୀରିକି ମାରିଣ ଅଇଲି ମୁହିଁ ୟେବେ ।
ଭୀମସେନ ବୋଇଲା ସ୍ତ୍ରୀମୀ ଗର୍ଭେ ତାର ଥିଲି
ଓଦର ବିଦାରି ଦେବ ମୁଁ ବାହାର ହଇଲି ।୪୪ ।
କହଇ ଭୀମସେନ ସାନନ୍ଦ ତୋଷ ମନେ
ଗ୍ଲଇ ପବନ ଗତି ଘୋର ଗହନ ବନେ ।୪୫ ।
ଗ୍ଲନ୍ତେ ଶତେ ହାଥ ହୋଇ ୟେକ ଭଡା
ହାବୋଡା ଘାତେ ବୃକ୍ଷ ପର୍ବତ ହୋଉଛନ୍ତି ଚୂରା ।୪୬ ।
ଗ୍ଲି ନ ପାରି କୋଇନ୍ତାୟେ ବସିଲେକ ଫୁଟି
ରହ ରହ ଭୀମସେନ ଗ୍ଲି ନ ପାରିଲେ ମାୟେ ବୋଲି ବୋଲନ୍ତି ଯୁଦ୍ଧେଷ୍ଠି ।୪୭ ।
ଭୀମସେନ ବୋଇଲା ମାତା ଗୋ କେମନ୍ତେ କରନ୍ତୁ
ଦ୍ରିଯୋଧନ ବେଣ୍ଟକାରେ ବୁଲନ୍ତି ୟେଥୁଂ କେତେ କାଳ ଯା'ନ୍ତୁ ।୪୮ ।
କୋଇନ୍ତାଙ୍କୁ କୋଳ କରି ଧଇଲା ପାବେନି
ମଥାର ଉପରେ ବସାଇଲା କରେ ଘେନି ।୪୯ ।
ଡାହାଣ କନ୍ଧେ ଯୁଦ୍ଧେଷ୍ଠି ବାମ କାନ୍ଧେଣ କିରାଟୀ
ନକୁଳ ସହଦେବ ବେନି କାଖେ ବେନି ଗୋଟି ।୫୦ ।
ପବନହୁଂ ବେଗେ ଖେପଇ ଭୀନସେନ
ଘଡିକେ ଯାଉଅଛି କୋଡିୟେ ଯୋଦନ ।୫୧ ।
ବନ ଜୀବମାନେ ପଲାବନ୍ତି ଡରେ
କୁତୂହୋଳେ ଗଣ୍ଡା ଗୟଳ ହରଷେ ଧରଇ ବ୍ରିକୋଦର ।୫୨ ।
ବଇବସୁତ ମନ୍ଥ ପୁଚ୍ଛାକଲେ ଅଗସ୍ତିଙ୍କି
ଜହୁର ଘରୁ ପୁରଞ୍ଚନ ଗଲା ଯେ କେଣିକି ।୫୩ ।

ଶବରୁଣୀ ପଞ୍ଚପୁତ୍ରେ କଲେ ଯେ କେମନ୍ତେ
ଏହା ମୋତେ ସଞ୍ଚପି କହିବା ତପୋବନ୍ତ ।୫୪ ।

---

୪୯ ।୧ ପଦ ପରେ ଅଧିକା ପାଠ:-
ତହାଙ୍କର ଭେଟ ପଡିଲେ ହୋଇବ ଅସାର
ତୁମ୍ଭେ ଓ ବଧର୍ମ ଆତ୍ମା ଜାଣିଣ ବିଗ୍ର ।
ଯୁଧେଷ୍ଠି ବୋଇଲେ ତୋହୋରେ ସବୁ ହୋଇ
ଯେ ଦୁରୁଗମ ପଥରୁ କେମନ୍ତେ ପାର ହୋଇବାଇଂ ।
ଯୁଧେଷ୍ଠିଙ୍କ ବଚନ ଶୁଣିଣ ବ୍ରିକୋଦର
ତୁରିତେ ମିଳିଲେ ଯାଇଂ ମାତଙ୍କ ଛାମୁର ।
ଅଗସ୍ତି ପ୍ରତିବାକ୍ୟ ଶୁଣ ମହାମନ୍ଥ
ଜଦୁର ଘର ଦହିଲା ଯେ ପବନର ତନ୍ଥ ।୫୫ ।
ଅଗ୍ନିର ତେଜେ ଯେ ପଡିଲା ମିଳାଇ
ପୁରଞ୍ଚନ ପଣ୍ଡା ଯେ ନାଶ ଗଲା ତହିଂ ।୫୬ ।
ଜୟନ୍ତ ଶବରୁଣୀ ପଞ୍ଚୁପୁତ୍ର ଘେନି
ମହାନିଦ୍ରୟେ ସେ ଦହନ ହୋଇଲା ରୟେଣୀ ।୫୭ ।
ଶବରୁଣୀ ପଞ୍ଚୁପୁତ୍ର ଶବରୁଣୀକି ଘେନି ଛଡ ଜଣ
ତହାଙ୍କର ତୁଲେ ଯେ ମଲା ପୁରଞ୍ଚନ ବ୍ରାହ୍ମଣ ।୫୮ ।
ଯେ ସାତେ ହେଂ ଦହନ ହୋଇଲେ ଜଦୁର ଘରେ
ସମସ୍ତ ନାଶ ଗଲେ ଅଗ୍ନିର ସମ୍ଭରେ ।୫୯ ।-୬୭୭୦ ।
ଶବରୁଣୀର ପଞ୍ଚୁପୁତ୍ରଙ୍କର ପୂର୍ବ ବୃତ୍ତନ୍ତ
ଅଗସ୍ତିଙ୍କି ପୁଚ୍ଛା କଲେ ବଇବସ୍ୱତ ମନ୍ଥ
ବଡ ଦୁଲଭ କଥା କୁମ୍ଭ ଋଷିଙ୍କ ତନ୍ଥ ।୧ ।
କେଉଂଣ ପାତକ ଯେହ୍ନ କରିଥିଲେ ପୂଅବେ
ବିନା ଦୋଷେ କେମନ୍ତେ ଦହନ ହୋଇଲେ ଅପ୍ରସ୍ତାବେ ।୨ ।
ଯେହେ କହିବା ମୋତେ ପଣ୍ଡିତ ଭିଗଂ୍ୟ ଯତି
ଶୁଣିଣ ମହାତମା ଯେ ଫିଟିବ ମନ ଭ୍ରାନ୍ତି ।୩ ।
କହନ୍ତି ଅଗସ୍ତି ଶୁଣ ହୋ ସାବଧାନେ
ପୂର୍ବର କୃତେ୍ୟ ଦହନ ହୋଇଲେ ଶବରୁଣୀ ପୁତ୍ରମାନେ ।୪ ।
ବିଝଂକଲ୍ପ ଦେଶ ରାଜା ଗାଧି ଯେ ନୃପତି
ଭୋଜବଂଶେଣ ସେହ୍ନ ଅଟଇ ଆଧିପତି ।୫ ।
ସେ ଗାଝିର ନନ୍ଦନ ଯେ ବିଶ୍ୱାମିତ୍ର ରାଜା
ମଞ୍ଚେଣ ନରପତି ସେ ଜାଣିଣ ବିଡୋଜା ।୬ ।

---

୬ ।୧ ବିଡୋଜା-ଇନ୍ଦ୍ର
ଦିଗବିଜେ କରଇ ଯେ ସମସ୍ତ ଦିଗେ ପଶି
ଅନେକ ରାକ୍ଷସ ସେ ମାରଇ ଆତ୍ରେଷି ।୭ ।
ପଦ୍ମେକ ରଥ ତାର ବେନି ପଦ୍ମ ହସ୍ତୀ
ଚାରି ସାଗର ଅଶ୍ୱ ସାତ କ୍ଷଉଣୀ ପାଦାନ୍ତି ।୮ ।

ଯେତେକ ଘେନି ରାଜା କରଇ ଦିଗବିଜେ
ବନ ଅରଣ୍ୟେ ଖେଦି ମାରଇ ଦନୁଜେ ।୯ ।
ମକର ଶୁକଳ ପକ୍ଷ ନବମୀର ତିଥି
ସେ ଦିନ ଦିଗବିଜେ କଲା ବିଶ୍ୱାମିତ୍ର ନୃପତି ।୧୦ ।
ଅରଣ୍ୟେ ଖେଦଇ ରାଜା ଅନ୍ନପାଣି ନାହିଁ
ଦଶମୀ ଯେକାଦଶୀ ଯେ ଖେଦଇ ଯେ ଅବଗାହି ।୧୧ ।
ତିନି ଦିନ ଉପାସେ ଭେଟିଲେ ସତ୍ତ ଭ୍ରମେ
ଯାନ୍ତେଣ ଭେଟିଲେ ଯାଇଁ ବଶିଷ୍ଠଙ୍କ ଆଶ୍ରମେ ।୧୨ ।
ଦେଖିଣ ବଶିଷ୍ଠେ ତାଙ୍କୁ କଲେକ ଅର୍ଘ୍ୟ ପୂଜା
ବୋଇଲେ ଅତି ଶ୍ରମେ କାହିଁ ଥିଲା ମହାରାଜା ।୧୩ ।
ରାଜା ପ୍ରତିବାକ୍ୟ ଅସୁର ଉପର୍ଦ୍ଦପେ ଖେଦିଲୁ ବନବାସେ
ମାଇଲି ଅନେକ ଦୁଷ୍ଟ ପିଶାଶ ରାକ୍ଷସେ ।୧୪ ।
ଅଶକତେ ଗଲି ନୁଆରନ୍ତି ବଳ
ତିନି ଦିବସ ହେଲାନି ନାହିଁ ଅନ୍ନ ମେଳ ।୧୫ ।
ବଶିଷ୍ଠେ ବୋଇଲେ ଶୁଣ ବିଶ୍ୱାମିତ୍ର ରାଯେ
ଆମ୍ଭର ତହିଁ ଅଛି ଅନ୍ନ ଯେ ପୁଡାଯେ ।୧୬ ।
ଗୋଟି ଗାରି ଭୁଞ୍ଜି ତୁ ଯାଅ ନୃପମଣି
ବିଶ୍ୱାମିତ୍ର ବୋଇଲେ ମୋହୋର ବଳ ସାତ କ୍ଷଉଣୀ ।୧୭ ।
ବଶିଷ୍ଠେ ବୋଇଲେ ସନ୍ୟ ଘେନିଣ ବସିବା ବିଶ୍ୱାମିତ୍ରେ
ସମସ୍ତେ ହେଁ ବାଣ୍ଟି ଭୁଞ୍ଜ ଅନ୍ନ ଅଛି ଯେତେ ।୧୮ ।

---

୧୨ ଶ୍ଥତିନିଦିନ ଉତ୍ତାରେ ସେ ବନେ ଭ୍ରମନ୍ତେଣ
ଶ୍ଥଭେଟିଲେ ସେ ଋଷିବର ବଶିଷ୍ଠ ଆଶ୍ରମ ।
୧୨ ।୧ ସତ୍ତ- ସତ୍ତ୍ୱ, ବଳ, ଶରୀର
ବଶିଷ୍ଠେ ବୋଇଲେ ପାଡ ହୋ ଶାଳ ପତ୍ର ଗୁଡାଯେ
ସମସ୍ତେ ସିଅଁ ଦନା ଗୋଟିଯେ ।୧୯ ।
ସୁମନ୍ତଙ୍କୁ ବୋଇଲେ ତୁ ଦୁହଁ ଗାC ଗୋଟି
ମେଞ୍ଜନ ଯେ ନାହିଁ ଦେବା ଦୁଧ ଫୁଟି ।୨୦ ।
ବଶିଷ୍ଠଙ୍କର ଭାରିଯା ଯେ ଅଟନ୍ତି ଅରୁନ୍ଧତୀ
ଭାତ ଓରିୟା ସେ ରାନ୍ଧିଣ ଅଛନ୍ତି ।୨୧ ।
ସାତ କ୍ଷଉଣୀ ବଳ ଘେନି ଯେ ସେହି ବନସ୍ତେ
ତିନି ଯୋଜନା ମାଡି ବସିଲେ ବିଶ୍ୱାମିତ୍ରେ ।୨୨ ।
ବଶିଷ୍ଠଙ୍କ ଚେଲା ପଞ୍ଚାଶ ସହସ୍ର ଯେ ଶିଷି
ଅରୁନ୍ଧତୀ ଢାଳୀ ଦିଅନ୍ତି ଯେ ସମସ୍ତେ ପରଶି ।୨୩ ।
ଗାC ଗୋଟିକର ଦୁଧ ଓରିୟା ଗୋଟିକର ଭାତେ
ଯାହାକୁ ଯେତେକ ଅଣ୍ଟଇ ଭୁଞ୍ଜନ୍ତି ସମସ୍ତେ ।୨୪ ।
ଦିନ ଅର୍ଦ୍ଧେ ରାଜା ମୁଣୋହିଁରେ ବିଜେ କଲା
ଆଦିତ୍ୟ ଅସ୍ତ ଯାକେ ମୁଣୋହିଁ ସରିଲା ।୨୫ ।
ସମସ୍ତ ସଇନି ଭୁଞ୍ଜି ହୋଇଲେ ତ୍ରିପୁତି

ଆଗେ୍ବନ ସାରି ଆସ୍ତାନେ ବିଜେ ନରପତି ।୨୬ ।
ବିଶ୍ୱାମିତ୍ରେ ବୋଇଲେ ଶୁଣିମା ମୁନି ହେ
ବଡାଇ ଆଶ୍ରିଜ ଦେଖିଲୁ ସନ୍ଦେହେ ।୨୭ ।
ଗାC ଗୋଟିକର ଦୁଧ ଓରିୟା ଗୋଟିକର ଭାତ
ୟେତେକ ଅଣ୍ଟିଲା ମୋର ସାତ କ୍ଷଉଣୀ ସନ୍ୟ ବଳବନ୍ତ ।୨୮ ।
ବଶିଷ୍ଠ ପ୍ରତିବାକ୍ୟ ଶୁଣ ବିଶ୍ୱାମିତ୍ର ରାୟେ
ଆହୁରି ହୋଇବ ନା ପଖାଳ ଗୁଡାୟେ ।୨୯ ।
ବିଶ୍ୱାମିତ୍ର ବୋଇଲେ ଶୁଣିମା ତପନିଷ୍ଠି
ମୋତେ ଦେବା ୟେ ତୁମ୍ଭର ଗାC ଗୋଟି ।୩୦ ।
ସହସ୍ରେକ ଧେନୁ ଗାବ ମୁହିଁ ଦେବଇଁ ତୁମ୍ଭଙ୍କୁ
ବଶିଷ୍ଠେ ବୋଇଲେ ଲୋକ କେ ଆମ୍ଭର ସମ୍ଭାଳିବାକୁ ।୩୧ ।
ୟେକା କାମଧେନୁ ମୋର ଅଟଇ ଯୁଗତେ
ବିୟାଣେ ବିଆଇଲେ ଦୁହୁଁ ମନୁୟେ ପରିଯନ୍ତେ ।୩୨ ।
ତୁ ରାଜା ମହା ପଣ୍ଡିତ ଅଟୁ ଭିଗଂ୍ୟବନ୍ତେ
ବ୍ରାହ୍ମଣ ଗାବ ଯେ ହରିବୁଂ କେମନ୍ତେ ।୩୩ ।
ଶୁଣି ବିଶ୍ୱାମିତ୍ରେ ତୂନୀ ଯେ ହୋଇଲେ
ଦୁଷ୍ଟ ଜନ ମାନେ ଯେ ରାଜାଙ୍କୁ ଜଣାଇଲେ ।୩୪ ।
ଚ୍ୟଲ ହୋ ୟେବେ ବନସ୍ତ ଠାବରେ ଗୋପ୍ୟ ହୋଇଥିବା
ଚରିବା ଠାବରୁ ଗାବ ଅଡାଇଣ ନେବା ।୩୫ ।
ଦୁଷ୍ଟଙ୍କରବଚନେ ଯେ ବିଶ୍ୱାମିତ୍ର ରାଜା
ମୁଂ ୟେଠାରେ ଋଷିଙ୍କି ବୋଲୁଥାଇଂ ତେଣେ ଅଡାଇ ନିଅଯା ।୩୬ ।
ରାଜାର ବଚନେ ଚଳିଲେ ବୀର ଦୁଷ୍ଟେ
ଗାC କି ଭେଟିଲେ ଯାଇ ବଇତରଣୀ ନଦୀ ତଟେ ।୩୭ ।
ଏଡାଇ ନେମାକୁ ବୁଦ୍ଧିୟେ କଲେ ମହାରଥା
ଦୁଷ୍ଟନ୍ତ ଦେଖି କୋପ କଲେ ଜଗତ ମାତା ।୩୮ ।
ଖୁରି ଖାଇ ଲାଦେ ଦେବୀ ଗ୍ରହିଁଲେ କୋପ ଦୃଷ୍ଟି
ଦେଖି ତା ମହାବୀରେ କରେ ଧଇଲେ ଯାଠି ।୩୯ ।
ଦେଖିଣ ଗୋ ମାତା ମାଇଲେ ମେଇ ସିଙ୍ଘେ
ଫୁଟିଲେ ଅଶ୍ୱ ଯୋଦ୍ଧାୟେ ପଳାବନ୍ତି ବେଗେ ।୪୦ ।
ସହସ୍ରେକ ଯୋଦ୍ଧାୟେ ଯେ ବେଢିଥିଲେ ଗାC
ରାଗେଣ ମହାଦେC ମାଇଲେ ଗୋଡାଇ ।୪୧ ।
ଋଷି ଯହୁଁ ଗାC ନ ଦିଲେ ମାଗନ୍ତେ
ସମଦଣ୍ଡ ଘେନି ଆସି ବେଢିଲେ ବିଶ୍ୱାମିତ୍ରେ ।୪୨ ।
ଦେଖିଲେ ଯୋଦ୍ଧାମାନେ ସମସ୍ତେ ଛନ୍ତି ପଡି
ସୁଖେଣ ଗୋ ମାତା ନଦୀରେ ପାଣି ହେରି ।୪୩ ।
ଦେଖିଣ ଆଗ୍ୟାଂ ଦିଲେ ବିଶ୍ୱାମିତ୍ର ରାଜା
ସଇନିକି ବୋଇଲେରେ ଅଡାଇ ଆଣ ଯା ।୪୪ ।
ରାଜାର ବଚନେ ଧାଇଂଲେ ବେଗେ ଥାଠ
ଗଜ ଅଶ୍ୱ ଯୋଦ୍ଧାୟେ ମହା ମହା ବଳିଷ୍ଠ ।୪୫ ।

୪୩ ।୨ ସୁଖେଣ ଗୋ ମାତା ନଦୀରେ ପାଣି ପିୟେ ଚରି (ପା)
୪୩ ।୨ ହେରି-ହରଣ କରିବା, ଗ୍ରହଣ କରିବା, ପାନ କରିବା- ଧାତୁର ଅନେକାର୍ଥତ୍ୱ ହେତୁ ।
ଲକ୍ଷେ ପୁର କରିଣ ସେ ବେଢିଲେ ଗାଈଙ୍କି
ଗୋ ମାତାର କୋପ ଯେ ବଢିଲା ଥାଠ ଦେଖି ।୪୬ ।
ବେନି ଶିଙ୍ଘେ ହୋଇଲେ ତାର ପରଶୁ ତୀକ୍ଷ କାତୀ
ନିଶ୍ୱାସ ବହିଲା ପବନ ଅଣଗ୍ଶ ମୂର୍ତ୍ତି ।୪୭ ।
ପାଦ ହୋଇଲେ ତାର ଅସିବର ତୀକ୍ଷ ମୂନା
ପିଠିର ଚର୍ମ ତାର ହୋଇଲା ବଜ୍ର ସେହ୍ନା ।୪୮ ।
ରୋମେ ହୋଇଲେ ଦେବୀଙ୍କର ଅସ୍ତି ତୀକ୍ଷ ବାଣ
ଝାଡନ୍ତେ ବର୍ଷିଲା ଯାଇ ସନ୍ୟଙ୍କ ଶରୀର ଉପରେଣ ।୪୯ ।
ଘାୟେଣ ସନ୍ୟ ଦଣ୍ଡ ଯେ ପଡିଲେ ନିମଜାଇ
ଯମ ଦେବତା ପାଞ୍ଜି ପୋଛିଲା ସବୁନ୍ତି ହିଁ ।୫୦ ।
ହତ୍ୟାକୁ ବିମୋଚନ କଲେ ସର୍ବ ସଇନି
ରାଗେଣ ବିନ୍ଧିଲେ ଧନୁ ଶସ୍ର ଘେନି ।୫୧ ।
ଶହସ୍ରମାନ ପଡିଲେ ଗାଈର ଶରୀରେ
ବଜ୍ର ଛଉରିରେ ପଡି ଉଚ୍ଛୁଡନ୍ତି ଶରେ ।୫୨ ।
ନିଶ୍ୱାସ ଛାଡିଲେ ଦେବୀ ଅତି କୋପଭରେ
ବିଶ୍ୱାମିତ୍ର ସଇନି ଉଡି ପଡିଲେ ଅପାର ଦୂରରେ ।୫୩ ।
ପବନ ବହିଲା କି ଅଣଗ୍ଶ ମୂର୍ତ୍ତି ଘେନି
ଯେ ଯହିଁ ପଡିଲେ ସେ ଲୋଟିଲେ ଧରଣୀ ।୫୪ ।
ସାତ କ୍ଷଉଣୀ ବଳ ଯେ ବିଶ୍ୱାମିତ୍ରଙ୍କର ଥିଲା
ଯେକା ଗୋ ମାତାର କୋପେ ସମସ୍ତ ନାଶ ଗଲା ।୫୫ ।
ତେର ଜଣ ଘେନି ରାଜା ଗଲା ସନ୍ୟ ଭଗ୍ନ ହୋଇ
ଭାରଦ୍ୱାଦଶଙ୍କ ଆଶ୍ରମେ ପ୍ରବେଶିଲା ଯାଇଁ ।୫୬ ।
ଭାରଦ୍ୱାଦଶ ବୋଇଲେ ତୋର ସନ୍ୟ କାହିଁ ବିଶ୍ୱାମିତ୍ର
ସନ୍ୟର ବିହ୍ନେ ରାଜା ଦିଶୁତ ବିପରୀତ ।୫୭ ।
କାହାର ତୁଲେ ରାଜା ହୋଇଲୁ ବିବାଦୀ
ସକଳ ଭୁବନ ତ ସମସ୍ତ ପାରୁ ସାଧି ।୫୮ ।

---

୪୮ ।୧ ପାଦ ଯେ ହୋଇଲା ଚନ୍ଦ୍ରମାସ ତୀଖ ମୂନା (ପା)
୫୧ ।୧ ହତ୍ୟାକୁ ବିମୋଚନ ଯେ ନ କଲେ ସଇନି । (ପା)
ବିଶ୍ୱାମିତ୍ରେ କହିଲେ ଯେ ବଶିଷ୍ଠଙ୍କର କଥା
ଲୋତେଣ ହରି ମୁଁ ଆଣୁଥିଲି ତାଙ୍କର ଗୋ ମାତା ।୫୯ ।
ଅନେକ ରାଜା ମୁଁ ଜିଣିଲି ସାଂଗ୍ରାମେ
ଗୋ ମାତା ନାଶ କଲା ମୋର ସଇନି ଅନୁକ୍ରମେ ।୬୦ ।
ରାଜ୍ୟ ଭାର ମୋର କିଛି ନୋହିଲା ମହାଗ୍ୟାଂତ
ଧର୍ମ ବଳହିଁ ସେ ଅସଂଖ୍ୟ ବଳବନ୍ତ ।୬୧ ।
ପୋଡୁ ପୋଡୁ ରାଜ୍ୟ ମୋର ନାହିଁ ପ୍ରିୟୋଜନ ।
ଯେତେ ବୋଲି ଛାଡିଲା ସେ ରାଜ୍ୟ ଆଶାମାନ ।୬୨-୬୮୩୨ ।

ବଶିଷ୍ଠଙ୍କର ଅଷ୍ଟବସୁଙ୍କ ପ୍ରତି ଅଭିଶାପ
ସମସ୍ତ ତେଜ୍ୟା କରି ତପକୁ କଲା ଇଚ୍ଛା
ପଶିଲା ଧର୍ମେ ରାଜା ଅମର ପଦ କଲା ବାଞ୍ଛା ।୧ ।
ମହାଘଓର ତପେ ସେ ବସିଲେ ବିଶ୍ୱାମିତ୍ରେ
ଶୂନ୍ୟ ଭେଦି ତଲୟେ କରନ୍ତି ଶୁଦ୍ଧ ଚିତ୍ତେ ।୨ ।
ଲୋହ ଚୂରି ଭକ୍ଷିଲା ନବ ସହସ୍ର ବରଷ
ଶୂନ୍ୟ ପରୁଷମାନେ ହୋଇଲେ ଆସି ଦୃଶ୍ୟ ।୩ ।
ବିଶ୍ୱାମିତ୍ରେ ବୋଇଲେ ଅଷ୍ଟବସୁନ୍ତ ରାଇ
ବଶିଷ୍ଠଙ୍କ ତହ୍ନଂ ଦିଅ ମୋତେ କାମଧେନୁ ଗାଇ ।୪ ।
ରାଜଋଷିର ବଚନେ ଚଳିଲେ ଅଷ୍ଟବସୁ
ବଶିଷ୍ଠଙ୍କର ଗାଇ ସେ ଦେଖିଲେ ଆଶ୍ରମରେ ପଶୁଂ ।୫ ।
ଚଉର୍ଯ୍ୟ ପଣ ଧରି ପଶିଲେ ନିଶାକାଳେ
ଆଶ୍ରମେ ପଶି ଗାଇ ଫେଇଲେ ବାହୁ ବଳେ ।୬ ।
ଗାଇକି ଓଡାଇ ସେ ନେଇ ଯାଉଛନ୍ତି ବନେ
ରୟେଣୀ ପ୍ରଭାତେ ମନ୍ଦିରେ ଗାଇ ନ ଦେଖିଲେ ମହାମୁନ୍ୟେ ।୭ ।
ଦୁହିଂବାକୁ ଲୋଡିଲେ ନାହିଂ ଗାଇ ଗୋଟି
ଆଶ୍ରମ ଚଉକତି ଲୋଡନ୍ତି ତପନିଷ୍ଠ ।୮ ।
ଅନେକ ଶ୍ରମେଣ ପଡି ଲୋଡନ୍ତି ମୁନି ଗାଇ
ବସୁୟେ ବୋଇଲେ ୟେମନ୍ତେ ନେମା ଯେ କି-ଇ ।୯ ।
ମହାମନ୍ତ୍ର ଧୂଳି ପକାଇ ଆଣ୍ଟେ ଅଷ୍ଟଭାଇ
ଆପଣା ଇଚ୍ଛାୟେ ଯେ ପଛେ ଗୋଡାଇ ଅଛି ଗାଇ ।୧୦ ।
ଦୃମନ ପର୍ବତେ ଯେ ବାନ୍ଧିଲେ ନେଇ ଗାଇ
ଗଣ୍ଡାୟେକ ମାରି ସେ ସଉରୀ ଭୋଜନ ଖାଇ ।୧୧ ।
ଗାଇକି ଲୋଡିଣ ଯାଉଛନ୍ତି ବଶିଷ୍ଠେ
ଭେଟିଲେ ଗାଇକି ଦୃମନ ଗିରି ନିକଟେ ।୧୨ ।
ଧାଇଂ ଯାଇଂ କତିରେ ଭେଟିଲେ ବ୍ରହ୍ମଚାରୀ
ଆଶ୍ୱାନୀ ଗାଇକି ଫେଇଲେ ଦଉଡି ।୧୩ ।
ପର୍ବତ ଉପରୁଂ ଧାଇଂ ଅଇଲେ ଉମା ବସୁ
ବଶିଷ୍ଠଙ୍କଉପରେ ପିଟିଲେ ଯାଠି ଯେ ପରଶୁ ।୧୪ ।
ଯାଠି ପଡି ମୁନି ଅଙ୍ଗ ମହା ବ୍ୟଥା ପାଇ
ରାଗେଣ ବୋଇଲେ ତୁ ଥାଅରେ ନପୁଂସକ ହୋଇ ।୧୫ ।
ମଞ୍ଚେ ଜାତ ହୁଅ ଯାଇଂ ଗଙ୍ଗାର ଉଦରେ
ଅପୁତ୍ରିକ ହୋଇ ନାଶ ଯାଅ ଭାରଥ ଯୁଦ୍ଧରେ ।୧୬ ।
ବିଷମ ଶାପ ପାଇ ଉମାବସୁ ଯେ ଗଲା
ଶେଷେ ଭୀଷ୍ମ ଗଙ୍ଗାର ପୁତ୍ର ଯେ ହୋଇଲା ।୧୭ ।
ବଶିଷ୍ଠେ ଯାଉଛନ୍ତି ଅଡାଇଣ ଗାଇ
ଅନିଳ ବସୁ ଧାଇଂ ଲଉଡି ୟେକ ବୁଲାଇ ।୧୮ ।
ଅନିଳ ବସୁ ବଶିଷ୍ଠଙ୍କୁ ପିଟିଲା ନେଇ ବାଡି
ବଶିଷ୍ଠେ ବୋଇଲେ ତୁ ଅନ୍ଧ ହୋଇଥାଅ ପତି ।୧୯ ।

ସେ ମହାତ୍ମାର ଶାପ ଯେ ମେଣ୍ଟଣ ନ ଗଲା
ଅନିଳେକ ବସୁ ତତକ୍ଷଣେ ଅନ୍ଧ ଯେ ହୋଇଲା ।୨୦ ।

---

୧୫ ।୧ ଯଷ୍ଟି, ଲାଠି ଯଷ୍ଟି, ବାଡି
ଅନିଳ ବସୁ ବୋଇଲା ଶୁଣ ହେ ବଶିଷ୍ଠ
ବିଶ୍ୱାମିତ୍ରଙ୍କ ଆଗ୍ୟାଂୟେ ଆମ୍ଭେ ପାଇଲୁ ୟେତେ କଷ୍ଟ ।୨୧ ।
ଚକ୍ଷୁ ମୁକତକୁ ମୋତେ କହିବା କାରଣ
ବଶିଷ୍ଠେ ବୋଇଲେ ପଡିଥାଅ ୟେହି ବନସ୍ତେଣ ।୨୨ ।
ଦ୍ୱାପର ଯୁଗେ ୟେ ଅରଣ୍ୟେ ଆସିବେ ଧର୍ମ ଯୁଦ୍ଧେଷ୍ଠି
ତାହାଙ୍କୁ ଦେଖିଲେ ତୋହୋର ଅନ୍ଧ ପଟଳ ଯିବ ଫିଟି ।୨୩ ।
ପ୍ରାୟେକ ବସୁ ଧାଇଂଲେ କୋପ ଅପ୍ରମିତେ
ବଶିଷ୍ଠଙ୍କର ଗାC ନିଅନ୍ତେ ଧଇଲେ କୋପ ଚିତ୍ତେ ।୨୪ ।
ଗାC ଧରି ବଶିଷ୍ଠଙ୍କୁ ପକାଇଲେ ପେଲି
ବାଡିୟେକ ପିଟିଲେ ସେ ଅନେକ ମନ୍ଦ ବୋଲି ।୨୫ ।
କୋପେଣ ଶାପ ତାଙ୍କୁ ଦିଲେ ମୁନି ଦ୍ୱିଜ
ବୋଇଲେ ପର ଉପୁଗାରୀ ହୋଇ ଜହ୍ନର ଘରେ ହୁଅସି ଦହିଜ ।୨୬ ।
ପୁଣି ଗାC ଘେନି ଯା'ନ୍ତେଣ ତପୋଧନ
ଆର ପାଞ୍ଚ ବସୁ ଧାଇଂଲେ ମହା କୋପ ମନ ।୨୭ ।
ଲଉଡିୟେ ଲଉଡିୟେ ଘେନି କୋପେଣ ବୁଲାଇ
ବଶିଷ୍ଠଙ୍କ ଉପରେ ପ୍ରହାର କଲେ ନେଇ ।୨୮ ।
ମୁହଁ ମାଡି ଭୂମିରେ ପଡିଲେ ବଶିଷ୍ଠେ
ଗାC ଘେନିଣ ଯାଆନ୍ତି ପଞ୍ଚ ବସୁ ବଳିଷ୍ଠେ ।୨୯ ।
ସାଷ୍ଟମ ହୋଇଣ ମୁନି କଲେ କୋପ
ରାଗେଣ ବସୁଙ୍କୁ ବଶିଷ୍ଠେ ଦିଲେ ଶାପ ।୩୦ ।
ପାଞ୍ଚେ ହେଂ ହୋଅ ତୁମ୍ଭେ ଗଙ୍ଗାଙ୍କର ପୁଅ
ଜନ୍ମିଲା ଦିନ ହିଁ ତୁମ୍ଭେ ଶିରଚ୍ଛେଦ ହୋଅ ।୩୧ ।
ଶାପ ଦିଅନ୍ତେଣ ବସୁ ହିଁ ଅପସରି
ଭୋ ବଶିଷ୍ଠ ନ ଜାଣି ତୋହୋର ଗାବ କଲୁ ଚୋରି ।୩୨ ।
ଶିରଚ୍ଛେଦ ହୋଇବୁ ୟେବେ ମାତାଙ୍କର ହସ୍ତେ
ମୁକତିକି କାରଣ କହିବା ତପୋବନ୍ତେ ।୩୩ ।
ବଶିଷ୍ଠେ ବୋଇଲେରେ ଚୋରାଇଲ ୟେ ମୋହୋର ଗାବ
ବେନି ଜନ୍ମେ ତୁମ୍ଭେରେ ମୁକତ ହୋଇବ ।୩୪ ।
ଗଙ୍ଗାର ହାଥେ ଶିର ଛେଦନ ହୋଇବ ବାଳକାଳେ
ପୁଣ ଜନ୍ମ ହୋଇବ ଶବରୁଣୀର କୋଳେ ।୩୫ ।
ଅଜ ଶବର ନାମେ ତୁମ୍ଭର ହୋଇବ ଜାତ
ସେହି କିରାତ ଉପରେ ପଡିବ ବଜ୍ର ନିର୍ଘାତ ।୩୬ ।
ମାତା ତୁମ୍ଭର ତୁମ୍ଭନ୍ତ ଘେନି ପଲାଇବ
ବାରୁଣାବନ୍ତେ ଯାଇଂ ଜହ୍ନର ଘରେ ଆଉଜିବ ।୩୭ ।
ଜହ୍ନର ଘରେ ଦହନ ହୋଇବ ସେହି ରାତି

ତହିଁ ତୁମ୍ଭେ ଦହନ ହୋଇବ ପାଞ୍ଚ ମୂର୍ତ୍ତି ।୩୮ ।
ଆରେ ଅଷ୍ଟବସୁ ତୁମ୍ଭେ ଗେ।ରାଇଲ ମୋହୋର ଗାବ
ଗୋରୁ ଗେ।ରା ନାମ ତୁମ୍ଭନ୍ତ ରହୁ ଗ।ରି ଯୁଗ ।୩୯ ।
ବଦନ୍ତି ଅଗସ୍ତି ଶୁଣ ମନୁ ମହା ଧାର୍ମିକ
କହନ୍ତେଣ କଥା ଯେ ନ ସରଇ ଅନେକ ।୪୦ ।
ଆହୋ ବଶିଷ୍ଠଙ୍କ ଶାପେ।ୟଣ ଅଷ୍ଟ ବସୁ
ଜଦୁ ଘରେ ଛଡ ବସୁ ଶରୀର କଲେ ପାଂଶୁ ।୪୧ ।
ଶୁଦ୍ଧାଙ୍ଗ ସାଧ୍ୟଙ୍ଗ ଭିଗଂ୍ୟ ଭାଗ୍ୟବନ୍ତ
ସର୍ବଗଂ୍ୟ ପ୍ରାଗଂ୍ୟ ଯେ ଛଡ ବସୁ ସଙ୍କେତ ।୪୨ ।
ଶବରୁଣୀ ପୁତ୍ର ହୋଇ ପଞ୍ଚ ବସୁ ହୋଇଲେ ଦହନ
ପ୍ରାୟେ ବସୁ ଦହନ ହୋଇଲେ ପଣ୍ଡା ପୁରଞ୍ଚନ ।୪୩ ।
ଅନିଲ ବସୁ ଅନ୍ଧ ହୋଇ ପଡି ଅଛି ବନେ
ସେ ମୁକତି ହୋଇବ ଯୁଝେଷ୍ଠିଙ୍କ ଦରଶନେ ।୪୪ ।
ଉମା ବସୁ ଗଙ୍ଗାର ପୁତ୍ର ଭୀଷ୍ମ ମହାତେଜା
ଯୁଝେଷ୍ଠି ନିମନ୍ତେ ଭାରଥ ଯୁଦ୍ଧେ କରିବେ ଶରଶଯ୍ୟା ।୪୫ ।
ଯେମାନେ ଅଷ୍ଟ ବସୁ ଅଟନ୍ତି ଗୋରୁ ଗେ।ର
ପାଣ୍ଡବଙ୍କର ନିମନ୍ତେ ଧ୍ୱ୍ରଂସିବେ ଶରୀର ।୪୬ ।
ବଶିଷ୍ଠଙ୍କ ଶାପୁଂ୍ୟ ଯେ ହୋଇଲେ ମୁକତ
ଯୁଝେଷ୍ଠିଙ୍କର କାର୍ଯ୍ୟ ନାହିଁ ଏହାଙ୍କର କାର୍ଯ୍ୟେ ଯେ ହୋଇଲେକ ହତ

---

୪୭ ।୨ ଯୁଝେଷ୍ଠିଙ୍କ କାର୍ଯ୍ୟେ ହେବ ଯେହାଙ୍କର ହିତ ।
୪୨ ।୧ ଶୁଦ୍ଧାଙ୍ଗ, ସାଧ୍ୟାଙ୍ଗ, ଭିଙ୍କ, ଭାଗ୍ୟବନ୍ତ, ସୁଭଙ୍ଗ, ବିଭଙ୍ଗ
ଶୁଣିଣ ପରମ ସାନ୍ଦନ ହୋଇଲେ ମନୁ କଲ୍ପ ରାଜା
ଅଗସ୍ତିଙ୍କ ପଦ୍ମ ପାଦେ କଲେକ ପାର୍ଘ୍ୟ ପୂଜା ।୪୮ ।
ସାଧୁ ମହାତ୍ମା ତୁମ୍ଭେ ପରମ ପଣ୍ଡିତ ଅଗସ୍ତି
ଅମୃତ ରସ ମହାଭରଥ ଶୁଣି ପାଇଲି ପରମ ଗତି ।୪୯ ।
ମନୁ ବୋଇଲେ ଯେମାନେ ସମସ୍ତେ ହୋଇଲେ ଦହନ
ଗୋପ୍ୟାନେ ପାଣ୍ଡବେ ଯେ ଗଲେକ ଘୋର ବନ ।୫୦ ।
ଯେଥିର ବାରତା ସେ ପାଇଲାକ କୁରୁପତି
କିସ କିସ ବୋଇଲେ ସଭାୟେ କହିବା ମହାଯତି ।୫୧-୬୮୩ ।
ପାଣ୍ଡବଙ୍କ ମୃତ୍ୟୁ ଶୁଣି ଧତରାଷ୍ଟଙ୍କର ଶୋକ ଓ ପ୍ରେତ କ୍ରିୟା ସାଧନ:
ବଦନ୍ତି ଅଗସ୍ତି କୁମ୍ଭ ଋଷିଙ୍କର ତନୁ
କଳି କାଳ ଧ୍ୱ୍ରଂସ ନିମନ୍ତେ ଶୁଣ ବଇବସୁତ ମନୁ ।୧ ।
ରାତ୍ରରେ ଜଦୁ ଗୃହ ହୋଇଲାକ ଦହନ
ପଳାଇଣ ଗଲେ ଝିମାଳିଶାଳ ଲୋକ ମାନ ।୨ ।
ସମ୍ଭର୍ବେ ଆସ୍ଥାନେ ବିଜୟେ କୁରୁପତି
କରପତ୍ର ଯୋଡିଣ ଡଗରାୟେ ବାରତା କହନ୍ତି ।୩ ।
ସ୍ୱାମୀ ପାଣ୍ଡବେ ଥିଲେ ଯେ ଜଦୁର ଘରେ ରହି
ଆଜ ରାତ୍ର କାଳେ ଦେବ ହୋଇଲେ ସର୍ବେ ଦହି ।୪ ।

ପୁରଞ୍ଚନ ପଣ୍ଡା ତାଙ୍କ ସଙ୍ଗତେ ଶୋଇଥିଲା
ତାହାଙ୍କର ସଙ୍ଗତେ ସେ ଦହନ ହୋଇଲା ।୫ ।
ଯେସନେକ ବାରତା ଶୁଣି ରାଜା କୁରୁପତି
ମୁର୍ଚ୍ଛାଗତେ ପଡିଲା ସେ ମାନଚତ୍ରବ୍ରତୀ ।୬ ।
ଧୁସାସନ ଦୃଜଯେ ଏକ ଉତ୍ତର ଶତେ ଭ୍ରାଥ
ଶହସ୍ରନ୍ତ ପକାଇ ଯେ ହୋଇଲେ ମୂର୍ଚ୍ଛାଗତ ।୭ ।
ଭୂରିସର୍ବଦାଯେ ଶୁଣିଲେ ଯେ ଭୀଷ୍ମ କୁରୁପତି ।୮ ।
ଭିତରେ ବାରତା ଯେ ପାଇଲେ ଧୃତରାଷ୍ଟେ
ବଜ୍ର ଘାତ ପ୍ରାଯେ ପଡିଲେ ଅଚେଷ୍ଟେ ।୯ ।
ଥାନ ମାନ ନିଚଳ ରାଯେ ଅସାଷ୍ଟମେ ଅଛି ପଡି
ନିଜ ପ୍ରାଣ ନିଶ୍ଚଳ କି ପ୍ରାଣ ଗଲା ଛାଡି ।୧୦ ।
ସ୍ତ୍ରୀମୀକିକୋଳ କରି ଧଇଲେ ଗାନ୍ଧାରୀ
ମୁଖେ ଜଳ ନେଇ ସିଞ୍ଚିଲେ ପରିବାରୀ ।୧୧ ।
କୋଳ କରି ମନ୍ତ୍ରୀବର ଧଇଲା ସଞ୍ଜଯେ
କେଶ ବାସ ଅସମ୍ଭାଳ ଚେତନ ନାହିଁ କୁରୁରାଯେ ।୧୨ ।
ଆହା ପୁତ୍ର ବୋଲଇ ରୋବଇ ଧୃତରାଯେ
ଯେତେକାଳେ ଧାତା ମୋତେ ଦିଲାକ ପୁତ୍ର କଷ୍ଟ ।୧୩ ।
ପୁତ୍ରନ୍ତ ପାଳିଲି ମୁହିଁ ପଣ୍ଡୁର ଅଭାବେ ।
ଯେଥି ଦ୍ରୁନ୍ଦ ପ୍ରମାଦ ହୋଇ ବୋଲି ମୁଁ ଥୋଇଲି ଆନ ଠାବ ।୧୪ ।
ଜଗତ ମୋହନ ବାବୁ ଜଗତ ତାରଣ ନାମ ଗୋଟି
ଅନାସ୍ତର ବାନ୍ଧବ ମୋହୋର ଦୁଖୀର ସଙ୍ଘାତ ଯୁଷ୍ଠେଷ୍ଠି ।୧୫ ।
ଅଜାତ ଶତ୍ରୁ ବାବୁ ସର୍ବଗଂ୍ୟ ସୁଧର୍ମି
ଆରେ ମୋହୋର ବାବୁ ଅର୍ଜ୍ଜୁନ ବୀର ଭୀମ ।୧୬ ।
ବଳବନ୍ତା ଶକତା ଯେ ଧର୍ମିକ ବୁଦ୍ଧିବନ୍ତା
ପର ଲୋକ ବାନ୍ଧବ ବାଭିଯେ ଅଭଯେ ରଣଜିତା ।୧୭ ।
ଅନାଥର ନାଥ ବାବୁ ମୋର ଅନ୍ଧର ଲଉଡି
ଯେକହୁଁ ଜାତ ଅନ୍ଧ ଆବର ଦୁଗୁଣେ କଷ୍ଟ ପଡି ।୧୮ ।
ବାବୁ ପାଣ୍ଡବାସୁର ମାରି ଉଦ୍ଧରିଲୁ କୁରୁବଂଶ
ପାଣ୍ଡବ ନାମ ତୁମ୍ଭନ୍ତ ଦିଲେ ଯେ ତ୍ରିଦଶ ।୧୯ ।
ହା ହାରେ ନନ୍ଦନ ମୋର କେଉଁଣ କତି ଗଲୁ
ଗଭୀର ସୋମୋଦ୍ରେ ମୋହୋର ଭେଲା ବୁଡାଇଲୁ ।୨୦ ।
ଦୁଖୀର ସଙ୍ଘାତରେ ମୋହୋର ପ୍ରାଣ ପଞ୍ଚୁ ଭୂତ
ମୁହିଁ ତୁମ୍ଭର ଅପାଦ ଘେନି ଯାଇଁରେ ପଞ୍ଚୁ ପୁତ୍ର ।୨୧ ।
ଦେବ ଲୋକେ ତୁମ୍ଭନ୍ତ କଲେ ଯହୁଁ ଜନ୍ମ
କେବଣ ପାପ ଦୋଷେ ନାଶ ଗଲାକ ଯେତେ ଧର୍ମ ।୨୨ ।
ଆରେ ବାବୁ ମୋହୋର ନନ୍ଦନ ଅର୍ଜୁନରେ ଦ୍ରୁତୀକୃଷ୍ଣ ଫାଲଗୁନି
ଯେ ନାମ ଗୋଟି ଦିଲେ କୃଷ୍ଣ କୋଳେ ଗୋତେ ଘେନି ।୨୩ ।
ବାବୁ ଯେ କଉଁ ହୀନ ଜୀବ ଆବର ଦୁଖ ଉପରେ ଦୁଖ
ମୁହିଁ ବ୍ରତି ଗଣ୍ଡାଳ ଗହିବିଁ କାହା ମୁଖ ।୨୪ ।
ବାଳ ଭାବ ଛାଡି ପୁତ୍ରେ ଆବର ହୋଇଲାରେ ଯୁବା

ଓହୋ କୁଳ ବୁଡାଇଣ କେଣେ ଗଲ ବାବା ।୨୫ ।
ରାବଣ ଗାନ୍ଧାରୀ ଧୃତରାଷ୍ଟର ପାଟରାଣୀ
ଭୂମିରେ ପଡଇ ଦେବୀ ଯେହ୍ନେ ବଜ୍ରଘାତ ଜାଣି ।୨୬ ।
ବଜ୍ରଘାତେ ଶରୀର ମୋହୋର ହୋଉଛି ବିଦାରି
ପୋଡୁ ମୋହୋର ଶରୀର କେମନ୍ତେ ଥିବ ଧରି ।୨୭ ।
ଅନ୍ଧ ପଟଳ ବାନ୍ଧିଲି କାହାରି ଦୁଖ ନ ଦେଖିବାକୁ
କଷ୍ଟ ଉପରେ କଷ୍ଟ ନ ଗଲା ହାଦେ ମୁକୁ ।୨୮ ।
ଆରେ ଆରେ ବାବୁ ଯେ ମୋହୋର ନକୁଳ ସହଦେବ
ସୁଲକ୍ଷଣ ବୁଦ୍ଧି ଗୋଟି ଯାହାର ଅମୃତ ରସ ଭାବ ।୨୯ ।
ବାବୁ ଗଲନ୍ତେ ଶୋହଇରେ ମୋହୋର ପଞ୍ଚୁ କଟକ ପୁରୀ
ଆସ୍ତାନ ଶୋହଇ ଯେହ୍ନେ ବିଜୟେ ମୁରାରି ।୩୦ ।
ପ୍ରମାଦର ଡରେ ତୁମ୍ଭନ୍ତ ବାବୁ ଲୁଚାଇଲି ନେଇ
ସେ-ଡେ ନାଶ ଗଲ ମୋହୋର ହୀନ ବୁଦ୍ଧିରେ ତହିଁ ।୩୧ ।
ବାବୁରେ ଆମ୍ଭନ୍ତ ମରଣ ହୁଅନ୍ତା ତୁମ୍ଭର ଆଗେ
ନିଲଜ ଆତ୍ମା କି- ନ ତୁଟଇ ପୁତ୍ର ଶୋଗେ ।୩୨ ।
ପୁତ୍ରେ କି-ା ନାଶ ଗଲେ ମାତା ପିତା ଥାଉଁ ଥାଉଁ
ଭୋ ଦଇବ ପୁରୁଷ ଯେହା ଭିଆଣ କଲୁ କାହୁଁ ।୩୩ ।

---

୩୦ ।୧ ଆସ୍ତାନେ ବସିଲେ ଶୋହଇ ଯେସନେ ଅମର ପୁରୀ ।
୩୨ ଏହି ପଦପରେ ଅଧିକା ପାଠଭ୍ରାଥା
ଆବର ପୁତ୍ର ଗ୍ରହିଁବୁ କାହାର ମୁଖ
ହେ ଦଇବ ପୁତ୍ର କଷ୍ଟ ଦିଲୁ ଯେତେ ଦୁଖ ।
୩୨ ।୨ ଶୋଗେ-ଶୋକେ ।
ଆଗୋ କୋଇନ୍ତା ତୁ ଯେ ମୋହୋର ପ୍ରାଣ ସଖୀ
ତୋହୋର ପୁତ୍ରହୁଁ ଅଧିକ ମୋହୋର ପୁତ୍ରେ ଦେଖି ।୩୪ ।
ଆମ୍ଭେ ତ ବସିଲୁ ଯେ ହୋଇ ଅନ୍ଧ ଯେ ଅନ୍ଧୁଣୀ
ଯେହୁ ପଞ୍ଚୁ କଟକରେ ତୁହି ସେ ଠାକୁରାଣୀ ।୩୫ ।
କାହାକୁ ସମର୍ପିଲୁ ତୋହୋର ଯେତେକ ସ-ଦ
ମେଣ୍ଟିତ ନ ପାରିଲୁ ଗୋ କର୍ମର ବିପଦ ।୩୬ ।
ଦରାଣ୍ଡ ହୋଇଣ ଅନ୍ଧ ଯେ ବାହାର ହୋଇ ଆସି
କେଉଁଣ ଅଗାଦେ ପଶିବି ଶରୀର ମୋର ଝାସି ।୩୭ ।
କେ ମୋତେ କଢାଇଣ ନେବ ଜଦୁର ଘରେ
ଅନ୍ଧ ଅନ୍ଧୁଣୀ ଦହି ହୋଇବୁ ପୁତ୍ରଙ୍କ ସଙ୍ଗତରେ ।୩୮ ।
ଦୁରିଯୋଧନ ବୋଇଲା ତାତ କ୍ରୋଧରେ ନୁହ ବାଇ
ଦହିଜ ଗଲା ଶରୀର ଆବର ଲୋଡିଲେ କାହିଁ ପାଇ ।୩୯ ।
ତୁ ତାହାଙ୍କର ଗୁଣ ଜାଣୁଟିକି ପିତା
ଆମ୍ଭନ୍ତ ମାଇଲା ସେ ପାଣ୍ଡବା ଦଇତା ।୪୦ ।
ନଦୀରେ ପଶି ଦେହ ପଖାଳୁଛି ଖାଇବ ବୋଲି ସବୁନ୍ତି
ଯେମନ୍ତର ସମୟେ ଯାଇଁ ଭେଟିଲେ ସୁତ କୁନ୍ତୀ ।୪୧ ।

ମୁହିଁ ତାହାନ୍ତ ତାତ କରିଅଛି ଅନେକ ଯେ ପାପ
ସେ କଥା ଶରୀରେ ଯେ ନ ବହିଲେ ଗରୁତାପ ।୪୨ ।
ଯୁଦ୍ଧରେ ମାରିଲେ ସେ ପାଣ୍ଡବାସୁରକୁ
ଅମୃତ ଦେଇଣ ତାତ ଜିଆଇଲେ ଆମ୍ଭଙ୍କୁ ।୪୩ ।
କଲା ଉପୁଗାର ଯେ ନ ସୁମରନ୍ତି ଜନ
ଅବଶ୍ୟ ହୁଅନ୍ତି ସେ ନରକେ ପତନ ।୪୪ ।
ଯେସନେକ ସଖା ଯେ ଅଟନ୍ତି ମୋହୋର ସୋହୋଦ୍ରେ
ଯେସନେକ ସଖା ଯେ ପିତା ମୋତେ ପଡିଲା ହାଦେ ।୪୫ ।
ଜାରା ଶବର ମାଇଲା ଯେ ଆମ୍ଭନ୍ତ ବାଳ କାଳେ
ଦ୍ରୋଣ ଗୁରୁ ଥାନ୍ତେ ସେ ମୋତେ ଉଦ୍ଧରିଲେ ବେଳେ ।୪୬ ।
କହ୍ନଂ କହ୍ନଂ ଦ୍ରିଯୋଧନ ଯେ ପଡିଲା ମହୀ ଲୋଟି
କ୍ରୋଧେ ପଡି ଗଡିଣ ଯାଉଛନ୍ତି ଧୃତରାଷ୍ଟ ଧୃତରାଷ୍ଟି ।୪୭ ।
ଶତେ ଭାଇଙ୍କର କ୍ରୋଧ କହି ତ କି ପାରି
ନିର୍ଘାତ ବାଣ କି ପଡୁଅଛି ଅଙ୍ଗେ ସବୁଙ୍କରି ।୪୮ ।
ପାଣ୍ଡବଙ୍କର ବିହ୍ନନେ ମୋର ଜୀବନେ କାର୍ଯ୍ୟ କିସ
ଯେହିକ୍ଷଣି ଭକ୍ଷିବି ମୋତେ କେ ଆଣି ଦେବ ବିଷ ।୪୯ ।
ଦେହ ମିଲାଉ ମୋର ଯେ ଅର୍ଜୁନର କଷ୍ଟ ଦେଖି
ତୋହୋର ଅଭାବେ ବାବୁରେ ହୋଇଲି ନିରିମାଖି ।୫୦ ।
ଦଶ ଦିଶ ମୋତେ ଅନ୍ଧାର ଦିଶିଲା
ଶରଦ ଚନ୍ଦ୍ରମାକୁ କି ରାହୁ ଗରାସିଲା ।୫୧ ।
ଉର ଶିର ଦ୍ରିଯୋଧନ ପାଷାଣେଣ କୋଡି
କୋଳ କରି ଗାଙ୍ଗେବ ଧଇଲେ ତାକୁ ଭିଡି ।୫୨ ।
ଭୂରିସର୍ବାୟେ ଧରି ଅଛନ୍ତି ଧୁଶାସନକୁ
ସଞ୍ଜୟେ ଧରି ଅଛି ଅନ୍ଧ ଯେ ରାଜାକୁ ।୫୩ ।
ରାଧା ଧରି ଅଛି ଯେ ଗାନ୍ଧାରସେନ ଦୁହିତାକୁ ।୫୪ ।
ବିଦୁର ମହାତମା କହଇ ଶାନ୍ତି ବୁଦ୍ଧି
ରହ ରହ ଦ୍ରିଯୋଧନ ତୁ ଅନମିତ୍ତେ ନୋହସି କ୍ରୋଧୀ ।୫୫ ।
ଆମ୍ଭର ଦେହ ନ ସହଇ ତୋହୋର କ୍ରୋଧ କଲେ
ପାଣ୍ଡବେ ଆସିବେ କି ତୋହୋର ନାଶ ଗଲେ ।୫୬ ।
ସମସ୍ତେ ମରିବା କି ପାଣ୍ଡବଙ୍କର ପାଇଁ
କେ ପାରୁ ଯୁଝେଷ୍ଠିକି ଆଣୁନା ଜୀଆଇଁ ।୫୭ ।
ଅପ୍ରମିତ କ୍ରୋଧେ କରନ୍ତି ସର୍ବେ ମିଳି
ବ୍ରହ୍ମାଣ୍ଡ ଉଛୁଳୁଛି ଅସଂଖ୍ୟ ବୋବାଳି ।୫୮ ।
ସମସ୍ତ ରାଜ୍ୟରେ ବାରତା କହିଲେ ଦେଶାଉରେ
ପାଣ୍ଡବେ ଦହନ ହୋଇଲେ ବାରୁଣାବନ୍ତ ଜତୁର ଘରେ ।୫୯ ।
ଦ୍ରୋଣେ ଥିଲେ ଯେ ତ୍ରିପୁରାନ୍ତକ ପର୍ବତେ
ତପ ଧର୍ମ ଉପେଖି ଆସନ୍ତି ଶୀଘ୍ରଗତେ ।୬୦ ।

୪୭ ।୨ ଧୃତରାଷ୍ଟ ଓ ଧୃତରାଷ୍ଟି-ଧୃତରାଷ୍ଟ୍ରର ଓ ଦୁର୍ଯ୍ୟୋଧନ ।
ପ୍ରବେଶ ହୋଇଲେ ଆସି ହସ୍ତିନା ଭୁବନେ
ବିଦୁରଙ୍କୁ ପଚାରନ୍ତି ଭାରଦ୍ୱାଜଶଙ୍କର ନାନେ ।୬୧ ।
ଲୋୟେ ଅନ୍ଧ ସବୁଙ୍କରି ଚକ୍ଷୁ ବେନି
ଦ୍ରୋଣ ଗୁରୁ ବୋଲି କେହି ନ ପାରିଲେ ଚିହ୍ନ ।୬୨ ।
ବିଦୁରଙ୍କୁ ଦ୍ରୋଣେ ପଚାରନ୍ତି ୟେକାନ୍ତେ
ତୋହୋର ଥାନ୍ତେ ପାଣ୍ଡବେ ନାଶଗଲେ କେମନ୍ତେ ।୬୩ ।
ବିଦୁର ବୋଇଲେ ଭୀମ ଧୁଶାସନ ଯହ୍ନଂ ହୋଇଲେ ଅପ୍ରୀତି
ପୁଅନ୍ତ ଘେନି ଅପସରିଲେ ଦେବୀ ୟେ କୋଇନ୍ତୀ ।୬୪ ।
ବାରୁଣାବନ୍ତେ ଯାଇଂ ରହିଲେ ଅନେକ ସୁସ୍ତେ
ପ୍ରମାଦ ଉପୁଜିଲା କର୍ମର ଘଟ ସୂତ୍ରେ ।୬୫ ।
ବିଦୁର ନିରାଶ ବଚନ ଶୁଣି ଦ୍ରୋଣ ଗୁରୁ
ଶରୀର ବିଅର୍ଥ କଲେ ଅର୍ଜୁନ ସୁମରୁ ସୁମରୁ ।୬୬ ।
ଧାଇଂ ଯାଇ କୋଳେ କରି ଧଇଲେ ଅଶସ୍ତମା
ଭୋ ପିତା ତୁମ୍ଭେ ନୋହ ଅସାଷ୍ଟମ ଆତ୍ମା ।୬୭ ।
ବିଦୁର ବୋଇଲେ ହୋ ସମସ୍ତେ ଥିର ହୋଇ ରହ
ପଣ୍ଡିତ ପଣ କରି କି-ା ଜଣେ ହେଂ ନ କହ ।୬୮ ।
ପଲାଇବା ଲୋକଙ୍କୁ କି ବିକଳ ହୋଇବା
ଦୂତ ବରଗିବା କି ଆପଣେ ଲୋଡିବା ।୬୯ ।
ତହିଂ କି ଉପାୟ କରିବା ଦିବ୍ୟ ମଉଷୋଧି ଲୋଡି ? ୭୦ ।
ଅଗ୍ନି ଦହିଜ କଲା ସବୁଙ୍କରି ଗାତ୍ର
କାୟା ଭସ୍ମ ହୋଇଲା କାଳ ଯହିଂ ତ ପ୍ରାପତ ।୭୧ ।
ଦହନ ପାନ ପୁରୁଷ ସେ ଗ୍ରାସିଲାକ ଆପଣ
ତହିଂକି କ୍ରୋଧ କର କେବଣ କାରଣ ।୭୨ ।
ରହ ରହ କୁରୁନାଥ ଛାଡି ମେଲ ଶୋକ
କିସ ତୋତେ ବୁଝାଇବି ତୁ କି ଅଟୁ ମୁର୍ଖ ।୭୩ ।

---

୬୩ ।୧ ଲୋୟେ - ଲୁହରେ ।
୬୫ ।୨ କର୍ମର ଅନର୍ଥେ, ଆୟତ୍ତେ କର୍ମର ଅଲଙ୍ଘିତେ, କରମର ଚିତ୍ରେ ।
ବାବୁ ଛାଡି ମେଲ କ୍ରୋଧ ମୋହବଦ୍ଧ ଚିନ୍ତା
ଥିର ହୋଇ ରହି କି ଯାଆନ୍ତା ପଥ ଶ୍ରାନ୍ତା ।୭୪ ।
କାଳ ବୋଲି କରି ହୋ ୟେବଣ ପୁରୁଷ
ନିର୍ଦ୍ଦୟା ନିରାପକ୍ଷ ସେ କହାକୁହିଂ ନୋହେ ବଶ୍ୟ ।୭୫ ।
ତାହାକୁ ଜାଣିମାକୁ ୟେଥେ କେ ଅଛି ସାମରଥ
କି-ା ଅନେକ ରାଜ୍ୟ ସିଂହାସନ ଛାଡିଲେ ବିଶ୍ୱାମିତ୍ର ।୭୬ ।
ସର୍ବ ସୁଖ ଛାଡି ପରିତ୍ୟାଜ ଛାଡିଲେ ସୁଖ ଭୋଗୀ
ଛାଡିଲେ ଜଞ୍ଜାଳ ସେ ହୋଇଲେ ପରମ ଯୋଗୀ ।୭୭ ।
ସୋଧର ନିଧନେ ସେ ଅନେକ କଷ୍ଟ ବୋଲି
କେୟେଥେ ଅମର ଅଛି ସମସ୍ତେ ମରିବା କାଲି ।୭୮ ।

ଆହୋ ବଡ ଭାଗ୍ୟବନ୍ତ। ସେ ପାଣ୍ଡବେ ପୁଣ୍ୟ ଦେହୀ
କାହାରି କଷ୍ଟ ନ ଦେଖି ଧର୍ମ ପଥେ ଗଲେ ଆଗ ହୋଇ ।୭୯ ।
କେହୁ ଆଗେ କେହୁ ଅବା ହୋଇ ଥାଇ ପଛ
ବହନ୍ତା ପଥକୁ କି-ା ଅରଗଳି ଦେଉଅଛ ।୮୦ ।
ଆରମ୍ଭେ ମୁରାଟ ହୋଅ କ୍ରୋଧ ଛାଡି ମେଲ
ପର ରାଷ୍ଟ୍ରକୁ ଯେତେ କ୍ରୋଧ କଲେ ନୋହଇ ଭଲ ।୮୧ ।
ହରି ବଳରାମ ଯେ ବିଜୟେ ରଇବ୍ରତ ପର୍ବତେ
ଇନ୍ଦ୍ର ଉଚ୍ଛବ ଯାତ୍ରା ବିଧାନେ ଯଦୁ ଭୋଜ ସମସ୍ତେ ।୮୨ ।
ଯେସନେକ ସମୟେ ମିଳିଲେ ମୁନେହି
ଉଗ୍ରସେନର ଆସ୍ତାନେ ବାରତା ଯାଇ କହି ।୮୩ ।
ସ୍ତ୍ରୀମୀ ପାଣ୍ଡବେ ଥିଲେ ବାରୁଣାବନ୍ତ ଯଦୁର ଘରେ
କୋଇନ୍ତା ଆଦି କରି ଦହନ ହୋଇଲେ ପାଣ୍ଡବ ପଞ୍ଚୁ ବୀରେ ।୮୪ ।
ଦେଶାଉର ତହ୍ନଂ ଯେସନ ବାରତା ଶୁଣି
ଉଗ୍ରସେନେ ଜଣାଇଲା ଦେବ ଚକ୍ରପାଣି ।୮୫ ।
ଶୁଣ ଦେବ ଯଦୁବୀର ବିପରୀତ ବାରତା
ଜଦୁର ଘରେ ନାଶଗଲେ ପଞ୍ଚୁ ପାଣ୍ଡବେ ଆବର କୋଇନ୍ତା ।୮୬ ।

---

୮୦ ।୨ ବହନ୍ତା ପାଥକୁ କି- ଅରଗଳି ଦେଉଅଛି ।
୮୦ ।୨ ପାଥକୁ-ଜଳକୁ ।
ଲୋକିତେ ଚକତି ହୋଇଲେ ଚକ୍ରପାଣି
ପୁଣି ଛଦ୍ରମେ କାନ୍ଦାନ୍ତି ଲୋଟିଣ ଧରଣୀ ।୮୭ ।
ଯଦୁଂ ଆପଣେ ଅପାର ଶୋକ କଲେ ଶ୍ରୀପୁରୁଷୋତ୍ତମ
ନାରାୟଣଙ୍କୁ ଶାନ୍ତି କରାନ୍ତି ଦେବ ବଳରାମ ।୮୮ ।
ବଳରାମ ବାସୁଦେବ ଅନେକ ବିକଳ
ପୁଣ ପୁଣ ନିଚେଷ୍ଟ ଦେବ କାମପାଳ ।୮୯ ।
ହା ହା ଯୁଚ୍ଛେଷ୍ଠି ବୋଲି ବୋଲନ୍ତି ହଳପତି
ଅଦୋଷେ ନାଶ ଗଲ କର୍ମର ବିପତ୍ତି ।୯୦ ।
ସଞ୍ଚୟେ ପାଣ୍ଡବେ ଯେବେ ହୋଇଲେ ପ୍ରାଣଭ୍ରଷ୍ଟ
ଅନେକ କଷ୍ଟ ପାଇବ ନୃପତି ଧୃତିରାଷ୍ଟ ।୯୧ ।
ବଦୟନ୍ତି ସଂକ୍ରିଷେଣ ଶୁମ ହୋ ଜନାର୍ଦ୍ଦନ
ଧୃତିରାଷ୍ଟ ତହିଂକି ଯିବାଟିକି ପାଣି ଦରଶନ ।୯୨ ।
ଦାରୁକା ସାତ୍ୟକି ହକାରି ବୋଲନ୍ତି ଦେବରାଜ
ତାଳଧ୍ୱଜ ନନ୍ଦିଘୋଷ ବେଗ କରି ସାଜ ।୯୩ ।
ନାରାୟଣଙ୍କ ଆଗ୍ୟାଂୟେ ବେନି ଯେ ସାରଥି
ଅନେକ ରତ୍ନ ସେ ରଥରେ ମଣ୍ଡନ୍ତି ।୯୪ ।
ତାଳଧବଜ ରଥ ସାଜଇ ଦାରୁକ
ଉପରେ ସୁବର୍ଣ୍ଣ ବନ୍ଧା ଶ୍ୱେତ ଚମର ଯେକ ଲକ୍ଷ ।୯୫ ।
ତାଳିମ୍ବ୍ରୁ ନେତ ଯେ ଲମ୍ବ୍ରାନ୍ତି ଚଉସରା
ଶତେ ସରି ମାଣିକ୍ୟ ମୁକୁତା ମାଳମାନ ଝରା ।୯୬ ।

ନେତର ଚିରାଳ ପାତଙ୍ଗ ଯେ ଫିରିଫିରାନ୍ତି ବାୟେ
ଗିରି କୋମେ ଦାସୀନେତର ଆଳମ୍ଭ୍ରି ଶୟେ ଶୟେ ।୯୭ ।
ସୁବର୍ଣ୍ଣ କାଠିରେ ଅଷ୍ଟ ରତ୍ନେଣ ଉଦ୍ଦଣ୍ଡ
ଢଳନ୍ତି ବଇଡୁର୍ଯ୍ୟେ ନୀଳା ରତ୍ନେଣ ଗିରିକାଣ୍ଡ ।୯୮ ।
ସହସ୍ରେ ସହସ୍ରେ ପତନି ହୀରା କନକରେ ଜଡି
ଫେରକେଣ ଗଜମୁକୁତା ପାଞ୍ଚ ପାଞ୍ଚ ସରି ।୯୯ ।

---

୯୪ ।୨ ଅନେକ ଯତନେ ସେ ରଥ ମଣ୍ଡାନ୍ତି ।
୯୨ ।୨ ପାଣି ଦର୍ଶନ-ତର୍ପଣ ପ୍ରଭୁତି କାର୍ଯ୍ୟ ।
ତଥିର ସଙ୍ଗତେ ମକରତ ଧାଡି ଧାଡି
ରତ୍ନ ପାଟିୟା ଉପରେ ମାଣିକ୍ୟ ଦର୍ପମ ଅଛି ଜଡି ।୧୦୦ ।
ଶତେ ମୁକୁତାରେ ମାଣିକ୍ୟ ପୁଞ୍ଜି ପୁଞ୍ଜି
ତରୁଣ ଆଦିତ୍ୟ ତେଜ ପ୍ରଭାତରେ ଗଞ୍ଜି ।୧୦୧ ।
ରଥର ଗିରିକତି ସୁବର୍ଣ୍ଣର ଘଣ୍ଟିକା
ପରିମଳ ଶବଦେ ଯେ ଝଟକନ୍ତି ରତନର ଶିଖା ।୧୦୨ ।
ଶୁକଳ ପତନି ରଙ୍ଗ ପତନି ଦାସୀନେତ ତୁଲେ
ଗଜ ବନ୍ଧ ମାନନ୍ତ ନେଇ ଉପରେ ରଞ୍ଚିଲେ ।୧୦୩ ।
ତାଳଧ୍ୱଜ ରଥେ ସୁବର୍ଣ୍ଣ ଅହିବ୍ରତେକ ଲମ୍ଭ୍ରି
ଯେସନେକ ଅମର ସଭା ଦିଶଇ ଆରମ୍ଭି ।୧୦୪ ।
ରଥର ଗିରି ପୀଢ ସୁବର୍ଣ୍ଣର କୋଣ କାଣ୍ଡ
ଝଟକନ୍ତି ହୀରାୟେ ଯେହ୍ନେ ଉଦୟ ମାରତଣ୍ଡ ।୧୦୫ ।
ଯେସନେକ ସ୍ତ୍ରିରୂପ ଯେ ତାଳଧ୍ୱଜ ରଥ ଶୋଭା
କୁବେର ଭୁବନ ଜାଣି ଚନ୍ଦ୍ରର କିରଣ ପ୍ରଭା ।୧୦୬ ।
ଶ୍ୱେତ ଅନନ୍ତ ଗୋକ୍ଷୁର ଶାର୍ଦ୍ଦୁଳ ଗିରି ବାଜୀ
କଳପୀ ହୟେ ଯେ ଅଟନ୍ତି ମହାତେଜୀ ।୧୦୭ ।
ଯେକା ନିମିଷକେ ତୈଲୋକ୍ୟ ପାରନ୍ତି ଖେପି
ମହାଯାଗୁଂ ସମ୍ଭୂତ ହୟେ ଅଟନ୍ତି କାମରୂପୀ ।୧୦୮ ।
ତାହାଙ୍କର ମୂଳେ ସହସ୍ରେ ସହସ୍ରେ ବାଜୀ
ଗୋଖାର ତୁରଙ୍ଗମ ସେ ପବନୁ ବେଗ ତେଜି ।୧୦୯ ।
ଯେ ଅଶ୍ୱ୍ରନ୍ତି ଯୋଚିଲା ନେଇ ଦାରୁକ ସାରଥି
ଶେଣା ପକ୍ଷୀ ପ୍ରାୟେ ସେ ଖେପନ୍ତି ଗଗନ ଗତି ।୧୧୦ ।
ତାଳଧ୍ୱଜ ରଥେ ବିଜୟେ କାମପାଳ
ଶ୍ରୀଭୁଜେ ଶୋଭମାନ ସ୍ତ୍ରାମୀର ସଉନନ୍ଦ ମୂଷଳ ।୧୧୧ ।
ଶିରେଣ ସପତ ଫଣା ଯେ ଭୁଜଙ୍ଗ ମଉଳି
ରେବତୀର ବଲ୍ଲଭ ସ୍ତ୍ରାମୀ ପ୍ରତଗ୍ୟାଂ ସାମରଥା ଦେବ ହଲୀ ।୧୧୨ ।

---

୧୦୨ ।୨ ଝଣ ଝଣିତ ଶବଦ ଯେ ଝଟକନ୍ତି ରତ୍ନ ଶିଖା ।
ଶିରରେ ସୀମନ୍ଥ କଟିରେ ମେଖଳା ପବିତ୍ରା
ନୀଳ ବସନ ଆଭରଣ ସ୍ତ୍ରାମୀ ଲୋହିତ ବର୍ଣ୍ଣ ନେତ୍ରା ।୧୧୩ ।

ଯାତ୍ରା ମଙ୍ଗଳ ସୁଯୋଗେ ଶୁଭ ଅନକୂଳେ
ଭୁଜଙ୍ଗ ମଣ୍ଡଣ ସ୍ୱାମୀ ବିଜୟେ କାମପାଳେ ।୧୧୪ ।
ଦାରୁକ ମଣ୍ଡିଲା ଯେ ନନ୍ଦିଘୋଷ ରଥ
ଅନେକ ସମ୍ଭରେ ସ୍ୱାମୀ ବିଜୟେ ଜଗନ୍ନାଥ ।୧୧୫ ।
ଶେତ ଗୋକ୍ଷୀର ଶଙ୍ଖ କାମପାଳ ଗିରି ହୟେ
ଜଳ ବାରଣ ଅନଳ ନିସ୍ତାରଣ କାୟେ ।୧୧୬ ।
ଶ୍ରୀଭୁଜେ ଶଙ୍ଖ ଚକ୍ର ଶାରଙ୍ଗ କୌମୋଦୀ
ବିଜେ ଜଗମୋହନ ସ୍ୱାମୀ ପରମ ସାନନ୍ଦୀ ।୧୧୭ ।
ଉଡନ୍ତି ହୟବର ପବନ ଗତି ଜାଣି
ଦେଖିଣ ଅନେକ ସାନନ୍ଦ ଦେବ ଦିନକର ମଣି ।୧୧୮ ।
ବାହାନ୍ତି ତୁରଙ୍ଗମ ସେ ବେନି ସାରଥି
ହସ୍ତିନା ଭୁବନେ ବିଜେ କୃଷ୍ଣ ହଳପତି ।୧୧୯ ।
ଅମଙ୍ଗଳ ଭୁବନେ ଯେ ଦିଶଇ ନାରଖାର
କଳହ ଅସ୍ତାନ ପ୍ରେୟେ ସେବନ୍ତି କୁରୁବୀର ।୧୨୦ ।
ଶ୍ରୀଖଣ୍ଡ ଚନ୍ଦନ ମାନ ଗୋବିନ୍ଦର କାୟେ
କ୍ରୋଧ ଭରେ ନୃପତି ହୋଇଛି ରେଣୁ ମୟେ ।୧୨୧ ।
ଧୃତରାଷ୍ଟ ଦ୍ୱିଯୋଧନ ସବୁରି କଷ୍ଟ ଦେଖି
ଆସନ୍ତି ବେନି ଭ୍ରାଥେ ଯାନ ବାହାନନ୍ତ ଉପେଖି ।୧୨୨ ।
ସଞ୍ଜୟେ କହିଲେ ଶୁଣ ଧୃତରାଷ୍ଟେ
ସ୍ୱାମୀ ସନ୍ନୀଧେୟ ତୋହୋରି ବିଜେ କଲେ ରାମ କୃଷ୍ଣେ ।୧୨୩ ।
ଅମ୍ବିକାର ନନ୍ଦନ କହଇ ଶୋକ ଭରେ କଥା
ୟେହେନେକ ବିପଦ ସ୍ୱାମୀ ବିହିଲା ମୋତେ ଧାତା ।୧୨୪ ।
ଭୀମ ଧୁଶାସନ ଯହ୍ନଂ ହୋଇଲେ ଅନ୍ୟାଅନିୟ
ମୁହିଁ ୟେକାନ୍ତେ ଭାଳିଲି ଯୁଝେଷ୍ଠିଙ୍କି ଘେନି ।୧୨୫ ।
ୟେକାଠାରେ ଥିଲେ ବାବୁ ହୋଇବ ଅନ୍ୟଅନିୟ
ବାରୁଣାବନ୍ତେ ରହ ଯାଇଂ ଭାଇନ୍ତ ତୋର ଘେନି ।୧୨୬ ।
ଗୁରୁଜନ ବଚନେ ଦେବ ଅଲଙ୍ଘିତ ଯୁଝେଷ୍ଠି
ବାରୁଣାବନ୍ତେ ରହିଲେ ମୋର ପୁତ୍ର ପାଞ୍ଚ ଗୋଟି ।୧୨୭ ।
କାଲି ରାତ୍ରେ ଦେବ ମୋତେ ପଡିଲା ବିପଦ
ସେ ପଞ୍ଚୁ ପୁତ୍ରଙ୍କୁ ହାଦେ ପଡିଲା ପରମାଦ ।୧୨୮ ।
ଝିମାଣିଶାଳୁ ଅଗ୍ନି ପଡି ଦେବ ପୁର ଦହନ ହୋଇଲା
କୋଇନମñା ସହିତେ ମୋର ପଞ୍ଚୁ ପୁତ୍ର ନାଶ ଗଲା ।୧୨୯ ।
ବିନାଶ କାଳକୁ ଦେଖ ବିପରୀତ ବୁଦ୍ଧି
ବିପଦ କର୍ମୋଣ ମୋହୋର ୟେଲନେକ ଲିହି ବିଧି ।୧୩୦ ।
କହ୍ନଂ କହ୍ନଂ ମୂକ୍ଷାଗତ ହୋଇଲେ ଧୃତରାଷ୍ଟ
ରହ ରହ କୁରୁପତି ବୋଲି ଧଇଲେ ଜଗନ୍ନାଥ ।୧୩୧ ।
ଜଗୁଜନ ବନ୍ଧୁ ଯେ ଜଗତ ଜନ ହିତକାରୀ
କେବଣ ପାତକେ ମୋତେ ୟେତେକ ବିପତ୍ତି ପଡି ।୧୩୨ ।
ଦ୍ୱିଯୋଧନ ଅସାଷ୍ଟମ ବଳରାମଙ୍କ ମୁଖ ଦେଖି
ବେଳେକ ସୋଦରନ୍ତା ସ୍ୱାମୀ ନ ପାରିଲୁ ରଖି ।୧୩୩ ।

ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ କୁରୁପତି
ଦଇବ କୃତ୍ୟ ତେତେ ହୋଇଲା ଅନୀତି ।୧୩୪ ।
ବଳରାମେ ବୋଇଲେ କାହିଁ ଦହନ ହୋଇଲେ ପାଣ୍ଡବେ
ଗଲ ହୋ ଦେଖିଯିବା ବୋଲନ୍ତି ବଳଦେବେ ।୧୩୫ ।
ରାମର ବଚନେ ସଜ ହୋଇଲେ କୁରୁଥାଠ
ଅନେକ ଗହଳ ଯେ ହୋଇଲା ମୁରାଟ ।୧୩୬ ।
ଯଦୁର ଘର ଦେଖିବାକୁ ଯାଆନ୍ତି ସଇନି
ମହାତେଜ ହୋଇ ଯେ ଦହ୍ନ ଅଛି ଅଗ୍ନି ।୧୩୭ ।
ବିଦୁରକୁ ୟେକାନ୍ତେ ପଠାରନ୍ତି ଜନାର୍ଦ୍ଦନ
ପାଣ୍ଡବଙ୍କର ଚରିତ ହୋ କେବଣ ବିଧାଣ ।୧୩୮ ।

(ବୁଦ୍ଧ କାଳକୁ ଦେଖ ବିପରୀତ ବୁଦ୍ଧି ।
୧୩୦ ।୨ ବିପଦ କାଳେ ପଡିଲା ମୋତେ ଏତେକ ଅବିଧି (ପା)
ବିପତ୍ତି କର୍ମେ ମୋହୋର ଲେଖିଅଛି ବିଧି ।
ବିଦୁରେ ବୋଇଲେ ଦେବ ଗଲେନି ପାର ହୋଇ
ଅରଣ୍ୟେ ପଶିଲେନି ଯେ ୟେହାଙ୍କୁ ଗୋଚର ନାହିଁ ।୧୩୯ ।
ଭୋ ନାଥ ନାରାୟଣ ତୁ ମନ୍ଦ କୃତ୍ୟ କଲୁ
ୟେ ଜଦୁର ଘର ଦେଖାଇ କି-ା ୟେହାଙ୍କୁ ଆଣିଲୁ ।୧୪୦ ।
ୟେଥିରେ ଦହନ ହୋଉଛନ୍ତି ଶବରୁଣୀ ପଞ୍ଚୁ ପୁତ୍ରେ
ନ ପୁମ ଚିହ୍ନନ୍ତି ୟେ ଦେଖିଲେ ନିଜ ଗାତ୍ରେ ।୧୪୧ ।
ଶ୍ରୀହରି ତ୍ରାସିଲେ ଯେ ବିଦୁର ବଚନେ
ସୁଦ୍ରିଶେଣ ଚକ୍ର ପେଷିଲେ ଅଗ୍ନି ଦହନ ସ୍ଥାନେ ।୧୪୨ ।
ନ ଚିହ୍ନନ୍ତୁ କୁରୁ ବୀରେ ଦୁଗୁଣ ତେଜ ବହ୍ନ
ବାସୁଦେବର ମାୟା ହୋ ଜାଣିମାକ କେହ୍ନ ।୧୪୩ ।
ୟେ ସେ ମାୟାଧର ହୋ ମହାମାୟା ରଞ୍ଚନା
ଭାରା ନିବାରିବାକୁ ୟେ କୂଟ ଉପାୟେ ସିନା ।୧୪୪ ।
ଶ୍ରୀହରୀ ବୋଇଲେ ହୋ ଶୁଣ କୁରୁପତି
ମୃତୁ ପିଣ୍ଡ ଗନ୍ଧ ଲାଗିଲେ ଶିରୀ ହୋୟେ କ୍ଷତି ।୧୪୫ ।
ଦୂରେ ଥାଇ ଦେଖନ୍ତି ସମସ୍ତ ବୀରମାନେ
ଦେଖୁଛନ୍ତି ଛଡ ପିଣ୍ଡ ହୋଉଛନ୍ତି ଦହନେ ।୧୪୬ ।
ହା ହା ଦଇବ ବୋଲି ଯେ ପଡିଲା କୁରୁପତି
ଭୀଷ୍ମ, ଦ୍ରୋଣ, କର୍ଣ୍ଣ , ଭୂରିସର୍ବା, ଶଲ୍ୟ, ଅଶସ୍ତମା ସର୍ବ କ୍ଷେତ୍ରୀ ।୧୪୭ ।
ଦ୍ରିଯୋଧନ ଶତେ ଭ୍ରାଥେ ଆବର କୁରୁଦେବ
ସମସ୍ତେ ବଜ୍ର ଘାତେ ପଡିଲେ ପାଣ୍ଡବଙ୍କର ଅଭାବେ ।୧୪୮ ।
ରାମକୃଷ୍ଣ ସମାଜ୍ରନା କରନ୍ତି ସବୁନ୍ତି
ଗୋବିନ୍ଦେ ବଦନ୍ତି ହୋ କ୍ରୋଧ କର ଶାନ୍ତି ।୧୪୯ ।
କ୍ରୋଧ ଶାନ୍ତି କର ହୋ ଅମ୍ବ୍ରିକାର ସୁତ
ଅନେକ କ୍ରୋଧ ଅବସ୍ତା ତେତେ ଅଛିନି ବହୁତ ।୧୫୦ ।

---

୧୫୦ ।୧ ଅନେକ କ୍ରୋଧ ଅବସ୍ତା ତୋତେ ଅଛିନି ବହୁତ-ପାଦ ପରେ ଅଧିକ ପାଠଜଦୁର
ଘରେ ଦେଖାନ୍ତି ସବୁ ମାନ
ଚିହ୍ନାଇ ଦିଅନ୍ତି ଯେ ପ୍ରଭୁ ଭଗବାନ ।
ଅପାର କୁଟୁମ୍ବ୍ରୁ ତୁ ଯେ ଅରଜିଲୁ ଧୃତରାଷ୍ଟ
ମୋହୋର ବିଗ୍ରରେ ତୋତେ ହୋଇବ ଅନେକ କଷ୍ଟ ।୧୫୧ ।
ଧୃତରାଷ୍ଟ ଦ୍ରିଯୋଧନକୁ ଶାନ୍ତି ଯେ କରାଇ
ବାହୁଡି ହସ୍ତିନା ଭୁବନକୁ ଆସନ୍ତି କୁରୁସାଇଂ ।୧୫୨ ।
ପ୍ରେତ କାର୍ଯ୍ୟ କରିବାକୁ ଯେସନେକ ବିଧି
ସାଂସାରିକା ଧର୍ମକୁ ରାଜା ଯେସନେକ ବିଧି
ସାଂସାରିକ ଧର୍ମକୁ ରାଜା ଯେସନେକ ହୋଇ ସିଦ୍ଧି ।୧୫୩ ।
କରନ୍ତି କୁବେରୀରେ ପ୍ରେତକାର୍ଯ୍ୟ ବିଧାନ
ରହିଲେ ଯଦୁ ନନ୍ଦନ କୁରୁ ରାଜାର ଆସ୍ତାନ ।୧୫୪ ।
ନବ ଦିବସ ପରିଯନ୍ତେ ଅନେକ ଦାନ ଦିଲେ
ଦଶାହ ଶ୍ରାଦ୍ଧକରି ଯେକାଦଶ ପିଣ୍ଡ ଭିଆଇଲେ ।୧୫୫ ।
ହୋମ କର୍ମେଣ କରାନ୍ତି ଘୃତ ପାକ
ପାରଣା ଆଗ୍ୟେବନ ଶୁଦ୍ଧ ଯେ ପାତ୍ରକ ।୧୫୬-୭୦୩୯ ।

ନାରାୟଣଙ୍କର ମାୟାକେ କରି ପାରିବ ଗୋଚର
ସୁଦ୍ରିଶେନ ଦୃଚ୍ଛନାରେ ଚିହ୍ନନ୍ତି କୁରୁବୀର ।
ନେଇଣ ଅଙ୍ଗୁଳିରେ ଦେଖାଇ ଦିଅନ୍ତି ହରି
ଯୁଦ୍ଧେଷ୍ଠିର ଭୀମ ଅର୍ଜୁନ ନକୁଳ ସହଦେବ ଆଦି କରି ।
ଯେଟି କୋଇନ୍ତା ଅଟନ୍ତି ହୋ ପଣ୍ଡୁଙ୍କର ରାଣୀ
ପୁରଞ୍ଚନ ପଣ୍ଡା ଯେଥେ ମଲା ଅକାରଣେ ପୁଣି ।
ସମସ୍ତଙ୍କୁ ଚିହ୍ନାନ୍ତି ଦେବ ଭଗବାନ
ବାଳରାମ ଆଦି ନ କରି ବାରଣ ।
ଫେରିଣ ଆସନ୍ତି ସମସ୍ତେ କୁରୁ ବୀରେ
ବାଟରେ କହନ୍ତି ତାହାକୁ ଚକ୍ରଧରେ ।

About this digital edition

This e-book comes from the online library Wikisource[1]. This multilingual digital library, built by volunteers, is committed to developing a free accessible collection of publications of every kind: novels, poems, magazines, letters...

We distribute our books for free, starting from works not copyrighted or published under a free license. You are free to use our e-books for any purpose (including commercial exploitation), under the terms of the Creative Commons Attribution-ShareAlike 3.0 Unported[2] license or, at your choice, those of the GNU FDL[3].

Wikisource is constantly looking for new members. During the realization of this book, it's possible that we made some errors. You can report them at this page[4].

The following users contributed to this book:

- Pmsarangi
- Jnanaranjan sahu
- Prateek Pattanaik
- Psubhashish

---

1. ↑ https://wikisource.org
2. ↑ https://www.creativecommons.org/licenses/by-sa/3.0
3. ↑ https://www.gnu.org/copyleft/fdl.html
4. ↑ https://wikisource.org/wiki/Wikisource:Scriptorium